# ସଂସଦରେ ପ୍ରଧାନମନ୍ତ୍ରୀ
# ନରେନ୍ଦ୍ର ମୋଦୀଙ୍କର
# ଅଭିଭାଷଣର
# ସଂକଳନ
# 2014-2021



# ସଂସଦରେ ପ୍ରଧାନମନ୍ତ୍ରୀ
# ନରେନ୍ଦ୍ର ମୋଦୀଙ୍କର
# ଅଭିଭାଷଣର ସଂକଳନ

2014-2021

ସମ୍ମାନିତ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସମୂହର ସନ୍ଦର୍ଭାନୁସାରେ "ଓଡ଼ିଆ" ଅନୁବାଦ।

ଲୋକସଭା ସଚିବାଳୟ
ଦ୍ୱାରା
ପ୍ରକାଶିତ

# ପ୍ରାକ୍ କଥନ

ସଂସଦ ହେଉଛି ଗଣତନ୍ତ୍ରର ସର୍ବୋଚ୍ଚ ମନ୍ଦିର। ଏହାର ଉଭୟ ଗୃହରେ ଯେଉଁ ରଚନାତ୍ମକ ଆଲୋଚନା ଏବଂ ବିଚାର ବିନିମୟ ହୁଏ, ତାହା ଏକ ଦୃଢ଼, ବିକଶିତ ତଥା ପରିପକ୍ୱ ଗଣତନ୍ତ୍ରର ପ୍ରତିଫଳନ। ଆମ ଗଣରାଜ୍ୟ ର ଦୀର୍ଘ ୭୫ ବର୍ଷର ଗୌରବମୟୀ ଯାତ୍ରାରେ ୨୦୧୪ ଥିଲା ଏକ ଯୁଗାନ୍ତକାରୀ ବର୍ଷ। ସେହି ବର୍ଷଠାରୁ ଦେଶରେ ବିକାଶ, ସ୍ଥିରତା ଓ ପ୍ରଗତୀର ନୂତନ କୀର୍ତ୍ତିମାନ ସ୍ଥାପିତ ହୋଇଛି।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ବଳିଷ୍ଠ ନେତୃତ୍ୱରେ ଆମ ଦେଶର ଅର୍ଥନୀତି ଅନେକ ଗଠନମୂଳକ ପଦକ୍ଷେପ ଗ୍ରହଣ କରିଛି। ସେଥିପାଇଁ ବିଶ୍ୱର ଅଗ୍ରଣୀ ଅର୍ଥନୀତି ମଧ୍ୟରେ ଆଜି ଭାରତର ପରିଗଣନା କରାଯାଉଛି। ଇତିମଧ୍ୟରେ ସଂସଦ ମଧ୍ୟ ଅନେକ ଅଭିନବ ଆଇନର ପ୍ରଣୟନ କରିଛି, ଯେପରିକି ଜି.ଏସ.ଟି, Insolvency and bankruptcy Code, ଜମିଜମା ନିୟାମକ, କ୍ରିପଟୋକରେନ୍ସି ନିୟାମକ ଇତ୍ୟାଦି। ଏହାଦ୍ୱାରା ଆମର ଅର୍ଥନୀତି ସୁଦୃଢ ହୋଇପାରିଛି। କୋଭିଡ ୧୯ ପରି ବିଶ୍ୱସ୍ତରୀୟ ମହାମାରୀର ସାମ୍ନା ଆମେ ସଫଳତାର ସହ କରିପାରିଛୁ। ୨୦୨୬ ମସିହା ସୁଦ୍ଧା ଭାରତକୁ ଏକ ପାଞ୍ଚ ଟ୍ରିଲିଅନ ଅର୍ଥନୀତି କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ବାସ୍ତବ ହେବାକୁ ଯାଉଛି।

କେବଳ ଆର୍ଥିକ ସଂସ୍କାର ନୁହେଁ, ସରକାର ଜନସାଧାରଣଙ୍କ ସାମାଜିକ ଜୀବନରେ ମଧ୍ୟ ସକରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ପ୍ରୟାସରତ। ଆୟୁଷ୍ମାନ ଭାରତ ଜରିଆରେ ସ୍ୱାସ୍ଥ୍ୟସେବା, ପି ଏମ କିଶାନ୍ ଓ ଫସଲ ଯୋଜନା ଜରିଆରେ କୃଷକ ମାନଙ୍କର ଉନ୍ନତି ଘଟିଛି।

କୃଷକମାନଙ୍କୁ ବର୍ଦ୍ଧିତ ଦର ଓ ବଜାର ସୁବିଧା ଯୋଗାଇ ଦିଆଯିବା ହେତୁ ସେମାନଙ୍କ ଜୀବନ ଉନ୍ନତ ହୋଇଛି। ଗ୍ରାମୀଣ ତଥା ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହେଉଛି। ମହିଳା ମାନଙ୍କ ନାମରେ ଘର ରେଜିଷ୍ଟ୍ରି ହେଉଛି। ବେଟି ବଚାଓ ଓ ବେଟି ପଢ଼ାଓ ମାଧ୍ୟମରେ ମହିଳା ସଶକ୍ତିକରଣ ସମ୍ଭବ ହେଉଛି।

ପ୍ରଧାନମନ୍ତ୍ରୀଙ୍କର ମୂଳମନ୍ତ୍ର ହେଲା ସର୍ବଜନ ହିତାୟ, ସର୍ବଜନ ସୁଖାୟ ଅର୍ଥାତ୍ ସମସ୍ତଙ୍କର କଲ୍ୟାଣ ଓ ସୁଖ। ପ୍ରଧାନମନ୍ତ୍ରୀ ଜଳଜୀବନ ମିଶନର ଆରମ୍ଭ କରିଛନ୍ତି, ଯାହା ସଭିଙ୍କୁ ପାନୀୟ ଜଳ ଯୋଗାଣ କରିବ। ସ୍ୱଚ୍ଛ ଭାରତ ମିଶନ ଦ୍ୱାରା ପରିମଳ

ବ୍ୟବସ୍ଥାର ସୁବନ୍ଦୋବସ୍ତ ହେବ। ସାଗରମାଳା ପରିଯୋଜନା ଦ୍ୱାରା ଉପକୂଳ ଓ ଜଳମାର୍ଗର ସୁପରିଚାଳନା ହୋଇଛି। ରୁର୍ବନ୍ ଯୋଜନା ଅଧୀନରେ ୩୦ଟି ସହର ଆଦିବାସୀ ଅଞ୍ଚଳରେ ସ୍ଥାପିତ ହେବ।

ଏକବିଂଶ ଶତାବ୍ଦୀ ସୁଦ୍ଧା ଯୁବ ଉଦ୍ୟୋଗି ମାନଙ୍କୁ ଏକ ଉତ୍ତମ ପରିବେଶ ଯୋଗାଇ ଦେବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମର ଅବତାରଣା ହୋଇଛି। ଯେପରିକି ଡିଜିଟାଲ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଇତ୍ୟାଦି।

କଳାଧନ ଓ ଭ୍ରଷ୍ଟାଚାରର ମୂଳୋତ୍ପାଟନ ନିମନ୍ତେ ଡିଜିଟାଲ ପେମେଣ୍ଟର ବନ୍ଦୋବସ୍ତ ଭୀମ ଆପ୍ ତଥା ରୂପେ କାର୍ଡ ଜରିଆରେ କରାଯାଉଛି। କୌଣସି ମଧ୍ୟସ୍ଥି ବିନା ହିତାଧିକାରୀ ମାନଙ୍କ ଆକାଉଣ୍ଟକୁ ସବ୍ସିଡି ଟଙ୍କା ସିଧା ପଠାଯାଉଛି। ଆଧାର କାର୍ଡ ଯୋଗୁ ବ୍ୟବସ୍ଥାରେ ପାରଦର୍ଶିତା ଆସିଛି।

ଏହି ପୁସ୍ତକ ଆମର ବିକାଶ ପୁରୁଷ, ଦୂରଦୃଷ୍ଟି ସମ୍ପନ୍ନ ପ୍ରଧାନମନ୍ତ୍ରୀ ଙ୍କ କେତେକ ଓଜସ୍ୱି ଭାଷଣର ସଙ୍କଳନ। ଏହା ସାଂସଦ, ଗବେଷକ, ଛାତ୍ର ଛାତ୍ରୀ ତଥା ସାଧାରଣ ଜନତାଙ୍କ ପାଇଁ ଅତି ଉପାଦେୟ ସାବ୍ୟସ୍ତ ହେବ। ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଏହି ପୁସ୍ତକଟିର ଲୋକାର୍ପଣ ହେବା ଏକାନ୍ତ ଆନନ୍ଦଦାୟକ।

ଲୋକସଭା ସଚିବାଳୟ ଦ୍ୱାରା ଏହି ପୁସ୍ତକର ପ୍ରକାଶନ ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣର ସଙ୍କଳନ ଗଣତନ୍ତ୍ରକୁ ରୁଦ୍ଧିମନ୍ତ ପୂର୍ବକ ସମସ୍ତଙ୍କ ଦ୍ୱାରା ଆଦୃତ ହେବ।

**ଓମ୍ ବିର୍ଲା**
ବାଚସ୍ପତି, ଲୋକସଭା

# ପ୍ରସ୍ତାବନା

ଯେତେବେଳେ ଶ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀ 2014 ମସିହାରେ ଭାରତର ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ ହେଲେ, ସେତେବେଳେ ସେ ସେହି ଉଚ୍ଚପଦରେ ଆସୀନ ହେବାରେ ସ୍ୱାଧୀନ ଭାରତରେ ଜନ୍ମଗ୍ରହଣ କରିଥିବା ଭରତୀୟ ପିଢ଼ିର ପ୍ରଥମ ନେତା ହେବାର ଗୌରବ ହାସଲ କରିଥିଲେ। ତାଙ୍କର ଯାତ୍ରା, ସମ୍ଭବତଃ ଅପରିହାର୍ଯ୍ୟ ଭାବରେ, ଉପନିବେଶକତାରୁ ସଦ୍ୟମୁକ୍ତ ଏକ ଦେଶର ଭାଗ୍ୟସହ ଅଙ୍ଗାଙ୍ଗି ଭାବେ ଜଡ଼ିତ ହୋଇଥିଲା। ତାଙ୍କ ଜୀବନ ଏପରି ଏକ ରାଷ୍ଟ୍ରକୁ ପ୍ରତିବିମ୍ବିତ କରୁଛି ଯାହା ଅସାଧ ପ୍ରତିକୂଳତା ସହ ସଂଘର୍ଷ କରିଥିଲା, ତଥାପି ଭାରତର ଭାଗ୍ୟ-ନିସଂଶୟ, ସ୍ଥିର, ଦୃଢ଼, ଏକଜୁଟ ଏବଂ କୁସଂସ୍କାରମୁକ୍ତ ଗଣତନ୍ତ୍ରର ଆତ୍ମବିଶ୍ୱାସରେ ଭରପୂର ଥିଲା। ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଯାତ୍ରାର ବାଧାବିଘ୍ନ ଏବଂ କଷ୍ଟ ଅସଂଖ୍ୟ ଦେଶବାସୀଙ୍କର ମଧ ସଂଘର୍ଷର କାହାଣୀ, ଯେଉଁମାନେ ଅସଂଖ୍ୟ ଉପାୟରେ ପ୍ରତିକୂଳ ପରିସ୍ଥିତିରୁ ମୁକ୍ତି ପାଇଁ ଦୃଢ଼ତାର ସହ, କିନ୍ତୁ ନିରପେକ୍ଷତା, ଧୈର୍ଯ୍ୟ ଏବଂ କଠିନ ପରିଶ୍ରମ ବଳରେ ନୂତନ ଭାବରେ ସୃଷ୍ଟ ଏକ ରାଷ୍ଟ୍ର ଏବଂ ଏହାର ଗଣତାନ୍ତ୍ରିକ ରାଜନିତିକୁ ପ୍ରତିପୋଷଣ କରିଥିଲେ। ପ୍ରଧାନମନ୍ତ୍ରୀ ଭାବେ ସଂସଦର ପ୍ରଥମ ଦିନରେ ସଂସଦ ଭବନର ସିଡ଼ିରେ ଗଣତନ୍ତ୍ରର ମନ୍ଦିର ପ୍ରତି ଶ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସମ୍ମାନ ଅର୍ପଣ କରିଥିଲେ, ତାହା ସଂସଦୀୟ ଗଣତନ୍ତ୍ରର ସମସ୍ତ ଭକ୍ତଙ୍କ ସ୍ମୃତିରେ ଦୀର୍ଘଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇରହିବ। ଏହି କାର୍ଯ୍ୟ ସହଭାଗୀ ଶାସନର ମୂଲ୍ୟବୋଧ ଉପରେ ତାଙ୍କର ନିରନ୍ତର ବିଶ୍ୱାସକୁ ପୁନଃ ନିଶ୍ଚିତ କରିବାର ଏକ ଶକ୍ତିଶାଳୀ ଦୃଶ୍ୟ ହୋଇଥିଲା, ଏହା ହେଉଛି ସେହି ଜ୍ୟୋତି ଯାହାକୁ ଏହି ଭୂମି ଅନେକ ସହସ୍ରାବ୍ଦ ଧରି ଜୀବନ୍ତ ରଖିଛି।

2014 ରୁ 2021 ମଧରେ ଭାରତର ସଂସଦରେ ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା 34ଟି ଭାଷଣର କ୍ରମାନୁକ୍ରମିକ ସଂକଳନ ଏହିଖଣ୍ଡରେ ରହିଛି। ଏହି ଭାଷଣ ଗୁଡ଼ିକ ପାଠକମାନଙ୍କୁ ବିଶ୍ୱ ପ୍ରତିତାଙ୍କ ଦୃଷ୍ଟିକୋଣର ଏକ ଆଭାସ ପ୍ରଦାନ କରିଥାଏ। ଏହା ହେଉଛି ଏକ ବିଶ୍ୱ ଦୃଷ୍ଟି କୋଣ ଯାହା ଆମ ସଭ୍ୟତାର ଆଧାତ୍ମିକତାର ସ୍ୱତ୍ତ୍ୱରୁ ଅନୁପ୍ରାଣିତ, ଏହାର ସମାବେଶୀ ଜାତୀୟ ଚରିତ୍ରର ବିଶାଳତାର ଭିତ୍ତିଭୂମି ଉପରେ ନିର୍ମିତ, ଏହାର ସାଂସ୍କୃତିକ

ବିବିଧତାର ବୈଚିତ୍ର୍ୟରେ ସମୃଦ୍ଧ ଏବଂ ଏଥି ସହିତ ନୂତନ, ଯୁକ୍ତି ଯୁକ୍ତ ଓ ବିଜ୍ଞାନ ସମ୍ମତ ବିଚାରକୁ ଗ୍ରହଣ କରିବା ପାଇଁ ଉନ୍ମୁଖତା। ଏହି ବିଶ୍ୱ ଦୃଷ୍ଟିକୋଣ ହିଁ ଭାରତୀୟ ରାଷ୍ଟ୍ରର ସାମର୍ଥ୍ୟ ଉପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅତୁଟ ବିଶ୍ୱାସର ମୂଳଦୁଆ ଭାବରେ କାର୍ଯ୍ୟ କରିଛି ଏବଂ ରାଷ୍ଟ୍ରଗୋଷ୍ଠୀରେ ଏକ ବିଶ୍ୱସ୍ତରୀୟ ନେତାଭାବରେ ନିଜର ଉଚିତ ସ୍ଥାନ ପୁନରୁଦ୍ଧାର କରିଛି, ଯେଉଁ ମାନ୍ୟତା ଭାରତ ପାରମ୍ପରିକ ଭାବରେ ବିଶ୍ୱ ଇତିହାସର ଅଧିକାଂଶ ଭାଗରେ ଉପଭୋଗ କରିଆସୁଥିଲା।

ପାଠକମାନେ ଦେଖିବେ ଯେ ସଂସଦରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭାଷଣ ଗୁଡିକ ଭାରତର ସମ୍ବିଧାନ ଏବଂ ଏହାର ମୂଲ୍ୟବୋଧ ଉପରେ ତାଙ୍କର ଅତୁଟ ବିଶ୍ୱାସକୁ ଦୃଢ଼ କରିବାରେ ବିଫଳ ହୋଇନାହିଁ। ତାଙ୍କ ମତରେ ଭାରତର ସମ୍ବିଧାନ ହେଉଛି ହଜାର ହଜାର ବର୍ଷଧରି ଏହାର ଲୋକମାନଙ୍କର ବିଚାର ଏବଂ ଚିନ୍ତନରୁ ପ୍ରାପ୍ତ ଜ୍ଞାନର ପରିଣାମ। ଏହା ହେଉଛି ସାଧାରଣ ଜନତାଙ୍କର ଆଶା ଓ ଆକାଂକ୍ଷାର ଭଣ୍ଡାର, ଦେଶକୁ ଏକଜୁଟ କରୁଥିବା ବନ୍ଧନର ଶକ୍ତି, ଦେଶର ସମସ୍ତ ଶ୍ରେଣୀ ଏବଂ ସମସ୍ତ ଅଞ୍ଚଳଦ୍ୱାରା ଭାରତର ଏକ ଓ ଅଭିନ୍ନ ଭାଗ୍ୟକୁ ଆପଣାଇବା ପ୍ରତି ଏକ ସତ୍ୟନିଷ୍ଠ ପ୍ରମାଣ। ପ୍ରଧାନମନ୍ତ୍ରୀଙ୍କ ଭାଷାରେ ଭାରତର ସମ୍ବିଧାନ ହେଉଛି 'ଭାରତ ପାଇଁ ଗୌରବ' ଏବଂ 'ଭାରତ ପାଇଁ ଏକତା' ର ପ୍ରତୀକ।ଏହି ପରିପ୍ରେକ୍ଷୀରେ ଭାରତର ସମ୍ବିଧାନ ହିଁ ତାଙ୍କ ସରକାରଙ୍କ ଏକମାତ୍ର ଧର୍ମ, ଏକମାତ୍ର ଧର୍ମଗ୍ରନ୍ଥ ବୋଲି ପ୍ରଧାନମନ୍ତ୍ରୀଙ୍କ ଦୃଢ଼ୋକ୍ତିକୁ ଭଲଭାବରେ ବୁଝିବା ଓ ପ୍ରଶଂସା କରାଯିବା ଉଚିତ।

ଶ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ପ୍ରଧାନମନ୍ତ୍ରୀ ହୋଇଥିଲେ, ସେତେବେଳେ ଏତେ ଉଚ୍ଚପଦ ପ୍ରାପ୍ତ କରିବାରେ ସେ ଗୋଟିଏ ରାଜ୍ୟର ପ୍ରଥମ ସେବାରତ ମୁଖ୍ୟମନ୍ତ୍ରୀ ଥିଲେ। ଏକ ଦଶନ୍ଧିରୁ ଅଧିକ ସମୟ ଧରି ଏକ ବୃହତ୍‌ଭାରତୀୟ ରାଜ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ହାସଲ କରିଥିବା ଅଭିଜ୍ଞତାର ଭଣ୍ଡାର ତାଙ୍କୁ କେନ୍ଦ୍ର-ରାଜ୍ୟ ସମ୍ପର୍କ ଉପରେ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନକରିଛି। ସଂସଦରେ ସେ ଯେଉଁ 'ସହଯୋଗୀ ସଂଘବାଦ' ର ଧାରଣାକୁ ଏତେ ଦୃଢ଼ତାର ସହ ବର୍ଣ୍ଣନା କରିଛନ୍ତି, ତାହା ହେଉଛି ଆମ ରାଜନୀତିର ସଂଘୀୟ ଚରିତ୍ରକୁ ସୂଚିତ କରୁଥିବା ସାମ୍ବିଧାନିକ ବ୍ୟବସ୍ଥା ଗୁଡ଼ିକ ପ୍ରକୃତରେ କିପରି କାର୍ଯ୍ୟ କରୁଛି ତାହାର ସଚେତନ ପ୍ରତିଫଳନର ପରିଣାମ। ତାଙ୍କର କେତେକ ଭାଷଣରେ ସ୍ପଷ୍ଟ ସ୍ୱୀକାର କରାଯାଇଛି ଯେ ଭାରତ ଭଳି ଏକ

ବିଶାଳ ଏବଂ ବିବିଧ ଦେଶରେ ଏହି ସଂଘୀୟ ପ୍ରକଳ୍ପକୁ ସଫଳ କରିବାକୁ ହେଲେ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦଳ ଭାବରେ କାର୍ଯ୍ୟ କରିବାକୁ ହେବ। ତେଣୁ ଜି.ଏସ୍.ଟି ଆଇନ ର ସଫଳ ଅନୁମୋଦନ ଏବଂ କାର୍ଯ୍ୟକାରିତା କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଆଲୋଚନାକୁ ମାର୍ଗଦର୍ଶନ କରୁଥିବା ପାରସ୍ପରିକ ବୁଝାମଣା ଏବଂ ସ୍ୱୀକୃତି ଭାବନାର ଏକ ସ୍ପଷ୍ଟ ପ୍ରମାଣ ଭାବରେ ଗ୍ରହଣ କରାଯାଏ। ଏହି ପରିପ୍ରେକ୍ଷୀରେ ସହଯୋଗୀ ସଂଘବାଦର ଆଦର୍ଶକୁ ପ୍ରକୃତ ଅର୍ଥରେ ହାସଲ କରିବା ପଥରେ ଏହି ସଫଳତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ହୋଇଛି।

ସାଧାରଣ ଲୋକଙ୍କ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ମୋଦି ଅତିନିକଟରୁ ଦେଖିଛନ୍ତି। ଏହା ମଧ୍ୟ ବିଶେଷାଧିକାର ଏବଂ ଅଧିକାରର ଜାଲରୁ ଦୂରରେ ଥିବା ତାଙ୍କର ଜୀବନ କାହାଣୀ। ଯେ କୌଣସି ଭାରତୀୟଙ୍କ ଯାତ୍ରାକୁ ପ୍ରତିପାଦିତ କରୁଥିବା ପ୍ରଧାନମନ୍ତ୍ରୀଙ୍କ ନିଜର ଯାତ୍ରା, ହାର ନ ମାନିବାର ଅଦମ୍ୟ ମନୋଭାବ; ମର୍ଯ୍ୟାଦା, ଅଖଣ୍ଡତା ଏବଂ କର୍ତ୍ତବ୍ୟର ସ୍ୱାଭାବିକ ବିଚାର ବୋଧ; ଜ୍ଞାନ ପାଇଁ ଏକ ଅତୃପ୍ତ କ୍ଷୁଧା; ଅଭିଜ୍ଞତାରୁ ଶିଖିବା ଏବଂ ଆପଣେଇବାର ତତ୍ପରତା ଏବଂ ସର୍ବୋପରି, ମାତୃଭୂମି ପାଇଁ ଏକ ଅତୁଟ ଭକ୍ତି ଯୋଗୁଁ ଉଲ୍ଲେଖନୀୟ ହୋଇଛି। ବୋଧହୁଏ ଏହି ପରିପ୍ରେକ୍ଷୀରେ ଅନେକଥର ତାଙ୍କ ଭାଷଣ ଗୁଡିକ, ପ୍ରତ୍ୟେକ ମଣିଷର ଅସାଧାରଣ ସଫଳତାର ଅନ୍ତର୍ନିହିତ ସମ୍ଭାବନା ଉପରେ ତାଙ୍କର ଦୃଢ ବିଶ୍ୱାସର କଥା କହିଛି। ପ୍ରତ୍ୟେକ ନାଗରିକଙ୍କୁ ନିଜର ବିଶେଷତ୍ୱ ଖୋଜିବାରେ ସାହାଯ୍ୟ କରିବା ସରକାରଙ୍କ ଏକ ମହତ୍ୱପୂର୍ଣ୍ଣ କର୍ତ୍ତବ୍ୟ ବୋଲି ସେ ବିବେଚନା କରନ୍ତି। ଆମ ଦେଶର ଯୁବବର୍ଗ ପ୍ରତିନିଧିତ୍ୱ କରୁଥିବା ପ୍ରତିଭା ଭଣ୍ଡାରର ସମୃଦ୍ଧି ଏବଂ ଗଭୀରତା ଉପରେ ପ୍ରଧାନମନ୍ତ୍ରୀଙ୍କ ଅସୀମ ବିଶ୍ୱାସ ରହିଛି। ଏକ ସମାନ ସୁଯୋଗ, ଉପଯୁକ୍ତ ପ୍ରୋତ୍ସାହନ ଏବଂ ସହାୟକ ପରିବେଶ ପାଇବା ସମୟରେ ଆମ ଗ୍ରାମୀଣ ଏବଂ ଛୋଟ ସହରର ଯୁବପିଢ଼ି ଉଭୟ ବୈଶ୍ୱିକ ଏବଂ ଆଞ୍ଚଳିକ ଭାବରେ ସାର୍ବଜନୀନ ଏବଂ ପେଶାଦାର କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରତିଯୋଗିତାମୂଳକ ମନୋଭାବ ଏବଂ ସାହସିକତା ପ୍ରଦର୍ଶନ କରିଛନ୍ତି। ଆଜି ପର୍ଯ୍ୟନ୍ତ ଅବହେଳିତ ହୋଇ ରହିଥିବା ତଥା ନିକଟ ଅତୀତରେ ଉଦ୍ୟୋଗ ତଥା ଅଭିନବିକରଣ ପାଇଁ ଭିତ୍ତିଭୂମି ତଥା ପରିବେଶରେ ଅଭୁତପୂର୍ବ ଉନ୍ନତି ଦେଖିଥିବା ଆମର ଟିଅର୍ 2, ଟିଅର୍ 3 ସହର ଗୁଡ଼ିକର ବର୍ଦ୍ଧିଷ୍ଣୁପ୍ରାଣୋଚ୍ଛଳତାରେ ପ୍ରଧାନମନ୍ତ୍ରୀ ମୋଦୀ ଖୁବ୍‌ଆଶା ଓ ପ୍ରତିଶୃତି ଦେଖିଛନ୍ତି। ପ୍ରତ୍ୟେକ

ବ୍ୟକ୍ତିର ସ୍ୱତନ୍ତ୍ରତାରେ ପ୍ରଧାନମନ୍ତ୍ରୀଙ୍କ ଗଭୀର ବିଶ୍ୱାସ ତାଙ୍କର ଏହି ଚମତ୍କାର ଶ୍ଳୋକ ଆବୃତ୍ତି ମାଧ୍ୟମରେ ଗଭୀର ଭାବରେ ପ୍ରକାଶିତ ହୋଇଛି:

*अमन्त्रमक्षरं नास्ति, नास्ति मूलमनौषधम्।*
*अयोग्यः पुरुषो नास्ति, योजकस्तत्र दुर्लभः॥*

(ବର୍ଣ୍ଣମାଳାରେ ଏପରି କୌଣସି ଅକ୍ଷର ନାହିଁ ଯାହା ଏକ ମନ୍ତ୍ରରେ ସ୍ଥାନ ପାଏ ନାହିଁ, ଏମିତି କୌଣସି ଚେର ନାହିଁ ଯାହାର ଔଷଧୀୟ ଗୁଣ ନାହିଁ, କୌଣସି ବ୍ୟକ୍ତି ନାହାଁନ୍ତି ଯିଏ ସମ୍ପୂର୍ଣ୍ଣ ଅଯୋଗ୍ୟ, କିନ୍ତୁ କ୍ୱଚିତ ବ୍ୟକ୍ତି ଅଛନ୍ତି ଯିଏ ସେମାନଙ୍କୁ କିପରି ଉପଯୋଗ କରିବେ ତାହା ଜାଣନ୍ତି)।

ଯେହେତୁ ପ୍ରତ୍ୟେକ ବ୍ୟକ୍ତି ଅନନ୍ୟ ଦକ୍ଷତା ସମ୍ପନ୍ନ, ତେଣୁ ଏହି ସଂକଳନର ଅନେକ ଭାଷଣ ଭାରତର ପ୍ରତ୍ୟେକ ନାଗରିକଙ୍କ ଆତ୍ମ-ନୀରିକ୍ଷଣପାଇଁ ଏକ ଅନୁକୂଳ ବାତାବରଣ ପ୍ରଦାନ କରିବା ପାଇଁ ସରକାର ମାନଙ୍କର କର୍ତ୍ତବ୍ୟ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଦୃଢ଼ବିଶ୍ୱାସକୁ ପ୍ରକାଶ କରେ। ତେଣୁ '***ସବ୍କା ସାଥ, ସବ୍କା ବିକାଶ'*** ହେଉଛି ତାଙ୍କ ସରକାରଙ୍କ ସିଦ୍ଧାନ୍ତର ମୂଳଦୁଆ। ଏହା ଏକ ନୀତିଗତ ଢାଞ୍ଚା ଯାହା ସରକାର ତାଙ୍କ ଜନତାଙ୍କ ଉପରେ ବିଶ୍ୱାସ କରନ୍ତି ଏହା ଜଣାଇ ପ୍ରତ୍ୟେକ ନାଗରିକଙ୍କୁ ଆଶ୍ୱସ୍ତ କରିଥାଏ ଯେ ତାଙ୍କ ଜୀବନର ସ୍ଥିତି ଯାହା ହେଉନା କାହିଁକି ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ସମ୍ମାନର ସହ ଜୀବନ ନିଶ୍ଚିତ କରାଯାଇଛି ଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବାକୁ ପ୍ରୋତ୍ସାହନ ଦିଆଯିବ। ସାଧାରଣ ଲୋକଙ୍କ ସଚ୍ଚୋଟତା ଉପରେ ପ୍ରଧାନମନ୍ତ୍ରୀ ଯେଉଁ ଆତ୍ମବିଶ୍ୱାସ ପ୍ରକଟ କରନ୍ତି, ତାହା ନିଶ୍ଚିତ ଭାବରେ ନାଗରିକ ଓ ସରକାରୀ ଅଧିକାରୀଙ୍କ ମଧ୍ୟରେ ବିଶ୍ୱାସର ଏକ ଗୁଣାତ୍ମକ ବାତାବରଣ ସୃଷ୍ଟି କରିବାରେ ଏକ ପରିବର୍ତ୍ତନାତ୍ମକ ପ୍ରଭାବ ପକାଇଛି। ନିଜେ ନାଗରିକମାନଙ୍କ ଦ୍ୱାରା ସ୍ୱୟଂ ପ୍ରମାଣିତ ଦସ୍ତାବିଜ ଗୁଡ଼ିକୁ ସରକାରୀ ମାନ୍ୟତା ଦେବାରେ ତାଙ୍କ ସରକାରଙ୍କ ବିଶ୍ୱାସ ଏବଂ ସରକାରୀ ଅଧିକାରୀମାନଙ୍କ ଦ୍ୱାରା ପ୍ରମାଣୀକରଣ ବାଧ୍ୟତାମୂଳକ ସର୍ତ୍ତକୁ ବଦଳାଇବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ନିଜେ ବର୍ଣ୍ଣନା କରିଥିବା ଏକ ଉଦାହରଣ ମାଧ୍ୟମରେ ଏହା ସ୍ପଷ୍ଟ ହୋଇଛି। ଏହା କେବଳ ଜନସାଧାରଣଙ୍କୁ ଭୀଷଣ କଷ୍ଟ ଏବଂ ସମସ୍ୟାରୁ ରକ୍ଷା କରୁନାହିଁ, ବରଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସମାଜ ଏବଂ ରାଜନୀତି ରେ ବିଶ୍ୱାସ ର ଅନୁବନ୍ଧକୁ ସୁଦୃଢ଼ କରୁଛି।

ବର୍ତ୍ତମାନର ସଂକଳନରେ ଅନେକ ଗୁଡ଼ିଏ ଭାଷଣରେ ଜନ ଧନ ଯୋଜନା, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର, ଆକାଂକ୍ଷୀ ଜିଲ୍ଲା ଗୁଡ଼ିକର ତ୍ୱରିତ ବିକାଶ, କୃଷକ ସମୁଦାୟ ପାଇଁ ଅନେକ ଯୋଜନା, ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଗ୍ୟାରେଣ୍ଟି ଦେବାପାଇଁ ଆୟୁଷ୍ମାନ ଯୋଜନା, 'ଭୋକାଲ୍ ଫର୍ ଲୋକାଲ୍', ମେକ୍ ଇନ୍ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ, କ୍ଷୁଦ୍ର ଉଦ୍ୟୋଗୀ ଏବଂ ବ୍ୟବସାୟ ପାଇଁ ଯୋଜନା, ପ୍ରକ୍ରିୟାର ସରଳୀକରଣ, ଅବହେଳିତବର୍ଗଙ୍କ ପାଇଁ ଟେକ୍ନୋଲୋଜିର ଉପଯୋଗ ଏବଂ ବିଶେଷ କରି ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଗୁଡ଼ିକର ଅବହେଳିତ ଅଞ୍ଚଳକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଆଦି ଉପକ୍ରମ ବିଷୟରେ ଉଲ୍ଲେଖ ରହିଛି। ତାଙ୍କ ମତରେ ସରକାରଙ୍କ ଯୋଜନା ଓ ଉପକ୍ରମ ଗୁଡ଼ିକୁ ଏପରି ଭାବରେ ଧାରଣ, ପରିକଳ୍ପନା ଏବଂ କାର୍ଯ୍ୟକାରୀ କରାଯିବା ଉଚିତ ଯାହାଦ୍ୱାରା ସମସ୍ତ ନାଗରିକଙ୍କ ପାଇଁ ବିଶ୍ୱସନୀୟ ଏବଂ ବିତରଣ ଯୋଗ୍ୟ ଅଧିକାର ସୃଷ୍ଟି ହୋଇପାରିବ ଯେପରି ଏଭଳି ନୀତିଗତ ହସ୍ତକ୍ଷେପ ଗୁଡ଼ିକର ଫଳ ପ୍ରକୃତ ଅବହେଳିତ, ସାମାଜିକ ଏବଂ ଅର୍ଥନୈତିକ ଅନଗ୍ରସର, ମହିଳା, କୃଷକ ଏବଂ ଯୁବକ ଇତ୍ୟାଦିଙ୍କ ପାଖରେ ପହଞ୍ଚିପାରିବ। ସାର୍ବଜନୀନ ସେବା ପ୍ରଦାନରେ ଅସନ୍ତୋଷ ଏବଂ ଭ୍ରାନ୍ତ ଧାରଣା ପାଇଁ ସୁଯୋଗ ନଦେଇ ଏହାକୁ ଅଧିକ ଦକ୍ଷ, ସ୍ୱଚ୍ଛ, ଉପଭୋକ୍ତା ଅନୁକୂଳ ଏବଂ ପୂର୍ବାନୁମାନ ଯୋଗ୍ୟ କରିବା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ହୋଇଆସିଛି ଯାହାଦ୍ୱାରା ଏହା ଆଶା, କଲ୍ୟାଣ, ସଶକ୍ତୀକରଣ ଓ ନିଜସ୍ୱତା ଏବଂ ମାଲିକାନାର ଭାବନା ସୃଷ୍ଟି କରିବ। ଏକ କଲ୍ୟାଣକାରୀ ରାଷ୍ଟ୍ର ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିକାଶ ଏବଂ ପ୍ରଗତିର ଦୃଷ୍ଟିକୋଣ ହେଉଛି ଆଧୁନିକ ଭାରତ ସହିତ ସୁସଙ୍ଗତ, ବିଶ୍ୱସ୍ତରର ଭିତ୍ତିଭୂମି, ଅତ୍ୟାଧୁନିକ ଜ୍ଞାନକୌଶଳ ଏବଂ ଅଭିନବୀକରଣ ସହିତ ସଜ୍ଜିତ ଏକ ବ୍ୟବସାୟିକ ଅନୁକୂଳତା। ପ୍ରଧାନମନ୍ତ୍ରୀ ବିଶ୍ୱାସ କରନ୍ତି ଯେ ‘ଏକ ଭାରତ, ଶ୍ରେଷ୍ଠ ଭାରତ’ (ଏକ ଭାରତ, ଶ୍ରେଷ୍ଠ ଭାରତ) ର ଚରମ ସ୍ୱପ୍ନ ହାସଲ କରିବା ପାଇଁ ଅନୁସନ୍ଧାନରେ ସଫଳତା ସେତେବେଳେ ସର୍ବୋତ୍ତମ ଭାବରେ ସଫଳ ହୋଇଥାଏ ଯେତେବେଳେ ସରକାର କଲ୍ୟାଣ, ବିକାଶ ଏବଂ ବିଶ୍ୱାସ ମାଧ୍ୟମରେ ଦେଶର ବୃହତ୍ତର ଗୌରବରେ ଏକ ସାଧାରଣ ଅଂଶୀଦାରିତାର ଭାବନା ସୃଷ୍ଟି କରିବାରେ ସକ୍ଷମ ହୁଅନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ ଏକ ଯୁବସୁଲଭ ରାଷ୍ଟ୍ରର କ୍ରମବର୍ଦ୍ଧିଷ୍ଣୁ ଆତ୍ମବିଶ୍ୱାସରେ ଭବିଷ୍ୟତ ପାଇଁ ଉଜ୍ଜ୍ୱଳ ସମ୍ଭାବନା ଦେଖନ୍ତି। ତେଣୁ ସେ ସଂସଦର ସଦସ୍ୟମାନଙ୍କୁ ଏବଂ ସେମାନଙ୍କ ମାଧ୍ୟମରେ ଦେଶପାଇଁ ବଡ଼ ଚିନ୍ତା କରିବା, ସେମାନଙ୍କ ସାମର୍ଥ୍ୟରେ ବିଶ୍ୱାସ କରିବା, ଦୂରଦୃଷ୍ଟି ପ୍ରଦର୍ଶନ କରିବା ଏବଂ ସର୍ବନାଶର ଭବିଷ୍ୟ ବକ୍ତାମାନଙ୍କ ଦ୍ୱାରା ନିରାଶ ନହେବାକୁ ଉତ୍ସାହିତ

କରନ୍ତି। ସେ ସାଂସଦ ମାନଙ୍କୁ ଆଶ୍ୱାସନା ଦିଅନ୍ତି ଯେ ସରକାର ଏକ ଅଭିବୃଦ୍ଧି ପଥରେ ଦୃଢ଼ ଭାବରେ ଆଗେଇ ଚାଲିଛନ୍ତି ଯାହା ନିକଟ ଭବିଷ୍ୟତରେ ଦେଶର ଅର୍ଥନୀତିକୁ 5 ଟ୍ରିଲିୟନ ଡଲାର ପ୍ଲସ୍ ଲିଗ୍‌ରେ ପହଞ୍ଚାଇବ। ପ୍ରଧାନମନ୍ତ୍ରୀ ବିଶ୍ୱାସ କରନ୍ତି ଯେ ଭାରତ ପ୍ରକୃତରେ ଏକ ସୁଯୋଗର ଦେଶ। ଆମର ଦେଶବାସୀ 2047 ବର୍ଷର ଏକ ଭାରତର ସ୍ୱପ୍ନ ଦେଖିବା ଉଚିତ୍- ଯାହା ଆମ ସ୍ୱାଧୀନତାର ଶତ ବାର୍ଷିକୀର ବର୍ଷ-ଯାହା ସାର୍ବଜନୀନ ଭାବରେ ମାନ୍ୟ।

ଏହା ପ୍ରଧାନମନ୍ତ୍ରୀଙ୍କ ଦୃଢ଼ ଦୃଷ୍ଟିକୋଣ ଯେ ଯେକୌଣସି ସମାଜ ପାଇଁ ବିକାଶର ପଥରେ ଆଗକୁ ବଢ଼ିବା ପାଇଁ ନାଗରିକମାନେ ଅନୁଶାସନ ଏବଂ ଆନ୍ତରିକତା ସହିତ ସେମାନଙ୍କର ନାଗରିକ କର୍ତ୍ତବ୍ୟ ପାଳନ କରିବା ଆବଶ୍ୟକ। ସମସ୍ତେ ଅନୁଭବ କରିବା ଜରୁରୀ ଯେ ମୌଳିକ କର୍ତ୍ତବ୍ୟ ଗୁଡ଼ିକ ନାଗରିକଙ୍କ ଅଧିକାର ସହିତ ଏକାଠି ମିଳିଥାଏ ଏବଂ ସେଥିପାଇଁ ପ୍ରଧାନମନ୍ତ୍ରୀ ସମସ୍ତ ଦେଶବାସୀଙ୍କୁ ଦେଶ ପ୍ରତି ନିଜର କର୍ତ୍ତବ୍ୟନିଷ୍ଠାର ସହ ପାଳନ କରିବାକୁ ଆହ୍ୱାନ ଦେଇଛନ୍ତି, ଯାହା ଦ୍ୱାରା ଭାରତ ଅମୃତକାଳରେ ନିଜ ପାଇଁ ଧାର୍ଯ୍ୟ କରିଥିବା ଆଦର୍ଶ ହାସଲ କରିପାରିବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏପରି ଏକ ଭାରତ ପାଇଁ ସ୍ପଷ୍ଟ ଏବଂ ନିର୍ବିବାଦୀୟ ବିଶ୍ୱାସ ରହିଚି ଯାହା ସବୁବେଳେ ଏକଜୁଟ ଏବଂ ଶକ୍ତିଶାଳୀ, ସମାବେଶୀ ଏବଂ ଆତ୍ମବିଶ୍ୱାସୀ ଭାବରେ ଉଚ୍ଚ ହେବ। ପାଠକମାନେ ଧ୍ୟାନ ଦେବେ ଯେ, ତାଙ୍କର ବକ୍ତବ୍ୟ ଗୁଡ଼ିକ ଶ୍ଳୋକ ଏବଂ ମନ୍ତ୍ରରୁ ବହୁ ପରିମାଣରେ ଉଦ୍ଧୃତ ଯାହା ଆମ ସମସ୍ତଙ୍କର ଅନୁଭୂତି ଏବଂ ବିଶ୍ୱାସ ପ୍ରଣାଳୀକୁ ସର୍ବୋତ୍ତମ ଭାବରେ ପ୍ରକାଶ କରେ। ଜ୍ଞାନର ଏହି ସମୟ ପରୀକ୍ଷିତ ବାଣୀ ଗୁଡ଼ିକ ଯୁଗ ଯୁଗ ଧରି ଅଗଣିତ ପିଢ଼ିକୁ ମାର୍ଗଦର୍ଶନ ପ୍ରଦାନ କରିଆସିଛି। ନିଶ୍ଚିତ ଭାବରେ ପ୍ରଧାନମନ୍ତ୍ରୀ ଏହି ସୁନ୍ଦର ବୈଦିକ ମନ୍ତ୍ର ମାଧ୍ୟମରେ ଭାରତୀୟ ଜନତାଙ୍କ ବ୍ୟକ୍ତିଗତ ତଥା ସମଷ୍ଟିଗତ ପ୍ରତିଭାକୁ ଆହ୍ୱାନ କରନ୍ତି:

***अयुतोअहं, अयुतो मे आत्मा,***
***अयुतं मे अयुतं चक्षु, अयुतं श्रोत्रम ॥***

(ମୁଁ ଜଣେ ନୁହେଁ, ମୁଁ ଏକା ନୁହେଁ, ମୋ ସହିତ ଲକ୍ଷ ଲକ୍ଷ ମଣିଷଙ୍କୁ ଦେଖେ ଏବଂ ଅନୁଭବ କରେ। ତେଣୁ ମୋର ଆଧ୍ୟାତ୍ମିକ ଶକ୍ତି ହେଉଛି ଲକ୍ଷ ଲକ୍ଷ ମଣିଷଙ୍କର। ମୋର ଲକ୍ଷ ଲକ୍ଷଙ୍କର ଦୃଷ୍ଟି ଶକ୍ତି

ଅଛି, ମୋର ଲକ୍ଷ ଲକ୍ଷଙ୍କର ଲୋକଙ୍କ ଶ୍ରବଣ ଶକ୍ତି ଏବଂ କର୍ମ ଶକ୍ତି ଅଛି)। 2014-21 ଅବଧିରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ସମସ୍ତ 34ଟି ଅଭିଭାଷଣକୁ ପ୍ରମୁଖ ଭାରତୀୟ ଭାଷାରେ ଅନୁବାଦ ଓ ପ୍ରକାଶନ କରିବାର ଆହ୍ୱାନକାରୀ ଦାୟିତ୍ୱ ହାତକୁ ନେବା ଲୋକସଭା ସଚିବାଳୟର ସୌଭାଗ୍ୟ ଅଟେ। ଆମର ବିଶ୍ୱାସଯେ ପାଠକମାନେ ନିଜ ମାତୃଭାଷାରେ ପ୍ରଧାନମନ୍ତ୍ରୀଙ୍କ ମତ ଓ ଚିନ୍ତାଧାରାକୁ ବୁଝିବା, ପ୍ରଶଂସା କରିବା ଏବଂ ସମାଲୋଚନାମୂଳକ ମୂଲ୍ୟାଙ୍କନ କରିବାରେ ସକ୍ଷମ ହେବେ। ଏକ ବହୁଭାଷୀ ପ୍ରକାଶନର ଏହି ପଦକ୍ଷେପ ଲୋକସଭାର ମାନ୍ୟବର ବାଚସ୍ପତି ଶ୍ରୀ ଓମ ବିର୍ଲା ଙ୍କ ପ୍ରେରଣା ଥିଲା, ଯାହାଙ୍କ ମାର୍ଗଦର୍ଶନ ଏବଂ ପ୍ରୋତ୍ସାହନ ପ୍ରତ୍ୟେକ ସ୍ତରରେ ଆମ ସମସ୍ତଙ୍କୁ ଏହିଆହ୍ୱାନ ପୂର୍ଣ୍ଣ, ତଥାପି ଅନନ୍ୟ ଅଭିଯାନ ପାଇଁ ପ୍ରେରଣା ଦେଇଛି। ଲୋକ ସଭା ସଚିବାଳୟର ଯୁଗ୍ମ ସଚିବ ଶ୍ରୀ ସତପାଲ ଗୁଲାଟି ଏବଂ ଅଧିକାରୀମାନେ ଅଭିଭାଷଣ ଗୁଡ଼ିକର ଅନୁବାଦ କରିବା ସମୟରେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହୋଇ ଅକ୍ଲାନ୍ତ ପରିଶ୍ରମ କରିଥିଲେ ଏବଂ ବିଶ୍ୱାସ ବଜାୟ ରଖିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣର ବର୍ତ୍ତମାନ ପ୍ରକାଶନ, ଲୋକସଭା ସଚିବାଳୟରେ ପ୍ରତ୍ୟେକ ସ୍ତରରେ ପ୍ରଦର୍ଶିତ କଠିନ ପରିଶ୍ରମ ଏବଂ ନିଷ୍ଠା ପ୍ରତି ଏକ ସମ୍ମାନ। ଏହି ପ୍ରକାଶନ ଭାରତର ବିଭିନ୍ନ ଭାଷା ଭିତ୍ତିକ ପୃଷ୍ଠ ଭୂମିର ପାଠକ ମାନଙ୍କପାଇଁ ଉପଯୋଗୀ ହେବ ବୋଲି ଆକାଂକ୍ଷା।

**ଶ୍ରୀ ଉତ୍ପଳ କୁମାର ସିଂହ**

ମହା ସଚିବ, ଲୋକସଭା

# ସୂଚୀପତ୍ର


| କ୍ରମାଙ୍କ | ବିଷୟ | ପୃଷ୍ଠା |
|---|---|---|
| 1. | ଶ୍ରୀମତୀ ସୁମିତ୍ରା ମହାଜନଙ୍କର ଅଧକ୍ଷା ନିର୍ବାଚିତ ହେବା ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କ ଲୋକସଭାରେ ସ୍ୱାଗତ ବକ୍ତବ୍ୟ (6.6.2014) | 3 |
| 2. | ରାଷ୍ଟ୍ରପତିଙ୍କର ଅଭିଭାଷଣ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କର ରାଜ୍ୟସଭାରେ ଧନ୍ୟବାଦ ପ୍ରସ୍ତାବ (11.6.2014) | 7 |
| 3. | ରାଷ୍ଟ୍ରପତିଙ୍କର ଅଭିଭାଷଣ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କର ଲୋକସଭାରେ ଧନ୍ୟବାଦ ପ୍ରସ୍ତାବ (11.6.2014) | 29 |
| 4. | ଲୋକସଭାରେ ଉପବାଚସ୍ପତିଙ୍କର ନିର୍ବାଚନ ପରେ ସମ୍ବର୍ଦ୍ଧନା ବକ୍ତବ୍ୟ (13.8.2014) | 43 |
| 5. | ସ୍ୱାମୀ ନିରଂଜନା ଜ୍ୟୋତି ବିଷୟ ସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ଲୋକସଭାରେ ବକ୍ତବ୍ୟ (5.12.2014) | 45 |
| 6. | ଜାକିର-ରେହମାନ ଲଖ୍‌ଭିଙ୍କୁ ପାକିସ୍ତାନ ଦ୍ୱାରା ଜାମିନ ପ୍ରଦାନ ଘଟଣା ସମ୍ବନ୍ଧରେ ବକ୍ତବ୍ୟ (19.12.2014) | 49 |
| 7. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (27.2.2015) | 53 |
| 8. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ବିବୃତି (9.3.2015) | 83 |
| 9. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ବିବୃତି (23.4.2015) | 87 |
| 10. | ବାବାସାହେବ ଆମ୍ବେଦକରଙ୍କର ୧୨୫ତମ ଜନ୍ମଦିବସ ଉପଲକ୍ଷେ ସମ୍ବିଧାନ ପ୍ରତି ପ୍ରତିବଦ୍ଧତା ସଂପର୍କରେ ପ୍ରଧାନମନ୍ତ୍ରୀଙ୍କର ଲୋକସଭାରେ ବିବୃତି (27.11.2015) | 91 |
| 11. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (3.3.2016) | 115 |

| କ୍ରମାଙ୍କ | ବିଷୟ | ପୃଷ୍ଠା |
|---|---|---|
| 12. | ଲୋକସଭାରେ ଜି.ଏସ୍.ଟି ବିଲ ଉପରେ ପ୍ରଧାନମନ୍ତ୍ରୀଙ୍କର ବକ୍ତବ୍ୟ (8.8.2016) | 135 |
| 13. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (7.2.2017) | 149 |
| 14. | ରାଜ୍ୟସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (8.2.2017) | 173 |
| 15. | ଭାରତଛାଡ଼ ଆନ୍ଦୋଳନର ୭୫ତମ ବାର୍ଷିକୀ ଉପଲକ୍ଷେ ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ବିବୃତି (9.8.2017) | 203 |
| 16. | ରାଜ୍ୟସଭାରେ ପ୍ରଧାନମନ୍ତ୍ରୀଙ୍କର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ବିବୃତି (7.2.2018) | 213 |
| 17. | ଲୋକସଭାରେ ରାଷ୍ଟ୍ରପତିଙ୍କର ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀଙ୍କର ବକ୍ତବ୍ୟ (7.2.2018) | 243 |
| 18. | ବିଦାୟୀ ସଭ୍ୟମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କର ରାଜ୍ୟସଭାରେ ଭାଷଣ (28.3.2018) | 277 |
| 19. | ଲୋକସଭାରେ ଅବିଶ୍ୱାସ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କର ବକ୍ତବ୍ୟ (20.7.2018) | 281 |
| 20. | ରାଜ୍ୟସଭାର ଉପସଭାପତିଙ୍କ ସମ୍ବର୍ଦ୍ଧନା ବକ୍ତବ୍ୟ (9.8.2018) | 309 |
| 21. | ଲୋକସଭାରେ ରାଷ୍ଟ୍ରପତିଙ୍କର ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀଙ୍କର ବକ୍ତବ୍ୟ (7.2.2019) | 315 |
| 22. | କେନ୍ଦ୍ରୀୟ କକ୍ଷରେ ଅଟଳବିହାରୀ ବାଜପେୟୀଙ୍କର ଛାୟାଚିତ୍ର ଉନ୍ମୋଚନ ଉତ୍ସବରେ ବକ୍ତବ୍ୟ (12.2.2019) | 347 |
| 23. | ପ୍ରଧାନମନ୍ତ୍ରୀଙ୍କର ଷୋହଳ ଲୋକସଭାର ଅନ୍ତିମ ଅଧିବେଶନରେ ବକ୍ତବ୍ୟ (13.2.2019) | 351 |

| କ୍ରମାଙ୍କ | ବିଷୟ | ପୃଷ୍ଠା |
|---|---|---|
| 24. | ଲୋକସଭାର ଅଧ୍ୟକ୍ଷ ଓମ୍ ବିରଲାଙ୍କର ସମ୍ବର୍ଦ୍ଧନା ବକ୍ତବ୍ୟ (19.6.2019) | 359 |
| 25. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (25.6.2019) | 365 |
| 26. | ରାଜ୍ୟସଭାର ୨୫୦ତମ ଅଧିବେଶନରେ ବିବୃତି (18.11.2019) | 385 |
| 27. | କେନ୍ଦ୍ରୀୟ କକ୍ଷରେ ସପ୍ତଦଶ ସମ୍ବିଧାନ ଦିବସ ଉପଲକ୍ଷେ ମିଳିତ ଅଧିବେଶନରେ ବିବୃତି (26.11.2019) | 393 |
| 28. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ଶ୍ରୀ ରାମଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଗଠନ ବିଷୟରେ ବିବୃତି (5.2.2020) | 401 |
| 29. | ରାଜ୍ୟସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (6.2.2020) | 405 |
| 30. | ଲୋକସଭାରେ ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ (6.2.2020) | 427 |
| 31. | ରାଜ୍ୟସଭାରେ ଉପସଭାପତିଙ୍କର ନିର୍ବାଚନରେ ବିବୃତି (14.9.2020) | 453 |
| 32. | ରାଜ୍ୟସଭାରେ ପ୍ରଧାନମନ୍ତ୍ରୀଙ୍କର ବିବୃତି (8.2.2021) | 461 |
| 33. | ଉଚ୍ଚରିରାଜ୍ୟସଭା ସଦସ୍ୟଙ୍କର ବିଦାୟରେ ବକ୍ତବ୍ୟ (9.2.2021) | 495 |
| 34. | ଲୋକସଭାରେ ରାଷ୍ଟ୍ରପତିଙ୍କର ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କର ବିବୃତି (10.2.2021) | 501 |



67th Mahaparinirvan Diwas of Dr. B. R. Ambedkar



Floral Tribute to Pandit Madan Mohan Malviya and Shri Atal Bihari Vajpayee



Floral Tribute to Netaji Subhash Chandra Bose



IPU President Address in the Central Hall of Parliament

2014



ଶ୍ରୀ ନରେନ୍ଦ୍ର ମୋଦୀଙ୍କର ସଂସଦର କେନ୍ଦ୍ରୀୟ କକ୍ଷ ରେ ପ୍ରଥମ ପ୍ରବେଶ ଏବଂ ଭାବ ବିହ୍ୱଳ ପ୍ରଣିପାତ

# "ସଂସଦ ଗଣତନ୍ତ୍ରର ମନ୍ଦିର ସଦୃଶ"

# ଲୋକସଭାରେ ନବ ନିର୍ବାଚିତ ବାଚସ୍ପତି ଶ୍ରୀମତୀ ସୁମିତ୍ରା ମହାଜନଙ୍କ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କର ସ୍ୱାଗତ ଭାଷଣ

6th June 2014

## ୦୬.୦୬.୨୦୧୪ ଲୋକସଭା

# ଶ୍ରୀମତୀ ସୁମିତ୍ରା ମହାଜନଙ୍କର ଅଧ୍ୟକ୍ଷା ନିର୍ବାଚିତ ହେବା ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କର ସ୍ୱାଗତ ବକ୍ତବ୍ୟ

ପ୍ରଧାନମନ୍ତ୍ରୀ (ଶ୍ରୀ ନରେନ୍ଦ୍ର ମୋଦୀ); ଆଦରଣୀୟା ଅଧ୍ୟକ୍ଷ ମହୋଦୟା । ଏହି ସଭାଗୃହର ମହାନ ପରମ୍ପରା ଅନୁଯାୟୀ ସର୍ବସମ୍ମତି କ୍ରମେ ଅଧ୍ୟକ୍ଷ ମହୋଦୟା ନିର୍ବାଚିତ ହୋଇଥିବାରୁ ମୁଁ ସଭାଗୃହର ସବୁ ରାଜନୈତିକ ଦଳ ଏବଂ ସମସ୍ତ ସଦସ୍ୟଙ୍କୁ ସାଦର ଅଭିନନ୍ଦନ ଜଣାଉଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ଯେ, ବିଶ୍ୱର ସବୁଠାରୁ ବଡ଼ ଲୋକତନ୍ତ୍ରର ଏହି ମନ୍ଦିରର ପୀଠରେ ଜଣେ ମହିଳା ବିରାଜମାନ ହୋଇ ବୈଠକ ଗୁଡ଼ିକୁ ପରିଚାଳିତ କରିବେ ଏବଂ ତାହା ଦେଶର ଲୋକମାନଙ୍କର କ୍ଷୁଦ୍ରତମ ସମସ୍ୟାର ସମାଧାନ ପାଇଁ ମାର୍ଗଦର୍ଶନ ନିମନ୍ତେ ବହୁତ ମୂଲ୍ୟବାନ ସାବ୍ୟସ୍ତ ହେବ ।

ମାନନୀୟ ଅଧ୍ୟକ୍ଷ ମହୋଦୟା, ଏହି ସଭାଗୃହ ନିମନ୍ତେ ଏହା ମଧ୍ୟ ଗର୍ବର ବିଷୟ ଯେ ଆପଣ ଇନ୍ଦୋର ମ୍ୟୁନିସିପାଲ କର୍ପୋରେସନ୍‌ର ଜନୈକ ସଦସ୍ୟ ହେବାଠାରୁ ଆରମ୍ଭ କରି ଅନେକ ଦଶନ୍ଧି ଧରି ନିଜର ସାର୍ବଜନୀକ ଜୀବନରେ ଜନପ୍ରତିନିଧି ରୂପେ କାର୍ଯ୍ୟ ସମ୍ପାଦନ କରି ଏହି ସଭାଗୃହରେ ପହଂଚିଛନ୍ତି ଏବଂ ଆଠଥର ସଦସ୍ୟା ହେବାର ଏଠାରେ ଆପଣଙ୍କର ଅନୁଭୂତି ଏହି ସଭାଗୃହକୁ ସୁଚାରୁରୂପେ ଚଳାଇବା ଲାଗି ଅନେକ ଉପାଦାନ ଯୋଗାଇବ ।

ଏହି ଷୋହଳତମ ଲୋକସଭାରେ ଆମମାନଙ୍କୁ ଏପରି ଏକ ଅବସର ମିଳିଛି ଯାହା ପ୍ରାୟତଃ ପ୍ରଥମଥର ପାଇଁ ଲୋକସଭା ଗଠନବେଳେ ପ୍ରାପ୍ତ ହୋଇଥିଲା ଯେତେବେଳେ ସମସ୍ତ ସଦସ୍ୟ ପ୍ରଥମଥର ଲାଗି ନିର୍ବାଚିତ ହୋଇ ଆସିଥିଲେ । ସେବେଠାରୁ ଅନେକ ବର୍ଷର ବ୍ୟବଧାନ ପରେ, ଏପରି ଏକ ସଭାଗୃହର ଗଠନ ହୋଇଛି ଯେଉଁଥିରେ ପ୍ରାୟ ୩୧୫ ଜଣ ସଦସ୍ୟ ପ୍ରଥମଥର ନିର୍ବାଚିତ ହୋଇ ଆସିଛନ୍ତି । ଏହାର ତାତ୍ପର୍ଯ୍ୟ ହେଉଛି ଅନେକ ପୁରୁଣା

ପରମ୍ପରାକୁ ତ୍ୟାଗ କରି, ଖୁବଭଲ ନୂଆ ପରମ୍ପରାର ଆରମ୍ଭ ହୋଇଛି ଏବଂ ସମଗ୍ର ବିଶ୍ୱ ଯେଉଁ ଗଣତନ୍ତ୍ରକୁ ଆଶାପୂର୍ଣ୍ଣ ନଜରରେ ଦେଖୁଛି, ସେପରି ଏକ ନୂଆସ୍ୱରୂପ ବିଶ୍ୱ ସମ୍ମୁଖରେ ପେଶ କରିବାର ଅବସର ଏହି ସଭାଗୃହକୁ ପ୍ରାପ୍ତ ହୋଇଛି । ପୁରୁଣା ମହାନ ପରମ୍ପରାକୁ ପାଥେୟ କରି ଏହି ଯେଉଁ ନୂତନ ଶୁଭାରମ୍ଭ ହୋଇଛି, ଯେଉଁ ନୂଆ ଶକ୍ତି ଆସିଛି, ତାହା ବିଶ୍ୱ ସାମ୍ନାରେ ଏକ ସଶକ୍ତ ଲୋକତନ୍ତ୍ର ପ୍ରସ୍ତୁତ କରିବାର ଅବସର ଆଣିଦେଇଛି । ନୂଆ ସଦସ୍ୟଙ୍କର ଉତ୍ସାହ ଏବଂ ଉଦ୍ଦୀପନା ଯୋଗୁଁ ଲୋକତନ୍ତ୍ରର ଏହି ମନ୍ଦିର ରାଷ୍ଟ୍ରର ବିକାଶ ନିମନ୍ତେ ଶକ୍ତିର ଏକ ମନ୍ଦିର ମଧ୍ୟ ହୋଇପାରିବ । ଆପଣଙ୍କ ଅଧ୍ୟକ୍ଷତାରେ, ଆପଣଙ୍କର ମାର୍ଗଦର୍ଶନରେ ଏହି ଲୋକସଭା ଗୃହ ନିଶ୍ଚିତରୂପେ ଦେଶର ଆଶା ଏବଂ ଆକାଂକ୍ଷା ଗୁଡ଼ିକର ପୂରଣ ନିମନ୍ତେ ସଫଳ ହେବ । ଆପଣଙ୍କ ନାମର ଗୁଣ ଏପରି ଯାହାର ଶ୍ରବଣମାତ୍ରେ ସମସ୍ତଙ୍କୁ ସାଥିଟିଏ ପାଇବାର ଅନୁଭୂତି ଦେବ, ଏହା ସମସ୍ତଙ୍କୁ ସୁହୃଦ ହେବାର ଅନୁଭୂତି ଦେବ ।

ଶାସ୍ତ୍ରରେ କୁହାଯାଇଛି – "ମହାଜନୋଯେନ ଗତଃ ସ ପନ୍ଥାଃ'' । ଅର୍ଥାତ୍ ମହତଜନମାନେ ଚାଲୁଥିବା ପନ୍ଥା ହିଁ ସଠିକ୍ ରାସ୍ତା ଅଟେ ଏବଂ ଏଠାରେ ଜଣେ ମହତ୍ ଜନ ସ୍ୱୟଂ ବିରାଜମାନ ହୋଇଛନ୍ତି । ଏହି ସଭାଗୃହ ନିମନ୍ତେ ତାଙ୍କ ଦ୍ୱାରା ପ୍ରଦର୍ଶିତ ସେହି ମହତ୍ ରାସ୍ତାରେ ଚାଲିବା ଠିକ୍ ହେବ । ମୁଁ ଆପଣଙ୍କୁ ଅନେକ ଶୁଭକାମନା ଜଣାଉଛି ଏ ପ୍ରତିଶ୍ରୁତି ଦେଉଛି ଆପଣଙ୍କର ଆଶା ଓ ଆକାଂକ୍ଷାର ତାଳେ ତାଳେ ଏହି ଲୋକସଭା ଆପଣଙ୍କ କାର୍ଯ୍ୟରେ ସହଯୋଗ କରି ଦେଶର ଲୋକମାନଙ୍କ ନ୍ୟୂନତମ ସମସ୍ୟାର ସମାଧାନ ନିମନ୍ତେ ସମସ୍ତ ଚେଷ୍ଟା ଜାରି ରଖିବ । ମୁଁ ପୁଣିଥରେ ଆପଣଙ୍କୁ ଅନେକ ଅନେକ ଶୁଭକାମନା ଜଣାଉଛି, ସବୁ ଦଳ ଗୁଡ଼ିକୁ ହୃଦୟରୁ ଅଭିନନ୍ଦନ ଜଣାଉଛି କାରଣ ଏ ସମସ୍ତଙ୍କର ସହଯୋଗ ଯୋଗୁଁ ଆଜି ସର୍ବସମ୍ମତି ଯୋଗୁଁ ଆମ୍ଭେମାନେ ସେହି ମହାନ୍ ପରମ୍ପରାକୁ ଦୋହରାଇ ପାରୁଛୁ ।

# ରାଷ୍ଟ୍ରପତିଙ୍କର ଅଭିଭାଷଣ ନିମନ୍ତେ ରାଜ୍ୟସଭା ରେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ଉପଲକ୍ଷେ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଉତ୍ତର

11th June 2014

# ୧୧.୬.୨୦୧୪ ରାଷ୍ଟ୍ରପତିଙ୍କ ଅଭିଭାଷଣ ନିମନ୍ତେ ଧନ୍ୟବାଦ ପ୍ରସ୍ତାବ, ରାଜ୍ୟସଭା

ପ୍ରଧାନମନ୍ତ୍ରୀ (ଶ୍ରୀ ନରେନ୍ଦ୍ର ମୋଦୀ) – ସମ୍ମାନସ୍ପଦ ସଭାପତି ମହୋଦୟ ଏବଂ ସମସ୍ତ ସମ୍ମାନନୀୟ ବରିଷ୍ଠ ସଭ୍ୟଗଣ, ଆଜି ପ୍ରଥମଥର ପାଇଁ ମୁଁ ଏହି ଗୃହରେ ମୋର ବକ୍ତବ୍ୟ ରଖିବାର ସୁଯୋଗ ପାଇଛି । ଏହି ସଦନର ସମସ୍ତ ସଦସ୍ୟ ବରିଷ୍ଠ ଓ ଅନୁଭବୀ । ଭବିଷ୍ୟତରେ ଆପଣମାନଙ୍କଠାରୁ ନିଶ୍ଚିତ ଭାବରେ ମୁଁ ବହୁତ କିଛି ଶିଖିବି । କିନ୍ତୁ ଆଜି ଏହି ପ୍ରାରମ୍ଭିକ ସ୍ତରରେ, ମୁଁ ନିଜକୁ ଅନଭିଜ୍ଞ ମନେ କରୁଛି ତେଣୁ ଯଦି କିଛି ପାସୋରି ଯାଏ ତେବେ ମତେ କ୍ଷମା ଦେବେ ।

୪୨ ଜଣ ସମ୍ମାନସ୍ପଦ ସଦସ୍ୟ ସେମାନଙ୍କର ବିଚାର ବ୍ୟକ୍ତ କରିସାରିଛନ୍ତି । ସମ୍ମାନନୀୟ ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବରେ ନିଜ ନିଜର ମତ ରଖିଥିବା ସଦସ୍ୟମାନେ ହେଲେ– ଶ୍ରୀ ଗୁଲାମନବୀ ଆଜାଦଜୀ, ଶ୍ରୀ ସତୀଶଚନ୍ଦ୍ର ମିଶ୍ରଜୀ, ଶ୍ରୀ ଡେରେକ୍ ଓବ୍ରାଏନ୍‌ଜୀ, ଶ୍ରୀ ଡି.ଶି ତ୍ରିପାଠୀ, ଶ୍ରୀ ରାମଗୋପାଳ ଯାଦବଜୀ, ଶ୍ରୀ ସିତାରାମ ୟେଚୁରୀଜୀ ଏବଂ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟଗଣ । ସମସ୍ତ ଦଳର ନେତାମାନେ ନିଜ ନିଜର ମତ ରଖିଛନ୍ତି ଓ ଅଧିକାଂଶ ସଭ୍ୟ ତାହାର ସମର୍ଥନ କରିଛନ୍ତି । କେତେକ ପରାମର୍ଶ ଓ ଦାବୀ ମଧ୍ୟ ସାମ୍ନାକୁ ଆସିଛି । ଏହି ଆଲୋଚନା ବେଶ୍ ଫଳପ୍ରଦ ହୋଇଛି । ଯିଏ ଯେଉଁଠାରେ ଆସୀନ ହୋଇଥିଲେ ମଧ୍ୟ ସମସ୍ତଙ୍କର ଗ୍ରହଣଯୋଗ୍ୟ ପରାମର୍ଶର ବିଚାର ନିଶ୍ଚୟ କରାଯିବ ।

ରଚନାତ୍ମକ ପରାମର୍ଶ ନିମନ୍ତେ ମୁଁ ସମସ୍ତ ମାନନୀୟ ସଭ୍ୟମାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । କେତେକ ସଦସ୍ୟ ଚିନ୍ତା ଓ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ କେବେ ଓ କିପରି ଏସବୁ କାର୍ଯ୍ୟ ସଂପନ୍ନ ହେବ । ଏକଥା ସତ୍ୟ ଯେ ବିଗତ କେତେ ବର୍ଷ ଧରି ନିରାଶାର ଏକ ବାତାବରଣ ରହିଆସିଛି । ସମସ୍ତେ ଭାବୁଥିଲେ ବର୍ତ୍ତମାନ ଆଉ କିଛି କରାଯାଇପାରିବ ନାହିଁ । ସୁତରାଂ କେତେକ ସ୍ୱାଭାବିକ ପ୍ରଶ୍ନ ଉଠିଛି– କିଏ କରିବ, କେବେ କରିବ, କେମିତି କରିବ ଇତ୍ୟାଦି ଇତ୍ୟାଦି । କିନ୍ତୁ ଆଜି ସେହି ବନ୍ଧୁଗଣ ଅଳ୍ପ କିଛି ଦିନ ଭିତରେ ନିରାଶଭାବକୁ

ପରିତ୍ୟାଗ କରି ଦେଶକୁ ନୂଆ ଆଶା ଓ ଆକାଂକ୍ଷା ସହ ଆଗକୁ ନେଇଯିବାର ବିଶ୍ୱାସ ରଖୁଛନ୍ତି ।

ଅନେକ ବର୍ଷ ପରେ ଦେଶ ଏପରି ଏକ ଜନାଦେଶ ଦେଇଛି ଯାହା ସ୍ଥିରତା । ଏକ ସ୍ଥିର ସରକାର ପ୍ରତି ନିର୍ଦ୍ଦେଶ କରୁଛି । ଭାରତୀୟ ଭୋଟରମାନଙ୍କର ଏହି ନିଷ୍ପତ୍ତି କୌଣସି ସାଧାରଣ ନିଷ୍ପତ୍ତି ନୁହେଁ । ଏତେ ଆଗ୍ରହ ଓ ଉଦ୍ଦୀପନା ସହ ଭାରତୀୟ ସଂସଦୀୟ ବ୍ୟବସ୍ଥାକୁ ସମର୍ଥନ କରିଥିବାରୁ ଆମେ ଦେଶବାସୀଙ୍କୁ ଧନ୍ୟବାଦ ଜ୍ଞାପନ କରୁଛୁ । ସୁତରାଂ ବର୍ତ୍ତମାନ ଆମର ବିଶାଳ ଗଣତନ୍ତ୍ର ପାଇଁ ଆମେ ଗର୍ବିତ ହେବା ଦରକାର ଏବଂ ବିଶ୍ୱସମୁଦାୟ ସମ୍ମୁଖରେ ଆମେ ଆତ୍ମବିଶ୍ୱାସର ସହିତ ଦଣ୍ଡାୟମାନ ହେବା । ଆମ ଦେଶ ଏତେ ବିଶାଳ ଓ ଆମ ଗଣତନ୍ତ୍ର ଏତେ ସୂଦୁରପ୍ରସାରୀ ଯେ ଆମେ ଏହା ପାଇଁ ବେଶ୍ ଗର୍ବିତ । ଆମ ଦେଶର ଭୋଟରମାନଙ୍କର ସଂଖ୍ୟା ଆମେରିକା ଓ ୟୁରୋପ ଦେଶର ଭୋଟରଙ୍କ ସଂଖ୍ୟାଠାରୁ ଅଧିକ। ଆମର ଜଣେ ଭୋଟର ଅଶିକ୍ଷିତ ଓ ଦରିଦ୍ର ଗ୍ରାମବାସୀ ହୋଇପାରେ, ମାତ୍ର ଗଣତନ୍ତ୍ର ହେଉଛି ତା'ର ଅସ୍ଥି ମଜ୍ଜାଗତ ଯାହା କି ଆମ ଦେଶ ପାଇଁ ବହୁତ ଗର୍ବର କଥା । କିନ୍ତୁ ବିଶ୍ୱ ସମ୍ମୁଖରେ ଆମେ ଏହାକୁ ଉପସ୍ଥାପିତ କରିପାରିନାହୁଁ । ଆମ ଦେଶର ଗଣତାନ୍ତ୍ରିକ ଶକ୍ତିକୁ ବିଶ୍ୱ ସମକ୍ଷରେ ରଖିବା ହେଉଛି ଆମର ସାମୁହିକ ଦାୟିତ୍ୱ ।

ମହାମହିମ ରାଷ୍ଟ୍ରପତି ଅନେକ ମହତ୍ତ୍ୱପୂର୍ଣ୍ଣ ବିଷୟର ଅବତାରଣା କରିଛନ୍ତି ଏବଂ ସମସ୍ତ ସମ୍ମାନିତ ସଦସ୍ୟ ତାହାକୁ ନିଜ ନିଜ ଢଙ୍ଗରେ ପର୍ଯ୍ୟବେକ୍ଷଣ କରିଛନ୍ତି । କିନ୍ତୁ ଉଭୟ ବିଜୟ ଓ ପରାଭବ ଆମକୁ କିଛି ଶିକ୍ଷା ଦେଇଥାଏ । ବିଜୟରୁ ଶିକ୍ଷାଲାଭ ନ କରିବା ବ୍ୟକ୍ତି ପରାଜୟର ବୀଜବପନ କରିଥାଏ ଏବଂ ଯେଉଁମାନେ ପରାଜୟରୁ ଶିକ୍ଷାଲାଭ ନ କରନ୍ତି, ସେମାନେ ନିଶ୍ଚିହ୍ନ ହେବାର ମଂଜିରୋପଣ କରିଥାନ୍ତି । ଆମେ ବିଜୟ ଓ ପରାଜୟର ଉପରକୁ ଉଠିବା ଦରକାର । ଏକଦା ମୁଁ ଆଚାର୍ଯ୍ୟ ବିନୋବା ଭାବେଙ୍କର ଦର୍ଶନ ପଢୁଥିଲି ଯେଉଁଥିରେ ସେ "ଯୁବାବସ୍ଥା''ର ବର୍ଣ୍ଣନା କରିଛନ୍ତି । ଏହା ଏକ ସରଳ ଓ ଉତ୍ତମ ବ୍ୟାଖ୍ୟା । ସେ କହିଛନ୍ତି "ଯୁବା'' ହେଉଛି ସିଏ ଯିଏ ଆଗାମୀ କାଲିର କଥା ଭାବେ ଓ ଭବିଷ୍ୟତର

କଥା କହେ । କିନ୍ତୁ ଯିଏ କେବଳ ଅତୀତର କଥା କୁହେ, ସିଏ କଦାପି ଯୁବକ ହୋଇ ନପାରେ ।

ସର୍ବଦା ଅତୀତରେ ବିଚରଣ କରୁଥିବା ଏହି ବ୍ୟକ୍ତିମାନଙ୍କୁ ଆମେ ସମସ୍ତେ ଦେଖିଛୁ । ଆମେ ଟ୍ରେନ୍ ବା ବସ୍‌ରେ ଯାତ୍ରା କରିବା ସମୟରେ ବେଳେବେଳେ ବୟସ୍କ ବ୍ୟକ୍ତିମାନଙ୍କୁ ଭେଟୁ ଏବଂ ସେମାନଙ୍କ କଥା ଦୀର୍ଘ ସମୟ ଧରି ଆମକୁ ଶୁଣିବାକୁ ପଡ଼େ । ତେଣୁ ବିନୋବାଜୀଙ୍କର ବ୍ୟାଖ୍ୟାଟି ଏକ ଉତ୍ତମ ବ୍ୟାଖ୍ୟା, ଯାହା ଆମକୁ ଅନୁପ୍ରେରିତ କରେ ଭବିଷ୍ୟତ ବିଷୟରେ ଚିନ୍ତା କରିବା ନିମନ୍ତେ ।

ଭାରତର ସଂଘୀୟ ସଂରଚନା ଏହାର ଏକ ଦୃଢ଼ ଅନ୍ତର୍ନିହିତ ଶକ୍ତି ଏବଂ ସଂଘୀୟ ବ୍ୟବସ୍ଥା ସମ୍ବିଧାନର ମୂଳଦୂଆ । ବାବାସାହେବ ଆମ୍ବେଦକର ତଥା ଅନ୍ୟାନ୍ୟ ଦୂରଦୃଷ୍ଟିସଂପନ୍ନ ବ୍ୟକ୍ତିମାନଙ୍କର ଏହା ଏକ ବିରାଟ ଅବଦାନ । ଦିଲ୍ଲୀରେ ଉପସ୍ଥିତ ହୋଇ ଆମେ ଆତ୍ମଚିନ୍ତନ କରିବା ଆବଶ୍ୟକ ଯେ ଆମେ ସଂଘୀୟ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ ଓ କାର୍ଯ୍ୟକ୍ଷମ କରିଛୁ ନା ନାହିଁ ? ଯଦି ଭାରତ ଆଗକୁ ଅଗ୍ରସର ହେବ, ତାହାହେଲେ ତାହାର ରାଜ୍ୟଗୁଡ଼ିକ ମଧ୍ୟ ଅଗ୍ରଗାମୀ ହେବା ଦରକାର, ଯଦି ଦେଶକୁ ଉନ୍ନତ କରିବାକୁ ହେବ, ରାଜ୍ୟଗୁଡ଼ିକର ମଧ୍ୟ ଉନ୍ନତି ହେବା ଦରକାର ଏବଂ ଯଦି ଦେଶକୁ ଶକ୍ତିଶାଳୀ କରିବାକୁ ହେବ, ରାଜ୍ୟଗୁଡ଼ିକୁ ମଧ୍ୟ ଶକ୍ତିଶାଳୀ ହେବାକୁ ପଡ଼ିବ ।

ସେଇଥିପାଇଁ, ମୁଁ ଯେତେବେଳେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲି ଆମେ ସେତେବେଳେ ବିକଶିତ ଭାରତ ପାଇଁ ବିକଶିତ ଗୁଜୁରାଟ'ର କଥା କହୁଥିଲୁ । ଏହି ଭାବନା ଅନ୍ୟ ରାଜ୍ୟମାନଙ୍କର ଉତ୍ପନ୍ନ ହୋଇଛି କି ? ରାଜ୍ୟର ମୁଖ୍ୟ ଭାବେ ମୁଁ ଅନେକ କଠିନ ପରିସ୍ଥିତିର ସମ୍ମୁଖୀନ ହୋଇଛି ମୁଁ ଏହିକଥା ମଧ୍ୟ ଅନୁଭବ କରିଛି ଯେ ସୁହାଇଲାଭଳିଆ ସରକାର ଦିଲ୍ଲୀରେ ଥିଲେ କ'ଣ ହୁଏ ଓ ବିପରୀତ ବିଚାରବୋଧକ ସରକାର ଥିଲେ କ'ଣ ହୁଏ । ମୁଁ ଭୁକ୍ତଭୋଗୀ ସେହିସବୁ ଅସୁବିଧାର ଯେତେବେଳେ ଏକ ବିପରୀତ ବିଚାରଧାରାର ସରକାର ଦିଲ୍ଲୀରେ ଥିଲା । ସେତେବେଳେ ମୋ ରାଜ୍ୟ ବିରୋଧରେ ଷଡ଼ଯନ୍ତ୍ର ରଚାଯାଇଥିଲା, ମୋ ରାଜ୍ୟକୁ ଅଣଦେଖା କରାଯାଇଥିଲା ମୋ

ସରକାରକୁ ଝୁଣ୍ଟିବା ପାଇଁ ଛାଡ଼ି ଦିଆଯାଇଥିଲା । ରାଜ୍ୟର ଯୋଜନା ସବୁକୁ ନ୍ୟସ୍ତସ୍ୱାର୍ଥ ସାଧନ ନିମନ୍ତେ ରୋକାଯାଇଥିଲା । କିନ୍ତୁ ଆଜି ଏପରି ବ୍ୟକ୍ତିକୁ ପ୍ରଧାନମନ୍ତ୍ରୀର ଦାୟିତ୍ୱ ଦିଆଯାଇଛି ଯିଏ ରାଜ୍ୟମାନଙ୍କର ସମସ୍ୟା ସମ୍ବନ୍ଧରେ ବହୁତ ଭଲ ଭାବରେ ଜାଣିଅଛି । ସେଥିପାଇଁ ମୁଁ ଏ ଗୃହକୁ ଆଶ୍ୱସ୍ତ କରିବି ଯେ ଆମେ ମିଳିମିଶି କାର୍ଯ୍ୟ କରିଯିବା ।

ସମ୍ମାନନୀୟ ସଭାପତି ମହୋଦୟ, ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଆମେ "Cooperative federalism" ବିଷୟରେ ଶୁଣିଛେ । ଏବେ ବଡ଼ ଭାଇ, ସାନ ଭାଇ ମାନସିକତାକୁ ପରିତ୍ୟାଗ କରିବାକୁ ପଡ଼ିବ । ଆମକୁ ସମସ୍ତ ରାଜ୍ୟକୁ ସମାନ ଭାବେ ଦେଖିବାକୁ ପଡ଼ିବ । ଏପରି ଏକ ସଂସ୍କୃତି ସୃଷ୍ଟି କରିବାକୁ ହେବ ଯେଉଁଠାରେ ରାଜ୍ୟମାନେ ଅନୁଭବ କରିବେ ଯେ ସେମାନେ ଭାରତର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି । ସେହିପରି ଭାରତ ସରକାରଙ୍କ ନିମନ୍ତେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ମଧ୍ୟ ଉପଲବ୍ଧି କରିବା ଦରକାର ଯେ ସବୁଠାରୁ କ୍ଷୁଦ୍ରରାଜ୍ୟର ବିକାଶ ବିନା ଭାରତର ବିକାଶ ସମ୍ଭବ ନୁହେଁ । ଦେଶର କାର୍ଯ୍ୟକଳାପକୁ ଏଇ ମନୋବୃତ୍ତି ନେଇ ସଂପନ୍ନ କରିବାକୁ ହେବ । ସଭାପତି ମହୋଦୟ, ମୁଁ ବହୁତ ଆତ୍ମବିଶ୍ୱାସର ସହିତ କହିବି ଯେ ଯଦି ଆମେ ରାଜ୍ୟମାନଙ୍କୁ ବିଶ୍ୱାସକୁ ନେବା, ଅନେକ କାର୍ଯ୍ୟ ନିର୍ବିଘ୍ନରେ ଦ୍ରୁତ ଗତିରେ ସମାପନ ହୋଇପାରିବ । ରାଷ୍ଟ୍ରପତିଙ୍କ ଅଭିଭାଷଣରେ ବ୍ୟକ୍ତ ହୋଇଛି -ଆମ ଦେଶର ସଂଘୀୟ ଢାଂଚା ଅଛି, ସୁତରାଂ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସମୂହ ଏକତ୍ରିତ ଭାବେ କାର୍ଯ୍ୟ କରିବା ଉଚିତ- ଟିମ୍ ଇଣ୍ଡିଆ ଭାବରେ । କେବଳ କ୍ୟାବିନେଟ୍ ଓ ପ୍ରଧାନମନ୍ତ୍ରୀ "ଟିମ୍ ଇଣ୍ଡିଆ'' ହେବାକୁ ଯଥେଷ୍ଟ ନୁହନ୍ତି । ପ୍ରଧାନମନ୍ତ୍ରୀ ଓ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀ ମାନଙ୍କର ଟିମ୍ ବା ଦଳ ବିକଶିତ ହେବା ଦରକାର ଯଦ୍ୱାରା ଦେଶର ଶକ୍ତିର ବାସ୍ତବିକ ବିନିଯୋଗ ହେବ ଓ ବିକାଶ ହୋଇପାରିବ । ମୁଁ ମୈତ୍ରେୟନ୍‌ଙ୍କ ବକ୍ତବ୍ୟ ଶୁଣିଲି । ସେ କହିଲେ ଯେ ତାଙ୍କର ମୁଖ୍ୟମନ୍ତ୍ରୀ ୪୦ଟି ଚିଠି ଲେଖିଲେ, କିନ୍ତୁ ଉତ୍ତର ପାଇଲେ ନାହିଁ । ସୁତରାଂ ଏ ପରିସ୍ଥିତିରେ ପରିବର୍ତ୍ତନ ଆଣିବା ଜରୁରୀ । ତାହାହେଲେ ହିଁ ଆମେ ନୂତନ ଦିଗରେ ଅଗ୍ରସର ହୋଇପାରିବା ।

ଆମଦେଶର ଗୁଜୁରାଟ ମଡେଲକୁ ନେଇ କେତେକ ଲୋକ ଭାରି ଚିନ୍ତିତ । ତାଙ୍କ ମନରେ ଏହି ଗୁଜୁରାଟ ମଡେଲକୁ ନେଇ ଅନେକ ପ୍ରଶ୍ନବାଚୀ । ମୁଁ ସେମାନଙ୍କର ସମସ୍ୟା ବୁଝିପାରୁଛି। ସାଧାରଣ ଭାଷାରେ କହିବାକୁ ହେଲେ- ଧରି ନିଆଯାଉ ମାୟାବତୀଙ୍କର ସରକାର ଉତ୍ତରପ୍ରଦେଶରେ କିଛି ଭଲ କାମ କରିଛି, ତାହାହେଲେ ତାହାକୁ ପ୍ରଂଶସା କରିବା, ଗ୍ରହଣ କରିବା ଓ ଅନ୍ୟ ରାଜ୍ୟରେ ପ୍ରୟୋଗ କରିବା- ତାହା ହିଁ ଗୁଜୁରାଟ ମଡେଲ। କେରଳରେ ବାମପନ୍ଥୀ ସରକାର ଥିଲା, କିନ୍ତୁ ସେମାନେ ଏକ ଭଲ ଯୋଜନା ଚଳଉଥିଲେ ଯାହାର ନାମ ଥିଲା କୁଡୁମ୍ବଶ୍ରୀ (Kudumbashree) ଆମେ ତାଙ୍କଠାରୁ ଶିଖିଲୁ ଏବଂ ନିଜ ରାଜ୍ୟରେ ସାମାନ୍ୟ ପରିବର୍ତ୍ତନ କରି ଏହାକୁ ପ୍ରୟୋଗ କଲୁ । କଥା ହେଲା ଆମେ ଯେତେବେଳେ ରାଜ୍ୟମାନଙ୍କ ବିଷୟରେ ଆଲୋଚନା କରୁଛୁ, ବିଭିନ୍ନ ମଡେଲ ବିଷୟରେ ମଧ୍ୟ ଆଲୋଚନା ହୋଇଥାଏ 'ବିକାଶ'କୁ ନେଇ । ଏହା ଏକ ଭଲ ବାତାବରଣ ସୃଷ୍ଟି କରେ ଯେଉଁଥିରେ ରାଜ୍ୟମାନେ ପରସ୍ପର ସହ ବିକାଶଶୀଳ ହେବା ପାଇଁ ପ୍ରତିଯୋଗିତାରେ ଲାଗିଯା'ନ୍ତି । ଆମେ ବୁଝିବା ଦରକାର ଯେ ପ୍ରତିଟି ରାଜ୍ୟରେ କିଛି ନା କିଛି ଶକ୍ତି ଓ ସାମର୍ଥ୍ୟ ବିଶେଷତା ରହିଛି ଆଉ କିଛିଟା ଦୁର୍ବଳତା ମଧ୍ୟ । ଗୁଜୁରାଟ ଗୋଟିଏ ଛୋଟ ଅତିବଡ଼ ରାଜ୍ୟନୁହେଁ । ତଥାପି ମଧ୍ୟ ତାହାର ସବୁ ଜିଲ୍ଲା ପରସ୍ପରଠାରୁ ଭିନ୍ନ । ଯେମିତି ଗୋଟିଏ ପ୍ରକାରର କୁର୍ତ୍ତା ସବୁ ମଣିଷ ପିନ୍ଧିପାରିବେ ନାହିଁ, ସେମିତି ଗୋଟିଏ ପ୍ରକାରର ପ୍ରଶାସନିକ ବ୍ୟବସ୍ଥା ସବୁ ଜିଲ୍ଲା ପାଇଁ ପ୍ରଯୋଜ୍ୟ ହୋଇପାରିବ ନାହିଁ । କଚ୍ଛ ଜିଲ୍ଲା ମରୁଭୂମି ଓ ବଲ୍‌ସାଡ୍ ଜିଲ୍ଲା ସବୁଜ। ଉଭୟଙ୍କ ପାଇଁ ଗୋଟିଏ ଯୋଜନା ହୋଇପାରିବ ନାହିଁ । ସେହିପରି ଗୋଟିଏ ମଡେଲ ସବୁ ରାଜ୍ୟ ପାଇଁ ଉପଯୁକ୍ତ ହୋଇପାରିବ ନାହିଁ ଅଥବା ଦିଲ୍ଲୀର ଦୃଷ୍ଟିକୋଣ ରାଜ୍ୟମାନଙ୍କ ଉପରେ ଲଦି ଦିଆ ଯାଇପାରିବ ନାହିଁ । ଆମକୁ ରାଜ୍ୟମାନଙ୍କର ସମସ୍ୟା କଥା, ତାଙ୍କର ପ୍ରାଥମିକତା କେଉଁଠି ବୁଝିବାକୁ ପଡ଼ିବ ଏବଂ ତଦନୁସାରେ ସଂଶାଧନର ସଦୁପଯୋଗ କରାଯିବ । ତାହାହେଲେ ସେମାନେ ଦ୍ରୁତଗତିରେ ଅଗ୍ରସର ହେବେ ।

ସୁତରାଂ ଆମେ ଯଦି ବିକଶିତ ରାଜ୍ୟ ଓ ରାଷ୍ଟ୍ର ହେବାକୁ ଚାହୁଁଛେ, ଉଭୟ ରାଜ୍ୟ ଓ ଦେଶର ମିଳିତ ଦାୟିତ୍ୱ ରହିଛି । ଆମେ ଯେତେବେଳେ ଭାରତମାତାର ମାନଚିତ୍ର ଦେଖୁଛୁ

ପଶ୍ଚିମ ତଟରେ ଥିବା ରାଜ୍ୟଗୁଡ଼ିକରେ ଯେପରିକି କେରଳ, କର୍ଣ୍ଣାଟକ, ଗୋଆ, ଗୁଜୁରାଟ, ମହାରାଷ୍ଟ୍ର, ରାଜସ୍ଥାନ, ହରିୟାନା, ଦିଲ୍ଲୀ ଓ ପଞ୍ଜାବ ଇତ୍ୟାଦିରେ ବିକାଶମୂଳକ କାର୍ଯ୍ୟକ୍ରମ ଚାଲିଛି । ମାତ୍ର ପୂର୍ବପଟର ରାଜ୍ୟଗୁଡ଼ିକର ଯେପରିକି ଓଡ଼ିଶା, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶର ପୂର୍ବାଂଚଳର ଅବସ୍ଥା କ'ଣ ? ଆମେ କ'ଣ ଚାହିଁବା ଯେ ଭାରତମାତାର ଗୋଟିଏ ବାହୁ ଶକ୍ତିଶାଳୀ ଓ ଅନ୍ୟଟି ଦୁର୍ବଳ ରହୁ ? ସୁତରାଂ ଆମର ପ୍ରାଥମିକତା ହେବା ଦରକାର ଯେ କିପରି ପୂର୍ବପଟର ରାଜ୍ୟଗୁଡ଼ିକୁ ପଶ୍ଚିମପଟର ରାଜ୍ୟଗୁଡ଼ିକ ସହ ସମକକ୍ଷ କରାଇବା ।

ଆମେ ଯେତେବେଳେ କହୁଛୁ "ସବ୍ କା ସାଥ୍, ସବ୍ କି ବିକାଶ''- ତାର ଅର୍ଥ ହେଉଛି ବିକାଶ ସମସ୍ତଙ୍କୁ ସାମିଲ କରୁ, ସବୁ ବର୍ଗର ଲୋକଙ୍କୁ ସ୍ପର୍ଶ କରୁ, ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହେଉ ଓ ସଭିଙ୍କର ମଙ୍ଗଳ କରୁ, ତେଣୁ କୌଣସି ଗୋଟିଏ କୋଣରେ ବିକାଶ ହେଲେ ତାହା ଯଥେଷ୍ଟ ନୁହେଁ, ବିକାଶର ବାସ୍ତବ ଅର୍ଥ ହେଲା ଭବିଷ୍ୟତର ଯାତ୍ରାରେ ସମସ୍ତେ ସାମିଲ ହେବା । ସେଇଥିପାଇଁ ଆମେ ସମସ୍ତେ ଦେଶର ପୂର୍ବପଟର ରାଜ୍ୟମାନଙ୍କ ନିମନ୍ତେ ଚିନ୍ତାଶୀଳ ହେବା ଦରକାର ।

ଉତ୍ତରପୂର୍ବ ରାଜ୍ୟଗୁଡ଼ିକୁ କେବଳ ଆର୍ଥିକ ସହାୟତା ଦେଇ ଭାଗ୍ୟ ଉପରେ ଛାଡ଼ିଦେଲେ ହେବନାହିଁ । କେତେ ଦିନ ଏପରି ଚାଲିବ ? ଆମେ କ'ଣ ନିଜ ମନୋଭାବରେ ନୂତନତ୍ୱ ଆଣିପାରିବା ନାହିଁ ? ଆମ ଦେଶରେ ୩୦,୦୦୦ କଲେଜ ଅଛି । ପ୍ରତିବର୍ଷ ଛାତ୍ରମାନେ ପ୍ରାୟତଃ ଆଠ ଦଶ ଦିନ ଭ୍ରମଣରେ ଯାଆନ୍ତି । ଆମେ କ'ଣ ଛାତ୍ରମାନଙ୍କୁ ଉତ୍ତରପୂର୍ବ ରାଜ୍ୟକୁ ଭ୍ରମଣ କରିବାକୁ କହିପାରନ୍ତେନି । ଅତ୍ୟନ୍ତ ୧୦ ଦିନ ପାଇଁ ପ୍ରତିବର୍ଷ ? ଚିନ୍ତା କରି ଦେଖନ୍ତୁ ଯଦି ପ୍ରତିବର୍ଷ ଅନ୍ତତଃ ୧୦୦ଜଣ ଛାତ୍ର ଏଇ ୩୦ ହଜାର କଲେଜରୁ ଉତ୍ତରପୂର୍ବ ରାଜ୍ୟକୁ ପ୍ରମୋଦ ଭ୍ରମଣରେ ଯାଆନ୍ତି ସେଠାରେ ଟୁରିଜିମ୍ (tourism) ସେକ୍ଟରର କେତେ ଲାଭ ନ ହେବ ? ଏହା ଇକୋଟୁରିଜିମ୍‌କୁ ମଧ୍ୟ ପ୍ରୋତ୍ସାହନ ଦେବ ।

ଭାରତର ସବୁ ଯାଗାର ଲୋକେ ଉତ୍ତରପୂର୍ବ ରାଜ୍ୟମାନଙ୍କର ସମସ୍ୟା, ସେମାନଙ୍କର ଦୁଃଖ ଓ ଖୁସି ବିଷୟରେ ଜାଣିବେ । ନିବିଡ଼ତା ବଢିବ । ଉତ୍ତରପୂର୍ବ ରାଜ୍ୟର ଲୋକେ ଜାଣିବେ ଯେ ଭାରତର ସବୁ ଯାଗାରେ ଲୋକେ ସେମାନଙ୍କୁ କେତେ ପସନ୍ଦ କରନ୍ତି ଓ ତାଙ୍କର ଯାଗାକୁ କେତେ ଭଲ ପାଆନ୍ତି । ଏହା କ'ଣ ସଂପର୍କର ସେତୁ ହୋଇପାରିବ ନାହିଁ ?

ଦେଶର ପରିଚାଳନା ନିମନ୍ତେ ଆମକୁ ନୂତନ ପଥର ସନ୍ଧାନ କରିବାକୁ ହେବ ଏବଂ ଏହା ଯୋଜନା ଦ୍ୱାରା ସମ୍ଭବ । ମୁଁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏକଦା ସମସ୍ତ ଉତ୍ତରପୂର୍ବ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନଙ୍କୁ ଚିଠି ଲେଖିଥିଲି । ସେତେବେଳେ ଶ୍ରୀ ମନମୋହନ ସିଂହଜୀ ପ୍ରଧାନମନ୍ତ୍ରୀ ଥିଲେ ସେ, NDC ର ମିଟିଙ୍ଗ୍ ଡକାଇଥିଲେ । ସେ ସମୟରେ ମଧ୍ୟ ମୁଁ ସର୍ବସମକ୍ଷରେ ଘୋଷଣା କରିଥିଲି ଏବଂ କହିଥିଲି ଦୁଇଶହ ମହିଳା ପୋଲିସ କର୍ମଚାରୀଙ୍କୁ ଗୁଜୁରାଟକୁ ଦୁଇବର୍ଷ ପାଇଁ ବଦଳି କରାଯାଉ ଏବଂ ରୋଟେସନ ଜରିଆରେ ସେମାନଙ୍କୁ ବଦଳା ଯାଉ । ଏତଦ୍ୱାରା ସେମାନେ ମୋ ରାଜ୍ୟରେ କାମ କରିବେ ଓ ବିଭିନ୍ନ ପରିବାର ସଂପର୍କରେ ଆସିବେ, ତାହା ଫଳରେ ଏକ ଆନ୍ତରୀକ ସମ୍ବନ୍ଧ ସୃଷ୍ଟି ହୋଇ ଆତ୍ମୀୟ ଭାବ ଆସିବ । ଏହା ଲୋକମାନଙ୍କୁ ଯୋଡ଼ିବାରେ ଏକ ଭଲ ମାଧ୍ୟମ ହୋଇପାରିବ । ଆମେ ଯେତେବେଳେ ଏକ ଭାରତ ବୋଲି କହୁ, ତାର ଅର୍ଥ ହେଲା ସମଗ୍ର ଭାରତର ଏକତା ।

ଆଜି ଆମ ଦେଶ ଜାତିପ୍ରଥାର କୁପରିଣାମ ଭୋଗୁଛି । ଆଂଚଳିକତାବାଦର ସ୍ୱର ଦେଶର ଏକତାକୁ ପ୍ରହାର କରୁଛି । ସମୟ ଆସିଛି ଆମକୁ ବିଚ୍ଛିନ୍ନତାବାଦୀ ଭାଷାକୁ ଭୁଲି ଗୋଟିଏ ସ୍ୱରରେ କହିବାକୁ ପଡ଼ିବ । ସେଥିନିମନ୍ତେ ଆମେ ଆଜି ସ୍ଲୋଗାନ୍ ଦେଇଛୁ-'ଏକ ଭାରତ, ଶ୍ରେଷ୍ଠ ଭାରତ'। ଆମ ଭାରତରେ ଯଦି କେହି ଦୁଇଟି ଭାରତର କଳ୍ପନା କରେ ସେ ମାନସିକ ବିକାର ଗ୍ରସ୍ତ । ଆମର ଆଜିର ମତ ହେଲା 'ଏକତା' । ଚାଲନ୍ତୁ ଆମେ ସଭିଏଁ ଭାଷା, ଜାତି, ଗୋଷ୍ଠୀର ସଂକୀର୍ଣ୍ଣତାରୁ ଉପରକୁ ଉଠି 'ଏକ ରାଷ୍ଟ୍ର'ର ସ୍ୱପ୍ନକୁ ସାକାର କରିବା।

'ବିଭିନ୍ନତାରେ ଏକତା'ର ଦେଶ ହେଉଛି ଭାରତ । ଆମ ଦେଶ ଏକ ସମରୂପୀ ଦେଶ ନୁହେଁ ନା ହେବା ଅନୁଚିତ । ଆମର ଖାଦ୍ୟ ଖାଇବାର ପ୍ରଣାଳୀ ପ୍ରତି କୋଡ଼ିଏ କିଲୋମିଟରରେ ବଦଳିଯାଏ। ଆମେ ଦକ୍ଷିଣରେ ଇଡ୍‌ଲିରୁ ଆରମ୍ଭ କରି ଉତ୍ତରରେ ପହଂଚିଲା ବେଳକୁ ପିଜ୍ଜା ଓ ପରାଠାରେ ପହଂଚି ଯାଇଥାଉ। ଆମର ଦେଶ ବିଭିନ୍ନତାରେ ଭରପୁର ଏବଂ ଏଥିରେ ସମରୂପତା ଆଣିବାର ଆବଶ୍ୟକତା ନାହିଁ । ଆମର ଲକ୍ଷ୍ୟ ହେବା ଉଚିତ୍ 'ଏକ ଭାରତ, ଶ୍ରେଷ୍ଠ ଭାରତ' । ଆମେ କିପରି ଭାବେ ଏକ ନୂତନ ଦୃଷ୍ଟିଭଙ୍ଗୀ ଦ୍ୱାରା ସମସ୍ତଙ୍କୁ ଅନୁପ୍ରେରିତ କରିପାରିବା ? ରାଜ୍ୟମାନଙ୍କର ନିଜର ସ୍ୱାତନ୍ତ୍ର୍ୟ ଓ ନିଜର ବିଶେଷତା ଅଛି । ଭିନ୍ନ ଭିନ୍ନ ସମସ୍ୟା ମଧ୍ୟ ଅଛି । ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଆମେ କାହିଁକି ଏକ ନୂତନ ସଂସ୍କୃତିର ସର୍ଜନା ନ କରିବା ? ହିମାଳୟସ୍ଥିତ ରାଜ୍ୟମାନଙ୍କର ଉନ୍ନତି ତରାଇ ଅଂଚଳ ରାଜ୍ୟମାନଙ୍କର ଉନ୍ନତିର ମଡେଲ ଦ୍ୱାରା ସମ୍ଭବ ନୁହେଁ । ଷାଠିଏ କିଲୋମିଟର ବେଗରେ ଯାନବାହାନ ଚଳନା ତରାଇ ଅଂଚଳରେ ସମ୍ଭବ ମାତ୍ର ହିମାଳୟ ଅଂଚଳରେ ନୁହେଁ । ହିମାଳୟ ଅଂଚଳରେ ଯାନବାହାନ ନିମନ୍ତେ କିଛି କିଲୋମିଟର ଯାତ୍ରା ନିମନ୍ତେ ବେଶ୍ କିଛି ପରିମାଣରେ ଡିଜେଲର ଆବଶ୍ୟକତା ରହିଛି । ଆମକୁ ସେଥିପାଇଁ ଟେଲର-ମେଡ୍ ବା ପୂର୍ବରୁ ସ୍ଥିରିକୃତ ସମାଧାନର ରାସ୍ତା ଛାଡ଼ିବାକୁ ହେବ । ସେଥିନିମନ୍ତେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ସ୍ପଷ୍ଟୀକରଣ ଦିଆଯାଇଛି ଯେ ଆମେ ସମସ୍ତେ ଏକାଠି ବସି ଏକ ସର୍ବୋପଯୋଗୀ ବ୍ୟବସ୍ଥାର ବିକାଶ କରିବା ।

ଉପକୂଳବର୍ତ୍ତୀ ରାଜ୍ୟମାନଙ୍କର ବିକାଶର କଥା ମଧ୍ୟ ଅଛି । ଆମେ ବିଶ୍ୱସ୍ତରୀୟ ବାଣିଜ୍ୟିକ ଯୁଗରେ ଅଛୁ । ଅଥଚ ଆମର ସମୁଦ୍ର ତଟଗୁଡ଼ିକ ଆବଶ୍ୟକୀୟ ଗତିରେ ଅଗ୍ରସର ହେଉନାହାନ୍ତି । ଭାରତର ଉପକୂଳବର୍ତ୍ତୀ ଅଂଚଳ ଭାରତର ପ୍ରଗତିର ଦ୍ୱାର ହେବାର ସମ୍ଭାବନା ରଖିଛି ।

ଆମର ଉପକୂଳବର୍ତ୍ତୀ ତଟୀୟ ଅଂଚଳ ଦେଶର ପ୍ରଗତିର ଦ୍ୱାର ହୋଇପାରିବ କିନ୍ତୁ ଆଜି ପର୍ଯ୍ୟନ୍ତ ତାହାକୁ ଉପେକ୍ଷା କରାଯାଇଛି । ଅତି ବେଶିରେ ଆମେ କେବଳ ମତ୍ସ୍ୟଜୀବୀମାନଙ୍କର ବିଷୟରେ ଚିନ୍ତା କରିଛୁ । ଆମେ ସମଗ୍ର ଉପକୂଳବର୍ତ୍ତୀ ଅଂଚଳ

ବିଷୟରେ ଚିନ୍ତା କରିନାହୁଁ, ସେଇଥିପାଇଁ ତଟୀୟ ଅଂଚଳର ବିକାଶ ବିଷୟରେ ପୃଥକ ବ୍ୟବସ୍ଥା ହେବା ଦରକାର ବୋଲି ମହାମହିମ ରାଷ୍ଟ୍ରପତିଙ୍କ ବକ୍ତବ୍ୟରେ ଉଲ୍ଲେଖ ରହିଛି। ଆମେ ଚାହୁଁଛୁ ସମସ୍ତ ତଟୀୟ ରାଜ୍ୟ ଏକାଠି ହୁଅନ୍ତୁ । ସେମାନଙ୍କର ବିଚାର କ'ଣ, ସମସ୍ୟା କ'ଣ, ପରସ୍ପରର ସହିତ ସହଯୋଗ କେମିତି କରିବେ ଓ ନିଜନିଜର ଅଭିଜ୍ଞତା ପରସ୍ପର ସହ କେମିତି ବାଣ୍ଟି ପାରିବେ ସେ ବିଷୟରେ ସେମାନଙ୍କର ସମ୍ୟକ୍ ଧାରଣା ରହିବା ଆବଶ୍ୟକ । ଭାରତର ଏକ ସୁଦୀର୍ଘ ତଟୀୟ ଉପକୂଳ ରହିଛି । ଭୌଗଳିକ ଦୃଷ୍ଟିରୁ ଆମେ ଏପରି ସ୍ଥାନରେ ଅବସ୍ଥିତ, ଯଦ୍ୱାରା ଆମେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ହୋଇପାରିବା, ପୂର୍ବକୁ ପଶ୍ଚିମ ସହ ସଂଯୁକ୍ତ କରିପାରିବା । ମାତ୍ର ଏ ଦିଗରେ ଆମେ ଯେତେ ଅଗ୍ରଗତି କରିବା କଥା, ତାହା କରିନାହୁଁ ।

ଶ୍ରୀଲଙ୍କା ମଧ୍ୟରେ କଲୋମ୍ବୋ ଏକ ଛୋଟ ସ୍ଥାନ ମାତ୍ର ବର୍ତ୍ତମାନ ଏହା ବିଶ୍ୱ ନୌବାଣିଜ୍ୟର କେନ୍ଦ୍ର ହୋଇସାରିଛି । ଅନ୍ୟପକ୍ଷରେ ସିଙ୍ଗାପୁର ମଧ୍ୟ ଅଛି । ପାକିସ୍ଥାନରେ ଚାଇନା ମଧ୍ୟ ଭିତ୍ତିଭୂମି ତିଆରିରେ ଲାଗିଛି । ଏ ସବୁକୁ ଦୃଷ୍ଟିରେ ରଖି ଭାରତ ନିଜର ଉପକୂଳବର୍ତ୍ତୀ ଇଲାକାକୁ ବିଶେଷ ଦୃଷ୍ଟି ଦେବା ଦରକାର । ଆମେ କ'ଣ ସବୁତକ ତଟୀୟ ରାଜ୍ୟକୁ ଏକାଠି ନେଇ ଏକ ବିକାଶ ମଡ଼େଲର ରଚନା କରିପାରିବା ନାହିଁ ?

ଆମର କେତେକ ରାଜ୍ୟ ବିନା ତଟରେ, ଭୂ-ପରିବେଷ୍ଟିତ ହୋଇ ରହିଛି । ସେମାନଙ୍କ ଭିତରେ ମଧ୍ୟ ବିବିଧତାର ସମ୍ଭାର ରହିଛି । ଆମେ ଏହି ବିବିଧତାକୁ ହୃଦୟଙ୍ଗମ କରିବା ଦରକାର । କେତେକ ରାଜ୍ୟ ମାଓବାଦ ଦ୍ୱାରା ପ୍ରଭାବିତ ଓ ମାଓପ୍ରବଣ ଅଂଚଳ ହୋଇ ରହିଛି । ଏହିସବୁ ଅଂଚଳକୁ ଚିହ୍ନଟ କରି କେନ୍ଦ୍ର ଓ ରାଜ୍ୟ ଏକତ୍ରିତ ଭାବେ ସମାଧାନର ପନ୍ଥା ବାହାର କରିପାରନ୍ତେନି ?

ଆମେ କିପରି ଆଗକୁ ବଢ଼ିବା ? କେମିତି ଭାବରେ ଅଗ୍ରସର ହେଲେ ସବୁ ରାଜ୍ୟ ନିଜର ଶକ୍ତି ଓ କ୍ଷମତା ଅନୁସାରେ ଲାଭବାନ୍ ହେବ ? ଯଦି ଆମେ କେବଳ ଦିଲ୍ଲୀରେ ବସି ପଲିଟିକାଲ ମାଇଲେଜ୍ ନେବା ପାଇଁ ଫଳାଫଳ ଚିନ୍ତା ନ କରି ଆଇନ୍ ପାରିତ କରିବା ତାହା ଠିକ୍ ହେବ ନାହିଁ । ରାଜ୍ୟମାନେ ତାହାକୁ କାର୍ଯ୍ୟକାରୀ କେମିତି କରିବେ ଯଦି ତାଙ୍କର

ସଂସାଧନ ଓ ସାମର୍ଥ୍ୟ ନ ଥିବ । ଯୋଜନାଗୁଡ଼ିକ ଫଳପ୍ରଦ ହେବନାହିଁ । ଖବରକାଗଜଗୁଡ଼ିକ ଏ ସଂପର୍କିତ ଖବର ପ୍ରକାଶ କରି ରାଜ୍ୟମାନଙ୍କର କଟୁ ସମାଲୋଚନା କରିବେ । କାହିଁକି ଏପରି ପରିସ୍ଥିତି ଆମେ ସୃଷ୍ଟି କରିବା ? ମୁଁ ଏକ ରାଜ୍ୟରେ କାର୍ଯ୍ୟ କରିଛି ଏବଂ ଏହି ପ୍ରକାରର ଟେନ୍‌ସନ୍ ସହିତ ବେଶ୍ ପରିଚିତ । ଆମକୁ ଗମ୍ଭୀରତାପୂର୍ବକ ଚିନ୍ତା କରି ପରିବର୍ତ୍ତନ ଆଣିବାକୁ ହେବ ।

ଆମ ଦେଶର କୃଷି ବିଭିନ୍ନ ଆଗ୍ରୋ-କ୍ଲାଇମାଟିକ୍ ଜୋନ୍ ମଧ୍ୟରେ ବିଭକ୍ତ । ପ୍ରତିଟି ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଅଂଚଳ ଏକ ନିର୍ଦ୍ଦିଷ୍ଟ ଫସଲ ପାଇଁ ଉପଯୁକ୍ତ । ଏ ସମ୍ବନ୍ଧରେ ମ୍ୟାପିଙ୍ଗ୍ ତ ହୋଇସାରିଛି । ସୁତରାଂ ଗହମ ଚାଷ କରୁଥିବା ରାଜ୍ୟ, ଧାନଚାଷ କରୁଥିବା ରାଜ୍ୟ ତଥା ଆଖୁଚାଷ କରୁଥିବା ରାଜ୍ୟମାନଙ୍କର ସମସ୍ୟା ଭିନ୍ନ ଭିନ୍ନ ପ୍ରକାରର । ସୁତରାଂ ଚର୍ଚ୍ଚା ବି ଭିନ୍ନ ଭିନ୍ନ ହେବା ଆବଶ୍ୟକ । ପ୍ରସଙ୍ଗ-ଭିତ୍ତିକ କାର୍ଯ୍ୟକ୍ରମ ନ କଲେ ଆମେ କେବଳ ଦିଲ୍ଲୀରୁ ଶାସନ ପରିଚାଳନା କରିବୁ, ଅନେକ ଆଇନ୍ କାନୁନ ପାରିତ କରିବୁ ଅଥଚ ବାସ୍ତବରେ କୌଣସି ପରିବର୍ତ୍ତନ ଆସିବ ନାହିଁ । ଆମର ବିଚାର ଓ ଦୃଷ୍ଟିକୋଣ ସର୍ବଦା ସମାଜର ଶେଷ ବର୍ଗର ଲୋକଙ୍କ ମଙ୍ଗଳ ନିମନ୍ତେ ଅଭିପ୍ରେତ ହେବା ଦରକାର । ପ୍ରଶାସନ ସବୁଠାରୁ ଶେଷ ବର୍ଗର ଶେଷ ବ୍ୟକ୍ତି ପାଖରେ ପହଂଚିବା ଦରକାର ।

ଆମେ ସ୍ୱାୟତ୍ତ ଶାସନ ହାସଲ କଲୁ ସତ, ମାତ୍ର ଉତ୍ତମ ପ୍ରଶାସନ ଦେବାରେ ବିଫଳ ହେଲୁ। ମୁଁ ଯେଉଁଦିନ ନେତା ନିର୍ବାଚିତ ହେଲି, ସେଦିନ ମୋର ବକ୍ତବ୍ୟରେ ସ୍ପଷ୍ଟ ଭାବେ କହିଥିଲି ଯେ ମୋ ମତରେ ପୂର୍ବତନ ସରକାରମାନେ କିଛି କରି ନଥିଲେ ଏ କଥା ନୁହେଁ । କୌଣସି ସରକାର କିଛି ନ କରିବାର ମନୋବୃତ୍ତି ନେଇ ଆସିନଥାଏ । ପ୍ରତ୍ୟେକ ସରକାର କିଛି କରିବାକୁ ଚାହେଁ ଏବଂ କିଛି ନା କିଛି କରିଥାଏ ମଧ୍ୟ । ହୁଏତ ଯୋଉ ପରିମାଣରେ ହେବା କଥା ତାହା ହୋଇନାହିଁ, ଯେଉଁ ଦିଗରେ ହେବାକଥା ତାହା ହୋଇନାହିଁ ଏବଂ ଯେତେ ପରିମାଣରେ ଦେଶରେ ଶକ୍ତି ସଂଚାରିତ ହେବା କଥା ତାହା ହୋଇନାହିଁ । ଏହି ସବୁ ପଛୁଆପଣକୁ ଆମକୁ ସୁଧାରିବାକୁ ପଡ଼ିବ । ଅଥଚ ଏହି ଦେଶର ନେତାମାନେ ବିଦେଶକୁ ଯାଇ ଦେଶକୁ ‘ଗରିବ ଦେଶ’ ବୋଲି ବର୍ଣ୍ଣନା କରୁଛନ୍ତି, ଏହି ଦେଶ ଦିନେ ‘ସ୍ୱର୍ଣ୍ଣର ପକ୍ଷୀ’

ବୋଲି ନାମିତ ହେଉଥିଲା । ଏହି ଦେଶ ଦିନେ ବିଶ୍ୱର ସମୃଦ୍ଧ ଦେଶ ଭିତରେ ପରିଗଣିତ ହେଉଥିଲା । ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ଅଗ୍ରଣୀ ଥିଲା । ମାତ୍ର ବିଦେଶୀ ଶାସନର ଅଧିନରେ ରହିବା ପରେ ସବୁକିଛି ଧ୍ୱସ୍ତ ହୋଇଗଲା । ସ୍ୱରାଜ ଉପରେ ଆମେ କେମିତି ଜୋର୍ ଦେବା ? ଉତ୍ତମ ଶାସନ ଉପରେ ଆମେ କେମିତି ଜୋର ଦେବା ? ଏକ ସୁଶାସନ ସାଧାରଣ ନାଗରିକ ପ୍ରତି ଦାୟିତ୍ୱବାନ୍ ହୋଇଥାଏ । ଆଜି ଆମେ କହିପାରିବା କି ଆମର ଶାସନ ସାଧାରଣ ନାଗରିକ ନିକଟରେ ଉତ୍ତରଦାୟୀ ବୋଲି ? ଏହା କଣ ବାସ୍ତବିକ ଗଣତାନ୍ତ୍ରିକ ମୂଲ୍ୟବୋଧ ?

ମହୋଦୟ, ଜଣେ ବ୍ୟକ୍ତି ଯେତେ ବି ସ୍ୱାସ୍ଥ୍ୟବାନ ହୋଇଥାଉ, ତାର ଉଚ୍ଚତା, ଓଜନ ସବୁ କିଛି ମାପଦଣ୍ଡରେ ଉତ୍ତମ ହୋଇଥାଉ, ମାତ୍ର ଯଦି ସେ ଡାଏବେଟିସ୍ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଯାଏ, ତାହାହେଲେ ତାହାର ଶରୀର ସବୁ ରୋଗ ପାଇଁ ଉନ୍ମୁକ୍ତ ହୋଇଯିବ । ଡାଏବେଟିସ୍ ସମଗ୍ର ଶରୀରକୁ ଧ୍ୱଂସ କରିବା ପରି 'କୁଶାସନ' ବା 'ବ୍ୟାଡ୍ ଗଭର୍ଣ୍ଣାନ୍ସ୍' ସମଗ୍ର ଶାସନ ବ୍ୟବସ୍ଥା ତଥା ଦେଶକୁ ଧ୍ୱଂସ କରିଦେବ । ଏହା ଡାଏବେଟିସ୍ ରୋଗଠାରୁ ବି ଭୟଙ୍କର। ମହୋଦୟ, 'ଦୁର୍ନୀତି' ଆମ ଦେଶରେ ଚିନ୍ତାର ଏକ ବଡ଼ କାରଣ । ବିଶ୍ୱରେ ଆମେ ବର୍ତ୍ତମାନ, ଠିକ୍ ହଉ ବା ଭୁଲ ହେଉ, ଏକ ବଦନାମ ପାଇସାରିଛୁ– ତାହା ହେଉଛି 'ସ୍କାମ୍ ଇଣ୍ଡିଆ' । ସାଧାରଣରେ ଭାରତ ଏକ ଦୁର୍ନୀତିଗ୍ରସ୍ତ ଦେଶ ବୋଲି ଧାରଣା ରହିଛି ଏବଂ ଏହି ଦୁର୍ନୀତି ଭାରତର ବିକାଶଯାତ୍ରାକୁ ବ୍ୟାହତ କରିଛି, ଆମର ପର୍ଯ୍ୟଟନ କ୍ଷେତ୍ର ବହୁତ ବଡ଼ କ୍ଷତି ସହିଛି । ଏହାର କାରଣ ହେଲା ଛୋଟ ଛୋଟ ଘଟଣା ଯାହା ଭାରତର ଛବିକୁ ମଳିନ କରିଛି । ବଳାତ୍କାରର କିଛି ଘଟଣା ପର୍ଯ୍ୟଟକଙ୍କୁ ଭାରତ ଆସିବାକୁ ନିରୁତ୍ସାହିତ କରିଛି । ଆମେ ଏସବୁ ଘଟଣାକୁ ରାଜନୈତିକ ରଙ୍ଗ ଦେବା ଅନୁଚିତ । ଆତଙ୍କବାଦକୁ ବା ମାଓବାଦକୁ ବି କଣ ଆମେ ରାଜନୀତିକରଣ ରୂପ କରିବା ? ମା ଓ ଭଉଣୀମାନଙ୍କର ବଳାତ୍କାର ଘଟଣା ହେଉ ବା ନିରୀହ ଜନତାଙ୍କର ହତ୍ୟା ହେଉ, ତାହାର ମଧ୍ୟ କ'ଣ ଆମେ ରାଜନୈତିକ ରୂପଦେବା ? ବରଂ ଆମ ସମସ୍ତଙ୍କୁ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ହେବ, ସମସ୍ୟାର ସମାଧାନ କରିବାକୁ ହେବ ଏବଂ ଦେଶର ଖ୍ୟାତିକୁ ମଳିନ କରୁଥିବା ଶକ୍ତି ମାନଙ୍କୁ ପ୍ରତିହତ କରିବାକୁ ହେବ ।

ସଭାପତି ମହୋଦୟ, ଏହି ସଦନରେ ସମଗ୍ର ଦେଶର ପ୍ରତିଭାବାନ୍ ଗୁଣୀ ବ୍ୟକ୍ତିଙ୍କର ସମାବେଶ ହୁଏ । ଏହା ଜ୍ଞାନୀଜନଙ୍କର ସଭାଗୃହ । ସେମାନେ ଆମର ମାର୍ଗଦର୍ଶକ ହେବେ । ଆମ ସମସ୍ତଙ୍କୁ ଏକତ୍ରିତ ହୋଇ ଦେଶର ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ହେବ ଏବଂ ଦେଶକୁ ବିକାଶପଥରେ ନେବାକୁ ହେବ ।

ମହୋଦୟ, ଭ୍ରଷ୍ଟାଚାରକୁ ନେଇ ଦେଶରେ ସାଧାରଣ ଜନତାଙ୍କ ଭିତରେ କ୍ଷୋଭ ରହିଛି । ଦୁର୍ନୀତିଗ୍ରସ୍ତ ଲୋକେ ତୁରନ୍ତ ଜେଲ ଯାଆନ୍ତୁ ବୋଲି ସେମାନେ ଚାହାନ୍ତି କାରଣ ନ୍ୟାୟିକ ବ୍ୟବସ୍ଥାର ବିଚାର ବିଳମ୍ବସାପେକ୍ଷ ହୋଇପାରେ । ରାଜନୈତିକ ନେତାକୁ ଦଣ୍ଡିତ କରିବାକୁ ସେମାନେ ସମର୍ଥ, ମାତ୍ର ତାହା ଯଥେଷ୍ଟ ନୁହେଁ । ଭ୍ରଷ୍ଟାଚାର ପରେ ଦଣ୍ଡ ଅପେକ୍ଷା ପୂର୍ବରୁ ହିଁ ଭ୍ରଷ୍ଟାଚାର ନ ହେଉ ତାହା ସେମାନେ ଚାହାନ୍ତି । ସେଥିପାଇଁ ମହାମହିମ ରାଷ୍ଟ୍ରପତିଙ୍କର ଅଭିଭାଷଣରେ ଏହି ବିଷୟରେ ଆଲୋଚନା କରାଯାଇଛି ।

ରାଷ୍ଟ୍ରଗୁଡ଼ିକ ଯଦି ନୀତି ଆଧାରରେ ଚାଲିବ, ସେଥିରେ ପାତରଅନ୍ତରର ସୁଯୋଗ ରହିବନାହିଁ । ସମସ୍ତଙ୍କୁ ସମାନ ସୁବିଧା ଓ ସୁଯୋଗ ମିଳିବ । ସଭିଏଁ ସରକାରକୁ ପ୍ରଶ୍ନ କରିପାରିବେ କୌଣସି ବିଚ୍ୟୁତି ହେଲେ କାରଣ ନୀତି ହେବ ସ୍ୱଚ୍ଛ ଓ ପାରଦର୍ଶୀ । ନୀତି ଦ୍ୱାରା ପରିଚାଳିତ ରାଜ୍ୟ ହେଲେ ସେଥିରେ ଦୁର୍ନୀତିର କୌଣସି ସୁଯୋଗ ପ୍ରାୟତଃ ନଥାଏ । ଦ୍ୱିତୀୟରେ ଆସିବ ଟେକ୍‌ନୋଲୋଜି ବା ପ୍ରଯୁକ୍ତିବିଦ୍ୟା । ଦୁର୍ନୀତି ରୋକିବାରେ ଟେକ୍‌ନୋଲୋଜିର ବହୁତ ବଡ଼ ଭୂମିକା ରହିଛି । ଉଦାହରଣ ସ୍ୱରୂପ ପରିବେଶ ବିଭାଗକୁ ନିଆଯାଉ । ସେହି ବିଭାଗରେ ଫାଇଲ୍ ପେଣ୍ଡିଙ୍ଗ୍ ରହିଥାଏ । କୌଣସି କାରଣରୁ ଆବେଦନ କରିଥିବା ବ୍ୟକ୍ତି ଟେକ୍‌ନୋଲୋଜି ଜରିଆରେ ନିଜର ଦରଖାସ୍ତର ମନିଟରିଙ୍ଗ୍ କରିପାରିବେ । କେଉଁଠାରେ ଫାଇଲ ଅଟକି ରହିଛି ଜାଣିପାରିବେ । ପାରଦର୍ଶିତା ଯୋଗୁଁ ଦୁର୍ନୀତିର ପରିସର କମିଯିବ । ସେହିପରି ସିସିଟିଭି କ୍ୟାମେରା ଅନ୍ୟ ଏକ ମାଧ୍ୟମ ଯାହା ଦ୍ୱାରା ଅତି ଦୁଃସାହସୀ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ବି ଭୟଭୀତ ହୋଇଯାଉଛି । ଦୁର୍ନୀତି ରୋକିବା ନିମନ୍ତେ ଇ-ଟେଣ୍ଡରିଂ ପ୍ରକ୍ରିୟା ବର୍ତ୍ତମାନ ଆରମ୍ଭ ହେଇଛି । ବିଦ୍ୟାଳୟମାନଙ୍କରେ ପିଲାମାନଙ୍କର ଉପସ୍ଥିତିକୁ ଯଦି

ବାଓ-ମେଟ୍ରିକ ସହ ଯୋଡ଼ାଯାଏ ତାହାହେଲେ ମଧ୍ୟ ଦୁର୍ନୀତି ବନ୍ଦ ହୋଇଯିବ । ଚାଳିଶ ପିଲା ଥିବା ସ୍କୁଲଟି ଯଦି ଅଶୀ ପିଲା ଦେଖାଇ ଆର୍ଥିକ ସହାୟତା ନେଉଥିବେ ତାହା ଜଣାପଡ଼ିଯିବ ।

ଟ୍ରେନ୍‌ମାନଙ୍କରେ ସିସିଟିଭି କ୍ୟାମେରା ଲାଗିଗଲେ ଲାଞ୍ଚପରି ଅସାଧୁ ଉପାୟ ସବୁ ବନ୍ଦ ହୋଇଯିବ, ଦୁର୍ନୀତି ଦ୍ୱାରା ନୁହେଁ, ନୀତିଦ୍ୱାରା ପ୍ରଚଳିତ ରାଜ୍ୟମାନ ଚଳିବ, ଯେଉଁଠାରେ ଏପ୍ରକାରର ଅନେକ ଟେକ୍‌ନୋଲୋଜିର ବ୍ୟବହାର ହେଉଥିବ ଏବଂ ଦୁର୍ନୀତି ନିମନ୍ତେ କଠୋର ଦଣ୍ଡ ମିଳୁଥିବ, ଏ ସବୁ ଥିଲେ ମୋର ଦୃଢ଼ ବିଶ୍ୱାସ ଯେ ଆମେ ପରିସ୍ଥିତିକୁ ପୁରାପୁରି ବଦଳେଇ ପାରିବା ।

ଆମକୁ ଭଲ ଲାଗୁ ବା ନାହିଁ, ଆମର ଏ ପବିତ୍ର ସଦନର ଗରିମା ଉପରେ ଆଘାତ ଲାଗିଛି । ତନ୍ମଧ୍ୟରୁ ଏକ ହେଲା ଯେ ସଂସଦକୁ ଆସୁଥିବା ସଦସ୍ୟମାନଙ୍କର ଅପରାଧିକ ପୃଷ୍ଠଭୂମି ରହିଛି । ସେମାନଙ୍କର ସଂଖ୍ୟା ହୁଏତ ପାଂଚ୍, ସାତ୍ ବା ଦଶ ହୋଇପାରେ, ମାତ୍ର ଏହିପରି ଭାବମୂର୍ତ୍ତି ଲୋକଙ୍କ ମନରେ ସୃଷ୍ଟି ହୋଇଯାଇଛି, ସୁତରାଂ ଆମର ସାମୂହିକ ଦାୟିତ୍ୱ ହେଲା ଉଭୟ ଗୃହକୁ ଏହି କଳଙ୍କରୁ ମୁକ୍ତ କରିବା । ଆମେ ଉଚ୍ଚତମ ନ୍ୟାୟାଳୟକୁ ଅନୁରୋଧ କରିବା ଯେପରିକି ଆମର କୌଣସି ସଦସ୍ୟଙ୍କ ବିରୁଦ୍ଧରେ ଯଦି FIR ଦାଖଲ ହୋଇଛି, ତାହାର ଫଇସଲା ଗୋଟିଏ ବର୍ଷରେ କରାଯାଉ । ଦୋଷୀ ସାବ୍ୟସ୍ତ ହେଲେ ସେମାନଙ୍କୁ ଜେଲକୁ ପଠାଯାଉ ଏବଂ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ସେମାନେ ଆତ୍ମସମ୍ମାନର ସହ ସମାଜର ସାମନା କରନ୍ତୁ । କେଉଁ କାରଣରୁ ଏତେ ସଂଖ୍ୟାରେ ରାଜନୈତିକ କେଶ୍ ଫାଇଲ୍ କରାଯାଏ, କାହିଁକି ଏତେ ଅଧିକ ସଂଖ୍ୟାରେ ନୀରିହ ଲୋକଙ୍କର ହତ୍ୟା ହୁଏ ? ଆସନ୍ତୁ ସଂକଳ୍ପ କରିବା ଯେ ଅନ୍ତତଃ ୨୦୧୫ ମସିହାରେ କୌଣସି ନିର୍ବାଚିତ ସଦସ୍ୟଙ୍କ ନାମରେ କୌଣସି ଦାଗ ନ ଥିବ- ସେ ରାଜ୍ୟସଭାର ବା ଲୋକସଭାର ସଦସ୍ୟ ହୋଇଥାନ୍ତୁ। ଆମେ ଦେଶ ଓ ଦୁନିଆ ସାମ୍ନାରେ ଏକ ନୂଆ ଅଧ୍ୟାୟର ପ୍ରାରମ୍ଭ କରିପାରିବା। ଲୋକସଭାକୁ ରାଜନୈତିକ ଭାବରେ ଆମେ ସ୍ୱଚ୍ଛ କରିପାରିଲେ, ରାଜନୈତିକ ଦଳମାନେ ଭବିଷ୍ୟତର ସଦସ୍ୟମାନଙ୍କୁ ଟିକଟ ଦେବା ପୂର୍ବରୁ ପଚାଶ ଥର ଭାବିବେ । ଗୋଟିଏ ବର୍ଷ ଏହିପରି କଲେ, ସିଟ୍ ଖାଲି ପଡ଼ିଲେ ମଧ୍ୟ ଅସାଧୁ ଲୋକ

ନିର୍ବାଚିତ ହୋଇ ଏହି ଗୃହକୁ ଆସିବେ ନାହିଁ । ପରବର୍ତ୍ତୀ ସମୟରେ ଏହି ନିୟମ ବିଧାନସଭାରେ ମଧ୍ୟ ଲାଗୁ ହେବ, ଧୀରେ ଧୀରେ କର୍‌ପୋରେସନ୍‌ରେ ମଧ୍ୟ ଏପରି ହେବ । ଯେତେବେଳେ ସର୍ବ ସହମତିର ପରିବେଶ ସୃଷ୍ଟି ହେବ, ସେତେବେଳେ ରାଜନୀତିର ଅପରାଧିକରଣ ବନ୍ଦ ହୋଇଯିବ । ଏହା ହିଁ ଉପଯୁକ୍ତ ରାସ୍ତା । ମହାମହିମ ରାଷ୍ଟ୍ରପତିଙ୍କର ଅଭିଭାଷଣରେ ଏହା ପ୍ରକାଶିତ ହୋଇଛି । ମୋ ମତରେ ଏପରି କେହି ନାହିଁ ଯିଏ ଏଥିରୁ ମୁକ୍ତି ଚାହୁଁ ନଥିବ । ଏପରିକି ଯାହାଙ୍କ ନାମରେ FIR ଦାଖଲ ହୋଇଛି, ସେହି ବ୍ୟକ୍ତି ମଧ୍ୟ ଭାବୁଥିବେ ପନ୍ଦରବର୍ଷ ଧରି ମୁଣ୍ଡ ଉପରେ ଖଣ୍ଡା ଝୁଲୁଛି, ପ୍ରତିଥର ନାମାଙ୍କନ ପତ୍ର ଦାଖଲ ବେଳେ ତାଙ୍କୁ ଏକଥା କହିବାକୁ ପଡୁଥିବ, ତାଙ୍କ ବିରୁଦ୍ଧରେ ସମ୍ବାଦପତ୍ରରେ ଖବର ଛାପୁଥିବେ । ସେ ବି ଚାହୁଁଥିବେ ଏପରି କଳଙ୍କରୁ ମୁକ୍ତି । ନ୍ୟାୟିକ ବ୍ୟବସ୍ଥା ଏହିପରି ଭାବେ ପରିଚାଳିତ ହେବା ଆବଶ୍ୟକ । ମୋର ବିଶ୍ୱାସ, ସମସ୍ତ ସଦସ୍ୟ ଲୋକସଭାରୁ ହୁଅନ୍ତୁ ବା ରାଜ୍ୟସଭାରୁ, ସେମାନେ ସହଯୋଗ କରିବେ ଏହାକୁ ସମ୍ଭବ କରିବାକୁ । ସୁପ୍ରିମକୋର୍ଟର ସହାୟତାରେ ଆମେ ଏପରି ଏକ ବ୍ୟବସ୍ଥାର ସୃଷ୍ଟି କରିପାରିବା ଯେ ଦୋଷୀ ଦଣ୍ଡ ପାଇବେ ଏବଂ ନିର୍ଦ୍ଦୋଷ ସସମ୍ମାନେ ସମାଜର ସାମ୍ନା କରିପାରିବେ ।

ଆମେ ଏହିଠାରୁ ଆରମ୍ଭ କରିବା ଏବଂ ବାକି ସବୁ ତାପରେ ସ୍ୱତଃ ହୋଇଯିବ । କିନ୍ତୁ ମୁଁ ଆପଣଙ୍କର ଭାବନାର ସମ୍ମାନ କରୁଛି । କେହି ଜଣେ ବି ବାଦ୍ ପଡ଼ିବା ଉଚିତ ନୁହେଁ । ଆଇନ ବ୍ୟବସ୍ଥାର ସ୍ଥାନ ହିଁ ସର୍ବୋଚ୍ଚରେ ନିରୀହମାନେ ସୁରକ୍ଷିତ ରହିବେ ଏବଂ ଦୋଷୀ ଦଣ୍ଡିତ ହେବେ । ସେଥିପାଇଁ କଳାଟଙ୍କା ଉପରେ ଆମ ସରକାର SIT ବସାଇଛି , ଆମ ସରକାରର ଏହା ପ୍ରାଥମିକତା । ଆମେ କେହି ଜାଣିନାହୁଁ କାହାପାଖରେ କଳାଧନ ଅଛି । କିନ୍ତୁ ଏହା ଜନତାଙ୍କର ଜାଣିବା ଜରୁରୀ ଯେ କଳାଧନ ବାସ୍ତବରେ ଅଛି ନା ନାହିଁ, ଯଦି ଅଛି କାହା ପାଖରେ ଅଛି, କେଉଁଠୁ ଆସିଛି ଓ କୁଆଡ଼େ ଗଲା । ଦେଶ ଅନ୍ତତଃ ଜାଣିବା ଦରକାର । ତାହାହେଲେ ପରିବେଶ ନିର୍ମଳ ହୋଇଯିବ, ଲୋକେ ଶାନ୍ତିର ଅନୁଭବ କରିବେ । ଏସବୁ ଘଟଣା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବା ଦରକାର । ଆମେ ସାହସର ସହିତ ଆଗକୁ ବଢିଲେ ହିଁ ସାଧାରଣ ଜନତାଙ୍କର ବିଶ୍ୱାସ ସଂସଦ ଉପରେ ରହିବ ।

ଦେଶ ସମ୍ମୁଖରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଏହା ସମସ୍ତ ସରକାରୀ ବ୍ୟବସ୍ଥା ଉପରୁ ବିଶ୍ୱାସ ହରାଇଛି । ଏପରିକି ଏହି ଗୃହରେ ଉପସ୍ଥିତ ବ୍ୟକ୍ତିମାନେ ମଧ୍ୟ sms ପଠାଇ ଫୋନ୍ କରନ୍ତି କାହିଁକି ? କାରଣ ବ୍ୟବସ୍ଥାରେ ଅବିଶ୍ୱାସ । ଜନତାର ବିଶ୍ୱାସକୁ ପୁନଃସ୍ଥାପିତ କରିବାକୁ ହେବେ । ଜଣେ ବ୍ୟକ୍ତି ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହେଲେ ସେ ଭରସା ରଖିବା ଦରକାର ଯେ ତାଙ୍କର ଚିକିତ୍ସା ହେବ ଓ ସେ ସୁସ୍ଥ ହେବେ । ଯଦି ପିଲାଟିଏ ସରକାରୀ ସ୍କୁଲକୁ ଆସେ, ବାପାମାଆଙ୍କର ବିଶ୍ୱାସ ହେବା ଦରକାର ଯେ ସେ ଉପଯୁକ୍ତ ଶିକ୍ଷା ପ୍ରାପ୍ତ ହେବ । ବିଶ୍ୱାସ ସୃଷ୍ଟି କରିବା ଏକ ବଡ଼ ଆହ୍ୱାନ । ଆମେ ସମସ୍ତେ ଏକାଠି ଏହି ଲକ୍ଷ୍ୟ ହାସଲ କରିପାରିବା । ମୁଁ ଆପଣଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ପରାମର୍ଶକୁ ସମ୍ମାନ କରୁଛି । ମୁଁ ଅତି ବିନମ୍ରତାର ସହ କହିବାକୁ ଚାହେଁ, ଯଦିଓ ଆମେ ଅତି ବିଶାଳ ଜନମତ ଦ୍ୱାରା ଅନେକ ବର୍ଷ ପରେ ନିର୍ବାଚିତ ହୋଇଛୁ, କିନ୍ତୁ ଆପଣଙ୍କର ସମର୍ଥନ ବିନା ଆମର ଅସ୍ତିତ୍ୱ ଅପୂର୍ଣ୍ଣ । ଆମକୁ ଆପଣଙ୍କର ସାହଚର୍ଯ୍ୟ ଓ ମାର୍ଗଦର୍ଶନ ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ । ଯେତେବେଳେ ନରସିଂହ ରାଓଜୀଙ୍କର ସରକାର ଥିଲା, ସେତେବେଳେ ସେ ଏକ ସମ୍ମିଳନୀରେ ଯୋଗ ଦେବା ପାଇଁ ଅଟଳ ବିହାରୀ ବାଜପେୟୀଙ୍କୁ ଡେଲିଗେସନ୍‌ର ଅଂଶ ଭାବେ ଜେନେଭା ପଠାଇଥିଲେ । ଆମେ ସର୍ବଦା ଦେଶ ହିତରେ କାର୍ଯ୍ୟ କରିବା ଉଚିତ । ଦେଶ ଦଳଠାରୁ ଉର୍ଦ୍ଧ୍ୱରେ ଏହା ଆମକୁ ମାନିବାକୁ ପଡ଼ିବ । ଆପଣଙ୍କର ସହାୟତାରେ ଆମେ ସମସ୍ୟାର ଜଲଦି ସମାଧାନ କରି ପାରିବୁ । ଶେଷ ବର୍ଷଟିରେ ଆମେ ରାଜନୀତି କରିବା । ମାତ୍ର ପ୍ରଥମ ଚାରିବର୍ଷ ଆସନ୍ତୁ ଆମେ ରାଷ୍ଟ୍ରୀୟ ସ୍ୱାର୍ଥ ବିଷୟରେ ଭାବିବା । ବିଜୟ ଓ ପରାଜୟ ତିକ୍ତତା ସୃଷ୍ଟି କରିଛି । ମାତ୍ର ଆମେ ତିକ୍ତତା ନେଇ ଆଗକୁ ବଢ଼ିବା କଥା ନୁହେଁ । ବରିଷ୍ଠମାନଙ୍କର ଗୃହରେ ଆଗ୍ରହ ଓ ଉଦ୍ଦୀପନା ରହିବା ଉଚିତ । ମୋର ମତରେ କେବଳ ବିଜୟୀ ଦଳ ନୁହେଁ, ସମସ୍ତ ନିର୍ବାଚିତ ସଦସ୍ୟଙ୍କର ଦାୟିତ୍ୱ ହେଲା ରାଷ୍ଟ୍ରର ସ୍ୱପ୍ନ ସାକାର କରିବା । ପୁନଶ୍ଚ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି ଯେ ମୋତେ ସୁଯୋଗ ମିଳିଲା ଏହି ଗୃହରେ ବକ୍ତବ୍ୟ ରଖିବା ପାଇଁ, ମୁଁ ସମଗ୍ର ଗୃହକୁ ପ୍ରସ୍ତାବର ସମର୍ଥନ ପାଇଁ ଅନୁରୋଧ କରୁଛି । ତାହା ଦେଶର ନୂତନ ଶକ୍ତିର ସଂଚାର କରିବ । ଧନ୍ୟବାଦ ।

ବାରଶହ ବର୍ଷ ଧରି ଆମର ସ୍ୱାଧୀନତା ସଂଗ୍ରାମ ଜାରି ରହିଥିଲା । ଏପରି କୌଣସି ଗୋଟିଏ ବର୍ଷ ନ ଥିବ ଯେଉଁଥିରେ ଲୋକେ ଜୀବନ ଉତ୍ସର୍ଗ କରିନଥିବେ । ୧୮୫୭ ମସିହାର ସ୍ୱାଧୀନତା ସଂଗ୍ରାମ ବିଷୟରେ ଆମେ ସମସ୍ତେ ଅବଗତ । ଦେଶର କୌଣସି ଏପରି ସ୍ଥାନ ନଥିବ ଯେଉଁଠାରେ କେହି ପ୍ରାଣତ୍ୟାଗ କରିବାକୁ ପ୍ରସ୍ତୁତ ନ ଥିଲେ ।

ଭାଇ ଓ ଭଉଣୀମାନେ, ଆପଣମାନଙ୍କ ଭିତରୁ ଅନେକ ସ୍ୱାଧୀନତା ପରେ ଜନ୍ମଗ୍ରହଣ କରିଥିବେ । ଆଉ କେତେକ ମହାନ୍ ବ୍ୟକ୍ତିତ୍ୱ ବି ଥିବେ ଯେଉଁମାନେ ସ୍ୱାଧୀନତା ପୂର୍ବରୁ ଜନ୍ମଗ୍ରହଣ କରିଥିବେ ତଥା ସଂଗ୍ରାମରେ ମଧ୍ୟ ଲଢିଥିବେ । ମୁଁ ସ୍ୱାଧୀନତା ପରେ ଜନ୍ମଲାଭ କରିଛି । ମୁଁ ଦେଶମାତୃକା ପାଇଁ ମୃତ୍ୟୁବରଣ କରିବାର ସୁଯୋଗ ପାଇନାହିଁ, କିନ୍ତୁ ଦେଶପାଇଁ ଜୀଇଁବାର ସୁଯୋଗ ତ ପାଇଛି । ଆମର ଜାତୀୟ ପିତା ମହାତ୍ମାଗାନ୍ଧୀ ସ୍ୱାଧୀନତା ସଂଗ୍ରାମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଦେଇଥିଲେ । କିଏ ଝାଡୁ କରୁଥିଲେ ବି କହୁଥିଲା ମୁଁ ସ୍ୱାଧୀନତା ପାଇଁ କରୁଛି, କିଏ ଖଦଡ଼ ପିନ୍ଧିଲେ କହୁଥିଲା ମୁଁ ଦେଶ ପାଇଁ ପିନ୍ଧୁଛି, ସୂତା କାଟୁଥିବା ଲୋକ, ପଡ଼ୋଶୀକୁ ପାଠ ପଢାଉଥିବା ଲୋକ ସଭିଏଁ କହୁଥିଲେ ସେମାନେ ସ୍ୱାଧୀନତା ପାଇଁ କାମ କରୁଛନ୍ତି । ଭାରତର ସବୁ ନାଗରିକ ଏହି ସଂଗ୍ରାମରେ ସାମିଲ ଥିଲେ । ଆମର କର୍ତ୍ତବ୍ୟ ହେଲା ଆମେ ସମସ୍ତେ ମହାତ୍ମାଗାନ୍ଧୀଙ୍କଠାରୁ ପ୍ରେରଣା ନେଇ କିଛି ଶିଖିବା ।

ବିକାଶକୁ ଆମେ ଜନ ଆନ୍ଦୋଳନ ଭାବେ ଉଦ୍‌ଘୋଷିତ କରିବା । ଶିକ୍ଷକମାନେ ପାଠ ପଢାଇଲାବେଳେ ଭାବନ୍ତୁ ସେମାନେ ଏହା ଦେଶର ବିକାଶ ପାଇଁ କରୁଛନ୍ତି, ଶ୍ରମିକ ଶ୍ରମ କଲାବେଳେ, କୃଷକ ଚାଷ କଲାବେଳେ ଏହି ଭାବନାରେ ସନ୍ନିବିଷ୍ଟ ହୁଅନ୍ତୁ । ତାହାହେଲେ ଏହା ଜନ ଆନ୍ଦୋଳନରେ ପରିଣତ ହେବ । ଏକ ସୁରାଜ୍ୟ ଗଠନ ଦିଗରେ ଆମେ ଅଗ୍ରସର ହେବା ।

ଏହା ଅସମ୍ଭବ ନୁହେଁ, ସମ୍ଭବ । ଯଦି ପ୍ରତି ବ୍ୟକ୍ତି ଚିନ୍ତା କରିବେ ସେମାନେ ଦେଶ ପାଇଁ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ସଂପାଦନ କରିବେ ତାହାହେଲେ ଏହା ବାସ୍ତବତାର ରୂପ ନେବ । ଅଫିସ୍‌ରେ ଠିକ୍ ସମୟରେ ପହଞ୍ଚିବା ଲୋକ ହେଉ ଅଥବା ଆବର୍ଜନା

ଉଠାଉଥିବା ବ୍ୟକ୍ତି ହେଉ, ଦେଶକୁ ସ୍ୱଚ୍ଛ ରଖିବାର ଭାବନା ଆମକୁ ଏକ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଦେବ । ଦେଶପ୍ରେମର ଭାବନା ଆମ ସମସ୍ତଙ୍କ ଭିତରେ ଅତି ଗଭୀର ଭାବେ ଅଛି । କ୍ରିକେଟ ଖେଳ ସମୟରେ ଲୋକଙ୍କର ଆବେଗରୁ ଏହା ସ୍ପଷ୍ଟ ଦେଖିହୁଏ । ଯଦି ଖେଳ ପାଇଁ ୧୨୫ କୋଟି ଲୋକ ଏତେ ଦେଶପ୍ରେମର ପ୍ରଦର୍ଶନ କରିପାରନ୍ତି, ତାହାହେଲେ ଦେଶର ମଙ୍ଗଳ ପାଇଁ ସେମାନେ କାହିଁକି କାମ ନ କରିବେ ? ଆବଶ୍ୟକତା ରହିଛି କେବଳ ସୁଯୋଗ୍ୟ ନେତୃତ୍ୱର ଏବଂ ମୋର ବିଶ୍ୱାସ ଏହି ସଦନରେ ଉପସ୍ଥିତ ସମସ୍ତ ବ୍ୟକ୍ତିଙ୍କ ଭିତରେ ସେ ଦକ୍ଷତା ରହିଛି ।

ପାଞ୍ଚବର୍ଷ ପରେ (୨୦୧୯) ମହାତ୍ମାଗାନ୍ଧୀଙ୍କର ୧୫୦ ତମ ଜୟନ୍ତୀ ପାଳିତ ହେବ । ଯୁଗପୁରୁଷ ସେହି ମହାନୁଭବଙ୍କର ଜନ୍ମ ଜୟନ୍ତୀ ଉତ୍ସବ କେମିତି ପାଳନ ହେବ ଆମେ ତାହା ବିଷୟରେ ପୂର୍ବରୁ ଚିନ୍ତା କରିପାରିବାନି ? ବର୍ତ୍ତମାନଠାରୁ ଆମେ କିଛି ସଂକଳ୍ପ କରିବା ଏବଂ ସେହି ଉତ୍ତମ ଦିନକୁ ସଂକଳ୍ପପୂର୍ତ୍ତୀଦିବସ ଭାବେ ପାଳନ କରିବା । ମହାତ୍ମା ଗାନ୍ଧୀଜୀଙ୍କର 'ସ୍ୱଚ୍ଛତା' ବହୁତ ପ୍ରିୟ ଥିଲା । ଆମେ ସମସ୍ତେ ସାବରମତୀ ଆଶ୍ରମରେ ତାଙ୍କର ଜୀବନଚର୍ଯ୍ୟା ବିଷୟରେ ଜାଣିଛେ । ସେ 'ସ୍ୱଚ୍ଛତା' ସହିତ କୌଣସି ପ୍ରକାର ସାଲିସ କରୁନଥିଲେ । ତାଙ୍କର ଶହେ ପଚାଶତମ ଜୟନ୍ତୀରେ ଏକ 'ସ୍ୱଚ୍ଛ ଭାରତ' ଆମେ ତାଙ୍କର ଚରଣରେ ଉପହାର ସ୍ୱରୂପ ଦେଇପାରନ୍ତେନି ? ବର୍ତ୍ତମାନଠାରୁ ସ୍ୱଚ୍ଛତା'ର ସଂକଳ୍ପ କଲେ ୫ ବର୍ଷ ପରେ ଆମେ ନିଶ୍ଚୟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବା ।

ସେଇଥିପାଇଁ ରାଷ୍ଟ୍ରପତିଜୀ ତାଙ୍କର ଅଭିଭାଷଣରେ ଏ ବିଷୟରେ ଉଲ୍ଲେଖ କରିଛନ୍ତି । ସେହିପରି ୨୦୨୨ ମସିହାରେ ଆମ ସ୍ୱାଧୀନତାର ୭୫ ବର୍ଷ ପୂରଣ ହେବ । ଏହି ମହାନ୍ ଅବସରରେ ଆମର ସ୍ୱାଧୀନତା ସଂଗ୍ରାମୀବୃନ୍ଦ ଭଗତ ସିଂହ, ସୁଖଦେବ, ରାଜଗୁରୁ, ମହାତ୍ମାଗାନ୍ଧୀ, ସର୍ଦ୍ଦାର ପଟେଲଙ୍କର ରଖାଜିଙ୍କର ସ୍ମୃତିଚାରଣ କରି ଆମେ ଏକ ପ୍ରତିଜ୍ଞା କରିବା । ସେହି ପ୍ରତିଜ୍ଞା ହେଲା ଭାରତରେ ସମସ୍ତ ବ୍ୟକ୍ତିଙ୍କର ରହିବା ପାଇଁ ଘରଟିଏ ହେଉ । ଏପରି ଘର ଯେଉଁଥିରେ ଶୌଚାଳୟ ଥିବ, ପାଇପଦ୍ୱାରା ଜଳ ଯୋଗାଣ ହେଉଥିବ, ବିଜୁଳି

ଆଲୋକ ଥିବ । ଏସବୁ ହେଲା ମୌଳିକ ଆବଶ୍ୟକତା ଏବଂ ଆମେ ସମସ୍ତେ ଦେଶର ସବୁ ବ୍ୟକ୍ତିଙ୍କର ଏହି ଆବଶ୍ୟକତାକୁ ପୂରଣ କରିବା । ଦେଶର ସ୍ୱପ୍ନ ଏହା ଦ୍ୱାରା ପୂରଣ ହେବ ।

ସରକାରରେ ରହି ଏପରି ଯୋଜନା ହାତକୁ ନେବା ବଡ଼ କଠିନ ବ୍ୟାପାର । ମାନନୀୟ ମୁଲାୟାମ ସିଂହଜୀ କହିଲେ, 'ମୁଁ ବି ସରକାର ଚଳାଇଛି, ଏହା କରିବା ବଡ଼ କଠିନ ବ୍ୟାପାର । ତାଙ୍କ ପ୍ରତି ମୁଁ କୃତଜ୍ଞ । ଆମେ ସ୍ୱପ୍ନ ଦେଖିଛୁ ଏବଂ ପୂରା କରିବୁ । ଅନେକ ସମସ୍ୟା ରହିଛି, କିନ୍ତୁ ଏଠାରେ ଏପରି ଲୋକ ଅଛନ୍ତି, ଯାହାଙ୍କର ମାର୍ଗଦର୍ଶନ ଆମ କାମରେ ଆସିବ । ଗରିବଙ୍କ ପାଇଁ ଆମକୁ କାମ କରିବାକୁ ପଡ଼ିବ ଓ ଆମେ ଆଗକୁ ବଢିବୁ।

ଏଠାରେ କୁହାଗଲା ନୂଆ ବୋତଲରେ ପୁରୁଣା ପାନୀୟ (ମଦ୍ୟ) । ମାଦକଦ୍ରବ୍ୟକୁ ସ୍ମରଣ କରିବା ତାଙ୍କ ପକ୍ଷରେ ବେଶ୍ ସ୍ୱାଭାବିକ । ଏକଥା ମଧ୍ୟ କୁହାଗଲା ଯେ ସବୁକିଛି ବିଚାର ସେମାନଙ୍କର। ଆମେ ଖାଲି ଯାହା ଟିକେ ଉପର ତଳ କରି ପୁରୁଣା କଥା କହୁଛୁ । ଏଥିରେ କିଛି ନୂଆ କଥା ନାହିଁ । ଏହାର ଅର୍ଥ ହେଲା ଆମେ ଯାହା କହୁଛୁ, ତାହା ସେମାନଙ୍କୁ ବି ଜଣାଥିଲା ।

ଗତକାଲିଠାରୁ ମହାଭାରତର ଚର୍ଚ୍ଚା ହେଉଛି । ଏକଦା ଦୁର୍ଯ୍ୟୋଧନଙ୍କୁ ପ୍ରଶ୍ନ କରାଗଲା ସେ ଧର୍ମ, ସତ୍ୟନିଷ୍ଠତା, ସତ୍ୟ, ମିଥ୍ୟା, ଏସବୁ କଥା ବୁଝନ୍ତି ନା ନାହିଁ ? ଦୁର୍ଯ୍ୟୋଧନ ଉତ୍ତର ଦେଲେ- ଧର୍ମ ଓ ସତ୍ୟ କଣ ସେ ଜାଣନ୍ତି, କିନ୍ତୁ ଏହା ତାଙ୍କର ପ୍ରବୃତ୍ତିରେ ନାହିଁ, ତାଙ୍କର DNA ରେ ନାହିଁ । (ଜାନାମି ଧର୍ମମ୍ ନଚମେ ପ୍ରବୃତ୍ତି) । ଯେପରି ଦୁର୍ଯ୍ୟୋଧନକୁ ସବୁ କିଛି ଜଣାଥିଲା, ଆପଣଙ୍କୁ ବି ସବୁ କିଛି ଜଣାଥିଲା । ସେଥିରେ ମୋର କୌଣସି ଆପତ୍ତି ନାହିଁ । ବର୍ଷ ବର୍ଷ ଧରି ମହାଭାରତ କଥା ଆମେ ଶୁଣିଆସୁଛୁ ଏବଂ ତାହା ଆମ କର୍ଣ୍ଣରେ ଗୁଂଜରିତ ହେଉଛି । ବର୍ତ୍ତମାନ ମହାଭାରତର ସମୟ ଅତିବାହିତ ହୋଇସାରିଛି । ନା କୌରବ ଅଛନ୍ତି, ନା ପାଣ୍ଡବ । କିନ୍ତୁ ଜନସାଧାରଣଙ୍କ ମତରେ କେବଳ ପାଣ୍ଡବ ହିଁ ବିଜୟୀ ହେବା ବିଧେୟ- ଏହି ବିଚାର ରହିଆସିଛି ।

ଭାଇ ଭଉଣୀମାନେ, ବିଜୟ ଆମକୁ ବହୁତ କିଛି ଶିଖାଇଥାଏ ଏବଂ ଆମେ ଶିଖିବା ଉଚିତ ମଧ୍ୟ । ବିଜୟ ନମ୍ରତା ଶିଖାଇଥାଏ । ମୋର ବିଶ୍ୱାସ ବରିଷ୍ଠ ସଦସ୍ୟମାନେ ଆମକୁ ଆଶୀର୍ବାଦ କରିବେ ଯେ ଆମେ ଅହଙ୍କାରର ବଶବର୍ତ୍ତୀ ନ ହେଉ । ନମ୍ରତା ଆମର ସାଥୀ ହେଉ । ଏ ପାର୍ଶ୍ୱର ସଂଖ୍ୟା ଯେତେ ଅଧିକ ହେଉ ନା କାହିଁକି, ମୋ ପାଇଁ ଆପଣମାନଙ୍କର ସହଯୋଗ ନିତାନ୍ତ ଆବଶ୍ୟକ । ଆମକୁ ସଂଖ୍ୟାରେ ଶକ୍ତି ନୁହେଁ ସାମୂହିକତାର ଶକ୍ତି ଦ୍ୱାରା ଆଗକୁ ବଢିବାର ଅଛି । ଏଥିପାଇଁ ଆମେ ସାମୂହିକତାର ସହିତ ଆଗକୁ ବଢିବୁ ।

ଆଜିକାଲି 'ମଡେଲ'ର ବହୁତ ଚର୍ଚ୍ଚା ହେଉଛି । ବିଶେଷତଃ ମୋର 'ଗୁଜୁରାଟ' ମଡେଲର । ମୋର ଭାଷଣରେ ଶୁଣିଥିବେ 'ଗୁଜୁରାଟ ମଡେଲ' ବିଷୟରେ । ଗୁଜୁରାଟରେ ମଧ୍ୟ ଗୋଟିଏ ଜିଲ୍ଲାର ମଡେଲ ଅନ୍ୟ ଜିଲ୍ଲାରେ କାମ କରେ ନାହିଁ । ଆମ ଦେଶ ବିବିଧତାରେ ଭରା ଦେଶ ଅଟେ । କଚ୍ଛର ମରୁଭୂମିର ମଡେଲ ବଲ୍‌ସାଡ୍‌ରେ କାମ କରିବ ନାହିଁ । କାରଣ ବଲ୍‌ସାଡ୍ ଜିଲ୍ଲା ହରିତ ଜିଲ୍ଲା । ଏତିକି ବୁଦ୍ଧି ଅଛି ବୋଲି ତ ଗୁଜୁରାଟ ଆଗକୁ ବଢୁଛି । ଗୁଜୁରାଟର ଅନ୍ୟ ଏକ ମଡେଲ ଅଛି ତାହା ହେଲା ହିନ୍ଦୁସ୍ଥାନର କୌଣସି ସ୍ଥାନରେ କିଛି ଭଲ କଥା ହେଲେ ସେଥିରୁ ଆମେ ଶିଖିବାକୁ ଚେଷ୍ଟା କରୁ । ଆଗାମୀ ଦିନରେ ମଧ୍ୟ ସମଗ୍ର ଦେଶରେ ଯେଉଁଠି କିଛି ଉତ୍ତମ ପରୀକ୍ଷଣ ସଫଳ ହେବ ଆମେ ତାକୁ ଗ୍ରହଣ କରିବୁ ଏବଂ ସମଗ୍ର ଦେଶ ପାଇଁ ତାର ସଦ୍‌ବ୍ୟବହାର କରିବୁ । ଗତକାଲି କୁହାଗଲା ଗୁଜୁରାଟଠାରୁ ତାମିଲନାଡୁର ମଡେଲ ଅଧିକ ଭଲ । ମୁଁ ଏହି କଥାକୁ ସ୍ୱାଗତ କରୁଛି । ଏହି ଦେଶରେ ଏତିକି ତ ହେଲା, ବିକାଶ ମଡେଲ ମାନଙ୍କ ଭିତରେ ପ୍ରତିଯୋଗିତା ତ ଆରମ୍ଭ ହେଲା । ଗୋଟିଏ ରାଜ୍ୟ କହିଲା ଆମେ ଅନ୍ୟ ଏକ ରାଜ୍ୟଠାରୁ ଆଗକୁ ବଢିଛୁ । ମୋର କହିବାର କଥା ହେଲା- ଏହା ହିଁ ତ ଗୁଜୁରାଟ ମଡେଲର ସବୁଠାରୁ ବଡ଼ ସଫଳତା । ଆଗରୁ ଏପରି ପ୍ରତିଯୋଗିତା ଦେଖିବାକୁ ମିଳୁନଥିଲା । ମୁଁ ଚାହୁଁଛି ରାଜ୍ୟ ରାଜ୍ୟ ଭିତରେ, କେନ୍ଦ୍ର ଓ ରାଜ୍ୟ ଭିତରେ ଏପରି ପ୍ରତିଯୋଗିତା ଜାରି ରହୁ । କେହି ଜଣେ କହୁ ଗୁଜୁରାଟ ପଛରେ ରହିଗଲା- ଏହି କଥା ଶୁଣିବାକୁ ମୁଁ ବ୍ୟାକୁଳ ।

ଏକଥା ନୁହେଁ ଯେ ଛୋଟ ଛୋଟ ରାଜ୍ୟ ଭଲ କାମ କରୁନାହାନ୍ତି । ସିକିମ୍ ଅରଗାନିକ୍ ଫାର୍ମିଙ୍ଗ୍‌ରେ ନାମ କରିଛି । ତାମିଲନାଡୁରେ 'ବର୍ଷାଜଳ ଅମଳ' ଭଲ ଭାବରେ ହୋଇଛି । ଛତିଶଗଡ଼ ମାଓବାଦୀ ଦ୍ୱାରା ଗ୍ରସିତ ହୋଇ ମଧ୍ୟ ପିଡିଏସ୍ ବ୍ୟବସ୍ଥା ସୁଚାରୁ ରୂପେ ଚଳାଉଛି ଏବଂ ଗରିବଶ୍ରେଣୀର ଲୋକେ ଉପକୃତ ହେଉଛନ୍ତି ଏବଂ ପେଟଭରା ଭୋଜନ ପାଉଛନ୍ତି । ଆମର ଭଗିନୀ ମମତାଜୀ ପଶ୍ଚିମବଙ୍ଗକୁ ୩୫ ବର୍ଷର କୁଶାସନରୁ ମୁକ୍ତ କରି ଏକ ଉତ୍ତମ ସରକାର ଦେବାର ପ୍ରଚେଷ୍ଟା କରୁଛନ୍ତି । ଆପଣ ଜାଣି ଖୁସି ହେବେ ଯେ କେରଳରୁ ଏକ ଜୁନିଅର ଅଫିସରଙ୍କୁ ମୁଁ ଡକାଇଥିଲି । ସେ ସମୟରେ ସେଠାରେ ବାମପନ୍ଥୀ ସରକାର ଥିଲା। ସେ ଅଫିସର ବୟସରେ ଖୁବ୍ କମ୍ ଥିଲେ । ଆମେ ସମସ୍ତେ ଚିନ୍ତନ ଶିବିରରେ ବସିଥିଲୁ । ମୁଁ ତାଙ୍କଠାରୁ 'କୁଟୁମ୍ବଶ୍ରୀ' ଯୋଜନା ବିଷୟରେ ଜାଣିଲି । ନାଗାଲାଣ୍ଡର ଚିଫ୍ ସେକ୍ରେଟାରୀଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲି । ଆଦିବାସୀଙ୍କ ପାଇଁ ତାଙ୍କ ରାଜ୍ୟରେ ଏକ ଉତ୍ତମ ଯୋଜନା ଚାଲୁଥିଲା । ସେ ସଂପର୍କରେ ଜାଣିଲି । ସେଗୁଡିକ ଆମ ଦେଶର ମଡେଲ ହେବା ଦରକାର । ସରକାରଙ୍କର ଯେକୌଣସି ବିଚାରଧାରା ହୋଇଥାଉ ପଛେ, ଭାରତ ସରକାର ଏକ ମଡେଲର ଗୁଣବତ୍ତାକୁ ବିଚାରକୁ ନେବା ଦରକାର, ଭଲ କଥାକୁ ଗ୍ରହଣ କରିବା ଦରକାର । ଏହି ମଡେଲ ହିଁ ଆମ ଦେଶର ସହାୟତା କରିବ । ଆମେ ବଡ଼ ଭାଇ ପରି ବ୍ୟବହାର କରିବାକୁ ଚାହୁଁନା, ଆମେ ଚାହୁଁ ମିଳିମିଶି ଦେଶକୁ ଆଗକୁ ବଢେଇବାକୁ । ସେଇଥିପାଇଁ ଆମେ 'କୋପରେଟିଭ ଫେଡେରାଲିଜମ୍' କଥା କହିଥାଉ । ଏହା ହିଁ ଆମର ଲକ୍ଷ୍ୟ ଓ ଏହି ମଡେଲକୁ ନେଇ ଆମକୁ ଆଗକୁ ବଢିବାର ଅଛି ।

ମାନନୀୟ ଅଧ୍ୟକ୍ଷଜୀ, ମୁଁ ସମସ୍ତ ମାନନୀୟ ସଦସ୍ୟଙ୍କୁ କୃତଜ୍ଞତା ଜଣାଉଛି ସେମାନଙ୍କର ପ୍ରସ୍ତାବ ନିମନ୍ତେ। ସାମଗ୍ରୀକ ଭାବରେ ମୁଁ କହିପାରିବି ଯେ ଆଜିର ଆଲୋଚନା ଏକ ସାର୍ଥକ ଆଲୋଚନା। ଯଦି ବି କିଛି ସମାଲୋଚନା ହୋଇଛି ତାହା ଉତ୍ତମ ନୀତି ପାଇଁ ହୋଇଛି । ମୁଁ ଏହାକୁ ଖରାପ ଭାବୁନାହିଁ ବରଂ ଏହାକୁ ସ୍ୱାଗତ କରୁଛି । ଯେ କୌଣସି ଦଳ ତରଫରୁ ଯାହା ବି ତ୍ରୁଟି ଭାବେ ଦର୍ଶାଯାଇଛି ତାହାକୁ ମୁଁ ମାର୍ଗଦର୍ଶନ ବୋଲି ମନେକରୁଛି । ତାହାର ଆମେ ସଦୁପଯୋଗ କରିବୁ । ଗଣତନ୍ତ୍ରରେ ସମାଲୋଚନା ହୁଏ ଏବଂ ହେବା ଉଚିତ ମଧ୍ୟ । ସମାଲୋଚନା ଉତ୍କୃଷ୍ଟତା ଆଡକୁ ପ୍ରେରିତ କରି ଶକ୍ତି ଦିଏ । ଆରୋପ

କିନ୍ତୁ ମନ୍ଦ ଉଦ୍ଦେଶ୍ୟରେ ହୋଇଥାଏ । ଗଣତନ୍ତ୍ରର ସବୁଠାରୁ ଉପକାରୀ କଥା ହେଉଛି ସମାଲୋଚନା । ଆମେ ସେଥିପାଇଁ ସର୍ବଦା ପ୍ରସ୍ତୁତ ଅଛୁ । ମୁଁ ଚାହିଁବି ଯେ ଆପଣମାନେ ସରକାରଙ୍କର ସବୁ ନୀତିର ଅଧ୍ୟୟନ ଭଲଭାବରେ କରନ୍ତୁ ଏବଂ ତାହାର କ'ଣ ସବୁ ଦୋଷତ୍ରୁଟି ରହିଯାଉଛି ତାହା ଆମକୁ ଜଣାନ୍ତୁ । ଏହାଦ୍ୱାରା ଆମର ଔଜ୍ଜଲ୍ୟ ବୃଦ୍ଧି ପାଇବ, ଠିକ୍ ସେହିପରି ଯେପରି ସୁନା ଅଗ୍ନିରେ ଉତ୍ତପ୍ତ ହେବା ପରେ ହୋଇଥାଏ ।

ଏହି ନୂତନ ସଭାଗୃହରେ ମୋର ଭାବନା ପ୍ରକାଶ କରିବାର ସୁଯୋଗ ଆଜି ମତେ ପ୍ରାପ୍ତ ହେଲା । ମାନନୀୟା ଅଧ୍ୟକ୍ଷ ମହୋଦୟା, ମୋର ବକ୍ତବ୍ୟରେ ଯଦି ମୁଁ କୌଣସି ନିୟମର ଉଲଂଘନ କରିଥାଏ, ସେଥିପାଇଁ ଏହି ଗୃହ ମତେ କ୍ଷମା ଦେବ ବୋଲି ଆଶା । ମୋର ଦୃଢ ବିଶ୍ୱାସ ଏ ସମଗ୍ର ସଦନ ମୋର ସହାୟତା କରିବ । ମୁଁ ପୂର୍ବରୁ ମଧ୍ୟ କହିସାରିଛି, ଆମେମାନେ ପୂର୍ବରୁ ପ୍ରାର୍ଥୀ ଥିଲେ, ବର୍ତ୍ତମାନ କିନ୍ତୁ ଆମେ ଜନତାଙ୍କର ଆଶା ଆକାଂକ୍ଷାର ପ୍ରତୀକ । ଆମେ ଜନସାଧାରଣଙ୍କର ପ୍ରତିନିଧି । ୧୨୫ କୋଟି ଜନତାଙ୍କର ଆକାଂକ୍ଷା ପୂରଣ ଦିଗରେ କର୍ତ୍ତବ୍ୟନିଷ୍ଠ ଭାବେ ଆମେ କାର୍ଯ୍ୟ କରିବା ଏବଂ ବିଶ୍ୱାସର ସହ ଆଗକୁ ବଢିବା । ମୁଁ ଆପଣ ସମସ୍ତଙ୍କୁ ପୁଣି ଥରେ ଧନ୍ୟବାଦ ଜଣାଉଛି ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ନିମନ୍ତେ ରାଜ୍ୟସଭାରେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କର ଉତ୍ତର

11th June 2014

## ୧୧.୬.୨୦୧୪ରେ

# ଲୋକସଭାରେ ମାନ୍ୟବର ପ୍ରଧାନମନ୍ତ୍ରୀ ପ୍ରଦତ୍ତ ଭାଷଣ

ସମ୍ମାନନୀୟା ଅଧ୍ୟକ୍ଷ ମହୋଦୟା, ମୁଁ ଆଜି ପ୍ରଥମଥର ପାଇଁ ଏହି ସଦନରେ ଉପସ୍ଥିତ ହୋଇଛି ଏବଂ ପ୍ରଥମଥର ପାଇଁ ନିଜର ବକ୍ତବ୍ୟ ରଖିବାକୁ ଯାଉଛି । ଏହି ସଦନର ସଂସଦୀୟ ପରମ୍ପରା ଏବଂ ଗରିମା ଅତି ଉଚ୍ଚସ୍ତରର । ଏହିଠାରେ ଅନେକ ବରିଷ୍ଠ ସଦସ୍ୟ ବର୍ଷ ବର୍ଷ ଧରି ଦେଶ ସମ୍ବନ୍ଧୀୟ ବିଷୟ ସବୁକୁ ଉତ୍‌ଥାପିତ ତଥା ସମାହିତ କରିଛନ୍ତି । ସେମାନେ ବେଶ୍ ଅନୁଭବୀ । ମୋ ପରି ଏକ ନବୀନ ସଦସ୍ୟ ଯେତେବେଳେ ନିଜର ବକ୍ତବ୍ୟ ରଖୁଛି, ମୋର ବିଶ୍ୱାସ ଯେ ସେମାନେ ଗୃହର ମର୍ଯ୍ୟାଦା ଦୃଷ୍ଟିରୁ ମୋର କୌଣସି ତ୍ରୁଟିକୁ କ୍ଷମା କରିବେ । ପ୍ରାୟ ପଚାଶରୁ ଅଧିକ ସଂଖ୍ୟାରେ ସଦସ୍ୟ ସେମାନଙ୍କର ସୁଚିନ୍ତିତ ମତ ରଖିସାରିଛନ୍ତି ରାଷ୍ଟ୍ରପତିଙ୍କର ଅଭିଭାଷଣ ସମ୍ବନ୍ଧରେ । ମୁଁ ସମସ୍ତଙ୍କର ବକ୍ତବ୍ୟ ଏହି ଗୃହରେ ଏବଂ ନିଜର କକ୍ଷରୁ ଶୁଣିସାରିଛି ।

ମୁଁ ଶୁଣିଥିବା ସଦସ୍ୟମାନେ ହେଲେ ସମ୍ମାନନୀୟ ଶ୍ରୀ ମଲ୍ଲିକାର୍ଜୁନ ଖରଗେ, ଶ୍ରୀ ମୁଲାୟାମ ସିଂଜୀ, ଡଃ ଥାମ୍ବି ଦୁରାଇ, ଶ୍ରୀ ମହତାବ, ତୃଣମୂଳ କଂଗ୍ରେସ ନେତୃବୃନ୍ଦ ତଥା ଅନ୍ୟ କେତେକ ବରିଷ୍ଠ ସଦସ୍ୟ । ଗୋଟିଏ କଥା ଯାହା ସେମାନଙ୍କର ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି, ତାହା ହେଲା ଅଭିଭାଷଣରେ ଉଲ୍ଲେଖ ହୋଇଥିବା ନାନାଦି ପ୍ରସଙ୍ଗ ବାସ୍ତବତାର ରୂପ କେମିତି ଓ କେବେ ନେବ ? ଏପରି ପ୍ରଶ୍ନ ନିହାତି ସ୍ୱାଭାବିକ । ଏଠାରେ ମୋର ଏକ ନିଜସ୍ୱ ଅନୁଭବ ଆପଣଙ୍କ ସହ ବାଣ୍ଟିବି । ଯେତେବେଳେ ମୁଁ ଗୁଜୁରାଟର ମୁଖ୍ୟମନ୍ତ୍ରୀ ପଦରେ ନୂତନ ଭାବରେ ଆସୀନ ହୋଇଥିଲି, ସେତେବେଳେ ଏକଦା ମୁଁ ବିଧାନସଭାରେ କହିଥିଲି ଯେ ମୁଁ ସବୁ ଗ୍ରାମ ଓ ସମସ୍ତ ଗୃହରେ ଚବିଶ ଘଣ୍ଟା ପାଇଁ ବିଦ୍ୟୁତ ଦେବାକୁ ବ୍ୟବସ୍ଥା କରିବି । ସେତେବେଳେ ଟ୍ରେଜେରୀ ବେଞ୍ଚ୍‌ରୁ ତ ବହୁତ କରତାଳିର ଧ୍ୱନି ଶୁଣିବାକୁ ମିଳିଥିଲା ମାତ୍ର ବିରୋଧୀ ଦଳଗୁଡ଼ିକରେ ଥିଲା ସଂପୂର୍ଣ୍ଣ ନୀରବତା ।

ସେ ସମୟରେ କଂଗ୍ରେସ ନେତା ଶ୍ରୀ ଚୌଧୁରୀ ଅମର ସିଂହ, ଜଣେ ବରିଷ୍ଠ ଅଭିଜ୍ଞ ରାଜନେତା ଥିଲେ ବିରୋଧୀ ଦଳର ନେତା । ସେ ମୋ ସହ ଦେଖା କରିବାକୁ ଆସିଲେ ଏବଂ କହିଲେ 'ମୋଦିଜୀ, ଆପଣ ନୂଆ, କିଛି ଅଭିଜ୍ଞତା ନାହିଁ ଆପଣଙ୍କର, ଚବିଶ ଘଣ୍ଟା ବିଦ୍ୟୁତ୍ ଶକ୍ତି ଯୋଗାଇବା ଏକଦମ୍ ଅସମ୍ଭବ । ଆପଣ ଏହା  କେମିତି କରିବେ ? ଏକ ବନ୍ଧୁତ୍ୱପୂର୍ଣ୍ଣ ଢଙ୍ଗରେ ସେ ଏହି ପ୍ରଶ୍ନ ପଚାରିଥିଲେ । ମୁଁ ତାଙ୍କୁ କହିଥିଲି- ମୁଁ ଭାବୁଛି, ମୁଁ ଏହା କରିବାକୁ ସମର୍ଥ ହେବି । ସେ କହିଲେ ଏହା ଅସମ୍ଭବ କାରଣ ରାଜ୍ୟରେ ୨୦୦୦ ମେଗାୱାଟ୍ ବିଜୁଳି ଶକ୍ତି ନିଅଣ୍ଟ ଅଛି । ତାଙ୍କର ପ୍ରଶ୍ନ ସ୍ୱାଭାବିକ ଥିଲା । କିନ୍ତୁ ମୁଁ ଆନନ୍ଦିତ ଯେ ଏହି ଲକ୍ଷ୍ୟ ଗୁଜୁରାଟରେ ହାସଲ ହୋଇପାରିଲା । ସୁତରାଂ ଏଠାରେ ଉପସ୍ଥିତ ବରିଷ୍ଠ ସଦସ୍ୟମାନଙ୍କର ପକ୍ଷେ ଏହି ସନ୍ଦେହ ପ୍ରକାଶ କରିବା ସ୍ୱାଭାବିକ । ଆଜି ପର୍ଯ୍ୟନ୍ତ ଯାହା ହୋଇପାରିନାହିଁ, ଏବେ କେମିତି ହେବ ? ମାତ୍ର ମୁଁ ଲୋକସଭା ସଦନକୁ ଆଶ୍ୱସ୍ତ କରିବାକୁ ଚାହେଁ ଯେ ରାଷ୍ଟ୍ରପତିଙ୍କର ଅଭିଭାଷଣରେ ଅଭିବ୍ୟକ୍ତ ସ୍ୱପ୍ନକୁ ଆମେ ନିଶ୍ଚୟ ସାକାର କରିବୁ। ତାଙ୍କର ଅଭିଭାଷଣ ଆମ ପାଇଁ କେବଳ ଏକ ପରମ୍ପରା ନୁହେଁ ବରଂ ଏକ ପବିତ୍ର ଘୋଷଣାନାମା ଯାହାକୁ ସମ୍ପାଦନ କରିବା ପାଇଁ  ଆମେ ପ୍ରତିଶ୍ରୁତିବଦ୍ଧ । ସେହି ଲକ୍ଷ୍ୟକୁ ପାଥେୟ କରି ଆମେ ଅଗ୍ରସର ହେବୁ । ସୁତରାଂ ମହାମହିମ ରାଷ୍ଟ୍ରପତିଙ୍କର ଅଭିଭାଷଣ ଆମ ପାଇଁ ସଂକଳ୍ପପୂର୍ତ୍ତି ନିମନ୍ତେ ଏକ ପ୍ରେରଣା ।

ଭୋଟଦାନ ପ୍ରକ୍ରିୟା ପର୍ଯ୍ୟନ୍ତ ଆମେ ସମସ୍ତେ ପ୍ରାର୍ଥୀ ଥିଲେ, ମାତ୍ର ଏହି ସଦନକୁ ନିର୍ବାଚିତ ହୋଇ ଆସିବା ପରେ ଆମେମାନେ ହେଲୁ ଜନତାଙ୍କର ଆକାଂକ୍ଷାଗୁଡ଼ିକର ସଂବାହକ । ସେମାନଙ୍କର ଆଶାର ପ୍ରତୀକ । ଆମ ଭିତରୁ କେତେକଙ୍କର ଦାୟିତ୍ୱ ହେଲା ଜନତାଙ୍କର ଆଶା ଆକାଂକ୍ଷାର ପୂର୍ତ୍ତି ତ ଆଉ କେତେକଙ୍କର କର୍ତ୍ତବ୍ୟ ହେଲା ତ୍ରୁଟିବିଚ୍ୟୁତି ସଂପର୍କରେ ସ୍ୱର ଉତ୍ତୋଳନ କରିବା । ଆମେ ସମସ୍ତେ ନିଜ ନିଜର ଦାୟିତ୍ୱ ଭଲ ଭାବରେ ସଂପାଦନ କରିବା ।

ମୁଁ ସନ୍ତୁଷ୍ଟ ଯେ ଏଇ ସଦନରେ ଯେତିକି ବି ପ୍ରସଙ୍ଗ ଉଠାଯାଉଛି, ସବୁଥିରେ ଟିକିଏ ଟିକିଏ ଯୁକ୍ତିତର୍କ ହେଉଛି ସତ, ମାତ୍ର ପରିବେଶ ସର୍ବଦା ସକରାତ୍ମକ ରହିଛି । ଯେତିକି ବି ବିଷୟ ଉଠାଯାଇଛି, ସବୁ ଆଶାର ସହିତ ଉଠାଯାଉଛି । ସେହି ଆଶା ହେଉଛି ୧୨୫

କୋଟି ଜନତାଙ୍କର ଯେଉଁମାନେ ସାଂସଦମାନଙ୍କୁ ନିର୍ବାଚିତ କରି ପଠାଇଅଛନ୍ତି । ଏହା ଭାରତର ଭାଗ୍ୟ ନିମନ୍ତେ ଏକ ଶୁଭ ସଂକେତ । ମହାମହିମ ରାଷ୍ଟ୍ରପତି ନିର୍ବାଚନକୁ, ଭୋଟରମାନଙ୍କୁ ତଥା ନିର୍ବାଚନର ଫଳାଫଳ ବିଷୟରେ ପ୍ରଂଶସା କରିଛନ୍ତି । ମୁଁ ମଧ୍ୟ ଏହି ଦେଶର ଜନତାଙ୍କୁ ଧନ୍ୟବାଦ ଦେବି, କାରଣ ସେମାନେ ଏକ ସ୍ଥିର ସରକାରକୁ ବିକାଶ ନିମନ୍ତେ କ୍ଷମତାକୁ ଆଣିଛନ୍ତି । ଆମକୁ ଭୋଟରଙ୍କ ଦ୍ୱାରା ପ୍ରଦତ୍ତ ସେହି ଦାୟିତ୍ୱକୁ ପରିପୂରଣ କରିବାକୁ ହେବ ।

ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଭାରତର ଉଲ୍ଲେଖ ସମୟ ସମୟରେ ହୋଇଥାଏ। ମାତ୍ର ଆମେ ଯେ କେତେ ବିଶାଳ ଗଣତାନ୍ତ୍ରିକ ଶକ୍ତି ଏ କଥା ବିଶ୍ୱ ଦରବାରରେ ପ୍ରକାଶିତ କରିବାକୁ ହେବ । ଆମର ଗଣତାନ୍ତ୍ରିକ ପରମ୍ପରା ଏତେ ଗୌରବମୟ ଏବଂ ସୁଦୃଢ଼ ଯେ ସାଧାରଣ ଅଶିକ୍ଷିତ ଲୋକଙ୍କର ମଧ୍ୟ ଏଥିପ୍ରତି ଭରସା ଓ ବିଶ୍ୱାସ ରହିଛି । ଆମର ଗଣତାନ୍ତ୍ରିକ ଶକ୍ତିର ଉପଯୁକ୍ତ ପ୍ରଦର୍ଶନ ବିଶ୍ୱ ସମ୍ମୁଖରେ କେବେ ହୋଇପାରିନାହିଁ । ଆମ ସମସ୍ତଙ୍କୁ ଏକତ୍ରୀତ ଭାବରେ ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରିବାକୁ ପଡ଼ିବ । ୟୁରୋପ ଓ ଆମେରିକାର ଭୋଟରମାନଙ୍କୁ ଏକାଠି କଲେ ଯେତେ ହେବ କେବଳ ଆମ ଦେଶରେ ହିଁ ସେତିକି ଭୋଟର ଅଛନ୍ତି । ଏହା ହିଁ ଆମର ଶକ୍ତି । ହଁ କିଛି ଶୂନ୍ୟସ୍ଥାନତା ରହିଯାଇଛି ନିଶ୍ଚିତ ଭାବରେ । ଆମର ୧୨୦୦ ବର୍ଷର 'ଗୁଲାମୀ'ର ମାନସିକତା ରହିଯାଇଛି । ବେଳେ ବେଳେ ଆମଠାରୁ ଅଧିକ ଉଚ୍ଚ ଓ ବର୍ଣ୍ଣରେ ଉଜ୍ଜଳ ଲୋକଙ୍କୁ ଦେଖିଲେ ଆମେ କିଛି କହିବାକୁ ସାହସ କରିପାରୁନା। ମାତ୍ର ଆମକୁ ସେହି ହୀନମନ୍ୟତାରୁ ବାହାରିବାକୁ ପଡ଼ିବ । ୧୨୫ କୋଟି ଭାରତୀୟଙ୍କର ସାମୂହିକ ଶକ୍ତିର ପ୍ରଦର୍ଶନ ହିଁ ହେବ ଆମର ଗର୍ବ ଓ ଗୌରବ ।

ମାନନୀୟା ଅଧ୍ୟକ୍ଷ ମହୋଦୟା, ଏ ଦେଶରେ କାହାର ପ୍ରଥମ ଅଧିକାର ଅଛି ସରକାରଙ୍କ ସେବା ପାଇବା ପାଇଁ ? ସରକାର କ'ଣ କେବଳ ଶିକ୍ଷିତ ଲୋକଙ୍କର ସେବା କରିବେ ? ସରକାର କେବଳ କ'ଣ କିଛି ଲୋକଙ୍କର ସେବା ନିମନ୍ତେ ରହିଛି ? ମୋ ମତରେ ସରକାର ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । ଯଦି ଧନୀ ଲୋକମାନେ ସେମାନଙ୍କର ସନ୍ତାନମାନଙ୍କୁ ଶିକ୍ଷିତ କରିବାକୁ ଚାହାନ୍ତି, ସେମାନେ ଶିକ୍ଷକ

ନିଯୁକ୍ତି କରିପାରିବେ, ବେମାର ପଡ଼ିଲେ ଡାକ୍ତରଙ୍କ ବନ୍ଦୋବସ୍ତ କରିପାରିବେ । କିନ୍ତୁ ଗରିବ ଲୋକ କୁଆଡ଼େ ଯିବେ ? ସେମାନେ ସରକାରୀ ସ୍କୁଲକୁ ଯିବାକୁ ବାଧ୍ୟ ଏବଂ ସରକାରୀ ଡ଼ାକ୍ତରଖାନାକୁ ଯିବାକୁ ବାଧ୍ୟ । ସୁତରାଂ ସରକାରଙ୍କର ପ୍ରଥମ କର୍ତ୍ତବ୍ୟ ଗରିବଙ୍କର ଆବଶ୍ୟକତା ପ୍ରତି ଦୃଷ୍ଟି ଦେବା ଓ ଗରିବଙ୍କ ପାଇଁ କାମ କରିବା । ଏ ଦେଶର ସରକାର ଯଦି ଗରିବଙ୍କ ମଙ୍ଗଳ ପାଇଁ କାର୍ଯ୍ୟ ନ କରେ, ଦେଶ ଆମକୁ କେବେ କ୍ଷମା ଦେବ ନାହିଁ ।

ଅଧ୍ୟକ୍ଷ ମହୋଦୟା, ଏହି ସରକାରଙ୍କର ଏହା ହିଁ ପ୍ରାଥମିକତା । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କର ଆଦର୍ଶରେ ଆମେ ଅନୁପ୍ରାଣିତ ହୋଇଆସିଛୁ । ସେହିଁ ଆମକୁ 'ଅନ୍ତୋଦୟ'ର ଆଦର୍ଶ ଶିଖାଇଛନ୍ତି । ଆମେ ମହାତ୍ମାଗାନ୍ଧୀ, ଲୋହିଆ ଓ ଦୀନଦୟାଲଜୀଙ୍କର ଆଦର୍ଶର ଅନୁସରଣ କରୁ । ଏହା ଆମର ପ୍ରତିବଦ୍ଧତା । ଗରିବ ଲୋକମାନଙ୍କୁ ଶକ୍ତିଶାଳୀ କରିବାକୁ ହେବ ଯଦ୍ୱାରା 'ଦାରିଦ୍ର୍ୟ' ସହ ସଂଗ୍ରାମ କରିପାରିବେ । ଦାରିଦ୍ର୍ୟ ବିରୁଦ୍ଧରେ ସବୁଠାରୁ ବଡ଼ ଅସ୍ତ୍ର ହେଲା ଶିକ୍ଷା ଓ କୁସଂସ୍କାରରୁ ମୁକ୍ତି । ଶିକ୍ଷା ଦ୍ୱାରା ଦରିଦ୍ରବ୍ୟକ୍ତି ଦାରିଦ୍ର୍ୟ ଓ କୁସଂସ୍କାରରୁ ମୁକ୍ତ ହୋଇପାରିବ, କଠିନ ପରିଶ୍ରମ ଦ୍ୱାରା, ଆତ୍ମସମ୍ମାନ ଓ ମର୍ଯ୍ୟାଦା ସହ ନିଜର ଜୀବନ ଅତିବାହିତ କରିପାରିବ । ଆମକୁ ସେହି ମୂଳ ଶକ୍ତିକୁ ଚିହ୍ନିବାକୁ ପଡ଼ିବ । ସରକାରୀ ଯୋଜନାକୁ ସେମାନଙ୍କୁ ଦାରିଦ୍ର୍ୟର ଶୃଙ୍ଖଳ ଛିନ୍ନ କରିବାକୁ ପ୍ରେରଣା ଯୋଗାଇବ । ସରକାରଙ୍କର ସମସ୍ତ ସଂସାଧନ ଗରିବଙ୍କର ସଶକ୍ତିକରଣରେ ନିୟୋଜିତ ହେଉ ଏବଂ ଯେତେବେଳେ ଅନ୍ତିମ ପରିଣାମ ଆସିବ ତାହା ଶେଷ ଧାଡ଼ିର ଶେଷ ବ୍ୟକ୍ତି ପାଖରେ ପହଂଚିବ ଓ ତାର ମଙ୍ଗଳସାଧନ ହେବ ।

ବର୍ଷ ବର୍ଷ ଧରି ଆମେ କହି ଆସୁଛେ ଯେ କୃଷି ହିଁ ଆମର ଅର୍ଥନୀତିର ମେରୁଦଣ୍ଡ । ଆମର ଦେଶ ଗ୍ରାମମାନଙ୍କର ଦେଶ । ଏହି ସବୁ 'ନାରା' ବା 'ସ୍ଲୋଗାନ' ଶୁଣିବାକୁ ତ ଭଲ । କିନ୍ତୁ ଆମେ କ'ଣ ନିଜ ହୃଦୟରେ ହାତ ରଖି କହିପାରିବା ଯେ ଆମେ ବାସ୍ତବରେ କୃଷକଙ୍କର ବା ଗ୍ରାମାଞ୍ଚଳରେ ଜୀବନର ମାନ ପରିବର୍ତ୍ତିତ କରିପାରିଛେ ? ଆମର ସାମୁହିକ ଦାୟିତ୍ୱ ହେଲା କୃଷକଙ୍କୁ ପ୍ରାଥମିକତା ଦେଇ ସେମାନଙ୍କର ଜୀବନଧାରଣର ପ୍ରଣାଳୀରେ ଉନ୍ନତି ଆଣିବା । ମାନନୀୟ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନରେ ଆମେ ସେହି କଥାକୁ ପ୍ରକାଶିତ କରିଛୁ । ଏକ ପ୍ରଶ୍ନ ଉଠିଥିଲା ଯେ ଏହା କିପରି ହାସଲ ହେବ ? ଆମେ 'RURBAN'

ଶବ୍ଦର ବ୍ୟବହାର କରିଛୁ । ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଆମେ ଏକ ଏପରି ପରିକଳ୍ପନା କରିଛୁ ଯେଉଁଥିରେ ଗ୍ରାମର ଆତ୍ମା ରହିବ ମାତ୍ର ସହରାଞ୍ଚଳର ସମସ୍ତ ସୁବିଧା ଜନସାଧାରଣଙ୍କୁ ଯୋଗାଇ ଦିଆଯିବ । ଗ୍ରାମାଞ୍ଚଳରେ ଲୋକମାନଙ୍କ ଭିତରେ ଯେଉଁ ପ୍ରକାରର ସହୃଦୟତା ଓ ସହଭାଗୀତାର ମନୋଭାବ ଥାଏ ତାହା ହିଁ ତାଙ୍କର ପ୍ରକୃତ ବା ବୈଶିଷ୍ଟ୍ୟମୂଳକ । ଜନତାଙ୍କ ଘରେ ବରଯାତ୍ରୀ ଆସିଲେ ସମଗ୍ର ଗ୍ରାମ ସେଥିରେ ଭାବଧାରା (ଇଥୋସ୍) ଭାଗ ନିଏ । ଏହା ହିଁ ଆମର ଗ୍ରାମ୍ୟ ସଂସ୍କୃତି । ମାତ୍ର ତାହାର ଅର୍ଥ ନୁହେଁ ଯେ ସେମାନେ ସହରାଞ୍ଚଳର ସୁଖସୁବିଧାରୁ ବଞ୍ଚିତ ହେବେ । ତେଣୁ ଆଧୁନିକ ସୁଖ ସୁବିଧା ଗ୍ରାମାଞ୍ଚଳରେ ଯୋଗାଇ ଦେଲେ ତାହା ଦେଶର ଉନ୍ନତିରେ ମଧ୍ୟ ସହାୟତା କରିବ ।

ଯଦି ଗ୍ରାମାଞ୍ଚଳରେ ଚବିଶ ଘଣ୍ଟା ଧରି ବିଜୁଳି ରହେ, ତାହା ବ୍ରଡ୍‌ବ୍ୟାଣ୍ଡ ସୁବିଧା ମଧ୍ୟ ଯୋଗାଇବ । ଗାଁର ଶିଶୁଟିଏ ମଧ୍ୟ ଉତ୍ତମ ଶିକ୍ଷା ପାଇପାରିବ । ମନେକର ଗାଁରେ ଭଲ ଶିକ୍ଷକ ନାହାନ୍ତି, କିନ୍ତୁ ବିଜ୍ଞାନ ଆମକୁ ସମର୍ଥ କରିଛି, ଯଦ୍ୱାରା ଆମେ ଦୂରଦୂରାନ୍ତରୁ ମଧ୍ୟ ଶିକ୍ଷା ହାସଲ କରିପାରିବା । ସହରର ଉତ୍ତମ ଶିକ୍ଷକମାନେ ମଧ୍ୟ ଇଣ୍ଟରନେଟ୍ ଜରିଆରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ କରିପାରିବେ । ଆଧୁନିକ ଜ୍ଞାନ କୌଶଳର ପ୍ରୟୋଗ ଓ ସାଟେଲାଇଟ୍‌ର ବ୍ୟବହାର ଶିକ୍ଷା କ୍ଷେତ୍ରରେ କାହିଁକି କରାଯାଇ ନପାରିବ ? ଯଦି ନିଯୁକ୍ତିର ସୁଯୋଗ ମିଳେ ତେବେ ନିଜ ଗାଁରେ ନିଜ ପିତାମାତାଙ୍କ ସହ ରହିବାକୁ ସେ ନିଶ୍ଚୟ ଆଗ୍ରହୀ ହେବ । ଆମେ ଉଦ୍ୟୋଗମାନଙ୍କର ଏକ ନେଟ୍‌ୱାର୍କ ସୃଷ୍ଟି କରିପାରିଲେ ବା କୃଷିଜାତ ଦ୍ରବ୍ୟର ଉଦ୍ୟୋଗ ଗ୍ରାମାଞ୍ଚଳରେ ସୃଷ୍ଟି କରିପାରିଲେ ତାହା ବହୁତ ଉପକାର କରିବ । ଗ୍ରାମାଞ୍ଚଳର କୃଷକଗୋଷ୍ଠୀ ଉପକୃତ ହୋଇପାରିବେ ।

ସିକିମ୍ ଏକ କ୍ଷୁଦ୍ର ରାଜ୍ୟ ଏବଂ ଖୁବ୍ କମ୍ ଜନସଂଖ୍ୟା ବିଶିଷ୍ଟ । କିନ୍ତୁ ଅତି ଶୀଘ୍ର ଏହା ଏକ 'ଅର୍‌ଗାନିକ୍ ରାଜ୍ୟ' ଭାବେ ସୁଖ୍ୟାତି ଅର୍ଜନ କରିପାରିଛି । ଏହି ରାଜ୍ୟରେ ଉତ୍ପାଦିତ ସମସ୍ତ ଜିନିଷ 'ଅର୍‌ଗାନିକ୍' ଶ୍ରେଣୀର । ସମଗ୍ର ବିଶ୍ୱରେ ବର୍ତ୍ତମାନ 'ଅର୍‌ଗାନିକ୍' ଉତ୍ପାଦନର ବହୁତ ଚାହିଦା । ସର୍ବାଙ୍ଗୀନ ସ୍ୱାସ୍ଥ୍ୟ ଉନ୍ନତି ଉଦ୍ଦେଶ୍ୟରେ ଆଜିକାଲି ଅନେକ ଲୋକ ଆଗ୍ରହୀ ଏବଂ ସେମାନେ ଅର୍‌ଗାନିକ୍ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଉତ୍ପାଦ ଖରିଦ କରିବା ନିମନ୍ତେ କୌଣସି ପରିମାଣର ଅର୍ଥ ଦେବାକୁ ପ୍ରସ୍ତୁତ । ଆମେ ଯଦି ଏହି ଯୋଜନାକୁ

ସିକିମ୍‌ର କୃଷକଙ୍କ ସହ ସଂପୃକ୍ତ କରିବୁ, ହିମାଳୟର କୋଳରେ ଥିବା ଏହି ଛୋଟ ପାହାଡ଼ିଆ ରାଜ୍ୟଟି ଶକ୍ତିଶାଳୀ ହୋଇଉଠିବ । ଆମେ ସମଗ୍ର ପୂର୍ବୋତ୍ତର ରାଜ୍ୟମାଳାକୁ ଅର୍‌ଗାନିକ୍ ରାଜ୍ୟରେ ପରିବର୍ତ୍ତିତ କରିବାକୁ ସ୍ୱପ୍ନ ଦେଖିବା କଥା ନୁହେଁ କି ?

ଯଦି ସମଗ୍ର ଉତ୍ତରପୂର୍ବାଞ୍ଚଳ, ଅର୍‌ଗାନିକ୍ ରାଜ୍ୟ ଭାବେ ପରିଗଣିତ ହେବେ ଏବଂ ବିଶ୍ୱ ବଜାରକୁ ଅକ୍ତିଆର କରିପାରିବେ, ତାହାହେଲେ ପର୍ବତାଞ୍ଚଳରେ ଲୋକଙ୍କର ଜୀବନ ଓ କୃଷକଙ୍କର ଜୀବନ ଏକ ବିରାଟ ପରିବର୍ତ୍ତନ ଦେଇ ଗତି କରିବ । ଆମର ଅନେକ ଗୁଡ଼ିଏ କୃଷି ବିଶ୍ୱବିଦ୍ୟାଳୟ ଅଛି । ଅନେକ ଗବେଷଣା ମଧ୍ୟ ଚାଲିଛି । ମାତ୍ର ଗବେଷଣା ଉପଲବ୍ଧି ଫଳ କାର୍ଯ୍ୟରେ ପରିଣତ ହେଉନାହିଁ । ଆମକୁ ଲ୍ୟାବ୍‌ରୁ ଲ୍ୟାଣ୍ଡ – ଏହି ଯାତ୍ରା ଉପରେ ଧ୍ୟାନ ଦେବାକୁ ପଡ଼ିବ । ପାରମ୍ପରିକ କୃଷିରୁ ଆଧୁନିକ କୃଷିକୁ ଆମକୁ ଯାତ୍ରା କରିବାକୁ ହେବ । ଗୁଜୁରାଟ ରାଜ୍ୟରେ ଛୋଟିଆ ପରୀକ୍ଷଣଟିଏ ହୋଇଛି, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ନା 'Soil health card' ଭାବରେ । ଆମ ଦେଶରେ ଲୋକମାନଙ୍କର ସ୍ୱାସ୍ଥ୍ୟ କାର୍ଡ ନାହିଁ କିନ୍ତୁ ଆମେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର ପ୍ରାବଧାନ କରିଛୁ । ଏହାଦ୍ୱାରା ସଂପୃକ୍ତ ବ୍ୟକ୍ତି ଜଣକ ଜାଣିପାରିଲେ ଯେ ସେ ଯେଉଁ ଅର୍ଥ ଖର୍ଚ୍ଚ କରୁଛନ୍ତି ଏକ ନିର୍ଦ୍ଦିଷ୍ଟ ଫସଲ ନିମନ୍ତେ, ତାହା ତାଙ୍କର ଜମି ପାଇଁ ଉପଯୁକ୍ତ କି ନାହିଁ । ସେ ସାର ଓ କୀଟନାଶକ ବ୍ୟବହାର କରୁଛନ୍ତି ଯାହାର କୌଣସି ଆବଶ୍ୟକତା ନାହିଁ । ବିନା କାରଣରେ ପଚିଶ ହଜାର ବା ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି ଯାହାର ପ୍ରୟୋଜନ ନାହିଁ । ସୁତରାଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ସବୁ ଚାଷୀ ଜାଣିପାରିବେ କି ପ୍ରକାର ଫସଲ ଚାଷ କଲେ ସେମାନେ ଲାଭବାନ୍ ହୋଇପାରିବେ । ଆମେ କ'ଣ ସମସ୍ତ ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦେଇପାରିବାର ଲକ୍ଷ୍ୟ ନିର୍ଦ୍ଧାରଣ କରିପାରିବା ନାହିଁ ? ଯେଉଁମାନେ ଏ ବିଷୟରେ ପ୍ରଶ୍ନ କରୁଥିଲେ ସେମାନଙ୍କୁ ମୁଁ ବୁଝେଇବା ପାଇଁ କହୁଛି :

ଆମର କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକର ଛାତ୍ରମାନେ ଏପ୍ରିଲ୍, ମେ ଓ ଜୁନ୍ ମାସରେ ଛୁଟି ସମୟରେ ଗାଁକୁ ଯାଆନ୍ତି । ସବୁ ୧୦+୨ ସ୍କୁଲମାନଙ୍କରେ ଲାବୋରୋଟେରି ଅଛି । ଛୁଟି ସମୟରେ ଏହି ଲାବୋରୋଟେରିକୁ ସଏଲ ଟେଷ୍ଟିଙ୍ଗ୍ ଲାବୋରୋଟେରିରେ ପରିବର୍ତ୍ତିତ

କରାଯାଇ ପାରନ୍ତାନି ? କୃଷି ବିଶ୍ୱବିଦ୍ୟାଳୟମାନେ ସେହି ଲାବୋରୋଟେରି ଗୁଡ଼ିକର ବ୍ୟବହାର ବଦଳରେ ସ୍କୁଲଗୁଡ଼ିକ କିଛି ପାରିତୋଷିକ ଦିଅନ୍ତେ ଏବଂ ଉଭୟେ ଲାଭବାନ୍ ହୋଇପାରନ୍ତେ । ଏହିପରି ଛୋଟ ଛୋଟ ପରୀକ୍ଷଣ ଜରିଆରେ ଆମେ ବିପ୍ଳବ ଆଣିପାରିବା ।

ରେଳବିଭାଗ କିପରି କାର୍ଯ୍ୟ କରେ ? ସେମାନେ ଏକ ଲିଖିତ କୋଡ୍ ବ୍ୟବହାର କରନ୍ତି । କୋଡ୍ ଅନୁସାରେ ଯଦି ସୋମବାର ସେମାନେ କନ୍‌ସାଇନ୍‌ମେଣ୍ଟ ପାଆନ୍ତି, ଏକ ସପ୍ତାହ ମଧ୍ୟରେ ତାହା ଗନ୍ତବ୍ୟସ୍ଥଳକୁ ପଠାଯିବା ଉଚିତ । ଯଦି କୌଣସି ଷ୍ଟେସନକୁ ମାର୍ବଲ ଓ ଟମୋଟେ ଯଥାକ୍ରମେ ସୋମବାର ଓ ମଙ୍ଗଳବାରରେ ପଠାଇବାକୁ ଥାଏ, ତାହାହେଲେ ପ୍ରଥମେ ଟମାଟେ ପଠାଇବା ଦରକାର କାରଣ ମାର୍ବଲ ପହଞ୍ଚିବାରେ ଡେରି ହେଲେ ସେଥିରେ କୌଣସି କ୍ଷତି ହେବନାହିଁ । ଏହିସବୁ ଛୋଟ ଛୋଟ ଜିନିଷ ପ୍ରତି ସଚେତନ ରହିବା ଆବଶ୍ୟକ । ଆମର ପ୍ରବନ୍ଧନ ବ୍ୟବସ୍ଥାର ଏହି ଜାଗୃତି ଜରୁରି ଅଟେ ।

ସମଗ୍ର ବିଶ୍ୱରେ ଇନ୍‌ଫରମେସନ ଟେକ୍‌ନୋଲୋଜି ଏବଂ ସଫଟ୍‌ୱେୟାର ଇଞ୍ଜିନିୟରିଂ ନିମନ୍ତେ ପ୍ରସିଦ୍ଧି ହାସଲ କରିଥିଲେ ମଧ୍ୟ ବଡ଼ ଦୁର୍ଭାଗ୍ୟର ବିଷୟ ଯେ କୃଷିଜାତ ଦ୍ରବ୍ୟ ସମ୍ବନ୍ଧରେ ଆମ ପାଖରେ କୌଣସି ବାସ୍ତବିକ ସମୟର ତଥ୍ୟ ବା ରିଅଲ୍ ଟାଇମ୍ ଡାଟା ନାହିଁ। ଆମେ କ'ଣ ସୂଚନା ଓ ପ୍ରଦ୍ୟୋଗ ବିଦ୍ୟାକୁ ଏହି ସୂଚନା ପ୍ରାପ୍ତି ନିମନ୍ତେ ବ୍ୟବହାର କରି ପାରିବା ନାହିଁ ? ଆମେ ମୁଦ୍ରାସ୍ଫିତିକୁ କମ୍ କରିବାକୁ ପ୍ରତିଜ୍ଞା କରିଛୁ ଏବଂ ପ୍ରାଥମିକତା ଭିତ୍ତିରେ ନିଜର ପ୍ରତିଜ୍ଞା ପୂରଣ ଦିଗରେ ଅଗ୍ରସର ହେଉଛୁ । ଏହା ଏକ ନିର୍ବାଚନ କାଳର ପ୍ରତିଶୃତି ଥିଲା । ସେଥିପାଇଁ ନୁହେଁ, ବରଂ ଏଥିରେ ଆମର ବିଶ୍ୱାସ ଅଛି ସେଇଥିପାଇଁ । ଆମେ ଚାହୁଁଛୁ ଗରିବ ଘରେ ଚୁଲି ଜଳୁଥାଉ । ଗରିବଲୋକଙ୍କ ପିଲା ଭୋକିଲା ରୁହନ୍ତୁ ନାହିଁ। କେନ୍ଦ୍ର ସରକାର ହେଉ, ରାଜ୍ୟ ସରକାର ହେଉ, ଶାସକ ଦଳ ହେଉ ବା ବିରୋଧୀ ଦଳ ଏହା ସମସ୍ତେ ଚାହିଁବା ଆବଶ୍ୟକ । ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ହେଲା ଆମେ ଦେଖିବା ଯେପରି କେହି ଭୋକିଲା ନ ରହେ । ରିଅଲ୍ ଟାଇମ୍ ଡାଟା ଆମକୁ ଶସ୍ୟ ଆଦିର ଗଚ୍ଛିତ ପରିମାଣର ପ୍ରବନ୍ଧରେ ସହାୟତା କରିବ । ଆମ ପାଖରେ ଶସ୍ୟ ଗଚ୍ଛିତ ଅଛି କିନ୍ତୁ ଏକ ଉପଯୁକ୍ତ ବ୍ୟବସ୍ଥାର ଅଭାବ ଅଛି ।

ଯଦି ସରକାରଙ୍କ ପାଖରେ ସୂଚନା ଥାଏ, ତାହାହେଲେ କେଉଁଠାରେ ଆବଶ୍ୟକତା ଅଛି ଏବଂ କେଉଁଠାରେ ଗୋଦାମ ତିଆରି ଦରକାର ତାହା ସରକାର ଜାଣିପାରିବେ । ତାହାକୁ ରେଳଷ୍ଟେସନ ନିକଟରେ ନିର୍ମାଣ କଲେ ସାମଗ୍ରୀ ପରିବହନରେ ସୁବିଧା ହୋଇପାରିବ । ତାହାଦ୍ୱାରା ବ୍ୟବସାୟ ମାନ୍ଦା ଥିବା ସମୟରେ ସୁବିଧା ନିଆଯାଇପାରିବ । Food Corporation of India ଅନେକ ଦିନରୁ ଅଛି । ତାହାର ଆଧୁନିକୀକରଣ ମଧ୍ୟ କରାଯାଇପାରିବ । ଖରିଦ, ସଂରକ୍ଷଣ ଓ ବିତରଣ ଇତ୍ୟାଦି ଅଲଗା ଅଲଗା କରାଗଲେ ବ୍ୟବସ୍ଥାରେ ସୁବିଧା ହେବ । ମୋର ବିଶ୍ୱାସ ଯେ ଏହାଦ୍ୱାରା ପରିସ୍ଥିତି ନିଶ୍ଚିତ ଭାବରେ ବଦଳିବ ।

କୃଷି କ୍ଷେତ୍ର, କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକ ଏବଂ କୃଷକମାନେ ଗୋଟିଏ ଜିନିଷ ଉପରେ ଦୃଷ୍ଟି ରଖନ୍ତୁ । ଏହା ହିଁ ସମୟର ଆବଶ୍ୟକତା । କୃଷି ଉପଯୋଗୀ ଜମିର ପରିମାଣ କମ୍ ହେଉଛି ମାତ୍ର ପରିବାରମାନଙ୍କର ସଂଖ୍ୟା ବଢୁଛି । ଆଧୁନିକ କୃଷିରେ ଟେକ୍ନୋଲୋଜିର ପ୍ରୟୋଗ କରିଲେ ହିଁ ସମସ୍ୟାର ସମାଧାନ ହୋଇପାରିବ । କାରଣ ତାହା ଦ୍ୱାରା ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ପାଇବ। ବିଶ୍ୱବିଦ୍ୟାଳୟଗୁଡ଼ିକରେ ଗବେଷଣାର ଆବଶ୍ୟକତା ରହିଛି । ବହୁ ବର୍ଷ ଧରି ଡାଲିଜାତୀୟ ପଦାର୍ଥ ଉପରେ କୌଣସି ଗବେଷଣା ହୋଇନାହିଁ । ଏହା ଆମ ପାଇଁ ଏକ ବଡ଼ ଆହ୍ୱାନ । କାରଣ ଗରିବ ଲୋକ ପୁଷ୍ଟିସାର ପାଇବାକୁ ହେଲେ ଡାଲିର ବହୁତ ଆବଶ୍ୟକତା ରହିଛି। କୁପୋଷଣ ସହ ଲଢ଼ିବାକୁ ହେଲେ ଆମକୁ ଡାଲିର ଉତ୍ପାଦନ ବଢାଇବାକୁ ପଡ଼ିବ । ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଡାଲିର ଉତ୍ପାଦନ ବା ଡାଲିରେ ପ୍ରୋଟିନ୍‌ର ଶର୍କରାର ପରିମାଣ ବଢାଇ ସାରିଛୁ କିନ୍ତୁ ଡାଲିରେ ପ୍ରୋଟିନ୍‌ର ପରିମାଣ ନୁହେଁ । ଏହା ଏକ ବଡ଼ ଆହ୍ୱାନ । ଆମର ବୈଜ୍ଞାନିକମାନେ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏଥିପାଇଁ ଅନୁପ୍ରାଣିତ କରିପାରିବେ କି ? ସମସ୍ତଙ୍କର ସମ୍ମିଳୀତ ପ୍ରଚେଷ୍ଟାରେ ଆମେ ଏହି ସମସ୍ୟାର ସମାଧାନ କରିପାରିବା ।

ଆମର ମାତା ଓ ଭଗିନୀମାନେ, ଆମ ଜନସଂଖ୍ୟାର ପଚାଶ ଭାଗ ଅଟନ୍ତି । ଆମ ଦେଶର ବିକାଶ ଯାତ୍ରାରେ ସେମାନେ ସାମିଲ ହେବା ଦରକାର । ସେମାନଙ୍କୁ ଆମେ ଆର୍ଥିକ ଗତିବିଧିରେ ସାମିଲ କରିବାକୁ ହେବ । ଆମେ ଯଦି ବିକାଶର ନୂଆ ସୀମାରେ ପହଂଚିବାକୁ

ରହୁଁ, ମହିଳାଶକ୍ତିର ସହଭାଗିତା ଜରୁରୀ । ଆମକୁ ସେମାନଙ୍କର ସମ୍ମାନ ଓ ନିରାପତ୍ତାର ଧ୍ୟାନ ରଖିବାକୁ ହେବ । ନିକଟ ଅତୀତରେ କିଛି ଦୁଃଖଦ ଘଟଣା ଘଟିଯାଇଛି ଯାହା ଆମକୁ ବ୍ୟଥିତ କରିଛି-ଆମେ କ୍ଷମତାରେ ଥାଉ ବା ନଥାଉ । ପୁନାରେ ହତ୍ୟାଘଟଣା, ୟୁପିରେ ହତ୍ୟାଘଟଣା, ମନାଲିରେ ଯୁବକମାନଙ୍କର ବୁଡିଯିବା ଘଟଣା, ବଳାତ୍କାର ଘଟଣା ଇତ୍ୟାଦି ଆମକୁ ଆତ୍ମମନ୍ଥନ କରିବାକୁ ବାଧ୍ୟ କରୁଛି । ସରକାରଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ । ଦେଶ ଆଉ ଅପେକ୍ଷା କରିପାରିବ ନାହିଁ, ପୀଡ଼ିତ ଆଉ ଅପେକ୍ଷା କରିପାରିବେ ନାହିଁ। ଆମର ଆତ୍ମା ଆମକୁ କ୍ଷମା କରିପାରିବ ନାହିଁ । ସେଥିପାଇଁ ମୁଁ ସମସ୍ତ ରାଜନେତାଙ୍କୁ ନମ୍ରତାର ସହିତ ଅନୁରୋଧ କରୁଛି, ଦୟାକରି 'ବଳାତ୍କାର' ଭଳି ଅପରାଧର 'ମନସ୍ତାତ୍ତ୍ୱିକ ବିଶ୍ଳେଷଣ' କରନ୍ତୁ ନାହିଁ । ଏହା ଆମର ମାତା ଓ ଭଗିନୀମାନଙ୍କର ସମ୍ମାନ ହାନି କରୁଛି । ଆମର ୧୨୫ କୋଟି ଜନତାଙ୍କ ପାଇଁ ମହିଳାମାନଙ୍କର ସମ୍ମାନ ସର୍ବୋପରି ହେବା ଉଚିତ୍ । ଆମ ଦେଶର ୬୫ ପ୍ରତିଶତ ଜନତାଙ୍କର ବୟସ ୩୫ ବର୍ଷରୁ କମ୍ । ଏହି ସମୟଚକ୍ର ଦେଇ ଭାରତ ଗତିକରୁଥିବାର ଦେଖିବା ଆମ ପାଇଁ ବଡ଼ ସୌଭାଗ୍ୟର ବିଷୟ । ଆମେ ଭାଗ୍ୟବାନ ଯେ ଏହି ସମୟରେ ଆମେ ସଂସଦରେ ଅଛୁ ।

ଡେମୋଗ୍ରାଫିକ ଡିଭିଜନର ଏହି ଶକ୍ତିକୁ ଆମକୁ ଚିହ୍ନିବାକୁ ହେବ । ଆଗାମୀ ଭବିଷ୍ୟତରେ ଶ୍ରମିକ ଶକ୍ତି, ମାନବ ସଂସାଧନ, କୁଶଳୀ କାରିଗରର ଶକ୍ତି ଏହି ସବୁର ବହୁତ ଆବଶ୍ୟକତା ପଡ଼ିବ ସମଗ୍ର ବିଶ୍ୱରେ । ଯେଉଁମାନେ ଏହି କ୍ଷେତ୍ରରେ ଅଭିଜ୍ଞ, ସେମାନେ ଜାଣନ୍ତି ସମଗ୍ର ବିଶ୍ୱରେ କୁଶଳୀ ଶ୍ରମିକଙ୍କର କେତେ ଆବଶ୍ୟକତା ରହିଛି । ଚୀନର ବୟସ ବଢୁଛି, ମାତ୍ର ଭାରତର ବୟସ କମୁଛି । ଏହା ଏକ ବଡ଼ ଫାଇଦା । ବିଶ୍ୱର ସମସ୍ତ ଦେଶ କୌଶଳତା ବିକାଶ ଉପରେ ଜୋର୍ ଦେଉଛନ୍ତି । ଆମେ ମଧ୍ୟ ତାହାରି ଉପରେ ଜୋର୍ ଦେବା । ଆମର ସ୍ଲୋଗାନ୍ ହେବା ଉଚିତ 'ଶ୍ରମେବ ଜୟତେ' । ଦେଶ ନିର୍ମାଣରେ ଶ୍ରମିକମାନଙ୍କର ବଡ଼ ଭୂମିକା ରହିଛି । ଶ୍ରମିକ ହେଉଛି ବିଶ୍ୱକର୍ମା । ଆମେ କିପରି ଆମ ଶ୍ରମିକମାନଙ୍କର ଗୌରବ ବଢାଇବା ? ଆମ ଦେଶର ଦୁର୍ନୀତି ହିଁ ଆମର ପରିଚୟ ହୋଇଯାଇଛି । ତେଣୁ ଆମକୁ ତାହାକୁ ବଦଳାଇବାକୁ ପଡ଼ିବ Skill India ଉପରେ ଜୋର

ଦେଇ । ସେଥିପାଇଁ ଏକ ନୂତନ ବିଭାଗର ସର୍ଜନା କରାଯାଉଛି, ଯାହାର ନାମ ହେଲା – "Entrepreneurships & skill Development"

ଆମ ଦେଶର ଏକ ଦୁଃର୍ଭାଗ୍ୟ ଯେ ଏଠାରେ ଅନେକ ଏପରି ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀଧାରି ଲୋକେ ଅଛନ୍ତି ଯେଉଁମାନଙ୍କର ସାର୍ଟିଫିକେଟ୍ ତ ଅଛି ମାତ୍ର କୌଣସି ବ୍ୟାବହାରିକ ଜ୍ଞାନ ବା କୌଶଳ ନାହିଁ । ମୁଁ ପିଲାଦିନେ ଦାଦା ଧର୍ମାଧିକାରୀଙ୍କ ଦ୍ୱାରା ଲିଖିତ ଏକ ପୁସ୍ତକ ପଢିଥିଲି । ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣିତ ସେ ଜଣେ ବ୍ୟକ୍ତି ଯିଏକି ବିନୋବା ଭାବେଙ୍କ ସହ ରହୁଥିଲେ। ଦାଦା ଧର୍ମାଧିକାରୀଜୀ ଏକ ଅଭିଜ୍ଞତା ବର୍ଣ୍ଣନା କରିଥିଲେ- 'ଏକ ଯୁବକ ଥରେ ତାଙ୍କ ପାଖକୁ କାମ ପାଇଁ ଆସିଥିଲା । ସେ ତାକୁ ପଚାରିଲେ, ଭାଇ ତୁମେ କ'ଣ କର, କ'ଣ ପଢିଛ ଇତ୍ୟାଦି ଇତ୍ୟାଦି । ଯୁବକଟି କହିଲା ମୁଁ ଜଣେ ଗ୍ରାଜୁଏଟ୍ ଓ ମୋର ଚାକିରି ଦରକାର । ଦାଦାଜୀ ପଚାରିଲେ ତୁମେ କ'ଣ ଜାଣିଛ ?' ପୁଣି ଉତ୍ତର ଆସିଲା ମୁଁ ଜଣେ ଗ୍ରାଜୁଏଟ୍ , ଦାଦାଜୀ କହିଲେ, ହଁ ଭାଇ ତୁମେ ଗ୍ରାଜୁଏଟ୍, କିନ୍ତୁ ମତେ କୁହ ତମେ କ'ଣ ଜାଣିଛ ?

ଯୁବକ ପୁଣି କହିଲା- ମୁଁ ଜଣେ ଗ୍ରାଜୁଏଟ୍, ଚତୁର୍ଥ ଥର ମଧ୍ୟ ସେହି ପ୍ରଶ୍ନର ଏକା ଉତ୍ତର ଦେଲା ଯୁବକ । ମାତ୍ର ଖାଲି ସାର୍ଟିଫିକେଟ୍ ଥିଲେ କ'ଣ ହେବ ? ଜୀବନରେ ବଞ୍ଚିବାକୁ ହେଲେ କୌଣସି ଦକ୍ଷତାର ବିକାଶ କରିବାକୁ ହେବ । ଦକ୍ଷତା ବିକାଶ ଉପରେ ଆମକୁ ଜୋର ଦେବାକୁ ପଡ଼ିବ । ସପ୍ତମଶ୍ରେଣୀ ଯାଏ ପାଠ ପଢିଥିବା ଛାତ୍ରଟିଏ ଦାରିଦ୍ର୍ୟ ଯୋଗୁଁ ସ୍କୁଲ ଛାଡ଼ି ଚାଲିଯାଏ । ତାପରେ ତାକୁ ସଂଯୋଗବଶତଃ ଦକ୍ଷତା ବିକାଶ ପାଠ୍ୟକ୍ରମରେ ପାଠ ପଢିବାକୁ ସୁଯୋଗ ମିଳିଲା। ମାତ୍ର ପାରମ୍ପରିକ ସ୍କୁଲ ଶିକ୍ଷା କମ୍ ଥିବା ବ୍ୟକ୍ତିକୁ ଲୋକେ ଗୁରୁତ୍ୱ ଦିଅନ୍ତି ନାହିଁ । ସୁତରାଂ ଆମକୁ ଏପରି ଏକ ସାମାନ୍ତରାଳ ବ୍ୟବସ୍ଥାର ସୃଷ୍ଟି କରିବାକୁ ହେବ । ମୁଁ ଏହା କରିଥିଲି ଗୁଜୁରାଟରେ । ଦୁଇବର୍ଷ ପାଇଁ ITI ପଢିଥିବା ଛାତ୍ରଙ୍କର ଦଶମ ଶ୍ରେଣୀର ଯୋଗ୍ୟତା ଅଛି ବୋଲି ମୁଁ ବିବେଚନା କଲି । ଯେଉଁମାନେ ଦଶମଶ୍ରେଣୀ ପରେ ITI କରିଛନ୍ତି ସେମାନଙ୍କୁ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ବୋଲି ବିବେଚନା କରାଯିବ । ତାପରେ ସେମାନେ ଯଦି ଡିପ୍ଲୋମା ପଢିବାକୁ ଚାହିଁବେ ତାହା ମଧ୍ୟ

ଚାହିଁଲେ କରିପାରିବେ । ସେହିପରି ଜଣେ ସପ୍ତମଶ୍ରେଣୀ ଉତ୍ତୀର୍ଣ୍ଣ ବ୍ୟକ୍ତି ମଧ୍ୟ ଡିଗ୍ରୀ କୋର୍ସ କରିପାରିବ । କେତେକ ନିଷ୍ପତ୍ତି ବଡ଼ ସାହସର ସହ ନିଆଯାଇଥାଏ ।

ଆମେ ଯଦି ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଉଛେ, ତେବେ ତାହାର ସାମାଜିକ ସମ୍ମାନ ମଧ୍ୟ ସୃଷ୍ଟି କରିବା ଦରକାର । ବିଶ୍ୱରେ ବର୍ତ୍ତମାନ ଏକ କର୍ମଠ ମାନବସମ୍ବଳର ଆବଶ୍ୟକତା ରହିଛି । ସାରା ବିଶ୍ୱରେ ଶିକ୍ଷକମାନଙ୍କର ଆବଶ୍ୟକତା ରହିଛି । ଭାରତ କ'ଣ ଶିକ୍ଷକମାନଙ୍କୁ ବାହାର ଦେଶକୁ ପଠାଇପାରିବ ନାହିଁ? ଜଣେ ବ୍ୟବସାୟୀ ବାହାରକୁ ଗଲେ ସେ ଅଧିକରୁ ଅଧିକ ଡଲାର ଦେଶକୁ ଆଣିବେ । କିନ୍ତୁ ଜଣେ ଶିକ୍ଷକ ବାହାରକୁ ଗଲେ ପୁରା ଗୋଟିଏ ପିଢି ତାଙ୍କ ସାଙ୍ଗରେ ଆସିପାରିବ।

ଆମକୁ ଏହି ଶକ୍ତିକୁ ବଢାଇବାକୁ ପଡ଼ିବ । ବିଶ୍ୱ ଦରବାରରେ ଭାରତର ସ୍ଥିତିକୁ ଦୃଢ ଏବଂ ବଳଶାଳୀ କରିବାକୁ ହେଲେ ଏହି ସବୁ ହିଁ ମାଧ୍ୟମ ହେବ । ଆମେ କ'ଣ ଆମର ଯୁବଶକ୍ତିକୁ ସେଥିପାଇଁ ପ୍ରସ୍ତୁତ କରିପାରିବା ନାହିଁ ? ସମସ୍ତ ପ୍ରକାରର ସମ୍ଭାବନା ଅଛି ସେଥିରେ । ଆମେ ଭବିଷ୍ୟତକୁ ଅଗ୍ରସର କରିବାକୁ ଚାହିଁଲେ ଏହା ହିଁ ପନ୍ଥା ଏବଂ ମୁଁ ଦୃଢ ନିଶ୍ଚୟ ଯେ ଆମେ ଫଳ ପାଇପାରିବା ।

ଆମର ଦଳିତ, ପୀଡ଼ିତ, ଶୋଷିତ, ନିଷ୍ପେସିତ ତଥା ବନବାସୀ ଭାଇ ଓ ଭଉଣୀମାନଙ୍କର ଜୀବନରେ ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ କୌଣସି ପରିବର୍ତ୍ତନ ଆସିପାରିନାହିଁ । ଏକଥା ନୁହେଁ ଯେ ବଜେଟ୍‌ରେ ଥିବା ଅର୍ଥ ଖର୍ଚ୍ଚ ହୋଇନାହିଁ, ଅଥବା ସରକାରଙ୍କର ଆନ୍ତରିକତା ନଥିଲା ଏହି ସମସ୍ୟାର ସମାଧାନ ପାଇଁ । ମୁଁ କାହାପ୍ରତି ଦୋଷାରୋପ କରୁନାହିଁ । କିନ୍ତୁ ବାସ୍ତବରେ ପରିସ୍ଥିତି ବଦଳି ନାହିଁ । ଆମକୁ ପୁରୁଣା ମାନସିକତାକୁ ପରିତ୍ୟାଗ କରିବାକୁ ହେବ । ଭିନ୍ନ ଭିନ୍ନ ଯୋଜନା କରି ଆମେ ସମାଜର ଜରୁର୍ ପରିବର୍ତ୍ତନ ଆଣିପାରିବା ।

ଆମର ମୁସଲିମ ଭାଇମାନଙ୍କ ବିଷୟରେ କହିବି- ମୁଁ ଯେତେବେଳେ ଛୋଟ ଥିଲି ଦେଖିଥିଲି ସେମାନେ ସାଇକେଲ ମରାମତି କରୁଥିଲେ, ଆଜି ତାଙ୍କର ତୃତୀୟ ପିଢି ମଧ୍ୟ ସେହି କାମ କରୁଛନ୍ତି । ଏପରି ଦୁର୍ଦ୍ଦଶା କାହିଁକି ? ତାଙ୍କର ଜୀବନରେ ପରିବର୍ତ୍ତନ ଆସିବ

କିପରି ? ପରିବର୍ତ୍ତନ ଆଣିବାକୁ ହେଲେ ବିଭିନ୍ନ ଯୋଜନା ଉପରେ 'ଫୋକସ୍' କରିବାକୁ ପଡ଼ିବ । ସେଥିପାଇଁ ନୂଆ ନୂଆ ଯୋଜନା ଆଣିବାକୁ ହେବ । ମୁଁ ତାହାକୁ 'ତୁଷ୍ଟିକରଣ' ବୋଲି ଭାବୁନାହିଁ । ଶରୀରର କୌଣସି ଗୋଟିଏ ଅଙ୍ଗ ଅକାମୀ ହୋଇ ପଡ଼ିଲେ ପୁରା ଶରୀରକୁ ସୁସ୍ଥ କୁହାଯାଇପାରେନା । ସେହିପରି ସମାଜର ଗୋଟିଏ ଅଂଶ ଦୁର୍ବଳ ରହିଲେ ସମାଜ ସୁସ୍ଥ ହେବ କିପରି ? ସେଥିପାଇଁ ସମାଜର ପ୍ରତିଟି ଅଙ୍ଗ ସୁସ୍ଥ ସବଳ ହେବା ଆବଶ୍ୟକ । ଏହି ମର୍ମରେ ଆମକୁ କାର୍ଯ୍ୟ କରିବାକୁ ହେବ ।

ଉପବାଚସ୍ପତିଙ୍କ ସମ୍ବର୍ଦ୍ଧନା ହେତୁ
ଲୋକସଭାରେ ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ

13th August 2014

## ୧୩.୦୮.୨୦୧୪ ଲୋକସଭା

# ଉପବାଚସ୍ପତିଙ୍କର ନିର୍ବାଚନ ପରେ ସମ୍ବର୍ଦ୍ଧନା ବକ୍ତବ୍ୟ

ସମ୍ମାନନୀୟା ଅଧ୍ୟକ୍ଷ ମହୋଦୟ, ଏହି ସଦନର ଉଚ୍ଚ ପରମ୍ପରା ଅନୁସାରେ ପୁନର୍ବାର ସମସ୍ତଦଳର ସମସ୍ତ ସଦସ୍ୟବୃନ୍ଦ ସର୍ବସମତି କ୍ରମେ ଶ୍ରୀ ଥାମ୍ବିଦୁରାଇଜୀଙ୍କୁ ଉପାଧ୍ୟକ୍ଷ ପଦ ପାଇଁ ମନୋନୀତ କରିଛନ୍ତି । ମୁଁ ପ୍ରଥମେ ଏହି ସଦନର ଓ ବିଶେଷ ରୂପରେ ବିରୋଧୀ ଦଳର ସମସ୍ତ ସଦସ୍ୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି । ଶ୍ରୀମାନ ଥାମ୍ବିଦୁରାଇଜୀ ପୂର୍ବରୁ ମଧ୍ୟ ଉପାଧ୍ୟକ୍ଷ ଭାବରେ ଏହି ସଦନର ମାର୍ଗଦର୍ଶନ କରି ଆସିଛନ୍ତି, ଏହାକୁ ପରିଚାଳିତ କରିଆସିଛନ୍ତି । ଜଣେ ସଦସ୍ୟ ଭାବରେ ମଧ୍ୟ ସେ ବହୁତ ସକ୍ରିୟ ରହିଆସିଛନ୍ତି । ସମସ୍ତ ବିଷୟ ଉପରେ ତାଙ୍କର ଜ୍ଞାନ ଓ ଅନୁଭୂତି ସଦନକୁ ତଥା ରାଷ୍ଟ୍ରକୁ ପ୍ରାପ୍ତ ହୋଇଛି । କିଛି ସମୟ ପାଇଁ ମନ୍ତ୍ରୀପରିଷଦରେ ରହିଥିବା କାରଣରୁ ସେ ଟ୍ରେଜେରୀ ବେଂଚର କାର୍ଯ୍ୟକଳାପରେ ମଧ୍ୟ ଅଭିଜ୍ଞ । ତାଙ୍କର ଅନ୍ୟ ଏକ ବିଶେଷତ୍ୱ ହେଲା ସେ ଜଣେ ଶିକ୍ଷାବିତ୍ ମଧ୍ୟ । ସେ ବିବିଧ ପ୍ରକାରର ବିଷୟବସ୍ତୁ ସଂପର୍କରେ ଜ୍ଞାନ ଆହରଣ କରିଛନ୍ତି । ଶିକ୍ଷାବିତ୍ ସହିତ ସେ ରାଜନୀତି କ୍ଷେତ୍ରରେ ସକ୍ରିୟ ବ୍ୟକ୍ତି ଓ ଜଣେ କୃଷିବିତ୍ ମଧ୍ୟ । ଏପରି ବିବିଧତାରେ ଭରା ତାଙ୍କର ବ୍ୟକ୍ତିତ୍ୱ । ମୋର ବିଶ୍ୱାସ ଯେ ଉପାଧ୍ୟକ୍ଷ ରୂପରେ ସେ ଏହି ସଦନର ପରିଚାଳନା ସୁଚାରୁ ରୂପରେ କରିବେ । ମୁଁ ଉପାଧ୍ୟକ୍ଷଜୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛି ଯେ ସଦନର ପରିଚାଳନା କାର୍ଯ୍ୟରେ ତାଙ୍କୁ ଶାସକଦଳ ତଥା ସରକାରଙ୍କ ତରଫରୁ ସଂପୂର୍ଣ୍ଣ ସହଯୋଗ କରାଯିବ ।

“

# ସାଧ୍ୱୀ ନିରଞ୍ଜନ ଜ୍ୟୋତି ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ବକ୍ତବ୍ୟ

5th December 2014

”

# ୫.୧୨.୨୦୧୪ ଲୋକସଭା

## ସ୍ୱାମୀ ନିରଂଜନା ଜ୍ୟୋତି ବିଷୟ ସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ଜନୈକ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଆପତ୍ତିଜନକ ଭାଷା ବ୍ୟବହାର ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ (ଶ୍ରୀ ନରେନ୍ଦ୍ର ମୋଦୀ) ; ଆଦରଣୀୟା ଅଧ୍ୟକ୍ଷ ମହୋଦୟା, ଗତ କିଛି ଦିନ ଧରି ରାଜ୍ୟସଭାର କାର୍ଯ୍ୟ ସୁଚାରୁରୂପେ ଚାଲିପାରୁନାହିଁ । ମୁଁ ଲୋକସଭାର ସମସ୍ତ ସଦସ୍ୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି କାରଣ ଏହି ପ୍ରସଙ୍ଗ ସମ୍ବେଦନଶୀଳ ହୋଇଥିଲେ ମଧ୍ୟ ସେମାନେ ସଭାଗୃହ କାର୍ଯ୍ୟ ଚାଲିବାକୁ ଦେଇଛନ୍ତି । ସଂସଦରେ ଏହି ଆପତ୍ତିଜନକ ଭାଷା ବ୍ୟବହାର ପ୍ରସଙ୍ଗ ଉତ୍‌ଥାପିତ ହେବା ପୂର୍ବରୁ ମୋର ଦଳର ସଂସଦ ସଦସ୍ୟମାନଙ୍କର ଏକ ବୈଠକ ହୋଇଥିଲା ଏବଂ ମୁଁ ସେହି ବୈଠକରେ ଅତ୍ୟନ୍ତ କଟୁ ଭାଷାରେ ଏପରି ଆପତ୍ତିଜନକ ଶବ୍ଦ ତଥା ଆପତ୍ତିଜନକ ଭାଷା ପ୍ରୟୋଗ ନ କରିବାକୁ ଅନୁରୋଧ କରିଥିଲି ଏବଂ ମୁଁ ଏଥିଲାଗି ଆଦୌ ଖୁସି ନୁହେଁ ବୋଲି କହିଥିଲି । କୌଣସି ବ୍ୟକ୍ତି ଏଭଳି ପ୍ରସଙ୍ଗକୁ ଅନୁମୋଦନ କରିବ ନାହିଁ । ଇତି ମଧ୍ୟରେ, ପରେ ଉକ୍ତ ମନ୍ତ୍ରୀ କ୍ଷମା ଭିକ୍ଷାମଧ୍ୟ କରିଛନ୍ତି । ଉକ୍ତ ମନ୍ତ୍ରୀ ନୂଆ ଏବଂ ତାଙ୍କର ସାମାଜିକ ପୃଷ୍ଠଭୂମି ବିଷୟ ଆମକୁ ଜଣା, ସେ ଗ୍ରାମୀଣ ପୃଷ୍ଠଭୂମିରୁ ଆସିଛନ୍ତି ଓ କ୍ଷମା ମଧ୍ୟ ମାଗିଛନ୍ତି । ଏହି ସଭାଗୃହରେ ଥିବା ବରିଷ୍ଠ ବ୍ୟକ୍ତିମାନଙ୍କର କର୍ତ୍ତବ୍ୟ ହେଉଛି, ଏତେବଡ଼ ସଭାଗୃହରେ ଯେବେ ଆମର ଜନୈକ ସାଥୀ କ୍ଷମା ମାଗିସାରିଛନ୍ତି, ସେତେବେଳେ ଆମେମାନେ ମଧ୍ୟ ଉଦାରତା ପ୍ରଦର୍ଶନ କରିବା ଉଚିତ। ମୁଁ ଲୋକସଭାର ସମସ୍ତ ସଦସ୍ୟଙ୍କ ପ୍ରତି ମୋର କୃତଜ୍ଞତା ଜଣାଉଛି କାରଣ ସେମାନେ ସଦନର କାର୍ଯ୍ୟ ଚାଲୁ ରଖିବାରେ ଯୋଗଦାନ ଦେଇଛନ୍ତି । ମୁଁ ଏହି ପ୍ରସଙ୍ଗ ଉପରେ କହିବାକୁ ଚାହେଁ ଯେ, ଆମ ସମସ୍ତଙ୍କର (ଯେଉଁମାନେ ସାର୍ବଜନୀନ ଜୀବନରେ ରାଜନୀତି କରୁଛନ୍ତି) ଏହା ଦାୟିତ୍ୱ ବୋଲି ଭାବୁଛି ଯେ ଆମେ ସମସ୍ତେ ମର୍ଯ୍ୟାଦାର ସମ୍ମାନ କରିବା ଉଚିତ, ସଂସଦର ପରିସର ଭିତରେ ବା ବାହାରେ ମର୍ଯ୍ୟାଦାର ପରିସର ମଧ୍ୟରେ ରହି ଆମେ ନିଜର ବକ୍ତବ୍ୟ ରଖିବା ଉଚିତ । ଏଥିରେ କୌଣସି ମତଭେଦ ନରହିବା ଦରକାର । ଜଣେ ନୂଆମନ୍ତ୍ରୀ କ୍ଷମା ମାଗିବା

ପରେ, ବରିଷ୍ଠନେତାମାନେ ନିଜ ନିଜର ଦଳର ସଦସ୍ୟମାନଙ୍କୁ ଅନୁରୋଧ କରିବା ଆବଶ୍ୟକ ଯେ ଏହି ପ୍ରସଙ୍ଗଂକୁ ଏଠାରେ ସମାପ୍ତ କରି ଦେଶର ହିତ ପାଇଁ ଆମମାନଙ୍କର କାର୍ଯ୍ୟ ଜାରି ରଖିବା ଉଚିତ ।

# ନଭେମ୍ବର 26 ଘଟଣାର ଦୋଷୀ ଜାକି ଉର୍ ରେହ୍ ମାନ କୁ ପାକିସ୍ତାନ ଦ୍ୱାରା ଜାମିନ ପ୍ରଦାନ ଘଟଣା ସମ୍ପର୍କରେ ପ୍ରଧାନମନ୍ତ୍ରୀ ବକ୍ତବ୍ୟ

19th December 2014

# ୧୯.୧୨.୨୦୧୪ ଲୋକସଭା

## ଜାକିର-ରେହେମାନ ଲଖ୍‌ଭିଙ୍କୁ ପାକିସ୍ତାନ ଦ୍ୱାରା ଜାମିନ ପ୍ରଦାନ ଘଟଣା ସମ୍ବନ୍ଧରେ ବକ୍ତବ୍ୟ

୨୦୧୧ ମସିହା ନଭେମ୍ବର ୨୬ ତାରିଖରେ ହୋଇଥିବା ମୁମ୍ବାଇ ସନ୍ତ୍ରାସବାଦୀ ଆକ୍ରମଣର ସଂଚାଳନକୁ ଜାମିନ୍ ମିଳିବା ପ୍ରସଙ୍ଗ ଉପରେ, ସଦସ୍ୟମାନଙ୍କ ଦ୍ୱାରା ଉତ୍‌ଥାପିତ ପ୍ରସଙ୍ଗ ଉପରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ପ୍ରଧାନମନ୍ତ୍ରୀ (ଶ୍ରୀ ନରେନ୍ଦ୍ର ମୋଦୀ); ସମ୍ମାନନୀୟା ଅଧକ୍ଷ ମହୋଦୟା, ବାଂଲାଦେଶର ରାଷ୍ଟ୍ରପତି ଆଜି ଆମ ଦେଶକୁ ଆସିଥିବାରୁ ମୁଁ ତାଙ୍କ ସହିତ ହୋଇଥିବା ବୈଠକରେ ବ୍ୟସ୍ତ ଥିଲି । ଆଜି, ଏହି ସଦନ ପାକିସ୍ତାନରେ ଘଟିଥିବା ଘଟଣାନେଇ ଏକ ସ୍ୱରରେ ନିନ୍ଦା କରିଛି ତଥା ଚିନ୍ତା ବ୍ୟକ୍ତ କରିଛି । ଭାରତ ସରକାର ମଧ ଘଟଣା ଘଟିବା ପରେ ଅତ୍ୟନ୍ତ କଠୋର ଭାଷାରେ ଭାରତର ଚିନ୍ତା ବ୍ୟକ୍ତ କରିଛନ୍ତି ଏବଂ ଏହି ସନ୍ଦେଶ ପାକିସ୍ତାନ ପାଖରେ ପହଂଚିସାରିଛି । ଏଇ ମାତ୍ର ପାକିସ୍ତାନର ଘଟିଥିବା ଏହି ଭୟଙ୍କର ଘଟଣାରେ ଅନେକ ନିରୀହ ଶିଶୁଙ୍କର ହତ୍ୟା କରାଯାଇଛି ସେଥିପାଇଁ ପାକିସ୍ତାନକୁ ଯେତିକି ଧକ୍କା ପହଂଚିଛି, ଭାରତକୁ ମଧ ସମପରିମାଣର କ୍ଷୋଭ ହୋଇଛି । ଏହି ଘଟଣା ନେଇ ହିନ୍ଦୁସ୍ତାନର ପ୍ରତ୍ୟେକ ଶିଶୁ ଅଶ୍ରୁ ବର୍ଷଣ କରୁଛନ୍ତି, ପ୍ରତ୍ୟେକ ବ୍ୟକ୍ତିଙ୍କ ଆଖିରେ ଲୁହ ଆସିଛି । ଏହି ଘଟଣାର ଠିକ୍ ପରେ ପରେ ପାକିସ୍ତାନ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ, ମାନବତାବାଦ ଉପରେ ବିଶ୍ୱାସ ରଖିବାର ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ବହୁତ ଅଧିକ ଦୁଃଖ ଦେବ । ପାକିସ୍ତାନକୁ ଉଚିତ ଶବ୍ଦ ବ୍ୟବହାର କରି ଠିକଣା ଜବାବ୍ ଦିଆଯାଇଛି । ଏହି ସଦନ ଯେଉଁ ଭାବନା ବ୍ୟକ୍ତ କରିଛି, ସେହି ଭାବନାକୁ ସମ୍ମାନ ଜଣାଇ, ଆଗାମୀ ଦିନ ମାନଙ୍କରେ ଆମ ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବେ । ବାଂଲାଦେଶର ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରୁ ବିରତ ହେବା ପରେ ଆମର ବୈଦେଶିକ ମନ୍ତ୍ରୀ ଆସନ୍ତା ସୋମବାର ଦିନ ଏହି ସଦନରେ ନିଜର ବିଷଦ ବକ୍ତବ୍ୟ ରଖିବେ ଏବଂ ଏହି ସଦନ ମାଧ୍ୟମରେ ଏ ବିଷୟରେ ଦେଶକୁ ଅବଗତ କରାଇବେ ।

2015




ଶ୍ରୀ ନରେନ୍ଦ୍ର ମୋଦୀ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମକୁ ସମ୍ବୋଧନ କରିବା ଅବସରରେ

"ଡିଜିଟାଲ ଇଣ୍ଡିଆ ନିମନ୍ତେ ଆମର ଅନ୍ୱେଷଣ ସର୍ବବ୍ୟାପୀ ଏହା ସମସ୍ତଙ୍କର ଜୀବନକୁ ସହଜ କରିବାକୁ ଯାଉଛି"

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ସମ୍ବନ୍ଧରେ ଲୋକସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଉତ୍ତର

27th February 2015

# ୨୭.୦୨.୨୦୧୫ ଲୋକସଭା
# ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ

ସମ୍ମାନିତ ବାଚସ୍ପତି, ମୁଁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେବା ପାଇଁ ଠିଆ ହୋଇଛି। ମୁଁ ମଧ୍ୟ ଏହି ଗୃହର ସମ୍ମାନୀତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି । ଏଠାରେ ବହୁତ ଭଲ ଆଲୋଚନା ହୋଇଥିଲା । ମୁଁ ପ୍ରାୟ ୬୦ ମାନ୍ୟଗଣ୍ୟ ସଦସ୍ୟଙ୍କ ମତାମତ ଶୁଣିବାର ଏକ ସୁଯୋଗ ପାଇଲି ଏବଂ ପ୍ରାୟ ୪୦ ଜଣ ସମ୍ମାନିତ ସଦସ୍ୟ ଲିଖିତ ଆକାରରେ ନିଜର ମତ ପ୍ରକାଶ କରିଛନ୍ତି । ଏହି ଅର୍ଥରେ, ଏହା ଏକ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଆଲୋଚନା ହୋଇଛି । ଏଥିରେ ଅନେକ ବିଷୟ ଆଲୋଚନା କରାଯାଇଛି । ବିରୋଧୀ ଦଳର ମାନ୍ୟବର ଖଡ଼୍‌ଗେଜୀ ଏବଂ ସମସ୍ତ ଦଳର ବରିଷ୍ଠ ନେତାମାନେ ସେମାନଙ୍କର ବିଷୟମାନ ରଖିଛନ୍ତି । ରାଷ୍ଟ୍ରପତି ତାଙ୍କ ସମ୍ବୋଧନରେ ଦେଶ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେହି ସମସ୍ୟାର ସମାଧାନ ପାଇଁ କେଉଁ ପ୍ରୟାସ କରାଯାଉଛି, କେଉଁ ଦିଗରେ ଏବଂ କେଉଁ ବେଗରେ ତାହା ଉଲ୍ଲେଖ କରାଯାଇଛି ବୋଲି ଉଲ୍ଲେଖ କରିଛନ୍ତି । ଏହା ସତ୍ୟ ଯେ ଅନେକ ସମ୍ମାନନୀୟ ସଦସ୍ୟ ଭାବୁଛନ୍ତି ଯେ ଅନ୍ୟ ବାଟରେ ସମସ୍ୟାଗୁଡିକର ସମାଧାନ କଲେ ଭଲ ହୁଅନ୍ତା। ମୁଁ ଏହାକୁ ସକାରାତ୍ମକ ଭାବରେ ଦେଖିଛି । ଏହି ସମ୍ମାନନୀୟ ସଦସ୍ୟମାନଙ୍କ, ଏହି ମତାମତ, ଏହି ପାର୍ଶ୍ୱରେ ହେଉ କିମ୍ବା ଅପର ପାର୍ଶ୍ୱରେ, ଥିବା ବିରୋଧୀ ସଭ୍ୟମାନଙ୍କର ହେଉ ଗୁରୁତ୍ୱପୂର୍ଣ୍ଣ ।

ଆପଣ ନିଶ୍ଚିତ ହୁଅନ୍ତୁ ଯେ ଏହି ସମସ୍ୟାଗୁଡିକର ସମାଧାନ କରିବାକୁ ଚାହାନ୍ତି । ମୁଁ ବିଶ୍ୱାସ କରେ ନାହିଁ ଯେ ଯୋଜନା ଏବଂ ଯୋଜନାର ନାମ ବିଷୟରେ ସମସ୍ୟା ରହିଛି । ଆମେ ପୂର୍ବ ସରକାରଙ୍କର ଉତ୍ତରାଧିକାରୀ ହୋଇଥିବାରୁ ସମସ୍ୟାଗୁଡିକର ସମାଧାନ ପାଇଁ ଉପାୟ ଖୋଜୁଛୁ। ସେମାନେ ମଧ୍ୟ କହୁଛନ୍ତି ଯେ ଯୋଜନାଗୁଡିକୁ ଆମର। ତୁମେ ଏହାର ନାମ ବଦଳାଇଛ। ମୁଁ ଭାବୁଛି ଏହିପରି ବିଷୟକୁ ସମାଲୋଚନା କରିବା ଉଚିତ୍ ନୁହେଁ। ଆପଣମାନେ ଗର୍ବ ଅନୁଭବ କରିବା ଉଚିତ୍, ଆନନ୍ଦିତ ହେବା ଉଚିତ୍ ଯେ ସମସ୍ୟା ଗୁଡ଼ିକର ସମାଧାନରେ କରାଯାଉଛି। ଏଠାରେ କିମ୍ବା ସେଠାର ଲୋକେ ହୁଅନ୍ତୁ, ପୁରାତନ କିମ୍ବା ନୂତନ ହୁଅନ୍ତୁ, ସମସ୍ତଙ୍କ ଚିନ୍ତାଧାରା ଠିକ୍, ଦିଗଟି ଠିକ୍, ମୁଁ ଏହା ବିଶ୍ୱାସ କରେ ।

ମୋର ମନେଅଛି ଯେ ପୂର୍ବରୁ ଆମର ବହୁତ ସମାଲୋଚନା କରାଯାଉଥିଲା, ଆପଣ ସ୍ୱାଧୀନତା ଆନ୍ଦୋଳନରେ କେଉଁଠାରେ ଥିଲେ ? ଅଟଳଜୀ ଥରେ ଏକ ସଠିକ୍ ଉତ୍ତର ଦେଇଥିଲେ । ଅଟଳଜୀ କହିଛନ୍ତି, ମୋତେ କୁହ ୧୮୫୭ ର ସ୍ୱାଧୀନତା ସଂଗ୍ରାମରେ ତୁମେ କେଉଁଠାରେ ଥିଲ ? ଏହି ଜିନିଷଗୁଡ଼ିକ କ୍ଷଣିକ ପାଇଁ ଭଲ ଲାଗେ ତୁମେ ନିର୍ମଳ ଭାରତ ବିଷୟରେ ଆଲୋଚନା କରି କୁହ ଯେ ତୁମେ ସ୍ୱଚ୍ଛ ଭାରତ ସୃଷ୍ଟି କରିଛ । ବର୍ତ୍ତମାନ ମୁଁ ପଢ଼ୁଛି ଯେ ୧୯୯୯ ମସିହାରେ ଅଟଳ ଜୀ ଟୋଟାଲ୍ ସାନିଟେସନ୍ ର ଏକ ପ୍ରୋଜେକ୍ଟ ଆରମ୍ଭ କରିଥିଲେ  କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ସମାନ ଯୋଜନା ପାଇଁ ନିର୍ମଳ ଭାରତ ଅନ୍ୟ ନାମ ଥିଲା କି ?  ମୁଁ ଭାବୁଛି ସମସ୍ୟା ହେଉଛି ସମସ୍ୟା, ପ୍ରସଙ୍ଗ ନୁହେଁ ।

ସ୍ୱଚ୍ଛତା ଆମ ଦେଶର ଏକ ସମସ୍ୟା ଏବଂ ସ୍ୱଚ୍ଛତା ଆମର ମାନସିକତା ସହିତ ଅଧିକ ଜଡିତ । ଯେତେବେଳେ ମୁଁ ସ୍ୱଚ୍ଛତା ଅଭିଯାନ ବିଷୟରେ କହିବି, ସେତେବେଳେ ମୁଁ କହିବି ମୋ ହୃଦୟ ଏବଂ ମନରେ ଏହାର ଖରାପ ଅଟେ । ବିଶ୍ୱବ୍ୟାଙ୍କର ରିପୋର୍ଟରେ କୁହାଯାଇଛି ଯେ ଅପରିଷ୍କାର କାରଣରୁ ବ୍ୟାପିଥିବା ରୋଗର ଚିକିତ୍ସା ପାଇଁ ଗରିବ ଲୋକଙ୍କର ୭ ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ । ସ୍ୱଚ୍ଛତା ପାଇଁ ଆମ ସମସ୍ତଙ୍କର ଅଧିକ ଦାୟିତ୍ୱ ଅଛି । ଯଦି ଆପଣ ଗରିବଙ୍କ ହାରାହାରି ନିଅନ୍ତି, ସେଠାରେ ପାଞ୍ଚ ଜଣ ସଦସ୍ୟ ବିଶିଷ୍ଟ ପରିବାର ଅଛି, ତେବେ ଏହା ୩୫ ହଜାର ଟଙ୍କା  ହେବ । ପରିଷ୍କାରତାର ଦ୍ୱିତୀୟ ପର୍ଯ୍ୟାୟ ହେଉଛି ମହିଳାଙ୍କୁ ନେଇ । ଆଜି ବି ମାଆ ଓ ଭଉଣୀମାନଙ୍କ ସମସ୍ୟା ଜାଣିବା ପାଇଁ ଆମକୁ ଗାଁକୁ ଯିବାକୁ ପଡ଼ିବ । ପ୍ରସଙ୍ଗ ହେଉଛି ମା ଏବଂ ଭଉଣୀମାନଙ୍କୁ ସମ୍ମାନ ଦେବା, ସେମାନଙ୍କୁ ବଞ୍ଚିବାର ଅଧିକାର ଦେବା । ଯେତେବେଳେ ସେମାନେ ଠିକ୍ ଜିନିଷ ଗୁଡ଼ିକୁ ମନେରଖନ୍ତି ସେମାନେ କୁହନ୍ତି ଭାଇ, ଆମକୁ ଏହା କରିବାକୁ ପଡ଼ିବ । ଝିଅମାନେ ଅସମୟରେ ବିଦ୍ୟାଳୟ ଛାଡ଼ନ୍ତି, ଅଧ୍ୟୟନ ଛାଡ଼ନ୍ତି କାହିଁକି ? ଗୋଟିଏ ମୁଖ୍ୟ କାରଣ ମନକୁ ଆସିଲା ଏବଂ ଏହାର କାରଣ ହେଲା ବିଦ୍ୟାଳୟ ଗୁଡିକରେ ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନାହିଁ । ପ୍ରଶ୍ନ କାହାକୁ ଦୋଷ ଦେବା ନୁହେଁ, ଏହା ହେଉଛି ସମସ୍ୟାର ସମାଧାନ ଖୋଜିବା, ତେଣୁ ଆମେ ସ୍ୱଚ୍ଛତା ଡ୍ରାଇଭ୍ ୩୪ ଅ ।ଗକୁ ନେଉଛୁ । ସ୍ୱଚ୍ଛତା ଅଭିଯାନ ଏକ ଉଦ୍‌ଘାଟନୀ ସମାରୋହ ନୁହେଁ,

ଏହା ଆମ ସମସ୍ତଙ୍କ ପାଇଁ ଚାଲୁଥିବା ଏକ କାର୍ଯ୍ୟ । ଆମ ଭିତରୁ କେହି କହେନାହିଁ ସେ ମଇଳା ଜିନିଷ ପସନ୍ଦ କରନ୍ତି। ୧୨୫ କୋଟି ଦେଶବାସୀ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଲାଗିଯିବା ଅନୁଚିତ୍ । ମୁଁ ଖୁସି ଯେ ସୁପ୍ରିୟାଜୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଏହା ଦ୍ୱାରା ଆମେ ଏକା କିପରି ଯୋଗ ଦେବା ? ସାଧାରଣ ପରିଷ୍କାର କାର୍ଯ୍ୟକ୍ରମକୁ ଲୋକମାନେ କେତେ ପସନ୍ଦ କରନ୍ତି ଆମେ କଳ୍ପନା କରିପାରିବା ନାହିଁ । ମୁଁ ମିଡିଆ ଗ୍ରୁପ୍‌ର ଲୋକଙ୍କୁ ପାଇଥିଲି । ସେମାନେ କହୁଥିଲେ ଯେ ଆମେ କେଦାରନାଥଙ୍କ କ୍ୟାମ୍ପରେ କାମ କରିଛୁ, ଟଙ୍କା ସଂଗ୍ରହ କରିଛୁ। ଆମକୁ ଚାରିକୋଟି ଟଙ୍କା ମିଳିଛି। ଗୁଜୁରାଟରେ ଯେତେବେଳେ ଭୂମିକମ୍ପ ହୋଇଥିଲା ଆମେ କାମ କରିଥିଲୁ, ଲୋକମାନେ ଆମକୁ ୩ କୋଟି ଟଙ୍କା ଦେଇଥିଲେ। ବର୍ତ୍ତମାନ ଆମେ ଟେଲିଭିଜନ ମାଧ୍ୟମରେ ସ୍ୱଚ୍ଛତା ପାଇଁ ପ୍ରଚାର ରଖିଥିଲୁ । ତାପରେ ଲୋକମାନେ ଆମକୁ ୪ଶହ କୋଟି ଟଙ୍କା ଦେଇଥିଲେ। ରାଜନୀତିରେ ଯେଉଁମାନେ ଅଛନ୍ତି ମୁଁ ସେହିମାନଙ୍କୁ କହିବି ଯେ ଯଦି ଆପଣ ଭୋଟ୍ ପାଇବା ପାଇଁ ଏହା କରନ୍ତି, ତେବେ ଏହା ସମାଜର ଏକ ଅତି ପ୍ରିୟ କାର୍ଯ୍ୟ। ଯଦି ଆପଣ ଏହି କାର୍ଯ୍ୟକୁ ସମାଜର ଉନ୍ନତି ପାଇଁ କରନ୍ତି, ତେବେ ଏହାଠାରୁ ଭଲ କାମ ଆଉ ନାହିଁ। ଆମେ ଏହା ଉପରେ ଧ୍ୟାନ ଦେବୁ ମୁଁ ଭାବୁଛି ଆମେ ବହୁତ କିଛି କରିପାରିବା।

ସମ୍ମାନନୀୟ ମୁଲାୟମ ସିଂଜୀ ବହୁତ ଭଲ କଥା କହିଛନ୍ତି । ସେ କହିଛନ୍ତି ସେ ମୋଦୀଜୀ ପରିଷ୍କାର ପରିଚ୍ଛନ୍ନତା କରିଛନ୍ତି, 'ଅସୀ ଘାଟ'କୁ ସଫା କରିବାକୁ ଯାଇଥିଲେ, ତଥାପି କାମ ଶେଷ ହୋଇନାହିଁ । ମୁଁ ବୁଝିପାରିଲି ନାହିଁ କି ମୁଁ କାନ୍ଦିବି କି କାନ୍ଦିବିନି, କାରଣ ସମ୍ମାନଜନକ ମୁଲାୟମ ସିଂହଜୀଙ୍କୁ ଉତ୍ତରପ୍ରଦେଶ ସରକାରଙ୍କ ରିପୋର୍ଟ କାର୍ଡ କିମ୍ୱା କେନ୍ଦ୍ର ସରକାରଙ୍କ ରିପୋର୍ଟ କାର୍ଡ ଦେଇଥିଲେ । (ବାଧା) ଅଶୀ ଘାଟର ସଫେଇ ପ୍ରାୟ ୩ ମାସ ଧରି ଚାଲିଛି ଆପଣ କଳ୍ପନା କରିପାରିବେ ଯେ ଏହା କେତେ ଅପରିଷ୍କାର ହୋଇଥିବ। 'ଅଶୀ ଘାଟ' ବିଷୟରେ ବାରାଣାସୀର ପରିଚୟ। ମୁଁ ମୁଲାୟମ ସିଂ ସହିତ ସହମତ । ଲୋହିଆଜୀ ଏକ ସ୍ୱଚ୍ଛତା ଆନ୍ଦୋଳନ ଚଳାଇଥିଲେ। ଦେଶର ପରିଷ୍କାର ପରିଚ୍ଛନତା ପାଇଁ ମହାତ୍ମା ଗାନ୍ଧୀଙ୍କ ପରେ ଆପଣ ଲୋହିଆଜୀଙ୍କର କୌଣସି ଅବଦାନକୁ ଦେଖିପାରନ୍ତି ନାହିଁ । ଯଦି କେହି ପୂର୍ଣ୍ଣ ଶକ୍ତି ସହିତ ସ୍ୱର ଉତ୍ତୋଳନ କରିଥିଲେ, ତେବେ ସେ ହେଉଛନ୍ତି

ଲୋହିଆଜୀ। ତାଙ୍କ  ତେଣୁ ମୋଦିଜୀ ଏଥିର ଚେଷ୍ଟା କରିବା ଉଚିତ ନୁହେଁ, ଏହା ହୋଇପାରିବ ନାହିଁ। ଯଦି ଲୋହିଆଜୀ ଭଲ କଥା କହିଛନ୍ତି ତେବେ ମୋଦିଜୀ ମଧ ସେହି ପଥ ଅନୁସରଣ କରି ଗର୍ବ କରିବା ଉଚିତ୍ ।

ଏତେ ସମୟ ପରେ ମଧ ବହୁତ ଅଳିଆ ଆବର୍ଜନା ରହିଲା। ଆପଣ ଶୁଣି ଆଶ୍ଚର୍ଯ୍ୟ ହେବେ ଯେ ଆମର ବିଦେଶରେ ଦୂତାବାସମାନ ଅଛି । ସୁଷମାଜୀ ସମସ୍ତ ଦେଶରେ ରାଷ୍ଟ୍ରଦୂତମାନଙ୍କୁ ଚିଠି  ଲେଖିଛନ୍ତି ଯେ ଭାରତରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ତୁମର ଦୂତାବାସର ସ୍ଥିତି ଦେଖନ୍ତୁ। ଦୂତାବାସର ଫଟୋ  ଯାହା ମୁଁ ଆଣିଛି, ସେମାନଙ୍କର ଅବସ୍ଥା ପୂର୍ବରୁ କ'ଣ ଥିଲା ଏବଂ ବର୍ତ୍ତମାନ ଏହା କ'ଣ ? ଯେଉଁଠାରେ ଆମ ଲୋକମାନେ ରହୁଥିଲେ ସେଠାରେ ଅଳିଆଗଦା ଥିଲା। କାଗଜପତ୍ର ପାଣିରେ ଭିଜାଯାଇଥିବା ପଥରରେ ତିଆରି ହୋଇଥିଲା।

ସରକାରୀ କାର୍ଯ୍ୟାଳୟମାନଙ୍କରେ କୌଣସି ବ୍ୟବସ୍ଥା ନାହିଁ, ଯଦି ବ୍ୟବସ୍ଥା ଅଛି, ଏହାକୁ କାର୍ଯ୍ୟକାରୀ କରାଯାଉନାହିଁ। ତେଣୁ ଏହା ଏକ ପବିତ୍ର କାର୍ଯ୍ୟ ଯାହା ପାଇଁ ଯାହା ପାଇଁ ଆମେ ଏଥିରେ ନିୟୋଜିତ ଅଛୁ। ଏହି କାମ ଏହି ସରକାର କିମ୍ବା ଏହି ସରକାର କିମ୍ବା ଏହି ସରକାରର ମୁଖ୍ୟଙ୍କ ଦ୍ୱାରା କରାଯାଇନାହିଁ, ଏହି କାର୍ଯ୍ୟ ୧୨୫ଟି ଦେଶବାସୀଙ୍କର ଅଟେ। ମୁଁ ମଧ ସେହି ନାମକୁ ନମସ୍କାର କରେ। ଯାହାଙ୍କ ଦ୍ୱାରା ତୁମେ ଏହି କାର୍ଯ୍ୟକୁ ବଢ଼ାଇଛି । ତୁମେ ଏପର୍ଯ୍ୟନ୍ତ ଯାହା କରିଛ ମୁଁ ସେଥିପାଇଁ ତୁମକୁ ନମସ୍କାର କରୁଛି । ଏହି ଜିନିଷଗୁଡିକ ବିବାଦର ବିଷୟ ହୋଇପାରିବ ନାହିଁ।

ମୋର ରେଡ୍‌ଦୁର୍ଗରୁ କହିବାର କ୍ଷମତା ଥିଲା।  ମୁଁ କହିଲି ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦେଶରେ  ଥିବା ପ୍ରଧାନମନ୍ତ୍ରୀଙ୍କ ସଂଖ୍ୟା ବର୍ତ୍ତମାନ ପର୍ଯ୍ୟନ୍ତ ସେଠାରେ ଥିବା ସରକାରଙ୍କ ସଂଖ୍ୟା ଏହି ଦେଶ ସେମାନଙ୍କ ଅବଦାନ  ସହିତ ଆଗକୁ ବଢ଼ିଛି । ଲାଲଦୁର୍ଗ ରାମପଟ୍ଟରୁ ମୁଁ ସମସ୍ତ ସରକାରଙ୍କ ସହ କଥା ହେଲି। ମୁଁ ଏହା ମଧ କହିବାକୁ ଚାହେଁ ଯେ ନଅମାସ ମଧ୍ୟରେ ।

ଆମେ ସବୁ କିଛି କରିଛୁ, ଆମେ ଏପରି ଦାବି କରିବାକୁ ଯାଉନାହୁଁ କି ବିଶ୍ୱାସ କରୁନାହୁଁ ଯେ ଅଗଷ୍ଟ ୧୫, ୧୯୪୭ ରେ ଦେଶ ଜନ୍ମ ହୋଇଥିଲା । ଏହି ଦେଶ ହଜାରେ ବର୍ଷର ଉତ୍ତରାଧିକାରୀ । ଋଷି, ସାଧୁ, ଗୁରୁ, ଦେବୀ, ଶିକ୍ଷକ, ଶ୍ରମିକ ଏବଂ କୃଷକ ଏହି ଦେଶକୁ ତିଆରି କରିଛନ୍ତି । ସରକାର ଦେଶ ସୃଷ୍ଟି କରିନାହାଁନ୍ତି । ସରକାର ଆସନ୍ତି ଏବଂ ଯାଆନ୍ତି । ସରକାର ଦେଶ ଗଠନ କରନ୍ତି ନାହିଁ, ଲୋକଙ୍କ ଶକ୍ତି ଦ୍ୱାରା ଦେଶ ଗଠିତ ହୁଏ, ଲୋକଙ୍କ ଶକ୍ତି ଦ୍ୱାରା ନିର୍ମିତ ହୁଏ ଏବଂ ରାଷ୍ଟ୍ର ନିଜ ଗତିରେ ଚାଲିଥାଏ, ଏହା ଏହାର ଦର୍ଶନ ସହିତ ଚାଲିଥାଏ । ଚିନ୍ତାଧାରା ଆସେ ଏବଂ ଯାଏ, ପରିବର୍ତ୍ତନ ହୁଏ । ମୂଳ ଉପାଦାନ ଦେଶକୁ ଚଳାଇଥାଏ । ଭାରତର ମୌଳିକ ଉପାଦାନ ହେଉଛି –

ଏକାମ ସତ୍ୟ ବିପ୍ରାଃ ବହୁଧା ବଦନ୍ତି ।

ଭାରତର ମୌଳିକ ଦର୍ଶନ ହେଉଛି–

ସର୍ବେ ଭବନ୍ତୁ ସୁଖୀନଃ ସର୍ବେ ସନ୍ତୁ ନିରାମୟାଃ

ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖ ଭାକ୍ ଭବେତ୍ ।

ଏହା ହେଉଛି ଭାରତର ମୌଳିକ ଚିନ୍ତାଧାରା । ଏଠାରେ ସମସ୍ତଙ୍କର ମଙ୍ଗଳ ଚିନ୍ତା କରାଯାଏ। ତେଣୁ ଏହି ଦେଶ ଆଜି ଯେଉଁଠାରେ ବି ଅଛି, ତାକୁ ଗଢ଼ିବେ। ସରକାର ଆସିବେ ଯିବେ। ନିର୍ମାଣ କରିବେ ଏବଂ ଚାଲିଯିବେ । କିଛି ଲୋକ ଭାବନ୍ତି ଦିଲ୍ଲୀରେ ତୁମର କ'ଣ ହେଲା ? ମୁଁ ପଚାରିବାକୁ ଚାହେଁ ଯେ ଗତ ତିନି ସପ୍ତାହ ଧରି ମଧ୍ୟପୂର୍ବ ଦେଶରେ ବିଭିନ୍ନ ନିର୍ବାଚନର ଫଳାଫଳର ଆସୁଛି । ପଞ୍ଚାୟତ, ପୌରପାଳିକା, ନଗରପାଳିକା ତମର କ'ଣହେଲା। ଆସାମ ଏତେ ବଡ ବିଜୟ ହାସଲ କରିଛି। କଣ ହେଲା ? ପଞ୍ଜାବ, ରାଜସ୍ଥାନକୁ ଆମେ ଏହାକୁ ଗଣନା କରିବୁ କି ? ଏହା କହିବାକୁ ଭଲ ଲାଗେ । ଯଦି ଏପରି ହୁଏ, ତେବେ ସେ ଏତେ ଜମି ଅଧିଗ୍ରହଣ କାର୍ଯ୍ୟ ସହିତ କ୍ଷେତ୍ରକୁ ଯାଇଥିଲେ । ଇତିହାସରେ କଂଗ୍ରେସ ଏତେ କମ୍ ଆସନ ପାଇନଥିଲା । ଏପରିକି ଜରୁରୀକାଳୀନ ପରିସ୍ଥିତି ଏତେ ଭୟଙ୍କର ଥିଲା, କିନ୍ତୁ କଂଗ୍ରେସ ସହ ପରିସ୍ଥିତି ଏଥର ଭଳି କେବେ ଖରାପ ହୋଇନାହିଁ । ଯଦି ଆପଣ ଏହି କାର୍ଯ୍ୟ ହେତୁ ଜିତିବାକୁ ଯାଉଛନ୍ତି ଏବଂ କୃଷକମାନେ ଏହାକୁ ପସନ୍ଦ କରିଥାନ୍ତେ, ଆପଣ ଜିତିଥାନ୍ତେ। ଦୟାକରି ସେହି ଯୁକ୍ତି କର

ନାହିଁ, ଏହା କହିବାକୁ ଭଲ ଲାଗେ କିନ୍ତୁ ସେହି ତର୍କ ସହିତ ତୁମେ ସତ୍ୟ ପ୍ରମାଣ କରିପାରିବ ନାହିଁ।

ତେଣୁ ମୁଁ କହିବାକୁ ଋହେଁ ସେ ଆମକୁ ସମସ୍ୟାର ସମାଧାନ ଖୋଜିବାକୁ ପଡିବ, ଏଠାରେ ଆମକୁ ମସ୍ତିଷ୍କ ପ୍ରୟୋଗ କରି ଉପାୟ ଖୋଜିବାକୁ ପଡ଼ିବ । ବେଳେବେଳେ କୁହାଯାଏ ଯେ MNREGA ବନ୍ଦ କରିବେ କିମ୍ବା ଆପଣ MNREGA କୁ ବନ୍ଦ କରି ଦେଇଛନ୍ତି । ମୁଁ ଏବେ ବିଶ୍ୱାସ କରେ ଯେ ଆପଣମାନେ ମୋର ଦକ୍ଷତା ଉପରେ ସନ୍ଦେହ କରିବେ ଆପଣଙ୍କ ମତ ମଧ୍ୟ ଭିନ୍ନ ହେଇପାରେ । ଆପଣ କହିପାରନ୍ତି ମୋଦୀଙ୍କର କମ୍ ଅଭିଜ୍ଞତା ଅଛି। ଏହା ହୋଇପାରେ କିନ୍ତୁ ଗୋଟିଏ ବିଷୟରେ ତୁମେ ବିଶ୍ୱାସସ କରିବା ଉଚିତ୍ ମୋର ରାଜନୈତିକ ଅବବୋଧ ଠିକ ଅଛି । ମୋର ରାଜନୈତିକ ଜ୍ଞାନ କହୁଛି MNREGAକୁ କେବେ ହେଲେ ବନ୍ଦ କର ନାହିଁ । ମୁଁ ଏପରି ଭୁଲ କରିପାରିବି ନାହିଁ । କାରଣ ମନରେଗା ତୁମର ବିଫଳତାର ଜୀବନ୍ତ ସ୍ମୃତି ଅଟେ । ସ୍ୱାଧୀନତା ର ଷାଠିଏ ବର୍ଷ ପରେ, ତୁମକୁ ଗାତ ଖୋଳିବାକୁ ଲୋକଙ୍କୁ ପଠାଇବାକୁ ପଡିଲା । ଏହା ତୁମର ବିଫଳତାର ଏକ ସ୍ମାରକ ଅଟେ ଏବଂ ମୁଁ ଉଚ୍ଚ ସ୍ୱରରେ ଏହି ସ୍ମୃତିର ଡିଣ୍ଡିମ ବଜାଇବି ।

ମୁଁ ଦୁନିଆକୁ ତୁମେ ଖୋଜୁଥିବା ଏହି ଗୀତଗୁଡିକ ଷାଠିଏ ବର୍ଷର ପାପର ଫଳାଫଳ । ତେଣୁ ମୋର ରାଜନୈତିକ ଜ୍ଞାନ ଉପରେ ସନ୍ଦେହ କର ନାହିଁ । MNREGK ରହିବ, ଆନ୍-ବାନ୍-ଶାନ୍ ସହିତ ରହିବ ଏବଂ ବାଦ୍ୟଯନ୍ତ୍ର ସହିତ ଦୁନିଆରେ କୁହାଯିବ । ହଁ, ଆଉ ଗୋଟିଏ ଜିନିଷ ହେଉଛି କାରଣ ମୁଁ ଦେଶର ହିତ ପାଇଁ ବଞ୍ଚିବାକୁ ଚାହୁଁଛି। ତେଣୁ ଏଥିରେ ଦେଶର କିପରି ଉନ୍ନତି ହୋଇପାରିବ। ଗରିବମାନେ କିପରି ଭଲ ହୋଇପାରିବେ, ଏଥିରେ ଯାହାକୁ ଯୋଡ଼ିବାକୁ ପଡ଼ିବ । ଯାହାକୁ ଶକ୍ତି ଦେବାକୁ ପଡିବ, ଆମେ ଦେବୁ କାରଣ ଆମେ ବିଶ୍ୱାସ କରୁ କିଏ ଏପରି ଧ୍ୱଂସାବଶେଷ ଛାଡିଛନ୍ତି ଲୋକଙ୍କୁ ଜଣାନ୍ତୁ । ଏତେ ବର୍ଷ ପରେ ମଧ କିଏ ତୁମକୁ ଏହି ଗାତ ଖୋଳିବାକୁ ବାଧ କରିଛି । ସେମାନେ ଏହା ଜାଣିବା ଉଚିତ, ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଆପଣ ଏକ ଉତ୍ତମ କାର୍ଯ୍ୟ କରିଛନ୍ତି।

ଆପଣ ଆପଣଙ୍କର ପାଦଚିହ୍ନ ଛାଡିଛନ୍ତି, ଯାହା ଲୋକମାନେ ଜାଣିପାରିବେ । ଯେତେବେଳେ ଦୁର୍ନୀତି ବିଷୟରେ ଆଲୋଚନା ହୁଏ, ମୁଁ ବିଶ୍ୱାସ କରେ ଯେ ଦୁର୍ନୀତି ଆମ ଦେଶକୁ ଧ୍ୱଂସ କରିଦେଇଛି। ରାଜନୈତିକ କଷଟିରେ ଦେଶର ଦୁର୍ନୀତି ବିଷୟରେ ଆଲୋଚନା କରନ୍ତୁ ନାହିଁ, କାରଣ ଏହାକୁ ରାଜନୀତି କଷଟିରେ ଆଲୋଚନା କରି ଆମେ ଆପଣଙ୍କ ଭିତରେ ଏହି ଭୟଙ୍କର ସମସ୍ୟାକୁ ଦନ୍ଦ୍ୱରେ ପକାଉ। ଯାହାର ସାର୍ଟ ଅଧିକ ଧଳା, ଏହିଠାରେ ଆମେ ସୀମିତ।

ମୁଁ ସେଠାରେ ଅଭିଯୋଗ କରିବା, ସେମାନେ ଏଠାରେ ଅଭିଯୋଗ କରିବେ ଏବଂ ଉତ୍ତେଜନାକାରୀମାନେ ଆଉ କୌଣସି ସ୍ଥାନରେ ଖାଇବେ । ଯଦି ଆମେ ସମସ୍ତ ଏକାଠି ହୋଇଥାଉ, ପୁରୁଣା ଦୁର୍ନୀତିର କ'ଣ ହେବ। ପରବର୍ତ୍ତୀ ସମୟରେ ଆମେ ଏକତ୍ର ସ୍ଥିର କରିବୁ ଯେ କେବଳ ଆଗକୁ ଯିବାକୁ ଅନୁମତି ଦିଆଯିବ ନାହିଁ । ତେବେ ଦୁର୍ନୀତି ହୋଇପାରେ । ଯାହା ରାଜନୈତିକ ସୀମା ଅତିକ୍ରମ କରେ। ଦେଶର କୌଣସି ଅସୁବିଧା ନାହିଁ ଯାହା ଟୁ-ଟୁ-ମନେରୁ ଜାଣିପାରିବ ଏବଂ ଏହାର ସମାଧାନ ପାଇଁ ରାସ୍ତା ଖୋଜିପାରିବ। ଦୁର୍ନୀତି ଏକ ସମସ୍ୟା, ଏହାର ପ୍ରତିକାର ହେଉଛି ଯେଉଁମାନେ ଶାସନ ବ୍ୟବସ୍ଥାରେ ବସିଛନ୍ତି ସେମାନେ ନୀତି ଡ୍ରାଇଭ୍ ରାଜ୍ୟ ଚଳାଇବା ପାଇଁ ଦାୟୀ ଅଟନ୍ତି । ଯେତେବେଳେ ସେଠାରେ ନୀତିଭିତ୍ତିକ ବ୍ୟବସ୍ଥା ଅଛି। ମୁଁ ଦାବି କରିବି ନାହିଁ ଯେ ସର୍ବୋପରି ପରମପିତା ଆମ ସମସ୍ତଙ୍କୁ ଏତେ ଜ୍ଞାନ ଦେଇଛନ୍ତି ଯେ, ଆମେ ଏପରି ନିୟମ କରିବା ଉଚିତ୍ ଯେଉଁଥିରେ କୌଣସି ଅଭାବ ନାହିଁ। ମନୁଷ୍ୟର ଅଧିକ ଶକ୍ତି ନାହିଁ। ଆଜି ସମସ୍ୟା ହୋଇନପାରେ। କିନ୍ତୁ ପାଂଚ ମାସ କିମ୍ବା ପାଂଚବର୍ଷ ପରେ କୌଣସି ସମସ୍ୟା ଉପୁଜିବ ନାହିଁ । କିନ୍ତୁ ସର୍ବନିମ୍ନ ଧୂସର ଅଂଚଳ ରହିଥାଏ, ଯେତେବେଳେ ଧୂସର ଅଂଚଳ ରହିଥାଏ ସେତେବେଳେ ନିଷ୍ପତ୍ତି ନିଆଯାଏ। ଯେ ଅମଲାତନ୍ତ୍ର, ଏହାର ବ୍ୟାଖ୍ୟା କରିବାର ସୁଯୋଗ ସ୍ଥାୟୀ ନୁହେଁ । ପ୍ରାଥମିକତାର କୌଣସି ସୁଯୋଗ ନାହିଁ । ଆମର ପ୍ରୟାସ ହେଉଛି ସରକାର ନୀତି ଚଳାଇବା, ଦେଶ ବ୍ୟକ୍ତିଗତ ଦୃଷ୍ଟିକୋଣ ଆଧାରରେ ଚାଲିପାରିବ ନାହିଁ କିମ୍ବା ସରକାର ଚଲାଇ ପାରିବେ ନାହିଁ । ସବୁକିଛି ଭାରତର ସମ୍ବିଧାନ ପରିସରରେ ରହିବା ଉଚିତ୍, କେବଳ ସେତେବେଳେ ସମସ୍ୟାର ସମାଧାନ ହୋଇପାରିବ ।

ଉଦାହରଣ ସ୍ୱରୂପ, କୋଇଲା ଆବଣ୍ଟନ, ଯେତେବେଳେ CAG ରିପୋର୍ଟ ଦେଲେ, ଏପରିକି ରିପୋର୍ଟ ଲେଖୁଥିବା ବ୍ୟକ୍ତିମାନେ ମଧ୍ୟ ଅନୁଭବ କରନ୍ତି ଯେ ଏହା ହୋଇପାରିବ ନାହିଁ । ୬୦୦ କୋଟି ମୂଲ୍ୟର ଦୁର୍ନୀତି ପୂର୍ବରୁ ଶୁଣାଣି ହୋଇଥିଲା । ୫୦୦ କୋଟିର ଦୁର୍ନୀତିର ଶୁଣାଣି ହୋଇଥିଲା । ମାତ୍ର ୧, ୮୬, ୦୦୦ କୋଟି ଟଙ୍କା ଦୁର୍ନୀତିରେ କଥା ଶୁଣି ଦେଶ ଚକିତ ହୋଇଯାଇଛି । ରାଜନୀତିର କହିବା ଉପଯୋଗୀ ଥିଲା, ତଥାପି ଏହା ମନକୁ ଆସିଲା ଯେ ଏହା କିପରି ୧, ୮୬, ୦୦୦ କୋଟି ହୋଇପାରେ ।

ଯେତେବେଳେ କୋଇଲା ଆବଣ୍ଟନ କରାଯାଇଥିଲା, ସୁପ୍ରିମକୋର୍ଟ ୨୦୪ କୋଇଲା ବ୍ଲକକୁ ବାତିଲ କରିଥିଲେ । ଏପର୍ଯ୍ୟନ୍ତ କେବଳ ୧୫ କିମ୍ବା ୧୯ ନିଲାମ ହୋଇଛି । ସେମାନଙ୍କଠାରୁ ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ଗ୍ରହଣ କରାଯାଇଛି ଯେତେବେଳେ ୨୦୪ ନିଲାମ ହୁଏ, CAG ଭାବିଲା ଯେ ଏହି ନିଲାମରୁ ଆହୁରି ବଡ ଅୟ ମଧ୍ୟ ଆସିବ। ସେହି ସମୟରେ ଶୂନ୍ୟ ସିଦ୍ଧାନ୍ତ ବିଷୟରେ ଆଲୋଚନା ହୋଇଥିଲା  ସେମାନଙ୍କ ସମୟରେ ସେମାନେ କଣ କରିବା ଉଚିତ୍ ମୁଁ କହିବାକୁ ଚାହେଁ ନାହିଁ । ସେ ମୋର ବିଷୟ ନୁହଁନ୍ତି  । ସେ ତୁମକୁ ଜାଣନ୍ତି ତୁମର divine ସ୍ୱର କାଣନ୍ତି  । ଯଦି ଆମେ ଏହି ଦିଗକୁ ଗତି କରୁ, ମୁଁ ଭାବୁଛି ରାସ୍ତାଗୁଡ଼ିକ ମିଳିପାରିବ । ଏହା ଏକ ସରଳ ଉଦାହରଣ ଯେ ଦୁର୍ନୀତିମୁକ୍ତ ପ୍ରଣାଳୀ ବିକାଶ କରାଯାଇପାରିବ ଏହିପରି ସିଷ୍ଟମ ଗୁଡ଼ିକ ବିକଶିତ ହୋଇପାରିବ ଯେଉଁଥିରେ ଦୁର୍ନୀତିର ସୁଯୋଗ କମିଯାଏ । ଏଥିପାଇଁ ଆପଣ ସର୍ବୋତ୍ତମ ପରାମର୍ଶ ଦିଅନ୍ତି।  ଯଦି ତୁମେ ଏହି ବିଷୟ ଉପରେ ମୋ ସମୟ ମାଗ, ତେବେ ମୁଁ ତୁମକୁ ସମୟ ଦେବି  । ମୁଁ ତୁମଠାରୁ ବୁଝିବାକୁ ଚାହେଁ ଏବଂ ତୁମେ ମଧ୍ୟ ଆମକୁ ମାର୍ଗଦର୍ଶନ କର ଯେ ଏହି ଭୟଙ୍କର ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏହି ଚାରୋଟି ଉପାୟ ସରକାରୀ ବ୍ୟବସ୍ଥା ଏହାକୁ ଦେଖିବ, କିନ୍ତୁ ଆମେ ସମସ୍ତେ ଦେଶକୁ  ଏହି ପରିସ୍ଥିତିରୁ ମୁକ୍ତ କରିବାକୁ ଚେଷ୍ଟା କରୁଛୁ । ଆସନ୍ତୁ ଧରିବା କ'ଣ ଘଟୁଛି ?

ଏଠାରେ ଅଧିକାଂଶ ସମ୍ମାନିତ ସଦସ୍ୟ କଳା ଟଙ୍କା ଉପରେ ଆଲୋଚନା କରିଥିଲେ । ଲୋକମାନେ ଯେଉଁ କଳା ଟଙ୍କା ବିଷୟରେ କହୁଥିଲେ, କଳାଟଙ୍କା ବିଷୟରେ ପାଟିରେ ରଙ୍ଗ ବଦଳିଯାଏ, ଯେତେବେଳେ ମୁଁ ଆଜି ସେମାନଙ୍କ ପାଟିରୁ କଳା ଟଙ୍କା କଥା କଥା

ଶୁଣେ ସେତେବେଳେ ମୁଁ ବହୁ ଆନନ୍ଦ ଅନୁଭବ କରେ । ଯାହା ଅନନ୍ଦ କଳ୍ପନା କରିପାରିବ ନାହିଁ । ମୋର ବିଶ୍ୱାସ ଯେ ଆମର ସବୁଠୁ ବଡ଼ ସଫଳତା ହେଉଛି ଯେ ଆମେ ଦେଶକୁ କଳା ଟଙ୍କା ବିଷୟରେ କହିବାକୁ ବାଧ୍ୟ କରିଛୁ । ସୁପ୍ରିମକୋର୍ଟଙ୍କ ବିଷୟରେ ଅନେକ କଥା ଅଛି, କିନ୍ତୁ ସୁପ୍ରିମକୋର୍ଟ କଳା ଟଙ୍କା ଉପରେ ଏକ ଏସ୍‌ଆଇଟି ଗଠନ କରିଛନ୍ତି । ତିଆରି କରିବାକୁ କୁହାଯାଇଛି ଆମେ ସୁପ୍ରିମକୋର୍ଟଙ୍କୁ ସମ୍ମାନ ସମ୍ମାନ ଦେବାରେ ବିଫଳ ହେଲୁ । ଏହା ଆମର ଦାୟିତ୍ୱ ନୁହେଁ କି ଯେତେବେଳେ ସୁପ୍ରିମକୋର୍ଟ କଳା ଟଙ୍କା ପାଇଁ SIT ପାଇଲେ । ଯଦି ଆମକୁ ତିଆରି କରିବାକୁ କୁହାଯାଇଥିଲା ତେବେ କୌଣସି ସମୟ ନଦେଇ ଆମେ SIT ପାଇଲୁ । ଆପଣ ତିଆରି କରିବେ କି ? ଆମେ ତିନି ବର୍ଷ ପାଇଁ SIT କରିଛୁ । ସୁପ୍ରିମକୋର୍ଟଙ୍କ କହିବା ସତ୍ତ୍ୱେ ତିଆରି ହୋଇନାହିଁ । ନୂତନ ସରକାର ଗଠନ ପରେ କ୍ୟାବିନେଟ୍ ମିଟିଂରେ ପ୍ରଥମ ନିଷ୍ପତ୍ତି ହେଉଛି କଳାଟଙ୍କା ଉପରେ SIT ତିଆରି କରିବା ପାଇଁ ବ୍ୟବହୃତ । ଯେତେବେଳେ କଳା ଟଙ୍କା କଥା ଆସେ ସୁଇସ୍ ବ୍ୟାଙ୍କ ବିଷୟରେ ଆଲୋଚନା ହେଉଛି ।

ମୁଁ ଶ୍ରୀ ଅରୁଣ ଜେଟଲୀଙ୍କୁ ଅଭିନନ୍ଦନ ଜଣାଉଛି ଯେ ସେ ଆଇନ ଅଧ୍ୟୟନ କରିଥିଲେ । ଆନ୍ତର୍ଜାତୀୟ ନିୟମ ଅଧ୍ୟୟନ କରିଥିଲେ ଏବଂ ଆମ ସହ ଗୁରୁତ୍ୱପୂର୍ଣ୍ଣ ସୂଚନା ଆଦାନ ପ୍ରଦାନ ପାଇଁ ସ୍ୱିସ୍ ସରକାରଙ୍କୁ ପ୍ରବର୍ତ୍ତାଇଥିଲେ । ଏହି କାରଣରୁ, ସେଠାରେ ଥିବା ବ୍ୟାଙ୍କଗୁଡ଼ିକ ବିଷୟରେ ସୂଚନା ପାଇବା ପାଇଁ ଆମ ପାଇଁ ରାସ୍ତା ଖୋଲାଯାଇଛି । ମୁଁ ଅର୍ଥମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଉଛି କେବଳ ଏତିକି ନୁହେଁ ଆପଣ ମଧ୍ୟ ଜି-୨୦ ଶିଖର ସମ୍ମିଳନୀକୁ ଯାଉଥିଲେ । ଆମେ ପ୍ରଥମ ଥର ପାଇଁ ଯାଇଛୁ । ଆମ ପାଇଁ, ପ୍ରଥମ ଥର ପାଇଁ ଅନେକ ଲୋକଙ୍କର ଚେହେରା ଦେଖିବାର ସୁଯୋଗ ଆସିଲା ଆମେ ଜି-୨୦ ସମ୍ମିଳନୀ ପାଇଁ କ'ଣ ବ୍ୟବହାର କଲୁ ? ଜି-୨୦ ଶିଖର ସମ୍ମିଳନୀ ମଧ୍ୟରେ ହୋଇଥିବା ମିଳିତ ଘୋଷଣାନାମାରେ ଆମେ ଅନୁରୋଧ କରିଛୁ ଯେ ଜି-୨୦ କଳା ଟଙ୍କା, ଡ୍ରଗ କାରବାର ବିରୁଦ୍ଧରେ ଦାୟିତ୍ୱବୋଧକ କାର୍ଯ୍ୟ କରିବା ଉଚିତ ଏବଂ ଆମେ ଏଥିରେ ସହଯୋଗ କରିବୁ । କଳା ଟଙ୍କା ବନ୍ଦ କରିବା ପାଇଁ ଆମେ ପରସ୍ପର ସହ ସହଯୋଗ

କରିବୁ । ଆମେ ଯାହା ଉପରେ ଚାପ ଦେବାକୁ ଚାହୁଁଛୁ ଆମେ ଏକାଠି ରଖିବୁ । ଜି-୨୦ ସମ୍ମିଳନୀରେ ଆମେ ଏହା ସ୍ଥିର କରିଛୁ । ଏହା ଆମର ପ୍ରୟାସ ଥିଲା ।

ଆମେ ଏହି ପଥରୁ ଭ୍ରମଣ କରିବାକୁ ଯାଇ ନାହୁଁ, ଆମେ ବିମୁଖ ହେବାକୁ ଯାଇ ନାହୁଁ ଏବଂ ଏଥିରୁ କେହି ରକ୍ଷା ପାଇପାରିବେ ନାହିଁ । ମୁଁ ଆପଣଙ୍କୁ ଏହା କହୁଛି ।

ଦୟାକରି, କେହି କହିବା ଉଚିତ୍ ନୁହେଁ ଯେ ଆମେ ପ୍ରତିଶୋଧପରାୟଣ, ସେଥିପାଇଁ ଆମେ ଏହା କରିଥିଲୁ । ଆମେ ପ୍ରତିଶ୍ରୁତି ଦେଇ ଆସିଛୁ । ସେହି ବ୍ୟକ୍ତି ଅବଶ୍ୟ ସମସ୍ତ ନୁହଁନ୍ତି, ଜଣେ ରାଜନେତା, କିନ୍ତୁ ଯିଏ ଏହା କରିଛି ସେ ଦେଶକୁ କ୍ଷତି କରିଛି । ତେଣୁ ସେହି ଦୃଷ୍ଟିରୁ ସରକାରଙ୍କ ଇଚ୍ଛା ଆମର ।

ସରକାରଙ୍କ ପ୍ରୟାସ ହେବା ଉଚିତ୍, ଆମେ କରୁଛୁ ଏବଂ ଅନ୍ୟତମ ବିଜୟ ପର୍ଯ୍ୟନ୍ତ ଜାରି ରଖିବୁ, ମୁଁ ଏହି ଗୃହକୁ ନିଶ୍ଚିତ କରୁଛି । ବେଳେବେଳେ କୁହାଯାଏ ତୁମେ ନୂଆ କରିଛ କି ? ମୁଁ କିପରି କାର୍ଯ୍ୟ କରିବ ତାହାର ଏକ ଉଦାହରଣ ଦେଉଛି । ଆମେ ଗୋଟିଏ ପଟେ ଚାଷୀଙ୍କୁ ବିଷୟରେ ବହୁତ କଥାବାର୍ତ୍ତା କରୁ । କିନ୍ତୁ ଚାଷୀଙ୍କୁ ଅସୁବିଧାରୁ ମୁକ୍ତ କରିବା ପାଇଁ ଆମ ଏକ ଉପାୟ ପାଇବୁ କି ? ସେଠାରେ ଅନେକ ସମାଧାନ ଅଛି, ସମଗ୍ର ବିଶ୍ୱ ଜଳ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି । ୩୦-୪୦ ବର୍ଷ ଭବିଷ୍ୟତକୁ ଦେଖିବା ଏବଂ କିଛି କାର୍ଯ୍ୟ କରିବା ସରକାରଙ୍କ ଦାୟିତ୍ୱ ? ନୁହେଁ କି ? ଏହା ସମୟର ଲାଭ ପାଇଁ ହେବ କି ? ରାଜନୈତିକ ଲାଭ ହୋଇପାରେ, କିନ୍ତୁ ଏହା ଜାତୀୟ ନୀତିର ମ୍ୟାପ୍‌ରେ ବସିବ ନାହିଁ । ଆମେ ସ୍ୱାସ୍ଥ୍ୟକାର୍ଡ ବିଷୟରେ କଥା ହେଲୁ ।

ଆମେ ମନ୍ତ୍ର ଦେଇଛୁ - ସୁସ୍ଥ ଭୂମି ଏବଂ ସବୁଜ କୃଷି । କିନ୍ତୁ ଆମେ କେବଳ ରିବନ୍ କାଟି ଏବଂ ବିଜ୍ଞାନ ଭବନରେ ଦୀପ ଜାଳି କାମ କରୁନାହୁଁ ।

ଏହି ସରକାର ଏପରି କାମ କରେ ମୁଁ କର୍ତ୍ତୃପକ୍ଷଙ୍କୁ ଜଣାଇଲି । ଉଦାହରଣ ସ୍ୱରୂପ, ଯଦି ଆପଣ କୌଣସି ଡାକ୍ତରଙ୍କ ନିକଟକୁ ଯାଆନ୍ତି, ତେବେ ସେ ପ୍ରଥମେ ରକ୍ତ ପରୀକ୍ଷା ମାଗନ୍ତି, ମୁଖ୍ୟ ପରୀକ୍ଷା ମାଗନ୍ତି ଏବଂ କେବଳ ସେତେବେଳ ସେ ଔଷଧ ପାଇଁ ଚିନ୍ତା କରନ୍ତି

। ସେ ସମସ୍ତ ପରୀକ୍ଷା ସମାପ୍ତ କରନ୍ତି ଏବଂ ସେ ପର୍ଯ୍ୟନ୍ତ ସେ ଔଷଧ ଦିଅନ୍ତି ନାହିଁ । ଯେପରି ଶରୀର ସ୍ୱାସ୍ଥ୍ୟ ପାଇଁ ଏହି ଜିନିଷଗୁଡ଼ିକ ଆବଶ୍ୟକ, ସେହିପରି ଆମ ଦେଶର, କୃଷକମାନଙ୍କ ନିକଟରେ ପହଞ୍ଚି ପାରିବା ଯେ ଫସଲ ଉତ୍ପାଦନ ହେବା ପୂର୍ବରୁ ଜମିର ଫାଇଦା ନିଆଯିବା ପୂର୍ବରୁ ଜମିର ସ୍ୱାସ୍ଥ୍ୟ କିପରି ଅଛି ତାହା ଆପଣ ଜାଣିବା ଉଚିତ୍ ।

ଆମେ ଯାହାକୁ ଭାରତ ମାତା ବୋଲି କହୁଛୁ, ସେହି ଭାରତମାତାର ଅବସ୍ଥା କ'ଣ, ସେ ପୃଥିବୀର ଅବସ୍ଥା କଣ, ପ୍ରଥମେ ଜାଣ ଏହାର ଅବସ୍ଥା କଣ ? ଆମର ପାପ ହେତୁ ଆମ ଘର ଅସୁସ୍ଥ ହୋଇପଡିଛି କି ? ଆମେ ଏତେ ୟୁରିଆ ଯୋଡ଼ିଥିଲା । ୟୁରିଆ ସହିତ ଯୁଦ୍ଧ ଜାରି ରଖିଥିଲୁ । ଆମେ ୟୁରିଆ ମିଶାଇ ଆମ ଘରକୁ ନଷ୍ଟ କରିଛୁ କି? କେତେବେଳେ ଏହାର ଅର୍ଥ ହେବ, ଯେତେବେଳେ ଆମେ ଏହାର ସ୍ୱାଦ ଚାଖୁଛୁ । ... ଏହା କାମ କରିବ ନାହିଁ । ...

ଗାଁର ଯୁବକମାନଙ୍କୁ ତାଲିମ ଦିଅ, ଯେଉଁମାନେ ବହୁତ ଶିକ୍ଷିତ ଯଦି ସେ ଗାଁରେ ଏକ ଲ୍ୟାବ ନିର୍ମାଣ କରନ୍ତି, ତେବେ ତାଙ୍କୁ ବ୍ୟାଙ୍କରୁ ଋଣ ଦିଆଯିବା ଉଚିତ ଯାହାଦ୍ୱାରା ଗାଁର ଲୋକମାନେ ଲାବରୋଟୋରୀ ଯାଇ ପ୍ରତିବର୍ଷ ବର୍ଷା ପୂର୍ବରୁ ସେମାନଙ୍କ ଜମି ଯାଞ୍ଚ କରିବା, ମାର୍ଗଦର୍ଶନ, ମାଇକ୍ରୋ ପୁଷ୍ଟିକର ହେବା ଅଭ୍ୟାସରେ ପରିଣତ ହେବା ଚାଲନ୍ତୁ ସବିଶେଷ ତଥ୍ୟକୁ ଯିବା ।

ମ୍ୟାଡାମ୍ ସ୍ପିକର, ଆମର ଏଠାରେ ଦଶମ, ଦ୍ୱାଦଶ ବିଜ୍ଞାନ ବିଦ୍ୟାଳୟ ଏବଂ କଲେଜରେ ଲାବରୋଟୋରୀ ଅଛି । କିନ୍ତୁ ଆମ ଦେଶରେ ଲାବରୋଟେରୀ ପ୍ରାୟ ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ବନ୍ଦ ରହିଥାଏ କାରଣ ପିଲାମାନେ ପରୀକ୍ଷାରେ ନିୟୋଜିତ ହୁଅନ୍ତି ଏବଂ ଜୁନ୍ ଜୁଲାଇ ମାସରେ ସ୍କୁଲ ଖୋଲିବାରେ ଆସିଥାଏ । ଏହିପରି, ପ୍ରାୟ ତିନିରୁ ଚାରି ମାସର ଜଟିଳ ସମୟରେ ବିଦ୍ୟାଳୟର ଲ୍ୟାବ୍ ଖାଲିପଡ଼ିଛି । ସ୍ୱାଲ ପରୀକ୍ଷା ଏକ ବଡ଼ ଟେକ୍ନୋଲୋଜି ନୁହେଁ । ଏହା ଆରାମରେ କରାଯାଇପାରି । ଆମେ କହିଲୁ ଯେ ସେହି ଦଶମ ଏବଂ ଦ୍ୱାଦଶ ଛାତ୍ରଙ୍କୁ ମଧ୍ୟ ତାଲିମ ଦିଆଯିବା ଉଚିତ୍ । ଏହାକୁ ଏକ ସ୍ୱାଲ ଟେଷ୍ଟିଂ ଲ୍ୟାବ୍ ଭାବରେ ବିଦ୍ୟାଳୟରେ ଏକ ଛୁଟିରେ ପରିଣତ କରନ୍ତୁ । ଏହା ସହିତ ବିଦ୍ୟାଳୟ

କେବଳ ଆୟ ପାଇଁ ନାହିଁ ଏବଂ ଗାଁର ଯୁବକମାନେ ମଧ୍ୟ ରୋଜଗାର କରିବେ। ଆମ ଦେଶ ଗରିବ, ଆମେ ରାତାରାତି ଏକ ଲ୍ୟାବ୍ ନିର୍ମାଣ କରୁ । ଟଙ୍କା ଖର୍ଚ୍ଚ କରିବୁ ?

ଆମେ ଆମର ଭିତ୍ତିଭୂମି ସର୍ବୋଚ୍ଚ ଉପଯୋଗ କରିବୁ । ଏହା ଉତ୍ତମ ଶାସନ, ଏଗୁଡ଼ିକ ହେଉଛି ଉପାୟ, ଏହି ପଦ୍ଧତିଗୁଡ଼ିକ ଦ୍ୱାରା ସମସ୍ୟାର ସମାଧାନ ହୋଇପାରିବ । ଥରେ କୃଷକ ଜାଣିବା ପରେ ମୋର ଜମି ଏହି ଫସଲ ପାଇଁ ଉପଯୁକ୍ତ ନୁହେଁ, ମୁଁ ବିଶ୍ୱାସ କରେ ଯେ ଆମର ଏକ କୃଷକ ତୁରନ୍ତ ଆତ୍ମବିଶ୍ୱାସରେ କାମ କରିବେ ଏବଂ ଆଜି କୃଷକ ଯେଉଁ ଖର୍ଚ୍ଚ ବହନ କରିବେ ତାହା ଖର୍ଚ୍ଚରୁ ସଞ୍ଚୟ ହେବ ।

ମ୍ୟାଡ଼ମ ସ୍ପିକର, ଏଠାରେ ଏକ ଆଲୋଚନା ହୋଇଛି ଯେ ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ହ୍ରାସ ପାଇଛି କିନ୍ତୁ ଆପଣ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କାହିଁକି ହ୍ରାସ କରିନାହାଁନ୍ତି ? ତାପରେ ଆମେ ଭୁଲିଯାଉ ଯେତେବେଳେ ଆମେ ସରକାରରେ ଆସିଲୁ, ସେଠାରେ ମରୁଡ଼ି ପରିସ୍ଥିତି ଦେଖାଗଲା, ବାର ପ୍ରତିଶତ କମ୍ ବର୍ଷା । ତା ପରେ ଆମେ ସ୍ଥିରକଲୁ ଯେ ଡିଜେଲରେ ଦିଆଯାଇଥିବା ସବ୍‌ସିଡ଼ି ୫୦ ପ୍ରତିଶତ ଅଧିକ, ବିଦ୍ୟୁତ ମୂଲ୍ୟରେ ସବ୍‌ସିଡ଼ି ଆଉ ୫୦ ପ୍ରତିଶତ ବୃଦ୍ଧି କରାଯିବା ଉଚିତ ଏବଂ ଡିଜେଲ ଯୋଗୁଁ ସରକାର ବହୁତ ବଡ଼ ଆର୍ଥିକ ବର୍ଡନ ଆସିଛି । ଆମେ କୃଷକମାନଙ୍କୁ ଦେଇଛୁ, ଯେଉଁମାନେ କୁହନ୍ତି ଯେ ସେମାନେ ଦେଇ ନାହାଁନ୍ତି, ତେଣୁ ତାହା ନୁହେଁ, ଆମେ ଦେଇଛୁ । କିନ୍ତୁ ଆପଣ ଗତ ମେ, ଜୁନ୍, ଜୁଲାଇ ମନେ କରନ୍ତି ନାହିଁ, ଆପଣ ଏହି ଅକ୍ଟୋବର,ନଭେମ୍ବର, ଡିସେମ୍ବର ମନେ କରନ୍ତି । ଏହା ସେପରି ନୁହେଁ । ସରକାର କାହା ପାଇଁ ? ଏହି ସରକାର ଗରିବଙ୍କ ପାଇଁ, ଏହା ଗରିବଙ୍କ ପାଇଁ ଉତ୍ସର୍ଗୀତ ସରକାର ।

ଆମେମାନେ ହିଁ ଖର୍ଚ୍ଚ ହ୍ରାସ କରିବା ପାଇଁ ବ୍ୟୟ ଆୟୋଗ ଗଠନ କରିଛୁ । କାରଣ ଆମେ ଚାହୁଁ ଯେ ଶାସନରେ ଖର୍ଚ୍ଚ ହେଉଥିବ ଟଙ୍କା ବନ୍ଦ କରାଯାଉ ଯାହା ଦ୍ୱାରା ଏହି ଅର୍ଥ ଗରିବଙ୍କ ହିତକୁ ଆସିବବ । ଗରିବଲୋକଙ୍କ କଲ୍ୟାଣ ପାଇଁ କାମ କରିବ, ଏହା ଉପରେ କାମ କରୁଛନ୍ତି ଆମେ ଭଲ ଶାସନ ଆଡକୁ ଯାଉଛୁ । ତୁମେ ଦେଖ, ଆମେ ଏପରି ଲୋକ,

ବର୍ତ୍ତମାନ ତୁମେ  କହିବ ନାହିଁ ଯେ ଆମେ ଆମ ସମୟକୁ ଆସିଛୁ, ମୁଁ ପିଲାଦିନରୁ ମଧ୍ୟ ବୁଝିପାରିଲି ନାହିଁ ଯେ ଜେରକ୍ସର ସମୟ ଆସିଛି, ତଥାପି ମୋର ସାର୍ଟିଫିକେଟ ପାଇବା ପାଇଁ ଏକ ଗେଜେଟେଡ ଅଫିସରଙ୍କ ନିକଟକୁ ଯାଆନ୍ତୁ । ... ଆମେ ଏକ ନିୟମ କରୁଛୁ ଯେ ଆତ୍ମପ୍ରମାଣ ଦେବା ପରେ ତୁମେ ଏହାକୁ ଦିଅ ଏବଂ ଯେତେବେଳେ ଚୂଡ଼ାନ୍ତ ଫଳାଫଳ ସେଠାରେ ଥାଏ । ତାପରେ ତୁମେ ମୂଳ ଡକ୍ୟୁମେଣ୍ଟ ଦେଖାଇବ । ଆପଣ କହିବେ ଏହା ଏକ ଛୋଟ କଥା, କିନ୍ତୁ ଏହା ଦେଶର ସାଧାରଣ ଲୋକଙ୍କ ଉପରେ ଆତ୍ମବିଶ୍ୱାସ ସୃଷ୍ଟି କରେ ଯାହା ସରକାର ମୋତେ ବିଶ୍ୱାସ କରନ୍ତି ।

ଆମେ ଏଠାରେ ପ୍ରତ୍ୟେକ କାର୍ଯ୍ୟରେ ତିରିଶ ଚାଳିଶ ପୃଷ୍ଠା ଫର୍ମ ପୂରଣ କରିଥିଲୁ । ଭାଇ, ମୁଁ ଆସିବା ମାତ୍ରେ ଏତେ ଲମ୍ବା ଫର୍ମର ଆବଶ୍ୟକତା କଣ, ସରକାରୀ ଫାଇଲଗୁଡିକ ବାଣ୍ଟିବାରେ ଲଗିଛି, ଯେତିକି ଅନ୍‌ଲାଇନରେ କରାଯାଇପାରିବ, ଏହାକୁ ଅନଲାଇନ୍‌ରେ କରାଯିବା ଉଚିତ ଏବଂ ଏହାକୁ ସର୍ବନିମ୍ନ କରାଯିବା ଉଚିତ । ଅନେକ ସ୍ଥାନରେ ଫର୍ମର ପ୍ରକ୍ରିୟା ଗୋଟିଏ ପୃଷ୍ଠାରେ ଅଣାଯାଇଛି । ଆମେ ସିଷ୍ଟର ସରଳୀକରଣରେ ବିଶ୍ୱାସ କରୁ, ଆମେ ଲାଲଟେପ୍ ଦ୍ୱାରା କରିବାକୁ ଚାହୁଁଚୁ । ଯାହାଦ୍ୱାରା ସାଧାରଣ ମଣିଷ ଏହି ସୁବିଧା ପାଇବ,  ଆମେ ସେହି ଦିଗରେ ଉଦ୍ୟମ କରୁଛୁ । ଆମେ ଗୋଟିଏ ପରେ ଗୋଟିଏ କରିବାକୁ ଯାଇଛୁ ଏବଂ ଏହା ଲାଭ କରିବାକୁ ଯାଉଛୁ ।

ଆମ ଦେଶରେ ଅବସର ନେଉଥିବା ସରକାରୀ କର୍ମଚାରୀ, ସେମାନଙ୍କୁ ପ୍ରତିବର୍ଷ ପେନ୍‌ସନ୍ ପାଇବାକୁ ନଭେମ୍ବର ମାସରେ ବଞ୍ଚିବାର ପ୍ରମାଣ ଦେବାକୁ ପଡ଼ିବ । ଅଫିସକୁ ଯାଇ X-M.P.I ଦେବାକୁ ମଧ୍ୟ ପଡ଼ିବ  । ଗୋଟିଏ ବୟସ ପର୍ଯ୍ୟନ୍ତ ଏହା ଠିକ ଅଛି । ସମାନ ବାହାନା କରି ବାହାରକୁ ଯିବାର ସୁଯୋଗ ଅଛି । କିନ୍ତୁ ଗୋଟିଏ ବୟସ ପରେ ସେଠାକୁ ଯିବା ସମ୍ଭବ ନୁହେଁ। ଆମେ ଏହି ସିଷ୍ଟମଗୁଡ଼ିକୁ ପରିପର୍ତ୍ତନ କରିପାରିବୁ ନାହିଁ, ଟେକ୍‌ନୋଲୋଜି ବ୍ୟବହାର କରି, ତାଙ୍କ ଘରେ ମଧ୍ୟ ବସି, ସେ ତାଙ୍କ ଜୀବନର ପ୍ରମାଣ ଦେଇପାରିବେ, ପେନ୍‌ସନ୍‌ରେ ପହଂଚିବେ ।   ଏହା ଆମ ପେନ୍‌ସନ୍ ଭୋଗୀଙ୍କ ପାଇଁ ଗୌରବର ବିଷୟ ।

ଆପଣ ଅନୁଭବ କରିବେ ଯେ ଏହା ଏତେ ବଡ଼ ଦେଶ ଏବଂ ମୋଦୀ ଛୋଟ କଥା କୁହଁନ୍ତି । ଏହି ଛୋଟ ଜିନିଷଗୁଡ଼ିକ ହେଉଛି ସମସ୍ୟାର ମୂଳ, ଯାହା ପରବର୍ତ୍ତୀ ସମୟରେ ଭୋଟ୍ ଭିତ୍ତିକ, ବିଷାକ୍ତ ଗଛରେ ପରିଣତ ହୁଏ, ଯାହା ସମସ୍ତଙ୍କୁ ଅସୁବିଧାରେ ପକାଇଥାଏ, ତେଣୁ ଏହା ଆବଶ୍ୟକ ।

ମୋର ମନେଅଛି, ବେଳେବେଳେ, ଗତ ଋତୁରେ ଆମକୁ ପରିହାସ କରାଯାଇଥିଲା ମୁଁ ଜାଣେ ନାହିଁ କି ଏପରି ଭାଷା ବ୍ୟବହାର କରିବା ଉପଯୁକ୍ତ କି ନୁହେଁ ? ଏପରିକି ଆପଣ କହିଛନ୍ତି ଯେ ସଂସଦକୁ ଆସିବା ପାଇଁ ଆପଣ ଭିସା ଦେଉଛନ୍ତି । ଯେଉଁମାନେ ଏହି ପ୍ରକାର ଶବ୍ଦ ବ୍ୟବହାର କରନ୍ତି, ମୁଁ ଅନ୍ୟ କିଛି କହିବି ନାହିଁ, କିନ୍ତୁ ମୁଁ କହିବାକୁ ଚାହେଁ ଯେ ଆନ୍ତର୍ଜାତୀୟ ସ୍ଥାନରେ କିଛି କାର୍ଯ୍ୟ ନିର୍ଦ୍ଧାରିତ ହୋଇଛି, ଯାହା କରିବାକୁ ହେବ ।

ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଏହି ବୈଠକକୁ ଯିବାକୁ ପଡୁଥିଲା, ଏହି ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଯିବାକୁ ପଡ଼ିବ  ଏବଂ ଭବିଷ୍ୟତର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଯିବାକୁ ପଡିବ, କିନ୍ତୁ ଯଦି ତାହା ଏକ ହାସ୍ୟାସ୍ପଦ ବିଷୟ ହୋଇଯାଏ, ତେବେ ଆମର ରାଜନୀତି ଏତେ ତଳକୁ ଆସିଛି କି ଆମେ ଏପରି ବିଷୟ ଉପରେ ଆଲୋଚନା କରୁଛୁ ? ମୋତେ ସମାଲୋଚନା କରିବାକୁ ଆପଣଙ୍କର ଅନ୍ୟ କୌଣସି ସମସ୍ୟା ବାକି ଅଛି କି ? ମୁଁ କହିବାକୁ ଚାହେଁ, ଯଦି ତୁମର ଦେଶ ପ୍ରତି ଏତେ ଚିନ୍ତା ଥାଏ, ଯଦି ଏହି ଦେଶର ପ୍ରଧାନମନ୍ତ୍ରୀ ବିଦେଶ ଯାଇଛନ୍ତି, ସେ କେତେ ସମୟ ଧରି ଅତିବାହିତ କରିଛନ୍ତି, ବେଳେବେଳେ ସେ ଏହାକୁ ପରୀକ୍ଷା କରିଥାନ୍ତେ, ବେଳେବେଳେ ସେ ଏହା ବିଷୟରେ ପଚାରିଥାନ୍ତେ । ମୁଁ ଆଜି କହିବାକୁ ଚାହେଁ, ମୁଁ ଜାପାନ ଯାଇଥିଲି । ଜାପାନରେ ମୋର କାର୍ଯ୍ୟକ୍ରମରେ ଏକ କାର୍ଯ୍ୟକ୍ରମ ଯୋଡିଥିଲି । ମୁଁ ନୋବେଲ ବିଜେତା ବୈଜ୍ଞାନିକ ଯାମାନାକାଙ୍କୁ ଭେଟିବାକୁ ଯାଇଥିଲି କାହିଁକି ? କଣ ଫଟୋ ଉଠାଇବା ? ମୁଁ ଯାଇଥିଲି କାରଣ ସେ ଷ୍ଟେମ୍‌ସେଲ୍ ଭିତରେ ଗବେଷଣା କରିଥିଲେ ।

ମୁଁ ଯେତିକି ପଢ଼ିଛି,ଏହା ମୋ ମନକୁ ଆସିଛି ଯେ ବୋଧହୁଏ ଏହି ଆବିଷ୍କାର ଆମ ପାଇଁ ଉପଯୋଗୀ ହୋଇପାରେ କାରଣ ମୁଁ ଜାଣେ ଯେ ମୋ ଦେଶର ଆଦିବାସୀମାନେ

ପାରମ୍ପାରିକ ଭାବରେ ରୋଗ-କୋଷ ରୋଗରେ ପୀଡିତ ଥିଲେ ।  କର୍କଟ ରୋଗ ଠାରୁ ମଧ୍ୟ ଅସୁସ୍ଥ କୋଷିକା ରୋଗ ଅଧିକ ଖରାପ ଅଟେ । ଯଦି ଆପଣ କଷ୍ଟ କଷ୍ଟ ରୋଗ ବିଷୟରେ ପଢ଼ନ୍ତି, ତେବେ ଆପଣ ଜାଣିବେ ଏହା କେତେ ଯନ୍ତ୍ରଣାଦାୟକ ଏବଂ ଏହା ପିଢ଼ି ପରେ ପିଢ଼ି ଚାଲିଥାଏ । ଏପର୍ଯ୍ୟନ୍ତ କୌଣସି ଔଷଧ ଓ ମେଡିସିନ ମିଳିନାହିଁ । ଏକ ଆଶା ଅଛି ଯେ ଷ୍ଟେମକୋଷ ଗୁଡିକ ରୋଗ କୋଷ ରୋଗରୁ ମୁକ୍ତି ପାଇପାରିବେ । ମୁଁ ସେଠାକୁ ଯାଇ ତାଙ୍କ ସହ ଆଲୋଚନ କଲି । ଆଜି ବାଙ୍ଗାଲୋରର ଆମର ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍ ସହିତ କାର୍ଯ୍ୟ ଚାଲିଛି ଯେଉଁଥିରେ ଆମର ଯୁବ ବୈଜ୍ଞାନିକମାନେ ଷ୍ଟେମସେଲ୍ ମଧ୍ୟମରେ କିଛି ଅନୁସନ୍ଧାନ କରିବା ଉଚିତ ଯାହା ଦ୍ୱାରା ସେମାନେ ମୋର ଆଦିବାସୀ ଭାଇମାନଙ୍କ ପିଛି ଧରି ବଂଚିବାକୁ ପଡୁଥବା ସମୟରୁ ବାହାରିପାରିବେ ।

ଆମେ ଅଷ୍ଟ୍ରେଲିଆ ଗଲୁ, ଜି-୨୦ ଶିଖର ସମ୍ମିଳନୀକୁ ଗଲୁ । ସେଠାରେ ମୁଁ ତାଙ୍କ ଲ୍ୟାବକୁ ଯାଇ କୃଷି ବୈଜ୍ଞାନିକମାନଙ୍କୁ  ଭେଟିବାକୁ ଯାଇଥିଲି ଯେଉଁମାନେ ହେକ୍ଟର ପ୍ରତି ଅଧିକ ଗ୍ରାମ ଏବଂ ପୃଥିବୀର ସବୁଠାରୁ ଖରାପ ଅଭିବୃଦ୍ଧିର ସଫଳ ପରୀକ୍ଷଣ କରିଥିଲେ । ବେଳେ ବେଳେ ମୁଁ ପଢ଼ିଥିଲି । ମୁଁ ତାଙ୍କ ପାଖକୁ ଗଲି । ଆମେ ଡାଲିରେ ବହୁତ ପଛରେ, ଆମ ଦେଶରେ ବହୁତ ଡାଲିର ଆବଶ୍ୟକତା ଅଛି । ଗରିବ ଲୋକ ପୃଷ୍ଟିକର ଖାଦ୍ୟ ପାଇଁ ପ୍ରୋଟିନ୍ ଆବଶ୍ୟକ କରେ । ଆମ ଦେଶର ଗରିବ ଲୋକ ଡାଲିରୁ ପ୍ରୋଟିନ୍ ପାଆନ୍ତି ।

ଯଦି ଆମର କୃଷକ ଭଲ ପରିମାଣର ଡାଲି ଉତ୍ପାଦନ କରିପାରନ୍ତେ, ହେକ୍ଟର ପ୍ରତି ଅଧିକ ଡାଲି ଉତ୍ପାଦନ କରିପାରନ୍ତି ତେବେ ସେ ମଧ୍ୟ ଭଲ ଆୟ ପାଇବେ ଏବଂ ଏହା ଆମ ଗରିବଙ୍କ ପାଇଁ ଭଲ ହେବ । ସେଥିପାଇଁ ମୁଁ ସେହି ବୈଜ୍ଞାନିକମାନଙ୍କ ପାଖକୁ ଯାଇ କିଛି ଘଣ୍ଟା ବିତାଇଲି । ମୋ ଦେଶର କୃଷକମାନଙ୍କ ପାଇଁ ଅଧିକ ଡାଲି ବଢ଼ିବାର ଉପାୟ କଣ ହୋଇପାରେ ଅଧିକ ଗ୍ରାମ ଉତ୍ପାଦନ କରିବାର ଉପାୟ କଣ ହୋଇପାରେ । କପୋତ ଉତ୍ପାଦନ କରିବାର ଉପାୟ କଣ ହୋଇପାରେ ? କ'ଣ ପାଇଁ ରାସ୍ତା ହୋଇପାରେ ? ମୁଁ ଏଥିପାଇଁ ସମୟ ବିତାଇଲି । ମୁଁ ଅନ୍ୟ ଜଣେ ବୈଜ୍ଞାନିକଙ୍କ ନିକଟକୁ ଭେଟିବା ପାଇଁ ଯାଇଥିଲି । ସେ କଦଳୀର କିଛି ନୂଆ ଆବିଷ୍କାର କରିଛନ୍ତି । ମୁଁ ବୁଝିବାକୁ ଚାହୁଁଥିଲି, ମୁଁ ପୁରା

ଜାଣିନଥିଲି । ତେଣୁ  ମୁଁ ଏହିପରି ଗଲି । ତାଙ୍କ ସହିତ ବସିଛି । ତାଙ୍କ ଲ୍ୟାବ୍ ଦେଖିଲି । ତାଙ୍କର ପରୀକ୍ଷଣ ଦେଖିଲି । ସେ କଦଳୀର ପୁଷ୍ଟିକର ମୂଲ୍ୟ ବୃଦ୍ଧି କରିବାରେ ବହୁତ ସଫଳତା ପାଇଛନ୍ତି । ଅଧିକ ଭିଟାମିନ୍ ପାଇବାରେ ସକ୍ଷମ ହୋଇଛନ୍ତି । କଦଳୀ ଧନୀମାନଙ୍କର ଫଳ ନୁହେଁ, ମୋର ଭାଇ ଓ ଭଉଣୀମାନ, କଦଳୀ ହେଉଛି ଗରିବ ଲୋକମାନଙ୍କର ଫଳ ।

ଯଦି କଦଳୀର ପୁଷ୍ଟିକର ମୂଲ୍ୟବୃଦ୍ଧି ହୁଏ, ଅଧିକ ଭିଟାମିନ୍ ମିଳିଥାଏ ଏବଂ ଏହି ପ୍ରକାର ଆବିଷ୍କାର ସହିତ କଦଳୀ ତିଆରି ହୁଏ, ତେବେ ମୋ ଦେଶରେ କଦଳୀ ଖାଇବେ । ସେମାନେ ଅଧିକ ଶକ୍ତି ପାଇବେ । ଯଦି ଆମେ ବିଦେଶ ଯିବା, ଆମେ ଏହି କାମ ପାଇଁ ଯିବା, ଦେଶର ଗରିବ ଲୋକ ଆମ ମନରେ, ଦେଶର ଆଦିବାସୀ ଆମ ମନରେ ଏବଂ ଦୁନିଆରେ ଯାହା ଭଲ ତାହା ମୋ ଦେଶରେ ଅଛି । ଗରିବ ଲୋକଙ୍କୁ କାମକୁ ଆଣିବା ପାଇଁ ଏକ ଇଚ୍ଛା ଅଛି । ଆମେ ସେହି ଆକାଂକ୍ଷା ପାଇଁ ଚେଷ୍ଟା କରୁ ଏବଂ ସେଥିପାଇଁ ଆମେ ସଠିକ୍ ଭାବରେ ବ୍ୟବହାର କରି ଆମ ଦେଶକୁ ଆଗକୁ ନେବାକୁ ଚେଷ୍ଟା କରୁଛୁ । ଜନ ଧନ ଯୋଜନା ବିଷୟରେ ଏଠାରେ କୁହାଯାଇଥିଲା ଯେ ଏହା ସବୁବେଳେ ଆମ ସହିତ ଥିଲା । ବ୍ୟାଙ୍କଗୁଡିକ ଜାତୀୟକରଣ ହେବା ୪୦ ବର୍ଷ ବିତିଗଲା । ଗରିବଙ୍କ ପାଇଁ ବ୍ୟାଙ୍କଗୁଡିକର ଜାତୀୟକରଣ କରାଯାଇଥିଲା, କିନ୍ତୁ ଆଜି ମଧ୍ୟ ଏହି ଦେଶର ଗରିବମାନେ ବ୍ୟାଙ୍କ ଦ୍ୱାର ଠାରୁ ବହୁ ଦୂରରେ ଥିଲେ ।

ବ୍ୟାଙ୍କ ସିଷ୍ଟମ ଏବଂ ଆର୍ଥିକ ବ୍ୟବସ୍ଥା ମୁଖ୍ୟ ସ୍ରୋତରେ ପରିଣତ ହୋଇଛି । ଯଦି ଆମେ ପରେ ଯୋଜନା କରିବାକୁ ଚାହୁଁ ଏହା ଏଠାରୁ ଆରମ୍ଭ ହୁଏ । ଆମେ ୧୫ ଅଗଷ୍ଟରେ ଏହି ଘୋଷଣା କରିଥିଲୁ ଏବଂ କହିଥିଲୁ   ଯେ ଆମେ ଏହି କାର୍ଯ୍ୟ ସମାପ୍ତ କରିବା ପୂର୍ବରୁ ୨୬ ଜାନୁଆରୀରେ ପତାକା ଉତ୍ତୋଳନ କରିବୁ ।  କାର୍ଯ୍ୟଟି ଠିକ ସମୟରେ ସମାପ୍ତ କରିବ କି ନାହିଁ । ଯେଉଁ ବ୍ୟାଙ୍କରେ ଗରିବ ଲୋକେ ଯିବାର ସୁଯୋଗ ପାଇ ନଥିଲେ, କୋଟପ୍ୟାଣ୍ଟ  ପିନ୍ଧିଥିବା ବ୍ୟାଙ୍କର ସେବକମାନେ ଶୀତତାପ ନିୟନ୍ତ୍ରଣ କୋଠରୀ ଛାଡନ୍ତି ନାହିଁ ବ୍ୟାଙ୍କର ସେବକ, ମୋ ସାଥୀ ଗରିବଙ୍କ କୁଟୀରକୁ ଯାଇଥିଲେ, ଘରକୁ ଯାଇଥିଲେ, ସରକାର ଏଥିପାଇଁ ପ୍ରେରଣା ଦେଇ ପାରିବେ ନାହିଁ, ସରକାର ଏଥିପାଇଁ ପରିବର୍ତ୍ତନ

ଆଣିପାରିବେ ନାହିଁ, ଆମେ ଏହି ପରିବର୍ତ୍ତନ ଆଣିଛୁ । ମୁଁ ବିଶେଷ ଭାବରେ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଉପର ତଳ ପର୍ଯ୍ୟନ୍ତ ସମସ୍ତ ମାନ୍ୟଗଣ ବ୍ୟକ୍ତିଙ୍କୁ ଅଭିନନ୍ଦନ ଜଣାଉଛି ଯେ ସେମାନେ ଏହାକୁ ନେଇଛନ୍ତି । ସେମାନେ ଏହାକୁ ଗ୍ରହଣ କରିନାହାନ୍ତି, ବରଂ ଏହାକୁ ମଧ୍ୟ ପୂରଣ କରିଥିଲେ । ଯେତେବେଳେ ଏହି ବ୍ୟବସ୍ଥା ସମାପ୍ତ ହୁଏ । MNREGA କୁହାଯାଇଥିଲା ଯେ ଏଥିରେ ବହୁତ ଲିକ୍ ଅଛି ବର୍ତ୍ତମାନ ଆମେ ଜନଧନ ଯୋଜନା ଅଧୀନରେ MNREGA ଟଙ୍କା ମଧ୍ୟ ଦେବୁ । ଆଧାର କାର୍ଡ ଅଛି, ଏହା ଲିକ୍‌କୁ ହ୍ରାସ କରିବ ଏବଂ ଟଙ୍କା ସିଧାସଳଖ ଗରିବଙ୍କ ଆକାଉଣ୍ଟକୁ ଯିବ ।

ଆମ ମନରେ ଗରିବ ଅଛନ୍ତି, କିନ୍ତୁ ଗରିବଙ୍କ ନାମରେ ଆମ ମନରେ କୌଣସି ରାଜନୀତି ନାହିଁ । ଗରିବଙ୍କ ନାମରେ, ଆମ ହୃଦୟ ଏବଂ ମନ ଭିତରେ ଭଗବାନଙ୍କୁ ସେବା କରିବାର ଏକ ସୁଯୋଗ ଅଛି । ତେଣୁ, ଯେତେବେଳେ ଆମେ ସବୁକିଛି କରୁ, ଗରୀବଙ୍କ କଲ୍ୟାଣ ପାଇଁ ଆମେ କଣ କରିପାରିବା ସେ ସମ୍ବନ୍ଧରେ ଆମେ ଏହା କରୁ ଏବଂ ଆମର ପ୍ରୟାସ ସେହି ଦିଗରେ ଅଛି ।

ଯେତେବେଳେ ମୁଁ ଶୌଚାଳୟ ବିଷୟରେ କହୁଥିଲି, ମୁଁ ଆପଣଙ୍କୁ କହିବାକୁ ଚାହେଁ କେତେ କାମ କରାଯାଇଛି । ବିଦ୍ୟାଳୟର ପ୍ରାୟ ୧.୨୫ ଲକ୍ଷ ଶୌଚାଳୟ ଆବଶ୍ୟକ । ପ୍ରାୟ ସାଢ଼େ ଚାରିଲକ୍ଷ ମଧ୍ୟରୁ ପ୍ରାୟ ଦେଢ଼ଲକ୍ଷ ନୂତନ ଶୌଚାଳୟ ନିର୍ମାଣ କରିବାକୁ ପଡିବ ଏବଂ ବାକି ଶୌଚାଳୟ ଗୁଡିକର ମରାମତି ଆବଶ୍ୟକ ଏକ ଅଲଗା ଅନଲାଇନ ପୋର୍ଟାଲ୍ ସୃଷ୍ଟି ମଧ୍ୟ କରାଯାଇଛି । ଏହାକୁ ମ୍ୟାପ୍ କରାଯାଇଛି । ଠିକଣା ନିଶ୍ଚିତ ଯେ ଏଠାରେ ଅନେକ ଶୌଚାଳୟ ଆବଶ୍ୟକ ।

ସମସ୍ତ ବିବରଣୀ କାମ କରାଯାଇଛି । ମୁଁ ସନ୍ତୁଷ୍ଟ ଭାବରେ କହିବି ଯେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୬୦-୬୫ ହଜାର ଶୌଚାଳୟ ଝିଅଙ୍କ ପାଇଁ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି । ମୁଁ ସମସ୍ତ M.P.S ମୁଁ ମଧ୍ୟ ଅନେକ M.P ଏହି କାର୍ଯ୍ୟକୁ ସକ୍ରିୟ କରିଛି । ଆପଣଙ୍କ ଅଞ୍ଚଳରେ ସାଂସଦ ପାଣ୍ଠି ମଧ୍ୟ ବ୍ୟବହାର କରିଛନ୍ତି । CSR ମଧ୍ୟ ବ୍ୟବହୃତ ହୁଏ । ଯେଉଁଠାରେ ଜିଲ୍ଲା ଅଧିକାରୀ ମାନେ ସକ୍ରିୟ ଅଛନ୍ତି, ସେମାନେ ଦ୍ରୁତ ଗତିରେ କାର୍ଯ୍ୟ

କରିଛନ୍ତି ମୁଁ ନିଶ୍ଚିତ ଯେ ଆଗାମୀ ଦିନରେ ହେବାକୁ ଥିବା ଛୁଟିଗୁଡିକ ଯଦି ଆମେ ସମସ୍ତ ସ୍ଥିର କରୁ ତେବେ ଆପଣ ଏଠାରେ କ୍ୟାଲେକ୍ଟରଙ୍କୁ ପଚାରନ୍ତୁ ଆପଣଙ୍କ ଜିଲ୍ଲାର ଅଧିକାରୀମାନଙ୍କୁ କୁହନ୍ତୁ ଏହି କାର୍ଯ୍ୟରେ କ'ଣ ହେଲା ? ତୁମ ଚିଠି ରଖିଛ ମୁଁ ବିଶ୍ୱାସ କରେ ଯେ ଯେତେବେଳେ ଜୁନ୍ ମାସରେ ନୂତନ ଅଧିବେଶନ ଆରମ୍ଭ ହେବ ତା' ପୂର୍ବରୁ ଏହି ଛୁଟି ପରେ ଶୌଚାଳୟ ତିଆରି କାର୍ଯ୍ୟ ଶେଷ ହେବ। ଏହି ସନ୍ତୁଷ୍ଟି କେବଳ ଏଠାରେ ନୁହେଁ, ଏହି ସନ୍ତୁଷ୍ଟି ମଧ୍ୟ ସେଠାରେ ଅଛି, ଏହା ଆମ ସମସ୍ତଙ୍କ ପାଇଁ । ମୁଁ ନିଶ୍ଚିତ ଯେ ତୁମେ ଏହି କାମ କରିବ।

ପରିଷ୍କାର ପରିଛନ୍ନତାର ପ୍ରଭାବ କଣ? ଏହା ପର୍ଯ୍ୟଟନ ଉପରେ ବହୁତ ପ୍ରଭାବ ପକାଉଛି । ଆମେ ଏକ ଅନଲାଇନ୍ ଭିସା, 'ଭିସା ଆଗମନ' ଏବଂ ଅନ୍ୟ ଏକ ପରିସ୍କାର ପରିଛନ୍ନତା କରିଛୁ। ଏହି ଦୁଇଟିର ମିଳିତ ପ୍ରଭାବ ପର୍ଯ୍ୟଟନ ଉପରେ ଗତ ବର୍ଷ ତୁଳନାରେ ବହୁତ ଭଲ ବୃଦ୍ଧି ଘଟିଛି । ଅନେକ ଜିନିଷରେ ନକାରାତ୍ମକ ପ୍ରଚାର ସତ୍ତ୍ୱେ କିଛି ଜିନିଷ ଉପୁଜେ ଯାହା ହେତୁ ଆମ ସଂସ୍ଥାର ପର୍ଯ୍ୟଟନ ବହୁତ କ୍ଷତିଗ୍ରସ୍ତ ହୁଏ । କିନ୍ତୁ ଏହା ପରେ ମଧ୍ୟ ଏହି ବ୍ୟବସ୍ଥା ଯୋଗୁଁ ପର୍ଯ୍ୟଟନ ଯଥେଷ୍ଟବୃଦ୍ଧି ପାଇଛି ।

ବର୍ତ୍ତମାନ ଆମେ କହିବୁ ବିପର୍ଯ୍ୟୟ ପରିଚାଳନାରେ କ'ଣ ହେଲା ? ଆପଣ କୁହନ୍ତି କେଉଁ ସରକାର ସେଠାରେ ରହିବେ, ଯେଉଁ ସମୟରେ ବିପର୍ଯ୍ୟୟ ଆସିନଥିଲା, ପ୍ରତ୍ୟେକ ସରକାରଙ୍କ ସମୟରେ ବିପର୍ଯ୍ୟୟ ଆସିଛି । ସେହି ବିପର୍ଯ୍ୟୟ ପାଇଁ ପ୍ରତ୍ୟେକ ସରକାରଙ୍କୁ କିଛି କରିବାକୁ ପଡ଼ିବ କିନ୍ତୁ ବିପର୍ଯ୍ୟୟ ପରିଚାଳନା ପଦ୍ଧତି ମଧ୍ୟ ପରିବର୍ତ୍ତନ କରାଯାଇପାରେ। ଯେତେବେଳେ ଜାମ୍ମୁ କାଶ୍ମୀରରେ ବନ୍ୟା ଆସିଲା, ସେତେବେଳେ ମୁଁ ପ୍ରଥମେ ଭାରତ ସରକାରଙ୍କ ଜାମ୍ମୁ କାଶ୍ମୀରର ସମସ୍ତ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରି ପ୍ରଥମେ ସେଠାକୁ ପଠାଇଲି । ସେହି ସମୟର ଗୃହ ସଚିବ ଜାମ୍ମୁ କାଶ୍ମୀରର କ୍ୟାଡର ପୁରୁଣା ସମୟର ଥିଲେ । ମୁଁ ସେମାନଙ୍କୁ ସେଠାକୁ ପଠାଇ ସେଠାରେ ଏକ ସପ୍ତାହ ରହିଲି କାହିଁକି ? କେବଳ ଏତେ ଚେକ୍ ଦବା, ନା ଭାରତ ସରକାରଙ୍କ ଦାୟିତ୍ୱ କି ?

ଆମକୁ ତାଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଛିଡ଼ା ହେବାକୁ ପଡ଼ିବ ।  ମୁଁ ନିଜେ କାଶ୍ମୀର ଯାଇ ଏତେ ସଂଖ୍ୟକ ଗୋଷ୍ଠୀ ସହିତ ଘନିଷ୍ଠ ଭାବରେ କଥାବାର୍ତ୍ତା କଲି । ମୁଁ ସେହି ଲୋକମାନଙ୍କ ସହିତ ମୋର ଦ୍ୱିୱାଲି  ପାଳନ କଲି  କାହିଁକି ? ଯାହାଫଳରେ ସରକାରରେ ବସିଥିବା ଅଧିକ ଲୋକ ସମ୍ବେଦନଶୀଳ ହୋଇପଡ଼ିଛନ୍ତି ଯେ ଏହା ଆମର ଦାୟିତ୍ୱ ଏବଂ ଏହା ନୁହେଁ ଯେ ଯଦି ଏହି କାର୍ଯ୍ୟ କରାଯାଏ ତେବେ ସେମାନେ ନିଜ ଭାଗ୍ୟରେ ରହିଯିବେ। ଏହା ଆମର ଦାୟିତ୍ୱ ହୋଇଯାଏ ଏବଂ ସେଥିପାଇଁ ଆମର ସକରାତ୍ମକ ଆଭିମୁଖ୍ୟ । ପ୍ରାକୃତିକ ବିପର୍ଯ୍ୟୟର ସମୟ ଆପଣଙ୍କ ନୁହେଁ ସେଥିରେ ଆମକୁ ଦାୟିତ୍ୱର ସହିତ କାର୍ଯ୍ୟ କରିବାକୁ ପଡ଼ିବ ଏବଂ ଆମର ସଠିକ୍ ଶକ୍ତି ବ୍ୟବହାର କରି ଆମେ କିପରି ସମସ୍ୟାରୁ ମୁକ୍ତି ପାଇପାରିବା  ? ଆମର ପ୍ରୟାସ ସମାନ ରହିଛି । ଆମେ ସମାନ ମାର୍ଗରେ ଯିବାକୁ ଚାହୁଁଛୁ ।

ଏଠାରେ ମୁଁ ଜମି ଅଧିଗ୍ରହଣ ଆଇନ ବିଷୟରେ ଭଲ କଥା ଶୁଣୁଛି । ଆମେ ଏତେ ଅହଂକାରୀ ହେବା ଉଚିତ୍ ନୁହେଁ ଯେ ଏହି ଦୁନିଆରେ ଆମେ ଯାହା କରିଥିଲୁ ତା' ଠାରୁ କିଛି ଭଲ ହୋଇପାରିବ ନାହିଁ । ଯେତେବେଳେ ଜମି ଅଧିଗ୍ରହଣ ଆଇନ ପ୍ରଣୟନ ହେଲା, ଆମେ ମଧ୍ୟ ଏହାକୁ ପାସ୍ କରିବା ପାଇଁ କାନ୍ଧରେ କାନ୍ଧ ମିଶାଇ ଠିଆ ହେଲୁ । ଆମେ ଜାଣିଥିଲୁ ରାଜନୀତିକ ଫାଇଦା ନେବାକୁ ସମସ୍ତେ ତତ୍ପର ହେଉଛନ୍ତି । ଏହା ସତ୍ତ୍ୱେ, ଆମେ ଆପଣଙ୍କ ପାଖରେ ଠିଆ ହେଲୁ । କିନ୍ତୁ ଆମେ ଆପଣଙ୍କୁ ପଚାରିବାକୁ ଚାହୁଁଛୁ ଯେ ୧୮୯୪ ରେ କରାଯାଇଥିବା ଆଇନର ତ୍ରୁଟି ଦେଖିବା ପରେ, ଆପଣଙ୍କର ୨୦୧୩ ପହଞ୍ଚିଛି ଏବଂ ୧୨୦ ବର୍ଷ ବିତିଯାଇଛି । ସ୍ୱାଧୀନତା ପରେ ମଧ୍ୟ ଏହି ଦେଶର କୃଷକମାନେ ୯୪୯୪୯୪ ମସିହାରେ ସମାନ ନିୟମ ଉପରେ ୬୦ ବର୍ଷ ବଞ୍ଚିଥିଲେ । ଯଦି କୃଷକମାନେ ଅସନ୍ତୁଷ୍ଟ ହେଲେ କ'ଣ ହେଲା ? ଯେତେବେଳେ ଏହି ନିୟମ ତିଆରି ହେଲା, ଆମେ ଆପଣଙ୍କ ସହିତ ଥିଲୁ । ଏହି ଆଇନ ପ୍ରଣୟନ ହେବା ପରେ ଯେତେବେଳେ ଆମ ସରକାର ଗଠନ ହେଲା, ସମସ୍ତ ଦଳର ମୁଖ୍ୟମନ୍ତ୍ରୀ, କୌଣସି ଦଳର ମୁଖ୍ୟମନ୍ତ୍ରୀ ନୁହଁନ୍ତି, ସମସ୍ତ ଦଳର ମୁଖ୍ୟମନ୍ତ୍ରୀ ଗୋଟିଏ ସ୍ୱରରେ କହୁଥିଲେ ସାର୍, ଆପଣ କୃଷକମାନଙ୍କ ପାଇଁ କିଛି ଭାବୁଛନ୍ତି । ପାଣି ବିନା ଚାଷୀ ମରିବ ତାଙ୍କୁ ଜଳସେଚନ ଆବଶ୍ୟକ ଏହା ଜଳସେଚନ

ନୁହେଁ ଭିତ୍ତିଭୂମି ଆବଶ୍ୟକ କରେ ତାଙ୍କୁ ଗାଁଗୁଡ଼ିକରେ ଏକ ରାସ୍ତା ଦରକାର । ଗାଁର ଗରିବ ଲୋକ ବାସ କରିବା ପାଇଁ ଏକ ଘର ଆବଶ୍ୟକ କରନ୍ତି ଏବଂ ତୁମେ ଏପରି ନିୟମ କରିଛ, ତୁମେ ମଧ୍ୟ ବିଜେପି ସହିତ ଥିଲ, ଯେଉଁଥିପାଇଁ ଅମେ ଭଲ କାମ କରୁନାହୁଁ ।

ଭାରତର ସମସ୍ତ ରାଜ୍ୟର ସମସ୍ତ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଫେଡେରାଲ୍ ସହଯୋଗ ବିଷୟରେ କଥାବାର୍ତ୍ତା କରୁଥିବା ଏହି ଦେଶ, ଫେଡେରାଲବାଦ ବିଷୟରେ କଥାବାର୍ତ୍ତା କରୁଥିବା ଏହି ଦେଶ, ଆମେ ଏତେ ଅହଙ୍କାରୀ ହୋଇଗଲୁ ଯେ ଆମେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କଥା ଶୁଣୁ ନାହିଁ କି ? ଆମେ ଏତେ ଅହଂକାର କରିଛୁ ଯେ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ବିବ୍ରତ ହୋଇଛନ୍ତି ଏବଂ ଆମେ ସେମାନଙ୍କ କଥା ଶୁଣିବା ଉଚିତ୍ ନୁହେଁ କି? ଏବଂ ସେମାନଙ୍କ ଭାବନାକୁ ସକାରାତ୍ମକ ସମ୍ମାନ ଦେବା ଉଚିତ୍ ନୁହେଁ କି? ସେମାନଙ୍କର ଚାହିଦା କ'ଣ ? ମୁଁ ସେନା ଅଧିକାରୀ ପାଇଲି । ସେମାନେ କହିଥିଲେ ଆମେ କଣ କରିବା ? ଏହା ହିଁ ତୁମେ ଆଇନ ତିଆରି କରିଛ ଏବଂ ସେମାନେ କେବଳ ଆମକୁ କୁହନ୍ତି କାରଣ ଆମେ ସମର୍ଥନ କରିଛୁ । ସେମାନେ କୁହନ୍ତି, ମହାଶୟ, ପ୍ରତିରକ୍ଷା ପ୍ରକଳ୍ପ ଯାହା ଆମକୁ କରିବା ହେବ, ବର୍ତ୍ତମାନ ତୁମର ଆଇନ ତିଆରି ହୋଇସାରିଛି, ଏହା ଅଧୀନରେ ହୋଇପାରିବ ନାହିଁ । ଆମକୁ ଆମର ପରମାଣୁ ପ୍ରଣାଳୀକୁ ପଚାରିବାକୁ ପଡ଼ିବ, ଅର୍ଥାତ୍ ଆମେ ଭିତ୍ତିଭୂମି ନିର୍ମାଣ କରିବାକୁ ଚାହୁଁଛୁ, ଆମେ ଲେଖିବା କି ଏହି କାର୍ଯ୍ୟ ପାଇଁ ଆମକୁ ଏହା ଆବଶ୍ୟକ । ତେଣୁ ଏହା ଭଲ ଯେ ଆମେ ପାକିସ୍ତାନକୁ ଲେଖିଛୁ ଯେ ଆମେ ଏହି ଠିକଣାରେ ଏହି କାମ କରୁଛୁ । (ପ୍ରତିରକ୍ଷା ଅଧିକାରୀ ଏତେ ରାଗିଛନ୍ତି ଯେ ଆମର ସେନା, କ'ଣ ହେବ ? ଏହା ନୁହେଁ ଯେ କେହି ଅପରାଧ କରିଛନ୍ତି, କେହି ଜଣେ ପାପ କରିଛନ୍ତି ।) କିନ୍ତୁ ଦୋଷ ରହିଲା ଭୁଲ କରିବା ଆମର ଦାୟିତ୍ୱ ନୁହେଁ କି ? ଏହି ଭୁଲ୍‌କୁ ସଂଶୋଧନ କରିବା ପାଇଁ ଏହା ଏକ ଛୋଟ ସମାଧାନ । ଆପଣ ଯାହା କରିଛନ୍ତି ତାହା ଆମେ ଅସ୍ୱୀକାର କରୁନାହୁଁ । ଆପଣ ଯାହା ଚେଷ୍ଟା କରିଛନ୍ତି ସେଥିରେ କିଛି ବାକି ଅଛି, ତେଣୁ ଆମେ ଏଥିରେ କିଛି ଯୋଡିବାକୁ ଚାହୁଁ ।

ଦୟାକରି ଏହାକୁ ରାଜନୀତିର ମାପରୁ ବିଚାର କରନ୍ତୁ ନାହିଁ ଏବଂ ମୁଁ ଆପଣଙ୍କୁ ନିଶ୍ଚିତ କରୁଛି ଯେ ଯଦି ଆପଣ ତଥାପି ବିଶ୍ୱାସ କରନ୍ତି ଯେ କୃଷକଙ୍କ ବିରୁଦ୍ଧରେ କିଛି ଅଛି, ମୁଁ ଏହାକୁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ । ମୁଁ ପୂର୍ବ ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ, ଆସାମ, ଉତ୍ତର ପୂର୍ବ, ଓଡ଼ିଶା, ପୂର୍ବ ଆନ୍ଧ୍ରପ୍ରଦେଶ ପ୍ରତି ଅଧିକ ଧ୍ୟାନ ଦେବାକୁ ଚାହୁଁଛି । ଭାରତର ପଶ୍ଚିମ ପ୍ରାନ୍ତରେ ମଧ୍ୟ ଗ୍ରାମଗୁଡ଼ିକରେ ଛୋଟ ଭିତ୍ତିଭୂମି ଅଛି, ଗାଁରେ ରାସ୍ତା ନିର୍ମାଣ କରାଯାଇଛି ଯଦି ଏହି ଆଇନର ସବୁଠାରୁ ବଡ କ୍ଷତି ହୋଇଛି, ତେବେ ଏହା ସମଗ୍ର ଭାରତ, ପୂର୍ବ ଭାରତ ସହିତ ଘଟିଛି । ଆସୁଥିବା ଏବଂ ଚିତ୍କାର କରୁଥିବା ଏହି ମୁଖ୍ୟମନ୍ତ୍ରୀମାନେ ଚିତ୍କାର କରୁଥିଲେ ଯେ ଆମକୁ ଆଗକୁ ବଢ଼ିବାର ସମୟ ଆସିଛି, ସେହି ସମୟରେ ଆପଣ ବ୍ରେକ୍ ଲଗାଉଛନ୍ତି । ଯଦି ଅମର ପୂର୍ବଭାରତର ଅଞ୍ଚଳରେ ପଶ୍ଚିମ ଦିଗରେ ଗ୍ରାମଗୁଡିକର ଭିତ୍ତିଭୂମି ଅଛି ଯାହା ସେମାନଙ୍କୁ ପାଇବା ଉଚିତ ନୁହେଁ, ସେମାନେ ସେହି ସୁବିଧା ପାଇବେ କି ନାହିଁ । ତେଣୁ ମୁଁ କହୁଛି ତୁମେ ଯାହା କରିଛି, ଆମର ମୁଣ୍ଡ ଆଖି, ମୁଁ ତୁମ ପାଇଁ ଗର୍ବିତ । ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ ସେଠାରେ ଥିବା ଅଭାବଗୁଡିକ, ସେମାନଙ୍କୁ ଟିକେ ସଂଶୋଧନ କରିବାର ସମୟ ଆସିଛି, ଏହା କେବଳ ତ୍ରୁଟି ସୁଧାରିବା ପାଇଁ ପ୍ରୟାସ ଏବଂ ଏହା ମଧ୍ୟ କୃଷକମାନଙ୍କ ପାଇଁ । ମୁଁ ଗୃହର ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ ଏହାକୁ ସମ୍ମାନର ବିଷୟ ନକରିବା ଏବଂ ଏହାର ସୃଷ୍ଟି ପରେ ମଧ୍ୟ ମୁଁ ସେହି ସମସ୍ତ ଶ୍ରେୟ ଦେବି ଯେଉଁମାନେ ସେହି ସମୟରେ ଆଇନ ତିଆରି କରିଥିଲେ, ସର୍ବସାଧାରଣରେ ଏହା ରାଜନୀତି ପାଇଁ ନୁହେଁ ।

ମୁଁ ମଖ୍ୟମନ୍ତ୍ରୀଙ୍କ କଥା ଶୁଣିଛି, ସେମାନଙ୍କ କଷ୍ଟ ଶୁଣିଛି ଏବଂ ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀ ହୋଇସାରିଛି । ମୁଁ ଜାଣେ ଯେ ଆମେ ଦିଲ୍ଲୀରେ ବସି ଏକ ଆଇନ ପ୍ରସ୍ତୁତ କରୁଛୁ, ସେହି ରାଜ୍ୟଗୁଡିକ କେତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଆମେ କଦାପି ଅନୁମାନ କରୁନାହୁଁ । ମୁଁ ମଧ୍ୟ ଏକ ଉପାୟରେ ତାଙ୍କର ପ୍ରତିନିଧି, କାରଣ ମୁଁ ଦୀର୍ଘଦିନ ଧରି ସମାନ ଗୋଷ୍ଠୀରେ ଥିଲି ଏବଂ ସେଥିପାଇଁ ମୁଁ ତାଙ୍କ ଯନ୍ତ୍ରଣା ଜାଣେ । ହଁ, କୃଷକଙ୍କ ବିରୁଦ୍ଧରେ ଯାହା ବି ଅଛି ଆମେ ଏହାକୁ ଠିକ୍ କରିବାକୁ ପ୍ରସ୍ତୁତ ବୋଧହୁଏ । ଏହି କାର୍ଯ୍ୟ କରିବାବେଳେ ଆମର ମଧ୍ୟ କିଛି ଅଭାବ ଅଛି । କିନ୍ତୁ ଆମର କାମ ହେଉଛି ତ୍ରୁଟି ଦୂର କରିବା, ଏହା ଆମର କାମ ।

ହଁ, ଏହାର ରାଜନୀତିକ ଫାଇଦା ନିଅ, ମୋର କୌଣସି ଅସୁବିଧା ନାହିଁ ଏଥିପାଇଁ ଆପଣ ଏକ ଶୋଭାଯାତ୍ରା, ରାଲି ବାହାର କରନ୍ତି, କିନ୍ତୁ ଦେଶ ପାଇଁ ମଧ୍ୟ ନିଷ୍ପତ୍ତି ନିଅନ୍ତି । ତେଣୁ ମୁଁ ଅନୁରୋଧ କରିବି ଯେ ସେହି ଦିଗକୁ ଯିବା ପରିବର୍ତ୍ତେ ଏହାକୁ ଅତିକ୍ରମ କରନ୍ତୁ ।

ଆମର ଉତ୍ତର ପୂର୍ବ, ଆମେ ଆକ୍ଟ ପୂର୍ବ ନୀତି ଅନୁସରଣ କରୁଛୁ । ମୁଁ ତଥାପି ବିଶ୍ୱାସ କରେ, ମୁଁ ଜୀବନରେ ଜଣେ ଦାର୍ଶନିକ ହୋଇସାରିଛି । ଏହା ମୋର ଖୁସିର ବିଷୟ, ମୁଁ ଭାରତର ପ୍ରାୟ ସମସ୍ତ ଜିଲ୍ଲାରେ ରାତି ବିତାଇବାର ସୁଯୋଗ ପାଇଛି । ମୁଁ ମୋ ଜୀବନର ଚାଳିଶ ବର୍ଷ ଏକ ପରିବାର ଭାବରେ ଅତିବାହିତ କରିଛି, ତେଣୁ ମୁଁ ଜାଣେ । ମୁଁ ଉତ୍ତର ପୂର୍ବରେ ବହୁତ ବାସ କରିସାରିଛି । ସେଠାରେ ବହୁତ ବିକାଶ ଅଛି, ଏହା ଦେଶର ..... ରାଜଧାନୀ ହୋଇପାରେ, ଏତେ ଶକ୍ତି ଅଛି ।

ମୁଁ ବାରମ୍ବାର ଉତ୍ତର ପୂର୍ବକୁ ଯାଉଛି । ଯଦି ମୋର ଏକ ରାଜନୈତିକ ଉଦ୍ଦେଶ୍ୟ ଥାଆନ୍ତା, ମୁଁ ସେଠାକୁ ଯାଇଥାନ୍ତି ଯେଉଁଠାରେ ୬୦-୮୦ ଟି ସିଟ୍ ଅଧିକ ହୋଇଥାନ୍ତା । କିନ୍ତୁ ଯେଉଁଠାରେ ଗୋଟିଏ ଆସନ ଅଛି, ମୁଁ ସେଠାରେ ଦୁଇ ଦିନ ବିତାଇଥାଏ । ରାଜନୈତିକ ଉଦ୍ଦେଶ୍ୟ ପାଇଁ ମୁଁ ଏହା କରେ ନାହିଁ । ଏହା ହେଉଛି ମୋ ଦେଶର ସୁରକ୍ଷା । ସେମାନଙ୍କୁ ଚିନ୍ତା କରିବାକୁ ପଡିବ, ସେମାନଙ୍କୁ ସେମାନଙ୍କ ସହ ଯୋଗଦେବାକୁ ପଡିବ ଏବଂ ସେଥିପାଇଁ ମୋର ଲକ୍ଷ୍ୟ ହେଉଛି ଯେ ଭାରତର ପଶ୍ଚିମ ପ୍ରାନ୍ତରେ ଦ୍ରୁତ ବୃଦ୍ଧି ସହିତ ଆମକୁ ଭାରତର ଏହି ପୂର୍ବ ସୀମାକୁ ଅନ୍ତତ ସମାନ ଭାବରେ ଆଣିବାକୁ ପଡିବ । ଏହା ମୋର ବିହାର ହେଉ, ମୋର ବଙ୍ଗଳା, ମୋର ଆସାମ ହେଉ, ମୋର ଉତ୍ତର ହେଉ କିମ୍ବା ମୋର ପୂର୍ବ ଉତ୍ତରପ୍ରଦେଶ, ଏହାକୁ ସମାନ ଭାବରେ ଆଣିବାକୁ ପଡିବ । ଏହି ଦେଶକୁ ଗୋଟିଏ ପଟେ ପଙ୍ଗୁ କରି ଏହାକୁ ଗୋଟିଏ ପଟେ ସମୃଦ୍ଧ କରି ଆମେ ଆଗକୁ ବାଣ୍ଟି ପାରିବୁ ନାହିଁ ଏବଂ ସେଥିପାଇଁ ମୁଁ ଏହାକୁ ବିକାଶରେ ଗୁରୁତ୍ୱ ଦେବାକୁ ଚାହୁଁଛି । ମୁଁ ତୁମକୁ ଏଥିରେ ସାହାଯ୍ୟ କରିବାକୁ ଚାହୁଁଛି ।

ବର୍ତ୍ତମାନ ଦେଖନ୍ତୁ, ସହଯୋଗୀ ସଂଘୀୟତା, ଫେଡେରାଲାଇଜିମ୍ ବିଷୟରେ ଅନେକ ଚର୍ଚ୍ଚା ଚାଲିଛି । ପୂର୍ବରୁ ଯାହା ଥିଲା, ଆମର ମନେଅଛି, ଏକ ରେଳ ବ୍ରିଜ୍ ନିର୍ମାଣ କରାଯାଇଛି, କିନ୍ତୁ ଉଭୟ ପାର୍ଶ୍ୱରେ କୌଣସି ସଂଯୋଗ ନାହିଁ । ଏହି ସେତୁ ଦୁଇବର୍ଷ ଧରି

ଏହିପରି ...   । ଯଦି ଉଭୟ ପାର୍ଶ୍ୱରେ ସଂଯୋଗ ଅଛି, ତେବେ ସେତୁ ନିର୍ମାଣ କରାଯାଉନାହିଁ । କାହିଁକି ନା, ସେହି ସରକାର ଆମକୁ ପସନ୍ଦ କରନ୍ତି ନାହିଁ କିମ୍ବା ଗୋଟିଏ ବିଭାଗ ଅନ୍ୟ ବିଭାଗକୁ ଶୁଣନ୍ତି ନାହିଁ, ଫାଇଲଗୁଡ଼ିକରେ କାମ ଚାଲିଛି । ଶହ ଶହ ପ୍ରକଳ୍ପ ଅଛି । କେବଳ ସେତିକି ନୁହେଁ, ଟ୍ରେନ୍ ଏକ ଗାଁକୁ ଯାଉଛି, ବର୍ତ୍ତମାନ ଗାଁର ରେଳ ପାର୍ଶ୍ୱରେ ବସତି ଆରମ୍ଭ ହୋଇଛି । ବର୍ତ୍ତମାନ ପାନ ପାଇପ୍ ବହନ କରିବାକୁ ଆମକୁ ପାଇପ୍ ରଖିବାକୁ ପଡିବ । ରେଳବାଇମାନେ ଜିଦ୍ ଧରିଛନ୍ତି, ଦୁଇ ବର୍ଷ ପାଇଁ ପାଇପ୍ ପରିବହନ ପାଇଁ ଅନୁମତି ଦିଅନ୍ତୁ ନାହିଁ ।

ମୋତେ କୁହ ଭାଇ, ସରକାରଙ୍କ ଅପରାଧ କ'ଣ, କିନ୍ତୁ ଗ୍ରାମବାସୀଙ୍କ ଦୋଷ କ'ଣ ଯେ ଗରୀବ ଲୋକଟିକୁ ରେଳ ତଳେ ପାଇପ ଯୋଗେ ପାଣି ଯୋଗାଇବାକୁ ପଡୁଥିଲା । ତାଙ୍କୁ ତାହା ଦେଲେନି ସରକାର ଆସିବା ପରେ ମୁଁ ପ୍ରଥମ ଆଦେଶ କଲି ଯେ ଏହିସବୁ ସ୍ପଷ୍ଟ ହେବା ଉଚିତ୍ ଏବଂ ଆଜି ମୁଁ ଗର୍ବର ସହିତ କହୁଛି ଯେ ଆମେ ସେଗୁଡିକୁ ସଫା କରିଛି । ସରକାର କେଉଁ ସ୍ତରରେ ବସିଛନ୍ତି ତାହା ଦେଖି ନାହାଁନ୍ତି । ବିକାଶ ଏହିପରି ହୁଏ, ତେଣୁ ଆମେ ସେହି ଦିଗରେ ଚେଷ୍ଟା କରିଛୁ ଆମ ପାଖରେ କିଛି ଜିନିଷ ଏଠାରେ ଅନୁମତି ଅଛି । ମୁଁ ସମସ୍ତ ବିଭାଗ ସହିତ ରେଳ ସଂଯୋଗ କରିଛି ।

ମୁଁ କହିଛି ଯେ ସମସ୍ତ ବିଭାଗ ସହିତ କାମ କର । ସମସ୍ତ ରାଜ୍ୟ ସହିତ ମିଳିତ ଭାବରେ କାର୍ଯ୍ୟ କରନ୍ତୁ । ରେଳ ଯାଉଛି, ସେହି ସମସ୍ତ ଲୋକଙ୍କୁ ଅଟକାଇବା ଉଚିତ୍, ଏପରି କାମ ହୋଇପାରିବ ନାହିଁ । ଆମେ ବିକାଶର ସେହି ପରିଭାଷା ନେଉଥିଲୁ। ସେଥିପାଇଁ ମୁଁ ସହଯୋଗୀ ସଂଘୀୟତା ବିଷୟରେ କହୁଛି କାରଣ ଆମେ ସେହି ରାଜ୍ୟଗୁଡ଼ିକର ସମସ୍ୟାର ସମାଧାନ କରିବା ଉଚିତ୍ । ସେ ଏହା କରିଛନ୍ତି, କରିନାହାଁନ୍ତି, ଦେଶ ଏହାର ଆଧାରରେ ଚାଲୁ ନାହିଁ। ଯଦି ଦେଶ ଆଗକୁ ବଢ଼ିବାକୁ ପଡିବ ତେବେ ରାଜ୍ୟଗୁଡ଼ିକୁ ଆଗକୁ ବଢ଼ିବାକୁ ପଡିବ । ଯେତେବେଳେ ମୁଁ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲି, ମୁଁ ସବୁବେଳେ କହିଥିଲି ଯେ ଭାରତର ବିକାଶ ପାଇଁ ଗୁଜୁରାଟର ବିକାଶ ଆବଶ୍ୟକ । ମୁଁ ସବୁବେଳେ ଏହି ମନ୍ତ୍ରକୁ ମୋ ଜୀବନରେ ରଖିଥିଲି ଏବଂ ମୁଁ ସମସ୍ତଙ୍କୁ କହିଥିଲି। ଆଜି ମୁଁ କହିଛି ଯେ ଦେଶକୁ ସମୃଦ୍ଧ କରିବା ପାଇଁ ରାଜ୍ୟଗୁଡ଼ିକୁ ସମୃଦ୍ଧ କରିବାକୁ ପଡିବ । ଦେଶକୁ

ସଶକ୍ତ କରିବାକୁ ରାଜ୍ୟମାନଙ୍କୁ ସଶକ୍ତ କରିବାକୁ ପଡିବ । ଆମେ ଏହା କଳ୍ପନା କରୁଛୁ । ଆମେ ପହଞ୍ଚିବା ମାତ୍ରେ ଆମେ ଏହି ଖଣିଜ ରୟାଲଟିକୁ ଦେଢ଼ଗୁଣ ହ୍ରାସ କଲୁ । କିଏ ସେହି ଟଙ୍କା ପାଇବ? ରାଜ୍ୟକୁ ଯିବେ । ସେହି ରାଜ୍ୟଗୁଡିକ କିଏ? ଏଗୁଡିକ ହେଉଛି ରାଜ୍ୟ ଯେଉଁଥିରେ ସର୍ବାଧିକ ଖଣିଜ ପଦାର୍ଥ ଅଛି । ପୂର୍ବ ଭାରତର ବିକାଶ ପାଇଁ ମୁଁ ଯାହା କହୁଛି ଏହାର ମୂଳ ହେଉଛି । କାରଣ, ସେହି ଖଣିଜ ଆମ ଦେଶର ପୂର୍ବ ଭାଗରେ ଅଧିକ । ସେଠାରେ ସେମାନେ ଏଥିରୁ ଉପକୃତ ହେବାକୁ ଯାଉଛନ୍ତି ।

ଯଦି କୋଇଲା ନିଲାମ ହୁଏ, ତେବେ ଟଙ୍କା କିଏ ପାଇବ? ଏହି ସମସ୍ତ ଟଙ୍କା ରାଜ୍ୟ ରାଜକୋଷକୁ ଯିବାକୁ ଯାଉଛି । କେତେକ ରାଜ୍ୟ କଳ୍ପନା କରି ନଥାନ୍ତେ ଯେ ସେମାନଙ୍କ ବଜେଟ ଅପେକ୍ଷା ଅଧିକ ଟଙ୍କା ସେମାନଙ୍କ ସାମ୍ନାରେ ପଡ଼ିଛି । ଆମେ ଏଠାରେ ପହଞ୍ଚିବାରେ ସକ୍ଷମ ହେବା । ଫେଡେରାଲ୍ ଗଠନରେ ରାଜ୍ୟଗୁଡ଼ିକୁ ମଜବୁତ କରିବା ପାଇଁ ଏହା ଏକ ଉପାୟ କି ନୁହେଁ? ଆମେ ବର୍ତ୍ତମାନ ଅର୍ଥ ଆୟୋଗର ରିପୋର୍ଟ ଗ୍ରହଣ କରିଛୁ ଏବଂ ରାଜ୍ୟଗୁଡ଼ିକୁ ୪୨% ଦେଉଛୁ, କିନ୍ତୁ ଅର୍ଥ କମିସନ ସର୍ବସମ୍ମତି କ୍ରମେ ଏହା କହିଛନ୍ତି । ଅର୍ଥ ଆୟୋଗର ସଦସ୍ୟଙ୍କ ଭିତରେ ମଧ୍ୟ ବିବାଦ ରହିଛି । ଆମେ ଏହାର ଲାଭ ଉଠାଇ ପାରିବା, କିନ୍ତୁ ଆମେ ଏହାକୁ ନେବାକୁ ଚାହୁଁନାହୁଁ, କାରଣ ଆମର ପ୍ରତିବଦ୍ଧତା ମୁଖ୍ୟତଃ ରାଜ୍ୟଗୁଡ଼ିକ ସମୃଦ୍ଧ ହେବା ଉଚିତ୍, ରାଜ୍ୟଗୁଡ଼ିକ ଶକ୍ତିଶାଳୀ ହେବା ଉଚିତ୍ । ତେଣୁ ଆମେ ୪୨% ଦେଉଛି । ଏହି ପରିମାଣ ଅଳ୍ପ ନୁହେଁ । ଯେତେବେଳେ ଆପଣ ରାଶି ଶୁଣିବେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ ଯେ ଏତେ ଟଙ୍କା ଆସିଛି ।

କେତେକ ରାଜ୍ୟରେ ଭାଲ୍‌ଟ ଆକାର ନାହିଁ, ସେମାନେ ଏତେ ଟଙ୍କା ରଖିଛନ୍ତି ।....(ବାଧା) କେବଳ ସେତିକି ନୁହେଁ, ଏହା ପରେ ପଞ୍ଚାୟତ ପାଇଁ ଅଲଗା, ମ୍ୟୁନିସିପାଲିଟି ପାଇଁ ଅଲଗା, ମହାନଗର ନିଗମ ପାଇଁ ପୃଥକ, ବିପର୍ଯ୍ୟୟ ମଧ୍ୟ ନାହିଁ, କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆସେ, ସେଥିପାଇଁ ଭିନ୍ନ, ମୁଁ ଏହାକୁ ମିଶ୍ରିତ କରେ । ତେଣୁ ଏହା ପ୍ରାୟ ୪୭-୪୮% ପାଇଥାଏ । ସ୍ୱାଧୀନତା ପରେ ଆପଣ ପ୍ରଥମ ଥର ପାଇଁ ଏହା ଜାଣି ମଧ୍ୟ ଉପଭୋଗ କରିବେ ଏବଂ ବୋଧହୁଏ ଆମର ମୁଖ୍ୟମାନେ ସେହି ରାଜ୍ୟରେ ବସିଥିବେ, କିନ୍ତୁ ମୁଁ କହୁଛି

ଯେ ବୋଧହୁଏ ସେମାନେ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଭାରତର ରାଜ୍ୟମାନଙ୍କରେ ଥିବା ଭଣ୍ଡାରକୁ ମଧ୍ୟ ଧ୍ୟାନ ଦେବେ ନାହିଁ ଏବଂ ଯଦି ଟ୍ରେଜେରୀର ସମୁଦାୟ ଭଣ୍ଡାର ଭାରତ ସରକାରଙ୍କ ପାଖରେ ଅଛି ଏବଂ ଯଦି ଆମେ ସମୁଦାୟ ହିସାବ କରିବା, ତେବେ ଏହା ବାହାରକୁ ଆସିବ ଯେ ୬୨% ଟ୍ରେଜେରୀ ରାଜ୍ୟମାନଙ୍କ ସହିତ ଏବଂ କେବଳ ୩୮% ଟ୍ରେଜେରୀ ଭାରତ ସରକାରଙ୍କ ସହିତ ଅଛି ।

ଆମେ ବିଶ୍ୱାସ କରୁ ଯେ ରାଜ୍ୟଗୁଡ଼ିକ ଆମକୁ ଶକ୍ତିଶାଳୀ କରିବା ଉଚିତ, ରାଜ୍ୟମାନଙ୍କ ବିକାଶ ପାଇଁ ସୁଯୋଗ ଦିଆଯାଉ । ଆମେ ସେହି କାମ କରୁଛୁ ଏବଂ ରାଜନୀତି ବାହାରେ କରୁଛୁ । ଏହାର ଦଳ, ଦଳ ଏବଂ ପତାକା ରଙ୍ଗକୁ ବିଚାର କଲେ ଦେଶର ପ୍ରଗତି ପାଇଁ ନିଷ୍ପତ୍ତି ନିଆଯାଏ ନାହିଁ । ଯଦି ଆମେ ପତାକାର ରଙ୍ଗ ଦେଖୁ, ତେବେ କେବଳ ତ୍ରିକୋଣୀୟ ଦେଖାଯାଏ ଏବଂ କୌଣସି ରଙ୍ଗ ଦେଖାଯାଏ ନାହିଁ । ତାହା ସହିତ ଆମେ ଯିବା ।

ମ୍ୟାଡାମ୍ ସ୍ପିକର, ରାଜନୈତିକ କାରଣରୁ ଆମ ଦେଶରେ ସାମ୍ପ୍ରଦାୟିକତାର ବିଷ ଗ୍ରହଣ କରାଯାଉଛି । ଆଜିଠାରୁ ଏହା କାମ କରୁନାହିଁ, ଏହା ଦୀର୍ଘ ଦିନ ଧରି ଚାଲିଆସୁଛି, ଯାହା ଦେଶକୁ ଧ୍ୱଂସ କରିଦେଇଛି, ହୃଦୟ ଭାଙ୍ଗିବାର କାମ କରିଛି, କିନ୍ତୁ ଆମକୁ ପଚରାଯାଉଛି ଆମର ଭୂମିକା କ'ଣ ? ମୁଁ ଆଜି ଏହି ଘରକୁ କହିବାକୁ ଚାହେଁ, ୨୭ ଅକ୍ଟୋବର ୨୦୧୩, ମୁଁ ପାଟଣାର ଗାନ୍ଧୀ ମଇଦାନରେ ଥିଲି ।

ସେଠାରେ ବୋମା ବିସ୍ଫୋରଣ ହୋଇଥିଲା, ନିରୀହ ଲୋକଙ୍କର ମୃତ୍ୟୁ ହୋଇଥିଲା, ସେଠାରେ ଲକ୍ଷ ଲକ୍ଷ ଲୋକଙ୍କ ଭିଡ ଥିଲା । ସେଠାରେ ବହୁତ ଖରାପ ବାତାବରଣ ଥିଲା, ରକ୍ତ ସ୍ରୋତ ପ୍ରବାହିତ ହେଉଥିଲା, ସେହି ସମୟରେ ଯେତେବେଳେ ମନୁଷ୍ୟର ହୃଦୟରୁ ଜିନିଷ ବାହାରି ଆସେ, ସେମାନେ ସତ୍ୟର ମାପରେ ଶତପ୍ରତିଶତ ବାହାରକୁ ଆସନ୍ତି । ଏଥିରେ କୌଣସି ଗୁଡ଼େଇ ନାହିଁ । ବୋମା, ବନ୍ଧୁକ ମଧ୍ୟରେ ରକ୍ତ ପ୍ରବାହିତ ହେଉଥିଲା, ଲୋକମାନେ ମରୁଥିଲେ, ସେତେବେଳେ ମୋର ଭାଷଣରେ ମୁଁ କହିଥିଲି ଯେ ମୁଁ

ପଚାରିବାକୁ ଚାହେଁ, ମୋତେ କୁହ, ହିନ୍ଦୁମାନଙ୍କ କାହା ସହିତ ଯୁଦ୍ଧ କରିବାକୁ ପଡ଼ିବ, ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା କିମ୍ବା ଦାରିଦ୍ର୍ୟ ସହିତ ? ଯୁଦ୍ଧ କରିବାକୁ ପଡିବ ।

ମୁଁ ମୁସଲମାନମାନଙ୍କୁ ପଚାରିଥିଲି କି ତୁମେ ହିନ୍ଦୁମାନଙ୍କ ସହ ଲଢ଼ିବାକୁ ପଡିବ ନା ଦାରିଦ୍ର୍ୟ ବିରୋଧରେ ଲଢ଼ିବାକୁ ପଡିବ ? ମୁଁ କହିଥିଲି ଯେ ଆସନ୍ତୁ ବହୁତ ଲଢ଼ିବା, ହିନ୍ଦୁ ଏବଂ ମୁସଲମାନମାନେ ମିଳିତ ଭାବରେ ଦାରିଦ୍ର୍ୟ ବିରୋଧରେ ଲଢ଼ି ବୋମା, ବନ୍ଧୁକ, ପିସ୍ତଲ ଏବଂ ଗୁଳି ମଧ୍ୟରେ ପାଟଣାର ଗାନ୍ଧୀ ମଇଦାନରେ ଏକ ଉଚ୍ଚ ସ୍ୱର ଅଛି, ତେଣୁ ଦୟାକରି କଳ୍ପନା ଜିନିଷ ବିଷୟରେ ଦୟାକରି ବିବୃତି କର ।

ତେଣୁ ଭାରତକୁ ଭଲ ପାଉଥିବା ସମସ୍ତଙ୍କ ପାଇଁ ଏହା ସ୍ପଷ୍ଟ ଯେ ଏହି ଦେଶ ବିବିଧତାରେ ପରିପୂର୍ଣ୍ଣ । ବିବିଧତା ମଧ୍ୟରେ ଏକତା ହେଉଛି ଆମ ଦେଶର ପରିଚୟ, ଏହା ହେଉଛି ଆମର ଶକ୍ତି । ଆମେ ସମାନତାର ପାର୍ଟି ନୁହଁ, ଆମେ ଏକତାର ପାର୍ଟି ଏବଂ ସମସ୍ତ ସମ୍ପ୍ରଦାୟ କେବଳ ଭାରତୀୟ ମାଟିରେ ବସନ୍ତି । ଏହା ଭାରତର ଏକ ବିଶେଷତା ମୁଁ କହିବାକୁ ଚାହେଁ ଯେ ଆମେ ପ୍ରସ୍ତୁତ କରିଥିବା ସମ୍ବିଧାନ ହେଉଛି ହଜାର ହଜାର ବର୍ଷ ଧରି ଆମର ଚିନ୍ତାଧାରାର ଅଭିବ୍ୟକ୍ତି । ଆମର ସମ୍ବିଧାନ ପ୍ରସ୍ତୁତ ହୋଇଛି, ଏହା ହେଉଛି ଏକ ସମ୍ବିଧାନ ଯାହା ଆମ ଭାରତ ତଥା ଦେଶର ସାଧାରଣ ଲୋକଙ୍କର ଆଶା, ଆକାଂକ୍ଷାକୁ ପ୍ରତିଫଳିତ କରିଥାଏ ଯାହା କେବଳ ଏହି ସମ୍ବିଧାନର ସୀମା ମଧ୍ୟରେ ରହି ଚାଲିପାରିବ । ଦେଶ ସମ୍ବିଧାନର ସୀମା ବାହାରେ ଚାଲିପାରିବ ନାହିଁ । ଆଇନକୁ ନିଜ ହାତକୁ ନେବାକୁ ବାହାର ଅଧିକାର ନାହିଁ । ସଂସ୍କୃତି ଆଧାରରେ କାହା ସହିତ ଭେଦଭାବ କରିବାର ଅଧିକାର କାହାର ନାହିଁ । ସମସ୍ତଙ୍କ ସହିତ ଚାଲିବାର ଅଧିକାର ଅଛି ଏବଂ ମୋର ଏକ ଦାୟିତ୍ୱ ଅଛି, ମୁଁ ସରକାରରେ ବସିଛି, ସରକାର ଚଳାଇବା ମୋର ଦାୟିତ୍ୱ ।

ସେଥିପାଇଁ ମୁଁ ଆପଣଙ୍କୁ କହିବାକୁ ଚାହେଁ, ମୁଁ ଏହାକୁ ବାରମ୍ବାର କହୁଛି, ଯେଉଁମାନେ ନମ୍ର ଭାବରେ କଥାବାର୍ତ୍ତା କରନ୍ତି ମୁଁ ସେମାନଙ୍କୁ କହିବାକୁ ଚାହେଁ, ମୁଁ ଆଜି ଏହା କହିବାକୁ ଚାହେଁ ନାହିଁ, ମୋର ମୁହଁ ବନ୍ଦ କରିବାକୁ ହଜାରେ ଜିନିଷ ଅଛି, ମୁଁ ସମୟ ନଷ୍ଟ କରିବାକୁ

ଚାହେଁ ନାହିଁ। ଏଥିପାଇଁ ମୁଁ ସମୟ ନଷ୍ଟ କରେ ନାହିଁ, କିନ୍ତୁ ମୁଁ ଆପଣଙ୍କୁ କହିବାକୁ ଚାହେଁ ଆମର ପ୍ରତିବଦ୍ଧତା । କ'ଣ ? ମୁଁ ବାରମ୍ବାର କହିଛି ଯେ ମୋ ସରକାରରେ କେବଳ ଗୋଟିଏ ଧର୍ମ ଅଛି, ଇଣ୍ଡିଆ ପ୍ରଥମ । ମୋ ସରକାରରେ କେବଳ ଗୋଟିଏ ଧର୍ମ ଅଛି, ଭାରତର ସମ୍ବିଧାନ । ମୋ ସରକାରରେ କେବଳ ଗୋଟିଏ ଶାସ୍ତ୍ର ଅଛି, ଭାରତର ସମ୍ବିଧାନ, ମୋ ସରକାରରେ କେବଳ ଗୋଟିଏ ଭକ୍ତି, ଭାରତ ପ୍ରତି ଭକ୍ତି ଅଛି, ମୋ ସରକାରରେ କେବଳ ଗୋଟିଏ ପୂଜା, ୧.୨୫ ବିଲିୟନ ଦେଶବାସୀଙ୍କ କଲ୍ୟାଣ, ମୋର ସରକାରଙ୍କ ପାଖରେ କେବଳ ଗୋଟିଏ କାର୍ଯ୍ୟ । ଗୋଟିଏ କାର୍ଯ୍ୟଶୈଳୀ ସମସ୍ତଙ୍କ ସହିତ ବିକାଶ । ତେଣୁ ଆମେ ସମ୍ବିଧାନର ସୀମା ମଧ୍ୟରେ ରହି ଦେଶକୁ ଆଗକୁ ବଢ଼ାଇବାକୁ ଚାହୁଁଛୁ ।

'ଏକମ୍ ସତ୍ୟ ବିପ୍ରା ଭଦନ୍ତୀ' ଆମର ଦର୍ଶନ ଅଟେ ।

Truth is one, the wise call it by many names.

ସତ୍ୟ ଏକ, ପଣ୍ଡିତମାନେ ଏହାକୁ ଭିନ୍ନ ଭାବରେ କୁହନ୍ତି, ଯେଉଁମାନେ ଏହା କୁହନ୍ତି ଆମେ ସେମାନଙ୍କ ମଧ୍ୟରେ ଅଛୁ କେବଳ ଏତିକି ନୁହେଁ, ଏହା ହେଉଛି ଦେଶ ଯେଉଁଠାରେ ଗୁରୁ ନାନକ ଦେବ କହିଛନ୍ତି –

ପ୍ରଭୁ ରବି, ପ୍ରଭୁ ଏକାଇ  ପେଥ୍ ପେଥ୍ ନାନକ ବିକାସାଇ ।

"The one God is pervading in all. Beholding him in all, Nanak is delighted."

ଏହା ଆମର ଦର୍ଶନ, ଏହା ଆମର ପରମ୍ପରା ।  – (ବାଧା) ଏବଂ ତେଣୁ ଆମେମାନେ ଯେଉଁଠାରେ ଏହି ମନ୍ତ୍ର '.....' ରେ କାମ କରୁଛୁ । ସେଥିପାଇଁ ଯେତେବେଳେ ମୁଁ କହିବି ଯେ ସମସ୍ତେ ସମସ୍ତଙ୍କୁ ସମର୍ଥନ କରିବା ଉଚିତ୍, ତେବେ ମୁଁ ଚାହେଁ ତୁମେ ସମସ୍ତଙ୍କ ବିକାଶରେ ସମସ୍ତଙ୍କ ସହିତ ରୁହ । କାରଣ ସମସ୍ତଙ୍କୁ ବିକାଶ କରିବାକୁ ପଡିବ । ପୁନର୍ବାର, ମୁଁ ମହାନ ବ୍ୟକ୍ତିମାନଙ୍କୁ ମଧ୍ୟ ଧନ୍ୟବାଦ ଦେଉଛି, ଯେଉଁମାନେ ଧାରଣା ଦେଇଛନ୍ତି, ଏବଂ ଆମେ ପରୀକ୍ଷା କରି ଦେଶର ସ୍ୱାର୍ଥରେ ପ୍ରୟୋଗ କରି ଆପଣଙ୍କ ମାଧ୍ୟମରେ ଆସିଥିବା

ସର୍ବୋତ୍ତମ ଜିନିଷଗୁଡିକୁ ପ୍ରୟୋଗ କରିବାକୁ ଚେଷ୍ଟା କରିବୁ । ମୁଁ ପୁଣି ଥରେ ସମ୍ମାନନୀୟ ମହାମହିମ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଉଛି ଏବଂ ତାଙ୍କୁ ହୃଦୟରୁ କାମନା କରୁଛି ଏବଂ ଆଶା କରୁଛି ଯେ ଆମେ ତାଙ୍କୁ ଆହୁରି ମାର୍ଗଦର୍ଶନ ଜାରି ରଖିବୁ ।

ବହୁତ ଧନ୍ୟବାଦ ।

# ଲୋକସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

9th March 2015

# ୯.୩.୨୦୧୫ ଲୋକସଭା

# ପ୍ରଧାନମନ୍ତ୍ରୀଙ୍କ ବିବୃତି

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟା, ସଦନରେ ତଥା ସମଗ୍ର ଦେଶରେ ଏକ ଆକ୍ରୋଶର ଭାବନା ଦୃଷ୍ଟିଗୋଚର ହେଉଛି । ମୁଁ ନିଜକୁ ସେହି ଭାବନା ସହ ସମ୍ମିଳିତ କରୁଛି । ବିଚ୍ଛିନ୍ନତାବାଦ ଏବଂ ଆତଙ୍କବାଦ ସହ ସଂପୃକ୍ତ ସମସ୍ୟା ଗୁଡ଼ିକ ସହ ଲଢ଼ିବାକୁ ହେଲେ ଏ ଦେଶ ଭିନ୍ନ ଭିନ୍ନ ଦଳ ଭିତ୍ତିରେ କାର୍ଯ୍ୟକରିବା ଅନୁଚିତ । ଭବିଷ୍ୟତରେ ମଧ୍ୟ ଏହି ଦେଶ ସେପରି ଭାବନାକୁ ପ୍ରଶୟ ଦେବନାହିଁ । ସମଗ୍ର ସଦନ ଏକ ସ୍ୱରରେ ନିଜର ବେଦନା ବ୍ୟକ୍ତ କରିଛି । ମୁଁ ସମସ୍ତଙ୍କୁ ଆଶ୍ୱସ୍ତ କରିବାକୁ ଋହେଁ ଯେ ଏହିସବୁ ଘଟଣା ଘଟିବା ପୂର୍ବରୁ ଏ ଗୃହକୁ ବିଶ୍ୱାସକୁ ନିଆଯାଉନାହିଁ ।

ମୁଁ ମାନନୀୟ ସଦସ୍ୟମାନଙ୍କୁ କହିବି ଯେ ସେମାନେ ରାଜନୈତିକ ମନ୍ତବ୍ୟ ଦେବାପାଇଁ ସ୍ୱାଧୀନ ଏବଂ ଭବିଷ୍ୟତରେ ମଧ୍ୟ ସେମାନେ ମତାମତ ବ୍ୟକ୍ତ କରିପାରିବେ । ଭାରତୀୟ ଜନତା ପାର୍ଟି ଏକ ମେଣ୍ଟ ସରକାରର ଅଂଶବିଶେଷ । ଆପଣ ତାହାର ସମାଲୋଚନା ବେଶ୍ କଟୁ ଶବ୍ଦରେ କରିପାରିବେ । କିନ୍ତୁ ଦେଶର ଏକତା ନିମନ୍ତେ ଭିନ୍ନ ଭିନ୍ନ ସ୍ୱରର ବାର୍ତ୍ତା ଦେବା ସ୍ପୃହଣୀୟ ନୁହେଁ । ବିଶ୍ୱରେ, ଭାରତରେ ତଥା କାଶ୍ମୀରରେ ଏହି ବିଭିନ୍ନତାର ସ୍ୱର ଆଦୌ ପହଂଚିବା ଉଚିତ ନୁହେଁ ।

ସେଥିନିମନ୍ତେ, ମୁଁ ଏହି ଗୃହ ଏବଂ ଦେଶକୁ ଆଶ୍ୱସ୍ତ କରିବାକୁ ଋହେଁ ଯେ ଏହି ସରକାର ଏପରି କୌଣସି କାର୍ଯ୍ୟବଳୀକୁ ସମର୍ଥନ କରେ ନାହିଁ । ଦେଶର ଏକତା ଓ ଅଖଣ୍ଡତା ସହ ଆମେ କୌଣସି ପ୍ରକାରର ସାଲିସ୍ କରିପାରିବୁ ନାହିଁ । ସମ୍ବିଧାନର ସୀମା ଭିତରେ ରହି ଆମେ ଯଥା ସମ୍ଭବ ପଦକ୍ଷେପ ନେବୁ ଏବଂ ଭବିଷ୍ୟତରେ ମଧ୍ୟ ସେହି ପ୍ରଚେଷ୍ଟା ଜାରି ରହିବ । ଏହି ସଦନକୁ ମୁଁ ଏହି ପ୍ରତିଶ୍ରୁତି ଦେଉଛି ।

ଏହି ସଭାଗୃହରେ ଅନ୍ୟ ଏକ କଥା କୁହାଗଲା ଯେ ମୋଦିଜୀ କାହିଁକି ନୀରବ ଅଛନ୍ତି ?ଏହି ପ୍ରସଙ୍ଗରେ ମୁଁ ମୋର ମତାମତ ଅନ୍ୟ ସଦନରେ ରଖିସାରିଛି । ସୁତରାଂ ଆମକୁ

ନୀରବ ରହିବାର କୌଣସି କାରଣ ନାହିଁ । ଆମେ ସେହି ଲୋକେ, ଯେଉଁମାନେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ମଧ୍ୟ ଆଦର୍ଶ ନିମନ୍ତେ ବଳିଦାନ ଦେଇଛନ୍ତି । ତେଣୁ ଦୟାକରି ଆମକୁ ଦେଶପ୍ରେମର ଶିକ୍ଷା ଦିଅନ୍ତୁ ନାହିଁ। ମୁଁ କହିବାକୁ ଚାହେଁ ଯେ ଆମେକିଛି ଜିନିଷର ସ୍ପଷ୍ଟୀକରଣ ମାଗିଛୁ ଏବଂ ମାନ୍ୟବର ଗୃହମନ୍ତ୍ରୀ ହିଛନ୍ତି ଯେ ସ୍ପଷ୍ଟୀରଣ ଜରିଆରେ ସମଗ୍ର ଗୃହକୁ ଅବଗତ କରାଇବେ ।

ପୁନଃଶ୍ଚ ମୁଁ କହିବାକୁ ଚାହେଁ ଏହି କ୍ରୋଧ କୌଣସି ଦଳ ବିଶେଷର ନୁହେଁ, ସମଗ୍ର ଦେଶ। ଏହି ଆକ୍ରୋଶ ଏହି ବେଂଚ ବା ସେହି ବେଂଚ (ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବକ) ପାଇଁ ନୁହେଁ । ସମଗ୍ର ଦେଶ ପାଇଁ । ଆମେ ସମସ୍ତେ ବିଚ୍ଛିନ୍ନତାବାଦୀ ଶକ୍ତିମାନଙ୍କର ଏକ ସ୍ୱରରେ ବିରୋଧ କରୁଛୁ । ଯେଉଁମାନେ ବିଚ୍ଛିନ୍ନତାବାଦୀମାନଙ୍କର ସମର୍ଥନ କରନ୍ତି ଏବଂ ଆଇନର ଅପବ୍ୟବହାର କରନ୍ତି ସେମାନଙ୍କ ପ୍ରତି ଆମେ ନିଜର କ୍ରୋଧ ପ୍ରକାଶ କରୁଛୁ । ଆଗାମୀ ଦିନରେ ଗୃହର ଏକତା ଓ ଅଖଣ୍ଡତା ପାଇଁ ଯାହା ଆବଶ୍ୟକ ଆମ ସରକାର ସେହି ପଦକ୍ଷେପ ନେବ ।

# ଲୋକସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ବିବୃତ୍ତି

23rd April 2015

# ୨୩.୪.୨୦୧୫ ଲୋକସଭା

## ପ୍ରଧାନମନ୍ତ୍ରୀଙ୍କ ବିବୃତି

ମାନନୀୟା ଅଧ୍ୟକ୍ଷା ମହୋଦୟା,

ଅନେକ ବର୍ଷଧରି 'କୃଷକ ଆତ୍ମହତ୍ୟା' ସମଗ୍ର ଦେଶ ନିମନ୍ତେ ଚିନ୍ତାର ବିଷୟ ହୋଇ ରହିଛି। ସମୟ ସମୟରେ ସମସ୍ତ ସରକାର ଚେଷ୍ଟା କରିଛନ୍ତି ଯଥା ସମ୍ଭବ ସହାୟତା ଯୋଗାଇ ଦେବା ନିମନ୍ତେ । ଗତକାଲିର ଘଟଣା ପରେ ସମଗ୍ର ଦେଶରେ ଯେଉଁ ଦୁଃଖ ଓ ଆଲୋଡ଼ନ ସୃଷ୍ଟି ହୋଇଛି, ତାହାକୁ ସମସ୍ତ ସମ୍ମାନନୀୟ ସଦସ୍ୟ ପ୍ରକାଶ କରିଛନ୍ତି । ମୁଁ ମଧ୍ୟ ଆପଣଙ୍କ ସହ ନିଜକୁ ସଂଶ୍ଳିଷ୍ଟ କରୁଛି । ଆମ ସମସ୍ତଙ୍କୁ ଏକାଠି ହୋଇ ପଣ କରିବାକୁ ହେବ ଏବଂ ଏହି ସମସ୍ୟାର ସମାଧାନ ବାହାର କରିବାକୁ ପଡ଼ିବ । ଯେହେତୁ ସମସ୍ୟାଟି ବହୁତ ପୁରାତନ ଓ ବ୍ୟାପକ, ଆମର ଦୃଷ୍ଟିଭଙ୍ଗୀ ସେହି ମର୍ମରେ ହେବା ଉଚିତ । ଯେଉଁ ପରାମର୍ଶ ସର୍ବୋତ୍ତମ ହେବ, ସରକାର ତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ମଣିଷର ଜୀବନ ତଥା ଏକ କୃଷକର ଜୀବନଠାରୁ ଅଧିକ ମୂଲ୍ୟବାନ୍ ଆଉ କିଛି ନାହିଁ ।

ସରକାରଙ୍କ ତରଫରୁ ଯାହା କିଛି ବି ସୂଚନା ଥିଲା, ଶ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ଆପଣଙ୍କ ପାଖରେ ପହଂଚିସାରିଛି । ମୁଁ ନିଜକୁ ଏ ଗୃହ ଦ୍ୱାରା ପ୍ରକାଶିତ ବେଦନା ସହ ସଂପୃକ୍ତ କରୁଛି। ଆମେମାନେ ଭିନ୍ନ ଭିନ୍ନ ରାଜନୈତିକ ଦଳର ହୋଇପାରୁ, ମାତ୍ର ଆମେ କେହି ଦେଶଠାରୁ ବଡ଼ ନୁହେଁ । ସମସ୍ୟାଟି ବହୁତ ବର୍ଷର ଏବଂ ବଡ଼ ଗମ୍ଭୀର ସମସ୍ୟା । ଆମ ସମସ୍ତଙ୍କୁ ଆତ୍ମମନ୍ଥନ କରିବାକୁ ହେବ । ଆମେ କେଉଁଠି ଭୁଲ କରିବସିଲେ । ଆମେ ଭୁଲ ରାସ୍ତାରେ ଚାଲିଗଲେ କିପରି ? ଆମ ଦ୍ୱାରା କି ତ୍ରୁଟି ହୋଇଗଲା ? ବିଶେଷତଃ ବିଗତ ଦଶ ମାସ ଭିତରେ କେଉଁସବୁ ଭୁଲ ହୋଇଯାଇଛି, ତାହାର ସୁଧାର ଆବଶ୍ୟକ । ଏହାର ସମାଧାନର ପନ୍ଥା ବାହାରକରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ମୁଁ ମୁକ୍ତ ହୃଦୟରେ କହୁଛି, ମୋ ପାଖକୁ ଆପଣ ନିଜ ନିଜର ବହୁମୂଲ୍ୟ ପରାମର୍ଶ ପଠାନ୍ତୁ । ଆମେ ସମାଧାନ ଖୋଜିବାକୁ ଚେଷ୍ଟା କରିବୁ ।

ଆମର କୃଷକମାନଙ୍କୁ ଆମେ ବିନା ସହାୟତାରେ ଭାଗ୍ୟ ହାତରେ ଛାଡ଼ି ଦେଇ ପାରିବା ନାହିଁ । ସେମାନଙ୍କର ଦୁଃଖ ଓ ଯାତନା ଆମେ ବାଣ୍ଟିନେବା । ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ହେଉ, ସେଥିପାଇଁ ପ୍ରଚେଷ୍ଟା କରିବା । ଆଜିର ଆଲୋଚନା ପରେ ମୋର ଆଶା ଓ ବିଶ୍ୱାସ ଯେ ଆମର ଦୃଢ଼ ସଂକଳ୍ପ କୃଷକମାନଙ୍କୁ ମୃତ୍ୟୁବରଣ କରିବାକୁ ଦେବ ନାହିଁ । ଆମେ ସମସ୍ତେ ସମ୍ମିଳିତ ଭାବେ ଏହି ପ୍ରତିଜ୍ଞା କରିବା । ମୋର କେବଳ ଏ ସଦନ ସମ୍ମୁଖରେ ଏତିକି ପ୍ରାର୍ଥନା ।

# ଡ ବି ଆର ଆମ୍ବେଦକରଙ୍କ ୧୨୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ସମ୍ବିଧାନ ପ୍ରତି ପ୍ରତିବଦ୍ଧତା ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

27th November 2015

## ୨୭.୧୧.୨୦୧୫ ଲୋକସଭା

# ବାଲାସାହେବ ଆମ୍ବେଦକରଙ୍କ ୧୨୫ତମ ଜନ୍ମଦିବସ ଉପଲକ୍ଷେ ସମ୍ବିଧାନ ପ୍ରତି ପ୍ରତିବଦ୍ଧତା ସଂପର୍କରେ ପ୍ରଧାନମନ୍ତ୍ରୀଙ୍କ ବିବୃତି

ପ୍ରଧାନମନ୍ତ୍ରୀଙ୍କର ଲୋକସଭାରେ ବକ୍ତବ୍ୟ

ଶ୍ରୀ ନରେନ୍ଦ୍ର ମୋଦି– ଆଦରଣୀୟା ଅଧ୍ୟକ୍ଷ ମହୋଦୟା, ଆପଣ ଏହି ମହତ୍ତ୍ୱପୂର୍ଣ୍ଣ ଚର୍ଚ୍ଚାର ପ୍ରାରମ୍ଭ କରିଛନ୍ତି। ଆପଣ ସମଗ୍ର ରାଷ୍ଟ୍ରର ସମ୍ମୁଖରେ ଉତ୍ତମ ବିଚାରମାନଙ୍କ ସହ ସମ୍ବିଧାନର ମାହାତ୍ମ୍ୟ, ସମ୍ବିଧାନର ଉପଯୋଗିତା ଏବଂ ସମ୍ବିଧାନ ନିର୍ମାଣର ପଛରେ ଥିବା ରାଷ୍ଟ୍ରର ମହାପୁରୁଷମାନଙ୍କର ଦୂରଦୃଷ୍ଟିକୁ ବହୁତ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିଛନ୍ତି । ଆପଣଙ୍କ ଭାଷଣ ସଂସଦୀୟ ଇତିହାସରେ ଏକ ପ୍ରେରଣାଦାୟୀ ଏବଂ ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ ହେବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ରହିଛି । ମୁଁ ଆପଣଙ୍କୁ ବଧାଇ ଜଣାଉଛି ।

ସଦନ ମଧ୍ୟରେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯେଉଁ ପ୍ରକାର ରୁଚି ପ୍ରଦର୍ଶିତ ହେଲା, ସମସ୍ତେ ଏକ ମତରେ ଏହାକୁ ସମର୍ଥନ କଲେ ଏବଂ ନିଜ ନିଜ ଶୈଳୀରେ ସମ୍ବିଧାନର ମାହାତ୍ମ୍ୟ ବର୍ଣ୍ଣନା କଲେ ଏବଂ ତାହା ପ୍ରତି ପ୍ରତିବଦ୍ଧତା ପ୍ରକାଶ କଲେ, ମୁଁ ସେଥିପାଇଁ ସମସ୍ତ ଆଦରଣୀୟ ସଦସ୍ୟଙ୍କୁ ହୃଦୟରୁ ଅଭିନନ୍ଦନ ପୂର୍ବକ କୃତଜ୍ଞତା ଜ୍ଞାପନ କରୁଛି । କିଛି ଲୋକଙ୍କର ହୁଏତ ଧାରଣା ଥିଲା ଯେ ପ୍ରଧାନମନ୍ତ୍ରୀ ଆଲୋଚନାର ଶେଷରେ ଉତ୍ତର ଦେବେ। ଏହା ସେମାନଙ୍କର ଭୁଲ ଧାରଣା ବା ପୂର୍ବ ପ୍ରଚଳିତ ପ୍ରକ୍ରିୟା ଯୋଗୁଁ ହୋଇପାରେ, ଯାହାକୁ ମୁଁ ମାନୁନାହିଁ । ମୋ ମତରେ ମୁଁ ଅନ୍ୟମାନଙ୍କ ପରି ଏକ ସଦସ୍ୟ ମଧ୍ୟ, ଯିଏ ନିଜର ଭାବପୁଷ୍ପ ଅର୍ପିତ କରିବା ନିମନ୍ତେ ଦଣ୍ଡାୟମାନ । କାରଣ ଆମ ଆଲୋଚନାର ଆତ୍ମା 'ମୁଁ' ଆଉ 'ଆପଣ' ନୁହେଁ– ଏହା ହେଲା 'ଆମେ ସମସ୍ତେ' । ସଭିଏଁ ଏହି ଦେଶର ଜନପ୍ରତିନିଧି ଅଟନ୍ତି ଏବଂ ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟ ଆମେ ସମସ୍ତେ । ଏକଥା ସତ ଯେ ୨୬ ଜାନୁଆରୀ ଦିନ ଆମେ 'ସାଧାରଣତନ୍ତ୍ର' ଦିବସ ପାଳନ କରି ଆସିଛୁ କିନ୍ତୁ ୨୬ ନଭେମ୍ବର ବି ଇତିହାସରେ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ ଅଟେ। ଏହାର ଗୁରୁତ୍ୱକୁ ବି ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି । ୨୬ ନଭେମ୍ବରର ମହତ୍ତ୍ୱ ୨୬

ଜାନୁଆରୀଠାରୁ କୌଣସି ଭାବରେ ନ୍ୟୁନ ନୁହେଁ । ବରଂ ୨୬ ଜାନୁଆରୀର ଶକ୍ତି ୨୬ ନଭେମ୍ବର ମଧ୍ୟରେ ଅନ୍ତର୍ନିହିତ ଅଛି ।

ଆଜିର ସ୍କୁଲମାନଙ୍କର ସିଲାବସ୍ ବିଷୟରେ ମୁଁ ବିସ୍ତୃତ ଭାବରେ ଜାଣିନାହିଁ । ସବୁ ରାଜ୍ୟମାନଙ୍କର ଅଲଗା ଅଲଗା ପ୍ରକାରର ପାଠ୍ୟକ୍ରମ ରହିଥାଏ । କିନ୍ତୁ ମୁଁ ଯେତେବେଳେ ଛୋଟ ଥିଲି, ସେତେବେଳେ ନଗରବିଜ୍ଞାନ ପଢ଼ାଯାଉଥିଲା । ତାହା ଜରିଆରେ ଆମର ସମ୍ବିଧାନ ସହିତ କିଛିଟା ପରିଚିତ ଥିଲା । ପରେ ତାହା ବିସ୍ମୃତ ପ୍ରାୟ ହୋଇଯାଇଥିଲା । କେବଳ ଓକିଲାତି ବା ରାଜନୀତି କରୁଥିବା ବ୍ୟକ୍ତିମାନେ ହିଁ ସାମ୍ବିଧାନିକ ପ୍ରକ୍ରିୟା ବିଷୟରେ ଅବଗତ ହେଉଥିଲେ । ଭାରତ ପରି ଦେଶକୁ, ଯାହା ବିବଧତାରେ ପରିପୂର୍ଣ୍ଣ, ଆମ ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧିବାର ଶକ୍ତି ସମ୍ବିଧାନରେ ହିଁ ଅଛି । ଆମକୁ ଆଗକୁ ବଢ଼ାଇବାର ଶକ୍ତି ସମ୍ବିଧାନରେ ଅଛି ଏବଂ ଏହି ସମ୍ବିଧାନର ପବିତ୍ରତା ଓ ତାହାରି ମଧ୍ୟରେ ସନ୍ନିବେଶିତ ଶକ୍ତି ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବାର ଆବଶ୍ୟକତା ରହିଛି । ଆମକୁ ଏହି ଦିଗରେ ନିରନ୍ତର ପ୍ରୟାସ କରିବାକୁ ହେବ ଏବଂ ପୂର୍ଣ୍ଣ ସମର୍ପିତ ଭାବରେ କରିବାକୁ ହେବ ।

୨୬ ନଭେମ୍ବର- ସମ୍ବିଧାନ ଦିବସ ମାଧ୍ୟମରେ ସରକାରଙ୍କର ଏହି ଚିନ୍ତାଧାରାକୁ ଧୀରେ ଧୀରେ ଶକ୍ତି ମିଳିବ । କାରଣ କୌଣସି ବିଷୟ କଦାପି ଚିରଦିନ ପାଇଁ ପ୍ରଯୋଜ୍ୟ ହୋଇପାରେନା । ସେଥିରେ ଧୀରେ ଧୀରେ ସଂସ୍କାର ଓ ସୁଧାର ଆସିଥାଏ । ଏହି ପ୍ରକ୍ରିୟାକୁ ପ୍ରତିବର୍ଷ କେଉଁପରି ଭାବରେ ଆଗକୁ ବଢ଼ାଯିବ ସେ ବିଷୟରେ ଚିନ୍ତା କରିବା ଆବଶ୍ୟକ । ଏହିବର୍ଷ ଯେହେତୁ ବାବା ସାହେବ ଆମ୍ବେଦକରଙ୍କର ୧୨୫ତମ ଜୟନ୍ତୀ ପାଳିତ ହେଉଛି, ତେଣୁ ଏକ ବିଶେଷ ଅବସର ଆସିଥିଲା ଏବଂ ଲୋକସଭାରେ ଏହା ଯୁଗ୍ମଉତ୍ସବ ଭାବେ ପାଳିତ ହେଲା । ଭବିଷ୍ୟତରେ କେବଳ ଲୋକସଭା ଭିତରେ ଏହା ସୀମିତ ନ ରହି ଜନସେବା ପର୍ଯ୍ୟନ୍ତ ପରିବ୍ୟାପ୍ତ ହେଉ । ଏହି ବିଷୟ ଉପରେ ବ୍ୟାପକ ରୂପରେ ସେମିନାର ହେଉ, ଡିବେଟ୍ ହେଉ, ପ୍ରତିଯୋଗିତା ହେଉ, ସବୁ ପିଢ଼ିର ଲୋକେ ସମ୍ବିଧାନ ବିଷୟରେ ଚିନ୍ତା କରନ୍ତୁ, ବୁଝନ୍ତୁ ତଥା ଚର୍ଚ୍ଚା କରନ୍ତୁ । ଏହି ବିଷୟରେ ଏକ ମନ୍ଥନ ନିରନ୍ତର ଚାଲିବା ଦରକାର । ଆଜି ଏକ ଛୋଟିଆ ପ୍ରୟାସ ପ୍ରାରମ୍ଭ ହୋଇଛି ।

ସଦନରେ ଆଜି ଯେଉଁ ପ୍ରକାରର ସକରାତ୍ମକ ଭାବ ବ୍ୟକ୍ତ ହୋଇଛି । ସେଥିରୁ ଜଣାପଡୁଛି ଯେ ଏହି ବିଷୟର କେତେ ମାହାତ୍ମ୍ୟ ରହିଛି ଏବଂ ଭବିଷ୍ୟତରେ ଏହାକୁ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି। ମୁଁ ଭାବୁଛି ଯେ ସମ୍ବିଧାନ ସମ୍ବଳିତ ବିଷୟରେ ଅନ୍‌ଲାଇନ୍‌ରେ ପ୍ରତିଯୋଗିତା ଆୟୋଜନ କରାଯିବା ଦରକାର । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହେବା ଉଚିତ୍ । ଯାହାଦ୍ୱାରା ସମଗ୍ର ଦେଶରେ ଛାତ୍ର ତଥା ଜନସାଧାରଣଙ୍କର ସମ୍ବିଧାନ ବିଷୟରେ ଆଲୋଚନା ଏକ ଅଭ୍ୟାସରେ ପରିଣତ ହୋଇଯିବ ।

ଗୋଟିଏ କଥା ମୁଁ ଲାଲକିଲ୍ଲାରୁ କହିଥିଲି, ଏହି ଗୃହରେ ମଧ୍ୟ କହିଥିଲି । ମାତ୍ର ହୁଏତ କିଛି କଥା ମନରୁ ଅନ୍ତର୍ଦ୍ଧାନ ହୋଇଯାଏ । ମୋ ପୂର୍ବରୁ ଲାଲକିଲ୍ଲାରୁ କୌଣସି ପ୍ରଧାନମନ୍ତ୍ରୀ ଏହା କହିଥିବେ ବୋଲି ମୋର ମନେହୁଏନା । ଯଦିବା କହିଥିବେ ତାଙ୍କୁ ମୁଁ ପ୍ରଣାମ କରୁଛି । ମୁଁ କହିଥିଲି ଦେଶରେ ଯେତେଥର ସରକାର ଗଠନ ହୋଇଛି, ଯେତେଜଣ ବ୍ୟକ୍ତି ବି ପ୍ରଧାନମନ୍ତ୍ରୀ ଆସନ ଅଳଂକୃତ କରିଛନ୍ତି- ସେ ସମସ୍ତଙ୍କର ଯୋଗଦାନ ଦ୍ୱାରା ଏ ଦେଶ ଅଗ୍ରଗାମୀ ହୋଇଛି । ଆଜି ପୁନର୍ବାର କହୁଛି ଯେ ଏହି ଦେଶ ଅନେକ ଲୋକଙ୍କର ତପସ୍ୟା ଦ୍ୱାରା ଆଗକୁ ବଢ଼ିଛି । ହଁ ଆପତ୍ତି ହେଲା ଯେତିକି ଆଶା ଥିଲା ସେହି ଅନୁରୂପରେ ଦେଶ ଆଗକୁ ବଢ଼ି ନାହିଁ । ଗଣତନ୍ତ୍ରରେ ଅଭିଯୋଗ କରିବାର ଅଧିକାର ସମସ୍ତଙ୍କ ପାଖରେ ଅଛି । ମାତ୍ର କେହି ବି ଏକଥା କହି ପାରିବ ନାହିଁ ଯେ ପୁରୁଣା ସରକାରମାନେ କିଛି କାମ କରିନାହାନ୍ତି । ଏଥିରେ ମୋର ଦୃଢ଼ବିଶ୍ୱାସ ରହିଛି । ଆମେ ଏକଥା ଭୁଲିବା ଅନୁଚିତ ଯେ ରାଜାମହାରାଜାମାନେ ଏ ଦେଶର ନିର୍ମାଣ କରିନାହାନ୍ତି । ଏ ଦେଶର କୋଟି କୋଟି ଜନତା ଏହାର ନିର୍ମାଣ କରିଛନ୍ତି । ସେହି ଜନତାଙ୍କ ଭିତରେ ଅଛନ୍ତି ଶ୍ରମିକ ଗଣ, କୃଷକଗଣ, ଶିକ୍ଷକ, ଆଚାର୍ଯ୍ୟ ତଥା କୋଟି କୋଟି ଗରିବ ଜନତା ଯିଏ ଝାଳବୁହା ପରିଶ୍ରମ କରିଛନ୍ତି । ଏହି ଦେଶର ଲୋକେ ଶହ ଶହ ବର୍ଷ ଧରି ନିଜ ନିଜର ଭୂମିକା ନିର୍ବାହ ପୂର୍ବକ ଏହି ରାଷ୍ଟ୍ରର ସର୍ଜନା କରିଛନ୍ତି । ସେହି ସମସ୍ତଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ସେହି ସମୟରେ ଯାହାଙ୍କ ନେତୃତ୍ୱରେ ଦେଶ ଚାଲୁଥିଲା, ତାଙ୍କରି ବିଶେଷ ଭୂମିକା ରହିଥିଲା ଏବଂ ଆମକୁ ଏତେ ଉତ୍କୃଷ୍ଟ ସମ୍ବିଧାନ ମିଳିପାରିଲା । ତାଙ୍କର ଯେତେ ବି ପ୍ରଶଂସା କଲେ, ତାହା କମ୍ ହେବ । ସରଳ ଭାଷାରେ କହିବାକୁ ଗଲେ ଆମ ସମ୍ବିଧାନ

ଦୁଇଟି ମୂଳମନ୍ତ୍ରକୁ ସାକାର କରିଛି- Dignity for India & Unity for India ଅର୍ଥାତ୍ ଭାରତର ସମ୍ମାନ ଓ ଏକତା । ସାଧାରଣ ମାନବର ସମ୍ମାନ ଏବଂ ଦେଶର ଏକତା ଓ ଅଖଣ୍ଡତା – ଏହି ଦୁଇଟି ଲକ୍ଷ୍ୟ ହାସଲ ନିମନ୍ତେ ବାବା ସାହେବ ଆମ୍ବେଦକରଙ୍କର ଭୂମିକାକୁ କେବେ ମଧ୍ୟ ଅସ୍ୱୀକାର କରାଯାଇ ପାରେନା । ମାତ୍ର ଏହାର ଅର୍ଥ ନୁହେଁ ଯେ ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର କୌଣସି ଭୂମିକା ନଥିଲା । ସେମାନଙ୍କର ମଧ୍ୟ ଯଥେଷ୍ଟ ଭୂମିକା ଥିଲା ଏବଂ ତାହା ସର୍ବଦା ସ୍ମରଣୀୟ । ସୁତରାଂ ଯେଉଁ ମହାପୁରୁଷ ମାନଙ୍କର ଅବଦାନ ହେତୁ ଆମର ସମ୍ବିଧାନ ସୃଷ୍ଟି ହେଲା ସେମାନଙ୍କ ପ୍ରତି ଆମର ଶ୍ରଦ୍ଧା ଓ ସମ୍ମାନକୁ ପୁନଃ ଜ୍ଞାପନ କରିବାକୁ ମୁଁ ଏହି ସମ୍ବିଧାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମର ପରିକଳ୍ପନା କରିଛି ଯଦିଓ ଏହା ପ୍ରଥମଥର ପାଇଁ ନୁହେଁ ।

ମୁଁ ଗୋଟିଏ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ୨୦୦୯ ମସିହାରେ, ଯେତେବେଳେ ସମ୍ବିଧାନର ଷାଠିଏ ବର୍ଷ ପୁରା ହେଲା, ସେତେବେଳେ ରାଜ୍ୟସରକାର ଏକ ନିଆରା ବ୍ୟବସ୍ଥା କରିଥିଲେ । ଏକ ହସ୍ତୀକୁ ସୁଶୋଭିତ କରାଯାଇ ତା ଉପରେ 'ସମ୍ବିଧାନ' ରଖାଯାଇ ପରିକ୍ରମା କରାଯାଇଥିଲା । ସମ୍ବିଧାନ ବିଷୟରେ ଲୋକଙ୍କର ଜ୍ଞାନବର୍ଦ୍ଧନ ନିମନ୍ତେ ସ୍ୱୟଂ ମୁଖ୍ୟମନ୍ତ୍ରୀ ହସ୍ତୀ ସମ୍ମୁଖରେ ପଦଯାତ୍ରା କରିଥିଲେ । ସମ୍ବିଧାନର ଷାଠିଏ ବର୍ଷ ପୂର୍ତ୍ତି ଉତ୍ସବ ଆମେ ଏହିପରି ଭାବେ ଗୁଜୁରାଟର ଭୂମି ଉପରେ ପାଳନ କରିଥିଲୁ । ଆମେ ସମ୍ବିଧାନର ମହତ୍ତ୍ୱ ଜାଣିଛୁ । ଏହି ଗୃହରେ ଅନେକ ସଦସ୍ୟ ଅଛନ୍ତି ଯେଉଁମାନେ ଜନସାଧାରଣଙ୍କର ପ୍ରତିନିଧି ଭାବରେ ଏଠାରେ ଉପସ୍ଥିତ । ଯଦି ସମ୍ବିଧାନ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ଆମକୁ ସଂପାଦନ କରିବାକୁ ପଡ଼େ, ଯେପରିକି ସମ୍ବିଧାନରେ ଥିବା ରେଖାଚିତ୍ର ବା ଛବି, ତାହାହେଲେ ଆମେ ତାହା କରିପାରିବା ତ? ଆମେ ଆଜି ରାଜନୈତିକ ଦଳ ଆନୁଗତ୍ୟରେ ଏତେ ଦୂର ନିମଜ୍ଜିତ ହୋଇଯାଇଛୁ ଯେ, ଆମ ଭିତରେ ସମ୍ବିଧାନର ଚିତ୍ର ସମ୍ବନ୍ଧରେ ମଧ୍ୟ ସହମତି ଆସିବା କଷ୍ଟକର । ପ୍ରତିଟି ଚିତ୍ର ବିଷୟରେ, ତାର ରଂଗ ବିଷୟରେ ମଧ୍ୟ ଅସହମତି ପ୍ରକାଶିତ ହେବ । ଆମେ ଆଜି ଏପରି ସ୍ଥିତିରେ ପହଂଚିସାରିଛେ। ସୁତରାଂ ସେହି ମହାପୁରୁଷମାନେ ବାସ୍ତବରେ ତିନିବର୍ଷ ଭିତରେ ସମ୍ବିଧାନର ସର୍ଜନା କରି ବହୁ ବଡ଼ କାର୍ଯ୍ୟ ସଂପନ୍ନ କରିଛନ୍ତି । ଅନ୍ୟ ବହୁତ ଗୁଡ଼ିଏ

ଦେଶରେ ସମ୍ବିଧାନ ପ୍ରସ୍ତୁତ କରିବା ହୁଏତ ଏତେ ବଡ଼ କଠିନ କାର୍ଯ୍ୟ ନଥିଲା ଯାହା ଆମ ଦେଶ ଭାରତ କ୍ଷେତ୍ରରେ ଥିଲା । ଭାରତରେ ବିଶ୍ୱର ବାରଟି ଜୀବନ୍ତ ଧର୍ମ ଅଛି, ଯାହାକୁ ଶ୍ରଦ୍ଧାର ସହ ପାଳନ କରାଯାଏ, ଶହେ ବାରଟି ଭାଷା ଅଛି ଯାହାର ଉତ୍ପତ୍ତି ଭିନ୍ନ ଭିନ୍ନ ସ୍ରୋତରୁ, ଷୋଳଶହରୁ ଅଧିକ ଉପଭାଷା ଅଛି, ଈଶ୍ୱରଙ୍କୁ ମାନିବା ଲୋକେ ଅଛନ୍ତି ତଥା ନମାନିବା ଲୋକେ ବି ଅଛନ୍ତି, ପ୍ରକୃତିକୁ ପୂଜା କରିବା ଲୋକ ଅଛନ୍ତି ଓ ପଥରରେ ପରମ୍ାଙ୍କୁ ଦେଖିବା ଲୋକ ବି ଅଛନ୍ତି ।

ଆମର ଦେଶ ଏତେ ବିବିଧତାରେ ଭରପୁର ! ଜନମାନସରେ କେତେ ଆଶା, ଆକାଂକ୍ଷା ରହିଥିବ ? କେତେ ଗଭୀର ଚିନ୍ତନ, ମନ୍ଥନ ପରେ ସମ୍ବିଧାନକୁ ଏହାର ସ୍ୱରୂପ ଦିଆଯାଇଥିବ ? ଆଜି ବି ଆମେ ଯଦି ଗୋଟିଏ ବା ଦୁଇଟି ଆଇନ୍ ପ୍ରସ୍ତୁତ କରୁଛୁ, ଗୋଟିଏ ରାତି ଭିତରେ ତାହାକୁ ସଂଶୋଧନ କରିବାର କଥା ମନକୁ ଆସୁଛି । କୌଣସି ଶବ୍ଦ ଭୁଲ ରହିଯାଉଛି ତ କୋଉଠି ଶବ୍ଦଟିଏ ଯୋଡ଼ିବାକୁ ପଡୁଛି । ଏହି ସଦନର ଏହା ହିଁ ଅନୁଭବ ଅଟେ । ଏହା ସତ୍ୟ ଯେ ଆମେ ଗୋଟିଏ ବି ଦୋଷଶୂନ୍ୟ ଆଇନ୍ ପ୍ରଣୟନ କରି ପାରିନାହୁଁ । ଗୋଟିଏ ଅଧିବେଶନରେ ଆଗତ କରିଥିବା ଆଇନ୍‌କୁ ପରବର୍ତ୍ତୀ ଅଧିବେଶନରେ ସଂଶୋଧନ କରିଛୁ । କେବଳ ଗୋଟିଏ ଶବ୍ଦର ଅନୁପଯୋଗୀତା ନିମନ୍ତେ ।

ସମ୍ବିଧାନ ପ୍ରଣେତାମାନେ କେତେ ତପସ୍ୟା କରି ନଥିବେ ! ତାଙ୍କର ମନର ଅବସ୍ଥା କିପରି ଥିବ ? ତାଙ୍କରି ପ୍ରଚେଷ୍ଟାରୁ ଯେଉଁ ସବୁ କଥା ଉତ୍ପନ୍ନ ହୋଇଛି ତାହା ହିଁ ଆଜି ଆମର ମାର୍ଗଦର୍ଶକ । ସୁତରାଂ ଏହି ସମ୍ବିଧାନକୁ ଆଗାମୀ ପିଢ଼ି ସହ ପରିଚିତ କରାଇବା, ସେମାନଙ୍କୁ ଜଣାଇବା ଆମରି ଗଣତନ୍ତ୍ରକୁ ମଜବୁତ କରିବା ପାଇଁ ଅତି ଆବଶ୍ୟକ । ସମ୍ବିଧାନର ଭାବନା ଓ କାର୍ଯ୍ୟଦକ୍ଷତାକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ । ଯେଉଁ ମହାପୁରୁଷମାନେ ସମ୍ବିଧାନ ସର୍ଜନାରେ ଯୋଗଦାନ କରିଥିଲେ, ସେମାନେ ସମସ୍ତଙ୍କର ଉଲ୍ଲେଖ କରିବା ଆମ ପକ୍ଷରେ ବାଂଛନୀୟ ।

ଯେତେବେଳେ ଆମର ସମ୍ବିଧାନ-ନିର୍ମାଣ ହୋଇଥିଲା, ସେତେବେଳେ ସମ୍ବିଧାନ ସଭାର ପ୍ରୋଭିଜନାଲ ସଭାପତି ଡାଃ ସଚ୍ଚିଦାନନ୍ଦ ସିହ୍ନାଜୀ ଗୋଟିଏ କଥା କହିଥିଲେ ମୁଁ,

ତାହା ଉଲ୍ଲେଖ କରିବାକୁ ଚାହୁଁଛି । ଉଦ୍‌ଘାଟନ ଭାଷଣରେ ସେ ଜୋସେଫ୍ ଷ୍ଟୋରୀଙ୍କର ଆମେରିକାର ସମ୍ବିଧାନ ବିଷୟରେ ବକ୍ତବ୍ୟକୁ ଉଦ୍ଧାର କରିଥିଲେ ।

ଜୋସେଫ୍ ଷ୍ଟୋରୀ କହିଥିଲେ– "The constitution has been scared for Immortality, if the work of men may justly aspire such a title"

ସମ୍ବିଧାନକୁ ଅମର ରଖିବା ପାଇଁ ପ୍ରସ୍ତୁତ କରାଯାଇଛି । ମନୁଷ୍ୟକୃତ କୌଣସି ଜିନିଷ ଅମର ହୋଇପାରେନା । ମାତ୍ର ସମ୍ବିଧାନ ଅମର ହୋଇପାରେ । ମଣିଷ ଏହା କରି ଦେଖାଇଛି । ବାବା ସାହେବ ଆମ୍ବେଦକରଙ୍କର ଦକ୍ଷତା ପ୍ରତି ଆମେ ଦୃଷ୍ଟିନିକ୍ଷେପ କଲେ ଆମେ ଜାଣିପାରିବା ଯେ ଜଣେ ଦୂରଦୃଷ୍ଟିସଂପନ୍ନ ମହାପୁରୁଷ କିପରି ହୋଇଥାଆନ୍ତି । ସରକାରଙ୍କର ସମାଲୋଚନା ହେଉ ବା ପ୍ରଶଂସା ଉଭୟ ପରିସ୍ଥିତିରେ ବାବାସାହେବ ଆମ୍ବେଦକରଙ୍କର କୋଟେସନ୍ / ବାଣୀ ହିଁ ବ୍ୟବହାର କରାଯାଇଥାଏ । ଅର୍ଥାତ୍ ସେହି ମହାପୁରୁଷ କେତେ ଦୂରଦୃଷ୍ଟିସଂପନ୍ନ ଥିଲେ, ତାଙ୍କର ଅନ୍ତର୍ଦୃଷ୍ଟିର ଅନ୍ତରୀକ୍ଷ ଏତେ ବିଶାଳଥିଲା ଯେ ତନ୍ମଧ୍ୟରେ ବିରୋଧୀ, ପ୍ରଶଂସକ ତଥା ନିରପେକ୍ଷ ବିଚାରଧାରୀ ସଭିଏଁ ସନ୍ନିବିଷ୍ଟ ହୋଇପାରୁଥିଲେ । ଏହା ଏକ ବହୁତ ବିସ୍ମୟଜନକ ଘଟଣା ଅଟେ । କେତେ ପ୍ରକାରର ବିଚାର ଅଛି ଏହି ଦୁନିଆରେ, ଯାହା ଭିନ୍ନ ଭିନ୍ନ ଗୋଷ୍ଠୀ ପାଇଁ ପ୍ରଯୋଜ୍ୟ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡ ପାଇଁ ଉପଯୋଗୀ, ମାତ୍ର ସମସ୍ତ ଗୋଷ୍ଠୀ ଓ ସମସ୍ତ କାଳଖଣ୍ଡ ପାଇଁ ସମାଚୀନ ନୁହେଁ । ମାତ୍ର ବାବା ସାହେବ ଆମ୍ବେଦକରଙ୍କର ଏହା ହିଁ ବିଶେଷତ୍ୱ ଯେ ତାଙ୍କର ବିଚାରଧାରା ପ୍ରତ୍ୟେକ ପିଢ଼ି, ପ୍ରତ୍ୟେକ କାଳଖଣ୍ଡ ତଥା ପ୍ରତ୍ୟେକ ଗୋଷ୍ଠୀ ପାଇଁ ଉପଯୋଗୀ । ଅର୍ଥାତ୍ ତାଙ୍କର ବିଚାରଧାରା ଥିଲା ବଳିଷ୍ଠ, କାଳଜୟୀ ଏକ ତପସ୍ୟା ସଦୃଶ ଯାହା ରାଷ୍ଟ୍ର ପ୍ରତି ସମର୍ପିତ ଥିଲା ଏବଂ ଏକ ଶତ ବର୍ଷ ପରେ ମଧ୍ୟ ତାହାର ଉପଯୋଗିତା ଅକ୍ଷୁର୍ଣ୍ଣ ରହିଛି । ସୁତରାଂ ସେହି ମହାପୁରୁଷଙ୍କୁ ନମନ କରିବା ଅତ୍ୟନ୍ତ ସ୍ୱାଭାବିକ ।

ଯେବେ ବି ମୁଁ ସମ୍ବିଧାନ ବିଷୟରେ, ତାହାର ଧାରାମାନଙ୍କ ବିଷୟରେ ଚିନ୍ତା କରୁଛି, ମତେ ଅନୁଭୂତ ହେଉଛି ଏହା ଏପରି ଏକ ଦସ୍ତାବିଜ୍, ଯାହା ଭିତରେ ରାସ୍ତା ଦେଖାଇବାର ଶକ୍ତି ସନ୍ନିହିତ ଅଛି । ସରକାର କିପରି ଚାଲିବ, କି ପ୍ରକାରର ନିୟମାବଳୀ ରହିବ, ସଂସଦ

କିପରି ଚାଲିବ, କ'ଣ କରିବାକୁ ହେବ- ଏ ସମସ୍ତ ପ୍ରଶ୍ନର ଉତ୍ତର ରହିଛି ସମ୍ବିଧାନରେ । ଗ୍ରେନ୍‌ଭିଲ ଅଷ୍ଟିନ୍ ଭାରତୀୟ ସମ୍ବିଧାନର ବର୍ଣ୍ଣନା କରିବା ସମୟରେ ଯାହା କହିଥିଲେ ତାହା ବେଶ୍ ରୋଚକ । ସେ କହିଥିଲେ- ଏହା ଏକ ସାମାଜିକ ଦସ୍ତାବିଜ୍ ଯଦିଓ ସମ୍ବିଧାନ ମୁଖ୍ୟତଃ ଆଇନ ଦସ୍ତାବିଜ୍ ଅଟେ । ମତେ କ୍ଷମା କରନ୍ତୁ, ମାତ୍ର ବାବା ସାହେବ ଆମ୍ବେଦକର ଯଦି ନ ଥା'ନ୍ତେ ଆମର ସମ୍ବିଧାନ ହୁଏତ ଏକ ସାମାଜିକ ଦସ୍ତାବିଜ୍ କେବେ ବି ହୋଇ ପାରି ନଥାନ୍ତା । ମୁଁ କାହାରି ସମାଲୋଚନା କରୁନାହିଁ । ଆମର ସମ୍ବିଧାନ ଦେଶର ଶାସନ ପରିଚାଳନା ନିମନ୍ତେ ଉତ୍ତମ ହୋଇପାରିଥାଆନ୍ତା ମାତ୍ର ସାମାଜିକ ଦସ୍ତାବିଜ୍ ହୋଇନଥାନ୍ତା ଯଦି ବାବା ସାହେବ ଆମ୍ବେଦକରଙ୍କର ସେଥିରେ ଯୋଗଦାନ ନ ଥାନ୍ତା । ବାବା ସାହେବଙ୍କର ଦୁଃଖ, ଯନ୍ତ୍ରଣା ଯାହା ସବୁ ସେ ନିଜ ଜୀବନରେ ଅନୁଭବ କରିଥିଲେ ତାହା ସବୁ ଶବ୍ଦ ଭାବରେ ନିଷ୍କୃତ ହୋଇ ସମ୍ବିଧାନରେ ସମ୍ମିଳିତ ହୋଇଥିଲା । ସେଥିପାଇଁ ଜଣେ ବିଦେଶୀ ବ୍ୟକ୍ତି ବି ଏହାକୁ ଏକ ସାମାଜିକ ଦସ୍ତାବିଜ ବୋଲି କହିଥିଲେ । ବେଳେ ବେଳେ ମୁଁ ତାହା ଅନୁଭବ କରେ ଓ ଆମେ ସମସ୍ତେ ଏକଥା ଜାଣିଛୁ ମଧ୍ୟ । ଆମେ ସମସ୍ତେ ମଣିଷ ଓ ଆମ ଭିତରେ ବି କିଛିଟା କମି ରହିଛି । କାହା ଦ୍ୱାରା ଯଦି ଗୋଟିଏ ବି ଭୁଲଶବ୍ଦ ପ୍ରୟୋଗ ହୋଇଥାଏ, ଆମେ ତାକୁ ମନେରଖୁ ଦୀର୍ଘ ସମୟ ପାଇଁ । ଆପଣ କଳ୍ପନା କରନ୍ତୁ ଗୋଟିଏ ଦଳିତ ମାଆର ପୁତ୍ର, ଜନ୍ମପରଠାରୁ ଯିଏ କେବଳ ଅତ୍ୟାଚାର ସହିଛି, ଅପମାନିତ ହୋଇଛି, ଉପେକ୍ଷିତ ହୋଇଛି, ପ୍ରତିଟି ସ୍ତରରେ ତାକୁ ଲାଂଛନା ସହିବାକୁ ପଡ଼ିଛି । ସେହି ବ୍ୟକ୍ତିର ହାତରେ ଯେତେବେଳେ ଦେଶର ଭବିଷ୍ୟତ ନିର୍ଣ୍ଣୟ କରିବା ନିମନ୍ତେ ସମ୍ବିଧାନ ସଂଯୋଜନା କରିବାର ଅବସର ଆସିଲା, ସେତେବେଳେ ସେ କୌଣସି ସାଧାରଣ ବ୍ୟକ୍ତି ହୋଇଥିଲେ ତାଙ୍କ ଭିତରର କଟୁତା, ସଂଚିତ କ୍ରୋଧ ଓ ଅପମାନର ହଳାହଳ ନିଶ୍ଚିତ ଭାବରେ ଉଦ୍‌ଗୀର୍ଣ୍ଣ ହୋଇଥାଆନ୍ତା, ମାତ୍ର ଯେହେତୁ ସିଏ ଥିଲେ ବାବା ସାହେବ ଆମ୍ବେଦକର, ତାଙ୍କ ଭିତରେ କୌଣସି ପ୍ରତିଶୋଧର ଭାବନା ନଥିଲା । ତାଙ୍କ ବ୍ୟକ୍ତିତ୍ୱର ମହାନତା ଏବଂ ତାଙ୍କର ଉଚ୍ଚସ୍ତରୀୟ ଭାବଧାରା ଏଥିରୁ ସ୍ପଷ୍ଟ ଅନୁମେୟ । ସେହି ମହାପୁରୁଷ କଟୁତାର, ପ୍ରତିଶୋଧର ବିଷପାନ ପୂର୍ବକ ଆମ ପାଇଁ ଅମୃତ ଛାଡ଼ିଗଲେ । ସଂସ୍କୃତରେ ଏକ ଉକ୍ତି ଅଛି- 'ସ୍ୱଭାବଂ ନ ଜହାଁତୈବଃ ସାଧୁରାପଦ୍‌ଗତୋଽପି ସନ୍ । କର୍ପୂରଃ ପାବକ ସ୍ପୃଷ୍ଟଃ ଲଭତେତରାମ୍' ।

ଏହି ବାକ୍ୟଟି ବାବା ସାହେବଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ପ୍ରଯୋଜ୍ୟ । ଏହାର ଅର୍ଥ ହେଲା- ସାଧୁଜନଙ୍କର ପ୍ରକୃତ ପରୀକ୍ଷା କଠିନ ପରିସ୍ଥିତିରେ ହିଁ ହୋଇଥାଏ । ଯେପରିକି କର୍ପୂରକୁ ଅଗ୍ନିର ନିକଟତର କଲେ ତାର ଜଳିବାର ଆଶଙ୍କା ନଥାଏ, ବରଂ ତାହା ନିଜର ସୁରଭି ଦ୍ୱାରା ସମସ୍ତଙ୍କୁ ସୁଗନ୍ଧିତ କରେ । ସେହିପରି ବ୍ୟକ୍ତିତ୍ୱର ପରାକାଷ୍ଠା ଥିଲା ବାବାସାହେବଙ୍କର। ତାଙ୍କ ସହିତ ହୋଇଥିବା ସମସ୍ତ କଟୁ ଆଚରଣ, ଯାତନା ତଥା ଦୁର୍ବ୍ୟବହାରକୁ ଭୁଲିଯାଇ ସେ ସମ୍ବିଧାନରେ ସମସ୍ତଙ୍କୁ ସମାହିତ କରିବାର ପ୍ରୟାସ କରିଥିଲେ। ସେଥି ନିମନ୍ତେ ବାବା ସାହେବଙ୍କୁ ବିଶେଷ ନମନ କରିବାକୁ ଇଚ୍ଛା ହେବା ସ୍ୱାଭାବିକ ।

୨୫ ନଭେମ୍ବର ୧୯୪୯ରେ ବାବା ସାହେବ ଆମ୍ବେଦକର ସ୍ୱାଧୀନତା ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ନିମନ୍ତେ ନାଗରିକମାନେ କିପରି ଆଚରଣ କରିବା ଉଚିତ ସେ ବିଷୟରେ ଏକ ଭାଷଣ ଦେଇଥିଲେ ।

ଯଦି ଆମେ ଗଣତନ୍ତ୍ରକୁ ବାସ୍ତବିକ ରୂପରେ ଜୀବନ୍ତ ରଖିବାକୁ ଚାହୁଁଛେ, ତାହାହେଲେ ଆମକୁ କ'ଣ କରିବାକୁ ହେବ ? ମୋ ମତରେ ଆମକୁ ଆମର ସାମାଜିକ ଓ ଆର୍ଥିକ ଲକ୍ଷ୍ୟକୁ ପ୍ରାପ୍ତ କରିବା ନିମନ୍ତେ ସମ୍ବିଧାନିକ ପଦ୍ଧତିକୁ ଦୃଢ଼ତାର ସହ ପାଳନ କରିବାକୁ ହେବ। ସମ୍ବିଧାନିକ ମାର୍ଗର ବିକଳ୍ପ ଥିବା ସମୟରେ ଅସାମ୍ବିଧାନିକ ମାର୍ଗର କୌଣସି ଔଚିତ୍ୟ ରହିପାରେନା ଏହି ସବୁ ଅସାମ୍ବିଧାନିକ ମାର୍ଗ କେବଳ ଅରାଜକତା ଆଡ଼କୁ ନେଇଯାଏ , ତେଣୁ ସେ ସବୁ ସର୍ବଦା ବର୍ଜନୀୟ ।

ଆମେ ସମସ୍ତେ ଗଣତାନ୍ତ୍ରିକ ପରିବେଶ ଭିତରେ ବଢ଼ିଥିବା ଲୋକ । ଏହାର ମୂଲ୍ୟବୋଧ ଆମର 'କରିବା' ଓ 'ନକରିବା' ନିର୍ଣ୍ଣୟ କରିଥାଏ । ଯେଉଁଦିନ ପଣ୍ଡିତ ନେହେରୁ ସମ୍ବିଧାନର ଏକ ନକ୍ସା ସମ୍ବିଧାନ ସଭାରେ ଉପସ୍ଥାପିତ କରିଥିଲେ ତାହାକୁ ଡଃ ରାଧାକ୍ରିଷ୍ଣନ୍‌ଜୀ ସମର୍ଥନ କରିଥିଲେ । ସମର୍ଥନରେ ସେ କହିଥିଲେ- ଧର୍ମ କ୍ଷତ୍ରସ୍ୟ କ୍ଷତ୍ରମ୍ । ଧର୍ମ ରାଜାମାନଙ୍କ ଠାରୁ ମଧ୍ୟ ଉଚ୍ଚତର ସ୍ଥାନରେ ଥାଏ । ଏହା ଉଭୟ ଶାସକ ଓ ଶାସିତଙ୍କ ଠାରୁ ଉର୍ଦ୍ଧ୍ୱରେ । ଏହି ଧର୍ମ ବା ଆଇନ୍ ସାର୍ବଭୌମ ଅଟେ। ଏହା କୌଣସି ଧର୍ମାନୁଷ୍ଠାନ

ନୁହେଁ । ବର୍ତ୍ତମାନ ପରିପ୍ରେକ୍ଷୀରେ, ସମ୍ବିଧାନର ସ୍ଥାନ ସର୍ବୋପରି । ଅନୁଚ୍ଛେଦ ୩୬୮ ବିଷୟରେ ବାବା ସାହେବ ଯୋଉ କଥା କହିଛନ୍ତି ଓ ଯେଉଁ ବ୍ୟାଖ୍ୟା କରିଛନ୍ତି ସେ ବିଷୟରେ ଛୋଟ ବଡ଼ ଗୁଂଜରଣ ଶୁଣିବାକୁ ମିଳିଥାଏ, ସେ କହିଥିଲେ- 'ସମ୍ବିଧାନ ଏକ ମୌଳିକ ଦସ୍ତାବିଜ୍, ଯାହା ରାଷ୍ଟ୍ରର ତିନୋଟି ଅଙ୍ଗ- କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ବିଧାୟିକାର ସ୍ଥିତି ଓ ଶକ୍ତିକୁ ପରିଭାଷିତ କରେ । ଏହି ତିନୋଟି ଅଙ୍ଗ ନାଗରିକଙ୍କ ସହିତ ମଧ୍ୟ ସଂପର୍କିତ । ମୌଳିକ ଅଧିକାର କ୍ଷେତ୍ରରେ ଏହା ଦର୍ଶିତ । ସମ୍ବିଧାନର ଉଦ୍ଦେଶ୍ୟ କେବଳ ବିଭକ୍ତିକରଣ ନୁହେଁ  ବରଂ ତିନୋଟି ଅଙ୍ଗଙ୍କର ଅଧିକାର କ୍ଷେତ୍ରକୁ ସୀମାବଦ୍ଧ କରିବା ମଧ୍ୟ । ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଅଧିକାର କ୍ଷେତ୍ରକୁ ଚିହ୍ନିତ ନ କରିଲେ ଅରାଜକତା ବ୍ୟାପିବ ।' –ଏହା ଥିଲା ବାବା ସାହେବ ଆମ୍ବେଦକରଙ୍କ ମନ୍ତବ୍ୟ ।

ସେହି ମନ୍ତବ୍ୟକୁ ଆମକୁ ବଢ଼ାଇ ଭାରତର ପୂର୍ବ ମୁଖ୍ୟ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ଶ୍ରୀ ଗଜେନ୍ଦ୍ର ଗଡ଼କର କହିଥିଲେ- 'ବିଧି ଆୟୋଗ ବା 'ଲ' କମିଶନ୍ ବିଶ୍ୱାସ କରେ ଯେ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ, ତାହାର ପରିଚାଳନା ଏକ ଲିଖିତ ସମ୍ବିଧାନ ଦ୍ୱାରା ହେବା ବିଧେୟ । ସୁତରାଂ ସମ୍ବିଧାନ ହିଁ ସର୍ବୋପରି । ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଏହି ତିନୋଟି ଅଙ୍ଗ ସମ୍ବିଧାନ ଦ୍ୱାରା ପ୍ରଦତ୍ତ କ୍ଷମତା ଓ ତାହା ଦ୍ୱାରା ରେଖାଙ୍କିତ ସୀମା ଦ୍ୱାରା ଆବଦ୍ଧ । ଆମର ସମ୍ବିଧାନ ବେଶ୍ ସ୍ୱଷ୍ଟ ତଥା ଉପଯୋଗୀ ଏବଂ ଏହାର ସୁଗୁଣକୁ ବାରମ୍ବାର ଲୋକଲୋଚନକୁ ଆଣିବାର ଆବଶ୍ୟକତା ରହିଛି ଏବଂ ତାହାର ବଳିଷ୍ଠ ଦିଗଗୁଡ଼ିକୁ ସ୍ୱଷ୍ଟ ଦୃଷ୍ଟିକୁ ଆଣିବାର ପ୍ରୟୋଜନ ରହିଛି । ସମ୍ବିଧାନର ପ୍ରାସଙ୍ଗିକତା ଭାରତ ପରି ଏକ ବିବିଧତାରେ ଭରା ଦେଶରେ ଯଥେଷ୍ଟ ଅଧିକ । ଭିନ୍ନ ଭିନ୍ନ ଆଶା ଓ ଆକାଂକ୍ଷାରେ ଭରା ଜନସମୂହଙ୍କର ପ୍ରତିନିଧି ଭାବେ ଆମେ ଏହି ଗଣତନ୍ତ୍ରର ମନ୍ଦିରରେ ଏକତ୍ରିତ ହୋଇ ଅଗ୍ରସର ହେବା ଏବଂ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିଚାଲିବା ।

ବାବା ସାହେବ କହିଥିଲେ –"ମୋର ଅନୁଭବ କହୁଛି ସମ୍ବିଧାନ ଯେତେ ଉତ୍ତମ ହେଲେ ମଧ୍ୟ ତାହା ଅନୁପଯୋଗୀ ସାବ୍ୟସ୍ତ ହୋଇପାରେ, ଯଦି ତାହାକୁ କାର୍ଯ୍ୟକାରୀ କରିବା ଲୋକ କର୍ତ୍ତବ୍ୟନିଷ୍ଠ ନ ହୁଅନ୍ତି । ସେହିପରି ଭାବେ ସମ୍ବିଧାନ କେତେ ଗୁଣରେ ନ୍ୟୂନ ହେଲେ ମଧ୍ୟ ଉତ୍ତମ ସାବ୍ୟସ୍ତ ହୋଇପାରେ ଯଦି ତାହାକୁ କାର୍ଯ୍ୟକାରୀ କରିବା ଗୋଷ୍ଠୀ

ସମର୍ପିତ ଢଙ୍ଗରେ କାର୍ଯ୍ୟକରନ୍ତି । ସୁତରାଂ ସମ୍ବିଧାନର କାର୍ଯ୍ୟକାରିତା ସମ୍ବିଧାନର ପ୍ରବୃତ୍ତି ଉପରେ ପୁରାପୁରି ନିର୍ଭରଶୀଳ ନୁହେଁ ।

ଗତକାଲି ମ୍ୟାଡମ୍ ସୋନିଆ ଜୀ ଏହି ବିଷୟରେ ଉଲ୍ଲେଖ କରିଥିଲେ । ଆଜି ରାଜ୍ୟସଭାରେ ମଧ୍ୟ ଏହି ସମ୍ବନ୍ଧରେ ଆଲୋଚନା ହୋଇଛି । ସୁତରାଂ ସମ୍ବିଧାନର ପବିତ୍ରତା ରକ୍ଷା କରିବା ସମସ୍ତଙ୍କର କର୍ତ୍ତବ୍ୟ । ମେଜରିଟି ମାଇନରିଟିର ଗଣିତ ହିଁ ପରିଣତ ଦର୍ଶାଇବ ସତ, ମାତ୍ର ଆମେ ଭୁଲିବା ଉଚିତ ନୁହେଁ ଯେ ଗଣତନ୍ତ୍ର ବହୁତ ଶକ୍ତିଶାଳୀ ହୁଏ ଯେତେବେଳେ ଆମେ ସର୍ବ ସହମତି ବା କନସେନ୍‌ସସ୍‌ର ରାସ୍ତାରେ ଯାଉ । ଏହି ସଦନରେ ଗୋଟିଏ ପଟରେ ଅଛି ବହୁମତ ଓ ଅନ୍ୟ ପାର୍ଶ୍ୱରେ ଅଛି ଅଳ୍ପମତ । ମାତ୍ର ତାହାର ଅର୍ଥ ନୁହେଁ ଯେ ବହୁମତଧାରୀ ପକ୍ଷ ବା ସଂଖ୍ୟାଗରିଷ୍ଠ ଦଳ ନିଜର ମତାମତକୁ ଅଳ୍ପମତଧାରୀ ବା ସଂଖ୍ୟାଲଘୁ ଦଳଗୁଡ଼ିକ ଉପରେ ଲଦି ଦେବ । ସୁତରାଂ ସଦାସର୍ବଦା ସହମତି ବା ବୁଝାମଣାର ରାସ୍ତା ଗ୍ରହଣ କରିବା ଦରକାର । ସମ୍ବିଧାନର ଏହି ଭାବନାକୁ ଆମକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ ।

ମୋର ଆଜି ବି ମନେ ଅଛି, ଯେତେବେଳେ ଅଟଳବିହାରୀ ବାଜପେୟୀଙ୍କର ସରକାର ଥିଲା, ଏହି ସଦନରେ ବହୁମତର ପରୀକ୍ଷା ହେଉଥିଲା । ମାମଲା ଅତି ପାଖାପାଖିରେ ଚାଲୁଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଗିରିଧର ଗମାଙ୍ଗୋ, ଲୋକସଭାର ସଦସ୍ୟ ଥିଲେ । ବିଧାନସଭାର ନିର୍ବାଚନ ଜିତିବା ପରେ ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ ମାତ୍ର ଲୋକସଭାରୁ ଇସ୍ତଫା ଦେଇ ନଥିଲେ । ଇସ୍ତଫା ପ୍ରଦାନର ସମୟସୀମା ପନ୍ଦରଦିନ ଥାଏ ଏପରି ସ୍ଥଳରେ । ଇତି ମଧ୍ୟରେ ଶ୍ରୀ ଅଟଳବିହାରୀ ବାଜପେୟୀଙ୍କୁ ସଦନରେ ନିଜର ବହୁମତ ସାବ୍ୟସ୍ତ କରିବାର ଅବସର ଆସିଥିଲା । ସେ ସମୟରେ, ଦେଶବ୍ୟାପି ଏକ ଆଲୋଚନା ଚାଲିଥିଲା ଯେ ଶ୍ରୀ ଗିରିଧର ଗମାଙ୍ଗୋ କ'ଣ କରିବା ଉଚିତ । ସେ ସମୟରେ ବାଚସ୍ପତି ତାଙ୍କୁ କହିଥିଲେ ନିଜ 'ବିବେକ'ର କଥା ଶୁଣିବାକୁ ।

ଏହାପରେ ଶ୍ରୀ ଗମାଙ୍ଗୋ ସରକାରଙ୍କର ବିରୁଦ୍ଧରେ ଭୋଟ୍ ଦେଲେ ଏବଂ ଅଟଳ ସରକାର ଗୋଟିଏ ଭୋଟ୍ ଯୋଗୁଁ ଆସ୍ଥାଭୋଟ ହାରିଗଲା । ଏପରି ଦୃଷ୍ଟାନ୍ତ ବିରଳ ।

ସମ୍ବିଧାନର ମର୍ଯ୍ୟାଦା କିପରି ସାମନ୍ୟ ତ୍ରୁଟିରୁ ପ୍ରଭାବିତ ହୋଇପାରେ ତାହା ଏଠାରେ ସ୍ପଷ୍ଟ ଦୃଶ୍ୟମାନ । ଆମେ କଦାପି ଭୁଲିପାରିବା ନାହିଁ ସେ ଦିନର ଅଟଳଜୀଙ୍କର ବକ୍ତବ୍ୟ ଏବଂ ତାଙ୍କର ମର୍ଯ୍ୟାଦାଜନକ ପଦତ୍ୟାଗ ।

ଆମ ଦେଶ ହଜାର ହଜାର ବର୍ଷର ଦେଶ । ବେଳେବେଳେ ବ୍ୟବସ୍ଥାରେ ଖରାପ ଜିନିଷ ପ୍ରବେଶ କରିଯାଏ, କିଛି କିଛି ତ୍ରୁଟି ରହିଯାଏ । ମାତ୍ର ଆମର ଗଭୀରତମ ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ରହିଥାଏ । ସେଥିରେ କୌଣସି ପରିବର୍ତ୍ତନ ଆସେନାହିଁ । ତା'ର କାରଣ କ'ଣ ? କାରଣ ହେଲା ଆମର ହଜାର ବର୍ଷର ଇତିହାସରେ ସ୍ୱୟଂ ପରିଚାଳିତ ସ୍ୱଚ୍ଛ ବ୍ୟବସ୍ଥା ରହିଛି । ଯାହା ସମୟ ସମୟରେ ଆବିର୍ଭୂତ ହୋଇ ବ୍ୟବସ୍ଥାର ସ୍ୱଚ୍ଛତାକୁ ବଜାୟ ରଖେ । ଏକଥା ନୁହେଁ ଯେ ସାମାଜିକ କୁଂସସ୍କାର ଆସିନାହିଁ ଆମ ସମାଜରେ । ଆସିଛି ଏବଂ ପ୍ରଭାବ ବିସ୍ତାର ମଧ୍ୟ କରିଛି । ମାତ୍ର ସେସବୁ କୁପ୍ରଥାର ଅନ୍ତ କରିବାକୁ ମହାପୁରୁଷମାନେ ମଧ୍ୟ ଜନ୍ମ ନେଇଛନ୍ତି ଓ ସମଗ୍ର ଜୀବନକୁ ସମର୍ପଣ କରିଦେଇଛନ୍ତି ତାହାରି ମୂଳୋତ୍ପାଟନ ନିମନ୍ତେ । ସମାଜର ଏକତା ଓ ଅଖଣ୍ଡତା ପାଇଁ ପ୍ରୟାସ କରିଛନ୍ତି । ସମୟୋପଯୋଗୀ ପରିବର୍ତ୍ତନ ମଧ୍ୟ ଆଣିଛନ୍ତି ସମାଜରେ । ଧାର୍ମିକ ପରମ୍ପରାର ସମ୍ମାନ କରିଆସୁଥିବା ଆମ ଦେଶ ଧାର୍ମିକ କୁଂସ୍କାର ଭିତରେ ଛନ୍ଦି ହୋଇପଡ଼ିଥିଲା । ପୁରୋହିତମାନେ ସମାଜରେ ସମସ୍ୟା ସୃଷ୍ଟି କରୁଥିଲେ । ଏକ ବିଚିତ୍ର ପରିସ୍ଥିତି ଥିଲା । ସେହି ସମୟରେ ଭକ୍ତି ଯୁଗ ଆରମ୍ଭ ହେଲା । ଚୈତନ୍ୟ ମହାପ୍ରଭୁ, ମୀରାବାଇ, ନାର୍ସୀ ମେହେଟ୍ଟା ଆଦି ମହାନ୍ ଆତ୍ମା ହିଁ ଏହି ଦେଶକୁ କୁସଂସ୍କାରର ଶୃଙ୍ଖଳରୁ ମୁକ୍ତ କରିଲେ । ଗୋଟିଏ ସମୟ ଥିଲା, ଯେତେବେଳେ ସମାଜ 'ସତୀପ୍ରଥା'କୁ ନେଇ ଗର୍ବ କରୁଥିଲା । ରାଜା ରାମମୋହନ ରାୟ ଏହି କୁପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।

ତାଙ୍କରି ନେତୃତ୍ୱରେ ଜନସାଧାରଣ ସତୀପ୍ରଥା ବିରୁଦ୍ଧରେ ଜାଗ୍ରତ ହେଲେ । ଏହି କୁପ୍ରଥାରେ ବିଧବାକୁ ଜଳାଇ ଦିଆଯାଉଥିବା କଥାର ସେମାନେ ବିରୋଧ କଲେ । ସମାଜରେ ଧୀରେ ଧୀରେ ପରିବର୍ତ୍ତନ ଆସିଲା । ସେହି ସମୟରେ ଅନ୍ୟ ଜଣେ ମହାତ୍ମା ଶ୍ରୀ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଜନ୍ମ ନେଇଥିଲେ । ତତ୍କାଳୀନ ସମାଜରେ ଜଣେ ବିଧବା ବହୁ

ଦୟନୀୟ ଭାବେ ଜୀବନଯାପନ କରୁଥିଲା । ବିଦ୍ୟାସାଗର ବିଧବା ସ୍ତ୍ରୀର ପୁନର୍ବିବାହର ପ୍ରସଙ୍ଗ ଉଠାଇଲେ ଏବଂ ଶିଶୁ କନ୍ୟାମାନଙ୍କୁ ଶିକ୍ଷିତ କରିବା ଦିଗରେ ସଚେତନତା ବଢ଼ାଇଲେ । ଯେତେବେଳେ ସମାଜରେ ଦଳିତ, ଦରିଦ୍ର ଏବଂ ବଂଚିତ ବର୍ଗର ଲୋକଙ୍କ ପ୍ରତି ଅତ୍ୟାଚର ବଢ଼ିବାରେ ଲାଗିଲା, ସେତେବେଳେ କେତେକ ସମାଜ ସଂସ୍କାରକ ସେମାନଙ୍କର ହିତସାଧନ ନିମନ୍ତେ ଆଗକୁ ଆସିଲେ। ସେମାନେ ହେଲେ ଜ୍ୟୋତିବାଇ ଫୁଲେ, ବାବାସାହେବ ଆମ୍ବେଦକର ଇତ୍ୟାଦି ଇତ୍ୟାଦି ।

ଅସ୍ପୃଶ୍ୟତା ନିବାରଣ ନିମନ୍ତେ ନାର୍‌ସୀ ମେହେଟ୍ଟା, ମହାତ୍ମାଗାନ୍ଧୀ ଆଦି ସଂଗ୍ରାମ କରିଚାଲିଲେ। ତତ୍ ସହିତ ସେମାନେ ନିଜର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ମଧ୍ୟ ପ୍ରଚେଷ୍ଟା ଜାରିରଖିଥିଲେ । ଯେତେବେଳେ ଭ୍ରଷ୍ଟାଚାର ଚରମ ସୀମାରେ ପହଂଚିଗଲା, ଜୟପ୍ରକାଶ ନାରାୟଣଙ୍କ ପରି ଏକ ମହାନ୍ ବ୍ୟକ୍ତିତ୍ୱର ପରିପ୍ରକାଶ ହେଲା ଓ ସେ ଆଜୀବନ ସଂଗ୍ରାମ କରିଥିଲେ ତାହାର ମୂଳୋତ୍ପାଟନ ପାଇଁ । ଅତଏବ ସମାଜର ସମସ୍ତ କୁପ୍ରଥା ବା କୁସଂସ୍କାରକୁ ଦୂରୀଭୂତ କରିବା ନିମନ୍ତେ 'ଅଟୋ ପାଇଲଟ୍'ର ବ୍ୟବସ୍ଥା ସ୍ୱତଃ ହୋଇଯାଏ । ତାହା ହିଁ ଆମର ଶକ୍ତି । ଆଜି ସମ୍ବିଧାନ ଆମର ମାର୍ଗଦର୍ଶନ କରୁଛି । କିନ୍ତୁ ଏକଦା ସମ୍ବିଧାନ ନଥିଲା । ସେହି ସମୟରେ କେତେକ ମହାନ ବ୍ୟକ୍ତିତ୍ୱ ଆସି ଜ୍ଞାନର, ସଚେତନତାର ମଶାଲ ଜଳାଇଥିଲେ ।

ଆମର ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଲୋକେ ଏକଦା ଗର୍ବ ଅନୁଭବ କରୁଥିଲେ । ସେମାନଙ୍କର ପରିବାରବର୍ଗଙ୍କୁ ସମ୍ମାନର ଦୃଷ୍ଟିରେ ଦେଖୁଥିଲେ । କିନ୍ତୁ ବର୍ତ୍ତମାନ କୌଣସି କାରଣରୁ ରାଜନୈତିକ ପରିବାରର ଭାବମୂର୍ତ୍ତୀରେ ଆଂଚ ଆସିଛି । ରାଜନୈତିକ ଲୋକଙ୍କ ପ୍ରତି ଜନସାଧାରଣଙ୍କର ବ୍ୟବହାର ତଥା ମନୋବୃତ୍ତିରେ ପରିବର୍ତ୍ତନ ଆସିଛି । ଏହା ଆମ ପାଇଁ ଏକ ଆହ୍ୱାନ- ଆମକୁ ହିଁ ନିଜର ବ୍ୟବହାର, ଆଚାର ଜରିଆରେ ନିଜର ସମ୍ମାନକୁ ଗରିମା ଫେରାଇ ଆଣିବାକୁ ହେବ । ଗଣତାନ୍ତ୍ରିକ ପଦ୍ଧତିରେ ସମ୍ମାନ ଓ ଶକ୍ତିକୁ ପୁନଃସ୍ଥାପିତ କରିବାକୁ ହେବ ।

ସମାଜ ଆମକୁ ଆଜି ହୀନଦୃଷ୍ଟିରେ ଦେଖୁଛି କାରଣ ସାଧାରଣରେ ଏହି ଧାରଣା ସୃଷ୍ଟି ହୋଇଛି ଯେ ରାଜନୀତି ସହ ସଂପୃକ୍ତ ବ୍ୟକ୍ତିମାନେ ଖରାପ ଲୋକ । ଦିନରାତି ସେମାନେ

ଖଳପ୍ରକୃତିର କାର୍ଯ୍ୟରେ ଲିପ୍ତ ରହନ୍ତି । ମୁଁ ଏଠାରେ କହିବାକୁ ଚାହିଁବି ଯେ ରାଜନୈତିକ ଲୋକମାନେ ହିଁ ନିଜର ଗତିବିଧି ଉପରେ ଅଂକୁଶ ଲଗାଇଛନ୍ତି । ନିର୍ବାଚନରେ ଅଂଶଗ୍ରହଣ କଲାବେଳେ ନିଜ ବିଷୟରେ ସମସ୍ତ ସୂଚନା ସ୍ୱୟଂ ହିଁ ସତ୍ୟପାଠ ଜରିଆରେ ଦେଇଥାଆନ୍ତି । ସଂପତ୍ତିର ତାଲିକା ଦେଇଥାନ୍ତି ।  ନିଜ ବିରୁଦ୍ଧରେ ରୁଜୁ ହୋଇଥିବା ମାମଲା ସଂପର୍କରେ ଜଣାନ୍ତି ଇତ୍ୟାଦି ଇତ୍ୟାଦି । ସୁତରାଂ ସାଂସଦମାନେ ତଥା ବିଧାୟକମାନେ ସ୍ୱୟଂ ନିମନ୍ତ୍ରଣ ଜରିଆରେ ଏହି ସବୁ ପଦକ୍ଷେପ ନେଇଛନ୍ତି ।

କେବଳ ସେତିକି ନୁହେଁ, ନିର୍ବାଚନରେ କଳାଟଙ୍କାର ଅବାଧ ବ୍ୟବହାର ନେଇ ମଧ୍ୟ ଏକ ଚିନ୍ତା ବ୍ୟକ୍ତ କରାଯାଇଥିଲା ଏବଂ ଏହି ମତ ପୋଷଣ କରାଯାଇଥିଲା ଯେ ଅବାଧ ଖର୍ଚ୍ଚରେ ଅଙ୍କୁଶ ଲଗାଯିବା ଦରକାର । ଆମରି ରାଜନୈତିକ ବ୍ୟକ୍ତିମାନେ ତୁରନ୍ତ ରାଜି ହୋଇଥିଲେ ନିର୍ବାଚନ କମିଶନ ପ୍ରସ୍ତାବ ସହ । ଦୈନିକ ଖର୍ଚ୍ଚର ହିସାବ ମଧ୍ୟ ଦାଖଲ କରିବାକୁ ରାଜି ଥିଲେ । ସୁତରାଂ ରାଜନୈତିକ ବ୍ୟକ୍ତିମାନେ ଜନସାଧାରଣଙ୍କ ପାଖରେ ତଥା ଦେଶସେବାରେ କର୍ତ୍ତବ୍ୟ ପାଳନ କରିବାକୁ ସଦା ପ୍ରସ୍ତୁତ ।

ଏପରି ଏକ ସମୟ ଥିଲା ଯେତେବେଳେ ସରକାରଙ୍କ ମନ୍ତ୍ରୀମାନଙ୍କର ସଂଖ୍ୟାରେ ବହୁତ ବୃଦ୍ଧି ଘଟିଥିଲା । ରାଜନୈତିକ ଚାପ ମଧ୍ୟ ବଢ଼ିବାରେ ଲାଗିଥିଲା । ଏକ ଭାରସାମ୍ୟର ଅଭାବ ଦେଖାଦେଲା । ସେହି ସମୟରେ ସନ୍ତୁଳନ ବଜାୟ ରଖିବା ନିମନ୍ତେ 'କୋଟା ସିଷ୍ଟମ୍'ର ପ୍ରାରମ୍ଭ କରାଯାଇଥିଲା । ଆମେମାନେ ହିଁ ଏହି ନୂତନ ବ୍ୟବସ୍ଥାରେ ସହମତ ହୋଇଥିଲୁ । ଗଣତାନ୍ତ୍ରିକ ବ୍ୟବସ୍ଥାର ଏହା ହିଁ ସୁଗୁଣ ଯେ, ଲୋକେ ଯେତେବେଳେ ଚାହିଁଲେ, ସେତେବେଳେ ରାଜନୈତିକ ବ୍ୟକ୍ତି ଓ ଦଳମାନେ ପରିବର୍ତ୍ତନ ପାଇଁ ରାଜି ହେଲେ ଓ ନିଜର କ୍ଷମତାକୁ ସଂକୁଚିତ କଲେ । ସୁପ୍ରିମକୋର୍ଟ ଏକ ରାୟ ଦେଲେ ଯେ ଦଣ୍ଡବିଧାନ ପ୍ରକ୍ରିୟା ଦେଇ ଯାଇଥିବା ବ୍ୟକ୍ତିଟିଏ ନିର୍ବାଚନ ଲଢ଼ି ପାରିବେ ନାହିଁ ।

ସଂସଦ ଏକ ନୂଆ ଆଇନ୍ ପ୍ରଣୟନ କରି ପାରିଥାନ୍ତା ଓ ଏହି ରାୟରୁ ରାଜନୈତିକ ବ୍ୟକ୍ତିମାନେ ବର୍ତ୍ତିଯାଇ ପାରିଥାଆନ୍ତେ । ମାତ୍ର ତାହା କରାଗଲାନି ଏବଂ ଦଣ୍ଡିତ ବ୍ୟକ୍ତି ନିର୍ବାଚନ ଲଢ଼ିନପାରିବା କଥାକୁ ସବୁ ଦଳ ଗ୍ରହଣ କଲେ ।

ବହୁ ରଥୀ, ମହାରଥୀ ଏହି ସଦନର ସଭ୍ୟ ରହିସାରିଛନ୍ତି । ଏହା ହିଁ ଏହାର ବିଶେଷତ୍ୱ । ମୋର ମନେଅଛି, ମୁଁ ସେତେବେଳେ ଦଳ ପାଇଁ କାମ କରୁଥାଏ, ଆମକୁ ଟି.ଭିରେ ଡିବେଟ୍‌ରେ ଭାଗ ନେବାକୁ ପଡୁଥାଏ । 'ପ୍ରାଇମ୍ ଟାଇମ୍'ର ଚାହିଦା ବହୁତ ବେଶୀ । ମୁଁ ଓ ଗୁଲାମୀ ନବୀ ଆଜାଦ ଟି.ଭିରେ ଡିବେଟ୍‌ରେ ଅଂଶଗ୍ରହଣ କରିସାରି ଚାହା ପିଉଥାଉ । ସେତେବେଳେ ଆଜାଦଜୀ ଗୋଟିଏ କଥା କହିଥିଲେ । ସେ କହିଲେ, ଆପଣମାନେ ଆମକୁ ପରସ୍ପରର ଶତ୍ରୁ ବୋଲି ଭାବିପାରନ୍ତି, କିନ୍ତୁ ଯଦି ଆମକୁ ସଂସଦରେ ଦେଖିବେ ଜାଣିପାରିବେ ଯେ ଆମେ ଏକ ପରିବାର ପରି ବ୍ୟବହାର କରୁ। ପରସ୍ପର ସହ ଆମର ଘନିଷ୍ଠ ସଂପର୍କ ରହିଛି । ଏଥିପାଇଁ ମୋଦି ନୁହେଁ ବରଂ ପଚାଶ ବର୍ଷର ସାଂସଦୀୟ ପରମ୍ପରା ପ୍ରତି ଉତ୍ସର୍ଗୀକୃତ ସାଂସଦଗଣ ଦାୟୀ ଅଟନ୍ତି । ସୁତରାଂ ଆମକୁ ଏକ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ନିମନ୍ତେ ପରସ୍ପରର ସମ୍ମାନ, ପ୍ରଶଂସା ଏବଂ ଆଦର କରିବାକୁ ହେବ । ଏକ ସମୟ ଥିଲା, ପରସ୍ପର ପ୍ରତି ସଦନ ଭିତରେ ଗଭୀର ପ୍ରତିବାଦ ସତ୍ତ୍ୱେ, ସୌହାର୍ଦ୍ଦ ମଧ୍ୟ ରହିଥିଲା ।

ଏକ ଐତିହାସିକ ଘଟଣା ବିଷୟରେ କହିବି- ଯେତେବେଳେ ରାମ ମନୋହର ଲୋହିଆଜୀ ପଣ୍ଡିତ ନେହେରୁଙ୍କୁ କହିଥିଲେ ଯେ ତାଙ୍କର ନୀତିଗୁଡ଼ିକ ଦେଶର କାମରେ ଲାଗିନାହିଁ । ଏହା କହିବା ସମୟରେ ସେ ସମସ୍ତ ତଥ୍ୟ ପ୍ରମାଣ ମଧ୍ୟ ଦେଇଥିଲେ । ରାମ ମନୋହର ଲୋହିଆଜୀ ବିପକ୍ଷରେ ଥିଲେ ଏବଂ ଦୃଢ଼ ଭାବରେ ବକ୍ତବ୍ୟ ରଖିଥିଲେ । ମାତ୍ର ଉଲ୍ଲେଖନୀୟ କଥାଟି ହେଲା ପଣ୍ଡିତ ନେହେରୁଙ୍କର ପ୍ରତିକ୍ରିୟା । ନେହେରୁ ଉଠିପଡ଼ି କହିଥିଲେ ଯେ ସେ ଲୋହିଆଜୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟସମୂହକୁ ଅସ୍ୱୀକାର କରିପାରିବେ ନାହିଁ । ଏହି ମହାନ୍ ଦେଶର ପଣ୍ଡିତ ନେହେରୁ ମଧ୍ୟ ନିଜର ମହାନତାର ପ୍ରଦର୍ଶନ କରିଥିଲେ। ଯେତେବେଳେ ଆମେ ଆମର ସହକର୍ମୀମାନଙ୍କର ବୌଦ୍ଧିକ ନିଷ୍ଠାକୁ ସମ୍ମାନ କରିବା, ସେତେବେଳେ ହିଁ ଆମେ ସମ୍ବିଧାନର ଅନ୍ତଃସ୍ୱରକୁ ଗ୍ରହଣ କରିପାରିବା । ଈଶ୍ୱର

ପ୍ରତ୍ୟେକ ସଦସ୍ୟ ଭିତରେ କିଛିଟା ବିଶେଷତ୍ୱ ରଖିଛନ୍ତି ଏବଂ ଆମକୁ ତାହାର ସମ୍ମାନ କରିବାକୁ ହେବ ।

ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ନେତୃବୃନ୍ଦ ସମୟ ସମୟରେ ସମାଜର ମାର୍ଗଦର୍ଶନ କରିଆସିଛନ୍ତି । ସେମାନଙ୍କର ସେହି ଦିଗରେ ଜ୍ଞାନ ଓ କ୍ଷମତା ଥିଲା । କିଛି ଭୁଲ ଦେଖିଲେ ସେମାନେ ତାହା ପ୍ରତି ଦୃଷ୍ଟି ଆକର୍ଷଣ କରୁଥିଲେ ଏବଂ ସେଥିରୁ ବିରତ ହେବାପାଇଁ ଉପଦେଶ ଦେଉଥିଲେ । ମହାତ୍ମା ଗାନ୍ଧୀ କେବେ ମଧ୍ୟ ନିଜର ନୀତି ସହ ସାଲିସ କରି ନଥିଲେ । ସମୟାନୁକ୍ରମେ ଆମେ ଆଜି ଏପରି ସ୍ଥିତିରେ ପହଂଚିଛୁ ଯେ ଆମରି ଜନତାଙ୍କୁ କିଛି କହିବାର ସାହସ ନାହିଁ ।

ସମ୍ବିଧାନର କେବଳ ଗୋଟିଏ ମାତ୍ର ଦିଗ ଆମର ମନକୁ ଆସୁଛି ଏବଂ ତାହା ହେଲା ଅଧିକାର । ସମସ୍ତେ ନିଜ ନିଜର ଅଧିକାରର କଥା କହୁଛନ୍ତି । 'ବ୍ୟକ୍ତିର ଅଧିକାର'ର ଚତୁର୍ପାଶ୍ୱରେ ହିଁ ଦେଶ ପରିଚାଳିତ ହେଉଚି । ଆଜିର ଏହି ପବିତ୍ର ଦିବସରେ ମୁଁ ଦେଶବାସୀଙ୍କୁ ତଥା ଏହି ସଦନକୁ ଅନୁରୋଧ କରିବି ଯେ ବର୍ତ୍ତମାନ ସମୟର ଆବଶ୍ୟକତା ହେଲା ଅଧିକାର ସହ କର୍ତ୍ତବ୍ୟର ଅନୁପାଳନ କରିବା ସମଭାବରେ । କର୍ତ୍ତବ୍ୟ ଓ ଅଧିକାରର ଉପଯୁକ୍ତ ସମ୍ମିଶ୍ରଣରେ ହିଁ ଦେଶ ସୁରୁଖୁରୁରେ ଚାଲିପାରିବ । ନଚେତ୍ ଦେଶର ଉନ୍ନତି ସମ୍ଭବ ନୁହେଁ । ଯଦି ଆମେ ସରକାରୀ କର୍ମଚାରୀମାନଙ୍କୁ କୌଣସି କାର୍ଯ୍ୟ ବିଷୟରେ ପଚାରୁ, ସେମାନେ ତୁରନ୍ତ ପଚାରନ୍ତି ସେଥିରେ ତାଙ୍କର କ'ଣ ଲାଭ ହେବ ! ଯଦି ଆପଣଙ୍କର ଉତ୍ତର 'ନା' ହୋଇଥାଏ, ତାହାହେଲେ କର୍ମଚାରୀ ଗଣ ସେଥିରେ କୌଣସି ଆଗ୍ରହ ଦେଖାଇ ନଥାନ୍ତି । ଏ ପ୍ରକାରର ସ୍ଥିତି ଦେଶପାଇଁ ଶୁଭଙ୍କରୀ ନୁହେଁ ।

ମହାତ୍ମା ଗାନ୍ଧୀ ଗୋଟିଏ ଭଲ କଥା କହିଥିଲେ ଏବଂ ମତେ ଯଦି ସେ କଥା ଲେଖାଥିବା କାଗଜଟି ମିଳିଯାଏ, ମୁଁ ତାଙ୍କ କଥାକୁ ସେଥିରୁ ଉଦ୍ଧାର କରିବି । ଗାନ୍ଧିଜୀଙ୍କ କଥା ଆମ ସମସ୍ତଙ୍କର ମନେ ରଖିବା ଉଚିତ । ସେ କହିଥିଲେ –"ଆଜି ପୁଞ୍ଜିପତି ଓ ଜମିଦାର ନିଜର ଅଧିକାରର କଥା କହୁଛନ୍ତି। ଅନ୍ୟପକ୍ଷରେ ମଜଦୁର ନିଜର ହିତର କଥା, ରାଜପରିବାର ନିଜର କ୍ଷମତାର ତଥା କୃଷକମାନେ ସେମାନଙ୍କର ଅଧିକାରର ହନନର କଥା

କହୁଛନ୍ତି । ଯଦି ସମସ୍ତେ ନିଜର ଅଧିକାରର କଥା କହିବେ ଏବଂ କର୍ତ୍ତବ୍ୟ ପାଳନରୁ ଦୂରେଇ ଯିବେ ତେବେ ସମାଜରେ ଅରାଜକତା ବ୍ୟାପି ଯିବ । ଯଦି ସଭିଏଁ ଅଧିକାର ବଦଳରେ କର୍ତ୍ତବ୍ୟର କଥା କହିବେ, ତାହାହେଲେ ମାନବ ସମାଜରେ ସ୍ୱତଃ ଶାସନର ବ୍ୟବସ୍ଥା ଶୃଙ୍ଖଳିତ ହୋଇଯିବ । ରାଜାମାନଙ୍କ ପାଖରେ କୌଣସି ଦୈବୀଶକ୍ତି ନାହିଁ ନା କୃଷକମାନେ ତାଙ୍କର ମାଲିକମାନଙ୍କର ଆଦେଶ ମାନିବାକୁ ବାଧ ।” ଏହା ଥିଲା ଗାନ୍ଧିଜୀଙ୍କର ବକ୍ତବ୍ୟ ।

ଆଜି ସମ୍ବିଧାନ ବିଷୟରେ ଆଲୋଚନା କରିବା ସମୟରେ ଆମ ପାଖରେ ମୁଖ୍ୟ ପ୍ରଶ୍ନଟି ହେଲା ‘କର୍ତ୍ତବ୍ୟ’ ଉପରେ ଆମେ କେମିତି ଗୁରୁତ୍ୱ ଦେବା ? ନିଜ ନିଜର କର୍ତ୍ତବ୍ୟକୁ ଉପଯୁକ୍ତ ଭାବରେ ପାଳନ କରିବା ତଥା ସମାଜର ଜ୍ଞାନର ସୀମା ଭିତରକୁ ସମ୍ବିଧାନ ପ୍ରସ୍ତୁତିର ଶେଷ ସ୍ତରରେ ରାଜେନ୍ଦ୍ରବାବୁ ଏକ କଥା କହିଥିଲେ । ସେ କହିଥିଲେ ଆମେ ସମସ୍ତଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛୁ ଯେ ଆମେ ଦାରିଦ୍ର୍ୟ, କ୍ଷୁଧା, ରୋଗବ୍ୟାଧି ଇତ୍ୟାଦିରୁ ଜନସାଧାରଣଙ୍କୁ ସୁରକ୍ଷିତ କରିବାକୁ ପ୍ରଚେଷ୍ଟା କରିବୁ । ଅସମତା ଦୂର କରି ଏକ ଶୋଷଣମୁକ୍ତ ସମାଜ ଗଠନ କରିବୁ। ଆମେ ଏକ ମହାନଲକ୍ଷ୍ୟ ନେଇ ଏହି ରାସ୍ତାରେ ଅଗ୍ରସର ହୋଇଛୁ ଏବଂ ଏହି ମହନୀୟ ଯାତ୍ରାରେ ଆମେ ସମସ୍ତ ଜନତାଙ୍କର ସେବା, ସହଯୋଗ, ସହାନୁଭୂତି ଓ ସହାୟତାର କାମନା କରୁଛୁ ।

ଆମ ପାଖରେ ଆଜି ସମ୍ବିଧାନ ଅଛି । ଯଦି କେହି ଏହା ବିଷୟରେ କୌଣସି ଭ୍ରମାତ୍ମକ ବକ୍ତବ୍ୟ ଦିଏ, ତାହା ସଂପୂର୍ଣ୍ଣ ଅସମୀଚୀନ । ସମ୍ବିଧାନକୁ ପରିବର୍ତ୍ତନ କରିବା କଥା ଚିନ୍ତା ମଧ କରାଯାଇପାରେନା । ଯଦି ଏପରି କେହି ଚିନ୍ତା ବି କରୁଥାଏ, ମୋ ମତରେ ତାହା ଆତ୍ମଘାତୀ ହେବ । କେତେକ ମହାନ ବ୍ୟକ୍ତିଙ୍କର ବିଚାରର ସମଷ୍ଟି ଆମ ସମ୍ବିଧାନ । ବରଂ ଆମେ ଚେଷ୍ଟା କରିବା ଉଚିତ୍ କିପରି ଏହାକୁ ଦରିଦ୍ର, ଦଳିତ, ବଂଚିତ ଓ ଶୋଷିତ ଶ୍ରେଣୀମାନଙ୍କର ଉପକାରରେ ଲଗାଯିବ ।

ବାବା ସାହେବ ଯଦି ଆରକ୍ଷଣ ବ୍ୟବସ୍ଥାର ବନ୍ଦୋବସ୍ତ କରିନଥା’ନ୍ତେ, ତାହାହେଲେ ସେହି ଦଳିତ, ଶୋଷିତ ବର୍ଗର ଅବସ୍ଥା ଆଜି କ’ଣ ହୋଇଥା’ନ୍ତା ? ଈଶ୍ୱରପ୍ରଦତ୍ତ ସବୁକିଛି

ସେମାନଙ୍କ ପାଖରେ ଅଛି । କେବଳ ସୁଯୋଗର ଅଭାବ ରହିଛି ଏବଂ ସେଥିପାଇଁ ସେମାନେ ଆଜି ଦୁଃଖମୟ ପରିସ୍ଥିତିରେ ଜୀବନ ଅତିବାହିତ କରୁଛନ୍ତି । ସେମାନଙ୍କ ପାଖରେ ସୁଯୋଗ ପହଂଚାଇବା ହେଲା ଆମର କର୍ତ୍ତବ୍ୟ ।

ଯଦି ସମାଜର ଏକ ବିରାଟ ଅଂଶର ସଶକ୍ତୀକରଣ କରାଯାଏ ଏବଂ ସେମାନେ ବିକାଶର ଏହି ମହାଯାତ୍ରାରେ ସାମିଲ ହୁଅନ୍ତେ ତାହାହେଲେ କଳ୍ପନା କରନ୍ତୁ ଆମ ଦେଶ କେଉଁଠି ପହଂଚି ପାରିବ ? କୌଣସି ଅଂଚଳ ବିକାଶରୁ ବଂଚିତ ହୋଇ ପଛରେ ରହିଯିବା ଅନୁଚିତ । ସମାଜର କୌଣସି ବର୍ଗ ଉନ୍ନତିର ପଥରୁ ବିଚ୍ୟୁତ ହେବା ଅନୁଚିତ । ଯଦି ଶରୀରର କୌଣସି ଅଙ୍ଗ ପକ୍ଷଘାତର ଶିକାର ହୁଏ, ତାହାହେଲେ ଶରୀରକୁ ସ୍ୱାସ୍ଥ୍ୟବାନ୍ ବୋଲି ଧରାଯାଇପାରେନା । ଶରୀର କୌଣସି ଅଙ୍ଗ ଦୁର୍ବଳ ଥିଲେ, ପୁରା ଶରୀରକୁ ସୁସ୍ଥ ବୋଲି ବିଚାର କରାଯାଇପାରେନା । ରାଷ୍ଟ୍ରର ସଶକ୍ତିକରଣ କରିବାକୁ ହେଲେ ସମାଜର ସମସ୍ତ ବର୍ଗର ସଶକ୍ତୀକରଣ ପ୍ରଥମ ଆବଶ୍ୟକତା । ପୁରୁଷ ହେଉ ବା ମହିଳା, କୌଣସି ଜାତି, ଭାଷା ବା ବର୍ଗର ହୁଅନ୍ତୁ ନା ନାହିଁ, ଯଦି ସେମାନେ ଆମ ଜନ୍ମଭୂମିରେ ବସବାସ କରୁଛନ୍ତି, ସେମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଆମକୁ ସମସ୍ତଙ୍କର ଉତ୍‌ଥାନ ନିମନ୍ତେ କାର୍ଯ୍ୟ କରିବାକୁ ହେବ । ଆମ ପାଖରେ ଏହା ଏକ ସୁଯୋଗ ତଥା ଆହ୍ୱାନ ମଧ୍ୟ ।

କୌଣସି ଦେଶ ପାଇଁ ଏହା ଏକ ବଡ଼ ସୌଭାଗ୍ୟର ବିଷୟ ଯେ ତାହାର ଜନସଂଖ୍ୟାରେ ଆଠଶହ ନିୟୁତ ଯୁବଗୋଷ୍ଠୀ ଅଛନ୍ତି । ସେମାନଙ୍କୁ କୌଣସି ପ୍ରକାରର ନିଯୁକ୍ତି ତଥା କାରିଗରୀ କୌଶଳ ଯୋଗାଇ ଦେବା ଆବଶ୍ୟକ । ଆମର ଅନ୍ତର୍ନିହିତ ଶକ୍ତି କିପରି ଭାବେ ପ୍ରଦର୍ଶନ କରାଇ ଆମେ ଦେଶର ଭାଗ୍ୟ ପରିବର୍ତ୍ତନ କରିବାରେ ସକ୍ଷମ ହେବ ତାହା ଚିନ୍ତା କରିବା ଦରକାର । ଆମର ସମସ୍ତ ବୌଦ୍ଧିକ ଜ୍ଞାନ, ସାମର୍ଥ୍ୟ, ବୁଦ୍ଧିମତ୍ତା, ସମ୍ବିଧାନ ଏବଂ ଏକ ଶୃଙ୍ଖଳିତ ବ୍ୟବସ୍ଥା ଦ୍ୱାରା ଆମେ ଆମ ଦେଶର ଉନ୍ନତିରେ ସହାୟକ ହୋଇପାରିବା । ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଆମର ନ୍ୟାୟିକ ବ୍ୟବସ୍ଥା ସେତିକି ସୁବ୍ୟବସ୍ଥିତ ହୋଇପାରିନାହିଁ, ଯାହା ଦ୍ୱାରା ଦ୍ରୁତ ବେଗରେ ଏହା ସମସ୍ତଙ୍କ ପାଖରେ ପହଂଚି ପାରିବ । ଗଣତନ୍ତ୍ରର ଅନେକ ଦିଗ ଭିତରେ, ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା 'ଅଭିଯୋଗ ବିଚାର

ପ୍ରଣାଳୀ' । ଏହା ଗଣତନ୍ତ୍ରକୁ ବଳଶାଳୀ କରେ । ସେହିପରି ନ୍ୟାୟ ତଥା ସାମାଜିକ ନ୍ୟାୟ ବିଷୟରେ ମଧ୍ୟ ଆମକୁ ଚିନ୍ତା କରିବାକୁ ହେବ, ଯାହାଦ୍ୱାରା ସାଧାରଣ ନାଗରିକଙ୍କୁ ନ୍ୟାୟ ମିଳିପାରିବ । ଲୋକ ଅଦାଲତ ଗୁଡ଼ିକ ଫଳବତୀ ତ ହୋଇଛନ୍ତି, ମାତ୍ର ସେ ଦିଗରେ ଆହୁରି ଅନେକ କିଛି କରିବାର ଅଛି । ଯଦି ସମ୍ମିଳିତ ଭାବରେ ଆମେ ପ୍ରଚେଷ୍ଟା କରୁ ତାହାହେଲେ ବହୁତ କିଛି ହାସଲ ହୋଇପାରିବ । ଏହା ହିଁ ମୋର ଭାବନା ।

ବାହାସାହେବ ଅନେକ କିଛି କହିଯାଇଛନ୍ତି, ଯାହା ବିଷୟରେ ଶ୍ରମିକମାନେ ଏବେ ମଧ୍ୟ ଜାଣିନାହାନ୍ତି । ଖଡ଼୍‌ଗେ ସାହାବ ଠିକ୍ କହୁଥିଲେ ଯେ ପୂର୍ବରୁ ଶ୍ରମିକମାନେ କେତେ ଘଣ୍ଟା କାମ କରିବେ ତାହା ବିଷୟରେ କେହି ଜାଣିନଥିଲେ । ବିଚରା ଶ୍ରମିକଟି ପାରୁ ପର୍ଯ୍ୟନ୍ତ ଯେତେ ପର୍ଯ୍ୟନ୍ତ ସମ୍ଭବ କାମ କରି ଚାଲୁଥିଲା । ବାବା ସାହେବ ଆମ୍ବେଦକର ଅପୂର୍ବ ସାହସ ଦେଖାଇ 'ଆଠ ଘଣ୍ଟା'ର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରିଗଲେ ଶ୍ରମିକମାନଙ୍କ ପାଇଁ । ତାଙ୍କର ସେହି ମହାନ୍ କାର୍ଯ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ପ୍ରଶଂସିତ ହେଉଛି ଏବଂ କାର୍ଯ୍ୟରେ ଲଗାଯାଉଛି । ମୋ ମତରେ ଆମେ ମଧ୍ୟ ସେହିପରି କିଛି ନୂତନ ଦିଗ୍‌ଦର୍ଶନ ଦେବାପାଇଁ ପ୍ରୟାସ କରିବା ଉଚିତ୍ ।

ମୁଁ ଯେତେବେଳେ କାର୍ଯ୍ୟଭାର ସମ୍ଭାଳିଲି, ଶ୍ରମିକଟିଏ ଯାହାର E.P.F ଆକାଉଣ୍ଟ ଅଛି, ଜାଣି ବି ନଥିଲା ଯେ ତାର ପଇସା କୁଆଡ଼େ ଯାଉଛି । ବାରଦ୍ୱାର ଗୁଣ୍ଡିପିଣ୍ଡା ହେଉଥିଲା । ନିଜର ମୂଳ ଅର୍ଥ ସେ ପାଉନଥିଲା । ଅଥଚ ସରକାଙ୍କ ପାଖରେ ଟଙ୍କା ସର୍ବମୋଟ ୨୭୦୦ କୋଟି ଗଚ୍ଛିତ ରହିଛି । କୌଣସି ଉପଯୁକ୍ତ ବ୍ୟବସ୍ଥାର ଅଭାବରୁ ଶ୍ରମିକମାନଙ୍କର ନିଜର କଷ୍ଟ ଉପାର୍ଜିତ ଧନକୁ ପାଇପାରୁ ନଥିଲେ, ଆମେ ଆସିବା ପରେ ତାହାର ସ୍ଥାନାନ୍ତରଣ ବÛ portability ସ୍ଥିର କଲୁ । ସେମାନଙ୍କର UNI ନମ୍ବର ବାହାରକଲୁ, ଯାହାଦ୍ୱାରା ଶ୍ରମିକ ଯୁଆଡ଼େ ଗଲେ ବି ତାହାର ରାଜ୍ୟ ବା ଗ୍ରାମ ପରିବର୍ତ୍ତନ ହେଲେ ବି ତାହାର ଆକାଉଣ୍ଟ ସାଥୀରେ ଯାଏ । ଏହାଦ୍ୱାରା ତାହାର ଟଙ୍କାକୁ କେହି ନେଇଯାଇପାରିବେ ନାହିଁ । ଆମେ ଗୋଟିଏ LIN ନମ୍ବର ଯୋଗାଇ ଦେଇଛୁ । ଶ୍ରମିକମାନଙ୍କ ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା କରିଦେଇଛୁ । LIN ନମ୍ବରରେ କ୍ଲିକ୍ କରିବା ଦ୍ୱାରା, ଆମେ ସମସ୍ତ ସୂଚନା ପାଇପାରିବୁ । ଆମ ଦେଶରେ EPF ଅଛି, ପେନ୍‌ସନ୍ ମିଳିପାରୁଛି । ମୁଁ

କାର୍ଯ୍ୟଭାର ଗ୍ରହଣ କଲାପରେ ଦେଖିଲି ଲୋକେ ବହୁତ ଛୋଟ ପରିମାଣର ଟଙ୍କା ଯେମିତିକି ଦଶ, କୋଡ଼ିଏ ବା ଅଢ଼େଇଶହ ଟଙ୍କା ପାଉଛନ୍ତି । ଗରିବ ଲୋକଟି, ସ୍ୱଳ୍ପ ଟଙ୍କାର ପେନ୍‌ସନ୍ ପାଇଁ ଅଟୋ ଭଡ଼ା କରି ବଡ଼ ମୁସ୍‌କିଲରେ ଆସୁଥିଲା । ସୁତରାଂ ଆମେ ସର୍ବନିମ୍ନ ପେନ୍‌ସନ୍ ଟଙ୍କାକୁ ଏକହଜାର କରିଦେଲୁ  ଏବଂ ଆଧାର ଲିଙ୍କ୍‌ର ସହାୟତାରେ ଡାଇରେକ୍ଟ୍ ବେନେଫିଟ୍ ହିତାଧିକାରୀଙ୍କୁ ମିଳିଗଲା ।

ଏକ ଗୁରୁତ୍ୱପୂର୍ଣ୍ଣ ଅଧିନିୟମ ବୋନସ୍ ଅଧିନିୟମ ଅତି ଶୀଘ୍ର ସଦନରେ ପ୍ରସ୍ତୁତ ହେବାକୁ ଯାଉଛି । ଏହି ନିୟମ ବଳରେ ବୋନସ୍ ରାଶିର ସୀମାକୁ ୩୫୦୦ଟଙ୍କାରୁ ୭୦୦୦ଟଙ୍କାକୁ ବୃଦ୍ଧି କରାଯାଇଛି । କ୍ୟାବିନେଟ୍ ଏହାକୁ ସ୍ୱୀକୃତି ଦେଇସାରିଛି । ସେହିପରି ଜମାରାଶିର ସୀମାକୁ ଦଶହଜାରରୁ ଏକୋଇଶ ହଜାର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଗୋଟିଏ ପରେ ଗୋଟିଏ ଗରିବ ଜନତାଙ୍କର କଲ୍ୟାଣ ପାଇଁ ଆମେ କାର୍ଯ୍ୟ କରିଚାଲିଛୁ ।

ଅନ୍ୟ ଏକ ଘଟଣାକ୍ରମରେ ଏହି ସଦନରେ ମୁଁ ପୂର୍ବରୁ ମଧ୍ୟ କହିଛି ଏବଂ ପୁନଶ୍ଚ କହିରଖୁଛି– ଏହି ସରକାରଙ୍କର କେବଳ ଗୋଟିଏ ଧର୍ମ । ତାହା ହେଲା “ସର୍ବପ୍ରଥମେ ଭାରତ” । ସରକାରଙ୍କର ଗୋଟିଏ ଧର୍ମଗ୍ରନ୍ଥ– ତାହାହେଲା ଭାରତର ସମ୍ବିଧାନ । ଦେଶ ସର୍ବଦା ସମ୍ବିଧାନ ଦ୍ୱାରା ହିଁ ପରିଚାଳିତ ହେବା ଦରକାର ଏବଂ ସମ୍ବିଧାନ ହିଁ ଦେଶର ଶକ୍ତିର ପ୍ରମୁଖ ଉତ୍ସ । ଏହି ପ୍ରସଙ୍ଗରେ କୌଣସି ଦ୍ୱନ୍ଦ ବା ଆଶଙ୍କା ରହିବା ଅନୁଚିତ ।

ଆମ ଦେଶର ଆଦର୍ଶ ଓ ଭାବଧାରାରୁ ଆମର କ୍ଷମତା ଆସିଛି । ଏହା ଆମର ଆତ୍ମିକ ଶକ୍ତି । ଆମ ଦେଶର ଅନ୍ତର୍ନିହିତ ଶକ୍ତିକୁ ନ୍ୟୁନ ମନେକରାଯିବା ଉଚିତ୍ ନୁହେଁ । ଏହି ଅନ୍ତର୍ନିହିତ ଶକ୍ତି ହଜାର ହଜାର ବର୍ଷର କଠିନ ପରିଶ୍ରମର ଫଳ । ଏହା ଦେଶକୁ ଓ ସମାଜକୁ ବେଗ ତଥା ଗତି ପ୍ରଦାନ କରେ । କୌଣସି ସଂକଟର ସମ୍ମୁଖୀନ ହେବାକୁ ସାହସ ଯୋଗାଏ । ମୁଁ ସେ ବିଷୟରେ କହିବା ବେଳେ ‘ଭାରତ ବାସ୍ତବରେ କ’ଣ’  ସେ ବିଷୟରେ କହିବାକୁ ଚାହିଁବି ।

ଆଇଡିଆ ଅଫ୍ ଇଣ୍ଡିଆ–ସତ୍ୟମେବ ଜୟତେ

ଆଇଡିଆ ଅଫ୍ ଇଣ୍ଡିଆ–ଅହିଂସା ପରମୋଧର୍ମଃ

ଆଇଡିଆ ଅଫ୍ ଇଣ୍ଡିଆ–ଏକଂ ସଦ୍‌ବିପ୍ରାଃ ବହୁଧା ବଦନ୍ତି

ଆଇଡିଆ ଅଫ୍ ଇଣ୍ଡିଆ–ପୌଧେ ମେ ଭି ପରମାତ୍ମା ହୋତା ହେ

ଆଇଡିଆ ଅଫ୍ ଇଣ୍ଡିଆ–ବସୁଧୈବ କୁଟୁମ୍ବକମ୍ ।

ଆଇଡିଆ ଅଫ୍ ଇଣ୍ଡିଆ–ସର୍ବ ପନ୍ଥ ସମ୍ଭବଃ

ଆଇଡିଆ ଅଫ୍ ଇଣ୍ଡିଆ–ଆତ୍ମଦୀପୋ ଭବ ।

ଆଇଡିଆ ଅଫ୍ ଇଣ୍ଡିଆ–ତେନ ତ୍ୟକ୍ତେନ ଭୁଞ୍ଜୀଥାଃ

ଆଇଡିଆ ଅଫ୍ ଇଣ୍ଡିଆ–ସର୍ବେ ଭବନ୍ତୁ ସୁଖିନଃ, ସର୍ବେସନ୍ତୁ ନିରାମୟାଃ

ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ–ଦୁଃଖଭାଗ୍ ଭବେତ୍ ।

ଆଇଡିଆ ଅଫ୍ ଇଣ୍ଡିଆ–ନା ତ୍ୱାମହଂ କାମୟେ ରାଜ୍ୟଂ, ନା ମୋକ୍ଷଂ ନା ପୁନର୍ଭବମ୍ ।

ଆଇଡିଆ ଅଫ୍ ଇଣ୍ଡିଆ–ବୈଷ୍ଣବ ଜନ ତୋ ତେଜ କହିୟେ ଯୋ ପୀର ପରାୟେ ଜାଣେ ରେ... ।

ଜନ ସେବା ହିଁ ପ୍ରଭୁ ସେବା ।

ସହନାଭବତୁ ସହନୌ ଭୁନକ୍ତୁ, ସହ ବୀର୍ଯ୍ୟଂ କରବାବହୈ,

ନାରା କର୍‌ନି କରେ ତୋ ନାରାୟଣ ହୋ ଯାଏ ।

ନାରୀ ତୁ ନାରାୟଣୀ ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।

ଆ ନୋ ଭଦ୍ରାଃ କ୍ରତବୋ ୟନ୍ତୁ ବିଶ୍ୱତଃ ।

ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।

ଏହି ଭାବନା ସହ ମୁଁ ପୁନଶ୍ଚ ହୃଦୟର ସହ ସମସ୍ତ ସମ୍ମାନନୀୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇବି । ମୁଁ କୃତଜ୍ଞ ଏବଂ ଆପଣଙ୍କ ନିକଟରେ ଦେଶ ମଧ୍ୟ ସର୍ବଦା କୃତଜ୍ଞ ରହିବ ।

2016



ଶ୍ରୀ ନରେନ୍ଦ୍ର ମୋଦୀ ମହିଳା ଲାଭାର୍ଥୀମାନଙ୍କ ସହ ବାର୍ତ୍ତାଳାପ ଅବସରରେ

"ଆମର ମାତୃଶକ୍ତି ହିଁ ଆମର ଗୌରବ। ସମାଜର ବିକାଶ ନିମନ୍ତେ ମହିଳା ସଶକ୍ତିକରଣ ଏକାନ୍ତ ଆବଶ୍ୟକ"

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଲୋକସଭାରେ ଆଗତ ଧନ୍ୟବାଦ ପ୍ରସ୍ତାବ ସମ୍ବନ୍ଧରେ ପ୍ରଧାନମନ୍ତ୍ରୀଙ୍କ ଉତ୍ତର

3rd March 2016

# ୩.୩.୨୦୧୬ ଲୋକସଭା

## ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ପ୍ରସ୍ତାବ

ଆଦରଣୀୟ ଅଧ୍ୟକ୍ଷ ମହୋଦୟା, ସର୍ବପ୍ରଥମେ ମୁଁ ମହାମହିମ ରାଷ୍ଟ୍ରପତିଙ୍କୁ ତାଙ୍କର ଅଭିଭାଷଣ ନିମନ୍ତେ କୃତଜ୍ଞତା ଜ୍ଞାପନ କରୁଛି । ସେ ନିଜର ଅଭିଭାଷଣ ମାଧ୍ୟମରେ କେବଳ ସଦନ ନୁହେଁ, ଦେଶ ଓ ବିଶ୍ୱକୁ ଭାରତର ଗୌରବମୟ ବିକାଶ ଯାତ୍ରା, ମାନବିକ ମୂଲ୍ୟବୋଧକୁ ପୂରଣ କରିବାର ପ୍ରୟାସ ତଥା ଦେଶର ଆଶା ଓ ଆକାଂକ୍ଷା ସଂପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି । ମୁଁ ତାଙ୍କ ପ୍ରତି ଆଦର ପୂର୍ବକ ଧନ୍ୟବାଦ ଜ୍ଞାପନ କରୁଛି । ଏହି ସଭାଗୃହରେ ଅନେକ ଗୁଣୀ ସଦସ୍ୟ ନିଜର ଅନୁଭବ ତଥା ବିଚାର ବ୍ୟକ୍ତ କରିଛନ୍ତି। ଆଦରଣୀୟ ଶ୍ରୀ ମଲ୍ଲିକାର୍ଜୁନ ଖଡ୍‌ଗେଜୀ, ଶ୍ରୀ ଭେଙ୍କିୟା ନାଇଡୁଜୀ, ଶ୍ରୀମତୀ ମିନାକ୍ଷୀ ଲେଖିଜୀ, ଶ୍ରୀମତୀ ହରସିମ୍ରାତ୍ କୌରଜୀ, ଶ୍ରୀ ପି ନାଗରାଜନ୍‌ଜୀ, ଶ୍ରୀମାନ ସୌଗତ ରାଏ, ଶ୍ରୀ ମହତାବଜୀ, ଶ୍ରୀ ଜିତେନ୍ଦ୍ର ରେଡ୍ଡୀଜୀ, ମହମ୍ମଦ ସଲିମଜୀ, ସୁପ୍ରିୟା ସୁଲେଜୀ, ମୁଲାୟମ ସିଂ ଯାଦବ୍‌ଜୀ, ରାହୁଲ ଗାନ୍ଧୀଜୀ, ଶ୍ରୀମତୀ ଅନୁପ୍ରିୟା ପଟେଲଜୀ, ଶ୍ରୀ ରିଓଜୀ, ଶ୍ରୀ ଶତ୍ରୁଘ୍ନଶୀଜୀ ଆଦି ଅନେକ ବରିଷ୍ଠ ମହାନୁଭବ ସଦସ୍ୟ ନିଜର ବିଚାର ବ୍ୟକ୍ତ କରିଛନ୍ତି । ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି କାରଣ ଏହି ଆଲୋଚନାକୁ ସେମାନେ ସଶକ୍ତ କରିଛନ୍ତି।

ଆଜିର ଏହି ଅବସରରେ ମୁଁ ବାଚସ୍ପତି ମହୋଦୟାଙ୍କୁ ବିଶେଷ ଧନ୍ୟବାଦ ଜଣାଇବି । ମହାମହିମ ରାଷ୍ଟ୍ରପତି ତାଙ୍କର ଅଭିଭାଷଣରେ କହିଛନ୍ତି ସଦନର କାର୍ଯ୍ୟଧାରା କିପରି ଭାବେ ଚାଲିବା ଦରକାର । ଆମ ସମସ୍ତଙ୍କୁ ବରିଷ୍ଠମାନଙ୍କର ଉପଦେଶର ସମ୍ମାନ କରିବା ବିଧେୟ । ବାଚସ୍ପତି ମହୋଦୟା ଏଇଥିପାଇଁ ଧନ୍ୟବାଦର ପାତ୍ର ଯେ ସେ ଅନେକ ନୂତନ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ତାଙ୍କର ଏକ ବିଶେଷ ପଦକ୍ଷେପ ହେଲା ଶ୍ରୀ (SRI)ଯୋଜନା- Speaker's Research Initiative.ଏହା ମାଧ୍ୟମରେ ସମସ୍ତ ସାଂସଦକୁ ଭିନ୍ନ ଭିନ୍ନ ବିଷୟ ସଂବଧରେ ତଥ୍ୟ ମିଳୁପାରୁଛି ଏବଂ ତାହା ସେମାନଙ୍କର ପ୍ରବୋଧନକୁ ଋଦ୍ଧିମନ୍ତ କରୁଛି । ଏହାଦ୍ୱାରା ଏକ ଗୁଣାତ୍ମକ ବିକାଶ ହେଇଛି ଏବଂ ସମସ୍ତେ ଲାଭବାନ ହେଇଛନ୍ତି ।

ମୁଁ ଅଧ୍ୟକ୍ଷ ମହୋଦୟାଙ୍କର ଅନ୍ୟ ଏକ କାର୍ଯ୍ୟକ୍ରମ ପାଇଁ ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଉଛି । ଆଗାମୀ ପାଂଚ ଓ ଛଅ ମାର୍ଚ୍ଚରେ ସମଗ୍ର ଦେଶରୁ ଆସିଥିବା ମହିଳା ପ୍ରତିନିଧିମାନଙ୍କର ଏକ ସର୍ବଦଳୀୟ ବୈଠକର ଯୋଜନା ହୋଇଛି । ଉଭୟ ବିଧାନସଭା ଓ ଲୋକସଭାର ନିର୍ବାଚନ ପ୍ରତିନିଧିମାନେ ଏଥିରେ ଅଂଶଗ୍ରହଣ କରିବେ । ଆମର ଭୂତପୂର୍ବ ରାଷ୍ଟ୍ରପତିଙ୍କ ସମେତ ଅନେକ ବିଶିଷ୍ଟ ମହିଳା ସେଥିରେ ଭାଗ ନେବେ । ମହିଳା ସଶକ୍ତୀକରଣ ତଥା ମହିଳାମାନଙ୍କର ଡିସିସନ୍ ମେକିଙ୍ଗ୍ ପ୍ରୋସେସ୍‌ରେ ଅଂଶୀଦାର ହେବା ଦିଗରେ ଏହା ନିଶ୍ଚିତ ଭାବେ ଏକ ଉତ୍ତମ ପଦକ୍ଷେପ। ସମସ୍ତ ଦଳ ଏଥିରେ ସହଯୋଗ କରୁଛନ୍ତି, ନିଜ ନିଜର ମହିଳା ସଦସ୍ୟଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ତେଣୁ ସେମାନେ ମଧ୍ୟ ଧନ୍ୟବାଦର ପାତ୍ର ।

ଅନ୍ୟ ଏକ ବିଭାଗ ହେଲା BPST —ବ୍ୟୁରୋ ଅଫ ପାର୍ଲିଆମେଣ୍ଟାରୀ ଷ୍ଟଡିଜ୍ ଆଣ୍ଡ ଟ୍ରେନିଙ୍ଗ୍। ଏହା ନବ ନିର୍ବାଚିତ ସାଂସଦମାନଙ୍କୁ ପ୍ରଶିକ୍ଷଣ ଦେବା ସହ ସଂସଦୀୟ କାର୍ଯ୍ୟପଦ୍ଧତି ବିଷୟରେ ସୂଚନା ଦେଉଛି । ତାହା ବେଶ୍ ଆବଶ୍ୟକୀୟ ପଦକ୍ଷେପ । ମୁଁ ସେଥିପାଇଁ କୃତଜ୍ଞତା ଜଣାଉଛି ।

ରାଷ୍ଟ୍ରପତିଜୀ ନିଜର ଅଭିଭାଷଣରେ କହିଛନ୍ତି ଯେ ସଦନର ମୁଖ୍ୟ କାର୍ଯ୍ୟହେଲା ଆଲୋଚନା -ପର୍ଯ୍ୟାଲୋଚନା । ଗତ କିଛିଦିନ ତଳେ ସଦନରେ ଯାହାସବୁ ଘଟିଗଲା ଦେଶ ତାହା ପାଇଁ ବ୍ୟଥିତ ଏବଂ ଚିନ୍ତିତ ମଧ୍ୟ । ସଦନ ନ ଚାଲିଲେ କ୍ଷମତାସୀନ ଦଳର କ୍ଷତି ତ ହୁଏ ମାତ୍ର ଅଧିକ କ୍ଷତି ଦେଶର ହିଁ ହୋଇଥାଏ ଏବଂ ତାଠାରୁ ଅଧିକ କ୍ଷତି ହୋଇଥାଏ ବିପକ୍ଷର ସାଂସଦମାନଙ୍କର । କାରଣ ସେମାନେ ଜନତାର ସ୍ୱରକୁ ସଦନରେ ଉଠାଇ ପାରିନଥାନ୍ତି । ସୁତରାଂ ସଂସଦର ଅଧିବେଶନ ଚାଲିବା ଦରକାର ସମସ୍ତ ପ୍ରକାର ବିରୋଧ ଭାବ ଏବଂ ରୋଷଭାବ ସତ୍ତ୍ୱେ ।

ସଂସଦ ଏକ ଏପରି ଫୋରମ୍ ଯେଉଁଠାରେ ତର୍କ ରଖାଯାଏ ଏବଂ ସ୍ପଷ୍ଟଭାବେ ନିର୍ଦ୍ଦିଷ୍ଟ ଜବାବ ଦିଆଯାଏ, ସରକାରଙ୍କୁ ପ୍ରଶ୍ନ କରାଯାଏ ଏବଂ ସରକାରଙ୍କୁ ନିଜର ସୁରକ୍ଷା ପାଇଁ ଜବାବ ଦବାକୁ ପଡ଼େ । ବାଦବିବାଦ କେବେ କେବେ ଚରମ ସୀମାରେ ମଧ୍ୟ ପହଂଚିଯାଏ ।

ମାତ୍ର ଏକଥା ମନେ ରଖିବାକୁ ପଡ଼ିବ ଯେ ସଦନର ମର୍ଯ୍ୟାଦା ଉଲ୍ଲଂଘନ ଯେପରି ନହୁଏ । ସଦନର ଗରିମା ବଜାୟ ରହିଲେ ହିଁ ଏହା ବଳିଷ୍ଠ ରୂପେ ଦେଶର ସମ୍ମାନ ବୃଦ୍ଧି କରିବ । ଏହି ଉପଦେଶ ନରେନ୍ଦ୍ର ମୋଦିଙ୍କର ନୁହେଁ ଏହା ଭାରତର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କର ।

ରାଷ୍ଟ୍ରପତିଙ୍କର ଅଭିଭାଷଣର ମହତ୍ତ୍ୱ ରହିଛି ଏହି କାରଣରୁ ଯେ ସେ ନିଜ ଜୀବନର ଅନେକ ବର୍ଷ ଏହି ବ୍ୟବସ୍ଥାରେ ଅତିବାହିତ କରିଛନ୍ତି ଏବଂ ତାଙ୍କର ଅଭିଜ୍ଞତା ରହିଛି । ମୁଁ ସଦନର ସମସ୍ତ ଦଳର ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ ସେମାନେ କିଛି ଜରୁରି ବିଲ୍ ପାସ୍ କରିବାର ଆମର ସହାୟତା କରନ୍ତୁ । ମୋର ଅନୁରୋଧ ଉଭୟ ରାଜ୍ୟସଭା ଓ ଲୋକସଭାର ସଦସ୍ୟଙ୍କ ପାଇଁ । ଏହିସବୁ ବିଲ ପାସ୍ କରାଇବା ଏଇଥିପାଇଁ ଜରୁରୀ, କାରଣ ସେଗୁଡ଼ିକ ଲୋକଙ୍କ ପାଇଁ ଉଦ୍ଦିଷ୍ଟ, ସେଗୁଡ଼ିକ ଦ୍ୱାରା ବିଭିନ୍ନ ବ୍ୟବସ୍ଥାରୁ ଦଲାଲ ମାନଙ୍କୁ ହଟାଯାଇପାରିବ, ତୃଣମୂଳ ସ୍ତରରେ କାର୍ଯ୍ୟବ୍ୟବସ୍ଥାକୁ ବଣ୍ଟା ଯାଇପାରିବ, ପ୍ରଶାସନକୁ ଦାୟିତ୍ୱସଂପନ୍ନ କରାଯାଇପାରିବ, ସାଧାରଣ ଜନତାର ଭାଗୀଦାରୀ ବଢ଼ାଯାଇପାରିବ । ସାମାଜିକ ନ୍ୟାୟ ଓ ବିକାଶରେ ସେମାନେ ଅଂଶଗ୍ରହଣ କରିପାରିବେ । ଏହି ବିଲ ଗଣତନ୍ତ୍ରର ମୂଳଦୁଆକୁ ମଜବୁତ୍ କରିବ । ଏ କଥା ନରେନ୍ଦ୍ର ମୋଦୀ କହୁନାହାନ୍ତି । ଏହା ମଧ୍ୟ ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କର ବକ୍ତବ୍ୟ । ତେଣୁ ଆମେ ଗୁରୁଜନଙ୍କ କଥା ମାନିବା ଉଚିତ୍ ।

ସଦନର କାର୍ଯ୍ୟଧାରାକୁ ରୋକିବା ନେଇ କିଛି ଆଲୋଚନାର ଆବଶ୍ୟକତା ରହିଛି । ଆମର ଭୂତପୂର୍ବ ଅଧ୍ୟକ୍ଷ ଶ୍ରୀ ସୋମନାଥ ଚଟାର୍ଜୀ କହିଥିଲେ ସଦନ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଜ୍ଞାନ ନିଷ୍ପତ୍ତି ନେବା ଆବଶ୍ୟକ । କିନ୍ତୁ ସେହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ସଦନରେ ଆଲୋଚନାକୁ ଯଦି ରୋକାଯାଏ ତାହା ପ୍ରତିକୂଳ ପରିଣାମ ଦେଇଥାଏ । ଦୁର୍ଭାଗ୍ୟବଶତଃ ରାଜନୈତିକ ଦଳମାନେ ଏହି ଧାରଣାକୁ ବିକଶିତ କରିଛନ୍ତି ଯେ ସଂସଦର କାର୍ଯ୍ୟରେ ବାଧା ଉତ୍ପନ୍ନ କରି ଗୃହକୁ ଅସମୟରେ ସ୍ଥଗିତ କଲେ ପ୍ରସଙ୍ଗର ମହତ୍ତ୍ୱ ପ୍ରମାଣିତ ହେବ । ସଂସଦର କାର୍ଯ୍ୟରେ ବାଧା ସୃଷ୍ଟିକୁ ଜନସାଧାରଣଙ୍କ ବିରୁଦ୍ଧରେ ଯୁଦ୍ଧ ବୋଲି ବିବେଚନା ନ କଲେ ମଧ୍ୟ ଏହା ସଂସଦର କାର୍ଯ୍ୟପ୍ରଣାଳୀରେ ବିଶ୍ୱାସର ଅଭାବ ବୋଲି ଧରି

ନେବାକୁ ପଡ଼ିବ । ଦୁର୍ଭାଗ୍ୟବଶତଃ ପ୍ରାୟ ସମସ୍ତ ରାଜନୈତିକ ଦଳ, ଏପରିକି ଛୋଟ ଛୋଟ ଦଳ ମଧ୍ୟ ଏହି ମତ ରଖିଥାନ୍ତି । ସୋମନାଥଜୀ ମଧ୍ୟ ଏହି ଚିନ୍ତା ପ୍ରକାଶ କରିଛନ୍ତି ସମସ୍ତ ସଦସ୍ୟଙ୍କ ସମ୍ମୁଖରେ ।

ଗୃହର ପରିଚାଳନା ସଂପର୍କରେ ମୁଁ କିଛି କହିବାକୁ ଚାହେଁ, ଆମେ ସେହି ସଂସଦରେ ବିଦ୍ୟମାନ ଯାହା ଭାରତର ସାର୍ବଭୌମତ୍ୱର ପ୍ରତୀକ । ଏହାର ସଦସ୍ୟଭାବେ ଆମେ ଯେଉଁ ଦାୟିତ୍ୱ ବହନ କରିଛୁ ତାହା ଅତି ସୌଭାଗ୍ୟର ବିଷୟ କାରଣ ଏହି ବିଶାଳ ସାର୍ବଭୌମ ଦେଶର ଜନସାଧାରଣଙ୍କର ନିୟତି ଆମ ଉପରେ ନ୍ୟସ୍ତ । ଆମେ ସମସ୍ତେ କେବେ ନା କେବେ ଏହି ମହନୀୟ ଦାୟିତ୍ୱ ବିଷୟରେ ଜରୁର ଅନୁଭବ କରିଥିବା । ଆମେ ଯେଉଁ କାର୍ଯ୍ୟପାଇଁ ଭାଗ୍ୟବିଧାତାଙ୍କ ଦ୍ୱାରା ମନୋନୀତ ହୋଇଛୁ, ତାହାକୁ ସଂପୂର୍ଣ୍ଣ ଅନ୍ତଃକରଣରେ ପୂରା କରିବା ଆମର କର୍ତ୍ତବ୍ୟ । ଆମେ ସେଥିପାଇଁ ଯୋଗ୍ୟ ନା ନୁହେଁ ତାହା ଏକ ଭିନ୍ନ ବିଷୟ । ତେଣୁ ଏହି ୫ ବର୍ଷ ଭିତରେ ଆମେ କେବଳ ଇତିହାସର ଧାରରେ ଛିଡ଼ାହୋଇନାହୁଁ, ଇତିହାସ ସୃଷ୍ଟିର ପ୍ରକ୍ରିୟାରେ ସାମିଲ ମଧ୍ୟ ହୋଇଛୁ । ସାଂସଦମାନଙ୍କ ବିଷୟରେ ଏପରି ମହାନ୍ ବିଚାରକୁ ପଣ୍ଡିତ ନେହେରୁ ୧୯୫୭ରେ ପ୍ରକାଶ କରିଥିଲେ । ସେ ସମୟରେ ଆମେମାନେ କେହି ନଥିଲେ । ଆମ ଦଳରୁ ବି କେହି ନଥିଲେ । ସେତେବେଳେ ପଣ୍ଡିତ ନେହେରୁ ଏପରି ବକ୍ତବ୍ୟ ରଖିଥିଲେ ।

ଦେଶ ଏକଥା ଜାଣି ରଖିବା ଦରକାର ଯେ ଏହି ସଦନରେ ଗଣ୍ଡଗୋଳିଆ ପରିସ୍ଥିତି ଭିତରେ ଆପଣଙ୍କର ଦୃଢ଼ ପ୍ରତିରୋଧ ସତ୍ତ୍ୱେ କିଛି ବିଲ୍ ପାସ୍ ହୋଇଛି । ମାତ୍ର ଆଗକୁ ଯାଇପାରିନାହିଁ। ଜାତୀୟ ଜଳପଥ ବିଲ୍ ଏପରି ଏକ ବିଲ୍, କେତେ ଜଳଶକ୍ତି ଅଛି, କେତେ ବ୍ୟବହାର ହେଉଛି, କେତେ ଜଳ ପ୍ରବାହିତ ହେଉଛି ଏସବୁ ଦିଗରେ ସରକାର ଯୋଜନାବଦ୍ଧ ଉପାୟରେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି । ମାତ୍ର ଏହାକୁ ବିରୋଧ କରି ଆପଣ ଦେଶର କି ମଙ୍ଗଳ ସାଧନ କରୁଛନ୍ତି ? ସେହିପରି 'ହ୍ୱିସିଲ-ବ୍ଲୋୟର ପ୍ରୋଟେକ୍ସନ୍' ସଂଶୋଧନ ବିଲ ଯାହାର ଉଲ୍ଲେଖ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ହୋଇଥିଲା, ତାହାକୁ ମଧ୍ୟ ରୋକା ଯାଇଛି । ଏହା ତ ଏକ ନାଗରିକ-କୈନ୍ଦ୍ରିକ ବିଲ୍ ! ଆମ ସଚେତନ ନାଗରିକଙ୍କର ଅଧିକାର ବିଷୟରେ ଆଲୋଚନା କରିବା । ଗତକାଲି ଶୁଣାଯାଉଥିଲା ଜିଏସ୍‌ଟି ବିଲ୍ ଆମର

ଆମର । ଏହା ମଧ୍ୟ ଆପଣଙ୍କର ବିଲ୍ । ତାହାର ପ୍ରତିରୋଧ କାହିଁକି କରାଯାଉଛି ? ଗ୍ରାହକ ସୁରକ୍ଷା ବିଲ୍‌ର ରାସ୍ତାବନ୍ଦ କାହିଁକି ? "ଇନ୍‌ସଲ୍‌ରେନ୍‌ସି ଆଣ୍ଡ ବ୍ୟାଙ୍କ୍‌ରପ୍‌ସି କୋର୍ଡ" ଆଉ ଏକ ଉଦାହରଣ । ଆମେ ରାଷ୍ଟ୍ରପତିଙ୍କ ଦ୍ୱାରା ଦିଆଯାଇଥିବା ଉପଦେଶକୁ ଉପେକ୍ଷା କରୁନାହୁଁ କି ?

ସଂସଦରେ ମୁଁ ମୋର ସମ୍ମାନନୀୟ ସଦସ୍ୟଙ୍କ ସମ୍ମୁଖରେ କିଛି ଭାବନା ବ୍ୟକ୍ତ କରିବାକୁ ଚାହେଁ । ଜଣେ ପ୍ରଥମଥର ସାଂସଦ ଭାବରେ ମୁଁ କହୁଛି, ପ୍ରଧାନମନ୍ତ୍ରୀ ଭାବରେ ନୁହେଁ । ମାର୍ଚ୍ଚ ୫ ଓ ୬ ତାରିଖରେ ଅଧ୍ୟକ୍ଷା ମହୋଦୟାଙ୍କର ଭଲ କାର୍ଯ୍ୟକ୍ରମ ରହିଛି । ୮ ମାର୍ଚ୍ଚରେ ଆନ୍ତର୍ଜାତୀୟ ମହିଳା ଦିବସ । ପୂର୍ବ ସ୍ଥିରୀକୃତ ଏଜେଣ୍ଡା ରହିବ, ମାତ୍ର ସେହିଦିନ ଆମେ କେବଳ ଅଧିକରୁ ଅଧିକ ମହିଳା ସଦସ୍ୟଙ୍କୁ ବକ୍ତବ୍ୟ ରଖିବାର ସୁଯୋଗ ଦେଇପାରିଲେ ଭଲ ହୁଅନ୍ତା । ମୋର ଆଶା ସମସ୍ତେ ଏଥିରେ ସହମତ ହେବେ ।

ମୋର ଦ୍ୱିତୀୟ ପରାମର୍ଶଟି ହେଉଛି  ବର୍ଷ ମଧ୍ୟରେ ଏପରି ଗୋଟିଏ ବା ଦୁଇଟି ଅଧିବେଶନ ନିର୍ଦ୍ଧାରିତ ହେଉ । ଯେଉଁଥିରେ ଗୋଟିଏ ସପ୍ତାହରେ କେବଳ ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଥିବା  ସାଂସଦମାନଙ୍କୁ ବକ୍ତବ୍ୟ ରଖିବାର ସୁଯୋଗ ମିଳିବ। ଏଥିପାଇଁ ନୁହେଁ ଯେ ମୁଁ ଜଣେ ପ୍ରଥମ ଥର ନିର୍ବାଚିତ ସାଂସଦ। ବରଂ ଏଥିପାଇଁ ପାଇଁ ଯେ ପ୍ରଥମଥର ପାଇଁ ଏ ସଦନକୁ ଆସିଥିବା ସଦସ୍ୟଙ୍କ ମତାମତରେ ଏକ ସତେଜତା ଥାଏ। ନୂତନ ଚିନ୍ତନର ଦୃଷ୍ଟିଭଙ୍ଗୀର ଆଭାଷ ଥାଏ। ସେମାନେ ଦେଶ ପାଇଁ ଅନେକ ନୂଆ କଥା ରଖିପାରିବେ।

ମୋର ତୃତୀୟ ପରାମର୍ଶଟି ହେଲା ମିଳିତ ଜାତିସଂଘର ଉଦ୍‌ଘୋଷିତ ସତତ ବିକାଶ ଲକ୍ଷ୍ୟ ସଂପର୍କରେ । ସମଗ୍ର ବିଶ୍ୱ ଏହି ଲକ୍ଷ୍ୟକୁ ପୁରା କରିବା ପାଇଁ ଚେଷ୍ଟିତ। ଆମର ସୁଷମାଜୀ ଏହି ଶବ୍ଦର ସୁନ୍ଦର ହିନ୍ଦୀ ରୂପାନ୍ତର କରିଛନ୍ତି 'ଟିକାଉ ବିକାଶ ଲକ୍ଷ୍ୟ' ଅର୍ଥାତ୍ ସେହି ବିକାଶ ଯାହା ଦୀର୍ଘସ୍ଥାୟୀ। ଆମେମାନେ ସମସ୍ତେ ଏକମତ ହୋଇ ଗୋଟିଏ ଅଧିକଦିନ ଶନିବାରରେ ଏ ବିଷୟରେ ଗୃହରେ ଆଲୋଚନା କରିପାରନ୍ତେ ନାହିଁ। ବିଶ୍ୱ ପରିପ୍ରେକ୍ଷୀରେ ଭାରତର ଭୂମିକା କ'ଣ ହେବ, ଆମର ଯୋଗଦାନ କିପରି ହେବ ଏହିସବୁ ବିଷୟରେ ଚର୍ଚ୍ଚା ହୋଇପାରନ୍ତା। ଆମର ଯଥେଷ୍ଟ କାର୍ଯ୍ୟ କରିବାକୁ ଅଛି। ମାତ୍ର ଗୋଟିଏ ବା

ଦୁଇଦିନ ସବୁ ରାଜନୀତିର ଊର୍ଦ୍ଧ୍ୱକୁ ଯାଇ କେବଳ ରାଷ୍ଟ୍ରନୀତି ଓ ମାନବତାବାଦ ଦୃଷ୍ଟିରୁ ସତତ ବିକାଶ ଲକ୍ଷ୍ୟ ବିଷୟରେ ଚିନ୍ତନ ଓ ମନନ ତ କରାଯାଇପାରିବ ନିଶ୍ଚିତ ଭାବରେ।

ସେହିପରି ଭାବେ ଆହୁରି ତିନୋଟି ବିଷୟରେ ମୁଁ ଉଲ୍ଲେଖ କରିବାକୁ ଚାହିଁବି। 'ଶିକ୍ଷା' ଯଦିଓ ରାଜ୍ୟ ଅନ୍ତର୍ଭୁକ୍ତ ବିଷୟ, ଏହା ସମସ୍ତଙ୍କ ଚିନ୍ତାର ବିଷୟବସ୍ତୁ। ବିଶେଷତଃ ଆମରି 'ପ୍ରାଥମିକ ଶିକ୍ଷା'ର ସ୍ତର ବେଶ୍ ଚିନ୍ତାଜନକ ଓ କଷ୍ଟଦାୟକ। ଆମେ ଯଦି ବାଳକ ବାଳିକାଙ୍କର ଉତ୍ତମ ଶିକ୍ଷା ପ୍ରତି ଧ୍ୟାନ ନଦେବା ଆମର ଦେଶର ହିଁ କ୍ଷତି ହେବ।

ଆମେ ପରିବେଶ, ବିଶ୍ୱ ଜଳବାୟୁ ପରିବର୍ତ୍ତନ, ଇତ୍ୟାଦି ବିଷୟରେ ପଦକ୍ଷେପ ନେଉଛୁ । ମାତ୍ର ଜଳ ଏପରି ଏକ ବିଷୟ ଯାହା ବିନା ଜୀବନ ଅସମ୍ଭବ । ଏହାକୁ ଉପଲବ୍ଧ କରାଇବା ଆମର ସାମାଜିକ ଦାୟିତ୍ୱ ଅଟେ । ସେହିପରି ଅନ୍ୟ ଏକ ବିଷୟ ଅଛି ତାହାର ଉଲ୍ଲେଖ ସମସ୍ତଙ୍କୁ ଭୟଭୀତ କରିଦିଏ । ତାହାହେଲା ଆମର ବିଚାର ବ୍ୟବସ୍ଥା । ବିଳମ୍ବରେ ନ୍ୟାୟ ଦେବାର ଅର୍ଥ ହେଲା ନ୍ୟାୟ ନ ଦେବା ସହ ସମାନ । ଆଜି ମଧ୍ୟ ନିମ୍ନ ଅଦାଲତରେ ବହୁ ପରିମାଣରେ କେଶ୍ ବିଚାରାଧୀନ ରହିଛି । ସଦନରେ ବସି ଆମେ କ'ଣ ଏଥିରୁ ବାହାରିବାର ରାସ୍ତା ଖୋଜି ପାରନ୍ତେ ନାହିଁ ? ଛଅମାସ ପୂର୍ବରୁ ଏପରି ଗୋଟିଏ ଦୁଇଟି ପ୍ରସଙ୍ଗ ଆମେ ବାଛି ନେବା ଏବଂ ତାର ସମାଧାନର ଉପାୟ ଏ ଗୃହର ଆଲୋଚନାରୁ ବାହାର କରିବା । ଆମେ ସେଥିନିମନ୍ତେ ବିଶେଷଜ୍ଞମାନଙ୍କଠାରୁ ମତାମତ ତଥା ଗବେଷଣାତ୍ମକ ତଥ୍ୟ ହାସଲ କରିପାରିବା ଏବଂ ଏକ ଗୁଣାତ୍ମକ ବିତର୍କ କରି ସେଥିରୁ ନିଷ୍କର୍ଷ ବାହାର କରିପାରିବା । ଯାହା ବି ନିର୍ଯ୍ୟାସ ବାହାରିବ ତାହା ଏହି ଗୃହର ହେବ, କୌଣସି ସରକାରର ହେବ ନାହିଁ । ଏହି ସଦନରେ ଅନେକ ବିଦ୍ୱାନ ଓ ଅଭିଜ୍ଞ ବ୍ୟକ୍ତି ଅଛନ୍ତି– ସମସ୍ତଙ୍କର ସାମୂହିକ ଚିନ୍ତାଧାରା ଆମକୁ ଉଚିତ୍ ମାର୍ଗଦର୍ଶନ କରାଇବ ।

ପୂର୍ବ ଅଧିବେଶନରେ ଶତପଥିଜୀ ଏକ ଭଲ ପରାମର୍ଶ ଦେଇଥିଲେ । ସେ କହିଥିଲେ ଗୋଟିଏ ଗୋଟିଏ ଦିନ ସଦସ୍ୟଙ୍କର ହେଉ । ମୁଁ ସେହି କଥାକୁ ଟିକିଏ ଗଠନମୂଳକ ଢ଼ଙ୍ଗରେ ଉପସ୍ଥାପିତ କରିବି । ଶତପଥିଜୀଙ୍କର ଭାଷଣ ଶୁଣିବା ପରେ ଏ ବିଚାର ମୋର

ମନକୁ ଆସିଲା । ଗୃହର କାର୍ଯ୍ୟରେ ବାଧାସୃଷ୍ଟି କରିବା ନେଇ ସାଧାରଣରେ ସମାଲୋଚନା ହେଉଛି ।

ସଦନକୁ କାହିଁକି ଚାଲିବାକୁ ଦିଆ ନ ଯାଇଛି ଏ ସଂପର୍କରେ ଭିନ୍ନ ଭିନ୍ନ ମତ ଆସୁଛି । ଶାସକଦଳ ବିରୋଧୀଦଳକୁ ଦୋଷ ଦେଉଛି ଏବଂ ବିରୋଧୀଦଳ ଶାସକଦଳକୁ । କିନ୍ତୁ ଗୋଟିଏ କଥା ଅଛି ତା ପ୍ରତି ଧ୍ୟାନ ଦେବା ଦରକାର । ସଂସଦ ଚାଲନା କରିବାକୁ ନ ଦେବାର କାରଣ ହେଲା ବିରୋଧୀଦଳର ହୀନମାନ୍ୟତା ବିରୋଧୀ ଦଳମାନଙ୍କରେ ମଧ୍ୟ ବହୁତ ଶକ୍ତିଶାଳୀ ବକ୍ତା ଅଛନ୍ତି, ସେମାନଙ୍କର ଭାଷଣ ସମସ୍ତଙ୍କୁ ପ୍ରଭାବିତ କରିବାର କ୍ଷମତା ରଖେ । ଯଦି ସଂସଦ ଚାଲିବ, ସେମାନେ ଭାଷଣ ଦେବାର ସୁଯୋଗ ପାଇବେ ଓ ତାହା କେତେକ ଦୁର୍ବଳ ବକ୍ତାଙ୍କୁ ପଦାରେ ପକାଇ ଦେବ । ବିପକ୍ଷର କୌଣସି ନେତାଙ୍କର ଓଜସ୍ୱୀ ବ୍ୟକ୍ତିତ୍ୱର ପ୍ରଦର୍ଶନ ନ ହେଉ ଏଇଥିପାଇଁ ସଦନ ଚଳାଇବାକୁ ଦିଆଯାଉନାହିଁ । ମୁଁ ନିଜେ ଦେଖିଛି କେତେକ ଛୋଟ ଛୋଟ ଦଳର ସଦସ୍ୟସଂଖ୍ୟା ବହୁତ୍ କମ୍, ମାତ୍ର ତାଙ୍କ ଭିତରେ ବି ବହୁତ ପ୍ରଖର ବୁଦ୍ଧିସଂପନ୍ନ ତେଜସ୍ୱୀ ନେତା ଅଛନ୍ତି ଯାହାଙ୍କର ବାକ୍‌ପଟୁତା ଅତ୍ୟନ୍ତ ପ୍ରଶଂସନୀୟ ।

କିଛିନା କିଛି ପଢ଼ିବା ମୋର ସ୍ୱଭାବ । ଗୋଟିଏ କଥା ମୁଁ ବୁଝିଛି ଯେ କାହାର ପରିହାସ କରାଯିବା ଅନୁଚିତ । ଆପଣ "ମେକ୍ ଇନ୍ ଇଣ୍ଡିଆ"କୁ ପରିହାସ କରୁଛନ୍ତି ! ଏହା ଆମ ଦେଶ ପାଇଁ ଉଦ୍ଦିଷ୍ଟ । ଯଦି ଏଥିରେ କିଛି ଊଣା ଅଛି ତାହାର ସମାଲୋଚନା ଆପଣ କରିପାରନ୍ତି । ମୁଁ ବୁଝିପାରୁନି କାହିଁକି ଆପଣ ଆମ ଦେଶର ଏପ୍ରକାରର ଭାବମୂର୍ତ୍ତି ତିଆରିରେ ଲାଗିଛନ୍ତି, ସତେ ଯେପରି ଆମେ 'ଭିକ୍ଷାପାତ୍ର' ଧରି ବାହାରକୁ ଚାହିଁରହିଛୁ । ଆମେ ନିଜେ ଏପରି କହିବା ଦ୍ୱାରା ସେମାନେ ତାହାକୁ ଆହୁରି ଅଧିକ ବଢ଼େଇ କହିବେ । ଏକଥା ମୁଁ କହୁନାହିଁ, ଶ୍ରୀମତୀ ଇନ୍ଦିରାଗାନ୍ଧୀ ୧୯୭୪ ମସିହାରେ ଏକଥା କହିଥିଲେ ଇନ୍ଦ୍ରପ୍ରସ୍ଥ କଲେଜରେ ନିଜର ଭାଷଣରେ ।

ଆଉ ଗୋଟିଏ କଥା କହିବି । ଆମେ ନୂଆ ନୂଆ ଯୋଜାନାସବୁ ଆଣିବାର ପ୍ରୟାସ କରୁଛୁ । କେତେକ ଲୋକଙ୍କର ବୟସ ବୃଦ୍ଧି ଘଟେ ମାତ୍ର ତାଙ୍କର ବୁଝିବା ଶକ୍ତିରେ କୌଣସି ବୃଦ୍ଧି ହୁଏନାହିଁ । ସବୁକଥା ବୁଝିବା ପାଇଁ ତାକୁ ସମୟ ଲାଗେ ଆଉ ବେଳେବେଳେ ସମୟ ଚାଲିଗଲା ପରେ ବି ସେ ବୁଝିପାରନ୍ତି ନାହିଁ । ସୁତରାଂ ବିରୋଧ କରିବାକୁ ପସନ୍ଦ କରନ୍ତି ।

ଆମ ଦେଶର ଅନେକ ସମସ୍ୟା ରହିଛି- ଅନେକ ବହୁତ ପୁରୁଣା । ଦାରିଦ୍ର୍ୟ, ପଛୁଆବର୍ଗ ସଂପର୍କିତ ସମସ୍ୟା, ଅନ୍ଧବିଶ୍ୱାସ, ଭୁଲ ପରମ୍ପରା ଇତ୍ୟାଦି । ବିକାଶ ଓ ପ୍ରଗତି ସହ ମଧ୍ୟ କିଛି ସମସ୍ୟା ଆସିଛି । କିନ୍ତୁ ଦେଶ ସମ୍ମୁଖରେ ସବୁଠାରୁ ବଡ଼ ଆହ୍ୱାନ ହେଲା ଦ୍ରୁତ ପରିବର୍ତ୍ତନର ପ୍ରତିରୋଧ କରାଯିବା । ଏପରିକି ଶିକ୍ଷିତ ଶ୍ରେଣୀ ହିଁ ଏହାର ବିରୋଧ କରିଥାଏ ବଡ଼ ଉଚ୍ଚ ସ୍ୱରରେ । ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଅଗ୍ରଗତି କଲାବେଳେ ତାହା କରିବା କାହିଁକି ଅନୁଚିତ, ଏ ସମ୍ବନ୍ଧରେ ଶହେଟି କାରଣ ଦିଆଯାଉଛି । ମୁଁ ଅନୁଭବ କରୁଛି ଯେପରିକି ଏକ ସୁଦୃଢ ଶକ୍ତିଶାଳୀ କାନ୍ଥ ଆମକୁ ଚାରିପଟୁ ଘେରି ପକାଉଛି । ଏକଥା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୬୮ ମସିହାରେ କହିଥିଲେ ।

ଏହି ସଦନରେ କୌଣସି ବି ବିଷୟ ଆସିଲେ କୁହାଯାଏ –ଏହା ତ ଆମ ସମୟରେ ହୋଇଥିଲା, ଇଏ ଆମରି ଉପହାର । କିଛି ଜିନିଷ ବାସ୍ତବରେ ଆପଣମାନଙ୍କର ହିଁ ଦାନ । ସ୍କୁଲମାନଙ୍କରେ ଶୌଚାଳୟର କଥାକୁ ଧରାଯାଉ । ଆପଣମାନେ ଯଦି ନିଜ କାର୍ଯ୍ୟକାଳ ଭିତରେ ଶୌଚାଳୟ ତିଆରି କରାଇ ଦେଇଥାନ୍ତେ, ତାହାହେଲେ ମୋଦି କ'ଣ କରିଥାନ୍ତା ?- ନିଶ୍ଚୟ ଏହା ଆପଣଙ୍କର ଦୟା ଯେ ବର୍ତ୍ତମାନ ମୋଦିକୁ ଚାରିଲକ୍ଷ ଶୌଚାଳୟ ତିଆରି କରିବାର ସୁଯୋଗ ମିଳିଲା ।

ସେହିଭଳି ବାଂଲାଦେଶ ସୀମା ବିବାଦ କଥା, ଆପଣ କହିବେ ଆମେ ସେ ବିବାଦର ଏଥିପାଇଁ ସମାଧାନ କରିନଥିଲୁ ଯଦ୍ୱାରା 'ମୋଦି'କୁ ସେ ଶ୍ରେୟ ମିଳିବ । ନିଶ୍ଚିତ ଭାବରେ ଏତେ ଦଶନ୍ଧି ପରେ ସେ ବିବାଦର ସମାଧାନ ଆପଣଙ୍କର ହିଁ ଉପହାର । ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଅଠର ହଜାର ଗ୍ରାମ ଅନ୍ଧକାରରେ ବୁଡି ରହିଥିଲେ । ଆମେ ଯଦି ସେଠାରେ ବିଜୁଳି ଆଲୋକ ପହଂଚାଇ ପାରିଛୁ ତାହା ବି ତ ଆପଣଙ୍କ ଅନୁଗ୍ରହରୁ । ଯଦି

ଆପଣ ଏ କାମ କରିଦେଇଥାନ୍ତେ ତାହାହେଲେ ମୋଦି ସରକାର କେଉଁ କାମ ପାଇଁ ଶ୍ରେୟ ନେଇଥାନ୍ତା ? ସୁତରାଂ ମୁଁ ଜମା ଆପଣଙ୍କ କଥାକୁ ଅସ୍ୱୀକାର କରୁନାହିଁ । ସବୁକିଛି ଆପଣଙ୍କର ହିଁ ଅନୁଗ୍ରହ ।

ମନ୍‌ରେଗା (MNREGA) ବିଷୟରେ ଆଲୋଚନା ହୁଏ ଏହି ଗୃହରେ । ଏହାର ଇତିହାସ ୫୦ ବର୍ଷ ପୁରୁଣା । କିନ୍ତୁ ତାହା ପୂର୍ବରୁ ମଧ୍ୟ ଏହା କୌଣସି ନା କୌଣସି ରୂପରେ ଥିଲା । ୧୯୭୨ ମସିହାରେ ମହାରାଷ୍ଟ୍ରରେ ରୋଜଗାର ଗ୍ୟାରେଣ୍ଟି ଯୋଜନା ପ୍ରଚଳିତ ଥିଲା । ୧୮୮୦ରେ ଏହାର ନବୀନ ନାମକରଣ ହେଲା NREP ବା ନ୍ୟାସନାଲ ରୁରାଲ ଏମ୍‌ପ୍ଲୟମେଣ୍ଟ ପ୍ରୋଗ୍ରାମ । ପୁନଃଶ୍ଚ ୧୯୮୩ରେ ଏହାର ନାମକରଣ କରାଗଲା- RLEGP (ରୁରାଲ ଲ୍ୟାଣ୍ଡଲେଶ୍ ଏମ୍ପଲୟେମେଣ୍ଟ ଗ୍ୟାରେଣ୍ଟି ପ୍ରୋଗ୍ରାମ) । ଏହିପରି ଯୋଜନାର ପୁର୍ନବିନ୍ୟାସ ହୋଇଚାଲିଲା । ୧୯୮୯ ମସିହାରେ ଏହାର ନୂତନ ସଂସ୍କରଣ ଆସିଲା ଜୱାହାର ରୋଜଗାର ଯୋଜନା ବା JRY ଭାବରେ । ଏହା ମନ୍‌ରେଗାର ପୂର୍ବଜନ୍ମର ନାମ । ମାତ୍ର ପରବର୍ତ୍ତୀ ସମୟରେ ଜବାହରଜୀଙ୍କର ନାମ ଏଥିରୁ ବାଦ ପଡ଼ିଲା । ଏପରି କରିବା ଲୋକ ହେଲେ ସେହି ଦଳ ଯିଏ ଆମକୁ ସବୁବେଳେ ତିରସ୍କାର କରୁଛନ୍ତି । ତାପରେ ଆସିଲା ୧୯୯୩ରେ ଆସିଲା ରୋଜଗାର ବୀମା ଯୋଜନା (EIS) ବା ସୁନିଶ୍ଚିତ ନିଯୁକ୍ତି ଯୋଜନା । ଏହାପରେ ବାଜପେୟୀଜୀଙ୍କର ସରକାର ଆସିଥିଲା । ଏହି ସମସ୍ତ ଯୋଜନାରୁ 'ସାର' ନେଇ ତାହା SGRY ବା ସଂପୂର୍ଣ୍ଣ ଗ୍ରାମୀଣ ରୋଜଗାର ଯୋଜନା ଆରମ୍ଭ କରିଥିଲା । ୨୦୦୪ ମସିହାରେ ଏହି ଯୋଜନାର ପୁନଃ ଆର୍ବିଭାବ ହେଲା । Food for Weak ବା 'ଖାଦ୍ୟ ଶସ୍ୟ ପାଇଁ କାମ' ନାମକ ଏକ ଜାତୀୟ କାର୍ଯ୍ୟକ୍ରମ ଭାବରେ । ପରେ ଏହା ନୂତନ ରୂପ ନେଲା MNREGA -ପ୍ରଥମେ ଏହା ଥିଲା NREGA ଏବଂ ତାପରେ ଏକ ନୂତନ ନାମ ଦେଇ ଏହା ମନ୍‌ରେଗାରେ ପରିଣତ ହୋଇଗଲା । ସୁତରାଂ ଗରିବ ଲୋକଙ୍କର ଉନ୍ନତି କଳ୍ପେ କିଛି ନା କିଛି ଯୋଜନା ନିରନ୍ତର ଚାଲିଥାଏ ।

ଆପଣ କହିବେ ମୋଦିଜୀ ନିର୍ବାଚନରେ ଭାଷଣ ଦେବା ଗୋଟେ କଥା ଆଉ ବାସ୍ତବରେ କରି ଦେଖେଇବା ଅନ୍ୟ ଗୋଟେ କଥା । ମୁଁ 'ଗରିବୀ ହଟାଇବା' ପାଇଁ ଯେତେ କହିଲେ ମଧ୍ୟ ବାସ୍ତବରେ କରିବା ବଡ଼ କଷ୍ଟକର ବ୍ୟାପାର । କାରଣ ସମସ୍ୟାର ମୂଳକୁ

ଆପଣ ବହୁତ ଗଭୀରକୁ ନେଇଯାଇଛନ୍ତି । ଏହି କଥାର ସତ୍ୟତା ମୁଁ ଏଠାକୁ ଆସିବା ପରେ ହିଁ ଅନୁଭବ କରିପାରିଲି । ବିଗତ ଷାଠିଏ ବର୍ଷରେ ଯଦି ଏ ଦେଶର ଗରିବଙ୍କ ସମସ୍ୟାର ସମାଧାନ ହୋଇଥାନ୍ତା, ଆଜି ସେମାନେ ଗାତ ଖୋଳି ମାଟି ଉଠାଇ ପଇସା ରୋଜଗାର କରୁନଥାନ୍ତେ, ଆମର ସଫଳତାର ସ୍ମାରକ ଏହା କଦାପି ହୋଇପାରିବ ନାହିଁ । ସେଥିପାଇଁ ଆମ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ହେବ । କାର୍ଯ୍ୟକ୍ରମ ସବୁକୁ ଉପଯୁକ୍ତ ଭାବେ ରୂପାୟନ କରିବାକୁ ହେବ । ଆମେ ନିରନ୍ତର ସେ ଦିଗରେ ପ୍ରଚେଷ୍ଟା କରୁଛୁ । ଆମର ପ୍ରଚେଷ୍ଟାର ଫଳସ୍ୱରୂପ ଆଜି କୌଶଳୀ ଶ୍ରମିକ ବି ଅଣକୁଶଳୀ ଶ୍ରମିକ ହୋଇ ରୋଜଗାର କରିବାକୁ ପସନ୍ଦ କରୁଛି ।

ଖରଗେଜୀ କହିଥିଲେ 'ମନ୍‌ରେଗା'ରେ ବହୁତ ଦୁର୍ନୀତି ଅଛି । ମୁଁ ଆପଣଙ୍କର ସହିତ ଏକ ହଜାର ପ୍ରତିଶତ ସହମତ । ଆପଣ ୨୦୧୨ ମସିହାର ସି.ଏ.ଜି (CAG) ରିପୋର୍ଟକୁ ଦେଖନ୍ତୁ । ସେଥିରେ ପ୍ରତିଟି କଥା ସ୍ପଷ୍ଟ ହୋଇଛି । ଗରିବଙ୍କ ନାମରେ କିପରି ଟଙ୍କା ଲୁଟ ହୋଇଛି, କେଉଁଠି ଦୁର୍ନୀତି ହୋଇଛି ତାହା ସ୍ପଷ୍ଟ ଜଣାପଡୁଛି । ଆମେ ସେଥିରୁ କିଛି ଶିଖିବାର ପ୍ରୟାସ କରିଛୁ । CAG ର ଆଉ ଏକ ବଡ଼ ଟିପ୍‌ପଣୀ ହେଲା ଯେଉଁ ରାଜ୍ୟଗୁଡ଼ିକର ଶାସନ ବ୍ୟବସ୍ଥା ପ୍ରାୟତଃ ସୁଚାରୁ ରୂପରେ ଚାଲିଛି ଏବଂ ଯେଉଁଠାରେ ଗରିବଙ୍କ ସଂଖ୍ୟା କମ୍ ସେଠାରେ ମନ୍‌ରେଗା ପ୍ରାୟତଃ ସଫଳ ହୋଇଛି । ମାତ୍ର ଯେଉଁ ରାଜ୍ୟମାନଙ୍କରେ ଗରିବଙ୍କ ସଂଖ୍ୟା ଅଧିକ ଏବଂ ଯେଉଁଠାରେ ଏହାର ବହୁତ ଆବଶ୍ୟକତା ଅଛି ସେଠାରେ ଏହି କାର୍ଯ୍ୟକ୍ରମ ଏତେଟା ସଫଳ ହୋଇପାରିନାହିଁ । ଅର୍ଥାତ୍ ଗରିବଙ୍କ ପାଖରେ ପହଂଚିବାରେ ଆମେ ଅସଫଳ ହୋଇଛୁ । ତେଣୁ ଏହା ଆମର ଦାୟିତ୍ୱ ଯେ ଆମେ ଯଥାଶୀଘ୍ର ଗରିବ ରାଜ୍ୟମାନଙ୍କରେ ଏହି ଯୋଜନାକୁ ପୂର୍ଣ୍ଣ ଭାବରେ ସଫଳ କରିବୁ । ଏହା ମଧ୍ୟ କୁହାଯାଇଛି ଯେ ସାତବର୍ଷ ବଂଚିବା ପରେ ପାଂଚଟି ରାଜ୍ୟ ଏପରି ଥିଲେ ଯେଉଁମାନେ ମନ୍‌ରେଗା ସମ୍ବନ୍ଧରେ ନିୟମ ମଧ୍ୟ କରି ନଥିଲେ ଏବଂ ଏହି ପାଂଚ ରାଜ୍ୟ ଭିତରୁ ଚାରିଟି ରାଜ୍ୟ ଏପରି ଥିଲେ ଯେଉଁମାନେ ଦିନରାତି ମନ୍‌ରେଗାର ଗୁଣଗାନ କରୁଥିଲେ । କେନ୍ଦ୍ରଶାସିତ ଅଂଚଳମାନଙ୍କରେ ମଧ୍ୟ ଏ ପ୍ରକାର ସମସ୍ୟା ଦେଖାଦେଇଛି । ସେହିପରି ଆଠଟି ରାଜ୍ୟରେ ଆମର ୧୦୦ ଦିନର ଲକ୍ଷ୍ୟ ଆମେ କେବେ ପୂରଣ କରିପାରିଲୁ ନାହିଁ ।

ପ୍ରାୟ ୩୦ରୁ ୪୦ ଦିନରେ କାର୍ଯ୍ୟ ଅଟକି ଯାଏ । ସେଥିପାଇଁ ଆମେ ନୂତନ ଢ଼ାଂଚା ସୃଷ୍ଟି କରିବାକୁ ଚେଷ୍ଟା କରିଛୁ , ସ୍ଥିରୀକୃତ ଲକ୍ଷ୍ୟ ହାସଲ, ସର୍ବାଧିକ ନିଯୁକ୍ତି, ମଧ୍ୟସ୍ଥିକୁ ହଟାଇବା, ସଦବ୍ୟବହାର ଓ ଅଡ଼ିଟ୍‌ର ବ୍ୟବସ୍ଥା ଇତ୍ୟାଦି ପାଇଁ ବ୍ୟବସ୍ଥା କରାଯାଇଛି ।

ମୋର ଦୃଢ଼ବିଶ୍ୱାସ ଯେ ଶ୍ରମିକମାନଙ୍କର ମଜୁରି ସିଧା ଇଲେକ୍‌ଟ୍ରୋନିକ ମାଧ୍ୟମରେ ତାଙ୍କର ବ୍ୟାଙ୍କ୍ ଆକାଉଣ୍ଟରେ ବା ଡାକଘର ସଂଚୟ ଖାତାରେ ଜମା ହେଉଥିବ । ଏହି ମାଧ୍ୟମରେ ପ୍ରାୟତଃ ୯୪ ପ୍ରତିଶତ ଶ୍ରମିକ ମଜୁରି ପାଉଥିବେ । ଏହି ସଦନ କେବଳ ଈର୍ଷାଭାବ ପାଇଁ ଉଦ୍ଦିଷ୍ଟ ନୁହେଁ । ମୋର ସାର୍ଟ ତୁମ ସାର୍ଟଠାରୁ ଅଧିକ ଧଳା କାହିଁକି ଏପରି କଥା ତା'ନୁହେଁ । ଅଧ୍ୟକ୍ଷ ମହୋଦୟା ସମାଲୋଚନାକୁ ଆମେ ଆପତ୍ତି କରୁନାହୁଁ । ଆପତ୍ତି ଏଇଥିପାଇଁ, କାରଣ ସେମାନେ ଆମକୁ ତାଙ୍କଠାରୁ ଅଧିକ ଭଲ କାମ କରୁଥିବାରୁ ସମାଲୋଚନା କରୁଛନ୍ତି । ସେମାନେ ଷାଠିଏ ବର୍ଷରେ ଯାହା କରିପାରିନଥିଲେ ତାହା ଆମେ କରି ଦେଖାଇଛୁ । ସେଥିପାଇଁ ସେମାନେ ଚିନତାଗ୍ରସ୍ତ ହୋଇପଡ଼ିଛନ୍ତି ।

ଏ ଦେଶର ବୁଦ୍ଧିଜୀବି ମାନଙ୍କୁ ଆମନ୍ତ୍ରଣ କରୁଛି ଦୁଇଟି ଯୋଜନାର ତୁଳନାତ୍ମକ ଅଧ୍ୟୟନ ନିମନ୍ତେ। ପ୍ରଥମଟି ଅଟଳଜୀଙ୍କ ସମୟରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ଦ୍ୱିତୀୟଟି ଆମ ସମୟର ମନ୍‌ରେଗା । ପ୍ରଥମ ଯୋଜନାଟିର ସୁଫଳ ସେହି ରାଜ୍ୟମାନଙ୍କୁ ମିଳିଛି ଯେଉଁମାନେ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ବା ଦରିଦ୍ର ରାଜ୍ୟ । ଯଦି ରାସ୍ତା ନିର୍ମାଣହୁଏ, ତାହାହେଲେ ରୋଜଗାର ମଧ୍ୟ ଆସେ । ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟାପାରରେ ମଧ୍ୟ ଏହା ପ୍ରତିଫଳିତ ହୁଏ । ଏହା ଆସେଟ୍ ବା ସ୍ଥାୟୀ ସଂପଦ ସୃଷ୍ଟି କରେ । ସେହିଥିରୁ ଶିକ୍ଷାଲାଭ କରି ଆମେ ମଧ୍ୟ ମନ୍‌ରେଗା ଜରିଆରେ ସ୍ଥାୟୀ ସଂପଦ ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛୁ । ତନ୍ମଧ୍ୟରୁ 'ଜଳ' ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଛୁ । ଆମେ ସେ ଦିଗରେ ପ୍ରୟାସ କରୁଛୁ ଏବଂ ତାହାର ସୁଫଳ ମିଳିବ ନିଶ୍ଚୟ ।

ଶ୍ରୀ ମଲ୍ଲିକାର୍ଜୁନ ଖର୍‌ଗେଜୀ ଫୁଡ୍ ସିକ୍ୟୁରିଟି ଆଇନ୍ (Food Security Act) ବିଷୟରେ କିଛି କହିଛନ୍ତି, ମୁଁ ଦେଖୁଛି, ଯେତେବେଳେ ବି ଗୁଜୁରାଟର ପ୍ରସଙ୍ଗ ଆସେ ବିପକ୍ଷ ବଡ଼ ଆନନ୍ଦ ଅନୁଭବ କରିଥାନ୍ତି । ସେମାନେ କହିଥାନ୍ତି ଆପଣଙ୍କ ପାଖରେ ଅନ୍ୟ

କୌଣସି ବିଷୟ ନାହିଁ ତେଣୁ ଗୁଜୁରାଟ ବିଷୟକୁ ଧରି ବସିଛନ୍ତି । ଏହା ଆପଣଙ୍କର ବୌଦ୍ଧିକ ଦାରିଦ୍ର୍ୟ । ମୁଁ କହିବାକୁ ଚାହୁଁଛି ଯେ ଯେଉଁ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ୍‌କୁ ଆପଣ ଗୁଣଗାନ କରୁଛନ୍ତି, ବାରମ୍ବାର ତାହାର ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି ତାହା ମେ ମାସ ୨୦୧୪ ମସିହା ପର୍ଯ୍ୟନ୍ତ ମାତ୍ର ୧୧ଟି ରାଜ୍ୟ ଗ୍ରହଣ କରିଥିଲେ । ତାହା ମଧ୍ୟ କୌଣସି ପ୍ରାବଧାନକୁ ପୂରଣ ନକରି ତରବରିଆ ଭାବେ ସ୍ୱୀକାର କରିଥିଲେ । ସୁତରାଂ ଏହା କେବଳ କାଗଜପତ୍ରରେ ହିଁ ହୋଇଥିଲା । ଆଜି ମଧ୍ୟ ଚାରୋଟି ରାଜ୍ୟ ଏପରି ଅଛନ୍ତି ଯେଉଁଠାରେ ଏହି ଆଇନ୍‌ର ପ୍ରଣୟନ ହୋଇନାହିଁ ଏବଂ ତାହା ଆପଣଙ୍କ ସରକାର ଦ୍ୱାରା ଶାସିତ ରାଜ୍ୟ ଯେପରିକି କେରଳ, ମଣିପୁର, ମିଜୋରାମ ଓ ଅରୁଣାଚଳପ୍ରଦେଶ । ଗୁଜୁରାଟରେ ଏହା ଲାଗୁ ହୋଇସାରିଛି ଏବଂ ଯେଉଁ ନିଖୁଣତାର ସହ ହୋଇଛି ତାହାର ଆପଣମାନେ ଅଧ୍ୟୟନ କରିବା ଦରକାର । ଏକ ଦଳ ପଠାନ୍ତୁ ଗୁଜୁରାଟକୁ । କେରଳକୁ ଆପଣ ନିର୍ବାଚନ ପ୍ରଚାର ପାଇଁ ଯାଉଛନ୍ତି, ସେଠିକାର ଜନତା ପ୍ରଶ୍ନ କରିବେ-କାହିଁକି ଏହି ଖାଦ୍ୟ ଖାଦ୍ୟ ସୁରକ୍ଷା ଆଇନ୍‌କୁ ଆପଣ ଲାଗୁ କରୁନାହାନ୍ତି ? ମିଜୋରାମ, ମଣିପୁର, ଅରୁଣାଚଳ ଇତ୍ୟାଦି ରାଜ୍ୟ କାହିଁକି ସେଥିରୁ ବଂଚିତ ହୋଇଛନ୍ତି ? ସେମାନେ ତ ଆପଣଙ୍କ ଦ୍ୱାରା ଶାସିତ ରାଜ୍ୟ ! ସେଥିପାଇଁ ମୁଁ କହିବାକୁ ଚାହେଁ -ଆମେ ବହୁତ କଥା କହୁ କିନ୍ତୁ କାର୍ଯ୍ୟରେ ପରିଣତ କରିପାରୁନାହୁଁ ।

ଯେତେବେଳେ ଭେଙ୍କିୟାଜୀ ପ୍ରଧାନମନ୍ତ୍ରୀ ଫସଲ ବୀମା ବିଷୟରେ ବକ୍ତବ୍ୟ ରଖୁଥିଲେ, ସେତେବେଳେ ସୌଗତ ରାୟଜୀ ଛିଡ଼ାହୋଇ ପଡ଼ିଥିଲେ । ଏହିପରି ସେ ସବୁବେଳେ ଫଟାଫଟ୍ ଛିଡ଼ା ହୋଇଯାଆନ୍ତି ଏବଂ ତାଙ୍କ ଦଳର ଲୋକେ ଭାବନ୍ତି ବର୍ତ୍ତମାନ ସେ କିଛି କହିବେ ।

ସୌଗତ ରାୟ କହିଥିଲେ ଏହି ବୀମା ଯୋଜନା ତ କେବଳ ୪୫ଟି ଜିଲ୍ଲା ପାଇଁ । ସମସ୍ତଙ୍କର ଜାଣିବା ପାଇଁ କହି ରଖୁଛି —ଏହି ଯୋଜନା ୧ ଏପ୍ରିଲଠାରୁ ଦେଶର ସବୁ ଗ୍ରାମର ସମସ୍ତ କୃଷକଙ୍କ ପାଇଁ ଲାଗୁ ହେବ । ଏହି ଯୋଜନାର ଅନ୍ୟ ଏକ ସୁଗୁଣ ଅଛି । ପଇଁଚାଳିଶ ଜିଲ୍ଲାରେ ଏହାକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛି । ପାଇଲଟ୍ ପ୍ରୋଜେକ୍ଟ ଏଥିପାଇଁ କାରଣ ଏଥିରେ ସଫଳତା ମିଳିବ ନା ନାହିଁ, ଲୋକଙ୍କୁ ଏହା ପସନ୍ଦ

ହେବ ନା ନାହିଁ ଏସବୁ ତଥ୍ୟ ଜାଣିବାକୁ । ଆମେ ଚାହିଁଲୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସହ କୌଣସି ଅନ୍ୟ ଦୁଇଟି ଯୋଜନା ସମ୍ମିଳିତ କରାଯାଇ ପାରିବ କି ? କୃଷକମାନଙ୍କୁ ଆମେ ଏହି ବିକଳ୍ପମାନଙ୍କ ମଧ୍ୟରୁ ୨ଟି ଦେବାକୁ ସ୍ଥିର କରିଛୁ ।- ଯେପରିକି

(୧) ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା

(୨) ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନା

(୩) ଛାତ୍ର ସୁରକ୍ଷା ଯୋଜନା

(୪) ଗୈର ଅଗ୍ନି ଦୁର୍ଘଟଣା ବୀମା ଯୋଜନା

(୫) କୃଷି ସଂଯତ ପମ୍ପ୍ ସେଟ୍ ବୀମା ଯୋଜନା

(୬) ଟ୍ରାକ୍ଟର ବୀମା ଯୋଜନା

(୭) ମୋଟର ବାଇକ୍ ବୀମା ଯୋଜନା ।

ଏହି ସାତଟି ବିଷୟ କୃଷକ ସହିତ ସଂପୃକ୍ତ । ଫସଲ ବୀମା ସହ ଯେଉଁ ଦୁଇଟି ତାଙ୍କୁ ସବୁଠାରୁ ଉପଯୋଗୀ ମନେହେବ ସେ ତାହା ଗ୍ରହଣ କରିପାରିବେ ।

କମ୍ ପ୍ରିମିୟମ୍‌ରେ ଯଦି କୃଷକଭାଇମାନଙ୍କୁ ଅଧିକ ଲାଭ ମିଳିଥାଏ, ତାହା ଅତି ଉ ମ ହେବ । ଏହା ବର୍ତ୍ତମାନ ପରୀକ୍ଷାମୂଳକ ଭାବରେ ଆରମ୍ଭ କରାଯାଇଛି । ବୀମା କମ୍ପାନୀମାନଙ୍କୁ ଟିକିଏ ଅସୁବିଧା ହୋଇପାରେ ମାତ୍ର ମୁଁ ଅନୁରୋଧ କରିଛି ସେଥିପାଇଁ, ମୋର ସାଂସଦମାନଙ୍କୁ ଅନୁରୋଧ ସେମାନେ ମଧ୍ୟ ଏହାର ସୁଚାରୁ ରୂପାୟନ ପାଇଁ ଉଦ୍ୟମ କରନ୍ତୁ । ସରକାରଙ୍କ ତରଫରୁ କୌଣସି ନୂଆ ପଦକ୍ଷେପ ନିଆଗଲେ, କୁହାଯାଏ ଆମେ ଏହାକୁ ଆରମ୍ଭ କରିଥିଲୁ । ଆରେ ଭାଇ ମୁଁ କେମିତି କହିବି ମୁଁ ରେଲ୍ ଆରମ୍ଭ କରିଥିଲି । ମୋର ସେ ଦୁଃସାହସ ନାହିଁ । ୟୁପିଏ ସରକାରର ଦଶବର୍ଷ । ବର୍ଷକୁ ହାରାହାରି ଖର୍ଚ୍ଚ ହେଲା ନଅ ହଜାର ଦୁଇଶହ ଏକାନବେ କୋଟି ଟଙ୍କା ରେଳବିଭାଗର ଉନ୍ନତି ନିମନ୍ତେ । ଅପରପକ୍ଷେ ଆମର ସରକାରର ଦ୍ୱିବାର୍ଷିକ ହାରାହାରି ଖର୍ଚ୍ଚ ହେଲା ବତିଶ ହଜାର ପାଂଚଶହ ସତାଅଶୀ (୩୨୫୮୭) କୋଟି ଟଙ୍କା । ପ୍ରତିବର୍ଷ ହାରାହାରି ଲାଇନ୍ ବିଛା କାମ ଦେଖାଯାଉ । ୟୁପିଏ -୧ ସମୟରେ ଏହା ଥିଲା ହାରାହାରି ୧୪୭୭ କିଲୋମିଟର, ୟୁପିଏ- ୨ ବେଳେ ଏହା ଥିଲା ୧୫୨୦ କିଲୋମିଟର । ଏନଡିଏ ସମୟରେ ପ୍ରତିବର୍ଷ

ଲାଇନ୍ କାର୍ଯ୍ୟର ଦୈର୍ଘ୍ୟ ଥିଲା ୨୨୯୨ କି.ମି., ପ୍ରାୟ ଦୁଇହଜାର ତିନିଶହ କି.ମି.। ଦେଖନ୍ତୁ କାମ କେତେ ଅଧିକ ବେଗରେ ହୋଇଛି । ପୂର୍ବରୁ ବି ପରିସ୍ଥିତି ସମାନ ଥିଲା । ଷ୍ଟାଫ୍ ବି ସମାନ ଥିଲେ, କାନୁନ୍ ବ୍ୟବସ୍ଥା ବି ସମାନ ଥିଲା । ମାତ୍ର ଦେଖନ୍ତୁ କେତେ ଅଧିକ ବେଗରେ ପ୍ରଗତି ହୋଇଛି । ଏହା ଏକ ଜ୍ୱଳନ୍ତ ଉଦାହରଣ । ମୁଁ ପ୍ରତ୍ୟେକ କ୍ଷେତ୍ରରେ ଏହି ପ୍ରଭେଦକୁ ଦର୍ଶାଇ ପାରିବି ମାତ୍ର ରାଷ୍ଟ୍ରପତିଙ୍କ ଅଭିଭାଷଣ ହୋଇଥିବାରୁ ମୁଁ ସେଇ ଆଡକୁ ଯାଉନାହିଁ ।

ଆଦରଣୀୟ ଅଧକ୍ଷ ମହୋଦୟା, ସଦନର ସବୁବେଳେ ଫାଇନାନ୍ସ ସମ୍ବନ୍ଧରେ ଏହା ଶୁଣିବାକୁ ମିଳେ ଯେ କେନ୍ଦ୍ରସରକାର ରାଜ୍ୟ ସରକାର ମାନଙ୍କର ଆର୍ଥିକ ପ୍ରାପ୍ୟ କମ୍ କରିଦେଲେ । ଏହା ଏକ ପବିତ୍ର ଗୃହ ଏବଂ ମୁଁ ଜନତାଙ୍କ ସମ୍ମୁଖରେ ବର୍ତ୍ତମାନ କିଛି ତଥ୍ୟ ରଖିବି । ଚତୁର୍ଦ୍ଦଶ ଅର୍ଥ ଆୟୋଗର ସୁପାରିଶ ପରେ ୨୦୧୫-୧୬ ମସିହାରୁ ୨୦୧୪-୧୫ ବର୍ଷ ତୁଳନାରେ କେନ୍ଦ୍ରରୁ ଅଧିକ ଆର୍ଥିକ ସମ୍ବଳ ଦିଆଯାଇଛି । ରାଜ୍ୟମାନଙ୍କୁ ବିତ୍ତୀୟ ଅନୁଦାନ ତିନୋଟି ମୁଖ୍ୟ ଶିରୋନାମାରେ ଦିଆଯାଏ । କେନ୍ଦ୍ରିୟ ଟିକସରେ ରାଜ୍ୟ ସରକାରଙ୍କ ଅଂଶ, ଅଣ-ଯୋଜନା ଅନୁଦାନ ଏବଂ ରାଜ୍ୟ ଯୋଜନା ପାଇଁ କେନ୍ଦ୍ରର ସହାୟତା । ୨୦୧୪-୧୫ ବର୍ଷରେ କେନ୍ଦ୍ର ସରକାରଙ୍କ ଠାରୁ ମୋଟ ୬,୭୮,୮୧୯ କୋଟି ଟଙ୍କା ରାଜ୍ୟ ସରକାରମାନଙ୍କୁ ପ୍ରଦାନ କରାଯାଇଛି । ସଂଶୋଧିତ ଆକଳନ ଅନୁଯାୟୀ ୨୦୧୫-୧୬ରେ ରାଜ୍ୟମାନଙ୍କୁ ୮,୨୦,୧୩୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ୨୦୧୫-୧୬ର ରାଶି ୨୦୧୪-୧୫ର ଅନୁଦାନ ରାଶିଠାରୁ ୧,୪୧,୩୧୪ କୋଟି ଟଙ୍କା ଅଧିକ । ଉପରୋକ୍ତ ତିନୋଟି ହେଡିଙ୍ଗ୍ ଅଧୀନରେ ପ୍ରଦତ୍ତ ବିତ୍ତୀୟ ଅନୁଦାନର ପରିମାଣ ପୂର୍ବବର୍ଷର ଅନୁଦାନ ତୁଳନାରେ ୨୦.୮ ପ୍ରତିଶତ ଅଧିକ । ଏଥିପାଇଁ ବିନା କାରଣରେ, ବିନା ତଥ୍ୟରେ ଯେଉଁ ପ୍ରକାର ମତାମତ ରଖାଯାଉଛି, ସେମାନେ ଜାଣନ୍ତୁ ।

ଆମର ଦେଶ ଗଣତନ୍ତ୍ରରେ ବିଶ୍ୱାସ ରଖୁଥିବା ଦେଶ ଏବଂ ଗଣତନ୍ତ୍ର ପ୍ରତି ପ୍ରତିବଦ୍ଧ । ସାର୍ବଜନୀକ ଜୀବନରେ କୌଣସି ବି ବ୍ୟକ୍ତି ଆମକୁ ପ୍ରଶ୍ନ କରିପାରେ ଏହା ନାଗରିକଙ୍କର ହକ୍ ଏବଂ ଜବାବ ଦେବା ଆମର ଉତ୍ତର ଦାୟିତ୍ୱ । ମୁଁ ଗୋଟିଏ ଘଟଣା ବିଷୟରେ ଉଲ୍ଲେଖ

କରିବି, ତା'ର ଅର୍ଥ ଆପଣମାନେ ବାହାର କରନ୍ତୁ । ରୁଷିଆ ଦେଶର ରାଷ୍ଟ୍ରପ୍ରମୁଖ ଶ୍ରୀ କ୍ରୁଚେଭ ଷ୍ଟାଲିନଙ୍କର ସାଥୀ ଏବଂ ଅନୁଗାମୀ ଥିଲେ । ଯେତେବେଳେ ଷ୍ଟାଲିନଙ୍କର ମୃତ୍ୟୁ ହୋଇଗଲା କ୍ରୁଚେଭ ଯୁଆଡ଼େ ବି ଯାଉଥିଲେ ଷ୍ଟାଲିନ୍‌ଙ୍କର ସମାଲୋଚନା ବଡ଼ କଟୁ ଶବ୍ଦରେ କରୁଥିଲେ । ପ୍ରାୟ ସମସ୍ତ ସଭାରେ ସେ ନିନ୍ଦା କରୁଥିଲେ ଷ୍ଟାଲିନଙ୍କର। ଏପରି ଏକ ସଭାରେ ଦିନେ ଯୁବକ 'କ୍ରୁସ୍‌ଚେଭ'ଙ୍କୁ ପ୍ରଶ୍ନ କଲା- ଆପଣ ତ ଷ୍ଟାଲିନ୍‌ଙ୍କ ସହ କାର୍ଯ୍ୟ କରୁଥିଲେ ତାଙ୍କର ଜୀବିତ ଅବସ୍ଥାରେ, ସେତେବେଳେ କାହିଁକି ଆପଣ ତାଙ୍କର ବିରୋଧ କରୁନଥିଲେ ? ସମଗ୍ର ଜନସଭାରେ ନୀରବତା ଛାଇଗଲା । କ୍ରୁସଚେଭ୍ କିଛି କ୍ଷଣ ପରେ ଯୁବକକୁ ଛିଡ଼ାହେବାକୁ କହିଲେ ଏବଂ ତା'ପରେ ପଚାରିଲେ 'ତୁମକୁ ନିଜ ପ୍ରଶ୍ନର ଜବାବ ମିଳିଗଲା ? କାରଣ ତୁମେ ଆଜି ଛିଡ଼ା ହୋଇ ପ୍ରଶ୍ନ କରିପାରିଲ ମାତ୍ର ଷ୍ଟାଲିନ୍‌ଙ୍କ ସମୟରେ ପ୍ରଶ୍ନ କରିବାକୁ ଚାହୁଁଥିଲେ ବି ମୁଁ ପାରୁନଥିଲି ।' ମୋ କଥାର ତାତ୍ପର୍ଯ୍ୟ ବୁଝିଲେ ତ ? ବୁଝିବାକୁ ଟିକିଏ ସମୟ ଲାଗିବ ।

ଆମ ଦେଶରେ ଶାସ୍ତ୍ରରେ ଏବଂ ଲୋକକଥାରେ ବହୁତ ଭଲ ଭଲ ଶିକ୍ଷା ଦିଆଯାଇଛି, ଯେପରିକି-

ପର ଉପଦେଶ କୁଶଲ ବହୁ ତେରେ

ଯେ ଆଚର ହିତେ ନର ନା ଘନରେ ।

ଅନେକ ଲୋକ ଅଛନ୍ତି ଉପଦେଶ ଦେବାରେ ନିପୁଣ, ମାତ୍ର ବହୁତ କମ୍ ଏପରି ଲୋକ ଅଛନ୍ତି ଯେ ନିଜ ମଧ୍ୟ ସେହି ଉପଦେଶକୁ ଅନୁସରଣ କରନ୍ତି । ମୁଁ ଲଗାତାର ଆପଣଙ୍କଠାରୁ ଉପଦେଶ ଶୁଣିଆସିଛି, ସମାଲୋଚନା ଶୁଣୁଛି, ତାଠାରୁ ଅଧିକ ଆରୋପ ସହୁଛି । ବହୁତ କିଛି କୁହାଯାଉଛି । ମୁଁ ଚାରିବର୍ଷ ଧରି ବହୁତ କିଛି ଶୁଣିଆସିଛି, ଶୁଣିବା ମୋର ଅଭ୍ୟାସରେ ପଡ଼ିଗଲାଣି ଆଉ ମୁଁ ତା ସହିତ ବଂଚିବା ଶିଖିଗଲିଣି। କିନ୍ତୁ ଏ ଦେଶ ଗୋଟିଏ କଥାକୁ କେବେ ବି ଭୁଲିପାରିବନି । ଦିନଟି ଥିଲା ସେପ୍ଟେମ୍ବର ୨୭, ୨୦୧୩ ମସିହା ଆମର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡଃ ମନମୋହନ ସିଂ ଆମେରିକାରେ ଥିଲେ । ଆମେରିକାର ରାଷ୍ଟ୍ରପତିଙ୍କ ସହ ତାଙ୍କର ଦ୍ୱିପାକ୍ଷିକ ଆଲୋଚନା ହେବାର ଥିଲା । ଦେଶର

ସିଏ ସମ୍ମାନନୀୟ ନେତା ଥିଲେ । ସେହି ସମୟରେ ଦେଶରେ କ୍ୟାବିନେଟ୍‌ର ମିଟିଙ୍ଗ୍ ହୋଇଥିଲା । ସେଥିରେ ଅଂଶଗ୍ରହଣ କରିଥିଲେ ଫାରୁକ୍ ଅବ୍‌ଦୁଲା ସାହେବ, ଆଣ୍ଟୋନି ସାହେବ, ଶରଦ ପାଓ୍ୱାର ଇତ୍ୟାଦି ଇତ୍ୟାଦି ଦେଶର ବରିଷ୍ଠ ବ୍ୟକ୍ତି । ସେହି କ୍ୟାବିନେଟ୍ ମିଟିଙ୍ଗ୍‌ରେ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହାକୁ ସମ୍ବାଦିକ ପରିଷଦରେ ଚିରି ଦିଆଯାଇଥିଲା । ୨୭ ସେପ୍ଟେମ୍ବରରେ ଅଧ୍ୟାଦେଶକୁ ଫାଡ଼ି ଦିଆଯାଇ ବୟୋଜ୍ୟେଷ୍ଠ ଲୋକମାନଙ୍କର ଘୋର ଅସମ୍ମାନ କରାଯାଇଥିଲା ।

ଆଦରଣୀୟା ଅଧ୍ୟକ୍ଷା ମହୋଦୟା, ମୁଲାୟମ ସିଂଜୀ ଓ ମୁଁ ବିଚାରଧାର ଦୃଷ୍ଟିରୁ ଦୁଇଟି ବିପରୀତ କୂଳ ସଦୃଶ । ଆମ ଭିତରେ ସମାନତା କେବଳ ଲୋହିଆଜୀ । ତାଙ୍କର ବିଚାରଧାରା ମୋର ଅତି ପସନ୍ଦର ହେବା ସ୍ୱାଭାବିକ । ମୁଲାୟମଜୀଙ୍କର ରାଜନୈତିକ ଇସ୍ତାହାର ମୁଁ ଦେଖିଛି । ସେଥିରେ ଉତ୍ତରପ୍ରଦେଶ ପାଇଁ ସେ କ'ଣ କରିବାକୁ ଚାହାନ୍ତି ମାତ୍ର ସେ ଜଣେ ଅତି ବରିଷ୍ଠ ନେତା ତାଙ୍କ ପ୍ରତି ଅସମ୍ମାନ କରି ତାଙ୍କର ମତ ସମ୍ବଳିତ ଅଧ୍ୟାଦେଶକୁ କେହି କେମିତି ଫାଡ଼ିଦେଇପାରେ ?

ଅନ୍ୟ ଏକ ବିଷୟ କହିବି । ଆଶା ତାହା ସମସ୍ତଙ୍କର ପସନ୍ଦ ହେବ । ମୁଁ ଯେତେବେଳେ ଛୋଟ ଥିଲି, ଏକ ଗାଁରେ ବଡ଼ ହୋଇଥିଲି । ସେତେବେଳେ ସେଠାରେ ଜଣେ ବିଧାୟକ ଥିଲେ, ଯିଏ କେବେ ବି କୌଣସି ନିର୍ବାଚନରେ ହାରି ନଥିଲେ । ସେ ଯେତେବେଳେ ଟ୍ରେନ୍‌ରେ ଯାତ୍ରା କରୁଥିଲେ, ମୁଁ ସେତେବେଳେ ତାଙ୍କୁ ଚା ଦେବା ପାଇଁ ଚେଷ୍ଟା କରୁଥିଲି । ସେତେବେଳେ ଦେଖୁଥିଲି ସବୁଲୋକ ବଡ଼ ତତ୍ପର ହୋଇପଡୁଥିଲେ । ସେହି ସମୟରେ ପ୍ରଥମ ଥର ପାଇଁ ମୁଁ L.A.Q ଶବ୍ଦ ଶୁଣିଥିଲି । ଏହି ଛୋଟିଆ ଶବ୍ଦଟି ଶୁଣିବା ମାତ୍ରେ ପୁରା ଶାସନ ଦଳ ଭୟଭୀତ ହୋଇପଡୁଥିଲା । ଯେତେବେଳେ କୌଣସି ବିଷୟ ଉପରେ ସଦନରେ ବିସ୍ତୃତ ଆଲୋଚନା ହେଉଥିଲା ବା ବିତର୍କ ହେଉଥିଲା ସମସ୍ତ କର୍ମଚାରୀବୃନ୍ଦ ଜବାବ ଦେବା ପାଇଁ ତତ୍ପର ରହୁଥିଲେ । ଏକ ଉତ୍ତରଦାୟିତ୍ୱ ଥିଲା । ମାତ୍ର ଧୀରେ ଧୀରେ ଏହି ବ୍ୟବସ୍ଥାର ଅଧଃପତନ ହେଇଗଲା । ଆମେ ସଂସଦୀୟ ପ୍ରକ୍ରିୟାକୁ କେତେ ନୀଚ ସ୍ତରକୁ ନେଇଆସିଛୁ ? ଶାସକଦଳ ଓ ବିପକ୍ଷ ଭିତରେ କଥା କଟା କଟି,

ଯୁକ୍ତିତର୍କ ଜାରି ରହୁଛି । ସମଗ୍ର ଅମଲାତନ୍ତ୍ର ତା'ର ମଜା ନେଉଛି । କର୍ମଚାରୀମାନେ ଆଉ ଭୟଭୀତ ହେଉନାହାନ୍ତି ବରଂ ବେପରୁଆ ହୋଇଯାଇଛନ୍ତି ।

ସାଂସଦଙ୍କର କୌଣସି ପ୍ରଶ୍ନରେ କୌଣସି କର୍ମଚାରୀ ଆଦୌ ଭୟଭୀତ ହେଉନାହାନ୍ତି, ତାଙ୍କ ମନରେ 'ଡର' ଗଲା କୁଆଡ଼େ ? ଏ ପ୍ରଶ୍ନ ଏ ସରକାରର ସେ ସରକାରକୁ ନୁହେଁ । ଧୀରେ ଧୀରେ ଯୋଉ ଅଧଃପତନ ହୋଇଛି ତା ବିଷୟରେ କୁହାଯାଇଛି । ଏହି ସଦନରେ ଯଦି କୌଣସି ଦଳର ଏକମାତ୍ର ପ୍ରତିନିଧି ବି ନିର୍ବାଚିତ ହୋଇ ଆସିଥାନ୍ତି ତାଙ୍କର ଗୁରୁତ୍ୱ ପ୍ରଧାନମନ୍ତ୍ରୀଙ୍କଠାରୁ କମ୍ ନୁହେଁ । ସରକାରୀ କର୍ମଚାରୀମାନେ ତାଙ୍କୁ ସେହି ଗୁରୁତ୍ୱ ଦିଅନ୍ତୁ । ଆମ ଭିତରର ବାଦବିବାଦ ହୁଏତ ଗଣମାଧ୍ୟମରେ ପ୍ରସାରିତ ହୁଏ ମାତ୍ର ତାହାର ବାସ୍ତବିକ ମୂଲ୍ୟ କିଛି ନୁହେଁ । ଆମକୁ ଅମଲାତନ୍ତ୍ରକୁ ଉତ୍ତରଦାୟୀ କରିବାକୁ ପଡ଼ିବ । ଗଣତନ୍ତ୍ରର ବ୍ୟବସ୍ଥା ଅନୁସାରେ ପ୍ରତି ପାଂଚବର୍ଷରେ ଆମକୁ ଜନତାକୁ ଜବାବ ଦେବାକୁ ପଡ଼ିବ । ଆମେ ପୁଣି ଆସିବା ବା ନ ଆସିବା ସିଏ ଅଲଗା କଥା । ମାତ୍ର ଅଫିସରମାନଙ୍କୁ ଉତ୍ତରଦାୟୀ କରିବାର, ପ୍ରଶ୍ନ କରିବାର ଏହି ସଦନ ହିଁ ଏକମାତ୍ର ଜାଗା, ସେଥିପାଇଁ ଆମର ସଂସଦୀୟ କାର୍ଯ୍ୟପ୍ରଣାଳୀରେ ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ । କାର୍ଯ୍ୟପାଳିକାର ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବାକୁ ହେବ । ଏହା ଏକ ବଡ଼ ଆହ୍ୱାନ । ଆମ ଦେଶରେ ଲକ୍ଷ ଲକ୍ଷ କର୍ମଚାରୀ ଅଛନ୍ତି, କୋଟି କୋଟି ଟଙ୍କା ତାଙ୍କର ଦରମାରେ ଖର୍ଚ୍ଚ ହେଉଛି । ଯୋଜନାରେ କୌଣସି ଅଭାବ ନାହିଁ । କିନ୍ତୁ ପ୍ରଶ୍ନ ହେଉଛି ତାକୁ କାର୍ଯ୍ୟକାରୀ କିପରି କରିବା ? ଆମର ଦେଶର ନାଗରିକଙ୍କୁ ଆମେ ସରକାରୀ ଅଫିସରଙ୍କର ଭରସାରେ ଛାଡ଼ି ପାରିବା ନାହିଁ । ଆମର ନାଗରିକମାନଙ୍କର ଆମେ ଭରସା । ପୂର୍ବରୁ କୌଣସି ଡକୁମେଣ୍ଟ ଆଟେଷ୍ଟ କରିବାକୁ ଗେଜେଟେଡ୍ ଅଫିସର ଦରକାର ହେଉଥିଲେ । ଆମେ ସେଥିରୁ ତାକୁ ମୁକ୍ତ କରିଦେଇଛୁ । ଚାକିରୀ ପାଇସାରିବା ପରେ ପୁରା ଡକୁମେଣ୍ଟ ଯାଂଚ କରାଯାଇପାରିବ । ସେହିପରି ଦୁଇକୋଟି ପର୍ଯ୍ୟନ୍ତ ଋଣ ଟଙ୍କା ପାଇଁ କୌଣସି କଠିନ ସର୍ତ୍ତ ରଖିନାହୁଁ ।

ମୋର ଆପଣଙ୍କର ସାହାଯ୍ୟ ଦରକାର ଏ ସବୁ ଲକ୍ଷ୍ୟ ହାସଲ ପାଇଁ । ମୁଁ ଆପଣଙ୍କର ସମର୍ଥନ ଚାହୁଁଛି, ଅଭିଜ୍ଞତାର ଲାଭ ଉଠାଇବାକୁ ଚାହୁଁଛୁ । ଆସନ୍ତୁ କାନ୍ଧରେ କାନ୍ଧ ମିଳାଇ କିଛି ଭଲ କାମ ଦେଶପାଇଁ ଓ ଦେଶବାସୀଙ୍କ ପାଇଁ କରିଯିବା । ସରକାର ଆସିବେ, ଯିବେ,

ଲୋକ ଆସିବେ, ଯିବେ, ଦେଶ ଆମର, ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିଯିବା । ଏହି ଆଶା ସହିତ ପୁଣି ଥରେ ମୁଁ ମାନ୍ୟବର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଉଛି । ଧନ୍ୟବାଦ ।

# ଲୋକସଭାରେ GST bill ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟ

8th August 2016

## ୮.୮.୨୦୧୬ ଲୋକସଭା

# ଜିଏସ୍‌ଟି ବିଲ୍ ଉପରେ ପ୍ରଧାନମନ୍ତ୍ରୀଙ୍କର ବକ୍ତବ୍ୟ

ମାନନୀୟା ଅଧ୍ୟକ୍ଷଜୀ, ଆଜି ହେଉଛି ଅଗଷ୍ଟ ମାସ ଆଠ ତାରିଖ । ଏକଦା ଅଗଷ୍ଟ କ୍ରାନ୍ତିର ବିଗୁଲ ବାଜିଥିଲା ଏହି ଦିନରେ । ଆଜିର ଦିନରେ ୧୯୪୨ ମସିହାରେ ମହାତ୍ମାଗାନ୍ଧୀଜୀ ଭାରତ ଛାଡ଼ ମନ୍ତ୍ର ଉଚ୍ଚାରଣ କରି ଅଧିକ ତୀବ୍ରତାର ସହ ସ୍ୱାଧୀନତା ସଂଗ୍ରାମର ଆରମ୍ଭ କରିଥିଲେ । ନଅ ଅଗଷ୍ଟ ଦିନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ବହୁତ ପ୍ରକାରର ଅତ୍ୟାଚାର କରାଯାଇଥିଲା । ଆଜି ଆଠ ଅଗଷ୍ଟରେ ଆମେ ୭୫ତମ ଜୟନ୍ତୀ ପାଳନ କରି ସେହି ମହାନ୍ ସଂଗ୍ରାମୀମାନଙ୍କର ସ୍ମୃତିଚାରଣ କରୁଛୁ । ଏହି ପବିତ୍ର ଦିବସରେ ଆମେ ସମସ୍ତେ ଉଭୟ ସଦନର ସମସ୍ତ ସଦସ୍ୟ ଏକତ୍ରିତ ଭାବେ ଏକ ବହୁତ ବଡ଼ ପଦକ୍ଷେପ ନେବାକୁ ଯାଉଛୁ- ତାହା ହେଲା ଟ୍ୟାକ୍ସ ଟେରରିଜିମ୍ (Tax Terrosism) ରୁ ମୁକ୍ତି ।

ଆମ ଦେଶରେ ଟ୍ୟାକ୍ସ ବା ଟିକସକୁ ନେଇ କିପରି ସ୍ଥିତି ଅଛି, ହୁଏତ କିଛି ଲୋକଙ୍କୁ ଜଣାଥିବ । କିଛିଦିନ ପୂର୍ବେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ନାରେ ଏକ ବିଷୟ ଆସିଥିଲା ବିଚାର ନିମନ୍ତେ- ତାହା ହେଲା ନଡ଼ିଆକୁ ଫଳ ବୋଲି ଧରାଯିବ ନା ପରିବା ବୋଲି ଧରାଯିବ । ସେହି ଅନୁଯାୟୀ ତା’ ଉପରେ ଟିକସ ଲାଗୁ କରାଯିବ ନା ତାକୁ ଟିକସ ମୁକ୍ତ କରାଯିବ । ଟିକସ ମାମଲାକୁ ନେଇ ଘଟଣାଟି ସୁପ୍ରିମକୋର୍ଟରେ ପହଂଚିଥିଲା । ଏଇଥିରୁ ଆମର ଟ୍ୟାକ୍ସ ବ୍ୟବସ୍ଥାର ପରିସ୍ଥିତି ସହଜେ ଅନୁମେୟ । ବର୍ତ୍ତମାନ ମୁଁ ସବୁ ରାଜନୈତିକ ଦଳମାନଙ୍କୁ ଏବଂ ତାଙ୍କ ଦ୍ୱାରା ପୂର୍ବରୁ ଗଠିତ ସରକାରମାନଙ୍କୁ ଧନ୍ୟବାଦ ଜଣାଉଛି । ଆମେ ଏକ ଏପରି ନିଷ୍ପତ୍ତି ନେବା ପାଇଁ ଯାଉଛେ ଯାହାର ପଛରେ ଅଛି ରାଜ୍ୟସଭା, ଲୋକସଭା, ୨୯ଟି ରାଜ୍ୟର ବିଧାନସଭାମାନ, ତା ଛଡ଼ା ୯୦ଟି ରାଜନୈତିକ ଦଳର ସମର୍ଥନ । ଏମାନେ ସମସ୍ତେ ଦୀର୍ଘ ଓ ବିସ୍ତୃତ ଆଲୋଚନା ପରେ ଆମକୁ ଏହି ସ୍ଥାନରେ ପହଂଚାଇଛନ୍ତି। କିଛି ସମୟ ପରେ ଅନ୍ତିମ ନିର୍ଣ୍ଣୟ ପରେ ଆମେ ଏଥିରେ ସ୍ୱୀକୃତିର ମୋହର ଲଗାଇବା । ସେଥିପାଇଁ କୁହାଯାଇଛି ଜଣେ ଜନ୍ମ ଦିଏ ଓ ଆଉ ଜଣେ

ଲାଳନପାଳନ କରେ । ଭଗବାନ କୃଷ୍ଣଙ୍କୁ ଜଣେ ଜନ୍ମ ଦେଇଥିଲେ ଓ ତାଙ୍କର ଲାଳନପାଳନ ଅନ୍ୟ ଜଣେ କରିଥିଲେ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ଏହା କୌଣସି ରାଜନୈତିକ ଦଳ ବା ସରକାରର ବିଜୟ ନୁହେଁ । ପୂର୍ବ ସରକାରଗୁଡ଼ିକ ତଥା ବର୍ତ୍ତମାନର ସରକାର ଏଥିରେ ବହୁତ ଯୋଗଦାନ ଦେଇଛନ୍ତି । ସୁତରାଂ କିଏ ଜିତିଲା ଓ କିଏ ହାରିଲା ସେହି ଦ୍ୱନ୍ଦ ଭିତରକୁ ଆମେ ଯିବା ଦରକାର ନାହିଁ । ସେଥିପାଇଁ GSTe ଅର୍ଥ କରିହେବ "ଗ୍ରେଟ୍ ଷ୍ଟେପ୍ ବାଇ ଟିମ୍" (Great Step By Team), GSTe ଅର୍ଥ ହେବ Great Steps Towards Transformation, Great steps towards Transformancy ପ୍ରଭୃତି । ସୁତରାଂ ଆମେ ଏକ ନୂତନ ବ୍ୟବସ୍ଥା ଦେଇ ଗତି କରୁଛି ।

ଆମର ସ୍ୱପ୍ନ ହେଲା 'ଏକ ଭାରତ ଶ୍ରେଷ୍ଠ ଭାରତ' । ଆମେ ଯେତେବେଳେ ରେଲୱେ (ରେଳବାଇ)ଆଡକୁ ଦେଖୁଛୁ, ଆମକୁ ଗୋଟିଏ ଭାରତର ଅନୁଭୂତି ହେଉଛି । ଯେତେବେଳେ ଡାକବିଭାଗ (Postal Dept)କୁ ଦେଖୁଛୁ, ସର୍ବଭାରତୀୟ ପ୍ରଶାସନିକ ସେବା ଆଡ଼କୁ ଦେଖୁଛୁ ଆମକୁ ଗୋଟିଏ ଭାରତ ଦେଖାଯାଉଛି । ଆମେ ଯେତେବେଳେ IPC, CRPC ଇତ୍ୟାଦିକୁ ନିରୀକ୍ଷଣ କରୁଛୁ ଗୋଟିଏ ଦେଶର ହିଁ ପରିଚୟ ମିଳୁଛି । ଭାରତ ନେଟ୍, ଡିଜିଟାଲ ଇଣ୍ଡିଆ, ସାଗରମାଳା ଇତ୍ୟାଦି ସମସ୍ତ ପ୍ରକଳ୍ପ, ପରିଯୋଜନା 'ଗୋଟିଏ ଭାରତ'ର ବାସ୍ତବ ରୂପକୁ ପ୍ରଦର୍ଶନ କରୁଛି । ସେମାନେ ସମସ୍ତେ ଗୋଟିଏ ଭାରତ,ଶକ୍ତିଶାଳୀ ଭାରତକୁ ଦର୍ଶାଉଅଛନ୍ତି । ଏହି ସନ୍ଦର୍ଭରେ ଜି.ଏସ୍.ଟି. ନାମକ ଏକ ମୋତି ଆମ ଭାରତର ମାଳାରେ ଗୁନ୍ଥିବାକୁ ଯାଉଛୁ, ଯାହା ଏକ ଭାରତ ଶ୍ରେଷ୍ଠ ଭାରତର ସ୍ୱପ୍ନକୁ ଅଧିକ ବଳିଷ୍ଠ ଭାବରେ ଉପସ୍ଥାପିତ କରିବ ।

ଏହା କେବଳ ଏକ କରବ୍ୟବସ୍ଥା ନୁହେଁ । ସମସ୍ତ ରାଜ୍ୟସରକାର ଏବଂ କେନ୍ଦ୍ର ସରକାର ମିଳିତ ଭାବରେ ଏପରି ଏକ ବ୍ୟବସ୍ଥାର ସଂରଚନା କରନ୍ତୁ, ଯେଉଁଥିରେ ଛୋଟ ହେଉ ବା ବଡ଼ ହେଉ ସମସ୍ତ ରାଜ୍ୟ ଅନୁଭବ କରିବେ ଯେ ଏହି ବ୍ୟବସ୍ଥା ତାଙ୍କ ନିଜର । ଏହା ଭାରତକୁ ଶକ୍ତିଶାଳୀ କରିବ ଏବଂ ମୋ ମତରେ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ।

ବେଳେ ବେଳେ ଜିଏସଟି ବିଷୟରେ ସନ୍ଦେହ ପ୍ରକାଶ କରାଯାଇଛି । ମୁଁ ଯେତେବେଳେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିଲି ମୋ ମନରେ ମଧ୍ୟ ଏହାକୁ ନେଇ ସନ୍ଦେହ ଥିଲା । ଏ ବିଷୟରେ ମୁଁ ପ୍ରଣବ ମୁଖାର୍ଜୀ ସାହେବଙ୍କ ସହ ଅନେକ ଥର ଆଲୋଚନା ମଧ୍ୟ କରିଛି ।

ମୁଁ ଜି.ଏସ୍.ଟିକୁ ମୁଖ୍ୟମନ୍ତ୍ରୀ ଭାବରେ ବିବେଚନା କରିଥିଲି, ତେଣୁ ପ୍ରଧାନମନ୍ତ୍ରୀ ହେବା ପରେ ମୁଁ ସମଗ୍ର ବିଷୟଟିକୁ ଭଲଭାବରେ ବୁଝିପାରି ସଂଶୟ ଗୁଡ଼ିକର ନିରାକରଣ ନିମନ୍ତେ ପଦକ୍ଷେପ ନେଲି । ମୁଖ୍ୟମନ୍ତ୍ରୀତ୍ୱର ଅନୁଭବ ମୋର ଉପକାରରେ ଆସିଲା । ଜି.ଏସ.ଟି ସମ୍ବନ୍ଧିତ କେତେକ ବିଷୟ ଆମ ଦୃଷ୍ଟିରୁ ଲୁକ୍କାୟିତ ଥିଲା, ଦୀର୍ଘ ଆଲୋଚନା ପର୍ଯ୍ୟାଲୋଚନା ପରେ ସେ ସବୁ ସ୍ପଷ୍ଟ ହୋଇଗଲା । କେବଳ ମୋର ଅଭିଜ୍ଞତା ନୁହେଁ, ଆମ ସମସ୍ତଙ୍କର ଅବଦାନ ହିଁ ଜି.ଏସ୍.ଟି ରେ ସମାହିତ । ଜି.ଏସ.ଟିର ବହୁତ ଗୁଡ଼ିଏ ଅଭାବକୁ ଆମେ ଦୂର କରିପାରିଛୁ । କିନ୍ତୁ ଭବିଷ୍ୟତରେ ଏଥିରେ କୌଣସି ସମସ୍ୟା ଆସିବ ନାହିଁ, ଆମେ ଦୋଷଶୂନ୍ୟ ହୋଇସାରିଛୁ, ଏପରି ଦମ୍ଭୋକ୍ତି ମଣିଷ ଅବଶ୍ୟ ଦବା ଉଚିତ ନୁହେଁ । ଆମ ସମସ୍ତଙ୍କର ବୁଦ୍ଧି ଓ ଚିନ୍ତାଶକ୍ତି ଏଥିରେ ପ୍ରୟୋଗ କରାଯାଇଛି ଏବଂ ଭବିଷ୍ୟତରେ ସୁଫଳ ମିଳିବ ନିଶ୍ଚୟ। ଆଜି ଦେଶ ଅନୁଭବ କରୁଛି ଏକ ମଂଚ, ଏକ ମତ, ଏକ ମାର୍ଗ, ଏକ ମଞ୍ଜିଲ ବା ଏକ ଲକ୍ଷ୍ୟ। ତା ସହିତ ଏକଥା ବି ସତ୍ୟ ଯେ ରାଜ୍ୟସଭାରେ ଏ ବିଲ୍ ସଂକଟର ସମ୍ମୁଖୀନ ହୋଇପାରେ । ଏକଥା ମଧ୍ୟ ସତ୍ୟ ଯେ ଅନେକ ରାଜ୍ୟସରକାରଙ୍କର କେନ୍ଦ୍ର ସରକାର ଉପରେ ଭରସା ନଥିଲା । ଏକ ଅବିଶ୍ୱାସର ପରିସ୍ଥିତି ଥିଲା । ସୁତରାଂ କେନ୍ଦ୍ର ଓ ରାଜ୍ୟ ସରକାର ମାନଙ୍କ ଭିତରେ 'ବିଶ୍ୱାସ'ର ବହୁତ ବେଶୀ ଆବଶ୍ୟକତା ଥିଲା । କେବଳ ସଂଖ୍ୟା ଗରିଷ୍ଠତାର ପୃଷ୍ଠଭୂମିରେ ଏ ବିଲଟି ପାରିତ ନ ହେଉ । ମୁଁ ପୂର୍ବରୁ ମଧ୍ୟ କହି ରଖିଛି ଗଣତନ୍ତ୍ର କେବଳ ସଂଖ୍ୟାର ଖେଳ ହୋଇପାରେନା । ଲୋକତନ୍ତ୍ର ହେଉଛି ସହମତିର ଯାତ୍ରା । ସହମତିର ସହ ହିଁ ଆମେ ଆଗକୁ ବଢ଼ିବା ଭବିଷ୍ୟତରେ । ଆମେ ଏହି ବିଷୟରେ ବିସ୍ତୃତ ଆଲୋଚନା ଜାରି ରଖିଛୁ ।

ଆଜି ମୌଲବୀ ସାହେବଙ୍କୁ ବଡ଼ ଖରାପ ଲାଗିଲା କାରଣ ଏହି ଗୃହକୁ ଜୁନିଅର ହାଉସ୍ କୁହାଯାଇଛି । ଯେଉଁମାନେ ଏପରି ଭାଷାର ବ୍ୟବହାର କରୁଛନ୍ତି, ତାଙ୍କ ନିକଟରେ ଏହି ବାର୍ତ୍ତା ନିଶ୍ଚୟ ପହଂଚିଯିବ । ସେମାନେ ବଦଳିବେ କି ନାହିଁ, ଜଣା ନାହିଁ । କିନ୍ତୁ ମୁଁ ଜି.ଏସ୍.ଟି ବିଷୟରେ ଆଲୋଚନା ପାଇଁ ଶ୍ରୀମତୀ ସୋନିଆ ଗାନ୍ଧୀ ଓ ଶ୍ରୀ ମନମୋହନ ସିଂଙ୍କୁ ଡକାଇଥିଲି, ଜଣେ ଥିଲେ ଲୋକସଭାର ଓ ଅନ୍ୟ ଜଣକ ଥିଲେ ରାଜ୍ୟସଭାର । ମୁଁ ଉଭୟଙ୍କୁ ସମାନ ଗୁରୁତ୍ୱ ଦେଇଥିଲି । ସୁତରାଂ ଆମେ ସମସ୍ତଙ୍କର କ୍ଷମତାକୁ ସାମିଲ କରିବାକୁ ସର୍ବଦା ଚେଷ୍ଟିତ । ଜି.ଏସ୍.ଟି ସମ୍ବନ୍ଧରେ ଯେଉଁ 'ସର୍ବସମ୍ମତି' ପ୍ରକାଶିତ ହୋଇଛି ତାହା ଅଭୂତପୂର୍ବ, ଏହା ଏକ ବିଶାଳ ଶକ୍ତିର ଅୟମାରମ୍ଭ କରିଛି ।

ଆମେ ସମସ୍ତେ ଭିନ୍ନ ଭିନ୍ନ ରାଜନୈତିକ ଦଳ ଓ ବିଚାରଧାରାରୁ ଆସିଛୁ । ରାଜନୀତି ଆମ ଚେତନାରେ ସଦା ବିଦ୍ୟମାନ । ଆମର ରାଜନୀତିକ ମନୋବୃତ୍ତି ରହିବା ସ୍ୱାଭାବିକ । ମାତ୍ର ଜି.ଏସ୍.ଟି ସମ୍ବନ୍ଧରେ ଆଲୋଚନା ସମୟରେ କେହି ଜଣେ ମଧ୍ୟ ଏହି ପବିତ୍ର ଗୃହର ମର୍ଯ୍ୟାଦାକୁ ଉଲ୍ଲଂଘନ କଲେ ନାହିଁ । ଏହାକୁ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ବିବେଚନା କଲେ । ଭାରତୀୟ ଗଣତନ୍ତ୍ରର ଏହା ସବୁଠାରୁ ଉଜ୍ଜ୍ୱଳ ଦିଗ । ଜାତୀୟ ନୀତିର ସ୍ଥାନ ରାଜନୀତିଠାରୁ ବହୁ ଉର୍ଦ୍ଧ୍ୱରେ । ଆମେ ଏହାକୁ ପ୍ରମାଣିତ କରିଛୁ । ମାତ୍ର ଏହାର ଅର୍ଥ ନୁହେଁ ଯେ ଏହି ବ୍ୟବସ୍ଥା ବିଷୟରେ କାହାର କୌଣସି ଆପତ୍ତି ଅଭିଯୋଗ ରହିବ ନାହିଁ । କିଛି କିଛି ଅଭିଯୋଗ ରହିବା ସ୍ୱାଭାବିକ । ମାତ୍ର ବଡ଼ କଥା ହେଲା ଆମେ ସମସ୍ତେ ଏକାଠି ଆଗକୁ ବଢ଼ିବାର ପ୍ରୟାସ କରିଛୁ ।

ଆମେ ଦେଖିଆସୁଛେ ଜି.ଏସ୍.ଟି ପୂର୍ବରୁ ସବୁ ରାଜ୍ୟରେ ଅଲଗା ଅଲଗା କର ବ୍ୟବସ୍ଥା ଥିଲା। କାଗଜପତ୍ର ଯାଂଚ, ଭିନ୍ନ ଭିନ୍ନ ଫର୍ମ ଭରିବା ଇତ୍ୟାଦି କାମରେ ସରକାରୀ ଅଫିସରମାନଙ୍କର ବୋଝ ବଢୁଥିଲା ଏବଂ ବ୍ୟବସାୟୀଙ୍କୁ ମଧ୍ୟ କଷ୍ଟ ହେଉଥିଲା । ଜି.ଏସ୍.ଟି ଦ୍ୱାରା ଟିକସ ପ୍ରଥାର ସରଳୀକରଣ ହୋଇଯିବ ଏବଂ ବ୍ୟବସ୍ଥାରେ Uniformnity ବା ସମାନତା ଆସିଯିବ । ଟିକସ୍‌ରେଟ୍‌ରେ ବି ସମାନତା ଆସିଯିବ । ସୁତରାଂ ଯେଉଁ ବାର୍ତ୍ତା ସ୍ପଷ୍ଟ ହୋଇଯିବ ଜି.ଏସ୍.ଟି ଆସିବା ଦ୍ୱାରା, ତାହା ହେଲା ଖାଉଟି ହିଁ ରାଜା (Consumer is king) ବା ଗ୍ରାହକ ହିଁ ସର୍ବେସବା।

ଆଜି ଜି.ଏସ୍.ଟି ବିଲ୍ ପାରିତ ହୋଇ ଆଇନ୍ ହେବା ପରେ, ମୋର ଧାରଣା ପ୍ରାୟ ସାତରୁ ଏଗାରଟି ଭିନ୍ନ ଭିନ୍ନ ଟିକସ ପ୍ରଣାଳୀର ସମାପ୍ତି ଘଟିବ । ସେହି ସମସ୍ତ ଟିକସ ପ୍ରଣାଳୀ ଛୋଟ ଛୋଟ ବ୍ୟବସାୟୀ, ଉଦ୍ୟୋଗୀ ଏବଂ ଉଦ୍ୟମୀମାନଙ୍କ କ୍ଷେତ୍ରରେ ଲାଗୁ ହେଉଥିଲା । ଅନେକ ଜିନିଷର ସରଳୀକରଣ ହୋଇଯିବ । ଏହାଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାହକ ହିଁ ସବୁଠାରୁ ଅଧିକ ଲାଭବାନ୍ ହେବେ । ଛୋଟ ଛୋଟ ଉତ୍ପାଦକମାନଙ୍କୁ ଜି.ଏସ.ଟି ଦ୍ୱାରା ଏକ ଶକ୍ତି ମିଳିବ ଯଦ୍ୱାରା ଆମର ଅର୍ଥନୀତି ସୁଦୃଢ଼ ହେବ ଏବଂ ସେମାନେ ସୁରକ୍ଷିତ ରହିବେ । ମୋର ବିଶ୍ୱାସ ଛୋଟ ଛୋଟ ଉଦ୍ୟୋଗୀମାନେ ଯେତେ ଅଧିକ ସୁରକ୍ଷିତ ରହିବେ ଆମର ଅର୍ଥନୀତି ସେତେ ଆଗକୁ ବଢ଼ିବ ।

ମୋର ମତରେ ଅର୍ଥବ୍ୟବସ୍ଥାର ସୁଚାରୁ ପରିଚାଳନା, ତଥା ଦ୍ରୁତ ଗତି ନିମନ୍ତେ ପାଂଚଟି ଦିଗ ଉପରେ ଗୁରୁତ୍ୱ ଦେବା ଦରକାର- ସେଗୁଡ଼ିକ ହେଲା ମଣିଷ, ମେସିନ୍, ମେଟେରିଆଲ୍, ମନି ଏବଂ ମିନିଟ୍ (ସମୟ) । ଏମାନଙ୍କର ସର୍ବାଧିକ ପ୍ରୟୋଗ ହେଲେ ଆମର ଅର୍ଥବ୍ୟବସ୍ଥା ସୁଦୃଢ଼ ହେବ ଏବଂ କୌଣସି ବିକଳ୍ପର ସନ୍ଧାନ କରିବା ଅନାବଶ୍ୟକ ହେବ ।

ଆଜି ଆମ ରାଜ୍ୟମାନଙ୍କ ସୀମାରେ ମାଇଲ ମାଇଲ ଧରି ଲମ୍ବା ଲାଇନ୍ ଦେଖୁଛେ ନଗରଶୁଳ୍କ କର ପୈଠ କରିବା ନିମନ୍ତେ । ସେଠାରେ ବଡ଼ ବଡ଼ ଗାଡ଼ି ଅଟକି ରହିଥାଏ ଦୀର୍ଘ ସମୟ ଧରି । ଏକ ସର୍ବେକ୍ଷଣ ଅନୁସାରେ ଆମଦେଶରେ ଭାରିଯାନ ସବୁ ନିଜ କ୍ଷମତାର ମୋଟେ ଶତକଡ଼ା ୪୦ ଭାଗ ବ୍ୟବହାର କରିପାରନ୍ତି କାରଣ ସେମାନଙ୍କୁ ରାସ୍ତା ମଝିରେ କେଉଁଠି ନା କେଉଁଠି ରହିଯିବାକୁ ପଡ଼େ । ଅର୍ଥାତ୍ ସେମାନଙ୍କର କ୍ଷମତାର ୬୦ ପ୍ରତିଶତ ବ୍ୟବହାରରେ ଲାଗିପାରୁନାହିଁ। ଅର୍ଥନୈତିକ ସର୍ଭେ କରୁଥିବା ଏକ ଏଜେନ୍ସୀ ଅନୁସାରେ ଭାରତରେ ଏହି ଶକ୍ତି ଅପଚୟର ଆର୍ଥିକ ମୂଲ୍ୟ ହେବ ପ୍ରାୟତଃ ଏକ ଲକ୍ଷ ଚାଳିଶ ହଜାର କୋଟି ଟଙ୍କା । ଅକ୍ଟ୍ରୋଇ ଟିକସ ଏହାର ଅନ୍ୟତମ ମୁଖ୍ୟ କାରଣ ଯଦିଓ ଏହା ଏକମାତ୍ର କାରଣ ନୁହେଁ ।

ବର୍ତ୍ତମାନ ଜି.ଏସ.ଟି ଆସିବା ଯୋଗୁଁ ଏପରି ପ୍ରତିବନ୍ଧକ ସବୁ ଦୂର ହେବ ଏବଂ ପରିବେଶର ମଧ୍ୟ ଲାଭ ହେବ । ଭାରିଯାନ ରାସ୍ତା କଡ଼ରେ ଅଟକି ରହି ଯିବାରୁ ଡିଜେଲ ଓ ପେଟ୍ରୋଲ ମଧ୍ୟ ନଷ୍ଟ ହେଉଥିଲା । ଅନେକ ଦ୍ରବ୍ୟର ପରିବହନରେ ବିଳମ୍ବ ହେଉଥିଲା । ନୂଆ ବ୍ୟବସ୍ଥାରେ ଜିନିଷ ଜଲଦି ଓ ସରଳ ଭାବରେ ଗନ୍ତବ୍ୟ ସ୍ଥଳରେ ପହଂଚିପାରିବ । ଏହାଦ୍ୱାରା ପେଟ୍ରୋଲିୟମ୍‌ର ଆମଦାନୀ ହ୍ରାସ ପାଇବ । ସମସ୍ତ ରାଜ୍ୟ ପରସ୍ପର ଉପରେ ନିର୍ଭରଶୀଳ । ଭିନ୍ନ ଭିନ୍ନ ସାମଗ୍ରୀ ସେମାନେ ପରସ୍ପର ସହ ଦିଆ ନିଆ କରନ୍ତି ଯାହାଦ୍ୱାରା ତାଙ୍କର ବ୍ୟବସାୟ ଚାଲିଥାଏ । ପୁରୁଣା ବ୍ୟବସ୍ଥାରେ ଅନେକ ସମସ୍ୟା ଥିଲା ମାତ୍ର ନୂଆ ବ୍ୟବସ୍ଥାରେ କ୍ଷିପ୍ର ଗତିରେ ଓ ସରଳ ଭାବରେ କାର୍ଯ୍ୟ ହୋଇଯିବ ଏବଂ ସେମାନେ ଲାଭବାନ୍ ହେବେ । ପଛୁଆ ଜିଲ୍ଲା ଥିବା ରାଜ୍ୟମାନଙ୍କର ମଧ୍ୟ ଆୟବୃଦ୍ଧି ଘଟିବ । ସେ ଗ୍ୟାରେଣ୍ଟି ଏହି କର ବ୍ୟବସ୍ଥା ଦ୍ୱାରା ଦିଆଯାଉଛି । ପଛୁଆ ରାଜ୍ୟମାନଙ୍କର ଆୟ ବୃଦ୍ଧି ଘଟିଲେ ସେମାନେ ଭିତ୍ତିଭୂମି ବିକାଶ କରିପାରିବେ, କ୍ରୀଡ଼ା କ୍ଷେତ୍ରରେ ନିବେଶ କରିପାରିବେ । ଏକଥା ସତ୍ୟ ଯେ ପଶ୍ଚିମ ପାର୍ଶ୍ୱର ରାଜ୍ୟଗୁଡ଼ିକର ଭାରତର ବିକାଶ ନିମନ୍ତେ ଅବଦାନ ଅଧିକ । ସେହିପରି ଭାବେ ପୂର୍ବ ଭାରତର ରାଜ୍ୟମାନେ ମଧ୍ୟ ବିକାଶର ପଥରେ ଅଗ୍ରଗତି କରନ୍ତୁ, ଅନ୍ତତଃ ସମାନ ସ୍ତରରେ ପହଂଚନ୍ତୁ । ଏହା ନ ହେଲେ ଭାରତରେ ଆଂଚଳିକ ବୈଷମ୍ୟ ରହିଯିବ ଏବଂ ତାହା ରାଷ୍ଟ୍ରବିକାଶରେ ଅନ୍ତରାୟ ହେବ ।

ଏହି ପଛୁଆ ରାଜ୍ୟମାନଙ୍କୁ ମୁଁ ଅନୁରୋଧ କରିବି ସେମାନେ ଯେପରି ଜି.ଏସ୍.ଟିର ଭରପୁର ଲାଭ ଉଠାଇବେ । ଜି.ଏସ୍.ଟି ଲାଗୁ ହେବା ଯୋଗୁଁ ସେମାନେ ଯେଉଁ ଆର୍ଥିକ ଲାଭ ପାଇବେ, ତାହାକୁ ସେମାନେ ନିଜ ରାଜ୍ୟର ଜରୁରୀ ମୌଳିକ ଆବଶ୍ୟକତା ପୂରଣ ପାଇଁ ଲଗାଇପାରିବେ । ଏହାଦ୍ୱାରା ସେମାନେ ନିଜର ସ୍ୱପ୍ନକୁ ପୁରା କରିପାରିବେ । ଏକଥା ସତ ଯେ ପଦାର୍ଥ ନିର୍ମାଣକାରୀ ରାଜ୍ୟ ତୁଳନାରେ ପଦାର୍ଥ ବ୍ୟବହାରକାରୀ ରାଜ୍ୟମାନେ ଜି.ଏସ୍.ଟି ଦ୍ୱାରା ଅଧିକ ଲାଭାନ୍ୱିତ ହେବେ । ଉତ୍ପାଦନ ବା ମାନୁଫାକ୍‌ଚରିଙ୍ଗ କରୁଥିବା ରାଜ୍ୟମାନେ ଜି.ଏସ୍.ଟି ଯୋଗୁଁ ସାମାନ୍ୟ କ୍ଷତି ସହି ପାରନ୍ତି । ସୁତରାଂ ସରକାର ଏହି ବିଲ୍‌ରେ ସେମାନଙ୍କର କ୍ଷତିପୂରଣର ବ୍ୟବସ୍ଥା ମଧ୍ୟ କରିଛନ୍ତି ଏବଂ ସେମାନଙ୍କର ସମସ୍ୟାର ସମାଧାନର ପନ୍ଥା ମଧ୍ୟ ବାହାର କରିଛନ୍ତି ।

ସାଧାରଣ ଭାବରେ ସଂପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ ବିବାଦ ହୋଇଥାଏ, କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ମଧ୍ୟ ପ୍ରାକୃତିକ ସମ୍ପଦକୁ ନେଇ ମନମାଳିନ୍ୟ ହୋଇଥାଏ । କିଏ କଣ ଓ କେତେ ପାଇବା କଥା ଇତ୍ୟାଦି ଇତ୍ୟାଦି । ନୂତନ ବ୍ୟବସ୍ଥା ପାରଦର୍ଶିତା ଆଣିବ । ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଦ୍ୱାରା କେତେ ପରିମାଣରେ ରାଜସ୍ୱ ଆଦାୟ ହେଉଛି ତାହା ଜଣାପଡ଼ିବ । ଜାତୀୟ ରାଜସ୍ୱରେ ଜମା ପୁଞ୍ଜିର ପରିମାଣ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲିଖିତ ଭାବେ ପାଇପାରିବେ ଏବଂ ପରବର୍ତ୍ତୀ ସମୟରେ ଏକ ନ୍ୟାୟସଂଗତ ବଣ୍ଟନ ହେବ । ଆମର ସଂଘୀୟ ବ୍ୟବସ୍ଥାର ଏକ ମୁଖ୍ୟ ଆବଶ୍ୟକତା ହେଲା ବିଶ୍ୱାସ । ନୂଆ ଜି.ଏସ୍.ଟି ବ୍ୟବସ୍ଥା ଏହି ବିଶ୍ୱାସକୁ ବାସ୍ତବିକତାରେ ପରିଣତ କରିବାରେ ଏକ କାଟାଲିଟିକ୍ ଏଜେଣ୍ଟର ଭୂମିକା ଗ୍ରହଣ କରିବ । ଏହାଦ୍ୱାରା ଆମର ସଂଘୀୟ ବ୍ୟବସ୍ଥା ମଜବୁତ ହେବ ଏବଂ ଟିକସ ଆଦାୟ ପ୍ରଣାଳୀକୁ ସହଜ, ଫଳପ୍ରଦ ଏବଂ ସୁବିଧାଜନକ କରିଦେବ ।

ଯଦି ଖରଗେଜୀ ନିଖୁଣ ଅଧ୍ୟୟନ କରିଥାନ୍ତେ ତାହାହେଲେ ସେ ଅନେକ ତଥ୍ୟ ବିଷୟରେ ଜାଣି ପାରିଥାନ୍ତେ । ହୁଏତ ବିଲ୍ ପ୍ରସ୍ତୁତ ହେବା ସମୟରେ ସେ ବିଲ୍‌କୁ ଦେଖିପାରିନାହାନ୍ତି । ମୁଁ ତାଙ୍କୁ ବତାଇବାକୁ ଚେଷ୍ଟା କରିବି । ଏହି ଜି.ଏସ୍.ଟି ବିଲ୍‌ରେ ଉଲ୍ଲିଖିତ ସାମଗ୍ରୀ ତାଲିକାରୁ ଗରିବ ଲୋକଙ୍କ ଦ୍ୱାରା ବ୍ୟବହୃତ ଓ ଉପଯୋଗୀ ଜିନିଷ ବାଦ୍ ପଡ଼ିଛି । ଅର୍ଥାତ୍ ସେସବୁକୁ ଟ୍ୟାକ୍ସର ପରିସର ବାହାରେ ରଖାଯାଇଛି । ଗ୍ରାହକ ସୂଚକାଙ୍କ ଦ୍ୱାରା ଦର୍ଶାଯାଇଥିବା ୫୫ ପ୍ରତିଶତ ଖାଦ୍ୟ ପଦାର୍ଥ ତଥା ଆବଶ୍ୟକୀୟ ଔଷଧକୁ ଜି.ଏସ୍.ଟି ତାଲିକାରୁ ବାହାର ରଖାଯାଇଛି ।

କେତେକ ଜିନିଷର ଉପକାର ପରେ ଜଣାପଡ଼େ ଯେତେବେଳେ ନିୟମକୁ କାର୍ଯ୍ୟକାରୀ କରାଯାଏ। ଆମେ ଜାଣିଛୁ ଯେ ରାଜସ୍ୱ ତଥା ବିତ୍ତୀୟ ନିଅଣ୍ଟ ଆମ ଦେଶରେ ପ୍ରାୟ ଅପରିବର୍ତ୍ତିତ ରହିଥାଏ । ଉଦାହରଣ ସ୍ୱରୂପ ଏକ ରାଜ୍ୟର ଯଦି ଋଣ ଭାର ଅଛି, ତାହା ପ୍ରାୟତଃ ସମାନ ସ୍ଥିତିରେ ରହିବ । ରାଜସ୍ୱ ଏବଂ ବିତ୍ତୀୟ ନିଅଣ୍ଟ ଭିତରେ ସନ୍ତୁଳନ ଆଣିବା ନିମନ୍ତେ FRBM ଆଇନ୍ ଅଣାଗଲା ଏବଂ ଅଧିକାଂଶ ରାଜ୍ୟ ତାକୁ ଗ୍ରହଣ କଲେ । ଏହାଦ୍ୱାରା ଦେଶରେ ଆର୍ଥିକ ଶୃଙ୍ଖଳା (Financial Discipline) ଅଣାଯାଇପାରିଲା। ଏହା ଏକ ସକରାତ୍ମକ ପରିବର୍ତ୍ତନ ଆଣିପାରିଲା ।

ସରକାର ଏକ ଆଇନଗତ ପଦକ୍ଷେପ ନେଇଛନ୍ତି । ମୁଁ ଏହି ଶବ୍ଦକୁ ବ୍ୟବହାର ଏଇଥିପାଇଁ କରୁଛି କାରଣ ତାହାର ଯଥେଷ୍ଟ ଗୁରୁତ୍ୱ ରହିଛି । ଦେଶରେ ବର୍ତ୍ତମାନ ଏକ ବିତର୍କ ଚାଲୁଅଛି ଯେ ରିଜର୍ଭ ବ୍ୟାଙ୍କ ଓ ସରକାର ମଧ୍ୟରେ ତାଳମେଳ ଠିକ୍ ନାହିଁ । RBI ଗୋଟେ ପଟକୁ ଦେଖିଲେ ସରକାର ଆରପଟକୁ ଦେଖୁଛନ୍ତି । ବିକାଶ ଓ ମୁଦ୍ରାସ୍ଫିତିକୁ ଏକାଠି ଦେଖାଯାଉଛି । ସୁଧହାର ଅଧିକା ଥିବାରୁ ଦେଶରେ ପୁଞ୍ଜି ନିବେଶ ହୋଇପାରୁନାହିଁ । ଆମେ ଏହିପରି ନାନା ପ୍ରକାରର କଥା ଶୁଣିବାକୁ ପାଉଛେ ।

ଏହି ସରକାର ପ୍ରଥମ ଥର ପାଇñ RBI ଉପରେ ଏକ ଆଇନଗତ ପ୍ରବଧାନ ଲାଗୁ କରିଛନ୍ତି ଯାହାଦ୍ୱାରା ମୁଦ୍ରାସ୍ଫିତିର ସ୍ତର ଶତକଡ଼ା ୪ ପ୍ରତିଶତରେ ସ୍ଥିର ରହିବ । ଦୁଇ ପ୍ରତିଶତ ବେଶି ବା କମ୍ ହୋଇପାରେ । ଏହାକୁ ଏକ ଆଇନ୍ ରୂପରେ ଉଲ୍ଲେଖ କରାଯାଇଛି ଏବଂ ତାହା ୨୦୨୧ ମସିହା ସୁଦ୍ଧା ଲାଗୁ ହେବ । ସମସ୍ତ ବିତ୍ତୀୟ ଅନୁଷ୍ଠାନକୁ ମୁଦ୍ରାସ୍ଫିତି ସଂପର୍କିତ ଏକ ଦାୟିତ୍ୱ ଦିଆଯିବ । ପ୍ରଥମଥର ପାଇଁ ଏହା ସଂପର୍କରେ ଆଇନ୍ ପ୍ରଣୟନ କରାଯାଇଛି । ମୋର ଧାରଣା ଟିକସ ସଂଗ୍ରହ ଉପରେ ଏହା ପ୍ରଭାବ ପକାଇବ ।

ଏକଥା ସତ୍ୟ ଯେ ସ୍ୱାଧୀନତାପ୍ରାପ୍ତିର ଅନେକ ବର୍ଷ ପରେ ମଧ୍ୟ ଆମେ ଦାରିଦ୍ର୍ୟ ସହ ସଂଘର୍ଷ କରିଆସୁଛୁ। ଶତକଡ଼ା ୬୫ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି । ଏହି ତଥ୍ୟ ଆମକୁ ମିଳିଛି । 'ଭଲ' ଓ 'ମନ୍ଦ' ଉଭୟ ଆମପାଇଁ ଗ୍ରହଣୀୟ । ଦାରିଦ୍ର୍ୟ ସହିତ ଆମକୁ ଯୁଦ୍ଧ କରିବାକୁ ହେବ । ଏପଟ ହେଉ ବା ସେ ପଟ ହେଉ ଆମ ସମସ୍ତଙ୍କୁ ଅଲଗା ଅଲଗା ରାସ୍ତା ହୁଏତ ଅକ୍ତିଆର କରିବାକୁ ପଡ଼ିପାରେ । ଦୁଇଟି ପଦ୍ଧତି ଦ୍ୱାରା ଆମେ ଏହା କରିପାରିବା । ଗୋଟିଏ ହେଲା ଆର୍ଥିକ ସଶକ୍ତିକରଣ ଓ ଅନ୍ୟଟି ହେଲା ଦରିଦ୍ରମାନଙ୍କର ଶିକ୍ଷା ଦ୍ୱାରା ସଶକ୍ତିକରଣ । ଶିକ୍ଷା ଏପରି ଏକ ମାଧ୍ୟମ ଯାହାଦ୍ୱାରା ଗରିବ ଲୋକ ମଧ୍ୟ ଦାରିଦ୍ର୍ୟରୁ ମୁକ୍ତି ପାଇ ଏକ ସମ୍ମାନଜନକ ଜୀବନ ଅତିବାହିତ କରିପାରିବ । GST ଏପରି ପରିବେଶ ଯୋଗାଇ ପାରିବ । ଛୋଟ ଛୋଟ ଉଦ୍ୟୋଗୀ ଯେତେବେଳେ ବ୍ୟାଙ୍କ୍ ପାଖକୁ ଋଣ ପାଇଁ ଯାଆନ୍ତି, ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଯାଆନ୍ତି । ବ୍ୟାଙ୍କ୍ ତରଫରୁ ନାନାଦି କାଗଜପତ୍ର ମଗାଯାଏ, ଯାଂଚ କରାଯାଏ ଓ ତାପରେ ବ୍ୟକ୍ତିର ଦରଖାସ୍ତ ନାକଚ ହୋଇଯାଏ । ବ୍ୟାଙ୍କଦ୍ୱାରା ନିଜର ପରିଚିତ ବ୍ୟକ୍ତିର ଲୋନ୍‌କୁ ମଞ୍ଜୁର କରିଦିଅନ୍ତି ।

GST ଦ୍ୱାରା ଦରଖାସ୍ତକାରୀ ବ୍ୟକ୍ତିର ପ୍ରତିଟି କାଗଜପତ୍ର, ଯାହା ତାର ଆର୍ଥିକ ସ୍ଥିତି ସହ ଜଡ଼ିତ, ଭଲ ଭାବରେ ରହିଥାଏ । ବ୍ୟାଙ୍କ କୌଣସି ବାଛ ବିଚାର କରିପାରିବ ନାହିଁ ଓ ଯୋଗ୍ୟ ପ୍ରାର୍ଥୀକୁ ଲୋନ୍ ମିଳିଯିବ । ବର୍ତ୍ତମାନ ସାଧାରଣ ନାଗରିକଟିଏ ଆର୍ଥିକ କାଗଜପତ୍ରର ପ୍ରମାଣ ଉପଲବ୍ଧ କରିପାରିବ । ତେଣୁ ଛୋଟ ବ୍ୟବସାୟୀ, ଦୁଧବାଲା, ଚାହା ଦୋକାନୀ, ଭଣ୍ଡାରି, ଖବରକାଗଜ ବିକାଳି ସମସ୍ତେ ବେଶ୍ ସୁବିଧାରେ ନିଜର କାରବାର କରିପାରିବେ । GST ର ଟେକ୍ନୋଲୋଜି ପ୍ରକୃତ ସମୟର ଡାଟା (Real time data) ଯୋଗାଇ ଦେଇ ସମସ୍ତଙ୍କୁ ଏକ ସମର୍ଥବାନ ପରିବେଶରେ କାର୍ଯ୍ୟ କରିବାର ସୁଯୋଗ ଦେବ । ନିଜ ନିଜର ସାମର୍ଥ୍ୟ ଅନୁସାରେ ସମସ୍ତଙ୍କର ଲାଭ ହେବ ।

ଯେତେବେଳେ ଲୋକଙ୍କ ପାଖରେ ପଇସା ପହଂଚିବ, ସେମାନଙ୍କ ଭିତରେ ଅଧିକରୁ ଅଧିକ କରି ଦେଖାଇବାର ସ୍ପୃହା ଜାଗ୍ରତ ହୁଏ । ବ୍ୟବସାୟିକ ପ୍ରତିଦ୍ୱନ୍ଦିତା ବଢ଼େ, ପଇସାର ସଦୁପଯୋଗ ହୁଏ, ଲୋକେ ଚାକିରି ପାଆନ୍ତି । ଲୋକଙ୍କ ପାଖରେ ସୁବିଧା ଓ ସୁଯୋଗ ପହଂଚେ । ଅନିଶ୍ଚିତତା ଦୂର ହୁଏ ।

ଆମେ ସମସ୍ତେ ଦୁର୍ନୀତି ବିରୁଦ୍ଧରେ କହୁ । କିନ୍ତୁ ଆମକୁ ଆମ ବ୍ୟବସ୍ଥାରେ ଏମିତି ପରିବର୍ତ୍ତନ ଆଣିବାକୁ ହେବ ଯଦ୍ୱାରା ଦୁର୍ନୀତି ଦୂର ହୋଇଯିବ । ସବୁଲୋକ ଯେ ବୁଦ୍ଧିମାନ ହୋଇଯିବେ ତାହା ନୁହେଁ, କିନ୍ତୁ ସେମାନେ ବ୍ୟବସ୍ଥା ଅନୁସାରେ ଅଧିକ ବ୍ୟବସ୍ଥିତ ହୋଇପାରିବେ । ବ୍ୟବସାୟୀମାନେ ଟିକସ ଫାଙ୍କି ନିମନ୍ତେ ଦୁଇଟି ଶବ୍ଦ ବ୍ୟବହାର କରନ୍ତି କଚ୍ଚା ବିଲ୍ ଓ ପକ୍କା ବିଲ। GST ସେମାନଙ୍କୁ ସଚ୍ଚା ବିଲ୍ ବ୍ୟବହାର କରିବାକୁ ପ୍ରେରିତ କରିବ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଯଦି ସ୍ୱାସ୍ଥ୍ୟ ବୀମା କରିଛନ୍ତି, ତାଙ୍କୁ ଜଣାଅଛି ଯେ ସ୍ୱାସ୍ଥ୍ୟବୀମା ଟଙ୍କା ପାଇବାକୁ ହେଲେ ସବୁ ବିଲ୍‌କୁ ସାଇତି ରଖିବାକୁ ପଡ଼ିବ ସଠିକ୍ ଭାବରେ। କଳାଧନର କାରବାରରେ ବ୍ୟବହୃତ କଚ୍ଚା ବିଲ୍ ଓ ପକ୍କା ବିଲ୍ ସବୁଦିନ ପାଇଁ ଚାଲିଯିବ । ତେଣୁ GST ଯୋଗୁଁ ଦୁର୍ନୀତି ଓ କାଳଧନର ପ୍ରଭାବ କମିଯିବ । ଆମେ ସେ ଦିଗରେ ଅବିରତ ଚେଷ୍ଟା କରୁଛୁ ।

ଟିକସ-ସଂଗ୍ରହ କାର୍ଯ୍ୟରେ ଅନେକ କର୍ମଚାରୀ ନିୟୋଜିତ ଏବଂ ଏହି ପ୍ରକ୍ରିୟା ମଧ୍ୟ ବ୍ୟୟସାପେକ୍ଷ। ନୂଆ ବ୍ୟବସ୍ଥାରେ ଅନ୍‌ଲାଇନ୍ ଟିକସ ଜମା ହେବ ତେଣୁ ଖର୍ଚ୍ଚ କାଟ ହେବ। ସେହି ଟଙ୍କାକୁ ଉନ୍ନତିମୂଳକ କାର୍ଯ୍ୟରେ ଲଗାଯାଇପାରିବ । ସରକାରୀ ପ୍ରଭାବ ବେଳେବେଳେ ଦୁର୍ନୀତିକୁ ବଢ଼ାଇ ଦେଇଥାଏ । GST ଦୁର୍ନୀତିର ପ୍ରଭାବକୁ ରୋକିବ ଓ ଆମ ଦେଶକୁ ଦୁର୍ନୀତିମୁକ୍ତ କରିପାରିବ । ଡାଟା-ଇଣ୍ଟିଗ୍ରେସନ ଜରିଆରେ ପ୍ରତିଟି ସାମଗ୍ରୀ ବା ଉତ୍ପାଦ କଂଚାମାଲ ସ୍ତରରୁ ଅନ୍ତିମ ଅନ୍-ଲାଇନ୍‌ରେ ପହଂଚିବା ପର୍ଯ୍ୟନ୍ତ ମନିଟରିଂ କରାଯାଇପାରିବ । ମଝି ରାସ୍ତାରେ ତନଖି କଲେ ଚୋରି ବା ଅସାଧୁ ପ୍ରକ୍ରିୟା ଧରାପଡ଼ିଯିବ । ଟିକସ ଦବା ଲୋକ ଓ ନେବା ଲୋକଙ୍କ ଭିତରେ ଆଦୌ ସଂପର୍କ ରହିବ ନାହିଁ । ତେଣୁ ଲାଂଚ କାରବାର ପୁରା ବନ୍ଦ ହୋଇଯିବ । GST ଯୋଗୁଁ କଳାଟଙ୍କାର ଉତ୍ପତ୍ତିରେ ହିଁ ବାଧା ସୃଷ୍ଟି ହେବ । ଜିଏସ୍‌ଟି ହେବ ଫଳପ୍ରଦ ଟିକସ ବ୍ୟବସ୍ଥାର ଏକ ବିଶାଳ ମଂଚ । କାରଣ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଆର୍ଥିକ ଡାଟା ଗୋଟିଏ ସ୍ଥାନରେ ଉପ୍‌ଲବ୍ଧ ହେବ- ପଞ୍ଜିକରଣ ତଥା ଡିଜିଟାଲ ଟିକସ ଜମା ଇତ୍ୟାଦି ଅନ-ଲାଇନ୍‌ରେ ହେବ ।

ବର୍ତ୍ତମାନ ଅରୁଣଜୀ ସବୁକଥା ରଖିବେ । ଯେଉଁମାନେ ଆମ ପକ୍ଷରେ ଭୋଟ ଦେବେ ସେମାନେ ଏହି ମହତ୍ ପଦକ୍ଷେପରେ ଭାଗୀଦାର ହେବେ । କିନ୍ତୁ ଷୋହଳଟି ରାଜ୍ୟଙ୍କ ଦ୍ୱାରା ଏହି କାର୍ଯ୍ୟ ପ୍ରଥମେ ସଂପୂର୍ଣ୍ଣ ହେବା ଦରକାର । ଅନେକ ସମ୍ବିଧାନିକ ଆବଶ୍ୟକତା ମଧ୍ୟ ରହିଛି । ଅନେକ ଆଇନ୍ ଯେପରିକି କେନ୍ଦ୍ରୀୟ GST, ସଂଯୁକ୍ତ GST, ରାଜ୍ୟ GST ଇତ୍ୟାଦିକୁ ପାସ୍ କରିବାକୁ ପଡ଼ିବ । ଏଥିପାଇଁ ନୂଆ ନୂଆ ରାସ୍ତା ଖୋଲାଯିବ । ଏହା ଏକ ମହାନ୍ ପଦକ୍ଷେପ, ଏହାର ସକାରାତ୍ମକ ଫଳାଫଳ ଆମେ ଭବିଷ୍ୟତରେ ଦେଖିବା ।

ଏକଥା ସତ୍ୟ ଯେ, ଏହା ଏକ ନୂତନ ବିଷୟ ହୋଇଥିବାରୁ, ଲୋକମାନଙ୍କୁ ଶିକ୍ଷିତ କରିବାକୁ ହେବ । ଆମର ସୂଚନା ଓ ପ୍ରଦ୍ୟୋଗିକ, ଆଇନ୍ ଟିକସ ବ୍ୟବସ୍ଥା, ଗ୍ରାହକ ସମସ୍ତଙ୍କୁ ପ୍ରସ୍ତୁତ କରିବାକୁ ହେବ ଏହି ବିଶେଷ ବ୍ୟବସ୍ଥା ସମ୍ବନ୍ଧରେ ।

ବିଶ୍ୱର ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କରେ ମଧ୍ୟ ଅର୍ଥବିଲ୍ ପାରିତ କରିବା ଏକ କଷ୍ଟସାଧ୍ୟ ବ୍ୟାପାର ହୋଇଛି । ଆମ ଦେଶ ଭାରତରେ ଲୋକଙ୍କର ଦୂରଦୃଷ୍ଟି ତଥା

ଗଣତାନ୍ତ୍ରିକ ମୂଲ୍ୟବୋଧ ଯଥେଷ୍ଟ ଅଧିକ । ଆମର ଭିନ୍ନ ଭିନ୍ନ ରାଜନୈତିକ ପୃଷ୍ଠଭୂମି, ବିଚାରଧାରା ଥିଲେ ମଧ୍ୟ ସମସ୍ତେ ଏକତ୍ରିତ ହୋଇ ଏକମତରେ ବିଲ୍‌ଟିକୁ ପାରିତ କରିବାକୁ ଯାଉଛେ । ଏହି ପବିତ୍ର ଗୃହରେ ମୁଁ ଗର୍ବ ଓ ନମ୍ରତାର ସହିତ ସମସ୍ତଙ୍କର ଅଭିବାଦନ କରିବି ଯେ ସେମାନେ ନିରବଚ୍ଛିନ୍ନ ଭାବରେ ସରକାରଙ୍କୁ ସହଯୋଗ କରିବା ପୂର୍ବକ ଏକ ନୂତନ ଅଧ୍ୟାୟରେ ସାମିଲ ହୋଇଛନ୍ତି । ଏହାର ଶ୍ରେୟ ସମସ୍ତଙ୍କର । ସର୍ବଦଳୀୟ ବୈଠକରେ ମଧ୍ୟ ମୁଁ ଏହି ଭାବନାକୁ ପରିପ୍ରକାଶ କରିଥିଲି । ସବୁ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ଧନ୍ୟବାଦର ପାତ୍ର ।

ଆଦରଣୀୟା ଅଧ୍ୟକ୍ଷ ମହୋଦୟାଙ୍କୁ ହୃଦୟରୁ ଧନ୍ୟବାଦ ଯେ ସେ ମୋତେ ମୋର ଅଭିବ୍ୟକ୍ତ ପ୍ରକାଶ କରିବାକୁ ସୁଯୋଗ ଦେଲେ ।

ଧନ୍ୟବାଦ ।

2017




ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ମାନଙ୍କ ସହିତ

"ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗରିବମାନଙ୍କ ସ୍ୱପ୍ନ କୁ ସାକର କରିବ"

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଲୋକସଭାରେ ଉତ୍ତର

7th February 2017

# ୭.୨.୨୦୧୭ ଲୋକସଭାରେ
# ଧନ୍ୟବାଦ ପ୍ରସ୍ତାବ ପ୍ରଧାନମନ୍ତ୍ରୀ ଦେଇଥିବା ଅଭିଭାଷଣ

ପ୍ରଧାନମନ୍ତ୍ରୀ - ଆଦରଣୀୟା ଅଧ୍ୟକ୍ଷ ମହୋଦୟ, ୨୦୧୭ ମସିହାର ପ୍ରାରମ୍ଭରୁ ମହାମହିମ ରାଷ୍ଟ୍ରପତି ସଂସଦର ଉଭୟ ଗୃହକୁ ସମ୍ବୋଧନ କରିଛନ୍ତି । ତାଙ୍କର ବକ୍ତବ୍ୟରେ ସେ ପ୍ରକାଶ କରିଛନ୍ତି କିପରି ତ୍ୱରିତ ଗତିରେ ଭାରତ ବଦଳିଯାଉଛି, ମାନବ ସମ୍ବଳର ସାମର୍ଥ୍ୟ କ'ଣ ଏବଂ ଗ୍ରାମାଞ୍ଚଳରେ ଗରିବ ଜନତାଙ୍କର ଜୀବନରେ କେଉଁ ପ୍ରକାରର ପରିବର୍ତ୍ତନ ଆସିଛି । ମୁଁ ତାଙ୍କର ସମ୍ବୋଧନ ଯୋଗୁଁ ହୃଦୟର ନିଭୃତ କୋଣରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି ।

ସମ୍ମାନୀୟ ଶ୍ରୀ ମଲ୍ଲିକାର୍ଜୁନଜୀ, ଶ୍ରୀ ତାରିକ ଅନୱାର, ଶ୍ରୀ ଜୟପ୍ରକାଶ ନାରାୟଣ, ଶ୍ରୀ ତଥାଗତ ଶତପଥୀ, ଶ୍ରୀ କଲ୍ୟାଣ ବାନାର୍ଜୀ, ଶ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ଅନ୍ୟମାନେ ଏହି ଚର୍ଚ୍ଚାକୁ ନିଜର ଦୃଷ୍ଟିଭଙ୍ଗୀ ଦ୍ୱାର ଅଧିକ ଜୀବନ୍ତ କରିପାରିଛନ୍ତି । ଅନେକ ଦିଗ ଉପରେ ଆଲୋକପାତ କରିଛନ୍ତି । ସେମାନଙ୍କୁ ମୁଁ ଆଲୋଚନାରେ ଅଂଶଗ୍ରହଣ କରିଥିବାରୁ ଧନ୍ୟବାଦ ଦେଉଛି ।

ଗତକାଲି ଭୂମିକମ୍ପ ହୋଇଥିଲା । ଯେଉଁମାନେ ଭୂକମ୍ପ ଅଂଚଳରେ ପ୍ରଭାବିତ ଲୋକ ସେମାନଙ୍କ ପ୍ରତି ମୋର ସମ୍ବେଦନା ଜଣାଉଛି । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କର ସଂପର୍କରେ ଅଛି । ଆବଶ୍ୟକତା ଅନୁସାରେ ସହାୟତାକାରୀ ଦଳ ସେଠାରେ ପହଞ୍ଚିଯିବେ । କେତେକ ପହଞ୍ଚି ଗଲେଣି ମଧ୍ୟ ।

ପରିଶେଷରେ ଭୂମିକମ୍ପ ଆସି ହିଁ ଗଲା । ମୁଁ ଭାବୁଥିଲି ଏହା ଆସିଲା କିପରି ? ଧମକି ତ ବହୁତ ଆଗରୁ ଶୁଣିଥିଲି । କିଛି ତ କାରଣ ଥିବ, ଯେଉଁଥିପାଇଁ ଧରିତ୍ରୀ ମା ଏତେ ରୁଷ୍ଟ ହୋଇଛି ।

ସମ୍ମାନନୀୟ ଅଧ୍ୟକ୍ଷା ମହୋଦୟ,

ମୁଁ ଚିନ୍ତା କରୁଥିଲି ଭୂମିକମ୍ପ ହୁଏ କାହିଁକି ? ଯେତେବେଳେ ଜଣେ ସ୍କାମ୍‌ରେ ବି ସେବାର ଭାବ ଓ ନମ୍ରତାର ଭାବ ଦେଖିଥାଏ, ସେତେବେଳେ କେବଳମା' ନୁହେଁ ଧରିତ୍ରୀ

ମା ବି ଦୁଃଖୀ ହୋଇଯାଏ। ଆଉ ସେତେବେଳେଯାଇ ଭୂମିକମ୍ପ ଆସିଥାଏ। ସେଥିପାଇଁ ରାଷ୍ଟ୍ରପତିଜୀ ନିଜ ଅଭିଭାଷଣରେ ଜନଶକ୍ତି ବିଷୟରେ କହିଛନ୍ତି । ଆମେ ସମସ୍ତେ ଜାଗିଛୁ, ଗଣତାନ୍ତ୍ରିକ ବା ଅଗଣତାନ୍ତ୍ରିକ ବ୍ୟବସ୍ଥା, ଉଭୟରେ ଜନସାଧାରଣଙ୍କର ମନୋଭାବ ଭିନ୍ନ ପ୍ରକାରର ହୋଇଥାଏ। ଗତକାଲି ଶ୍ରୀ ମଲ୍ଲିକାର୍ଜୁନ ଖରଗେଜୀ କହୁଥିଲେ- କଂଗ୍ରେସର ଦୟାରୁ ବର୍ତ୍ତମାନ ମଧ୍ୟ ଗଣତନ୍ତ୍ର ଜୀବିତ ଅଛି ଏବଂ ଆପଣ ସେଥିପାଇଁ ପ୍ରଧାନମନ୍ତ୍ରୀ ହୋଇପାରିଲେ। ବାଃ କି ବଢ଼ିଆ ପଂକ୍ତି ! ବହୁତ ବଡ଼ କୃପାକଲେ ଆପଣ ଦେଶପ୍ରତି – ଗଣତନ୍ତ୍ରକୁ ବଂଚାଇ ରଖିଲେ । ଆପଣ କେତେ ମହାନ୍ ! କିନ୍ତୁ ଅଧ୍ୟକ୍ଷାଜୀ,ସେହି ଦଳର ଗଣତନ୍ତ୍ର ବିଷୟରେ ଦେଶ ବେଶ୍ ଭଲ ଭାବରେ ଜାଣିଛି। ପୁରା ଗଣତନ୍ତ୍ର ଏକ ପରିବାରକୁ ସମର୍ପିତ ।

୧୯୭୫ ମସିହାକୁ ମନେପକାଇବା ଯେତେବେଳେ ଜରୁରୀକାଳୀନ ପରିସ୍ଥିତି ବା 'ଇମରଜେନ୍‌ସି' ଦେଶ ଉପରେ ଲଦି ଦିଆଯାଇଥିଲା। ପୁରା ଭାରତକୁ ଏକ ଜେଲ୍‌ରେ ପରିଣତ କରି ଦିଆଯାଇଥିଲା। ଲକ୍ଷ ଲକ୍ଷ ଲୋକଙ୍କୁ, ଜୟପ୍ରକାଶ ବାବୁଙ୍କ ସହ ଜେଲ୍‌ରେ ଭର୍ତ୍ତି କରି ଦିଆଯାଇଥିଲା। ସମ୍ବାଦପତ୍ର ଅଫିସମାନଙ୍କରେ ତାଲା ଲାଗି ଯାଇଥିଲା। ସେତେବେଳେ ଜନଶକ୍ତିର ସାମର୍ଥ୍ୟର କ'ଣ ସେ ବିଷୟରେ କେହି କଳ୍ପନା କରିପାରିନଥିଲେ। ଗଣତନ୍ତ୍ରକୁ ଦବାଇବାର ସମସ୍ତ ପ୍ରୟାସ ସତ୍ତ୍ୱେ ଜନଶକ୍ତି ହିଁ ଗଣତନ୍ତ୍ରକୁ ପୁର୍ନସ୍ଥାପିତ କଲା।

ଏହା ସେହି ଗଣଶକ୍ତିର ସାମର୍ଥ୍ୟ ଯାହାଦ୍ୱାରା ଏକ ଗରିବ ମାଆର ପୁଅ ମଧ୍ୟ ଆଜି ଦେଶର ପ୍ରଧାନମନ୍ତ୍ରୀ ଆସନରେ ବସିପାରିଛି।

ରାଷ୍ଟ୍ରପତିଜୀ ନିଜର ଅଭିଭାଷଣରେ କହିଛନ୍ତି ଯେ ଏହି ବର୍ଷ ଆମେ ଚମ୍ପାରନ୍ ସତ୍ୟାଗ୍ରହର ଶତବାର୍ଷିକୀ ପାଳନ କରୁଛେ। ଯଦି ଇତିହାସ କେବଳ ପୁସ୍ତକ ମଧ୍ୟରେ ସୀମିତ ରହିଯାଏ, ତାହା ଜୀବନ ଓ ସମାଜକୁ ଅନୁପ୍ରାଣୀତ କରିପାରେନା। ସୁତରାଂ ପ୍ରତି ଯୁଗରେ ଇତିହାସ ଜାଣିବା ବିଧେୟ। ସେ ସମୟରେ ଆମେ ଥିଲୁ ବା ନଥିଲୁ ତାହା ଅପ୍ରାସଙ୍ଗିକ। ସେତେବେଳେ କଂଗ୍ରେସ ଦଳର ଜନ୍ମ ମଧ୍ୟ ହୋଇନଥିଲା, ତାର ପୂର୍ବରୁ ଏ ଦେଶରେ କୋଟି କୋଟି ଲୋକ ଥିଲେ ଏବଂ ଦେଶର ସ୍ୱାର୍ଥ ନିମନ୍ତେ ସମର୍ପିତ ଥିଲେ। ୧୮୫୭

ମସିହାର ସ୍ୱାଧୀନତା ସଂଗ୍ରାମକୁ ଏ ଦେଶର ଲୋକେ ଜୀବନକୁ ବାଜି ଲଗାଇ ଲଢ଼ିଥିଲେ। କୌଣସି ସାଂପ୍ରଦାୟିକ ଭେଦଭାବ ବିନା ସମସ୍ତେ ମିଳିମିଶି ଲଢ଼ିଥିଲେ। ସେତେବେଳେ ପଦ୍ମଫୁଲ ଥିଲା ଆଜି ବି ଅଛି।

ଏଠାରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯିଏ ମୋ ପରି ସ୍ୱାଧୀନତାର ପରବର୍ତ୍ତୀ କାଳରେ ଜନ୍ମଗ୍ରହଣ କରିଛନ୍ତି। ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିନଥିଲା। ମାତ୍ର ଦେଶମାତୃକା ପାଇଁ ଜିଇବାର ସୁଯୋଗ ତ ମିଳୁଛି। ଆଉ ଆମେ ବଂଚିବାର ଚେଷ୍ଟା କରୁଛୁ। ମାନନୀୟା ଅଧ୍ୟକ୍ଷାଜୀ, ସେଥିପାଇଁ  ଅପାର ଜନଶକ୍ତିକୁ ଦେଶ ଦେଖିଛି ଏବଂ ଦେଖୁଛି ମଧ୍ୟ। ଏକ ସମୟରେ ଦେଶ ଦେଖିଛି ଲାଲ ବାହାଦୂର ଶାସ୍ତ୍ରୀଙ୍କୁ। ତାଙ୍କର ଗାରିମାମୟ ବ୍ୟକ୍ତିତ୍ୱକୁ। ଯୁଦ୍ଧର ସମୟ ଥିଲା। ସବୁ ଭାରତୀୟମାନଙ୍କ ଅନ୍ତରରେ ଦେଶପ୍ରେମ ଓ ଭାରତ ବିଜୟର ସ୍ୱପ୍ନ ଉଜ୍ଜୀବିତ ଥିଲା। ସେତେବେଳେ ଲାଲବାହାଦୂର ଶାସ୍ତ୍ରୀଙ୍କର ଅନୁରୋଧକ୍ରମେ ଦେଶ ଅନ୍ନତ୍ୟାଗ କରିବାକୁ ମଧ୍ୟ ପ୍ରସ୍ତୁତ ଥିଲା। ମାତ୍ର ଆଜିର ପରିସ୍ଥିତି ଭିନ୍ନ। ସରକାର ଗଠନ ପରେ, ଆଜିର ରାଜନୈତିକ ପରିବେଶ ଏପରି ହୋଇଛି ଯେ ପ୍ରାୟତଃ ସମସ୍ତ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମଧ୍ୟ 'ଜନଶକ୍ତି'ର ମହାନ୍ ଦିଗକୁ ଭୁଲିଗଲେଣି। ଏହା ଆମ ପାଇଁ ଚିନ୍ତାର ବିଷୟ । ମୋ ପରି ଏକ ସାଧାରଣ ବ୍ୟକ୍ତି ଏକଦା ଅନୁରୋଧ କରିଥିଲା କି 'ଯେଉଁମାନେ ଗ୍ୟାସ୍ ସବ୍‌ସିଡ଼ି ଛାଡ଼ିପାରିବେ, ଦୟାକରି ଛାଡ଼ନ୍ତୁ।' ଯେତେବେଳେ ଆମେ 'ଜନସାଧାରଣ'ଙ୍କ ଠାରୁ ଦୂରେଇ ଯାଉ, ଆମେ ବାସ୍ତବତାଠାରୁ ମଧ୍ୟ ଦୂରେଇଯାଉ। ଯେତେବେଳେ ଆମେ ୨୦୧୪ର ନିର୍ବାଚନ ଲଢୁଥିଲୁ, ଏକ ଦଳର ନିର୍ବାଚନରେ ବିଷୟବସ୍ତୁ ଥିଲା କି ସେମାନେ ଲୋକଙ୍କୁ ନଅଟି ସିଲିଣ୍ଡର ଦେବେ ନା ବାରଟି। ଅଥଚ ଆମେ ସେପରି କିଛି କହିନଥିଲୁ। ଆମେ କେବଳ କହିଥିଲୁ ଯେଉଁମାନେ ବିନା ସବ୍‌ସିଡିରେ ଗ୍ୟାସ ସିଲିଣ୍ଡରର ଖର୍ଚ୍ଚ ବହନ କରିପାରିବେ, ସେମାତେ ତାହା କରନ୍ତୁ। ଆଉ ଆମ ଅନୁରୋଧରେ ଏ ଦେଶର ଏକ କୋଟି ପଚିଶ ଲକ୍ଷ ଲୋକେ ସବ୍‌ସିଡି ପରିତ୍ୟାଗ କରିଦେଲେ। ଏହି ପ୍ରସଙ୍ଗଟି କେବଳ ସରକାର ବା ମାନ୍ୟବର ସଦସ୍ୟମାନଙ୍କୁ ଗର୍ବିତ କରୁନାହିଁ, ଏହା ୧୨୫ କୋଟି ଲୋକଙ୍କର ଶକ୍ତିକୁ ପ୍ରତିଫଳିତ କରୁଛି। ମହାମହିମ ରାଷ୍ଟ୍ରପତିଙ୍କ ଅଭିଭାଷଣ ଜରିଆରେ ମୁଁ ସମସ୍ତ ପତାଧାରୀ

(State holder) ଯେଉଁମାନେ ଭାରତୀୟ ଶାସନ ବ୍ୟବସ୍ଥା ପରିଚାଳିତ କରୁଛନ୍ତି, ସେମାନଙ୍କୁ ଅନୁରୋଧ କରିବି ଯେ ସେମାନେ ଆମ ଦେଶର ଜନସାଧାରଣଙ୍କର ଶକ୍ତି ଓ କ୍ଷମତାକୁ ଚିହ୍ନନ୍ତୁ। ଜନଆନ୍ଦୋଳନ ଜରିଆରେ ପ୍ରଗତି ପଥରେ ଅଗ୍ରସର ହେବା ନିମନ୍ତେ ଆମେ ଦେଶରେ ଉତ୍ତମ ପରିବେଶ ସୃଷ୍ଟି କରୁଛୁ। ଏହାଦ୍ୱାରା ଆମେ ଅଧିକ ସୁଫଳ ପାଇପାରିବା। ଜନଶକ୍ତିର ସାମର୍ଥ୍ୟକୁ ଉପଯୁକ୍ତ ଦିଗରେ ପ୍ରେରିତ କଲେ ଆମେ ଆମର ନିର୍ଦ୍ଧାରିତ ଲକ୍ଷ୍ୟରେ ପହଞ୍ଚିପାରିବା। ମୋ ମତରେ ଏହି ସଭାଗୃହରେ ଉପସ୍ଥିତ ସଭିଏଁ ଦେଶର ଉନ୍ନତି ଓ ମଙ୍ଗଳ କାମନା କରନ୍ତି। କେହି ଜଣେ ବି ଦେଶର ଭବିଷ୍ୟତ ଅନ୍ଧକାରମୟ ବା ଅଶୁଭ ଦେଖିବାକୁ ଚାହିଁବେ ? ସମସ୍ତେ ଚାହାଁନ୍ତି ଗ୍ରାମାଂଚଳମାନଙ୍କର ଉନ୍ନତି ହେଉ, ଦରିଦ୍ର ଜନତା, କୃଷକ ଆଦି ସ୍ୱଚ୍ଛ ଜୀବନଯାପନ କରନ୍ତୁ । ମୋ ପୂର୍ବରୁ ଯେ ଏକଥା କେହି କହି ନାହାନ୍ତି ମୁଁ ଆଦୌ ସେକଥା କହୁନାହିଁ। ବାରମ୍ବାର କହିଛି। ଲାଲକିଲ୍ଲାରୁ ବି ସେଇକଥା କହିଥିଲି। ଆଜିପର୍ଯ୍ୟନ୍ତ ଯେତେଜଣ ପ୍ରଧାନମନ୍ତ୍ରୀ ଆସିଛନ୍ତି, ସମସ୍ତଙ୍କର ନିଜ ନିଜର ଯୋଗଦାନ ରହିଛି। ମାତ୍ର ଅପରପକ୍ଷେ କ୍ଷମତାରେ ଆସୀନ ବ୍ୟକ୍ତିଙ୍କ ଠାରୁ କେବେ ଶୁଣିବାକୁ ମିଳିନାହିଁ ଯେ ଏ ଦେଶରେ 'ଚାପ୍‌ରେକର ବନ୍ଧୁ' ନାମକ କେହିଥିଲେ ଯିଏ ଦେଶପାଇଁ ଜୀବନ ଦେଇଥିଲେ, କେହି ସାବର୍‌କର ଥିଲେ ଯିଏ କଳାପାଣି ଭୋଗିଥିଲେ ଦେଶମାତୃକା ପାଇଁ, ଭଗତସିଂହ ବା ଚନ୍ଦ୍ରଶେଖର ଆଜାଦ ବି ଥିଲେ ଯିଏ ଦେଶ ପାଇଁ ଫାଶୀଖୁଣ୍ଟରେ ଝୁଲିଥିଲେ। ସେମାନଙ୍କୁ ତ ଲାଗୁଛି 'ସ୍ୱାଧୀନତା' ପ୍ରାପ୍ତି ମୂଳରେ ଅଛି କେବଳ ଏକ ପରିବାରର ଅବଦାନ। ସେଥିପାଇଁ ତ ସମସ୍ତ ସମସ୍ୟାର ସୃଷ୍ଟି।

ଆମ ଦେଶକୁ ପୂର୍ଣ୍ଣତାର ସହ ଆମେ ସ୍ୱୀକାର କରିବାକୁ ଉଚିତ୍ ଏବଂ ଜନସାମର୍ଥ୍ୟକୁ ତାହା ସହିତ ସଂପୃକ୍ତ କରିବା ବିଧେୟ। ଆମର ଶାସ୍ତ୍ରରେ କଥିତ ଅଛି –

ଅମାତ୍ରମ୍ ଅକ୍ଷରଂ ନାସ୍ତି, ନାସ୍ତି ମୂଳମ୍ ଅନୌଷଧମ୍
ଅଯୋଗ୍ୟ ପୁରୁଷୋ ନାସ୍ତି, ଯୋଜକଃ ତତ୍ର ଦୁର୍ଲ୍ଲଭଃ ।

ଅର୍ଥାତ୍, ଏପରି କୌଣସି ଅକ୍ଷର ନାହିଁ, ଯାହାର ମାତ୍ରାଯୁକ୍ତ ହେବାର ଯୋଗ୍ୟତା ନାହିଁ । ଏପରି କୌଣସି ଚେରମୂଳ ନାହିଁ ଯାହାର ଔଷଧ ଗୁଣ ନାହିଁ ଏବଂ ଏପରି କୌଣସି ବ୍ୟକ୍ତି ନାହିଁ ଯିଏ ସମାଜର ଓ ଦେଶର କୌଣସି ଉପକାର କରିପାରିବ ନାହିଁ। ସାମର୍ଥ୍ୟକୁ ଚିହ୍ନିତ

କରିବା ପାଇଁ ଯୋଗ୍ୟ ବ୍ୟକ୍ତି ଦୁର୍ଲଭ ଅଟନ୍ତି । ଅର୍ଥାତ୍ ଅନ୍ୟର ବିଭିନ୍ନ ସୁଗୁଣକୁ ଚିହ୍ନିତ କରି ବ୍ୟବହାର କରିବାର ଆବଶ୍ୟକତା ଅଛି।

ବର୍ତ୍ତମାନ ସରକାର ଜନସହାୟତା ପାଇଁ ସମସ୍ତ ପ୍ରକାର ପ୍ରୟାସ କରିଛି । ମୁଁ ଆଶ୍ଚର୍ଯ୍ୟ ଯେ ବର୍ତ୍ତମାନ ପର୍ଯ୍ୟନ୍ତ କେହି କେବେ 'ସ୍ୱଚ୍ଛତା ଅଭିଯାନ' ବିଷୟରେ ଚିନ୍ତା ମଧ୍ୟ କରିନଥିଲେ। ଏତେଗୁଡ଼ିଏ ସରକାର ଆସିଛି ଏତେ ସଂସଦୀୟ ଅଧିବେଶନ ହୋଇଛି ମାତ୍ର ଏ ଦିଗରେ କେହି ଦୃଷ୍ଟି ଦେଇନଥିଲେ । ତେବେ ଏହି ସଂସଦରେ ସ୍ୱଚ୍ଛତା ବିଷୟରେ ଚର୍ଚ୍ଚା ହୋଇଛି ? ଆମେ ମହାତ୍ମାଗାନ୍ଧୀଙ୍କୁ ସର୍ବଦା ସ୍ମରଣ କରୁ । ତାଙ୍କର ଏହି ପ୍ରିୟ ବିଷୟ ଥିଲା ସ୍ୱଚ୍ଛତା। ସିଏ କହିଥିଲେ ସ୍ୱାଧୀନତା ପୂର୍ବରୁ ଆମକୁ ସ୍ୱଚ୍ଛତା ହାସଲ କରିବାକୁ ହେବ। ଆପଣମାନଙ୍କ ଭିତରୁ କେହି ଅପରିଚ୍ଛନ୍ନତା ଭିତରେ ରହିବାକୁ ଚାହାଁନ୍ତି କି ? ମୁଁ ନିଃସନ୍ଦେହଯେ ଆମେ ସମସ୍ତେ 'ସ୍ୱଚ୍ଛତା' ଚାହୁଁ। ତେଣୁ ଚାଲନ୍ତୁ ସମସ୍ତେ ଏକତ୍ରିତ ଭାବେ ଜନସାଧାରଣଙ୍କ ସହଯୋଗରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିବା ତଥା ଗାନ୍ଧିଜୀଙ୍କର ସ୍ୱପ୍ନକୁ ପୂରଣ କରିବା ।

ଅଧ୍ୟକ୍ଷା ମହୋଦୟା, ଏହି ସଦନରେ ମାନବଶକ୍ତିର ସାମର୍ଥ୍ୟ ଉପରେ ଏକ ଆଲୋଚନା କରାଯାଉ । ସାଧାରଣତଃ ରାଷ୍ଟ୍ରପତିଜୀଙ୍କର ଅଭିଭାଷଣର ଚର୍ଚ୍ଚା ସମୟରେ ବଜେଟ୍ ଉପରେ ମଧ ଅଳ୍ପ ସମୟ ପାଇଁ ଆଲୋଚନା ହୋଇଥାଏ । ମାତ୍ର ଯେତେବେଳେ ବଜେଟ୍ ଉପରେ ବିଷଦ ଆଲୋଚନ ହେବ ସେତେବେଳେ ବିତ୍ତମନ୍ତ୍ରୀ ତା ସଂପର୍କରେ ବକ୍ତବ୍ୟ ଦେବେ । ମାତ୍ର ବର୍ତ୍ତମାନ ଏକ ପ୍ରଶ୍ନ ଉଠିଛି ଯେ ବିଜେଟ୍‌କୁ ଏତେ ଶୀଘ୍ର ଉପସ୍ଥାପିତ କରାଗଲା କାହିଁକି ?

ଭାରତ ଏକ କୃଷି ପ୍ରଧାନ ଦେଶ । ଆମର ସମଗ୍ର ଅର୍ଥନୀତି କୃଷି ଉପରେ ପର୍ଯ୍ୟବେସିତ। ସାଧାରଣତଃ ଦୀପାବଳି ଭିତରେ ଜଣାପଡ଼ିଯାଏ କୃଷିକାର୍ଯ୍ୟରେ ହାନିଲାଭର ସ୍ଥିତି । ଆମ ଦେଶର ସମସ୍ୟା ହେଲା ଏବେ ବି ଆମେ ବ୍ରିଟିଶ ବ୍ୟବସ୍ଥାର ପଦାନୁସରଣ କରୁଛୁ । ବଜେଟ ପ୍ରସ୍ତୁତ ଓ ତତ୍ ସଂପର୍କିତ ଆଲୋଚନା ଇତ୍ୟାଦିର ପରିସମାପ୍ତି ମେ ମାସରେ ଘଟେ ଏବଂ ପ୍ରାୟତଃ ପ୍ରଥମ ଜୁନ୍‌ରୁ ବର୍ଷାଋତୁ ଆରମ୍ଭ ହୋଇଯାଏ । ତେଣୁ

ଆଗାମୀ ତିନିମାସ ପର୍ଯ୍ୟନ୍ତ ବିତ୍ତୀୟ ଉପଯୋଗ ପ୍ରାୟତଃ ଅସମ୍ଭବ ହୋଇପଡେ । ସୁତରାଂ କାର୍ଯ୍ୟ କରିବାର ଖୁବ୍ କମ୍ ସମୟ ରହିଯାଇଥାଏ । ଆର୍ଥିକ ବର୍ଷର ଅନ୍ତିମ ଚରଣରେ କେମିତି ପ୍ରକାର କାମ କରାଯାଏ ଓ ବିଲ୍ ପାସ୍ କରାଯାଏ ସବୁ ସରକାର ସେ କଥା ଜାଣିଛନ୍ତି। ଏଣୁ ମୋ ମତରେ ଏହାର କୌଣସି ସମାଧାନ ପନ୍ଥା ବାହାର କରିବାର ହେବ। ମୁଁ କାହାରି ସମାଲୋଚନା କରୁନାହିଁ । ବର୍ତ୍ତମାନ ପର୍ଯ୍ୟନ୍ତ କେହି ବୁଝିପାରୁ ନଥିଲେ ଯେ ସ୍ୱାଧୀନତାପ୍ରାପ୍ତିର ଅନେକବର୍ଷ ପର୍ଯ୍ୟନ୍ତ ବଜେଟ୍ ଉପସ୍ଥାପନ କାହିଁକି ସନ୍ଧ୍ୟା ୫ଟା ବେଳେ କରାଯାଉଥିଲା ? ତାହାର କାରଣ ହେଲା ଯେତେବେଳେ ଭାରତରେ ପାଞ୍ଚଟା ବାଜିଥାଏ ସେତେବେଳେ ଇଂଲଣ୍ଡରେ ଏଗାଟା ବାଜିଥାଏ । ବହୁତ କମ୍ ଲୋକ ଜାଣିଥିବେ ଘଡ଼ିକୁ ଗୋଟିଏ ପଟରୁ ଧରିଲେ ଭାରତୀୟ ସମୟ ଦେଖାଇବ ଏବଂ ଅନ୍ୟପଟରୁ ଧରିଲେ ତାହା ଲଣ୍ଡନର ସମୟ ଦେଖାଇବ। ଯଦି ଆପଣଙ୍କର ହାତରେ ଘଡ଼ି ଅଛି ତାହାହେଲେ ଚେକ୍ କରିପାରନ୍ତି ।

କେତେକ ଲୋକ କିଛି କଥା ବୁଝିପାରନ୍ତି ନାହିଁ । ବଜେଟ୍ ପ୍ରସ୍ତୁତିକରଣର ସମୟ ସେତେବେଳେ ପରିବର୍ତ୍ତନ ହେଲା ଯେତେବେଳେ ଅଟଳଜୀଙ୍କର ସରକାର ଆସିଲା। ଆମେ ମଧ୍ଵ ଉଦ୍ୟମ କରୁଛୁ ପରିବର୍ତ୍ତନ ପାଇଁ। ଯେତେବେଳେ କଂଗ୍ରେସ ସରକାର ଆସିଥିଲା, ସେତେବେଳେ ଏକ କମିଟି ମଧ୍ଵ ଗଠନ କରିଥିଲା ବଜେଟ୍‌ର ସମୟ ନିର୍ଦ୍ଧାରଣ ନିମନ୍ତେ । ଏହି କମିଟିର ବିସ୍ତୃତ ରିପୋର୍ଟ ରହିଛି। ଆପଣମାନେ ମଧ୍ୟ ସମୟ ପରିବର୍ତ୍ତନ ନିମନ୍ତେ ଇଚ୍ଛୁକ ଥିଲେ। ମାତ୍ର କରିଲେ ନାହିଁ କାରଣ ଆପଣମାନଙ୍କର ପ୍ରାଥମିକତା ଅନ୍ୟ ପ୍ରକାରର ଥିଲା। ଆମେ ତାହାକୁ କାର୍ଯ୍ୟକାରୀ କଲୁ। ଆପଣ ତ ଖର୍ଚ୍ଚ କରିବା କଥା ଯେ ଏହାର ଅୟମାରମ୍ଭ ଆପଣଙ୍କ ସମୟରେ ହୋଇଥିଲା। ଆପଣ ଏକଥା ଭୁଲିଯାଇଥିଲେ ମାତ୍ର ମୁଁ ସ୍ମରଣ କରାଇଦେଲି। ବର୍ତ୍ତମାନ ତାହାର ଲାଭ ଉଠାନ୍ତୁ ଆପଣ।

ବଜେଟ୍ ସମ୍ବନ୍ଧୀୟ ଆଲୋଚନା ସମୟରେ 'ରେଲୱେ' ବିଷୟରେ ମଧ୍ଵ ବିଷଦ ଆଲୋଚନା ହେବ। କିନ୍ତୁ ଗୋଟିଏ କଥା ଆମେ ବୁଝିବା ଦରକାର ଯେ ନବେବର୍ଷ ପୂର୍ବେ ଯେତେବେଳେ ରେଲୱେ ବଜେଟ୍ ପେଶ୍ କରାଯାଇଥିଲା, ସେତେବେଳେ ତାହା ହିଁ ଥିଲା

ଯାତାୟତରେ ପ୍ରମୁଖ ମାଧ୍ୟମ। ବର୍ତ୍ତମାନ ଗମନାଗମନର ଅନେକ ସାଧନ ହେଲାଣି। ପରିବହନ ଏକ ବହୁତ ବଡ଼ ଆବଶ୍ୟକତା। ଯେତେବେଳ ପର୍ଯ୍ୟନ୍ତ ଏହାକୁ ଆମେ ସୁବ୍ୟବସ୍ଥିତ ଢ଼ଙ୍ଗରେ ସମାଧାନ ନକରିଛୁ, ଆମକୁ ସେହି ସମସ୍ୟାର ସାମ୍ନା କରିବାକୁ ହେବ। ରେଲୱେ ଗମନାଗମନରେ ମୁଖ୍ୟଧାରା ଭାବେ ରହିବ। ଏହାର ଘରୋଇକରଣରେ କୌଣସି ବାଧା ରହିବ ନାହିଁ ଏବଂ ଏହାର ସ୍ୱାୟତ୍ତତା ସହ କୌଣସି ସାଲିସ୍ କରାଯିବ ନାହିଁ। ତତ୍‌ସହିତ, ସରକାରଙ୍କୁ ଗମନାଗମନ ସହ ସମ୍ବନ୍ଧିତ ପ୍ରତିଟି ମାଧ୍ୟମକୁ ଏକ ବୃହତ୍ତର ଦୃଷ୍ଟିରେ ଦେଖିବାକୁ ହେବ। ରେଳ ବଜେଟ୍‌ରେ ଆମେ ପରିବର୍ତ୍ତନ ଆଣିଛୁ।

ଗୌଡ଼ାଜୀ କହିଛନ୍ତି- ପ୍ରଥମ ବଜେଟ୍ ସମୟରେ ପ୍ରାୟତଃ ପନ୍ଦରଶହ ଟ୍ରେନ ଚଳାଚଳ ଘୋଷଣା ହୋଇଥିଲା କେବଳ ଏହି ଉଦ୍ଦେଶ୍ୟରେ ଯେ କିଛି ସଦସ୍ୟ ଖୁସି ହୋଇଯିବେ । କିନ୍ତୁ ପରେ ଆମେ ଦେଖିଲୁ ଯେ ଏହି ଘୋଷଣା କେବଳ କାଗଜପତ୍ରରେ ହିଁ ସୀମିତ ହୋଇ ରହିଗଲା, ତେଣୁ ଆମେ ସେପରି ଘୋଷଣା କରୁନାହୁଁ । ଆମର ରାଜନୈତିକ ଦୃଷ୍ଟିରୁ କ୍ଷତି ନିଶ୍ଚୟ ହେଉଛି । ତଥାପି ଆମେ ଏକ ଦାୟିତ୍ୱବାନ ସରକାର ଭାବେ କାର୍ଯ୍ୟ କରୁଛୁ । ଅମଲାତନ୍ତ୍ରକୁ ସୁହାଇଲା ପରି କାର୍ଯ୍ୟ କରୁନାହୁଁ । ଦେଶର ମାନବିକ ମୂଲ୍ୟବୋଧ ଓ ସାଧାରଣ ଜନତାଙ୍କର ଆଶା, ଆକାଂକ୍ଷା ଓ ବିଶ୍ୱାସକୁ ପୁରା କରିବାର ପ୍ରୟାସ ନେଇ ଆଗକୁ ବଢୁଛୁ । ସେଥିପାଇଁ ଆମେ ବଡ଼ ବଡ଼ ନିଷ୍ପତ୍ତି ନେଇଛୁ । 'ନୋଟବନ୍ଦୀ' ଥିଲା ଏପରି ଏକ ନିଷ୍ପତ୍ତି ଯାହା ବିଷୟରେ ପ୍ରଥମ ଦିନରୁ ହିଁ ଆମେ କହିଆସୁଛୁ ଯେ ଆମେ ସଦନରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ । କିନ୍ତୁ ଆପଣମାନେ ଟେଲିଭିଜନରେ ଲମ୍ବା ଲମ୍ବା ଲାଇନ୍ ଦେଖି ଭାବିଲ ହୁଏ ତ କିଛି ପରିବର୍ତ୍ତନ କରାଯାଇପାରେ ନିଷ୍ପତ୍ତିରେ । ତେଣୁ ଆପଣ ଟେଲିଭିଜନରେ ଆଲୋଚନାରେ ଭାଗ ନେଲେ ମାତ୍ର ଗୃହରେ ଆଲୋଚନା ହେବାକୁ ଦେଲେ ନାହିଁ ।

ଏକ ବିଶାଳ ପରିବର୍ତ୍ତନ ଆସିଲା । ଯେଉଁମାନେ ନିଖୁଣ ଭାବରେ ପୁଙ୍ଖାନୁପୁଙ୍ଖ ବିଷୟମାନଙ୍କୁ ଅଧ୍ୟୟନ କରନ୍ତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁବି । ଚାଲନ୍ତୁ ୨୦୧୪ ମସିହା ମେ ମାସର ପଛକୁ ଫେରିଚାହିଁବା । କିପରି ପରିସ୍ଥିତି ଥିଲା ସେତେବେଳେ ? ସେତେବେଳେ କେତେ ଟଙ୍କାର କୋଲ୍ ସ୍କାମ୍ ଥିଲା ? ୨ଜି ସ୍କାମ୍ ଯୋଗୁଁ ଲାଭ ଉଭାନ୍

ଯାଉଥିଲା । ଜଳ ଦୁର୍ନୀତି, ବାୟୁ ଦୁର୍ନୀତି, ଆକାଶମାର୍ଗରେ ଭ୍ରଷ୍ଟାଚାର । ସବୁଆଡୁ ସ୍ୱର ଉଠୁଥିଲା ଏତେ ଟଙ୍କା କୁଆଡ଼େ ଗଲା ? ମାତ୍ର ବର୍ତ୍ତମାନ ସ୍ୱର ଉଠୁଛି ମୋଦିଜୀ କେତେ ଟଙ୍କା ଆଣିଲେ ? ଦେଶ ବାହାରକୁ ସେତେବେଳେ ଅର୍ଥ ଚାଲିଯାଉଥିଲା ଆଉ ଏବେ ଭିତରକୁ ଆସିବାର ସମ୍ବାଦକୁ ସମସ୍ତେ ଚାହିଁ ବସିଛନ୍ତି । ଏହାଠାରୁ ଅଧିକ ସନ୍ତୋଷଜନକ କିଛି ହୋଇପାରେ ? ଏହା ହିଁ ଉପଯୁକ୍ତ ପଦକ୍ଷେପ ।

ଦ୍ୱିତୀୟତଃ ମୁଁ ଖଡ୍‌ଗେଜୀଙ୍କ ସହିତ ଏକମତ ଯେ କଳାଧନ ମୁଖ୍ୟତଃ ହୀରା, ସୁନା, ରୂପା ଆଦିର ଗହଣା ବା ସଂପତ୍ତିରେ ସନ୍ନିବିଷ୍ଟ ଥାଏ । ମୁଁ କେବଳ ତାଙ୍କୁ ପ୍ରଶ୍ନ କରିବାକୁ ଚାହେଁ ଯେ ଏ ଜ୍ଞାନୋଦୟ ତାଙ୍କର କେବେଠାରୁ ହେଲା ? କେହି ମନା କରିପାରିବେ ନାହିଁ ଯେ ନଗଦ ଟଙ୍କା ଦ୍ୱାରା ହିଁ ଦୁର୍ନୀତି ଆରମ୍ଭ ହୁଏ। ଟଙ୍କା ଦ୍ୱାରା ଆରମ୍ଭ ହୋଇ ଜମା ହୋଇ ପରିଶେଷରେ ଏହା ଅଳଙ୍କାର ବା ସଂପତ୍ତିର ରୂପ ନିଏ । ବେନାମି ସଂପତ୍ତି, ଅଳଙ୍କାର, ହୀରା, ସୁନା, ରୂପା ଇତ୍ୟାଦି ସବୁ ଦୁର୍ନୀତି କାରଣରୁ ହୋଇଥାଏ । ଯେତେବେଳେ ୧୯୮୮ରେ ଶ୍ରୀ ରାଜୀବ ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ଥିଲେ, ସିଏ ନେହେରୁଙ୍କଠାରୁ ମଧ୍ୟ ଅଧିକ ସଂଖ୍ୟାଗରିଷ୍ଠ ହୋଇ ଶାସନ ପରିଚାଳନା କରୁଥିଲେ । ତାଙ୍କର ଉଭୟ ଗୃହରେ ବଳିଷ୍ଠ ଉପସ୍ଥିତି ଥିଲା । ପଂଚାୟତରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ ସବୁଆଡ଼େ ତାଙ୍କର ଅବାଧ ରାଜତ୍ୱ ଚାଲିଥିଲା । ସେତେବେଳେ ଆପଣଙ୍କ ସରକାର ବେନାମୀ ସଂପତ୍ତି ଆଇନ୍‌କୁ ସ୍ୱୀକୃତି ଦେଲା ମାତ୍ର ନୋଟିଫାଇ କଲାନାହିଁ । ବିଗତ ଛବିଶ ବର୍ଷ ଧରି ଏହାକୁ ନୋଟିଫାଇ କରାଯାଇନାହିଁ । ଦୟାକରି ବୁଝେଇପାରିବେ କି କାହିଁକି ଏହି ଆଇନଟିକୁ ଲୁଚାଇ ରଖାଗଲା ? ସେ ସମୟରେ ନୋଟିଫାଇ କରାଯାଇଥିଲେ ହୁଏତ ତାହାଏକ ଭଲ ପଦକ୍ଷେପ ହୋଇଥାନ୍ତା । ଏହାକୁ କାର୍ଯ୍ୟକାରୀ ନକଲେ ତାହା ଯେ ସେମାନଙ୍କୁ ସୁହାଇବ ଏକଥା କେଉଁ କେଉଁମାନେ ଜାଣିଥିଲେ ? କେଉଁ ପରିବାର ଏଥିରେ ଲାଭବାନ୍ ହୋଇଛି ? ଆପଣ ଏଥିରୁ ବର୍ତ୍ତି ପାରିବେ ନାହିଁ । ସେମାନଙ୍କର ନାମ ନେବାକୁ ପଡ଼ିବ । ଆପଣଙ୍କୁ ଦେଶକୁ ଜବାବ ଦେବାକୁ ପଡ଼ିବ । ସୁତରାଂ ଏହି ସରକାର 'ବିମୁଦ୍ରୀକରଣ' ଦ୍ୱାରା ପ୍ରଥମ ପଦକ୍ଷେପ ନେଇଛି ସେହି ଲୋକମାନଙ୍କ ବିରୁଦ୍ଧରେ ।

ଏହି ସଦନ ଜରିଆରେ ମୁଁ ମୋର ଦେଶବାସୀଙ୍କୁ କହିବାକୁ ଚାହିଁବି, ମୁଁ ସେମାନଙ୍କର ଅଧିକାରକୁ ପୁନଃସ୍ଥାପିତ କରିବି । ଗରିବମାନଙ୍କ ପାଇଁ ଉପରିସ୍ଥ ଲୋକଙ୍କ ସହ ଲଢ଼ିବି ସେମାନେ ଯେତେ ଉପରେ ଥାଆନ୍ତୁ ନା କାହିଁକି ? ମୁଁ ମୋ ଚଲାପଥରୁ ବିଚ୍ୟୁତ ହେବି ନାହିଁ । ଏହି ଦେଶରେ କେବେ ମଧ ପ୍ରାକୃତିକ ସଂପଦ ଓ ମାନବ ସମ୍ବଳର ଅଭାବ ହୋଇନାହିଁ । ମାତ୍ର ସମାଜରୁ ଏପରି ଏକ ବର୍ଗର ଉତ୍ପତ୍ତି ହୋଇଛି ଯେଉଁମାନେ ସାଧାରଣ ଜନତାଙ୍କୁ ତାଙ୍କର ଅଧିକାରରୁ ବଂଚିତ କରି ଦେଶକୁ ଦୁର୍ବଳ କରିଛନ୍ତି ଯଦ୍ୱାରା ଉଚ୍ଚତାର ଯେଉଁ ସ୍ତରରେ ଆମେ ପହଂଚିପାରିବା କଥା, ତାହା ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ଏକ ସମାନ୍ତରାଳ ଅର୍ଥବ୍ୟବସ୍ଥା ଗଢ଼ି ଉଠିଥିଲା ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ । ଏହା ଆପଣଙ୍କ ଦୃଷ୍ଟିକୁ ମଧ ପୂର୍ବରୁ ଅଣାଯାଇଥିଲା । ଆପଣଙ୍କର ସରକାର ଦ୍ୱାରା ଗଠିତ ଏକ କମିଟି ଏହା ସୁପାରିଶ ମଧ କରିଥିଲା । ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ସମୟରେ ୟଶୋବନ୍ତରାଓଜୀ ଚୌହାନ୍ ତାଙ୍କର ସାମ୍ନାରେ ନିଜର ଚିନ୍ତା ବ୍ୟକ୍ତ କରିଥିଲେ ମଧ୍ୟ ଶ୍ରୀମତୀ ଗାନ୍ଧୀ ତାଙ୍କୁ କହିଥିଲେ କଂଗ୍ରେସ ଦଳକୁ ନିର୍ବାଚନ ଲଢ଼ିବାକୁ ହେବ ନା ନାହିଁ ?

ଆପଣଙ୍କର ନିଷ୍ପତ୍ତି ଭୁଲ ଥିଲା ଏବଂ ଆପଣ ନିର୍ବାଚନକୁ ଭୟ କରୁଥିଲେ । ଆମେ ନିର୍ବାଚନ ପାଇଁ ନୁହେଁ ଦେଶ ପାଇଁ ଚିନ୍ତିତ । ସବୁ ପ୍ରକାରର କାରବାରରେ ଆଜିକାଲି ଗୋଟିଏ ପ୍ରଶ୍ନ ପଚରାଯାଉଛି –କେତେ ଟଙ୍କା କ୍ୟାସ୍‌ରେ ଓ କେତେ ଟଙ୍କା ଚେକ୍‌ରେ ? ଏହା ହିଁ ପ୍ରଚଳିତ ବ୍ୟବସ୍ଥା ହୋଇଗଲାଣି । ତେଣୁ ଯେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥାକୁ ଶକ୍ତ ଆଘାତ ନ ମିଳିଛି, ସ୍ଥିତି ଆଉ ସୁଧୁରିବ ନାହିଁ । ସୁତରାଂ ଆମେ ଯେଉଁ ନିଷ୍ପତ୍ତି ନେଇଛୁ ତାହା ଉପଯୁକ୍ତ । ଆପଣମାନେ ଯେଉଁପରି ଭାବେ ଦେଶ ଶାସନ କରିଛନ୍ତି ତାହା ସୂଚେଇ ଦେଉଛି କେତେକ ଲୋକ ‘ଚାରବାକ୍’ଙ୍କର ଜୀବନ ଦର୍ଶନ ଦ୍ୱାରା ବେଶ୍ ପ୍ରଭାବିତ । ଚାରବାକ୍ କହୁଥିଲେ- ଯାବତ୍ ଜୀବେତ୍ ସୁଖଂ ଜୀବେତ୍, ଋଣଂ କୃତ୍ୱା ଘୃତଂ ପିବେତ୍ । ଭସ୍ମୀଭୂତସ୍ୟ ଦେହସ୍ୟ, ପୁନରାଗମନଂ କୁତଃ ?

ଅର୍ଥାତ୍ ଆମେ ଯେପର୍ଯ୍ୟନ୍ତ ଜୀବିତ ଅଛେ, ସୁଖରେ ରହିବା, ଖାଇବା, ପିଇବା ଓ ଖୁସିରେ ରହିବା । ଚିନ୍ତା କରିବାର କିଛି ନାହିଁ । ଋଣ କରିବା କିନ୍ତୁ ଘିଅ ପିଇବା । ସେ ସମୟରେ ସଂସ୍କାର ଭିନ୍ନ ପ୍ରକାରର ଥିଲା । ଆଜିକାଲିର କଥା ହୋଇଥିଲେ ଆଉ କିଛି

ପିଇବା ବିଷୟରେ କୁହାଯାଇଥାନ୍ତା । ଏପରି ପୃଷ୍ଠଭୂମିରେ କେତେକଙ୍କ ମନରେ ଅଛି ଯଦି ଅର୍ଥନୀତି ସୁରୁଖୁରୁରେ ଚାଲୁଥିଲା ତାହାହେଲେ ଏତେ କଠୋର ନିଷ୍ପତ୍ତି କାହିଁକି ନିଆଗଲା ? ମୁଁ କହିବି ଯେତେବେଳେ କୌଣସି ବ୍ୟକ୍ତି ଅସୁସ୍ଥ ଥାଏ ଓ ଡାକ୍ତର ସର୍ଜରୀ ପାଇଁ ଉପଦେଶ ଦେଇଥାଆନ୍ତି , ତାହା କରିବା ଅପରିହାର୍ଯ୍ୟ । କିନ୍ତୁ ତା ପୂର୍ବରୁ ଶରୀରକୁ ଠିକ୍ କରାଯିବା ଦରକାର, ଯେପରିକି ଡାଏବେଟିସ୍‌କୁ ନିୟନ୍ତ୍ରଣ ରଖିବା ବା ଅନ୍ୟାନ୍ୟ ଆନୁସଙ୍ଗିକ ଜିନିଷ ପ୍ରତି ଦୃଷ୍ଟିପାତ। ଅର୍ଥନୀତି କ୍ଷେତ୍ରରେ ମଧ୍ୟ ସେହିପରି କରାଗଲା । ଅର୍ଥନୀତିର ପରିସ୍ଥିତି ସୁଦୃଢ଼ ଥିଲା ଏବଂ ବିମୁଦ୍ରୀକରଣ ନିମନ୍ତେ ଉପଯୁକ୍ତ ଥିଲା, ନଚେତ୍ ଏହାର ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିନଥାନ୍ତା । ମୁଁ ଭାବୁନାହିଁ ଯେ ଏହାକୁ ତରବରିଆ ଭାବେ ଲାଗୁ କରାଗଲା, ଆମ ଦେଶର ବ୍ୟବସାୟ, କାରବାର ଦୀପାବଳୀ ସମୟରେ ପ୍ରାୟତଃ ଶୀର୍ଷରେ ଥାଏ । ପଚାଶଭାଗ ବ୍ୟାପାର ଦେଶରେ ଦୀପାବଳି ସମୟରେ ଓ ବାକି ପଚାଶ ଭାଗ ପୂରା ବର୍ଷରେ ହୋଇଥାଏ । ଦୀପାବଳି ପରବର୍ତ୍ତୀ ସମୟରେ ବ୍ୟାପାର ପ୍ରାୟତଃ ମାନ୍ଦା ସ୍ଥିତିରେ ଥାଏ । ପନ୍ଦରଦିନ ଯାଏ ଦୋକାନବଜାର ବନ୍ଦକରି ବ୍ୟବସାୟୀ ଟିକେ ନିଶ୍ୱାସ ମାରେ । ତେଣୁ ପନ୍ଦର କୋଡ଼ିଏ ଦିନ ପରେ ସ୍ଥିତି ପୁଣି ପୂର୍ବାବସ୍ଥାକୁ ଫେରେ ଏବଂ ପ୍ରାୟ ୫୦ ଦିନ ପରେ ସାଧାରଣ ଅବସ୍ଥା କାଏମ୍ ହୋଇଯାଏ । ସୁତରାଂ ପରିସ୍ଥିତିକୁ ନେଇ ମୋର ଯେଉଁ ଆକଳନ ଥିଲା ତାହା ପୂରା ଠିକ୍ ହିଁ ଥିଲା ।

ଆପଣ ଜାଣନ୍ତି ଏକଦା ଆୟକର ବିଭାଗ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରୁଥିଲା । ମୋ ମତରେ ସେ ପୁରୁଣା ଇତିହାସର ପୁନରାବୃତ୍ତି ଅନାବଶ୍ୟକ । ବିମୁଦ୍ରୀକରଣ ପରେ ପରିସ୍ଥିତି ବଦଳିଯାଇଛି । ପଇସା କୁଆଡୁ ଆସିଲା, କିଏ ପଠେଇଲା, କେଉଁଠାରେ ରଖା ହୋଇଥିଲା, ଏ ସମସ୍ତ ତଥ୍ୟ ବର୍ତ୍ତମାନ ରେକର୍ଡରେ ରହୁଛି । ମାଇନିଂ ଡାଟା ତାଲିକାରେ ବଡ଼ ବଡ଼ ନାମ ସବୁ ଲିପିବଦ୍ଧ ହୋଇଛି । ବର୍ତ୍ତମାନ ଆୟକର ବିଭାଗ ଅଫିସରଙ୍କୁ କୁଆଡ଼େ ଯିବା ଦରକାର ନାହିଁ । ସେ କେବଳ ଏକ SMS ଜରିଆରେ ପ୍ରଶ୍ନ ପଚାରିପାରିବେ । ବର୍ତ୍ତମାନ ଅମଲାତନ୍ତ୍ର ବିନା ମଧ୍ୟ ଶାସନବ୍ୟବସ୍ଥାରେ ମୁଖ୍ୟସ୍ରୋତରେ ଯୋଗ ଦେବା ପାଇଁ ଏକ ନୂଆ ସୁଯୋଗ ପ୍ରଦାନ କରାଯାଉଛି । 'ସ୍ୱଚ୍ଛ ଭାରତ' ଅଭିଯାନ ପରି ଏହା ମଧ୍ୟ ଅର୍ଥନୈତିକ ସ୍ତରରେ ସ୍ୱଚ୍ଛତା ଆଣିବ । ବେନାମି ପ୍ରପର୍ଟି ଆଇନ୍‌କୁ ପାସ୍ କରାଯାଇ, ନୋଟିଫାଇ କରାଯାଇଛି ।

ଖରଗେଜୀ କହିଲେ ସବୁକିଛି ଅଛି ଏଇ ଆଇନ୍‌ରେ । ତାଙ୍କର ପରାମର୍ଶକୁ ଆମେ ଗ୍ରହଣ କରୁଛୁ । ଯେଉଁମାନେ ଶୁଣୁଛନ୍ତି ସେମାନେ ନିଜ ନିଜର ଋଟାର୍ଡ ଆକାଉଣ୍ଟକୁ ପଋରି ଏଇ ବେନାମୀ ସଂପତ୍ତି ନିୟମ ବିଷୟରେ ଜାଣି ରଖନ୍ତୁ । ମୁଖ୍ୟସ୍ରୋତରେ ଆସି ଦେଶର ଦରିଦ୍ର ଜନତାଙ୍କର ମଙ୍ଗଳ ପାଇଁ କାର୍ଯ୍ୟ କରନ୍ତୁ ।

ଆମେ ଯେଉଁଦିନ ସରକାର ଗଠନ କଲୁ, ସେହିଦିନ କ୍ୟାବିନେଟ୍‌ରେ ନିଷ୍ପତ୍ତି ନେଇଥିଲୁ SIT ଗଠନ ନିମନ୍ତେ । ଉଚ୍ଚତମ ନ୍ୟାୟାଳୟ ମଧ୍ୟ SIT ଗଠନ କରି ଦେଶରେ ଗଚ୍ଛିତ କଳାଧନକୁ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆମେ ମଧ୍ୟ 'କଳାଧନ' ବିରୁଦ୍ଧରେ କଠୋର ଆଇନ୍ ପ୍ରଣୟନ କରିଛୁ ଯଦ୍ୱାରା ସଂପତ୍ତିକୁ କବ୍‌ଜା କରାଯାଇପାରିବ । ଚଳିତ ବଜେଟ୍‌ରେ ମଧ୍ୟ ଏକ ନୂଆ ଆଇନ୍ ପାରିତ ହୋଇଛି । ଦଣ୍ଡାଦେଶରେ ଅବଧି ୭ ବର୍ଷରୁ ୧୦ ବର୍ଷକୁ ବୃଦ୍ଧି କରାଯାଇଛି । ମରିସସ୍, ସିଙ୍ଗାପୁର ଇତ୍ୟାଦି ଜାଗା ଟିକସ ଫାଙ୍କି ବଂଋଇବାର ଜାଗା ଥିଲେ । କିନ୍ତୁ ଆମେ ସେସବୁ ସରକାରଙ୍କୁ ଜଣେଇଲୁ ଏବଂ ସୁଇଜରଲାଣ୍ଡ ସହ ଏକ ଚୁକ୍ତି ବି ସ୍ୱାକ୍ଷର କରିଛୁ । ଯାହାଦ୍ୱାରା ଭାରତୀୟ ନାଗରିକ ସେଠାରେ ଅର୍ଥ ଜମାକଲେ ସେମାନେ ଆମକୁ ଜଣାଇବେ ।

ଆମେ ସେହିପରି ବୁଝାମଣା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଅନ୍ୟାନ୍ୟ ଅନେକ ଦେଶ ସହ କରିଛୁ । ଯେବେ ବି ଭାରତୀୟ ନାଗରୀକ ବା ଭାରତୀୟ ବଂଶୋଦ୍ଭବ ନାଗରୀକ କୌଣସି ଅର୍ଥ ଜମା କରିବେ, ଭାରତ ସରକାର ସେ ବିଷୟରେ ସମସ୍ତ ସୂଚନା ପାଇବେ । ସେହିପରି ଭାବେ ଆମେ ଏକ ନିଷ୍ପତ୍ତି ନେଇଛୁ ଯେ କୋଡ଼ିଏ ହଜାର ପର୍ଯ୍ୟନ୍ତ ସଂପତ୍ତିର କିଣାବିକା ନଗଦ ଟଙ୍କା ଜରିଆରେ ହୋଇପାରିବ । ଆମେ ରିଅଲ୍‌ଇଷ୍ଟେଟ୍ ବିଲ୍ ପାସ୍ କରିଛୁ । ଆମେ ଏକ ପ୍ରତିଶତ ଉତ୍ପାଦ ଶୁଳ୍କ ଅଳଙ୍କାର ଉପରେ ଲଗାଇବୁ କାରଣ ଆମେ ବ୍ୟବସ୍ଥାର ସରଳୀକରଣ କରିବାକୁ ଋହୁଁଥିଲୁ ।

ଯେତେବେଳେ ଆମେ ଦୁଇଲକ୍ଷ ଟଙ୍କାରୁ ଅଧିକ ଟଙ୍କାର ଅଳଙ୍କାର କିଣିଲେ ପ୍ୟାନ୍ ନମ୍ବର (PAN No)କୁ ବାଧ୍ୟତାମୂଳକ କଲୁ, ମୋ ପାଖକୁ ଗୃହର ଉଭୟପାର୍ଶ୍ୱରୁ ଅନେକ ପତ୍ର ଆସିଲା । ମୁଁ ଆଶ୍ଚର୍ଯ୍ୟ ଯେ କଳାଧନ ଓ ଦୁର୍ନୀତିର ବିରୋଧ କରୁଥିବା ଲୋକେ ପ୍ୟାନ୍

ନମ୍ବର ବାଧ୍ୟତାମୂଳକ ଆଇନ୍‌ଟିକୁ ପ୍ରତ୍ୟାହାର କରାଯିବାକୁ ଚାହୁଁଛନ୍ତି । ଏହାଦ୍ୱାରା ସେମାନେ ସୁନା ଏବଂ ଅନ୍ୟାନ୍ୟ ଅଳଙ୍କାର କିଣି ଚାଲିବେ ଏବଂ କଳାବଜାରର କାରବାର ଜାରି ରହିବ। କିନ୍ତୁ ଆମେ ଆମ ନିଷ୍ପତ୍ତିରେ ଅଟଳ ରହିଲୁ । ରାଜନୈତିକ ଫାଇଦା ପାଇଁ ଏହା ଆପଣ ପୂର୍ବରୁ କରିଥିଲେ । ଆମେ କିନ୍ତୁ କଠିନ ପରିସ୍ଥିତି ସତ୍ତ୍ୱେ ଦେଶର ମଙ୍ଗଳ ତଥା ଗରିବ ଲୋକଙ୍କର ଭଲ ପାଇଁ ଏହି ନିଷ୍ପତ୍ତି ନେଇଛୁ ।

କୌଣସି ବସ୍ତୁ ଦୁଇଲକ୍ଷ ଟଙ୍କାରୁ ଅଧିକ ଦାମ୍‌ର ହେଲେ ବା କୌଣସି କାର୍ ଦଶଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ହେଲେ ତା ଉପରେ ଆମେ ଏକ ପ୍ରତିଶତ ଟିକସ ଲଗାଇବାକୁ ସ୍ଥିର କରିଛୁ । ଆମେ 'ଆୟକର ଘୋଷଣା ଯୋଜନା' ଆଣିଛୁ, ଯାହା ଦ୍ୱାରା ଅଧିକାଂଶ ଲୋକ ନିଜର ଆୟର ଘୋଷଣା କରିସାରିଛନ୍ତି । ଏଗାରଶହରୁ ଅଧିକ ପୁରୁଣା ଏବଂ ଅପ୍ରଚଳିତ ଆଇନ୍‌କୁ ଆମେ ଉଚ୍ଛେଦ କରିସାରିଛୁ । ବିମୁଦ୍ରୀକରଣ ବିଷୟରେ ଭିନ୍ନ ଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଗଣନା ଦେଇଛନ୍ତି ଆମେ କେତେ ଥର ତତ୍ ସଂଲଗ୍ନ ଆଇନ୍‌ରେ ପରିବର୍ତ୍ତନ ଆଣିଥିଲୁ । ଏ ବିଷୟରେ, କିଏ କହିଛି ୧୫୦ ଥର ଓ ଆଉ କିଏ ୧୩୦ ଥର ବୋଲି କହିଛି । ମୁଁ କହିବାକୁ ଚାହିଁବି , ଆମେ ଲୋକଙ୍କର ସମସ୍ୟା ଦେଖିବା ପରେ ତାର ସମାଧାନର ପନ୍ଥା ଖୋଜିବାକୁ ଉଦ୍ୟମ କରୁଥିଲୁ । ସେମାନଙ୍କର ଅର୍ଥ ଲୁଟ କରିବା ବର୍ଷ ବର୍ଷ ଧରି ଅଭ୍ୟାସ ହୋଇଯାଇଥିଲା। ତେଣୁ ଆମକୁ କିଛି କଠିନ ପଦକ୍ଷେପ ନେଇ ପରିସ୍ଥିତିକୁ ସୁଧାରିବାକୁ ପଡ଼ିଲା । ପ୍ରତି ମୁହୂର୍ତ୍ତରେ ସଂଗ୍ରାମ ଜାରି ରହିଛି– ଦେଶକୁ ଲୁଣ୍ଠନ କରୁଥିବା ଲୋକଙ୍କ ଭିତରେ ଏବଂ ଦେଶକୁ ସଚ୍ଚୋଟତା ଆଡ଼କୁ ନେଉଥିବା ଲୋକଙ୍କ ଭିତରେ ।

ଆପଣ ଆତ୍ମପ୍ରଶଂସାରେ ନିମଗ୍ନ ହୁଅନ୍ତୁ ନାହିଁ । ଯେଉଁ କାର୍ଯ୍ୟକ୍ରମ 'ଖାଦ୍ୟ ପାଇଁ କାମ' ଯୋଗୁଁ ଆପଣ ଶ୍ରେୟ ନେଉଛନ୍ତି ତାହା ତ ରାଜତନ୍ତ୍ର ସମୟରେ ମଧ୍ୟ ଗରିବଙ୍କ କଲ୍ୟାଣ ପାଇଁ କରାଯାଇଥିଲା । ସ୍ୱାଧୀନତା ପରେ ଏହି ଯୋଜନା ଭିନ୍ନ ଭିନ୍ନ ସଂସ୍କରଣରେ ପ୍ରାୟ ନଅ ଥର କରାଯାଇଛି । ଅନ୍ତିମ ଥରରେ ଏହାର ନାମ ରଖାଯାଇଛି MGNREGS– ମହାତ୍ମାଗାନ୍ଧୀ ନ୍ୟାସନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ସ୍କିମ୍ । ଏହି ଯୋଜନାଟି ସବୁ ରାଜ୍ୟରେ ଥିଲା–କମ୍ୟୁନିଷ୍ଟ ସରକାର ପରିଚାଳିତ ପଶ୍ଚିମବଙ୍ଗ, ମହାରାଷ୍ଟ୍ରରେ ଶରଦ ପାୱାରଙ୍କ ସମୟରେ, ଗୁଜୁରାଟରେ କଂଗ୍ରେସ ସରକାର ସମୟରେ ଇତ୍ୟାଦି ଇତ୍ୟାଦି ।

ସ୍ୱାଧୀନତା ପରେ ସମସ୍ତ ରାଜ୍ୟ କୌଣସି ନା କୌଣସି ଭାବରେ ଏହି ଯୋଜନାକୁ ନିଜ ନିଜ ରାଜ୍ୟରେ ପ୍ରଚଳିତ କରିଛନ୍ତି । ଏହା କିଛି ନୂଆ ନଥିଲା, ଖାଲି ଏହାର ନାମ ପରିବର୍ତ୍ତନ କରାଯାଇଛି ।

ସମସ୍ତ ଦେଶବାସୀ ଓ ଆପଣମାନେ ଆଶ୍ଚର୍ଯ୍ୟ ହେବେ ଏହା ଜାଣି ଯେ ଏହିପରି ଏକ ଉତ୍ତମ ଯୋଜନା ଯାହାର ନାମ 'ମନ୍‌ରେଗା' ପ୍ରାୟ ୧୦୩୫ ଥର ବଦଳା ଯାଇଛି । ନିୟମାବଳୀ ମଧ୍ୟ ୧୦୩୫ ଥର ବଦଳାଯାଇଛି । ତେଣୁ ବେଳେବେଳେ ଆପଣମାନଙ୍କୁ ଦର୍ପଣ ଦେଖିବା ଦରକାର। ସେତେବେଳେ କିଛି ବିରାଟ ଗଣ୍ଡଗୋଳ ବା କାର୍ଯ୍ୟରେ ଋଣ ନଥିଲା । ତଥାପି ଏତେଥର କାହିଁକି ନିମୟରେ ପରିବର୍ତ୍ତନ ଆଣିଥିଲେ ?

ମୁଁ କାକା ହାଥରସିଙ୍କ ଦ୍ୱାରା ରଚିତ କବିତା ଆବୃତ୍ତି କରିବାକୁ ଚାହୁଁଛି । ପ୍ରାୟ ସବୁ ନିର୍ବାଚନରେ ତାଙ୍କରି କବିତାକୁ ବିଚାରକୁ ନିଆଯାଇଥାଏ, ସେ କହିଥିଲେ–

"ଅନ୍ତର ପଟ୍ ମେ ଖୋଜିୟେ, ଛିପା ହୁଆ ହେ ଖୋଟ୍

ମିଲ୍ ଜାୟେଗୀ ଆପ୍‌କୋ, ବିଲ୍‌କୁଲ୍ ସତ୍ୟ ରିପୋର୍ଟ" ।

ଆଦରଣୀୟା ଅଧ୍ୟକ୍ଷ ମହୋଦୟା, ମୁଁ କହିବାକୁ ଚାହିଁବି ଯେ ସରକାର ନିୟମ ଦ୍ୱାରା ଏବଂ ସାମ୍ବିଧାନିକ ଦାୟିତ୍ୱ ଦ୍ୱାରା ପରିଚାଳିତ ହୋଇଥାଏ । ନିୟମ ଆପଣଙ୍କ ପାଇଁ ଏବଂ ଆମ ପାଇଁ ପ୍ରାୟତଃ ସମାନ । ଖାଲି ପ୍ରଭେଦ ହେଉଛି କାର୍ଯ୍ୟଶୈଳୀରେ । ଯଦି ଉଦ୍ଦେଶ୍ୟ ଅଛି ସତ୍ୟନିଷ୍ଠାରେ କାର୍ଯ୍ୟ କରିବାର, ତାହାହେଲେ ନିୟମାବଳୀ ଅଧିକ ସାମର୍ଥ୍ୟଯୁକ୍ତ ହୋଇପାରିବ । ମୁଁ ଆଜି ଏଠାରୁ ଯାହା କହୁଛି, ଅପରପକ୍ଷରୁ ଶୁଣାଯାଉଛି ସେମାନଙ୍କ ସମୟରେ ମଧ୍ୟ ତାହା ହୋଇଥିଲା । ତେଣୁ ମୁଁ ଆଜି ପ୍ରତିଦ୍ୱନ୍ଦ୍ୱୀ ମୁଦ୍ରାରେ ଅଛି ।

ମୁଁ ପଚାରିବାକୁ ଚାହୁଁଛି, ଏପରି କାହିଁକି ହେଲା ? ଏକଥା ନୁହେଁ ଯେ ଆପଣ ଜାଣିନଥିଲେ ବା ଏ ଜ୍ଞାନ ଗତକାଲି ମିଳିଲା ଆପଣଙ୍କୁ । ମହାଭାରତରେ କୁହାଯାଇଛି–

'ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତିଃ ।

ଜାନାମ୍ୟଅଧର୍ମମ୍ ନ ଚ ମେ ନିବୃତ୍ତିଃ ।'

ଆପଣ ଜାଣିଛନ୍ତି ଧର୍ମ କ'ଣ ଓ ଅଧର୍ମ କ'ଣ ? ଧର୍ମ ଆପଣଙ୍କର ପ୍ରବୃତ୍ତିରେ ନାହିଁ । ମୁଁ କହିବାକୁ ଚାହୁଁଛି ନ୍ୟାସନାଲ ଅପଟିକାଲ୍ ଫାଇବର ନେଟ୍ୱାର୍କ ବିଷୟରେ... ଯାହା ବି ମୁଁ କହିବି ସେମାନେ କହିବେ ତାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ୨୦୧୧ ମସିହାରୁ ୨୦୧୪ ପର୍ଯ୍ୟନ୍ତ ଦେଖନ୍ତୁ । ଏହି ୩ ବର୍ଷ ମଧ୍ୟରେ କେବଳ ୫୯ଟି ଗ୍ରାମକୁ ଏହି ନେଟ୍ୱାର୍କ ଆସିଥିଲା । ଶେଷ ମାଇଲ୍ ସଂଯୋଗୀକରଣ ମଧ୍ୟ ସେଥିରେ ହୋଇନଥିଲା । କେନ୍ଦ୍ରୀୟସ୍ତରରେ ସରକାରୀ ଖରିଦ ପୁରାପୁରି ଭାବେ ସଂପୂର୍ଣ୍ଣ ହୋଇଥିଲା । କିନ୍ତୁ ଆମର କାର୍ଯ୍ୟଶୈଳୀରେ ଫରକ୍ ଥିଲା । ଆମେ ରାଜ୍ୟମାନଙ୍କୁ ମଧ୍ୟ ସାମିଲ କଲୁ । ଶେଷ ମାଇଲ ସଂଯୋଗ ଅର୍ଥ ହେଲା ସ୍କୁଲ, ଡାକ୍ତରଖାନା, ପଂଚାୟତ ସବୁଠାରେ ଅପ୍ଟିକାଲ ଫାଇବର ନେଟୱାର୍କର ଉପଲବ୍ଧ ହେବା । ଆମେ ଏହାକୁ ପ୍ରାଥମିକତା ଦେଇଛୁ । ଆମେ ଏହି ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିଛୁ, ଯାହାର ଫଳସ୍ୱରୂପ ୭୨ ହଜାର ଗ୍ରାମରେ ଅପ୍ଟିକାଲ ଫାଇବର ନେଟୱାର୍କ ପହଂଚିଛି ନିହାତି କମ ସମୟ ଭିତରେ ।

ଦ୍ୱିତୀୟତଃ ଗତକାଲି କୁହାଯାଇଥିଲା ମୁଁ କମ୍ କ୍ୟାଶ୍ ବାଲା ସମାଜ କଥା କହୁଛି ନା କ୍ୟାସ୍‌ଲେସ୍ ସମାଜ କଥା କହୁଛି ? ସାଧାରଣ ଲୋକଙ୍କ ପାଖରେ କ'ଣ ଅଛି ? ସେମାନଙ୍କ ପାଖରେ ମୋବାଇଲ ମଧ୍ୟ ନାହିଁ । ୨୦୦୭ ମସିହା ପରଠାରୁ ଯେତୋଟି ନିର୍ବାଚନ ସଭା ମୁଁ ସମ୍ବୋଧିତ କରିଛି ମୁଁ ଦେଖିଛି ସବୁ ଗାଁରେ ଆପଣମାନଙ୍କ ନେତାମାନେ କହିଛନ୍ତି ଯେ ରାଜୀବଗାନ୍ଧୀ କଂପ୍ୟୁଟର ବିପ୍ଳବ ଆଣିଥିଲେ । ରାଜୀବ ଗାନ୍ଧୀ ମୋବାଇଲ ଫୋନ୍ ଆଣିଥିଲେ, ସବୁ ଗ୍ରାମକୁ ସଂଯୋଗୀକୃତ କରିଥିଲେ । ମୁଁ ଯେତେବେଳେ କହୁଛି ମୋବାଇଲ ଫୋନ ଦ୍ୱାରା ବ୍ୟାଙ୍କିଙ୍ଗ୍ କରାଯାଇ ପାରିବ ଆପଣମାନେ ପଚାରୁଛନ୍ତି ମୋବାଇଲ ଫୋନ୍ କାହିଁ ? ମୁଁ ଏକଥା ବୁଝିବାକୁ ଅସମର୍ଥ । ଆପଣ କହୁଛନ୍ତି ଆପଣ ଏତେ କଥା କରିଥିଲେ ଏବଂ ମୁଁ କିଛି ଭଲ କାମ କଲେ ଆପଣ ପଚାରୁଛନ୍ତି କାହିଁ ? କ'ଣ କହିବାକୁ ଚାହୁଁଛନ୍ତି ଆପଣ ?

ଆପଣ ଜାଣନ୍ତି ଓ ମୁଁ ମଧ୍ୟ ଜାଣେ ସମସ୍ତଙ୍କ ପାଖରେ ମୋବାଇଲ ଫୋନ୍ ନାହିଁ । ଧରାଯାଉ, ଶତକଡ଼ା ୪୦ ଭାଗ ଲୋକଙ୍କ ପାଖରେ ଅଛି । ତାହାହେଲେ ଆମେ ସେହିମାନଙ୍କୁ ଏଇ ଆଧୁନିକ ବ୍ୟବସ୍ଥା ସହ ଯୋଡ଼ିବାର ପ୍ରଚେଷ୍ଟା କଲେ ହେବ ନାହିଁ ? ଅନ୍ତତଃ ଆମେ ଆରମ୍ଭ ତ କରିପାରିବା । ଡିଜିଟାଲ କରେନ୍‌ସିର ଗୁରୁତ୍ୱକୁ ଆମେ ହ୍ରାସ କରିବା ଅନୁଚିତ । ଗୋଟିଏ ଏ.ଟି.ଏମ ମେସିନ୍‌ର ସୁରକ୍ଷା ନିମନ୍ତେ ୫ ଜଣ ପୋଲିସ କର୍ମଚାରୀ ଆବଶ୍ୟକ । ନୋଟଗୁଡ଼ିକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ମଧ୍ୟ ଅର୍ଥ ଖର୍ଚ୍ଚ ହୁଏ । ସୁତରାଂ ଆମେ ଆମଦ୍ୱାରା ଯାହା ହୋଇପାରିବ ତାହା କରିବାକୁ ଚେଷ୍ଟା କରିବା । ଲୋକମାନଙ୍କୁ ନୂଆ ବ୍ୟବସ୍ଥାରେ ସାମିଲ ହେବା ପାଇଁ ପ୍ରେରିତ କରିବା ଯାହାଦ୍ୱାରା ସେମାନେ ଲାଭବାନ୍ ହେବେ। ଜଣେ ପରିବାବାଲା ଏହି ସେବା ଆରମ୍ଭ କରିଛନ୍ତି । କେହି ଜଣେ ପଚାରିଲେ ପରିବାବାଲା ଯଦି ଡିଜିଟାଲ ମାଧ୍ୟମରେ କାରବାର କରେ ତାଙ୍କର ଲାଭ କ'ଣ ! ସେ ଉତ୍ତର ଦେଲେ ତାଙ୍କର କିଛି ସ୍ଥାୟୀ ଗ୍ରାହକ ଅଛନ୍ତି ଯେଉଁମାନେ ଛୋଟ ଖୁଚୁରାଟଙ୍କା ସମୟ ସମୟରେ ଦେଇ ପାରିନଥାନ୍ତି । 'ଭୀମ' ଆପ୍ ଜରିଆରେ ତାଙ୍କର କୌଣସି କ୍ଷତି ହଉନାହିଁ ବରଂ ଆଠଶହ ହଜାରେ ଟଙ୍କା ସଂଚୟ ହେଲାଣି । ତେଣୁ ଦେଖନ୍ତୁ କେମିତି ପରିବର୍ତ୍ତନ ଆସୁଛି । ଆପଣ 'ମୋଦି'ର ବିରୋଧ କରନ୍ତୁ । କିନ୍ତୁ ଯୋଉ କାମ ଭଲ ତାହାର ପ୍ରଶଂସା କରନ୍ତୁ, ବ୍ୟବହାରରେ ଲଗାଇ ତାର ପ୍ରଚାର ଓ ପ୍ରସାର କରନ୍ତୁ ।

ଆମର କାର୍ଯ୍ୟଶୈଳୀ ବଦଳିଲା କିପରି ? ଆମେ ଆସିଲା ପରେ ରାସ୍ତା ନିର୍ମାଣ ଆରମ୍ଭ ହେଲା କି ? ରାସ୍ତାନିର୍ମାଣ ତ ତୋଡର ମଲ୍ ଓ ସେର୍‌ଶାହ ସୁରୀଙ୍କ ସମୟରୁ ଚାଲିଥିଲା । ସବୁକିଛି ଆପଣଙ୍କ ସମୟରେ ଆରମ୍ଭ ହୋଇଥିଲା କହିବା ପାଇଁ ଆପଣ ଇତିହାସରେ କେତେ ପଛକୁ ଯିବେ ? ମୁଁ କହିବାକୁ ଚାହିଁବି ପୂର୍ବ ସରକାରଙ୍କ ସମୟରେ ଦୈନିକ ୬୯ କି.ମି. ରାସ୍ତା ତିଆରି ହେଉଥିଲା ବର୍ତ୍ତମାନ ତାହା ୧୧୧ କି.ମିରେ ପହଂଚିଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ହୋଇ । ଆମେ ରାସ୍ତା ନିର୍ମାଣ ପାଇଁ ମଧ୍ୟ ସ୍ପେଶ୍ ଟେକ୍‌ନୋଲୋଜି (Space Technology) ବ୍ୟବହାର କରିଛୁ । ଅନ୍ତରୀକ୍ଷରୁ ଫଟୋଗ୍ରାଫି ଓ ମନିଟରିଙ୍ଗ୍ କାର୍ଯ୍ୟ ହୋଇଛି । ରେଳଲାଇନ୍ ପାଇଁ ଆମେ 'ଡ୍ରୋନ୍'ର

ବ୍ୟବହାର କରିଛୁ । ଆମର ପଦ୍ଧତି ହେଲା ପ୍ରୟୋଗ ବିଦ୍ୟା ମାଧ୍ୟମରେ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିବା ।

'ଗ୍ରାମୀଣ ଆୱାସ ଯୋଜନା'କୁ ରାଜନୈତିକ ଉଦ୍ଦେଶ୍ୟ ରଖି ତାର ଅସତ୍ ଉପଯୋଗ କରାଯାଇଛି। ଆପଣଙ୍କ ସରକାର ସମୟରେ ୧୦,୮୩,୦୦୦ ଘର ନିର୍ମାଣ ହୋଇଥିଲା ଯାହା ଆମ ସମୟରେ ୨୨,୨୭,୦୦୦ରେ ପହଂଚିଛି । ପୂର୍ବରୁ ବାର୍ଷିକ ୧୫୦୦ କି.ମି. ଦୀର୍ଘ ବ୍ରଡଗେଜ୍ ଲାଇନ୍ କମିଶନ୍ ହେଉଥିଲା, ତାହା ଏକ ୩୦୦୦ କି.ମି.ରେ ପହଂଚିଛି ।

ଆମେ ସର୍ବଦା ଦେଖିଆସିଛୁ କେତେକ ଜିନିଷ ଅପରିବର୍ତ୍ତିତ ରହିଛି ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ, ତାହା ଆଇନ୍ ହେଉ, ଦୋଷୀ ହୁଅନ୍ତୁ, ଫାଇଲ୍ ହେଉ ଅଥବା ପରିବେଶ । ତେଣୁ ଆମେ ତାହାର ପରିବର୍ତ୍ତନ ପ୍ରଚେଷ୍ଟା କରିଛୁ । ଏହି ଉପଦେଶ ଆମର ଶ୍ଳୋକରେ ମଧ୍ୟ ଅଛି ।

'ଉଦ୍ୟମେନ ହି ସିଦ୍ଧ୍ୟନ୍ତି କର୍ମାଣି ନ ମନୋରଥୈଃ ।

ନ ହି ସୁପ୍ତସ୍ୟ ସିଂହସ୍ୟ, ପ୍ରବିଶନ୍ତି ମୁଖେ ମୃଗାଃ ॥

ଏହାର ଅର୍ଥ ହେଲା ହରିଣମାନେ ସୁପ୍ତ ସିଂହର ମୁଖରେ ସ୍ୱତଃ ପ୍ରବେଶ କରନ୍ତି ନାହିଁ । ସିଂହକୁ ତାହାର ଶିକାର ପାଇଁ ଉଦ୍ୟମ କରିବାକୁ ହେବ ।

ଅଧ୍ୟକ୍ଷ ମହୋଦୟା, ସମସ୍ତେ ଜାଣନ୍ତି ଯେ ରାଜ୍ୟ ଇଲେକ୍‌ଟ୍ରିସିଟି ବୋର୍ଡଗୁଡ଼ିକର ସ୍ଥିତି ବଡ଼ ଦୟନୀୟ ଥିଲା । ବିଗତ ଦୁଇ ବର୍ଷରେ ବିଦ୍ୟୁତ ଉତ୍ପାଦନ କିଂଚିତ୍ ବୃଦ୍ଧି ହୋଇଛି । ଟ୍ରାନ୍‌ସ୍‌ମିଶନ୍ ଲାଇନ୍‌କୁ ବୃଦ୍ଧି ମଧ୍ୟ କରାଯାଇଛି । ସୌରଶକ୍ତିର ମଧ୍ୟ ବ୍ୟବହାର କରାଯାଉଛି। ତେଣୁ ୨୭୦୦ ମେଗାୱାଟ୍‌ରୁ ଏହା ୯୧୦୦ ମେଗାୱାଟ୍‌କୁ ବୃଦ୍ଧି ପାଇଛି । ଯୋଜନା ଦ୍ୱାରା ହିଁ ଏହା ସମ୍ଭବ ହେଲା । ଉଦୟ ଯୋଜନା କାର୍ଯ୍ୟକାରୀ ହେଲେ ରାଜ୍ୟ ସରକାରମାନେ ଏକ ଲକ୍ଷ ଷାଠିଏ ହଜାର କୋଟି ଟଙ୍କା ସଂଚୟ କରିପାରିବେ । ଏହା ଦ୍ୱାରା ସେମାନେ ଶକ୍ତି କ୍ଷେତ୍ରରେ ସ୍ୱୟଂସଂପୂର୍ଣ୍ଣ ହୋଇପାରିବେ ।

କୋଇଲା କଥା କହିବି-ଆଗରୁ ପଲିସି ଥିଲା ଯେ ଯେଉଁ ଜାଗାରେ କୋଇଲାଖଣି ଅଛି, ତାର ଆଖ ପାଖରେ କୋଇଲା ବିତରଣ ହେବ ନାହିଁ, ଯଦ୍ୱାରା ରେଳବାଇର କିଛି

ରୋଜଗାର ହେବ । ମାତ୍ର ଆମେ ଏଥିରେ ପରିବର୍ତ୍ତନ ଆଣିଲୁ ଯଦ୍ୱାରା କୋଇଲା କ୍ଷେତ୍ରରେ ୧୩୦୦ କୋଟି ଟଙ୍କାର ଖର୍ଚ୍ଚକାଟ ହେଇଛି ।

LED ବଲବ୍ ବି ସେହିପରି ଏକ କ୍ଷେତ୍ର । ଆପଣଙ୍କ ସମୟରେ ଏହାର ମୂଲ୍ୟ ତିନିଶହରୁ ତିନିଶହ ଅଶୀ ଟଙ୍କା ପର୍ଯ୍ୟନ୍ତ ଥିଲା । ଏହା ଶକ୍ତି ସଂଚୟ କରେ । ଆମେ ଏହାକୁ ଏକ ମିଶନ୍ ବୋଲି ଧରିନେଲୁ ଏବଂ ଖୁବ୍ ସମୟ ମଧ୍ୟରେ ୨୧ କୋଟି LED ବଲବ୍ ଲଗାଇବାରେ ସମର୍ଥ ହେଇଛୁ । ଯେଉଁ ଘରମାନଙ୍କରେ LED ବଲବ୍ ଲାଗିଛି ହିସାବ କଲେ ପ୍ରାୟ ଏଗାର ହଜାର କୋଟି ଟଙ୍କାର ଶକ୍ତି ସଂଚୟ ହୋଇପାରିଛି । ବଜେଟ୍‌ରେ ଏହି ପରିମାଣ ଆବଣ୍ଟିତ ହୋଇଥିଲେ ତାହା ସମସ୍ତଙ୍କର ଦୃଷ୍ଟି ଆକର୍ଷିତ କରିଥାନ୍ତା । କେବଳ LED ବଲବ୍ ଲଗାଇ ଆମେ କେତେ ବଡ଼ ପରିମାଣର ସଂଚୟ କରିପାରିଲୁ ସାଧାରଣ ଲୋକଙ୍କ ଘର ମାନଙ୍କ ଜରିଆରେ ।

ସତ୍ୟ ଶୁଣିବାର ସାହସ ରଖିବା ଦରକାର । ଏହି ସରକାର ଦୁର୍ନୀତିର ମୂଳୋତ୍‌ପାଟନ କରିବାକୁ ବଦ୍ଧ ପରିକର । ଏହି ମହାରାକ୍ଷସକୁ କିପରି ହରାଇବୁ ତାହା ଆମେ ହିଁ ଜାଣିଛୁ । ଏକାଧିକ ପଦକ୍ଷେପମାନ ନେଇଛୁ । ୮୪ଟି ଯୋଜନା ସାତଟି ମନ୍ତ୍ରାଳୟ ଅଧୀନରେ ଥିଲା ଯାହାକୁ DBT ଜରିଆରେ କାର୍ଯ୍ୟକାରୀ କରାଯାଇଛି । ବତିଶ କୋଟି ଲୋକଙ୍କ ମଧ୍ୟରେ ଏକ କୋଟି ଛପନ ହଜାର ଟଙ୍କା DBT ଯୋଜନା ଅଧୀନରେ ବଣ୍ଟନ କରାଯାଇସାରିଛି । ପୂର୍ବରୁ କିପରି ଲୁଣ୍ଠନ, ଭ୍ରଷ୍ଟାଚାର ହେଉଥିଲା ? ମୁଁ ଯଦି ଦୁର୍ନୀତି ଉପରେ ରୋକ୍ ଲଗାଇ ପାରିଲି, ସମସ୍ତେ ମୋର ବିରୁଦ୍ଧରେ ଲାଗିଯିବେ । 'ଗୋଆ'ରେ ମୁଁ କହିଥିଲି ମୋର ନିଷ୍ପତ୍ତି କଠୋର ହେବ ଏବଂ ତାହାର ପ୍ରଭାବ ବିଷୟରେ ମୁଁ ସଚେତନ ଅଛି । ବହୁତ ବଡ଼ ମାଛ ଏହାର ଶିକାର ହେବେ ଏବଂ ଭବିଷ୍ୟତରେ ମୋ ପ୍ରତି କେଉଁ ପ୍ରକାରର ଆକ୍ରମଣ ହେବ ତାହାପ୍ରତି ମୁଁ ସଜାଗ ଅଛି । ଦେଶ ପାଇଁ ମୁଁ କେତେକ ସଂକଳ୍ପ ନେଇଛି ଏବଂ ସେହି ଲକ୍ଷ୍ୟକୁ ନେଇ ଆଗକୁ ବଢୁଛି । ପୂର୍ବରୁ ଗ୍ୟାସ ସିଲିଣ୍ଡର ସହ ସବ୍‌ସିଡି ସଂଯୁକ୍ତ ଥିଲା । ତାହା ଅନୈତିକ କାର୍ଯ୍ୟଶୈଳୀକୁ ବଢାଉଥିଲା, ଆଧାର ସହ ସଂଯୁକ୍ତ ହେବା ଦ୍ୱାରା ଲିକେଜ୍ ବନ୍ଦ ହୋଇ ପ୍ରାୟ ଛବିଶ ହଜାର କୋଟି ଟଙ୍କା ସଂଚିତ ହୋଇପାରିଲା । ଏହାଦ୍ୱାରା ଦେଢ଼ କୋଟି ପରିବାର ଗ୍ୟାସ୍ କନେକ୍‌ସନ୍ ପାଇପାରିଲେ ।

ଆପଣ ତୁଳନାତ୍ମକ ଅଧ୍ୟୟନ କରିପାରିବେ । ଏହି ଗୃହରେ ମୁଁ ସଂପୂର୍ଣ୍ଣ ଦାୟିତ୍ୱବୋଧ ସହ ବକ୍ତବ୍ୟ ରଖିଥାଏ । ଅତୀତରେ ଜାଲ ରାସନକାର୍ଡ ଯୋଗାଇ ଦେଇ କିଛି ଦଲାଲ ପ୍ରକୃତିର ବ୍ୟକ୍ତି ଅତ୍ୟାବଶ୍ୟକୀୟ ପଦାର୍ଥର ଚୋରି କରି କଳାବଜାରରେ ବିକ୍ରି କରୁଥିଲେ । ଏହାଦ୍ୱାରା ଚଉଦ ହଜାର କୋଟି ଟଙ୍କାର କ୍ଷତି ହେଉଥିଲା । ଉପଯୁକ୍ତ ପଦକ୍ଷେପ ନେଇ ବ୍ୟବସ୍ଥାରେ ଥିବା ଛିଦ୍ରମାନଙ୍କୁ ଆମେ ବନ୍ଦ କରିବାର ପ୍ରୟାସ କରିଛୁ । 'ମନରେଗା'ରେ ଆଧାର ଜରିଆରେ ପଇସା ଦିଆଯାଏ । ସୁତରାଂ ଶତକଡ଼ା ଚଉରାନବେ ଭାଗ ସଫଳତା ମିଳିସାରିଛି ଆମକୁ । ସାତ ହଜାର ଛଅଶହ ତେତିଶ କୋଟି ଟଙ୍କାର ଅପବ୍ୟୟକୁ ରୋକାଯାଇ ପାରିଛି । ଆଗାମୀ ବର୍ଷମାନଙ୍କରେ ଏହା ଆହୁରି ବଢ଼ିବ । କେତେକ ଅଦ୍ଭୁତ କେଶ୍ ଆମ ଦୃଷ୍ଟିକୁ ଆସିଛି । National Social Assistance Programme (NSAP)ର ମୂଳଜମା ପ୍ରାୟ ୪୦୦ କୋଟି । ଏମିତି ଉଦାହରଣ ଅଛି ଯେ ଜନ୍ମ ନହୋଇଥିବା ଶିଶୁ କନ୍ୟା ବିଧବା ହୋଇ ଆର୍ଥିକ ସହାୟତା ନେଇଛନ୍ତି ସରକାରଙ୍କ ଠାରୁ । ଏପ୍ରକାରର ଅସଂଗତ ଘଟଣାକୁ ଦୂର କରିବାର ପ୍ରଚେଷ୍ଟା ଚାଲିଛି ।

'ଛାତ୍ରବୃତ୍ତି' ସମ୍ବନ୍ଧରେ ମଧ୍ୟ ସେହିପରି ଅନିୟମିତତା ଆମ ଦୃଷ୍ଟିକୁ ଆସିଛି । ପ୍ରତିବର୍ଷ ପ୍ରାୟ ୪୯,୫୦୦ କୋଟି ଟଙ୍କା ଦଲାଲମାନଙ୍କ ଦ୍ୱାରା ଉଠାଇ ନିଆଯାଉଥିଲା ଯାହା ଗରିବ ଛାତ୍ରଙ୍କ ପାଖରେ ପହଂଚି ପାରୁ ନଥିଲା । ଆମେ ଏହି ପ୍ରଚଳିତ ବ୍ୟବସ୍ଥାକୁ ଠିକ୍ କରିବାକୁ ପାରୁ ପର୍ଯ୍ୟନ୍ତ ଲାଗିଛୁ ।

ଅଧ୍ୟକ୍ଷ ମହୋଦୟା, ମୁଁ ଏକ ଉଦାହରଣ ଦେବାକୁ ଚାହୁଁଛି । କୃଷକମାନଙ୍କ ବିଷୟରେ ବହୁତ କିଛି କୁହାଯାଇଛି । ପ୍ରତିବର୍ଷ ମୁଖ୍ୟମନ୍ତ୍ରୀମାନେ 'ୟୁରିଆ' ପାଇଁ ଦାବି କରି ଭାରତ ସରକାରଙ୍କୁ ପତ୍ର ଲେଖୁଛନ୍ତି। ମୋର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମଧ୍ୟ ମୁଁ ଲେଖୁଥିଲି ଏବଂ ବହୁତ ଅବରୋଧର ସମ୍ମୁଖୀନ ହେଉଥିଲି । ଆଜି ମୁଁ ଗର୍ବର ସହିତ କହିବି ଯେ କୌଣସି ମୁଖ୍ୟମନ୍ତ୍ରୀଙ୍କୁ ୟୁରିଆ ନିମନ୍ତେ ବିଗତ ଦୁଇବର୍ଷ ହେଲା କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନାହିଁ । କେଉଁଠାରେ ଏଥିପାଇଁ ଲାଠିଚାର୍ଜ ମଧ୍ୟ ହୋଇନାହିଁ ।

ଆମେ ଏବେ ମଧ୍ୟ ଭୁଲିନାହୁଁ । ଆପଣ ଖବରକାଗଜରୁ ଜାଣିପାରିବେ ଯେ କିପରି ଅସୁବିଧାର ସମ୍ମୁଖୀନ ହେଉଥିଲେ ଜନସାଧାରଣ ୟୁରିଆ ପାଇବା ପାଇଁ । ଆପଣ ମତେ କୁହନ୍ତୁ ଆପଣ ଜାଣିଥିଲେ ନା ନାହିଁ ନିମ୍ କୋଟେଡ୍ ୟୁରିଆ ବିଷୟରେ । ୨୦୦୭ ଅକ୍ଟୋବର ୫ ତାରିଖରେ ମନ୍ତ୍ରୀମଣ୍ଡଳର ଏକ ଦଳ ଏହାକୁ ସ୍ୱୀକୃତି ଦେଇଥିଲେ । ଛଅ ବର୍ଷ ଯାଏଁ ଆପଣ ତା ଉପରେ ରୋକ ଲଗାଇଥିଲେ ଯେ କେବଳ ୩୫ ପ୍ରତିଶତ ୟୁରିଆ ହିଁ ନିମ୍ କୋଟେଡ୍ ହେବ । କାରଣ ଏହା ଏକ ମସ୍ତବଡ଼ କାର୍ଯ୍ୟ । କିନ୍ତୁ ଯେ ପର୍ଯ୍ୟନ୍ତ ଏହାକୁ ଶତକଡ଼ା ଶହେ ଭାଗ ଯାଏଁ ନକରାଯାଇଛି ତାହାର କୌଣସି ସୁଫଳ ମିଳିବ ନାହିଁ, ସୁତରାଂ ଆମେ ଏହାକୁ ଶତକଡ଼ା ଶହେ ଭାଗ କଲୁ । ଆପଣଙ୍କର ଛଅ ବର୍ଷକୁ ଆମର ଛଅ ମାସ- ଏହି ସମୟ ଯଥେଷ୍ଟ ଆମର କାର୍ଯ୍ୟଶୈଳୀ ଜାଣିବା ନିମନ୍ତେ ।

ସେଣ୍ଟର ଫର୍ ଏଗ୍ରିକଲ୍‌ଚର୍ ଡେଭଲପ୍‌ମେଣ୍ଟ ଆଣ୍ଡ ରୁରାଲ ଟ୍ରାନସ୍‌ଫରମେସନ ଏକ ରିପୋର୍ଟ ପ୍ରସ୍ତୁତ କରିଛି । ଧାନର ଉତ୍ପାଦନରେ ୫ ପ୍ରତିଶତ ଓ ଆଖୁର ଉତ୍ପାଦନରେ ୧୫ ପ୍ରତିଶତ ବୃଦ୍ଧି ହେବାର ଦେଖାଦେଇଛି । କୃଷକମାନେ ଏଥିପାଇଁ ଆମକୁ ଧନ୍ୟବାଦ ଦେଇଅଛନ୍ତି ।

ଅଧ୍ୟକ୍ଷ ମହୋଦୟା, ମହାମହିମ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ଏକା ସାଙ୍ଗରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ନିମନ୍ତେ । ଏହାକୁ ରାଜନୈତିକ ଦୃଷ୍ଟିରୁ ବିବେଚନା କରନ୍ତୁ ନାହିଁ । ପ୍ରତିବର୍ଷ ପାଂଚ ବା ସାତଟି ରାଜ୍ୟରେ ନିର୍ବାଚନ ହେଉଛି । ଏକ କୋଟିରୁ ଅଧିକ ସରକାରୀ କର୍ମଚାରୀ ସେଥିରେ ନିୟୋଜିତ ହେଉଛନ୍ତି । ଶିକ୍ଷକ, ଶିକ୍ଷୟତ୍ରୀମାନେ ବି ନିୟୋଜିତ ହେଉଛନ୍ତି । ଛାତ୍ରଛାତ୍ରୀମାନଙ୍କର ପାଠ ପଢ଼ାରେ ବ୍ୟାଘାତ ହେଉଛି । ବହୁତ ବଡ଼ ଆକରରେ ସରକାରୀ ଧନ ଖର୍ଚ୍ଚ ମଧ୍ୟ ହେଉଛି । ୨୦୦୯ରେ ଏହି ଖର୍ଚ୍ଚ ଥିଲା୧୧୦୦ କୋଟି ଟଙ୍କା ଯାହା ବିଗତ ଲୋକସଭା ନିର୍ବାଚନରେ ପହଂଚିଛି ୪୦୦୦ କୋଟି ଟଙ୍କାରେ । ଚିନ୍ତା କରନ୍ତୁ ଏହା ଦେଶ ପାଇଁ କେତେ ବଡ଼ ବୋଝ ?

ଅଧ୍ୟକ୍ଷ ମହୋଦୟା, ଆମେ ଅନେକ ଆଇନ ଓ ଶୃଙ୍ଖଳାର ଆହ୍ୱାନର ସାମ୍‌ନା କରୁଛୁ । ପ୍ରାକୃତିକ ବିପର୍ଯ୍ୟୟର ଘଟଣାବଳୀ ହେତୁ ସୁରକ୍ଷାବଳର ସହାୟତା ମଧ୍ୟ ଆବଶ୍ୟକ ।

ବିଶ୍ୱସ୍ତରରେ ଆତଙ୍କବାଦୀ ଘଟଣା ଏବଂ ଶତ୍ରୁ ଦେଶମାନଙ୍କ ଯୋଗୁଁ ଆମର ନିରାପ । ରକ୍ଷୀମାନଙ୍କୁ ବ୍ୟସ୍ତ ତଥା ସଜାଗ ରହିବାକୁ ପଡୁଛି । ନିର୍ବାଚନର ବ୍ୟବସ୍ଥାରେ ମଧ୍ୟ ଏକ ବଡ଼ ସୁରକ୍ଷା ଗୋଷ୍ଠୀକୁ ଲଗାଯାଉଛି, ସୁତରାଂ ଏ ବିଷୟରେ ଆମେ ଚିନ୍ତା କରିବା ଆବଶ୍ୟକ । କୌଣସି ଦଳ ଏ ବିଷୟରେ ଏକଚ୍ଛଟିଆ ନିଷ୍ପତ୍ତି ନେଇପାରିବ ନାହିଁ । ସମସ୍ତଙ୍କର ସହମତିରେ ଦାୟିତ୍ୱସଂପନ୍ନ ବ୍ୟକ୍ତିମାନେ ଏହି ସମସ୍ୟାର ସମାଧାନ ଖୋଜିବା ଦରକାର । ରାଷ୍ଟ୍ରପତିଙ୍କ ଦ୍ୱାରା ଯେଉଁ ପ୍ରସଙ୍ଗ ଉଠାଯାଇଛି ତାହାକୁ ଆଗକୁ ବଢ଼ାଯିବା ଦରକାର ।

ଗ୍ରାମୀଣ ଅର୍ଥନୀତିକୁ ମଜବୁତ ନ କଲେ ଦେଶର ଅର୍ଥନୀତି ମଜବୁତ ହୋଇପାରିବ ନାହିଁ । ମୁଁ ସ୍ତମ୍ଭୀଭୂତ ଯେ ବିରୋଧୀଦଳର ନେତାମାନଙ୍କୁ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଦଳିତ, ବଂଚିତ, ନିଷ୍ପେସିତ, ଅବହେଳିତ, ଶ୍ରମିକ ଆଦିଙ୍କ ବିଷୟରେ ବର୍ଣ୍ଣନା ବଡ଼ ବ୍ୟଥିତ କରିଛି । ମୁଁ ଜାଣିବାକୁ ଚାହେଁ କ'ଣ ଏହି ବର୍ଗମାନେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ସ୍ଥାନ ପାଇବାକୁ ଅଯୋଗ୍ୟ ? ସେମାନଙ୍କୁ କ'ଣ ଆମେ ଭାଗ୍ୟ ଉପରେ ଛାଡ଼ି ଦେବା ?

ଆମେ କୃଷି ଜଳସେଚନ ଯୋଜନା ଉପରେ ଗୁରୁତ୍ୱ ଦେଇଛୁ । ମନରେଗା କେତେ ବଡ଼ ଯୁଗାନ୍ତକାରୀ ପରିବର୍ତ୍ତନ ନ ଆଣିଛି ? ତିନିବର୍ଷରେ ଆପଣ ତାହାକୁ ୬୦୦ କୋଟିକୁ ବଢ଼ାଇ ଥିଲେ ଏବଂ ଆମେ ତାହାକୁ ୧୧୦୦ କୋଟିକୁ ବଢ଼ାଇଛୁ । ଆମେ ସ୍ପେଶ୍ ଟେକ୍‌ନୋଲୋଜିର ବ୍ୟବହାର କରି, ଜିଓ ଟ୍ୟାଗିଙ୍ଗ୍‌ର ବନ୍ଦୋବସ୍ତ କରିଛୁ । ପୋଖରୀର ବ୍ୟବସ୍ଥା କରିଛୁ କାରଣ ଜଳସେଚନ ବହୁତ ଜରୁରୀ । ଛୋଟ ଛୋଟ ପୋଖରୀ ମତ୍ସ୍ୟଚାଷ ପାଇଁ ବହୁତ ଆବଶ୍ୟକ । ଜଣେ ଗରିବ ଲୋକ ମତ୍ସ୍ୟଚାଷ ଦ୍ୱାରା ନିଜର ଜୀବିକା ଅର୍ଜନ କରିପାରିବ । ସେଥିପାଇଁ ଆମେ ଦଶଲକ୍ଷ ପୋଖରୀ ଖୋଳିବାକୁ ନିଶ୍ଚୟ କରିଛୁ । ଆମର ଚାଷୀମାନେ ମଧ୍ୟ ଏହାଦ୍ୱାରା ଉପକୃତ ହେବେ । ଜିଓ-ଟ୍ୟାଗିଙ୍ଗ୍ ହେତୁ ନୀରିକ୍ଷଣ ବି ସମ୍ଭବ ହୋଇପାରିଛି ବର୍ତ୍ତମାନ ଯୁଗରେ ।

ସ୍ପେସ୍ ଟେକ୍‌ନୋଲୋଜି ଦ୍ୱାରା ସାଟେଲାଇଟ୍ ଉତ୍‌କ୍ଷେପଣ କଲେ ମଧ୍ୟ ଆମେ ତାହାର ସଂପୂର୍ଣ୍ଣ ସୁବିଧା ଉଠାଇ ପାରିନାହୁଁ । ଖାଲି ଖବରକାଗଜର ଶିରୋନାମା ବନିଯାଇଛୁ ମାତ୍ର ।

ଏହି ସରକାର ଅଧିକରୁ ଅଧିକ କାର୍ଯ୍ୟକରିବା ନିମନ୍ତେ ଚେଷ୍ଟା କରିବ । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏପରି ଏକ କୃଷକବନ୍ଧୁ ଯୋଜନା । ଏହା ପୂର୍ବରୁ ମଧ୍ୟ ଥିଲା ମାତ୍ର ଆମେ ତାହାକୁ ଅଧିକ ଆକର୍ଷଣୀୟ ରୂପ ଆମ ସମସ୍ତଙ୍କର କିଛି କର୍ତ୍ତବ୍ୟ ରହିଛି । ଏ ସଦନର ସମସ୍ତ ସଦସ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବିଷୟରେ ପଢ଼ନ୍ତୁ ଏବଂ କିପରି ଭାବେ କୃଷକମାନଙ୍କର ସହାୟତା ଅଧିକ କରାଯାଇପାରିବ ନିଜର ମତାମତ ଦିଅନ୍ତୁ । ସେମାନଙ୍କୁ ଏ ଯୋଜନା ବିଷୟରେ ଜଣାନ୍ତୁ । ଏହି ବର୍ଷ ପ୍ରଥମ ଥର ପାଇଁ ଯେଉଁ ଚାଷୀମାନେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ମଞ୍ଜି ମଧ୍ୟ ବୁଣି ପାରିନଥିଲେ, ବୀମାର ହକ୍‌ଦାର ହୋଇପାରିଛନ୍ତି । ଫସଲ ଅମଳର ପନ୍ଦରଦିନ ପର ପର୍ଯ୍ୟନ୍ତ ସେମାନେ ବୀମା ରାଶି ପାଇବାକୁ ଯୋଗ୍ୟ ବିବେଚିତ ହେବେ । ଏସବୁ ନିଷ୍ପତ୍ତି ସାଧାରଣ ନୁହେଁ । ତେଣୁ ଏହା ଆମର କର୍ତ୍ତବ୍ୟ ଯେ ହିତାଧିକାରୀଙ୍କୁ ଅନ୍ତତଃ ତାଙ୍କର ଫାଇଦା କଥା ଜଣାଇବା ଓ ସରକାରୀ ସୁବିଧା ସେମାନେ ପାଇପାରିବେ ବୋଲି କହିବା ।

ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବା Soil Health Card କୁ ନେଇ ଆମ ଭିତରେ ରାଜନୈତିକ ମତ ପାର୍ଥକ୍ୟ ଥାଇପାରେ । କିନ୍ତୁ ଆପଣ ଏହା ସୁନିଶ୍ଚିତ କରନ୍ତୁ ଯେ ଆପଣଙ୍କ ନିର୍ବାଚନ ମଣ୍ଡଳୀର କୃଷକ ଏହି କାର୍ଡ ବିଷୟରେ ଜାଣେ । ଯଦି ଉପଯୁକ୍ତ ମାଟିରେ ଉପଯୁକ୍ତ ଫସଲ ଚାଷ କରାଯାଏ ତାହା ଲାଭଜନକ ହେବ । ଏହା ଅତି ସରଳ କଥା । ମୁଁ ଚାହିଁବି ଛୋଟ ଛୋଟ ଉଦ୍ୟଗୀମାନେ ଏହି ଅଭିଯାନରେ ସାମିଲ ହୁଅନ୍ତୁ । ସେମାନେ ନିଜ ଗ୍ରାମରେ ଘରୋଇ ସ୍ତରରେ ଲାବରୋଟୋରୀ ସ୍ଥାପନ କରନ୍ତୁ ଏବଂ କିଛି ଗ୍ରାମବାସୀଙ୍କୁ ନିଯୋଜିତ ହେବାର ସୁଯୋଗ ଦିଅନ୍ତୁ ।

ଆମେ ଏପରି ନୀତି ପ୍ରସ୍ତୁତ କରିବା ଯଦ୍ୱାରା ଅଧିକରୁ ଅଧିକ ବ୍ୟକ୍ତି ନିଯୁକ୍ତି ପାଇବେ । ସେହି ଉଦ୍ଦେଶ୍ୟରେ ଆମେ Skill Development ବା କୌଶଳ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଆମର ଭିନ୍ନ ଭିନ୍ନ ଯୋଜନା ଯେମିତିକି ପ୍ରଧାନମନ୍ତ୍ରୀ ଜଳସେଚନ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ଯୋଜନା, ପ୍ରଧାନମନ୍ତ୍ରୀ ଉର୍ଜା ଗଙ୍ଗା ଯୋଜନା ଇତ୍ୟାଦିର ଉଦ୍ଦେଶ୍ୟ ହେଲା ଅଧିକରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେବା । ଟେକ୍ସଟାଇଲ ଓ ଯୋତା

ନିର୍ମାଣ କ୍ଷେତ୍ରରେ ମଧ୍ୟ ଆମେ କେତେକ ନୂଆ ପଦକ୍ଷେପ ନେଇଛୁ । ଏହା ଏକ ନୂତନ ପ୍ରଦ୍ୟୋଗିକ କ୍ଷେତ୍ର ଯେଉଁଥିରେ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହିତ କରାଯାଇଛି । ଆମର ଛୋଟ ଉଦ୍ୟୋଗମାନଙ୍କର ବିଶ୍ୱ ବଜାରରେ ପହଂଚିପାରିବାର ସାମର୍ଥ୍ୟ ଅଛି । ଆମର ଛୋଟ ବ୍ୟବସାୟୀମାନେ ରପ୍ତାନିର କଳା ଜାଣନ୍ତି । ବଡ଼ ବଡ଼ ଉଦ୍ୟୋଗ ଛୋଟ ଛୋଟ କଳକବ୍ଜା ଦରକାର କରନ୍ତି ଯାହା ଆମେ ଯୋଗାଇ ପାରିବା । ଇଞ୍ଜିନିୟରିଂ କ୍ଷେତ୍ରରେ ଆମେ ଚମତ୍କାରିତା ଦେଖାଇପାରିବା । ସରକାର ଯେଉଁ ନୂତନ ବଜେଟ୍ ଆଣିଛନ୍ତି ତାହାଦ୍ୱାରା ୯୬ ପ୍ରତିଶତ ବ୍ୟବସାୟୀ ଉପକୃତ ହେବେ । ଆଉ ଯେଉଁ ୪ ପ୍ରତିଶତ ରହିଗଲେ ସେମାନେ ଅତି ବୃହତ୍ ଉଦ୍ୟୋଗର ଅଧିକାରୀ । ତେଣୁ କର୍ମନିଯୁକ୍ତିର ପ୍ରଚୁର ସୁଯୋଗ ରହିଛି ।

ବର୍ତ୍ତମାନ ସର୍ଜିକାଲ ଷ୍ଟ୍ରାଇକ୍ ବିଷୟରେ କହିବି । ମୁଁ ଚକିତ । ଆପଣ ନିଜ ହୃଦୟ ଉପରେ ହାତ ରଖି କହନ୍ତୁ ପ୍ରଥମ ୨୪ ଘଣ୍ଟା ପର୍ଯ୍ୟନ୍ତ ଆମର ରାଜନୈତିକ ବ୍ୟକ୍ତିମାନେ କିଭଳି ପ୍ରତିକ୍ରିୟା ଦେଉଥିଲେ ? କିପରି ମନ୍ତବ୍ୟ ଦେଉଥିଲେ ? କିପରି ଭାଷା ବ୍ୟବହାର କରୁଥିଲେ ? କିନ୍ତୁ ଯେତେବେଳେ ସେମାନେ ଦେଖିଲେ ଯେ ଦେଶର ମନୋଭାବ ଅନ୍ୟପ୍ରକାରର ସେମାନେ ନିଜର ଭାଷା ବଦଳାଇଲେ । ମୁଁ କହୁଛି ଆପଣଙ୍କ ସାମ୍ନାରେ- ଏହା ଏକ ବହୁତ ବଡ଼ ନିଷ୍ପତ୍ତି ଥିଲା ଏବଂ ଏ ବିଷୟରେ ମତେ କେହି ପ୍ରଶ୍ନ କରି ନାହାନ୍ତି । ବିମୁଦ୍ରୀକରଣ ବିଷୟରେ ସମସ୍ତେ ପଚାରିଥିଲେ ମାତ୍ର ସର୍ଜିକାଲ ଷ୍ଟ୍ରାଇକ୍ ବିଷୟରେ ନୁହେଁ । ଭାଇ ଓ ଭଉଣୀମାନେ, ଦେଶର ସେନାବାହିନୀର ପ୍ରଶଂସା କରନ୍ତୁ । ସେମାନଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ । ମୁଁ ଜାଣେ ସର୍ଜିକାଲ ଷ୍ଟ୍ରାଇକ୍ ଆପଣଙ୍କୁ ବ୍ୟଥିତ କରୁଛି । ମୁଁ କହି ରଖେ ଯେ ଆମର ପ୍ରତିରକ୍ଷା ବାହିନୀ ଦେଶରକ୍ଷା ପାଇଁ ପୂର୍ଣ୍ଣପ୍ରାଣରେ ସମର୍ଥ ।

ଆଦରଣୀୟା ଅଧ୍ୟକ୍ଷା, ମୋର ବିଶ୍ୱାସ ଏ ସଦନରେ ବାର୍ତ୍ତାଳାପ କରିବା ବହୁତ ଜରୁରି । ନୂଆ ଚିନ୍ତାଧାରା ଏଠାରେ ବ୍ୟକ୍ତ କରାଯିବା ଦରକାର । ଆମେ ହେଲୁ ଜ୍ଞାନର ପୂଜାରୀ । ଯେତେପ୍ରକାର ନୂଆ ଚିନ୍ତାଧାରା ବିଚାରେ ଆସିବ ତାହା ଆମ ପାଇଁ ସ୍ୱାଗତଯୋଗ୍ୟ । କାରଣ ଆମର ଉଦ୍ଦେଶ୍ୟ ହେଲା ଦେଶକୁ ଉନ୍ନତ ପଥରେ ନେଇଯିବା । ବିଶ୍ୱ ଦରବାରରେ ଭାରତର ସମ୍ମାନ ବୃଦ୍ଧିପୂର୍ବକ ଶୀର୍ଷସ୍ଥାନକୁ ନେବା ଏବଂ ଆମ ବଂଶଧରମାନଙ୍କର ସ୍ୱପ୍ନକୁ ସାକାର କରିବା ।

ସମ୍ମାନନୀୟା ମହୋଦୟା, ମତେ ଆପଣ ସମୟ ଦେଲେ । ଏ ଗୃହ ମୋର ବିଚାର ଶୁଣିଲା । ମୁଁ ସେଥିପାଇଁ କୃତଜ୍ଞ । ମହାମହିମ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇ ମୁଁ ମୋର ବକ୍ତବ୍ୟକୁ ସମାପ୍ତ କରୁଛି ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ ପ୍ରସ୍ତାବ ସମ୍ବନ୍ଧରେ ରାଜ୍ୟସଭାରେ ପ୍ରଧାମନ୍ତ୍ରୀଙ୍କର ଉତ୍ତର

8th February 2017

# ୮.୨.୨୦୧୭ ରାଜ୍ୟସଭା
# ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ

ଆଦରଣୀୟ ସଭାପତିଜୀ, ଦୁଇ ସଂଯୁକ୍ତ ସଦନକୁ ରାଷ୍ଟ୍ରପତିଜୀଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ଦେବା ପାଇଁ ମୁଁ ଆପଣମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇଛି । ପ୍ରାୟ ୪୦ଜଣ ଆଦରଣୀୟ ସଦସ୍ୟ ଏହି ଆଲୋଚନାରେ ଭାଗ ନେଇଛନ୍ତି । ଶ୍ରୀମାନ ଗୁଲାମନବୀ ଆଜାଦ, ଶ୍ରୀ ନୀରଜ ଶେଖର, ଶ୍ରୀ ଏ.ନବନୀଥକୃଷ୍ଣନ୍, ଶ୍ରୀ ଡେରିକ ଓ ବ୍ରେଇନ, ଶ୍ରୀ ଶରଦ ଯାଦବ, ଶ୍ରୀ ସୀତାରାମ ୟେଚୁରୀ, ଶ୍ରୀମାନ ଅହମ୍ମଦ ଭାଇ ଏବଂ ଶ୍ରୀ ଆନନ୍ଦ ଶର୍ମାଜୀ, ମୁଁ ଆପଣ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି । ଆଉ ମଧ୍ୟ ଯେଉଁ ମାନନୀୟ ସଦସ୍ୟମାନେ ଏ ବିଷୟରେ ମତ ରଖିଛନ୍ତି ସେମାନଙ୍କୁ କୃତଜ୍ଞତା ଜଣାଉଛି । ଅଧିକାଂଶ ଯେଉଁ ଆଲୋଚନା ରହିଛି ତାହା ବିମୁଦ୍ରୀକରଣ ଉପରେ ପାଖାପାଖି ରହିଛି । ଏହି କଥାକୁ ଆମେ ଅସ୍ୱୀକାର କରିପାରିବା ନାହିଁ କି ଆମ ଦେଶରେ ଏହା ଏକ ଖରାପ ବ୍ୟବସ୍ଥା ଆସିଛି । ଏହା ଆମ ଅର୍ଥ ବ୍ୟବସ୍ଥାରେ, ସମାଜ ବ୍ୟବସ୍ଥାରେ ଆସ୍ଥାନ ଜମାଇ ଦେଇଛି । ଏହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ ଆଉ ଏଥିପାଇଁ ଭ୍ରଷ୍ଟାଚାର ଏବଂ କଳାଧନ ବିରୁଦ୍ଧରେ ଲଢାଇ, ଏହା କୌଣସି ରାଜନୈତିକ ଲଢାଇ ନୁହେଁ, କୌଣସି ରାଜନୈତିକ ଦଳକୁ ଅସୁବିଧାରେ ପକାଇବା ପାଇଁ ଲଢାଇ ନୁହେଁ । ଆଉ ଏଭଳି ଭାବିବାର କାରଣ ମଧ୍ୟ ନାହିଁ ଏବଂ ଏଥିପାଇଁ କେହି ଏହି ବିବାଦକୁ ନିଜ ସହିତ ଯୋଡ଼ିବାର କୌଣସି କାରଣ କରିବା ଦରକାର ନାହିଁ । ଏହି ସଦନରେ ଆମ ସମସ୍ତଙ୍କ ଦାୟିତ୍ୱ ହେଉଛି କି ଆମେମାନେ ଏହା ବିରୁଦ୍ଧରେ ଯାହା ମଧ୍ୟ ଆମ୍ଭମାନଙ୍କର ସାମ୍ବିଧାନିକ ମର୍ଯ୍ୟାଦା ରହିଛି ଆଉ ଯାହା ଆମର ବିବେକ ଅନୁମତି ଦେଉଛି ତାହା କରିବା ଦରକାର, ଆଉ ଏହା ମଧ୍ୟ ଠିକ୍ ଯେ ସମସ୍ତ ସମାନ୍ତର ଅର୍ଥବ୍ୟବସ୍ଥା କାରଣରୁ ସବୁଠାରୁ କ୍ଷତି କାହାକୁ ହୋଇଛି ତ ଗରୀବମାନଙ୍କୁ ହୋଇଛି । ଗରୀବର ଅଧିକାର ଛଡାଇ ନିଆଯାଉଛି ଏବଂ ମଧ୍ୟମ ବର୍ଗଙ୍କର ଶୋଷଣ ହୋଇଥାଏ । ଆଉ ଏମିତି ନୁହେଁ କି ପ୍ରଥମେ କିଛି ପ୍ରୟାସ ହୋଇ ନାହିଁ ପ୍ରଥମେ ମଧ୍ୟ ପ୍ରୟାସ ହୋଇଥିବ, ଅଧିକ ପ୍ରୟାସର ଆବଶ୍ୟକତା ରହିଛି । ଏହି ପ୍ରୟାସକୁ ମଧ୍ୟ ଯଦି ଆହୁରି ଅଧିକ ପ୍ରୟାସ ଆଡକୁ ନିଆଯାଏ ଏ ନେଇ ଯିବାକୁ

ପଡିବ। କାରଣ ଶେଷ ପର୍ଯ୍ୟନ୍ତ ଆମେ କେତେ ଦିନ ଯାଏ ଏହି ସମସ୍ୟାକୁ ନେଇ ଗାଳିଗ୍ଚ ତଳେ ପକାଇ ନିଜର ଗୁଜରାଣ ମେଣ୍ଟାଇ ଚ୍ଚଲିଥିବା।

ଆଉ ଏଥିପାଇଁ ଯେ ପର୍ଯ୍ୟନ୍ତ ଗୋଟିଏ ବିଷୟରେ ଆଲୋଚନା ହୋଇଥାଏ କି ଜାଲ ନୋଟ୍ ବିଷୟରେ। ଯେଉଁ ସଂଖ୍ୟା ପ୍ରଚ୍ଚରିତ ହୋଇଥାଏ ସେହି ସଂଖ୍ୟା ଯେଉଁ ଜାଲ ନୋଟ୍ ବ୍ୟାଙ୍କ ପର୍ଯ୍ୟନ୍ତ ପହଂଚିଥାଏ ତାହାର ହିସାବ କିତାବ । ଅଧିକାଂଶ ଜାଲ ନୋଟ୍ ସେତେବେଳ ପର୍ଯ୍ୟନ୍ତ ବ୍ୟାଙ୍କର ଦରଜା ପାଖକୁ ଯାଇନଥାଏ ସେହି ବ୍ୟବସ୍ଥାରେ ଚ୍ଚଲିଥାଏ । ଆଉ ଆତଙ୍କବାଦ, ନକ୍ସଲବାଦ ଏହାର ବୃଦ୍ଧି ଦିଗରେ ଏହା ଉପଯୋଗ ମଧ୍ୟ ହୋଇଥାଏ । କିଛି ଲୋକ ବହୁତ ନାଚି କୁଦି କହୁଛନ୍ତି ଯେ, ଆତଙ୍କବାଦୀଙ୍କ ଠାରୁ କିଛି ଦୁଇ ହଜାର ଟଙ୍କିଆ ନୋଟ୍ ମିଳିଥିଲା । ଆମେ ଜାଣିବା ଦରକାର ଯେ, ଆମ ଦେଶରେ ଏହି ଯେଉଁ ବିମୁଦ୍ରାକରଣ ପରର ସମୟ ଥିଲା, ବ୍ୟାଙ୍କ ଲୁଟିବାର ଯେଉଁ ପ୍ରୟାସ ହେଲା ଆଉ ସେଥିରେ ମଧ୍ୟ ନୂଆ ନୋଟ୍ ନେଇଯିବାର ପ୍ରୟାସ ହେଲା, ତାହା ଜମ୍ମୁ କାଶ୍ମୀରରେ ହେଲା । କାରଣ ଜାଲ ନୋଟ୍ ପାଇଁ ଯେଉଁ ସ୍ଥିତି ହେଲା ତାହା ପରେ ନିତିଦିନିଆ କାରବାରରେ ଅସୁବିଧା ଆସିଥିଲା । ଆଉ ଯେଉଁ ନୋଟ୍ ବ୍ୟାଙ୍କରୁ ଲୁଟିବାର କିଛିଦିନ ପରେ ଆତଙ୍କବାଦୀ ମରିଥିଲେ, ସେମାନେ ସେହି ନୋଟ୍ ହାତେଇ ନେଇଥିଲେ । ଏହାର ସିଧା ସିଧା ସମ୍ବନ୍ଧ ଅଟେ, ତାହା ଆମକୁ ବୁଝିବାକୁ ପଡିବ ଏବଂ କାରଣ ଏହା ନୁହେଁ କି ଆମେ ଏପରି ଲୋକଙ୍କ ସପକ୍ଷରେ ନିଜ ବିଚ୍ଚର କାହିଁକି ରଖିବା, କୌଣସି କାରଣ ନାହିଁ କିଏ ଲୋକ ଏମିତି ଅଟନ୍ତି କି ଯେଉଁମାନଙ୍କ ବିରୁଦ୍ଧରେ ଆମେ ଗୋଟିଏ ସ୍ୱରରେ ଲଢିବା ଦରକାର । ସଚ୍ଚୋଟ ବ୍ୟକ୍ତିଙ୍କୁ ସେତେବେଳେ ପର୍ଯ୍ୟନ୍ତ ଶକ୍ତି ମିଳିବ ନାହିଁ ଯେପର୍ଯ୍ୟନ୍ତ ବେଇମାନଙ୍କ ପ୍ରତି କଠୋର ଭାବ ପ୍ରଦର୍ଶନ କରାନଯିବ । ଆଉ ଏଥିପାଇଁ ଏହି ପଦକ୍ଷେପର ସୁନିଶ୍ଚିତ ଲାଭ ସଚ୍ଚୋଟ ଶକ୍ତିଗୁଡିକୁ ବଳ ମିଳିବାର ଅଛି, ଏହା ହେଉଛି ଆମର ସ୍ପଷ୍ଟ ମତ ।

ଆଦରଣୀୟ ସଭାପତି ଜୀ, ବହୁତ ବର୍ଷ ପୂର୍ବେ ଗୋଟିଏ ୱାଙ୍ଗଚୁକୁ କମିଟି ଗଠନ କରାଯାଇଥିଲା। ଏବଂ ବିମୁଦ୍ରୀକରଣର ଆର୍ଥିକ ଆବଶ୍ୟକତା ସମ୍ବନ୍ଧରେ ସେ ସେହି ସମୟରେ ଯେତେବେଳେ ଇନ୍ଦିରା ଗାନ୍ଧି ଥିଲେ, ସେ ନିଜର ରିପୋର୍ଟ ପ୍ରଦାନ କରିଥିଲେ ।

ଆଉ ଯଶୱନ୍ତ ରାଓ ଚୌହ୍ୱାନ ସେଥିରେ ମଧ୍ୟ ସହମତ ଥିଲେ, ତାକୁ ଆଗକୁ ନେବାକୁ ଚାହୁଁଥିଲେ, କିନ୍ତୁ ସେହି ସମୟରେ ଇନ୍ଦିରାଜୀ କହିଥିଲେ ଆରେ ଭାଇ ଆମେ ତ ରାଜନୀତିରେ ଅଛୁ, ନିର୍ବାଚନ ଲଢ଼େଇ ତ ଲଢି ଚାଲିଛୁ । ଏହା ଗଡଓ୍ୱିଲ ଜୀଙ୍କ ବହିରେ ଅଛି । ଆଜ୍ଞା, ଆପଣଙ୍କୁ ଆପଣମାନଙ୍କୁ ଗଡଓ୍ୱିଲେ ଜୀ, ଶ୍ରୀ ଯଶୱନ୍ତ ରାଓ ଚୌହ୍ୱାନଙ୍କ, ଗଡଓ୍ୱିଲେ ଜୀଙ୍କ ଯେଉଁ ବହି ପ୍ରକାଶିତ ହୋଇଛି ଭଲ ହୋଇଥାନ୍ତା ଆପଣ ଏତିକି ସଚେତନତା ଦେଖାଇଥାନ୍ତେ ଏବଂ ଏହି ବହି ବିରୁଦ୍ଧରେ ସ୍ୱର ଉଠାଇ ଥାଆନ୍ତେ, ଅପଣ ଶୋଇ ଥିଲେ କି ? କ'ଣ କରୁଥିଲେ ଆପଣ ? ଆଉ ଇନ୍ଦିରାଜୀଙ୍କ ଉପରେ ସେତେ ବଡ଼ ଆରୋପ ଲାଗିଯିବ, ଆଉ ଜଣେ ଅଫିସର ଆରୋପ ଲଗାଇଦେବେ ଏବଂ ଏ ପର୍ଯ୍ୟନ୍ତ ଆପଣ ଶୋଇ ରହିଲେ ? ଆରେ ଆପଣଙ୍କ ସ୍ଥାନରେ ମୁଁ ଥାଆନ୍ତି ତ ଗଡଓ୍ୱିଲେ ଜୀଙ୍କ ବିରୁଦ୍ଧରେ ମୋକଦ୍ଦମା କରିଥାନ୍ତି କିନ୍ତୁ ଆପଣ କଲେ ନାହିଁ । ଆଜି ଯେବେ ଗଡଓ୍ୱିଲେ ଜୀଙ୍କ ବହିର ଚର୍ଚ୍ଚା ହେଉଛି, ତ ଆପଣଙ୍କୁ ସାମାନ୍ୟ କିନ୍ତୁ ଆଜି ତାହାର ସ୍ଥିତି ଟିକେ ଅଧିକ ଆଗକୁ ବଢିଯାଇଛି ଯେବେ ଓ୍ୱାଙ୍ଗଚୁ କମିଟି ରିପୋର୍ଟ ଦେଇଥିଲେ, ସେତେବେଳେ ସେତିକି କଳାଧନ ନଗଦ ମଧ୍ୟରେ ସୀମିତ ଥିଲା । ଆଜି କଳାଧନ ଆତଙ୍କବାଦୀ ସଂଗଠନ, ଜାଲ ନୋଟ୍ କାରବାର, ଡ୍ରଗ୍ସ କାରବାର ଏହା ଜୀବନର ବହୁ କ୍ଷେତ୍ର ପର୍ଯ୍ୟନ୍ତ ବ୍ୟାପି ଯାଇଛି ଓ ଏଥିପାଇଁ ଏହାର ବ୍ୟାପକତା ବଢି ଯାଇଛି ।

ଯେଉଁ ସମୟ ୫ ନଭେମ୍ବରରେ ନିଷ୍ପତ୍ତି କରାଗଲା, ତ ଜାଲ ନୋଟ୍ ଫେରାଇ ଆଣିବାର ପ୍ରଶ୍ନ ହିଁ ନଥିଲା। କେଉଁ ଛୋଟ ବ୍ୟାଙ୍କ ହୋଇଥିବ! କୌଣସି ସାଧନ ନ ଥିବ ଆଉ ପଶି ଯାଇଥିବ, ତ ତାହାକୁ ରିଜର୍ଭ ବ୍ୟାଙ୍କ ଯାଂଚ କରିବ । କିନ୍ତୁ ଜାଲନୋଟ ତ ସେହି ସମୟରେ ନିଷ୍ଫଳ ହୋଇଗଲା । ଆଉ ଏଥିପାଇଁ ତାହାର ହିସାବ ଯଦି କାହା ପାଖରେ ଅଛି, ତ ସେ ଆଶ୍ଚର୍ଯ୍ୟ ହୋଇଥାନ୍ତି କି ତାହା କେମିତି ହେଲା । ଯାଙ୍କ ପାଖରେ ଜାଲ ନୋଟ୍ ତ ସେହି ସମୟରେ ସ୍ଥିର ହୋଇ ଯାଇଥିଲା । ଆଉ ସବୁଠାରୁ ବଡ଼, ଏହି କାରଣରୁ ହୋଇଛି, ଆଉ ଆପଣ ଏକ ଟିଭି ସମ୍ବାଦରେ ଦେଖିଥିବେ । ଶତ୍ରୁ ଦେଶରେ ଜାଲ ନୋଟର ଯେଉଁ

ବହୁତ ବଡ଼ କାରବାର କରିଲାବାଲାଙ୍କୁ ଆତ୍ମହତ୍ୟା କରିବାକୁ ପଡିଥିଲା। ଏହି ସମ୍ବାଦ ଟିଭି ନ୍ୟୁଜରେ ବହୁତ ଦିନ ପର୍ଯ୍ୟନ୍ତ ଚାଲିଥିଲା।

ଆଜି ଦେଖନ୍ତୁ ଆମ ଦେଶରେ ତିରିଶ ଚାଳିଶ ଦିନରେ ୭୦୦ରୁ ଅଧିକ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ତିରିଶ ଚାଳିଶ ଦିନରେ, ଏହା ପ୍ରଥମ ଥର ପାଇଁ ହୋଇଛି । ଏହା ନଭେମ୍ବର-ଡିସେମ୍ବର ମଧ୍ୟରେ ଚାଳିଶ ଦିନରେ ୭୦୦ ଲୋକ ଆତ୍ମସମର୍ପଣ କରିଛନ୍ତି ଆଉ ତାପରେ ମଧ୍ୟ ଏହି ପ୍ରକ୍ରିୟା ଚାଲୁ ରହିଛି । ଯଦି ମାଓବାଦୀ ଆ।ତ୍ମସମର୍ପଣ କରୁଛନ୍ତି ସେଥିପାଇଁ ଏହି ସଦନରେ ଯଦି ସନ୍ତୋଷ କାହାକୁ ନ ହୁଏ, ସେମିତି ହେବ ନାହିଁ । କେମିତି ହେବ ? ଆଉ ଯଦି ନ ହେବ ତ ତାହାର ଅର୍ଥ ଅନ୍ୟ କିଛି ହେବ ।

ସେହି ପ୍ରକାରରେ ଏ କଥା ମଧ୍ୟ ଠିକ୍ ଯେ ଦେଶର ସାଧାରଣ ବ୍ୟବସ୍ଥାରେ ଧନ ରହିବା ହେଉଛି ବହୁତ ଜରୁରୀ । ହଜାର ଟଙ୍କିଆ ନୋଟ୍ ଛପା ହେବା ପରେ ସାମାନ୍ୟ ବ୍ୟବହାର ପାଇଁ ଯାଉନଥିଲା, ପାଂଚ ଶହ ଟଙ୍କିଆ ନୋଟ୍ ବହୁତ କମ୍ ଯାଉଥିଲା, ହଜାର ଟଙ୍କିଆ ନୋଟ୍ ବହୁତ କମ୍ ଯାଉଥିଲା ଏବଂ ବିଡ଼ା ବିଡା ନୋଟର କାରବାର ଚାଲୁ ରହିଥିଲା । ଏହା ହେଉଛି ସତ୍ୟ, ଏହି ସତ୍ୟକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଏବେ ଯେତେବେଳେ ଏତେ ବଡ ଟଙ୍କା ବା ମୁଦ୍ରା ବ୍ୟାଙ୍କ ପାଖକୁ ଆସିଛି ତ ସ୍ୱାବିକ ଅଟେ ଯେ ବ୍ୟାଙ୍କର ସାମାନ୍ୟ ବ୍ୟକ୍ତିଙ୍କୁ ଟଙ୍କା ଦେବାର ସାମର୍ଥ୍ୟ ବଢିଛି । ସୁଧ ହାର, ସବୁ ବ୍ୟାଙ୍କ ଗୁଡିକ ଏକା ସହିତ ସୁଧ ହାର କମ୍ କରିଛନ୍ତି, ତାହା ଦେଶରେ ପ୍ରଥମ ଥର ହୋଇଥିଲା । ବ୍ୟାଙ୍କର ଲାଭ ସାଧାରଣ ବ୍ୟକ୍ତିମାନଙ୍କ ପାଇଁ ଏଠାରେ ଅସଂଗଠିତ ଶ୍ରମିକଙ୍କ କଥା କୁହାଯାଉଛି, ସତରେ ମୁଁ ଆପଣମାନଙ୍କୁ ବିଶେଷତଃ ସୀତାରାମ ଜୀ ଏବଂ ତାଙ୍କ ଦଳ ଠାରୁ ଏହି ଆଶା କରିବି ଯେ ଅସଂଗଠିତ ଶ୍ରମିକଙ୍କୁ ସେମାନଙ୍କର ବେତନ ସମ୍ବନ୍ଧରେ ସୁରକ୍ଷା ମିଳିବା ଦରକାର । ଏହା ସତ୍ୟ ଯେ ଯେତିକି କୁହାଯାଏ ସେତିକି ଦିଆଯାଏ ନାହିଁ, ଦିଆଯାଏ ସେଥିରେ ମଧ୍ୟ ଜଣେ ଅଧେ ଲୋକ ବାହାରେ ଠିଆ ହୋଇ ରହିଥାନ୍ତି ଓ ସେ କିଛି କାଟି ଦିଏ, ଏହି ରୋଗ ବିଷୟରେ ଆମେ ସମସ୍ତେ ଜାଣିଛେ, କିନ୍ତୁ ଏଭଳି ବହୁତ ରୋଗ ସହିତ ଆମେ ପରିଚିତ ଏବଂ ଏଥି ପାଇଁ ଯଦି ଆମେ ଏହି ବ୍ୟବସ୍ଥା କରିବା, ତ

ସେହି ଶ୍ରମିକ ମାନଙ୍କୁ ଲାଭ ମିଳିବ, ସମୟ ଥାଉ ଥାଉ ଇପିଏଫ ସହିତ ଯୋଡି ହେବେ, ଇଏସ୍ଆଇସି ଯୋଜନା ସହିତ ମଧ୍ୟ ଯୋଡି ହେବେ, ଶ୍ରମିକଙ୍କୁ ଏକ ବହୁତ ବଡ଼ ସୁରକ୍ଷା ଏହି କାରଣରୁ ସମ୍ଭବ ହୋଇ ପାରିବ, ଏହି ଦିଗରେ ଆମର ପ୍ରୟାସ ଚାଲୁ ରହିଛି ।

ଆସାମର କ୍ଷେତ ଓ ବଗିଚା ସଂପର୍କରେ ଗୋଟିଏ ଉଦାହରଣ ଦେବାକୁ ଚାହୁଁଛି, ସେଠାକାର ସରକାର କିଛି ପ୍ରଚେଷ୍ଟା କଲେ, ଚା' ବଗିଚାରେ କାମ କରୁଥିବା ଶ୍ରମିକମାନଙ୍କ ପାଇଁ ବ୍ୟାଙ୍କ ଖାତା ଖୋଲିଲେ ପ୍ରାୟ ସାତ ଲକ୍ଷ, ମୋବାଇଲ୍ ଆପ୍ ଜରିଆରେ ସେମାନଙ୍କୁ କାରବାର କରିବା ଶିଖାଇଲେ, ପ୍ରାରମ୍ଭରେ ସଂଗଠନର ଲୋକମାନେ ମନାକଲେ ନଗଦ ଟଙ୍କା ଦେବାକୁ ପଡିବ କାରଣ ସେଥିରେ ବାକି ଜିନିଷ ଯୋଡି ହୋଇଥିଲା, ଏହି କାରଣରୁ ଏଇ ଚା' ବଗିଚାର ଶ୍ରମିକମାନଙ୍କୁ ପୁରା ବେତନ ମିଳିବାକୁ ଲାଗିଲା, କିଛି କଟି ଯାଉଥିବା ପଇସା ମିଳିଲା ଏବଂ ସେହି ଅଂଚଳରେ ସେମାନଙ୍କର କାରବାର ସୁରକ୍ଷିତ ହେଲା, ଏକ ବହୁତ ବଡ଼ ଅନୁଭୂତି ଅଟେ ମୁଁ ଭାବୁଛି ।

ସେହି ପ୍ରକାରରେ ବିମୁଦ୍ରୀକରଣ ପାଇଁ କୌଣସି ବିଦେଶୀ ଖବରକାଗଜକୁ ଉଦାହରଣ ଭାବେ ନେବା ତ, କୌଣସି ବିଦେଶୀ ଅର୍ଥଶାସ୍ତ୍ରୀଙ୍କୁ ଉଦାହରଣ ଭାବେ ନେବା,ଏମିତି ଏକ ତଫାତ ଯେ ଯଦି ଆପଣ ଦଶଟି ଉଦାହରଣ ନେବେ ତ ମୁଁ କୋଡିଏ କରିପାରିବି, ଆପଣ ଯଦି ଦଶଜଣ ମହାପୁରୁଷଙ୍କ କଥନ କହିବେ ତ ମୁଁ କୋଡିଏ କରି ପାରିବି । ଏହା ଏଇଥିପାଇଁ ହୋଇପାରୁଛି କି ବିଶ୍ୱରେ ଏହାର କୌଣସି ସମାନ୍ତର ହିଁ ନାହିଁ । ଦୁନିଆରେ କେଉଁଠି ଏତେ ବଡ଼ ଓ ଏତେ ବ୍ୟାପକ ନିଷ୍ପତ୍ତି କେବେ ହୋଇ ନ ଥିଲା । ଆଉ ଏଥିପାଇଁ ଦୁନିଆର ଅର୍ଥଶାସ୍ତ୍ରୀମାନଙ୍କ ପାଇଁ ଏହାର ହିସାବ କିତାବ କରିବାର କୌଣସି ମାନଦଣ୍ଡ ନାହିଁ। ଏହା ଏକ ବହୁତ ବଡ଼ ଦୁନିଆର ଅର୍ଥଶାସ୍ତ୍ରୀମାନଙ୍କ ପାଇଁ, ଦୁନିଆର ବିଶ୍ୱବିଦ୍ୟାଳୟ ପାଇଁ ଏକ ବହୁତ ବଡ଼ ତଥ୍ୟ-ଅଧ୍ୟୟନ ହୋଇପାରେ ।

ଆଉ ଭାରତ କେତେ ବଡ଼ ନିଷ୍ପତ୍ତି କଲା ଏହାର ମଧ୍ୟ ସେହି ପ୍ରକାରରେ ଜନସାଧାରଣ, ଦେଶର ଜନଶକ୍ତି କ'ଣ ହୋଇପାରେ ଏବଂ ଏହି ସଦନରେ ବସିଥିବା

ସମସ୍ତ ମହାନୁଭବମାନଙ୍କୁ କହିବାକୁ ଚାହେଁ କି ଏହି ବିମୁଦ୍ରୀକରଣ ପରେ ସମାଜଶାସ୍ତ୍ରୀ ନିଶ୍ଚୟ ଅଧ୍ୟୟନ କରିବେ, ପ୍ରଥମ ଥର ପାଇଁ ସମାନ୍ତରାଳ ବିଭାଜନରୁ ବାହାରି ଆସିଛି ଆଉ ଯେତେବେଳେ ମୁଁ ସମାନ୍ତରାଳ ବିଭାଜନ କହୁଛି ଜନତା ଜନାର୍ଦ୍ଦନର ମିଜାଜ୍ ଗୋଟିଏ ପଟରେ ଏବଂ ନେତାମାନଙ୍କ ମିଜାଜ୍ ଆରପଟରେ । ଏମାନେ ଜନତାଙ୍କ ଠାରୁ ଏତେ ଦୂରେଇ ଯାଇଛନ୍ତି, ପ୍ରଥମଥର ଆମକୁ ସନ୍ତୋଷ ହେବା ଦରକାର, ସାଧାରଣତଃ ସରକାର ଯେତେବେଳେ କୌଣସି ନିଷ୍ପତ୍ତି କରନ୍ତି ତ ଜନତା ଏବଂ ସରକାର ସାମନା ସାମ୍ନି ରହିଥାନ୍ତି, କହିବାକୁ ଗଲେ କେଉଁ ସରକାର ହୁଅନ୍ତୁ ନା କାହିଁକି, ଏହା ହେଉଛି ପ୍ରଥମ ଏପରି ଘଟଣା କି କିଛି ଲୋକ ତ ସେପଟେ ଥିଲେ କିନ୍ତୁ ସରକାର ଏବଂ ଜନତା ଏକ ସଙ୍ଗରେ ଥିଲେ ।

ସେହି ପ୍ରକାରରେ ଏହି କଥା ପାଇଁ ଆମକୁ ଗର୍ବ କରିବା ଦରକାର, ହୋଇପାରେ ଆପଣଙ୍କର କିଛି ଅସୁବିଧା ହୋଇଥିବ, କିନ୍ତୁ ଏହି କଥାକୁ ଆମକୁ ବୁଝିବାକୁ ହେବ ଆଉ ବିଶ୍ୱ ଆଗରେ ଆମେ ଗର୍ବର ସହିତ କହି ପାରିବା କି ଏହି ଦେଶର ଶହେ ପଚିଶ କୋଟି ଲୋକ ଏମିତି ଅଛନ୍ତି, ସେମାନେ ଅଶିକ୍ଷିତ ହୋଇପାରନ୍ତି, ଶିକ୍ଷା ବୋଧହୁଏ ନମିଳି ଥାଉ ଯେମିତି ଆପଣ ନିଷ୍ପତ୍ତି କରୁଥିଲେ, ଯେଉଁ ରିପୋର୍ଟ କାର୍ଡ ଆପଣ ଦେଉଥିଲେ ଆପଣଙ୍କର ଏମିତି ଅଛି, ସେମିତି ଅଛି, ତାହା ସବୁ ସତ୍ତ୍ୱେ ମଧ୍ୟ, ଏହି ଦେଶ ହେଉଛି ଯିଏ ନିଜ ଭିତରର ଦୁର୍ଗୁଣ ମଧ୍ୟରୁ ବାହାରି ଆସିବା ପାଇଁ ପରିଶ୍ରମ କରି ଚାଲିଛି, ବ୍ୟତିବ୍ୟସ୍ତ ହେଉଛି। ଏହା ଯେ କୌଣସି ରାଜନେତା ହୁଅନ୍ତୁ, କୌଣସି ଦଳ ହେଉ ଏହା ଆମମାନଙ୍କ ପାଇଁ ଗର୍ବର ବିଷୟ ଅଟେ ଯେ ଏହି ଦେଶରେ ଏଭଳି ଜନତା ଅଛନ୍ତି, ଏଭଳି ନାଗରିକ ଅଛନ୍ତି ଯେଉଁମାନେ ନିଜର ଦୁର୍ଗୁଣ ବିରୁଦ୍ଧରେ ଲଢିବା ପାଇଁ କଷ୍ଟ ସହିବା ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି, ଅସୁବିଧା ସହିବା ପାଇଁ ପ୍ରସ୍ତୁତ ହୋଇ ରହିଥାନ୍ତି ଏବଂ ଦୁର୍ଗୁଣରୁ ବାହାରକୁ ବାହାରିବା ପାଇଁ ରାସ୍ତା ଖୋଜୁଛନ୍ତି । ଆଉ ଏଥିପାଇଁ ଆମକୁ ମଧ୍ୟ ଏହି କଥାକୁ ବୁଝିବାକୁ ପଡ଼ିବ ।

ସଭାପତି ମହୋଦୟ, ବିଗତ ଅଧିବେଶନରେ ମନମୋହନ ଜୀ ନିଜର ବିଚାର ରଖିଥିଲେ, ଏକଥା ସତ ଯେ, ଏବେ ବୋଧହୁଏ ଆପଣଙ୍କ ତରଫରୁ ଗୋଟିଏ ପୁସ୍ତକ

ପ୍ରକାଶିତ ହୋଇଛି, ତାହାର ମୁଖବନ୍ଧ ଡକ୍ଟର ସାହେବ ଲେଖିଛନ୍ତି । ମୁଁ ଆପଣଙ୍କୁ ଯେବେ ରିପୋର୍ଟ ଦେଖାଉଥିଲି, ମତେ ଲାଗିଲା ଯେ ଏତେ ବଡ଼ ଅର୍ଥଶାସ୍ତ୍ରୀ ଅଟନ୍ତି, ତ ପୁସ୍ତକରେ ତାଙ୍କର ଯୋଗଦାନ ରହିଥିବ କିନ୍ତୁ ଜଣାପଡିଲା ଯେ ପୁସ୍ତକ ଅନ୍ୟ କେହି ଜଣେ ଲେଖିଛନ୍ତି ମୁଖବନ୍ଧ ସେ ଲେଖିଛନ୍ତି ତ ତାଙ୍କ ଭାଷଣରୁ ମଧ୍ୟ ମତେ ଏପରି ଲାଗିଲା ଯେ ବୋଧହୁଏ ! ଏ କଥା ବୁଝିବାର କଥା ଯେ ବିଗତ ପାଖାପାଖି, ୩୦-୩୫ ବର୍ଷ ଧରି ଯେଉଁ ଶବ୍ଦ ମୁଁ ମଧ୍ୟ କହି ନାହିଁ ସେ ତାହାର ଅର୍ଥ ବୁଝିଗଲେ, ଏହା ବଡ଼ ଅଜବ କଥା ଆଜ୍ଞା! ଏବେ ଡକ୍ଟର ମନମୋହନ ସିଂହ ଜୀ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟନ୍ତି, ଆଦରଣୀୟ ବ୍ୟକ୍ତି ଅଟନ୍ତି । ଆଉ ହିନ୍ଦୁସ୍ଥାନରେ ଗତ ୩୦-୩୫ ବର୍ଷ ଧରି ଭାରତର ଆର୍ଥିକ ନିଷ୍ପତ୍ତି ସହିତ ତାଙ୍କର ସିଧା ସମ୍ବନ୍ଧ ରହିଛି, ଆପଣଙ୍କର ନିର୍ଣ୍ଣାୟକ ଭୂମିକା ରହିଛି। ୩୫ ବର୍ଷ ଧରି ଦେଶରେ ବୋଧହୁଏ ଏଭଳି କୌଣସି ବ୍ୟକ୍ତି ଅର୍ଥ ଜଗତରେ ଥିବେ, ଯିଏ ହିନ୍ଦୁସ୍ଥାନର ସତୁରୀ ବର୍ଷର ସ୍ୱାଧୀନତାର ଅଧା ସମୟ ଜଣେ ହିଁ ବ୍ୟକ୍ତିଙ୍କର ଏଭଳି ପ୍ରଭାବ ରହି ଆସିଛି । ଆଉ ଏତେ ଘୋଟାଲାର ଖବର ଆସିଛି, କିନ୍ତୁ ବିଶେଷକରି ଆମ ରାଜନେତାମାନଙ୍କୁ ଡକ୍ଟର ସାହେବଙ୍କଠାରୁ ବହୁତ କିଛି ଶିଖିବାର ଅଛି । ଏତେ କିଛି ହେଲା ତାଙ୍କ ଉପରେ ଗୋଟିଏ ଦାଗ ଲାଗିଲା ନାହିଁ! ଗାଧୁଆଘରେ ବର୍ଷାତି ପିନ୍ଧି ଗାଧୋଇବା ଏ କଳା ତ ଡକ୍ଟର ସାହବେ ହିଁ ଜାଣିଛନ୍ତି ଆଉ କେହି ଜାଣି ନାହାନ୍ତି ।

ଆଦରଣୀୟ ସଭାପତି, ଏତେ ବଡ଼ପଦରେ ରହିଥିବା ବ୍ୟକ୍ତି ସଦନରେ ଯେବେ ଲୁଟ୍, ବେଆଇନି ଅର୍ଥ ଆଇନ ସମ୍ମତ କରିବା ଭଳି ଶବ୍ଦ ପ୍ରୟୋଗ କରିଥିଲେ, ତ ପଚାଶ ଥର ସେଠାରେ ମଧ୍ୟ ଭାବିବାର ଆବଶ୍ୟକତା ଥିଲା ଯେ ମର୍ଯ୍ୟାଦା ଯଦି ଉଲ୍ଲଂଘନ କରୁଛନ୍ତି ତ ଶୁଣିବାର ମଧ୍ୟ ପ୍ରସ୍ତୁତି ରଖିବାର ଥିଲା। ଆଉ ଆମେ ସେହି ମୁଦ୍ରାରେ ଫେରାଇବାର ସାମର୍ଥ୍ୟ ରଖୁଛୁ। ଆଉ ସମ୍ବିଧାନର ମର୍ଯ୍ୟାଦାରେ ରହି କାମ କରୁଛୁ, ଲୋକତନ୍ତ୍ରର ଆଦର କରୁଥିବା ଲୋକ ଅଟୁ କିନ୍ତୁ କୌଣସି ରୂପରେ ପରାଜୟକୁ ସ୍ୱୀକାର ହିଁ ନକରିବା, ଏହା କେତେବେଳ ପର୍ଯ୍ୟନ୍ତ ଚାଲିବ ?

ଆଦରଣୀୟ ସଭାପତି, ଏହି କଥା ସତ ଯେ ସାମାନ୍ୟ ଜନତାଙ୍କୁ ଆନ୍ଦୋଳିତ କରିବାର ବହୁତ ପ୍ରୟାସ ହୋଇଥିଲା ଏବଂ ଆଜି ଆମେ ଦେଖୁଛୁ ଯେ କେଉଁଠାରେ ଏକ ଘଟଣା ଅକସ୍ମାତ ଘଟିଯାଏ ତାହେଲେ ମଧ୍ୟ ଦୁଇ ଚାରୋଟି ଗାଡି ଜଳାଇ ଦିଆଯାଏ, କେଉଁଠାରେ ବସ୍ ଡେରିରେ ଆସିଲା ତାହେଲେ ଗୋଟିଏ ଅଧା ଦୁଇଟି ବସ୍ ଜଳାଇ ଦିଆଯାଏ । ଏହାର କ'ଣ ପ୍ରଭାବ ହେବ ତାହା ତ' ବିଶ୍ଳେଷଣର ବିଷୟ କିନ୍ତୁ ଏହି ଦୃଶ୍ୟ ଦୈନନ୍ଦିନର ଘଟଣା ଅଟେ । କିନ୍ତୁ ଆମ ଭିତରର ଲଢେଇ ସହିତ ଲଢିବା ପାଇଁ ଆମେ ପ୍ରତିବଦ୍ଧ ଅଟୁ ଯେ ଏତେ ଅସୁବିଧା ପରେ ମଧ୍ୟ ଏଭଳି କୌଣସି ଘଟଣା ହେବାକୁ ଦେଇ ନ ଥିଲେ । ଆଉ ସଂପୂର୍ଣ୍ଣ ବିଶ୍ୱ ସାମ୍ନାରେ ଭାରତର ଲୋକଙ୍କର ଏହି ସାମର୍ଥ୍ୟକୁ ଆମକୁ ଗର୍ବର ସହିତ ପ୍ରସ୍ତୁତ କରିବା ଦରକାର, ଆମକୁ ଏହି କଥା କରିବା ଦରକାର ଏବଂ ତେବେ ଯାଇ ମୁଁ ଭାବୁଛି ଯେ କେଉଁ କଥାକୁ ଦୁନିଆ ବୁଝିପାରିବ ଯେ ଆମେ କେଉଁ ପ୍ରକାରର ଚିନ୍ତା କରୁଛୁ ।

ମୁଁ ଆଜି ଅନ୍ୟ ଏକ କଥା ଉଲ୍ଲେଖ କରିବାକୁ କରିବାକୁ ଚାହୁଁଛି ଯେ ଏକ ମାମଲା ଏଭଳି ଥିଲା, ଯେଉଁଠି ଆମର ଓ ସୀତାରାମ ଜୀଙ୍କର ବିଚାରଧାରା ଅଲଗା, ତ ବିଚାରର ପ୍ରସ୍ତୁତି ମଧ୍ୟ ଅଲଗା ହେବା ସ୍ୱଭାବିକ। କିନ୍ତୁ ଏହା ଏଭଳି ଏକ ବିଷୟ ଥିଲା ଯେବେ ମୁଁ ଭାବୁଥିଲି ମୋର କଳ୍ପନା ଥିଲା ଯେ ସୀତାରାମ ଜୀ ଓ ତାଙ୍କ ଦଳ ଆମ ସାଥୀରେ ରହିବେ, ଏହି କାମରେ  ଆମ ସାଥୀରେ ରହିବେ । ଆଉ ଏହାର କାରଣ ଥିଲା, କାରଣ ଏହା ଥିଲା ଆପଣଙ୍କ ପାର୍ଟିର ହିଁ ବରିଷ୍ଠ ନେତା ଶ୍ରୀମାନ ଜ୍ୟୋର୍ତିମୟ ବସୁ ୧୯୭୨ରେ ସେ ୱାଙ୍ଗଚୁ କମିଟିର ରିପୋର୍ଟ ଗୃହରେ ରଖିବା ପାଇଁ ବହୁତ ବଡ଼ ଦାବି କଲେ ଏବଂ ବହୁତ ବଡ ଲଢେଇ ମଧ୍ୟ ଲଢିଥିଲେ । ସରକାର ମାନୁ ନ ଥିଲେ, ତାହାକୁ ପ୍ରସ୍ତୁତ କରୁ ନଥିଲେ, ଶେଷରେ ସେ ଗୋଟିଏ ନକଲ ନେଇ ଆସିଲେ ସେ ନିଜେ ଟେବୁଲ ଉପରେ ରଖିଲେ । ସେ ନିଜେ ହିଁ, ଜ୍ୟୋତିର୍ମୟ ବସୁଜୀ ସେହି ରିପୋର୍ଟକୁ  ଟେବୁଲ ଉପରେ ରଖିଲେ, ପ୍ରାଇଭେଟ ସଭ୍ୟ କହୁଥିଲେ ଏବଂ ତାଙ୍କର ଯେଉଁ ଭାଷଣ ସେହିଦିନ ହୋଇଥିଲା ତାହା ଆଜି ମଧ୍ୟ ଲାଗେ ବହୁତ ବଢିଆ ପ୍ରସ୍ତୁତ ଥିଲା । ସେ କହିଥିଲେ ଯେ, ୨୬ ଅଗଷ୍ଟ ୧୯୭୨ରେ, ଆଜ୍ଞା ୧୨ ନଭେମ୍ବର ୧୯୭୦ କୌଣସି ଶକ୍ତିଶାଳୀ ଏବଂ ପ୍ରତିଷ୍ଠିତ କମିଟିର ପ୍ରାଥମିକ ସୁପାରିଶଗୁଡିକ ମଧ୍ୟରେ ଗୋଟିଏ ଥିଲା ବିମୁଦ୍ରୀକରଣ, ଆଜ୍ଞା ଶ୍ରୀମତୀ

ଇନ୍ଦିରା ଗାନ୍ଧୀ କଳାଧନର ବଳରେ ହିଁ ବଞ୍ଚିଛନ୍ତି। ତାଙ୍କର ରାଜନୀତି କଳାଧନରେ ହିଁ କଟିଛି। ତେଣୁ ନା କେବଳ ଏହି ରିପୋର୍ଟକୁ ଲାଗୁ କରାଗଲା ନାହିଁ, ବରଂ ଦେଢ ବର୍ଷ ପର୍ଯ୍ୟନ୍ତ ଚପାଇ ରଖାଗଲା । ଏହି ଜ୍ୟୋତିର୍ମୟ ବସୁ ଜୀ ୧୯୭୨ରେ କହିଲେ ପୁଣି ଥରେ ୪ ସେପ୍ଟେମ୍ବର ୧୯୭୨ରେ ଲୋକସଭାରେ ଭାଷଣ ଦେଇ ଜ୍ୟୋର୍ତିମୟ ବସୁଜୀ କହିଥିଲେ, 'ମୁଁ ବିମୁଦ୍ରୀକରଣ ଏବଂ ଅନ୍ୟ ଉପାୟଗୁଡିକର ସୁପାରିଶ କରିଛି । ଏବେ ତାହାକୁ ଦୋହରାଇବାକୁ ଚାହୁଁ ନାହିଁ। ସରକାର ସଚ୍ଚୋଟତାର ସହିତ ଲୋକଙ୍କୁ ସହଯୋଗ କରିବା ଆବଶ୍ୟକ, ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ତାଙ୍କର ଏହି ସରକାରଙ୍କ ଚରିତ୍ର ଏଭଳି ଏକ ସରକାର ଯିଏ କଳାଧନର ଅଟେ, କଳାଧନ ଦ୍ୱାରା ଅଟେ, ଏବଂ କଳାଧନ ପାଇଁ ଅଟେ । ଏହା ୧୯୭୨ର କଥା ମୁଁ କହୁଛି ଆଉ ୪ ସେପ୍ଟେମ୍ବର ୧୯୭୨ରେ ଏହା କହିଥିଲେ । ଏତିକି ହିଁ ନୁହେଁ, ସିପିଏମର ବରିଷ୍ଠ ନେତା ହରକିଷନ ସିଂହ ଜୀ ସୁରଜିତ ସେ ୨୭ ଅଗଷ୍ଟ ୧୯୮୧ରେ ସଦନରେ ଭାଷଣ ଦେଇଥିଲେ ଆଉ ସେ କହିଥିଲେ, 'କଳାଧନରେ ଅଙ୍କୁଶ ଲଗାଇବା ପାଇଁ ସରକାର କ'ଣ ପ୍ରକୃତରେ କୌଣସି ଗମ୍ଭୀର ପଦକ୍ଷେପ ନେବାକୁ ଚାହୁଁଛନ୍ତି? କ'ଣ ଶହେ ଟଙ୍କିଆ ନୋଟକୁ ବନ୍ଦ କଲା ଭଳି ନିଷ୍ପତ୍ତି ନେଇ ହେବ?' ଏହି ପ୍ରଶ୍ନ ସୁରଜିତ ଜୀ ମଧ୍ୟ ଏହି ସଦନରେ ୧୯୮୧ରେ ଉଠାଇଥିଲେ ଆଉ ଏଇଥି ପାଇଁ ବିଶେଷ କରି ବାମ ଦଳକୁ ମୋର ଅନୁରୋଧ କି ଆପଣ ଏହି ଲଢେଇରେ ଆମକୁ ସହଯୋଗ କରନ୍ତୁ ଏବଂ କରିବେ ବୋଲି ମୁଁ ଆଶା କରୁଛି, ଆପଣ ନିଜସ୍ୱ ବିଚାର ବ୍ୟାପକ ରୂପରେ ନିଶ୍ଚୟ ରଖୁଥିବେ କିନ୍ତୁ ଏହି କାମ ଏମିତି ଯେ ଯେଉଁଥିରୁ ଆପଣ ଅଲଗା ହୋଇ ପାରିବେ ନାହିଁ, ଆପଣଙ୍କ ଚରିତ୍ର ଏମିତି ନୁହେଁ । କିନ୍ତୁ ପୁଣି ମଧ୍ୟ, ଏହା ସମୟ କହିବ, ଏ କଥା ଠିକ୍ ଯେ ଲୋକତାନ୍ତ୍ରିକ ବ୍ୟବସ୍ଥାରେ ଏତେ ବଡ଼ ନିଷ୍ପତ୍ତି ନେବା ସାଧାରଣତଃ ଲୋକ ଭାବନ୍ତି ଲୋକପ୍ରିୟ ପଦକ୍ଷେପ ନେବା ଏହା ଲୋକତନ୍ତ୍ରର ସ୍ୱଭାବ ହୋଇ ଯାଇଥାଏ । ସ୍ୱଳ୍ପ ମିଆଦି ଲକ୍ଷ୍ୟକୁ ନେଇ ସ୍ୱଭାବ ହୋଇ ଯାଇଥାଏ । ଆଉ ଏଥିପାଇଁ ଏତେ ବଡ଼ ନିଷ୍ପତ୍ତିକୁ ବୁଝିବା ପାଇଁ ମଧ୍ୟ କିଛି ସମୟ ଲାଗିଥାଏ ତ ସେଥିପାଇଁ ମଧ୍ୟ କାହାକୁ ଦୋଷ ଦେଉ ନାହିଁ, ଧୀରେ ଧୀରେ ଲୋକ ବୁଝି ପାରିବେ ଯେଉଁମାନେ ଆଜି ଏହାକୁ ବିରୋଧ କରୁଛନ୍ତି ସେମାନେ ମଧ୍ୟ ବୁଝି ପାରିବେ କି ଏତେ ବଡ଼

ନିଷ୍ପତ୍ତି କେତେ ବଡ଼ ଦେଶର ଭଲ କରିବାର ସମ୍ଭାବନା ଗୁଡିକୁ ନେଇ ଆସିଛି ଏବଂ ଆମେ ତାକୁ ଆଗକୁ ନେବାକୁ ଚାହୁଁଛୁ ।

ଏଠାରେ ଡିଜିଟାଲ ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା ହେଉଛି, ମୁଁ କିନ୍ତୁ ଆଶ୍ଚର୍ଯ୍ୟ ଯେ, ସାମ୍ନାରୁ ଯେତେ ଭାଷଣ ହେଲା, ଏହି ଦେଶରେ ଏହା ନାହିଁ, ଅମୁକ ନାହିଁ, ସମୁକ ନାହିଁ, ଏହା ହୋଇ ନାହିଁ, ତାହା ହୋଇ ନାହିଁ, ଶୌଚାଳୟ ଅଛି ତ ପାଣି ନାହିଁ, ଜଣା ନାହିଁ କ'ଣ କ'ଣ କହୁଛନ୍ତି ? ସତୁରୀ ବର୍ଷର ହିନ୍ଦୁସ୍ଥାନର ସରକାରୀ ରିପୋର୍ଟ କାର୍ଡ ଦେଉଥିଲେ, ଯେଉଁମାନେ ମଧ୍ୟ କହୁଥିଲେ ଏହା ନାହିଁ, ତ ହେଉଛି ସତୁରୀ ବର୍ଷର ରିପୋର୍ଟ କାର୍ଡ ଏବେ ସତୁରୀ ବର୍ଷରେ ମୋର ଯୋଗଦାନ ହେଉଛି ଅଢେଇ ବର୍ଷର । ଏହା ଆମେମାନେ, ଆପଣମାନେ ଶୌଚାଳୟ ତିଆରି କଲେ ତ ଆମେମାନେ କ'ଣ ତାଲା ଲଗାଇ ଦେଲୁ କି ? ଆପଣମାନେ ରାସ୍ତା ତିଆରି କଲେ ତ ମୁଁ କ'ଣ ଓପାଡି ଫୋପାଡି ଦେଲି କି ? ଆପଣ ପାଣି ପାଇଁ ନଳ ବସାଇଲେ ମୁଁ ଆସି ତାହାର ପାଇପ କାଟି ଦେଲି କି? ଏହା ହେଉଛି ସତ୍ୟ, କେହି ଏହା କହୁ ନାହାନ୍ତି କି ହିନ୍ଦୁସ୍ଥାନର ପ୍ରତ୍ୟେକ କୋଣରେ ଡିଜିଟାଲ ବ୍ୟବସ୍ଥା ଅଛି, କିଏ କହୁଛି ? ପ୍ରଶ୍ନ ଏହା ଯେ ମନସ୍ତତ୍ତ୍ୱ ବଦଳିବାରେ ଯେଉଁଠାରେ ସମ୍ଭାବନା ଅଛି ସେଠାରେ ଆମେ ଏହାକୁ କରି ପାରିବା ନା କରିପାରିବା ନହିଁ ?

ଧରି ନିଅନ୍ତୁ ଦିଲ୍ଲୀ ସହରରେ ସମ୍ଭାବନା ଅଛି, ଚାଲନ୍ତୁ ଭାଇ ଦିଲ୍ଲୀ ସହରରୁ ଆରମ୍ଭ କରିବା, ଆମେମାନେ ସକରାତ୍ମକ ଭାବେ କିଛି ଯୋଗଦାନ କରିବା । ବ୍ୟବହାରରେ ପରିବର୍ତ୍ତନର ବିଷୟ ଅଟେ । ଯଦି କଲିକତାର ଲୋକଙ୍କ ପାଖରେ ମୋବାଇଲ ଫୋନ୍ ଅଛି । କଲିକତାର ଲୋକଙ୍କ ପାଖରେ ଡିଜିଟାଲ ଯୋଗାଯାଗର ବ୍ୟବସ୍ଥା ଅଛି ତ, ସେଠାରେ ଆରମ୍ଭ କରନ୍ତୁ । ହୋଇପାରେ ଦୂର-ସୁଦୂର ବାଂଲାଦେଶର ଗାଁର ନ ଥିବ । ଏହା କହିବା, ଆଉ ଦ୍ୱିତୀୟରେ ଆମେ ଏହି କଥାର ଗୀତ ଗାଇ ଚାଲିଛୁ କି ଆମେ ଏହା କରିଦେଲୁ, ଆମେ ତାହା କରିଦେଲୁ, ଅମୁକ କରି ଦେଲୁ । ଏବେ ଯେତେବେଳେ ତାକୁ ଲାଗୁ କରିବାର କଥା ଆସିଲା ତ ଆମକୁ କଷ୍ଟ ହେଉଛି ।

ଦ୍ୱିତୀୟରେ, ଆମେ ଶବ୍ଦର ଖେଳ ଖେଳୁଛୁ । ପ୍ରତ୍ୟେକ ଏ କଥା ମାନିବେ ଭାଇ । କୋଉ ପିଲାଙ୍କୁ ବି ପଚାରର, ସ୍କୁଲ ସବୁଦିନେ ଯାଉଛ, କାହାକୁ ମଧ୍ୟ। ଆପଣଙ୍କ ସନ୍ତାନକୁ ମଧ୍ୟ ମୁଁ ପଚାରିବି ତ କହିବ, ହଁ ସବୁଦିନେ ଯାଉଛି । କିନ୍ତୁ ମତେ ବି ଜଣା ତାକୁ ବି ଜଣା ଯେ ରବିବାରରେ ଯାଏ ନାହିଁ । ସମସ୍ତଙ୍କୁ ଜଣାଅଛି । ତେଣୁ ଏହା ସ୍ୱଭାବିକ ଅଟେ, ସେହିଭଳି ଦେଶରେ ନଗଦ ବିହୀନର ଅର୍ଥ ହେଉଛି ଧୀରେ ଧୀରେ ସମାଜକୁ ଏହି ପ୍ରକାରର ପାଉଣା ଦିଗରେ ନେଇଯିବା । ଦୁନିଆରେ ଆଜି ମଧ୍ୟ ବଡ଼ ବଡ଼ ଦେଶ ନିର୍ବାଚନ କରୁଛନ୍ତି ତ ଭୋଟ କାଗଜ ଛାପି, ମୋହର ମାରି ନିର୍ବାଚନ କରୁଛନ୍ତି । ଯେଉଁ ଦେଶକୁ ଅପାଠୁଆ ବିବେଚନା କରାଯାଏ ଏହି ହିନ୍ଦୁସ୍ଥାନ ଦୁନିଆର ସବୁଠାରୁ ବଡ଼ ଲୋକତନ୍ତ୍ର ବଟନ ଚିପି ଭୋଟିଂ କରେ । ଯେଉଁଦିନ ବଟନ ଚିପିବାର ବ୍ୟବସ୍ଥା ଆସିଥିବ, କେହି ଭାବି ନ ଥିବେ ଯେ ଏତେ ବୈଷୟିକ ଜ୍ଞାନକୁ ଆମ ଦେଶର ଗରିବରୁ ଗରିବ ଲୋକ ଆପଣାଇପାରେ ।

ଅର୍ଥାତ ଆମେ ନିଜ ଦେଶର ଶକ୍ତିକୁ କମ୍ ନ ଭାବିବା। ହଁ ଆମକୁ ଏହା ଲାଗୁଛି ଏହି ରାସ୍ତା ହିଁ ଭୁଲ, ତାହେଲେ ଠିକ୍ ଅଛି, କିନ୍ତୁ ଅସୁବିଧା ଅଛି, କଷ୍ଟ ଅଛି, ତା ହେଲେ ଛାଡି ଦେବା, ତାହା ଠିକ୍ ନୁହେଁ। ଅସୁବିଧା ହେବ, ବ୍ୟବସ୍ଥା କମ୍ ଥିବ କିନ୍ତୁ ଆ ।ଗକୁ ତ ବଢିବାକୁ ହେବ । ଆଗକୁ ବଢିବା ଭିତରେ ।

କିଛି ଲୋକ କହୁଛନ୍ତି ଯେ ଦୁନିଆରେ କେତେଗୁଡିଏ ଦେଶ ଆଗରେ ଅଛନ୍ତି । ଦୁନିଆର କେତେକ ଦେଶ, ମୁଁ ଆଶ୍ଚର୍ଯ୍ୟ, ଆନନ୍ଦ ଶର୍ମା କହୁଥିଲେ । ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗିବ ଯେ କୋରିଆ ଡିଜିଟାଲ ଯୁଗରେ ଯିବା ପାଇଁ ଯେଉଁ ପ୍ରୋତ୍ସାହନ ଯୋଜନା କରିଛି ଏତେ ବଡ ମାତ୍ରାରେ ଆସିଲା । ଏ କହୁଛନ୍ତି ଆପଣ କୋଟି  କୋଟି ଟଙ୍କା ଡିଜିଟାଲକୁ ପ୍ରୋତ୍ସାହନ ଦେବା ପାଇଁ ଖର୍ଚ୍ଚ କରୁଛନ୍ତି । ଏବେ ଯେଉଁ ଭୀମ୍ ଆପ୍ କରାଯାଇଛି । ଭୀମ୍ ଆପ୍ ରେ ଏକ ନୂଆ ପଇସା ଖର୍ଚ୍ଚ ହେବ ନାହିଁ । ବିନା ଖର୍ଚ୍ଚରେ ଦେଣନେଣ ହେଉଛି । ଗୋଟିଏ ଟଙ୍କା ମଧ୍ୟ କୌଣସି ବ୍ୟାଙ୍କକୁ, କାହାକୁ ମଧ୍ୟ କମିଶନ ଆକାରରେ ଯାଉ ନାହିଁ ଆଉ ଏଥିପାଇଁ ଦୁନିଆ କାଗଜ-ବିହୀନ, ପରିସୀମା-ବିହୀନ ବ୍ୟାଙ୍କିଙ୍ଗ୍ ଆଡକୁ ଯାଉଛି । ଭାରତ ପଛରେ ରହିବାର କୌଣସି କାରଣ ନାହିଁ । ହୋଇପାରେ ଆମର ବ୍ୟବସ୍ଥା କମ୍ ଥିବ

ତା ହେଲେ ଆଉ ଦୁଇ ବର୍ଷ ଅଧିକ ଲାଗିପାରେ, ପାଂଚ ବର୍ଷ ଆଉ ଲାଗିବ କିନ୍ତୁ ଆରମ୍ଭ କରିବା କିମ୍ୱା ଏହି ଦିଗ ଭୁଲ, ଏଭଳି ବିଚାର ମୁଁ ଭାବୁଛି ଉପଯୁକ୍ତ ହେବ ନାହିଁ । ଆମ ଲୋକମାନଙ୍କୁ ପ୍ରୟାସ କରିବାକୁ ହେବ ଏହାକୁ ପ୍ରୋତ୍ସାହିତ କରିବା ପାଇଁ ନିଜ ନିଜ ଅଂଚଳରେ ମଧ୍ୟ ଲୋକଙ୍କୁ ଆମକୁ ବୁଝାଇବାକୁ ପଡିବ ଆଉ ଏହି ଦିଗରେ ଆମକୁ ବଢିବାକୁ ହେବ ।

ଏବେ ଦେଖନ୍ତୁ, ରେଳବାଇ । ଆମ ଦେଶରେ ସାଧାରଣ ନାଗରିକ ଯାଏ ଆଜି ୬୦ ପ୍ରତିଶତ ରେଳରେ ଅନ୍ ଲାଇନ ବୁକିଂ ହେଉଛି । ତାହାର ଦେୟ ମଧ୍ୟ ଅନ୍‌ଲାଇନରେ । ଯଦି ସେ ଟିକେଟ କ୍ୟାନସେଲ ବା ରଦ୍ଦ କରିଦେଉଛନ୍ତି ତା ହେଲେ ପଇସା ଅନ୍ ଲାଇନରେ ଫେରି ଆସୁଛି । ଆଜି ବହୁତ ଏମିତି ପରିବାର ଅଛନ୍ତି ଯେଉଁମାନେ ସହରରେ ରହୁଛନ୍ତି । ସେମାନଙ୍କୁ ଯଦି ବିଜୁଳି ବିଲ୍ ଦେବାକୁ ଅଛି ଆଗରୁ ବିଜୁଳି ବିଲ୍ ପଇଠ କରିବା ପାଇଁ ଅଧାଦିନ ଛୁଟି ନେବାକୁ ପଡୁଥିଲା ଏବଂ ତା ପରେ ଅଫିସ ଯାଉଥିଲେ । ଆଜି ସେ ଘରେ ବସି ରାତି ୧୨ଟାରେ ଆସି ନିଜ ମୋବାଇଲ ଫୋନରୁ ବିଜୁଳିର ଦେୟ ଦେଉଛି । ସୁବିଧା ବଢି ବଢି ଚାଲିଛି। ଯଦି ଏହି ସୁବିଧା ବୈଜ୍ଞାନିକ ଉପାୟରେ ଟେକ୍ନୋଲଜି ଉପାୟରେ ମିଳୁଛି ତ ହଁ ଆମକୁ ତାହାର ଅସୁବିଧା ବିଷୟରେ ଚିନ୍ତା କରିବା ଦରକାର। ଟେକ୍ନୋଲଜିରେ ମଧ୍ୟ ଯଦି କୌଣସି ଅଭାବ ରହୁଛି ତାକୁ ଠିକ୍ କରିବା ଦରକାର କିନ୍ତୁ ଏହି କଳ୍ପନା ହିଁ ଭୁଲ ଯଦି ଆପଣ ଏପରି ନକାରାତ୍ମକ ଭାବନା ନେଇ ଚାଲିବେ ତା ହେଲେ ଆମେ ଦେଶର କୌଣସି ପ୍ରକାରରେ ଭଲ କରି ପାରିବା ନାହିଁ ।

**ରୂପେ କାର୍ଡ-** ଏବେ ଅରୁଣ ଜୀ କହୁଥିଲେ । ଏହି ଦେଶରେ ଜନଧନ ଏକାଉଣ୍ଟ ସହିତ ଏହି ଦେଶରେ ୨୧ କୋଟି ଲୋକଙ୍କୁ ରୂପେ କାର୍ଡ ଦିଆଯାଇଛି । ଆଉ ଆପଣମାନଙ୍କୁ ଅନ୍ଦାଜ ନାହିଁ ଏହାର ଶକ୍ତି କ'ଣ ହୋଇଥାଏ । ସାଧାରଣ ଭାବେ ପକେଟରେ ଏହି କାର୍ଡ ରହିବା, ଏହା ବଡ ସମ୍ମାନ ସୂଚକ ହୋଇଗଲାଣି ସମାଜର ଗୋଟିଏ ବର୍ଗ ପାଇଁ, ପାଉଣା ଦେବାର ଅଛି ତ କାର୍ଡରେ ଦେବା । ଏହା ମଧ୍ୟ ହାଓ୍ୱା ହୋଇଗଲାଣି କି ଗରିବର ତ ଏହି ବିଷୟ ହିଁ ନୁହେଁ ଆଜ୍ଞା । ଏବେ ମତେ ଅନନ୍ତ କୁମାର ଜୀ କହୁଥିଲେ ସେ ବାଙ୍ଗାଲୁରୁରୁ

ଆସୁଥିଲେ ତ ତାଙ୍କ ସହିତ କୌଣସି ଆଇଟି ପ୍ରଫେସନାଲ ବସିଥିଲେ ତ ସେ ନିଜ ଡ୍ରାଇଭରର ଘଟଣା ଶୁଣିଲେ। କହିଲେ ତାଙ୍କ ଡ୍ରାଇଭର ଏହି ବିମୁଦ୍ରୀକରଣ ଯୋଗୁ ଭାରି ଖୁସି । କହିଲେ କାହିଁକି, କହିଲା ଆଜି କୌଣସି ବଡ ଲୋକ କାର୍ଡ ରଖେ ତ ମୁଁ ମଧ୍ୟ କାର୍ଡ ରଖୁଛି । ସେ କାର୍ଡ ଦେଖାଇବାକୁ ଲାଗିଲା । ତାକୁ ବହୁତ ଆନନ୍ଦ ମିଳୁଥିଲା । ଏବେ ଦେଖନ୍ତୁ ଏହି ସମାଜର ସାମାନ୍ୟ ବ୍ୟକ୍ତିର ଜୀବନରେ ମଧ୍ୟ ଏକ ପରିବର୍ତ୍ତନର ବ୍ୟବସ୍ଥା ହୋଇଛି । ଏକ ନୂଆ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ । ଯାହା ଘରକୁ ମଧ୍ୟ ସାଇକେଲ ଆସି ନଥାଏ ନା, ସେ ଖୁସିରେ ଆତ୍ମହରା ହୋଇଯାଏ ଯେତେବେଳେ ମୋଟର ସାଇକେଲ ଆସି ଯାଇଥାଏ । ଯାହା ପାଖରେ ସ୍କୁଟର ଥାଏ ଯଦି ଛୋଟଟିଏ ଆଣିଥାଏ, ପୁରୁଣାଟିଏ ମଧ୍ୟ ଆଣିଥାଏ ତ ଗର୍ବ କରିଥାଏ । ଆମକୁ ସମାଜର ଛୋଟ ଛୋଟ ଲୋକଙ୍କର ଯେଉଁ ଅ।କାଂକ୍ଷାକୁ ପୁରା କରିବା ଦିଗରେ, ଆମର ପ୍ରୟାସ ହେବା ଦରକାର।

ସିଧାସଳଖ ସୁବିଧା ହସ୍ତାନ୍ତର-କେତେ ବଡ଼ ଲାଭ ହୋଇଛି । ମୁଁ ସେହି ସଦନରେ ବିସ୍ତୃତ ଭାବେ କହିଛି କି ସିଧାସଳଖ ସୁବିଧା ହସ୍ତାନ୍ତର ଦ୍ୱାରା ପାଖାପାଖି ୫୦ ହଜାର କୋଟି ଟଙ୍କା ଯାହା ବାଟମାରଣ ବା ଚୋରି ହେଉଥିଲା, ପ୍ରତି ବର୍ଷ ହେଉଥିଲା, ଏ ପର୍ଯ୍ୟନ୍ତ ବଂଚାଇ ପାରିଲୁ ଆଉ ଆଗକୁ ଜଣା ନାହିଁ କେତେ ବଂଚିବ । ସିଧାସଳଖ ସୁବିଧା ହସ୍ତାନ୍ତର ଛାତ୍ରବୃତ୍ତି ଭଳି । ଗୋଟିଏ ବ୍ୟକ୍ତି ଛଅଟି ସ୍ଥାନରୁ ଆଣିଥାଏ । ବିଧବା ଭତ୍ତା, ଯେଉଁ ଝିଅର ଜନ୍ମ ହୋଇ ନାହିଁ ସେ ମଧ୍ୟ ବିଧବା ହୋଇଗଲା ଏବଂ ଚେକ୍ ମଧ୍ୟ କଟା ଯାଇଥାଏ । ଏହା ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନା କାରଣରୁ, ଏହି ଯେଉଁ ବାଟମାରଣା ବା ଚୋରି ହେଉଥିଲା ତାକୁ କଳାବଜାରୀ ବା ଦଲାଲମାନେ ନେଇ ଯାଉଥିଲେ । ଏଥିରେ ଦେଶର ଯେଉଁ ବହୁତ ବଡ ରାଜକୋଷ ଲୁଟ୍ ହେଉଥିଲା ସେଥିରେ ଅଙ୍କୁଶ ଲାଗିଲା । ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନାରେ ମଧ୍ୟ ଏଥିରୁ ଲାଭ ମିଳିଲା । ଆମକୁ ପ୍ରଚେଷ୍ଟା କରିବାକୁ ପଡିବ ଡିଜିଟାଲ ପାଉଣାକୁ ବଢାଇବା ପାଇଁ, ଆମେ ଯେତେ ପ୍ରୟାସ କରୁଛୁ, ଆମକୁ କରି ଚାଲିବାକୁ ପଡିବ।

ସରକାର ସେହି ବ୍ୟବସ୍ଥାକୁ ବିକଶିତ କରିଛନ୍ତି । ପିଓଏସ୍ ମେସିନର ଆବଶ୍ୟକତା, ବହୁତ ଦ୍ରୁତ ଗତିରେ ପିଓଏସ୍ ମେସିନ ସଂଖ୍ୟା ବୃଦ୍ଧି କରାଯାଉଛି। ମୋବାଇଲ-ପେମେଣ୍ଟ ପାଇଁ, ଇ-ୱାଲେଟ ପାଇଁ ପ୍ରୋତ୍ସାହନ ଦିଆଯାଉଛି । ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଦିଗରେ କାମ ଚାଲିଛି । ଆଧାର ଆଧାରିତ ପେମେଣ୍ଟ, ଯେଉଁଭଳି ଭାବେ ଟେକ୍ନୋଲଜିର ବିକାଶ ହୋଇଛି । ଖାଲି 'ଆଧାର'କୁ ଆଧାର କରି, କୌଣସି ମୋବାଇଲ ଫୋନର ମଧ୍ୟ ଆବଶ୍ୟକତା ପଡିବ ନାହିଁ, ସେ ନିଜ ପାଉଣା ଦେଇପାରିବ, ସେହିଦିନ ଦୂର ନାହିଁ । ଆଉ ଏଥିପାଇଁ ଏହି ବ୍ୟବସ୍ଥାକୁ ଆମେ ଟିକେ ବୁଝିବାକୁ ଚେଷ୍ଟା କରିବା ଆଉ ଆମ ନିଜ ଟିମକୁ ଏଥିରେ ଲାଗୁ କରିବା ପାଇଁ ପ୍ରୟାସ କରିବା ।

**ଭୀମ୍ ଆପ୍** ବହୁତ ଭଲ ଉତ୍ତମ ପ୍ରକାରର ବ୍ୟବସ୍ଥା ହୋଇଛି । ଭାରତ ସରକାରଙ୍କର ଛତ୍ରଛାୟାରେ ତିଆରି ହୋଇଛି ଆଉ ଭୀମ୍ ଆପ୍‌କୁ ଯେତେ ଲୋକପ୍ରିୟ କରିବା ତ କୌଣସି ବ୍ୟାପାର କେହି ବାହାର ସଂସ୍ଥାର କିଛି ଦେବାନେବା ହେବ ନାହିଁ । ସିଧାସଳଖ ଏକ ସାମର୍ଥ୍ୟବାନ ପ୍ଲାଟଫର୍ମ ରହିଛି, ଯାହାର ଲାଭ ନେଇପାରିବା । ଆମକୁ ଏହା କରିବାକୁ ପଡିବ ।

ଏବେ ଦେଖନ୍ତୁ ଡ୍ରାଇଭର, ଯିଏ ଗାଡି ଚଳାଇବାକୁ ଯାଇଥାଏ । ଆମେ ଜାଣିଛୁ କି ଗାଡି ଅଟକିବା କାରଣରୁ ପେଟ୍ରୋଲ ଡିଜେଲରେ କେତେ ଖର୍ଚ୍ଚ ହୋଇଥାଏ । ୮ ନଭେମ୍ବର ପରେ ତାହା ଉପରେ ମଧ୍ୟ ଟିକେ ଗୁରୁତ୍ୱ ଦିଆଯାଇଛି କି ଭାଇ ଡ୍ରାଇଭର ଟୋଲ ଟ୍ୟାକ୍ସ ଦେବା ପାଇଁ ଟେକ୍ନୋଲଜିର ପ୍ରୟୋଗ କରନ୍ତୁ । ଆଉ ରେଡିଓ ତରଙ୍ଗ ଚିହ୍ନଟ (radio frequency identification) ଆରଏଫ୍‌ଆଇଡି ମାଧ୍ୟମରେ, ପ୍ରଥମେ ଜଣେ ଦୁଇଜଣଙ୍କ ପାଖରେ ଏହି ବ୍ୟବସ୍ଥା ଥିଲା । ଏତେ କମ୍ ସମୟରେ ଆଜି ପାଖାପାଖି ୨୦ ପ୍ରତିଶତ ଟ୍ରାଫିକ, ଏହି ଆରଏଫ୍‌ଆଇଡି ଦ୍ୱାରା ପାଉଣା ଦେଉଛନ୍ତି । କାର ଆସୁଛି, ସିଧା ତାହାର ପଞ୍ଜିକରଣ ହୋଇଯାଇଥାଏ ଓ ବ୍ୟାଙ୍କରୁ କଟିଯାଇଥାଏ, ତାକୁ ଅଟକିବାକୁ ପଡେ ନାହିଁ, ଚାଲିଯାଏ । ଏହା ଯଦି ବଢିବ ତାହେଲେ ଦେଶରେ କେତେ ପେଟ୍ରୋଲ ବଞ୍ଚିବ । ଆମ ଦେଶରେ ଟୋଲ ଟ୍ୟାକ୍ସର ପରିସ୍ଥିତି ଏହିଭଳି । ସେହିଭଳି ପେଟ୍ରୋଲ ପମ୍ପରେ ପାଖାପାଖି ୨୯-୩୦ ପ୍ରତିଶତ ଲୋକ, ଆଜି ଡିଜିଟାଲ ମୁଦ୍ରାରେ କାମ କରିବା ଆରମ୍ଭ କରି

ଦେଇଛନ୍ତି । ଆମ ଚନ୍ଦ୍ରବାବୁ ନାଇଡୁ ଜୀଙ୍କ ନେତୃତ୍ୱରେ ଏକ କମିଟି ଗଠନ କରିଥିଲୁ, ତାହାର ଅନ୍ତରୀଣ ରିପୋର୍ଟ ଆସିଛି। ତାହାର ଅଧ୍ୟୟନ ଚାଲିଛି । ସର୍ବଶେଷ ରିପୋର୍ଟ ଆସିବ। ମାତ୍ର ଆମେ ପରିବର୍ତ୍ତନ ପାଇଁ ପ୍ରସ୍ତୁତି କରିବା ଏବଂ ମତେ ଲାଗୁଛି ଯେ ।

ଗୋଟିଏ ବିଷୟ ହେଉଛି ବ୍ୟାଙ୍କିଙ୍ଗ ବ୍ୟବସ୍ଥା - ଯଦି ଆପଣ କିଛି ମଧ୍ୟ କହୁଛନ୍ତି, ତା ହେଲେ ମୁଁ ତାକୁ କହୁଛି ରିପୋର୍ଟ କାର୍ଡ ପୁରୁଣା କାର୍ଯ୍ୟକାଳର ତାହା ରିପୋର୍ଟ କାର୍ଡ ଏହି ସରକାର ଆସି ସର୍ବ ପ୍ରଥମେ ଋଣ ଆଦାୟ ପ୍ରାଧିକରଣ Debt Recovery Tribunal ସ୍ଥାପନ କଲା, କି ବ୍ୟାଙ୍କର ଯେଉଁ ଋଣ ରହିଛି, ତାକୁ ଅସୁଲ କରିବା ଲାଗି ସରକାର ପଦକ୍ଷେପ ନେଲେ ବ୍ୟାଙ୍କରେ ଯେଉଁ ନିଯୁକ୍ତି ହୋଇଥାଏ, ସେଥିରେ କୌଣସି ନିୟମ ନ ଥିଲା, ଏମିତି ହିଁ ଚାଲିଥିଲା, ଚିରାଚରିତ ବ୍ୟବସ୍ଥା ଥିଲା । ଏହି ସରକାର ବ୍ୟାଙ୍କ ବୋର୍ଡ ବ୍ୟୁରୋ ପ୍ରତିଷ୍ଠା କଲେ, ସ୍ୱାଧୀନ ସଂସ୍ଥା ଅଟେ, ସେହି ନିଯୁକ୍ତି କରୁଛି। ତାହାର ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ, ତାହାର ନିର୍ଦ୍ଦେଶକ ପ୍ରମୁଖ । ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ବୃତ୍ତିଗତଭାବ ଆଣିବା ପାଇଁ ଆମେ ପ୍ରୟାସ କରିଛୁ।

ବ୍ୟାଙ୍କ ଏବଂ ଅର୍ଥ ଜଗତ, ବ୍ୟାଙ୍କିଙ୍ଗ ସେକ୍ଟର, ଆର୍ଥିକ ଜଗତ ଏମାନଙ୍କର ଏକ ଗୋଲ୍ ଟେବୁଲ ବୈଠକ ଦୁଇ ଦିନ ପାଇଁ ହୋଇଥିଲା । ଆମ ଦେଶର ବ୍ୟାଙ୍କିଙ୍ଗକୁ କିଭଳି ବିଶ୍ୱସ୍ତରୀୟ ମାନକୁ କିଭଳି ଆଣି ହେବ, ବିସ୍ତୃତ ଭାବେ ସେମାନେ ଆତ୍ମମନ୍ଥନ କଲେ, ଚିନ୍ତନ କଲେ, ନିଜର କ'ଣ ଅଭାବ ଗୁଡିକୁ ସେମାନେ ବୁଝିଲେ ଏବଂ ଠିକ୍ କରିବାର ପ୍ରୟାସ କଲେ ।

ରିଜର୍ଭ ବ୍ୟାଙ୍କର ଗାରିମା - ମୁଁ ବୁଝୁଛି ଯେ ମୋ ଉପରେ ଆକ୍ରମଣ ହେଉ, ଆମ ଦଳ ଉପରେ ଆକ୍ରମଣ ହେଉ, ଆମ ସରକାର ଉପରେ ଆକ୍ରମଣ ହେଉ, ବହୁତ ସ୍ୱାଭାବିକ ଅଟେ, ତାହା ଚାଲୁ ରହିବ ନିଜ ବାଟରେ । କିନ୍ତୁ ରିଜର୍ଭ ବ୍ୟାଙ୍କକୁ ଟାଣିବାର କୌଣସି କାରଣ ନାହିଁ । ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣରଙ୍କୁ ଟାଣିବାର କୌଣସି କାରଣ ନାହିଁ । ଏଭଳି ସଂସ୍ଥାଗୁଡିକର ମାନ ମର୍ଯ୍ୟାଦାକୁ ପାଳନ କରିବାରେ ଆମର ଯୋଗଦାନ ରହିବା ଆବଶ୍ୟକ । ଆଉ ଯା ପୂର୍ବରୁ ଯେଉଁ ଗଭର୍ଣ୍ଣର ଥିଲେ ସେତେବେଳେ ମଧ କିଛି ଲୋକ ସ୍ୱର

ଉଠାଇଥିଲେ । ପୁଣି ମୁଁ ତାହାର ବିରୋଧ କରିଥିଲି, ଏହା ଶୋଭା ଦେଉ ନାହିଁ । ଏଭଳି ପ୍ରସଙ୍ଗଗୁଡ଼ିକୁ ବିବାଦ ଠାରୁ ଅଲଗା ରଖିବା ଦରକାର । ବାକି ରହିଲା ସରକାରଙ୍କର ବ୍ୟବସ୍ଥା ତାହା ଚାଲୁ ରହିବ, ଏଗୁଡିକୁ ଆମେ କରିବା ଦରକାର । ଅର୍ଥ ବ୍ୟବସ୍ଥାକୁ ଚଳାଇବାରେ ରିଜର୍ଭ ବ୍ୟାଙ୍କର ବହୁତ ବଡ଼ ଭୂମିକା ରହିଥାଏ । ତାହାର ବିଶ୍ୱାସନୀୟତା ଦିଗରେ ଆମର ସକାରାତ୍ମକ ସକ୍ରିୟ ଯୋଗଦାନ ହେବା ଦରକାର । କିନ୍ତୁ ଯେଉଁ ଲୋକ ରିଜର୍ଭ ବ୍ୟାଙ୍କର ଗାରିମା ଏବଂ ଏହି ସରକାର ଉପରେ ଯେତେବେଳେ ଆରୋପ ଲଗାଉଛନ୍ତି ତ ମୁଁ ଆଜି ସେମାନଙ୍କୁ କିଛି କହିବାକୁ ଚାହୁଁଛି ଆଉ ବଡ଼ ଦୁଃଖର ସହ କହିବାକୁ ଚାହୁଁଛି । ରିଜର୍ଭ ବ୍ୟାଙ୍କର ପୂର୍ବ ଗଭର୍ଣ୍ଣର ଡକ୍ଟର ସୁବାରାଓ ଏକ ପୁସ୍ତକ ଲେଖିଛନ୍ତି Who Moved My Interest Rate ? ଆଉ ସେହି ପୁସ୍ତକରେ ସେ ଲେଖିଛନ୍ତି ଯେ ୨୦୦୮ରେ ତତ୍କାଳୀନ ଅର୍ଥ ସଚିବଙ୍କ ଦ୍ୱାରା ଏକ Liquidity Management Committeeକୁ ନିଯୁକ୍ତ କରିବାରେ ସରକାରଙ୍କ ନିଷ୍ପତ୍ତିରେ ମୁଁ ଦୁଃଖିତ ଓ ଚିନ୍ତାଗ୍ରସ୍ତ ଥିଲି । ଚିଦାମ୍ବରମ୍ ସ୍ପଷ୍ଟ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ ବିଷୟରେ, କ୍ଷେତ୍ରରେ over-step କରିଥିଲେ । Liquidity ପରିଚାଳନା ସଂପୂର୍ଣ୍ଣଭାବେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟ ଅଟେ । ନା କେବଳ ସେ ମୋ ସହିତ ଏ ବିଷୟରେ ପରାମର୍ଶ ମଧ୍ୟ କଲେ ନାହିଁ କିନ୍ତୁ ଅଧିସୂଚନା ଜାରି କରିବା ବିଷୟରେ ମତେ ମଧ୍ୟ ଜଣାଇଲେ ନାହିଁ । ମତେ କ'ଣ ଜଣାଥିଲା ଯେ ଏହି ନିଷ୍ପତ୍ତି ମୋ କାର୍ଯ୍ୟକାଳର ଶେଷ ବର୍ଷରେ ଆମ ଦୁଇଜଣଙ୍କ ମଧ୍ୟରେ ଅସହଜ ସମ୍ବନ୍ଧ ପାଇଁ ମାର୍ଗ ଖୋଜିବ । ରିଜର୍ଭ ବ୍ୟାଙ୍କର ପୂର୍ବ ଗଭର୍ଣ୍ଣର ପୁରୁଣା ସରକାରଙ୍କ ଉପରେ ଏହିଭଳି ଗମ୍ଭୀର ଆରୋପ ଲଗାଇଥିଲେ । ଆଉ ବହିରେ ପ୍ରକାଶିତ ହୋଇଛି ଏବଂ ଏ ପର୍ଯ୍ୟନ୍ତ କେହି ଏହାର ଉତ୍ତର ଦେଇ ନାହାନ୍ତି । ଏବେ ମୁଁ କହୁଛି ତ କିଛି କହିବେ ତାହେଲେ ଅଲଗା କଥା । କିନ୍ତୁ ଏକଥା ସତ ଯେ ଆଜି ଆମେ ଏହି ଉପଦେଶ ଦେଉଛୁ ଯେ, ସେ ଟିକେ ନିଜେ ନିଜକୁ ଅନୁଶୀଳନ କରି ଦେଖନ୍ତୁ । ଆଉ ମୁଁ ମାନିବି ଯେ ଆମେ ରାଜନୀତି ଠାରୁ ଏହାକୁ ଅଲଗା ରଖିବା। ଏହି ସଂସ୍ଥାର ଗୌରବ ରକ୍ଷା ଦିଗରେ ପ୍ରଯତ୍ନ କରିବା ।

ଆଉ ଆମେ କ'ଣ କରିଛୁ । ଆରବିଆଇର ତାକତ ବଢୁ, ତାହାର ନିଷ୍ପତ୍ତି ଏହି ସରକାର ଆସି କରିଛନ୍ତି। ଆମେ ଆରବିଆଇ ଆଇନକୁ ସଂଶୋଧନ କରି ଆର୍ଥିକ ନୀତି କମିଟିର ସ୍ଥାପନା କରିଛୁ । କେତେ ବର୍ଷ ହେଲାଣି ତାହାର ଚର୍ଚ୍ଚା ଚାଲୁ ରହିଥିଲା, କେହି କରୁ ନଥିଲେ, ଆମେ କଲୁ । ଏହି ସମିତିକୁ ଆର୍ଥିକ ନୀତି ସଂଚାଳନର ସଂପୂର୍ଣ୍ଣ ସ୍ୱାୟତ୍ତତା ଦିଆଯାଇଛି। ଏହି ସମିତିର ପ୍ରମୁଖ ଆରବିଆଇର ଗଭର୍ଣ୍ଣର ଅଟନ୍ତି। ଆରବିଆଇର ଦୁଇ ଅଧିକାରୀଙ୍କ ଛଡା ତିନି ବିଶେଷଜ୍ଞ ଏହାର ସଦସ୍ୟ ଅଛନ୍ତି । ଏହି ସମିତିରେ କେନ୍ଦ୍ର ସରକାରଙ୍କର ଜଣେ ମଧ୍ୟ ସଦସ୍ୟ ରଖା ଯାଇନାହିଁ । ଆଉ ଏହାଠାରୁ ବଡ ସ୍ୱାୟତ୍ତତା, ଆର୍ଥିକ ନୀତି ବହୁତ ବଡ଼ କଥା ହୋଇଥାଏ । ଏତେ ବଡ ସ୍ୱାୟତ୍ତତା କେହି କଳ୍ପନା କରିପାରିବେ ନାହିଁ ଯେ ଏହି ସରକାର ଆରବିଆଇକୁ ଦେଇଛନ୍ତି ଆଉ ଏଇ କାରଣରୁ ଆରବିଆଇର ଶକ୍ତିକୁ ବଢାଇ ଦେଇଛି ।

ଏ କଥା ସତ ଅଟେ । କେତେକ ବିଷୟରେ ଏଠାରେ ଆଲୋଚନାମାନ ହୋଇଛି । କେଉଁ ସରକାର ଶୋଇବା ପାଇଁ ତ ଆସି ନଥାନ୍ତି । ପ୍ରଥମେ ମଧ୍ୟ ଯେଉଁ ସରକାରମାନେ ଆସିଛନ୍ତି ସେମାନେ ମଧ୍ୟ କିଛି ନା କିଛି କରିବାର ପ୍ରୟାସ ତ କରିଥିବେ। ଆମେ ଏ ତ କହୁ ନାହୁଁ ଯେ କେହି କିଛି କରି ନାହାନ୍ତି । ମୁଁ ଲାଲକିଲ୍ଲାରୁ କହିଛି କିନ୍ତୁ ହିନ୍ଦୁସ୍ଥାନର ଅନ୍ୟ କୌଣସି ପ୍ରଧାନମନ୍ତ୍ରୀ ଏହା କହି ନାହାନ୍ତି ମୁଁ ଯାହା କହିଛି । ମୁଁ କହିଥିଲେ ଯେ ଦେଶ ସ୍ୱାଧୀନ ହେଲା ସେବେଠାରୁ ଯେତେ ସରକାର ଆସିଛନ୍ତି, ଯେତେ ପ୍ରଧାନମନ୍ତ୍ରୀ ଆସିଛନ୍ତି ଯେତେ ଲୋକ କାମ କରିଛନ୍ତି, ସେ ସମସ୍ତଙ୍କର ଯୋଗଦାନ ଅଛି ତେବେ ଯାଇ ଦେଶ ଆଜି ଏପର୍ଯ୍ୟନ୍ତ ପହଞ୍ଚିଛି । ଆମେ ଏଭଳି ଲୋକ । ତାହା ତ ମତେ ଜଣାଅଛି ଅନ୍ୟମାନେ ନା କହିବାକୁ କୁଣ୍ଠାବୋଧ କରନ୍ତି । ସେମାନଙ୍କୁ ପସନ୍ଦ ନୁହେଁ ଯେ କେହି ଅନ୍ୟ ଜଣେ କିଛି କାମ କରିଥିବେ, ଆଉ ତା'ର ଉଲ୍ଲେଖ ଏମାନେ କରିବେ । ଆଉ ଇତିହାସ ସାକ୍ଷୀ ରହିଛି। କିନ୍ତୁ ଏ କଥା ସତ ଯେ, ଏହି ସରକାର ଶାସନ ପ୍ରସଙ୍ଗ ଉପରେ ବହୁତ କାମ କରିଛନ୍ତି। ଛୋଟ ଛୋଟ ନିଷ୍ପତ୍ତି ନେବେ କିନ୍ତୁ ସେହି ନିଷ୍ପତ୍ତି ସାମାନ୍ୟ ମଣିଷର ଶକ୍ତିକୁ ବହୁତ ବଢାଇ ଦେଇଛି ।

ଆମେ ଆଫିଡେଭିଟର ପ୍ରଥା ଦେଲୁ । ସାଂସଦଙ୍କ ଘରେ, ବିଧାୟକଙ୍କ ଘରେ କର୍ପୋରେଟରଙ୍କ ଘରେ ଲୋକମାନେ ଆସି ସକାଳୁ ଠିଆ ହୋଇ ଯାଉଥିଲେ ଷ୍ଟାମ୍ପ ମାରିବା ପାଇଁ । ଲାଇନ ଲାଗି ଯାଉଥିଲା । ଆଉ ନା ସେ କିଛି ଦେଖୁଥିଲା ନା କିଛି ନାହିଁ । ଗୋଟିଏ ପିଅନ ବସିଥିଲା କିମ୍ବା କୌଣସି ସାଥୀ କାର୍ଯ୍ୟକର୍ତ୍ତା ବସିଥିଲା ଯେ ଷ୍ଟାମ୍ପ ମାରି ଦେଉଥିଲା । ଆମେ ସେହି ସାଟଫିକେର୍ଟକୁ ନିଜସ୍ୱ ଏଟେଷ୍ଟେସନ ବ୍ୟବସ୍ଥା କରିଦେଲୁ ଆଉ ସେହି କାରଣରୁ ସେହି ସଂକଟରୁ ସାଧାରଣ ମଣିଷ ବଞ୍ଚିଗଲା । କାରଣ ଯେବେ ତାହାର ଅନ୍ତିମ ପର୍ଯ୍ୟାୟ ନିଯୁକ୍ତି ହେବ ତ ପ୍ରକୃତ କପି ନେଇ ଯିବ । ଜେରକ୍ସର ଯୁଗ ଅଟେ ତେଣୁ ସବୁ କିଛି କରିବାର କ'ଣ ଆବଶ୍ୟକତା ଅଛି ।

ଆମେ ସାକ୍ଷାତକାର ଶେଷ କରି ଦେଲୁ। ଟେକ୍ନୋଲଜି ଦ୍ୱାରା ସ୍ଥିର ହେବ ଯେ ଯାହାର ଯୋଗ୍ୟତା ଥିବ, ଯୋଗ୍ୟତା ଆଧାରରେ ଚାକିରି ମିଳିବ । ସେହି କାରଣରୁ ଭ୍ରଷ୍ଟାଚାର ଗଲା। ୧୧୦୦ରୁ ଆଇନକୁ ଶେଷ କରାଗଲା ଏହି ଦୁଇ ସଦନ ଶେଷ କଲେ। ବରିଷ୍ଠ ପଦରେ ନିଯୁକ୍ତି, କେତେକ ସମ୍ବାଦପତ୍ରରେ ଲେଖା ଲେଖିଛନ୍ତି। ପ୍ରଥମ ଥର ପାଇଁ ଯୋଗ୍ୟତା ଆଧାରରେ ନିଯୁକ୍ତି ହେଉଛି । ସମସ୍ତ ପ୍ରକାର ପୁରୁଣା ପ୍ରକ୍ରିୟା, ମୋର ତୋର ସବୁ କିଛି ଚାଲିଗଲା ଆଉ ଏହା ଉପରେ କେତେକ ନିରପକ୍ଷ ସମ୍ବାଦ ପତ୍ର ଲେଖା ମଧ୍ୟ ପ୍ରକାଶିତ କରିଛନ୍ତି ।

**ଡିବିଟି,** ସିଧାସଳଖ ସୁବିଧା ଦ୍ୱାରା ବାଟମାରଣାକୁ ରୋକାଯାଇଛି । ପ୍ରଥମେ କଂପାନୀ ପଞ୍ଜିକରଣ କରିବାକୁ ପଡୁଥିଲା ତ ୭-୭,୧୫-୧୫ ଦିନ, ଦୁଇ-ଦୁଇ ମାସ ଲାଗୁଥିଲା । ଆଜି ୨୪ ଘଣ୍ଟାରେ କଂପାନୀ ପଂଜିକରଣ ହୋଇ ପାରୁଛି ଏହି ବ୍ୟବସ୍ଥା କରିଛୁ । ପ୍ରଥମେ ପାସପୋର୍ଟ ପାଇବାକୁ ମାସେ ଲାଗିଯାଉଥିଲା, ଆଜି ପାସପୋର୍ଟ ଗୋଟିଏ ସପ୍ତାହ ଭିତରେ ଦେବାର ବ୍ୟବସ୍ଥା କରିଛୁ । ଆଉ ଏବେ ଘରର ଯେଉଁ ମୁଖ୍ୟ ଡାକଘର ଅଛି ତାକୁ ମଧ୍ୟ ପାସପୋର୍ଟ ଅଫିସରେ ପରିବର୍ତ୍ତନ କରିବା ଦିଗରେ ଆମେମାନେ କାମ କରି ଚାଲିଛୁ ଆଉ ତାହାର ମଧ୍ୟ ଲାଭ ସାମାନ୍ୟ ଜନତାକୁ ମିଳିବାର ଅଛି ଆଉ ଏହି ଦିଗରେ ଆମର ପ୍ରୟାସ ରହିଛି ।

ଆମେ ଏହା ମଧ୍ୟ ଜାଣିଛୁ କୋଇଲା ନିଲାମ କରିବା କେତେ ବଡ଼ ବିଷୟ ଥିଲା । ସହଜରେ ସରକାର ଏହାକୁ ଲାଗୁ କରି ଦେଲେ । ପାରଦର୍ଶିତା ଆଣିଲୁ । ଏକ ବଡ଼ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି କରିଛୁ, କି ଯାହାର ଏବେ ଅଧିକ ଚର୍ଚ୍ଚା ହୋଇନାହିଁ କିନ୍ତୁ ମୁଁ ଏହି ସଦନକୁ ଜଣାଇବାକୁ ଚାହୁଁଛି । ସରକାରଙ୍କର ଯେଉଁ କିଣିବାର ପରମ୍ପରା ହୋଇଥାଏ ସେଥିରେ ଆମେ ଜିଇଏମର ଶୁଭାରମ୍ଭ କରିଛୁ । ଯେଉଁଥିରେ ସରକାର ଇ-ବଜାର ପ୍ଲେସ, ଜିଇଏମ୍. ଏହି ବ୍ୟବସ୍ଥାକୁ ବିଶ୍ୱ ବ୍ୟାଙ୍କର ଦକ୍ଷିଣ ଏସିଆ Procurement Iinovation ପୁରସ୍କାରରେ ସମ୍ମାନିତ କରାଯାଇଛି । ଏବେ ସେଥିରେ ଦୁନିଆରେ ଯାହାକୁ ମଧ୍ୟ ସରକାରଙ୍କୁ ଦେବାକୁ ହେବ, ସେ ଅନ୍‌ଲାଇନରେ ଆସୁଛନ୍ତି, ନିଜ ତାଲିକା ରଖୁଛନ୍ତି ଆଉ ସରକାର ସେଥିରୁ ସ୍ଥିର କରୁଛନ୍ତି । ଆର୍ଥିକ ଲାଭ ମଧ୍ୟ ହେଲା ଆଉ ୫୦୦୦ ଟଙ୍କାରୁ ଅଧିକ ଦେବାକୁ ପଇଠ କରିବାକୁ ହେବ ତ ଏହି ଜିଇଏମ୍ ମାଧ୍ୟମରେ କରିପାରୁଛନ୍ତି । ଏହି ଦିଗରେ ଆମେ ବ୍ୟବସ୍ଥା କରିଛୁ । ଭ୍ରଷ୍ଟାଚାର ବିରୁଦ୍ଧରେ ସୁ-ଶାସନ ମାଧ୍ୟମରେ, ଟେକ୍ନୋଲଜିର ଉପଯୋଗ ମାଧ୍ୟମରେ ଏକ ପାରଦର୍ଶିତା ଆଣିବା ଦିଗରେ ଆମେ ବଡ଼ ସଫଳତା ପାଇଛୁ ।

ଏହି ସରକାର ମହିଳାମାନଙ୍କ ସଶକ୍ତିକରଣ ପାଇଁ ଅନେକ ନୂଆ ଯୋଜନାମାନ ପ୍ରସ୍ତୁତ କରିଛନ୍ତି । ଉଜ୍ଜ୍ୱଳା ଯୋଜନା । ଆମେ ଜାଣିଛୁ ଗ୍ୟାସର ସିଲିଣ୍ଡର କ'ଣ ସମୟ ଥିଲା, ସାଂସଦମାନଙ୍କୁ ୨୫-୨୫ କୁପନ ମିଳୁଥିଲା ଆଉ ସେହି ୨୫ କୁପନକୁ ନେବା ପାଇଁ ଲୋକ ଲାଇନ୍ ଲଗାଇ ଦେଉଥିଲେ । ସେମିତି ମଧ୍ୟ ଦିନ ଥିଲା । ୨୦୧୪ ନିର୍ବାଚନରେ ୯ ସିଲିଣ୍ଡର ଦେବା ଅବା ୧୨ ସିଲିଣ୍ଡର ଦେବା, ତାହାକୁ ନିର୍ବାଚନର ପ୍ରସଙ୍ଗ ଭାବେ ନେଇ ଲଢ଼ା ଯାଉଥିଲା । ଏହି ସରକାରଙ୍କ କାର୍ଯ୍ୟରେ କେତେ ପାର୍ଥକ୍ୟ ଅଛି । ଗରୀବ ମହିଳାଙ୍କୁ ଗ୍ୟାସ ଚୂଲା, ଏହା ସ୍ୱପ୍ନରେ ମଧ୍ୟ ଭାବି ହେଉ ନ ଥିଲେ । ଏ ପର୍ଯ୍ୟନ୍ତ ପାଖାପାଖି ୧ କୋଟି ୬୫ ଲକ୍ଷରୁ ଅଧିକ ଗରିବ ପରିବାରକୁ ଗ୍ୟାସ୍ ସଂଯୋଗ ଦେଇ ଦିଆଯାଇଛି । ପାଂଚ କୋଟି ପରିବାର ପାଖରେ ପହଂଚାଇବାକୁ ପୁରା ଲକ୍ଷ୍ୟ ରହିଛି । ଦେଶରେ ୨୫ କୋଟି ପରିବାର ଅଛନ୍ତି, ପାଂଚ କୋଟି ପରିବାରଙ୍କ ପାଖରେ ପହଂଚାଇବାର ପ୍ରୟାସ ହୋଇଛି ।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା-** ମହିଳାମାନଙ୍କ ନାମରେ ଘରର ପଂଜିକରଣ ବ୍ୟବସ୍ଥା କରିଛୁ । ମନରେଗାରେ ୫୫ ପ୍ରତିଶତ ମହିଳାମାନେ ଆଜି କାମ କରୁଛନ୍ତି ଯାହା ପ୍ରଥମେ ୪୦-୪୫ ପ୍ରତିଶତ ହେଉଥିଲା ।

**ମୁଦ୍ରା ଯୋଜନାରେ** ବ୍ୟାଙ୍କରୁ ପଇସା ଦିଆଯାଉଛି ବିନା କୌଣସି ଗ୍ୟାରେଟିରେ ଦିଆଯାଉଛି । ପଇସା ଆଣିବାରେ ୭୦ ପ୍ରତିଶତ ମହିଳା ଅଛନ୍ତି ଅର୍ଥାତ ଉଦ୍ୟୋଗୀ ରୂପରେ ଆମ ଦେଶର ମହିଳାମାନେ ଏହା ସହିତ ଯୋଡି ହେଉଛନ୍ତି ।

**ପଣ୍ଡିତ ଦୀନ ଦୟାଲ ଅନ୍ତୋଦୟ ଯୋଜନା-** ସ୍ୱୟଂ ସହାୟକ ଗୋଷ୍ଠୀର କାମ ଦକ୍ଷିଣ ଭାରତରେ କିଛି ମାତ୍ରାରେ ଚାଲିଥିଲା । କିନ୍ତୁ ପୁରା ଭାରତରେ ତାକୁ ବଢାଇବା ଦିଗରେ ମଧ୍ୟ ଆମେମାନେ କାମ କରିବାର ପ୍ରୟାସ କରିଛୁ ।

ଗରୀବ ଗର୍ଭବତୀ ମହିଳାମାନଙ୍କ ପାଇଁ ୬୦୦୦ ଟଙ୍କା ପ୍ରସବ ସମୟରେ ଆଇଏମଆଇ, ଏମ୍ଏମ୍ଆର୍ ପାଇଁ ।

**ବେଟି ବଚାଓ-ବେଟି ପଢାଓ** ଅଭିଯାନ, ବହୁତ ବଡ ମାତ୍ରାରେ ତାକୁ ସ୍ୱୀକୃତି ମିଳିଛି, ସାମାଜିକ ଆନ୍ଦୋଳନ ପାଲଟି ଯାଇଛି ।

**ସୁକନ୍ୟା ସମୃଦ୍ଧି ଯୋଜନା**-ଏକ କୋଟି ଏକାଉଣ୍ଟ ଝିଅମାନଙ୍କ ନାମରେ ଖୋଲିଛି ଆଉ ୧୧ ହଜାର କୋଟି ଟଙ୍କା, ଯାହାକୁ ଭବିଷ୍ୟତ ପାଇଁ ଏକ ସୁରକ୍ଷା ଗ୍ୟାରେଣ୍ଟି ଦେଇଛି । ମହିଳା ଶକ୍ତି କେନ୍ଦ୍ର ୫୦୦ କୋଟି ଟଙ୍କାରେ ୧୪ ଲକ୍ଷ ଅଙ୍ଗନୱାଡି କେନ୍ଦ୍ରରେ ଏହାର ସ୍ଥାପନା ହୋଇଛି ।

**ମିଶନ ଇନ୍ଦ୍ରଧନୁଷ** - ପିଲାମାନଙ୍କର ଟୀକାକରଣ ହେଉ ନ ଥିଲା । ସରକାର ଚାଲୁଥିଲା, ଟୀକାକରଣ କାର୍ଯ୍ୟକ୍ରମ ହେଉଥିଲା । ୫୫ ଲକ୍ଷ ଏମିତି ପିଲା ଦୃଷ୍ଟିକୁ ଆସିଲେ ଯେଉଁମାନଙ୍କର ଟୀକାକରଣ ହୋଇ ନ ଥିଲା । ମିଶନ ଇନ୍ଦ୍ରଧନୁଷ କାରଣରୁ ସେହି ସେହି ପିଲାଙ୍କୁ ଖୋଜାଗଲା । ସେମାନଙ୍କ ଜୀବନକୁ ବଂଚାଇବା ପାଇଁ ଦିଗରେ କାମ କରାଗଲା ।

ଗ୍ରାମୀଣ କ୍ଷେତ୍ରରେ, ଏଠାରେ ମୁଁ ଆଶ୍ଚର୍ଯ୍ୟ ହେଇ କି ସ୍ୱଚ୍ଛତାକୁ ଥଟ୍ଟା ଭାବେ ନିଆ ଯାଉଥିଲା । କାରଣ କ'ଣ ମୁଁ ବୁଝି ପାରୁ ନାହିଁ । ଆମ ଭିତରେ କେହି ନାହାନ୍ତି ଯିଏ ଅଳିଆ ଆବର୍ଜନା ଭିତରେ ରହିବାକୁ ଚାହୁଁଛି । ଆମେ ଏହା ମଧ୍ୟ ଜାଣିଛୁ ଯେ ସ୍ୱଚ୍ଛତା ଅଧିକ ବ୍ୟବହାରର ପ୍ରସଙ୍ଗ । ଭିତ୍ତିଭୂମି ତା ସହିତ ଆସିଥାଏ । ଆଉ ମୁଁ କହିବି ଆମେ ରାଜନେତା କେବେ କେବେ କମ୍ ପଢିଥାଉ, ମୁଁ ଏହି ଦେଶର ଗଣମାଧ୍ୟମକୁ ଅଭିନନ୍ଦନ ଜଣାଇବାକୁ ଚାହୁଁଛି କି ସ୍ୱଚ୍ଛତାର ଆନ୍ଦୋଳନକୁ ସେମାନେ ଆଗକୁ ବଢାଇ ନେଇଛନ୍ତି । ଆଜି ସମସ୍ତ ଗଣମାଧ୍ୟମ ଦ୍ୱାରା ସ୍ୱଚ୍ଛତା ପାଇଁ ପୁରସ୍କାର ଦିଆଯାଉଛି, ଉତ୍ସବର ଆୟୋଜନ କରାଯାଉଛି । ସ୍ୱଚ୍ଛତା ସମ୍ବନ୍ଧରେ ଆଜି ହିନ୍ଦୁସ୍ଥାନର, ନଚେତ ସରକାରଙ୍କର କୌଣସି ବି କାର୍ଯ୍ୟକ୍ରମକୁ ଗଣମାଧ୍ୟମ ନକରାତ୍ମକ ଭାବେ ଦେଖାଏ, ଏହା ସ୍ୱଭାବିକ ଅଟେ । ଏହା ହେଉଛି ଏକ ଅପବାଦ କାର୍ଯ୍ୟକ୍ରମ ଯାହାକୁ ସରକାରଙ୍କଠାରୁ ମଧ୍ୟ, ରାଜନେତାମାନଙ୍କଠାରୁ ମଧ୍ୟ ଦୁଇପାଦ ଆଗକୁ ଗଣମାଧ୍ୟମ ନେଇଯାଇଛି ଏବଂ ସ୍ୱଚ୍ଛତାକୁ ଆନ୍ଦୋଳନ କରିବା ଦିଗରେ ପ୍ରୟାସ କରିଛନ୍ତି ଆଉ ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ଏହି ସଦନ ମାଧ୍ୟମରେ । ଆରେ ଏଠି କେହି ଠିଆ ହୋଇ କରି କହୁଛନ୍ତି ଶୌଚାଳୟ ଅଛି, ପାଣି ନାହିଁ । ମହାତ୍ମା ଗାନ୍ଧୀ ମଧ୍ୟ ଏହି କଥା ପାଇଁ ବଡ଼ ଆଗ୍ରହୀ ଥିଲେ । ମତେ ତ' ଡ଼ର ଲାଗୁଛି କି କେବେ ଆଜି ମହାତ୍ମା ଗାନ୍ଧୀ ଥାଆନ୍ତେ ଆଉ ସ୍ୱଚ୍ଛତା କଥା କହିଥାନ୍ତେ ତ ଆମେମାନେ କ'ଣ ଏହି ଭାଷା କହିଥାନ୍ତେ । କ'ଣ ଆମର ଦାୟିତ୍ୱ ନାହିଁ, କ'ଣ ସମାଜରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ସକରାତ୍ମକ ଜିନିଷ କରି ପାରିବା ନାହିଁ । ପ୍ରତ୍ୟେକ ଜିନିଷରେ ଆମେ ବିରୋଧ କରିବା । ଆଉ ଏଥିପାଇଁ, ମୁଁ ଖୁସି ଯେ ଗ୍ରାମୀଣ କ୍ଷେତ୍ରରେ ସ୍ୱଚ୍ଛତାର ପରିବ୍ୟାପ୍ତି ଯାହା ଆଗରୁ ୪୨ ପ୍ରତିଶତ ଥିଲା ଏହି ଆନ୍ଦୋଳନ ପରେ ତାହା ୬୦ ପ୍ରତିଶତରେ ପହଂଚିଛି । ଆମେ ଯେବେ ଏହି କଥା କହୁଛୁ ଶୌଚାଳୟର, ଆପଣ କଳ୍ପନା କରି ପାରୁଥିବେ ଗାଁ ମହିଳାଙ୍କର ହିଁ କ'ଣ, ସହରର ବସ୍ତିରେ ଯେଉଁ ମହିଳାମାନେ ରହୁଛନ୍ତି, କେତେ କଷ୍ଟ ହେଉଛି ଆଜ୍ଞା, ଅନ୍ଧାର ନ ହେବା ପର୍ଯ୍ୟନ୍ତ ସେମାନେ ଶୌଚାଳୟ ଯାଇ ପାରନ୍ତି ନାହିଁ । ଏହା ତୁ-ତୁ ମେଁ-ମେଁ ବା କଳି କରିବାର ବିଷୟ ନୁହେଁ, କିନ୍ତୁ ଯଦି କେହି କେବେ ଥଟ୍ଟା କରିଥାଏ ତାହେଲେ ବହୁତ କଷ୍ଟ ହୁଏ । ଏହା ଥଟ୍ଟାର ବିଷୟ ହୋଇ ନପାରେ ।

ମହିଳାମାନଙ୍କ ସୁରକ୍ଷା ପାଇଁ ସାର୍ବଜନିନ ମହିଳା ହେଲ୍ପଲାଇନ-୧୮୧, ୨୪ ଘଣ୍ଟା ଜରୁରୀକାଳୀନ ସେବା ଆରମ୍ଭ କରାଯାଇଛି । ୧୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ଏହି ମହିଳା ହେଲ୍‌ପଲାଇନ ବ୍ୟବସ୍ଥାକୁ ଆଗକୁ ନେଇଛନ୍ତି । ମହିଳାଙ୍କର ପୋଲିସରେ ନିଯୁକ୍ତି ୩୩ ପ୍ରତିଶତ ଏବଂ କିଛି ରାଜ୍ୟ ଏହାକୁ ସ୍ୱୀକାର କରିଛନ୍ତି । କେନ୍ଦ୍ର ଶାସିତ ଅଂଚଳରେ ଏହାକୁ ବାଧ୍ୟତାମୂଳକ କରି ଦିଆଯାଇଛି। ହରିୟାଣାରେ ଗୋଟିଏ ନୂଆ ପ୍ରୟୋଗ କରାଯାଇଛି। ଯାହାକୁ ହିନ୍ଦୁସ୍ଥାନର ଅନ୍ୟ ଲୋକମାନେ କରନ୍ତୁ । ମୁଁ ସମସ୍ତଙ୍କ ସାମ୍ନାରେ ଉପସ୍ଥାପନ କରିଛି । ସେମାନେ ମହିଳା ପୁଲିସର ସ୍ୱେଚ୍ଛାସେବୀଙ୍କର ଏକ ନେଟୱାର୍କ ପ୍ରତିଷ୍ଠା କରିଛନ୍ତି ଯିଏ ଏହି ପ୍ରକାର ସାହାଯ୍ୟ କରିବାର କାମ କରୁଛନ୍ତି । ସେ ଏକ ନୂଆ ଯୋଜନା ଆରମ୍ଭ କରିଛନ୍ତି । କହିବାର ତାତ୍ପର୍ଯ୍ୟ ମୋର ଏହା ଅଟେ । ଏକ panic button ଟେକ୍ନୋଲଜିର ଉପଯୋଗ କରି, ଆମେ ଆଗାମୀ କିଛି ଦିନମାନଙ୍କରେ ଆପଣଙ୍କ ସାମ୍ନାକୁ ଆଣିବାକୁ ଯାଉଛୁ ।

କୃଷକଙ୍କ ସଶକ୍ତିକରଣ- ଏହି ସରକାର ଅନେକ ପଦକ୍ଷେପ ଉଠାଇଛନ୍ତି । ସବୁଠାରୁ ବଡ଼ କଥା **ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା** । ଆମକୁ ପସନ୍ଦ ହେଉ ବା ନ ହେଉ, କିନ୍ତୁ କୃଷକଙ୍କୁ ସୁରକ୍ଷା ଦେବାକୁ ହେବ ତ ଆମକୁ ତାକୁ, ତାହାର ରୋଜଗାରର ସୁନିଶ୍ଚିତତା ସହିତ ଯୋଡିବାକୁ ହେବ। ଆମର ଏଠି ଜଳସେଚନର ସୁବିଧା ବହୁତ କମ୍ ଅଛି । ପ୍ରାକୃତିକ ସଂସାଧନ ଉପରେ ତାହା ନିର୍ଭରଶୀଳ । ଏଭଳି ସ୍ଥିତିରେ ଯଦି ଫସଲ ଚାଷ କରେ ଓ ଫସଲ କଟା ହେବା ପରେ ଯଦି ନଷ୍ଟ ହୋଇଯାଏ ତାହେଲେ ମଧ୍ୟ ଯଦି ବୀମା ସୁବିଧା ମିଳୁଛି । ଆଉ ମତେ ଜଣାଅଛି କି କିଛି ପ୍ରଗତିଶୀଳ ରାଜ୍ୟଗୁଡିକ ୪୦-୪୦ ୫୦-୫୦ ପ୍ରତିଶତ କୃଷକଙ୍କ ବୀମା କାର୍ଯ୍ୟ ସେମାନେ କରିଛନ୍ତି । ସରକାର ମଧ୍ୟ କୃଷକମାନଙ୍କ ପାଇଁ ବହୁତ ବଡ଼ ମାତ୍ରାରେ ଫସଲ ବୀମା ଯୋଜନାକୁ ପ୍ରୋତ୍ସାହିତ କରିବା ପାଇଁ କାମ କରିଛନ୍ତି । ପୂର୍ବ ତୁଳନାରେ ବହୁତ ବଢିଛି କିନ୍ତୁ କିଛି ରାଜ୍ୟରେ ବହୁତ ପଛରେ ରହିଛି । ଏହା ହେଉଛି ଚିନ୍ତାର ବିଷୟ । ତାକୁ ଆଗକୁ ବଢାଇବାକୁ ହେବ ।

ନୂଆ ସାର ନୀତି-ୟୁରିଆର ଉତ୍ପାଦନ । ଦେଖନ୍ତୁ ନିମ ଲେପିତ ୟୁରିଆ, ନିମ ଲେପ କାରଣରୁ ଦୁଇଟି ମହତ୍ୱପୂର୍ଣ୍ଣ ଲାଭ ହୋଇଛି, ଗୋଟିଏରେ ମାଟିକୁ ଲାଭ ତ ହେଉଛି, ଉତ୍ପାଦନ ବଢିବାରେ ଲାଗିଛି । କିନ୍ତୁ ପ୍ରଥମେ କୃଷକଙ୍କ ନାମରେ ରିହାତି କଟା ଯାଉଥିଲା, ବିଲ୍ କୃଷକଙ୍କ ନାମରେ କଟାଯାଉଥିଲା, କିନ୍ତୁ ତାହା ରାସାୟନିକ କଂପାନୀକୁ କଂଚାମାଲ ଭାବେ ଚାଲିଯାଉ ଥିଲା । ଯେଉଁ ସିନ୍ଥେଟିକ୍ କ୍ଷୀର ତିଆରି ହେଉଥିଲା ସେମାନେ ମଧ୍ୟ ୟୁରିଆର ଉପଯୋଗ କରୁଥିଲେ । ୧୦୦ ପ୍ରତିଶତ ନିମ-ଲେପ କାରଣରୁ ମାଟି ବିନା ତାହାର ଅନ୍ୟ କୌଣସି ଠାରେ ଉପଯୋଗ ସମ୍ଭବ ହୋଇପାରୁ ନାହିଁ । ଚୋରୀ ଧରା ପଡି ଯାଇଛି । ନା ୟୁରିଆରୁ ଆଜି କଳାଧନ ହୋଇ ପାରୁଛି । ୟୁରିଆ ମିଳୁ ନାହିଁ, ଏମିତି କୌଣସି ମୁଖ୍ୟମନ୍ତ୍ରୀଙ୍କ ଚିଠି ଆସୁ ନାହିଁ, ୟୁରିଆ ପାଇଁ କାହାକୁ ଅସୁବିଧା ହେଉ ନାହିଁ । ଛୋଟ ପରିବର୍ତ୍ତନ ମଧ୍ୟ କେତେ ବଡ଼ ପରିବର୍ତ୍ତନ ଆଣି ପାରିଲା ତାହା ଆପଣ ଦେଖି ପାରିଲେ।

ଆମ ଦେଶରେ ଡ଼ାଲି ଉତ୍ପାଦନ ଏହି ସରକାର ତାହାକୁ ଉତ୍ସାହିତ କରିବା ଦିଗରେ ପ୍ରୟାସ କରିଛନ୍ତି। ଆଉ ତାହାର ପରିଣାମ ଏହା ହୋଇଛି କି ଆଜି ପାଖାପାଖି ୫୦ ରୁ ୬୦ ପ୍ରତିଶତ ବୃଦ୍ଧିର ସମ୍ଭାବନା ଏଥର ସୃଷ୍ଟି ହୋଇଛି । ଆମ ଦେଶର କୃଷକମାନେ ସରକାରଙ୍କ ଆହ୍ୱାନକୁ ସ୍ୱୀକାର କରି ସମସ୍ତ ରେକର୍ଡ ଅତିକ୍ରମ କରି ଏହି କାମକୁ କରିଛନ୍ତି।

ଇ-ନାମ ଇଲୋକ୍ଟ୍ରୋନିକ ବଜାର ୫୦୦ ମଣ୍ଡିରେ, ଏବେ କୃଷକ କେଉଁଠି ବି ଅଧିକ ଦରରେ ମାଲ ବିକ୍ରି କରିପାରିବେ, ସେହି ବୈଷୟିକ ଜ୍ଞାନ ମାଧ୍ୟମରେ କରିପାରିବ । ୫୦୦ ମଣ୍ଡିରେ ମୋବାଇଲ ଫୋନ୍ ମାଧ୍ୟମରେ ଆଜି ମୋ କୃଷକ ବ୍ୟାପାର କରି ପାରିବ ଏହି ସ୍ଥିତିରେ ନାହିଁ । ପ୍ରାୟ ୨୫୦ ମଣ୍ଡି ଏହି କାମକୁ ସଂପୂର୍ଣ୍ଣ କରି ଦେଇଛନ୍ତି। ରାଜ୍ୟଗୁଡିକ କିଛି ଆଇନ ବଦଳାଇବାକୁ ଥିଲା ତ ଆଇନ ବଦଳାଇ ଦେଇଛନ୍ତି । ଆମେ ଜାଣିଛୁ ଖାଦ୍ୟ ପ୍ରକ୍ରିୟା କରଣ, ଆମ କୃଷକଙ୍କୁ ଲାଭ ସେତେ ବେଳେ ହେବ ଯେତେବେଳେ ଆମେ ଖାଦ୍ୟ ପ୍ରକ୍ରିୟା କରଣ ଉପରେ ଗୁରୁତ୍ୱ ଦେବା । ସରକାର ୧୦୦ ପ୍ରତିଶତ ଏଫଡିଆଇକୁ ଅନୁମତି ଦେଇଛନ୍ତି ଫଳରେ ଖାଦ୍ୟ ପ୍ରକ୍ରିୟା କରଣକୁ ସହାୟତା ମିଳିବ ଏବଂ

ମୂଲ୍ୟଯୁକ୍ତ ହେବ ଫଳରେ ଆମ କୃଷକର ଅଧିକ ଆୟ ହେବ ଏବଂ ସେହି ଦିଗରେ କାମ କରିବା ପାଇଁ ଆମେ ପ୍ରୟାସ କରି ଚାଲିଛୁ ।

ଆଦିବାସୀମାନଙ୍କର ସଶକ୍ତିକରଣ - ପାଖାପାଖି ୨୮ ପ୍ରତିଶତ ବିଭାଗର କେଉଁଠି ନା କେଉଁଠି ଆଦିବାସୀଙ୍କ ସହିତ ସମ୍ବନ୍ଧ ଆସିଯାଇଥାଏ । ଆମେ ପ୍ରଥମ ଥର ପାଇଁ ଏକ ଆଦିବାସୀ ଉପ-ଯୋଜନା ଦ୍ୱାରା, ଅର୍ଥ ତ ବଢାଇ ଦେଲୁ କିନ୍ତୁ **ବନବନ୍ଧୁ କଲ୍ୟାଣ ଯୋଜନା** ଦ୍ୱାରା ଏକ ସୁପରିକଳ୍ପିତ ଯୋଜନା ପ୍ରସ୍ତୁତ କରି ଫଳାଫଳ ଦେଖାଇବା ପାଇଁ, ସେହି ଦିଗରେ ଆମେ ଏକ ସଫଳ ପ୍ରୟାସ କରିଛୁ।

**ଜଙ୍ଗଲ ଅଧିକାର ଆଇନ** - ତାହାକୁ ଦୃଢତାର ସହିତ ଲାଗୁ କରିବା ଦିଗରେ କାମ କରିଛୁ। ଆଦିବାସୀ ଅଂଚଳରେ ମୁଁ ପ୍ରଥମ ଥର, କାରଣ ଆମ ଦେଶରେ ଯେତେ ମଧ୍ୟ ଖଣିଜ ଅଛି, ଖଣି ଅଛି ତାହା ପ୍ରାୟତଃ ଆଦିବାସୀ ଇଲାକାରେ ଅଛି । କୋଇଲା ହେଉ, ଲୁହା ହେଉ କିମ୍ବା ଲୁହା ପଥର ହେଉ କିନ୍ତୁ ସେଥିରୁ ଲାଭ ମିଳୁ ନଥିଲା । ପ୍ରଥମଥର ସରକାର ଜିଲ୍ଲା ଖଣିଜ ଫାଉଣ୍ଡେସନ ପ୍ରତିଷ୍ଠା କଲେ ଆଉ ସେଠାରୁ ଖଣିରୁ ଯାହା ବାହାରୁଥିଲା ତା' ଉପରେ ଟିକସ ଲଗାଇଲେ । ମତେ ଛତିଶଗଡ ମୁଖ୍ୟମନ୍ତ୍ରୀ କହୁଥିଲେ ଯେ, ମୋର ୭ ଜିଲ୍ଲା ଏଭଳି ଅଛନ୍ତି ଯେଉଁଠାରୁ ଯେଉଁ ଖଣିଜ ବାହାରେ, ଏହି ଯେଉଁ ଯୋଜନା ଆପଣ କରିଛନ୍ତି, ଫାଉଣ୍ଡେସନ ପ୍ରତିଷ୍ଠା କରିଛନ୍ତି ସେଥିପାଇଁ ମତେ ସେହି ଜିଲ୍ଲାଗୁଡିକର ବିକାଶ ପାଇଁ ଏବେ ଅତିରିକ୍ତ ବଜେଟର କୌଣସି ଆବଶ୍ୟକତା ପଡ଼ିବ ନାହିଁ ଏତେ ବଡ଼ ମାତ୍ରାରେ ଅର୍ଥ ସେହି ଗରିବ ଆଦିବାସୀଙ୍କ କାମରେ ଆସିବ, ତା ଉପରେ ଆମେ କାମ କରିଛୁ ।

ଆମେ ଯେଉଁ ରୁର୍ବାନ ମିଶନ ଚଳାଇଛୁ ତାହାର ସବୁଠାରୁ ବଡ଼ ଲାଭ ଆଦିବାସୀ କ୍ଷେତ୍ରରେ ହେବାର ସମ୍ଭାବନା ଅଛି । ଆଦିବାସୀ ବଜାର ଏକ ବଡ଼ ବଜାରରେ ବିକଶିତ ହେବା ଦରକାର । ବଜାର ବିକଶିତ ହୁଏ ତ ସେଠାକୁ ଶିକ୍ଷା ବ୍ୟବସ୍ଥା ଆସେ, ସେଠାକୁ ଡ଼ାକ୍ତରୀ ସୁବିଧା ଆସେ ଆଉ ଆସେ ମନୋରଂଜନର ସୁବିଧା । ଧୀରେ ଧୀରେ ଆଖପାଖର ୫୦-୧୦୦ ଗାଁର ତାହା କେନ୍ଦ୍ର ହୋଇଯାଏ ଏବଂ ରୁର୍ବାନ ଦ୍ୱାରା ଆଦିବାସୀ ଇଲାକାରେ

୩୦ ଏଭଳି ନୂଆ ସହର ତିଆରି କରିବା ଦିଗରେ ଆମେ କାମ କରୁଅଛୁ । ଏହା ଆଦିବାସୀ କ୍ଷେତ୍ରର ବିକାଶ ପାଇଁ ଏକ ବହୁତ ବଡ଼ କାମ ହେବ ।

ସେହି ପ୍ରକାରରେ ସ୍ୱଚ୍ଛତା, ମୁଁ ଆରମ୍ଭରୁ କହିଥିଲି ଯେ ସ୍ୱଚ୍ଛତା ଏକ ଜନ ଆନ୍ଦୋଳନରେ ପରିଣତ ହେବା ଦରକାର । ଜନ ଆନ୍ଦୋଳନରେ ପରିଣତ ହେବା ଦିଗରେ ଆମ ସମସ୍ତଙ୍କର କିଛି ନା କି ଯୋଗଦାନ ରହିବା ଦରକାର । ଯେବେଠାରୁ ଆମେ ସ୍ୱଚ୍ଛତା ପାଇଁ ମାନ୍ୟତା(Ranking) କରିବା ଆରମ୍ଭ କରିଛୁ, ସ୍ୱଧୀନ ସଂସ୍ଥା ଦ୍ୱାରା କରିଛୁ, ସହରଗୁଡିକ ମଧ୍ୟରେ ପ୍ରତିଯୋଗିତା ଅରମ୍ଭ ହୋଇଛି । ଗୋଟିଏ ସହର ଯଦି ଆଗକୁ ଗଲା ତ ଅନ୍ୟ ସହର ସେହି ସହରକୁ ଅଟକାଇ ଦେଉଛି ଯେ ଦେଖି ସେ ସହର ତ ଆଗେଇ ଗଲା, ଆମେ କାହିଁକି ସଫେଇ କରୁ ନାହେଁ ? ଧୀରେ ଧୀରେ ଏହି କଥା ତଳ ସ୍ତର ଯାଏ ଗଲାଣି । ଆମମାନଙ୍କୁ ତା’ ଉପରେ ପ୍ରାଧାନ୍ୟ ଦେବା ଦରକାର ଏବଂ ମୁଁ ଚାହିଁଛି ଯେ ଆମ ଦେଶର ସବୁ ରାଜନୈତିକ ଦଳଗୁଡିକୁ କେଉଁଠି ନା କେଉଁଠି ସରକାର ଚଳାଇବା ପାଇଁ ଏହି ଦିନମାନଙ୍କରେ ସୁଯୋଗ ମିଳିଛି । କେହି ନଗର ପାଳିକାରେ ଥିବେ, କେହି ଜିଲ୍ଲା ପଞ୍ଚାୟତରେ ଥିବେ, କେହି ରାଜ୍ୟରେ ଥିବେ ଆପଣଙ୍କୁ ନିଜ ଦଳର ସରକାରରେ ଯେଉଁ ସେବା କରିବାର ସୁଯୋଗ ମିଳିଛି ଆପଣ ସେଥିରେ ମଧ୍ୟ ପ୍ରତିଯୋଗିତା କରନ୍ତୁ । ସେହି କମ୍ୟୁନିଷ୍ଟ ଶାସିତ ଯେତେ ସହର ଅଛି ସେମାନଙ୍କ ମଧ୍ୟରେ ସ୍ୱଚ୍ଛତାର ପ୍ରତିଯୋଗିତା କରନ୍ତୁ। କମ୍ୟୁନିଷ୍ଟ ଶାସିତ ଯେତେ ଜିଲ୍ଲା ପଞ୍ଚାୟତ ଅଛି ସେମାନଙ୍କ ମଧ୍ୟରେ ସ୍ୱଚ୍ଛତାର ପ୍ରତିଯୋଗିତା କରନ୍ତୁ । ଗୋଟିଏ ପରିବେଶ ସୃଷ୍ଟି ହେବ । ବିଜେପି ଶାସିତ ରାଜ୍ୟ ହୋଇଥିଲେ ସେଠାକାର ନଗରପାଳିକାଗୁଡିକ ପ୍ରତିଯୋଗିତା କରନ୍ତୁ । ଥରେ ଯଦି ଆମେ ଏହି ପ୍ରତିଯୋଗିତା ଆଗକୁ ଆଗେଇ ନେବା ତ ମୁଁ ଭାବୁଛି ଏହି ସ୍ୱଚ୍ଛତାର ଅଭିଯାନ ସଫଳ ହେବ। ଏହା ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଜନ ଆନ୍ଦୋଳନ ହେବା ଦରକାର । ଏହା ଯୁଗର ଆବଶ୍ୟକତା ଅଟେ, ବ୍ୟବହାରିକ ପରିବର୍ତ୍ତନର ଆବଶ୍ୟକତା ଅଟେ । ବିଶ୍ୱବ୍ୟାଙ୍କର ରିପୋର୍ଟ କହେ ଯେ ପାଖାପାଖି ଅସ୍ୱଚ୍ଛତାର କାରଣରୁ ଅଢ଼େଇ ଲକ୍ଷ କୋଟି ଟଙ୍କାର ବୋଝ ପଡିଥାଏ । ଯଦି ଆମେ ଏତିକି ଯତ୍ନ କରିବା ତ ଦେଶର ଅଢ଼େଇ ଲକ୍ଷ କୋଟି ଟଙ୍କା, ଏହା ବିଶ୍ୱ ବ୍ୟାଙ୍କର ରିପୋର୍ଟ ଅଟେ ହିନ୍ଦୁସ୍ଥାନ ବିଷୟରେ । ଗରିବ ମଣିଷ ପାଇଁ ତ ଗୋଟିଏ

ବର୍ଷରେ ପାଖାପାଖି ୭ ହଜାର ଖର୍ଚ୍ଚ ଆସିଥାଏ । ଅଳିଆ ଆବର୍ଜନାରୁ ବେମାରୀ ଆସିବା ହେଉଛି ବହୁତ ସ୍ୱଭାବିକ । ଆମେ ଏହାକୁ ବଞ୍ଚାଇ ପାରିବା ।

ଏବେ ପିଲାଙ୍କୁ ହାତ ଧୋଇ କରି ଖାଦ୍ୟ ଖାଇବା ଦରକାର । ଏହା ଯେ କେହି ମାନନ୍ତି । କିନ୍ତୁ ଆମେ କହିବା ତ କିଏ କହିବେ ସେଠାରେ ପାଣି ନାହିଁ, ନଳ ନାହିଁ, ସେଠାରେ ଢ଼ିଙ୍କିଆ ନାହିଁ, ପିଲା କୂଅ ପାଖକୁ ଯିବ ତ । ଆରେ ଏମିତି କ'ଣ କିଏ ଚିନ୍ତା କରେ । ଏ ଯେଉଁ ଚିନ୍ତାଧାରା, ଏହି ଚିନ୍ତାଧାରା ଦେଶକୁ ଏହିଠାରେ ଦବାଇ ରଖିଛି । ଆରେ କିଛି ଚିନ୍ତା କର ତ' ସଠିକ ରାସ୍ତା ବାହାରିବ କିଛି କଷ୍ଟ ଆସିବ ତ ରାସ୍ତା ବାହାରିବ । କିନ୍ତୁ ଆମେ, ଘରେ ବସି ସେଠାରେ ପିଲାମାନଙ୍କୁ ହାତ ଧୋଇବାକୁ କହୁଛନ୍ତି କିନ୍ତୁ ସେଠାରେ ଅମୁକ ନାହିଁ, ସମୁକ ନାହିଁ । ଏହିଭଳି ଦେଶ ବଦଳେ ନାହିଁ ଆଜ୍ଞା, ଏଥିପାଇଁ ଏହି ମାନସିକତାରୁ ଆମେ ଦେଶକୁ ବହୁତ କ୍ଷତି ପହଞ୍ଚାଉଛୁ । ଏହି ମାନସିକତାରୁ ଆମକୁ ବାହାରକୁ ବାହାରିବାକୁ ପଡିବ । ଦୁନିଆରେ, ଆମେ ଦେଖିବା ଆମ ପାଖ ପଡୋଶୀ ଦେଶ, ଦକ୍ଷିଣ କୋରିଆକୁ ଦେଖନ୍ତୁ, ମାଲେସିଆକୁ ଦେଖନ୍ତୁ, ଥାଇଲାଣ୍ଡକୁ ଦେଖନ୍ତୁ, ସିଙ୍ଗାପୁରକୁ ଦେଖନ୍ତୁ, ଛୋଟ ଛୋଟ ଦେଶ ସେମାନେ ୧୫ -୧୫ ବର୍ଷ ଲଗାଇ ଦେଲେ ସ୍ୱଚ୍ଛତା ପାଇଁ ଆଉ ଆଜି ଆମମାନଙ୍କ ପାଇଁ ସେମାନେ ଏକ ମଡେଲ ରୂପରେ ନଜରକୁ ଆସୁଛନ୍ତି । କାହିଁକି ଆମେ ହିନ୍ଦୁସ୍ଥାନରେ କରି ନ ପାରିବା । ଆମକୁ ସେ ଦିଗରେ ପ୍ରୟାସ କରିବା ଦରକାର । କିନ୍ତୁ କେବେ କେବେ କ'ଣ ଲାଗେ ନା ଯେଉଁ ପ୍ରକାର ବାତାବରଣ ହୋଇଛି, କେହି ଜଣେ କବି କହିଛନ୍ତି;- ସହର ତୁମର,ହତ୍ୟାକାରୀ ତୁମେ, ଶହିଦ ତୁମେ, ବଇଦ ତୁମେ, ମୋର ବିଶ୍ୱାସ ମୋର ହିଁ ଭୁଲ ବାହାରିବ । କିନ୍ତୁ ମୁଁ ମାନୁଛି ଯେ ସେଥିରୁ ଆମେ ଟିକେ ବାହାରକୁ ବାହାରିବା।

ଅନ୍ୟ ଏକ ବିଷୟ କହି ମୁଁ ମୋ କଥାକୁ ସମାପ୍ତ କରିବାକୁ ଚାହିଁବି ।ଏକ ଭାରତ-ଶ୍ରେଷ୍ଠ ଭାରତ ଏହି କାମକୁ ଆମେ ୩୧ ଅକ୍ଟୋବରରେ ପ୍ରାରମ୍ଭ କରିଥିଲୁ। ସର୍ଦ୍ଦାର ପଟେଲଙ୍କର ଜୟନ୍ତୀରେ ପ୍ରାରମ୍ଭ କରିଥିଲୁ । ଅମ ଦେଶରେ ଦୁନିଆର କୌଣସି ରାଜ୍ୟ ସହିତ ଭଗିନୀ ରାଜ୍ୟ, ଭଗିନୀ ସହର ହେବା, ଏହାତ କେତେ ବର୍ଷ ଧରି ଚାଲୁ ରହିଛି କିନ୍ତୁ ଆମ ନିଜ ଦେଶର ଅଲଗା ଅଲଗା ଲୋକଙ୍କ ସହିତ ମିଶିବାର ଅଭ୍ୟାସ ହୋଇ ନାହିଁ ।

ଆମେ ଏ ପ୍ରକାର କରିଦେଲୁ ଯେଉଁ କାରଣରୁ କେତେକ ରାଜ୍ୟ ଗୁଡିକୁ ଲାଗିଲା ଯେ ଆମର ଉପେକ୍ଷା କରାଯାଉଛି। ଆବଶ୍ୟକତା ଅଟେ ଯେ ଆମ ଦେଶର ସାମର୍ଥ୍ୟକୁ ଆମକୁ ଧରିବାକୁ ପଡିବ । ଆମେ **ଏକ ଭାରତ-ଶ୍ରେଷ୍ଠ ଭାରତ** କାର୍ଯ୍ୟକ୍ରମ ମାଧ୍ୟମରେ ଚେଷ୍ଟା କରିଛୁ ଆଉ ମୁଁ ଚାହିଁବି ସଦନରେ ଯେଉଁ ଲୋକମାନେ ଅଛନ୍ତି ସେମାନେ ଏହାକୁ ବୁଝିବାରେ ଓ ଆଗକୁ ବଢାଇବାରେ ସାହାଯ୍ୟ କରିବେ । ଏଭଳି ଦୁଇଟି ରାଜ୍ୟ ମଧ୍ୟରେ ଏମ୍‌ଓୟୁ କରାଯାଏ । ଏବେ ୧୨ ରାଜ୍ୟ ଜଣେ ଅନ୍ୟ ସହିତ ବୋଧହୁଏ କରିଦେଇଛନ୍ତି । ଯେଭଳି ହରିୟାଣା ଓ ତେଲେଙ୍ଗାନା କରିଛନ୍ତି । ହରିୟାଣାରେ ତେଲୁଗୁ ଭାଷାରେ ୧୦୦ଟି ବାକ୍ୟ ହରିୟାଣାର ଲୋକମାନେ କହିବା ଶିଖିବେ । ହସ୍ପିଟାଲ କେଉଁଠି, ରିକ୍ସା କେଉଁଠି ମିଳିବ, ହୋଟେଲ କେଉଁଠି ଅଛି, ବସ ଷ୍ଟେସନ କେଉଁଠି, ପୁଲିସବାଲା କେଉଁଠି ଅଛନ୍ତି, ଏହା ଯଦି ଶିଖିବାକୁ ମିଳିବ ଏବଂ ତେଲଙ୍ଗାନା ଲୋକ ହରିୟାଣାର ଭାଷା ଶିଖିବେ । ହରିୟାଣାରେ କେବେ ତେଲଙ୍ଗାନାର ଫିଲ୍ମ ଉତ୍ସବ ହେବ, ହରିୟାଣାର ଫିଲ୍ମ ଉତ୍ସବ ତେଲେଙ୍ଗାନାରେ ହେବ । କୁଇଜ୍ ପ୍ରତିଯୋଗିତା ହେବ, ତେଲଙ୍ଗାନାର କୁଇଜ୍ ପ୍ରତିଯୋଗିତାରେ ହରିୟାଣାର ପିଲାମାନେ ଭାଗ ନେବେ । ଏକ ପ୍ରକାରରେ ଦେଶକୁ ଜାଣିବାର ଅଭିଯାନ, ଦେଶ ସହିତ ଯୋଡି ହେବାର ଏବଂ ଏହାକୁ ଯେତେ ଆମେ ବଢାଇବା । କେବେ କେବେ ଲାଗୁଛି, ହିନ୍ଦୀ ଭାଷାରେ କିଛି ଶବ୍ଦ ମଧ୍ୟ ନାହିଁ କିନ୍ତୁ ତାମିଲରେ କିଛି ଭଲ ଶବ୍ଦ ଥାଏ, କିନ୍ତୁ ଆମେ ପରିଚିତ ନୁହେଁ । ମରାଠୀରେ ବଢିଆ ଶବ୍ଦ ଥାଏ, ବଙ୍ଗଳାରେ ବହୁତ ବଢିଆ ଶବ୍ଦ ଥାଏ, ଆମେ ପରିଚିତ ନୁହେଁ । ଆମ ଦେଶର ଏତେ ବଡ଼ ଶକ୍ତି ରହିଛି । ଏହି ଶକ୍ତିକୁ ଯୋଡ଼ିବା ଦିଗରେ **ଏକ ଭାରତ-ଶ୍ରେଷ୍ଠ ଭାରତର** ଅଭିଯାନ ଚଳାଇବା ଦିଗରେ ପ୍ରୟାସ ଚାଲୁ ରହିଛି।

ମୁଁ ପୁଣି ଥରେ ସମସ୍ତ ଆଦରଣୀୟ ସଦସ୍ୟମାନେ ଯେଉଁ ବିଚାର ରଖିଛନ୍ତି ସେଥିପ୍ରତି କୃତଜ୍ଞତା ବ୍ୟକ୍ତ କରୁଛି ଏବଂ ଆପଣମାନେ ମୋତେ ସମର୍ଥନ ଦେବା ପାଇଁ, କଥା ହେବା

ପାଇଁ ସୁଯୋଗ ଦେଲେ, ମୁଁ ଏଥିପାଇଁ କୃତଜ୍ଞତା ଜ୍ଞାପନ କରୁଛି ଏବଂ ରାଷ୍ଟ୍ରପତି ମହୋଦୟଙ୍କର ସମ୍ବୋଧନକୁ ମୋର ସମର୍ଥନ ଦେଇ ମୁଁ ମୋ କଥାକୁ ସମାପ୍ତ କରୁଛି ।

ବହୁତ ବହୁତ ଧନ୍ୟବାଦ ।

# ଭାରତଛାଡ ଆନ୍ଦୋଳନର ୭୫ତମ ବାର୍ଷିକୀ ପାଳନ ଉପଲକ୍ଷେ ଲୋକସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

9th August 2017

## ୯.୮.୨୦୧୭ ଲୋକସଭା

# ଭାରତଛାଡ଼ ଆନ୍ଦୋଳନର ୭୫ତମ ବାର୍ଷିକୀ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କର ବିବୃତି

ଆଦରଣୀୟା ବାଚସ୍ପତି ମହୋଦୟା, ଆପଣଙ୍କୁ ତଥା ଅନ୍ୟ ସମସ୍ତ ସମ୍ମାନିତ ସଦସ୍ୟଙ୍କୁ ମୁଁ ମୋର କୃତଜ୍ଞତା ଜଣାଉଛି । ଆମେ ସମସ୍ତେ ସଂସଦର ଏହି ବିଶିଷ୍ଟ ସଭାରେ ଏକତ୍ରୀତ ହୋଇ ଅଗଷ୍ଟ କ୍ରାନ୍ତିର ଗାଥାକୁ ସ୍ମରଣ କରିବା । ଆମେ ସେଥିପାଇଁ ଗର୍ବୀତ । ଆମମାନଙ୍କ ଭିତରୁ ଅଧିକାଂଶ ସଦସ୍ୟ ଅଗଷ୍ଟ ନଅ ତାରିଖର ବିଶେଷ ଘଟଣାବଳୀକୁ ମନେରଖିଥିବେ ଯାହା ଅଗଷ୍ଟ କ୍ରାନ୍ତି ନାମରେ ପରିଚିତ । ଅନେକ ବର୍ଷ ବିତିଯାଇଥିବା ପରେ ମଧ୍ୟ ଏହିପରି ବିଶେଷ ଘଟଣା ମନରେ ଗଭୀର ପ୍ରଭାବ ପକାଇଥାଏ ଏବଂ ଆମକୁ ଏବେ ମଧ୍ୟ ଉଦ୍‌ବୁଦ୍ଧ କରେ । ସେହିସବୁ ଘଟଣାର ସ୍ମରଣ କରିଲେ ଜୀବନକୁ ନୂତନ ପ୍ରେରଣା ଓ ଦେଶକୁ ଶକ୍ତି ମିଳେ । ସେହିପରି ଭାବେ ଏହା ମଧ୍ୟ ଆମର କର୍ତ୍ତବ୍ୟ ଯେ ଏହି ବାର୍ତ୍ତା  ନୂତନ ପିଢ଼ି ପାଖରେ ପହଂଚିବ । ପ୍ରତିଟି ପିଢିର ଏହା ଦାୟିତ୍ୱ ଯେ ସେମାନେ ନିଜ ସମୟର ସମୃଦ୍ଧ ପରମ୍ପରା ଓ ଐତିହ୍ୟକୁ, ତ୍ୟାଗ ଓ ବଳିଦାନର ଗାଥାକୁ ପରବର୍ତ୍ତୀ ପିଢ଼ିକୁ ହସ୍ତାନ୍ତର କରିବେ ।

ଯେତେବେଳେ ଅଗଷ୍ଟ କ୍ରାନ୍ତିର ପଚିଶତମ ଓ ପଚାଶତମ ବାର୍ଷିକୀ ପୂର୍ଣ୍ଣ ହେଲା, ସମଗ୍ର ଦେଶରେ ତାହା ଉତ୍ସବ ରୂପେ ପାଳନ କରାଯାଇଥିଲା । ଆଜି ଆମେ ପଂଚସ୍ତରୀତମ ବାର୍ଷିକୀ ପାଳନ କରୁଛେ, ତାହା ଆମ ପାଇଁ ବଡ଼ ଗୌରବର ବିଷୟ । ଅଧ୍ୟକ୍ଷ ମହୋଦୟା, ମୁଁ ଆପଣଙ୍କ ପାଖରେ କୃତଜ୍ଞ ଏହି ସୁଯୋଗ ପ୍ରଦାନ ନିମନ୍ତେ । ଆମ ସ୍ୱାଧୀନତା ସଂଗ୍ରାମର ଇତିହାସରେ ନଅ ଅଗଷ୍ଟର କ୍ରାନ୍ତି ଏକ ଗୁରୁତ୍ୱପୂର୍ଣ୍ଣ, ବ୍ୟାପକ ତଥା ଭାବନାତ୍ମକ ଘଟଣା ଯାହାର କଳ୍ପନା ମଧ୍ୟବିଦେଶୀ ଶକ୍ତି କରିପାରିନଥିଲା ।

ମହାତ୍ମାଗାନ୍ଧୀ ଓ ଅନ୍ୟ ସମସ୍ତ ବରିଷ୍ଠ ନେତାଗଣଙ୍କୁ ଜେଲରେ ଭର୍ତ୍ତି କରି ଦିଆଯାଇଥିଲା । ଏହି ସମୟରେ ଅନେକ ନୂତନ ନେତାଗଣଙ୍କର ଆବିର୍ଭାବ ହୋଇଥଲା । ତନ୍ମଧ୍ୟରେ ପ୍ରମୁଖ ଥିଲେ ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ଶ୍ରୀ ରାମମନୋହର ଲୋହିଆ, ଶ୍ରୀ

ଜୟପ୍ରକାଶ ନାରାୟଣ ଇତ୍ୟାଦି । ଯୁବ ନେତାଗଣଙ୍କର ଯୋଗଦାନ ଆନ୍ଦୋଳନକୁ ନୂତନ ଗତି ଓ ସ୍ଫୁର୍ତ୍ତୀ ଦେଇଥିଲା। ଭାରତ ୧୯୪୭ରେ ସ୍ୱାଧୀନତା ହାସଲ କଲା । ୧୮୫୭ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଆମର ସ୍ୱାଧୀନତା ସଂଗ୍ରାମ ବିଭିନ୍ନ ସ୍ତର ଦେଇ ଗତିକଲା । ଅନେକ ଲୋକ ପ୍ରାଣବଳୀ ଦେଲେ । ଅନେକ ଭଲ ମନ୍ଦ ସମୟ ଆସିଥିଲା । ପରନ୍ତୁ ୧୯୪୨ର ଆନ୍ଦୋଳନ ଏକ ଯୁଗାନ୍ତକାରୀ ଘଟଣା ଥିଲା ଯାହାର ପ୍ରତୀକ୍ଷା କରାଯାଉଥିଲା । ଏହି ବିଶାଳ ଜନଆନ୍ଦୋଳନ ସ୍ୱାଧୀନତା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କଲା । ଆମେ ୧୮୫୭ର ବିପ୍ଳବକୁ ମନେ ପକାଇବା ଯେତେବେଳେ ଦେଶର ସବୁ କୋଣ ଅନୁକୋଣ ସ୍ୱାଧୀନତାର ଆହ୍ୱାନରେ ଅନୁରଣିତ ହେଉଥିଲା । ମହାତ୍ମାଗାନ୍ଧୀଙ୍କର ବିଦେଶରୁ ପ୍ରତ୍ୟାବର୍ତ୍ତନ, ଲୋକମାନ୍ୟ ତିଲକଙ୍କର ପୂର୍ଣ୍ଣ ସ୍ୱରାଜ୍ୟ ନିମନ୍ତେ ଡାକରା ତଥା ବାକ୍ୟ "ସ୍ୱରାଜ ମୋର ଜନ୍ମସିଦ୍ଧ ଅଧିକାର"- ସେ ସମୟର ଭାବନାକୁ ପ୍ରତିଫଳିତ କରୁଛି । ତାର ଠିକ୍ ପରେ ମହାତ୍ମାଗାନ୍ଧୀଙ୍କର 'ଦାଣ୍ଡି ମାର୍ଚ୍ଚ' ପ୍ରାରମ୍ଭ ହୋଇଥିଲା । ନେତାଜୀ ସୁଭାଷ ଚନ୍ଦ୍ର ବୋଷ INA ଗଠନ କରିଥିଲେ ଏବଂ ଅନେକ ଯୁବସଂଗ୍ରାମୀ ଦେଶମାତୃକା ନିମନ୍ତେ ପ୍ରାଣର ଆହୁତି ଦେଇଥିଲେ । ସେମାନେ ଥିଲେ ବୀର ଭଗତ ସିଂହ, ସୁଖଦେବ, ରାଜଗୁରୁ, ଚନ୍ଦ୍ରଶେଖର ଆଜାଦ, ଚପେକର ବନ୍ଧୁ ।

ଏ ସମସ୍ତ ଘଟଣାବଳୀ ସ୍ୱାଧୀନତା ସଂଗ୍ରାମକୁ ଗତିଶୀଳ କଲା ଏବଂ ଏପରି ମାନସିକତା ସୃଷ୍ଟି କଲା ଯାହାନୁସାରେ "ଏବେ ନୁହେଁ ତ କେବେ ନୁହେଁ" ବୋଲି ଲୋକେ ବିଶ୍ୱାସ କଲେ । ସୁତରାଂ ସମଗ୍ର ଜନତା ସ୍ୱାଧୀନତା ସଂଗ୍ରାମରେ ଯୋଡ଼ି ହୋଇଗଲା । ରାଜାଜୀଙ୍କର ସଂଗ୍ରାମ କେବଳ ଆଭିଜାତ୍ୟ ବର୍ଗ ମଧ୍ୟରେ ପରିବ୍ୟାପ୍ତ ଥିଲା । ମାତ୍ର ୧୯୪୨ ପରେ ଏହି ଆନ୍ଦୋଳନ ସବୁ ସାମାଜିକ ବର୍ଗ ମଧ୍ୟରେ ସବୁ ଅଂଚଳରେ ବ୍ୟାପିଗଲା । ଏହାର ପୃଷ୍ଠଭୂମିରେ ଥିଲା ଗାନ୍ଧିଜୀଙ୍କର ମାର୍ଗଦର୍ଶକ ଶକ୍ତି ତାଙ୍କର ଶବ୍ଦ କ୍ୱିଟ୍ ଇଣ୍ଡିଆ (Quit India) ଥିଲା ସମସ୍ତଙ୍କର ମୁହଁରେ। ଗାନ୍ଧିଜୀ କହିଥିଲେ "ଆଜିଠାରୁ ସମସ୍ତ ପୁରୁଷ ଓ ମହିଳା ନିଜକୁ ସ୍ୱାଧୀନ ବୋଲି ମନେକରନ୍ତୁ ଏବଂ ସେହିପରି ବ୍ୟବହାର କରନ୍ତୁ । ସଂପୂର୍ଣ୍ଣ ସ୍ୱାଧୀନତା ବିନା ଅନ୍ୟ କୌଣସିରେ ମୁଁ ସନ୍ତୁଷ୍ଟ ହେବିନାହିଁ । ଆମେ କରିବୁ ବା ମରିବୁ ।" ବାପୁ ଅହିଂସାର

ମାର୍ଗ ପରିତ୍ୟାଗ କରିଦେଇ ନଥିଲେ, କେବଳ ମାତ୍ର ଜନମାନସର ଆବେଗକୁ ପ୍ରକାଶ କରିଥିଲେ । ସମାଜର ସମସ୍ତ ବର୍ଗର ଲୋକେ, ଗ୍ରାମବାସୀ, କୃଷକ, ଶ୍ରମିକମାନେ, ଶିକ୍ଷକବୃନ୍ଦ, ଛାତ୍ରଗଣ ସଭିଏଁ ଏହି ଆନ୍ଦୋଳନର ଅଂଶୀଦାର ହେଲେ ଏବଂ ଏହି ନାରା ଦେଲେ "କରିବୁ ବା ମରିବୁ" । ଏପରିକି ବାପୁ କହୁଥିଲେ- ବ୍ରିଟିଶ ଶାସନର ହିଂସାତ୍ମକ ଅତ୍ୟାଚାରରେ ଯଦି କେହି ପ୍ରାଣତ୍ୟାଗ କରନ୍ତି, ତାଙ୍କ ଶରୀରରେ ଏହି ସ୍ଲୋଗାନ ଲେଖାଯିବା ଦରକାର ଯେ ସେ ଜଣେ ଶହୀଦ । ବାପୁ ସ୍ୱାଧୀନତା ସଂଗ୍ରାମକୁ ଏତେ ଉଚ୍ଚସ୍ତରକୁ ନେଇ ଯାଇଥିଲେ ଯେ ଭାରତ ପରାଧୀନତାର ଶୃଙ୍ଖଳରୁ ମୁକ୍ତି ପାଇପାରିଲା । ସମଗ୍ର ଦେଶ ସ୍ୱାଧୀନତାପ୍ରାପ୍ତି ନିମନ୍ତେ ବ୍ୟାକୁଳ ଥିଲା । ନେତା ହୁଅନ୍ତୁ ବା ସାଧାରଣ ଜନତା ସମସ୍ତଙ୍କ ମନରେ ସମାନ ଓ ପ୍ରଗାଢ଼ ଭାବନା ଥିଲା । ମୋ ବିଚାରରେ ଯେତେବେଳେ ଏକୀକୃତ ହୋଇ ଦୃଢ଼ ଭାବରେ ଛିଡ଼ା ହୁଏ ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ କରି ଅଗ୍ରସର ହୁଏ, ସଫଳତା ନିଶ୍ଚୟ ମିଳେ । ମାତ୍ର ପାଂଚବର୍ଷ-୧୯୪୨ରୁ ୧୯୪୭ ଭିତରେ ଭାରତମାତା ସ୍ୱାଧୀନ ହୋଇପାରିଲା ।

ସେ ସମୟରେ ରାମକ୍ରିଷ୍ଣ ବେନିପୁରୀ ଏକ ପୁସ୍ତକ ରଚନା କରିଥିଲେ ଯାହାର ନାମ ଥିଲା 'ଜଂଜିରେ ଔର ଦିୱାରେ' । ସେଥିରେ ସେ ଲେଖିଥିଲେ ଦେଶ ଏକ ଚମତ୍କାର ପରିବେଶ ଦେଇ ଗତି କରୁଛି । ସବୁ ଲୋକ ନେତା ଓ ସବୁ ଛକ 'କର ବା ମର'ର ଦପ୍ତର ହୋଇଯାଇଛି । ବିପ୍ଳବର ବହ୍ନିଶିଖା ଦେଶକୁ ଗ୍ରାସ କରିବାକୁ ଯାଉଥିଲା । ବନ୍ଧେ ରାସ୍ତା ଦେଖାଇଦେଲା । ଯାତାୟତର ସମସ୍ତ ସାଧନକୁ ବନ୍ଦ କରାଗଲା । କୋର୍ଟର କାର୍ଯ୍ୟବାହୀକୁ ରୋକାଗଲା । ଭାରତୀୟ ଲୋକଙ୍କର ସାହସ ଓ ବ୍ରିଟିଶ ସରକାରଙ୍କ କଠୋରତାର ଖବର ସବୁଆଡ଼େ ପହଂଚିଗଲା । ଗାନ୍ଧିଜୀଙ୍କ ମନ୍ତ୍ର 'କର ବା ମର' ଲୋକଙ୍କ ଦ୍ୱାରା ବେଶ୍ ଗୃହୀତ ହୋଇଥିଲା ।

ଏହି ପୁସ୍ତକଟି ସେ ସମୟର ପରିସ୍ଥିତି ଓ ପରିବେଶକୁ ବର୍ଣ୍ଣନା କରିଛି । ଏହା ସତ୍ୟ ଯେ ବ୍ରିଟିଶ ଉପନିବେଶବାଦ ଭାରତରେ ଆରମ୍ଭ ହୋଇଥିଲା ଏବଂ ସମାପ୍ତ ମଧ୍ୟ । କେବଳ ଭାରତର ନୁହେଁ ୧୯୪୨ର ଆନ୍ଦୋଳନ ପୃଥିବୀର ଅଧିକାଂଶ ଦେଶରେ ସ୍ୱାଧୀନତା

ସଂଗ୍ରାମର ବହ୍ନି ପ୍ରଜ୍ୱଳିତ କଲା । ଆଫ୍ରିକା ଓ ଏସିଆରେ ଥିବା ଉପନିବେଶମାନଙ୍କ ନିମନ୍ତେ ଭାରତର ସ୍ୱାଧୀନତା ଏକ ପ୍ରେରଣା ସ୍ରୋତରେ ପରିଣତ ହେଲା । ଅତଏବ ଭାରତର ଜନସାଧାରଣଙ୍କ ପ୍ରତି ଏହା ଏକ ବଡ଼ ଶ୍ରଦ୍ଧାଞ୍ଜଳି । ଭାରତୀୟମାନେ ଏଥିପାଇଁ ଗର୍ବ ଅନୁଭବ କରିବାର କଥା । ଯଦି ଆମେ ଦୃଢ଼ ନିଶ୍ଚୟ ହୋଇ କୌଣସି ଲକ୍ଷ୍ୟପଥରେ ଅଗ୍ରସର ହେବା ସଫଳତା ଅବଶ୍ୟ ପାଇବା । ଦେଶକୁ ସଙ୍କଟରୁ ଉଦ୍ଧାର କରିପାରିବା ଏବଂ ନୂତନ ଲକ୍ଷ୍ୟର ସନ୍ଧାନ କରିବା । ସେ ସମୟର ଜାତୀୟ କବି ସୋହନଲାଲ ଦ୍ୱିବେଦୀ ବାପୁଙ୍କର ମହତ୍ତ୍ୱ, ସମୟ ଓ ଆନ୍ଦୋଳନ ସଂପର୍କରେ ଲେଖିଛନ୍ତି–

‘ଚଲ ପଡ଼େ ଜିଧର ଜୋ ଡଗମଗ୍ ମେଁ

ଚଲ ପଡ଼େ କୋଟି ପଗ ଉସି ଔର୍

ଗଡ଼ ଗଇ ଯିଧର ଭି ଏକ୍ ଦୃଷ୍ଟି

ଗଡ଼ ଗଏ କୋଟି ଉସି ଔର ।’

ଅର୍ଥାତ୍ ମହାତ୍ମାଗାନ୍ଧୀ ଯେଉଁ ପଥ ପ୍ରଦର୍ଶନ କରିଗଲେ ତାହାକୁ ଲକ୍ଷ ଲକ୍ଷ ଲୋକେ ଅନୁସରଣ କରିଚାଲିଲେ । ଆଜି ଆମେ ୨୦୧୭ ମସିହାରେ ଅଛୁ । ଆମ ପାଖରେ ହୁଏତ ଜଣେ ଗାନ୍ଧୀ ନାହାନ୍ତି କିନ୍ତୁ ଅଛି ୧୨୫ କୋଟି ଭାରତୀୟଙ୍କର ସମର୍ଥନ । ଯଦି ସମସ୍ତେ ଏକତ୍ରୀତ ହୋଇ ଉଦ୍ୟମ କରିବା, ମହାତ୍ମା ଗାନ୍ଧୀଙ୍କର ତଥା ସ୍ୱାଧୀନତା ସଂଗ୍ରାମୀଙ୍କର ସମସ୍ତ ସ୍ୱପ୍ନ ନିଶ୍ଚୟ ସାକାର କରିପାରିବା ।

ଆଜି ୨୦୧୭ରେ ଆମର ଏକ ସୁଯୋଗ୍ୟ ବାତାବରଣ ଆସିଛି ଯେଉଁଥିରେ ୧୯୪୨ ମସିହାର ଅନୁକୂଳ ବିଶ୍ୱ ପରିସ୍ଥିତିର ପୁନରାବୃତ୍ତି ହୋଇଛି । ଆଜି ମଧ୍ୟ ବିଶ୍ୱର ଅନୁକମ୍ପା ଦୃଷ୍ଟି ଭାରତର ବିକାଶ ଦିଗରେ ଅନୁକୂଳ ରହିଛି । ତାହାର ଲାଭ ଉଠାଇ ପାରିଲେ, ଆମେ ଉନ୍ନତିର ଚରମ ସୀମାରେ ପହଂଚିବା ଏବଂ ଅନ୍ୟାନ୍ୟ ଦେଶ ପାଇଁ ପ୍ରେରଣାର ସ୍ରୋତ ହୋଇପାରିବା ।

ଆଜି ଯେଉଁ ସନ୍ଧିକ୍ଷଣରେ ଆମେ ବିଦ୍ୟମାନ, ସେହିଠାରେ ଆମେ ଇତିହାସର ଅଧ୍ୟାୟରୁ ଶିକ୍ଷା ନେଇ ପାରିବା । ଦେଶକୁ ଦଳଠାରୁ ଉପରେ ରଖିବା । ରାଜନୀତିକୁ ମଧ୍ୟ ଅଲଗା ରଖିବା । ଦେଶର ୧.୨୫ କୋଟି ଲୋକ ସମସ୍ତ ସମସ୍ୟାର ସମାଧାନ କରିବାରେ ସମର୍ଥ । ଦୁର୍ନୀତି ଦେଶ ପାଇଁ ଅହିତକାରକ । ଉଇ ପରି ଦେଶକୁ ନଷ୍ଟ କରିଦେଇଥାଏ । ତାହା ତେଣିକି ରାଜନୈତିକ, ସାମାଜିକ ବା ବ୍ୟକ୍ତିଗତ ଦୁର୍ନୀତି ହେଉଥାଉ । ଆମେ ସେ ବିବାଦ ଭିତରକୁ ଯିବାନାହିଁ, କିଏ, କଣ, କେଉଁଠି ଦୁର୍ନୀତି କରିଛି ।

ଆଜି ଗୋଟିଏ ପବିତ୍ର ଦିବସ ଏହାକୁ ଆମେ ସତ୍ୟନିଷ୍ଠାର ସହ ପାଳନ କରିବା । ସାଧାରଣ ଜନତା ଆମଠାରୁ ଏହା ହିଁ ଆଶା କରେ । ଦାରିଦ୍ର୍ୟ, କୁପୋଷଣତା, ନିରକ୍ଷରତା ଆଦି ବଡ଼ ବଡ଼ ସମସ୍ୟା ଆମ ସମ୍ମୁଖରେ ଅଛି । ସେସବୁ ସରକାରଙ୍କର ନୁହେଁ, ଦେଶ ନିମନ୍ତେ ଆହ୍ୱାନ। ଆମର ଦାୟିତ୍ୱ ହେଲା ନିଜର ପ୍ରତିଶ୍ରୁତି ରକ୍ଷା କରି ଦେଶ ପାଇଁ ଜୀବନ ଉତ୍ସର୍ଗ କରିବା । କେତେକ ବିଷୟ ଉପରେ ଆମର ଭିନ୍ନ ମତ ପୋଷଣ କରୁଥିବା ବ୍ୟକ୍ତିମାନେ ମଧ୍ୟ ଥିଲେ । ଯେଉଁମାନେ ହିଂସାରେ ବିଶ୍ୱାସ କରୁଥିଲେ । ସୁବାଷ ବାବୁଙ୍କର ଆଦର୍ଶ ଥିଲା ଭିନ୍ନ । କିନ୍ତୁ ୧୯୪୨ରେ ସମସ୍ତେ ଏକ ସ୍ୱରରେ କହିଥିଲେ "Quit India".

ଆମର ଭରଣପୋଷଣ ଓ ଆଦର୍ଶ ପରସ୍ପରଠାରୁ ଭିନ୍ନ ହୋଇପାରେ । କିନ୍ତୁ ବର୍ତ୍ତମାନ ସମୟର ଏହି ଆବଶ୍ୟକତା ଯେ ସମସ୍ତେ ଏକାକାର ହୋଇ ବାହ୍ୟ ଶତ୍ରୁ ଯେପରି କ୍ଷୁଧା, ନିରକ୍ଷରତା ତଥା ଦାରିଦ୍ର୍ୟ ବିରୁଦ୍ଧରେ ଲଢ଼ନ୍ତୁ । ମହାତ୍ମା ଗାନ୍ଧୀଙ୍କର ଗ୍ରାମ ସ୍ୱରାଜ୍ୟର ସ୍ୱପ୍ନ କାହିଁକି ଅସଂପୂର୍ଣ୍ଣ ରହିଛି ? କାହିଁକି ଲୋକମାନେ ଗ୍ରାମ ପରିତ୍ୟାଗ କରି ସହରମାନଙ୍କରେ ରହୁଛନ୍ତି ? ଗାଁକୁ ନେଇ ମହାତ୍ମାଗାନ୍ଧୀଙ୍କର କ'ଣ ସ୍ୱପ୍ନ ଥିଲା ? ଆମେ ସେହି ସ୍ୱପ୍ନକୁ ପୁନର୍ଜୀବୀତ କରିପାରିବା ନା ନାହିଁ? ଗରିବ ଋଷୀ, ଦଳିତ ଏବଂ ଉପେକ୍ଷିତ ବର୍ଗ ପାଇଁ ଆମେ କିଛି କରିପାରିବା ନା ନାହିଁ ?

ଏହି ସବୁ ପ୍ରଶ୍ନ ଜଣେ ବ୍ୟକ୍ତି ବା ଗୋଷ୍ଠୀର ନୁହେଁ, ଆମ ସମସ୍ତଙ୍କର ଏବଂ ଏ ଦେଶର ୧୨୫ କୋଟି ଲୋକଙ୍କର, ଏହା ହିଁ ପ୍ରକୃଷ୍ଟ ସମୟ ପ୍ରେରିତ ହେବା ପାଇଁ ଏବଂ

ଲୋକମାନଙ୍କ ପାଇଁ କିଛି କରିଯିବା ପାଇଁ । ମୁଁ ଜାଣିଛି ଆମେ ବେଳେବେଳେ କର୍ତ୍ତବ୍ୟର ଉପେକ୍ଷା କରୁ । କ୍ଷମତାର ଦୁରୁପଯୋଗ କରୁ । ସାମାଜିକ ଓ ରାଜନୈତିକ ଜୀବନରେ ଏହା ଘଟିଥାଏ । ଏହିପରି କେତେକ ଅବଗୁଣ ଆମ ଜୀବନରେ ଅନୁପ୍ରକାଶ କରି ତାହାକୁ ଜୀବନର ଏକ ମାଧ୍ୟମ ବନେଇ ସାରିଛି ।

ଲାଲବତୀକୁ ଡେଇଁ ଚାଲିଗଲେ ଯେ ଆଇନଭଙ୍ଗ କରୁଛେ ତାହା ଆମେ ଜାଣିପାରୁନାହିଁ । କେଉଁଠାରେ ଛେପ ପକାଇଲେ ତାହା ଭୁଲ ଆମେ ଅନୁଭବ କରୁନାହିଁ । ଆଇନ୍‌କାନୁନ ଭାଙ୍ଗିବା ଆମର ଅଭ୍ୟାସ ହୋଇଗଲାଣି । ଛୋଟ ଛୋଟ ଘଟଣାରୁ ବି ଆମେ ହିଂସା ଆଡକୁ ପ୍ରବର୍ତ୍ତୀତ ହେଉଛୁ । ଡାକ୍ତରଙ୍କର ଭୁଲ ଥାଉ ବା ନାହିଁ ଦୁଃର୍ଘଟଣା ହେଲେ, ବନ୍ଧୁବାନ୍ଧବମାନେ ଡାକ୍ତରଖାନା ଜଳାଇ ଦେଉଛନ୍ତି , ଡାକ୍ତରଙ୍କୁ ମାଡ଼ ମାରୁଛନ୍ତି ।

କୌଣସି ସ୍ଥାନରେ ଦୁର୍ଘଟଣା ହେଲେ, ଆମେ କାର୍‌ଟିକୁ ଜଳାଇ ଡ୍ରାଇଭରଙ୍କୁ ମାରି ଦେଉଛି । ଆଇନର ସମ୍ମାନ କରୁଥିବା ନାଗରିକ ଭାବରେ ଆମେ କର୍ତ୍ତବ୍ୟପାଳନ କରିବା ଉଚିତ । ଆମ ଭିତରେ କିଛି ମନ୍ଦ ଅଭ୍ୟାସ ପ୍ରବେଶ କରିଛି ଯଦ୍ୱାରା ଆମେ ଆଇନ ଭଙ୍ଗ କଲେ ମଧ୍ୟ ସଚେତନ ହେଉନାହୁଁ । ସୁତରାଂ ସମାଜ ଓ ନେତୃତ୍ୱର କର୍ତ୍ତବ୍ୟ ହେଲା ସେମାନେ ଲୋକଙ୍କୁ ଜାଗ୍ରତ କରିବା। ଶୌଚାଳୟ ଓ ସ୍ୱଚ୍ଛତା ତାଚ୍ଛଲ୍ୟର ବିଷୟ ନୁହେଁ, ମା ଓ ଭଉଣୀମାନଙ୍କୁ ଶୌଚକାର୍ଯ୍ୟ କରିବାକୁ କେତେ କଠିନ ପରିସ୍ଥିତିର ସାମ୍ନା କରିବାକୁ ହେଉଛି । ସେମାନେ ବ୍ୟାକୁଳ ହୋଇ ଅନ୍ଧକାରର ପ୍ରତୀକ୍ଷା କରନ୍ତି କାରଣ ସେମାନଙ୍କ ପାଖରେ ଶୌଚାଳୟ ବ୍ୟବହାର କରିବା ସୁବିଧା ନାହିଁ । ତେଣୁ ସମାଜର ମାନସିକତା ବଦଳିବା ଦରକାର । ଆମେ ସମସ୍ତେ ଏ ଦିଗରେ ଚିନ୍ତା ତଥା କାର୍ଯ୍ୟ କରିବା ଦରକାର ।

ସମାଜରେ ମହିଳାମାନେ ସଶକ୍ତ ହେଲେ ସମାଜ ମଧ୍ୟ ସଶକ୍ତ ହେବ । ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମାଗାନ୍ଧୀଙ୍କ ସହ ଅନେକ ମହିଳା ଜନସଭାର ନେତୃତ୍ୱ ନେଉଥିଲେ ଏବଂ ସେମାନଙ୍କର ଅବଦାନ କମ୍ ନୁହେଁ । ଆଜି ମଧ୍ୟ ମହିଳାମାନେ ରାଷ୍ଟ୍ର ପ୍ରତି ସମର୍ପିତ ଓ କର୍ତ୍ତବ୍ୟନିଷ୍ଠ ।

୧୮୫୭ରୁ ୧୯୪୨ ମଧ୍ୟରେ ସ୍ୱାଧୀନତା ସଂଗ୍ରାମ ଅନେକ ସ୍ତର ଦେଇ ଗତି କରିଛି । ସେଥିରେ ବିଭିନ୍ନ ମୋଡ଼ ଆସିଛି– କେତେବେଳେ ନେତୃତ୍ୱ ପରିବର୍ତ୍ତନ ହୋଇଛି, କେବେ ହିଂସାର କେବେ ଅହିଂସାର ରାସ୍ତା ଅକ୍ତିଆର କରାଯାଇଛି । ବେଳେବେଳେ ଦୁଇ ଭିନ୍ନ ମତପୋଷଣ କରୁଥିବା ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହେଇଛି ତ କେତେବେଳେ ସୌହାର୍ଦ୍ଦପୂର୍ଣ୍ଣ ପରିପୂରକ ହୋଇଛନ୍ତି ସେମାନେ । ୧୮୫୭ରୁ ୧୯୪୨ ପର୍ଯ୍ୟନ୍ତ ସବୁକିଛି ଧୀରେ ଧୀରେ ବଢୁଥିଲା କିନ୍ତୁ ୧୯୪୨ରୁ ୧୯୪୭ ମଧ୍ୟରେ ଏହାର ଗତି ବେଶ୍ କ୍ଷିପ୍ର ହୋଇଗଲା । ଏମିତି ଏକ ବାଧାବିଘ୍ନର ପରିବେଶ ଆସିଗଲା, ଯାହା ବ୍ରିଟିଶ ଶାସନର ପୁରୋଧାମାନଙ୍କୁ ବାଧ୍ୟ କଲା ଆମକୁ ସ୍ୱାଧୀନତା ଦେବା ନିମନ୍ତେ ।

ଆମେ ଯଦି ସମାଜର ବିଗତ ଶହେ ବା ଦୁଇଶହ ବର୍ଷର ଇତିହାସକୁ ଅନୁଧ୍ୟାନ କରିବା । ଆମର ବିକାଶର ଧାରା ଭିନ୍ନ ଭିନ୍ନ ଚରଣ ଦେଇ ଗତି କରିଛି । କ୍ରମଶଃ ବିକଶିତ ହେଉଥିବା ବିଶ୍ୱରେ ଗତ ୩୦ ବା ୪୦ ବର୍ଷ ଭିତରେ ଅଚାନକ ପରିବର୍ତ୍ତନ ଆସିଥିଲା । ଏଥିରେ ଟେକ୍‌ନୋଲୋଜି ବା ପ୍ରଯୁକ୍ତି ବିଦ୍ୟାର ବେଶ୍ ବଡ଼ ଭୂମିକା ଥିଲା । ଆମର ଅଜାଣତରେ ଏକ ବହୁତ ବଡ଼ ସକରାତ୍ମକ ପରିବର୍ତ୍ତନ ସଂଘଟିତ ହୋଇଥିଲା ।

୨୦୧୭ ମସିହାରେ 'ଭାରତଛାଡ଼' ଆନ୍ଦୋଳନର ୭୫ତମ ବାର୍ଷିକୀ ପାଳିତ ହେଉଛି ଏବଂ ୨୦୨୨ରେ ସ୍ୱାଧୀନତାର ୭୫ ତମ ବାର୍ଷିକୀ ପାଳନ ହେବ । ଏହି ପାଞ୍ଚ ବର୍ଷ ଭିତରେ ସେହି ସକାରାତ୍ମକ, ଉତ୍ସାହରେ ଭରା ମାନସିକତା ରହିବ । ସୁତରାଂ ଆମ ସ୍ୱାଧୀନତା ସଂଗ୍ରାମୀଙ୍କର ସମସ୍ତ ସ୍ୱପ୍ନକୁ ଆମେ ସାର୍ଥକ କରିବାର ପ୍ରୟାସ କରିବା । ସଂକଳ୍ପକୁ ନେଇ ଅଗ୍ରସର ହେବା । ଆଗାମୀ ପାଂଚବର୍ଷରେ ଆମେ ଭାରତକୁ ବିଶ୍ୱଦରବାରରେ ଏକ ଗୌରବମୟ ସ୍ଥାନରେ ପହଂଚେଇବାର ପ୍ରତିଜ୍ଞା କରିବା ଏବଂ ସମସ୍ତଙ୍କର ସହଯୋଗରେ ତାହା ସମ୍ଭବ ହେବ ।

ନିକଟ ଅତୀତରେ ଆମେ GST ର ସଫଳତା ଦେଖିଲେ । ମୁଁ ବାରମ୍ବାର କହିବି ଏହା ମୋର ରାଜନୈତିକ ବକ୍ତବ୍ୟ ନୁହେଁ, ମୋର ଦୃଢ଼ ବିଶ୍ୱାସ । GST ର ସଫଳତା କୌଣସି ସରକାରର ବା ଦଳର ସଫଳତା ନୁହେଁ । ଏହି ଗୃହରେ ବସିଥିବା ଲୋକଙ୍କର ଇଛାଶକ୍ତିର

ପରିଣାମ । ଏ ଦେଶର ରାଜନୈତିକ ନେତୃତ୍ୱ ନିଜର ପ୍ରତିବଦ୍ଧତା ନିମନ୍ତେ ଏକ ବିଚକ୍ଷଣ କାର୍ଯ୍ୟ କରିପାରିଛି । ଏହା ପୃଥିବୀରେ ଅଦ୍ୱିତୀୟ । ବିଶ୍ୱସମୁଦାୟ ପାଇଁ ଏକ ଆଶ୍ଚର୍ଯ୍ୟ । ଏହାର ସଫଳ ରୂପାୟନ ଅନ୍ୟାନ୍ୟ ବିଷୟରେ ମଧ୍ୟ କରାଯାଇପାରିବ। ୧୨୫ କୋଟି ଲୋକଙ୍କର ପ୍ରତିନିଧି ଭାବରେ ମୁଁ କହିବି ଆମର ଭବିଷ୍ୟତ ଆହୁରି ଫଳବତୀ ହେବ ।

ମହାତ୍ମାଗାନ୍ଧୀ 'କର ବା ମର' ନାରା ଦେଇଥିଲେ । ସେ ସମୟର ତାହା ହିଁ ଫର୍ମୁଲା ଥିଲା । ଆଜି ୨୦୧୭ରେ ଯଦି ଆମେ ଦୃଢ଼ତାର ସହ ପ୍ରତିଜ୍ଞା କରୁ ତାହାହେଲେ ୨୦୨୨ ସୁଦ୍ଧା ଦୁର୍ନୀତି ବିଲୁପ୍ତ ହୋଇଯିବ । ଆମେ ସମସ୍ତେ ଏକତ୍ରୀତ ହୋଇ ଦରିଦ୍ରଙ୍କୁ ସେମାନଙ୍କର ଅଧିକାର ଦେବା, ଯୁବସମାଜକୁ ଆତ୍ମନିଯୁକ୍ତିର ସୁଯୋଗ ଦେବା, କୁପୋଷଣତା ଦୂର କରିବା, ନିରକ୍ଷରତା ଦୂର କରିବା, ମହିଳାମାନଙ୍କର ରାସ୍ତାର ସବୁ ପ୍ରତିବନ୍ଧକ ହଟାଇବା । ଏହି ସଂକଳ୍ପ କୌଣସି ରାଜନୈତିକ ଦଳର ନୁହେଁ, ୧୨୫ କୋଟି ଭାରତୀୟଙ୍କର ହେବ । ଏହି ସବୁ ବିଷୟକୁ ଆମେ 'କର ବା ମର' ନୀତି ପ୍ରୟୋଗ କରି ହାସଲ କରିବାକୁ ଚେଷ୍ଟା କଲେ ନିଶ୍ଚୟ ସଫଳ ହେବା ।

ଆଜି, ଅଗଷ୍ଟ କ୍ରାନ୍ତି ଦିବସରେ, ଆମେ ଆମର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ପକାଇବା, ମନେପକେଇବା ସେମାନଙ୍କର ତ୍ୟାଗ ଓ ତପସ୍ୟାକୁ । ସେମାନଙ୍କର ଆର୍ଶୀବାଦ ଭିକ୍ଷା କରିବା । ଆସନ୍ତୁ ସମସ୍ତେ ଏକାଠି ହୋଇ ସ୍ୱପ୍ନ ସବୁକୁ ସାକାର କରିବା, ସଶକ୍ତ ହୋଇ ଲକ୍ଷ୍ୟ ପ୍ରାପ୍ତି କରିବା । ଏହି ଆଶା ସହିତ ମୁଁ ପୁର୍ନବାର ଅଧକ୍ଷ ମହୋଦୟାଙ୍କୁ କୃତଜ୍ଞତା ଜଣାଉଛି ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଜଣାଉଛି ।

2018




ଆୟୁଷ୍ମାନ ଭାରତ ଯୋଜନାର ହିତାଧିକାରୀ ମାନଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାଳାପ

"ଏକ ସୁସ୍ଥ ପରିବାର,ଏକ ସୁସ୍ଥ
ସମାଜକୁ ନେଇ ହିଁ ଏକ
ସୁସ୍ଥ ରାଷ୍ଟ୍ରର ନିର୍ମାଣ ସମ୍ଭବ।"

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ରାଜ୍ୟସଭାରେ ଉତ୍ତର

7th February 2018

# ୦୭.୦୨.୨୦୧୮ ରାଜ୍ୟସଭା

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀଙ୍କର ବିବୃତି

ଆଦରଣୀୟ ସଭାପତି ମହାଶୟ,

ଆଦରଣୀୟ ରାଷ୍ଟ୍ରପତି ମହୋଦୟଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ବିସ୍ତୃତ ଆଲୋଚନା ଏହି ସଦନ କରିଛି । ପାଖାପାଖି ୩୮ ଜଣ ମାନ୍ୟବର ସଦସ୍ୟ ନିଜ ନିଜର ବକ୍ତବ୍ୟ ରଖିଛନ୍ତି। ନିଜର ପ୍ରଥମ ଭାଷଣ ସହିତ ଶ୍ରୀମାନ ଅମିତ ଭାଇ ସାହା ପ୍ରସ୍ତାବ ଆଗତ କରିଥିଲେ, ବିନୟ ସହସ୍ରବୁଦ୍ଧେ ମହାଶୟ ଏହାକୁ ସମର୍ଥନ କରିଥିଲେ। ଶ୍ରୀମାନ ଗୁଲାମନବୀ ଆଜାଦ ମହାଶୟ, ଡି.ପି ତ୍ରିପାଠୀ ମହାଶୟ, ପ୍ରମୋଦ ତିୱାରୀ ମହାଶୟ, ସର୍ଦ୍ଦାର ବଲୱନ୍ତ ସିଂହ ମହାଶୟ, ନରେଶ ଅଗ୍ରୱାଲ ମହାଶୟ, ଦିଲ୍ଲୀପ କୁମାର ର୍ତିକୀ ମହାଶୟ, ସଞ୍ଜୟ ରାଉତ ମହାଶୟ, ଆନନ୍ଦ ଶର୍ମା ମହାଶୟ, ଡେରେକ୍ ଓ ବ୍ରେଇନ ମହାଶୟ, ଡି. ରାଜା, ସଞ୍ଜୟ ସିଂହ, ସୁଖେନ୍ଦୁ ଶେଖର ରାୟ ମହାଶୟ, ଟି.କେ ରଙ୍ଗରାଜନ ମହାଶୟ, ଟି.ଜି ଭେଙ୍କଟେସ ମହାଶୟଙ୍କ ସମେତ ଅନେକ ଆଦରଣୀୟ ସଦସ୍ୟ ନିଜର ମତାମତ ରଖିଛନ୍ତି । ରୋଜଗାର ହେଉ, ଭ୍ରଷ୍ଟାଚାର ହେଉ, କୃଷକଙ୍କର ରୋଜଗାରର କଥା ହେଉ, ନିବେଶ ନୀତି ହେଉ, ସୁରକ୍ଷା ବ୍ୟବସ୍ଥା ହେଉ, ଆୟୁଷ୍ମାନ ଭାରତ ହେଉ, ଏଭଳି ଅନେକ ବିଷୟ ଉପରେ ସମସ୍ତେ ନିଜର ମତାମତ ରଖିଛନ୍ତି। ଗୁଲାମନବୀ ମହାଶୟଙ୍କୁ ତ' ମୁଁ ଏଠାରେ ବସି ଶୁଣୁଥିଲି, ଅନ୍ୟମାନଙ୍କୁ ମୁଁ ନିଜ କୋଠରୀରେ ରହି ଶୁଣିଲି ଆଉ ଏଥିପାଇଁ ସେମାନଙ୍କର ଶାରୀରିକ ପରିଭାଷା ମଧ୍ୟ ଦେଖିବାର ସୁଯୋଗ ମିଳିଥିଲା । ଆଉ ଯେତେବେଳେ ସେ ବଂଶବାଦ ଉପରେ ଚର୍ଚ୍ଚା କରୁଥିଲେ ଆଉ ଗୋଟିଏ ପରିବାରକୁ ବଂଚାଇବା ପାଇଁ ବହୁତ କିଛି କହୁଥିଲେ, ଯାହା କହୁଥିଲେ ତାହା ତ ଠିକ୍ ଅଛି, କିନ୍ତୁ ସେହି ସମୟରେ ତାଙ୍କର ପିଲାଳିଆମୀ ବହୁତ ଭଲ ଲାଗୁଥିଲା । ଆଉ ଅଧିକାଂଶ ସମୟରେ ମୁଁ ଦେଖିଲି, ଏବେ ଆନନ୍ଦ ଶର୍ମା ମହାଶୟଙ୍କୁ ମଧ୍ୟ ଶୁଣୁଥିଲି । ତ ଗୁଲାମନବୀ ଆଜାଦ ମହାଶୟଙ୍କଠାରୁ ନେଇ ଆନନ୍ଦ ଶର୍ମା ମହାଶୟଙ୍କ ପର୍ଯ୍ୟନ୍ତ ଅଧିକାଂଶ ସଦସ୍ୟ ତ ନିଜ

ପୁରୁଣା ସରକାରଙ୍କ କଥା କହିବାକୁ ସୁଯୋଗ ନେଉଥିଲେ । ବାହାରେ ତ କେହି ଶୁଣନ୍ତି ନାହିଁ ତ' ଏଠାରେ ହିଁ କହିବାକୁ ପଡ଼ିବ । ଛାଡ଼ନ୍ତୁ କଂଗ୍ରେସ ଦଳ କିମ୍ବା ଏହି ରାଜନୈତିକ ଦଳଙ୍କୁ କ'ଣ କରିବା ଆବଶ୍ୟକ ସେଥିପାଇଁ ନା ମୋତେ କିଛି କହିବାର ଅଧିକାର ରହିଛି ନା କାହାକୁ । କିନ୍ତୁ ଆପଣ ଆୟୁଷ୍ମାନ ଭାରତ ଯୋଜନାର ଚର୍ଚ୍ଚା କଲେ ଆଉ ଆପଣ ଉଦାହରଣ ଦେଲେ ଆମେରିକାର ଏବଂ ବ୍ରିଟେନର । ଏବେ ଏହି ଆମେରିକାର ମଡେଲ ଏବଂ ବ୍ରିଟେନର ମଡେଲ ଆଉ ଭାରତର ସାମାଜିକ ସ୍ଥିତି ଦୁଇଟିରେ ଆକାଶ ପାତାଳ ପ୍ରଭେଦ ରହିଛି । କେତେକ ଜିନିଷ ସେଠାରେ ସଫଳ ହୁଏ, ଆମର ଏଠାରେ ସଫଳ ହୋଇ ପାରେ ନାହିଁ, କେତେକ ଜିନିଷ ସେଠାରେ ବିଫଳ ହୁଏ, ଆମର ଏଠାରେ ଅଯୋଗ୍ୟ ସାବ୍ୟସ୍ତ ହୋଇ ପାରେ । ଏଭଳି ଯୁକ୍ତି ଠିକ୍ ନୁହେଁ । ଆମକୁ ନିଜ ଦୃଷ୍ଟିରେ ଭାବିବାକୁ ପଡ଼ିବ । ନିଜ ଦେଶ ପାଇଁ ଏହା ଏଇଥିପାଇଁ ହୋଇଥାଏ କି ଅଧିକାଂଶ ଏବେ ପାଖାପାଖି ୫୦-୫୫ବର୍ଷ କ୍ଷମତାରେ ରହିବା ଆଉ ଭୂଇଁରୁ ଓପାଡ଼ି ହୋଇ ପଡ଼ିବା ହେଉଛି ବଡ଼ ସ୍ୱାଭାବିକ କଥା । ଆଉ ସେହି କାରଣରୁ ଏଭଳି ପ୍ରକାରର ବିଚାର ଆଉ ମର୍ଯ୍ୟାଦା ଆସିବା ମଧ୍ୟ ହେଉଛି ବଡ଼ ସ୍ୱାଭାବିକ କଥା । କିନ୍ତୁ ମୁଁ ମାନୁ ନାହିଁ କି ଏମାନଙ୍କ ମଧ୍ୟରୁ କେହି ଏହି କଥା ଉପରେ ଅସହମତ ହେବେ କି ଆମ ଦେଶରେ ଆରୋଗ୍ୟ କ୍ଷେତ୍ରରେ ବହୁତ କିଛି କରିବାର ଆବଶ୍ୟକତା ରହିଛି । ଏହାର ମାନେ ନୁହେଁ କି ଗୁଲାମନବୀ ଯେତେବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ ତ' ସେତେବେଳେ କିଛି କରି ନାହାଁନ୍ତି । କିଛି ତ କରିଛନ୍ତି। କିନ୍ତୁ ବହୁତ କିଛି କରିବାର ଆବଶ୍ୟକତା ରହିଛି ଏହି କଥାକୁ କେହି ଅସ୍ୱୀକାର କରିବେ ନାହିଁ । ଆଉ ଏଥିପାଇଁ ଆମେ ଆଲୋଚନାରେ ଏହି କଥାକୁ ମଧ୍ୟ ବୁଝିବା ଯେ ଦେଶର ଆଶା-ଆକାଂକ୍ଷା ଅନୁସାରେ ଆମେ କିଛି କଥାକୁ କିପରି କରି ପାରିବା । ଏବେ ଏହା ଠିକ୍ ଅଛି କି ଆମେ ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ଆସିଛୁ । ହୋଇପାରେ କି ଏଥିରେ କିଛି ଅଭାବ ରହି ଯାଇ ପାରିଥାଏ, କିନ୍ତୁ ଶେଷରେ ଏହି ଯୋଜନା ଦେଶ ପାଇଁ ହିଁ ଅଛି । କୌଣସି ଦଳ ପାଇଁ ନାହିଁ ତ, ମୁଁ ଚାହିଁବି କି କଂଗ୍ରେସର ବନ୍ଧୁମାନେ ମଧ୍ୟ ଗୋଟିଏ ଟାସ୍କ ଫୋର୍ସ ଗଠନ କରନ୍ତୁ ଅନ୍ୟ ଦଳର ଲୋକମାନେ ମଧ୍ୟ ଟାସ୍କ ଫୋର୍ସ ଗଠନ କରନ୍ତୁ । ଆୟୁଷ୍ମାନ ଭାରତ ଯୋଜନାକୁ ଅନୁଧ୍ୟାନ କରନ୍ତୁ ଆଉ ସେଥିରେ କିଛି ଦୋଷ ତ୍ରୁଟି ରହଥିବ

ତ ମୁଁ ନିଶ୍ଚିତ ସମୟ ଦେବି । ମୁଁ ନିଜେ ସମୟ ଦେବି । ବିକଳ୍ପ ଉଦ୍ଦେଶ୍ୟ କ'ଣ ରହିଛି ? ବିକଳ୍ପ ଉଦ୍ଦେଶ୍ୟ ଏହା ରହିଛି କି ଦେଶରେ ଗରିବ ଏବଂ ନିମ୍ନ ମଧ୍ୟବିତ୍ତ ବର୍ଗର ପରିବାରରେ ଯଦି ରୋଗ ସେମାନଙ୍କ ଘରକୁ ଆସିଥାଏ । ଯାହା  କିଛି ମଧ୍ୟ ସେମାନଙ୍କର ସଂଚୟ ରହିଥାଏ ସବୁ ଶୂନରେ ଆସି ଅଟକି ଯାଇଥାଏ । ବିଯୁକ୍ତ ହୋଇ ଯାଇଥାଏ । କେବେ ସୁଧଖୋରଙ୍କ ଠାରୁ ସୁଧରେ ଟଙ୍କା ଆଣି ଚିକିତ୍ସା କରିବାକୁ ପଡେ । କେବେ ସେ ଚିନ୍ତାକରେ କି ପୁଅମାନଙ୍କୁ ଋଣରେ ବୁଡାଇବାର ନାହିଁ, ରୋଗକୁ ସହ୍ୟ କରି ନିଏ, ଆୟୁଷ କମି ଯାଉଛି ତ କମି ଯାଉ । ଏହି ମାନସିକତା ଆମ ଭିତରେ ରହି ଯାଇଛି। ଆଉ କିଏ କଲା କିଏ ନ କଲା ୭୦ ବର୍ଷ ଧରି କାହିଁକି ହେଲା ନାହିଁ ଏ ସମସ୍ତ ପ୍ରଶ୍ନ ଉଠିପାରେ । କିନ୍ତୁ ମୋ ଚର୍ଚ୍ଚାର ବିଷୟ ତାହା ନୁହେଁ । କ'ଣ ଆମକୁ ଏଭଳି କିଛି କରିବା ଦରକାର କି ଦରକାର ନୁହେଁ । ସରକାର ଯାହା ଚିନ୍ତା କରନ୍ତି, ଆପଣଙ୍କ ଭଳି ଆମର ଚିନ୍ତା ଧାରା ନୁହେଁ କି ଭଗବାନ ସବୁ କିଛି ଆମକୁ ଦେଇ ଦେଇଛନ୍ତି । ଆମେ ମାନୁଛୁ କି ଏଠାରେ ସଦନରେ ଆମଠାରୁ ମଧ୍ୟ କେତେ ବିଦ୍ୱାନ ଏବଂ ଅନୁଭବୀ ଲୋକ ଅଛନ୍ତି । ସେମାନଙ୍କର ବିଜ୍ଞତା ଆଉ ସେମାନଙ୍କର ଅନୁଭବ ଏପରି କି ବାହାର ଦେଶ ବିଷୟରେ ମଧ୍ୟ ବହୁତ ବିଜ୍ଞତା ଏବଂ ଅନୁଭବ ଅଛି ।  ଆମେ ବସି, ମିଳିମିଶି ଏକାଠି ବସି ଆୟୁଷ୍ମାନ ଭାରତ ଯୋଜନାକୁ ଦେଶର ୪୦-୫୦କୋଟି ଲୋକଙ୍କ ଭଲ ସ୍ୱାସ୍ଥ୍ୟ ପାଇଁ ଏକ ବିଶ୍ୱାସ ସୃଷ୍ଟି କରି ପାରିବା କି ? ଆଉ ଯଦି ଥରେ ... ଆଉ ଏହା ହେଉଛି ବୀମା ଯୋଜନା । ଆଉ ଏଥିପାଇଁ ମୁଁ ବୁଝୁଛି କି ଆମେ ଜାଣିଛୁ କି ବୀମା ଯୋଜନାରେ କି ପ୍ରକାରର ବ୍ୟବସ୍ଥା ହୋଇଥାଏ । ଆଉ ଏଥିପାଇଁ ବଜେଟରେ ବ୍ୟବସ୍ଥା ବିନା ଚର୍ଚ୍ଚା କରି ଅଟକିବାର ଆବଶ୍ୟକତା ନାହିଁ। ସେହି ଦିଗ ପ୍ରତି ଆମେ ଭଲ ଭାବେ ପରିଚିତ ଅଛୁ । କିନ୍ତୁ ଦେଶର ଗରିବଙ୍କୁ ଏହାର ଲାଭ ମିଳୁ । ଆଉ ମୁଁ ମାନିବାକୁ ପ୍ରସ୍ତୁତ ନୁହେଁ କି କାହାକୁ ଅସୁବିଧା ହେଉ। ହଁ, ଯୋଜନା  ଲାଗୁ କରିବା ପରେ କିଛି ତ୍ରୁଟି ଆସିଥିବ ଆଉ ଧ୍ୟାନ ଦିଆଯାଇ ନଥିବ ତ ଆଲୋଚନା କରି କହି ଦିଅନ୍ତୁ ତାହା ଠିକ୍ ଅଛି । ଏବେ ମତାମତ ଦେବା ସମୟରେ ଏକ ଯୋଜନାର ପ୍ରାଥମିକ ବିଚାର ପ୍ରସ୍ତୁତ ହୋଇଛି। ଆମେ ମିଳିମିଶି କରି ତାହାକୁ କିପରି ଆହୁରି ଅଧିକ ଉତ୍ତମ କରି ପାରିବା ଏଥିପାଇଁ ମୁଁ ଚାହିଁବି କି ଭଲ ପ୍ରସ୍ତାବ ଆସିବା ଦରକାର । ଆଉ ଯେଉଁ ଲୋକ ଆଜି ମୋ

ଭାଷଣକୁ ଯଦି ଟିଭିରେ ଶୁଣୁଥିବେ ସେମାନଙ୍କୁ ମଧ୍ୟ ମୋର ଅନୁରୋଧ କି ଏଥିରେ କିଛି ଉପଯୁକ୍ତ, କିଛି ଭଲ ଜିନିଷ, ଆପଣ ଦେଇ ପାରିବେ ତ ଦେଇ ଦିଅନ୍ତୁ। ଦେଶର ଗରିବଙ୍କ ପାଇଁ କରିବାର ଅଛି ଏଥିରେ କୌଣସି ଦଳ ନ ଥାଏ ଆଜ୍ଞା ଆଉ ମୁଁ ମାନୁଛି କି ଆମେ ସମସ୍ତେ ମିଳିମିଶି କରି ଏହି କଥାକୁ ଆଗକୁ ବଢ଼ାଇବା ।

ଏ କଥା ଠିକ୍ ଅଛି କି ମୁଁ ଏଠାରେ ବସି କରି ଇଂରାଜୀରେ ୯ ଲେଖିବି ତ ମୁଁ ମାନୁ ନାହିଁ କି ଏଠାକାର କୌଣସି ବ୍ୟକ୍ତି ଏହି କଥାକୁ ମନା କରିବ କି ଏହା ୯ ଅଟେ । କିନ୍ତୁ ଏଠାରେ ବସିଥିବା ଲୋକଙ୍କୁ ୬ ଦିଶିବ । ମୁଁ ଇଂରାଜୀରେ ଏଠାରେ ୯ ଲେଖିବି, ମୁଁ ଭୁଲ ନୁହେଁ କିନ୍ତୁ ଆପଣଙ୍କୁ ୬ ଦିଶୁଛି ତ ମୁଁ କ'ଣ କରିବି ? କାରଣ ଆପଣ ଏଠାରେ ବସିଛନ୍ତି । ଆଉ ଏଥିପାଇଁ ମୁଁ ବୁଝି ପାରୁଛି କି ଏବେ କିଏ ମୋତେ କହନ୍ତୁ କି ହିନ୍ଦୁସ୍ଥାନରେ ସହଜରେ ବ୍ୟବସାୟ ଅନୁକୂଳ ଏହି ମାନ୍ୟତାରେ ଯଦି ସୁଧାର ହୁଏ । ଆମକୁ କାହିଁକି ଦୁଃଖ ଲାଗିବ। କ'ଣ ଏହି ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏ କଥାରେ ଗର୍ବ ଅନୁଭବ କରିବାର ନୁହେଁ କି ସହଜରେ ବ୍ୟବସାୟ ଅନୁକୂଳ ହେଲା । ଦୁନିଆରେ ଆମର ଏକ ଛବି ସୃଷ୍ଟି ହେଲା । ଦେଶ ପାଇଁ ଗୋଟିଏ ଭଲ କଥା ହେଲା । ଏବେ ଆମେ କଲୁ, ଆପଣ କଲେ ସେହି ପ୍ରସଙ୍ଗ ଆମେ ଯେତେବେଳେ ନିର୍ବାଚନକୁ ଯିବା ସେତେବେଳେ ଖେଳ ଖେଳି ନେବା । କିନ୍ତୁ ଯେତେବେଳେ ଦେଶର କଥା ଆସେ ତ ଭଲ ହୁଏ । ଆଛା କହି ଆମେ ଏ ପର୍ଯ୍ୟନ୍ତ ଚାଲିଯିବା ଆଜ୍ଞା। ଯେ କୌଣସି ଏକ ରେଟିଂ ସଂସ୍ଥାକୁ ଦେବା ତ ଏବେ ଆମ ଉପରେ ଆକ୍ରମଣ କରିବା କେବେ ସମ୍ଭବ ହୁଏ ନାହିଁ । ତ ସେହି ରେଟିଂ ସଂସ୍ଥା ଉପରେ ହିଁ ଆକ୍ରମଣ କରି ଦେଉ । ବୋଧହୁଏ ଦୁନିଆରେ ଏପରି କେହି ନ ଥିବେ । ଆଉ ଏଥିପାଇଁ ଆଉ କେବେ-କେବେ ତ ମୁଁ ଅନୁଭବ କରେ କି ଆମ ଭାରତୀୟ ଜନତା ପାର୍ଟିର ସମାଲୋଚନା କରିବା ଦରକାର । ଭଲ ଭାବେ କରିବା ଦରକାର। ଆପଣଙ୍କର ଏହା ହେଉଛି ଅଧିକାର ମୋଦୀଙ୍କର ମଧ୍ୟ ସମାଲୋଚନା କରିବା ଦରକାର । ଭଲ ଭାବେ କରିବା ଦରକାର । ତ୍ରୁଟି ଟାଣି ଦେବା ଦରକାର । ଗଣତନ୍ତ୍ରରେ ଆପଣଙ୍କର ସଂପୂର୍ଣ୍ଣ ଅଧିକାର ରହିଛି। କିନ୍ତୁ ଭାଜପାର ଖରାପ ଗୁଣଗାନ କରୁ-କରୁ ଆପଣ ଏହା ଭୁଲି ଯାଆନ୍ତି। ଭାରତର ଖରାପ ଗୁଣଗାନ କରିବାରେ ଲାଗି ପଡ଼ନ୍ତି, ଖସିଯାଆନ୍ତି ଆପଣ । ଆପଣ ମୋଦୀ

ଉପରେ ଆକ୍ରମଣ କରୁ-କରୁ ଯାଇ ହିନ୍ଦୁସ୍ଥାନ ଉପରେ ଆକ୍ରମଣ କରିବାକୁ ଲାଗନ୍ତି । ଯେ ପର୍ଯ୍ୟନ୍ତ ଭାଜପା ଆଉ ମୋଦୀ ଉପରେ ଆକ୍ରମଣ କରନ୍ତି - ରାଜନୀତିରେ ଏହା ହେଉଛି ଆପଣଙ୍କର ଅଧିକାର ଆଉ ଏହା ଆପଣମାନଙ୍କୁ କରିବା ମଧ୍ୟ ଦରକାର । କିନ୍ତୁ ଏହି କାରଣରୁ ମର୍ଯ୍ୟାଦା ଲଙ୍ଘି ଦିଅନ୍ତି । ଆଉ ତାହା ଦ୍ୱାରା ଦେଶକୁ ବହୁତ ବଡ଼ କ୍ଷତି ପହଂଚିଥାଏ। ତ ମୁଁ ଏବେ ଏହା ଠିକ୍ ଅଛି କି ଆପଣ କେବେ - ଏହା ସ୍ୱୀକାର କରି ପାରିବେ ନାହିଁ କି ଏଠାରେ ଆମ ଭଳିଆ ଲୋକ ବସିଛନ୍ତି । କିପରି ସ୍ୱୀକାର କରିପାରିବେ। କେବେ ହେଲେ ମଧ୍ୟ ସ୍ୱୀକାର କରି ପାରିବେ ନାହିଁ । ଆପଣଙ୍କର କଷ୍ଟ ଆମେ ବୁଝିପାରୁଛୁ। କିନ୍ତୁ ଦୟା କରି ଦେଶର କ୍ଷତି ହେଉ, ଦେଶ ଦୁନିଆରେ ଏବେ ଏଠାରେ ଗୋଟିଏ ବିଷୟବସ୍ତୁ ଆସିଲା । ଏବେ ରାଷ୍ଟ୍ରପତି ମହୋଦୟ ନିଜର ଭାଷଣରେ ନିଉ ଇଣ୍ଡିଆର କଳ୍ପନା କରିଛନ୍ତି । ସ୍ୱାମୀ ବିବେକାନନ୍ଦ ମଧ୍ୟ ନୂତନ ଭାରତର ଚର୍ଚ୍ଚା କରିଥିଲେ। ମହାତ୍ମାଗାନ୍ଧି ମଧ୍ୟ ୟଙ୍ଗ ଇଣ୍ଡିଆର କଥା କହୁଥିଲେ । ଆମର ପୂର୍ବତନ ରାଷ୍ଟ୍ରପତି ମହୋଦୟ ମଧ୍ୟ ଯେତେବେଳେ ପଦରେ ଥିଲେ ସେତେବେଳେ ସିଏ ମଧ୍ୟ ନୂତନ ଭାରତର କଳ୍ପନାର କଥା କହିଥିଲେ । ତ ମୋତେ ଜଣା ନାହିଁ କ'ଣ ଅସୁବିଧା ରହିଛି । ଆମକୁ ନିଉ ଇଣ୍ଡିଆ ଦରକାର ନାହିଁ । ଆମକୁ କ'ଣ ଆମର ସେହି ଭାରତ ଦରକାର, ପୁରୁଣା ଭାରତ ଦରକାର। ମୁଁ ଭାବୁଛି କି ଆମକୁ ଗାନ୍ଧିଙ୍କ ଭଳି ଭାରତ ଦରକାର। ମୋର ମଧ୍ୟ ଗାନ୍ଧିଙ୍କ ଭଳି ଭାରତ ଦରକାର। କାରଣ ଗାନ୍ଧି କହିଥିଲେ କି ସ୍ୱାଧୀନତା ମିଳିସାରିଛି ଏବେ କଂଗ୍ରେସର କୌଣସି ଆବଶ୍ୟକତା ନାହିଁ । କଂଗ୍ରେସକୁ ଖେଳେଇ ଦେବା ଆବଶ୍ୟକ । ଏହି କଂଗ୍ରେସ ମୁକ୍ତ ଭାରତ ମୋଦୀଙ୍କ ବିଚାର ନୁହେଁ, ଏହା ହେଉଛି ଗାନ୍ଧିଜୀଙ୍କର । ଆମେ ତ ସେହି ପଦ ଚିହ୍ନରେ ଚାଲିବାକୁ ପ୍ରୟାସ କରୁଛୁ । ଏବେ ଆପଣଙ୍କୁ ସେହି ଭାରତ ଦରକାର । ଆପଣ, କହୁଛନ୍ତି କି ଆମକୁ ସେହି ଭାରତ ଦରକାର । କ'ଣ ସେନାର ଜିପ୍ ଘୋଟାଲା ଭଳି ଭାରତ, କ'ଣ ଜଳଜାହାଜ ଘୋଟାଲା ଭଳି ଭାରତ, କ'ଣ ବୋଫୋର୍ସ ଘୋଟାଲା ଭଳି ଭାରତ, ହେଲିକେପ୍ଟର ଘୋଟାଲା ଭଳି ଭାରତ । ଆପଣଙ୍କୁ ନିଉ ଇଣ୍ଡିଆ ଦରକାର ନାହିଁ, ଆପଣଙ୍କୁ ସେହି ଭାରତ ଦରକାର। ଆପଣଙ୍କୁ ସେହି ଭାରତ ଦରକାର ଜରୁରୀକାଳୀନ ପରିସ୍ଥିତି ଭଳି, ଦେଶକୁ ଜେଲଖାନା କରି ଦେଲା ଭଳି । ଜୟପ୍ରକାଶ

ନାରାୟଣ, ମୋରାରଜୀ ଦେଶାଇଙ୍କ ଭଳି ଲୋକଙ୍କୁ ଜେଲରେ ବନ୍ଦ କରିଲା ଭଳି, ଦେଶର ଲକ୍ଷ-ଲକ୍ଷ ଲୋକଙ୍କୁ ଜେଲରେ ବନ୍ଦ କରିଲା ଭଳି, ଜରୁରୀକାଳୀନ ପରିସ୍ଥିତି ଭଳି ଭାରତ ଆପଣଙ୍କୁ ଦରକାର । ଆପଣଙ୍କୁ ଏଭଳି ଭାରତ ଦରକାର। ଲୋକତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେବା, ଦେଶର ଖବରକାଗଜକୁ ତାଲା ପକାଇ ଦେବା । ଆପଣଙ୍କୁ ଏହି ଭାରତ ଦରକାର । ଆପଣଙ୍କୁ...ଆପଣଙ୍କୁ କେଉଁ ଭାରତ ଦରକାର ସେହି ଭାରତ - ବଟ ବୃକ୍ଷ ଉପୁଡ଼ି ପଡ଼ିବା ପରେ... ବଡ଼ ବୃକ୍ଷ ଉପୁଡ଼ି ପଡ଼ିବା ପରେ, ହଜାର-ହଜାର ନିର୍ଦ୍ଦୋଷ ଶିଖଙ୍କୁ ଖୋଲାଖୋଲି ଭାବେ ହତ୍ୟା ହୋଇଯାଏ। ଆପଣଙ୍କୁ ନିଉ ଇଣ୍ଡିଆ ଦରକାର ନାହିଁ। ଆପଣଙ୍କୁ ଭାରତ ଦରକାର । ସେହି ଭାରତ ...ଆପଣଙ୍କୁ ସେହି ଭାରତ ଦରକାର । ଆପଣଙ୍କୁ ସେହି ଭାରତ ଦରକାର ଯେଉଁଠି ତନ୍ଦୁର କାଣ୍ଡ ହେଉଥିବ, ଆଉ ରସୁଖଦାର ଲୋକଙ୍କ ସମ୍ମୁଖରେ ପ୍ରଶାସନ ଆଣ୍ଠେଇ ଥିବ । ସେହି ଭାରତ ଦରକାର। ହଜାର-ହଜାର ଲୋକଙ୍କର ମୃତ୍ୟୁ ପାଇଁ ଦାୟୀଥିବା ଦୋଷୀଙ୍କୁ ବିମାନରେ ବସାଇ... ବିମାନରେ ବସାଇ ତାକୁ ଦେଶ ବାହାରକୁ ନିଆ ଯାଉଥିବ । ଏହି ଭାରତ ଆପଣଙ୍କୁ ଦରକାର । ଡାଭୋସକୁ...ଡାଭୋସକୁ ଆପଣ ମଧ୍ୟ ଯାଇଥିଲେ, ଡାଭୋସକୁ ମୁଁ ମଧ୍ୟ ଯାଇଥିଲି । କିନ୍ତୁ ଆପଣ...ଆପଣ କାହାର ଚିଠି ନେଇ କାହାକୁ ପଠାଉଛନ୍ତି ଆପଣଙ୍କୁ ସେହି ଭାରତ ଦରକାର, ଏବଂ ଏଥିପାଇଁ ଆପଣଙ୍କୁ ନିଉ ଇଣ୍ଡିଆ ଦରକାର ନାହିଁ ।

ଏଠାରେ ଜନ-ଧନ ଯୋଜନା ବିଷୟରେ ରାଷ୍ଟ୍ରପତି ମହାଶୟ ଉଲ୍ଲେଖ କରିଛନ୍ତି । ଏବେ ଆପଣ ଜନ-ଧନ ଯୋଜନା ବିଷୟରେ ମଧ୍ୟ ଆଲୋଚନା କରିଛନ୍ତି ଆଉ ଏହା କହିଛନ୍ତି ଏହା ତ କିଛି ନୁହେଁ ଆଗରୁ ହୋଇଥିଲା । ମୁଁ ଚାହୁଁଛି କି ଅତି କମରେ ତଥ୍ୟକୁ ଆମେ ସ୍ୱୀକାର କରିବା । ରାଜନୀତରେ ଯାହା କହିବାର ଅଛି କହି ଚାଲ । ଆମେ ଯେଉଁ ୩୧ କୋଟି ଜନ-ଧନ ଖାତା ବିଷୟରେ କହୁଛୁ । ସେ ସମସ୍ତ ୨୦୧୪ରେ ଆମ ସରକାର ଗଠନ ହେବା ପରେ ହୋଇଛି ତାଙ୍କର.. ଆଉ ଏହି ରେକର୍ଡ କେହି ବଦଳାଇ ପାରିବେ ନାହିଁ । ଏହି ରେକର୍ଡ ଉପଲବ୍ଧ ଅଛି ଆଉ ଏଥିପାଇଁ ମୁଁ ଚାହୁଁଛି କି ଆପଣ ତଥ୍ୟ ଗୁଡ଼ିକୁ ଟିକେ ଠିକ୍ କରି ନିଅନ୍ତୁ ତ ଭଲ ହେବ ଆପଣ ଏହା ମଧ୍ୟ କହିଛନ୍ତି କି ଆମେ ତ ହେଉଛୁ ନାମ ପରିବର୍ତ୍ତନକାରୀ, ଖେଳ ପରିବର୍ତ୍ତନକାରୀ ନୁହେଁ, ନେମ୍ ଚେଞ୍ଜର ଗେମ୍

ଚେଞ୍ଜର ନୁହେଁ । ଆମର କାର୍ଯ୍ୟକଳାପ ଗୁଡ଼ିକୁ ଦେଖିବେ ଆଉ ସତ୍ୟତାର ସହିତ କହିବାକୁ ହେବ ତ ଆପଣ କହିବେ କି ଆମେ ତ ହେଉଛୁ ଏମ୍-ଚେଞ୍ଜର (ଲକ୍ଷ୍ୟ ପରିବର୍ତ୍ତନକାରୀ) । ଆମେ ହେଉଛୁ ଲକ୍ଷ୍ୟର ପିଛା କରିବା ଭଳି ଲୋକ ଆଉ ଲକ୍ଷ୍ୟକୁ ପ୍ରାପ୍ତ କରି ରହିଥାଉ । ଆଉ ଏଥିପାଇଁ ଆମେ ଯେଉଁ ଲକ୍ଷ୍ୟ ନିର୍ଦ୍ଧାରିତ କରୁ, ସମୟ ସୀମାରେ ପାର କରିବା ପାଇଁ ରୋଡ଼ମେପ୍ ପ୍ରସ୍ତୁତ କରୁ, ସମ୍ବଳ ବିନିଯୋଗ କରୁ, କଠିନ ପରିଶ୍ରମ କରୁ । ଫଳରେ ଦେଶକୁ ଅସୁବିଧାରୁ ମୁକ୍ତ କରିବା ଦିଗରେ କିଛି ଆମେ ମଧ୍ୟ ଯୋଗଦାନ କରିବୁ । ଆଉ ଏଥିପାଇଁ କଂଗ୍ରେସ ଏହି ଛଟପଟ ହେବା ବହୁତ ସ୍ୱାଭାବିକ କଥା ଅଟେ ଭାଇ.. ଆମର ଜୟ-ଜୟକାର କରନ୍ତୁ, ଆମକୁ ବାରମ୍ବାର ମନେ ପକାନ୍ତୁ, ପ୍ରତ୍ୟେକ ଜାଗାରେ ଆମକୁ ମନେ ପକାନ୍ତୁ ଆପଣଙ୍କର ଏହି ଇଚ୍ଛା ରହିବା ହେଉଛି ବହୁତ ସ୍ୱାଭାବିକ । ଆଉ ଏବେ ଏହା ଶୁଣି-ଶୁଣି ଆପଣଙ୍କୁ ମଧ୍ୟ ଅଭ୍ୟାସ ପଡ଼ି ଯାଇଛି କି ଏହା ଛଡ଼ା କୌଣସି ଜିନିଷ ଭିତରେ ଫିଟ୍ ହୋଇ ନଥାଏ ।

ମୁଁ ଖୁସି ଅନୁଭବ କରିବି ଆଉ ଆପଣ ରେକର୍ଡ ଯାଂଚ କରନ୍ତୁ କି ୧୫ ଅଗଷ୍ଟକୁ ଲାଲକିଲ୍ଲାରୁ ଆପଣଙ୍କର ଯେତେ ପ୍ରଧାନମନ୍ତ୍ରୀଙ୍କୁ, କଂଗ୍ରେସ ଦଳର ପ୍ରଧାନମନ୍ତ୍ରୀ ଯିଏ ଦେଶର ପ୍ରଧାନମନ୍ତ୍ରୀ ହେଲେ ତାଙ୍କର ଭାଷଣରେ କୌଣସି ଅନ୍ୟ ସରକାରଙ୍କର, କୌଣସି ଅନ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ଦେଶର ମଙ୍ଗଳ ପାଇଁ କୌଣସି କାମ ହୋଇଥିବ ତାହାର ଉଲ୍ଲେଖ କରିଥିବେ । ମୁଁ ହେଉଛି ସିଏ ଯିଏ ଲାଲକିଲ୍ଲାରୁ କହୁଛି ଦେଶ ଆଜି ଯେଉଁଠାରେ ପହଞ୍ଚିଛି ଏ ପର୍ଯ୍ୟନ୍ତ ଆସିଥିବା ସବୁ ସରକାରଙ୍କ ଯୋଗଦାନ ରହିଛି। ଆଉ ଏହା କହିବାରେ ସଂକୋଚ ଅନୁଭବ କରିବା ଏହା ଉଚିତ ନୁହେଁ । ଆଉ ଆମେ ଏହି କଥା ପାଇଁ ଛଟପଟ ହେଉ ନାହିଁ କି ଆପଣ ଅଟଳ ବିହାରୀ ବାଜପେୟୀଙ୍କ ନାମକୁ ମନେ ପକାନ୍ତୁ, ଆମେ ଛଟପଟ ହେଉ ନାହୁଁ ଆଜ୍ଞା । ଆପଣ ବାଧ୍ୟ ହୋଇ କହିବେ ତ ଠିକ ଅଛି ନ ହେଲେ ବି ଠିକ୍ ଅଛି । ଆପଣଙ୍କୁ ଯାହା ଠିକ ଲାଗିବ ଆପଣ ସେହି ନାମ ଦିଅନ୍ତୁ । ଆଉ ଆପଣ ଏହା ମଧ୍ୟ କହିଦେଲେ କି ୨୦୧୪ ପୂର୍ବରୁ ଯାହା କିଛି ହୋଇଥିଲା ସବୁ ଆପଣଙ୍କ ଖାତାକୁ ଗଲା। ପ୍ରଶଂସା ଦେବା ପାଇଁ ବହୁତ ବଡ଼ ଇଚ୍ଛା ହେଉଛି । ଆଉ ଆପଣଙ୍କର ନିୟମ ମଧ୍ୟ ହେଉଛି ବଡ଼ କମାଲ । ଯେତେବେଳେ ଆମେ ଛୋଟ ଥିଲୁ ଗାଁରେ କ୍ରିକେଟ ଖେଳୁଥିବା

ଲୋକଙ୍କୁ ଦେଖୁଥିଲୁ ତ ଛୋଟ-ଛୋଟ ପିଲାମାନେ ଖେଳୁଥିଲେ, ତ ପରେ ଆମେ ଦେଖୁଥିଲୁ ଶେଷରେ ଝଗଡ଼ା ହେଉଥିଲା । ତ ଆମକୁ ବଡ଼ ଆଶ୍ଚର୍ଯ୍ୟ ଲାଗୁଥିଲା କି କ'ଣ ଏବେ ତ ଖେଳୁଥିଲେ, ଏବେ ଲଢ଼ୁଛନ୍ତି। ତ ପୁଣି ଦେଖିଲୁ ...ତ ତାଙ୍କର ଗୋଟିଏ ନିୟମ ରହିଥିଲା ଯାହା ହାତରେ ବ୍ୟାଟ ରହୁଥିଲା ସେ ବ୍ୟାଟିଂ କରୁଥିଲା ଆଉ ଯେମିତି ହିଁ ସିଏ ଆଉଟ୍ ହେଉଥିଲା ନା ଭାଇ ମୁଁ ଯାଉଛି । ଆପଣମାନେ ମଧ୍ୟ ଏହିଠାରେ ରହିଛନ୍ତି କି ବ୍ୟାଟିଂ ଆପଣଙ୍କୁ ହିଁ ମିଳିବ କି? ଆଉ ପୁଣି ଏବେ ପୁଣି ବ୍ୟାଟିଂ ମିଳିଲା ନାହିଁ ତ ଖେଳ ଶେଷ, ଆମେ ଯାଉଛୁ, ଏଭଳି ହୋଇ ନଥାଏ ଭାଇ ।

ଏବେ ଆମେ ଆଧାର କଥାକୁ ଆସିବା । ତ ଆପଣ କହୁଛନ୍ତି କି କାମ ହେଉଛି ଆମର ଆଉ ଆପଣ ଶ୍ରେୟ ନେଉଛନ୍ତି । ଭଲ ହେଉଛି ଯଦି ଆପଣ ଏହା କହୁଛନ୍ତି ତ । କିନ୍ତୁ ଆପଣଙ୍କୁ ଏହା ମନେ ରଖିବାକୁ ପଡ଼ିବ । ଆଉ ମୁଁ ଚାହିଁବି ୭ ଜୁଲାଇ ୧୯୯୮ ଏହି ସଦନରେ ଆଉ ସଭାପତି ମହୋଦୟ ସେ ସମୟରେ ଏହି ସଦନର ସଦସ୍ୟ ଥିଲେ । ତ' ୭ ଜୁଲାଇ ୧୯୯୮ରେ ସେ ଏକ ପ୍ରଶ୍ନ ପଚାରି ଥିଲେ ଜଣେ ସଦସ୍ୟ ଭାବରେ ଆଉ ସେତେବେଳେ, ସେତେବେଳର ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀମାନ ଲାଲକୃଷ୍ଣ ଆଡଭାନୀ ମହାଶୟ ଉତ୍ତର ଦେଇଥିଲେ ଏହି ସଦନରେ । ଆଉ ସେହି ଉତ୍ତରରେ ସେ କହିଥିଲେ, ବହୁମୁଖୀ ଜାତୀୟ ପରିଚୟପତ୍ର ପାସପୋର୍ଟ ପ୍ରଦାନ ପାଇଁ ବ୍ୟବହାର ହେବ, ଡ୍ରାଇଭିଂ ଲାଇସେନ୍ସ, ପଡି କାର୍ଡ, ସ୍ୱାସ୍ଥ୍ୟ ସେବା, ନାମଲେଖା ଏବଂ ଶିକ୍ଷା ସଂସ୍ଥାନ, ସରକାରୀ ଏବଂ ଘରୋଇ କ୍ଷେତ୍ରରେ ନିଯୁକ୍ତି, ଜୀବନ ଏବଂ ସାଧାରଣ ବୀମା ଏବଂ ଜମବାଡି ରେକର୍ଡ ଏବଂ ସହରାଞ୍ଚଳ ସମ୍ପତ୍ତି ପାଇଁ କାମରେ ଆସିବ। ଆଧାରର ମଞ୍ଜି ଏହିଠାରେ ରହିଛି ।

ବର୍ତ୍ତମାନଠାରୁ କୋଡ଼ିଏ ବର୍ଷ ପୂର୍ବେ...

ମାନନୀୟ ସଭାପତି ମହୋଦୟ, ମୋର ଆପଣଙ୍କୁ ପ୍ରାର୍ଥନା ଯେ ରେଣୁକା ମହାଶୟାଙ୍କୁ କିଛି କୁହନ୍ତୁ ନାହିଁ, ରାମାୟଣ ଧାରାବାହିକ ପରେ ଏଭଳି ହସ ଶୁଣିବାର ସୌଭାଗ୍ୟ ଆଜି ମିଳିଛି।

କୋଡ଼ିଏ ବର୍ଷ ପୂର୍ବେ ଏହି ଦୃଷ୍ଟିଭଙ୍ଗୀ ଅଟଳ ବିହାରୀ ବାଜପେୟୀ ମହାଶୟଙ୍କର ଥିଲା। କିନ୍ତୁ କଂଗ୍ରେସ କହୁଛି ସେ ଆଧାର ଆରମ୍ଭ କରିଛି ତା'ହେଲେ ମଧ୍ୟ ଏହାର ଶ୍ରେୟ ଆପଣଙ୍କୁ ଦେବାରେ ଆମର କୌଣସି ଆପତ୍ତି ନାହିଁ । ଆଧାର ହେଉଛି ଆପଣଙ୍କର । ଆମେ ଦଳଠାରୁ ଆଗରେ ଦେଶକୁ ରଖିଛୁ । ଆଉ ଆମ ନିଷ୍ପତ୍ତିର ଆଧାର ହେଉଛି ଦେଶର ହିତ । ଆଜି ଶ୍ରେୟ ନେବା ପାଇଁ ଆପଣ ବହୁତ ବ୍ୟଗ୍ର ଏହା ହେଉଛି ବହୁତ ସ୍ୱାଭାବିକ । ସ୍ୱତନ୍ତ୍ର ଅନୁସନ୍ଧାନ ଟିମ (ଏସଆଇଟି) ଗଠନ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଇଥିଲେ। ଆପଣ ତିନି ବର୍ଷ ପର୍ଯ୍ୟନ୍ତ ତାହାର ନିର୍ଣ୍ଣୟ କଲେ ନାହିଁ ଏହାର ଶ୍ରେୟ ଆପଣଙ୍କୁ ହିଁ ଯିବା ଆବଶ୍ୟକ। ଆଉ ଆମେ ପ୍ରଥମେ ଏସଆଇଟିକୁ ଗ୍ରହଣ କଲୁ କିନ୍ତୁ ଆପଣ କହି ପାରିବେ କି ଆମ ସାମ୍ନାକୁ ଏ ବିଷୟ ଆସିଥିଲା ।

କଳାଧନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବାର ଶ୍ରେୟ ମଧ୍ୟ କଂଗ୍ରେସ ସ୍ୱୀକାର କରିନେଉ । କଂଗ୍ରେସ ୨୮ ବର୍ଷ ପର୍ଯ୍ୟନ୍ତ ବେନାମୀ ସମ୍ପତ୍ତି ଆଇନ ଲାଗୁ କଲା ନାହିଁ । ତାହାର ଶ୍ରେୟ ମଧ୍ୟ ଆପଣ ନେଇ ନିଅନ୍ତୁ । ଆଉ ଏ ପର୍ଯ୍ୟନ୍ତ ୩୫ ଶହ କୋଟି ଟଙ୍କାରୁ ଅଧିକ ସମ୍ପତ୍ତି ଆପଣଙ୍କୁ ଜଣାଥିବା ଦରକାର, ମାନ୍ୟବର ଆନନ୍ଦ ଶର୍ମା ମହାଶୟ ଆପଣ ଦୀର୍ଘ ସମୟ ହେବ ଏଠାରେ ବସିଛନ୍ତି ଏବଂ କହିବାର ଆପଣଙ୍କର ଏକ ସ୍ୱତନ୍ତ୍ର ଶୈଳୀ ମଧ୍ୟ ଅଛି । ଆଉ ଆପଣ ବରଫ ଉପରେ ଶାଣ ଛୁରା ତିଆରି କରି ଭୁଷି ଦେଇ ପାରିବେ ଜଣାପଡିବ ନାହିଁ । କିନ୍ତୁ ଏହି ବେନାମୀ ସମ୍ପତ୍ତି ଆଇନ ୨୮ ବର୍ଷ ପୂର୍ବେ ସମସ୍ତ ସଦନରେ ଗୃହୀତ ହୋଇ ସାରିଥିଲା । କିନ୍ତୁ ତାହାର ନିୟମ ତିଆରି କଲେ ନାହିଁ, ବିଜ୍ଞପ୍ତି କଲେ ନାହିଁ, ଆଉ ଅଟକି ରହିଥିଲା । କିଏ ଅଟକାଉ ଥିଲା ଇଏ କୌଣସି ବିରୋଧୀ- ବିରୋଧୀ ଦଳ ଦାୟୀ ନ ଥିଲା, ଜଣାଇବା ପାଇଁ । ମୋତେ ଭଲ ଲାଗିଲା ଆପଣମାନଙ୍କ ଭଳି ବିଦ୍ୱାନଙ୍କୁ ମଧ୍ୟ କିଛି...........

ଏ ପର୍ଯ୍ୟନ୍ତ ୩୫ ଶହ କୋଟି ବେନାମୀ ସମ୍ପତ୍ତି ଜବତ ହୋଇଛି । ଏବେ ଆପଣଙ୍କ ସମୟରେ ଏତେ ପରିମାଣର ବେନାମୀ ସମ୍ପତ୍ତି ସୃଷ୍ଟି ହୋଇଛି ତ ଶ୍ରେୟ ତ ମିଳିବା ହିଁ ଦରକାର... ଶ୍ରେୟ ତ ମିଳିବା ହିଁ ଦରକାର । ଏ ସମସ୍ତ ଶ୍ରେୟ ହେଉଛି ଆପଣଙ୍କର । ସମଗ୍ର ଦୁନିଆ ବଦଳିଛି, ପରିଶୋଧ କରି ନଥିବା ସଂହିତା, ଦେବାଳିଆ ବ୍ୟାଙ୍କିଙ୍ଗ ଆଇନ

ମୁଁ ସ୍ୱୀକାର କରି ପାରୁନାହିଁ କି ଏହାର କୌଣସି ଜ୍ଞାନ ଆପଣଙ୍କୁ ନ ଥିଲା। କିନ୍ତୁ ଆପଣଙ୍କୁ ଶ୍ରେୟ ମିଳିବା ଦରକାର କି ବହୁତ ଲୋକଙ୍କର ଲାଭ ଥିଲା, ଆପଣ ଏହାକୁ ତିଆରି କରି ନଥିଲେ । ଶ୍ରେୟ ଆପଣଙ୍କୁ ମିଳିବା ଦରକାର । ଦେଶର ଶିଳ୍ପ କ୍ଷେତ୍ରକୁ ବିଶ୍ୱ ସମୁଦାୟର ଭାରତ ପ୍ରତି ବିଶ୍ୱାସ ସୃଷ୍ଟି ହେଉ, ଭାରତର ଆଇନ କାନୁନ ପ୍ରତି ବିଶ୍ୱାସ ସୃଷ୍ଟି ହେଉ। ଆମେ ଏହି ନିଷ୍ପତ୍ତି କରିଛୁ । One Rank One Pension ଗୋଟିଏ ପଦବୀ ଗୋଟିଏ ପେନସନ ନୀତି ଚାରି ଦଶକ ଧରି ଦେଶ ଆଖିରେ ଧୂଳି ପକାଇ ଚାଲିଲେ ଆଉ ଗଲାବେଳେ ମାତ୍ର ୫୦୦ କୋଟି ଟଙ୍କାର ବଜେଟ ଦେଇ ନିର୍ବାଚନକୁ ଚାଲିଗଲେ । ପବନ ସୃଷ୍ଟି ହୋଇ ସାରିଥିଲା କ'ଣ କରିବା । ଏବେ ଆମେ ଯେବେ ଆସିଲୁ ତ ଦେଖିଲୁ କି ରେକର୍ଡ ମଧ୍ୟ ନଥିଲା କୌଣସି ଜିନିଷର, ସୂକ୍ଷ୍ମତାର ସହିତ ଅଧ୍ୟୟନ ହୋଇ ନଥିଲା ଆଉ ଯେତେବେଳେ ଆମେ ଏହାକୁ ଲାଗୁ କଲୁ ୧୧ ହଜାର କୋଟି ଟଙ୍କାର ଆବଶ୍ୟକତା ପଡ଼ିଲା, ୧୧ ହଜାର କୋଟି ଟଙ୍କା । ଆପଣ ୫୦୦ କୋଟିରେ କେମିତି ଦେଇ ଥାଆନ୍ତେ ତ ଏବେ ଏ ସମସ୍ତ ଶ୍ରେୟ ହେଉଛି ଆପଣଙ୍କର। ଜିଏସଟି ପାଇଁ ମଧ୍ୟରାତ୍ରିରେ ସମାରୋହ ହେଲା । କଂଗ୍ରେସ ଏହାର ବହିଷ୍କାର କଲା । ସବୁ ଦଳ ଆସିଲେ । ଆଉ ଆପଣଙ୍କୁ ଏହା ଲାଗିଲା କି ଏ ସମସ୍ତ ଶ୍ରେୟ ଆମକୁ ମିଳିଯିବ ଆଉ ଆପଣ ମାନନ୍ତୁ କିମ୍ବା ନ ମାନନ୍ତୁ ଆପଣ ଯାହା କିଛି ମଧ୍ୟ କରୁଛନ୍ତି ଜିଏସଟି ସମ୍ବନ୍ଧରେ ଏହାର ଯେତିକି ନକାରାତ୍ମକ ଭାବନା ରହିଛି ତାହା ଆପଣଙ୍କ ଖାତାରେ ଜମା ହେଉଛି, ଆଉ ହୋଇ ଚାଲିବ, ଆଉ ଦେଶବାସୀଙ୍କ ମସ୍ତିଷ୍କରେ ଫିଟ୍ ହୋଇଯିବ। ଆପଣମାନେ ଚିନ୍ତା କରନ୍ତୁ କି ଶ୍ରେୟ କେହି ନେଇ ନ ଯାଆନ୍ତୁ ଏହା ଚିନ୍ତା କରନ୍ତୁ ଆଉ ଆପଣଙ୍କୁ ସମସ୍ତ ଶ୍ରେୟ ମିଳୁଥାଉ ।

ଏବେ ନିମ ଲେପିତ ୟୁରିଆ କଥା ଆସିଲା। ଆପଣଙ୍କ ତରଫରୁ କୁହାଗଲା କି ଆମେ ଆରମ୍ଭ କରିଥିଲୁ ଦେଖନ୍ତୁ ଆପଣ ସବୁ ଜିନିଷ ଅଧା ପନ୍ତରିଆ କରି ଛାଡ଼ିଦେବେ । ଆଉ ଆପଣ ତାହା ଉପରେ କ୍ୟାପ ଲଗାଇ ଦେବେ କି ଏଠାରୁ ଆଗକୁ ଯିବାର ନାହିଁ । ତ ସେତେବେଳେ ସେହି ଯୋଜନାର ଲାଭ ହେବା ପରିବର୍ତ୍ତେ ଅଧିକ କ୍ଷତି ହୋଇଥାଏ । ସର୍ବଶେଷରେ ନିମ ଲେପିତ ୟୁରିଆ ପଛରେ ଦୁଇଟି ବିଷୟ ଥିଲା । ଯାହାର ଜ୍ଞାନ ଆପଣଙ୍କୁ ମଧ୍ୟ ଜଣା ନଥିଲା । ଗୋଟିଏ ହେଲା ୟୁରିଆର ବର୍ଦ୍ଧିତ ଶକ୍ତି ଥାଏ । ସେଥିପାଇଁ

କୃଷକ କମ୍ ୟୁରିଆ ଖର୍ଚ୍ଚରେ କାମ ଚଳାଇ ପାରେ । ଅନ୍ୟଟି ହେଲା ଗୁଣାତ୍ମକ ପରିବର୍ତ୍ତନ ଆସିଥାଏ ଫଳରେ ଉତ୍ପାଦନ ବୃଦ୍ଧି ହୋଇଥାଏ । ଏହା ହେଉଛି ମାନିବାର କଥା ଥିଲା। ଆଉ ଅନ୍ୟଟି – ୟୁରିଆ କୃଷକଙ୍କ ପାଖକୁ ଯିବା ପରିବର୍ତ୍ତେ କାରଖାନାକୁ ଚାଲି ଯାଉଥିଲା । ବ୍ୟୟ ବିଲ କୃଷକଙ୍କ ନାମରେ ପଡୁଥିଲା । ରିହାତି କୃଷକଙ୍କ ନାମରେ କଟୁଥିଲା । ଆଉ ଚାଲି ଯାଉଥିଲା କାରଖାନାକୁ । ଏବେ ୧୦୦ ପ୍ରତିଶତ ନିମ ଲେପିତ ହୋଇଥାଏ । ତ ଏହା ଏବେ କୌଣସି କାରଖାନାରେ କାମରେ ଲାଗିବ ନାହିଁ । ଆପଣଙ୍କୁ ମଧ୍ୟ ଜଣାଥିଲା । ୩୫ ପ୍ରତିଶତ କରିବା ପରେ ୬୫ ପ୍ରତିଶତର କବାଟ କାହା ପାଇଁ ଖୋଲା ରଖିଥିଲେ । ଏହାର ଶ୍ରେୟ ମୁଁ କାହାକୁ ଦେବି।

ଆଉ ଏଥିପାଇଁ ମୁଁ ବୁଝୁଛି କି ୧୦୦ପ୍ରତିଶତ ପଛରେ ଆମେ ଲାଗିଗଲୁ । ଏତିକି ହିଁ ନୁହେଁ ଆମଦାନୀ ହୋଇ ଯେଉଁ ୟୁରିଆ ଆସିଥାଏ ତାକୁ ମଧ୍ୟ ଆସିବା ପୂର୍ବରୁ ତାହାକୁ ନିମ ଲେପିତ କରା ଯାଇଥାଏ । ଏହା ହେଉଛି ସେଥିପାଇଁ କି ଏବେ ତାହାର ପରିଣାମ ସ୍ୱରୂପ ଆଜି ୟୁରିଆର କୌଣସି ଅଭାବ ରହି ନାହିଁ । ନହେଲେ ମୁଁ ଯେତେବେଳେ ମୁଖ୍ୟମନ୍ତ୍ରୀ ଥିଲି ମୋତେ ପ୍ରତି ବର୍ଷ ଦୁଇ ତିନୋଟି ଚିଠି ପ୍ରଧାନମନ୍ତ୍ରୀଙ୍କ ପାଖକୁ ୟୁରିଆ ପାଇଁ ଲେଖିବାକୁ ପଡୁଥିଲା । ମୁଁ ଏଠାକୁ ଆସିଲି ତ ଆରମ୍ଭରୁ ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ପାଖରୁ ୟୁରିଆ ପାଇଁ ଚିଠି ଆସୁଥିଲା। ଆଉ ଆଜି ଗୋଟିଏ ହେଲେ ମଧ୍ୟ ଚିଠି ଆସୁ ନାହିଁ। ନା କେଉଁଠାରେ ଲାଠି ଚାର୍ଜ ହେଉଛି । ଲୋକମାନଙ୍କୁ ୟୁରିଆ ମିଳୁଛି । କିଛି ଜିନିଷ ବଦଳା ଯାଇପାରେ। ମୁଁ ଏହା ଜଣାଇବାକୁ ଚାହିଁବି କେବେ କେବେ ରାଜନୀତି ଏତିକି ଭାରୀ ହୋଇଥାଏ ଆଉ ଏହି କଥା ସତ କି ବାରମ୍ବାର ନିର୍ବାଚନ, ବାରମ୍ବାର ନିର୍ବାଚନର ଏହା ହେଉଛି ପରିଣାମ କି ଯୋଜନା ପୂରା ପ୍ରସ୍ତୁତ ହୋଇଥାଉ, ନ ହୋଇ ଥାଉ ଆମେ ପଥର ପୋତି ଦେଉଛେ । ଫିତା କାଟି ଦେଉଛୁ । ଫଳକ ଲଗାଇ ଦେଉଛୁ । ଆଉ ତାହାର ପରିଣାମ କ'ଣ ହେଲା । ଏବେ ଦେଖନ୍ତୁ ଆମକୁ ରେଳବାଇର ବଜେଟରେ ଘୋଷଣା ସବୁକୁ ବନ୍ଦ କରିବାକୁ ପଡ଼ିଲା, ଏବେ ତ ରେଳବାଇର ବଜେଟ ମଞ୍ଜୁର ହୋଇଗଲା। କିନ୍ତୁ କାହିଁକି ଯେତେବେଳେ ମୁଁ ଦେଖିଲି କି ପୁରୁଣା ସରକାର ୧୫ ଶହରୁ ଅଧିକ ଏଭଳି ରେଳବାଇର ଯୋଜନା ସବୁ ଘୋଷିତ କରି ଦେଇଥିଲେ ଯାହାକୁ ପରେ କେହି ଦେଖିଲା ଭଳି ମଧ୍ୟ ନାହିଁ । ଏହି ଭଳି ଭାବେ,

ହୋଇଗଲା ଘୋଷିତ। କିଛି ଦିନ ସଦନରେ ତାଳି ବାଜିଗଲା । କୌଣସି ଖବରକାଗଜରେ ଛପିଗଲା । ସେହି ଏମପି ଘରେ ଯାଇ ମାଳା ପିନ୍ଧି ଦେଲେ କଥା ସମାପ୍ତ ହୋଇଗଲା । ଏହି ସଂସ୍କୃତି ଦ୍ୱାରା ଦେଶର ବହୁତ ବଡ଼ କ୍ଷତି ହୋଇଥାଏ ।

ଆଉ ଆପଣ ଆଶ୍ଚର୍ଯ୍ୟ ହେବେ ଆଜ୍ଞା ମୁଁ ଗୋଟିଏ ପ୍ରଗତି ଟେକ୍ନୋଲଜିର ଉପଯୋଗ କରି ପଦକ୍ଷେପ ନେଲି । ଆଉ ମୁଁ ନିଜେ ସମସ୍ତ ପଡ଼ି ରହିଥିବା ପ୍ରକଳ୍ପର ସମୀକ୍ଷା କରିବାରେ ଲାଗିଲି । ସମସ୍ତ ରାଜ୍ୟର ମୁଖ୍ୟ ସଚିବ, ଭାରତ ସରକାରଙ୍କର ସମସ୍ତ ସଚିବ ଏବଂ ମୋ ସହିତ ଅନଲାଇନରେ ସମସ୍ତଙ୍କର ସହିତ ବୈଠକ ହୋଇଥାଏ । ଆପଣ ଆଶ୍ଚର୍ଯ୍ୟ ହେବେ ଆଜ୍ଞା, ଏଭଳି ପ୍ରକଳ୍ପ ସବୁ ସାମ୍ନାକୁ ଆସିଲା ଯାହା ୩୦ ବର୍ଷ ୪୦ ବର୍ଷ ପୂର୍ବରୁ ସ୍ଥିର ହୋଇଥିଲା । ଶିଳାନ୍ୟାସ ହୋଇ ଯାଇଥିଲା । ପରେ କାଗଜ ପତ୍ର ଉପରେ ତାହାର ଚିହ୍ନ ବର୍ଣ୍ଣ ନଥିଲା । ଏଭଳି, ଅନେକ ପ୍ରକଳ୍ପକୁ ଏବେ ଗୋଟି-ଗୋଟି କରି ସମୀକ୍ଷା କରିବାରେ ଲାଗିଲି, ସମସ୍ତ ବିଭାଗକୁ ଏକାଠି କରିବାରେ ଲାଗିଲି, ପୂର୍ବରୁ ଯେଉଁ ସରକାର ଥିଲେ ସେମାନଙ୍କର କ'ଣ ଦାୟିତ୍ୱ ନ ଥିଲା ଆଜ୍ଞା, ତଥାପି ମୁଁ ଏହା କରିବାରେ ଲାଗିଲି, ଶେଷରେ ଏହି ଦେଶ ହେଉଛି ଅବ୍ୟାହତ ରଖିବାର ଧାରା, ସରକାର ଆସିଲେ, ଗଲେ, ଆପଣ ବସିଲେ, ଅନ୍ୟ କିଏ ବସିଲା, ତୃତୀୟ ଜଣେ ବସିଲା ଆମେ ତ ଏହାକୁ ରୋକି ପାରିବା ନାହିଁ, ଏହା ହେଉଛି ଲୋକତନ୍ତ୍ର । କିନ୍ତୁ ସରକାରରେ ଏହି ଭାବ ଚଳେ ନାହିଁ କି ଏହା ତ ଜୟ ରାମ ରମେଶଙ୍କ ସମୟରେ ହୋଇ ନଥିଲା, ତାଲା ଲଗାଇ ଦିଅ । ଏପରି ହୁଏ ନାହିଁ ଆଜ୍ଞା । ଆମେ ଖୋଜିଲୁ, ଆପଣ ଆଶ୍ଚର୍ଯ୍ୟ ହେବେ - ୯ ଲକ୍ଷ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ମୁଁ ଏ ପର୍ଯ୍ୟନ୍ତ ତୁଟାଇ ଦେଇଛି । ସମସ୍ତ ମନ୍ତ୍ରଣାଳୟକୁ ବସାଇ ଯେଉଁ ସବୁ ୩୦ ବର୍ଷ ୪୦ ବର୍ଷର ପୁରୁଣା ପ୍ରକଳ୍ପ ଥିଲା ଏବେ ସେହି ପ୍ରକଳ୍ପ ସେ ସମୟରେ ହୋଇ ଥାଆନ୍ତା ତ ବୋଧହୁଏ କେତେ ହଜାର କୋଟିରେ ହୋଇଯାଇଥାଆନ୍ତା । କିନ୍ତୁ ଆଜି ଏହି ପ୍ରକଳ୍ପର ଅଟକଳ ୯ ଲକ୍ଷ - ୧୦ ଲକ୍ଷ କୋଟି ଟଙ୍କା ହୋଇ ଯାଇଛି ଆଜ୍ଞା । ଆଉ ଏଥିପାଇଁ ଏହି କାମ ଯାହା ଆମେ କରୁଛୁ, ସରକାର ଆପଣ ମଧ୍ୟ ଚଳାଇଛନ୍ତି, ଆମେ ମଧ୍ୟ ଚଳାଉଛୁ । ଆଉ ଯିଏ ମଧ୍ୟ ସରକାରରେ ବସି ଥାଆନ୍ତି ସେମାନଙ୍କୁ ଚଲାଇବାକୁ ପଡ଼ିଥାଏ । ସେମାନଙ୍କର ଦାୟିତ୍ୱ ଥାଏ । କିନ୍ତୁ ସବୁ ଜିନିଷକୁ ଭଲ ଭାବରେ ଚଲାଇବା ଆଉ ଏ

ଯେଉଁ ସମସ୍ତ ଜାଗାରେ ପଥର ଅଛି, ଆପଣମାନଙ୍କ ନାମ ଅଛି ସବୁ କିଛି ଅଛି ଯେଉଁଥିରୁ ବୋଧହୁଏ କିଛି ପଥର କିଛି ଲୋକ ଚୋରି ମଧ୍ୟ କରି ନେଲେଣି । କିନ୍ତୁ ଶ୍ରେୟ ସବୁ ଆପଣଙ୍କୁ ଯାଇଥାଏ । ଯୋଜନା ଗୁଡ଼ିକ ଆପଣଙ୍କର ଆଜ୍ଞା ।

ଏବେ ଏଠାରେ ଆମ ଆଜାଦ ସାହେବ ଖାଦ୍ୟ ସୁରକ୍ଷା ବିଲ୍ କଥା କହିଲେ ଏବଂ ତାରିଖ ସହିତ କହିଲେ । ମୁଁ ଆପଣଙ୍କୁ କେହି ମଧ୍ୟ ଆପଣଙ୍କୁ ପଚାରିବ ଆଜ୍ଞା ଆପଣ ଯେଉଁ ତାରିଖ ଦେଲେ ଆମେ ତା'ପରେ ଆସିଲୁ ଆଜ୍ଞା । ଗୋଟିଏ ବର୍ଷ ପରେ ଆସିଛୁ । ଗୋଟିଏ ବର୍ଷରେ ଆପଣ କାହିଁକି ଓ କ'ଣ ପାଇଁ ହେବାକୁ ନ ଦେଲେ । ଆଉ ଆପଣମାନେ ସୁପ୍ରିମକୋର୍ଟର ଦ୍ୱାହି ଦେଇ ପଚାରିଲେ କି ସୁପ୍ରିମକୋର୍ଟର ପଚାରିଛନ୍ତି। ଆପଣଙ୍କୁ ଜଣାଥିବା ଦରକାର କି କେରଳ ଯେଉଁଠାରେ ଆପଣଙ୍କର ସରକାର ଥିଲା, ସେମାନେ ଏହାକୁ ସ୍ୱୀକାର କରି ନଥିଲେ । ସୁପ୍ରିମକୋର୍ଟ ଭର୍ତ୍ସନା କରିଥିଲେ । କିନ୍ତୁ ଏବେ ଆପଣ ତାହାକୁ ମଧ୍ୟ ଆମ ଉପରେ ଲଦି ଦେଉଛନ୍ତି । ଆପଣଙ୍କୁ କରିବାର ଥିଲା । ଆଉ ମୁଁ ମାନୁଛି କି ଯେଉଁ ନିଷ୍ପତ୍ତି ଆମେ ନେଉଛୁ ତାହାକୁ ଶେଷ କରିବାର ପ୍ରସ୍ତୁତି ସହିତ କରିବା ଦରକାର ।

ଏବେ ସାର କାରଖାନା ଖୋଲିବା ପାଇଁ ତ ଆପଣ କହୁଛନ୍ତି କି ଆମ ସମୟରେ ହୋଇଥିଲା, ଆମ ସମୟରେ ହୋଇଥିଲା, ଆମ ସମୟରେ ହୋଇଥିଲା। କିନ୍ତୁ ବନ୍ଦ ମଧ୍ୟ ଆପଣଙ୍କ ସମୟରେ ହୋଇଥିଲା । ହଜାର ହଜାର ଲୋକ ଆପଣଙ୍କ ସମୟରେ ହିଁ ବେକାର ମଧ୍ୟ ହୋଇଥିଲେ, ତାହାର ମଧ୍ୟ ଶ୍ରେୟ ନିଅନ୍ତୁ । ଆଉ ଏଥିପାଇଁ  ଯଦି ଆଜି ଆମେ ଏହାକୁ ଲାଗୁ କରୁଛୁ ଏବଂ ନୀତିଗତ ପରିବର୍ତ୍ତନ କରି କରୁଛୁ । ଆଜି ଦେଖନ୍ତୁ ଆମେ ୟୁପିର ଗୋରଖପୁର, ବିହାରରେ ବରୌନୀ, ଝାଡଖଣ୍ଡରେ ସିଙ୍ଗରୀ, ଏହି ୟୁରିଆ କାରଖାନା ଯାହା ବନ୍ଦ ପଡିଥିଲା ତାହାକୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବା ପାଇଁ କାମ କରୁଛୁ । ଜଗଦୀଶପୁର-ହଳଦିଆ ଗ୍ୟାସ ପାଇପଲାଇନ ତାହାକୁ ଆମେ ଯୋଡିଲୁ । ଏହି ନୀତିଗତ ପରିବର୍ତ୍ତନ କଲୁ ଫଳରେ ତାଙ୍କୁ ଗ୍ୟାସ ମିଳିଯାଉ ତ କାରଖାନା ଚଳାଇବାରେ ସୁବିଧା ହୋଇଯିବ । ଆଉ ଏହା ହେଉଛି ଦେଶର ସେହି ଅଂଚଳ ଯେଉଁଠାରେ ଏ ପ୍ରକାର ବ୍ୟବସ୍ଥା କରାଯାଏ ତ' ପୂର୍ବ ଭାରତର ବିକାଶର ସମ୍ଭାବନା ବଢିଯିବ । ଆଉ ଏହା ସେହି ରାଜ୍ୟ ନୁହେଁ ଯେଉଁଠାରେ ଭାରତୀୟ ଜନତା ପାର୍ଟିର ପତାକା ଉଡୁଛି । ଦେଶ ପାଇଁ ଆବଶ୍ୟକ

ଅଟେ, ପୂର୍ବଭାରତର ରାଜ୍ୟଗୁଡିକର ବିକାଶ ହେବା ଦରକାର । ଦେଶର ସନ୍ତୁଳିତ ବିକାଶ ହେବା ଦରକାର । ଏହି ସିଧାସାଧା ବିକାଶର ଥିଓରି ଆଧାରରେ ଆମେ କାମ କରୁଛୁ । ଆଉ ମୋର ବିଶ୍ୱାସ ଅଛି କି ଏହି ସବୁ କଥାକୁ ଆପଣ ପ୍ରଶଂସା କରିବେ ।

ଆମର ମାନନୀୟ ସଦସ୍ୟ ଶ୍ରୀମାନ ଅମିତ ଶାହା ଭାଷଣ ଦେଲେ । ଆଉ ମତେ ଭଲ ଲାଗିଲା କି ଆଜାଦ ସାହାବ ସେଥିରୁ ଏହା ଖୋଜି ବାହାର କଲେ କି ଆପଣ ଏତେ କଥା ଭାଷଣରେ କହିଲେ କିନ୍ତୁ ସର୍ଦ୍ଦାର ପଟେଲଙ୍କ ନାମ କାହିଁକି କହିଲେ ନାହିଁ । ମତେ ଭଲ ଲାଗିଲା କି ଆପଣ ସର୍ଦ୍ଦାର ସାହେବଙ୍କୁ ମନେ ପକାଇଲେ ।

ଏବେ-ଏବେ ଗୁଜରାଟରେ ନିର୍ବାଚନ ହୋଇଥିଲା। ସେହି ନିର୍ବାଚନରେ ଆମର ବାବୁ ବସିଛନ୍ତି ଏଠାରେ, ସର୍ଦ୍ଦାର ପଟେଲ କଂଗ୍ରେସ ପାର୍ଟିର ସମସ୍ତ ଲେଖାରେ ସର୍ଦ୍ଦାର ସାହେବ ଥିଲେ । ମତେ ଏତିକି ଭଲ ଲାଗିଲା କି ଚଳ ବହୁତ ବର୍ଷ ପରେ ଏଭଳି ଦିନ ମଧ୍ୟ ଆସିଲା। କିନ୍ତୁ ଆଉ ଯେତେବେଳେ ମୁଁ ଏହା ଚିନ୍ତା କରୁଥିଲି କି ଏହି ପରମ୍ପରା ଜାରି ରହିବ। କିନ୍ତୁ ଗୁଜରାଟ ନିର୍ବାଚନ ଶେଷ ହେଲା ଏବଂ ଏଠାରେ ଆପଣଙ୍କର ଦଳର କାର୍ଯ୍ୟକ୍ରମ ଥିଲା। ଏବେ ମଧ୍ୟ ଆପଣ ପୁରୁଣା ଚିତ୍ର ଦେଖି ପାରିବେ । ପଛପଟେ କେଉଁଠି ମଧ୍ୟ ସର୍ଦ୍ଦାର ସାହେବ ନାହାନ୍ତି ଏବଂ ସେହି ସମୟର ସମ୍ବାଦପତ୍ର ଲେଖିଥିଲା କି ସପ୍ତାହ ପରେ ଆପଣଙ୍କର ଏଠାରେ କାର୍ଯ୍ୟକ୍ରମ ହେଉଛି ଆଉ ସର୍ଦ୍ଦାର ସାହେବ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଆଉ ଏହା ମଧ୍ୟ ମନେପକାନ୍ତୁ କି ଆମେ ସର୍ଦ୍ଦାର ସାହେବଙ୍କ ନାମ, ଆମ ଅଧ୍ୟକ୍ଷ ମହାଶୟ ଉଲ୍ଲେଖ ନ କଲେ । ତାହାକୁ ଆପଣ ଉପଯୋଗ କରିବାକୁ ଚେଷ୍ଟା କଲେ ଏହା ମଧ୍ୟ ମନେପକାନ୍ତୁ କି ସର୍ଦ୍ଦାର ସାହେବ ଏବଂ ବାବା ସାହେବ ଆମ୍ବେଦକରଙ୍କୁ ଭାରତରତ୍ନ କେବେ ମିଳିଲା । ମଝିରେ ଏତେ ସମୟ କାହିଁକି ଚାଲିଗଲା। ଆଉ ଏଥିପାଇଁ ଆପଣ ଚର୍ଚ୍ଚା କରନ୍ତୁ ଅଭିଯୋଗ କରନ୍ତୁ । ଆଉ ଏହା ରାଷ୍ଟ୍ରପତି ମହୋଦୟଙ୍କର ଅଭିଭାଷଣ ଠାରୁ ଅଲଗା ବିଷୟ ଥିଲା । କିନ୍ତୁ ପୁଣି ମଧ୍ୟ ଆପଣ ଉଠାଇଲେ ତ ହେଉଛି ଭଲ କଥା, ଉଠାଇଲେ । କିନ୍ତୁ ଯେତେବେଳେ ଆପଣ କୌଣସି ବିଷୟ ଉଠାଉଛନ୍ତି ତ' ଚାରୋଟି ଆଙ୍ଗୁଠି ନିଜ ଆଡକୁ ହୋଇଥାଏ, ଏହା ଆପଣ ଭୁଲନ୍ତୁ ନାହିଁ ଏହା ମୋର.... ଆପଣ ଆଶ୍ଚର୍ଯ୍ୟ ହେବେ

ଆଜ୍ଞା... ଏହି ପ୍ରକାରର କାମ ଆମ ଦେଶରେ ହୁଏ, ହୋଇପାରେ ବୋଧହୁଏ ଆପଣଙ୍କ କାର୍ଯ୍ୟ ଶୈଳୀରେ ଏହି ପ୍ରକାରର ସୂକ୍ଷ୍ମତା ମଧ୍ୟକୁ ଯିବାର ସ୍ୱଭାବ ନଥିବ।

ମୋର ଏହା ସୌଭାଗ୍ୟ ଥିଲା କି ମୁଁ ଦୀର୍ଘ ସମୟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଥିଲି । ଆଉ ସେହି କାରଣରୁ ଆଜାଦ ସାହେବ ମଧ୍ୟ ମୁଖ୍ୟମନ୍ତ୍ରୀ ରହିଥିଲେ ଜଣା ପଡ଼ିଥାଆନ୍ତା କି ବହୁତ ସୂକ୍ଷ୍ମତା ମଧ୍ୟକୁ ଯିବାକୁ ପଡ଼ିଥାଏ । ଶରଦ ରାଓ ଦୀର୍ଘ ସମୟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଛନ୍ତି ତାଙ୍କୁ ଜଣା ଯେ ବହୁତ ସୂକ୍ଷ୍ମତା ମଧ୍ୟକୁ ଯିବାକୁ ପଡ଼ିଥାଏ । ମୁଖ୍ୟମନ୍ତ୍ରୀ ଏଠାକୁ-ସେଠାକୁ ଯାଇ ପାରନ୍ତି ନାହିଁ ତାଙ୍କୁ ବିସ୍ତୃତ ଭାବେ ଦିଅନ୍ତୁ । ଆଉ ଆମେ ସମସ୍ତେ ଯିଏ ମୁଖ୍ୟମନ୍ତ୍ରୀ ରହିଛନ୍ତି ତାଙ୍କୁ ଜଣା । କିନ୍ତୁ ଏଠାକୁ ମୁଖ୍ୟମନ୍ତ୍ରୀ ତ ବହୁତ କମ୍ ଆସନ୍ତି, ଆସନ୍ତି ତ ଛୋଟ ଏକ ବିଭାଗ ନେଇ ଯାଆନ୍ତି। ମୋ ଦାୟିତ୍ୱରେ ଗୋଟିଏ ବଡ଼ କାମ ଆସିଗଲା । ଆଉ ସେଥିପାଇଁ ମୋର ସେହି ଅଭ୍ୟାସ ମୋ କାମରେ ଆସୁଛି ।

ଆମ ଦେଶରେ ବିଗତ ବର୍ଷ ଯେଉଁ ଜଳସେଚନ ପ୍ରକଳ୍ପ ହୋଇଛି ବନ୍ଧ (Dam) ପ୍ରସ୍ତୁତ ହୋଇ ସାରିଥିବ କିନ୍ତୁ ପାଣି କାହିଁ? କ୍ଷେତ ପାଇଁ ଆମେ ନେଟୱାର୍କ ପ୍ରସ୍ତୁତ କରି ନାହୁଁ । ୪୦-୫୦ ବର୍ଷ  ଅର୍ଥାତ କେହି କଳ୍ପନା କରି ପାରିବେ କି ଛଅ ମହଲା ତିଆରି କରିବେ ଆଉ ସିଡ଼ି ମଧ୍ୟ ନ ଥିବ, ଲିଫ୍ଟ ମଧ୍ୟ ରହି ନଥିବ । କିପରି ଏଭଳି କାମ ହୋଇଗଲା। ମୁଁ ସେଥି ମଧ୍ୟରୁ ୯୯ ଟିକୁ ଚିହ୍ନଟ କଲି । ହଜାର-ହଜାର କୋଟି-କୋଟି ଟଙ୍କାର ଯୋଜନାରେ କାମ ଆରମ୍ଭ କଲୁ । କୃଷକଙ୍କ ପାଖରେ ପାଣି ପହଞ୍ଚୁ ଏହି ଦିଗରେ ଆମେ କାମ ଆରମ୍ଭ କଲୁ । ଆଉ ୫୦ଟି ଯୋଜନା ସଂପୂର୍ଣ୍ଣ ହୋଇ ସାରିଛି ବଳକା ଯୋଜନାଗୁଡ଼ିକ ଖୁବ ଶୀଘ୍ର ସଂପୂର୍ଣ୍ଣ ହୋଇ ଯିବା ଦିଗରେ ଆମର କାମ ଚାଲୁ ରହିଛି ।

ପ୍ରଶ୍ନ ହେଉଛି ଆପଣ ତିଆରି କଲେ-ତିଆରି କଲେ, ଭଲ କାମ କଲେ, କିନ୍ତୁ ଚିନ୍ତାଧାରା ଅଧା, କାମ ଅଧା ଆଉ ଟଙ୍କା ଗଲା, ପରିଣାମ ମିଳିଲା ନାହିଁ । ଅଧିକ ଭଲ ହୋଇ ଥାଆନ୍ତା ଯଦି ବିସ୍ତୃତ ଭାବେ ହୋଇ ଥାଆନ୍ତା, ସମନ୍ୱିତ ଆଭିମୁଖ୍ୟ ନେଇ ହୋଇଥାଆନ୍ତା, ବୌଦ୍ଧିକ ଦୃଷ୍ଟିଭଙ୍ଗୀ ଥାଆନ୍ତା ତ ଆପଣଙ୍କ ସମୟରେ ଯେଉଁ କାମ ହୋଇଛି ସେଥିରେ ମଧ୍ୟ ଯଦି ସଂପୂର୍ଣ୍ଣ କରି ଥାଆନ୍ତେ ତ ଦେଶର ମଙ୍ଗଳ କରି ଥାଆନ୍ତେ । ଆପଣ

କରି ନାହାଁନ୍ତି ଏହା ମୁଁ କହୁ ନାହିଁ । କିନ୍ତୁ କିଛି କରିଲା ଭଳି କାମ କିପରି କରିବା ଦରକାର ସେଥିରେ ବହୁତ ବଡ଼ ଅଭାବ ରହି ଯାଇଛି । ଯାହା-ଯାହାଙ୍କୁ ଭଲ କାମ କରିବାର ସୁଯୋଗ ମିଳିଛି ସେହି ଲୋକମାନଙ୍କର ଦାୟିତ୍ୱ ହେଉଛି କି ଜିନିଷ....

ଆଉ ଏଥିପାଇଁ ଆପଣମାନେ ଦେଖିଥିବେ ଆମେ ଆସି ଏକ ବଡ଼ ପରିବର୍ତ୍ତନ କରିଛୁ । ଆମେ ଆମ ଦେଶରେ ଅଧିକାଂଶ ବଜେଟ ଅନୁଦାନ ହେବ। ଅର୍ଥାତ୍ ସେହିଠାରୁ ହିଁ ବଡ଼ ସନ୍ତୋଷ ବୋଲି ମାନି ନିଆଯାଇଥାଏ । ତାଳି ପଡିଯାଇଥାଏ ସେହି ଅନୁଦାନ ମିଳି ଯାଇଥାଏ । ଶେଷ ହେବା ଆଡ଼କୁ ଦେଖିବାର ସଂଖ୍ୟା ବହୁତ କମ ହୋଇଥାଏ। ପରିଣାମ ଆଡ଼କୁ ଦେଖିବାର ଭଳି ସେଥିରେ ମଧ୍ୟ ବହୁତ କମ୍ ହୋଇଥାଏ । ଆଉ ପରିଣାମର ଚର୍ଚ୍ଚା ହିଁ ହେଉ ନଥିଲା । ଆମେ ସଂପୂର୍ଣ୍ଣ କାର୍ଯ୍ୟ ସଂସ୍କୃତିକୁ ଏଭଳି ପ୍ରସ୍ତୁତ କରି ଦେଇଛୁ । ଏହି ସରକାର ଆଗ୍ରହ ରଖିଛନ୍ତି ଆଉ ସଂସଦରେ ରଖୁଛନ୍ତି ପରିଣାମର ରିପୋର୍ଟ ଫଳରେ ଟଙ୍କା ଯେଉଁ କାମ ପାଇଁ ବ୍ୟବହାର କରାଯାଇଥିଲା ସେହି କାମରେ ଗଲା କି ଗଲା ନାହିଁ । ଆଉ ଏଥିପାଇଁ ଫଳାଫଳ  ଉପରେ ଯୋର୍ ଦେବା ଦିଗରେ ଆମର ପ୍ରୟାସ ରହିବା ଆବଶ୍ୟକ ।

ଏବେ କୃଷକଙ୍କର ରୋଜଗାର ବଞ୍ଚାଇବାର ବିଷୟରେ ଏହିଠାରେ ଚର୍ଚ୍ଚା ହୋଇଛି । ମୁଁ ଆଶ୍ଚର୍ଯ୍ୟଚକିତ ଯେ କୃଷକଙ୍କର ରୋଜଗାର ଦ୍ୱିଗୁଣିତ କରିବାରେ କାହାକୁ ଅସ୍ୱୀକାର ହୋଇପାରେ । କୌଣସି ଅସ୍ୱୀକାର ହୋଇ ନ ପାରେ । ଆଉ ଆମେ ଏଥିପାଇଁ ନୁହେଁ କି ତା' ସହିତ କୌଣସି ରାଜନୀତି ରହିଛି ଏଠାରେ ବସିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟରେ ଅଛି କି ଭାଇ ଏହା ହେଉଛି ଏକ ଏଭଳି କାମ ଯାହାକୁ ଆମେ କରିବା ଦରକାର। ଏବେ ଏହା କିପରି ହେବ । ଜମି ଖଣ୍ଡ ଖଣ୍ଡ ହେବା ବଢ଼ିବାରେ ଲାଗିଛି । ପରିବାରର ସଂଖ୍ୟା ବିଥାଏ ଯଦି ତାହାର ଦଶ ମାଣ ଜମି ରହିଛି ତ ପିଲାମାନଙ୍କ ମଧ୍ୟରେ ବଣ୍ଟ ହୋଇଯାଏ ତ ୨ ମାଣ, ୧ ମାଣକୁ ଆସି ଯାଇଥାଏ ତ କଷ୍ଟ ହୋଇଥାଏ । ତେଣୁ ଆମକୁ ଟେକ୍ନୋଲଜି ଆଧାରିତ କୃଷି କୌଶଳ ଆଡ଼କୁ ଯିବାକୁ ହିଁ ପଡ଼ିବ । ଆମକୁ ଆଧୁନିକ ହେବାକୁ ହିଁପଡ଼ିବ । ଆଉ ଏହା ଯଦି ଆମେ କରୁଛୁ ତ ପରିବର୍ତ୍ତନ ହେବ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ହେଉଛି ଗୋଟିଏ ପ୍ରୟାସ । ପ୍ରତି ବୁନ୍ଦା ଜଳ ଅଧିକ ଶସ୍ୟ (ପର ଡ୍ରପ୍ ମୋର କ୍ରପ୍), ସୂକ୍ଷ୍ମ ଜଳସେଚନ ହେଉଛି ଗୋଟିଏ ପ୍ରୟାସ । ଫୁଆରା ଜଳସେଚନ, ଗୋଟିଏ ସମୟ ଥିଲା

ଆମ ଦେଶରେ କୃଷକ ବୁଡ଼ା ପାଣି ଦେବା ବିନା ଆଖୁ ଚାଷ ହୋଇପାରୁ ନଥିଲା ଏହି ମାନସିକତା ଭିତରେ ଆଖୁ ଚାଷ ଥିଲା । ସେ ଏହା ଭାବି ନେଇଥିଲା କି ଆଖୁ ଚାଷ ପାଇଁ ବିଲ ସବୁବେଳେ ପାଣିରେ ଭରି ରହିବା ଦରକାର । କିନ୍ତୁ ଅନୁଭବରୁ... ମୁଁ ତ ଗୁଜରାଟରେ ଥିଲି, ମୋର ନିୟମ ଥିଲା ଫୁଆରା ଜଳସେଚନରେ ଆଖୁ ଚାଷ ହେଲେ ଉନ୍ନତମାନର ଆଖୁ ମିଳିଥାଏ । ଏବେ ଧିରେ ଧିରେ ସାରା ଦେଶରେ ପାଣି ବଞ୍ଚିବ । ଏବେ ଏହା କୌଣସି ପ୍ରୟୋଗ ନୁହେଁ । ପ୍ରଥମରୁ ସମସ୍ତଙ୍କୁ ଜଣାଥାଏ ଯେଉଁମାନେ କଦଳୀ ଚାଷ କରିଥାନ୍ତି । କଦଳୀ ଚାଷ କଳାବାଲା କଦଳୀ କାନ୍ଧି କାଟି ସାରିବା ପରେ ଥୁଣ୍ଟା ଗଛ ବିଲରେ ଠିଆ ହୋଇଥାଏ । ତାକୁ କାଟି ବିଲରୁ କାଢିବା ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡିଥାଏ । ଏକ ଏକର ଜମି ପାଇଁ ୫ ହଜାର, ୧୦ହଜାର, ୧୫ ହଜାର ଟଙ୍କା ଦେବାକୁ ପଡିଥାଏ ।

ଆମର ଏଠାରେ କୃଷି ବିଶ୍ୱ ବିଦ୍ୟାଳୟ ଯେଉଁ ପରିଣାମ ଦେଲେ-କଦଳୀ ଗଛ ଗଣ୍ଡିରୁ ସେମାନେ ଫାଇବର ତିଆରି କଲେ, ଫେବ୍ରିକ୍ସ ତିଆରି କଲେ ଆଉ କପଡ଼ା ପ୍ରସ୍ତୁତ କଲେ । ଆଜ୍ଞା ବହୁତ ଭଲ ମାନର କପଡ଼ା ତିଆରି ହେଉଛି । କେବଳ ଏତିକି ନୁହେଁ ଯେଉଁଠାରେ ଶୁଖିଲା ମାଟି ରହିଛି ସେଠାରେ ଏହି ଗଛକୁ ଖଣ୍ଡ-ଖଣ୍ଡ କରି କାଟି ପକାଇ ଦିଆଯାଏ ତ ୯୦ ଦିନ ପର୍ଯ୍ୟନ୍ତ ସେଠାରେ ବିନା ପାଣିରେ ଗଛଲତା ବି ପାରିବେ । ଆଜି ଏଠାରେ ଯେଉଁ ଆବର୍ଜନା ଥିଲା ସେଥିରୁ ସମ୍ପଦ ସୃଷ୍ଟି ହେଲା ଆଉ ତାକୁ ନେବା ପାଇଁ ଲୋକ ଆସୁଛନ୍ତି ଆଉ ତାଙ୍କୁ ଏକର ପ୍ରତି ୧୦ ହଜାର, ୧୫ ହଜାର ଦେଉଛନ୍ତି । ଆମ ଦେଶରେ ଯେଉଁ କୃଷିଜାତ ଆବର୍ଜନା ହେଉଛି ଆମେ ତା'ଉପରେ ଗୁରୁତ୍ୱ ଦେବା ତ ଆୟ ବୃଦ୍ଧି ଦିଗରେ ତାହା ସାହାଯ୍ୟ କରିବ। ଆଉ ଆମ ଦେଶରେ ମଧ୍ୟ ଏବେ ଆଖୁଚାଷ ହେଉଛି। ଅଧିକ ଚିନି ଉତ୍ପାଦନ ହୋଇଯାଏ ତ କୃଷକ ମରିବ, କମ ଉତ୍ପାଦନ ହୋଇଯାଏ ତ କୃଷକ ମରିବ। ଅଧିକାଂଶ ଚିନିକଳ କୃଷକଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । ଏବେ ଆମେ ଇଥାନଲ ୧୦ ପ୍ରତିଶତ କରିଦେଲୁ । ଏବେ ଏହି କାରଣରୁ ଯେଉଁ ସମୟରେ ଚାପ ପଡ଼ିବ ଚିନି ବଜାର ଉପରେ ବିଶ୍ୱର ପ୍ରଭାବ ରହିଥାଏ ତ ଇଥାନଲ ଆଡ଼କୁ ବଦଳାଇ ଦେବା ତ କୃଷକଙ୍କ ସୁରକ୍ଷାର ସମ୍ଭାବନା ବଢ଼ିଯିବ।

ଆମର କିଷାନ ସମ୍ପଦା ଯୋଜନା ମଧ୍ୟ, ଆମକୁ ଜଣାଅଛି କି ଲକ୍ଷ-ଲକ୍ଷ କୋଟି-କୋଟି ଟଙ୍କା ଆମର ଏଥିପାଇଁ ନଷ୍ଟ ହେଉଛି କି ଋଷଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ଶୃଙ୍ଖଳରେ ଅନେକ ଦୁର୍ବଳ ବିନ୍ଦୁ ରହିଛି । ମୌଳିକ କଂଋରେ କେତେକ ଦୁର୍ବଳ ବିନ୍ଦୁ ରହିଛି । ଆମର ବିହନ ଠାରୁ ବଜାର ପର୍ଯ୍ୟନ୍ତ ଏକ ବିସ୍ତୃତ ଦୃଷ୍ଟିଭଙ୍ଗୀ ହେବ ତେବେ ଯାଇ କରି ଏହି ପ୍ରୟାସ ସଫଳ ହେବ, ସେହି ଦିଗରେ ଆମେ କାର୍ଯ୍ୟ କରୁଛୁ ।

ମୁଁ ସ୍ୱୀକାର କରୁଛି କି ଇ-ନାମ ଯୋଜନା ହେଉ, ଇ-ନାମ ଯୋଜନା ଏବେ ଆରମ୍ଭ ହୋଇଛି । ଅନେକ ରାଜ୍ୟ ଅଛନ୍ତି ଯେଉଁମାନେ ଏ ପର୍ଯ୍ୟନ୍ତ ମଧ୍ୟ ନିଜର ଏପିଏମସି ଆଇନରେ ଯେଉଁ ପରିବର୍ତ୍ତନ କରିବାର ଅଛି କରିନାହାଁନ୍ତି । କିନ୍ତୁ ପାଖାପାଖି ୩୬ ହଜାର କୋଟି ଟଙ୍କାର କାରବାର ଇ-ନାମ ମାଧ୍ୟମରେ କୃଷକମାନେ ଅନଲାଇନ୍‌ରେ ବିକ୍ରି କରିଛନ୍ତି। ୩୬ ହଜାର କୋଟିର କାରବାର ନିଜକୁ ନିଜେ ବହୁତ ବଡ଼ ଶୁଭାରମ୍ଭ ହୋଇଛି । ମୁଁ ବୁଝି ପାରୁଛି ଏହା ବହୁତ ଆଗକୁ ଯିବ । ଆମକୁ ମୂଲ୍ୟଯୁକ୍ତ ଅ ।ଡ଼କୁ ଯିବାକୁ ପଡ଼ିବ । କୃଷକ ଯଦି କଞ୍ଚା ଲଙ୍କା ବିକ୍ରି କରିଥାଏ ତ ବହୁତ କମ ଧନ ମିଳିଥାଏ କିନ୍ତୁ ଯଦି ଶୁଖିଲା ନାଲି ଲଙ୍କା ହୋଇଥାଏ ତ ସେଥିରୁ ପାଉଡର ହୋଇଥାଏ । ଲଙ୍କାଗୁଣ୍ଡ କରି ପ୍ୟାକିଂ କରି ଭଲ ଭାବରେ ବ୍ରାଣ୍ଡିଂ କରି ବିକ୍ରି କରିବ ତ କୃଷକଙ୍କର ଆୟ ବଢ଼ିଥାଏ । ଆମକୁ ମୂଲ୍ୟଯୁକ୍ତ ଆଡ଼କୁ ଯିବାକୁ ପଡ଼ିବ ।

ଆମ କୃଷକର ଆନୁସଙ୍ଗିକ କାର୍ଯ୍ୟ ଆଜି କ୍ଷେତରେ ସୌର ଶକ୍ତିର ଫାର୍ମ ଯୋଡ଼ା ଯାଇ ପାରିବ, କୃଷକଙ୍କ ଆୟ ବଢ଼ାଯାଇ ପାରିବ । ସୌର ପମ୍ପ ମଧ୍ୟ ତାହାର ବିଜୁଳି ଉତ୍ପାଦନ କରିପାରିବ । ସୌର ଶକ୍ତି ପମ୍ପ ଚଲାଇ ପାରିବ । ଡିଜେଲ ଖର୍ଚ୍ଚ କମ୍ କରି ପାରିବ । ବିଜୁଳିର ଖର୍ଚ୍ଚ କମ୍ କରି ପାରିବ । ଆଉ ସେହି ବିଜୁଳି ରାଜ୍ୟ ସରକାର କିଣି ପାରିବେ । ତ ତାହାର ଏକ ବହୁତ ବଡ଼ ଖର୍ଚ୍ଚ ମଧ୍ୟ କମିଯିବ ।

ଆଜି ଆମେ ବାଉଁଶ, ବାଉଁଶ ୯୦ ବର୍ଷ ହେବ, ଆପଣଙ୍କ ଦୋଷ ନୁହେଁ । ୯୦ ବର୍ଷ ହେବ ଆଇନ ତିଆରି କରି ଦେଲେ କି ଏହା ତ ହେଉଛି ଗଛ । କେହି କାଟି ପାରିବେ ନାହିଁ । ଯେତେବେଳେ ସମଗ୍ର ଦୁନିଆରେ ବାଉଁଶ ହେଉଛି ଘାସ । ଏବେ ଆପଣ କରିବା

ଦରକାର ତ ଶ୍ରେୟ ଆପଣଙ୍କୁ ଯାଉଛି । ଆମେ ଭାବିଲୁ, ଆମେ ପଦକ୍ଷେପ ନେଲୁ, ଆଜି ଆମେ ବାଉଁଶକୁ ଘାସ ପର୍ଯ୍ୟାୟରେ ରଖିଲୁ। ଆଜି କୃଷକ ନିଜ କ୍ଷେତର ଚାରି ପଟେ ବାଉଁଶ ଚାଷ କରି ପାରିବ। ବାଉଁଶ ଚାଷ ଯୋଗୁଁ ତା'ଫସଲକୁ କୌଣସି କ୍ଷତି ହୁଏ ନାହିଁ ଯ ତା'ହେଉଛି ଅତିରିକ୍ତ ଆୟ । ଆଉ ଆଜି ହିନ୍ଦୁସ୍ଥାନ ବାଉଁଶ କ୍ଷେତ୍ରରେ ହଜାର-ହଜାର କୋଟିର ବାଉଁଶ ଆମଦାନୀ କରୁଛି। ଆମେ ଦିଆସିଲି ପାଇଁ ବାହାରୁ ବାଉଁଶ ଆଣୁଛୁ, ଗୁଡ଼ି ପାଇଁ ବାହାରୁ ବାଉଁଶ ଆଣୁଛୁ, ଅଗରବତୀ ପାଇଁ ବାହାରୁ ବାଉଁଶ ଆଣୁଛୁ। ଏହା ହେଉଛି ଗୋଟିଏ ଛୋଟ ନିଷ୍ପତ୍ତି ଯାହା ଦ୍ୱାରା କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ଶକ୍ତି ଆସିଥାଏ ।

ଆମର କୃଷକ ମହୁମାଛି ପାଳନ କରିଥାଏ, ଏବେ ମୁଁ ଆଶ୍ଚର୍ଯ୍ୟ ହେଉଛି କି ମହୁମାଛି ପାଳନ କ୍ଷେତ୍ରରେ କେତେ କାର୍ଯ୍ୟ ହୋଇ ପାରିଥାଆନ୍ତା, ତାହାକୁ ଆପଣମାନେ କରି ପାରିଲେ ନାହିଁ । ମୁଁ ଆଶ୍ଚର୍ଯ୍ୟ ହେଉଛି କାହିଁକି କରି ପାରିଲେ ନାହିଁ । ଏହି ଦିନମାନଙ୍କରେ ଆମେ ଚାରି ବର୍ଷରେ ୧୧ଟି ସମନ୍ୱିତ ମହୁମାଛି ପାଳନ ବିକାଶ କେନ୍ଦ୍ର ପ୍ରତିଷ୍ଠା କରିଛୁ। ଆଉ ମହୁ ଉତ୍ପାଦନରେ ୩୮ ପ୍ରତିଶତ ବୃଦ୍ଧି ହୋଇଛି । ଆଉ ଏହି ମହୁ ବିଶ୍ୱ ବଜାରକୁ ଯିବାରେ ଲାଗିଛି। ଆଉ ସବୁଠାରୁ ବଡ଼ କଥା ଯାହା ପରେ ଆମକୁ ଧ୍ୟାନ ଦେବାର ଆବଶ୍ୟକତା ଅଛି ।

ଆଜି ଦୁନିଆ ବୌଦ୍ଧିକ ସ୍ୱାସ୍ଥ୍ୟ ସେବା (Holistic Healthcare) ଆଡ଼କୁ ଗତି କରୁଛି । ଦୁନିଆରେ ପରିବେଶ ଅନୁକୂଳ ଜୀବନ ପ୍ରତି ସଚେତନତା ବୃଦ୍ଧିପାଇଛି । ଆଉ ଏହି କାରଣରୁ ରସାୟନିକ ମହମ ପରିବର୍ତ୍ତେ ମହୁମାଛି ଦ୍ୱାରା ପ୍ରସ୍ତୁତ ହେଉଥିବା ମହମର ଚାହିଦା ବୃଦ୍ଧି ପାଇଛି। ଆମର ଏହି ମହୁମାଛି ପାଳନର କାମ ଏତେ ବଡ଼ ସଂଖ୍ୟାରେ ମହୁ ମହମକୁ ଶକ୍ତି ଦେଇ ପାରିବ କି ଯେଉଁ କାରଣରୁ ଆଗାମୀ ଦିନମାନଙ୍କରେ ଆମେ ବହୁତ ବଡ଼ ବିଶ୍ୱ ବଜାର ଅଧିଗ୍ରହଣ କରି ପାରିବା। ଆଉ ଆମ କୃଷକ କ୍ଷେତ କଡ଼ରେ ଏକ ଗଛ ତଳେ ଏହି କାମ କରି ପାରିବ । ପଶୁପାଳନ, ମାଛଚାଷ, କୁକୁଡ଼ା ପାଳନ, ମୂଲ ୍ୟଯୁକ୍ତ ଏଭଳି ଅନେକ ଜିନିଷ ରହିଛି ଯାହାକୁ ଆମେ ଏକାଠି କରି କୃଷକର ଘର ପର୍ଯ୍ୟନ୍ତ ପ ହଂଚାଇବା । ମୁଁ ଜାଣି ପାରୁ ନାହିଁ କି କୃଷକଙ୍କର ଆୟ ଦ୍ୱିଗୁଣିତ କରିବାରେ କୌଣସି ଅସୁବିଧା ହୋଇପାରେ।

କୃଷକକୁ ଶକ୍ତି ମିଳି ପାରିବ । ପ୍ରୟାସ ଆମ ସମସ୍ତଙ୍କୁ କରିବାକୁ ପଡ଼ିବ । ଆଉ ଆମେ ସମସ୍ତେ ପ୍ରୟାସ କରିବା ତ ପରିଣାମ ନିଶ୍ଚୟ ମିଳିବ ଆଉ ସେହି ଦିଗରେ ଆମର ପ୍ରୟାସ ରହିବା ଦରକାର ।

ଆଜି ଆମ ଦେଶରେ ସ୍ୱଚ୍ଛ ଭାରତ ଅଭିଯାନକୁ ନେଇ ପରିହାସ କରାଯାଉଛି, ମେକ୍ ଇନ୍ ଇଣ୍ଡିଆକୁ ନେଇ ପରିହାସ କରାଯାଉଛି, ଜନ-ଧନ ଯୋଜନାକୁ ପରିହାସ କରାଯାଉଛି, ଆନ୍ତର୍ଜାତିକ ଯୋଗ ଦିବସକୁ ନେଇ ପରିହାସ କରାଯାଉଛି, କଳାଧନ ଉପରେ ହେଉଥିବା କାର୍ଯ୍ୟାନୁଷ୍ଠାନକୁ ନେଇ ପରିହାସ କରାଯାଉଛି, ସର୍ଜିକାଲ ଷ୍ଟ୍ରାଇକ୍ ଉପରେ ପ୍ରଶ୍ନ ଉଠାଯାଉଛି ।

କିନ୍ତୁ ଆପଣ ମୋତେ କୁହନ୍ତୁ ଓବିସି କମିଶନଙ୍କୁ ସଂବିଧାନର ମାନ୍ୟତା ମିଳିଲା । କିଏ ଏହାର ବିରୋଧ କରିବା ଦରକାର, କୌଣସି କାରଣ କୁହନ୍ତୁ, ଏତେ ବର୍ଷ ଧରି ଆବଶ୍ୟକ ଥିଲା । ଆପଣମାନଙ୍କର କୌଣସି ବାଧ୍ୟ ବାଧକତା ଥିବ ଆଣିଲେ ନାହିଁ । ଏହି ସଦନରେ ଆମେ ଏହାକୁ ଏହି କମିଟିରେ ରଖନ୍ତୁ, ସେହି କମିଟିରେ ରଖନ୍ତୁ । ତାହାକୁ ଝୁଲାଇ ରଖିଥିଲେ । କ'ଣ ଆମେ ଏହି କାମକୁ କରିପାରି ନଥାନ୍ତେ ?

ଏହି ଯେଉଁ ଖୋଲାଖୋଲି ଭାବେ ବିରୋଧ କରିବାର ଯେତେବେଳେ ସାହସ ନଥାଏ, ଜନତା ଜନାର୍ଦ୍ଦନଙ୍କୁ ସମ୍ମୁଖୀନ ହେବାର ଶକ୍ତି ନ ଥାଏ, ଆଜି ଓବିସି ସମାଜ ମଧ୍ୟରେ ଯେଉଁ ଆକାଂକ୍ଷା ଜାଗ୍ରତ ହୋଇଛି, ଆଜି ଓବିସି ସମାଜ ସଚେତନ ହୋଇଛି, ଓବିସି ସମାଜ ନିଜର ଅଧିକାର ପାଇଁ ମୈଦାନକୁ ଆସିଛି । ଆଉ ଆପଣଙ୍କ ରଣନୀତି ଖୋଲାଖୋଲି ଭାବେ କଥା ହେବାର ସାହସ କରି ନଥାଏ । ଏଥିପାଇଁ ବାହାନା କରୁଛନ୍ତି । କିନ୍ତୁ ଏହି ଦେଶର ଓବିସି ସମାଜ ଦେଶକୁ ଦେବା ଭଳି ସେମାନେ ଯଦି ନିଜର ଅଧିକାର ମାଗନ୍ତି ତ ମୁଁ ଅନୁରୋଧ କରିବି କି ରାଜନୀତି ଛାଡ଼ି ଏବଂ ନୂଆ-ନୂଆ କଥା ଯୋଡ଼ିବାର କାମ ଅଟକାଇବାର ପ୍ରୟାସ କରିବା ବଦଳରେ ତାହାକୁ ଗୃହୀତ କରାନ୍ତୁ ।

ତିନି ତଲାକ... ଯଦି ଆପଣମାନଙ୍କୁ ଲାଗୁଛି କି ତିନି ତଲାକ ବିଷୟରେ ଆପଣ ଯେଉଁ ପ୍ରକାରର ଆଇନ ଚାହୁଁଛନ୍ତି । କିଏ ଆ‌ପଣଙ୍କୁ ଅଟକାଇଥିଲା, ୩୦ ବର୍ଷ ପୂର୍ବେ ମାମଲା ଆପଣଙ୍କ ହାତକୁ ଆସିଥିଲା, ଆପଣଙ୍କୁ ଯେପରି ଦରକାର ସେହିପରି ତିଆରି କରିବାର ଥିଲା । କିନ୍ତୁ ଆପଣଙ୍କ ରାଜନୀତି...ଆପଣଙ୍କର ହିଁ ମନ୍ତ୍ରୀଙ୍କର ବକ୍ତବ୍ୟ ଥିଲା ତିନି ତଲାକ କାହିଁକି ଯିବା ଦରକାର। କିନ୍ତୁ ଯେତେବେଳେ ଚାରିଆଡୁ ସ୍ୱର ଉଠିଲା, ରାଜନୀତି ବିପଦରେ ପଡ଼ିଲା, ଭୋଟ ବ୍ୟାଙ୍କକୁ ବିପଦ ଆସିଲା, ଆଉ ଅନେକ ସେହି ମନ୍ତ୍ରୀଙ୍କୁ ଯିବାକୁ ପଡ଼ିଲା ଆଉ ସେହି ମିଶନକୁ ମଧ୍ୟ ଯିବାକୁ ପଡ଼ିଲା। ଆଉ ଏଥିପାଇଁ ଯେଉଁ କାରଣ ଦିଆଯାଉଛି । ହିନ୍ଦୁସ୍ଥାନର ପ୍ରତ୍ୟେକ ନାଗରିକ ଅପରାଧ ଆଇନ ମଧ୍ୟକୁ ଆସୁଛନ୍ତି ଯେଉଁଠାରେ ଦଣ୍ଡ ଅଛି। ଯେଉଁ ଯୁକ୍ତି ଦେଉଛନ୍ତି ଲାଗୁ ହୋଇ ପାରେ କି ଭାଇ ସେ କାହାର ହତ୍ୟା କରିଛନ୍ତି ଘରର ଏକମାତ୍ର ପୁଅ, ବୟସ ମାତ୍ର ତିରିଶ ବର୍ଷ । ଏବେ ତାହାକୁ ଜେଲ ଯିବାର ଆଇନ କାହିଁକି କଲେ । ବୁଢ଼ା ମାଆ-ବାପା କାହିଁକି ଯିବେ । ହିନ୍ଦୁ ଦୁଇଥର ବିବାହ କରେ ତ ସେ ଜେଲ ଚାଲିଯାଏ, ତା'ପାଇଁ ଦଣ୍ଡ ହୋଇଥାଏ । ସେତେବେଳେ ଆପଣମାନଙ୍କୁ ଚିନ୍ତା ହେଲା ନାହିଁ କି ତା'ପରିବାରର ଲୋକ କ'ଣ ଖାଇବେ । ଦଣ୍ଡ ମିଳୁ ? ଆଉ ଏଥିପାଇଁ ମୁଁ ମାନୁ ନାହିଁ କି କେହି ମଧ୍ୟ ତାହାକୁ ଅଧ୍ୟୟନ କରିବେ ସେମାନେ ଆଶ୍ଚର୍ଯ୍ୟ ହେବେ କି ଆପଣ କେଉଁ କଥା କରୁଛନ୍ତି ।

କେବେ କେବେ ମୋତେ ଲାଗେ ବୋଧ ହୁଏ ଆମର ନରେଶ ମହାଶୟ ବଡ଼ ସହାନୁଭୂତି ଦେଖାଇଥିଲେ କି ସେ ଚୀର ହରଣ କରୁଥିଲେ ତା'କହିବା କଷ୍ଟକର ଅଟେ କିନ୍ତୁ ବହୁତ କିଛି କହୁଥିଲେ । ଭୟ ଜେଲ ତ ଆମେ ଭୋଗିଛୁ, ୧୫ ବର୍ଷ ପର୍ଯ୍ୟନ୍ତ କ'ଣ କିଛି ଆମେ ସହିଛୁ ଆମକୁ ହିଁ ଜଣା ଅଛି । କିନ୍ତୁ ଆଇନ ଆଇନର କାମ କରୁ କିମ୍ବା ନ କରୁ ଆପଣ ଏଠାରେ କହି କାହା ପୁଅକୁ ଫସାଇବାକୁ ଯାଉଛନ୍ତି, ତାହାକୁ ଚିନ୍ତାଗ୍ରସ୍ତ କରିବାକୁ ଯାଉଛନ୍ତି। କେତେ କରାଯାଉଛି । ଆଉ କ'ଣ ମୁଁ ବୁଝାଉଛି କି ଏହି ପ୍ରକାରର କଥା କରିବା ଆଇନର ଉପହାସ କରୁଛୁ କି କରୁ ନାହୁଁ । ଆଇନ ସ୍ଥିର କରିବ କ'ଣ ହେବ । ଆଉ ଏଥିପାଇଁ ମୋତେ ଉତ୍ତର ଦେଇ ସାହାଯ୍ୟ କରନ୍ତୁ । ଏଭଳି ଭାବରେ ଆମକୁ ସାହାଯ୍ୟ କରନ୍ତୁ ।

ଜଣେ କବି ଦୁଷ୍ୟନ୍ତ କୁମାରଙ୍କ କବିତାର ଶବ୍ଦ ହେଉଛି –

ଉନକି ଅପିଲ ହୈ କି ଉନ୍ହେ ମଦଦ କରେ,

ଉନକି ଅପିଲ ହୈ କି ଉନ୍ହେ ମଦଦ କରେ,

ଚକ୍କୁ କି ପଶଲିୟୋଁ ସେ ଗୁଞ୍ଜାଇସ୍ ତୋ ଦେଖିୟେ

(ତାଙ୍କର ଅନୁରୋଧ ହେଉଛି କି ତାଙ୍କୁ ସାହାଯ୍ୟ କର,

ତାଙ୍କର ଅନୁରୋଧ ହେଉଛି କି ତାଙ୍କୁ ସାହାଯ୍ୟ କର,

ଛୁରୀର ଧାରରେ ସମ୍ଭାବନାକୁ ଦେଖନ୍ତୁ)

ମହିଳାମାନଙ୍କ ଉପରେ ଅତ୍ୟାଚାର, ମୁଁ ମାନୁନାହିଁ କି ମହିଳାମାନଙ୍କ ଉପରେ ଅତ୍ୟାଚାର ହେଉଛି – ଏହି କଂଗ୍ରେସ, ବିଜେପି, ଅମୁକ ପାର୍ଟି, ସମୁକ ପାର୍ଟିର ବିଷୟ । ଏହା ହୋଇପାରେନା, ଆଉ ଯେଉଁ ଚିନ୍ତା ଆପଣ ପ୍ରକଟ କରିଛନ୍ତି ସେହି ଚିନ୍ତା ହେଉଛି ବହୁତ ସ୍ୱାଭାବିକ । ଯାହା ଅଜାଦ ସାହେବ କହିଛନ୍ତି । ଆଉ ଏଥିପାଇଁ ମୁଁ ସାହସ କରିଥିଲି କି ଲାଲକିଲ୍ଲା ଉପରୁ କହିବା ପାଇଁ... କି ଝିଅମାନଙ୍କ ପାଇଁ ତ ବହୁତ କିଛି କୁହାଯାଏ କିଏ ତ ପଚାର ପୁଅ ରାତିରେ କାହିଁକି ଡେରିରେ ଘରକୁ ଆସିଥାଏ ? କିଏ ତ' ପ୍ରଶ୍ନ କର ପୁଅ ସନ୍ଧ୍ୟାରେ କେଉଁଠାକୁ ଯାଇଥାଏ, କାହାକୁ ଭେଟିଥାଏ ? କିଏ ତ ଚିନ୍ତା କର କି ପୁଅମାନଙ୍କୁ ତ ସଂସ୍କାର କରିବାର ଚିନ୍ତା ଅଛି । କ'ଣ ଆମେ ସମସ୍ତେ ଗୋଟିଏ ସ୍ୱରରେ ସେହି ମାଆମାନଙ୍କୁ ଆନ୍ଦୋଳିତ କରି ପାରିବା ନାହିଁ, ସେହି ପିତାମାନଙ୍କୁ ଆନ୍ଦୋଳିତ କରି ପାରିବା ନାହିଁ, ସେହି ଶିକ୍ଷକମାନଙ୍କୁ ଆନ୍ଦୋଳିତ କରି ପାରିବା ନାହିଁ କି ଶେଷରେ ସିଏ କାହାର ନା କାହାର ତ, ପୁଅ ଯିଏ କୌଣସି ଝିଅ ଉପରେ ଅତ୍ୟାଚାର କରୁଛି ଯ ହେଉଛି କାହାର ନା କାହାର ତ, ପୁଅ । କ'ଣ ଆମେ ସମସ୍ତେ ଗୋଟିଏ ସ୍ୱରରେ ସମାଜ ଆଉ ଶେଷରେ ସେହି ସାମାଜିକ .... ଆଉ ସେଥିରେ ଆମେ ଯେତେ ଅଧିକ ମିଶି କରି କରିବା ଆଉ ମୁଁ ଚାହୁଁଛି କି ଆମେ ଏହି ସମସ୍ତ କଥାରେ ଉଜ୍ଜ୍ୱଳା ଯୋଜନା, ମହିଳା ସଶକ୍ତି କରଣର ଏକ ବହୁତ

ବଡ଼ କାମ, କିନ୍ତୁ ଆମକୁ ମଧ୍ୟ ଏହା ଚିନ୍ତା କରିବାର ଅଛି କି ଆଉ  ମୁଁ ଚାହିଁବି କି ସଦନ ମାଧ୍ୟମରେ ଦେଶରେ ଷ୍ଟାର୍ଟ ଅପ୍ ମାନଙ୍କୁ ବିଶେଷ ଅନୁରୋଧ କରିବି ।

ସ୍ୱଚ୍ଛ ରୋଷେଇ ଏହି କାମଟିକୁ ଆମେ ମିଶନ ମୋଡରେ ଦେଶରେ କରିବା ଆବଶ୍ୟକ । ଆଉ ହୋଇ ପାରିବ ତ ନୂତନ ସୌର ଚୂଲା ଉଦ୍ଭାବନ ହେବ। ଏଭଳି ନବସୃଜନ ହେଉ ଫଳରେ ଗରିବଙ୍କୁ ଖାଦ୍ୟ ରୋଷେଇ କରିବାର ଏକ ନୂଆ ପଇସା ଖର୍ଚ୍ଚ କରିବାକୁ ନ ପଡୁ । ଆଉ ଗ୍ୟାସ ପରିବହନର ଖର୍ଚ୍ଚ ବଂଚି ଯାଉ । ଆଉ ନିଜର ହିଁ ଘରେ ସୌର ବ୍ୟବସ୍ଥା ହେଉ। ଆଉ ଆଧୁନିକ ଏପରି ନବସୃଜନ ଦ୍ୱାରା ଚୂଲା ତିଆରି ହୋଇପାରିବ । ପରିଷ୍କାର ରୋଷେଇ ଦ୍ୱାରା ଆମର ସାଧାରଣ ଜୀବନର ପରିବେଶ ପାଇଁ, ମହିଳାମାନଙ୍କର ସ୍ୱାସ୍ଥ୍ୟ ପାଇଁ ହେଉଛି ଆବଶ୍ୟକ । ଅଉ ଏହା କୌଣସି ରାଜନୈତିକ ଏଜେଣ୍ଡାର କାର୍ଯ୍ୟକ୍ରମ ନୁହେଁ। ଆମେ ମିଳିମିଶି କରି ଏହାକୁ ଅ।ଗକୁ ବଢ଼ାଇବା ।

ଏବେ ସେଠାରେ ଚର୍ଚ୍ଚା ହେଲା କି ଏହି ସ୍ୱଚ୍ଛ ଭାରତର ବିଜ୍ଞାପନ ପାଇଁ ଏତେ ଖର୍ଚ୍ଚ ହୋଇଛି। ମୁଁ ଚାହୁଁ ନାହିଁ ଏମିତି କିଛି କଥା କହିବି ଯାହାଦ୍ୱାରା ଅନ୍ୟ କାହାକୁ ଖରାପ ଲାଗିବ କିନ୍ତୁ ଆପଣ ସରକାରରେ ରହିଛନ୍ତି । ଆପଣ ସାର୍ବଜନୀନ ଜୀବନ ଜୀଉଁଛନ୍ତି । ଶୌଚାଳୟ ସ୍ୱଚ୍ଛତା ଏ ବିଷୟ ଯେତିକି ମାତ୍ରାରେ ଭିତ୍ତିଭୂମିର କଥା ରହିଥାଏ ତା'ଠାରୁ ଅଧିକ ଆଚରଣଗତ କଥା ରହିଥାଏ । ଅଭ୍ୟାସର ହେଉଛି ବିଷୟ ଆଉ ଏଥିପାଇଁ ଦୁନିଆରେ ଏ ବିଷୟକୁ ଅଧ୍ୟୟନ କରୁଥିବା ପ୍ରତ୍ୟେକ ଏହି କଥା କହିଛନ୍ତି । ଆପଣ ଯେତେବେଳେ ସରକାରରେ ଥିଲେ ସେତେବେଳେ ମଧ୍ୟ ଏହା ଉପରେ ଦୃଷ୍ଟି ରହିଥିଲା କି ଯେ ପର୍ଯ୍ୟନ୍ତ ଆଚରଣଗତ ପରିବର୍ତ୍ତନ ଆସି ନଥାଏ ଏଥିରେ ବ୍ୟତିକ୍ରମ ଘଟି ନଥାଏ । ଏବେ ଯେଉଁ ବିଜ୍ଞାପନ ରହିଛି ତାହା ସରକାରଙ୍କର କାର୍ଯ୍ୟକ୍ରମଗୁଡ଼ିକର ଚମକପ୍ରଦ ପ୍ରଚାର ନୁହେଁ । ଆଚରଣଗତ ପରିବର୍ତ୍ତନ ପାଇଁ ଛୋଟ-ଛୋଟ ଘଟଣାଗୁଡ଼ିକୁ ନେଇ ଲୋକଙ୍କୁ ଶିକ୍ଷିତ କରାଇବାର କାମ ହେଉଛି । ଆଉ ଏହା କହିଲା ପୂର୍ବରୁ ଆମେ ଏହା ଯେମିତି ଏ କଥା ଭୁଲି ନ ଯାଉ କି ଏହି ଗରିବ ଲୋକଙ୍କ ଟଙ୍କାରୁ ରାଜକୋଷକୁ ଆସିଥିବା ଟଙ୍କାରେ ପରିବାରର କିଛି ଲୋକଙ୍କର ଜନ୍ମଦିନର ବିଜ୍ଞାପନ ଛପା ଯାଉଥିଲା । କେତେ ଟଙ୍କା

ଦେଶର, ହିସାବ ଲଗାଇ ଦିଅନ୍ତୁ । ଗୋଟିଏ ହିଁ ପରିବାରର ଲୋକଙ୍କର ଜନ୍ମଦିନର ବିଜ୍ଞାପନ ଉପରେ କେତେ ଟଙ୍କା ଖର୍ଚ୍ଚ ହୋଉଛି ଜାଣିଲେ ଚମକି ପଡ଼ିବେ ଆଉ ଏହା ହେଉଛି ଆଚରଣଗତ ପରିବର୍ତ୍ତନ ପାଇଁ ଆଉ ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ଆପଣମାନଙ୍କର ମଧ୍ୟ ଯେଉଁଠି ରାଜ୍ୟ ସରକାର ଅଛନ୍ତି କୁହନ୍ତୁ କି ଆଚରଣଗତ ପରିବର୍ତ୍ତନ ପାଇଁ ବଜେଟ ବ୍ୟୟ ବରାଦ କରନ୍ତୁ । ଲୋକମାନଙ୍କୁ ଶିକ୍ଷିତ କରାନ୍ତୁ ।

**ଆଦରଣୀୟ ସଭାପତି ମହୋଦୟ ଆମର ରାଷ୍ଟ୍ରପତି ମହୋଦୟ ଆଜ୍ଞା...**

ଆମର ମାନ୍ୟବର ଆଜାଦ ସାହେବ ବୋଫୋର୍ସ ପ୍ରସଙ୍ଗକୁ ବଡ଼ ବିସ୍ତାରରେ କହିଲେ ଆଉ ଶ୍ରେୟ ନେବାର ଚେଷ୍ଟା କଲେ । ମୁଁ ଏକ ଉଦ୍ଧୃତାଂଶ ପଢ଼ିବାକୁ ଚାହୁଁଛି । ଏହି ଉଦ୍ଧୃତାଂଶ କଂଗ୍ରେସର ଜଣେ ବରିଷ୍ଠ ମନ୍ତ୍ରୀ ଆଉ ପରେ ନିର୍ବିବାଦ ରାଷ୍ଟ୍ରପତି ମହୋଦୟ ଶ୍ରୀମାନ ଭେଙ୍କଟରମଣ ମହାଶୟଙ୍କ ଆତ୍ମକଥାର ହେଉଛି ଏକ ଅଂଶ । ଆତ୍ମକଥା ହେଉଛି ଯେତେବେଳେ ମୁଁ ରାଷ୍ଟ୍ରପତି ଥିଲି- ଆର ଭେଙ୍କଟରମଣ ମହାଶୟଙ୍କ, ସେ ଲେଖିଛନ୍ତି-ସେ ଜେ ଆର ଡି ଟାଟାଙ୍କ ସହିତ ସାକ୍ଷାତକାର କଲେ ଆଉ ସାକ୍ଷାତକାରର ସବିଶେଷ ତଥ୍ୟ ସେ ସେହି ପୁସ୍ତକରେ ଲେଖିଛନ୍ତି- ଲେଖିଛନ୍ତି ଟାଟା କହିଲେ କି ତୋପ ଆଉ ଅନ୍ୟ ସୁରକ୍ଷା ସାମଗ୍ରୀ ସଉଦାରେ ରାଜୀବ ଗାନ୍ଧି କିମ୍ବା ତାଙ୍କ ପରିବାରକୁ ଲାଭ ହୋଇଥାଉ ବା ନ ହୋଇଥାଉ କିନ୍ତୁ ଏହାକୁ ଅସ୍ୱୀକାର କରିବା କଷ୍ଟ ହେବ କି କଂଗ୍ରେସ ଦଳକୁ କୌଣସି କମିଶନ ମିଳି ନାହିଁ । ତାଙ୍କୁ ଲାଗୁଥିଲା କି ୧୯୮୦ ପରଠାରୁ ଏହା ମୁଁ ଆର ଭେଙ୍କଟରମଣ ମହାଶୟଙ୍କ ପୁସ୍ତକ ପଢୁଛି ମୋର କିଛି ନୁହେଁ । ତାଙ୍କୁ ଲାଗୁଥିଲା କି ୧୯୮୦ ପରଠାରୁ ଉଦ୍ୟୋଗପତିଙ୍କଠାରୁ ଚାନ୍ଦା ମଗାଯାଇ ନାହିଁ ଆଉ ଦଳର ଖର୍ଚ୍ଚ ଏଭଳି ସୌଦାରୁ ମିଳୁଥିବା କମିଶନରେ ଚଳି ଯାଏ ।

ଆଉ ଏଥିପାଇଁ ଏ ତ ଆର ଭେଙ୍କଟରମଣ ମହାଶୟ ଥିଲେ । ବଡ଼ ବରିଷ୍ଠ ନେତା ଥିଲେ ଆପଣଙ୍କର ଏବଂ ରାଷ୍ଟ୍ରପତି ଥିଲେ। ଏଠାରେ କେବେ ପରିବାରବାଦର କଥା ଆସିଲା ତ ବଡ଼ ଦୁଃଖ ଲାଗିଲା, ରାଗ ମଧ୍ୟ ଆସେ ବହୁତ ସ୍ୱାଭାବିକ ଅଟେ କାରଣ ମୁଁ ଚାହୁଁ

ନାହିଁ କି ଆପଣମାନଙ୍କ ମଧ୍ୟରୁ କାହାର ରାଜନୀତିକୁ କ୍ଷତି ହେଉ । ମୁଁ ଚାହିଁବି ନାହିଁ। କିନ୍ତୁ ଆପଣଙ୍କର ହିଁ ଜଣେ ମହାଶୟ ଯାହାଙ୍କର ଗଣ ମାଧ୍ୟମରେ ରିପୋର୍ଟ କରୁଥିଲେ । ସେ କ'ଣ କହିଲେ । 'ସଲତନତ୍ ଗନ୍ ବଟ ଉଇ ବିହେଭ ଲାଇକ୍ ସୁଲତାନ୍' ଅର୍ଥାତ୍ ରାଜତନ୍ତ୍ର ଚାଲିଯାଇଛି କିନ୍ତୁ ଆମେ ରାଜାଙ୍କ ଭଳି ଆଚରଣ କରୁଛୁ । ମୁଁ ଜୟରାମ ମହାଶୟଙ୍କ ଖୋଲା ଚରିତ୍ର ଖୁଲମଖୁଲା ମନୋଭାବ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ।

ନିମ୍ନ ମଧ୍ୟମ ବର୍ଗ, ମଧ୍ୟମ ବର୍ଗ ଦେଖନ୍ତୁ, ମହଙ୍ଗାର ପ୍ରଭାବ ସବୁଠାରୁ ଅଧିକ ମଧ୍ୟମ ବର୍ଗ ଉପରେ ପଡ଼ିଥାଏ ଆଉ ଆଗରୁ ଦରଦାମ କେଉଁ ପର୍ଯ୍ୟନ୍ତ ପହଂଚିଥିଲା ତାହା ଆଜି ସମସ୍ତେ ଜାଣନ୍ତି । ଆମେ ଚେଷ୍ଟା କରିଛୁ କି ଦରଦାମ ୨ ରୁ ୬ ପ୍ରତିଶତ ଭିତରେ ନିୟନ୍ତ୍ରିତ ରହୁ । ଯଦି ଯେଉଁ ଦ୍ରୁତ ଗତିରେ ଯେଉଁ କ୍ରମରେ ଦରଦାମ ବଢୁଛି ସେହି କ୍ରମରେ ଚାଲି ଥାଆନ୍ତା ତ ନିମ୍ନ ମଧ୍ୟମ ବର୍ଗ, ମଧ୍ୟମ ବର୍ଗଙ୍କର ବଂଚିବା କେତେ କଷ୍ଟକର ହୋଇ ପଡ଼ିଥାଆନ୍ତା ଏହା ଆପଣ କଳ୍ପନା କରି ପାରୁଥିବେ । ଏହି ପଦକ୍ଷେପ ଦ୍ୱାରା ସେମାନଙ୍କୁ ସୁରକ୍ଷିତ କରିବାର କାମ ମଧ୍ୟମ ବର୍ଗୀୟ ପରିବାରଙ୍କ ବଂଚାଇବାର କାମ ଆମେ କରିଛୁ । ଗରିବ ଆଉ ମଧ୍ୟମ ବର୍ଗର ପରିବାର ନିଜର ଘର ତିଆରି କରିବାକୁ ଚାହୁଁଛନ୍ତି ତ ବ୍ୟାଙ୍କର ସୁଧ ଦର କାଟି ସେମାନଙ୍କୁ ରିହାତି ଦେଇ ପ୍ରୋତ୍ସାହିତ କରିବାର କାମ ବଡ଼ ମହତ୍ୱପୂର୍ଣ୍ଣ କାମ ଏହି ସରକାର କରିଛନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ) ସେଥିରେ ନୂତନ ଶ୍ରେଣୀ ଆମେ ପ୍ରସ୍ତୁତ କରିଛୁ । ଆଉ ଘର ତିଆରି କରିବା ପାଇଁ ୯ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ ୪ ପ୍ରତିଶତ ଛାଡ଼ ଦେଇଛୁ ଏହି ମଧ୍ୟମ ବର୍ଗ ଯାହାର ନିଜର ଘର ଥିବ ଏହି ଇଚ୍ଛାକୁ ପୂରଣ କରିବାର କାମ ହୋଇଛି । ଆଉ ୧୨ ଲକ୍ଷ ଟଙ୍କା ମୂଲ୍ୟର ଘର ହୋଇଥିଲେ ସୁଧରେ ୩ ପ୍ରତିଶତ ଛାଡ଼ ଦେବାର କାମ କରିଛୁ । ସେହି ଭଳି ଭାବେ ଗାଁ ଭିତରେ ପୁରୁଣା ଘର ରହିଛି । ଏବେ ପରିବାର ବଡ଼ ହୋଇଛି ତାହାକୁ ଟିକେ ବିସ୍ତାର କରିବାର ଅଛି । ଗୋଟିଏ କୋଠରୀ ତିଆରି କରିବାର ଅଛି, ଦୁଇଟି କୋଠରୀ ତିଆରି କରିବାର ଅଛି ତ ଦୁଇ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ ଆମେ ୩ ପ୍ରତିଶତ ଛାଡ଼ ଦେଇଛୁ । ଏ ସମସ୍ତ ଜିନିଷ ହେଉଛି ନିମ୍ନ ମଧ୍ୟମ ବର୍ଗ, ମଧ୍ୟମ ବର୍ଗର ଆକାଂକ୍ଷାକୁ ପୂରଣ କରିବା ପାଇଁ କାମରେ ଆସୁଥିବା ବିଷୟ ।

ସେହି ଭଳି ଭାବେ Real Estate Regulatory Authority - (ରେରା) ଆଜି ସିଏ ଯେଉଁ ମଧ୍ୟମ ବର୍ଗର ମଣିଷ ଗୃହ ପ୍ରସ୍ତୁତ କରିବା ପାଇଁ ଯେଭଳି ଚିନ୍ତିତ ରହୁଥିଲା, ଏକ ପ୍ରକାରରେ ସୁରକ୍ଷା ପ୍ରଦାନ କରାଯାଇଛି । ଆମେ ସେଥିରେ କେତେ ନିୟମ କଲୁ ଯାହାର ଲାଭ ଆମେ ସାଧାରଣ ମଣିଷଙ୍କୁ ଆମେ କ୍ରେତା ସୁରକ୍ଷା ଆଇନ ଏବଂ ସେଥିରେ କ୍ରେତା ସଶକ୍ତିକରଣ ଉପରେ ମଧ୍ୟ ଯୋର ଦିଆଯାଇଛି ।

ଲୋକଙ୍କୁ ଶସ୍ତାରେ ଔଷଧ ମିଳୁ, ଭାରତୀୟ ଜନଔଷଧୀ ଏବଂ ୮୦୦ ରୁ ଅଧିକ ଔଷଧ ବହୁତ ଶସ୍ତାରେ ଦେଇଛୁ ଆଉ ଆପଣମାନେ ଦେଖିଥିବେ, ଯେଉଁ ଲୋକମାନେ ସେହି ଔଷଧ ଦ୍ୱାରା ସେମାନଙ୍କର ଅନୁଭବ କରୁଛନ୍ତି ସେମାନଙ୍କୁ ଲାଗୁଛି କି ତାଙ୍କର ୬୦-୭୦ ପ୍ରତିଶତ ଖର୍ଚ୍ଚ କମ ହୋଇଛି। ଆଣ୍ଠୁ ପ୍ରତିରୋପଣ ନୂତନ ଅସ୍ତ୍ରୋପଚାର କରିବାର ଅଛି ଖର୍ଚ୍ଚ କମ କଲୁ । ଷ୍ଟେଣ୍ଟର ଖର୍ଚ୍ଚ କମ କଲୁ । ଡାଏଲିସିସ.. ଆମ ଦେଶରେ ଏହି ଦିନ ମାନଙ୍କରେ କିଡନୀର ସମସ୍ୟା ଏତେ ଅଧିକ ହୋଇଛି । କିନ୍ତୁ ଆମର ଏଠି ଦୈନନ୍ଦିନ ବ୍ୟବସ୍ଥାରେ ଡାଏଲିସିସ ପାଇଁ ହୁଏତ ଜିଲ୍ଲା ମୁଖ୍ୟାଳୟକୁ ଯିବାକୁ ପଡ଼ିଥାଏ ନ ହେଲେ ବଡ଼ ବଡ଼ ସହର ମାନଙ୍କୁ ଯିବାକୁ ପଡ଼ିଥାଏ । ଆମେ ଏକ ମିଶନ ମୋଡ଼ରେ କାମ କରିଛୁ । ପାଖାପାଖି ୫୦୦ରୁ ଅଧିକ ଜିଲ୍ଲାରେ ବହୁତ ନାମକୁ ମାତ୍ର ବ୍ୟୟରେ ଏହି ଡାଏଲିସିସର ଆନ୍ଦୋଳନ ଚାଲୁଛି ଏ ପର୍ଯ୍ୟନ୍ତ ସେଠାରେ ପହଂଚିଛୁ ଆଉ ଏ ପର୍ଯ୍ୟନ୍ତ ମୋ ଜାଣିବାରେ ପାଖାପାଖି ୨୨ ଲକ୍ଷରୁ ଅଧିକ ଡାଏଲିସିସର ଚିକିତ୍ସା ହୋଇଛି । ଏ ସମସ୍ତ ହେଉଛି ମାନବତା ଦୃଷ୍ଟିକୋଣରେ କରୁଥିବା ଭଳି ଜିନିଷ । ଯାହାକୁ ଆମେ ଶକ୍ତି ପ୍ରଦାନ କରିଛୁ। ଏଲଇଡ଼ି ବଲବ୍ କାରଣରୁ କ'ଣ ଲାଭ ହୋଇଛି ତାହା ଆପଣ ଭଲ ଭାବରେ ଜାଣୁଛନ୍ତି। ହଜାର-ହଜାର କୋଟି-କୋଟି ଟଙ୍କା ମଧ୍ୟମ ବର୍ଗର ପକେଟର ବଂଚି ଯାଉଛି । ପାଖାପାଖି ୧୫-୧୫ହଜାର କୋଟି ଟଙ୍କା ବଢୁଛି ।

ଗୋଟିଏ ବିଷୟ ରାଷ୍ଟ୍ରପତି ମହୋଦୟ ନିଜ ଭାଷଣରେ କହିଛନ୍ତି । ଆଉ ମୋର ସେହି ବିଷୟରେ ଏହା ହେଉଛି ମତ ଯେ କୌଣସି ସରକାରଙ୍କର କାମ ନୁହେଁ । ଆଉ ନା ଏହା କୌଣସି ଦଳର କାମ । ଦେଶର ଚିନ୍ତା ଯେଉଁମାନଙ୍କୁ ଅଛି ଏଭଳି ସବୁ ଲୋକମାନଙ୍କର ଏହା ହେଉଛି କାମ। ଆଉ ଏହି ସଦନରେ ବସିଥିବା ପ୍ରତ୍ୟେକଙ୍କର କାମ।

ଆଉ ସମସ୍ତଙ୍କର ବରାବର କାମ ରହିଛି । ଅନ୍ୟ ବିଷୟ ରାଷ୍ଟ୍ରପତି ମହୋଦୟ ସ୍ପଷ୍ଟ କରିଛନ୍ତି । ଆଗରୁ ପ୍ରଣବ ଦା ଯେବେ ରାଷ୍ଟ୍ରପତି ଥିଲେ ସେତେବେଳେ ସେ ମଧ୍ୟ ଉଲ୍ଲେଖ କରିଥିଲେ । ଏବେ ଆଗରୁ ମଧ୍ୟ କେତେ ଲୋକ ଏହି ବିଷୟରେ ନିଜର ମତ ରଖିଛନ୍ତି ଆଉ ତାହା ହେଉଛି ଲୋକସଭା ଆଉ ବିଧାନ ସଭାର ନିର୍ବାଚନ ଏକା ସାଙ୍ଗରେ କରାଇବା। ଏହା ଠିକ ଅଛି କି ରାଜ୍ୟସଭାକୁ ଯେଉଁମାନେ ଆସନ୍ତି ସେମାନଙ୍କୁ ଏ ନିର୍ବାଚନର ଧାଁଧପଡ଼ କ'ଣ ହୋଇଥାଏ, ଯେଉଁମାନେ ଲୋକସଭା ଆଉ ରାଜ୍ୟସଭା ଦୁଇଟି ଯାକ କରି ଆସିଛନ୍ତି ସେମାନଙ୍କୁ ଜଣାଅଛି । କିଛି ଲୋକ ହାରିଯିବା ପରେ ମଧ୍ୟ ରାଜ୍ୟସଭା ପହଂଚନ୍ତି ସେମାନଙ୍କୁ ମଧ୍ୟ ଅନୁଭବ ଥିବ କି କ'ଣ ସବୁ କଷ୍ଟ ରହିଛି । କିନ୍ତୁ କେବେ ଚିନ୍ତା କରିବାକୁ ହେବ ଏକ ସୁସ୍ଥ ପରମ୍ପରା କାରଣ ଭାରତର ଲୋକତନ୍ତ୍ର ଖୁବ ଅଭିଜ୍ଞ ହୋଇଛି । ଆମେ ସମସ୍ତେ ସାହାସ କରି ସୁସ୍ଥ ପରମ୍ପରା ଦିଗରେ ଆମେ ଯାଇ ପାରିବା କି ? ଆଉ ମୁଁ ଚାହୁଁଛି କି ୧୯୬୭ ପର୍ଯ୍ୟନ୍ତ ଏହା ଚାଲିଛି । ଲୋକସଭା, ବିଧାନସଭା ଏକା ସାଙ୍ଗରେ ହେଲା ପାଖାପାଖି ୧୯୬୭ ପର୍ଯ୍ୟନ୍ତ ଏହା ଚାଲିଲା । ସେଥିରେ ଗୋଟିଏ ଅଧେ ଅପବାଦ ରହି ପାରିଥାଏ କିନ୍ତୁ ଚାଲିଛି । ଆଉ ସେ ସମୟରେ ଏହା କାହାକୁ କଷ୍ଟକର ଲାଗି ନଥିଲା । କିନ୍ତୁ ପରେ କୌଣସି ନା କୌଣସି ରାଜନୈତିକ କାରଣରୁ ଅସନ୍ତୁଳନ ସୃଷ୍ଟି ହେଲା ଆଉ ଆଜି ଆମେ ଦେଖୁଛେ ଗୋଟିଏ ନିର୍ବାଚନ ଆସିଲା ପୂରା ହେଲା ତ ଦ୍ୱିତୀୟଟି ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଉଛି ଦ୍ୱିତୀୟଟି ପୂରା ହେଉଣୁ ତୃତୀୟ । ଆଉ ତାହାର ଚାପ କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ସରକାରଙ୍କ ଉପରେ ରହୁଛି । ସଙ୍ଘୀୟ ଭିତ୍ତିର ଗୋଟିଏ ସୁଖଦ ପରିବେଶ ରହିବା ଦରକାର । ନିର୍ବାଚନର ଚାରି ଛଅ ମାସ ଆମେ ବୁଝି ପାରୁଛୁ ତୁ-ତୁ ମେ-ମେ ରେ ଚାଲିଯାଏ। କିନ୍ତୁ ଚାରି-ସାଢ଼େ ଚାରି ବର୍ଷ ତ ଅତି କମରେ ଆମେ ମିଳିମିଶି ବସି ଦେଶ ପାଇଁ କାମ କରି ପାରିବା। ଆମର ସଂପୂର୍ଣ୍ଣ ଶକ୍ତି କାମରେ ଲାଗୁ । ସେହି ଦିଗରେ ଆମକୁ କାମ କରିବାକୁ ହେବ। ଆଉ ମୁଁ ଚାହୁଁଛି କି ସେହି ଦିଗରେ ଏକ ବ୍ୟାପକ ଚର୍ଚ୍ଚା ହେଉ । ଆଉ ଆପଣ ଦେଖିବେ ଏବେ ଯେତେବେଳେ ଲୋକସଭାର ନିର୍ବାଚନ ହେବ ତ ଚାରୋଟି ରାଜ୍ୟ ତା' ସହିତ ରହିଛି। ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ଅରୁଣାଚଳ ପ୍ରଦେଶ ଏବଂ ଓଡ଼ିଶା। କଷ୍ଟ ହେଉଛି କ'ଣ ତାହା ଆମେ ଭଲ ଭାବରେ ଜାଣୁ । ୨୦୦୯ ରେ

ପାଖାପାଖି ଏକ ହଜାର କୋଟି ଟଙ୍କା ଖର୍ଚ୍ଚ ହେଲା ଲୋକସଭାର ନିର୍ବାଚନ ପାଇଁ । ୨୦୧୪ ରେ ଏହା ପାଖାପାଖି ୪ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ପହଂଚିଗଲା । ଏକ ହଜାରରୁ ଚାରି ହଜାର । ଏତିକି ହିଁ ନୁହେଁ ୨୦୧୪ ପରେ ଯେଉଁ ବିଧାନସଭାର ନିର୍ବାଚନ ହୋଇଛି ସେଥିରେ ଏ ପର୍ଯ୍ୟନ୍ତ ପାଖାପାଖି ୩ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ଏବେ ଏହା ଆମେ କଳ୍ପନା କରି ପାରିବା । ଭାରତ ଭଳି ଦେଶ ଯେଉଁଠାରେ ଗରିବଙ୍କ ପାଖରେ ବହୁତ କିଛି ପହଂଚାଇବା ହେଉଛି ଆମର ଦାୟିତ୍ୱ । ଆଉ ଆମେ ନିର୍ବାଚନ ଭିତରେ ଆମର ଏଠି ଏକ କୋଟିରୁ ଅଧିକ ଲୋକ ୯ ଲକ୍ଷ ୩୦ ହଜାର ପୋଲିଂ ଷ୍ଟେସନରେ ତାଙ୍କର ଡ୍ୟୁଟି ପଡ଼ିଥାଏ । ବହୁତ ମାତ୍ରାରେ ସୁରକ୍ଷା ଫୋର୍ସ ନିର୍ବାଚନ ପ୍ରବନ୍ଧନରେ ଲାଗି ଥାଆନ୍ତି । ସୁରକ୍ଷା କ୍ଷେତ୍ରରେ ନୂଆ-ନୂଆ ଆହ୍ୱାନ ବାହାରି ଆସିଥାଏ । ଆଉ ଆମର ଫୋର୍ସ କେବଳ ସେହି କାମରେ ଲାଗି ରହିଥାଏ । ଏହା ହେଉଛି .... ପରର ବିଷୟ । ଦେଶ ହିତ ବିଷୟରେ ହୋଇ ପାରେ ଏଥିରେ କିଛି ମତଭେଦ ମଧ୍ୟ ଥାଇ ପାରେ କିନ୍ତୁ ତର୍କର, ଚର୍ଚ୍ଚା ତୁ-ତୁ ମେ-ମେ ରୁ ନ ହେଉ । ଏକ ପ୍ରାମାଣିକ ପବିତ୍ରତା ସହିତ ଆମେ ଯୁକ୍ତି କରିବା । ମିଳିମିଶି କୌଣସି ରାସ୍ତା ବାହାର କରିବା । ଆଉ ମୋତେ ଲାଗୁଛି ଆମେ ଏହାକୁ ଆଗକୁ ବାଇବାରେ ସଫଳ ହୋଇ ପାରିବା । ଆମେ ଏଭଳି ବହୁତ ନିର୍ଣ୍ଣୟ କରିଛୁ ଯାହା ବହୁ ଦୁନିଆର ଦେଶଙ୍କୁ ଅଦ୍ଭୁତ ଲାଗି ପାରେ । ଏତେଗୁଡ଼ିଏ ଦଳ ଆଉ ଏଭଳି ନିର୍ଣ୍ଣୟ ହୋଇପାରେ । ମାତ୍ର ଏହି ସଦନରେ ବସିଥିବା ଲୋକମାନେ ଅତୀତରେ କରିଛନ୍ତି । ଶ୍ରେଷ୍ଠ ନିର୍ଣ୍ଣୟ କରିଛନ୍ତି । ଆଗାମୀ ପିଢ଼ିଙ୍କୁ ଲାଭ ହେଲା ଭଳି ନିର୍ଣ୍ଣୟ କରିଛନ୍ତି । ମୁଁ ବୁଝୁଛି କି ପୁଣି ଥରେ ଦୁଇ ସଦନରେ ବସିଥିବା ସମସ୍ତ ମହାନୁଭବଙ୍କ ସାମ୍ନାରେ ଗୋଟିଏ ବଡ଼ ସୌଭାଗ୍ୟ ପ୍ରାପ୍ତ ହୋଇଛି କି ଆମେ ଏହାକୁ କରୁ ।

ମାନ୍ୟବର ସଭାପତି ମହୋଦୟ, ବହୁ ବିଷୟ ଉପରେ ସମସ୍ତ ମହାନୁଭବ ମାନେ କେତେ କଥା କହିଛନ୍ତି । ରାଷ୍ଟ୍ରପତି ମହାଶୟଙ୍କ ଭାଷଣ ନିଜକୁ ନିଜ ମଧ୍ୟରେ ହେଉଛି ଏକ ପୂର୍ଣ୍ଣ ଅଭିଭାଷଣ । ଦିଗ କ'ଣ ଅଛି, ଗତି କ'ଣ ଅଛି, ଉଦ୍ଦେଶ୍ୟ କ'ଣ ଅଛି, ଆଉ ସାଧାରଣ ମଣିଷଙ୍କ ହିତ ଦିଗରେ ଆମେ କିପରି ଆଗକୁ ବଢୁଛୁ ତାହାର ଗୋଟିଏ ଯେତିକି ସମୟ ସୀମା ରହିଥାଏ ତାହାର ଖାତା ରଖି ପାରିବା। ତାହାକୁ ରଖିବାର ପ୍ରୟାସ ସେ

କରିଛନ୍ତି । ଆମେ ସର୍ବସମ୍ମତିରେ ଆଦରଣୀୟ ରାଷ୍ଟ୍ରପତି ମହାଶୟଙ୍କ ଅଭିଭାଷଣକୁ ସ୍ୱୀକୃତି ଦେବା। ଆଉ ଧନ୍ୟବାଦ ପ୍ରସ୍ତାବ ପାରିତ କରିବା । ଏହି ଏକ ଆଶା ଓ ଅପେକ୍ଷା ସହିତ ମୋର ସମର୍ଥନ ଦେଇ ମୁଁ ମୋର ବାଣୀକୁ ବିରାମ ଦେଉଛି ।

ବହୁତ-ବହୁତ ଧନ୍ୟବାଦ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଲୋକସଭାରେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

7th February 2018

# ୦୭.୦୨.୨୦୧୮ ଲୋକସଭା

## ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ଆଦରଣୀୟ ଅଧ୍ୟକ୍ଷା ମହୋଦୟା, ମାନନୀୟ ରାଷ୍ଟ୍ରପତି ମହାଶୟଙ୍କ ଅଭିଭାଷଣ ଉପରେ ତାଙ୍କୁ ଧନ୍ୟବାଦ ବା କୃତଜ୍ଞତା ଜଣାଇବା ପାଇଁ ମୁଁ ସଦନରେ ଆପଣମାନଙ୍କ ଗହଣରେ ଧନ୍ୟବାଦ ପ୍ରସ୍ତାବକୁ ସମର୍ଥନ କରି କିଛି କଥା ନିଶ୍ଚୟ କହିବାକୁ ଚାହିଁବି । କାଲି ସଦନରେ ମାନନୀୟ ରାଷ୍ଟ୍ରପତି ମହାଶୟଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ କେତେକ ମାନ୍ୟବର ସଦସ୍ୟ ନିଜର ମତବ୍ୟକ୍ତ କଲେ । ଶ୍ରୀମାନ ମଲ୍ଲିକାର୍ଜୁନ ମହାଶୟ ଶ୍ରୀମାନ ମହମ୍ମଦ ସଲିମ ମହାଶୟ, ଶ୍ରୀମାନ ବିନୋଦ କୁମାର ମହାଶୟ, ଶ୍ରୀମାନ ନରସିଂହ ଘୋଟା ମହାଶୟ,ଶ୍ରୀ ତାରିକ୍ ଅନଓ୍ୱର ମହାଶୟ, ଶ୍ରୀ ପ୍ରେମସିଂହ ମହାଶୟ, ଶ୍ରୀ ରାଜା ମହାଶୟ, ଜୟପ୍ରକାଶ ନାରାୟଣ ଯାଦବ ମହାଶୟ, କଲ୍ୟାଣ ବାନାର୍ଜୀ, ଶ୍ରୀ ପି.ବେଣୁଗୋପାଳ, ଆନନ୍ଦରାଓ ଅଡସୁଲ ମହାଶୟ, ଆର୍.କେ.ଭାରତୀ ମୋହନ ମହାଶୟ, ପାଖାପାଖି ୩୪ଜଣ ମାନ୍ୟବର ସଦସ୍ୟ ନିଜର ବିଚାର ବ୍ୟକ୍ତ କଲେ । ବିସ୍ତାରିତ ଭାବେ ଚର୍ଚ୍ଚା ହେଲା । ସେହି ସପକ୍ଷରେ କହିଲେ, କେହି ବିପକ୍ଷରେ କହିଲେ । କିନ୍ତୁ ଏହି ସଫଳ ଚର୍ଚ୍ଚା ଏହି ସଦନରେ ହେଲା ଆଉ ରାଷ୍ଟ୍ରପତିଙ୍କର ଭାଷଣ କୌଣସି ଦଳର ହୋଇ ନଥାଏ । ଦେଶର ଆଶା-ଆକାଂକ୍ଷାଗୁଡ଼ିକର ଅଭିବ୍ୟକ୍ତିର ଆଉ ସେହି ଦିଗରେ ହେଉଥିବା କାର୍ଯ୍ୟର ଗୋଟିଏ ଆଲେଖ ହୋଇଥାଏ। ଆଉ ସେହି ଦୃଷ୍ଟିରୁ ରାଷ୍ଟ୍ରପତିଙ୍କର ଭାଷଣର ସମ୍ମାନ ହେବା ଦରକାର । ଏହା କେବଳ ବିରୋଧ କରିବା ପାଇଁ ବିରୋଧ କରିବା ଏହା କେତେ ଦୂର ଉଚିତ ତାହା ବିଚାର୍ଯ୍ୟ।

ସଭାପତି ମହୋଦୟା, ଆମ ଦେଶରେ ରାଜ୍ୟଗୁଡ଼ିକର ସଂରଚନା ଆଦରଣୀୟ ଅଟଳ ବିହାରୀ ବାଜପେୟୀ ମହାମୟ ମଧ୍ୟ କରିଥିଲେ । ତିନୋଟି ନୂତନ ରାଜ୍ୟ ଗଠନ ହୋଇଥିଲା ଆଉ ସେହି ତିନୋଟି ରାଜ୍ୟର ଗଠନରେ ହୁଏତ ଉତ୍ତରପ୍ରଦେଶରୁ ଉତ୍ତରାଖଣ୍ଡ ଗଠନ ହୋଇଥାଉ, ମଧ୍ୟପ୍ରଦେଶରୁ ଛତିଶଗଡ଼ ଗଠନ ହୋଇଥାଉ, ବିହାରରୁ ଝାଡ଼ଖଣ୍ଡ ଗଠନ ହୋଇଥାଉ, କିନ୍ତୁ ସେହି ସରକାରଙ୍କର ଦୂରଦୃଷ୍ଟି ରହିଥିଲା କି କୌଣସି ମଧ୍ୟ ସମସ୍ୟା

ନ ହୋଇ ତିନିଗୋଟି ରାଜ୍ୟ ଅଲଗା ହେବା ମାତ୍ରେ ଯଦି ଯାହା କିଛି ମଧ୍ୟ ଭାଗବଣ୍ଟା କରିବାକୁ ଥିଲା ତ ବଣ୍ଟାହେଲା, ଅଫିସରମାନଙ୍କୁ ବଦଳି କରିବାର ଥିଲା ତ ଅଫିସରମାନଙ୍କର ବଦଳି - ସମସ୍ତ ଜିନିଷଗୁଡିକ ସହଜ ଭାବରେ ହେଲା । ନେତୃତ୍ୱ ଯଦି ଦୂରଦ୍ରଷ୍ଟା ହୋଇଥିବେ, ରାଜନୈତିକ ସ୍ୱାର୍ଥରଖି ତରବରିଆ ଭାବେ ଯଦି ନିଷ୍ପତ୍ତି ନିଆ ଯାଇନଥିବ, ତ ସେହି ନିଷ୍ପତ୍ତିଗୁଡିକ କେତେ ସ୍ୱସ୍ଥ ନିର୍ଣ୍ଣୟ ହୋଇଥାଏ । ତାହାର ଉଦାହରଣ ଅଟଳ ବିହାରୀ ବାଜପେୟୀ ମହାଶୟ ଯେଉଁ ତିନୋଟି ରାଜ୍ୟ ଗଠନ କରିଥିଲେ, ଆଜି ଦେଶ ତାହା ଅନୁଭବ କରୁଛି । ଆପଣଙ୍କ ଚରିତ୍ରରେ ଅଛି ଯେତେବେଳେ ଆପଣ ଭାରତର ବିଭାଜନ କରିଥିଲେ, ଦେଶ ଖଣ୍ଡ ଖଣ୍ଡ କରିଥିଲେ ଆଉ ଯେଉଁ ବିଷ ବୁଣିଥିଲେ । ଆଜି ସ୍ୱାଧୀନତାର ୭୦ ବର୍ଷ ପରେ ଗୋଟିଏ ଦିନ ମଧ ଏମିତି ଯାଉ ନାହିଁ କି ଆପଣଙ୍କର ସେହି ପାପର ଦଣ୍ଡ ଶହେ ପଚିଶ କୋଟି ହିନ୍ଦୁସ୍ଥାନୀ ଭୋଗୁଛନ୍ତି ।

ନିଜ ଦେଶକୁ ଖଣ୍ଡ ଖଣ୍ଡ କରିଥିଲେ ତାହା ମଧ ସେହି ଭାବରେ କଲେ । ଆପଣ ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ ସଂସଦର ଦ୍ୱାର ବନ୍ଦ କରି ସଦନ ବସି ନଥିଲା, ତେବେ ମଧ ଆନ୍ଧ୍ରର ଲୋକଙ୍କର ଭାବନାକୁ ଆଦର ନକରି ତେଲଙ୍ଗାନା ଗଠନ କରିବା ସପକ୍ଷରେ ଆମେ ମଧ ଥିଲୁ। ତେଲେଙ୍ଗାନା ଆଗକୁ ବଢୁ ଏହା ସପକ୍ଷରେ ଆମେ ଆଜି ମଧ ଅଛୁ । କିନ୍ତୁ ଆନ୍ଧ୍ର ସହିତ ସେହିଦିନ ଆପଣ ଯେଉଁ ବୀଜ ବପନ କରିଥିଲେ, ଆପଣ ଯାହା କିଛି ନିର୍ବାଚନକୁ ଆଖି ଆଗରେ ରଖି ତରବରିଆ ଭାବେ କଲେ । ଏହା ହେଉଛି ତାହାର ପରିଣାମ କି ଆଜି ଚାରି ବର୍ଷ ପରେ ମଧ ସମସ୍ୟା କୁହୁଳୁଛି ଆଉ ଏଥିପାଇଁ ଆପଣଙ୍କୁ ଏପ୍ରକାରର ଜିନିଷ ଶୋଭା ଦେଉ ନାହିଁ।

ସଭାପତି ମହୋଦୟା, କାଲି ମୁଁ କଂଗ୍ରେସ ଦଳର ନେତା ଶ୍ରୀମାନ ଖଡ୍‌ଗେ ମହାଶୟଙ୍କର ଭାଷଣ ଶୁଣୁଥିଲି । ମୁଁ ଏହା ବୁଝିପାରୁ ନଥିଲି କି ସେ ଟ୍ରେଜେରୀ ବେଞ୍ଚକୁ ସମ୍ବୋଧିତ କରୁଥିଲେ, କର୍ଣ୍ଣାଟକର ଲୋକମାନଙ୍କୁ ସମ୍ବୋଧିତ କରୁଥିଲେ କି ନିଜର ହିଁ ଦଳର ନୀତି ନିର୍ଦ୍ଧାରକଙ୍କୁ ଖୁସି କରିବାର ପ୍ରୟାସ କରୁଥିଲେ । ଆଉ ଯେତେବେଳେ ସେ କାଲି ବଶୀର ବଦ୍ରଙ୍କ ସାୟରୀରୁ ଆରମ୍ଭ କଲେ । ଖଡ୍‌ଗେ ମହାଶୟ ବଶୀର ବଦ୍ରଙ୍କ

ଶାୟରୀ ଶୁଣାଇଲେ। ଆଉ ମୁଁ ଆଶା କରୁଛି କି ସେ ଯେଉଁ ସାୟରୀ ଶୁଣାଇଛନ୍ତି, ତାହା କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ମହୋଦୟ ନିଶ୍ଚିତ ଭାବେ ଶୁଣିଥିବେ ।

କାଲି ସେ ସାୟରୀରେ କହିଲେ କି–

'ଦୁଶମନି ଜମକର କରୋ, ଲେକିନ୍ ୟହ ଗୁଞ୍ଜାଇସ୍ ରହେ

ଯବ କଭି ହମ୍ ଦୋସ୍ତ ହୋ ଯାଏଁ, ତୋ ଶର୍ମିନ୍ଦା ନ ହୋ'

ମୁଁ ନିଶ୍ଚିତ ଭାବେ ମାନୁଛି କି କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ମହୋଦୟ ଆପଣଙ୍କର ଏହି ଗୁହାରୀ ଶୁଣି ନେଇଥିବେ, କିନ୍ତୁ ଶ୍ରୀମାନ୍ ଖଡ୍‌ଗେ ମହାଶୟ ଆପଣ ଯେଉଁ ବଶୀର ବଦ୍ରଙ୍କ ସାୟରୀ କଥା କହିଲେ, ଭଲ ହୋଇଥାନ୍ତା ସେହି ସାୟରୀରେ ଯେଉଁ ଶବ୍ଦ ଆପଣ କହୁଥିଲେ ତାହାର ବିଲ୍‌କୁଲ୍ ପ୍ରଥମ ଧାଡ଼ିର ଲାଇନକୁ ଯଦି ଆପଣ ମନେ ରଖି ଦେଇଥାନ୍ତେ ତ ବୋଧହୁଏ ଏହି ଦେଶକୁ ଏହା ନିଶ୍ଚିନ୍ତ ଭାବେ ଜଣାପଡ଼ିଥାନ୍ତା କି ଆପଣ କେଉଁ ଠାରେ ଠିଆ ହୋଇଛନ୍ତି। ସେହି ସାୟରୀରେ ବଶୀର ବଦ୍ର ମହାଶୟ ଆଗକୁ କହିଛନ୍ତି–

'....ଜୀ ଚାହାତା ହୈ ସଚ ବୋଲେ, ଜୀ ବହୁତ ଚାହାତା ହୈ ସଚ ବୋଲେ,

କ୍ୟାୟ କରେ ହୋସଁଲା ନେହିଁ ହୋତା।'

ମୁଁ ଜାଣେ ନାହିଁ କି କର୍ଣ୍ଣାଟକ ନିର୍ବାଚନ ପରେ ଖଡ୍‌ଗେ ମହାଶୟ ସେହି ସଠିକ୍ ଜାଗାରେ ଥିବେ କି ନଥିବେ, ଆଉ ଏଥିପାଇଁ ଗୋଟିଏ ପ୍ରକାରରେ ଏହା ତାଙ୍କର ବିଦାୟକାଳୀନ ଭାଷଣ ମଧ୍ୟ ହୋଇପାରେ। ଆଉ ଏଥିପାଇଁ ସାଧାରଣ ଭାବେ ସଦନର କୌଣସି ସଦସ୍ୟ ଯଦି ପ୍ରଥମଥର ପାଇଁ ତ ସମସ୍ତେ ସମ୍ମାନର ସହିତ ଆଉ ସେହିଭଳି ଭାବେ ଯେଉଁ ବିଦାୟକାଳୀନ ଭାଷଣ ହୋଇଥାଏ ତାହାକୁ ମଧ୍ୟ ପାଖାପାଖି ସମ୍ମାନର ଭାବନା ସହିତ ଦେଖାଯାଇଥାଏ। କାଲି କିଛି ମାନନୀୟ ସଦସ୍ୟ ସଂଯମ ରକ୍ଷା କରିଥାନ୍ତେ ଆଉ ଆଦରଣୀୟ ଖଡ୍‌ଗେ ମହାଶୟଙ୍କର କଥାକୁ ସେହି ସମ୍ମାନର ସହିତ ଶୁଣିଥାନ୍ତେ, ତ ଭଲ

ହୋଇଥାନ୍ତା। ଲୋକତନ୍ତ୍ର ପାଇଁ ଏହା ବହୁତ ଆବଶ୍ୟକ। ବିରୋଧ କରିବାର ଅଧିକାର ଅଛି, କିନ୍ତୁ ସଦନକୁ ବିଶ୍ୱାସକୁ ନେବାର ଅଧିକାର ନାହିଁ ।

**ଅଧ୍ୟକ୍ଷା ମହୋଦୟା,**

କାଲି ମୁଁ ଦେଖୁଛି କି ଯେତେବେଳେ ମଧ୍ୟ ଆମ ବିରୁଦ୍ଧରେ କିଛି ଲୋକ ଆମର କୌଣସି କଥା ସମାଲୋଚନା କରିବାକୁ ଯାଆନ୍ତି, ତ ତଥ୍ୟ ତ କମ୍ ରହିଥାଏ । କିନ୍ତୁ ଆମ ସମୟରେ ଏପରି ଥିଲା, ଆମ ସମୟରେ ଏପରି କରିଥିଲୁ, ଆମେ ଏହା କରୁଥିଲୁ, ଅଧିକାଂଶ ସମୟ ସେହି କ୍ୟାସେଟ୍‌କୁ ବଜାନ୍ତି । କିନ୍ତୁ ଏହା ଭୁଲନ୍ତୁ ନାହିଁ କି ଭାରତ ସ୍ୱାଧୀନ ହେଲା, ତାପରେ ମଧ୍ୟ ଯେଉଁ ଦେଶମାନେ ସ୍ୱାଧୀନ ହେଲେ ସେମାନେ ମଧ୍ୟ ଆମଠାରୁ ଦ୍ରୁତଗତିରେ ଖୁବ୍ ଆଗକୁ ବଢ଼ି ଗଲେଣି । ଆମେ ବଢ଼ିପାରି ନାହୁଁ ଏହାକୁ ମାନିବାକୁ ପଡ଼ିବ ଆଉ ମୋର ମାଆ ଭାରତୀକୁ ଆମେ ଖଣ୍ଡ-ଖଣ୍ଡ କରିଦେଲୁ ତା'ପରେ ମଧ୍ୟ ଏ ଦେଶ ଆପଣଙ୍କ ସାଥୀରେ ରହିଥିଲା । ଆପଣ ସେହି ସମୟରେ ଦେଶ ଉପରେ ରାଜୁତି କରୁଥିଲେ । ପ୍ରାରମ୍ଭିକ ତିନି ଚାରି ଦଶକ ଧରି ବିରୋଧୀ ଦଳ ଏକ ନାମମାତ୍ର ବିରୋଧୀ ଦଳ ଥିଲା । ସେହି ସମୟ ଥିଲା, ଯେତେବେଳେ ଗଣମାଧ୍ୟମର ପରିବ୍ୟାପ୍ତି ମଧ୍ୟ ଖୁବ କମ୍ ଥିଲା ଆଉ ଯାହା ଥିଲା ତାହା ମଧ୍ୟ ଅଧିକାଂଶ ଭାବ ଦେଶର ଭଲ ହେବ ଏହି ଆଶା ନେଇ ଶାସନ ଦଳ ସହିତ ଚାଲୁଥିଲେ । ରେଡ଼ିଓ ସଂପୂର୍ଣ୍ଣ ଭାବେ ଆପଣଙ୍କର ହିଁ ଗୀତ ଗାଉଥିଲା ଆଉ କୌଣସି ସ୍ୱର ସେଠାରେ ଶୁଣାଯାଇ ନଥିଲା । ଆଉ ପରେ ଯେତେବେଳେ ଟେଲିଭିଜନ ଆସିଲା ତ ସେହି ଟିଭି ମଧ୍ୟ ସଂପୂର୍ଣ୍ଣ ରୂପେ ଆପଣଙ୍କ ପାଇଁ ସମର୍ପିତ ଥିଲା । ସେ ସମୟରେ ନ୍ୟାୟପାଳିକାରେ ମଧ୍ୟ ଜୁଡ଼ିସିଆରୀର ସର୍ବୋଚ୍ଚ ପଦରେ ମଧ୍ୟ ନିଯୁକ୍ତି କଂଗ୍ରେସ ପାର୍ଟି କରୁଥିଲା । ପାର୍ଟି ଦ୍ୱାରା ସ୍ଥିରୀକୃତ ହେଇଥିଲା ଅର୍ଥାତ୍ ଏତେ ଭୋଗବିଳାସ ଆପଣଙ୍କ ପାଇଁ। ସେ ସମୟରେ ଅଦାଲତରେ ନା କୌଣସି ପିଆଇଏଲ ହେଉଥିଲା ନା କୌଣସି ଏନ୍‌ଜିଓ ଏଭଳି ହାଉଯାଉ ହେଉଥିଲା । ଆପଣ ଯେଉଁ ବିଚାରଧାରାରେ ଲାଳିତ ପାଳିତ ହୋଇଛନ୍ତି, ସେମିତି ହିଁ ପରିବେଶ ସେ ସମୟରେ ଦେଶରେ ଆପଣଙ୍କୁ ଉପଲବ୍ଧ ଥିଲା । ବିରୋଧର ଚିହ୍ନବର୍ଣ୍ଣ ନ ଥିଲା । ପଞ୍ଚାୟତରୁ ନେଇ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଆପଣଙ୍କର ହିଁ ପତାକା ଉଡୁଥିଲା, କିନ୍ତୁ ଆପଣ ସଂପୂର୍ଣ୍ଣ ସମୟ ଗୋଟିଏ ପରିବାରର ଗୁଣଗାନରେ

ଲଗାଇ ଦେଲେ। ଦେଶର ଇତିହାସକୁ ଭୁଲାଇ ଦେଇ ଗୋଟିଏ ହିଁ ପରିବାରକୁ ଦେଶ ମନେରଖି, ସମସ୍ତ ଶକ୍ତି ସେଥିରେ ଲଗାଇ ଦେଲେ । ସେ ସମୟରେ ଦେଶର ଉତ୍ସାହ ସ୍ୱାଧୀନତାର ପରବର୍ତ୍ତୀ ଦିନର ଥିଲା। ଦେଶକୁ ଆଗକୁ ନେଇ ଯିବାର ଉତ୍ସାହ ଥିଲା, ଆପଣ କିଛି ଦାୟିତ୍ୱର ସହିତ କାମ କରି ଥାଆନ୍ତେ, ତ ଦେଶର ଜନତା ନିକଟରେ ସାମର୍ଥ୍ୟ ଥିଲା ଦେଶକୁ କେଉଁଠାରୁ କେଉଁଠାକୁ ନେଇ ପହଞ୍ଚାଇ ଦେଇ ଥାଆନ୍ତା । କିନ୍ତୁ ଆପଣ ନିଜର ହିଁ ବାଜା ବଜାଇ ଚାଲିଲେ । ଆଉ ଏହା ମାନିବାକୁ ପଡ଼ିବ କି ଯଦି ଆପଣ ସଠିକ ଦିଗ ରଖିଥାଆନ୍ତେ, ସଠିକ ନୀତି ପ୍ରସ୍ତୁତ କରି ଥାଆନ୍ତେ, ଯଦି ନିର୍ମଳ ଉଦ୍ଦେଶ୍ୟ ରଖି ଥାଆନ୍ତେ, ତ ଏହି ଦେଶ ଆଜି ଯେଉଁଠାରେ ଅଛି, ତା'ଠାରୁ କେତେ ଗୁଣା ଆଗରେ ଆହୁରି ଭଲ ଥାଆନ୍ତା। ଏହାକୁ ମନା କରି ପାରିବା ନାହିଁ । ଏହା ହେଉଛି ଦେଶର ଦୁର୍ଭାଗ୍ୟ ଯେ କଂଗ୍ରେସ ପାର୍ଟିର ନେତାମାନଙ୍କୁ ଏହା ଲାଗୁଛି କି ଭାରତ ନାମରେ, ଦେଶଟିର ଜନ୍ମ ୧୫ ଅଗଷ୍ଟ ୧୯୪୭ରେ ହେଲା । ଯେମିତିକି ଏହା ପୂର୍ବରୁ ଦେଶ ହିଁ ନଥିଲା । ଆଉ କାଲି ମୁଁ ଆଶ୍ଚର୍ଯ୍ୟଚକିତ ଥିଲି, ଏହାକୁ ମୁଁ ଅହଂକାର ବୋଲି କହିବି, ନା ନାହିଁ ଜାଣିଛି କହିବି । ବର୍ଷାଋତୁରେ ନିଜର ଚୌକି ବଂଚାଇବାର ପ୍ରୟାସ ବୋଲି କହିବି। ଯେତେବେଳେ ଏହା କୁହାଗଲା କି ଦେଶକୁ ନେହେରୁ ଲୋକତନ୍ତ୍ର ଦେଇଥିଲେ, ଦେଶକୁ କଂଗ୍ରେସ ଲୋକ ଦେଇଥିଲା । ଖଡ଼୍‌ଗେ ସାହେବ ଆଜ୍ଞା, କିଛି ତ କମ୍ କରନ୍ତୁ । ମୁଁ ଟିକେ ପଚାରିବାକୁ ଚାହୁଁଛି ଆପଣ ଲୋକତନ୍ତ୍ରର କଥା କହୁଛନ୍ତି । ଆପଣଙ୍କୁ ଜଣାଥିବ ଏହା ଆମର ଦେଶ, ଯେତେବେଳେ ଆପଣ ଯେଉଁ ଲୋକତନ୍ତ୍ରର କଥା କହୁଛନ୍ତି, ଆମ ଦେଶରେ ଯେତେବେଳେ ଲିଚ୍ଛବି ସାମ୍ରାଜ୍ୟ ଥିଲା, ଯେତେବେଳେ ବୁଦ୍ଧ ପରମ୍ପରା ସବୁ ଥିଲା, ସେତେବେଳେ ମଧ୍ୟ ଆମ ଦେଶରେ ଲୋକତନ୍ତ୍ରର ଗୁଞ୍ଜରଣ ଶୁଭୁଥିଲା । ଏହି କଂଗ୍ରେସ, ଆଉ ନେହେରୁ ମହାଶୟ ଲୋକତନ୍ତ୍ରକୁ ଦେଇ ନ ଥିଲେ ।

ବୌଦ୍ଧସଂଘ ଏକ ଏଭଳି ବ୍ୟବସ୍ଥା ଥିଲା ଯାହା ଚର୍ଚ୍ଚା, ବିଚାର ବିମର୍ଶ ଏବଂ ମତଦାନର ଆଧାର ଉପରେ ନିଷ୍ପତ୍ତି ଓ ନିର୍ଣ୍ଣୟ କରିବାର ପ୍ରକ୍ରିୟା ଚାଲୁଥିଲା । ଆଉ ଶ୍ରୀମାନ ଖଡ଼୍‌ଗେ ମହାଶୟ, ଆପଣ ତ କର୍ଣ୍ଣାଟକରୁ ଆସୁଛନ୍ତି ଅତି କମ୍‌ରେ ଗୋଟିଏ ପରିବାରର ଭକ୍ତିର ସହିତ । କର୍ଣ୍ଣାଟକର ନିର୍ବାଚନ ପରେ ବୋଧହୁଏ ଆପଣଙ୍କ ଏଠି ବସିବାର ସ୍ଥାନ

କିଛି ବଳି ପଡ଼ିବ, କିନ୍ତୁ ଅତି କମ୍‌ରେ ଜଗତ ଗୁରୁ ବସଓ୍ୱେଶ୍ୱରଜୀଙ୍କର ତ ଅପମାନ କରନ୍ତୁ ନାହିଁ । ଆପଣଙ୍କ ଜଣାଥିବା ଦରକାର, ଆପଣ କର୍ଣ୍ଣାଟକରୁ ଆସିଛନ୍ତି ଯେଉଁଠାରେ ଜଗତଗୁରୁ  ବସଓ୍ୱେଶ୍ୱର ଥିଲେ, ଯିଏ ସେହି ସମୟରେ ଅନୁଭବ ମଣ୍ଡପମ୍ ନାମରେ ବ୍ୟବସ୍ଥା କଲେ, ଦ୍ୱାଦଶ ଶତାବ୍ଦୀରେ, ଆଉ ଗାଁର ସମସ୍ତ ନିର୍ଣ୍ଣୟ ଲୋକତାନ୍ତ୍ରିକ ଉପାୟରେ ହେଉଥିଲା । ଆଉ କେବଳ ଏତିକି ହିଁ ନୁହେଁ ନାରୀ ସଶକ୍ତିକରଣର କାମ ହୋଇଥିଲା ସେହି ସଦନରେ, ସେହି ସଭା ମଧ୍ୟରେ ମହିଳାମାନଙ୍କର ଉପସ୍ଥିତ ରହିବା ଅନିବାର୍ଯ୍ୟ ଥିଲା । ଏହା ଜଗତଗୁରୁ ବସଓ୍ୱେଶ୍ୱରଜୀଙ୍କର ସମୟରେ ଲୋକତନ୍ତ୍ରକୁ ପ୍ରୋତ୍ସାହିତ କରିବାର କାମ ଦ୍ୱାଦଶ ଶତାବ୍ଦୀରେ ଏହି ଦେଶର ହୋଇଥିଲା । ଲୋକତନ୍ତ୍ର ଆମ ରକ୍ତରେ ଅଛି, ଆମ ପରମ୍ପରାରେ ଅଛି । ଆଉ ବିହାର ମଧ୍ୟରେ ଇତିହାସ ସାକ୍ଷୀ ଅଛି କି ଲିଚ୍ଛବି ସାମ୍ରାଜ୍ୟ ସମୟରେ ଏହି ପ୍ରକାରରେ ଆମର ଏଠି, ଯଦି ଆମେ ପ୍ରାଚୀନ ଇତିହାସ ଆଡକୁ ନିରୀକ୍ଷଣ କରି ଦେଖିବା, ତ ଆମର ଏଠି ଗଣରାଜ୍ୟର ବ୍ୟବସ୍ଥା ଥିଲା, ଅଢ଼େଇ ହଜାର ବର୍ଷ ପୂର୍ବେ ଏଠାରେ ମଧ୍ୟ ଲୋକତନ୍ତ୍ରର ପରମ୍ପରା ଥିଲା । ସହମତି ଏବଂ ଅସହମତିକୁ ଆମର ଏଠାର ମାନ୍ୟତା ଥିଲା। ଆପଣମାନେ ଲୋକତନ୍ତ୍ରର କଥା କହୁଛନ୍ତି, ଶ୍ରୀମାନ ମନମୋହନ ସିଂହ ମହାଶୟଙ୍କ ସରକାରରେ ମନ୍ତ୍ରୀ ରହିଥିବା ଆପଣଙ୍କ ଦଳର ନେତା ସେ ଏବେ ଯେତେବେଳେ ଆପଣଙ୍କ ପାର୍ଟି ମଧ୍ୟରେ ନିର୍ବାଚନ ଚାଲୁ ରହିଥିଲା, ତ ସେ ଗଣମାଧ୍ୟମକୁ କ'ଣ କହିଥିଲେ । ସେ କହିଥିଲେ ଜାହାଙ୍ଗୀରଙ୍କ ସ୍ଥାନରେ ଶାହାଜହାନ ଆସିଲେ, ଶାହାଜହାନଙ୍କ ସ୍ଥାନରେ ଔରଙ୍ଗଜେବ ଆସିଲେ । କ'ଣ ସେଠାରେ ନିର୍ବାଚନ ହୋଇଥିଲା କି ? ତ ଆମ ଏଠାକୁ ମଧ୍ୟ ଆସିଗଲେ। ଆପଣ ଲୋକତନ୍ତ୍ରର କଥା କହୁଛନ୍ତି । ଆପଣ ଲୋକତନ୍ତ୍ରର ଚର୍ଚ୍ଚା କରୁଛନ୍ତି ମୁଁ ଟିକେ ପଚାରିବାକୁ ଚାହୁଁଛି, ସେମାନେ କେଉଁ ପ୍ରକାରର ଲୋକତନ୍ତ୍ରର ଚର୍ଚ୍ଚା କରୁଛନ୍ତି, ଯେତେବେଳେ ତାଙ୍କର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ହାଇଦ୍ରାବାଦ ବିମାନବନ୍ଦରରେ ଓହ୍ଲାଇଥିଲେ, ସେଠାରେ ଆପଣଙ୍କର ହିଁ ପାର୍ଟିରୁ ନିର୍ବାଚିତ ହୋଇଥିବା ମୁଖ୍ୟମନ୍ତ୍ରୀ, ଅନୁସୂଚିତ ଜାତିର ମୁଖ୍ୟମନ୍ତ୍ରୀ ବିମାନ ବନ୍ଦରରେ ସେବା କରିବାକୁ ଆସିଥିଲେ। ଆଉ ଲୋକତନ୍ତ୍ରରେ ବିଶ୍ୱାସ ରଖୁଥିବା ଲୋକ ଯେଉଁ ନେହେରୁ ମହାଶୟଙ୍କ ନାମରେ ଆପଣ ଲୋକତନ୍ତ୍ରର ସମସ୍ତ ପରମ୍ପରା ସମର୍ପିତ କରୁଛନ୍ତି। ଶ୍ରୀମାନ ରାଜୀବ ଗାନ୍ଧୀ

ହାଇଦ୍ରାବାଦ ବିମାନବନ୍ଦରରେ ଓହ୍ଲାଇ ଏକ ଦଳିତ ମୁଖ୍ୟମନ୍ତ୍ରୀଙ୍କୁ ଖୋଲାଖୋଲି ଭାବେ ଅପମାନିତ କରିଥିଲେ । ଜଣେ ନିର୍ବାଚିତ ଜନ ପ୍ରତିନିଧି ମୁଖ୍ୟମନ୍ତ୍ରୀ ଟି. ଅଞ୍ଜୟାଙ୍କ ଅପମାନ କରିଥିଲେ, ଆପଣ ଲୋକତନ୍ତ୍ରର କଥା କହୁଛନ୍ତି, ଆଜ୍ଞା, ଆପଣ ଲୋକତନ୍ତ୍ରର ଚର୍ଚ୍ଚା କରୁଛନ୍ତି । ତ ସେତେବେଳେ ପ୍ରଶ୍ନ ଏହା ଉଠୁଛି ଆଉ ଏହି ତେଲଗୁଦେଶମ୍ ପାର୍ଟି ଯାହା ଏନ୍.ଟି.ରାମାରାଓ ସେହି ଅପମାନର ଚିତାରୁ ଜନ୍ମ ହୋଇଥିଲେ । ଟି. ଅଞ୍ଜୟାଙ୍କ ଅପମାନ ହେଲା ତାଙ୍କୁ ସମ୍ମାନ କରିବା ପାଇଁ ରାମାରାଓଙ୍କୁ ନିଜର ଫିଲ୍ମ କ୍ଷେତ୍ରଛାଡ଼ି ଯଥାଶୀଘ୍ର ଜନତାଙ୍କ ସେବା କରିବା ପାଇଁ ମଇଦାନକୁ ଆସିବାକୁ ପଡ଼ିଲା।

ଆପଣମାନେ ଲୋକତନ୍ତ୍ରର କଥା ବୁଝାଉଛନ୍ତି । ଏହି ଦେଶରେ ୯୦ ଥର, ୯୦ରୁ ଅଧିକ ଥର ଧାରା ୩୫୬ର ଦୁରୁପଯୋଗ କରି ରାଜ୍ୟ ସରକାରଙ୍କୁ ସେହି ରାଜ୍ୟଗୁଡ଼ିକରେ ଜନ୍ମ ନେଇଥିବା ପାର୍ଟିଗୁଡ଼ିକ ଆପଣ ନିଜେ ଉପାଡ଼ି ଫୋପାଡ଼ି ଦେଇଛନ୍ତି। ଆପଣମାନେ ପଞ୍ଜାବରେ ଅକାଳୀ ଦଳ ସହିତ କ'ଣ କଲେ ? ଆପଣ ମାନେ ତାମିଲନାଡୁରେ କ'ଣ କଲେ? ଆପଣମାନେ କେରଳରେ କ'ଣ କଲେ? ଏହି ଦେଶର ଲୋକତନ୍ତ୍ରକୁ ଆପଣମାନେ ବିକଶିତ ହେବାକୁ ଦେଲେ ନାହିଁ । ଆପଣ ନିଜ ପରିବାରର ଲୋକତନ୍ତ୍ରକୁ ଲୋକତନ୍ତ୍ର ବୋଲି ମାନୁଛନ୍ତି । ଆଉ ଦେଶକୁ ଆପଣମାନେ ବିଭ୍ରାନ୍ତ କରାଇଛନ୍ତି। କେବଳ ଏତିକି ନୁହେଁ। କଂଗ୍ରେସ ପାର୍ଟିର ଲୋକତନ୍ତ୍ର, ଯେତେବେଳେ ଆମ୍ଭାରୁ ସ୍ୱର ଉଠୁଥାଏ ତ ସେମାନଙ୍କର ଲକ୍ଷ୍ୟତନ୍ତ୍ରକୁ ଦବାଇ ଦିଆଯାଇଥାଏ। ଆପଣମାନେ ଜାଣନ୍ତି କଂଗ୍ରେସ ପାର୍ଟି ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିଲମ ସଂଜୀବ ରେଡ୍ଡୀଙ୍କୁ ପସନ୍ଦ କରିଥିଲେ ଆଉ ରାତାରାତି ତାଙ୍କ ପଛରେ ଛୁରୀକାଘାତ କରିଦିଆଗଲା । ଅଧିକାରୀ ଭାବେ ପ୍ରାର୍ଥୀଙ୍କୁ ପରାଜିତ କରିଦିଆଗଲା। ଆଉ ଏହା ମଧ୍ୟ ତ ଦେଖନ୍ତୁ ସଂଯୋଗବଶତଃ ସେ ମଧ୍ୟ ଆନ୍ଧ୍ରରୁ ଆସିଥିଲେ । ଟି ଅଞ୍ଜୟାଙ୍କ ସହିତ କ'ଣ କଲେ, ଆପଣ ସଞ୍ଜୀବ ରେଡ୍ଡୀଙ୍କ ସହିତ କଲେ । ଆପଣ ଲୋକତନ୍ତ୍ରର କଥା ଶୁଣାଉଛନ୍ତି ? ଏତିକି ହିଁ ନୁହେଁ ଏବେକାର ଡକ୍ଟର ମନମୋହନ ସିଂହ ମହାଶୟ ଏହି ଦେଶର ପ୍ରଧାନମନ୍ତ୍ରୀ ଥିଲେ ଏବଂ କ୍ୟାବିନେଟର ଏକ ନିଷ୍ପତ୍ତି କଲେ ଲୋକତନ୍ତ୍ରର ମହତ୍ୱପୂର୍ଣ୍ଣ ସଂସ୍ଥା ସମ୍ବିଧାନ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସଂସ୍ଥା ଆପଣଙ୍କର ପାର୍ଟିର ହିଁ ସରକାର ଆଉ ଆପଣଙ୍କର ଦଳର ଏକ ପଦାଧିକାରୀ ସାମ୍ବାଦିକ ସମ୍ମିଳନୀ

ଡକାଇ କ୍ୟାବିନେଟର ନିଷ୍ପତ୍ତିଗୁଡ଼ିକୁ ଚିରି ଖଣ୍ଡ ଖଣ୍ଡ କରି ଫୋପାଡ଼ି ଦେଇଥିଲେ । ଆପଣଙ୍କ ମୁହଁରେ ଲୋକତନ୍ତ୍ର ଶୋଭା ଦିଏ ନାହିଁ । ଆଉ ଏଥିପାଇଁ ଦୟାକରି ଆପଣ ଆମକୁ ଲୋକତନ୍ତ୍ର ବିଷୟରେ ପାଠ ପଢ଼ାନ୍ତୁ ନାହିଁ।

ମୁଁ ଟିକେ ଆଉ ଏକ ଇତିହାସର କଥା ଆଜି କହୁଛି । କ'ଣ ଏହା ସତ୍ୟ ନୁହେଁ କି ଦେଶରେ କଂଗ୍ରେସକୁ ନେତୃତ୍ୱ ଦେବା ପାଇଁ ନିର୍ବାଚନ ହେଲା। ୧୫ କଂଗ୍ରେସ କମିଟି, ସେଥିମଧ୍ୟରୁ ୧୨ କଂଗ୍ରେସ କମିଟି ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ବାଛିଥିଲେ। ୩ଟି କମିଟି ନୋଟା (ନନ୍ ଅଫ୍ ଦ ଏବଭ୍) ଦେଇଥିଲେ । କାହାକୁ ମଧ୍ୟ ଭୋଟ୍ ନଦେବା ପାଇଁ ନିର୍ଣ୍ଣୟ ନେଇଥିଲେ ତାହାପରେ ମଧ୍ୟ ନେତୃତ୍ୱ ସର୍ଦ୍ଦାର ବଲ୍ଲଭଭାଇ ପଟଇଙ୍କୁ ଦିଆ ଯାଇନଥିଲା। ତାହା କେଉଁ ଭଳିଆ ଲୋକତନ୍ତ୍ର ଥିଲା? ପଣ୍ଡିତ ନେହେରୁଙ୍କ ବସାଇ ଦିଆଗଲା । ଯଦି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ହୋଇଥାଆନ୍ତେ, ତ ମୋ କାଶ୍ମୀରର ଏହି ଅଂଶ ଆଜି ପାକିସ୍ଥାନ ପାଖରେ ନଥା'ନ୍ତା।

ଏବେ ଡିସେମ୍ବର ମାସରେ କଣ କଂଗ୍ରେସ ପାର୍ଟିର ଅଧ୍ୟକ୍ଷଙ୍କ ନିର୍ବାଚନ ଥିଲା କିମ୍ବା ଅଭିଷେକରେ ଥିଲା। ଆପଣଙ୍କର ହିଁ ପାର୍ଟିର ଯୁବକ ଜଣେ ସ୍ୱର ଉତ୍ତୋଳନ କଲେ, ସେ ନିଜର ପ୍ରାର୍ଥୀପତ୍ର ପୂରଣ କରିବାକୁ ଚାହୁଁଥିଲେ । ଆପଣ ତାକୁ ମଧ୍ୟ ରୋକି ଦେଲେ । ଆପଣ ଲୋକତନ୍ତ୍ରର କଥା କହୁଛନ୍ତି । ମୁଁ ଜାଣୁଛି ଏହି ସ୍ୱରକୁ ଦବାଇବା ପାଇଁ ଏତିକି ଚେଷ୍ଟା ଅସଫଳ ହେବା ପାଇଁ ଯାଉଛି । ଶୁଣିବାର ସାହସ ରହିଥିବା ଦରକାର, ଆଉ ଏଥିପାଇଁ ଅଧ୍ୟକ୍ଷ ମହୋଦୟା, ଆମ ସରକାରଙ୍କର ଏହା ହେଉଛି ବିଶେଷତ୍ୱ ଯେ ଏଭଳି ଏକ କାର୍ଯ୍ୟ ସଂସ୍କୃତିକୁ ଆଣିବେ, ଯେଉଁ କାର୍ଯ୍ୟ ସଂସ୍କୃତିରେ କେବଳ ଘୋଷଣା କରି ଖବରକାଗଜର ମୁଖ୍ୟାଂଶରେ ଛାଇଯିବା, କେବଳ ଯୋଜନାମାନ ଘୋଷଣା କରି ଜନତାଙ୍କ ଆଖିରେ ଧୂଳି ପକାଇ ଦେବା, ଏହା ଆମର ସଂସ୍କୃତି ନୁହେଁ । ଆମେ ସେହି ଜିନିଷଗୁଡିକରେ ହାତ ଦେଉଛୁ ଯାହାକୁ ପୂରଣ କରିବାର ପ୍ରୟାସ ହେବ । ଆଉ ଯେଉଁଗୁଡ଼ିକ ହେଉଛି ଭଲ ଜିନିଷ ସେଗୁଡ଼ିକ କୌଣସି ମଧ୍ୟ ସରକାରଙ୍କ, ତାହାର ମଧ୍ୟ ହେଉନା କାହିଁକି ଯଦି ସେ ଅଟକି କରି ରହିଛି, ଦେଶର କ୍ଷତି ହେଉଛି, ତ ତାହାକୁ ଠିକ୍ ଠାକ୍ କରି ସଂପୂର୍ଣ୍ଣ କରିବାର ପ୍ରୟାସ କରୁଛୁ । ଲୋକତନ୍ତ୍ରରେ ସରକାର ଆସନ୍ତି-ଯାଆନ୍ତି,

ଦେଶ ଗଠିତ ହୋଇଚାଲେ ଆଉ ସେହି ସିଦ୍ଧାନ୍ତକୁ ଆମେ ହେଉଛୁ ମାନିବା ଭଳି ଲୋକ । କ'ଣ ଏହା ସତ୍ୟ ନୁହେଁ । ଏହି କର୍ମଚାରୀ, ଏହି ଫାଇଲ, ଏହି କାର୍ଯ୍ୟଶୈଳୀ ଆଉ କଣ କାରଣ ଥିଲା କି ବିଗତ ସରକାରଙ୍କ ବେଳେ ପ୍ରତିଦିନ ୧୧ କିଲୋମିଟର ଜାତୀୟ ରାଜପଥ ତିଆରି ହେଉଥିଲା । ଆଜି ଗୋଟିଏ ଦିନରେ ୨୨ କିଲୋମିର ଜାତୀୟ ରାଜପଥ ତିଆରି ହୋଇଛି । ସଡ଼କ ଆପଣ ତିଆରି କରୁଥିଲେ ଆମେ ମଧ୍ୟ ସଡ଼କ ତିଆରି କରୁଛୁ । ବିଗତ ସରକାରଙ୍କ ଶେଷ ତିନି ବର୍ଷରେ ୮୦ ହଜାର କିଲୋମିଟର ସଡ଼କ ତିଆରି ହୋଇଥିଲା । ଆମ ସରକାରଙ୍କ ତିନି ବର୍ଷରେ ଏକ ଲକ୍ଷ ୨୦ ହଜାର କିଲୋମିଟର ସଡ଼କ ତିଆରି ହୋଇଛି । ବିଗତ ସରକାରଙ୍କ ଶେଷ ତିନିବର୍ଷ  ପାଖାପାଖି ୧୧୦୦ କିଲୋମିଟର ନୂତନ ରେଳ ଲାଇନର ନିର୍ମାଣ ହୋଇଥିଲା । ଆମ ସରକାରଙ୍କ ତିନି ବର୍ଷରେ ୨୧୦୦ କିଲୋମିଟର ହୋଇଛି । ବିଗତ ସରକାରଙ୍କ ଶେଷ ତିନି ବର୍ଷରେ ଅଢ଼େଇ ହଜାର କିଲୋମିଟର ରେଳ ଲାଇନର ବିଜୁଳୀକରଣ ହୋଇଥିଲା । ଏହି ସରକାରଙ୍କ ୩ ବର୍ଷରେ ଚାରି ହଜାର ତିନି ଶହ କିଲୋମିଟରରୁ ଅଧିକ କାମ ହୋଇଛି। ୨୦୧୧ ପରେ ବିଗତ ସରକାର ୨୦୧୪ ପର୍ଯ୍ୟନ୍ତ ଆପଣ ପୁଣି କହିବେ, ଏହି ଯୋଜନା ତ ଆମର ଥିଲା, ଏହି ପରିକଳ୍ପନା ତ ଆମର ଥିଲା, ଏହାର ଶ୍ରେୟ ତ ହେଉଛି ଆମର, ଏହି ଗୀତ ଗାଇବେ, ସତ୍ୟତା ପ୍ରକୃତରେ କ'ଣ ? ଅପଟିକାଲ ଫାଇବର ନେଟୱାର୍କ, ଆପଣଙ୍କର କାର୍ଯ୍ୟ କରିବାର ଉପାୟ କ'ଣ ଥିଲା ? ଯେ ପର୍ଯ୍ୟନ୍ତ ବନ୍ଧୁ ବାନ୍ଧବ ଏକାଠି ନ ହେବ କିମ୍ବା ନିଜ ଲୋକଙ୍କର ମେଳା ନ ବସିବ, ଗାଡ଼ି ଆଗକୁ ଚାଲୁ ନଥିଲା । ୨୦୧୧ପରେ ୨୦୧୪ ଯାଏଁ ଆପଣ କେବଳ ୫୯ଟି ପଂଚାୟତରେ ଅପଟିକାଲ ଫାଇବର ପଂହଚାଇଥିଲେ ? ୨୦୧୧ ରୁ ୨୦୧୪ ଯାଏଁ ତିନି ବର୍ଷ । ଆମେ ଆସିଲା ପରେ ଏତେ କମ୍ ସମୟରେ ଏକ ଲକ୍ଷରୁ ଅଧିକ ପଂଚାୟତରେ ଅପଟିକାଲ ଫାଇବର ନେଟ୍‌ୱାର୍କ ପହଞ୍ଚାଇ ଦେଲୁ। କେଉଁଠି ତିନି ବର୍ଷରେ ୬୦ରୁ ମଧ୍ୟ କମ୍ ଗାଁ ଆଉ କେଉଁଠି ଏକ ଲକ୍ଷରୁ ମଧ୍ୟ ଅଧିକ ଗାଁ, କୌଣସି ହିସାବ ହିଁ ନାହିଁ ଆଜ୍ଞା । ଆଉ ଏଥିପାଇଁ ବିଗତ ସରକାର ସହରୀ ଆବାସ ଯୋଜନା ୯୩୯ଟି ସହରରେ ଲାଗୁ କରିଥିଲେ । ଆଜି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର) ୪୩୨୦ ସହରରେ ଲାଗୁ କରିଥିଲେ । ଆପଣ ଏକ ହଜାରରୁ ମଧ୍ୟ

କମ୍ ଆମେ ୪୦୦୦ ରୁ ମଧ୍ୟ ଅଧିକ । ବିଗତ ସରକାରଙ୍କର ଶେଷ ତିନି ବର୍ଷରେ ମୋଟ ୧୨ ହଜାର ମେଗାୱାଟର ନବୀକରଣ ଯୋଗ୍ୟ ଶକ୍ତିର ନୂତନ କ୍ଷମତା ଯୋଡ଼ାଗଲା । ଏହି ସରକାରଙ୍କର ତିନି ବର୍ଷରେ ୨୨ ହଜାର ମେଗୋୱାଟରୁ ମଧ୍ୟ ଅଧିକ ଯୋଡ଼ାଗଲା । ଜାହାଜ ଶିଳ୍ପର ପଣ୍ୟ ପରିବହନରେ ଆପଣଙ୍କ ସମୟରେ ନକାରାତ୍ମକ ବିକାଶ ହେଉଥିଲା । ଏହି ସରକାର ତିନି ବର୍ଷରେ ୧୧ ପ୍ରତିଶତରୁ ଅଧିକ ବିକାଶ କରି ଦେଖାଇଛନ୍ତି। ଯଦି ଅପଣ ମାଟି ସହିତ ଯୋଡ଼ି ହୋଇ ରହିଥାଆନ୍ତେ, ତ ହୁଏତ ଆପଣଙ୍କ ଅବସ୍ଥା ଏପରି ହୋଇ ନଥାନ୍ତା । ମୋତେ ଭଲ ଲାଗିଲା ଆମର ଖଡ୍‌ଗେ ମହାଶୟ, ଦୁଇଟି ଜିନିଷ ଗୋଟିଏ ତ ରେଳବାଇ ଆଉ ଅନ୍ୟଟି କର୍ଣ୍ଣାଟକ, ଆଉ ଖଡ୍‌ଗେ ମହାଶୟଙ୍କ ଛାତି ପୁରା ଫୁଲି ଉଠେ । ଆପଣ ବିଦର କଲବୁର୍ଗି ରେଳଲାଇନ କଥା କହିଲେ । ଟିକେ ଦେଶକୁ ଏହି କଥାର ସତ୍ୟତା ସଂପର୍କରେ ଜଣାଥିବା ଦରକାର । ଏହି କଥା କଂଗ୍ରେସ ମୁହଁକୁ କେବେ କେହି ଶୁଣି ନଥିବେ, କେବେ କହି ନଥିବେ। ଉଦ୍‌ଘାଟନ ସମାରୋହରେ ମଧ୍ୟ କହି ନଥିବେ, ଶିଳାନ୍ୟାସରେ ମଧ୍ୟ କହି ନଥିବେ । ସତ୍ୟକୁ ସ୍ୱୀକାର କରନ୍ତୁ କି ଏହି ବିଦର କଲବୁର୍ଗୀ ୧୧୦ କିଲୋମିଟରର ନୂତନ ରେଳ ଲାଇନ ପ୍ରକଳ୍ପ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମଞ୍ଜୁର ହୋଇଥିଲା । ଆଉ ୨୦୧୩ ପର୍ଯ୍ୟନ୍ତ ଆପଣଙ୍କର ସରକାର ରହିଲା, ଆପଣ ସ୍ୱୟଂ ରେଳମନ୍ତ୍ରୀ ରହିଥିଲେ ଏହା ହେଉଛି ଆପଣଙ୍କର ହିଁ ସଂସଦୀୟ କ୍ଷେତ୍ର ଆଉ ତାପରେ ମଧ୍ୟ ଏତେ ବର୍ଷ ମଧ୍ୟରେ, ଅଟଳବିହାରୀ ବାଜପେୟୀଙ୍କ ସରକାର ପରେ କେତେ ବର୍ଷ ହେଲା ଅନୁମାନ ଲଗାନ୍ତୁ କେବଳ ୩୭ କିଲୋମିଟର କାମ ହୋଇଥିଲା, ୩୭ କିଲୋମିଟର । ଆଉ ସେ କାମ ମଧ୍ୟ ସେତେବେଳେ ହେଲା ଯେତେବେଳେ ୟେଦିୟୁରାପ୍ପା ମହାଶୟ ମୁଖ୍ୟମନ୍ତ୍ରୀ ଥିଲେ ଆଉ ସେ ସେଥିପାଇଁ ପଦକ୍ଷେପ ନେଇଥିଲେ । ସେ ଭାରତ ସରକାରଙ୍କୁ ଯାହା ମାଗିଲେ ଦେବା ପାଇଁ ସହମତି ଦେଇ ଦେଲେ । ସେତେବେଳେ ଯାଇ ଆପଣଙ୍କର ସରକାର ଅଟଳ ବିହାରୀ ବାଜପେୟୀଙ୍କର ସ୍ୱପ୍ନକୁ ଆଗକୁ ବଢ଼ାଇବାର କାମ ଚାଲୁକଲେ । ଆଉ ତାହା ମଧ୍ୟ ଯେତେବେଳେ ନିର୍ବାଚନ ଆସିଲା ତ ଆପଣଙ୍କୁ ଲାଗିଲା କି ଏହି ରେଳ ଚାଲିବ ତ ଭଲ ହେବ । ୧୧୦ କିଲୋମିଟର ହେବାର ଥିଲା ସାଢ଼େ ତିନି କିଲୋମିଟର ଗୋଟିଏ ଅଂଶରେ ଯାଇ ପତାକା ଉଡ଼ାଇ ଆସିଲେ । ଆଉ ଆମେ ଆସି

ଏତେ କମ୍ ସମୟରେ ୭୨ କିଲୋମିଟରର ଯେଉଁ ବଳକା କାମ ଥିଲା, ପୂରଣ କଲୁ ।

ଆଉ ଆମେ ଏହା ଚିନ୍ତା କଲୁନାହିଁ କି ଏହା ହେଉଛି ବିରୋଧୀ ଦଳ ନେତାଙ୍କର ସଂସଦୀୟ କ୍ଷେତ୍ର, ଏହାକୁ ଏବେ ଗାତରେ ପକାଇ ଦିଅ ଦେଖାଯିବ । ଏଭଳି ପାପ ଆମେ କରୁନାହୁଁ । ଆପଣଙ୍କର ଅଂଚଳ ଥିଲା, କିନ୍ତୁ କାମ ଥିଲା ଦେଶର। ଆମ ଦେଶର କାମ ଭାବି ତାକୁ ପୂରଣ କଲୁ । ଆଉ ସେହି ସଂପୂର୍ଣ୍ଣ ଯୋଜନାର ଲୋକାର୍ପଣ ମୁଁ କଲି ତାହେଲେ ମଧ୍ୟ ଆପଣଙ୍କୁ କଷ୍ଟ ହେଉଛି । ଏହି କଷ୍ଟର ଔଷଧ ବୋଧହୁଏ ନିଜର ଜନତା ବହୁ ଆଗରୁ ଆରମ୍ଭ କରି ଦେଇଛନ୍ତି ।

ଅଧ୍ୟକ୍ଷ ମହୋଦୟା, ଅନ୍ୟ ଏକ ଚର୍ଚ୍ଚା କରୁଛନ୍ତି ବାଡ୍‌ମେର ବିଶୋଧନାଗାରର । ନିର୍ବାଚନରେ ଭୋଟ ପାଇବା ପାଇଁ, ନିର୍ବାଚନ ପୂର୍ବରୁ ପଥର ଫଳକ ଉପରେ ନାମ ଲେଖି ହୋଇଯିବ ତ ଗାଡ଼ି ଚାଲିବ। ଆପଣ ଯାଇ ବାଡ଼ମେରର ବିଶୋଧନାଗାରର ପଥର ପୋତିଦେଲେ, ନାମ ଲେଖାଇଦେଲେ, କିନ୍ତୁ ଯେତେବେଳେ ଆମେ ଆସି କାଗଜପତ୍ର ଦେଖୁ ତ ଯେଉଁ ଶିଳାନ୍ୟାସ ହୋଇଥିଲା ବିଶୋଧନାଗାରର ତାହା ସବୁ କେବଳ କାଗଜରେ ହିଁ ଥିଲା ଜମି ଉପରେ ନା ମଞ୍ଜୁରି ଥିଲା, ନା ଜମି ଥିଲା, ନା ଭାରତ ସରକାରଙ୍କ ସହିତ କୌଣସି ଚୂଡ଼ାନ୍ତ ଚୁକ୍ତି ଥିଲା । ଆଉ ନିର୍ବାଚନକୁ ଆଖି ଆଗରେ ରଖି ଆଗରୁ ସେଠାରେ ମଧ୍ୟ ପଥର ପୋତି ଦେଲେ। ଆପଣଙ୍କର ତ୍ରୁଟିଗୁଡ଼ିକୁ ସୁଧାରି ସେହି ଯୋଜନାକୁ ସଠିକ୍ ସ୍ୱରୂପ ଦେବାରେ ଭାରତ ସରକାରଙ୍କୁ ରାଜସ୍ଥାନ ସରକାରଙ୍କୁ ଏତିକି ମୁଣ୍ଡ ଖର୍ଚ୍ଚ କରିବାକୁ ପଡ଼ିଲା, ତେବେ ଯାଇ ବହୁତ ଅସୁବିଧା ପରେ ତାକୁ ବାହାର କରିପାରିଲୁ ଆଉ ସେହି କାମକୁ ଆରମ୍ଭ କରି ଦେଇଛୁ।

ଆସାମରେ ଗୋଟିଏ ଧୋଲା ସାଦିଆ ସେତୁ, ଏହି ଧୋଲା ସାଦିଆ ସେତୁ ଯେତେବେଳେ ଆମେ ଉଦ୍‌ଘାଟନ କଲୁ ତ ଟିକେ କିଛି ଲୋକଙ୍କ ଅସୁବିଧା ହେଲା ଆଉ କହିଦେଲେ ଏହା ତା ଆମର ଥିଲା, ଏହା ହେଉଛି ଖୁବ ସହଜ । ଏହା କେବେ ହେଲେ ମଧ୍ୟ କହି ନାହାନ୍ତି ଯେତେବେଳେ ସେହି ପୋଲର କାମ ଆଗକୁ ବଢୁଥିଲା, କେବେ ସଦନରେ ପ୍ରଶ୍ନ ଉଠିଛି, କେବେ ଏହା କହିବାର ସଚ୍ଚୋଟତା ଦେଖାଇ ନାହାନ୍ତି କି ଏହି କାମ ମଧ୍ୟ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ସ୍ଥିର ହୋଇଥିଲା ଆଉ ତାହା ମଧ୍ୟ ଆମ

ଜଣେ ବିଜେପିର ବିଧାୟକ ସେ ବିସ୍ତୃତ ଭାବେ ଅଧ୍ୟୟନ କରି ଦାବି ଉଠାଇଥିଲେ ଆଉ ଅଟଳ ବିହାରୀ ଜୀ ତାଙ୍କ କଥାକୁ ମାନିଥିଲେ ଆଉ ସେଥିରୁ ଏହା ତିଆରି ହୋଇଥିଲା ଆଉ ୨୦୧୪ରେ ଆମ ସରକାର ଗଠନ ହେବା ପରେ ନର୍ଥ-ଇଷ୍ଟ, ଉତ୍ତର-ପୂର୍ବର ଅଂଚଳଗୁଡିକୁ ଆମେ ପ୍ରାଥମିକତା ଦେଲୁ ଆଉ ସେଗୁଡ଼ିକୁ ଦ୍ରୁତଗତିରେ ଆଗକୁ ବଢ଼ାଇବାର କାମ ଆମେ କଲୁ ଆଉ ତେବେ ଯାଇ ସେହି ସେତୁ ନିର୍ମାଣ ହୋଇପାରିଲା । ଏତିକି ହିଁ ନୁହେଁ ମୁଁ ଗର୍ବର ସହ କହି ପାରିବି ଏହା ହେଉଛି ସେହି ସରକାର ଯିଏ ଦେଶରେ ଆଜି ସବୁଠାରୁ ଦୀର୍ଘ ସୂଡ଼ଙ୍ଗ, ସବୁଠାରୁ ଦୀର୍ଘ ଗ୍ୟାସ ପାଇପ୍ ଲାଇନ୍, ସବୁଠାରୁ ଦୀର୍ଘ ସମୁଦ୍ର ଭିତରେ ପୋଲ, ସବୁଠାରୁ ଦ୍ରୁତତମ ଟ୍ରେନ୍ ଏ ସମସ୍ତ ନିର୍ଣ୍ଣୟ ଏହି ସରକାର କରି ପାରନ୍ତି ଆଉ ସମସୀମାରେ ଆଗକୁ ବଢୁଛନ୍ତି । ଏହି ସମୟରେ ୧୦୪ ଉପଗ୍ରହ ଛାଡ଼ିବାର ସାହସ ମଧ୍ୟ ଏହି ସମୟରେ ହୋଇଛି ।

ଏହି କଥାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯାହା ରାଷ୍ଟ୍ରପତି ମହାଶୟ ନିଜର ଅଭିଭାଷଣରେ ଉଲ୍ଲେଖ କଲେ ଆଉ ମୁଁ କହିବାକୁ ଚାହିଁଛି ଲୋକତନ୍ତ୍ର କିପରି ହୋଇଥାଏ । ଶାସନରେ ରହି ପ୍ରତ୍ୟେକଙ୍କର ସାମ୍ନା କିପରି ହୋଇଥାଏ । ଲାଲକିଲ୍ଲାରୁ ଭାଷଣ ବାହାର କରନ୍ତୁ । ସ୍ୱାଧୀନତାର ସମସ୍ତ କଂଗ୍ରେସ ନେତାମାନଙ୍କର ଲାଲକିଲ୍ଲାର ଭାଷଣ ବାହାର କରନ୍ତୁ ଗୋଟିଏ ମଧ୍ୟ ଭାଷଣ ଏପରି ଥିବ ଯେଉଁଥିରେ କେହି କହିଥିବେ ବି ଦେଶରେ ଯେଉଁ ପ୍ରଗତି ହୋଇଛି ସେଥିରେ ସମସ୍ତ ସରକାରଙ୍କର ଯୋଗଦାନ ରହିଛି । ପୂର୍ବତନ ସରକାରଙ୍କର ଯୋଗଦାନ ରହିଛି, ଏଭଳି ଗୋଟିଏ ବାକ୍ୟ ଲାଲକିଲ୍ଲାରୁ କଂଗ୍ରେସ ନେତାମାନେ କହିଥିବେ, ତ ଟିକେ ଇତିହାସଙ୍କୁ ଖୋଜି ବାହାର କରି ଆଣନ୍ତୁ । ଏହି ନରେନ୍ଦ୍ର ମୋଦୀ ଲାଲବିଲ୍ଲାରୁ କହେ କି ଦେଶ ଆଜି ଯେଉଁଠି ପହଂଚିଛି ପୁରୁଣା ସମସ୍ତ ସରକାରଙ୍କର ମଧ୍ୟ ଯୋଗଦାନ ରହିଛି, ରାଜ୍ୟ ସରକାରଙ୍କର ମଧ୍ୟ ଯୋଗଦାନ ରହିଛି ଆଉ ଦେଶବାସୀଙ୍କର ଯୋଗଦାନ ରହିଛି। ଖୋଲାଖୋଲି ଭାବେ ସ୍ୱୀକାର କରିବାର ସାହସ ଆମର ଅଛି ଆଉ ଏହା ଆମ ଚରିତ୍ରରେ ରହିଛି ।

ମୁଁ ଆଜି କହିବାକୁ ଚାହୁଁଛି କି ମୁଁ ଯେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲି ତ ସେହି ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୁଜରାଟର ସୁବର୍ଣ୍ଣ ଜୟନ୍ତୀର ବର୍ଷ ଥିଲା। ଆମେ ସୁବର୍ଣ୍ଣ ଜୟନ୍ତୀ ବର୍ଷ ପାଳନ କରିବାର ଯେଉଁ କାର୍ଯ୍ୟକ୍ରମ କରିଥିଲୁ, ସେଥିରୁ ଗୋଟିଏ କାର୍ଯ୍ୟକ୍ରମ କରିଥିଲୁ, ରାଜ୍ୟପାଳ ମହାଶୟଙ୍କର ଯେତେକି ମଧ୍ୟ ଭାଷଣ ଥିଲା, ଗଭର୍ଣ୍ଣରଙ୍କର, ରାଜ୍ୟପାଳଙ୍କର ଭାଷଣ କ'ଣ ହୋଇଥାଏ, ଯେପରି ରାଷ୍ଟ୍ରପତିଙ୍କର ଭାଷଣ ସେହି ସରକାରଙ୍କର କାର୍ଯ୍ୟକ୍ରମ ବିଷୟରେ ଉଲ୍ଲେଖ ଥାଏ । ରାଜ୍ୟପାଳଙ୍କ ଭାଷଣରେ ସେହି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା କାର୍ଯ୍ୟକୁ ବୟାନ କରିଥାଏ । ଗୁଜରାଟ ଗଠନ ହେବା ପରେ, କଂଗ୍ରେସର ସରକାର ମଧ୍ୟ ଥିଲା । କିନ୍ତୁ ଆମେ ଗୁଜରାଟ ପ୍ରତିଷ୍ଠା ହେବାର ୫୦ ବର୍ଷର ଯାତ୍ରାରେ ଯେତେ ରାଜ୍ୟପାଳଙ୍କ ଭାଷଣ ଥିଲା, ଯେଉଁଥିରେ ସମସ୍ତ ସରକାରଙ୍କର କାମର ବର୍ଣ୍ଣନା ଥିଲା, ତାହାର ଏକ ଗ୍ରନ୍ଥ ପ୍ରସ୍ତୁତ କଲୁ ଏବଂ ତାହାକୁ ସଂରକ୍ଷିତ କରି ରଖିବା ପାଇଁ କାର୍ଯ୍ୟ କଲୁ । ଲୋକତନ୍ତ୍ର ଏହାକୁ କୁହାଯାଏ । ଆପଣମାନେ ଦୟାକରି, ପ୍ରତ୍ୟେକ କାର୍ଯ୍ୟ ଆପଣମାନେ ହିଁ କରିଛନ୍ତି, ଆପଣମାନଙ୍କର ଏହି ପରିବାର କରିଛି । ଏହି ମାନସିକତା କାରଣରୁ ଆଜି ଆପଣମାନଙ୍କୁ ସେଠାରେ ଯାଇ ବସିବାର ସୁଯୋଗ ଆସିଛି । ଆପଣମାନେ ଦେଶକୁ ସ୍ୱୀକାର କରି ନାହାଁନ୍ତି ଆଉ ଏଥିପାଇଁ ଆଜି ଏହି କାରଣରୁ ହିଁ ଦୁଇ ଗୁଣ ଗତିରେ ସଡ଼କ ତିଆରି ହେଉଛି । ରେଳ ଲାଇନ୍ ଦ୍ରୁତଗତିରେ ଅଗକୁ ବଢୁଛି, ବନ୍ଦରର ବିକାଶ ହେଉଛି, ଗ୍ୟାସ ପାଇପ ଲାଇନ୍ ବିଛା ଯାଉଛି, ବନ୍ଦ ପଡ଼ିଥିବା ସାର କାରଖାନା ତାକୁ ଖୋଲିବାର କାମ ଚାଲୁ ରହିଛି, କୋଟି କୋଟି ଘରେ ଶୌଚାଳୟ ତିଆରି ହେଉଛି, ଆଉ ରୋଜଗାରର ନୂତନ ସୁଯୋଗ ଉପଲବ୍ଧ ହେଉଛି।

ମୁଁ ଟିକେ କଂଗ୍ରେସର ବନ୍ଧୁମାନଙ୍କୁ ପଚାରିବାକୁ ଚାହୁଁଛି, ରୋଜଗାର ଏବଂ ବେକାରୀର ଆଲୋଚନା କରୁଥିବା ଲୋକମାନଙ୍କୁ ପଚାରିବାକୁ ଚାହୁଁଛି । ଆପଣ ଯେତେବେଳେ ବେକାରୀର ପରିସଂଖ୍ୟାନ ଦେଉଛନ୍ତି, ତ ଆପଣ ମଧ୍ୟ ଜାଣିଛନ୍ତି, ଦେଶ ମଧ୍ୟ ଜାଣିଛି, ମୁଁ ମଧ୍ୟ ଜାଣିଛି କି ଆପଣ ସାରା ଦେଶର ସମସ୍ତ ବେକାରୀର ପରିସଂଖ୍ୟାନ ଦେଉଛନ୍ତି । ଯଦି ସାରା ଦେଶର ବିକାରୀର ପରିସଂଖ୍ୟାନ ଦେଉଛନ୍ତି, ତ ସମଗ୍ର ଦେଶର ରୋଜଗାରର ପରିସଂଖ୍ୟାନ କଥା ମଧ୍ୟ ଜଣାଇବାର ଅଛି । ଏବେ ଆପଣମାନଙ୍କୁ ଆମର କଥା ଉପରେ

ଭରସା ହେବ ନାହିଁ, ମୁଁ ଟିକେ କିଛି କହିବାକୁ ଚାହୁଁଛି ଆଉ ଆପଣ ରେକର୍ଡ ପାଖରେ ରହନ୍ତୁ, ପଶ୍ଚିମବଙ୍ଗର ସରକାର, କର୍ଣ୍ଣାଟକର ସରକାର, ଓଡ଼ିଶାର ସରକାର, ଆଉ କେରଳର ସରକାର ଆମେ ତ ସେଠାରେ ନାହୁଁ, ନା କୌଣସି ଏନଡିଏ ଅଛି, ଏହି ଚାରି ରାଜ୍ୟର ସରକାର ସ୍ୱୟଂ ଯାହା ଘୋଷଣା କରିଛନ୍ତି, ସେ ହିସାବରେ ବିଗତ ତିନି ଚାରି ବର୍ଷରେ ଏହି ଚାରି ରାଜ୍ୟ ସରକାର ଦାବି କରୁଛନ୍ତି କି ପାଖାପାଖି ଏକ କୋଟି ଲୋକଙ୍କୁ ରୋଜଗାର ମିଳିଛି । କ'ଣ ଆପଣ ତାକୁ ମଧ୍ୟ ଅସ୍ୱୀକାର କରିବେ କି? କ'ଣ ଆପଣ ସେହି ରୋଜଗାରକୁ ରୋଜଗାର ବୋଲି ମାନିବେ ନାହିଁ କି? ବେକାରୀ ଦେଶର ଆଉ ସମଗ୍ର ଦେଶରେ ରୋଜଗାରର କାର୍ଯ୍ୟ, ଆଉ ମୁଁ ଏଥିରେ ଦେଶର ଆର୍ଥିକ ଦୃଷ୍ଟିଟିରୁ ସମୃଦ୍ଧ ରାଜ୍ୟର ଚର୍ଚ୍ଚା କରୁ ନାହିଁ, ଏନଡ଼ିଏ ସରକାରଙ୍କର ଚର୍ଚ୍ଚା କରୁ ନାହିଁ, ମୁଁ ସେ ସରକାରଙ୍କର ଚର୍ଚ୍ଚା କରୁଛି ଯେଉଁ ସରକାରରେ ଆପଣମାନଙ୍କର ଲୋକ ରହିଛନ୍ତି ଆଉ ରୋଜଗାର ଦାବି କରୁଛନ୍ତି । ତା'ହେଲେ ଆପଣ ଅସ୍ୱୀକାର କରି ଦିଅନ୍ତୁ କି ଆପଣଙ୍କ କର୍ଣ୍ଣାଟକ ସରକାର ଯେଉଁ ପରିସଂଖ୍ୟାନ ଆଧାରରେ କହୁଛନ୍ତି, ମିଛ କହୁଛନ୍ତି । କହନ୍ତୁ ।

ଆଉ ଏଥିପାଇଁ ଦେଶକୁ ବିଭ୍ରାନ୍ତ କରିବାର ଚେଷ୍ଟା କରନ୍ତୁ ନାହିଁ ଆଉ ମୋ ଦେଶର ସମସ୍ତ ରାଜ୍ୟରେ ରୋଜଗାର ପାଇଁ ଭାରତ ସରକାର ଯେଉଁ ପ୍ରୟାସ କରିଛନ୍ତି ତାଙ୍କର ଯୋଜନାଗୁଡ଼ିକ ଆଉ ଆପଣମାନେ ଜାଣିଛନ୍ତି ଗୋଟିଏ ବର୍ଷ ଭିତରେ ଇପିଏଫ୍ ରେ ୭୦ ଲକ୍ଷ ନୂତନ ନାମ ପଞ୍ଜିକୃତ ହୋଇଛି ଆଉ ଏହା ୧୮ରୁ ୨୫ ବର୍ଷର ଯୁବକ ରହିଛନ୍ତି, ପୁଅ-ଝିଅ ରହିଛନ୍ତି ଆଉ ଏହାଙ୍କର ନାମ ଯୋଡ଼ି ହୋଇଛି । ଏହା କ'ଣ ରୋଜଗାର ନୁହେଁ କି ? ଏତିକି ହିଁ ନୁହେଁ ଯେ କେହି ଡାକ୍ତର ହୁଅନ୍ତୁ, କେହି ଇଂଜିନିୟର ହୁଅନ୍ତୁ, କେହି ଓକିଲ ହୁଅନ୍ତୁ, ସେହି ଚାର୍ଟାର୍ଡ ଏକାଉଣ୍ଟାଣ୍ଟ ହୁଅନ୍ତୁ । ଏମାନେ ନିଜର ବ୍ୟବସାୟ ଆରମ୍ଭ କଲେ। ନିଜର କମ୍ପାନୀରେ ଲୋକମାନଙ୍କୁ କାମ ଦେଲେ । ନିଜର ରୋଜଗାର ବଢାଇଲେ। ଆପଣ ଏମାନଙ୍କୁ ଗଣିବାକୁ ପ୍ରସ୍ତୁତ ନୁହଁନ୍ତି । ଆଉ ଆପଣ ଜାଣନ୍ତି ଭଲ ଭାବରେ ଜାଣନ୍ତି ଔପଚାରିକ କ୍ଷେତ୍ରରେ କେବଳ ୧୦ ପ୍ରତିଶତ ରୋଜଗାର ହୋଇଥାଏ, ଅନୌପଚାରିତ କ୍ଷେତ୍ରରେ ୯୦ ପ୍ରତିଶତ ହୋଇଥାଏ । ଆଉ ଆଜି ଅନୌପଚାରିକକୁ ମଧ୍ୟ ଔପଚାରିକ କ୍ଷେତ୍ରକୁ ଆଣିବା ପାଇଁ ଏଭଳି କେତେକ ପଦକ୍ଷେପ ଏବଂ କେତେକ ଯୋଜନା

ତିଆରି କରିବା ଦିଗରେ ସଫଳତାପୂର୍ବକ ପ୍ରୟାସ କରିଛୁ। ଏତିକି ହିଁ ନୁହେଁ, ଆଜି ଦେଶର ମଧ୍ୟମ ବର୍ଗୀୟ ପରିବାରର ଯୁବକ ସେ ଚାକିରି ପାଇଁ ଭିକ ମାଗିବା ଭଳି ଲୋକଙ୍କ ମଧ୍ୟରେ ଜଣେ ହୋଇ ରହିନାହିଁ, ସେ ସମ୍ମାନର ସହିତ ଜୀଇଁବାକୁ ଚାହୁଁଛି, ସେ ନିଜ ପରିଶ୍ରମ ଆଧାରରେ ଜୀଇଁବାକୁ ଚାହୁଁଛି । ମୁଁ ଏଭଳି ଅନେକ ଆଇଏଏସ୍ ଅଫିସରଙ୍କୁ ଦେଖିଛି, କେବେ ପଚାରିଛି କି ଆପଣଙ୍କ ସନ୍ତାନ କ'ଣ କରୁଛନ୍ତି? ଅଧିକାଂଶ କ୍ଷେତ୍ରରେ ମୁଁ ଭାବିଥାଏ କି ବୋଧହୁଏ ସେମାନେ ମଧ୍ୟ ବାବୁ ହେବେ । କିନ୍ତୁ ଆଜିକାଲି ସେମାନେ ମୋତେ କହୁଛନ୍ତି କି ସାର୍ ସମୟ ବଦଳି ଯାଇଛି । ଆମ ପିତାଙ୍କ ସାମ୍ନାରେ ଆମେ ଥିଲୁ ତ ଆମେ ସରକାରୀ ଚାକିରି ଖୋଜି-ଖୋଜି ଏଠାରେ ପହଂଚିଗଲୁ । ଆଜି ଆମ ପିଲାଙ୍କୁ ଆମେ କହୁଛୁ କି ପୁଅ, ଏଠାକୁ ଆସିଯାଅ, ସେମାନେ ମନା କରୁଛନ୍ତି ଆଉ ସେମାନେ କହୁଛନ୍ତି କି ମୁଁ ତ ଷ୍ଟାର୍ଟ ଅପ୍ ଆରମ୍ଭ କରିବି। ବିଦେଶରୁ ପଢ଼ି ଆସିଛି। ସମସ୍ତ ଦୁଇ ଦେଶର ଯୁବକଙ୍କଠାରେ ଏହି ଅଭିଳାଷ ରହିଛି ଆଉ ଭାରତ ନେତୃତ୍ୱରେ କେହି ମଧ୍ୟ ଦଳ ହେଉ, ମଧ୍ୟମବର୍ଗୀୟ କରିତକର୍ମା ଯେଉଁ ଯୁବକ ଅଛନ୍ତି, ତାଙ୍କର ଅଭିଳାଷକୁ ଶକ୍ତି ଦେବା ଆବଶ୍ୟକ, ସେମାନଙ୍କୁ ନିରାଶ କରୁଥିବା କାମ କରିବା ଆବଶ୍ୟକ ନୁହେଁ, ଆଉ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, କୌଶଳ ବିକାଶ ଯୋଜନା, ଉଦ୍ୟୋଗୀତା ପ୍ରଶିକ୍ଷଣର ଯୋଜନା ଏ ସମସ୍ତ କଥା ଦେଶର ମଧ୍ୟମ ବର୍ଗର ଶକ୍ତିମାନ ଯୁବକମାନଙ୍କୁ ସେମାନଙ୍କ ଅଭିଳାଶକୁ ଶକ୍ତି ଦେବା ପାଇଁ ଆମେ ପ୍ରୟାସ କରୁଛୁ ଆଉ ଏହାର ପରିଣାମ ହେଉଛି କି ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ ୧୦ କୋଟିରୁ ଅଧିକ ଋଣ ମଞ୍ଜୁର ହୋଇଛି । ଏହି ପରିସଂଖ୍ୟାନ କମ୍ ନୁହେଁ। ଆଉ ଏବେ ସ୍ଥିର ହୋଇଛି ଏହି ଦଶ କୋଟି ଋଣ ମଞ୍ଜୁରୀରେ କେଉଁଠି କାହାର ଅଟକି ଯାଇଛି, ମଝିରେ କିଏ ଦଲାଲ ଆସିଛି, ଏଭଳି କୌଣସି ଅଭିଯୋଗ ଆସିନାହିଁ ଆଉ ଏହା ମଧ୍ୟ ଏହି ସରକାରଙ୍କ କାର୍ଯ୍ୟ ସଂସ୍କୃତିର ହେଉଛି ପରିଣାମ । ଏହା ମଧ୍ୟ ହେଉଛି ସେହି ସଂସ୍କୃତିର ପରିଣାମ, କୌଣସି ମଧ୍ୟସ୍ଥି ଆସି ନାହାନ୍ତି । ଆଉ ତା'ର କାରଣ ଥିଲା କି ଆମେ ଯେଉଁ ପ୍ରକଳ୍ପ ତିଆରି କରିଛୁ, ନୀତି ନିୟମ ତିଆରି କରିଛୁ, ତା'ର ପରିଣାମ ଏହା ଥିଲା କି ତାଙ୍କୁ ବିନା କୌଣସି ଗ୍ୟାରେଂଟିରେ ବ୍ୟାଙ୍କକୁ ଯାଇ ଧନ ମିଳି ପାରୁଛି। ଆଉ ଏହି ଦଶ କୋଟି ଋଣ ମଞ୍ଜୁର ହୋଇଛି, ଯେଉଁଥିରୁ ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ଦିଆଯାଇଛି ।

ଏତିକି ନୁହେଁ। ଏହି ଋଣ ପାଇଥିବା ଲୋକଙ୍କ ମଧ୍ୟରୁ ତିନି କୋଟି ଲୋକ ହେଉଛନ୍ତି ନୂଆ ଉଦ୍ୟମୀ, ଯେଉଁମାନଙ୍କ ଜୀବନରେ କେବେ ଏଭଳି ସୁଯୋଗ ଆସି ନଥିଲା, କ'ଣ ଏହା ଭାରତରେ ରୋଜଗାର ବୃଦ୍ଧି କରିବାର କାମ ହେଉ ନାହିଁ, କିନ୍ତୁ ଆପଣମାନେ ଆଖି ବନ୍ଦ କରି ରଖିଛନ୍ତି । ଆଉ ଏଥିପାଇଁ ଆପଣ ସମସ୍ତେ ନିଜ ଗୀତ ଗାଇବାରୁ ଉପରକୁ ଉଠି ପାରୁ ନାହାଁନ୍ତି, ଆଉ ଏହି ମାନସିକତା ଆପଣମାନଙ୍କୁ ସେହିଠାରେ ରଖିଦେବ ଆଉ ଏହା ମଧ୍ୟ ଅଟଳ ବିହାରୀ ବାଜପେୟୀଙ୍କର କହିବା କଥା କି ସତ୍ୟ ଏହା ଯେ ଆପଣ ଛୋଟ ମନରେ କେହି ବଡ଼ ହୁଏ ନାହିଁ, ଅଟଳ ବିହାରି ବାଜପେୟୀ କହିଛନ୍ତି କି ଛୋଟ ମନ ସେହି ବଡ଼ ହୁଏ ନାହିଁ ଆଉ ଏଥିପାଇଁ ସେହିଠାରେ ହିଁ ରହିଯିବେ, ସେହିଠାରେ ଆପଣଙ୍କୁ ଚଳିବାର ଅଛି ।

ମୁଁ ଟିକେ ପଚାରିବାକୁ ଚାହୁଁଛି ଏମାନେ ସମସ୍ତେ ଆମ ସମୟର, ଆମ ସମୟର ଗୀତ ଗାଇ ଚାଲିଥିଲେ । ୮୦ ଦଶକରେ ଆମ ଦେଶରେ ଏହି ଗୁଞ୍ଜରଣ ଶୁଣିବାକୁ ମିଳୁଥିଲା । ଏକବିଂଶ ଶତାବ୍ଦୀ ଆସୁଛି, ଏକବିଂଶ ଶତାବ୍ଦୀ ଆସୁଛି, ଏକବିଂଶ ଶତାବ୍ଦୀ ଆସୁଛି । ଆଉ ସେହି ସମୟରେ ଏହି କଂଗ୍ରେସର ନେତା ପ୍ରତ୍ୟେକଙ୍କୁ ଏକବିଂଶ ଶତାବ୍ଦୀର ଏକ କାଗଜ ଦେଖାଇଥିଲେ । ଯୁବକ ନେତା ଥିଲେ, ନୂଆ ନୂଆ ଆସିଥିଲେ, ନିଜ ଅଜାଙ୍କଠାରୁ ମଧ୍ୟ ଅଧିକ ଆସନ ଜିତି କରି ଆସିଥିଲେ ଆଉ ଦେଶର ଜନତା ଏକବିଂଶ ଶତାବ୍ଦୀ, ଏକବିଂଶ ଶତାବ୍ଦୀ ଆଉ ମୁଁ ସେହି ସମୟରେ ଗୋଟିଏ ବ୍ୟଙ୍ଗ ଚିତ୍ର ଦେଖିଥିଲି, ତାହା ବେଶ୍ ଉତ୍ସାହଜନକ, ବ୍ୟଙ୍ଗ ଚିତ୍ର ଥିଲା କି ଟ୍ରେନ୍ ପାଖରେ ପ୍ଲାଟଫର୍ମରେ ଜଣେ ଯୁବକ ଠିଆ ହୋଇଛି ଆଉ ସାମ୍ନାରୁ ଟ୍ରେନ୍ ଆସୁଛି। ଟ୍ରେନ ଉପରେ ଲେଖା ଥିଲା ଏକବିଂଶ ଶତାବ୍ଦୀ, ଆଉ ଏହି ଯୁବକ ସେହି ଦିଗକୁ ଦୌଡୁଛି । ଜଣେ ବୟସ୍କ ଲୋକ କହିଲେ ଠିଆ ହୋଇ ରୁହ ତାହା ତ ଆସିବାର ଅଛି ତୁମକୁ କିଛି କରିବାର ଆବଶ୍ୟକତା ନାହିଁ । ୮୦ ଦଶକରେ ଏକବିଂଶ ଶତାବ୍ଦୀର ସ୍ୱପ୍ନ ଦେଖା ଯାଉଥିଲା । ବହୁତ ଡେରି ପର୍ଯ୍ୟନ୍ତ ଏକବିଂଶ ଶତାବ୍ଦୀର ଭାଷଣ ଶୁଣା ଯାଉଥିଲା ଆଉ ଏକବିଂଶ ଶତାବ୍ଦୀର କଥା କହୁଥିବା ସରକାର ଏହି ଦେଶରେ ବିମାନ ଚଳାଚଳ ନୀତି ମଧ୍ୟ ଆଣି ପାଇଁ ନଥିଲେ । ଯଦି ଏକବିଂଶ ଶତାବ୍ଦୀରେ ବିମାନ

ଚଳାଚଳ ନୀତି ନଥିବ, ଆପଣମାନେ କିପରି ଏପରି ଏକବିଂଶ ଶତାବ୍ଦୀ କଥା ଚିନ୍ତା କରିଥିଲେ ? ବଳଦଗାଡ଼ି ଭଳି, ଏହାକୁ ଆପଣ ଚଳାଉଛନ୍ତି ।

ଭାଇ ଓ ଭଉଣୀମାନେ, ଅଧ୍ୟକ୍ଷ ମହୋଦୟା, ଗୋଟିଏ ବିମାନ ଚଳାଚଳ ନୀତି ଆମେ ପ୍ରସ୍ତୁତ କଲୁ ଆଉ ଆଜି ଛୋଟ ସହରମାନଙ୍କରେ ଯେଉଁ ଛୋଟ-ଛୋଟ ଏୟାରଷ୍ଟ୍ରିପ୍ ସବୁ ପଡ଼ିଥିଲା, ସେଗୁଡ଼ିକୁ ଆମେ ଉପଯୋଗ କଲୁ ଆଉ ୧୬ ନୂତନ ଏୟାର ଷ୍ଟ୍ରିପ୍ ଯେଉଁଠାକୁ ଜାହାଜ ଯିବା-ଆସିବା ଆରମ୍ଭ ହୋଇଗଲା । ୫୦ ରୁ ଅଧିକ ବିମାନ ଚଳାଚଳ ପାଇଁ ସମ୍ଭାବନା ପଡ଼ି ରହିଛି, ସେ ଉପରେ ଆମେ କାର୍ଯ୍ୟ କରୁଛୁ । ଦ୍ୱିତୀୟ ଶ୍ରେଣୀ, ତୃତୀୟ ଶ୍ରେଣୀ, ଏ ସହରମାନଙ୍କରେ ଉଡ଼ାଜାହାଜ ରଖିବାକୁ ଯାଉଛି । ଆଉ ଆଜି ଦେଶରେ ଏହା ଶୁଣି ଏହା କଷ୍ଟ ହେବ, ଆଜି ଦେଶରେ ପାଖାପାଖି ସାଢ଼େ ଚାରିଶହ ଜାହାଜ, ଉଡ଼ାଜାହାଜ ହେଉଛି ଅପରେସନାଲ । ପାଖାପାଖି ସାଢ଼େ ଚାରି ଶହ । ଆପଣ ଜାଣି ଖୁସି ହେବେ କି ଆମର ଏହି ପଦକ୍ଷେପର ପରିଣାମ ହେଉଛି କି ଏ ବର୍ଷ ନଅ ଶହରୁ ଅଧିକ ଉଡ଼ାଜାହାଜ କିଣିବାର ଅର୍ଡର ହିନ୍ଦୁସ୍ଥାନରୁ ପାଇଛି ଆଉ ଏଥିପାଇଁ ମୁଁ ମାନୁଛି ଆଉ ଏକ ସଫଳତା ଏଥିପାଇଁ ମିଳିନାହିଁ କି କେବଳ ଆମେ ନିର୍ଣ୍ଣୟ କରୁଛୁ । ଆମେ ଟେକ୍ନୋଲଜିର ସଂପୂର୍ଣ୍ଣ ଭାବରେ ଉପଯୋଗ କରୁଛୁ, ଆଉ ରାଜ୍ୟର କାମ ମଧ୍ୟ ନିରୀକ୍ଷଣ କରୁଛୁ । ଆଉ ରେଳର କାମକୁ ମଧ୍ୟ ଏବଂ ରେଳର କାମକୁ ମଧ୍ୟ ଆମେ ଡ୍ରୋନ ଦ୍ୱାରା ଦେଖୁଛୁ । ଆମେ ଉପଗ୍ରହ ଟେକ୍ନୋଲୋଜି ଦ୍ୱାରା, ଆମେ ଟ୍ୟାଗିଂ କରୁଛୁ । ଏତିକି ନୁହେଁ, ଯଦି ଶୌଚାଳୟ ତିଆରି ହେବ ତ ମୋବାଇଲ ଫୋନରେ ତା'ର ଛବି ଟ୍ୟାଗ କରାଯାଉଛି । ଆଉ ଏହିଭଳି ଭାବେ ପ୍ରତ୍ୟେକ ଜିନିଷକୁ ଉପଗ୍ରହ ଟେକ୍ନୋଲଜି ଉପଯୋଗ କରି ଆଗକୁ ବଢ଼ାଇବାର କାମ ଆମେ କରିଛୁ ଆଉ ସେହି କାରଣରୁ ନିରୀକ୍ଷଣ କରିବା କାରଣରୁ ଗତି ମଧ୍ୟ ଆସିଛି । ନିରୀକ୍ଷଣ କରିବା କାରଣରୁ ସ୍ୱଚ୍ଛତାକୁ ମଧ୍ୟ ଶକ୍ତି ମିଳିଛି ।

ମୁଁ ଆଶ୍ଚର୍ଯ୍ୟଚକିତ ଆଧାର ପାଇଁ ଯଦି ମୋର ଠିକ ଭାବେ ମନେ ଅଛି, ଯେତେବେଳେ ଆମେ ନିର୍ବାଚନ ଜିତିକରି ଆସିଲୁ । ଆପଣମାନଙ୍କ ତରଫରୁ ଆଶଙ୍କା ବ୍ୟକ୍ତ କରାଯାଇଥିଲା କି ମୋଦୀ ଆଧାରକୁ ଶେଷ କରିଦେବେ। ଏହା ହେଉଛି ଆମର ଯୋଜନା ମୋଦୀ ଏହାକୁ ପଟକାଇଦେବେ, ମୋଦୀ ଆଧାରକୁ ଆସିବାକୁ ଦେବ ନାହିଁ ।

ଆପଣ ଏହା ମାନି ଚାଲିଥିଲେ ଆଉ ଏଥିପାଇଁ ଆପଣ ମୋଦୀ ଉପରେ ଆକ୍ରମଣ କରିବା ପାଇଁ ଆଧାରରେ ଏଇଥିପାଇଁ ଉପଯୋଗ କରିଥିଲେ କି ମୋଦୀ ଆଣିବ ନାହିଁ । କିନ୍ତୁ ଯେତେବେଳେ ମୋଦୀ ଏହାକୁ ବୈଜ୍ଞାନିକ ଉପାୟରେ ଆଣିଲା ଆଉ ତାହାର ବୈଜ୍ଞାନିକ ଉପଯୋଗ କରିବାର ରାସ୍ତା ଖୋଜିଲା ଯାହା ଆପଣଙ୍କର କଳ୍ପନା ମଧ୍ୟରେ ତାହା ନଥିଲା, ଆଉ ଯେତେବେଳେ ଆଧାର ଲାଗୁ ହୋଇଗଲା, ଭଲ ଢ଼ଙ୍ଗରେ ଲାଗୁ ହୋଇଗଲା । ଗରିବରୁ ଗରିବ ବ୍ୟକ୍ତିକୁ ଏହାର ଲାଭ ଭଲ ଭାବରେ ମିଳିବାକୁ ଲାଗିଲା, ତ ଆପଣଙ୍କୁ ଆଧାର କାର୍ଯ୍ୟକାରିତା ଖରାପ ଲାଗିବାକୁ ଲାଗିଲା । ମୁଣ୍ଡ ବି ମୋର, ଲାଞ୍ଜ ବି ମୋର। ଏହି ଖେଳି ଚାଲିଥାଏ କି ? ଆଉ ଏଥିପାଇଁ ଆଜି ୧୧୫ କୋଟିରୁ ଅଧିକ ଆଧାର ତିଆରି ହୋଇ ସାରିଛି । କେନ୍ଦ୍ର ସରକାରଙ୍କର ପାଖାପାଖି ଚାରିଶହ ଯୋଜନା ଗୁଡିକ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଯୋଜନା ମାଧ୍ୟମରେ ଗରିବଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଯିବାକୁ ଲାଗିଲାଣି । ୫୭ ହଜାର କୋଟି ଟଙ୍କା, ଆରେ ଆପଣ ଏପରି ଏପରି ବିଧବାମାନଙ୍କୁ ପେନସନ୍ ଦେଇଛନ୍ତି, ଯେଉଁ ଝିଅ ଜନ୍ମ ହୋଇ ନାହିଁ, ସେ କାଗଜରେ ବିଧବା ହୋଇଯାଏ । ବର୍ଷ-ବର୍ଷ ଧରି ପେନ୍‌ସନ୍ ଯାଇଥାଏ, ପଇସା ଯାଇଥାଏ, ଆଉ ମଲେଇ ଖାଇବାବାଲା ମଧ୍ୟସ୍ଥି ମଲାଇ ଖାଇଥାଏ । ବିଧବା ନାମରେ, ବୟସ୍କଙ୍କ ନାମରେ, ଦିବ୍ୟାଙ୍ଗଙ୍କ ନାମରେ ସରକାରୀ ରାଜକୋଷରୁ ଯାଉଥିବା ଅର୍ଥ ମଧ୍ୟସ୍ଥିଙ୍କ ପକେଟକୁ ଯାଇଛି ଆଉ ରାଜନୀତି ଚାଲୁ ରହିଛି । ଆଜି ଆଧାର ଯୋଗୁଁ ସିଧାସଳଖ ସୁବିଧା ହସ୍ତାନ୍ତର ଯୋଗୁଁ ଆପଣ ଦୁଃଖୀ ଅଛନ୍ତି, ଏପରି ନୁହେଁ । ଆପଣଙ୍କର ଦୁଃଖର କାରଣ ହେଉଛି ଏହା ଯେ ଯେଉଁ ମଧ୍ୟସ୍ଥିଙ୍କ ଷଡଯନ୍ତ୍ର ଥିଲା, ସେହି ମଧ୍ୟସ୍ଥିଙ୍କର ଷଡଯନ୍ତ୍ର ଶେଷ ହୋଇଛି ଏବଂ ଏଥିପାଇଁ ଯେଉଁ ରୋଜଗାର ପାଇଛି ତାହା ମଧ୍ୟସ୍ଥିଙ୍କର ଯାଇଛି । ଯେଉଁ ରୋଜଗାର ଯାଇଛି, ବେଇମାନଙ୍କର ଯାଇଛି, ଯେଉଁ ରୋଜଗାର ଯାଇଛି ତାହା ଦେଶକୁ ଲୁଟୁଥିବା ଭଳି ଲୋକଙ୍କର ଯାଇଛି ।

ଅଧ୍ୟକ୍ଷ ମହୋଦୟା, ଚାରି କୋଟି ଗରିବ ଆଉ ମଧ୍ୟମ ବର୍ଗଙ୍କ ପରିବାରଙ୍କୁ ମାଗଣା ବିଜୁଳି ସଂଯୋଗ ଦେବାର ସୌଭାଗ୍ୟ ଆମେ ଆଣିଛୁ। ଆପଣ କହିବେ କି ଲୋକଙ୍କ ଘରେ ବିଜୁଳି ଦେବାର ଯୋଜନା ଆମ ସମୟରେ ହୋଇଥିଲା । ହୋଇଥିବ, କିନ୍ତୁ କ'ଣ ବିଜୁଳି ଥିଲା ? କ'ଣ ପରିବହନ ଲାଇନ୍ ଥିଲା ? ଆଜ୍ଞା ୧୮ ହଜାର ଗାଁ ପର୍ଯ୍ୟନ୍ତ ଖୁଣ୍ଟ ମଧ୍ୟ

ପୋତାଯାଇ ନଥିଲା, ଅଷ୍ଟାଦଶ ଶତାବ୍ଦୀରେ ଜିଇଁବା ପାଇଁ ଲୋକ ବାଧ୍ୟ ହୋଇଥିଲେ । ଆଉ ଆଜି ଆପଣ ଏହା କହୁଛନ୍ତି କି ଆମର ଯୋଜନା ଥିଲା । ଆଉ ଆମେ କୌଣସି ମଧ୍ୟ ବିକାଶ ପାଇଁ ଗୋଟିଏ ଅଂଶରେ ଦେଖିବାକୁ ଚାହୁଁ ନାହୁଁ । ଆମେ ଏକ ବୌଦ୍ଧିକ, ସମନ୍ୱିତ ଆଭିମୁଖ୍ୟ ଏବଂ ଦୂରଦୃଷ୍ଟି ସହିତ ଆଉ ସୁଦୂର ପ୍ରସାରି ପରିଣାମ ଦେବା ଭଳି ଯୋଜନା ସହିତ ଆମେ ଜିନିଷକୁ ଆଗକୁ ଆଣିଥାଉ । କେବଳ ବିଜୁଳିର ବିଷୟ ମୁଁ କହିବାକୁ ଚାହୁଁଛି। ଆପଣମାନଙ୍କୁ ଜଣାପଡ଼ିବ କି ସରକାରଙ୍କର କାମ କରିବାର କୌଶଳ କ'ଣ ଅଛି । ଆମେ କିଭଳି ଭାବେ କାମ କରୁଛୁ? ବିଜୁଳି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଚାରି କୋଟି ଘରେ, ଦେଶରେ ମୋଟ ଘର ସଂଖ୍ୟା ହେଉଛି ୨୫ କୋଟି, ଚାରି କୋଟି ଘରେ ଆଜ ମଧ୍ୟ ବିଜୁଳି ନ ରହିବା ଅର୍ଥ ପାଖାପାଖି ୨୦ ପ୍ରତିଶତ ଲୋକ ଆଜି ମଧ୍ୟ ଅନ୍ଧାରରେ ଜୀବନ ବିତାଉଛନ୍ତି । ଏହା ଗର୍ବ କରିବା ଭଳି ବିଷୟ ନୁହେଁ। ଆଉ ଆପଣ ଏହା ଆମକୁ ପରମ୍ପରା ଭାବେ ଦେଇଛନ୍ତି ଯାହାକୁ ସଂପୂର୍ଣ୍ଣ କରିବା ପାଇଁ ଆମେ ପ୍ରୟାସ କରୁଛୁ। କିନ୍ତୁ କିପରି କରୁଛୁ । ଆମେ ବିଜୁଳି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଭିନ୍ନ-ଭିନ୍ନ ପର୍ଯ୍ୟାୟରେ ଜିନିଷରେ ଆମେ ହାତ ଦେଇଛୁ । ପ୍ରଥମରେ ବିଜୁଳି ଉତ୍ପାଦନ, ପରିବହନ, ପରିବର୍ଣ୍ଟନ ଏବଂ ଚତୁର୍ଥରେ ଆସୁଛି ସଂଯୋଗ । ଆଉ ଏହି ସମସ୍ତ ଜିନିଷକୁ ଆମେ ଏକାଠି ଆଗକୁ ବଢ଼ାଉଛୁ । ସର୍ବପ୍ରଥମେ ଆମେ ବିଜୁଳି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଲୁ । ସୌର ଶକ୍ତି ହେଉ, ଜଳ ବିଦ୍ୟୁତ ହେଉ, ତାପଜ ବିଦ୍ୟୁତ ହେଉ, ପରମାଣୁ ଶକ୍ତି ହେଉ, ଯେଉଁ କ୍ଷେତ୍ରରୁ ବିଜୁଳି ମିଳି ପାରିବ, ତା'ଉପରେ ଆମେ ଗୁରୁତ୍ୱ ଦେଇ ବିଜୁଳି ଉତ୍ପାଦନ ବଢ଼ାଇଲୁ । ପରିବହନ ନେଟୱାର୍କରେ ଆମେ ଦ୍ରୁତ ଗତିରେ ବୃଦ୍ଧି କଲୁ । ବିଗତ ତିନି ବର୍ଷରେ ଦେଢ଼ ଲକ୍ଷ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ଉପରେ ଆମେ କାମ କରିଛୁ । ଏହା ବିଗତ ସରକାରଙ୍କ ଶେଷ ତିନି ବର୍ଷ ତୁଳନାରେ ୮୩ ପ୍ରତିଶତ ଅଧିକ। ଆମେ ସ୍ୱାଧୀନତା ପରେ ଦେଶରେ ମୋଟ ସ୍ଥାପିତ ପରିବହନ ଲାଇନ୍, ଏଥିରେ ୨୦୧୪ ପରେ ୩୧ ପ୍ରତିଶତ ଅର୍ଥାତ ସ୍ୱାଧୀନତା ପରେ ଯାହା ଥିଲା, ସେଥିରେ ଆମେ ଏକା ଆସିବା ପରେ ବଢାଇଛୁ । ଟ୍ରାନ୍ସଫର୍ମରର ଦକ୍ଷତା ବିଗତ ତିନି ବର୍ଷ ଆମେ ୪୨ ପ୍ରତିଶତ ବଢ଼ାଇଛୁ । କାଶ୍ମୀରରୁ କନ୍ୟାକୁମାରୀ, କଚ୍ଛରୁ କାମରୋ, ଅବାଧ ଭାବେ ବିଜୁଳି ପରିବହନ କରିବା

ପାଇଁ ସମସ୍ତ ନେଟୱାର୍କର କାମ ଆମେ ଠିଆ କରାଇ ଦେଇଛୁ । ଶକ୍ତି ବଣ୍ଟନ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ୨୦୧୫ରେ ଉଜ୍ୱଳ ଡିସକମ୍ ଏସ୍ୟୁରାନ୍ସ ଯୋଜନା ଅର୍ଥାତ ଉଦୟ ଯୋଜନା ଏବଂ ରାଜ୍ୟଗୁଡ଼ିକୁ ସାଙ୍ଗରେ ନେଇ ବୁଝାମଣା କରି ଆଗକୁ ବଢାଇଛୁ । ବିଜୁଳି ବିତରଣ କମ୍ପାନୀମାନଙ୍କରେ ଅଧିକ ଉନ୍ନତ ମାନର ପରିଚାଳନା ଆଉ ଆର୍ଥିକ ପରିଚାଳନା ପ୍ରମାଣିତ ହେଉ, ସେ ଉପରେ ଆମେ ଯୋର ଦେଇଛୁ । ଏହା ପରେ ସଂଯୋଗ ପାଇଁ ଘରେ ବିଜୁଳି ପହଂଚାଇବା ପାଇଁ ସୌଭାଗ୍ୟ ଯୋଜନା ଆରମ୍ଭ କରିଛୁ । ଗୋଟିଏ ପଟେ ବିଜୁଳି ପହଂଚାଇବା, ଅନ୍ୟ ପଟେ ବିଜୁଳି ବଞ୍ଚାଇବା, ଆମେ ୨୮ କୋଟି ଏଲ୍ଇଡ଼ି ବଲ୍ବ ବାଣ୍ଟିଛୁ । ମଧ୍ୟମ ବର୍ଗର ପରିବାର ଯିଏ ଘରେ ଦିନର ବିଜୁଳିର ଉପଯୋଗ କରିଥାଏ । ୨୮ କୋଟି ବିଜୁଳି ବଲ୍ବ ପହଂଚିବା କାରଣରୁ ୧୫ହଜାର କୋଟି ଟଙ୍କା ବିଜୁ ବିଲ୍ ବଞ୍ଚିଛି, ଯାହା ମଧ୍ୟମ ବର୍ଗର ପରିବାରର ପକେଟର ବଞ୍ଚିଛି । ଦେଶର ମଧ୍ୟମ ବର୍ଗଙ୍କୁ ଲାଭ ହୋଇଛି । ଆମେ ସମୟର ଅପଚୟକୁ ମଧ୍ୟ ବଂଚାଇଛୁ । ଆମେ ଧନ ଅପଚୟକୁ ରୋକିବା ପାଇଁ ସଚ୍ଚୋଟତାର ସହ ପ୍ରୟାସ କରିଛୁ ।

ଅଧ୍ୟକ୍ଷ ମହୋଦୟ, ଏଠାରେ କୃଷକଙ୍କ ନାମରେ ରାଜନୀତି କରିବାର ଭରପୁର ପ୍ରୟାସ ଚାଲିଛି ଏବଂ ସେମାନଙ୍କୁ ମଧ୍ୟ ସାହାଯ୍ୟ କରୁଥିବା ଲୋକ ମିଳିଯାଉଛନ୍ତି । ଏହା ସତ୍ୟ ଯେ ସ୍ୱାଧୀନତାର ୭୦ବର୍ଷ ପରେ ମଧ୍ୟ ଆମର କୃଷକ ଯେଉଁ ଉତ୍ପାଦନ କରନ୍ତି ପାଖାପାଖି ଏକ ଲକ୍ଷ କୋଟି ଟଙ୍କାର ଏଠାରେ ଯେଉଁ ଉତ୍ପାଦିତ ଜିନିଷ ରହିଛି ଫଳ ହେଉ, ଫୁଲ ହେଇ, ପନିପରିବା ହେଉ, ଶସ୍ୟ ହେଉ, ଏହା କ୍ଷେତରୁ ନେଇ ଭଣ୍ଡାର ପର୍ଯ୍ୟନ୍ତ ଏବଂ ବଜାର ସହିତ ଯେଉଁ ଯୋଗାଣ ଶୃଙ୍ଖଳ ଆବଶ୍ୟକ ସେଥିରେ ଅଭାବ ରହିବା କାରଣରୁ ସେହି ସଂପଦ ନଷ୍ଟ ହୋଇ ଯାଇଥାଏ । ଆମେ ପ୍ରଧାନମନ୍ତ୍ରୀ କିଷାନ ସଂପଦା ଯୋଜନା ଆରମ୍ଭ କଲୁ ଏବଂ ଆମେ ସେହି ଭିତ୍ତିଭୂମିକୁ ଶକ୍ତି ଦେଉଛୁ କି କୃଷକ ଯେଉଁ ଉତ୍ପାଦନ କରୁଛି ତାକୁ ରକ୍ଷଣାବେକ୍ଷଣ ବ୍ୟବସ୍ଥା ମିଳୁ। କମ୍ ଖର୍ଚ୍ଚରେ ମିଳୁ ଆଉ ତା' ଫସଲ ନଷ୍ଟ ନ ହେଉ । ତାହାର ଗ୍ୟାରେଣ୍ଟି ପ୍ରସ୍ତୁତ କରିଛୁ ।

ସରକାର ଯୋଗାଣ ଶୃଙ୍ଖଳରେ ନୂତନ ଭିତ୍ତିଭୂମି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବାକୁ ନିଷ୍ପତ୍ତି କରିଛନ୍ତି ଆଉ ଏହା ପରେ ଯେଉଁ ଏକ ଲକ୍ଷ କୋଟି ଟଙ୍କା ସଂଚୟ ହେବ ତାହା ଦେଶର କୃଷକଙ୍କୁ ଖାଦ୍ୟ ପ୍ରକ୍ରିୟାକରଣରେ ଲାଗିଥିବା ମଧ୍ୟମ ବର୍ଗର ଯୁବକଙ୍କୁ ଗାଁରେ ହିଁ କୃଷି ଆଧାରିତ ଉଦ୍ୟୋଗ ପାଇଁ ସୁଯୋଗର ସମ୍ଭାବନା ସୃଷ୍ଟି ହୋଇଛି । ଆମ ଦେଶରେ କୃଷିର ଯେତିକି ମହତ୍ତ୍ୱ ଅଛି, ପଶୁପାଳନର ମଧ୍ୟ ସେତିକି ମହତ୍ତ୍ୱ ରହିଛି, ତାହା ଗୋଟିଏ ଅନ୍ୟଟି ସହିତ ଯୋଡ଼ି ହୋଇ ରହିଛି । ଆମ ଦେଶରେ ପଶୁପାଳନ କ୍ଷେତ୍ରରେ ଆବଶ୍ୟକ ବ୍ୟବସ୍ଥାର ଅଭାବ ହେତୁ ବର୍ଷକୁ ୪୦ ହଜାର କୋଟି ଟଙ୍କାର କ୍ଷତି ହୋଇଥାଏ। ଆମେ ପ୍ରାଣୀମାନଙ୍କର କଥା ଚିନ୍ତା କରି କାମଧେନୁ ଯୋଜନା ଦ୍ୱାରା ଏହି ପଶୁମାନଙ୍କର ରକ୍ଷଣାବେକ୍ଷଣ ଚିନ୍ତା କରିବା ପାଇଁ ସେମାନଙ୍କର ଆରୋଗ୍ୟର ଚିନ୍ତା କରିବା ପାଇଁ ଏକ ବଡ ଅଗ୍ରାଧିକାର କାର୍ଯ୍ୟ ଆରମ୍ଭ କରିଛୁ । ଆଉ ସେହି କାରଣକୁ କାମଧେନୁ ଯୋଜନାର ଲାଭ ଦେଶର ପଶୁପାଳନକୁ ଆଉ ଯେଉଁ କୃଷକ ପଶୁପାଳନ କରିଥାଏ ତାଙ୍କୁ ମିଳିଥାଏ । ସେମାନଙ୍କୁ ଏକ ବହୁତ ବଡ ଆଶ୍ୱାସନା ମିଳିବାକୁ ଯାଉଛି। ଆମେ ୨୦୨୨ ସୁଦ୍ଧା କୃଷକଙ୍କ ଆୟ ଦୁଇ ଗୁଣା କରିବା କଥା କହୁଛୁ । ଅଶୀ ଦଶକରେ ଏକ ବିଂଶଶତାବ୍ଦୀର କଥା କହିବା ତାହାତ ମଞ୍ଜୁରୀ ଥିଲା । କିନ୍ତୁ ଯଦି ମୋଦି ଆଜି ୨୦୧୮ରେ ସ୍ୱାଧୀନତାର ୭୫ ବର୍ଷ ୨୦୨୨କୁ ମନେପକାନ୍ତି ତ ଆପଣମାନଙ୍କୁ କଷ୍ଟ ହେଉଛି। କି ମୋଦୀ ୨୦୨୨ ର କଥା କାହିଁକି କହୁଛନ୍ତି । ଆପଣ ଅଶୀ ଦଶକରେ ଏକବିଂଶ ଶତାବ୍ଦୀର ଗୀତ ଗାଉଥିଲେ । ଦେଶକୁ ଦେଖାଉଥିଲେ । ଆଉ ଯେତେବେଳେ ମୋ ସରକାର ନିର୍ଦ୍ଧାରିତ କାମ ସହିତ ୨୦୨୨ରେ ସ୍ୱାଧୀନତାର ୭୫ ବର୍ଷ ଏକ ପ୍ରେରଣା ତାକୁ ନେଇ ଯଦି କାମ କରୁଛନ୍ତି ତ ଆପଣମାନଙ୍କୁ ତାହା ମଧ୍ୟ କଷ୍ଟ ହେଉଛି । ଆଉ କୃଷକଙ୍କ ଆୟ ଦୁଇଗୁଣା କରିବା । ଆପଣ ଏଥିପାଇଁ ଆଶଙ୍କାରେ ଜୀଉଁଛନ୍ତି କି ଆପଣମାନେ କେବେ ବୃହତର କଥା ଚିନ୍ତା କରି ନାହାଁନ୍ତି । ଛୋଟ ମନରେ କିଛି ହୁଏ ନାହିଁ । ଆପଣ କୃଷକଙ୍କ ଆୟ ଦୁଇଗୁଣା କରିବା ଅର୍ଥ କ'ଣ ଚାଷବାସରେ ଖର୍ଚ୍ଚ କମ୍ କରିପାରିବା ନାହିଁ । ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା ଏହା ସମ୍ଭବ ହୋଇଛି, ସୌରପମ୍ପ ଦ୍ୱାରା ଏହା ସମ୍ଭବ ହୋଇଛି । ନିମ ଲେପିତ ୟୁରିଆ ଯୋଗୁଁ ଏହା ସମ୍ଭବ ହୋଇଛି । ଏହି ସମସ୍ତ ହେଉଛି କୃଷକଙ୍କର ଖର୍ଚ୍ଚ କମ୍ କରିବା ପାଇଁ

କାମ ଆସିବା ଭଳି ଜିନିଷ । ଏଭଳି ଅନେକ କଥାକୁ ଆମେ ଆଗକୁ ବଢ଼ାଇଛୁ ସେହିଭଳି ଭାବେ କୃଷକଙ୍କୁ ନିଜ କୃଷି କାର୍ଯ୍ୟ ସହିତ ଆମେ ବାଁଉଶ ଚାଷର ନିଷ୍ପତ୍ତି କରିଛୁ । ଯଦି ସେ ନିଜ କ୍ଷେତ ଚାରି ପଟେ ବାଉଁଶ ଲଗାଇବ ଆଉ ଆଜି ସେହି ବାଉଁଶର ଏକ ସୁନିଶ୍ଚିତ ବଜାର ରହିଛି । ଆଜି ହଜାର-ହଜାର କୋଟି-କୋଟି ଟଙ୍କାର ବାଉଁଶ ଆମଦାନୀ କରୁଛି । ଆପଣମାନଙ୍କର ଗୋଟିଏ ଭୁଲ ନୀତି ଯୋଗୁଁ । କ'ଣ ଆପଣ ବାଉଁଶକୁ ଗଛ କହିଦେଲେ, ଆଉ ସେହି କାରଣରୁ କେହି ବାଉଁଶ କାଟି ପାରୁନଥିଲେ। ମୋ ଉତ୍ତର-ପୂର୍ବ ରାଜ୍ୟର ଲୋକ ଚିନ୍ତାଗ୍ରସ୍ତ ଥିଲେ। ଆମମାନଙ୍କ ମଧ୍ୟରେ ସାହାସ ଅଛି କି ଆମେ ବାଉଁଶକୁ ଘାସର ଶ୍ରେଣୀଭୁକ୍ତ କରି ରଖିଲୁ । ତାହା କୃଷକଙ୍କ ଆୟ ବୃଦ୍ଧି କରିବ । ନିଜ ବିଲ ଚାରିପଟେ ଯଦି ସେ ବାଉଁଶ ଲଗାଇବ, ତା'ର ଛାୟା ଯୋଗୁଁ କୃଷକଙ୍କୁ ଅସୁବିଧା ହୋଇ ନଥାଏ । ତା'ଛଡ଼ା ତାହାର ଅତିରିକ୍ତ ଆୟ ବଢ଼ିବ । ଆମେ ଦୁଗ୍ଧ ଉତ୍ପାଦନ ବଢ଼ାଇବାକୁ ଚାହୁଁଛୁ। ପ୍ରତ୍ୟେକ ପ୍ରାଣୀଠାରୁ ଆମର ଏଠି ଦୁଗ୍ଧ ଉତ୍ପାଦନ ହୋଇଥାଏ । ତାହାକୁ ବଢ଼ା ଯାଇପାରେ । ଆମେ ମହୁମାଛି ପାଳନ ଉପରେ ଗୁରୁତ୍ୱ ଦେବାକୁ ଚାହୁଁଛୁ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ମହୁମାଛି ପାଳନରେ ପାଖାପାଖି ୪୦ ପ୍ରତିଶତ ବୃଦ୍ଧି ହୋଇଛି । ମହୁ ରପ୍ତାନୀ କରିବାରେ ହୋଇଛି ଏବଂ ବହୁତ କମ ଲୋକଙ୍କୁ ଏହା ଜଣାଥିବ । ଆଜି ଦୁନିଆ ବୌଦ୍ଧିକ ଓ ସାମଗ୍ରୀକ ସ୍ୱାସ୍ଥ୍ୟରକ୍ଷା, ସହଜରେ ସହାବସ୍ଥାନ ଏଥିରେ ଗୁରୁତ୍ୱ ଦେଉଛି। ଆଉ ଏଥିପାଇଁ ତାହାକୁ ରସାୟନିକ ମହମରୁ ରକ୍ଷା ପାଇଁ, ମହୁରୁ ପ୍ରସ୍ତୁତ ମହମ ପାଇଁ, ଆଜି ସମଗ୍ର ଦୁନିଆରେ ମହୁ ମହମର ବହୁତ ବଡ଼ ବଜାର ଅଛି । ଆଉ ଆମର କୃଷକ ଚାଷବାସ ସହିତ ମହୁମାଛିର ପାଳନ କରିବ । ତ ମହୁ ମହମ ଯୋଗୁଁ ତାକୁ ଏକ ଉତ୍ତମ ପ୍ରକାରର ଅଧିକ ଆୟରେ ମଧ୍ୟ ପରିବର୍ତ୍ତନ ହେବ। ଆମେ ଏହା ମଧ୍ୟ ଜାଣିଛୁ କି ମହୁମାଛି ଫସଲର ଉତ୍ପାଦନ ବଢ଼ାଇବାରେ ମଧ୍ୟ ଏକ ନୂତନ ଶକ୍ତି ପ୍ରଦାନ କରିଥାଏ। ଏଭଳି ଅନେକ କ୍ଷେତ୍ର ଅଛି ଆଉ ଏ ସମସ୍ତ କାର୍ଯ୍ୟ ଦୁଗ୍ଧ ଉତ୍ପାଦନ, କୁକୁଡ଼ା ପାଳନ, ମାଛ ଚାଷ ହେଉ, ବାଉଁଶ ହେଉ, ମୂଲ୍ୟଯୁକ୍ତ ହେଉ ଏହି ସମସ୍ତ ଜିନିଷ ଅଛି । ଯାହା କୃଷକଙ୍କ ଆୟ ଦ୍ୱିଗୁଣିତ କରିପାରିବ । ଆମେ ଜାଣିଛୁ କି ଯେଉଁ ଲୋକ ଭାବୁଥିଲେ ଆଧାର କେବେ ଆସିବ ନାହିଁ- ଆସିଗଲା, ସେମାନଙ୍କୁ ଏହା ମଧ୍ୟ ଚିନ୍ତାଗ୍ରସ୍ତ କରାଇଲା କି ଜିଏସ୍‌ଟି ଆସିବ ନାହିଁ ଆଉ

ଆମେ ସରକାରଙ୍କୁ ବୁଢ଼ାଇ ଦେବୁ। ଏବେ ଜିଏସ୍‌ଟି ଆସିଗଲା, ଆସିଗଲା ତ କ'ଣ କରିବା ତ ନୂତନ ଖେଳଖେଳିବା, ଏହି ଖେଳ ଚାଲୁ ରହିଛି । କୌଣସି ଦେଶର ରାଜନୈତିକ ନେତା ଦେଶକୁ ନିରାଶ କରିବାର କାମ କରନ୍ତି ନାହିଁ । କିନ୍ତୁ କିଛି ଲୋକ ଏହି କାମକୁ ରାସ୍ତା ଭାବେ ବାଛି ନେଇଛନ୍ତି। ଆଦି କେବଳ ଜିଏସଟି ଯୋଗୁଁ ମାଲ ପରିବହନରେ ଯେଉଁ ଲାଭ ହୋଇଛି, ଆମର ଟ୍ରକ ପ୍ରଥମେ ଯାଉଥିଲା ଯେତେ ସମୟ ଟ୍ରାଫିକ୍ ଜାମ କାରଣରୁ, ଟୋଲ ଟ୍ୟାକ୍ସ ବା ପଥକର କାରଣରୁ ତା'ର ନଷ୍ଟ ହେଉଥିଲା । ଆଜି ତାହାର ସେହି ସମୟ ବଂଚିଗଲା। ଆଉ ଆମର ପରିବହନର କ୍ଷମତାକୁ ୬୦ ପ୍ରତିଶତ ମାଲ ଖଲାସ କରିବାର ନୂତନ ଶକ୍ତି ଆସି ପାରିଛି । ଯେଉଁ କାମ ପାଞ୍ଚଛଅ ଦିନରେ ଗୋଟିଏ ଟ୍ରକ ଯାଇ କରୁଥିଲା, ତାହା ଆଜି ଅଢ଼େଇ-ତିନି ଦିନରେ ଶେଷ କରି ଦେଉଛି । ଏହା ଦେଶ ପାଇଁ ବହୁତ ବଡ଼ ଲାଭପ୍ରଦ ହୋଇଛି । ଆମ ଦେଶରେ ମଧ୍ୟମବର୍ଗ, ଭାରତକୁ ଆଗକୁ ନେଇ ଯିବାରେ ସେମାନଙ୍କର ବହୁତ ବଡ଼ ଭୂମିକା ରହିଛି। ମଧ୍ୟମ ବର୍ଗଙ୍କୁ ନିରାଶ କରିବା ପାଇଁ ଭ୍ରମ ସୃଷ୍ଟି କରିବାର ପ୍ରୟାସ ହେଉଛି । ଆମ ଦେଶର ମଧ୍ୟମ ବର୍ଗର ବ୍ୟକ୍ତି ସୁଶାସନ ଚାହୁଁଛି । ଭଲ ବ୍ୟବସ୍ଥା ଚାହୁଁଛି । ସେ ଯଦି ଟ୍ରେନ୍ ଟିକଟ ନେଇଛି ତ ଟ୍ରେନରେ ତାକୁ ଏକ ସୁବିଧା ଦରକାର । ଯଦି ସେ କଲେଜରେ ପିଲାଙ୍କୁ ପଢ଼ାଇବାକୁ ଚାହୁଁଛି ତ ତାକୁ ଭଲ ଶିକ୍ଷା ଚାହୁଁଛି। ପିଲାଙ୍କୁ ସ୍କୁଲ ପଠାଇବାକୁ ଚାହୁଁଛି ତ ସ୍କୁଲରେ ଭଲ ଶିକ୍ଷା ଚାହୁଁଛି । ସେ ଖାଦ୍ୟ କିଣିବାକୁ ଯାଉଛି ତ ଭଲ ଗୁଣବତ୍ତା ମୁକ୍ତ ଖାଦ୍ୟ ମିଳୁ ଏହା ମଧ୍ୟମ ବର୍ଗର ବ୍ୟକ୍ତି ଚାହିଁଥାଏ । ଆଉ ଏ କାମ ହେଉଛି ସରକାରଙ୍କର ଯେ ପାଠପଢା ପାଇଁ ଉନ୍ନତ ସଂସ୍ଥାନ ହେଉ, ଉଚିତ ମୂଲ୍ୟରେ ତାକୁ ଘର ମିଳୁ, ଭଲ ସଡକ ମିଳୁ, ଗମନା ଗମନର ଉନ୍ନତ ସୁବିଧା ମିଳୁ, ଆଧୁନିକ ସହରୀ ଭିତ୍ତିଭୂମି ହେଉ, ମଧ୍ୟମ ବର୍ଗର ଆଶା ଆକାଂକ୍ଷା ଗୁଡିକୁ ପୂରଣ କରିବାରେ ସହଜରେ ସହାବସ୍ଥାନ କରିବା ପାଇଁ ଏହି ସରକାର ଦେଢ଼ ବର୍ଷ ଧରି ପଦକ୍ଷେପ ଉଠାଇଛନ୍ତି। ଆମେ ଆଉ ଏହା ଶୁଣିକରି ଆଶ୍ଚର୍ଯ୍ୟ ହୋଇଯିବୁ ଏ ଲୋକମାନେ ପ୍ରାରମ୍ଭିକ ଆୟକର ସ୍ତର ଦୁନିଆରେ ୫ ପ୍ରତିଶତ ଦରରେ ଯଦି ସବୁଠାରୁ କମ୍ କେଉଁଠି ଅଛି ତ ଭାରତ, ହିନ୍ଦୁସ୍ଥାନରେ ରହିଛି। ଯାହା କୌଣସି ସମୃଦ୍ଧ ଦେଶରେ ମଧ୍ୟ ନାହିଁ, ସମୃଦ୍ଧ ଦେଶରେ ମଧ୍ୟ ନାହିଁ ତାହା ଆମର ଏଠି ଅଛି । ୨୦୧୮ ପୂର୍ବ ବଜେଟ୍‌ରେ ଟିକସ

ଛାଡର୍ ସୀମା ପଚାଶ ହଜାର ଟଙ୍କା ବଢ଼ାଇ ଅଢ଼େଇ ଲକ୍ଷ ଟଙ୍କା କରି ଦିଆ ଯାଇଥିଲା । ଏ ବର୍ଷ ବଜେଟରେ ଆମେ ଚାଳିଶ ହଜାର ଟଙ୍କାର Standard Deduction କୁ ଆମେ ମଞ୍ଜୁର କରି ଦେଇଛୁ। ବରିଷ୍ଠ ନାଗରିକଙ୍କୁ ଟିକସରେ ଛାଡ଼ର ବ୍ୟବସ୍ଥା ମଧ୍ୟ କରିଛୁ । ମଧ୍ୟମ ବର୍ଗଙ୍କୁ ପାଖାପାଖି ୧୨ ହଜାର କୋଟି ଟଙ୍କାର ବାର୍ଷିକ ନୂତନ ଲାଭ ଏହା ଯୋଡ଼ି ହୋଇ ଚାଲିବ ଏହି କାମ ଆମ ସରକାର କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)ରେ ୩୧ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ଆମେ କରିଛୁ । ପ୍ରଥମ ଥର ଏହି ଦେଶରେ ମଧ୍ୟମ ବର୍ଗର ଲୋକମାନଙ୍କୁ ସୁଧରେ ରିହାତି ଦେବାର କାମ ଏହି ସରକାର କରିଛନ୍ତି । ନୂତନ ଏମ୍ସ, ନୂତନ ଆଇଆଇଟି, ନୂତନ ଆଇଆଇଏମ୍, ୧୧ଟି ବଡ଼-ବଡ଼ ସହରମାନଙ୍କରେ ମେଟ୍ରୋ, ୩୨ ଲକ୍ଷରୁ ଅଧିକ ରାଜପଥକୁ ଏଲ୍ଇଡ଼ି ଲାଇଟ୍ ଦ୍ୱାରା ଆଲୋକିତ କରି ଦିଆଯାଇଛି । ଆଉ ଏଥିପାଇଁ ନୂତନ ଉଦ୍ୟମ ହେଉଛି ଏମ୍ଏସଏମ୍ଇ ଯାହାକୁ କେହି ମନା କରିପାରିବେ ନାହିଁ । ଏମଏସଏମ୍ଇର କ୍ଷେତ୍ର ସହିତ ଯୋଡ଼ି ହୋଇଥିବା ଏହି ଲୋକମାନେ ହେଉଛନ୍ତି ମଧ୍ୟମ ବର୍ଗ ଆଉ ଉଚ୍ଚ ମଧ୍ୟମ ବର୍ଗର । ଅଢ଼େଇଶହ କୋଟି ଟଙ୍କାର କାରବାରରେ ଆମେ ଟିକସ ହାର ୩୦ ପ୍ରତିଶତରୁ କମ୍ କରି ୨୫ପ୍ରତିଶତ କରି ମଧ୍ୟମ ବର୍ଗର ସମାଜର ବହୁତ ବଡ଼ ସେବା କରିଛୁ। ୫ ପ୍ରତିଶତ ଦେଇଛୁ । ୨ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ସମସ୍ତ ବ୍ୟବସାୟୀଙ୍କୁ କେବଳ ବ୍ୟାଙ୍କିଙ୍ଗ Correspondentଙ୍କ ମାଧ୍ୟମରେ ନେବା-ଦେବା କରୁଛନ୍ତି । ସରକାର ସେମାନଙ୍କର ଆୟକୁ କାରବାରର ୮ ପ୍ରତିଶତ ନୁହେଁ ୬ ପ୍ରତିଶତ ମାନୁଛନ୍ତି । ଅର୍ଥାତ୍ ତାଙ୍କୁ ଟିକସ ଉପରେ ୨ ପ୍ରତିଶତର ଲାଭ ହୋଇଥାଏ । ଜିଏସଟିରେ ଦେଢ଼ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ଲୋକଙ୍କୁ କମ୍ପୋଜିସନ୍ ଯୋଜନା ଦେଲୁ ଆଉ କାରବାରର କେବଳ ଏକ ପ୍ରତିଶତର ଜମା ଏହା ମଧ୍ୟ ଦୁନିଆରେ ସବୁଠାରୁ କମ୍ ହେଉଛି ହିନ୍ଦୁସ୍ଥାନରେ, ଆଉ ଏହା କରିଛନ୍ତି ଏହି ସରକାର।

ମାନନୀୟ ଅଧ୍ୟକ୍ଷ ମହୋଦୟ, ଜନ ଧନ ଯୋଜନା, ୩୧ କୋଟିରୁ ଅଧିକ ଗରିବଙ୍କର ବ୍ୟାଙ୍କ ଖାତା ଖୋଲିବା, ୧୮ କୋଟିରୁ ଅଧିକ ଗରିବଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା

ଯୋଜନାର ଲାଭ ମିଳୁ, ୯୦ ପଇସା ପ୍ରତିଦିନ ବା ଏକ ଟଙ୍କା ପ୍ରତିମାସ ଏତେ ଭଲ ଉତ୍ପାଦ ଭଳି ବୀମା ଆମେ ଦେଶକୁ ଗରିବଙ୍କୁ ଦେଇଛୁ । ଆଉ ଆପଣ ଆପଣଙ୍କୁ ଏହା ଜାଣି ସନ୍ତୋଷ ଭାବ ହେବ କି ଏତେ କମ୍ ସମୟ ମଧ୍ୟରେ ଏହି ଗରିବ ପରିବାରଙ୍କ ଉପରେ ବିପଦ ଆସିଛି ତ ବୀମା ଯୋଜନା କାରଣରୁ ଏଭଳି ପରିବାରଙ୍କୁ ଦୁଇ ହଜାର କୋଟି ଟଙ୍କା ସେମାନଙ୍କ ଘରେ ପହଂଚି ଗଲା । ଏହି ଅସାମାନ୍ୟ କାମ ହୋଇଛି ।

ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ତିନି କୋଟି ତିରିଶ ଲକ୍ଷ ମାଆ-ଭଉଣୀମାନଙ୍କୁ, ଗରିବ ମାଆ-ଭଉଣୀମାନଙ୍କୁ, ଆରେ ଗ୍ୟାସ ସଂଯୋଗ ପାଇଁ ଏହି ଏମପିମାନଙ୍କର କୁର୍ତ୍ତା ଧରି ଚାଲିବାକୁ ପଡୁଥିଲା । ଆମେ ସାମ୍ନାରୁ ଯାଇ ଏହି ଗ୍ୟାସର ସଂଯୋଗ ଦେଇଛୁ ଆଉ ଏବେ ସେହି ସଂଖ୍ୟାକୁ ୮ କୋଟି କରିବାର ନିଷ୍ପତ୍ତି ଆମେ କରିଛୁ ।

ଆୟୁଷ୍ମାନ ଭାରତ ଯୋଜନା ମୁଁ ଆଶ୍ଚର୍ଯ୍ୟ ଯେ କଣ ଦେଶର ଗରିବଙ୍କୁ ସ୍ୱାସ୍ଥ୍ୟ ସୁବିଧା ମିଳିବା ଦରକାର କି ମିଳିବା ଦରକାର ନୁହେଁ । ଗରିବ ପଇସା ଅଭାବରୁ ଚିକିତ୍ସା କରାଇବାକୁ ଯାଆନ୍ତି ନାହିଁ, ସେ ମୃତ୍ୟୁକୁ ପସନ୍ଦ କରେ । କିନ୍ତୁ ପିଲାମାନଙ୍କ ପାଇଁ ସେ କରଜର ବୋଝ ଛାଡି ଯିବା ପାଇଁ ପସନ୍ଦ କରେ ନାହିଁ । କ'ଣ ଏଭଳି ଗରିବ ନିମ୍ନବର୍ଗର ପରିବାରଙ୍କ ରକ୍ଷା କରିବାର ନିର୍ଣ୍ଣୟ ଭୁଲ ହୋଇପାରେ କି ? ହଁ, ଆପଣଙ୍କୁ ଯଦି ଲାଗୁଛି କି ଏହି ଉତ୍ପାଦ କିଛି ପରିବର୍ତ୍ତନ କରିବା ଦରକାର ତ ଭଲ ସକାରାତ୍ମକ ସୁଧାର ନେଇ ଆସନ୍ତୁ। ମୁଁ ସ୍ୱୟଂ ସମୟ ଦେବା ପାଇଁ ପ୍ରସ୍ତୁତ ଅଛି । ଫଳରେ ଦେଶର ଗରିବମାନଙ୍କୁ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଖର୍ଚ୍ଚ କରିବାରେ ତାହା କାମରେ ଆସନ୍ତୁ ସରକାର। କିନ୍ତୁ ଆପଣ ସେଥିରେ ମଧ୍ୟ ଏ ପ୍ରକାରର ବୟାନବାଜି କରୁଛନ୍ତି । ଭଲ ଯୋଜନା, ନିଶ୍ଚୟ ମୋତେ ପରାମର୍ଶ ଦିଅନ୍ତୁ, ଆମେ ମିଳିମିଶି-ବସି ସହମତ ହେବା, ସ୍ଥିର କରିବା ।

ମାନନୀୟ ଅଧ୍ୟକ୍ଷା ମହୋଦୟ, ଆମର ସରକାର ଯେଉଁ ପଦକ୍ଷେପ ଉଠାଇଛନ୍ତି, ସେତିକି ସରକାରଙ୍କର ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନ କରିଛନ୍ତି । ଜନ-ଧନ ଯୋଜନା ଗରିବଙ୍କର ଆତ୍ମବିଶ୍ୱାସ ବଢ଼ାଇଛି । ବ୍ୟାଙ୍କରେ ପଇସା ଜମା କରୁଛି । ରୂପେ ଡେବିଟ୍ କାର୍ଡ ଉପଯୋଗ କରୁଛି। ସେ ମଧ୍ୟ ନିଜକୁ-ନିଜେ ସମୃଦ୍ଧ ପରିବାରଙ୍କ ସମକ୍ଷରେ

ଦେଖିବାକୁ ଲାଗିଲାଣି । ସ୍ୱଚ୍ଛ ଭାରତ ମିଶନ ମହିଳାଙ୍କ ଭିତରେ ଏକ ବହୁତ ବଡ଼ ଆତ୍ମବିଶ୍ୱାସ ସୃଷ୍ଟି କରିବାର କାମ କରିଛି । ଅନେକ ପ୍ରକାର କଷ୍ଟରୁ ମୁକ୍ତି ଦେବାର କାରଣ ହୋଇଛି । ଉଜ୍ଜ୍ୱଳା ଯୋଜନା ଗରିବ ମାଆମାନଙ୍କୁ ଧୂଆଁରୁ ମୁକ୍ତି ଦେବାର କାମ କହିଲା । ଆଗରୁ ଆମର ଶ୍ରମିକ ହୁଏତ ଭଲ ଚାକିରିଟିଏ ପାଇବା ପାଇଁ ପୁରୁଣା ଚାକିରି ଛାଡ଼ିବା ପାଇଁ ସାହସ କରୁ ନଥିଲେ, କାରଣ ପୁରୁଣା ଜମା ପଇସା ବୁଡ଼ି ଯିବ । ଆମେ ତାଙ୍କ ର ଅଣ ଦାବିଦାର ୨୭ ହଜାର କୋଟି ଟଙ୍କା ସାର୍ବଜନୀନ ଖାତା ନମ୍ବର ଦେଇ ତା'ପର୍ଯ୍ୟନ୍ତ ପହଂଚାଇବାଇ କାମ କରିଛନ୍ତି ସରକାର, ଆଉ ଆଗକୁ ଗରିବ ଶ୍ରମିକ ଯେଉଁଠିକୁ ଯିବ, ତାହାର ବ୍ୟାଙ୍କ ଖାତା ମଧ୍ୟ ସାଙ୍ଗରେ ଯିବ । ଏହି କାମ କରିଛୁ । ଭ୍ରଷ୍ଟାଚାର ଆଉ କଳାଧନ । ଏବେ ମଧ୍ୟ ଆପଣଙ୍କୁ ରାତିରେ ନିଦ ଆସୁ ନାହିଁ । ମୁଁ ଜାଣିଛି ଆପଣଙ୍କର ବ୍ୟସ୍ତତା ଭ୍ରଷ୍ଟାଚାର କାରଣରୁ ଜାମିନ ପାଇ ଜୀଉଁଥିବା ଲୋକ ଭ୍ରଷ୍ଟାଚାରରୁ ବଂଚିଲା ଭଳି ନୁହଁନ୍ତି, କେହି ହେଲେ ମଧ୍ୟ ବଂଚିଲା ଭଳି ନୁହଁନ୍ତି। ପ୍ରଥମଥର ଦେଶରେ ହୋଇଛି, ଚାରି ଚାରି ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଭାରତର ନ୍ୟାୟପାଳିକା ସେମାନଙ୍କୁ ଦୋଷୀ ଘୋଷିତ କରିଛନ୍ତି ଆଉ ଜେଲରେ ଜୀବନ ବିତାଇବାକୁ ବାଧ୍ୟ ହେବାକୁ ପଡ଼ିଛି। ଏହା ହେଉଛି ଆମର ପ୍ରତିବଦ୍ଧତା । ଦେଶକୁ ଯେଉଁମାନେ ଲୁଟିଛନ୍ତି ସେମାନଙ୍କୁ ଦେଶକୁ ଫେରାଇବାକୁ ପଡ଼ିବ ଆଉ ଏହି କାମରେ ମୁଁ କେବେ ପଛକୁ ହଟିଲା ଭଳି ନୁହେଁ । ମୁଁ ହେଉଛି ଲଢ଼ିଲା ଭଳି ଲୋକଟିଏ, ତେଣୁ କରି ଆଜି ଦେଶରେ ଗୋଟିଏ ସଚ୍ଚୋଟତାର ପରିବେଶ ସୃଷ୍ଟି ହୋଇଛି । ଗୋଟିଏ ସଚ୍ଚୋଟତାର ଉତ୍ସବ ରହିଛି । ଅଧିକ ଲୋକ ଆସି ଆଗକୁ ଆଗେଇ ଆସୁଛନ୍ତି, ଆୟକର ଦେବା ପାଇଁ ଆସିଛନ୍ତି । ସେମାନଙ୍କୁ ଭରସା ରହିଛି କି ଶାସନ ପାଖକୁ ରାଜକୋଷକୁ ଯେଉଁ ପଇସା ଯିବ, ଗୋଟି ଗୋଟିର ହିସାବ ମିଳିବ, ସଠିକ ଉପଯୋଗ ହେବ । ଏହି କାମ ହେଉଛି ।

ଆଜି ମୁଁ ଗୋଟିଏ ବିଷୟରେ ଟିକେ ବିସ୍ତାର ଭାବେ କହିବାକୁ ଚାହୁଁଛି । କିଛି ଲୋକଙ୍କର ମିଛ କହିବା, ଯୋରରେ ମିଛ କହିବା, ବାରମ୍ବାର ମିଛ କହିବା, ଏହା ଫେସନ ହୋଇ ଯାଇଛି । ଆମ ଅର୍ଥମନ୍ତ୍ରୀ ବାରମ୍ବାର ଏହି କଥା କହିଛନ୍ତି, ତଥାପି ତାଙ୍କୁ ସାହାଯ୍ୟ କରିବା ପାଇଁ ଚାହୁଁଥିବା ଲୋକ, ସତ୍ୟକୁ ଚପାଇ ଦେବା ଏବଂ ମିଛ କହୁଥିବା ଲୋକଙ୍କୁ

ଛକରେ ଠିଆ। କରାଇ ଯୋରରେ ମିଛ କହି ଚାଲୁଛନ୍ତି । ଆଉ ସେହି ଘଟଣା ହେଉଛି ଏନପିଏର, ମୁଁ ଏହି ସଦନ ମାଧ୍ୟମରେ, ଅଧ୍ୟକ୍ଷ ମହୋଦୟା ଆପଣଙ୍କ ମଧ୍ୟମରେ ଆଜି ଦେଶକୁ ମଧ୍ୟ କହିବାକୁ ଚାହୁଁଛି । ହଁ ଆଚ୍ଛା ଏନପିଏସ ଘଟଣା ହେଉଛି କଣ ? ଦେଶକୁ ଜଣାଥିବା ଦରକାର କି ଏନପିଏର ପଛରେ ଏହି ପୁରୁଣା ସରକାରଙ୍କର କାରବାର ରହିଛି ଆଉ ଶତ ପ୍ରତିଶତ ପୁରୁଣା ସରକାର ହିଁ ଏଥିପାଇଁ ଦାୟୀ, ଅନ୍ୟ କେହି ଗୋଟିଏ ପ୍ରତିଶତ ମଧ୍ୟ ନୁହେଁ। ଆପଣ ଦେଖନ୍ତୁ ସେମାନେ ଏଭଳି ବ୍ୟାଙ୍କିଙ୍ଗ ନୀତି ସବୁ ପ୍ରସ୍ତୁତ କଲେ କି ଯେଉଁଥିରେ ବ୍ୟାଙ୍କଗୁଡ଼ିକ ଉପରେ ଚାପ ପକା ଯାଇଥିଲା ଟେଲିଫୋନ ଯାଉଥିଲା, ନିଜର ପାଖ ଲୋକଙ୍କୁ ଋଣ ମିଳୁଥିଲା । ସେ ଋଣ ଟଙ୍କା ଦେଇ ପାରୁ ନଥିଲେ । ବ୍ୟାଙ୍କ, ନେତା, ସରକାର, ମଧ୍ୟସ୍ଥି ମିଳିମିଶି ତାହାର ପୁନର୍ଗଠନ କରୁଥିଲେ । ବ୍ୟାଙ୍କରୁ ଯାଇଥିବା ଅର୍ଥ କେବେ ବ୍ୟାଙ୍କକୁ ଆସୁ ନଥିଲା। କାଗଜରେ ଆସୁଥିଲା-ଯାଉଥିଲା, ଆସିବା-ଯିବା ଚାଲୁ ରହିଥିଲା ଆଉ ଦେଶ, ଦେଶକୁ ଲୁଟ କରାଯାଇଥିଲା। ସେମାନେ ଶହ-ଶହ କୋଟି ଟଙ୍କା ଦେଇ ଦେଲେ। ଆମେ ପରେ ଆସିଲୁ ଆସିବା ମାତ୍ରେ ହିଁ ଆମର ଧ୍ୟାନକୁ ଏହି ବିଷୟ ଆସିଲା, ଯଦି ମୋତେ ରାଜନୀତି କରିବାର ହୋଇ ଥାଆନ୍ତା, ତ ମୁଁ ପ୍ରଥମ ଦିନରୁ ହିଁ ଦେଶ ସାମ୍ନାରେ ସେହି ତଥ୍ୟ ରଖି ଦେଇ ଥାଆନ୍ତି, କିନ୍ତୁ ଏଭଳି ସମୟ ବ୍ୟାଙ୍କର ଦୁର୍ଦ୍ଦଶାର କଥା ଦେଶର ଅର୍ଥତନ୍ତ୍ରକୁ ନଷ୍ଟ କରି ଦେଇ ଥାଆନ୍ତା। ଦେଶରେ ଏଭଳି ଏକ ସଙ୍କଟର ପରିବେଶ ଆସି ଯାଇଥାଆନ୍ତା, ସେଥିରୁ ବାହାରିବା କଷ୍ଟକର ହୋଇ ଯାଇଥାଆନ୍ତା । ଆଉ ଏଥିପାଇଁ ଆପଣଙ୍କ ପାପକୁ ଦେଖି, ପ୍ରମାଣ ରହିଥିବା ସତ୍ତ୍ୱେ ମୁଁ ଚୁପ୍ ରହିଲି, ମୋ ଦେଶର ଭଲ ପାଇଁ । ଆପଣଙ୍କ ଅଭିଯୋଗ ମୁଁ ସହି ଚାଲିଲି, ଦେଶର ଭଲ ପାଇଁ । କିନ୍ତୁ ଏବେ ଆମେ ବ୍ୟାଙ୍କକୁ ଆବଶ୍ୟକ ଶକ୍ତି ଦେଇଛୁ, ଏବେ ସମୟ ଆସି ଯାଇଛି କି ଦେଶ ସାମ୍ନାକୁ ସତ୍ୟ ଆସିବା ଦରକାର । ଏହି ଏନପିଏ ଆପଣଙ୍କର ପାପ ଥିଲା ଆଉ ମୁଁ ଆଜି ଏହା ଏହି ପବିତ୍ର ସଦନରେ ଠିଆ ହୋଇ କହୁଛି । ମୁଁ ଲୋକତନ୍ତ୍ରର ମନ୍ଦିରରେ ଠିଆ ହୋଇ କହୁଛି । ଆମ ସରକାର ଆସିବା ପରେ ଗୋଟିଏ ମଧ୍ୟ ଋଣ ଆମେ ଏଭଳି ଦେଇ ନାହୁଁ ଯାହାକୁ ଏନପିଏର ପରିସ୍ଥିତି ଆସିଛି ଆଉ ଆପଣମାନେ ଲୁଚାଇଲେ, ଆପଣମାନେ କ'ଣ କଲେ, ଆପଣମାନେ ଭୁଲ ପରିସଂଖ୍ୟାନ ଦେଲେ, ଯେ ପର୍ଯ୍ୟନ୍ତ ଆପଣମାନେ ଥିଲେ, ଆପଣମାନେ କହିଥିଲେ

ଏନପିଏ ୩୬ ପ୍ରତିଶତ ଅଛି । ଆମେ ଯେବେ ଦେଖିଲୁ ଆଉ ୨୦୧୪ରେ ଆମେ କହିଲୁକି ଭାଇ ମିଛ ଚଳିବ ନାହିଁ, ସତ୍ୟ କୁହ, ଯାହା ହେବ ଦେଖାଯିବ ଆଉ ଯେତେବେଳେ ସମସ୍ତ କାଗଜପତ୍ର ଖୋଲାଇବାକୁ ଆରମ୍ଭ କରିଲୁ ତ ଆପଣମାନେ ଯାହା ଦେଶକୁ କହିଥିଲେ ତାହା ଭୁଲ ପରିସଂଖ୍ୟାନ ଥିଲା, ୫୨ ପ୍ରତିଶତ ଏନ୍‌ପିଏ ଥିଲା, ୩୨ ପ୍ରତିଶତ । ମାର୍ଚ୍ଚ ୨୦୦୮ରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଦିଆଯାଇଥିବା ମୋଟ ଅଗ୍ରିମ ୧୮ଲକ୍ଷ କୋଟି ଟଙ୍କା ଆଉ ଆମେ ୬ବର୍ଷରେ ଆପଣ ଦେଖନ୍ତୁ କ'ଣ ପରିସ୍ଥିତି ହୋଇଗଲା, ୨୦୦୮ ରେ ୧୮ ଲକ୍ଷ କୋଟି ଆଉ ଆପଣ ଯେ ପର୍ଯ୍ୟନ୍ତ ମାର୍ଚ୍ଚ ୨୦୦୦ ପର୍ଯ୍ୟନ୍ତ ବସିଥିଲେ, ଏହି ୧୮ ଲକ୍ଷ କୋଟି ୫୨ଲକ୍ଷ କୋଟିରେ ପଂହଚିଯାଇଥିଲା, ଯାହା ଦେଶର ଗରିବଙ୍କର ପଇସା ଆପଣମାନେ ଲୁଟିଥିଲେ । ଆଉ ବାରମ୍ବାର ଆମେ ପୁନର୍ଗଠନ କରି ଚାଲିଲୁ କାଗଜ ଉପରେ ହିଁ, ଋଣ ଆସିଗଲା, ଋଣ ଦେଇ ଦିଆଗଲା । ଆପଣ ଏଭଳି ଅନେକଙ୍କୁ ବଂଚେଇ ଚାଲିଲେ କାରଣ ମଝିରେ ମଧ୍ୟସ୍ଥିମାନେ ଥିଲେ, କାରଣ ସେ ଆପଣମାନଙ୍କର ପରିଚିତ ଥିଲେ । କାରଣ ଆପଣଙ୍କୁ ସେଥିରୁ କେହି ନା କେହି କାହାର ନା କାହାର ହିତ ଲୁଚି ରହିଥିଲା। ଆଉ ଏଥିପାଇଁ ଆପଣମାନେ ଏହି କାମ କଲେ । ଆମେ ଏହା ସ୍ଥିର କଲୁ କି ଯାହା ମଧ୍ୟ ଅସୁବିଧା ହେଉ, କିନ୍ତୁ ପରିଷ୍କାର ପରିଚ୍ଛନ୍ନତା ଆଉ ମୋ ସ୍ୱଚ୍ଛତା ଅଭିଯାନ କେବଳ ଛକ ପର୍ଯ୍ୟନ୍ତ ନୁହେଁ । ମୋର ସ୍ୱଚ୍ଛତା ଅଭିଯାନ ଏହି ଦେଶର ନାଗରିକଙ୍କ ଅଧିକାର ପାଇଁ । ଏହି ଆଚାର ବିଚାରରେ ମଧ୍ୟ ଥିଲା । ଆଉ ଏଥିପାଇଁ ଆମେ ଏହି କାମ କରିଛୁ।

ଆମେ ଯୋଜନା ତିଆରି କରିବା ଚାରି ବର୍ଷ ଲାଗିଲା । ଆମେ ପୁନଃପୁଞ୍ଜିକରଣ ଉପରେ କାମ କରିଛୁ । ଆମେ ସାରା ଦୁନିଆର ଅନୁଭବ ଉପରେ ଅଧ୍ୟୟନ କରିଛୁ ଆଉ ଦେଶର ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଶକ୍ତି ମଧ୍ୟ ଦେଇଛୁ । ଶକ୍ତି ଦେବା ପରେ ଆଜି ମୁଁ ପ୍ରଥମ ଥର ଚାରି ବର୍ଷ ଆପଣଙ୍କ ମିଛକୁ ସହ୍ୟ କରି ଚାଲିଲି। ଆଜି ମୁଁ ଦେଶ ସମ୍ମୁଖରେ ପ୍ରଥମ ଥର ଏହି ସୂଚନା ଦେଉଛି । ୧୮ ଲକ୍ଷରୁ ୫୨ଲକ୍ଷ, ୧୮ ଲକ୍ଷ କୋଟିରୁ ୫୨ ଲକ୍ଷ କୋଟି ଆପଣମାନେ ଲୁଟି ନେଇଛନ୍ତି । ଆଉ ଆଜି ଯେଉଁ ଟଙ୍କା ବଢ଼ି ଚାଲିଛି ତାହା ହେଉଛି ସେହି ସମୟର ଆପଣଙ୍କର ପାପର ସୁଧ । ଏହା ଆମ ସରକାରଙ୍କ ଦ୍ୱାରା ଦିଆ ଯାଇଥିବା ଅର୍ଥ

ନୁହେଁ । ଏହି ଯେଉଁ ପରିସଂଖ୍ୟାନ ବଦଳିଛି, ସେହି ୫୨ ଲକ୍ଷ କୋଟି ସୁଧ ଯାହା ଲାଗୁଛି ଏହା ହେଉଛି ତାଙ୍କର। ଆଉ ଦେଶ କେବେ ଏହି ପାପ ପାଇଁ ଆପଣଙ୍କୁ କ୍ଷମା କରିବ ନାହିଁ ଏବଂ କେବେ ନା କେବେ ତ ଏହି ଜିନିଷର ହିସାବ ଆପଣମାନଙ୍କୁ ଦେଶକୁ ଦେବାକୁ ପଡ଼ିବ ।

ମୁଁ ଦେଖୁଛି କି, Hit and Run ଭଳି ରାଜନୀତି ଚାଲୁ ରହିଛି, କାଦୁଅ ଫୋପାଡ଼ ଆଉ ପଳାଇ ଯାଅ, ଯେତେ ଅଧିକ କାଦୁଅ ଫୋପାଡ଼ିବ ପଦ୍ମ ସେତେ ଅଧିକ ଫୁଟିବ ଆହୁରି ଉଠାଅ, ଯେତେ ଉଠାଇବାର ଅଛି ଉଠାଅ। ପୁଣି ଉଠାଅ ଆଉ ଏଥିପାଇଁ ମୁଁ ଟିକେ କହିବାକୁ ଚାହୁଁଛି ଏବେ ଏଥିରେ ମୁଁ କୌଣସି ଅଭିଯୋଗ କରିବାକୁ ଚାହୁଁନାହିଁ । କିନ୍ତୁ ଦେଶ ସ୍ଥିର କରିବ କି ବଂଶ ହୋଇଛି ? ଆପଣମାନେ କତାରରୁ ଗ୍ୟାସ ଆଣିବାର ୨୦ ବର୍ଷ ପାଇଁ ବୁଝାମଣା କରିଛନ୍ତି, ଆଉ ଯେଉଁ ନାମରେ ଗ୍ୟାସର ଠିକା କରିଥିଲେ ଆମେ ଆସି କତାର ସହିତ କଥା ହେଲୁ, ଆମେ ନିଜ ପକ୍ଷ ରଖିଲୁ, ଭାରତ ସରକାର ବନ୍ଧା ପଡ଼ିଥିଲେ, ଆପଣମାନେ ଯେଉଁ ସଉଦା କରିଯାଇଥିଲେ ଆମକୁ ତାହାକୁ ପୂରଣ କରିବାର ଥିଲା, କାରଣ ଦେଶର ସରକାରଙ୍କର ନିଜର ଏକ ବିଶେଷତ୍ୱ ରହିଥାଏ । କିନ୍ତୁ ଆମେ ତାହାକୁ ତଥ୍ୟ ଆଗରେ ରଖିଲୁ, ଆମେ ସେମାନଙ୍କୁ ବାଧ କରାଇଲୁ ଆଉ ମୋ ଦେଶବାସୀମାନଙ୍କୁ ଖୁସି ହେବ ଅଧ୍ୟକ୍ଷା ମହୋଦୟ, ଏହି ପବିତ୍ର ସଦନରେ ମୁଁ ଏହା କହି ସନ୍ତୋଷ ଲାଭ କରୁଛି କି ଆମେ କତାର ସହିତ ପୁନଃ ବୁଝାମଣା କଲୁ ଆଉ ଯେଉଁ ଗ୍ୟାସ ଆମେ କିଣୁଥିଲୁ, ଦେଶର ପାଖାପାଖି ୮ ହଜାର କୋଟି ଟଙ୍କା ଆମେ ବଞ୍ଚାଇଲୁ।

ଆପଣମାନେ ୮ ହଜାର କୋଟି ଟଙ୍କା ଅଧିକ ଦେଇଥିଲେ । କାହିଁକି ଦେଲେ, କ'ଣ ପାଇଁ ଦେଲେ, କିପରି ଦେଲେ, କ'ଣ ଏଥିପାଇଁ ପ୍ରଶ୍ନ ଚିହ୍ନ ଠିଆ ହୋଇ ପାରିବ, ତାହା ଦେଶ ସ୍ଥିର କରିବ, ମୋତେ କରିବାର ନାହିଁ । ସେହିପରି ମୁଁ ଏହା ମଧ କରିବାକୁ ଚାହିଁବି କି ଅଷ୍ଟ୍ରେଲିଆ ଭିତରେ ଭାରତ ସରକାରଙ୍କର ଏକ ବୁଝାମଣା ହୋଇଥିଲା । ଗ୍ୟାସ ସେମାନଙ୍କଠାରୁ ନିଆଯାଇଥିଲା, ଆମେ ସେମାନଙ୍କ ସହିତ ମଧ୍ୟସ୍ଥତା କଲୁ, ଦୀର୍ଘ ସମୟ ଧରି ଆଲୋଚନା କଲୁ ଆଉ ଆପଣମାନେ କାହିଁକି ଏପରି କରି ନଥିଲେ, ଆମେ ଚାରି ହଜାର କୋଟି ଟଙ୍କା ସେଥିରୁ ମଧ ବଂଚାଇଲୁ । ଦେଶର ଅଧିକାରର ପଇସା ଆମେ

ବଂଚଉଇଲୁ, କାହିଁକି ଦେଲୁ, କିଏ ଦେଲା, କେବେ ଦେଲା, କେଉଁଥିପାଇଁ ଦେଲା, କ'ଣ ଉଦ୍ଦେଶ୍ୟ ରଖି ଦେଲା, ଏହି ସମସ୍ତ ପ୍ରଶ୍ନର ଉତ୍ତର ଆପଣମାନେ କେବେ ଦେବେ ନାହିଁ, ମୋତେ ଜଣାଅଛି, ଦେଶର ଜନତା ଅଗକୁ ଉତ୍ତର ମାଗିବେ ।

ଛୋଟିଆ ଏକ ବିଷୟ ହେଉଛି ଏଲଇଡ଼ି ବଲ୍ବ, କେହି ମୋତେ କୁହନ୍ତୁ, କ'ଣ କାରଣ ଥିଲା କି ଆପଣଙ୍କ ସମୟରେ ସେହି ବଲ୍ ତିନିଶହ, ସାଢ଼େ ତିନିଶହ ଟଙ୍କାରେ ବିକ୍ରି ହେଉଥିଲା । ଭାରତ ସରକାର ତିନିଶହ, ସାଢ଼େ ତିନିଶହ ଟଙ୍କାରେ କିଣୁଥିଲେ । କଣ କାରଣ ଥିଲା କି ସେହି ବଲ୍, ଟେକ୍ନୋଲୋଜିରେ କୌଣସି ଫରକ ନାହିଁ । କ୍ୱାଲିଟିରେ କୌଣସି ଫରକ ନାହିଁ । ଦେଲାବାଲା କମ୍ପାନୀ ମଧ୍ୟ ସେହି, ସାଢ଼େ ତିନିଶହ ଟଙ୍କାର ବଲ୍ବ, ଚାଳିଶ ଟଙ୍କାରେ କିଭଳି ଆସିବାରେ ଲାଗିଲା। ଟିକେ କହିବାକୁ ପଡ଼ିବ, ଆପଣମାନଙ୍କୁ କହିବାକୁ ପଡିବ, ଆପଣମାନଙ୍କୁ ଉତ୍ତର ଦେବାକୁ ପଡ଼ିବ । ମୋତେ କୁହନ୍ତୁ କ'ଣ କାରଣ ଅଛି ସୌର ଶକ୍ତି ଆପଣଙ୍କ ସମୟରେ ସୌର ପାୱାର ୟୁନିଟ୍ ୧୨ ଟଙ୍କା, ୧୩ ଟଙ୍କା,୧୪ ଟଙ୍କା, ୧୫ ଟଙ୍କା ଥିଲା । ଲୁଟିଚାଲ, ଯାହାକୁ ମଧ୍ୟ ଲୁଟିବାର ଅଛି, ଲୁଟ, କେବଳ ଆମର ଧ୍ୟାନ ରଖନ୍ତୁ । ଏହି ମନ୍ତ୍ରକୁ ନେଇ କରି ଚାଲନ୍ତୁ । ଆଜି ସେହି ସୋଲାର ପାୱାର ଦୁଇ ଟଙ୍କା, ତିନି ଟଙ୍କା ମଧ୍ୟକୁ ଆସି ଯାଇଛି। କିନ୍ତୁ ଏହା ପରେ ମଧ୍ୟ ଆମେ ଆପଣଙ୍କ ଉପରେ ଭ୍ରଷ୍ଟାଚାରର ଅଭିଯୋଗ ଲଗାଇ ନାହୁଁ । ଦେଶକୁ ଲଗାଇବାର ଅଛି, ଲଗାଇବ । ମୁଁ ସେଥିରେ ନିଜକୁ ନିଜେ ସଂଯମ ରକ୍ଷା କରିବାକୁ ଚାହୁଁଛି କିନ୍ତୁ ଏହା ବାସ୍ତବତା କହୁଛି କି କଣ ହେଉଥିଲା ଆଉ ଏଥିପାଇଁ, ଏବଂ ଆଜି ବିଶ୍ୱରେ ଭାରତର ମାନ ସମ୍ମାନ ବଢ଼ିଛି । ଆଜି ଭାରତର ପାସପୋର୍ଟର ଶକ୍ତି ସମଗ୍ର ଦୁନିଆରେ ଯେଉଁଠାକୁ ହିନ୍ଦୁସ୍ଥାନୀ ହିନ୍ଦୁସ୍ଥାନର ପାସପୋର୍ଟ ନେଇ କରି ଯାଇଥାଏ, ସାମ୍ନାରେ ଭେଟିଲାବାଲା ଆଖି ଉପରକୁ ଉଠାଇ ଗର୍ବର ସହିତ ଦେଖିଥାଏ । ଆପଣଙ୍କୁ ଲାଜ ଲାଗୁଛି, ବିଦେଶକୁ ଯାଇ ଦେଶର ଭୁଲକୁ ଭଲ ଭାବରେ ଉପସ୍ଥାପିତ କରୁଛ । ଯେତେବେଳେ ଦେଶ ଡୋକଲାମର ଲଢ଼େଇ ଲଢୁଥିଲା, ଠିଆ ହୋଇଥିଲା, ଆପଣମାନେ ଚୀନର ଲୋକଙ୍କ ସହିତ କଥା ହେଉଥିଲେ । ଆପଣମାନଙ୍କୁ ମନେ ରହିବା ଦରକାର ସଂସଦୀୟ ପ୍ରଣାଳୀ, ଲୋକତନ୍ତ୍ର, ଦେଶ ବିରୋଧୀ ଦଳ ଏକ ଦାୟିତ୍ୱବାନ ପକ୍ଷ କଣ ପାଇଁ ହୋଇଥାଏ ? ସିମଲା ରାଜିନାମା

ଯେତେବେଳେ ହେଲା ଇନ୍ଦିରା ଗାନ୍ଧି, ବେନଜୀର ଭୁଟ୍ଟୋ ମହାଶୟାଙ୍କ ସହିତ ସ୍ୱାକ୍ଷର କରିଥିଲେ । ଆମର ଦଳର ସହମତି ଥିଲା, କିନ୍ତୁ ଇତିହାସ ସାକ୍ଷୀ ରହିଛି, ଅଟଳ ବିହାରୀ ବାଜପେୟୀ ଇନ୍ଦିରା ଗାନ୍ଧୀ ମହୋଦୟାଙ୍କୁ ସମୟ ମାଗିଥିଲେ, ଇନ୍ଦିରା ଜୀଙ୍କୁ ସାକ୍ଷାତ କରିବାକୁ ଗଲେ ଆଉ ତାଙ୍କୁ କହିଲେ କି ଦେଶ ହିତ ପାଇଁ ଭୂଲ ହେଉଛି, ବାସ୍ ଆମେ ବାହାରକୁ ଆସି ସେ ସମୟରେ ଦେଶର କୌଣସି କ୍ଷତି ହେବାକୁ ଦେଲୁ ନାହିଁ । ଦେଶ ପାଇଁ ଆମର ଦାୟିତ୍ୟ ରହିଥିଲା । ଯେତେବେଳେ ଆମର ସେନାର ଜବାନ ସର୍ଜିକାଲ ଷ୍ଟ୍ରାଇକ୍ କରିଥାଏ, ଆପଣମାନେ ପ୍ରଶ୍ନ ଚିହ୍ନ ଠିଆ କରାଇଥାଆନ୍ତି । ମୁଁ ବୁଝି ପାରୁଛି ଯେତେବେଳେ ଦେଶରେ ଏକ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ହେଲା, ଏବେ ମଧ୍ୟ କିଭଳି ଜିନିଷ ଲୋକଙ୍କ ମନରେ ପ୍ରଶ୍ନ ଚିହ୍ନ ହୋଇ ରହିଛି । ଏହି ସରକାର ଆସିଲା ପରେ ୫୪ ଦେଶର ଭାରତ-ଆଫ୍ରିକା ସମ୍ମେଳନ ହେଲା, ବ୍ରିକ୍ସ ଶିଖର ବୈଠକ ହେଲା, ୧୭ ବର୍ଷରୁ କମ୍ ଫିଫା ବିଶ୍ୱ କପ୍ ହେଲା। ଏତେ ବଡ଼-ବଡ଼ ଯୋଜନାଗୁଡ଼ିକ ହେଲା, ଆଉ ଏବେ ୨୬ ଜାନୁୟାରୀରେ ଆସିଆନ ଦେଶର ମୁଖିଆମାନେ ଆସି ବସିଥିଲେ ଆଉ ମୋ ତିରଙ୍ଗା ଫରଫର ହୋଇ ଉଡୁଥିଲା । ଭାବି ନଥିଲି କେବେ, ଆଜ୍ଞା ଯେଉଁ ଦିନ ନୂତନ ସରକାର ଶପଥ ଗ୍ରହଣ କଲେ, ସମସ୍ତ ସାର୍କ ଦେଶର ମୁଖିଆ ମାନେ ଆସି ବସିଲେ ତ ଆପଣଙ୍କ ମନରେ ପ୍ରଶ୍ନଥିବ କି ୭୦ ବର୍ଷରେ ଆମର କାହିଁକି ବୁଝାପଡ଼ିଲା ନାହିଁ । ଛୋଟ ମନ ବଡ଼ କଥା କହିପାରି ନାହିଁ ।

ଅଧ୍ୟକ୍ଷ ମହୋଦୟ, ଏକ ନିଉ ଇଣ୍ଡିଆରେ ସ୍ୱପ୍ନ କାହାକୁ ନେଇ କରି ଦେଇ ଆଗକୁ ବଢ଼ିବା ଦରକାର। ମହାତ୍ମା ଗାନ୍ଧି ୟଙ୍ଗ ଇଣ୍ଡିଆର କଥା କହିଥିଲେ, ସ୍ୱାମୀ ବିବେକାନନ୍ଦ ଯେଉଁ ନୂତନ ଭାରତର କଥା କହିଥିଲେ, ଆମ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ଯେତେବେଳେ ପଦବୀରେ ଥିଲେ, ସେତେବେଳେ ମଧ୍ୟ ନୂତନ ଭାରତର ସ୍ୱପ୍ନ ସର୍ବ ସମ୍ମୁଖରେ ରଖିଥିଲେ। ଆସନ୍ତୁ, ଆମେ ସମସ୍ତେ ମିଳିମିଶି ନୂତନ ଭାରତ ନିର୍ମାଣ କରିବାର ସଂକଳ୍ପକୁ ସାକାର କରିବା ପାଇଁ ନିଜର ଦାୟିତ୍ୱ ନିର୍ବାହ କରିବା। ଲୋକତନ୍ତ୍ରରେ ସମାଲୋଚନା ହେଉଛି ଲୋକତନ୍ତ୍ରର ଶକ୍ତି । ଏହା ହେବା ଦରକାର, ସେତେବେଳେ ତ ଯାଇ ଅମୃତ ବାହାରି ଥାଏ, କିନ୍ତୁ ଲୋକତନ୍ତ୍ର ମିଥ୍ୟା ଅଭିଯୋଗ କରିବାର ଅଧିକାର ହୋଇ ନଥାଏ । ନିଜର

ରାଜନୈତିକ ରୁଟି ସେକିବା ପାଇଁ ଦେଶକୁ ନିରାଶ କରିବାର ଅଧିକାର ଦେଇ ନଥାଏ । ଆଉ ଏଥିପାଇଁ ମୁଁ ଆଶା କରୁଛି କି ରାଷ୍ଟ୍ରପତି ମହୋଦୟଙ୍କ ଅଭିଭାଷଣକୁ କହିଲାବାଲା କହିଦେଲେ, ଏବେ ଟିକେ ଆରାମରେ ତାହାକୁ ପଢ଼ନ୍ତୁ । ପ୍ରଥମ ଥର ପଢ଼ିଲେ ବୁଝା ନ ପଡ଼ିଲେ ନ ଦ୍ୱିତୀୟ ଥର ପଢ଼ନ୍ତୁ। ଭାଷା ବୁଝା ପଡୁ ନାହିଁ, ତ କାହାର ସାହାଯ୍ୟ ନିଅନ୍ତୁ। କିନ୍ତୁ ଯାହା କଳା-ଧଳାରେ ସତ୍ୟ ଲେଖାଯାଇଛି, ତାକୁ ଅସ୍ୱୀକାର କରିବାର କାମ ନ କରନ୍ତୁ। ଏହି ଗୋଟିଏ ଅନୁରୋଧ ସହିତ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଯେଉଁ ଯେଉଁ ମାନ୍ୟବର ସଦସ୍ୟମାନେ ନିଜ ନିଜ ବିଚାର ବ୍ୟକ୍ତ କଲେ, ମୁଁ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ଆଉ ମୁଁ ସମସ୍ତଙ୍କୁ କହୁଛି କି ସର୍ବ ସମ୍ମତିରେ ରାଷ୍ଟ୍ରପତି ମହୋଦୟଙ୍କ ଅଭିଭାଷଣକୁ ଆମେ ସ୍ୱୀକାର କରିବା। ଏହି ଅନୁରୋଧ ସହିତ ଆପଣମାନେ ଯେଉଁ ସମୟ ଦେଲେ, ମୁଁ ଆପଣମାନଙ୍କ ନିକଟରେ ବହୁତ-ବହୁତ କୃତଜ୍ଞ, ଧନ୍ୟବାଦ ।

# ଅବସର ଗ୍ରହଣ କରୁଥିବା ରାଜ୍ୟସଭା ସଦସ୍ୟମାନଙ୍କ ନିମନ୍ତେ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଦ୍ୱାରା ବିଦାୟୀ ଭାଷଣ

28th March 2018

# ୨୮.୩.୨୦୧୮ ରାଜ୍ୟସଭା

# ବିଦାୟୀ ସଭ୍ୟମାନଙ୍କ ନିମନ୍ତେ ପ୍ରଧାନମନ୍ତ୍ରୀଙ୍କର ରାଜ୍ୟସଭାରେ ଭାଷଣ

ସମ୍ମାନନୀୟ ସଭାପତି ମହୋଦୟ ଏବଂ ଏହି ସଦନର ସମ୍ମାନନୀୟ ସଭ୍ୟବୃନ୍ଦ, ଆମ ଭିତରୁ କିଛି ସାଥୀ, ଆଜି ନିଜର ଅନୁଭବକୁ ନେଇ ସମାଜସେବାରେ ଦୃଢ଼ ଭାବରେ ନିୟୋଜିତ ହେବେ ଏହା ମୋର ବିଶ୍ୱାସ । ସଦନରୁ ବିଦାୟ ନେବାକୁ ଥିବା ପ୍ରତ୍ୟେକ ସଦସ୍ୟଙ୍କର ନିଜ ନିଜର ଯୋଗଦାନ ରହିଛି, ମହାତ୍ମ୍ୟ ରହିଛି ଏବଂ ପ୍ରତି ସଦସ୍ୟ ରାଷ୍ଟ୍ରର ବିକାଶ ନିମନ୍ତେ କାର୍ଯ୍ୟ କରିବାର ପ୍ରୟାସ କରିଛନ୍ତି । ସେମାନଙ୍କୁ ରାଷ୍ଟ୍ର କେବେ ମଧ୍ୟ ଭୁଲିପାରିବ ନାହିଁ । ଉତ୍ତମ କାର୍ଯ୍ୟ ନିମନ୍ତେ ମୁଁ ଆପଣମାନଙ୍କୁ ବଧାଇ ଜଣାଉଛି । ଭବିଷ୍ୟତ ପାଇଁ ଶୁଭକାମନା ମଧ୍ୟ କରୁଛି ।

ବରିଷ୍ଠ ମହାନୁଭବଙ୍କର ଉପସ୍ଥିତି ଏହି ସଦନର ମୂଲ୍ୟ ବଢାଇଥାଏ । ଜୀବନର ଆଶା ଓ ଆକାଂକ୍ଷାକୁ ଭବିଷ୍ୟତର ତରାଜୁରେ ମାପି ଭବିଷ୍ୟତର କର୍ମପନ୍ଥା ସ୍ଥିର କରିବାରେ ସେମାନଙ୍କର ଅନେକ ଅବଦାନ ରହିଛି । ସୁତରାଂ ଏହି ସଦନରେ ଦିଆଯାଇଥିବା ବକ୍ତବ୍ୟର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ଆମର ନୀତି ନିର୍ଦ୍ଧାରଣରେ ତାହା ବଡ଼ ସହାୟକ ହୋଇଥାଏ । ଆମ ଗହଣରେ ଶ୍ରୀ ପରାଶରନ୍‌ଜୀ ଅଛନ୍ତି ଯିଏ ଏକ ବୃତ୍ତିଗତ ଜୀବନ ସହ ତପସ୍ୱୀର ଜୀବନ ମଧ୍ୟ ଅତିବାହିତ କରିଛନ୍ତି । ଦୁଇଜଣ କ୍ରୀଡ଼ାବିତ୍ ସଚ୍ଚିନଜୀ ଏବଂ ଦିଲ୍ଲୀପଜୀ ଆଗାମୀ ଦିନରେ ଆମ ଗହଣରେ ଆଉ ରହିବେ ନାହିଁ । ପ୍ରଫେସର କୁରିଏନ୍ ସାହେବଙ୍କର ସହାସ୍ୟ ମୁଖମଣ୍ଡଳ ସର୍ବଦା ମନେରହିବ। ସଂକଟର ଘଡ଼ିରେ ମଧ୍ୟ ସଦନର ସୁପରିଚାଳନା ସେ କରିଛନ୍ତି।

ଆମ ଭିତରେ ଅନେକ ଅଛନ୍ତି ଯେଉଁମାନେ କୌଣସି ନା କୌଣସି ଦଳ ସହ ସଂପୃକ୍ତ ରାଜନୈତିକ ପୃଷ୍ଠଭୂମି ଅଛି ସେମାନଙ୍କର । ନିଜର ବିଚାରଧାରାକୁ ଉପସ୍ଥାପିତ କରିବାର

ପ୍ରୟାସ ରହିଥାଏ ସେଥି ନିମନ୍ତେ । କିନ୍ତୁ ଯାହା ହୁଏ ତାହା ହବା ଜରୁରୀ ନୁହେଁ । ସୁତରାଂ ବରିଷ୍ଠ ସଦନ ନିଜର ଭୂମିକା ଭଲରେ ନିଭାଇଛି ।

ଅନେକ ସଦସ୍ୟ ଥିବେ ଆପଣଙ୍କ ଭିତରେ ଯେଉଁମାନେ ଭାବିଥିବେ ନିଜର ଅନ୍ତିମ ବକ୍ତୃତା ଏକ ଶ୍ରେଷ୍ଠ ବକ୍ତୃତା ହେଉ ଏବଂ ତାହାର ଐତିହାସିକ ମହତ୍ତ୍ୱ ରହୁ । ଦେଶ ନିମନ୍ତେ ଏକ ମହତ କାର୍ଯ୍ୟ କରି ସ୍ମରଣୀୟ ହେବାକୁ ସେମାନେ ଚାହୁଁଥିବେ । ମାତ୍ର ସେ ଇଚ୍ଛା ପୂରଣ ହୋଇପାରିଲା ନାହିଁ । ସେଥିପାଇଁ ଆମେ ସମସ୍ତେ ଦାୟୀ । ଏହି ସଦନର କାରଣରୁ ହିଁ ଆପଣ ସେହି ସନ୍ତୋଷଜନକ ସୌଭାଗ୍ୟରୁ ବଂଚିତ ହେଲେ । ଆମକୁ ତାହାର ଅବସୋସ । ସେଥିପାଇଁ ଆପଣଙ୍କ ମନରେ ଟିକେ ଅବସୋସ ରହିଯାଇଥିବ ।

ମୁଁ ପୁନର୍ବାର ଆପଣଙ୍କୁ ଶୁଭେଚ୍ଛା ଜଣାଇବି । ଏହି ସଦନର ଦରଜା ବନ୍ଦ ହେବାର ଅର୍ଥ ନୁହେଁ ଯେ ଏହି ପୁରା ପରିସରର ଦରଜା ଆପଣଙ୍କ ପାଇଁ ବନ୍ଦ ହୋଇଯିବ । ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଆପଣଙ୍କ ପାଇଁ ଉନ୍ମୁକ୍ତ ରହିବ । ଦେଶହିତ ପାଇଁ ଆପଣଙ୍କ ମନରେ ଯେଉଁ ବିଚାର ଆସିବ ତାହାକୁ ଆପଣ ପରିପ୍ରକାଶ କରିବେ ଏବଂ ମୁଁ ତାହାକୁ ଗ୍ରହଣ କରିବି ଏବଂ ଦେଶକୁ ଆଗକୁ ବଢ଼େଇବାର ପ୍ରୟାସ କରିବି । ପୁନର୍ବାର ମୁଁ ଆପଣଙ୍କୁ ଶୁଭେଚ୍ଛା ଜଣାଉଛି ।

ଧନ୍ୟବାଦ ।

# ମନ୍ତ୍ରୀମଣ୍ଡଳ ଉପରେ ଆଗତ ଅବିଶ୍ୱାସ ପ୍ରସ୍ତାବ ସମ୍ବନ୍ଧରେ ଲୋକସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ବକ୍ତବ୍ୟ

20th July 2018

# ୨୦.୦୭.୨୦୧୮ ଲୋକସଭା
# ଅବିଶ୍ୱାସ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ଆଦରଣୀୟ ବାଚସ୍ପତି ମହୋଦୟା, ମୁଁ ଆପଣଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରୁଛି । ଯେଉଁ ଧୈର୍ଯ୍ୟର ସହିତ ଆପଣ ଗୃହର ଆଜି ପରିଚାଳନା କଲେ ସେଥିପାଇଁ । ଏହି ଅନାସ୍ଥା ପ୍ରସ୍ତାବ ଏକ ପ୍ରକାରରେ ଆମ ଗଣତନ୍ତ୍ରର ଗୁରୁତ୍ୱପୂର୍ଣ୍ଣ ଶକ୍ତିର ପରିଚାୟକ ଅଟେ । ଯଦିଓ ଟିଡିପି ମାଧ୍ୟମରେ ଏହି ପ୍ରସ୍ତାବ ଆସିଥାଇପାରେ, କିନ୍ତୁ ଏଥିସହିତ ଯୋଡ଼ି ହୋଇଥିବା କେତେଜଣ ମାନନୀୟ ସଦସ୍ୟ ପ୍ରସ୍ତାବର ସମର୍ଥନ କରି କିଛି କଥା କହିଛନ୍ତି । ଆହୁରି ଏକ ବହୁତ ବଡ଼ ବର୍ଗ ଯେଉଁମାନେ ଏହି ପ୍ରସ୍ତାବକୁ ବିରୋଧ କରି କେତେକ କଥା କହିଛନ୍ତି । ମୁଁ ମଧ୍ୟ ଆପଣ ସମସ୍ତଙ୍କୁ ଅନୁରୋଧ କରିବି ଯେ ଆମେ ସମସ୍ତେ ଏହି ପ୍ରସ୍ତାବକୁ ଖାରଜ କରିବା ଏବଂ ଆମେ ସମସ୍ତେ ତିରିଶ ବର୍ଷ ପରେ ସମ୍ପୂର୍ଣ୍ଣ ବହୁମତ ସହିତ ଗଠନ ହୋଇଥିବା ସରକାର ଯେଉଁ ଗତିରେ କାମ କରିଛନ୍ତି ସେଥିପ୍ରତି ପୁଣିଥରେ ବିଶ୍ୱାସ ପ୍ରକଟ କରିବା ।

ସେହିପରି ମୁଁ ଭାବୁଛି ଏହା ଏକ ଭଲ ସୁଯୋଗ ଅଟେ ଯେ ଆମକୁ ନିଜ କଥା କହିବାର ସୁଯୋଗ ମିଳୁଛି, କିନ୍ତୁ ଦେଶକୁ ଏପରି ଚେହେରା ମଧ୍ୟ ଦେଖିବାକୁ ମିଳୁଛି ଯେ ଏହା କି ପ୍ରକାରର ନକାରାତ୍ମକତା, ବିକାଶ ପ୍ରତି ଏହା କେଉଁ ପ୍ରକାରର ବିରୋଧଭାବନା । କିପରି ନକାରାତ୍ମକ ରାଜନୀତି କିଛି ଲୋକଙ୍କୁ ଘେରି ରହିଛି ଏବଂ ସେ ସମସ୍ତଙ୍କ ଚେହେରା ଉଜ୍ଜ୍ୱଳ ହୋଇ ସଜେଇ ହୋଇ ଆଗକୁ ଆସିଛି । କିଛି ଲୋକଙ୍କ ମନରେ ପ୍ରଶ୍ନ ରହିଛି ଯେ ଅନାସ୍ଥା ପ୍ରସ୍ତାବ ଆସିଲା କାହିଁକି ? ସଂଖ୍ୟା ନାହିଁ, ସଂସଦରେ ବହୁମତ ଅଛି ଏବଂ ତଥାପି ଏହି ପ୍ରସ୍ତାବକୁ ସଦନରେ କାହିଁକି ଅଣାଗଲା । ଏବଂ ସରକାରଙ୍କୁ ଭାଙ୍ଗିବା ଲାଗି ଏପରି ଆତୁରତା ଥିଲା ତ' ମୁଁ ଆଶ୍ଚର୍ଯ୍ୟରେ ପଡ଼ିଥିଲି ଯେ ଏହାକୁ ୪୮ ଘଂଟା ପର୍ଯ୍ୟନ୍ତ ଅଟକାଇ ରଖାଯାଉ, ଚର୍ଚ୍ଚା ଶୀଘ୍ର କରିବାର ଆବଶ୍ୟକତା ନାହିଁ । ଯଦି ଅନାସ୍ଥା ପ୍ରସ୍ତାବ ଉପରେ ଶୀଘ୍ର ଚର୍ଚ୍ଚା ହେବ ନାହିଁ ତା'ହେଲେ କ'ଣ ଆକାଶ ଛିଡ଼ି ପଡ଼ିବ ? ଭୂମିକମ୍ପ ଆସିବ କ'ଣ ? କିଏ ଜାଣେ ଯଦି ଆଲୋଚନା ପାଇଁ ପ୍ରସ୍ତୁତି ନଥିଲା, ୪୮ ଘଂଟା ଆହୁରି ବିଳମ୍ବ କରିଦିଅ, ତା'ହେଲେ କାହିଁକି ଅଣାଗଲା ? ଏବଂ ସେଥିପାଇଁ ମୁଁ ଭାବୁଛି ଯେ ଏହାକୁ ଟାଳିବା ଲାଗି

ଯେଉଁ ପ୍ରୟାସ ହେଉଥିଲା, ତାହା ମଧ୍ୟ ଏହା କହୁଛି ଯେ ସେମାନଙ୍କ ଆଗରେ କେଉଁ କଠିନତା ରହିଛି ।

ନାଉରିଆ ନାହିଁ, ନା ଅଛି ବାହକ, ପବନ ସୁହାଉ ନାହିଁ, ଏହା କେମିତିକା ଯାତ୍ରା ।

ବେଳେବେଳେ ତ' ଲାଗିଥାଏ ଯେ ଏ ସାରା ଯେଉଁ ଭାଷଣ ମୁଁ ଶୁଣୁଥିଲି, ଯେଉଁ ବ୍ୟବହାର ଦେଖୁଥିଲି ମୁଁ ମାନୁ ନାହିଁ ଯେ କିଛି ଅଜ୍ଞାନତାବଶତଃ ହୋଇନାହିଁ, ଏବଂ ଏହା ମିଥ୍ୟା ଆତ୍ମବିଶ୍ୱାସ କାରଣରୁ ହୋଇନାହିଁ । ଏବଂ ଏଥିପାଇଁ ହୋଇଛି ଯେ ଅହଂକାର କିପରି ପ୍ରଭୁତ୍ୱ ପ୍ରଦର୍ଶନ କରିବା ଲାଗି ଟାଣି ନେଇଯାଉଛି । ମୋଦୀ ହଟାଅ, ଏବଂ ମୁଁ ଚକିତ ଯେ ଆଜି ସକାଳେ ମଧ୍ୟ ଏବେ ତ' ଆଲୋଚନା ଆରମ୍ଭ ହୋଇଥିଲା, ମତଦାନ ହୋଇନଥିଲା, ଜୟ-ପରାଜୟର ନିଷ୍ପତ୍ତି ହୋଇନଥିଲା, ତଥାପି ଯେଉଁମାନଙ୍କୁ ଏଠାରେ ପହଁଚିବାର ଉତ୍ସାହ ରହିଛି, ଉଠ, ଉଠ, ଉଠ । ଏମିତି ଏଠାରେ କେହି ଉଠାଇ ପାରିବ ନାହିଁ, ବସାଇପାରିବ ନାହିଁ, ୧୨୦ କୋଟି ଦେଶବାସୀ ବସାଇପାରିବେ, ୧୨୦ କୋଟି ଦେଶବାସୀ ଉଠାଇପାରିବେ ।

ଗଣତନ୍ତ୍ରରେ ଜନତାଙ୍କ ଉପରେ ଭରସା ରହିବା ଉଚିତ, ଏତେ ବିବ୍ରତ କାହିଁକି ?... ଏବଂ ଏହା ହିଁ ସେହି ଅହକାଂର ଯାହା କହୁଛି ଯେ ଆମେ ଛିଡ଼ା ହେଲେ, ପ୍ରଧାନମନ୍ତ୍ରୀ ୧୫ ମିନିଟ୍ ପର୍ଯ୍ୟନ୍ତ ଛିଡ଼ା ହୋଇପାରିବେ ନାହିଁ ।

ଆଦରଣୀୟ ଅଧ୍ୟକ୍ଷା ମହୋଦୟ, ମୁଁ ଛିଡ଼ା ମଧ୍ୟ ହୋଇଛି ଏବଂ ୪ ବର୍ଷ ଆମେ ଯେଉଁ କାମ କରିଛୁ ସେଥିପ୍ରତି ଦୃଢ଼ ମଧ୍ୟ ରହିଛୁ । ଆମର ଚିନ୍ତାଧାରା ସେମାନଙ୍କ ଠାରୁ ଭିନ୍ନ । ଆମେ ତ' ଶିଖିଛୁ ସାର-ସାର କୋ ଗାହି ରହେ, ଥୋଥା ଦେଇ ଉଡ଼ାୟ (ସାର୍ଥକକୁ ବଂଚେଇ ରଖିବୁ ଏବଂ ନିରର୍ଥକକୁ ଉଡ଼ାଇଦେବୁ) । ଛାଡ଼ ମୁଁ ସାର୍ଥକକୁ ଗ୍ରହଣ କରିବା ଲାଗି ଯଥେଷ୍ଟ ପ୍ରୟାସ କରୁଥିଲି, କିନ୍ତୁ ଆଜି ସାର୍ଥକତା ମିଳିଲା ନାହିଁ ଯ ଛାତି ପିଟି ଅହଂକାରରେ ଏହା କୁହାଉଛି ଯେ ୨୦୧୯ରେ କ୍ଷମତାରେ ଆସିବାକୁ ଦେବୁ ନାହିଁ, ଯେଉଁମାନେ ଲୋକମାନଙ୍କୁ ବିଶ୍ୱାସ କରନ୍ତି ନାହିଁ ଏବଂ ନିଜକୁ ହିଁ ଭାଗ୍ୟବିଧାତା ବୋଲି ଗ୍ରହଣ କରିଥାନ୍ତି ସେମାନଙ୍କ ମୁହଁରୁ ଏପରି ଶବ୍ଦ ବାହାରିଥାଏ ।

ଗଣତନ୍ତ୍ରରେ ଜନତା ଜନାର୍ଦ୍ଦନ ଭାଗ୍ୟବିଧାତା ହୋଇଥାନ୍ତି ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ଭରସା ରହିବା ଜରୁରୀ ଅଟେ । ଯଦି ୨୦୧୯ରେ କଂଗ୍ରେସ ସବୁଠୁ ବଡ଼ ଦଳ ହୁଏ, ତା'ହେଲେ ମୁଁ ପ୍ରଧାନମନ୍ତ୍ରୀ ହେବି, କିନ୍ତୁ ଅନ୍ୟମାନଙ୍କର ଅନେକ ଆଶାଆକାଂକ୍ଷା ରହିଛି ସେମାନଙ୍କର କ'ଣ ହେବ? ଏହାକୁ ନେଇ ଦ୍ୱନ୍ଦ୍ୱ ରହିଛି । ଅଧ୍ୟକ୍ଷ ମହୋଦୟ, ଏହା ସରକାରଙ୍କ ଫ୍ଲୋର ଟେଷ୍ଟ ନୁହେଁ, ଏହା ତ' କଂଗ୍ରେସ ପାଇଁ ନିଜର ତଥାକଥିତ ସାଥୀମାନଙ୍କର ଫ୍ଲୋର ଟେଷ୍ଟ ଅଟେ । ମୁଁ ହିଁ ପ୍ରଧାନମନ୍ତ୍ରୀ ହେବି ସ୍ୱପ୍ନକୁ ନେଇ ଏବଂ ୧୦-୨୦ କିଛି ମୋହର ମାରିଦେବେ, ସେଥିପାଇଁ ଟ୍ରାଏଲ ଚାଲିଛି । ଏହି ପ୍ରସ୍ତାବ ବାହାନାରେ ନିଜର ସ୍ଥିତି ଦୃଢ଼ କରିବା ଲାଗି ଯେଉଁ ପ୍ରୟାସ କରାଯାଇଛି, ତାହା ଯେମିତି ପଣ୍ଡ ନହୁଏ ତା'ର ଚିନ୍ତା ଲାଗି ରହିଛି । ଜଣେ ମୋଦୀଙ୍କୁ ହଟାଇବା ଲାଗି, ଯାହା ସହିତ କେବେ ଦେଖା ହେବାର ସମ୍ପର୍କ ନାହିଁ, ମିଶିବାର ସମ୍ପର୍କ ନାହିଁ, ସେପରି ଧାରଣାକୁ ଏକାଠି କରିବା ଲାଗି ପ୍ରୟାସ ହେଉଛି ।

ମୋର କଂଗ୍ରେସର ବନ୍ଧୁମାନଙ୍କୁ ଏହି ପରାମର୍ଶ ଯେ ଯେତେବେଳେ ବି ମୁଁ ଆପଣଙ୍କୁ ନିଜ ସମ୍ଭାବ୍ୟ ସାଥୀଙ୍କ ପରୀକ୍ଷା ନେବାର ଅଛି ତା'ହେଲେ ନିଶ୍ଚିତ ଭାବେ ନିଅନ୍ତୁ, କିନ୍ତୁ ଏଥିପାଇଁ ଅନାସ୍ଥା ପ୍ରସ୍ତାବର ବାହାନା କରନ୍ତୁ ନାହିଁ । ଯେତିକି ଅବିଶ୍ୱାସ ସରକାରଙ୍କ ଉପରେ କରୁଛନ୍ତି, ପାଖାପାଖି ସେତିକି ବିଶ୍ୱାସ ତ' ନିଜ ସମ୍ଭାବ୍ୟ ସାଥୀଙ୍କ ଉପରେ କରନ୍ତୁ । ଆମେ ଏଠାରେ ଏଥିପାଇଁ ଅଛୁ ଯେ ଆମ ପାଖରେ ସଂଖ୍ୟା ରହିଛି, ଆମେ ଏଠାରେ ଏଥିପାଇଁ ଅଛୁ ଯେ ୧୨୦ କୋଟି ଦେଶବାସୀଙ୍କର ଆମ ପ୍ରତି ଆଶୀର୍ବାଦ ରହିଛି । ନିଜର ସର୍ବାର୍ଥ ସିଦ୍ଧି ଲାଗି ଦେଶର ମନ ଉପରେ, ଦେଶବାସୀ ଦେଇଥିବା ଆଶୀର୍ବାଦ ଉପରେ ଏତେ ଅବିଶ୍ୱାସ ନକରନ୍ତୁ । କୌଣସି ତୁଷ୍ଟିକରଣ ନକରି, ଭୋଟ ବ୍ୟାଙ୍କ ରାଜନୀତି ବିନା, 'ସବକା ସାଥ, ସବକା ବିକାଶ' ମନ୍ତ୍ରକୁ ନେଇ ଆମେ କାମ କରୁଛୁ । ଗତ ୪ ବର୍ଷରେ ସେହି ବର୍ଗ ଏବଂ କ୍ଷେତ୍ରରେ କାମ କରିଛୁ ଯାହା ପାଖରେ ଚମକ ନଥିଲା । ପୂର୍ବରୁ ମଧ୍ୟ ୧୮ ହଜାର ଗ୍ରାମରେ ବିଦ୍ୟୁତ ସଂଯୋଗ କରିବାର କାମ ଗତ ସରକାର ମଧ୍ୟ କରିପାରିଥା'ନ୍ତେ । କିନ୍ତୁ ଅଧ୍ୟକ୍ଷ ମହୋଦୟ ଏହି ୧୮ ହଜାର ଗ୍ରାମରେ ୧୫ ହଜାର ଗ୍ରାମ ପୂର୍ବ ଭାରତର ଏବଂ ସେହି ୧୫ ହଜାରରେ ମଧ୍ୟ ଯେଉଁ ୫ ହଜାର ଗ୍ରାମ ସମ୍ପୂର୍ଣ୍ଣ ଭାବେ ଉତ୍ତରପୂର୍ବାଂଚଳର ଆପଣ

ଅନୁମାନ କରିପାରିବେ, ଏହି ଇଲାକାରେ କିଏ ରହିଥାଏ । ଆମର ଆଦିବାସୀ, ଆମର ଗରିବ ଏ ସମସ୍ତ ମହାନୁଭବ ରହୁଛନ୍ତି । ଦଳିତ, ପୀଡ଼ିତ ହୁଅନ୍ତୁ, ଶୋଷିତ ହୁଅନ୍ତୁ, ବଂଚିତ ହୁଅନ୍ତୁ, ଜଙ୍ଗଲରେ ଜୀବନ ବିତାଉଥିବା ଲୋକ ହୁଅନ୍ତୁ, ଏମାନଙ୍କୁ ବହୁତ ବଡ଼ ଜନବସତି ରହିଥାଏ, କିନ୍ତୁ ସେମାନେ ଏହି କାର୍ଯ୍ୟ କାହିଁକି କରୁନଥିଲେ, କାରଣ ଏହା ସେମାନଙ୍କ ଭୋଟର ଗଣିତରେ ଫିଟ୍ ହେଉନଥିଲା ଏବଂ ସେମାନଙ୍କ ଏହି ଜନସଂଖ୍ୟା ପ୍ରତି ବିଶ୍ୱାସନଥିଲା, ସେହି କାରଣରୁ ଉତ୍ତର ପୂର୍ବାଂଚଳକୁ ବିଚ୍ଛିନ୍ନ କରିଦିଆଗଲା । ଆମେ କେବଳ ଏହି ଗ୍ରାମରେ ବିଦ୍ୟୁତ ସଂଯୋଗ ଦେଲୁ ତାହା ନୁହେଁ, ନିଜର ଯୋଗାଯୋଗର ପ୍ରତ୍ୟେକ ମାର୍ଗରେ ଦ୍ରୁତ ଗତିରେ କାମ କଲୁ ।

ବ୍ୟାଙ୍କର ଦୁଆର... ଗରିବଙ୍କ ନାମରେ ବ୍ୟାଙ୍କର ଜାତୀୟକରଣ କରାଗଲା, କିନ୍ତୁ ବ୍ୟାଙ୍କର ଦୁଆର ଗରିବଙ୍କ ପାଇଁ ଖୋଲିଲା ନାହିଁ । ଯେତେବେଳେ ସେମାନଙ୍କ ସରକାର ଥିଲା, ଏତେ ବର୍ଷ ବସିଥିଲେ, ସେମାନେ ମଧ୍ୟ ଗରିବଙ୍କ ପାଇଁ ବ୍ୟାଙ୍କର ଦ୍ୱାର ଖୋଲିପାରିଥା'ନ୍ତେ। ପାଖାପାଖି ୩୨ କୋଟି ଜନଧନ ଏକାଉଣ୍ଟ ଖୋଲିବାର କାମ ଆମ ସରକାର କରିଛି । ଏବଂ ଆଜି ୮୦ ହଜାର କୋଟି ଟଙ୍କା ସେହି ଗରିବମାନେ ସଂଚୟ କରି ଏହି ଜନଧନ ଏକାଉଣ୍ଟରେ ଜମା କରିଛନ୍ତି । ମା'ମାନେ ଏବଂ ଭଉଣୀମାନଙ୍କ ଲାଗି, ସେମାନଙ୍କ ସମ୍ମାନ ଲାଗି ୮ କୋଟି ଶୌଚାଳୟ ନିର୍ମାଣ କରିବାର କାମ ଏ ସରକାର କରିଛନ୍ତି । ଏହା ପୂର୍ବର ସରକାର ମଧ୍ୟ କରିପାରିଥା'ନ୍ତେ । ଉଜ୍ଜ୍ୱଳା ଯୋଜନା ଦ୍ୱାରା ସାଢ଼େ ୪ କୋଟି ଗରିବ ମା'-ଭଉଣୀଙ୍କୁ ଆଜି ଧୂଆଁମୁକ୍ତ ଜୀବନ ଏବଂ ଉତ୍ତମ ସ୍ୱାସ୍ଥ୍ୟର କାର୍ଯ୍ୟ, ଏହି ବିଶ୍ୱାସ ଜଗାଇବାର କାମ ଆମ ସରକାର କରିଛନ୍ତି । ଏମାନେ ସେହି ଲୋକ ଯେଉଁମାନେ ୯ ସିଲିଣ୍ଡର ପରେ ୧୨ ସିଲିଣ୍ଡରର ଚର୍ଚ୍ଚାରେ ମଗ୍ନ ରହିଥିଲେ। ସେମାନଙ୍କ ଅନାସ୍ଥା ମଧ୍ୟରେ ସେମାନେ ଜନତାଙ୍କୁ ଭୂଆଁ ବୁଲାଉଥିଲେ । ଏକ ଅନ୍ତର୍ଜାତୀୟ ରିପୋର୍ଟ ଅନୁଯାୟୀ ଗତ ଦୁଇ ବର୍ଷରେ ୫ କୋଟି ଦେଶବାସୀ ଭୀଷଣ ଦାରିଦ୍ର୍ୟରୁ ବାହାରକୁ ଆସିଛନ୍ତି, ୨୦ କୋଟି ଗରିବମାନଙ୍କୁ ମାତ୍ର ୯୦ ପଇସା ପ୍ରତିଦିନ ଏବଂ ଏକ ଟଙ୍କା ମାସିକ ପ୍ରିମିୟମରେ ବୀମାର ସୁରକ୍ଷା କବଚ ମଧ୍ୟ ମିଳିଥାଏ । ଆଗାମୀ ଦିନରେ 'ଆୟୁଷ୍ମାନ ଭାରତ ଯୋଜନା' ଅଧୀନରେ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା କରିବା ଲାଗି ବୀମା ମଧ୍ୟ

ଏ ସରକାର ଦେଇଛନ୍ତି । ଏମାନଙ୍କ ଏ କଥା ଉପରେ ମଧ୍ୟ ବିଶ୍ୱାସ ନାହିଁ । ଆମେ ବିହନ ଠାରୁ ଆରମ୍ଭ କରି ବଜାର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସ୍ଥା ଅଧୀନରେ ସୁଧାର କରୁଛୁ, ବାଧାମୁକ୍ତ ବ୍ୟବସ୍ଥା କରୁଛୁ, ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ । ୮୦ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରି ବର୍ଷ ବର୍ଷ ଧରି ଅଟକି ରହିଥିବା ୯୯ ଜଳସେଚନ ଯୋଜନାକୁ, ଏହିସବୁ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାର କାମ ଚାଲିଛି, କିଛି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ସ୍ଥିତିରେ ରହିଛି, କିଛି ଲୋକାର୍ପଣ ହୋଇସାରିଛି, କିନ୍ତୁ ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ । ଆମେ ୧୫ କୋଟି କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପହଁଚାଇଛୁ, ଆଧୁନିକ କୃଷି ଦିଗରେ କୃଷକମାନଙ୍କୁ ନେଇଯାଇଛୁ । କିନ୍ତୁ ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ । ଆମେ ୟୁରିଆରେ ନିମ କୋଟିଂ, ସେମାନେ ଅଳ୍ପ କରି ଛାଡ଼ିଦେଲେ, ଶତ-ପ୍ରତିଶତ ନକରି ଏହାର ଲାଭ ମିଳିପାରିନଥା'ନ୍ତା । ଆମେ ଶତ ପ୍ରତିଶତ ନିମ ପ୍ରଲେପର କାମ କଲୁ । ଯାହାର ଲାଭ ଦେଶର କୃଷକମାନଙ୍କୁ ହୋଇଛି। ୟୁରିଆର ଯେଉଁ ଅଭାବ ଅନୁଭୂତ ହୋଇଥାଏ, ତାହା ବନ୍ଦ ହୋଇଛି ଏବଂ ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ । କେବଳ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ମାଧ୍ୟମରେ କୃଷକମାନଙ୍କୁ ବିଶ୍ୱାସ ଦେବାର କାମ କରିଛୁ, କେବଳ ପ୍ରିମିୟମ କମ କଲୁ, କିନ୍ତୁ ବୀମାର ପରିଧି ମଧ୍ୟ ଆମେ ବଢ଼ାଇଲୁ । ଉଦାହରଣ ସ୍ୱରୂପ ୨୦୧୬-୧୭ରେ କୃଷକମାନେ ପାଖାପାଖି ୧୩୦୦ କୋଟି ଟଙ୍କାର ବୀମା ପ୍ରିମିୟମ ରୂପରେ ଦେଲୁ, ଯେତେବେଳେକି ସେମାନଙ୍କ ସହାୟତା ଆକାରରେ ୫୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବୀମା ରାଶି ଦିଆଯାଇଛି, ଅର୍ଥାତ୍ କୃଷକମାନଙ୍କ ଠାରୁ ଯେତିକି ନିଆଗଲା, ତା'ର ତିନି ଗୁଣରୁ ଅଧିକ ବୀମା ରାଶି ସେମାନଙ୍କୁ ଆମେ ପହଁଚାଇ ଦେଲୁ, କିନ୍ତୁ ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ।

ମାନନୀୟ ଅଧ୍ୟକ୍ଷ ମହୋଦୟ, ଏଲଇଡି ବଲ୍‌ବ... ଟିକିଏ କହନ୍ତୁ ତ' କେଉଁ କାରଣ ପାଇଁ ସେମାନଙ୍କ କାର୍ଯ୍ୟକାଳରେ ଏଲଇଡି ବଲ୍‌ବ ସାଢ଼େ ତିନି ଶହ, ଚାରି ଶହ, ସାଢ଼େ ଚାରି ଶହ ଟଙ୍କା ବିକ୍ରି ହେଉଥିଲା । ଆଜି ସେହି ଏଲଇଡି ବଲ୍‌ବ ୪୦-୪୫ ଟଙ୍କାରେ ଯୋଗାଇ ଦିଆଗଲା । ଏବଂ ୧୦୦ କୋଟି ଏଲଇଡି ବଲ୍‌ବ ଆଜି ବିକ୍ରି ହୋଇସାରିଛି । କେବଳ ସେତିକି ନୁହେଁ, ୫ଶହ କୋଟିରୁ ଅଧିକ ପୌରାଂଚଳରେ ୬୨ ଲକ୍ଷରୁ ଅଧିକ

ଏଲଇଡି ବଲ୍ବ ଷ୍ଟ୍ରିଟ ଲାଇନରେ ଲାଗି ସାରିଛି ଏବଂ ଏହି କାରଣରୁ ସେହି ନଗରପାଳିକାଗୁଡ଼ିକର ଅର୍ଥ ସଂଚୟ ମଧ୍ୟ ହୋଇଛି । ସେମାନଙ୍କ ସମୟରେ ମୋବାଇଲ ଉତ୍ପାଦକ କମ୍ପାନୀ ମାତ୍ର ଦୁଇଟି ଥିଲା, ଆଜି ମୋବାଇଲ ଫୋନ ନିର୍ମାଣ କରୁଥିବା ୧୨୦ଟି କମ୍ପାନୀ ରହିଛି, କିନ୍ତୁ ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ କାମ କରୁନାହିଁ । ଯୁବକମାନଙ୍କ ସ୍ୱରୋଜଗାର ଲାଗି ପୂର୍ବରୁ ପୁଅ। ଯୁବକ-ଯୁବତୀମାନଙ୍କୁ ସାର୍ଟିଫିକେଟ ଧରାଇ ଦିଆଯାଉଥିଲା । ସେମାନେ ଜୀବନଜୀବିକା ପାଇଁ ଏଣେତେଣେ ବୁଲୁଥିଲେ, ଆମେ ମୁଦ୍ରା ଯୋଜନା ଅନ୍ତର୍ଗତ ୧୩ କୋଟି ନବଯୁବକମାନଙ୍କୁ ଋଣ ଯୋଗାଇ ଦେବାର କାମ କଲୁ । କେବଳ ସେତିକି ନୁହେଁ, ସମୟ ବଦଳିଯାଇଛି । ଆଜି ୧୦ ହଜାରରୁ ଅଧିକ ଷ୍ଟାର୍ଟଅପ ଆମ ଦେଶର ଯୁବକଯୁବତୀମାନେ ଚଳାଉଛନ୍ତି ଏବଂ ଦେଶକୁ ଇନୋଭେଟିଭ ଇଣ୍ଡିଆ ଦିଗରେ ନେବାର କାମ କରୁଛନ୍ତି । ଗୋଟିଏ ସମୟ ଥିଲା ଯେତେବେଳେ ଆମେ ଡିଜିଟାଲ କାରବାର କଥା କହିଲୁ ସେତେବେଳେ ସଦନରେ ବଡ଼ ବଡ଼ ବିଦ୍ୱାନ ଲୋକମାନେ କହିଲେ, ଆମ ଦେଶ ଅଶିକ୍ଷିତ ଲୋକମାନଙ୍କର, ଡିଜିଟାଲ କାରବାର କିପି କରାଯାଇପାରିବ, ଆମେ ଦେଶର ଗରିବଙ୍କ ନିକଟରେ ଏହା କିଭଳି ପହଁଚିପାରିବ ।

ଅଧ୍ୟକ୍ଷା ମହୋଦୟ, ଯେଉଁ ଲୋକମାନେ ଏପରି ଦେଶର ଜନତାଙ୍କ ଶକ୍ତିକୁ କମ କରି ଆକଳନ କରୁଥିଲେ, ସେମାନଙ୍କୁ ଜନତା ଦୃଢ଼ ଜବାବ ଦେଇଛି । ଏକାକୀ ଭୀମ ଆପ ଏବଂ ମୋବାଇଲ ଫୋନ ଦ୍ୱାରା ଗୋଟିଏ ମାସରେ ୪୧ ହଜାର କୋଟି ଟଙ୍କାର କାରବାର ଆମ ଏହି ଦେଶର ନାଗରିକମାନେ ଆଜି କରୁଛନ୍ତି । କିନ୍ତୁ ଦେଶର ଜନତାଙ୍କ ଉପରେ ବିଶ୍ୱାସ ନାହିଁ, ସେମାନେ ଅପାଠୁଆ, ଏହା କରିପାରିବେ ନାହିଁ, ସେମାନେ କରିବେ ନାହିଁ, ଏହି ମାନସିକତାର ପରିଣାମ ଧରାପଡ଼ିଯାଇଛି ।

ଅଧ୍ୟକ୍ଷା ମହୋଦୟ, ବ୍ୟବସାୟିକ ସୁଗମତାରେ ୪୨ଟି ପଏଣ୍ଟ ସୁଧାର ଆସିଲା, ସେମାନଙ୍କୁ  ଏହା ଉପରେ ମଧ୍ୟ ସନ୍ଦେହ ହେଲା । ସେହି ସଂସ୍ଥାଗୁଡ଼ିକ ଉପରେ ମଧ୍ୟ ଅବିଶ୍ୱାସ ପ୍ରକଟ କରିବାକୁ ଲାଗିଲେ । ବିଶ୍ୱ ପ୍ରତିଦ୍ୱନ୍ଦ୍ୱିତା ସୂଚକାଙ୍କରେ ୩୧ ପଏଂଟର ସୁଧାର ଅ ।ସିଲା, ଏଥିରେ ମଧ୍ୟ ସେମାନଙ୍କୁ ସନ୍ଦେହ ହେଉଛି । ନବସୃଜନ ସୂଚକାଙ୍କରେ ୨୪ ପଏଂଟର ସୁଧାର ହୋଇଛି । ବ୍ୟବସାୟିକ ସୁଗମତାକୁ ବୃଦ୍ଧି କରି ସରକାର ବ୍ୟବସାୟ

କରିବାର ମୂଲ୍ୟକୁ କମ କରୁଛନ୍ତି । ମେକ ଇନ ଇଣ୍ଡିଆ ହେଉ କିମ୍ବା ଜିଏସଟି ଏହା ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ । ଭାରତ ନିଜ ସହିତ ସାରା ବିଶ୍ୱର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ଼ତା ପ୍ରଦାନ କରିଛି । ବଡ଼ ଅର୍ଥବ୍ୟବସ୍ଥା ମଧ୍ୟରେ ସବୁଠୁ ଦ୍ରୁତ ଗତିରେ ବିକଶିତ ହେଉଥିବା ଅର୍ଥବ୍ୟବସ୍ଥା ମଧ୍ୟରେ ଭାରତ ଷଷ୍ଠ ସ୍ଥାନରେ ରହିଛି । ଆହୁରି ଏହି ଜୟଘୋଷ ସରକାରରେ ବସିଥିବା ଲୋକମାନଙ୍କର ନୁହେଁ । ୧୨୦ କୋଟି ହିନ୍ଦୁସ୍ଥାନୀଙ୍କ ପୁରୁଷାର୍ଥର ପରିଣାମ ଅଟେ । ଆରେ ଏଥିପାଇଁ ଗର୍ବ କରିବା ଶିଖ । କିନ୍ତୁ ଏହା ମଧ୍ୟ ଗୌରବ କରିବା ଜାଣିନାହାନ୍ତି ।

୫ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥା ହେବା ଦିଗରେ ଆଜି ଦ୍ରୁତ ଗତିରେ ଆଗକୁ ବଢୁଛି । ଆମେ କଳାଧନ ବିରୋଧରେ ଯୁଦ୍ଧ ଘୋଷଣା କଲୁ ଏବଂ ଏହି ଯୁଦ୍ଧ ଅଟକିବ ନାହିଁ । ଆହୁରି ଆମେ ଜାଣିଛୁ ଯେ ଏହି କାରଣରୁ କେଉଁ କେଉଁ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହେଉଛି । ସେହି ଘା' ଏବେସୁଦ୍ଧା ସେମାନଙ୍କର ଭଲ ହୋଇନାହିଁ । ଏହା ତ' ଆପଣମାନଙ୍କ ବ୍ୟବହାରରୁ ଆମକୁ ଜଣାପଡୁଛି । ଆମେ ପ୍ରଯୁକ୍ତିର ଉପଯୋଗ କଲୁ । ଏବଂ ପ୍ରଯୁକ୍ତି ମାଧ୍ୟମରେ ସରକାର ରାଜକୋଷକୁ ଟଙ୍କା, ଯାହା ଅନ୍ୟ ଆଡ଼କୁ ଚାଲିଯାଉଥିଲା ସେଥିରେ ୯୦ ହଜାର କୋଟି ଟଙ୍କା ସଂଚୟ କରିବାର କାମ ପ୍ରଯୁକ୍ତି ମାଧ୍ୟମରେ କରାଗଲା । ଭୁଲ ଲୋକଙ୍କ ପାଖକୁ ଯାଉଥିଲା, କିପରି ଚାଲୁଥିଲା, ଦେଶ ଭଲ ଭାବେ ଜାଣିଛି । ଅଢ଼େଇ ଲକ୍ଷରୁ ଅଧିକ ଜାଲି କମ୍ପାନୀରେ ଆମେ ତାଲା ମାରିଛୁ । ଆହୁରି ମଧ୍ୟ ପାଖାପାଖି ଦୁଇ ଲକ୍ଷ, ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ କମ୍ପାନୀ ଉପରେ ଆଜି ବି ନଜର ରହିଛି, କେତେବେଳେ ବି ସେଥିରେ ତାଲା ଲାଗିବାର ସମ୍ଭବ ହୋଇପାରେ । କାରଣ ଏଗୁଡ଼ିକୁ କିଏ ଭରଣପୋଷଣ ଦେଇଛି, କେଉଁ ଶକ୍ତି ଏଗୁଡ଼ିକୁ ପ୍ରୋତ୍ସାହନ ଦେଉଥିଲା ଏବଂ ଏହି ବ୍ୟବସ୍ଥାଗୁଡ଼ିକ ମାଧ୍ୟମରେ ନିଜ ଖେଳ ଖେଳାଯାଉଥିଲା । ବେନାମୀ ସମ୍ପତ୍ତି ଆଇନ ସଂସଦରେ ଗୃହୀତ ହେଲା । ୨୦ ବର୍ଷ ପର୍ଯ୍ୟନ୍ତ ବିଜ୍ଞପିତ କରାଗଲା ନାହିଁ, କାହିଁକି ? କାହାକୁ ବଂଚାଇବା ଲାଗି ଚାହୁଁଥିଲେ ? ଆହୁରି ଆମେ ଆସି ଏହି କାମ ମଧ୍ୟ କଲୁ ଏବଂ ମୁଁ ଖୁସି ଯେ ବର୍ତ୍ତମାନ ସୁଦ୍ଧା ୪, ସାଢ଼େ ୪ ହଜାର କୋଟି ଟଙ୍କାର ସମ୍ପତ୍ତିକୁ ଏହି ବେନାମୀ ସମ୍ପତ୍ତି ଭଳି ଜବତ କରାଗଲା । ଦେଶର ବିଶ୍ୱାସ ରହିଛି, ବିଶ୍ୱର ବିଶ୍ୱାସ ରହିଛି, ବିଶ୍ୱର ସର୍ବଶ୍ରେଷ୍ଠ

ସଂସ୍ଥାଗୁଡ଼ିକର ବିଶ୍ୱାସ ରହିଛି, କିନ୍ତୁ ଯେଉଁମାନେ ନିଜ ଉପରେ ବିଶ୍ୱାସ କରନ୍ତି ନାହିଁ, ସେମାନେ ଆମ ଉପରେ ବିଶ୍ୱାସ କିଭଳି କରିବେ ।

ଆହୁରି ଏକ ପ୍ରକାର ମାନସିକତାଧାରୀ ଲୋକମାନଙ୍କ ପାଇଁ ଆମ ଶାସ୍ତ୍ରରେ ଖୁବ ଭଲ ଭାବରେ କୁହାଯାଇଛି । 'ଧାରା ନୈବ ପତନ୍ତି ଚାତକ ମୁଖେ ମେଘସ୍ୟ କିଂ ଦୋଷମ' ଅର୍ଥାତ୍ ଚାତକ ପକ୍ଷୀର ମୁଖରେ ବର୍ଷା ବୁନ୍ଦା ଯଦି ଠିକ ଭାବେ ପଡ଼ିନଥାଏ ଏଥିରେ ବାଦଲର ଦୋଷ କ'ଣ ?

ବାଚସ୍ପତି ମହୋଦୟା, କଂଗ୍ରେସର ନିଜ ଉପରେ ବିଶ୍ୱାସ ନାହିଁ । ଏହା ଅବିଶ୍ୱାସ ମଧ୍ୟରେ ଘେରି ରହିଛି, ଅବିଶ୍ୱାସ ହିଁ ଏମାନଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟଶୈଳୀ, ସେମାନଙ୍କ ସାଂସ୍କୃତିକ ଜୀବନ ଶୈଳୀର ଅଂଶବିଶେଷ ଅଟେ । ସେମାନଙ୍କୁ ବିଶ୍ୱାସ ନାହିଁ, ସ୍ୱଚ୍ଛ ଭାରତ ସେଥିରେ ମଧ୍ୟ ବିଶ୍ୱାସ ନାହିଁ । ଅନ୍ତର୍ଜାତୀୟ ଯୋଗ ଦିବସ ଉପରେ ମଧ୍ୟ ବିଶ୍ୱାସ ନାହିଁ, ଦେଶର ପ୍ରଧାନ ବିଚାରପତିଙ୍କ ଉପରେ ମଧ୍ୟ ବିଶ୍ୱାସ ନାହିଁ, ରିଜର୍ଭ ବ୍ୟାଙ୍କ ଉପରେ ମଧ୍ୟ ବିଶ୍ୱାସ ନାହିଁ । ଅର୍ଥବ୍ୟବସ୍ଥାର ତଥ୍ୟ ଦେଉଥିବା ସଂସ୍ଥା ଉପରେ ମଧ୍ୟ ବିଶ୍ୱାସ ନାହିଁ । ଦେଶ ବାହାରେ ପାସପୋର୍ଟର ଶକ୍ତି କିପରି ବୃଦ୍ଧି କିମ୍ବା ଅନ୍ତର୍ଜାତୀୟ ମଂଚରେ ଦେଶର କିପରି ଗୌରବ ଗାନ ହେଉଛି ତା' ଉପରେ ମଧ୍ୟ ସେମାନଙ୍କର ବିଶ୍ୱାସ ନାହିଁ । ନିର୍ବାଚନ ଆୟୋଗଙ୍କ ଉପରେ ବିଶ୍ୱାସ ନାହିଁ, ଇଭିଏମ ଉପରେ ବିଶ୍ୱାସ ନାହିଁ । କାହିଁକି ? କାରଣ ସେମାନଙ୍କର ନିଜ ଉପରେ ବିଶ୍ୱାସ ନାହିଁ ଏବଂ ଏହି ଅବିଶ୍ୱାସ କାହିଁକି ବିଯାଇଛି, ଯେତେବେଳେ କିଛି ଲୋକ ହାତଗଣିତ ଲୋକ ନିଜର ଅଧିକାର ହିଁ ସାବ୍ୟସ୍ତ କରିବାକୁ ଚାହାନ୍ତି, ନିଜର ହିଁ ସ୍ୱତନ୍ତ୍ର ଅଧିକାର ଗ୍ରହଣ କରି ବସିଯା'ନ୍ତି ଯେତେବେଳେ ଏହା ଜନ ଅଧିକାରରେ ପରିବର୍ତ୍ତିତ ହେବାକୁ ଲାଗିବାରୁ ସେଠାରେ ମଧ୍ୟ ଟିକିଏ ଯୋରରେ ବଢ଼ିବାକୁ ଲାଗିଲା, ସମସ୍ୟା ହେବାରେ ଲାଗିଲା । କାରଣ ଯେତେବେଳେ ପ୍ରକ୍ରିୟାକୁ ପ୍ରଭାବିତ କରିବାର ପରମ୍ପରାକୁ ବନ୍ଦ କରିଦିଆଗଲା ସେମାନଙ୍କୁ ସମସ୍ୟା ହେବା ସ୍ୱାଭବିକ କଥା । ଯେତେବେଳେ ଦୁର୍ନୀତି ଉପରେ ସିଧା ପ୍ରହାର ହେବାରେ ଲାଗିଲ ସେମାନଙ୍କୁ ସମସ୍ୟା ହେବା ଅତି ସ୍ୱାଭାବିକ ଥିଲା । ଯେତେବେଳେ ଦୁର୍ନୀତିର ଆୟ ଆସିବା ବନ୍ଦ ହୋଇଗଲା

ସେମାନଙ୍କ ବ୍ୟସ୍ତତା ବଢ଼ିଗଲା, ଏହା ମଧ୍ୟ ସ୍ପଷ୍ଟ, ଯେତେବେଳେ କୋର୍ଟ-କଚେରୀରେ ସେମାନଙ୍କୁ ମଧ୍ୟ ହାଜର ହେବାକୁ ପଡ଼ିଲା ସେମାନଙ୍କୁ ମଧ୍ୟ କଷ୍ଟ ହେବାକୁ ଲାଗିଲା ।

ମୁଁ ଆଶ୍ଚର୍ଯ୍ୟ, ଏଠାରେ ଏପରି ବିଷୟକୁ ସ୍ପଷ୍ଟ କରାଗଲା । ଆଜିକାଲି ଶିବଭକ୍ତିର ଆଲୋଚନା ହେଉଛି । ମୁଁ ମଧ୍ୟ ଭଗବାନ ଶିବଙ୍କୁ ପ୍ରାର୍ଥନା କରୁଛି । ମୁଁ ୧୨୦ କୋଟି ଦେଶବାସୀଙ୍କୁ ମଧ୍ୟ ପ୍ରାର୍ଥନା କରୁଛି ଆପଣଙ୍କୁ ଏତେ ମାତ୍ରାରେ ଶକ୍ତି ଦିଅନ୍ତୁ, ଏତେ ଶକ୍ତି ଦିଅନ୍ତୁ ଯେ ୨୦୨୪ରେ ଆପଣମାନେ ପୁଣିଥରେ ଅନାସ୍ଥା ପ୍ରସ୍ତାବ ଆଗତ କରନ୍ତୁ । ମୁଁ ଆପଣମାନଙ୍କୁ ଶୁଭକାମନା ଜଣାଉଛି । ଏଠାରେ ଡୋକଲାମର ଚର୍ଚ୍ଚା କରାଗଲା । ମୁଁ ମାନୁଛି ଯେ ଯେଉଁ ବିଷୟର ସୂଚନା ନଥିଲା ବେଳେ ବେଳେ ତା' ଉପରେ ମଧ୍ୟ ବିବୃତି ଦେଲେ କଥା ଓଲଟି ଯାଇଥାଏ । ଏଥିରେ ବ୍ୟକ୍ତିର କ୍ଷତି କମ, ଦେଶର ଅଧିକ କ୍ଷତି ହୋଇଥାଏ । ଏବଂ ସେଥିପାଇଁ ଏପରି ବିଷୟରେ କହିବା ପୂର୍ବରୁ ସାମାନ୍ୟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ । ଆମକୁ ଘଟଣାକ୍ରମ ଟିକିଏ ମନେ ପକାଇବାକୁ ପଡିବ ଯେତେବେଳେ ସାରା ଦେଶ, ସାରା ବ୍ୟବସ୍ଥା, ସାରା ସରକାର ଏକଜୁଟ ହୋଇ, ଡୋକଲାମର ବିଷୟକୁ ନେଇ ପ୍ରଗତିଶୀଳ ଥିଲା, ନିଜ ନିଜ ଦାୟିତ୍ୱ ତୁଲାଉଥିଲା, ସେତେବେଳେ ଡୋକଲାମର ଆଲୋଚନା କରିବା ଲାଗି ଚୀନର ରାଷ୍ଟ୍ରଦୂତଙ୍କ ସହିତ ବୈଠକ କଲେ । ଏବଂ ପରେ ସ୍ୱୀକାର କଲେ ନାହିଁ ଏବଂ ସ୍ୱୀକାର କଲେ ମଧ୍ୟ । ଯେପରି ଚଳଚ୍ଚିତ୍ର ଭଳି ଢଙ୍ଗରେ ଚାଲିଥିଲା, ନାଟକୀୟ ଢଙ୍ଗରେ ଚାଲିଥିଲା । କିଏ କହୁଥିଲା ଭେଟିଥିଲୁ ପୁଣି ଭେଟିନଥିଲୁ, କାହିଁ ଭାଇ ? ଏପରି ଗୋପନୀୟତା କାହିଁକି ? ମୁଁ ଭାବୁଛି... ଏବଂ କଂଗ୍ରେସର ମୁଖପାତ୍ରର ପ୍ରଥମେ ମନା କରିଦେଲେ ଯେ ସେମାନଙ୍କ ଉପାଧକ୍ଷ ଚୀନ ରାଷ୍ଟ୍ରଦୂତଙ୍କୁ ଭେଟିନାହାନ୍ତି । ଇତିମଧ୍ୟରେ ଏକ ପ୍ରେସ ବିଜ୍ଞପ୍ତି ମଧ୍ୟ ଆସିଲା ଏବଂ ତା'ପରେ ଯାଇ କଂଗ୍ରେସ ସ୍ୱୀକାର କରିବାକୁ ବାଧ୍ୟ ହେଲା ଯେ ଭେଟ ହୋଇଛି । କ'ଣ ଦେଶ, ଦେଶର ପ୍ରସଙ୍ଗରେ କୌଣସି ଗମ୍ଭୀରତା ରହିବା ଉଚିତ ନୁହେଁ କି ? କ'ଣ ସବୁ କ୍ଷେତ୍ରରେ ପିଲାଳିଆମି କରିଚାଲିଥିବା ?

ଏଠାରେ ରାଫେଲ ବିବାଦ ଉଠାଗଲା । ମୁଁ କଳ୍ପନା କରିପାରିବି ନାହିଁ ସେହି ସତ୍ୟକୁ କିପରି ମୋଡ଼ିମକଚି ଦିଆଯାଇପାରିବ । ସତ୍ୟକୁ ଏପରି ଦଳି ଦିଆଯିବ । ଏବଂ ବାରମ୍ବାର, ଚିତ୍କାର କରି ଦେଶକୁ ଭୂଆଁ ବୁଲାଇବାର କାର୍ଯ୍ୟ କରାଯାଉଛି । ଆହୁରି ଏହି ବିଷୟ ଉପରେ

ଦେଶର ସୁରକ୍ଷା ସହ ଜଡ଼ିତ ବିଷୟ ଉପରେ ମଧ୍ୟ ଏପରି ଖେଳ ଖେଳାଯାଉଥିଲା । ଏହା ଦେଶ କେବେ କ୍ଷମା କରିବ ନାହିଁ । ଏହା କେତେ ଦୁଃଖଦ ଏ ସଦନରେ ଅଣାଯାଇଥିବା ଅଭିଯୋଗ ଉପରେ ଉଭୟ ଦେଶକୁ ବୟାନ ଜାରି କରିବାକୁ ପଡ଼ିଲା । ମୁଁ ଭାବୁଛି... ଏବଂ ଆହୁରି ଦୁଇ ଦେଶକୁ ଖଣ୍ଡନ କରିବାକୁ ପଡିଲା । କ'ଣ ଏପରି ପିଲାଳିଆମୀ ଆମେ କରିଚାଲିଥିବା । କିଛି ଉତ୍ତରଦାୟିତ୍ୱ ଅଛି ନା ନାହିଁ । ଯେଉଁ ଲୋକମାନେ ଏତେ ବର୍ଷ କ୍ଷମତାରେ ରହିଲେ... ହାତଗୋଡ଼ ବିନା, କୌଣସି ପ୍ରମାଣ ବିନା ଟାଣି ଚାଲିଥାଏ । ସତ୍ୟର ବେକ ମୋଡିବା ଲାଗି ପ୍ରୟାସ ରହିଛି, ଦେଶର ଜନତା ଭଲ ଭାବେ ଜାଣନ୍ତି ଏବଂ ପ୍ରତ୍ୟେକ ଥର ଜନତା ଆପଣଙ୍କୁ ମଧ୍ୟ ଜବାବ ଦେଇଛି । ଏବଂ ଏବେ ସୁଧୁରିବାର ସୁଯୋଗ ଦେଇଛି, ସୁଧୁରିବା ଲାଗି ଚେଷ୍ଟା କରନ୍ତୁ । ଏହି ରାଜନୀତି ସ୍ତର ଦେଶହିତରେ ନୁହେଁ ଏବଂ ମୁଁ ଏହି ସଦନ ଜରିଆରେ ଅଧ୍ୟକ୍ଷା ମହୋଦୟ, ମୁଁ ଦେଶବାସୀଙ୍କୁ ବିଶ୍ୱାସ ଦେବାକୁ ଚାହୁଁଛି, ଦେଶବାସୀଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି ଯେ ଏହି ବୁଝାମଣା ଦୁଇ ଦେଶ ମଧ୍ୟରେ ହୋଇଛି । ଏହା କୌଣସି ବ୍ୟବସାୟିକ ଦଳ ମଧ୍ୟରେ ହୋଇନାହିଁ । ଦୁଇ ଦାୟିତ୍ୱସମ୍ପନ୍ନ ସରକାରଙ୍କ ମଧ୍ୟରେ ହୋଇଛି ଏବଂ ସମ୍ପୂର୍ଣ୍ଣ ପାରଦର୍ଶିତାର ସହ ହୋଇଛି । ଆହୁରି ମୋର ପ୍ରାର୍ଥନା ଯେ ଏହା ଜାତୀୟ ସୁରକ୍ଷା ଜଡ଼ିତ ପ୍ରସଙ୍ଗ ହୋଇଥିବାରୁ, ଏତେ ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଏପରି ପିଲାଳିଆ ବୟାନ ଜାରି କରିବାରୁ ନିବୃତ ରହନ୍ତୁ । ଏହା ମୋର ଅନୁରୋଧ ।

ଆହୁରି ନାମଦାରଙ୍କ ଆଗରେ ମୁଁ ପ୍ରାର୍ଥନା ହିଁ କରିପାରିବି । କାରଣ ଆମେ ଦେଖିଛୁ, ଏପରି ମାନସିକ ପ୍ରବୃତ୍ତି ହୋଇସାରିଛି ଯେ ଦେଶର ସେନାଧ୍ୟକ୍ଷଙ୍କ ପ୍ରତି କିଭଳି ଭାଷାର ପ୍ରୟୋଗ କରାଗଲା । କ'ଣ ଦେଶର ସେନାଧ୍ୟକ୍ଷଙ୍କ ପାଇଁ ଏପରି ଭାଷାର ପ୍ରୟୋଗ କରାଯିବ । ଆଜି ମଧ୍ୟ ହିନ୍ଦୁସ୍ତାନର ପ୍ରତ୍ୟେକ ସିପାହୀ ଯିଏ ସୀମାରେ ଥିବେ, ଯିଏ ନିବୃତ୍ତି ହେବେ, ଆଜି ତାଙ୍କୁ ଏତେ ଗଭୀର ଆଘାତ ଲାଗିଥିବ ଯାହା ସଂସଦରେ ବସି ଆମେ କଳ୍ପନା କରିପାରିବା ନାହିଁ । ଯିଏ ଦେଶ ପାଇଁ ପ୍ରାଣବଳି ଦେବା ଲାଗି ପ୍ରସ୍ତୁତ, ଯିଏ ଦେଶର କଲ୍ୟାଣ କଥା କହିଥାନ୍ତି, ସେହି ସେନାର ଯବାନମାନଙ୍କ ପରାକ୍ରମକୁ ସେହି ପରାକ୍ରମକୁ ସ୍ୱୀକାର କରିବା ଲାଗି ଆପଣଙ୍କ ନିକଟରେ ସାମର୍ଥ୍ୟ ନାହିଁ, କିନ୍ତୁ ଆପଣ ସର୍ଜିକାଲ ଷ୍ଟ୍ରାଇକକୁ ଜୁମଲା ଷ୍ଟ୍ରାଇକ କହିଲେ । ଆପଣ ସର୍ଜିକାଲ ଷ୍ଟ୍ରାଇକକୁ ଜୁମଲା ଷ୍ଟ୍ରାଇକ କହିଲେ । ଏହା

ଦେଶ କେବେ କ୍ଷମା କରିବ ନାହିଁ । ଆପଣଙ୍କୁ ଗାଳି ଦେବାର ଅଛି ତ' ମୋଦୀ ଏଠାରେ ଅଛି । ଆପଣଙ୍କ ସବୁ ଗାଳି ଶୁଣିବା ଲାଗି ପ୍ରସ୍ତୁତ ଅଛି । କିନ୍ତୁ ଦେଶର ଯବାନ ଯେଉଁମାନେ ପ୍ରାଣବଳୀ ଦେବା ଲାଗି ବାହାରିଛନ୍ତି ତାଙ୍କୁ ଗାଳି ଦେବା ବନ୍ଦ କରନ୍ତୁ । ସର୍ଜିକାଲ ଷ୍ଟ୍ରାଇକକୁ ଜୁମଲା ଷ୍ଟ୍ରାଇକ କହୁଛନ୍ତି । ଏପରି ସେନାକୁ ଅପମାନିତ କରିବାର କାମ ନିରନ୍ତର ଜାରି ରହିଛି ।

ମାନନୀୟ ଅଧକ୍ଷ ମହୋଦୟା, ଅନେକ ପିଢି ଧରି ଚାଲିଆସିଥିବା ଏହି ଅନାସ୍ଥା କଂଗ୍ରେସର ପ୍ରକୃତି । କଂଗ୍ରେସ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ଅନାସ୍ଥା ପ୍ରସ୍ତାବର ସାମ୍ବିଧାନିକ ବ୍ୟବସ୍ଥାର ଦୂରୁପଯୋଗ କରିଛି । ଆମେ ଖବରକାଗଜରେ ପଢ଼ିଲୁ ଯେ ଅନାସ୍ଥା ପ୍ରସ୍ତାବର କିଛି ସମୟ ପରେ ବୟାନ ଦିଆଗଲା ଯେ, କିଏ କହୁଛି ଆମ ପାଖରେ ନମ୍ବର ନାହିଁ । ଏ ଯେଉଁ ଅହଂକାର ଦେଖନ୍ତୁ । ମୁଁ ଏହି ସଦନରେ ମନେ ପକାଇ ଦେବାକୁ ଚାହୁଁଛି ଯେ ୧୯୯୯ରେ ରାଷ୍ଟ୍ରପତି ଭବନ ଆଗରେ ଛିଡ଼ା ହୋଇ ଦାବି କରାଯାଇଥିଲା, ଆମ ପାଖରେ ୨୭୨ ସଂଖ୍ୟା ରହିଛି ଏବଂ ଆମ ସହିତ ଆହୁରି କିଛି ଲୋକ ଯୋଡ଼ିହେବେ, ୨୭୨, ସାରା ଦେଶରେ ଏବଂ ଅଟଳଜୀଙ୍କ ସରକାରକୁ ମାତ୍ର ଗୋଟିଏ ଭୋଟ ପାଇଁ ଭାଙ୍ଗି ଦିଆଗଲା, କିନ୍ତୁ ନିଜେ ଯିଏ ୨୭୨ର ଦାବି କରୁଥିଲେ, ତାହା ଫମ୍ପା ବୋଲି ଜଣାପଡ଼ିଲା ଏବଂ ୧୩ ମାସ ମଧ୍ୟରେ ଦେଶକୁ ନିର୍ବାଚନ ମଧ୍ୟକୁ ଠେଲି ଦିଆଗଲା । ନିର୍ବାଚନ ଲଦି ଦିଆଗଲା ଦେଶ ଉପରେ । ମାନନୀୟ ଅଧକ୍ଷା ମହୋଦୟ ଆଜି ପୁଣିଥରେ ଏକ ସ୍ଥିର ଜନାଦେଶ ଏହାକୁ ଅସ୍ଥିର କରିବା ଲାଗି ଖେଳ ଖେଳାଯାଉଛି । ରାଜନୈତିକ ଅସ୍ଥିରତା ସମୟରେ ନିଜର ସ୍ୱାର୍ଥ ସିଦ୍ଧି କରିବା ଏହା ତ' କଂଗ୍ରେସର ସ୍ୱଭାବ ରହିଆସିଛି । ୧୯୭୯ରେ କୃଷକ ନେତା ମାଟିର ପୁଅ ଚୌଧୁରୀ ଚରଣ ସିଂଙ୍କୁ ପ୍ରଥମେ ସମର୍ଥନର ଭ୍ରମ ଦିଆଗଲା ଏବଂ ଏହାପରେ ପ୍ରତ୍ୟାହାର କରିନିଆଗଲା । ଜଣେ କୃଷକ ଜଣେ କର୍ମଜୀବୀଙ୍କୁ ଏତେ ବଡ଼ ଅପମାନ କ'ଣ ହୋଇପାରେ । ଚନ୍ଦ୍ରଶେଖରଙ୍କ ସହିତ ମଧ୍ୟ ସେପରି କରାଗଲା, ଉଦ୍ଦେଶ୍ୟ ତାହା ଥିଲା । ପ୍ରଥମେ ସହଯୋଗର ରଶି ଫିଙ୍ଗାଯିବ ଏବଂ ଏହାପରେ ବିଶ୍ୱାସଘାତକତା ସହିତ ତା'କୁ ଫେରାଇ ନେବାର ଖେଳ ଚାଲିଲା । ଏହି ଫର୍ମୁଲା ୧୯୯୭ରେ ପୁଣି ଗ୍ରହଣ କରାଗଲା । ପ୍ରଥମେ ଦେବଗୌଡ଼ାଙ୍କୁ, ପ୍ରଥମେ ଆଦରଣୀୟ

ଦେବଗୌଡ଼ାଜୀଙ୍କୁ ଅପମାନିତ କରାଗଲା ଏବଂ ପୁଣି ଇନ୍ଦ୍ର କୁମାର ଗୁଜରାଲ ଜୀଙ୍କ ପାଳି ଆସିଲା । ଦେବଗୌଡ଼ାଜୀ ହୁଅନ୍ତୁ, ମୁଲାୟମ ସିଂ ଯାଦବ ହୁଅନ୍ତୁ, କିଏ କହିପାରିବ ଯେ କଂଗ୍ରେସ ଏ ଲୋକମାନଙ୍କ ସହିତ କ'ଣ ନକରିଛି । ଭୂମିରୁ ଉଠିଥିବା ନିଜ ଶ୍ରମ ବଳରେ ଲୋକମାନଙ୍କ ହୃଦୟରେ ସ୍ଥାନ ପକ୍କା କରିଥିବା ଜନନେତାଙ୍କ ରୂପରେ ଆଗକୁ ଆସିଥିବା, ସେହି ନେତାମାନଙ୍କୁ ସେହି ଦଳଗୁଡ଼ିକ ସହିତ କଂଗ୍ରେସ ଛଳନା କରିଛି ଏବଂ ବାରମ୍ବାର ଦେଶକୁ ଅସ୍ଥିରତା ମଧ୍ୟକୁ ଠେଲିଦେବାର ପାପ କରିଛି । କିପରି କଂଗ୍ରେସ ନିଜ ସରକାରକୁ ସୁରକ୍ଷା ଦେବା ଲାଗି ଦୁଇ ଦୁଇ ଥର ବିଶ୍ୱାସକୁ କ୍ରୟ କରିବା ଲାଗି ପ୍ରୟାସ କରିଛି ଭୋଟ ବଦଳରେ ନୋଟ ଏହି ଖେଳକୁ କିଏ ନଜାଣିଛି । ଆଜି ଏଠାରେ ଏକ କଥା କୁହାଗଲା, ଏଠାରେ ପଚରାଗଲା ପ୍ରଧାନମନ୍ତ୍ରୀ ମୋ ଆଖି ସହିତ ଆଖି ମିଶାଇପାରିବେ ନାହିଁ । ଗରିବ ମା'ର ପୁଅ, ପଛୁଆ ଜାତିରେ ଜନ୍ମ ହୋଇଥିବା ପିଲା। ଆମେ କିପରି ଆଖି ମିଶାଇପାରିବୁ। ଆପଣଙ୍କ ନାମଦାର (ନାମଜାଦା) ଅଟନ୍ତି ନାମଦାର, ଆମେ ତ' କାମଗର (କର୍ମଜୀବୀ) ଅଟୁ, ଆପଣଙ୍କ ଆଖିରେ ଆଖି ମିଶାଇବାର ସାହସ ଆମର ନାହିଁ । ଆମେ ଆଖି ମିଶାଇପାରିବୁ ନାହିଁ ଏବଂ ଇତିହାସ ସାକ୍ଷୀ ରହିଛି । ଅଧ୍ୟକ୍ଷ ମହୋଦୟ, ଇତିହାସ ସାକ୍ଷୀ ରହିଛି । ସୁଭାଷ ଚନ୍ଦ୍ର ବୋଷ ଥରେ ଆଖିରେ ଆଖି ମିଶାଇବା କାମ କରିଥିଲେ, ତାଙ୍କ ସହିତ କ'ଣ କରାଗଲା । ମୋରାରଜୀ ଭାଇ ଦେଶାଇ ସାକ୍ଷୀ ଅଛନ୍ତି ସେ ଆଖିରେ ଆଖି ମିଶାଇବା ଲାଗି ପ୍ରୟାସ କଲେ କ'ଣ କରାଗଲା । ଜୟପ୍ରକାଶ ନାରାୟଣ ସାକ୍ଷୀ ରହିଛନ୍ତି ସେ ଆଖିରେ ଆଖି ମିଶାଇବା ଲାଗି ପ୍ରୟାସ କଲେ ତାଙ୍କ ସହିତ କ'ଣ କରାଗଲା । ଚୌଧୁରୀ ଚରଣ ସିଂ ସେ ମଧ୍ୟ ଆଖିରେ ଆଖି ମିଶାଇବା ଲାଗି ଚେଷ୍ଟା କଲେ ତାଙ୍କ ସହିତ କ'ଣ କରାଗଲା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆଖିରେ ଆଖି ମିଶାଇବା ଲାଗି ପ୍ରୟାସ କଲେ ତାଙ୍କ ସହିତ କ'ଣ କରାଗଲା । ଚନ୍ଦ୍ରଶେଖରଜୀ ଆଖିରେ ଆଖି ମିଶାଇବା ଲାଗି ଚେଷ୍ଟା କଲେ ତାଙ୍କ ସହିତ କ'ଣ କରାଗଲା । ଆରେ ପ୍ରଣବ ମୁଖାର୍ଜୀ ମଧ୍ୟ ଆଖିରେ ଆଖି ମିଶାଇବା ଲାଗି ପ୍ରୟାସ କଲେ ତାଙ୍କ ସହିତ କ'ଣ କରାଗଲା । ଆମେ କେବଳ ସେତିକି ନୁହେଁ ଆମ ଶରଦ ପାୱାରଜୀ ମଧ୍ୟ ଆଖିରେ ଆଖି ମିଶାଇବା ଲାଗି ଚେଷ୍ଟା କଲେ ତାଙ୍କ ସହିତ କ'ଣ କରାଗଲା । ମୁଁ ସବୁକିଛି ପର୍ଦ୍ଦାଫାଶ କରିବାକୁ ଚାହୁଁଛି । ଏହି ଆଖିରେ ଆଖି

ମିଶାଇବା, ଆଜି ଯିଏ ଆଖିରେ ଆଖି ମିଶାଇବା କାମ କରିଛି ତାକୁ କିପରି ଅପମାନିତ କରାଯାଇଛି । କିପରି ସେମାନଙ୍କୁ ଝଟକା ଦେଇ ବାହାର କରାଗଲା । ଗୋଟିଏ ପରିବାର ଇତିହାସ ଏ ଦେଶକୁ ଅଛପା ନାହିଁ । ଏବଂ ଆମେ ତ' କାମଗାର ଆମେ କିପରି ନାମଦାରଙ୍କ ଆଖିରେ ଆଖି ମିଶାଇପାରିବୁ। ଆହୁରି ଆଖି କଥା କହୁଥିବା ଲୋକଙ୍କ ଆଖି ମିଶାଇବାର କାର୍ଯ୍ୟ ଆଜି ମଧ୍ୟ ଟିଭିରେ ସାରା ଦେଶ ଦେଖୁଛି । କିପରି ଆଖି ଖୋଲାଯାଉଛି ଏବଂ କିପରି ବନ୍ଦ କରଯାଉଛି । ଏହି ଆଖିର ଖେଳ ।

ମାନନୀୟ ଅଧ୍ୟକ୍ଷ ମହୋଦୟ, କିନ୍ତୁ ଆଖିରେ ଆଖି ମିଶାଇ ଆଜି ଏହି ସତ୍ୟକୁ ଦଳି ଦିଆଯାଇଛି। ବାରମ୍ବାର ଦଳି ଦିଆଯାଇଛି ସତ୍ୟକୁ ବାରମ୍ବାର ଦଳିଚକଟି ଦିଆଯାଇଛି। ଏଠାରେ କୁହାଗଲା, କଂଗ୍ରେସ ହିଁ ଥିଲା, ଜିଏସଟି ଅଧୀନରେ ପେଟ୍ରୋଲିୟମ ଉତ୍ପାଦକୁ କାହିଁକି ଅଣାଗଲା ନାହିଁ। ମୁଁ ପଚାରିବାକୁ ଚାହୁଁଛି ନିଜ ପରିବାର ଇତିହାସ ବାହାରେ ମଧ୍ୟ କଂଗ୍ରେସର ଇତିହାସ ରହିଛି । ନିଜ ପରିବାର ବାହାରେ କଂଗ୍ରେସ ସରକାରର ମଧ୍ୟ ଇତିହାସ ରହିଛି ଆଉ ସେଥିପ୍ରତି ଟିକିଏ ଧ୍ୟାନ ତ' ଦିଅନ୍ତୁ, ଯେତେବେଳେ ୟୁପିଏ ସରକାର ଥିଲା ସେତେବେଳେ ପେଟ୍ରୋଲିୟମକୁ ବାହାରେ ରଖିବା ଲାଗି, ଜିଏସଟିକୁ ବାହାରେ ରଖିବା ଲାଗି ନିଷ୍ପତ୍ତି ଆପଣଙ୍କ ସରକାର କରିଥିଲେ । ଆପଣମାନଙ୍କୁ ଏହା ମଧ୍ୟ ଜଣାନାହିଁ । ଆଜି ଏଠାରେ ଏକଥା ମଧ୍ୟ କୁହାଯାଉଛି ଯେ ଆପଣ ଚୌକୀଦାର ନୁହନ୍ତି, ଭାଗିଦାର ଅଟନ୍ତି । ମାନନୀୟ ଅଧ୍ୟକ୍ଷ ମହୋଦୟ, ମୁଁ ଗର୍ବର ସହିତ କହିବାକୁ ଚାହୁଁଛି ଆମେ ଚୌକୀଦାର ମଧ୍ୟ ଅଟୁ, ଆମେ ଭାଗିଦାର ମଧ୍ୟ ଅଟୁ, କିନ୍ତୁ ଆମେ ଆପଣଙ୍କ ଭଳି ସୌଦାଗର ନୋହୁଁ, ଠିକାଦାର ନୋହୁଁ । ଆମେ ନା ସୌଦାଗର, ନା ଠିକାଦାର । ଆମେ ସୌଦାଗର ନୋହୁଁ, ଆମେ ଠିକାଦାର ନୋହୁଁ । ଆମେ ଭାଗିଦାର ଅଟୁ ଦେଶର ଗରିବଲୋକମାନଙ୍କୁ ଦୁଃଖର ଭାଗିଦାର । ଆମେ ଦେଶର କୃଷକମାନଙ୍କ ପୀଡ଼ାର ଭାଗିଦାର। ଆମେ ଭାଗିଦାର ଅଟୁ ଦେଶର ଯୁବକଯୁବତୀମାନଙ୍କ ସ୍ୱପ୍ନର ଭାଗିଦାର ଅଟୁ । ଆମେ ଭାଗିଦାର ଅଟୁ ଦେଶର ସେହି ୧୧୫ଟି ଜିଲ୍ଲା ଯାହା ଅବହେଳିତ ଜିଲ୍ଲା ଅଟେ ସେଗୁଡ଼ିକର ବିକାଶର ସ୍ୱପ୍ନର ଭାଗିଦାର ଅଟୁ । ଆମେ ଆମ ଦେଶର ବିକାଶକୁ ନୂଆ ମାର୍ଗରେ ନେଇଯାଉଥିବା ପରିଶ୍ରମୀ ଶ୍ରମଜୀବୀଙ୍କ ଭାଗିଦାର ଅଟୁ । ଆମେ ଭାଗିଦାର ଅଟୁ

ଏବଂ ଆମେ ଭାଗିଦାର ହୋଇ ରହିବୁ । ସେମାନଙ୍କୁ ଦୁଃଖକୁ ବାଂଟିବା ଏହା ଆମର ଭାଗିଦାରୀ ଅଟେ । ଆମେ ଏହାକୁ ତୁଲାଇବୁ ଆମେ ଠିକାଦାର ନୋହୁଁ । ଆମେ ସୌଦାଗର ନୋହୁଁ, ଆମେ ଚୌକିଦାର ମଧ୍ୟ ଅଟୁ, ଆମେ ଭାଗିଦାର ମଧ୍ୟ ଅଟୁ । ଆମେ ଏହାକୁ ନେଇ ଗର୍ବିତ ।

କଂଗ୍ରେସର ଗୋଟିଏ ହିଁ ମନ୍ତ୍ର, ଆମେ ରହିବୁ ନହେଲେ ଯଦି ନରହିବୁ ତ' ଦେଶରେ ଅସ୍ଥିରତା ରହିବ । ଗୁଜବର ସାମ୍ରାଜ୍ୟ ରହିବ । ଏହି ସାରା ସମୟକୁ ଦେଖନ୍ତୁ । ସେଠାରେ ମଧ୍ୟ ଭୁକ୍ତଭୋଗୀ ବସିଛନ୍ତି । ସେଠାରେ କ'ଣ ହୋଇଛି ସମସ୍ତେ ଜାଣନ୍ତି ।

ଗୁଜବ ଉଡ଼ାଯାଉଛି । ମିଛ ପ୍ରସାର କରାଯାଉଛି । ପ୍ରଚାର କରାଯାଉଛି । ଆଜିର ଏ ଯୁଗରେ ଗୁଜବ ଖେଳାଇବା ଲାଗି ଟେକ୍ନୋଲଜି ଉପଲବ୍ଧ ରହିଛି । ଏବଂ ସଂରକ୍ଷଣ ଶେଷ ହୋଇଯିବ। ଦଳିତଙ୍କ ଉପରେ ଅତ୍ୟାଚାର ନିରୋଧୀ ଆଇନ ଉଚ୍ଛେଦ କରିଦିଆଯାଇଛି । ଦେଶକୁ ହିଂସାର ନିଆଁ ମଧ୍ୟକୁ ଠେଲି ଦେବା ଲାଗି ଷଡ଼ଯନ୍ତ୍ର ହେଉଛି । ଅଧ୍ୟକ୍ଷା ମହୋଦୟ, ଏହି ଲୋକମାନେ ରାଜନୀତି ଦଳିତ, ପୀଡ଼ିତ, ଶୋଷିତ, ବଂଚିତ, ଗରିବମାନଙ୍କୁ ଭାବନାତ୍ମକ ବ୍ଲାକମେଲ କରି ରାଜନୀତି କରୁଛନ୍ତି ।କର୍ମଜୀବୀ, କୃଷକ ସେମାନଙ୍କ ଦୁଃଖର ଚିନ୍ତା ନକରି ସମସ୍ୟାର ସମାଧାନର ରାସ୍ତା ଖୋଜିବା ପରିବର୍ତ୍ତେ ନିର୍ବାଚନ ଜିତିବାର ସର୍ଟକଟ ଖୋଜିବାର ପ୍ରୟାସ ଚାଲିଥିଲା । ଏବଂ ଏହି କାରଣରୁ ଦେଶର ବହୁତ ବଡ଼ ଜନସଂଖ୍ୟା ସଶକ୍ତିକରଣରୁ ବଂଚିତ ରହିଗଲା । ବାରମ୍ବାର ବାବା ସାହେବ ଆମ୍ବେଦକରଙ୍କ ଭାଷା ତାଙ୍କର ପୋଷାକ ଉପରେ ତାଙ୍କର ରାଜନୀତିକୁ ଉପହାସ କରୁଥିବା ଲୋକମାନେ, ଆଜି ବାବାସାହେବଙ୍କ ଗୀତ ଗାଇବାରେ ଲାଗିଛନ୍ତି । ଧାରା ୩୫୬ର ବାରମ୍ବାର ଦୁରୁପଯୋଗ କରୁଥିବା ଲୋକ ଆମକୁ ଗଣତନ୍ତ୍ରର ପାଠ ପଢ଼ାଇବାର କଥା କହୁଛନ୍ତି । ଯେଉଁ ସରକାର, ଯେଉଁ ମୁଖ୍ୟମନ୍ତ୍ରୀ ପସନ୍ଦ ଆସୁନଥିଲା, ତାଙ୍କୁ ହଟାଇ ଅସ୍ଥିରତା ସୃଷ୍ଟି କରିବା ଏହି ଖେଳ ଦେଶ ସ୍ୱାଧୀନତା ହେବାର ତୁରନ୍ତ ପରେ ଆରମ୍ଭ ହୋଇଥିଲା । ତାହା ଆଜି ମଧ୍ୟ ସୁଯୋଗ ଉଣ୍ଡିଲେ ଖେଳାଯାଉଛି । ଆହୁରି ଏହି ନୀତିର ପରିଣାମ ୧୯୮୦, ୧୯୯୧, ୧୯୯୮, ୧୯୯୯ରେ ଦେଶକୁ ସମୟ ପୂର୍ବରୁ ନିର୍ବାଚନ ଆଡ଼କୁ ଟାଣିନିଆଗଲା । ନିର୍ବାଚନ ହେବାକୁ ଲାଗିଲା । ଗୋଟିଏ ପରିବାରର ସ୍ୱପ୍ନ, ଅକାଂକ୍ଷା ଆଗରେ ଯିଏ ବି

ଆସିଲା ତା' ସହିତ ସେପରି ଆଚରଣ କରାଗଲା । ଦେଶର ଗଣତନ୍ତ୍ରକୁ ହିଁ ବାଜି ଲଗାଇବାକୁ ପଡୁ ପଛେ ଏହା ସ୍ୱଭାବିକ ଥିଲା । ଯେଉଁମାନଙ୍କର ଏପରି ମାନସିକତା, ଯେଉଁମାନଙ୍କ ମଧ୍ୟରେ ଏତେ ଅହଂକାର ପୂରି ରହିଛି, ସେମାନେ ଆମକୁ ସ୍ୱୀକାର କିଭଳି କରିବେ । ଆମର ଏଠି ବସିବା ସେମାନେ କିଭଳି ଗ୍ରହଣ କରିପାରିବେ । ଏହା ଆମେ ଭଲ ଭାବେ ବୁଝିଛୁ । ଆହୁରି ସେଥିପାଇଁ ଆମକୁ ନାପସନ୍ଦ କରିବା ଅତି ସ୍ୱଭାବିକ ଅଟେ ।

ମାନନୀୟ ଅଧକ୍ଷା ମହୋଦୟ, କଂଗ୍ରେସ ପାର୍ଟି ଭୂମିରୁ ବିଛିନ୍ନ ହୋଇଯାଇଛି । ନିଜେ ତ' ବୁଡ଼ିଛନ୍ତି କିନ୍ତୁ ସେମାନଙ୍କ ସହିତ ଯାଉଥିବା ଲୋକମାନେ ମଧ୍ୟ ମୁଁ ତ' ବୁଡ଼ିଛି ପ୍ରିୟ ତୁମେ ମଧ୍ୟ ବୁଡ଼ିବ । କିନ୍ତୁ ମୁଁ ଅର୍ଥ ଏବଂ ଅନର୍ଥରେ ସବୁବେଳେ ଦ୍ୱନ୍ଦ୍ୱରେ ପଡ଼ି ନିଜକୁ ବହୁତ ବଡ଼ ବିଦ୍ୱାନ ବୋଲି ଭାବୁଥିବା ଏବଂ ବିଦ୍‌ବତ୍ତାର ଅହଂକାର ଯାହାର ରହିଛି । ଏବଂ ସବୁବେଳେ ଦ୍ୱନ୍ଦ୍ୱରେ ରହୁଥିବା ଜଣେ ବ୍ୟକ୍ତି ଏକ କଥା କହିଥିଲେ ତାଙ୍କର ଶବ୍ଦକୁ ମୁଁ ଉଦ୍ଧୃତ କରିବାକୁ ଚାହୁଁଛି ।

କଂଗ୍ରେସ ପାର୍ଟି ଭିନ୍ନ ଭିନ୍ନ ରାଜ୍ୟରେ କାହିଁକି ଏବଂ କିଭଳି ଦୁର୍ବଳ ହୋଇଯାଇଛି । ମୁଁ ଏକ ଏପରି ରାଜ୍ୟରୁ ଆସୁଛି । ଯେଉଁଠି ଏ ଦଳର ପ୍ରଭୂତ୍ୱ ଶେଷ ହୋଇସାରିଛି । କାହିଁକି କଂଗ୍ରେସ ଏକ କଥାକୁ ବୁଝିପାରୁନାହିଁ ଯେ କ୍ଷମତା ଏବେ ଉଚ୍ଚ ବର୍ଗର ସାଧନ ସମ୍ପନ୍ନ ବର୍ଗରୁ ଧୀରେ ଧୀରେ ଗ୍ରାମର ଲୋକମାନଙ୍କ ଇଂଟରମିଡିଏଟ କାଷ୍ଟ ଏବଂ ଏପରିକି ଏପରି ଜାତିକୁ କଥିତ ସାମାଜିକ ଶୃଙ୍ଖଳାରେ ସବୁଠୁ ନିମ୍ନରେ ରହିଛନ୍ତି । ଗରିବ ବେରୋଜଗାର ଯେଉଁମାନଙ୍କ ପାଖରେ ସମ୍ପତ୍ତି ନାହିଁ, ଯେଉଁମାନଙ୍କର କୌଣସି ଆୟ ନାହିଁ, ଯେଉଁମାନଙ୍କର ସ୍ୱର ଆଜି ପର୍ଯ୍ୟନ୍ତ ଶୁଣାଯାଇନାହିଁ, ସେମାନଙ୍କ ପାଖରେ ପହଁଚିଛି । ଯେପରି କ୍ଷମତା ତଳ ଆଡ଼କୁ ଚାଲିଗଲା । ଯେପରି ଗଣତନ୍ତ୍ରରେ ହେବା ଉଚିତ । ସେପରି ଅନେକ ରାଜ୍ୟରେ କଂଗ୍ରେସର ପ୍ରଭାବ ଶେଷ ହୋଇଚାଲିଲା । ଏହା ଇନପୁଟ କୋଟେବୁଲ କୋଟ ଅଟେ । ଆହୁରି ଏହା ୧୧ ଏପ୍ରିଲ, ୧୯୯୭ର, ଏବଂ ଦେବଗୌଡ଼ାଜୀଙ୍କ ସରକାରଙ୍କୁ ଯେଉଁ ଅନସ୍ଥା ପ୍ରସ୍ତାବ ଚାଲିଥିଲା । ସେହି ସମୟରେ ଅର୍ଥ ଏବଂ ଅନର୍ଥର ଦ୍ୱନ୍ଦ୍ୱରେ ପଡ଼ିଥିବା ଆପଣଙ୍କ ବିଦ୍ୱାନ ମହାରଥୀ ଶ୍ରୀମାନ ଚିଦାମ୍ବରମଜୀଙ୍କ ଏହି ବାକ୍ୟ ଅଟେ । କେତେଜଣ ବିଦ୍ୱାନ ଲୋକମାନଙ୍କୁ ଏକ କଥା ବୋଧହୁଏ ସେଠାରେ ଲୋକମାନଙ୍କୁ ବୁଝାପଡ଼ିନଥିବ ।

୧୮ ବର୍ଷ ପୂର୍ବରୁ ଅଟଳ ବିହାରୀ ବାଜପେୟୀଙ୍କ ସରକାର ତିନି ରାଜ୍ୟର ଗଠନ କରିଥିଲେ। ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ଛତିଶଗଡ଼ କୌଣସି ଟଣାଓଟରା ନାହିଁ କୌଣସି ଝଗଡ଼ା, ମିଳିମିଶି ବସି ଯିଏ ଯେଉଁଠୁ ବାହାରିଲେ ସେମାନଙ୍କ ସହିତ ବସି ମାର୍ଗ ଖୋଜାଗଲା ଏବଂ ତିନୋଟି ରାଜ୍ୟ ଅତି ଶାନ୍ତିରେ ପ୍ରଗତି କରୁଛନ୍ତି ଏବଂ ଦେଶର ବିକାଶରେ ଯୋଗଦାନ ଦେଉଛନ୍ତି । କିନ୍ତୁ ରାଜନୈତିକ ଲାଭ ପାଇବା ଲାଗି ଆନ୍ଧ୍ରର ଲୋକମାନଙ୍କୁ ବିଶ୍ୱାସକୁ ନନେଇ ବିନା ରାଜ୍ୟସଭାର ଦ୍ୱାର ବନ୍ଦ କରି ଜୋର ଏବଂ ଜୁଲମ ମଧ୍ୟରେ ହାଉସ ଅର୍ଡରରେ ନଥାଇ ମଧ୍ୟ ଆପଣମାନେ ଆନ୍ଧ୍ର ପ୍ରଦେଶ ଏବଂ ତେଲଙ୍ଗାନାର ବିଭାଜନ କଲେ । ସେତେବେଳେ ମୁଁ ଏହା କହିଥିଲି, ତେଲୁଗୁ ଆମର ମା', ସେହି ସମୟରେ ଆମେ କହିଥିଲୁ ତେଲୁଗୁ ଆମର ମା', ତେଲୁଗୁର ଭାବନା ଭାଙ୍ଗିବା ଉଚିତ ନୁହେଁ । ସେମାନେ ସନ୍ତାନଙ୍କୁ ବଂଚାଇ ଦେଲେ କିନ୍ତୁ ମା'କୁ ମାରିଦେଲେ । ଆମ ସମସ୍ତଙ୍କ ଦାୟିତ୍ୱ ଅଟେ ଯେ ତେଲୁଗୁରୁ ଏହି ଭାବନାକୁ ବଂଚାଇବା ଉଚିତ । ଏହି ଶବ୍ଦ ମୋର ସେତେବେଳେ ଥିଲା ଏବଂ ଆଜି ମଧ୍ୟ ମୁଁ ମାନୁଛି । କିନ୍ତୁ ୨୦୧୪ରେ ଏବଂ ଆପଣଙ୍କର ଅବସ୍ଥା କ'ଣ ହେଲା ଆପଣଙ୍କୁ ଲାଗୁଥିଲା ଯେ ଗୋଟିଏ ଯିବ କିନ୍ତୁ ଅନ୍ୟଟି ମିଳିଯିବ । କିନ୍ତୁ ଜନତା ଏତେ ବୁଦ୍ଧିମାନ ଥିଲେ ଯେ ନା ଏଇଟା ମିଳିଲା ନା ସେଇଟା ଓଲଟି ଆପଣ ପଛରେ ଏହି ବିପଦ ଛାଡ଼ି ଚାଲିଗଲେ । ଆହୁରି ଆପଣଙ୍କ ଲାଗି ନୂଆ ନୁହେଁ ଆପଣ ଭାରତ ପାକିସ୍ତାନର ବିଭାଜନ କରିଥିଲେ ଆଜି ବି ସେହି ବିପଦ ସାରା ଦେଶକୁ ସମ୍ମୁଖୀନ ହେବାକୁ ପଡୁଛି । ଆପଣମାନେ ଏମାନଙ୍କର ମଧ୍ୟ ବିଭାଜନ କରିଥିଲେ । ସେମାନଙ୍କୁ ବିଶ୍ୱାସ ଦେଇଥିଲେ ହୁଏତ ଏହି ବିପଦ ଆସିନଥାନ୍ତା । କିନ୍ତୁ କିଛି ଭାବିଲେ ନାହିଁ ଏବଂ ମୋର ଭଲ ଭାବେ ମନେଅଛି ଚନ୍ଦ୍ରବାବୁଙ୍କ ବିଷୟରେ ଏବଂ ସେଠାରେ ଆମ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ବିଷୟରେ । କେସିଆର ପ୍ରଥମ ବର୍ଷ ବିଭାଜନକୁ ନେଇ ଚାପ ରହିଥିଲା, ଝଗଡ଼ା ହେଉଥିଲା, ଗଭର୍ଣ୍ଣରଙ୍କୁ ବସିବାକୁ ପଡୁଥିଲା, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ବସିବାକୁ ପଡୁଥିଲା ମୋତେ ବସିବାକୁ ପଡୁଥିଲା । ଏବଂ ସେ ସମୟରେ ଟିଡିପିର ସମ୍ପୂର୍ଣ୍ଣ ଶକ୍ତି ତେଲଙ୍ଗାନା ବିରୋଧରେ ଲାଗିଥିଲା। ସେଥିରେ ହିଁ ଲୁଥିଲେ । ଆମେ ସେମାନଙ୍କୁ ଶାନ୍ତ କରିବା ଲାଗି ଖୁବ ପ୍ରୟାସ କରୁଥିଲୁ । ସମ୍ଭାଳିବାକୁ ଚାହୁଁଥିଲୁ । ଏବଂ ଟିଆରଏସ ପରିପକ୍ୱତା ପ୍ରଦର୍ଶନ କଲା, ସେ

ନିଜର ବିକାଶରେ ଲାଗିଲେ। ଅନ୍ୟପଟେ ଅବସ୍ଥା କ'ଣ ହେଲା ଆପଣମାନେ ଜାଣନ୍ତି । ସମ୍ବଲର ବିବାଦ ଆଜି ମଧ୍ୟ ଲାଗି ରହିଛି। ବିଭାଜନ ଏପରି ଆପଣମାନେ କଲେ ସମ୍ବଲର ବିବାଦ ଆଜି ମଧ୍ୟ ଚାଲିଛି । ଏନଡିଏ ସରକାର ଏହା ସୁନିଶ୍ଚିତ କରିଥିଲେ ଯେ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାର ବିକାଶରେ କୌଣସି ଅଭାବ ରହିବ ନାହିଁ । ଏବଂ ଆମେ ସମ୍ପୂର୍ଣ୍ଣ ଭାବେ ସେଥିପ୍ରତି ସମର୍ପିତ ଥିଲୁ । ଏବଂ ଆମେ ଯେଉଁ ପଦକ୍ଷେପ ନେଲୁ ମୋର କେତେକେ ମିଡିଆ ରିପୋର୍ଟ ମନେ ଅଛି । କିଛି ମିଡିଆ ରିପୋର୍ଟ ମୋର ମନେ ପଡୁଛି। ଏହି ସଦନର ଜଣେ ମାନନୀୟ ସଦସ୍ୟ ସେ ବୟାନ ଦେଇଥିଲେ ଟିଡିପିର। ସେ ବୟାନ ଦେଇଥିଲେ ଯେ ସ୍ୱତନ୍ତ୍ର ପାହ୍ୟା ମାନ୍ୟତା ଠାରୁ ସ୍ୱତନ୍ତ୍ର ପ୍ୟାକେଜ ଖୁବ ଭଲ। ଏହି ଲୋକମାନେ ଦେଇଥିଲେ । ଅର୍ଥ ଆୟୋଗଙ୍କ ସୁପାରିସକୁ ମୁଁ ପୁଣିଥରେ ଦୋହରାଇବାକୁ ଚାହୁଁଛି। ଅର୍ଥ ଆୟୋଗଙ୍କ ସୁପାରିସ ଅଧୀନରେ ସ୍ୱତନ୍ତ୍ର ଏବଂ ସାଧାରଣ ପାହ୍ୟା ରାଜ୍ୟ ମଧ୍ୟରେ ପ୍ରଭେଦକୁ ଶେଷ କରି ଦିଆଗଲା। ଆୟୋଗ ଏକ ନୂଆ ବର୍ଗ ଉତ୍ତର ପୂର୍ବ ଏବଂ ପାର୍ବତ୍ୟ ରାଜ୍ୟଗୁଡ଼ିକୁ ନେଇ ସୃଷ୍ଟି କଲେ । ଏହି ପ୍ରକ୍ରିୟାରେ ଆୟୋଗ ଏଥିପ୍ରତି ମଧ୍ୟ ଦୃଷ୍ଟି ଦେଲେ ଯେ ଅନ୍ୟ ରାଜ୍ୟଗୁଡ଼ିକ ପ୍ରତି ଯେପରି ଆର୍ଥିକ କ୍ଷତି ନପହଁଚିବ । ଏନଡିଏ ସରକାର ଆନ୍ଧ୍ରପ୍ରଦେଶର ଲୋକମାନଙ୍କ ଆଶା, ଆକାଂକ୍ଷାକୁ ସମ୍ମାନ କରୁଛି । କିନ୍ତୁ ଏଥିସହ ଏହା ମଧ୍ୟ ଧ୍ୟାନରେ ରଖିବାକୁ ହେବ ଯେ ସରକାର ଚତୁର୍ଦ୍ଦଶ ଅର୍ଥ ଆୟୋଗଙ୍କ ଦ୍ୱାରା ଦିଆଯାଇଥିବା ସୁପାରିସରେ ବାନ୍ଧି ହୋଇ ରହିଛି । ସେଥିପାଇଁ ଆନ୍ଧ୍ରପ୍ରଦେଶ ରାଜ୍ୟ ପାଇଁ ଏକ ନୂଆ ସ୍ୱତନ୍ତ୍ର ସହାୟତା ପ୍ୟାକେଜ ନିର୍ମାଣ କରାଗଲା । ଯାହାଦ୍ୱାରା ରାଜ୍ୟକୁ ସେତିକି ଆର୍ଥିକ ସହାୟତା ମିଳିବ ଯେତିକି ତାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିଥିଲେ ପ୍ରାପ୍ତ ହୋଇଥାନ୍ତା। ଏହି ନିଷ୍ପତ୍ତିକୁ ୮ ସେପ୍ଟେମ୍ବର ୨୦୧୬ରେ ଲାଗୁ କରାଗଲା । ୪ ନଭେମ୍ବର ୨୦୧୬ରେ ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ନିଜେ ଏହି ପ୍ୟାକେଜକୁ ସ୍ୱୀକାର କରି ଅର୍ଥମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ । ଏନଡିଏ ସରକାର ଆନ୍ଧ୍ରପ୍ରଦେଶ ପୁନର୍ଗଠନ ଆଇନ ଏବଂ ସ୍ୱତନ୍ତ୍ର ସହାୟତା ପ୍ୟାକେଜ ଉପରେ କରାଯାଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଚାହୁଁଥିଲା । କିନ୍ତୁ ଟିଡିପି ନିଜ ବିଫଳତାକୁ ଲୁଚାଇବା ପାଇଁ ୟୁ ଟର୍ଣ୍ଣ କଲା । ଆହୁରି ମାନନୀୟ ଅଧ୍ୟକ୍ଷ ମହୋଦୟ, ଟିଡିପି ଯେତେବେଳେ ଏନଡିଏ ଛାଡ଼ିବା ଲାଗି ନିଷ୍ପତ୍ତି ନେଲା ତ' ମୁଁ

ଚନ୍ଦ୍ରବାବୁଙ୍କୁ ଫୋନ କରିଥିଲି। ଟିଡିପି ଏନଡିଏରୁ ବାହାରିବା ବେଳେ ଚନ୍ଦ୍ରବାବୁଙ୍କ ସହିତ ମୋର ଫୋନରେ କଥାବାର୍ତ୍ତା ହୋଇଥିଲା । ଏବଂ ମୁଁ ଚନ୍ଦ୍ରବାବୁଙ୍କୁ କହିଥିଲି ଯେ ବାବୁ ଆପଣ ୱାଇଏସଆରର ଜାଲରେ ଫସୁଛନ୍ତି। ୱାଇଏସଆରର ଚକ୍ରରେ ଆପଣ ଫସୁଛନ୍ତି। ଆହୁରି ମୁଁ କହିଲି ଆପଣ ସେଠାକାର ପ୍ରତିଦ୍ୱନ୍ଦ୍ୱିତାରେ, ଆପଣ ନିଜ ରାଜ୍ୟର ପ୍ରତିଦ୍ୱନ୍ଦ୍ୱିତାରେ କୌଣସି ବି ସ୍ଥିତିରେ ଆପଣ ବଂଚିପାରିବେ ନାହିଁ । ଏହା ମୁଁ ଦିନେ ତାଙ୍କୁ କହିଥିଲି। ଏବଂ ମୁଁ ଦେଖିପାରୁଛି। ଝଗଡ଼ା ତାଙ୍କ ସେଠାକାର । ଉପଯୋଗ ସଦନର କରାଯାଉଛି । ଆନ୍ଧ୍ରପ୍ରଦେଶର ଜନତା ମଧ୍ୟ ଏହି ଘନଘୋର ଅବସରବାଦିତାକୁ ଦେଖୁଛି । ନିର୍ବାଚନ ପାଖେଇଆସିଲାଣି, ପ୍ରଶଂସା ସମାଲୋଚନାରେ ବଦଳିଯାଇଛି । କୌଣସି ସ୍ୱତନ୍ତ୍ର ପ୍ରୋତ୍ସାହନ କିମ୍ବା ପ୍ୟାକେଜ ଦେଲେ ତା'ର ପ୍ରଭାବ ଅନ୍ୟ କ୍ଷେତ୍ର ଉପରେ ମଧ୍ୟ ପଡ଼ିଥାଏ । ଆହୁରି ଏହି ସଦନରେ ଆପଣମାନେ ମଧ୍ୟ ଶୁଣିନିଅନ୍ତୁ । ଏହି ସଦନରେ ତିନି ବର୍ଷ ପୂର୍ବେ ଶ୍ରୀମାନ ବିରାପ୍ପା ମୋଇଲି କହିଥିଲେ । ଆପଣମାନେ କିଭଳି ଗୋଟିଏ ରାଜ୍ୟ ଏବଂ ଅନ୍ୟ ରାଜ୍ୟ ମଧ୍ୟରେ ଏପରି ଅସମାନତା ଏବଂ ପକ୍ଷପାତିତା କରିପାରିବେ । ଏହା ଏକ ଗୁରୁତର ପ୍ରସଙ୍ଗ କାରଣ ଆପଣ ଜଣେ ବିଚ୍ଛେଦକ। ଏ କଥା ମୋଇଲିଜୀ କହିଥିଲେ।

ଆହୁରି ମୁଁ ଆଜି ଏହି ସଦନ ମାଧ୍ୟମରେ ଆନ୍ଧ୍ର ପ୍ରଦେଶର ଲୋକମାନଙ୍କୁ ବିଶ୍ୱାସ ଦେବାକୁ ଚାହୁଁଛି। ମୁଁ ଆନ୍ଧ୍ରପ୍ରଦେଶର ଜନତାଙ୍କୁ ବିଶ୍ୱାସ ଦେବାକୁ ଚାହୁଁଛି। ରାଜଧାନୀର କାର୍ଯ୍ୟ ହେଉ କିମ୍ବା କୃଷକମାନଙ୍କ କଲ୍ୟାଣର କାର୍ଯ୍ୟ ହେଉ କେନ୍ଦ୍ର ସରକାର ଏନଡିଏର ସରକାର ଆନ୍ଧ୍ରର ଜନତାଙ୍କ କଲ୍ୟାଣ କାମରେ କେବେହେଲେ ପଛରେ ରହିବ ନାହିଁ । ସେମାନଙ୍କୁ ଯାହା ସହାୟତା କରାଯାଇପାରିବ ଆମେ କରିଚାଲିଥିବୁ । ଆନ୍ଧ୍ର ପ୍ରଦେଶର କଲ୍ୟାଣ ହେଉ ସେଥିରେ ହିଁ ଦେଶର କଲ୍ୟାଣ ରହିଛି । ଏହା ହିଁ ଅମର ବିଚାର ଅଟେ । ଆମେ ବିକାଶରେ କୌଣସି ଅଭାବ ଛାଡ଼ିବୁ ନାହିଁ । ଆମର ପ୍ରୟାସ ଆମର କାମ କରିବାର ପଦ୍ଧତି ସମସ୍ୟାର ସମାଧାନ ପାଇଁ ଉଦ୍ଦିଷ୍ଟ । ୱାନ ରେଙ୍କ ୱାନ ପେନସନ - କିଏ ଥିଲା ଯେଉଁମାନେ ଦଶନ୍ଧି ଧରି ଏହାକୁ ଝୁଲାଇ ରଖିଥିଲେ । ଜିଏସଟିର ବିଷୟ ଏତେ ବର୍ଷ ପର୍ଯ୍ୟନ୍ତ କିଏ ଝୁଲାଇ ରଖିଥିଲା । ଏବଂ ଆଜି ଏଠାରେ କୁହାଗଲା ଯେ ଗୁଜରାଟର ମୁଖ୍ୟମନ୍ତ୍ରୀ ଅଟକାଇ ରଖିଥିଲେ । ମୁଁ ଏହି ସଦନକୁ ସୂଚନା ଦେବାକୁ ଚାହୁଁଛି । ସେ

ସମୟରେ ଯିଏ ହର୍ତ୍ତାକର୍ତ୍ତା ଥିଲେ ତାଙ୍କୁ ମଧ୍ୟ ଜଣାଅଛି । ମୋର ମୁଖ୍ୟମନ୍ତ୍ରୀ ଭାବେ ଚିଠି ମଧ୍ୟ ଅଛି । ମୁଁ ସେ ସମୟରେ ଭାରତ ସରକାରଙ୍କୁ କହିଥିଲି ଯେ ଜିଏସଟିରେ ରାଜ୍ୟଗୁଡ଼ିକର ଯେଉଁ ଆପତ୍ତି ରହିଛି ତାହାର ସମାଧାନ ନକରି ଆଜି ଜିଏସଟିକୁ ଆଗକୁ ବଢ଼ାଇ ହେବ ନାହିଁ । ଆପଣମାନେ ରାଜ୍ୟ ପକ୍ଷରୁ ଯେଉଁ ଉଚିତ ଦାବି ଉଠାଇଲେ ରାଜ୍ୟଗୁଡ଼ିକ ସହିତ ବସି ସେଗୁଡ଼ିକର ସମାଧାନ କରାଗଲା । କିନ୍ତୁ ଏମାନଙ୍କ ଅହଂକାର ଏତେ ଥିଲା ଯେ ରାଜ୍ୟଗୁଡ଼ିକର ଗୋଟିଏ କଥା ଶୁଣିବା ଲାଗି ପ୍ରସ୍ତୁତ ନଥିଲେ । ଆହୁରି ଏହି କାରଣରୁ ଏବଂ ସେହି ରହସ୍ୟ ମଧ୍ୟ ମୁଁ ଆଜି ଖୋଲୁଛି। ବିଜେପି ବ୍ୟତୀତ ଅନ୍ୟ ଦଳର ମୁଖ୍ୟମନ୍ତ୍ରୀ ମଧ୍ୟ କଂଗ୍ରେସର ମୁଖ୍ୟମନ୍ତ୍ରୀ ମଧ୍ୟ ମୋତେ ଭେଟିଥିଲେ ବୈଠକରେ ସେମାନେ କହୁଥିଲେ ଆମେ ତ' କହିପାରିବୁ ନାହିଁ ମୋଦୀଜୀ ଆପଣ କୁହନ୍ତୁ ଆମ ରାଜ୍ୟର ମଧ୍ୟ କିଛି କଲ୍ୟାଣ ହୋଇଯିବ। ଆହୁରି ମୁଁ ସ୍ୱର ଉଠାଇଲି । ଏବଂ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲି ତ' ମୋର ମୁଖ୍ୟମନ୍ତ୍ରୀଙ୍କ ଅଭିଜ୍ଞତା କାମରେ ଆସିଲା। ଏବଂ ମୁଖ୍ୟମନ୍ତ୍ରୀ ହେବାର ସେହି ଅଭିଜ୍ଞତା କାରଣରୁ ସବୁ ରାଜ୍ୟଗୁଡ଼ିକର ସମସ୍ୟା ସମାଧାନ କରିବା ଲାଗି ନିଷ୍ପତ୍ତି ନିଆଗଲା। ସମସ୍ତ ରାଜ୍ୟଗୁଡ଼ିକୁ ସାଙ୍ଗରେ ଆଣିବାରେ ସଫଳ ହେଲୁ ଏବଂ ଏହାପରେ ଯାଇ ଜିଏସଟି ହେଲା । ଯଦି ଆପଣଙ୍କ ଅହଂକାର ନଥା'ନ୍ତା ଆପଣ ରାଜ୍ୟର ସମସ୍ୟାକୁ ବୁଝିଥା'ନ୍ତେ ତା'ହେଲେ ଜିଏସଟି ୫ ବର୍ଷ ପୂର୍ବରୁ ଆସିପାରିଥା'ନ୍ତା। କିନ୍ତୁ ଆପଣଙ୍କ କାମ କରିବାର ପଦ୍ଧତି ହେଲା ଝୁଲାଇ ରଖିବା ।

କଳାଧନକୁ ନେଇ ସୁପ୍ରିମକୋର୍ଟ ଏସଆଇଟି ଗଠନ କରିବା ଲାଗି କହିଥିଲେ । କିଏ ଝୁଲାଇ ବସିରହିଥିଲା ଏହାକୁ ଆପଣମାନେ ହିଁ ଝୁଲାଇ ରଖିଥିଲେ। ବେନାମୀ ସମ୍ପତ୍ତି ଆଇନକୁ କିଏ ଝୁଲାଇ ରଖିଥିଲା। ଏନଡିଏ ସରକାରଙ୍କ ଦ୍ୱାରା ଖରିଫ ଫସଲରେ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଏମଏସପିର ବ୍ୟୟ ଦେଢ଼ ଶହ ପ୍ରତିଶତ କରିବା ଲାଗି ଐତିହାସିକ ନିଷ୍ପତ୍ତି ନିଆଗଲା । ଏହାକୁ କିଏ ଅଟକାଇ ଥିଲା । ଆରେ ଆପଣମାନଙ୍କ ପାଖରେ ତ' ରିପୋର୍ଟ ୨୦୦୬ ପଡ଼ିଥିଲା । ଆହୁରି ଆପଣ ୨୦୧୪ ପର୍ଯ୍ୟନ୍ତ ସରକାରରେ ଥିଲେ । ଆଠ ବର୍ଷ ପର୍ଯ୍ୟନ୍ତ ଆପଣଙ୍କୁ ରିପୋର୍ଟ କଥା ମନେପଡ଼ିଲା ନାହିଁ। ଆମେ ନିଷ୍ପତ୍ତି ନେଇଥିଲୁ ଆମେ କୃଷକମାନଙ୍କ ସର୍ବନିମ୍ନ ସମର୍ଥନ ମୂଲ୍ୟ (MSP)

ଦେଢ଼ଗୁଣା କରିଦେବୁ । ଆମେ କଲୁ । ଏବଂ ଯେତେବେଳେ ୟୁପିଏ ସରକାର ୨୦୦୭ରେ ଜାତୀୟ କୃଷି ନୀତି ଘୋଷଣା କଲେ, ତ' ସେଥିରେ ୫୦ ପ୍ରତିଶତ କଥା ଖାଇଗଲେ, ତା'କୁ ଗାଏବ କରିଦିଆଗଲା। ଏହା ପରେ ଆଗକୁ ମଧ୍ୟ ୭ ବର୍ଷ କଂଗ୍ରେସ ସରକାର ରହିଲା । କିନ୍ତୁ ଏମଏସପି କେବଳ ପ୍ରତିଶ୍ରୁତିରେ ରହିଥିଲା । ଏବଂ ଜନତାଙ୍କୁ, କୃଷକମାନଙ୍କୁ ମିଛ ବିଶ୍ୱାସ ଦିଆଯାଉଥିଲା ।

ମୁଁ ଆଜି ଆଉ ଏକ କଥା କହିବାକୁ ଚାହୁଁଛି । ଦେଶ ଲାଗି ଏହି ସୂଚନା ଗୁରୁତ୍ୱପୂର୍ଣ୍ଣ ଅଟେ । ଯେଉଁମାନେ ଶୁଣିବାକୁ ଚାହୁଁନାହାନ୍ତି ସେମାନଙ୍କ ଏହା କାମରେ ଲାଗିବ ନାହିଁ, କିନ୍ତୁ ଦେଶ ପାଇଁ ଜରୁରୀ ଅଟେ । ଆମେ ୨୦୧୪ରେ କ୍ଷମତାକୁ ଆସିଲୁ । ସେତେବେଳେ ଅନେକ ଲୋକ ଆମକୁ କହିଥିଲେ ଯେ ଅର୍ଥବ୍ୟବସ୍ଥା ଉପରେ ଶ୍ୱେତପତ୍ର ଅଣାଯାଉ । ଏହା ଆମ ମନରେ ମଧ୍ୟ ଥିଲା ଶ୍ୱେତପତ୍ର ଆଣିବୁ । କିନ୍ତୁ ଯେତେବେଳେ ଆମେ ବସିଲୁ ଏବଂ ଆରମ୍ଭରେ ସବୁ ସୂଚନା ପାଇବାକୁ ଲାଗିଲୁ, ଗୋଟିଏ ପରେ ଗୋଟିଏ ଏପରି ସୂଚନା ଆସିଲା ଆମେ ଚକିତ ହୋଇ ରହିଗଲୁ । କ'ଣ ଅର୍ଥବ୍ୟବସ୍ଥାର ଏ କି ସ୍ଥିତି । ଏବଂ ସେଥିପାଇଁ ଆଜି ମୁଁ ଏକ କାହାଣୀ ଶୁଣାଇବାକୁ ଚାହୁଁଛି । ପରିସ୍ଥିତି କ'ଣ ସୃଷ୍ଟି କଲା । ଏ କାହାଣୀର ଆରମ୍ଭ ହୋଇଥିଲା ୨୦୦୮ରେ ଏବଂ ୨୦୦୯ରେ ନିର୍ବାଚନ ଥିଲା । କଂଗ୍ରେସ ଭାବୁଥିଲା ଯେ ଏବେ ଗୋଟିଏ ବର୍ଷ ବାକି ଅଛି । ସେତିକି ବ୍ୟାଙ୍କ ଖାଲି କରିହେବ କର । ଥରେ ଯେତେବେଳେ ଅଭ୍ୟାସ ହୋଇଯିବ ତ' ପୁଣି ବ୍ୟାଙ୍ଗଗୁଡ଼ିକର ଅଣ୍ଡର ଗ୍ରାଉଣ୍ଡ ଲୁଟ ୨୦୦୯ ଠାରୁ ୨୦୧୪ ପର୍ଯ୍ୟନ୍ତ ଚାଲିଥିଲା । ଯେପର୍ଯ୍ୟନ୍ତ କଂଗ୍ରେସ କ୍ଷମତାରେ ଥିଲା ସେ ପର୍ଯ୍ୟନ୍ତ ଏମାନେ ବ୍ୟାଙ୍କଗୁଡ଼ିକର ଲୁଟ ଖେଳ ଚାଲିଥିଲା । ଏକ ତଥ୍ୟ ଏହି ସଦନର ଲୋକମାନଙ୍କୁ ମଧ୍ୟ ଚକିତ କରିଦେବ ସ୍ୱାଧୀନତାର ଷାଠିଏ ବର୍ଷ ପରେ ମାନନୀୟ ଅଧ୍ୟକ୍ଷା ମହୋଦୟ, ସ୍ୱାଧୀନତାର ଷାଠିଏ ବର୍ଷରେ, ଷାଠିଏ ବର୍ଷରେ, ଆମ ଦେଶର ବ୍ୟାଙ୍କଗୁଡ଼ିକ ଋଣ ଆକାରରେ ଯେଉଁ ଅର୍ଥ ଦେଇଥିଲେ, ତାହା ୧୮ ଲକ୍ଷ କୋଟି ଥିଲା । ଷାଠିଏ ବର୍ଷରେ ୧୮ ଲକ୍ଷ କୋଟି । କିନ୍ତୁ ୨୦୦୮ରୁ ୨୦୧୪ – ୬ ବର୍ଷରେ ଏହି ରାଶି ୧୮ ଲକ୍ଷ କୋଟିରୁ ୫୨ ଲକ୍ଷ କୋଟି ହୋଇଗଲା । ଷାଠିଏ ବର୍ଷରେ ୧୮ ଲକ୍ଷ... ଛଅ ବର୍ଷରେ ୫୨ ଲକ୍ଷ ପହଁଚିଗଲା । ଆହୁରି ଏହି ୬ ବର୍ଷରେ – ଷାଠିଏ ବର୍ଷରେ

ଯାହା ହୋଇଥିଲା – ତା'କୁ ଡବଲ କରିଦିଆଗଲା । ଏହା କିପରି ହେଲା, ବିଶ୍ୱରେ ଇଂଟରନେଟ ବ୍ୟାଙ୍କ ତ' ବେଶ ବିଳମ୍ବରେ ଆସିଲା । କିନ୍ତୁ କଂଗ୍ରେସର ଲୋକ ବୁଦ୍ଧିମାନ ଓ ଚତୁର । ଏହି ଟେଲିଫୋନ ବ୍ୟାଙ୍କି ଆରମ୍ଭ ହେଲା । ଏବଂ ଟେଲିଫୋନ ବ୍ୟାଙ୍କିଙ୍ଗର ହିଁ କମାଲ ଥିଲା ଯେ ୬ ବର୍ଷରେ ୧୮ ଲକ୍ଷରୁ ୫୨ ଲକ୍ଷ କୋଟି ଟଙ୍କା ନିଜ ପ୍ରିୟ ଲୋକମାନଙ୍କ ସମ୍ପତ୍ତି ବ୍ୟାଙ୍କରୁ ଖର୍ଚ୍ଚ କରିଦିଆଗଲା । ଆହୁରି ପଦ୍ଧତି କ'ଣ ଥିଲା କାଗଜ କିଛି ଦେଖିବା ଦରକାର ନାହିଁ ଟେଲିଫୋନ ଆସିଲା ଋଣ ଦେଇଦିଅ, ଋଣ ଦେବାର ସମୟ ଆସିଲା ସେଥିପାଇଁ ଅନ୍ୟକୁ ଋଣ ଦେଇଦିଅ । ସେହି ଋଣ ସୁଝିବାର ସମୟ ଆସିଲା ଅନ୍ୟ ଏକ ଋଣ ଦେଇଦିଅ । ଯାହା ଗଲା ତ' ଗଲା ଜମା କରିବା ଲାଗି ନୂଆ ଋଣ ଦେଇ ଚାଲ ଏହି କୁଚକ୍ର ଚାଲିଥିଲା । ଆହୁରି ଦେଶ ଏବଂ ଦେଶର ବ୍ୟାଙ୍କ ଏନପିଏର ବିଶାଳ ଜଞ୍ଜାଳରେ ଫସିଗଲା । ଏହି ଏନପିଏର ଜଞ୍ଜାଳ ଏକପ୍ରକାରେ ଭାରତର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଲାଗି ଏକ ଲେଣ୍ଡମାଇନ ଭଳି ବିଛାଗଲା । ଆମେ ସମ୍ପୂର୍ଣ୍ଣ ପାରଦର୍ଶୀତା ସହିତ ଯାଂଚ ଆରମ୍ଭ କଲୁ । ଏନପିଏର ସଠିକ ସ୍ଥିତି କ'ଣ ଅଟେ । ସେଥିପାଇଁ ମେକାନିଜମ ଆରମ୍ଭ କଲୁ । ଆମେ ଏଥିରେ ଏତେ ନିଖୁଣ ଭାବେ ଗଲୁ ଯେ ଏନପିଏର ଜଞ୍ଜାଳ ଗଭୀର ହେଲା ନିରନ୍ତର ଗଭୀର ହେଲା । ଏନପିଏ ବିବାର ଆଉ ଏକ କାରଣ ୟୁପିଏ ସରକାର କିଛି ଏପରି ନିଷ୍ପତ୍ତି ନେଲେ ଯେଉଁ କାରଣରୁ ଦେଶରେ କ୍ୟାପିଟାଲ ଗୁଡସ ଇମ୍ପୋର୍ଟରେ ଭାରୀ ବୃଦ୍ଧି ଘଟିଲା । ଆପଣଙ୍କୁ ଏହା ଜାଣି ଆଶ୍ଚର୍ଯ୍ୟ ଲାଗିବ ଯେ କ୍ୟାପିଟାଲ ଗୁଡସର ଇମ୍ପୋର୍ଟ କଷ୍ଟମ ଡ୍ୟୁଟିକୁ କମ କରି ଏତେ ଅଧିକ ବୃଦ୍ଧି କରାଗଲା ଯେ ଆମର ଅଶୋଧିତ ତୈଳ ଅମଦାନୀର ସମତୁଲ୍ୟ ହୋଇଗଲା । ଏ ସମସ୍ତ ଇମ୍ପୋର୍ଟର ଫାଇନାନ୍ସିଂ ବ୍ୟାଙ୍କର ଲୋନ ଜରିଆରେ କରାଗଲା । ଦେଶରେ କ୍ୟାପିଟାଲ ଗୁଡସର ଉତ୍ପାଦନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଲା । ବ୍ୟାଙ୍କଗୁଡ଼ିର ଋଣ ବିନା ପ୍ରୋଜେକ୍ଟ ଆକଳନ ବିନା କ୍ଲିଅରାନ୍ସରେ ନିଆଗଲା । ଏପରିକି ଅନେକ ପ୍ରକଳ୍ପରେ ତ' ଇକ୍ୟୁଟି ବଦଳରେ ଋଣ ମଧ୍ୟ ବ୍ୟାଙ୍କଗୁଡ଼ିକ ଦେଲେ । ଏବେ ଗୋଟିଏ ପଟେ ଏହି କ୍ୟାପିଟାଲ ଗୁଡସର ଆମଦାନୀ ଏବଂ ପ୍ରୋଜେକ୍ଟର ନିର୍ମାଣରେ କଷ୍ଟମ ଡ୍ୟୁଟି କିମ୍ବା ସରକାରଙ୍କ ଟିକସରେ ହ୍ରାସ କରାଗଲା । ଅନ୍ୟପଟେ ସରକାରୀ ମଞ୍ଜୁରି ଦେବା ଲାଗି କେତେକ ନୂଆ ଟିକସ ଆଇନ ନିର୍ମାଣ କରାଗଲା । ଯେଉଁ

ଟିକସ ସରକାରଙ୍କ ଖାତାକୁ ଯାଉନଥିଲା । ସେହି ଟିକସ କାରଣରୁ ସମସ୍ତ ପ୍ରକଳ୍ପ ମଞ୍ଜୁରିରେ ବିଳମ୍ବ ହେଲା । ବ୍ୟାଙ୍କଗୁଡ଼ିକର ଋଣ ଫସି ରହିଲା । ଏବଂ ଏନପିଏ ବିଚ୍ଛଳିଲା । ଆଜି ମଧ୍ୟ ଯେତେବେଳେ ବାରମ୍ବାର ଏନପିଏର ସ୍ଥିତି ଉପରେ ଆପଣମାନେ ବୟାନ ଦିଅନ୍ତି, ତ' ସରକାରଙ୍କୁ ବାଧ୍ୟ ହୋଇ ଦେଶର ଜନତାଙ୍କ ସମ୍ମୁଖରେ ଏହି ସଦନ ମାଧ୍ୟମରେ ମୋତେ ତଥ୍ୟ ପୁଣିଥରେ ରଖିବାକୁ ପଡୁଛି । ଗୋଟିଏ ପରେ ଆମ ସରକାର ବ୍ୟାଙ୍କଗୁଡ଼ିକର ବୁକସରେ ଏ ସମସ୍ତ ଏନପିଏକୁ ସଚ୍ଚୋଟତାର ସହିତ ଦେଖାଇବାର ନିଷ୍ପତ୍ତି ନେଲା । ସେପଟେ ଆମେ ବ୍ୟାଙ୍କରେ ସୁଧାର ଲାଗି ଅନେକ ନୀତିଗତ ନିଷ୍ପତ୍ତି ନେଲୁ । ଯାହା ଦେଶର ଅର୍ଥବ୍ୟବସ୍ଥାକୁ ଆଗାମୀ ବର୍ଷରେ ଲାଭ ପହଁଚ୍ଚାଇବ । ପଚ୍ଚାଶ କୋଟି ଟଙ୍କାରୁ ଅଧିକ ସମସ୍ତ ଏନପିଏ ଏକାଉଣ୍ଟର ସମୀକ୍ଷା କରାଗଲା । ଏଥିରେ ସମ୍ପୂର୍ଣ୍ଣ ଡିଫଲ୍ଟର୍ସ ଏବଂ ଫ୍ରଡ/ଚଞ୍ଚକତାର ସମ୍ଭାବନାର ଆକଳନ କରାଯାଉଛି । ବ୍ୟାଙ୍କଗୁଡ଼ିରେ ଚାପଗ୍ରସ୍ତ ସମ୍ପତ୍ତି ପରିଚ୍ଚାଳନା (ଷ୍ଟ୍ରେସ ଏସେଟ୍ସର ମ୍ୟାନେଜମେଂଟ) ଲାଗି ଏକ ନୂଆ ବ୍ୟବସ୍ଥା ପ୍ରସ୍ତୁତ କରାଗଲା । ଦୁଇ ଲକ୍ଷ ଦଶ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥରାଶି ବ୍ୟାଙ୍କଗୁଡ଼ିକର ପୁନଃ-ମୂଳଧନ ଲଗାଣ ଲାଗି ଦିଆଯାଉଛି । ଆମ ସରକାର ଇନସଲଭେନ୍ସି ଏବଂ ବ୍ୟାଙ୍କରପ୍ସି କୋଡ ପ୍ରସ୍ତୁତ କରିଛନ୍ତି । ଏହାଦ୍ୱାରା ଶୀର୍ଷ ୧୨ ଡିଫଲ୍ଟର୍ସ ଯେଉଁମାନେ ଯାହାକି ମୋଟ ଏନପିଏର ୨୫ ପ୍ରତିଶତ ପାଖାପାଖି ଅଟେ । ଏହି କେସ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଦ୍ୱାରା କରାଯାଇସାରିଛି । ଏହି ୧୨ଟି ବଡ଼ କେସରେ ପାଖାପାଖି ୩ ଲକ୍ଷ କୋଟି ଟଙ୍କାର ଅର୍ଥ ଫସି ରହିଛି । କେବଳ ଗୋଟିଏ ବର୍ଷରେ ଏଥିମଧ୍ୟରୁ ତିନୋଟି ବଡ଼ ମାମଲାରେ ଆମ ସରକାର ପାଖାପାଖି ୫୫ ପ୍ରତିଶତ ରିକଭରୀ(ଫେରସ୍ତ ଆଣିବା) ହାସଲ କରିଛନ୍ତି । ଅନ୍ୟପଟେ ଯଦି ମୋଟ ୧୨ଟି ବଡ଼ ମାମଲାର କଥା କହିବା ତ ସେଥିମଧ୍ୟରୁ ପାଖାପାଖି ୪୫ ପ୍ରତିଶତର ରିକଭରି କରାଯାଇସାରିଛି । ସେପରି ଲୋକମାନଙ୍କ ପାଇଁ କାଲି ହିଁ ଲୋକସଭାରେ ପଳାତକ ଅର୍ଥନୈତିକ ଅପରାଧୀ ବିଲ ପାସ କରାଯାଇଛି । ବ୍ୟାଙ୍କଗୁଡ଼ିକର ଋଣ ପରିଶୋଧ କରୁନଥିବା ଲୋକମାନଙ୍କ ପାଇଁ ଏବେ ଦେଶର ଆଇନରୁ ବଂଚିବା ଆହୁରି କଷ୍ଟକର ହୋଇଯାଇଛି ଏବଂ ଏହାଦ୍ୱାରା ଏନପିଏ ଉପରେ ମଧ୍ୟ ନିୟନ୍ତ୍ରଣ ଆସିବାରେ ସହାୟତା ମିଳିପାରିବ । ଯଦି ୨୦୧୪ରେ ଏନଡିଏ ସରକାର ଗଠନ

ହୋଇନଥାନ୍ତା ଯେଉଁ ବ୍ୟବସ୍ଥାରେ କଂଗ୍ରେସ ସରକାର ଚଳାଉଥିଲା, ଯଦି ସେହି ବ୍ୟବସ୍ଥା ଚାଲିଥା'ନ୍ତା, ତ' ଆଜି ଦେଶ ବହୁତ ବଡ଼ ସଂକଟ ଦେଇ ଗତି କରିଥା'ନ୍ତା ।

ମୁଁ ଏ ସଦନ ମାଧ୍ୟମରେ ଦେଶକୁ କହିବାକୁ ଚାହୁଁଚି ଯେ ପୂର୍ବରୁ ସରକାର ଦେଶ ଉପରେ ସ୍ପେଶାଲ ଫରେନ କରେନ୍ସି ନନ ରେସିଡେଂଟ ଡିପୋଜିଟ ଅର୍ଥାତ୍ ଏଫସିଏନଆରର ପାଖାପାଖି ୩୨ ବିଲିୟନ ଡଲାରର ଋଣ ଛାଡ଼ି ଯାଇଥିଲେ। ଏହି ଋଣକୁ ମଧ୍ୟ ଭାରତ ସମ୍ପୂର୍ଣ୍ଣ ଭାବେ ଆଜି ଫେରାଇ ସାରିଛି । ଏହି କାମ ଆମେ କରିଦେଖାଇଛୁ।

ମାନନୀୟ ଅଧ୍ୟକ୍ଷ ମହୋଦୟା, ଦେଶରେ ଗ୍ରାମ ସ୍ୱରାଜ ଅଭିଯାନ - ଏହାକୁ ଆଗକୁ ନେବା ଲାଗି ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଆମେ ୧୫ ଅଗଷ୍ଟ ପର୍ଯ୍ୟନ୍ତ ୬୫ ହଜାର ଗ୍ରାମରେ - ସମସ୍ତଙ୍କ ପାଖରେ ବ୍ୟାଙ୍କ ଏକାଉ ଥାଉ, ଗ୍ୟାସ ସଂଯୋଗ ଥାଉ, ପ୍ରତ୍ୟେକ ଘରେ ବିଦ୍ୟୁତ ସଂଯୋଗ ଥାଉ, ସମସ୍ତଙ୍କ ଟିକାକରଣ ହୋଇଥାଉ, ସମସ୍ତଙ୍କୁ ବୀମାର ସୁରକ୍ଷା କବଚ ମିଳୁ ଏବଂ ସବୁ ଘରେ ଏଲଇଡି ବଲ୍ବ ଥାଉ - ଏହି ଗ୍ରାମ ମୋଟ ୧୧୫ଟି ଜିଲ୍ଲାରେ ରହିଛି । ଯାହାକୁ ଭୁଲ ନୀତି କାରଣରୁ ପଛୁଆପଣର ଅବିଶ୍ୱାସ ଦିଆଗଲା ଏବଂ ଆମେ ସେଗୁଡ଼ିକୁ ଆକାଂକ୍ଷାର ନୂତନ ବିଶ୍ୱାସ ଦେଲୁ। ନିଉ ଇଣ୍ଡିଆର ବ୍ୟବସ୍ଥା ସ୍ମାର୍ଟ ମଧ୍ୟ, ସମ୍ବେଦନଶୀଳ ମଧ୍ୟ ଅଟେ । ସ୍କୁଲରେ ପରୀକ୍ଷାଗାରର ଠିକଣା ନଥିଲା, ଆମେ ଅଟଳ ଟିଙ୍କରିଂ ଲ୍ୟାବ, ସ୍କିଲ ଇଣ୍ଡିଆ, ଖେଲୋ ଇଣ୍ଡିଆ ଅଭିଯାନ ଦ୍ୱାରା ପ୍ରତିଭାର ଚିହ୍ନଟ ଏବଂ ସମ୍ମାନ ବଢ଼ାଇ ଦେଇଛୁ । ମହିଳାମାନଙ୍କ ଜୀବନର ପ୍ରତ୍ୟେକ ସୋପାନକୁ ଧ୍ୟାନରେ ରଖି ଯୋଜନା ନିର୍ମାଣ କଲୁ ଏବଂ ଆଜି ଗର୍ବର ସହିତ କହିବାକୁ ଚାହୁଁଛି । ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ କମିଟିରେ ପ୍ରଥମ ଥର ଦେଶରେ ଦୁଇ ଜଣ ମହିଳା ବସୁଛନ୍ତି । ଏବଂ ଦୁଇ ଜଣ ମହିଳା ମନ୍ତ୍ରୀ ନିଷ୍ପତ୍ତି ନେବାରେ ଭାଗିଦାର ଅଟନ୍ତି । ମହିଳାମାନେମାନଙ୍କୁ ଫାଇଟର ପାଇଲଟ ଭାବେ ଇଣ୍ଡକ୍ଟ କରାଗଲା । ତିନି ତଲାକ ଭୋଗୁଥିବା ମୁସଲିମ ଭଉଣୀଙ୍କ ସହିତ ସରକାର ଦୃଢ଼ତାର ସହିତ ଛିଡ଼ା ହୋଇଛନ୍ତି । ବେଟୀ ବଚାଓ ବେଟୀ ପାଓ ଜନ ଆନ୍ଦୋଳନ ହୋଇଛି । ଅନେକ ଜିଲ୍ଲାରେ କନ୍ୟାଙ୍କ ଜନ୍ମରେ ବୃଦ୍ଧି, କନ୍ୟାଙ୍କ ଉପରେ ଅତ୍ୟାଚାର କରୁଥିବା ଲୋକମାନଙ୍କ ପାଇଁ ଫାଶୀ ଦଣ୍ଡର ବ୍ୟବସ୍ଥା, ଗଣତାନ୍ତ୍ରିକ ବ୍ୟବସ୍ଥାରେ ହିଂସା ଏବଂ ଅତ୍ୟାଚାରକୁ ଅନୁମତି ଦିଆଯାଇପାରିବ

ନାହିଁ । ଏପରି ଘଟଣାରେ କୌଣସି ଜଣେ ଭାରତୀୟର ମଧ୍ୟ ନିଧନ ଦୁଃଖଦ ଅଟେ । ଏହା ମାନବତାର ମୂଳ ଭାବନା ବିରୋଧରେ ଅଟେ । ଯେଉଁଠି ଏପରି ଘଟଣା ଘଟୁଛି ସେଠାରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ।

ମୁଁ ଆଜି ଏହି ସଦନ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ପୁଣିଥରେ ଅନୁରୋଧ କରିବି ଯେ ଯେଉଁମାନେ ମଧ୍ୟ ଏପରି ହିଂସା କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଦେଶକୁ ଏକବିଂଶ ଶତାବ୍ଦୀର ଦେଶର ସ୍ୱପ୍ନ ପୂରଣ କରିବାକୁ ଅଛି । ଭାରତ ମାଳା ଦ୍ୱାରା ହାଇୱେର ଜାଲ ସାରା ଦେଶରେ ବିଛାଯାଇଛି । ସାଗରମାଳା ଦ୍ୱାରା ବନ୍ଦର ବିକାଶ ଏବଂ ବନ୍ଦର ଆଧାରିତ ବିକାଶକୁ ପ୍ରୋତ୍ସାହନ ଦିଆଯାଉଛି । ଟାୟର ଟୁ ଏବଂ ଟାୟର ଥ୍ରୀ ସହରରେ ବିମାନ ଯୋଗାଯୋଗ ଉପରେ ମଧ୍ୟ କାମ ଦ୍ରୁତ ଗତିରେ ଆଗକୁ ବଢୁଛି ୟ ଦେଶର ସହରଗୁଡିକରେ ମେଟ୍ରୋର ବ୍ୟାପକ ପ୍ରସାର ହେଉ ସେହି କାମ ମଧ୍ୟ ଜାରି ରହିଛି । ଏ ଦେଶର ପ୍ରତ୍ୟେକ ପଂଚାୟତ ପର୍ଯ୍ୟନ୍ତ ଇଂଟରନେଟ ପହଁଚାଇବା ଲାଗି ଦ୍ରୁତ ଗତିରେ କାମ ହେଉଛି । ଦେଶ ଏହାର ସାକ୍ଷୀ ରହିଛି । ଗାଁ ଠାରୁ ଆ ।ରମ୍ଭ କରି ବଡ଼ ସହର ପର୍ଯ୍ୟନ୍ତ ଗରିବ ଏବଂ ମଧ୍ୟମବର୍ଗର ଜୀବନରେ ବଡ ପରିବର୍ତ୍ତନ ଆସୁଛି । ପୂର୍ବର ସରକାରଙ୍କ ତୁଳନାରେ ଆମ ସରକାରଙ୍କ ଗତି ଖୁବ ଅଧିକ ଦ୍ରୁତ । ସଡ଼କ ନିର୍ମାଣ ହେଉ, ରେଳବାଇ ଲାଇନର ବିଦ୍ୟୁତିକରଣ ହେଉ, ଦେଶର ଉତ୍ପାଦନ କ୍ଷମତା ବୃଦ୍ଧି ହେଉ, ନୂତନ ଶିକ୍ଷା ପ୍ରତିଷ୍ଠାନ ହେଉ, ଆଇଆଇଟି, ଆଇଆଇଏମ ହେଉ, ମେଡ଼ିକାଲ ସିଟ ସଂଖ୍ୟା ବୃଦ୍ଧି ହେଉ, କର୍ମଚାରୀ ସେହିମାନେ ହିଁ ଅଛନ୍ତି, ଅମଲାତନ୍ତ୍ର ସମାନ ରହିଛି, ଫାଇଲର ପଦ୍ଧତି ସେହିପରି ଅଛି, କିନ୍ତୁ ଏହା ସତ୍ତ୍ୱେ ଏହା ରାଜନୈତିକ ଇଚ୍ଛାଶକ୍ତି ରହିଛି । ଯେଉଁ କାରଣରୁ ଦେଶର ସାମର୍ଥ୍ୟରେ ନୂତନ ଶକ୍ତି ଭରି ଆମେ ଆଗକୁ ବଢୁଛୁ । ଏ ଦେଶରେ ରୋଜଗାରକୁ ନେଇ ଅନେକ ଭ୍ରମ ସୃଷ୍ଟି କରାଯାଉଛି । ଆହୁରି ପୁଣି ଥରେ ସତ୍ୟକୁ ମୋଡ଼ିବାର ପ୍ରୟାସ ଆଧାରହୀନ କଥା କୌଣସି ସୂଚନା ନାହିଁ, ସେପରି ଗପ ଚଳାଇବା ଭଲ ହେବ ଯଦି ସେଥି ପ୍ରତି ଟିକିଏ ନିଖୁଣ ଭାବେ ଦେଖନ୍ତେ ତ ଦେଶର ନବଯୁବକମାନଙ୍କୁ ନିରାଶ କରି ରାଜନୀତି କରିବାର ପାପ କରନ୍ତେ ନାହିଁ । ସରକାର ସିଷ୍ଟମରେ ଉପଲବ୍ଧ ନିଯୁକ୍ତି ସଂଲଗ୍ନ ଭିନ୍ନ ଭିନ୍ନ ତଥ୍ୟକୁ ଦେଶ ଆଗରେ ସବୁ ମାସରେ

ଉପସ୍ଥାପନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସଂଗଠିତ କ୍ଷେତ୍ର ଅର୍ଥାତ ଫର୍ମାଲ ସେକ୍ଟରରେ ନିଯୁକ୍ତିରେ ବୃଦ୍ଧିକୁ ମାପିବାର ଏହି ପଦ୍ଧତି ଅଟେ, କର୍ମଚାରୀ ଭବିଷ୍ୟନିଧି ଅର୍ଥାତ୍ ଇପିଏଫରେ କର୍ମଚାରୀ ମାନଙ୍କର ଘୋଷଣା ସେପ୍ଟେମ୍ବର ୨୦୧୭ ଠାରୁ ଆରମ୍ଭ କରି ମେ ୨୦୧୮ ଏହି ୯ ମାସ ମଧ୍ୟରେ ପାଖାପାଖି ୪୫ ଲକ୍ଷ ନୂଆ ନେଟ୍ ସବସ୍କ୍ରାଇବର ଇପିଏଫ ସହ ଯୋଡ଼ି ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ୨୮ ବର୍ଷରୁ କମ ବୟସର । ଫର୍ମାଲ ସିଷ୍ଟମରେ ନିଉ ପେନସନ ସ୍କିମ ଅର୍ଥାତ ଏନପିଏସରେ ଗତ ୯ ମାସରେ ୫ ଲକ୍ଷ ୬୮ ଜହାରରୁ ଅଧିକ ଲୋକ ଯୋଡ଼ି ହୋଇଛନ୍ତି। ଏହିପରି ଇପିଏଫ ଏବଂ ଏନପିଏସ ଉଭୟ ତଥ୍ୟକୁ ମିଶାଇ ଗତ ୯ ମାସରେ ଫର୍ମାଲ ସେକ୍ଟରରେ ୫୦ ଲକ୍ଷରୁ ଅଧିକ ଲୋକ ନିଯୁକ୍ତି ସହ ଯୋଡ଼ି ହୋଇଛନ୍ତି । ଏହି ସଂଖ୍ୟା ସାରା ବର୍ଷ ଲାଗି ୭୦ ଲକ୍ଷରୁ ମଧ୍ୟ ଅଧିକ ହେବ । ଏହି ୭୦ ଲକ୍ଷ କର୍ମଚାରୀମାନଙ୍କ ମଧ୍ୟରୁ ଇଏସଆଇସିର ତଥ୍ୟକୁ ମିଶାଯାଇନାହିଁ । କାରଣ ଏଥିରେ ଏବେ ଆଧାର ଲିଙ୍କ କରିବା କାମ ଜାରି ରହିଛି । ଏହା ବ୍ୟତୀତ ଦେଶରେ କେତେ ପ୍ରଫେସନାଲ ସଂସ୍ଥା ମଧ୍ୟ ରହିଛି, ଏମାନଙ୍କ ମଧ୍ୟରେ ଯୁବ ପ୍ରଫେସନାଲ ଡିଗ୍ରୀ ନେଇ ନିଜକୁ ରେଜିଷ୍ଟ୍ର କରୁଛନ୍ତି ଏବଂ ନିଜ କାମ କରୁଛନ୍ତି । ଉଦାହରଣ ସ୍ୱରୂପ ଡାକ୍ତର, ଇଞ୍ଜିନିୟର, ଆର୍କିଟେକ୍ଟସ, ଲୟର୍ସ, ଚାର୍ଟାର୍ଡ ଏକାଉଣ୍ଟାଣ୍ଟସ, କଷ୍ଟ ଏକାଉଣ୍ଟାଣ୍ଟସ କମ୍ପାନୀ, କମ୍ପାନୀ ସେକ୍ରେଟାରିଜ, ଏଥିରେ ଏକ ସ୍ୱତନ୍ତ୍ର ଇଣ୍ଡିପେଣ୍ଡେଂଟ ଇନଷ୍ଟିଚ୍ୟୁଟ ସର୍ଭେ କରିଛନ୍ତି। ଏବଂ ସ୍ୱାଧୀନ ସଂସ୍ଥା ଅନୁଧ୍ୟାନ କରି କହିଛି ଯେ ସେମାନେ ଯେଉଁ ତଥ୍ୟ ରଖିଛନ୍ତି । ସେମାନଙ୍କ କହିବା କଥା ୨୦୧୬-୧୭ରେ ପାଖାପାଖି ୧୨ ହଜାର ନୂଆ ଚାର୍ଟାର୍ଡ ଏକାଉଣ୍ଟାଣ୍ଟସ ସିଷ୍ଟମରେ ଯୋଡ଼ି ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୫ ହଜାରରୁ ଅଧିକ ଲୋକମାନେ ନୂଆ କମ୍ପାନୀ ଆରମ୍ଭ କରିଛନ୍ତି । ଆଜି ଜଣେ ଚାର୍ଟାର୍ଡ ଏକାଉଣ୍ଟସ୍ ସଂସ୍ଥା ମଧ୍ୟରେ ଲୋକମାନଙ୍କୁ ନିଯୁକ୍ତି ମିଳୁଛି, ତ' ଏହି ସଂସ୍ଥାଗୁଡ଼ିକ ମଧ୍ୟରୁ ୧ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିଛି । ପୋଷ୍ଟ ଗ୍ରାଜୁଏଟ ଡାକ୍ତର, ଡେଂଟାଲ ସର୍ଜନ ଏବଂ ଆୟୁଷ ଡାକ୍ତର - ଆମ ଦେଶରେ ୮୦ ହଜାର ରୁ ଅଧିକ ପୋଷ୍ଟ ଗ୍ରାଜୁଏଟ ଡାକ୍ତର, ଡେଂଟାଲ ସର୍ଜନ ଏବଂ ଆୟୁଷ ଡାକ୍ତର ଶକ୍ଷିତ ହୋଇ ପ୍ରତିବର୍ଷ କଲେଜରୁ ବାହାରୁଛନ୍ତି । ଏମାନଙ୍କ ମଧ୍ୟରୁ ଯଦି ଷାଠିଏ ପ୍ରତିଶତ ନିଜେ ପ୍ରାକ୍ଟିସ କରିବେ ତ' ପ୍ରତି ଡାକ୍ତର ୫ ଜଣ ଲୋକଙ୍କୁ

ନିଯୁକ୍ତିର ସୁଯୋଗ ଦେଇପାରିବେ । ଏବଂ ଏହି ସଂଖ୍ୟା ୨ ଲକ୍ଷ ୪୦ ହଜାର ହେବ । ଓକିଲ ୨୦୧୭ରେ ପାଖାପାଖି ୮୦ ହଜାର ସ୍ନାତକ ଏବଂ ସ୍ନାତକୋତ୍ତର ଓକିଲ ହୋଇଛନ୍ତି ଏମାନଙ୍କ ମଧ୍ୟରୁ ଯଦି ୬୦ ପ୍ରତିଶତ ଲୋକମାନଙ୍କ ନିଜ ପ୍ରାକ୍ଟିସ ଆରମ୍ଭ କରିଥିବେ ଏବଂ ନିଜେ ଦୁଇ ତିନି ଜଣ ଲୋକଙ୍କୁ ନିଯୁକ୍ତି ଦେଇଥିବେ, ତ' ପାଖାପାଖି ୨ ଲକ୍ଷ ନିଯୁକ୍ତି ସେହି ଓକିଲମାନଙ୍କ ମାଧ୍ୟମରେ ମିଳିଛି । ଏହି ତିନି ପ୍ରଫେସନରେ ହିଁ ୨୦୧୭ରେ ୬ ଲକ୍ଷରୁ ଅଧିକ ଲୋକମାନଙ୍କୁ ନିଯୁକ୍ତର ସୁଯୋଗ ମିଳିଛି । ଏବେ ଯଦି ଇନଫର୍ମାଲ ସେକ୍ଟର କଥା କହିବା, ତ' ଟ୍ରାନ୍ସପୋର୍ଟ କ୍ଷେତ୍ରରେ ଯଥେଷ୍ଟ ଲୋକମାନଙ୍କ ନିଯୁକ୍ତି ମିଳିଛି । ଗତ ବର୍ଷ ଟ୍ରାନ୍ସପୋର୍ଟ ସେକ୍ଟରେ ୭ ଲକ୍ଷ ୬୦ ହଜାର କମର୍ସିଆଲ ଗାଡ଼ି ବିକ୍ରି ହୋଇଛି । ସାତ ଲକ୍ଷ ୬୦ ହଜାର କମର୍ସିଆଲ ଗାଡ଼ି ଯଦି ଏଥିମଧ୍ୟରୁ ୨୫ ପ୍ରତିଶତ ଗାଡ଼ି ବିକ୍ରି ପୁରୁଣା ଗାଡ଼ିକୁ ବଦଳାଇବା ଲାଗି  ଗ୍ରହଣ କରିବା ତ' ୫ ଲକ୍ଷ ୭୦ ହଜାର ଗାଡ଼ି  ସାମଗ୍ରୀ ପରିବହନ ଲାଗି ସଡ଼କରେ ଯାତାୟାତ କରିଛି ଏବଂ ନୂଆ ଗାଡ଼ି ଚାଲିଛି । ସେପରି ଏକ ଗାଡ଼ିରେ ଦୁଇ ଜଣ ଲୋକମାନଙ୍କୁ ମଧ୍ୟ ଯଦି ରୋଜଗାର ମିଳୁଛି ତ' ରୋଜଗାର ପାଉଥିବା ଲୋକଙ୍କ ସଂଖ୍ୟା ୧୧ ଲକ୍ଷ ୪୦ ହଜାର ହୋଇଯିବ । ଏହିପରି ଯଦି ଆମେ ଯାତ୍ରୀବାହୀ ଯାନର ବିକ୍ରିକୁ ଦେଖିବା ତ' ଏହି ସଂଖ୍ୟା ୨୫ ଲକ୍ଷ ୪୦ ହଜାର ଥିଲା । ଏଥିମଧ୍ୟରୁ ୨୦ ପ୍ରତିଶତ ଗାଡ଼ି ପୁରୁଣା ଗାଡ଼ିକୁ ବଦଳାଇବା ଲାଗି ଗ୍ରହଣ କରାଯିବ, ତ' ପାଖାପାଖି ୩୦ ଲକ୍ଷ ଗାଡ଼ି ସଡ଼କରେ ଚଳାଚଳ କରିଛି । ଏହି ନୂଆ ଗାଡ଼ିରେ ପାଖାପାଖି ୨୫ ପ୍ରତିଶତ ମଧ୍ୟ ଏପରି ଯଦି ଗ୍ରହଣ କରାଯାଏ ତ' ଜଣେ ଡ୍ରାଇଭରକୁ ରୋଜଗାର ଦିଆଯାଏ ତ'  ୫ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ । ସେହିପରି ଗତ ବର୍ଷ ଆମ ଏଠି ୨ ଲକ୍ଷ ୫୫ ହଜାର ଅଟୋ ବିକ୍ରି ହୋଇଛି। ଏଥିମଧ୍ୟରୁ ୧୦ ପ୍ରତିଶତ ବିକ୍ରି ଯଦି ପୁରୁଣା ଅଟୋ ବଦଳାଇବା ଲାଗି ହୋଇଛି ବୋଲି ଧରାଯିବ, ତ ପାଖାପାଖି ଦୁଇ ଲକ୍ଷ ୩୦ ହଜାର ନୂଆ ଅଟୋ ଗତ ବର୍ଷ ସଡ଼କକୁ ଆସିଛି । ଅଟୋ ଦୁଇଟି ସିଫ୍ଟରେ ଚାଲୁଥିବାରୁ ଦୁଇଟି ଅଟୋରୁ ତିନି ଜଣ ଲୋକଙ୍କୁ ନିଯୁକ୍ତି ମିଳିଥାଏ । ଏପରିସ୍ଥିତିରେ ତିନି ଲକ୍ଷ ୪୦ ହଜାର ଲୋକଙ୍କୁ ନୂଆ ଅଟୋ ଜରିଆରେ ନିଯୁକ୍ତି ମିଳୁଛି । ଏକାକୀ ପରିବହନ କ୍ଷେତ୍ରରେ ଏହି ତିନୋଟି ବାହନ ଦ୍ୱାରା ଗତ ଏକ ବର୍ଷରେ ୨୦ ଲକ୍ଷ ଲୋକଙ୍କୁ ନୂଆ ସୁଯୋଗ ମିଳିଛି ।

ଇପିଏଫ, ଏନପିଏସ, ପ୍ରଫେସନାଲ ଟ୍ରାନ୍ସପୋର୍ଟ କ୍ଷେତ୍ର କଥା ଯଦି ଆମେ ଛାଡ଼ି ଦେଖିବା ତ' ୧ କୋଟିରୁ ଅଧିକ ଲୋକଙ୍କୁ କେବଳ ଗତ ବର୍ଷ ନିଯୁକ୍ତି ମିଳିଛି । ଏବଂ ଏକ ସ୍ୱାଧୀନ ସଂସ୍ଥାର ସର୍ଭେ କହୁଛି । ମୁଁ ସେହି ସ୍ୱାଧୀନ ସଂସ୍ଥାର ବିବୃତିକୁ ଉଦ୍ଧୃତ କରୁଛି । ଏହି ସରକାରୀ ତଥ୍ୟ ମୁଁ କହୁନାହିଁ। ଏବଂ ସେଥିପାଇଁ ମୋର ଅନୁରୋଧ ଯେ ଦୟାକରି ବିନା ତଥ୍ୟର ସତ୍ୟକୁ ମାନିବା ଲାଗି ପ୍ରୟାସ କରାନଯାଉ । ଦେଶକୁ ଭୂଆଁ ବୁଲାଇବା ଲାଗି ପ୍ରୟାସ କରାନଯାଉ । ଆଜି ଦେଶ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନରେ ରହିଛି, ଆସନ୍ତା ୫ ବର୍ଷ ୧୨୦ କୋଟି ହିନ୍ଦୁସ୍ତାନୀ ଯେଉଁମାନଙ୍କ ମଧ୍ୟରୁ ୮୫ ପ୍ରତିଶତ ଆମ ନବଯୁବକ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିବେ । ନିଉ ଇଣ୍ଡିଆ ଦେଶର ନୂଆ ଆଶା, ଆକାଂକ୍ଷାର ଆଧାର ହେବ। ଯେଉଁଠି ସମ୍ଭାବନା, ସୁଯୋଗ, ସ୍ଥିରତା ଉପରେ ଅନନ୍ତ ବିଶ୍ୱାସ ଥିବ, ଯେଉଁଠି ସମାଜକୁ କୌଣସି ବର୍ଗ କୌଣସି କ୍ଷେତ୍ର ପ୍ରତି କୌଣସି ଅବିଶ୍ୱାସ ନଥିବ, କୌଣସି ଭେଦଭାବ ନଥିବ – ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବଦଳୁଥିବା ବିଶ୍ୱସ୍ତରୀୟ ପରିବେଶରେ ଆମ ସମସ୍ତଙ୍କୁ ମିଳିମିଶି ଚାଲିବାର ଆବଶ୍ୟକତା ରହିଛି ।

ଅଧ୍ୟକ୍ଷ ମହୋଦୟା, ଯେଉଁ ଲୋକମାନେ ଚର୍ଚ୍ଚାରେ ଭାଗ ନେଲେ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରୁଛି । ମୁଁ ପୁଣି ଥରେ ଆନ୍ଧ୍ର ପ୍ରଦେଶର ଜନତାଙ୍କ କଲ୍ୟାଣ ଲାଗି ଏନଡିଏର ସରକାର କୌଣସି ଅଭାବ ରଖିବେ ନାହିଁ । ହିନ୍ଦୁସ୍ତାନରେ ବିକାଶର ଗତିରେ ଚାଲୁଥିବା ସମସ୍ତଙ୍କ ଲାଗି ପ୍ରାଣପଣେ କାମ କରିବାର ବ୍ରତ ନେଇ ଆମେ ଆସିଛୁ । ମୁଁ ପୁଣିଥରେ ଏ ସମସ୍ତ ମହାନୁଭବମାନଙ୍କୁ ୨୦୨୪ରେ ଅନାସ୍ଥା ପ୍ରସ୍ତାବ ଆଣିବା ଲାଗି ନିମନ୍ତ୍ରଣ ଦେଇ ମୋର ବକ୍ତବ୍ୟ ଶେଷ କରୁଛି। ଏବଂ ମୁଁ ଏହି ଅନାସ୍ଥା ପ୍ରସ୍ତାବକୁ ସମ୍ପୂର୍ଣ୍ଣ ଭାବେ ଖାରଜ କରିବା ଲାଗି ଏ ସଦନକୁ ଅନୁରୋଧ କରୁଛି। ଆପଣମାନେ ମୋତେ ସମୟ ଦେଲେ ମୁଁ ଆପଣମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରୁଛି । ଧନ୍ୟବାଦ।

# ରାଜ୍ୟସଭାରେ ଉପସଭାପତିଙ୍କ ସମ୍ବର୍ଦ୍ଧନା ସଭାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ବକ୍ତବ୍ୟ

9th August 2018

# ୦୯.୦୮.୨୦୧୮ ରାଜ୍ୟସଭା
# ରାଜ୍ୟସଭାର ଉପସଭାପତିଙ୍କ ସମ୍ବର୍ଦ୍ଧନା ବକ୍ତବ୍ୟ

ଶ୍ରଦ୍ଧେୟ ସଭାପତି ମହୋଦୟ,

ମୁଁ ସର୍ବପ୍ରଥମେ ସଂସଦ ତରଫରୁ ଏବଂ ମୋ ତରଫରୁ ନବନିର୍ବାଚିତ ଉପସଭାପତି ଶ୍ରୀମାନ ହରିବଂଶଙ୍କୁ ହୃଦୟର ସହିତ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛି । ଆମ ପାଇଁ ଖୁସିର କଥା ଯେ ସୁସ୍ଥ ହେବା ପରେ ଆମ ଅରୁଣଜୀ ଆଜି ଆମମାନଙ୍କ ପାଖରେ ଉପସ୍ଥିତ ଅଛନ୍ତି । ଆଜି ଅଗଷ୍ଟ ୯ ତାରିଖ । ଅଗଷ୍ଟ କ୍ରାନ୍ତି ସ୍ୱାଧୀନତା ଆନ୍ଦୋଳନ ସହିତ ଜଡିତ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା ଏବଂ ସେଥିରେ ବଲିଆର ଅନେକ ଭୂମିକା ଥିଲା । ୧୮୫୭ରୁ ସ୍ୱାଧୀନତା ସଂଗ୍ରାମକୁ ନେଇ ବଲିଆ, ସ୍ୱାଧୀନତାର ଗଡ଼ ଭାବେ କ୍ରାନ୍ତିର ବିଗୁଲ ବଜାଇବାରେ, ଜୀବନ ଉତ୍ସର୍ଗ କରିବାରେ ସର୍ବାଗ୍ରେ ରହିଛି । ମଙ୍ଗଳ ପାଣ୍ଡେ ହୁଅନ୍ତୁ, ଚିତ୍ତୁ ପାଣ୍ଡେ ହୁଅନ୍ତୁ ଏବଂ ଚନ୍ଦ୍ରଶେଖରଙ୍କ ପର୍ଯ୍ୟନ୍ତ ପରମ୍ପରା ଏବଂ ସେହିଭଳି ଜଣେ ହେଉଛନ୍ତି ହରିବଂଶଜୀ । ତାଙ୍କର ଜନ୍ମ ଜୟପ୍ରକାଶଜୀଙ୍କ ଗ୍ରାମରେ ହୋଇଥିଲା ଏବଂ ଆଜି ମଧ୍ୟ ସେହି ଗ୍ରାମ ସହ ସେ ଜଡିତ ଅଛନ୍ତି । ଜୟପ୍ରକାଶଙ୍କ ସ୍ୱପ୍ନ ସାକାର କରିବା ପାଇଁ ଯେଉଁ ଟ୍ରଷ୍ଟ ଚାଲିଛି ତାହାର ଟ୍ରଷ୍ଟି ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି । ହରିବଂଶ ସେହି କଲମର ଧନୀ ଯାହା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ଏବଂ ମୋ ପାଇଁ ଏହା ମଧ୍ୟ ଖୁସିର କଥା ଯେ ସେ ବନାରସର ବିଦ୍ୟାର୍ଥୀ ଥିଲେ। ସେ ବନାରସରେ ଶିକ୍ଷାଲାଭ କରିଥିଲେ । ଏବଂ ସେହିଠାରୁ ଅର୍ଥଶାସ୍ତ୍ରରେ ସେ ସ୍ନାତୋକୋତ୍ତର ପ୍ରାପ୍ତ କରିଥିଲେ ଏବଂ ରିଜର୍ଭ ବ୍ୟାଙ୍କ ତାଙ୍କୁ ଚାକିରିର ପ୍ରସ୍ତାବ ଦେଇଥିଲା । କିନ୍ତୁ ସେ ସେହି ପ୍ରସ୍ତାବରେ ସହମତ ହୋଇନଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ନିଜ ଘରର ପରିସ୍ଥିତି ଯୋଗୁ ସେ ରାଷ୍ଟ୍ରାୟତ ବ୍ୟାଙ୍କରେ କାର୍ଯ୍ୟ କରିଥିଲେ .... ସଭାପତି ମହୋଦୟ ଆପଣଙ୍କୁ ଜାଣି ଖୁସି ଲାଗିବ ଯେ ସେ ଜୀବନର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବର୍ଷରେ ହାଇଦ୍ରାବାଦରେ କାର୍ଯ୍ୟ କରିଥିଲେ। କେତେବେଳେ ମୁମ୍ବାଇ, କେତେବେଳେ ହାଇଦ୍ରାବାଦ, କେତେବେଳେ ଦିଲ୍ଲୀ, କେତେବେଳେ କଲିକତା କିନ୍ତୁ ଏହିସବୁ ବଡ ସହର ଶ୍ରୀ ହରିବଂଶଙ୍କୁ ଆକର୍ଷିତ କରିପାରିନଥିଲା । ସେ କୋଲକତା

ଚାଲିଯାଇଥିଲେ। 'ରବିବାର' ସମ୍ବାଦପତ୍ରରେ କାମ କରିବା ପାଇଁ ଏବଂ ଆମେ ଜାଣିଛୁ ଯେ ଏସ ପି ସିଂହ ନାଁ ବଡ.... ଟିଭି ଦୁନିଆରେ ଏକ ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ସହିତ ସେ କାମ କରିଥିଲେ । ଏବଂ ଜଣେ ଟ୍ରେନି ଭାବେ, ସାମ୍ବାଦିକ ଭାବେ ଧର୍ମବୀର ଭାରତୀଙ୍କ ସହିତ କାର୍ଯ୍ୟ କରିଥିଲେ। ଜୀବନର ପ୍ରାରମ୍ଭ ସେହିଠାରୁ କରିଥିଲେ। ଧର୍ମବୀରଙ୍କ ସହିତ ମିଶି କାର୍ଯ୍ୟ କରିଥିଲେ । ଦିଲ୍ଲୀରେ ଚନ୍ଦ୍ରଶେଖରଙ୍କ ସହିତ କାର୍ଯ୍ୟ କରିଥିଲେ । ଚନ୍ଦ୍ରଶେଖରଙ୍କ ପ୍ରିୟ ଥିଲେ ଏବଂ ପଦର ମର୍ଯ୍ୟାଦା ଏବଂ ମୂଲ୍ୟବୋଧ ସମ୍ବନ୍ଧରେ ମନୁଷ୍ୟର ସ୍ୱତନ୍ତ୍ରତା ଥାଏ । ଚନ୍ଦ୍ରଶେଖର ଇସ୍ତଫା ପ୍ରଦାନ କରିବାକୁ ଯାଉଥିଲେ, ଏହା ତାଙ୍କୁ ପୂର୍ବରୁ ଜଣାଥିଲା । ସେ ନିଜେ ଗୋଟିଏ ସମ୍ବାଦପତ୍ର ସହ ଜଡିତ ଥିଲେ । ସାମ୍ବାଦିକତାର ଦୁନିଆ ସହ ସଂଶ୍ଲିଷ୍ଟ ଥିଲେ । କିନ୍ତୁ ନିଜର ସମ୍ବାଦପତ୍ରରେ କେବେ ମଧ୍ୟ ଛାପି ନଥିଲେ ଯେ ଚନ୍ଦ୍ରଶେଖର ଇସ୍ତଫା ଦେବାକୁ ଯାଉଛନ୍ତି ବୋଲି । ସେ ନିଜ ପଦ ମର୍ଯ୍ୟାଦାକୁ ରକ୍ଷା କରି ଗୋପନୀୟତାକୁ ବଜାୟ ରଖିଥିଲେ । ନିଜ ସମ୍ବାଦପତ୍ରରେ ଖବର ପ୍ରକାଶିତ ହେଇଯାଉ, ଏବଂ ସମ୍ବାଦପତ୍ରର ପ୍ରଶଂସା ହେଉ ସେ କେବେ ହେବାକୁ ଦେଇନଥିଲେ ।

ହରିବଂଶ ରବିବାରରେ ବିହାର ଯାଇଥିଲେ, ସେତେବେଳେ ସଂଯୁକ୍ତ ବିହାର ଥିଲା । ପରେ ଝାଡଖଣ୍ଡ ଗଠନ ହୋଇଥିଲା। ସେ ରାଞ୍ଚି ଯାଇଥିଲେ । ପ୍ରଭାତ ଖବର ପାଇଁ ଏବଂ ଯେତେବେଳେ ସେ ଯୋଗଦେଇଥିଲେ ସେତେବେଳେ ତାହାର ସର୍କୁଲେସନ କେବଳ ଚାରିଶହ ଥିଲା । ଯାହାଙ୍କ ଜୀବନରେ ଏତେ ସୁଯୋଗ ଥିଲା, ବ୍ୟାଙ୍କରେ ମଧ୍ୟ ସୁଯୋଗ ଥିଲା । ପ୍ରତିଭାବାନ ବ୍ୟକ୍ତିତ୍ୱ ଥିଲେ, କିନ୍ତୁ ସେ ନିଜକୁ ଚାରିଶହ ସର୍କୁଲେସନ ଥିବା ସମ୍ବାଦପତ୍ର ସହ ଜଡିତ କରିଥିଲେ । ଚାରି ଦଶନ୍ଧିର ସାମ୍ବାଦିକତାର ଯାତ୍ରା ସମର୍ଥ ସାମ୍ବାଦିକତା ଥିଲା ଏବଂ ସାମ୍ବାଦିକତା ଯାହା ସମାଜ କାରଣରୁ ଜଡିତ ହୋଇଥିଲା, ନିଜର ପ୍ରଭାବଶକ୍ତି ବଢାଇବା କାରଣରୁ ନୁହେଁ । ମୁଁ ମାନୁଛି ଯେ ହରିବଂଶଙ୍କ ନିଯୁକ୍ତି, ଏହା ସମାଜ ପାଇଁ ସବୁଠାରୁ ବଡ ଅବଦାନ ଏବଂ ସେ ପ୍ରଭାବଶକ୍ତି ପାଇଁ ସାମ୍ବାଦିକତା କରିବାଠାରୁ ନିଜକୁ ଦୂରରେ ରଖିଥିଲେ । ଏବଂ ସେତେବେଳେ ପରମବୀର ଆଲବର୍ଟ ଏକ୍କା ଦେଶ ପାଇଁ ଶହିଦ ହୋଇଥିଲେ । ଥରେ ସମ୍ବାଦପତ୍ରରେ ଖବର ପ୍ରକାଶିତ ହୋଇଥିଲା ଯେ ଆଲବର୍ଟ ଏକ୍କାଙ୍କ ପତ୍ନୀ ଅତି ଦୟନୀୟ ଜୀବନ ଅତିବାହିତ କରୁଛନ୍ତି ।

୨୦ ବର୍ଷ ପୂର୍ବର କଥା । ହରିବଂଶ ଏହାକୁ ଏକ ସେବାମୂଳକ ଆହ୍ୱାନ ଭାବେ ଗ୍ରହଣ କରିଥିଲେ, ହରିବଂଶ ଲୋକମାନଙ୍କଠାରୁ ଅର୍ଥ ସଂଗ୍ରହ କରି ଚାରି ଲକ୍ଷ ଟଙ୍କା ସେହି ଶହିଦଙ୍କ ପତ୍ନୀଙ୍କ ପାଖରେ ପହଂଚାଇଥିଲେ ।

ଥରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନକ୍ସଲମାନେ ଅପହରଣ କରିଥିଲେ । ହରିବଂଶ ନିଜ ସମ୍ବାଦପତ୍ରର ସ୍ରୋତଗୁଡିକ ଜରିଆରେ, ଅଦମ୍ୟ ସାହସର ସହିତ ନକ୍ସଲ ଅଂଚଳକୁ ଯାଇଥିଲେ । ଲୋକମାନଙ୍କୁ ବୁଝାଇ ଶେଷରେ ତାଙ୍କୁ ମୁକୁଳାଇ ଆଣିପାରିଥିଲେ। ନିଜ ଜୀବନକୁ ବାଜି ଲଗାଇଦେଇଥିଲେ । ଏଭଳି ଏକ ବ୍ୟକ୍ତିତ୍ୱ ଯିଏ ଅନେକ ପୁସ୍ତକ ଅଧ୍ୟୟନ କରିଛନ୍ତି, ଅନେକ ପୁସ୍ତକ ଲେଖିଛନ୍ତି ଏବଂ ମୁଁ ଭାବେ ଯେ ସମ୍ବାଦପତ୍ର ପରିଚାଳନା, ସାମ୍ବାଦିକମାନଙ୍କଠାରୁ କାର୍ଯ୍ୟ ହାସଲ କରିବା ବୋଧହୁଏ ସହଜ ହୋଇଥିବ । ସମାଜ ମଙ୍ଗଳର ଅନୁଭୂତି ଏବଂ ନିଜର ପ୍ରଭାବଶକ୍ତିର ଅନୁଭବ ଭିନ୍ନ ଭିନ୍ନ । ଜଣେ ସାଂସଦ ଭାବେ ମୁଁ ନିଜର ଏକ ସଫଳ କାର୍ଯ୍ୟକାଳର ଅନୁଭବ ସମସ୍ତଙ୍କୁ କରାଇଛି । କିନ୍ତୁ ଅଧିକାଂଶ ସାଂସଦଙ୍କ ସ୍ଥିତି ଏଭଳି ଯେ ଏଠାରେ କ୍ରୀଡାବିତଙ୍କ ଅପେକ୍ଷା ଅମ୍ପାୟାର ଅଧିକ ବିବ୍ରତ ରହୁଛନ୍ତି । ଏଥିପାଇଁ ନିୟମ ଅନୁଯାୟୀ ଖେଳିବାକୁ ସମସ୍ତଙ୍କୁ ବାଧ୍ୟ କରିବା - ଏକ ବହୁତ ବଡ କାର୍ଯ୍ୟ, ଆହ୍ୱାନପୂର୍ଣ୍ଣ କାର୍ଯ୍ୟ । କିନ୍ତୁ ହରିବଂଶ ନିଶ୍ଚିତ ଭାବେ ଏହି କାର୍ଯ୍ୟ କରିବେ ବୋଲି ପୂର୍ଣ୍ଣ ଆଶା ।

ହରିବଂଶଙ୍କ ଶ୍ରୀମତୀ ଆଶା ଜୀ ସେ ନିଜେ ଚମ୍ପାରଣର । ଏହାର ଅର୍ଥ ଏକ ପ୍ରକାର ପୂରା ପରିବାର କେତେବେଳେ ଜେପିଙ୍କଠାରୁ ତ କେତେବେଳେ ଗାନ୍ଧୀଙ୍କ ଆନ୍ଦୋଳନ ସହ ସମ୍ପୃକ୍ତ ଏବଂ ଆଶାଜୀ ମଧ୍ୟ ଏମ.ଏ. ପଲିଟିକାଲ ସାଇନ୍ସର ଛାତ୍ରୀ, ତାଙ୍କର ଏହି ଶିକ୍ଷାଗତ ଜ୍ଞାନ ଏବେ ଅଧିକ ସହାୟତା କରିବ । ମୋର ବିଶ୍ୱାସ ଯେ ଏବେ ସଂସଦର ମନ୍ତ୍ର ହୋଇଯିବ ଯେ ଆମ ସମସ୍ତ ସାଂସଦଙ୍କୁ ହରିଙ୍କ କୃପା । ଏବେ ସବୁକିଛି ହରିଙ୍କ ଭରସାରେ । ଏବଂ ମୋର ବିଶ୍ୱାସ ଯେ ଆମେ ସମସ୍ତେ, ସେପଟର ନ ହେଲେ ଏପଟର ସମସ୍ତଙ୍କ ଉପରେ ଭଗବାନଙ୍କ କୃପା ରହୁ । ଏହି ନିର୍ବାଚନ ଏଭଳି ଥିଲା ଯେତେବେଳେ ଦୁଇ ପକ୍ଷରେ ଭଗବାନ ଥିଲେ । କିନ୍ତୁ ଜଣଙ୍କ ଆଗରେ ବି.କେ ଥିଲେ । ବି.କେ ହରି, ଏମାନଙ୍କ ପାଖରେ କୌଣସି ବିକେ, ଭିକେ ନଥିଲେ । କିନ୍ତୁ ମୁଁ ବି.କେ ହରିପ୍ରସାଦଙ୍କୁ ମଧ୍ୟ

ଗଣତନ୍ତ୍ରର ମର୍ଯ୍ୟାଦା ପାଇଁ ନିଜ ଦାୟିତ୍ୱର ଅନୁପାଳନ କରି ଏବଂ ସମସ୍ତେ କହୁଥିଲେ ଯେ ପରିଣାମ ଜଣାଅଛି କିନ୍ତୁ ନିର୍ବାଚନ ପ୍ରକ୍ରିୟା ଚଳିବ । ଅନେକ ନୂତନ ଲୋକମାନଙ୍କର ପ୍ରଶିକ୍ଷଣ ମଧ୍ୟ ହୋଇଯାଇଥିବ - ଭୋଟ ଦେବା ପାଇଁ ।

ମୁଁ ସଂସଦର ସମସ୍ତ ମହାନୁଭବମାନଙ୍କର, ସମସ୍ତ ଆଦରଣୀୟ ସଦସ୍ୟମାନଙ୍କର ଏହି ସଂପୂର୍ଣ୍ଣ ପ୍ରକ୍ରିୟାକୁ ଉତ୍ତମ ଭାବେ ଆଗକୁ ବଢାଇବା ପାଇଁ ଏବଂ ଉପସଭାପତିଙ୍କୁ, ମୋର ବିଶ୍ୱାସ ଯେ ତାଙ୍କର ଅନୁଭୂତି, ତାଙ୍କର ସମାଜ ପାଇଁ ସମର୍ପଣ.... ହରିବଂଶଙ୍କର ଗୋଟିଏ ବିଶେଷତ୍ୱ ଥିଲା ଯେ ସେ ଗୋଟିଏ ସ୍ତମ୍ଭଲେଖା(Column) ଚଲାଇଥିଲେ । ନିଜର ସମ୍ବାଦପତ୍ରରେ ଲେଖୁଥିଲେ 'ଆମ ସାଂସଦ କେଉଁଭଳି ହେବା ଦରକାର' । ସେତେବେଳେ ତାଙ୍କୁ ମଧ୍ୟ ଜଣାନଥିଲା ଯେ ସେ ସାଂସଦ ହେବେ । ସାଂସଦ କେଉଁଭଳି ହେବା ଦରକାର ଅଭିଯାନ ଚଳାଇଥିଲେ । ମୁଁ ଜାଣିଛି ଯେ ତାଙ୍କର ଯେଉଁ ସ୍ୱପ୍ନ ଥିଲା ତାକୁ ପୂରା କରିବାର ସୁଯୋଗ ତାଙ୍କୁ ମିଳିଛି, ଆମେ ସମସ୍ତ ସାଂସଦମାନଙ୍କୁ ଯେଉଁ ପ୍ରଶିକ୍ଷଣ ଆପଣଙ୍କ ଜରିଆରେ ମିଳିବ ଏବଂ ଯେଉଁ ଦଶରଥ ମାଂଝୀଙ୍କ ଆଲୋଚନା ଆଜି କେବେ କେବେ ହିନ୍ଦୁସ୍ଥାନରେ ଶୁଣିବାକୁ ମିଳୁଛି । ବହୁତ କମ ଲୋକଙ୍କୁ ସେହି ଦଶରଥ ମାଂଝୀଙ୍କ କଥା ଜଣାଅଛି । ସେହି ଦଶରଥ ମାଂଝୀଙ୍କ କଥାକୁ ଖୋଜିଖାଜି ପ୍ରଥମ ଥର ପାଇଁ କେହିଜଣେ ପ୍ରକାଶିତ କରିଥିଲେ ସେ ହେଉଛନ୍ତି ହରିବଂଶ ବାବୁ, ସମାଜର ନିମ୍ନସ୍ତରର ଲୋକମାନଙ୍କ ସହିତ ଜଡିତ ଥିବା ମହାନୁଭବ ଆଜି ଆମମାନଙ୍କର ମାର୍ଗଦର୍ଶନ କରିବାକୁ ଯାଉଛନ୍ତି ।

ମୋ ତରଫରୁ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା, ଅନେକ ଅନେକ ଶୁଭକାମନା ।

2019




ଶ୍ରୀ ନରେନ୍ଦ୍ର ମୋଦୀ 'ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା' ଆରମ୍ଭ କରିଥିଲେ

"ମୁଦ୍ରା ଯୋଜନା ଦ୍ୱାରା ଲଘୁ ଓ କ୍ଷୁଦ୍ର
ଉଦ୍ୟୋଗ ମାନେ ଲାଭବାନ
ହୋଇଛନ୍ତି ଏବଂ ସେମାନଙ୍କର ଆର୍ଥିକ
ତଥା ସାମାଜିକ ଉନ୍ନତି ଘଟିଛି"

ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ
ଆଗତ ଧନ୍ୟବାଦ୍ ପ୍ରସ୍ତାବ ଉପଲକ୍ଷେ
ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର
ଉତ୍ତର

7th February 2019

## ୭.୨.୨୦୧୯ ଲୋକସଭା

## ରାଷ୍ଟ୍ରପତିଙ୍କର ଅଭିଭାଷଣ ଉପରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ପ୍ରଧାନମନ୍ତ୍ରୀ- ସମ୍ମାନନୀୟ ବାଚସ୍ପତି ମହୋଦୟ, ମୁଁ ମହାମହିମ ରାଷ୍ଟ୍ରପତିଙ୍କ ଅଭିଭାଷଣ ସମ୍ବନ୍ଧିତ ଧନ୍ୟବାଦ ପ୍ରସ୍ତାବରେ ମୋର ବକ୍ତବ୍ୟ ରଖିବାକୁ ଯାଉଛି। କାର୍ଯ୍ୟପାଳିକାର କର୍ଣ୍ଣଧାର ଭାବେ ଦେଶର ଦିଶା ନିର୍ଦ୍ଧାରଣ ଓ ଦୃଷ୍ଟିକୋଣ ଉପସ୍ଥାପିତ କରିଥିବାରୁ ମୁଁ ତାଙ୍କୁ ମୋର କୃତଜ୍ଞତା ଜଣାଉଛି। ଏହି ସରକାର ନିଜର ସଭ୍ୟତା, ସ୍ୱଚ୍ଛତା, ଦକ୍ଷତା ତଥା ଦରିଦ୍ରବର୍ଗ ପ୍ରତି ନିଜର ସହାନୁଭୂତିଶୀଳତା ନିମନ୍ତେ ବିଦିତ।

ଏବେ ମଧ୍ୟ ଟେଲିଭିଜନର ସେହି ଦୃଶ୍ୟ ମୋ ଆଖି ସାମ୍ନାରେ ଭାସିଯାଏ ଯେତେବେଳେ ଏହି ସଭାଗୃହରେ ନୋଟବିଡା ସବୁ ଗଦା ହୋଇଥିଲା। ଆଜି ଅନେକ ସମ୍ମାନନୀୟ ସଦସ୍ୟ, ଯେପରିକି ଶ୍ରୀ ମଲ୍ଲିକାର୍ଜ୍ଜୁନ ଖରଗେ, ଶ୍ରୀ ଭର୍ତ୍ତୃହରି ମହତାବ, ଶ୍ରୀ ଭେନୁଗୋପାଳଜୀ, ଶ୍ରୀମତୀ ହରସମରି ବାଦଲଜୀ, ଶ୍ରୀ ଦିନେଶ ତ୍ରିବେଦୀ, ଶ୍ରୀ ମହମ୍ମଦ ସଲିମଜୀ ତଥା ସୌମିତ୍ର ଖାନ୍‌ଜୀ ଇତ୍ୟାଦି ନିଜର ଭାବଧାରାକୁ ଉପସ୍ଥାପିତ କରିସାରିଛନ୍ତି।

ଏହା ଏକ ମୂଲ୍ୟଭିତ୍ତିକ ଆଲୋଚନା ଏବଂ ଯେପରି ଭାବରେ ଏହି ସଦନରେ ସମସ୍ତେ ମନଧ୍ୟାନ ଦେଇ ଶୁଣିଛନ୍ତି, ମୁଁ ବକ୍ତା ଓ ଶ୍ରୋତା ଉଭୟଙ୍କୁ ସାଧୁବାଦ ଦେବି। ଏଠାରେ କେତେକଙ୍କର କଟୁ ସମାଲୋଚନା ମଧ୍ୟ ଶ୍ରୁତିଗୋଚର ହୋଇଛି। ଆବେଗପୂର୍ଣ୍ଣ ରାଜାର ବାହୁଲ୍ୟ ମଧ୍ୟ ଦେଖିବାକୁ ମିଳିଛି। ମୁଁ କହିବାକୁ ଚାହେଁ- ଆମେ ସମସ୍ତେ ଜନତାଙ୍କର ପ୍ରତିନିଧି ଓ ସେମାନଙ୍କ ସମ୍ମୁଖରେ ଆମେ କୈଫୟତ ଯୋଗ୍ୟ । ଏହା ଏକ ନିର୍ବାଚନର ବର୍ଷ। ଏକ ସୁସ୍ଥ ପରମ୍ପରା ଅନୁସାରେ ଆମେ ସମସ୍ତେ ନିର୍ବାଚନରେ ଅବତରଣ କରିବା। ମୋର ଶୁଭକାମନା ଆପଣମାନଙ୍କ ପାଇଁ।

ମୁଁ ମଧ୍ୟ ଏହି ଅବସରରେ କୋଟି କୋଟି ଯୁବ ଭୋଟରମାନଙ୍କ ସ୍ୱାଗତ କରିବି ଯେଉଁମାନେ ପ୍ରଥମଥର ପାଇଁ ସାଧାରଣ ନିର୍ବାଚନରେ ଭାଗ ନେବାକୁ ଯାଉଛନ୍ତି। ଭୋଟ

ଦେବାର ଅଧିକାର କିଛି ଛୋଟିଆ ଅଧିକାର ନୁହେଁ। ସେମାନେ ଏକବିଂଶ ଶତାବ୍ଦୀରେ ଭୋଟ ଦେବାକୁ ଯାଉଛନ୍ତି। ଆମେ ସେମାନଙ୍କୁ ସ୍ୱାଗତ କରିବା ସହ ନୂତନ ପିଢି ଆମକୁ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଶା କରିବା।

ଅଧ୍ୟକ୍ଷ ମହୋଦୟା, ଆମେ ଯେତେବେଳେ ନୂତନ ଭାରତର କଥା କହୁ, ଆମ ମନରେ ଥାଏ ଆଶା ଓ ଉଦ୍ଦୀପନା, ମାତ୍ର ସର୍ବଦା ଅସନ୍ତୋଷର ଭାବନା ରଖିଥିବା ବ୍ୟକ୍ତି କେବେ ବି ନିଜ ପାଇଁ, ସମାଜ ପାଇଁ ବା ଆଗାମୀ ପିଢି ପାଇଁ କିଛି କରିବାର ସ୍ପୃହା ରଖିନଥାଏ। ନୂତନ ଭାରତର ସର୍ବଦା କେବଳ ଆଶା ଓ ବିଶ୍ୱାସରେ ଭରା ମନୋବୃତ୍ତି ସଂପନ୍ନ ବ୍ୟକ୍ତି ହିଁ କରିପାରିବ। ଅପରପକ୍ଷେ ନକରାତ୍ମକ ବ୍ୟକ୍ତି ସର୍ବଦା ଦୁଃଖ ଓ ସମସ୍ୟା ବିଷୟରେ ହିଁ ବର୍ଣ୍ଣନା କରେ। ଏତଦ୍ୱାରା ସାମୟିକ ସହାନୁଭୂତି ମିଳିପାରେ ମାତ୍ର ସ୍ଥିତି ପରିବର୍ତ୍ତନ ହୁଏ ନାହିଁ। ନୂତନ ଭାରତ ସଂପର୍କରେ ମୁଁ ସ୍ୱାମୀ ବିବେକାନନ୍ଦଙ୍କୁ ଉଦ୍ଧୃତ କରିବି– ଆମର ଅତୀତର ଯାତ୍ରା ଜରୁରୀ ଥିଲା କାରଣ ଏହା ଥିଲା ବାଧାବିଘ୍ନଭରା ଯାତ୍ରା– ଯାହା ଆମକୁ ନୂତନ ଭାରତ ଆଡକୁ ପ୍ରେରିତ କରିବ। ଆଜି ନୂତନ ଭାରତର ଅଙ୍କୁରୋଦ୍‌ଗମ ହେଉଛି, ଯାହା ଦିନେ ଏକ ବିଶାଳ ମହାଦ୍ରୁମରେ ପରିଣତ ହେବ। ଆମର ଦୃଢବିଶ୍ୱାସ ଓ ସକରାତ୍ମକ ବିଚାରଧାରା ହିଁ ଆମର ବିକାଶଧାରାକୁ ଗତି ପ୍ରଦାନ କରିବ। ଦେଶକୁ ଉନ୍ନତିପଥରେ ନେଇଯିବ। ରାଷ୍ଟ୍ରର ସମ୍ମୁଖରେ ଥିବା ପ୍ରତ୍ୟେକ ଆହ୍ୱାନକୁ ଆମେ ସ୍ୱୀକାର କରିବା ଏବଂ ଆମର ଦୃଢ ସଂକଳ୍ପ ହିଁ ଦେଶର ଆଶା ଆକାଂକ୍ଷାକୁ ପରିପୂର୍ଣ୍ଣ କରିବ।

ଆଜି ୧୯୪୭ ମସିହାରେ କେତେ ଘଟଣାବଳୀକୁ ଉଦ୍ଧୃତ କରାଯାଇଥିଲା। ମୁଁ ତାହାର ସ୍ୱାଗତ କରୁଛି। ଆମେ ସାଧାରଣ ଇତିହାସକୁ ଖ୍ରୀଷ୍ଟପୂର୍ବ (BC) ତଥା ଖ୍ରୀଷ୍ଟପର (AD) ମଧ୍ୟରେ ବିଭକ୍ତ କରିଥାଉ। ଆଜିର ଏକ ବକ୍ତବ୍ୟରେ ବକ୍ତା ୧୯୪୭ରୁ ୨୦୧୪ ମସିହା ଭିତରର ଇତିହାସ ବିଷୟରେ କହିଲେ। ମୋର ମନେ ହେଲା ଯେପରିକି ଉକ୍ତ ବକ୍ତା ଜଣକ BCକୁ Before କଂଗ୍ରେସ ଓ ADକୁ after dynasly ବୋଲି ଧରିନେଇଛନ୍ତି। ତାଙ୍କ ମତରେ କଂଗ୍ରେସ ପୂର୍ବରୁ ବୋଧହୁଏ ଦେଶର କିଛି ଇତିହାସ ନଥିଲା ଏବଂ ଯାହା କିଛି ଘଟିଛି ତାହା ବୋଧହୁଏ 'ଏକ ନିର୍ଦ୍ଦିଷ୍ଟ ବଂଶ'ର ଆବିର୍ଭାବ ପରେ। ଆମକୁ ଏକ ତୁଳନା

କରିବାକୁ ହେବ। ଏଥିରେ ଖରାପ ଭାବିବାର କିଛି ନାହିଁ। ସାଢେ ଚାରିବର୍ଷ ତଳର ପରିସ୍ଥିତି କ'ଣ ଥିଲା ଆଉ ଏବେ କ'ଣ ଅଛି ? ବିଶ୍ୱ ଅର୍ଥନୀତିରେ ଭାରତର ସ୍ଥାନ ଦଶ ବା ଏଗାର ଥିଲା। ବର୍ତ୍ତମାନ 'ଛଅ'କୁ ଉଠିଆସିଛି ବିଗତ ସାଢେ ଚାରି ବର୍ଷରେ। ଏଗାରତମ ସ୍ଥାନରେ ଥିବା ସମୟରେ ଏହି ସଦନର କେତେକ ସଦସ୍ୟ ନିଜକୁ ବଡ ଗୌରବାନ୍ୱିତ ମନେ କରିଥିଲେ। ମାତ୍ର ଆଶ୍ଚର୍ଯ୍ୟର କଥା 'ଷଷ୍ଠ' ସ୍ଥାନରେ ଭାରତର ଉପସ୍ଥିତି ତାଙ୍କୁ ବଡ଼ ନିରାଶ କରିଛି। ଅତୀତ ତୁଳନାରେ ଆମେ ଯଥେଷ୍ଟ FDI ପାଉଛୁ ଆଜିର ସମୟରେ।

'ମେକ୍ ଇନ୍ ଇଣ୍ଡିଆ'ର ଶକ୍ତି ନିର୍ମାଣ କ୍ଷେତ୍ରରେ ନୂତନ ଯୁଗର ଅୟମାରମ୍ଭ କରିଛି। ଆଜି ଷ୍ଟିଲ ନିର୍ମାଣରେ ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଉତ୍ପାଦକ। ମୋବାଇଲ ନିର୍ମାଣରେ ଦ୍ୱିତୀୟ ସ୍ଥାନରେ ଓ ଅଟୋମୋବାଇଲ କ୍ଷେତ୍ରରେ ଚତୁର୍ଥରେ। ରେକର୍ଡ ମାତ୍ରାରେ ଖାଦ୍ୟଶସ୍ୟ ଓ ଦୁଗ୍ଧ ଉତ୍ପାଦନ କରି ଭାରତ ଆଦି ସୁନାମ ଅର୍ଜନ କରିଛି। ସବୁଠାରୁ ଶସ୍ତା ଡାଟା ଓ ତାହାର ସର୍ବାଧିକ ସେବନ ନିମନ୍ତେ ମଧ୍ୟ ଭାରତ ପ୍ରସିଦ୍ଧି ଲାଭ କରିଛି। ଭାରତର 'ଷ୍ଟାଟ୍ ଅପ୍' ବ୍ୟବସ୍ଥା ବଡ ବଡ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ମଧ୍ୟ ପ୍ରତିସ୍ପର୍ଦ୍ଧା ଦେଇପାରେ। ବିମାନ ସମ୍ବନ୍ଧୀୟ କ୍ଷେତ୍ରରେ ମଧ୍ୟ ଭାରତର ଅଗ୍ରଗତି ବେଶ୍ ଉତ୍ସାହଜନକ। କିନ୍ତୁ ଯେତେବେଳେ ଆପଣ ବିରୋଧୀ ଦଳର ପ୍ରତିନିଧି ଆପଣ ଏସବୁ ଉପଲବ୍ଧିକୁ ସମାଲୋଚନା କରିବାକୁ ବାଧ୍ୟ। ଠିକ୍ ଅଛି ବିରୋଧ କରନ୍ତୁ। ମୋର ସମାଲୋଚନା କରନ୍ତୁ। ମୋଦିର ନିନ୍ଦା ବା ବିଜେପିର ସମାଲୋଚନା କରନ୍ତୁ। କିନ୍ତୁ ସେସବୁ ମଧ୍ୟରେ ଭାରତର ନିନ୍ଦା ବା ସମାଲୋଚନା କରନ୍ତୁ ନାହିଁ। ନିଜର ଦେଶର ନିନ୍ଦା କରି ତାକୁ ପଛରେ ପକାଇ ଦିଅନ୍ତୁ ନାହିଁ। ଦେଶବିରୋଧୀ ହୁଅନ୍ତୁ ନାହିଁ। ଲଣ୍ଡନରେ ଯାଇ ସାମ୍ବାଦିକ ସମ୍ମିଳନୀ କରି ଦେଶବିରୋଧୀ ମନ୍ତବ୍ୟ ଦେଇ ଆପଣ କ'ଣ ଦେଶର ସମ୍ମାନ ବଢାଉଛନ୍ତି ? ମିଥ୍ୟା ସାମ୍ବାଦିକ ସମ୍ମିଳନୀ କରି ମୋର ପ୍ରତିକ୍ରିୟା ଜାଣିବାକୁ ଚାହୁଁଛନ୍ତି ? ଭଲ ହେବ ଯଦି ମୁଁ ମୋ ମର୍ଯ୍ୟାଦା ଭିତରେ ରହିବି।

ଆଜି ଆମର ଖଡ଼୍ଗେ ମହାଶୟ କହୁଥିଲେ 'ମୋଦି ଯେଉଁ କଥା ତାହାର ଦେଶର ଲୋକଙ୍କ ସାମ୍ନାରେ କହୁଛନ୍ତି, ରାଷ୍ଟ୍ରପତି ମହୋଦୟ ମଧ୍ୟ ସେହି କଥା ସଦନରେ

କହିଛନ୍ତି। ଏହି କଥା ଏହା ହିଁ ସିଦ୍ଧ କରୁଛି ଯେ ସତ୍ୟ କହୁଥିବା ବ୍ୟକ୍ତି ଦେଶ ବାହାରେ ଓ ଭିତରେ ଗୋଟିଏ କଥା ହିଁ କହେ। ସୁତରାଂ ମୁଁ ବଡ଼ କୃତଜ୍ଞ ଯେ ଆପଣ ଏହି କଥାକୁ ସ୍ୱୀକୃତି ଦେଇଛନ୍ତି ଯେ ଆପଣ ସତ୍ୟବାଦୀ। ସାରଧାରଣ ସଭା, ଜନସଭା ଓ ଲୋକସଭାରେ ମଧ୍ୟ ସତ୍ୟ ହିଁ କହୁଛି। ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଉଭୟେ ମଧ୍ୟ କେବଳ ବିରାଟ ସତ୍ୟ ହିଁ କହୁଛନ୍ତି। ବର୍ତ୍ତମାନ ଆପଣମାନଙ୍କର ଗୋଟିଏ ସମସ୍ୟା ଆଉ ତାହା ହେଲା ସତ୍ୟ ଶୁଣିବାର ଅଭ୍ୟାସ ଆଉ ନାହିଁ, ଚାଲିଯାଇଛି।

ଆପଣମାନେ କହିଲେ ମୋଦି ସଂସ୍ଥାଗୁଡିକୁ ଶେଷ କରିଦେଉଛନ୍ତି। ଆମର ଗୋଟିଏ ଢଗ ଅଛି– 'ଉଲ୍‌ଟା ଚୋର କୋତଓ୍ୱାଲ କୋ ଡାଣ୍ଟେ' ଅର୍ଥାତ ଚୋର ଓଲଟି ଚୌକିଦାରକୁ ଗାଳି କରୁଛି। ଏ ବିଷୟରେ ଟିକିଏ ଚିନ୍ତା କରନ୍ତୁ। ଦେଶ ଉପରେ ଜରୁରୀକାଳୀନ ପରିସ୍ଥିତି ଲଦିଦେଲା କଂଗ୍ରେସ, ଦୋଷ ହେହଲା ମୋଦିର। ସେନାକୁ ଅପମାନିତ କଲା କଂଗ୍ରେସ, କିନ୍ତୁ କୁହାଗଲା ମୋଦି ଦେଶକୁ ନଷ୍ଟ କରୁଛି, କଂଗ୍ରେସ ଦେଶର ସେନାଧକ୍ଷଙ୍କୁ 'ଗୁଣ୍ଡା' କହିଲା କିନ୍ତୁ କୁହାଗଲା ମୋଦି ଦେଶର ଅନୁଷ୍ଠାନମାନଙ୍କୁ କୁଠାରଘାତ କରୁଛି। ମିଥ୍ୟା ଷଡଯନ୍ତ୍ରର ମନଗଢା କାହାଣୀ ସବୁ ସୃଷ୍ଟି କରାଗଲା ଯେ ମୋଦି କ୍ଷମତା ପରିବର୍ତ୍ତନ ପାଇଁ ପ୍ରଚେଷ୍ଟିତ। ଚିନ୍ତା କରନ୍ତୁ ଭାରତୀୟ ସେନାର ମନୋବଳକୁ ଏହା କେତେବଡ ଆଘାତ ? ବାସ୍ତବଚିତ୍ର ବିଷୟରେ ଆପଣଙ୍କର ଜ୍ଞାନ ନାହିଁ। ମାତ୍ର କିଛି ସ୍ୱଳ୍ପ ସମୟ ପାଇଁ ରାଜନୀତିରେ ଲିପ୍ତ ହୋଇ ଆପଣ ଯେଉଁ ପାପ କରି ବସିଛନ୍ତି ତାହା କଳ୍ପନାତୀତ। ସେନାର ହୃଦୟରେ ଏହା ଏକ ବିଶାଳ କ୍ଷତ ସୃଷ୍ଟି କରିବ। ଭାରତୀୟ ସେନା ଯେ କ୍ଷମତା ଅକ୍ତିଆର କରିବା ନିମନ୍ତେ ଷଡଯନ୍ତ୍ର କରିବ ଏହା ସମସ୍ତ ଭାବନାର ପରେ। ଅକଳ୍ପନୀୟ। ସ୍ୱାଧୀନତା ପରଠାରୁ କେବେ ବି ଏହା ହୋଇନାହିଁ। ଆମେ ଖରାପ ସମୟ ବି ଦେଖିଛୁ– ଭାରତର ନେତୃତ୍ୱ କରୁଥିବା ଦୁର୍ବଳ ପ୍ରଧାନମନ୍ତ୍ରୀ ଅଥବା ଦୁର୍ବଳ ସରକାର, ମେଣ୍ଟ ସରକାର ଅଥବା ସଂଖ୍ୟାଗରିଷ୍ଠ ସରକାର– ଆମର ସେନା ଏପରି ହୀନ ଭାବନାଗ୍ରସ୍ତ କେବେ ବି ହୋଇନାହିଁ। ସୁତରାଂ ସେନା ସଂପର୍କିତ କୌଣସି ଦାୟିତ୍ୱହୀନ ମନ୍ତବ୍ୟ ସଦା ବର୍ଜନୀୟ।

ଆମ ଦେଶର ନିର୍ବାଚନ ଆୟୋଗ ସମଗ୍ର ବିଶ୍ୱ ଆଗରେ ଏକ ପ୍ରେରଣାସ୍ରୋତ ସ୍ୱରୂପ। ଏକ ଆଦର୍ଶ। ଆମର ରାଜନୈତିକ ଦଳମାନେ ନିଜର ସମସ୍ତ ଅଭିଯୋଗ ସତ୍ତ୍ୱେ ଏହାର

ନିଷ୍ପତ୍ତିକୁ ମାନନ୍ତି। ଆମେ କ'ଣ ତାକୁ ମଧ୍ୟ ନଷ୍ଟ କରିଦେବା ? ଆଜି ନିଜର ବିଫଳତା ପାଇଁ ଲୋକେ ଇ.ଭି.ଏମ୍ ଯନ୍ତ୍ରକୁ ଦାୟୀ କରୁଛନ୍ତି। ନିର୍ବାଚନ ଆୟୋଗ ଉପରେ ସନ୍ଦେହ ପ୍ରକଟ କରୁଛନ୍ତି। ଆମେ କ'ଣ ଏହି ସଂସ୍ଥାଟିକୁ ନଷ୍ଟ କରିଦେବା ? କ'ଣ ହେଉଛି ଆପଣଙ୍କୁ ? କାହା ପାଇଁ ଏତେ ଭୟଭୀତ ?

କଂଗ୍ରେସ ଦଳ ତ ନ୍ୟାୟପାଳିକାକୁ ବି ଡରାଉଛି। ନ୍ୟାୟପାଳିକାର ନିଷ୍ପତ୍ତିକୁ ଯେପରି ଭାବେ କଟୁ ମନ୍ତବ୍ୟର ଶରବ୍ୟ ହେବାକୁ ପଡୁଛି ତାହା ପୂର୍ବରୁ କେବେ ହୋଇନଥିଲା, ନ୍ୟାୟପାଳିକାର ନିଷ୍ପତ୍ତି ପକ୍ଷରେ ହେଉ ବା ବିପକ୍ଷରେ ହେଉ ସମ୍ମାନର ସହ ଗ୍ରହଣ କରାଯିବା ଉଚିତ। କାରଣ ଅନୁଷ୍ଠାନର ସୁରକ୍ଷା ଆମର କର୍ତ୍ତବ୍ୟ। କିଛି କଥା ନାପସନ୍ଦ ହେଲେ ତାହା ବିରୁଦ୍ଧରେ ନା ଉଚ୍ଚାରଣରେ ନା ଶବ୍ଦରେ ଅପମାନଜନକ ମନ୍ତବ୍ୟ ଦେବା ଅସମୀଚୀନ। ନ୍ୟାୟପାଳିକାର ମୂଳଦୁଆକୁ ଦୋହଲାଇବା ପାଇଁ 'ମହାଭିଯୋଗ' ଅସ୍ତ୍ରର ପ୍ରୟୋଗ ଉପରେ ବିଚାର ଚାଲିଛି, ଅଥଚ ଆମ ଉପରେ ଦୋଷାରୋପ ହେଉଛି।

ଏହି କଂଗ୍ରେସ ଦଳ ଏକଦା 'ଯୋଜନା ଆୟୋଗ'କୁ 'ଜୋକର ଦଳ' ବୋଲି ଅଭିହିତ କରିଥିଲା। ଅଥଚ ଆଜି ତାହାର ଗୁଣଗାନ କରୁଛି। କଂଗ୍ରେସ ଦଳର ହିଁ ଜଣୈକ ଭୂତପୂର୍ବ ପ୍ରଧାନମନ୍ତ୍ରୀ 'ଜୋକର ଦଳ' ଶବ୍ଦର ସ୍ରଷ୍ଟା। ଏହିମାନେ ହିଁ ବାରମ୍ବାର ଦୋହରାଉଛନ୍ତି ଯେ 'ଅନୁଷ୍ଠାନର ସମ୍ମାନ' ହେଉ ମାତ୍ର ନିଜର ଅତୀତର କାର୍ଯ୍ୟକଳାପ କିପରି ଥିଲା ତାହା ଦେଖୁନାହାନ୍ତି।

ଅନୁଚ୍ଛେଦ ୩୫୬କୁ ଆପଣମାନେ ଅତି କମ୍‌ରେ ଶହେ ଥର ଦୁରୁପଯୋଗ କରିଛନ୍ତି। ନିର୍ବାଚିତ ସରକାରଙ୍କୁ ବରଖାସ୍ତ କରିଛନ୍ତି, କେବଳ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏହାର ପଚାଶ ବାର ଦୁରୁପଯୋଗ କରିଛନ୍ତି ଏବଂ ସରକାରକୁ ବଳପୂର୍ବକ ବରଖାସ୍ତ କରିଛନ୍ତି। ୨୦୧୯ରେ ଆପଣ କେଉଁ ଘଟଣାର ବାର୍ଷିକୀ ପାଳନ କରୁଛନ୍ତି ଟିକେ ଚିନ୍ତା କରନ୍ତୁ। ବିଶେଷକରି ମୋର 'କେରଳ'ର ବନ୍ଧୁମାନେ ମନେ ପକାନ୍ତୁ। ୧୯୫୯ରେ ଯେତେବେଳେ ନେହେରୁ ପ୍ରଧାନମନ୍ତ୍ରୀ ଥିଲେ ଏବଂ ଇନ୍ଦିରା ମହାଶୟା କଂଗ୍ରେସର ଅଧ୍ୟକ୍ଷା ଥିଲେ, ସେ କେରଳ ଯାଇଥିଲେ। ସେଠାରେ କ'ଣ ଦେଖିଲେ ଜଣା ନାହିଁ, ମାତ୍ର ଏକ ନିର୍ବାଚିତ

ବାମପନ୍ଥୀ ସରକାରକୁ ବରଖାସ୍ତ କରିଦେଉଥିଲେ। ୨୦୧୯ ହେଉଛି ସେହି ଘଟଣାର ବାର୍ଷିକୀ, ଆଉ ଆପଣ ଆଜି ସଂସ୍ଥାଗୁଡିକର ମାନ ସମ୍ମାନର କଥା କହୁଛନ୍ତି ? ଦକ୍ଷିଣର ଦୁଇ ନେତା N.T.R ଏବଂ M.G.Rଙ୍କ ସହିତ ଆପଣ କିପରି ବ୍ୟବହାର କରିଥିଲେ ?

କେବଳ ଏତିକି ନୁହେଁ। ଆପଣ ମନ୍ତ୍ରୀମଣ୍ଡଳର ତଥା କ୍ୟାବିନେଟ୍‌ର ନିଷ୍ପତ୍ତିକୁ ସାମ୍ବାଦିକ ସମ୍ମିଳନୀରେ ଯାଇ କିପରି ଚିରି ଫୋପାଡି ଦେଲେ ? ସହନଶୀଳତା ଓ ସଂସ୍ଥାର ସମ୍ମାନ ବିଷୟରେ ମୋଦି ଆଡକୁ ଆଙ୍ଗୁଡି ଦେଖାଇଲା ବେଳେ ଭୁଲନ୍ତୁ ନାହିଁ ଯେ ଚୋରଟି ଆଙ୍ଗୁଳି ଆପଣଙ୍କ ନିଜ ଆଡକୁ ରହୁଛି।

ଖଡ୍‌ଗେଜୀ ଜଣେ ଶାଳୀନ ବ୍ୟକ୍ତି ସମସ୍ତେ ଜାଣନ୍ତି। କିନ୍ତୁ ତାଙ୍କର କିପ୍ରକାର ବାଧ୍ୟବାଧକତା ରହିଛି ଯେ ସବୁକଥାରେ ସେ ମତଭିନ୍ନତା ଦେଖାଇ ବିରୋଧ କରୁଛନ୍ତି। ସଦନକୁ ଜଣାଇବି ଆଜି ସେ ମତେ ପ୍ରାଥମିକ ଉପଚାର ବା First Aid ନେବା ପାଇଁ କହିଥିଲେ ଘଟଣାର ଛତିଶ ଘଣ୍ଟା ପରେ। କିନ୍ତୁ ସେ ଜଣେ ବରିଷ୍ଠ ସଦସ୍ୟ ଓ ସମସ୍ତଙ୍କ ପାଇଁ ଚିନ୍ତା କରନ୍ତି ନିଶ୍ଚୟ। ମୁଁ କୃତଜ୍ଞ।

ଅଧ୍ୟକ୍ଷ ମହୋଦୟ ଏ ସମସ୍ତ ସମସ୍ୟାର ମୂଳରେ ଅଛି ଜଣେ ଦରିଦ୍ର ବ୍ୟକ୍ତି, ଯିଏ କେବେ ଦିଲ୍ଲୀ ସହରର କ୍ଷମତାର ଅଳିକ ଦେଖି ମଧ୍ୟ ନଥିଲା, ଅଥଚ ଆଜି ଏତେବଡ ବଂଶର ସାମ୍ରାଜ୍ୟକୁ ଆହ୍ୱାନ ଦେଇଦେଲା, ଏହା ସେମାନଙ୍କୁ ବ୍ୟଥିତ କରୁଛି। ସେମାନେ ଭାବନ୍ତି ଏ ଦେଶର କ୍ଷମତା ସିଂହାସନର ଅଧିକାରୀ କେବଳ ସେଇମାନେ। ଦେଶର କୌଣସି ଅଖ୍ୟାତ କୋଣରୁ ଆସି ଜଣେ ସାଧାରଣ ବ୍ୟକ୍ତି କ୍ଷମତା ହାସଲ କରିବାଟା ସେମାନେ ସହ୍ୟ କରିପାରୁ ନାହାନ୍ତି। କ୍ଷମତା ହାସଲର ନିଶା ହିଁ ସବୁ ସମସ୍ୟାର ମୂଳରେ ଅଛି।

ଆଦରଣୀୟ ଅଧ୍ୟକ୍ଷ ମହୋଦୟ ଏବେ ଟିକେ ହିସାବର କଥା ହେଉଥିଲା– ଆମ ସରକାର ତୁମ ସରକାର– ମୁଁ ମଧ୍ୟ କହିଦେଉଛି ୫୫ ବର୍ଷ ବନାମ ମୋର ୫୫ ମାସର ସରକାର। ସ୍ୱଚ୍ଛତା ଅଭିଯାନ ବିଷୟରେ କହିବି। ୨୦୧୪ ମସିହା ପର୍ଯ୍ୟନ୍ତ ଏହା ଥିଲା

ଶତକଡା ୪୦ ଭାଗ କିନ୍ତୁ ମୋର ସାଢେ ଚାରି ବର୍ଷରେ ପଞ୍ଚାବନ ମାସରେ ଏହା ପହଞ୍ଚିଛି ଶତକଡା ଅଠାନବେ ଭାଗରେ। ସାଢେ ଚାରିବର୍ଷରେ ଦଶ କୋଟିରୁ ଊର୍ଦ୍ଧ୍ୱ ସଂଖ୍ୟାରେ ଶୌଚାଳୟ ତିଆରି ହୋଇଛି। "ଯେଉଁମାନେ ଆକ୍ଷେପ କରନ୍ତି ଯେ ମୋ ସରକାର କେବଳ ଧନୀକ ଶ୍ରେଣୀର ଲୋକଙ୍କ ପାଇଁ ସେମାନଙ୍କୁ କହିବି ଯେ ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ମୋ ଦେଶର ଦଶକୋଟି ଲୋକଙ୍କ ପାଇଁ ମୁଁ ଟଏଲେଟ୍‌ର ନିର୍ମାଣ କରିଛି।" ସେହି ଲୋକମାନେ ମୋ ପାଇଁ ସବୁକିଛି- ମୋର ବିଶ୍ୱାସ ଓ ମୋର ଜୀବନ। ମୁଁ କେବଳ ସେମାନଙ୍କ ପାଇଁ ଆସିଛି। ପାବନ ବର୍ଷରେ ୧୨ କୋଟି ଗ୍ୟାସ କନେକ୍ସନ୍ ଦିଆଯାଇଥିଲା, ମୋର ପଞ୍ଚାବନ ମାସରେ ତେର କୋଟି ଗ୍ୟାସ କନେକ୍ସନ୍ ଦିଆଯାଇଛି, ତା' ଭିତରେ ଅଛି ଛଅ କୋଟି ଉଜ୍ଜ୍ୱଳା ଗ୍ୟାସ୍। ଆପଣ କଳ୍ପନା କରନ୍ତୁ ଆମର ବେଗ ଓ କାର୍ଯ୍ୟକଳାପର ଗତି।

ବ୍ୟାଙ୍କମାନଙ୍କର ଜାତୀୟକରଣ କରାଯାଇଥିଲା। ସେମାନେ ଗରିବ ଲୋକଙ୍କ ନାମରେ ରାଜନୀତି କଲେ- ଭୋଟ ପାଇବାକୁ ଚେଷ୍ଟା କଲେ। କିନ୍ତୁ ଆମ ଦେଶରେ କେବଳ ଶତକଡା ୫୦ ଭାଗ ଲୋକଙ୍କର ବ୍ୟାଙ୍କ ଆକାଉଣ୍ଟ ଥିଲା ବିଗତ ୫୫ ବର୍ଷରେ। ବର୍ତ୍ତମାନ ୫୫ ମାସ ଭିତରେ ଶତକଡା ୧୦୦ ଭାଗ ଲୋକଙ୍କର ବ୍ୟାଙ୍କ ଆକାଉ  ଅଛି। କ'ଣ ଆପଣଙ୍କୁ କଷ୍ଟ ହେଉଛି ଏହା ଜାଣିଲା ପରେ ?

ଆମେ ୧୮ ହଜାର ଗ୍ରାମରେ ବିଦ୍ୟୁତ୍‌କରଣ କରିଛୁ। ଆପଣ କହିଥିଲେ ଯେ ୧୯୪୭ ମସିହା ପୂର୍ବରୁ କୌଣସି ଗ୍ରାମରେ ବିଦ୍ୟୁତ୍ ସଂଯୋଗ ହୋଇନଥିଲା। ଯେମିତି କି ତାହା ଖ୍ରୀଷ୍ଟପୂର୍ବ ବା ଖ୍ରୀଷ୍ଟ ଜନ୍ମ ପର ସମୟ କଥା। ବାସ୍ତବରେ ସ୍ୱାଧୀନତା କୌଣସି ବାଧାବିଘ୍ନ ନଥିଲା- ନା ଥିଲା- ବିରୋଧୀ, ନା ଗଣମାଧ୍ୟମ, ନା ଆଇନକାନୁନ୍। କହିବାର ଉଦ୍ଦେଶ୍ୟ ଥିଲେ, ଭାରତର ସମସ୍ତ ଗ୍ରାମରେ ବିଦ୍ୟୁତ୍‌କରଣ ହୋଇପାରିଥାନ୍ତା ପ୍ରଥମ ଦୁଇଦଶନ୍ଧି ଭିତରେ। ସେହି କାମ ବର୍ତ୍ତମାନ ଆମକୁ କରିବାକୁ ପଡୁଛି। କେବଳ ସେତିକି ନୁହେଁ ନିଜର ୨୦୦୯-୨୦୧୪ର ନିର୍ବାଚନ ଇସ୍ତାହାର (Manifesto)କୁ ଦେଖନ୍ତୁ। ଉଭୟରେ ଆପଣ ତିନିବର୍ଷ ଭିତରେ ପ୍ରତିଟି ଗୃହରେ ବିଜୁଳି ପହଞ୍ଚେଇବାର ପ୍ରତିଶ୍ରୁତି ଦେଇଛନ୍ତି। ନା ଆପଣ ଗରିବୀ ହଟେଇଛନ୍ତି, ନା ଆପଣ ବିଜୁଳି ଯୋଗେଇଛନ୍ତି। ଅତି

ଆଶ୍ଚର୍ଯ୍ୟର କଥା ଆପଣ ନକରିଥିବା କାମ ଯୋଗୁଁ ଆମେ ଦିବାରାତ୍ର ପରିଶ୍ରମ କରୁଛୁ। ଅଢେଇ କୋଟି ଗୃହରେ ବିଜୁଳି ପହ । ଦିଆଯାଇଛି। ମୋର ବିଶ୍ୱାସ ଭବିଷ୍ୟତରେ ଶତକଡା ୧୦୦ ଭାଗ ଲୋକଙ୍କ ଘରେ ବିଜୁଳି ପହଞ୍ଚିଯିବ। ମୁଁ ଆଶ୍ୱାସନା ଦେଉଛି। ଲୋକେ ଜରୁର ଭ୍ରମାତ୍ମକ ବିବରଣୀ ଦେବେ। କିନ୍ତୁ ସଂଖ୍ୟା ଓ ପରିସଂଖ୍ୟାନକୁ ମିଥ୍ୟା ବୋଲି ପ୍ରମାଣିତ କରିପାରିବା ନାହିଁ। ୩୦ ବର୍ଷ ପରେ ଏ ଦେଶର ଜନତା ସମ୍ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଥିବା ଏକ ସରକାରକୁ ନିର୍ବାଚିତ କରିଛି। ଏ ଦେଶ ଅନୁଭବ କରିପାରିଛି ମେ  ସରକାର ଓ ସଂଖ୍ୟାଗରିଷ୍ଠ ସରକାର ମଧ୍ୟରେ ଅନ୍ତର। ସଂଖ୍ୟାଗରିଷ୍ଠ ସରକାର ଚଂଚଳ ନିଷ୍ପତ୍ତି ନେଇ ତ୍ୱରିତ ଗତିରେ କାର୍ଯ୍ୟ କରେ। ବିଗତ ୩୦ ବର୍ଷ ଧରି ଦେଶ ଦେଖିଆସିଛି ଅସ୍ଥିର ସରକାର ଓ ଅକଳ୍ପନୀୟ ମହାମେଣ୍ଟ ସରକାରର କି ଦୂରବସ୍ଥା ହୋଇଥାଏ। ଏକ ସୁସ୍ଥ ଗଣତନ୍ତ୍ର ଏଭଳି ଭେଜାଲ ମେଣ୍ଟରୁ ଦୂରରେ ଥାଏ। ଯେତେବେଳେ ବହୁ ମତର ସରକାର ଥାଏ, ତାହା ଏକ ସମର୍ପିତ ଢଙ୍ଗରେ କାର୍ଯ୍ୟ କରିଥାଏ। ୨୦୧୪ ମସିହା ପୂର୍ବରୁ ଆପଣମାନେ ଶାସନ କ୍ଷମତାରେ ଥିଲେ। ସେତେବେଳେ ଗରିବଙ୍କୁ ଘର ଯୋଗାଇ ଦେଇଥାନ୍ତେ। ୧୯୪୭ ମସିହା ପରଠାରୁ ସବୁ ସରକାର ଏ ବିଷୟରେ ଚିନ୍ତା କରିଛି ମାତ୍ର ବାସ୍ତବ ରୂପ ଦେଇପାରିନାହିଁ। ଆପଣ ୨୦୧୪ ପୂର୍ବରୁ ୨୫ ଲକ୍ଷ ଘର ତିଆରି କରିଥିଲେ। ମାତ୍ର ଆମ ସରକାର କେବଳ ପଂଚାବନ ମାସରେ ଏକ କୋଟି ତିରିଶି ଲକ୍ଷ ଗୃହ ନିର୍ମାଣ କରିସାରିଛି। ଏଇ ଗୃହଗୁଡିକର ଶୌଚାଳୟ, ବିଦ୍ୟୁତ୍ ଓ ଗ୍ୟାସ୍ ସଂଯୋଗ ରହିଛି। ଆମେ ଖାଲି ୪ଟି କାନ୍ଥ ତିଆରି କରି କାମ ସାରି ଦେଉନାହିଁ। ଆଜି ଆପଣଙ୍କ ଦଳର ଲୋକେ ମଧ୍ୟ ଆମକୁ ଅନୁରୋଧ କରୁଛନ୍ତି ତାଙ୍କ ଅଞ୍ଚଳରେ ଘର ତିଆରି କରିବା ପାଇଁ। ଗରିବମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ଜମା କରାଯାଉଛି । କେହି ମଧ୍ୟସ୍ଥ ନାହାନ୍ତି।

ଆପଣଙ୍କର ୨୦୦୯ ଓ ୨୦୧୪ର ନିର୍ବାଚନ ଇସ୍ତାହାରରେ ଏହା ପ୍ରକାଶିତ ହୋଇଥିଲା। ମୁଁ ଜାଣେନା 'ତିନି ବର୍ଷ' କାହିଁକି କରାଗଲା ? ଆପଣଙ୍କର ତିନି ବର୍ଷର ସଂଜ୍ଞା କ'ଣ ? ସବୁ ପଂଚାୟତରେ ତିନି ବର୍ଷ ଅପ୍‌ଟିକାଲ ଫାଇଭର୍ ସଂଯୁକ୍ତ କରିବାର ଥିଲା। ଡିଜିଟାଲ ଇଣ୍ଡିଆ ଗଢିବାର ଥିଲା। ଅପ୍‌ଟିକାଲ ଫାଇବର ୫୯ଟି ଗ୍ରାମରେ ପହଞ୍ଚିଛି ଅର୍ଥାତ୍

ଏହା ଏକ ନୂଆ ଜିନିଷ। କିନ୍ତୁ ଆପଣ କହୁଛନ୍ତି ଏହା ଥିଲା ଆପଣଙ୍କ ଯୋଜନା। ଠିକ୍ ଅଛି ଯୋଜନାଟି ଆପଣଙ୍କର କେବଳ ଲେଖାରେ ସୀମିତ ଥିଲା। ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ୨୦୧୪ ସୁଦ୍ଧା କେବଳ ୫୯ଟି ଗ୍ରାମରେ ଥିଲା। ଆମ ସରକାରଙ୍କ ସମୟରେ ଏହା, ୫୫ ମାସ ଭିତରେ, ୧ ଲକ୍ଷ ୧୬ ହଜାର ଗ୍ରାମରେ ପହଂଚିପାରିଛି। ଆପଣଙ୍କ ସରକାର କେବଳ ପ୍ରତିଶ୍ରୁତି ଦେଉଥିଲା।

ଆଜି ଖଡ୍‌ଗେ ସାହେବ ସାୟରୀ କରିବା ମିଟାଚ୍‌ରେ ଥିଲେ। ସେ ହୁଏତ ସୌନ୍ଦର୍ଯ୍ୟ ବିଷୟରେ କୌଣସି କବିତା ପଢିଛନ୍ତି। ମୁଁ ଜାଣେନା ତାକୁ କାହିଁକି ଭଲ ଲାଗିଲା? ମୁଁ ଜାଣିଛି ଆପଣ କେଉଁ ପରିବେଶରୁ ଆସିଛନ୍ତି ଏବଂ ଆପଣଙ୍କ ପରିବାରର ସଂଘର୍ଷର କଥା। ମୁଁ ଆପଣଙ୍କ ପରିବାର ପାଇଁ ଗର୍ବିତ। 'ସୌନ୍ଦର୍ଯ୍ୟ' ଉପରେ ନୁହେଁ, ବରଂ ଏକ କବିତା ଯାହା ମୋତେ ଯାହା ମୋତେ ବହୁତ ପ୍ରଭାବିତ କରେ। ତାହା ହେଉଛି –

'ଜବ କଭି ଝୁଟ୍ ବସ୍‌ତି ମେ ସଚ୍ କୋ ତଡ଼ପ୍‌ତି ଦେଖା ହେ

ତବ୍ ମେଁନେ ଆପ୍‌ନେ ଭୁଲାଇ କିସି ବଚେ କୋ ଶିଖ୍‌ତେ ଦେଖାହେ।'

jub kabhi jhat basti me sach ko tadapti dekha he

tab main apne bhuli ki pache he ki sisakte dekha he

ମିଛ କହିଲେ କ'ଣ ତାହା ଏଥିରୁ ଅନୁମେୟ। ସେହି କବିତାରେ ଆଗରୁ ଲେଖାଯାଇଛି ସମ୍ବେଦନା ବିଷୟରେ। ଯାହାକି କ୍ଷମତାର ଅଳିନ୍ଦରୁ ଲୁପ୍ତ ପ୍ରାୟ। ତାହା ଏପରି ବର୍ଣ୍ଣିତ ହୋଇଛି।

apne ghar ki char diwar me

lihart me bhi sisam hoti hai

jisdin ko jurbat sadak par

thuthuste dekha hai

ଯେତେବେଳେ ମନରେ ସମ୍ବେଦନା ରହିଥାଏ ସେତେବେଳେ ହିଁ ଅନ୍ୟର ଯନ୍ତ୍ରଣା ଅନୁଭବ କରିହୁଏ। ତା' ପରେ ଖାଲି କାମ ହିଁ କାମ କରିବାକୁ ମନ ହୁଏ। ୫୫ ବର୍ଷର କଂଗ୍ରେସ- ୫୫ ବର୍ଷର କ୍ଷମତା ଉପଭୋଗ। ଆମର ୫୫ ମାସର ସରକାର- କେବଳ ୫୫ମାସର ବାତ୍ୟାଳ ଯେତେବେଳେ ନୀତି ସ୍ପଷ୍ଟ, ଉଦ୍ଦେଶ୍ୟ ସ୍ୱଚ୍ଛ ଓ ମଙ୍ଗଳାମୁଖି, ସମର୍ପଣର ଦୃଢ ଭାବନା ମନରେ ଉଜ୍ଜୀବିତ ହୁଏ, ସେତେବେଳେ ଏକ ନୂତନ ଶକ୍ତି ସଂଚରଣ ହୁଏ ମନ ଭିତରେ ଯାହା ଦିନକୁ ୨୪ ଘଣ୍ଟା କାର୍ଯ୍ୟ କରିବାର ସ୍ପୃହା ଜାଗ୍ରତ କରେ- ଦେଶ ପାଇଁ ଦେଶବାସୀଙ୍କ ପାଇଁ ତଥା ଦରିଦ୍ର ନାଗରିକଙ୍କ ପାଇଁ।

ଆପଣ କେଉଁଭଳି ଭାବେ କାର୍ଯ୍ୟ କରନ୍ତି ? ମୁଁ ଏକବିଂଶ ଶତାବ୍ଦୀର ମତଦାତାମାନଙ୍କୁ ନିଶ୍ଚିତ ଭାବେ ମନେପକେଇଦେବାକୁ ଚାହେଁ କି କେଉଁ ଉଦ୍ଦେଶ୍ୟ ରଖି ୫୫ ବର୍ଷ ଧରି ଏଇ ଶାସନ ବ୍ୟବସ୍ଥା ଚାଲୁ ରହିଥିଲା ? ଆପଣ ଦେଖନ୍ତୁ ଯେତେବେଳେ କମନ୍ ୱେଲ୍‌ଥ କ୍ରୀଡା ସମାରୋହର ଆୟୋଜନ ଆମ ଦେଶରେ ହୋଇଥିଲା, ସେତେବେଳେ ସମଗ୍ର ବିଶ୍ୱ ସମ୍ମୁଖରେ ଆମ ଦେଶର ମାନ, ମର୍ଯ୍ୟାଦା ଓ ଗାରିମା ବୃଦ୍ଧି ନିମନ୍ତେ ଏକ ସୁବର୍ଣ୍ଣ ଅବସର ଥିଲା। କିନ୍ତୁ ସେ ସମୟରେ ଏକ ପକ୍ଷରେ ଆମର କୀଡାବିତ୍‌ମାନେ ଅକ୍ଳାନ୍ତ ପରିବେଶ କରୁଥିଲେ ମେଡାଲ ହାସଲ ନିମନ୍ତେ ତ ଅନ୍ୟପକ୍ଷରେ ମୁଷ୍ଟିମେୟ ବ୍ୟକ୍ତି ଏହି କ୍ରୀଡାର ଆୟୋଜନ କରିପାରେ ନିଜର ଅର୍ଥ ବୃଦ୍ଧି ଲାଗିଥିଲେ।

୨-ଜି ସ୍ପେକ୍ଟ୍ରୋମ୍ ଆବଣ୍ଟର ଘଟଣାକୁ ଆସନ୍ତୁ। ଏହି ଆବଣ୍ଟରେ ମଧ୍ୟ କ୍ଷମତାର ଦୁରୁପଯୋଗ ଓ ମନ୍ଦ ଉଦେଶ୍ୟ ସାଧନ ଥିଲା ଅର୍ଥାତ୍ ନିଜର ତଥା ଜ୍ଞାତିକୁଟୁମ୍ବକୁ ଲାଭାନ୍ୱିତ କରିବା। ଅପରପକ୍ଷରେ ଶସ୍ତା ଡାଟା ଦେବା ଓ ତଥା ଟେଲିଫୋନର କଲ୍‌ର ମୂଲ୍ୟ ହ୍ରାସ ହେଉଛି ଆମର ଲକ୍ଷ୍ୟ। ସ୍ପେକ୍ଟ୍ରୋମ୍ ଅକ୍ସନିଙ୍ଗର ବ୍ୟବସ୍ଥା ଆମେ ଆରମ୍ଭ କରିଛୁ। ସେହିପରି ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ମଧ୍ୟ କେଉଁ ପରିସ୍ଥିତି ଥିଲା ? ସେମାନେ 'ଫୋନ୍ ବ୍ୟାଙ୍କିଙ୍ଗ' କରୁଥିଲେ। କୌଣସି 'ନାମଦାର' ବ୍ୟକ୍ତି ଯେତେବେଳେ ଜାଣୁଥିଲେ ଅମୁକ ବ୍ୟକ୍ତିର ସହାୟତା ଆବଶ୍ୟକ, ସେ ବ୍ୟାଙ୍କକୁ ଫୋନ କଲ କରୁଥିଲେ ଓ ସଂପୃକ୍ତ ହିତାଧିକାରୀଙ୍କୁ ଟଙ୍କା ମିଳିଯାଉଥିଲା।ଏହାର ଉଦ୍ଦେଶ୍ୟ କ'ଣ ଥିଲା-କିଏ ଟଙ୍କା ନେଉଥିଲା ଓ କୂଅରେ ଟଙ୍କା

ପଠାଯାଉଥିଲା- ଏସବୁ ବିବରଣୀ ବର୍ତ୍ତମାନ ଆମ ସରକାର ସଂଗ୍ରହ କରୁଛି, ସୁତରାଂ ସେମାନଙ୍କର ଚିନ୍ତା ବୃଦ୍ଧି ହେଉଛି। ଗୋଟିଏ କଥା ଏଠାରେ ଭୁଲାଯାଇ ପାରିବ ନାହିଁ କି ସ୍ୱାଧୀନତା ପରଠାରୁ ୨୦୦୮ ମସିହା ପର୍ଯ୍ୟନ୍ତ ୪୦ରେ ଲକ୍ଷ କୋଟି ଟଙ୍କାରଋଣ ବ୍ୟାଙ୍କମାନଙ୍କ ଦ୍ୱାରା ଦିଆଯାଇଥିଲା। କ୍ଷମତାଲିପ୍ସା ତଥା ଦେଶର କୁପରିଚାଳନା ବିଗତ ୫୫ ବର୍ଷର ଶାସନରେ ସ୍ପଷ୍ଟ ପ୍ରତିଫଳିତ। ୨୦୦୮ରୁ ୨୦୧୪ ମଧ୍ୟରେ ମାତ୍ର ଛଅ ବର୍ଷ ଭିତରେ ଏହି ଋଣ ପରିମାଣ ୧୮ ଲକ୍ଷ କୋଟିରୁ ୫୨ ଲକ୍ଷ କୋଟିକୁ ବୃଦ୍ଧି ପାଇଥିଲା। ଏହାଥିଲା ଫୋନ ବ୍ୟାଙ୍କିଙ୍ଗ, ସର୍ବସାଧାରଣଙ୍କର ଅର୍ଥ ହରିଲୁଟ୍ ହେଉଥିଲା ଆଉ କେହି ପଚାରିବାକୁ ନଥିଲେ। ଏ ଥିଲା ଆପଣଙ୍କର ତରିକା। ବର୍ତ୍ତମାନର ଏକବିଂଶ ଶତାବ୍ଦୀର ଭୋଟରମାନେ ଜାଣି ରଖନ୍ତୁ, ସେମାନେ ଛୋଟ ଥିଲା ବେଳେ ଏ ଖେଳ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସେମାନଙ୍କୁ ଶିକ୍ଷିତ କରିବାର ସମୟ ଆସିଛି। ମୁଦ୍ରା ଯୋଜନା ଦ୍ୱାରା ଆମେ ସାତ ଲକ୍ଷ କୋଟି ଟଙ୍କା ବିତରଣ କରିସାରିଛୁ।

୨୦୧୪ରେ ଖର୍ଚ୍ଚର ମାତ୍ରା ଯାହା ଥିଲା ତାହା ଏବେ ବି ରହିଛି। ଖାଲି ତା'ର ସୁଧ ହାର ବଢିବାରେ ଲାଗିଛି। ଆଉ ନୂଆ NPA ସେଥିରେ ଯୋଡି ହେଉନାହିଁ। ଆମେ ଏମିତିଆ ନୂଆ ଆଇନ ପ୍ରଣୟନ କରିଛୁ ଯଦ୍ଦ୍ୱାରା ୩ ଲକ୍ଷ କୋଟି ଟଙ୍କାର ଆଦାୟ କରାଯାଇପାରିବ।

ସମ୍ମାନୀୟ ଅଧ୍ୟକ୍ଷ ମହୋଦୟ, ଆମେ ସାତ ଲକ୍ଷ କୋଟି ଟଙ୍କା ମୁଦ୍ରା ଯୋଜନା ଜରିଆରେ ବଣ୍ଟନ କରିଛୁ ସେହିମାନଙ୍କ ଭିତରେ ଯେଉଁମାନଙ୍କ ପାଖରେ ବନ୍ଧକ ଗ୍ୟାରେଣ୍ଟି ନିମନ୍ତେ କିଛି ନଥିଲା, ଯେଉଁମାନେ ନିଜ ଉଦ୍ୟମରେ ଆତ୍ମନିର୍ଭର ହେବାକୁ ଚେଷ୍ଟା କଲେ ଓ ରୋଜଗାରର ଅବସର ସୃଷ୍ଟି କଲେ ଅନ୍ୟମାନଙ୍କ ପାଇଁ। ଆମେ ଏହି କାର୍ଯ୍ୟ କରିଛୁ। ଯେଉଁମାନେ ପଳେଇ ଯାଇଛନ୍ତି, ସେମାନେ ଟ୍ୱିଟରରେ କାନ୍ଦୁଛନ୍ତି ଯେ ମୁଁ ତ ୯ ହଜାର କୋଟି ନେଇ ଯାଉଥିଲି, କିନ୍ତୁ  ମୋ ଠାରୁ ୧୩ ହଜାର କୋଟି ଟଙ୍କା ଜବତ ହେଲାଣି। ସେମାନେ କାନ୍ଦୁଛନ୍ତି, ଟୁଇଟ୍ କରୁଛନ୍ତି। କହୁଛନ୍ତି ସକାଳୁ ଉଠି ଖାଲି ସମ୍ପତ୍ତି ଜବତର ଖବର ମିଳୁଛି। ସେହି ଲୋକମାନଙ୍କର ସମ୍ପତ୍ତି ଯେ କୌଣସି ଦେଶରେ ଥିଲେ ମଧ୍ୟ ଆମେ ତାକୁ

ଜବତ କରୁଛୁ। ସେଭଳି ବ୍ୟବସ୍ଥା ଆଇନ ପ୍ରଣୟନ ଜରିଆରେ ହୋଇଛି। ଆପଣମାନେ ଲୁଟ୍ କରିବାକୁ ଅନୁମତି ଦେଇଥିଲେ କିନ୍ତୁ ଆମେ ସେହି ଅର୍ଥକୁ ଫେରାଇ ଆଣିବାକୁ ଉଦ୍ୟମ କରିଚାଲିଛୁ। ଅଧ୍ୟକ୍ଷ ମହୋଦୟା ମତେ ଲାଗୁଛି ଆମର କଂଗ୍ରେସ ମିତ୍ରମାନେ କେତେକ କାର୍ଯ୍ୟ ଆଉଟ୍ ସୋର୍ସ କରିଦେଇଛନ୍ତି। ବର୍ତ୍ତମାନ ସର୍ଜିକାଲ ଷ୍ଟ୍ରାଇକ୍ ବିଷୟ ଉପରକୁ ଆସିବା, ମୁଁ ହିନ୍ଦି ଫିଲମ୍ 'ଉରି' ବିଷୟରେ କହୁନାହିଁ। ଅଧ୍ୟକ୍ଷ ମହୋଦୟା, ମୋର କଂଗ୍ରେସ ବନ୍ଧୁମାନଙ୍କ ଅନୁସାରେ ସେମାନଙ୍କ ରାଜୁତି ବେଳେ ମଧ୍ୟ ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିଲା। ହଁ... ହଁ ଆପଣଙ୍କ ପାଖରେ ସବୁକିଛି ଅଛି, ଆପଣ ହେଉଛନ୍ତି ସବୁକିଛି। ଆପଣଙ୍କୁ ଏତେ ସମୟ ଧରି କହିବାକୁ ସୁଯୋଗ ଦିଆଗଲା... ସେ ସମୟରେ ଆପଣ ପ୍ରତିରକ୍ଷା ବିଭାଗକୁ ଆକ୍ଷେପ କରିଥିଲେ। ଏକପ୍ରକାର ଅସ୍ତ୍ରଶସ୍ତ୍ର ବିହୀନ ଶକ୍ତି ରୂପେ ଚିତ୍ରଣ କଲେ। ସେ ସମୟ ଏମିତି ନଥିଲା ଯେ ସର୍ଜିକାଲ ଷ୍ଟ୍ରାଇକ୍ ନିମନ୍ତେ ନିଷ୍ପତ୍ତି ନିଆଯାଇପାରିବ ତତ୍କ୍ଷଣାତ୍। ସେତେବେଳେ ତ ସେନା ବିଭାଗ ପାଖରେ ବୁଲେଟ୍ ପ୍ରୁଫ୍ ଜ୍ୟାକେଟ୍ ମଧ୍ୟ ନଥିଲା। ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରନ୍ତୁ ନାହିଁ। ସେନା ନିକଟରେ ସେ ସମୟରେ ସଂଯୋଗ ସ୍ଥାପନ ନିମନ୍ତେ ଯନ୍ତ୍ରପାତି ନଥିଲା, ନା ଥିଲା ହେଲ୍‌ମେଟ୍ ବା ଭଲ କ୍ୱାଲିଟିର ଜୋତା। ମୁଁ ଯୁଦ୍ଧ ସାମଗ୍ରୀ କଥା କହୁନାହିଁ, ସାଧାରଣ ପ୍ରଚଳିତ ବ୍ୟବସ୍ଥା ବିଷୟରେ କହୁଛି।

୨୦୦୯ ମସିହାରେ, ଭାରତୀୟ ସେନା ୮୬ ହଜାର ବୁଲେଟ୍ ପ୍ରୁଫ୍ ଜ୍ୟାକେଟ ପାଇଁ ଦାବି କରିଥିଲା ମାତ୍ର ପାଞ୍ଚବର୍ଷ ପରେ ମଧ୍ୟ ୨୦୧୪ ପର୍ଯ୍ୟନ୍ତ ଏହା କିଣାଯାଇପାରିନଥିଲା। ବର୍ତ୍ତମାନ ସେହିମାନେ ସର୍ଜିକାଲ ଷ୍ଟ୍ରାଇକ୍‌ର କଥା କହୁଛନ୍ତି। ପରିସ୍ଥିତିର ଗୁରୁତ୍ୱ ବୁଝିପାରି ଆମ ସରକାର ୨୦୧୬ରେ ପଚାଶ ହଜାର ବୁଲେଟ୍ ପ୍ରୁଫ୍ ଜ୍ୟାକେଟ କିଣିସାରିଛି। ତତ୍‌ପରେ ୨୦୧୮– ଦୁଇ ହଜାର ଅଠର ମସିହାରେ, ଆମ ସରକାର ଏକ ଲକ୍ଷ ୮୬ ହଜାର ବୁଲେଟ୍ ପ୍ରୁଫ୍ ଜ୍ୟାକେଟ ସେନାବାହିନୀକୁ ହସ୍ତାନ୍ତର କରିସାରିଛି। ୨୦୧୪ ମସିହାରେ ଜନତା ଆମକୁ ଭାରି ସଂଖ୍ୟାରେ ସମର୍ଥନ ଦେଲେ। ମାତ୍ର ଯଦି UPA ସରକାର କ୍ଷମତାରେ ଥାଆନ୍ତା, ଏହି ଦେଶର ଗର୍ବ ତେଜସ ଯୁଦ୍ଧ ଜାହାଜ ହୁଏତ ଆକାଶରେ ନ ଉଡି, ପାର୍କିଙ୍ଗରେ ବିଶ୍ରାମ କରୁଥାନ୍ତା। ଜୁଲାଇ ୨୦୧୬ ମସିହାରେ ତେଜସ୍ ଲଢୁଆ ବିମାନକୁ ଆମେ ୪୫ ସ୍କ୍ୱାଡ୍ରନ୍‌ରେ ଅନ୍ତର୍ଭୁକ୍ତ ପୂର୍ବକ ଭାରତୀୟ ବାୟୁସେନାରେ ସାମିଲ କଲୁ।

ବର୍ତ୍ତମାନ ଆମର ସରକାର ୮୩ ତେଜସ୍ ଯୁଦ୍ଧ ବିମାନ କିଣିବାକୁ ସ୍ୱୀକୃତି ଦେଇସାରିଛି। କିନ୍ତୁ ଆପଣ କେବେ ବି ଏଥିପାଇଁ ଚିନ୍ତା କରିନଥିଲେ। ସେନାବାହିନୀକୁ ଶକ୍ତିଶାଳୀ କରିବା ପାଇଁ କେବେବି ଚେଷ୍ଟା କରିନଥିଲେ। ଦେଶକୁ ସୁରକ୍ଷା ଦେଉଥିବା ଯବାନମାନଙ୍କ ପ୍ରତି ଏତେ ସମ୍ବେଦନହୀନତା କାହିଁକି ? ପୂର୍ବର କଂଗ୍ରେସ ସରକାର କାହିଁକି ୧୦ ବର୍ଷ ଧରି ସେନାବାହିନୀ ନୌବାହିନୀ ତଥା ବାୟୁସେନାର ଆବଶ୍ୟକତାକୁ ସଦାସର୍ବଦା ଉପେକ୍ଷା କରିଆସିଥିଲା ?

ଦେଶର ଅବସ୍ଥା କ'ଣ ହୋଇଥାଆନ୍ତା ଚିନ୍ତା କରନ୍ତୁ, ଯଦି ବାହ୍ୟ ଶତ୍ରୁ ଆକ୍ରମଣ ହୋଇଥାନ୍ତା। ଆପଣମାନେ କେତେ ବଡ ଅପରାଧୀକ ଉଦାସୀନତାର ପରିଚୟ ଦେଇଛନ୍ତି ଏହା ଦ୍ୱାରା ? ଦେଶ ଏହାକୁ କଦାପି କ୍ଷମା କରିବ ନାହିଁ। ଆଜିର ଆବଶ୍ୟକତା ହେଉଛି ସେନାର ଆଧୁନୀକିକରଣ ହେବା ନିହାତି ଦରକାର। ମୁଁ ଆପଣଙ୍କ ଠାରୁ କାରଣ ଜାଣିବାକୁ ଚାହିଁବି ଯେ କାହିଁକି ବିଗତ ୩ ଦଶକ ଭିତରେ କୌଣସି ଅତ୍ୟାଧୁନିକ ଲଢୁଆ ବିମାନକୁ ସେନାରେ କାହିଁକି ସାମିଲ କରାନଯାଇଛି ? ଅଥଚ ଆମ ପଡୋଶୀ ଦେଶମାନଙ୍କର ସୁରକ୍ଷା ବ୍ୟବସ୍ଥାରେ ବେଶ୍ ଅଗ୍ରଗତି ହୋଇଛି। ଏହା ଦେଶର ସୁରକ୍ଷା ପ୍ରତି ଚ ଳତା ନୁହେଁ କି ? ଏଥିରେ କେହି ତ ଜଣେ ଦାୟୀ ହେବେ ନା ନାହିଁ ?

ଦାଦା ରାଫେଏଲ ଚୁକ୍ତି ବିଷୟରେ ଜାଣିବାକୁ ଚାହିଁଛନ୍ତି। ନିର୍ମଳାଜୀ ସମସ୍ତ ଅଭିଯୋଗର ଉତ୍ତର ରଖି ସାରିଛନ୍ତି। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ସମସ୍ତ ଦିଗକୁ ତର୍ଜମା କରିସାରିଛି। ବାସ୍ତବିକ କଥାଟି ହେଲା କଂଗ୍ରେସ ଦଳ ଆମର ସେନା ବା ବାୟୁସେନାକୁ ବଳଶାଳୀ ରୂପରେ ଦେଖିବାକୁ ଅନିଚ୍ଛୁକ। ମୋର ଆରୋପ ନିଶ୍ଚିତ ଭାବରେ ଗମ୍ଭୀର। କଂଗ୍ରେସ ଦଳ ଚାହୁଁନାହିଁ ଯେ ଆମର ବାୟୁସେନା ଶକ୍ତିଶାଳୀ ହେଉ। ସେଥିପାଇଁ ରାଫାଏଲ କାରବାରକୁ ରଦ୍ଦ କରିବାକୁ ଦାବି କରୁଛି। ଅନ୍ୟ କେଉଁ ନିର୍ମାତା କମ୍ପାନୀକୁ କଂଗ୍ରେସ ଦଳ ସାହାଯ୍ୟ କରିବାକୁ ଚାହୁଁଛି ? ଭାରତୀୟ ସେନା ପ୍ରତି ଏ ପ୍ରକାରର ଅବହେଳା ? ତିରିଶ ବର୍ଷ ଧରି ସେନାକୁ ଆପଣମାନେ ଅସ୍ତ୍ରଶସ୍ତ୍ରରୁ ବଞ୍ଚିତ ରଖିଲେ ? ଇତିହାସ ଏହାର ସାକ୍ଷୀ।

ଇତିହାସ କହିବ ଯେ କଂଗ୍ରେସ ଦଳ ଏବଂ ଟଟଇ ସରକାର କେବେ ବି ବିନା କିକ୍‌ବ୍ୟାକ୍ (ଲାଞ୍ଚ କାରବାର)ରେ କୌଣସି କାମ କରିନାହାନ୍ତି ବିଶେଷତଃ ପ୍ରତିରକ୍ଷା ସମ୍ବନ୍ଧୀୟ ବୁଝାମଣା। ମୁଁ ଚକିତ ଯେ ରାଫାଏଲ ବିଷୟରେ ଏତେ ମିଥ୍ୟା ସେମାନେ ଏତେ ଦୃଢତାର ସହ କେମିତି କହିପାରୁଛନ୍ତି ? ମୁଁ ଯେତେବେଳେ ଅଧ୍ୟୟନ କରି ଟିକେ ଭିତରକୁ ଗଲି, ଜାଣିପାରିଲି ଯେ କଂଗ୍ରେସ ବିଗତ ୫୫ ବର୍ଷ ମଧ୍ୟରେ କୌଣସି ପ୍ରତିରକ୍ଷା ସମ୍ବନ୍ଧୀୟ ଚୁକ୍ତି ବିନା ଲା  ରେ କରିନାହିଁ। ତେଣୁ ସେମାନେ ଯେତେବେଳେ ଦେଖିଲେ ଯେ ଭାରତୀୟ ବାୟୁସେନାକୁ ଏତେ ପାରଦର୍ଶିତା ତଥା ସଙ୍କୋଚତା ସହିତ ସୁଦୃଢ କରାଯାଉଛି ସେମାନେ ବିଚଳିତ ହୋଇପଡିଛନ୍ତି।

ସତ୍ୟ ଶୁଣିବାର ଅଭ୍ୟାସ ତାଙ୍କର ନାହିଁ, ତେଣୁ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। ତାଙ୍କର ବିଶ୍ୱାସଭାଜନ କେତେକ ବ୍ୟକ୍ତି ଆମ ଅକ୍ତିଆରକୁ ଆସିଯାଇଛନ୍ତି। ଜଣେ ବା ଦୁଇଜଣ ନୁହେଁ, ତିନିଜଣ। ଆପଣଙ୍କର ଚିନ୍ତା ହେଲା ଆମେ କେମିତି ତାଙ୍କୁ ଧରିଲୁ, କେମିତି ଦେଶକୁ ଆଣିବାକୁ ଓ କିପରି ପ୍ରକାରର ପ୍ରଶ୍ନ ପଚାରିବୁ। ଚିଠିଗୁଡିକ ମୁଦଦିଆ ଲଫାପା ଭିତରେ ଅଛି। ତେଣୁ ଆପଣଙ୍କର ଚିନ୍ତାର କାରଣ ମୁଁ ଠିକ୍ ବୁଝିପାରୁଛି। ଆମେ ଆସି ଦେଶର ଭିନ୍ନ ଭିନ୍ନ ସଂସ୍ଥାକୁ ଚିଠି ପଠେଇଛୁ। ଆମେ କହିଲୁ କି ଆପଣଙ୍କୁ ବିଦେଶରୁ ଧନ ମିଳୁଛି। ଏଫସିଆର ଇ(FCRA) ଆଇନ ଅଧୀନରେ ଆପଣଙ୍କୁ ଅନୁମତି ମିଳିଛି, ତାର ହିସାବ ଦିଅନ୍ତୁ। ବିଦେଶରୁ ଟଙ୍କା ଆସୁଛି, ତାହାର କେଉଁଠି ଉପଯୋଗ କରୁଛନ୍ତି ? ଏତିକି ମାତ୍ର। କୌଣସି ରେଡ୍ କରିବାକୁ ପଡିନାହିଁ। କୌଣସି ଆୟକର ବିଭାଗର ଲୋକଙ୍କୁ ଯିବାକୁ ପଡିନାହିଁ। ଗୋଟିଏ ଛୋଟିଆ ଚିଠି ଯାଇଛି। ଆପଣ ଆଶ୍ଚର୍ଯ୍ୟ ହୋଇଯିବେ, ଏଇ ଦେଶରେ ୨୦ ହଜାରରୁ ଅଧିକ ସଂଗଠନ ନିଜର ଦୋକାନ ବନ୍ଦ କରିଦେଲେ, ଯେଉଁମାନେ ବିଦେଶରୁ ଧନ ଆଣୁଥିଲେ। ଏହି ୨୦ ହଜାର ସଂସ୍ଥା କ'ଣ କରୁଥିଲେ.... ସୀମାବର୍ତ୍ତୀ ଗାଁରୁ ଆରମ୍ଭ କରି, ସଂସଦରୁ ନେଇକରି, ନ୍ୟାୟତକ ପର୍ଯ୍ୟନ୍ତ, ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ପ୍ରଭାବ ସୃଷ୍ଟି କରିବାର କାର୍ଯ୍ୟ ହେଉଥିଲା। ସେମାନଙ୍କ ଉପରେ ହାତ ଉଠାଇବାର କାମ ଆମେ କରିଛୁ। ହିନ୍ଦୁସ୍ଥାନକୁ କ୍ଷତି ପହଞ୍ଚାଇବାର କାର୍ଯ୍ୟ କରୁଥିଲେ ଏହି ସଂସ୍ଥା। କ'ଣ ଆପଣ ଏହାକୁ ବନ୍ଦ କରି ପାରିଥିଲେ, କାହିଁକି ଚାଲିବାକୁ ଦେଲେ ? କାହାର ଆଶୀର୍ବାଦ

ଥିଲା, କ'ଣ ଭଲ ହେଉଥିଲା, ଏହି ବିଦେଶୀ ଧନ ଆଣିବାର ରାସ୍ତା କାହା ପାଇଁ ଥିଲା? ଏହି ଲଢ଼େଇ ଆମେ ଲଢୁଛୁ ଆଉ ଏଥିପାଇଁ ଚାରିଆଡୁ ଅଭଦ୍ର ଭାଷା ଶୁଣିବାକୁ ମିଳୁଛି, ଗାଳିମନ୍ଦ ଶୁଣିବାକୁ ମିଳୁଛି, ଖରାପ ଅଭିଯୋଗର ଶରବ୍ୟ ହେବାକୁ ପଡୁଛି। ବାସ୍ତବରେ କାରଣ ହେଉଛି ଏହି ଲୋକମାନଙ୍କୁ ଏକ ଦେଶହିତ ଚିନ୍ତା କରୁଥିବା ସଚ୍ଚୋଟ ସରକାର ଆସିବାରୁ ସମସ୍ୟା ହେଉଛି। ୨୦ ହଜାର ସଂସ୍ଥା। ଏହା ଏକ ବେଶ୍ ବଡ ସଂଖ୍ୟା। ଏବେ ମୁଁ ଯାହା ଦେଖୁଛି ଯେଉଁ ସବୁ ବଡ ବଡ ନାମ ଥିଲେ ସେମାନେ ପୂର୍ବ ବ୍ୟବସାୟ ବନ୍ଦ କରି ନୂଆ ନାମରେ ପୁନଃ ପ୍ରବେଶ କରିବାକୁ ଉଦ୍ୟମ କରୁଛନ୍ତି। ଆପଣ ଦେଖୁଥିବେ ବର୍ତ୍ତମାନ ଏପରି ଏକ ଅବସ୍ଥା ସୃଷ୍ଟି ହୋଇଛି।

ମୋର ମନେପଡୁଛି ଗୁଜୁରାଟର ସର୍ଦ୍ଦାର ସରୋବର ଡ୍ୟାମ- ନର୍ମଦା ନଦୀ.... ପଣ୍ଡିତ ନେହେରୁ ମହାଶୟ ତାହାର ଶିଳାନ୍ୟାସ କରିଥିଲେ ଆଉ ମୁଁ ଏବେ ତାର ଉଦ୍‌ଘାଟନ କରିଛି। ଦେଶର କେତେ ଅର୍ଥ ଆଉ ସେଥିରେ ମଧ୍ୟ ବିଦେଶୀ ଧନ ସହ ଖେଳୁଥିବା NGO.. ଆଉ କେହି ଏମାନଙ୍କୁ ଆଜିପର୍ଯ୍ୟନ୍ତ ରୋକି ନାହାନ୍ତି... ବର୍ତ୍ତମାନ ୨୦ ହଜାର ସଂସ୍ଥା ବନ୍ଦ ହୋଇଛି। ଆଗାମୀ ଦିନରେ ଏହି ସଂଖ୍ୟାରେ ବୃଦ୍ଧି ଘଟିପାରେ କାରଣ ଆମେ ଟିକିନିଖି ହସାବ ରଖୁଛୁ।

ଅଧ୍ୟକ୍ଷ ମହୋଦୟ। ୫୫ ବର୍ଷର ଶାସନ କେତେକ ଲୋକଙ୍କୁ ଏତେ ବିଳାସୀ କରିଦେଇଛି ଯେ ସେମାନେ ନିଜକୁ ବାଦଶାହା ବୋଲି ମନେ କରୁଛନ୍ତି। ଅନ୍ୟମାନଙ୍କୁ ତଥା ବ୍ୟବସ୍ଥାକୁ ନିକୃଷ୍ଟ ଭାବି ଅପମାନିତ କରୁଛନ୍ତି। ଏଥିପାଇଁ ମୁଖ୍ୟ ନ୍ୟାୟାଧୀଶଙ୍କୁ ମଧ୍ୟ ବିବାଦ ଭିତରକୁ ଟାଣିନେଇ, ସମ୍ପୂର୍ଣ୍ଣ ବାତାବରଣକୁ ବିଗାଡିବାର ପ୍ରୟାସ କରିବା, ନ୍ୟାୟତନ୍ତ୍ରକୁ ଅପମାନିତ କରିବା, ରିଜର୍ଭ ବ୍ୟାଙ୍କ, ସେନାଧ୍ୟକ୍ଷ, ନିର୍ବାଚନ ଆୟୋଗ ଏପରିକି ଲୋକତନ୍ତ୍ରର ସମସ୍ତ ବୃହତ୍ ଅନୁଷ୍ଠାନକୁ ନିନ୍ଦିତ କରୁଛନ୍ତି। ମୋ ମତରେ ଶାସନ ଭୋଗରୁ ବଞ୍ଚିତ ହୋଇ ସେମାନଙ୍କର ମାନସିକ ବିକୃତି ଘଟିଛି। ମହାତ୍ମା ଗାନ୍ଧୀ ବହୁ ପୂର୍ବରୁ ଏହା ବାରି ପାରିଥିଲେ। କଂଗ୍ରେସମୁକ୍ତ ଭାରତ- ଏହା ମୋର ସ୍ୱପ୍ନ ନୁହେଁ, ମୁଁ ତ ମହାତ୍ମା ଗାନ୍ଧୀଙ୍କର ଇଚ୍ଛାପୂରଣ କରୁଛି। ଆଉ ଦେଢ ଶହ ବର୍ଷ ଅଛି ମହାତ୍ମା ଗାନ୍ଧୀଙ୍କର, ଶ୍ରଦ୍ଧାଞ୍ଜଳି

ଭାବେ ଏହି କାର୍ଯ୍ୟଟିକୁ କରିବାକୁ ହିଁ ହେବ। ଆଉ କେତେ ବି ଗୋଳମାଳ କର, ତୁମର ନିସ୍ତାର ନାହିଁ। ଆମ ପାଇଁ ଆମର ସଂସ୍କାର ଅସ୍ମିତ୍ୱ ଭିନ୍ନ। ଆମ ପାଇଁ ଆମଠାରୁ ବଡ ହେଉଛି ଦଳ, ଦଳଠାରୁ ବଡ ହେଉଛି ଆମର ଦେଶ। ଆଉ ଏଥିପାଇଁ ମାନନୀୟ ଅଧ୍ୟକ୍ଷ ମହୋଦୟ। ସମ୍ବିଧାନ ସଂସ୍ଥାନଗୁଡିକର ଅବମାନନା, ଭ୍ରଷ୍ଟାଚାର, ବଂଶବାଦ ଏହିସବୁ ହେଲେ କଂଗ୍ରେସର ସାଥୀ। ଏକ ନକଲି ପରମ୍ପରା ହିଁ ସେମାନଙ୍କର ପାଥେୟ। ବଂଶବାଦ ବିନା ତାଙ୍କର ଜଣେ ମଧ୍ୟ ଅନୁଗତ ହୋଇପାରିବେ ନାହିଁ। ମହାମେଣ୍ଟର ଖେଳ ସେହିମାନେ ରଚିବେ ଯେଉଁମାନେ ନିଜେ ବଂଶବାଦୀ।

ପୂର୍ଣ୍ଣ ବହୁମତର ସରକାର ଯଦି ଅଟଳ ବିହାରୀ ବାଜପେୟୀ ମଧ୍ୟ ମିଳଥାନ୍ତା, ଆଜି ଦେଶ କେଉଁଠାରୁ ଯାଇ କେଉଁଠି ପହଞ୍ଚି ଯାଇଥାନ୍ତା। ଅଧ୍ୟକ୍ଷ ମହୋଦୟ। ଆଜି ଯେଉଁମାନେ ଆପଣଙ୍କ ପାଖକୁ ଆସିଛନ୍ତି ସେମାନେ ଛଳନାକାରୀ ଗୋଷ୍ଠୀ, ସେତେବେଳେ ସେ ଆମ ସହ ମଧ୍ୟ ବିଶ୍ୱାସଘାତକା କରିଥିଲେ। ଏଇ ବିଶ୍ୱାସଘାତକ ଗୋଷ୍ଠୀ ବର୍ତ୍ତମାନ ମେଣ୍ଟସଂସ୍କୃତିକୁ ନେଇ ମହାମେ  କରିବାକୁ ଯାଉଛି। ଆଜି ବାପା ସାହେବ ଆମ୍ବେଦକରଙ୍କ ଉଲ୍ଲେଖ ହୋଇଛି। ଥରେ ବାବା ସାହେବ କହିଥିଲେ କି କଂଗ୍ରେସରେ ସାମିଲ ହେବାର ଅର୍ଥ ହେଲା ଆତ୍ମହତ୍ୟା କରିବା। ଏଠାରେ ହୁଏତ ତାଙ୍କ ପ୍ରତି ଶ୍ରଦ୍ଧା ରଖିଥିବା କୌଣସି ବ୍ୟକ୍ତି କିଛି ଶିଖିପାରେ। ଅଧ୍ୟକ୍ଷ ମହୋଦା ଆଜି ଏଠାରେ ସଦନରେ....

ଖଡ୍‌ଗେ ମହାଶୟ ଆପଣଙ୍କର ସିଆର କେହି ବିଗାଡୁ ନାହାନ୍ତି, ଆପଣ ଚିନ୍ତା କରନ୍ତୁ ନାହିଁ। ଆପଣଙ୍କୁ ଶତାୟୁ ହେବାର ଅଛି। ଆମର ଶୁଭ କାମନା ଆଜି ଏଠାରେ ଦରଦାମ୍‌କୁ ନେଇ ମଧ୍ୟ କିଛି ଚର୍ଚ୍ଚା ହୋଇଛି। ଆରୋପ ସବୁ ଅସତ୍ୟ ଓ ନିରାଧାର। ମୁଁ ଏଠାରେ ଏକଦା ଖ୍ୟାତଲାଭ କରିଥିବା ଦୁଇଟି ଗୀତ ବିଷୟରେ ଉଲ୍ଲେଖ କରିବି। ପ୍ରଥମଟି ହେଲା- (୧) "ବାକି କୁଛ୍ ବଚା ତୋ ମହଙ୍ଗାଇ ମାର୍ ଗୟୀ" ଓ ଦ୍ୱିତୀୟଟି ହେଲା- (୨) "ମହଙ୍ଗାଇ ଡାୟନ ଖାଏ ଜାତେ ହେଁ।" ପ୍ରଥମ ଗୀତଟି ସମୟରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିଲେ ଏବଂ ଦ୍ୱିତୀୟ ଗୀତ ସମୟରେ ରିମୋଟ୍ କଣ୍ଟ୍ରୋଲ ସରକାର ଥିଲା।

ମୁଦ୍ରାସ୍ଫୀତି ହାର ଯଥାକ୍ରମେ ୨୦ ପ୍ରତିଶତ ଓ ୧୦ ପ୍ରତିଶତରୁ ଅଧିକ ଥିଲା। ଦରବୃଦ୍ଧି ଓ କଂଗ୍ରେସର ସଂପର୍କ ହେଲା ଏକାବାରେ ଅତୁଟ।

ଏବେ ଆପଣ ୧୯୪୭ରୁ କଥା ଆରମ୍ଭ କରୁଥିଲେ। ମୁଁ ଯଦି କଥା ଖୋଲିଦେବି, କ'ଣ କ'ଣ ସବୁ ଖୋଲିଯିବ। ଆଉ ଏଥିପାଇଁ ବିଗତ ସାଢେ ଚାରିବର୍ଷର ଦରଦାମ୍‌ର ମାତ୍ରା ୪ ପ୍ରତିଶତର ମାତ୍ରାରେ ସରକାର ବାନ୍ଧି ରଖିଛନ୍ତି। ଆମର ୫୫ ମାସର ସରକାର ହେଉଛି ସେବା ଭାବର ସରକାର। ମଧ୍ୟମବର୍ଗୀ ସମାଜ ପାଇଁ ବହୁତଗୁଡିଏ ସାହାଯ୍ୟକାରୀ କାର୍ଯ୍ୟ ସରକାର ଲଗାତାର କରିଚାଲିଛନ୍ତି। ଦେଶରେ ଆର୍ଥିକ ଗତିବଧି ବୃଦ୍ଧି ପାଇଛି। ସ୍ୱାଭାବିକ ଭାବେ ମଧ୍ୟମ ବର୍ଗର ଆଶା ଆକାଂକ୍ଷାରେ ମଧ୍ୟ ବୃଦ୍ଧି ହୋଇଛି। ନୂଆ ଇଚ୍ଛା, ନୂଆ ଆଶା, ନୂଆ ଆକାଂକ୍ଷା ଏସବୁ ବିକାଶର ସବୁଠାରୁ ବଡ ସଙ୍କେତ ଯାହା ଆଜି ଦୃଷ୍ଟିଗୋଚର ହେଉଛି। କିଛି ଲୋକଙ୍କୁ ଏହା ବୋଝ ପରି ଲାଗିପାରେ। ମାତ୍ର ମୁଁ ତାହାକୁ ବଡ ଗୌରବର ଦୃଷ୍ଟିରେ ଦେଖେ। କାରଣ ସେହି ଆକାଂକ୍ଷା ହିଁ ତ ଦୌଡିବା ପାଇଁ ଶକ୍ତି ଓ କରିଯିବାର ପ୍ରେରଣା ଯୋଗାଇଥାଏ।

ଜିଏସ୍‌ଟି ପରେ ଅତ୍ୟାବଶ୍ୟକୀୟ ଜିନିଷକୁ ଟିକସ ପରିସରରୁ ଆମେ ବାହାର କରିବାର କାମ କରିଛୁ। ଆପଣ ମନେ ପକାନ୍ତୁ ଦୁଗ୍ଧ ଉପରେ ମଧ୍ୟ ଟିକସ ଲାଗୁଥିଲା। ଜଣା ନାହିଁ କେତେ କେତେ ଜିନିଷ ଉପରେ ଆପଣ ଟିକସ ଦେଉଥିଲେ। ସେହିଦିନ.... ଆପଣଙ୍କୁ ତ କହିବାର ମଧ୍ୟ ଅଧିକାର ନାହିଁ। ହାରାହାରି ଟିକସ ଜିଏସ୍‌ଟି ପୂର୍ବରୁ ୩୦ ପ୍ରତିଶତରୁ ମଧ୍ୟ ଅଧିକ ହୋଇଯାଉଥିଲା। ଆଉ ଆପଣ... ଏଭଳି କଥା କହୁଛନ୍ତି ? GST ପରିଷଦରେ ଆପଣଙ୍କ ଲୋକ, ଆପଣଙ୍କର ମୁଖ୍ୟମନ୍ତ୍ରୀ ତଥା ଆପଣଙ୍କ ସରକାରର ଲୋକ ମଧ୍ୟ ରହିଥାଆନ୍ତି। ଆଜି ୨୨ ପ୍ରତିଶତ ଜିନିଷ ୧୮ ପ୍ରତିଶତ କିମ୍ବା ତା ତଳକୁ ଖସି ଆସିଛି। ଏହି ବଜେଟ୍‌ରେ ମଧ୍ୟ ଆୟକରରେ ୫ ଲକ୍ଷ ପର୍ଯ୍ୟନ୍ତ ରିହାତିର ବ୍ୟବସ୍ଥା ଆମେ କରିଛୁ। ଏହି ଦାବି ଆମ ସମୟରେ କେବଳ ଆସିଛି ତାହା ନୁହେଁ, ଯେତେବେଳେ ଅର୍ଥନୈତିକ ପ୍ରଧାନମନ୍ତ୍ରୀ ଥିଲେଏ ସେତେବେଳେ ମଧ୍ୟ ଆସିଥିଲା। ୧୯୯୨ରେ ମଧ୍ୟ

ଏଭଳି ଦାବି ଆସିଥିଲା। କିନ୍ତୁ ଏତେ ବର୍ଷ ପର୍ଯ୍ୟନ୍ତ ଆପଣ କେବେ ଧ୍ୟାନ ଦେଇନଥିଲେ। ଆମେ ଚିନ୍ତା କରିଛୁ ଏବଂ କାର୍ଯ୍ୟରେ ପରିଣତ କରିଛୁ।

ଆମ ସମାଜରେ ମଧ୍ୟବିତ୍ତ ଶ୍ରେଣୀର ପରିବାର ଶିକ୍ଷା ଋଣ ନେଇଥାଆନ୍ତି। ସେଥିପାଇଁ ତାହାର ସୁଧହାରକୁ ଆମେ ୧୫ ପ୍ରତିଶତରୁ ହ୍ରାସ କରି ୧୧ ପ୍ରତିଶତ କରିଛୁ। ଏହାଦ୍ୱାରା କୌଣସି ଯୁବ ବିଦ୍ୟାର୍ଥୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଲେ ବି ତାଙ୍କର ଏକ ଲକ୍ଷ ୨୫ ହଜାର ଟଙ୍କା ସଞ୍ଚୟ ହୋଇପାରୁଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମଧ୍ୟ ବ୍ୟାଙ୍କ ଋଣ ନେଇଥିବା ବ୍ୟକ୍ତିକୁ ଆମେ ସହାୟତା କରିଛୁ। ମୁଁ ଆଶ୍ଚର୍ଯ୍ୟ ହେଉଛି ଅନ୍ୟ ଏକ ବିଷୟରେ। କେଉଁ କାରଣରୁ UPA ସରକାର ସମୟରେ LED ବଲ୍‌ବର ଦାମ୍ ୩୦୦, ୪୦୦ ବା ୪୫୦ ଟଙ୍କା ଥିଲା? ଆମେ ଆସିବା ପରେ ତାହାର ମୂଲ୍ୟ ୬୦, ୭୦ ବା ୮୦ ଟଙ୍କାକୁ କମିଗା। ଗରିବ ଓ ମଧ୍ୟବି  ଲୋକ ଏଇଥିପାଇଁ କେତେ ଟଙ୍କା ଅଧିକ ଖର୍ଚ୍ଚ ନକରିଥିବେ? LED bulb  ଯୋଗୁଁ ଦେଶରେ ୫୦ ହଜାର କୋଟି ଟଙ୍କାର ବିଜୁଳି ବିଲ୍ କମ୍ ହୋଇଛି। ମଧ୍ୟବିତ୍ତ ପରିବାରର ସଞ୍ଚୟ ରାଶି ବଢିଛି। ଯଦି ମୁଁ ପଚାଶ ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥାଆନ୍ତି, ତ ଗଣମାଧ୍ୟମରେ ଚବିଶ ଘଣ୍ଟା ଚର୍ଚ୍ଚା ହୋଇଥା'ନ୍ତା, ପ୍ରତ୍ୟେକ ଖବରକାଗଜରେ ମୁଖ୍ୟାଂଶ ହୋଇଥା'ନ୍ତା। ମାତ୍ର ଏହି ଏକା କାମ କରି ଆମେ ଦେଶର ମଧ୍ୟମବର୍ଗୀ ପରିବାରଙ୍କୁ ସାହାଯ୍ୟ କରିଛୁ ଓ ପଚାଶ ହଜାର କୋଟି ସଞ୍ଚୟ କରିଛୁ। ହୃଦରୋଗର ଚିକିତ୍ସାରେ ବ୍ୟବହୃତ ଷ୍ଟେଣ୍ଟ ବହୁତ ଦାମିକିଆ ଥିଲା। ତାକୁ ଆମେ ଶସ୍ତା କରିଦେଲୁ। ଏହା କରି ମଧ୍ୟ ଦେଖେଇଛୁ କି ଡାଏଲସିସ୍ ସୁବିଧା ଜିଲ୍ଲା ସ୍ତରରେ ପ୍ରାପ୍ତ ହୋଇପାରିବ। ପୂର୍ବରୁ ଗରିବ ଲୋକଟିକୁ ଡାଏଲିସିସ୍ ପାଇଁ ଦୁଇ ହଜାର ତଥା ଷ୍ଟେଣ୍ଟ ପାଇଁ ତିନି ହଜାର ଟଙ୍କା ଖର୍ଚ୍ଚ କରବାକୁ ପଡୁଥିଲା। ମାତ୍ର ଆଜି ଏହା ମାଗଣାରେ ହୋଇପାରିଛି। ୫୦୦୦ ରୁ ଅଧିକ ଜନଔଷଧି କାଉଣ୍ଟର ଆମେ ଆରମ୍ଭ କରିଛୁ। ଏହାର ପରିଣାମ ସ୍ୱରୂପ ଗରିବ ପରିବାର ଉପକୃତ ହେଉଛନ୍ତି। ଆଜି ୧୦୦ ଟଙ୍କାର ଔଷଧ ଜନଔଷଧି କେନ୍ଦ୍ରରେ ୩୦ ଟଙ୍କାରେ ମିଳିଯାଉଛି। ଗରିବର ଚିକିତ୍ସାର ଚିନ୍ତା ବି ଆମେ କରିଛୁ। ମୁଁ ଆଶ୍ଚର୍ଯ୍ୟ ଯେ ଆୟୁଷ୍ମାନ ଭାରତ ଯୋଜନାରେ ମୋଦୀଙ୍କର 'ଚିଠି'କୁ ନେଇ

ଲୋକେ ବ୍ୟସ୍ତ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଚିଠିର ମତଲବ ଏକ ବଡ ଦାୟିତ୍ୱର ସ୍ୱୀକାରୋକ୍ତି ଏକ ପ୍ରତିଶ୍ରୁତି। ଏହା ସାଧାରଣ ନାଗରିକକୁ ଭରସା ଯୋଗାଇଥାଏ- ଆପଣମାନେ ଚିନ୍ତା କରନ୍ତୁ ନାହିଁ, ଆମେ ଆପଣଙ୍କ ସହିତ ରହିଛୁ। ଏ ସଦନ ଖୁସି ହେବା ହେବା ଦରକାର ଯେ ଏ ଦେଶର ଗରିବ ଯିଏ ଏକଦା ଦାରିଦ୍ର୍ୟତା କାରଣରୁ ମୃତ୍ୟୁର ଅପେକ୍ଷା କରୁଥିଲା, କିନ୍ତୁ ଡାକ୍ତରଖାନାକୁ ଯିବାକୁ ପସନ୍ଦ କରୁନଥିଲା- ଜଡିବୁଟି ନେଇ ଦିନ କାଟୁଥିଲା। ଗୁରୁତର ରୋଗୀ ମଧ୍ୟ କିଛି ଉପାୟ ପାଉନଥିଲା। ଅଥଚ ଆଜି ଆୟୁଷ୍ମାନ ଭାରତ ଯୋଜନା ଆସିଛି ଏ ସମସ୍ତ କଷ୍ଟରୁ ନିରାକରଣ କରିବା ପାଇଁ। ଲକ୍ଷ ଲକ୍ଷ ଗରିବ ଏ ଯୋଜନାରୁ ଲାଭ ଉଠାଉଛନ୍ତି। ଏ ପର୍ଯ୍ୟନ୍ତ ୧୧ ଲକ୍ଷ ଗରିବ ଲୋକ ହିତାଧିକାରୀ ହୋଇସାରିଛନ୍ତି। ପ୍ରତିଦିନ ୧୫ ହଜାରରୁ ଅଧିକ ଗରିବ ଏହି ସେବାର ସୁବିଧା ପାଉଛନ୍ତି। ଏହା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ମୁଁ ଦେଖିଛି ଆମର ସମସ୍ତ ସାଂସଦ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସାହାଯ୍ୟ ଆଶାରେ ପତ୍ର ଲେଖନ୍ତି। ବାହାର ନିର୍ବାଚନ ମଣ୍ଡଳୀରେ କର୍କଟ ରୋଗରେ ପ୍ରାବଲ୍ୟ ଅଛି ବା ଅନ୍ୟ କିଛି ରୋଗ ଅଛି ତ ସେମାନେ ସହାୟତାର ଅପେକ୍ଷା ରଖନ୍ତି। ଆଉ ଲଗାତାର ପ୍ରଧାନମନ୍ତ୍ରୀ କାର୍ଯ୍ୟ ତାଙ୍କୁ ସାହାଯ୍ୟ କରିଆସିଛି। ପୂର୍ବରୁ ଥିବା ପ୍ରଧାନମନ୍ତ୍ରୀମାନେ ମଧ୍ୟ କରିଛନ୍ତି। କିନ୍ତୁ ଆୟୁଷ୍ମାନ ଭାରତ ପରେ କୌଣସି ସାଂସଦଙ୍କୁ ଆଉ ଚିଠି ଲେଖିବାର ଆବଶ୍ୟକତା ପଡୁନାହିଁ। ସେମାନଙ୍କୁ ଗୋଲ୍ଡ କାର୍ଡ ମିଳିଯାଇଛି, କାର୍ଯ୍ୟ ତୁରନ୍ତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ପୂର୍ବରୁ କିଛି ପରିମାଣରେ ଟଙ୍କା ଦିଆଯାଉଥିଲା ଏବେ ସମ୍ପୂର୍ଣ୍ଣ ଖର୍ଚ୍ଚ ଦିଆଯାଉଛି। ପ୍ରତ୍ୟେକ ସାଂସଦ ପ୍ରଧାନମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ମିଳୁଥିବା ଟଙ୍କା ସମ୍ବନ୍ଧରେ ମତେ ସୂଚନା ଦେଉଥିଲେ। ସେମାନେ ସନ୍ତୋଷ ବ୍ୟକ୍ତ କରୁଥିଲେ ଯେ ତାଙ୍କ ଅଞ୍ଚଳରେ ଏତିକି ଲୋକ ଲାଭାନ୍ୱିତ ହୋଇଛନ୍ତି କେତେଜଣ ପ୍ରଥମ ସପ୍ତାହରେ ତ କେତେଜଣ ଦ୍ୱିତୀୟ ସପ୍ତାହରେ ଆଉ କେତେଜଣ ତୃତୀୟ ସପ୍ତାହରେ ଲାଭ ପାଇଛନ୍ତି। ଆଉ ମୁଁ ମଧ୍ୟ ସେମାନଙ୍କୁ ଚିଠି ଲେଖୁଛି। ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ସାହାଯ୍ୟ ପାଇଥିବା ବ୍ୟକ୍ତିଙ୍କୁ ମୁଁ ଏଇଥିପାଇଁ ଚିଠି ଲେଖେ ଯେ ବାସ୍ତବରେ ସିଏ ରୋଗଗ୍ରସ୍ତ ଥିଲେ ନା ନାହିଁ। ଏହା ସୁନିଶ୍ଚିତ କରିବା ନିହତି ଜରୁରୀ।

ମୁଁ ଯେତେବେଳେ ଗୁଜୁରାଟରେ ଥିଲି ସେତେବେଳେ ସର୍କିଟ୍ ହାଉସରେ ରହିଥିବା ଲୋକଙ୍କର ସମ୍ବନ୍ଧରେ ଗୋଟିଏ ପ୍ରୟୋଗ କରିଥିଲି। ସେଠାରେ ଯେଉଁ ନେତା ବା ତାଙ୍କର ଲୋକମାନଙ୍କ ନାମରେ ରିଜର୍ଭେସନ୍ କରାଯାଉଥିଲା ତାହାର ସତ୍ୟତା ଯାଞ୍ଚ ପାଇଁ ସଂପୃକ୍ତ ନେତାଙ୍କୁ ପତ୍ର ଲେଖାଗଲା। ପରିସ୍ଥିତି ଏପରି ହେଲା ଯେ ଲୋକେ ଆସିବା ବନ୍ଦ କରିଦେଲେ। ଠିକ୍ ସେହିପରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କ୍ଷେତ୍ରରେ ହିତାଧିକାରୀଙ୍କ ଆଧାର ନମ୍ବରକୁ ଯୋଡି ଦିଆଯାଇଛି। ଗୋଟିଏ ନୂଆ ପଇସାର ଲିକେଜ ନାହିଁ। ମୁଁ ସମସ୍ତ ସାଂସଦମାନଙ୍କୁ ଅନୁରୋଧ କରୁଛି ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଥିବା ଗରିବ ଲୋକମାନଙ୍କୁ ଆୟୁଷ୍ମାନ ଭାରତର ଅନ୍ତର୍ଭୁକ୍ତ କରାନ୍ତୁ। ସେମାନଙ୍କର ତ ମଙ୍ଗଳ ହେବ। ଆଗାମୀ ନିର୍ବାଚନରେ ଆପଣଙ୍କର ବି ଭଲ ଫଳାଫଳ ହେବ। ଗରିବଙ୍କ ପାଇଁ କିଛି ଭଲ କରିଯାଆନ୍ତୁ।

ଅଧ୍ୟକ୍ଷ ମହୋଦୟା, ଏକ ବିଶେଷ ଯୋଜନା ବିଷୟରେ ମୁଁ ବିସ୍ତାରିତ ଭାବେ ଜଣାଇବାକୁ ଚାହୁଁଛି। ସମ୍ବିଧାନ ସଂଶୋଧନ କରି ଆମ ଦେଶର ଗରିବ ଯୁବକମାନଙ୍କୁ ସେମାନଙ୍କର ସ୍ୱପ୍ନ ସାକାର କରିବାକୁ ସୁଯୋଗ ଦେଇଛୁ। ଅନୁସୂଚିତ ଜାତି, ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ ତିଳେ ମାତ୍ର ହାତ ନଲଗାଇ ଆମେ ସାଧାରଣ ବର୍ଗର ଗରିବଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣର ବ୍ୟବସ୍ଥା କରିଛୁ। ଏହି ବିଷୟ ଯେ ଆମେ ଆସିବା ପରେ ଉଜାଗର ହେଲା ତହାନୁହେଁ। ଆଗରୁ ବି ଥିଲା କିନ୍ତୁ ତାକୁ କାର୍ଯ୍ୟରେ ରୂପାୟନ କରିବାର ସାହସ ଆମେ ଦେଖାଇଛୁ। ମୁଁ ଏଥିପାଇଁ ସମସ୍ତଙ୍କ ପାଖରେ କୃତଜ୍ଞ କାରଣ ସମସ୍ତେ ଏହାକୁ ସମର୍ଥନ କରିଛନ୍ତି। ତଦନୁସାରେ ସିଟ୍ ସଂଖ୍ୟା ମଧ୍ୟ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି।

୫୫ ବର୍ଷର ଶାସନକାଳ ପରେ ମଧ୍ୟ ବିଗତ ସରକାର ନିଯୁକ୍ତି ସୃଷ୍ଟି କରିବା ଦିଗରେ କୌଣସି 'ବ୍ୟବସ୍ଥା'ର ଅୟାରକ କରିନଥିଲା ରୋଜଗାରକୁ ଦୃଷ୍ଟିରେ ରଖି ଏକ ଉପଯୁକ୍ତ ବ୍ୟବସ୍ଥାର ବନ୍ଦୋବସ୍ତ କରିବା ଥିଲା କ୍ଷମତାରେ ଥିବା ବ୍ୟକ୍ତିମାନଙ୍କର ଦାୟିତ୍ୱ ମାତ୍ର ତାହା ହୋଇନାହିଁ। ତେଣୁ ଆମେ ଆସି ୧୦୦ଟି କ୍ଷେତ୍ରରେ ନୂତନ ରୋଜଗାର ସମ୍ଭାବନା ସୃଷ୍ଟି କରିଛୁ। ଆଜି ସମୟ ବଦଳିଯାଇଛି, ରୋଜଗାରର ପ୍ରକାର ମଧ୍ୟ ବଦଳିଯାଇଛି। ତେଣୁ

ସେହି ଆଧାରରେ ମୁଁ ଆଜି ଦେଶବାସୀଙ୍କୁ କିଛି କହିବାକୁ ଯାଉଛି। ଯେଉଁମାନେ TV ଜରିଆରେ ଦେଖୁଛନ୍ତି ସେମାନେ ମୋର କଥାକୁ ଗାମ୍ଭୀର୍ଯ୍ୟର ସହିତ ଶୁଣନ୍ତୁ।

ବର୍ତ୍ତମାନ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ଅସଂଗଠିତ କ୍ଷେତ୍ର ଶତକଡା ୮୫ ରୁ ୯୦ ପର୍ଯ୍ୟନ୍ତ ରୋଜଗାର ପ୍ରଦାନ କରୁଛି ଏବଂ ଅବଶିଷ୍ଟ ୧୦ ବା ୧୫ ଭାଗ ସଂଗଠିତ କ୍ଷେତ୍ର ଦ୍ୱାରା ହେଉଛି। ଏହି ସତ୍ୟକୁ ସ୍ୱୀକାର କରିବାକୁ ହେବ। ସେପ୍‌ଟେମ୍ବର ୨୦୧୭ରୁ ନଭେମ୍ବର ୨୦୧୮ ପର୍ଯ୍ୟନ୍ତ ଅର୍ଥାତ ୧୫ ମାସରେ ପ୍ରାୟ ଏକ କୋଟି ୮୦ ଲକ୍ଷ ଲୋକ ପ୍ରଥମଥର ପାଇଁ ଭବିଷ୍ୟନିଧି ପାଣ୍ଠିର ଅର୍ଥ କାଟିବାକୁ ଆରମ୍ଭ କଲେ। ଏହା ମଧ୍ୟରୁ ୬୪ ପ୍ରତିଶତ ଲୋକ ୨୮ ବର୍ଷରୁ କମ୍ ବୟସର। ରୋଜଗାର ବିନା ଏହା ସମ୍ଭବ କି ? ତେଣୁ ଖଡ୍‌ଗେ ମହାଶୟ ଯେଉଁ ଯୁକ୍ତି ରଖିଥିଲେ ତାହା ନିରାଧାର। ଆମ ଦେଶରେ ମାର୍ଚ୍ଚ ୨୦୧୪ରେ ପାଖାପାଖି ୬୫ ଲକ୍ଷ ଲୋକ NPSରେ ପଞ୍ଜୀକୃତ ହୋଇଥିଲେ। ଗତ ବର୍ଷ ଅକ୍ଟୋବରରେ ଏହି ସଂଖ୍ୟାରେ ବୃଦ୍ଧି ହୋଇ ଏକ କୋଟି କୋଡିଏ ଲକ୍ଷ ହୋଇଛି। କ'ଣ ଏହା ମଧ୍ୟ ବିନା ନିଯକ୍ତିରେ ସମ୍ଭବ ? ଆଉ ଏକ ପରିସଂଖ୍ୟାନ ମୁଁ ଦେବାକୁ ଚାହୁଁଛି। ପ୍ରତିବର୍ଷ ଆୟକର ରିଟର୍ଣ୍ଣ ଦାଖଲ ସମୟରେ ଅଣ କର୍‌ପୋରେଟ୍ ଆୟକରଦାତା ନିଜର ଆମ୍ଭ ଘୋଷଣା କରନ୍ତି। ସେମାନଙ୍କ ପାଖରେ ଯେଉଁମାନେ କାର୍ଯ୍ୟ କରୁଥାନ୍ତି, ସେମାନଙ୍କୁ ଦରମା ଦିଅନ୍ତି। ବିଗତ ୪ ବର୍ଷରେ ଏଭଳି ପ୍ରାୟ ୬ ଲକ୍ଷ ୩୫ ହଜାର ନୂତନ ବୃତ୍ତିଧାରୀ ଯୋଡି ହୋଇଛନ୍ତି। ମନେକର ଜଣେ ଡାକ୍ତର ନିଜର କ୍ଲିନିକ୍ ବା ନର୍‌ସିଂହୋମ ଖୋଲିଲେ ବା ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ନିଜର ଅଫିସ୍ ଖୋଲିଲେ- ସେମାନେ କ'ଣ କିଛି ଲୋକଙ୍କୁ ଚାକିରି ଦେଇନଥିବେ ? ଏହା ହେଉଛି ସଂଗଠିତ କ୍ଷେତ୍ରର ପରିସଂଖ୍ୟାନ ଜଣାଇବି। ଅସଂଗଠିତ କ୍ଷେତ୍ର ଭିତରେ ଅଛି ପରିବହନ କ୍ଷେତ୍ର ଯାହା ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଇଥାଏ। ବିଗତ ୪ ବର୍ଷ ଭିତରେ ପ୍ରାୟ ୩୬ ଲକ୍ଷ ବଡ ଟ୍ରକ୍ ବା କମର୍ସିଆଲ ଯାନ ବିକ୍ରି ହୋଇଛି। ପ୍ରାୟ ଦେଢ କୋଟି ଯାତ୍ରୀବାହୀ ଯାନ ବିକ୍ରି ହୋଇଛି ତଥା ୨୭ ଲକ୍ଷରୁ ଅଧିକ ନୂତନ ଅଟୋ ବିକ୍ରି ହୋଇଛି ଏହିସବୁ ଗାଡି ଯେଉଁମାନେ କିଣିଛନ୍ତି ତାହା ପାର୍କିଙ୍ଗର ଶୋଭା ବଢାଇବାକୁ ତ କଦାପି ନୁହେଁ। ସେମାନେ ନିଶ୍ଚୟ ତାକୁ ଚଲାଇଥିବେ, ବ୍ୟବସାୟିକ କାରବାର କରୁଥିବେ, ତାର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ କିଛି

ଲୋକଙ୍କୁ କାମ ଦେଇଥିବେ। ଏକ ଅନୁମାନ ରହିଛି କି ପରିବହନ କ୍ଷେତ୍ରରେ ହିଁ ବିଗତ ସାଢେ ଚାରିବର୍ଷରେ ପ୍ରାୟତଃ ଏକ କୋଟି ପଚିଶ ଲକ୍ଷ ଲୋକଙ୍କୁ ନୂତନ ଅବସର ମିଳିଥିବ।

ସେହିପରି ଅନ୍ୟ ଏକ ହେଲା ହୋଟେଲ ଶିଳ୍ପ। ଅଥରାଇଜଡ୍ ହୋଟେଲ ସଂଖ୍ୟାରେ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି ହୋଇଛି। କ'ଣ ଏହି ହୋଟେଲଗୁଡିକ ଖାଲି ପଡିଛି ? କେବେ ନୁହେଁ। ସେଠାରେ ମଧ୍ୟ କିଛି ଲୋକ କର୍ମନିଯୁକ୍ତି ପାଇଛନ୍ତି। ପ୍ରାୟ ଦେଢକୋଟି ନୂତନ ରୋଜଗାର ସୃଷ୍ଟି ହୋଇଥିବାର ଅନୁମାନ କରାଯାଏ। ଦେଶରେ ଟ୍ୟାକ୍‌ସୀ ଏଗ୍ରିଗେଟର ସର୍‌ଭିସ୍‌ରେ ଯେତେ ସଂପ୍ରସାରଣ ହେଲେ ମଧ୍ୟ ମୋର ବିପକ୍ଷର ସାଥୀମାନଙ୍କୁ ଏହା ଦେଖାଯାଉନାହିଁ। ସେମାନେ ଏହାକୁ 'ଆପ୍' ଆଧାରିତ ବୋଲି କହୁଛନ୍ତି। ଯଦି 'ଆପ୍' ଆଧାରିତ କରୁଛି, ତଥାପି ଡ୍ରାଇଭର ବିନା ତ ଗାଡି ଚାଲିବ ନାହିଁ। ତ ଏଠାରେ ବି କେଉଁ ଜଣେ ରୋଜଗାଳର ପାଉଛି।

ମୁଦ୍ରା ଯୋଜନା ଅଧୀନରେ ପ୍ରଥମଥର ଋଣ ପାଇଥିବା ଲୋକଙ୍କର ସଂଖ୍ୟା ଚାରି କୋଟି ପଚାଶ ଲକ୍ଷରୁ ଅଧିକ। ପ୍ରଥମଥର ଅର୍ଥାତ୍ ଏହି ଚାରିକୋଟି ପଚାଶ ଲକ୍ଷ ଲୋକ ନିଜର କାମ ଆରମ୍ଭ କରିଦେଇଛନ୍ତି। କିନ୍ତୁ ରୋଜଗାର ସଂପର୍କିତ ଡାଟା ଭିତରେ ଏମାନେ ନାହାନ୍ତି। ଏହିଭଳି ଭାବେ ଆମ ସରକାରଙ୍କ ସମୟରେ ଦୁଇ ଲକ୍ଷରୁ ଅଧିକ ନୂତନ ସାଧାରଣ ସେବାକେନ୍ଦ୍ର ଗ୍ରାମୀଣ ଅଞ୍ଚଳରେ ଖୋଲାଯାଇଛି। ସେଠାରେ ମଧ୍ୟ କିଛି ଲୋକ ନିଶ୍ଚୟ କର୍ମନିଯୁକ୍ତି ପାଇଥିବେ। ଏପରି ଏକ ସମୟ ଥିଲା STD booth କୁ ଭି ମଧ୍ୟ ନିଯୁକ୍ତି ସ୍ଥଳ ଭାବେ ସସଂଦର ପରିସଂଖ୍ୟାନରେ ଦେଖାଉ ଦିଆଯାଉଥିଲା। ଆଜି ଦୁଇ ଲକ୍ଷ ସାଧାରଣ ସେବା କେନ୍ଦ୍ର ଓ ସେଥିରେ ନିଯୁକ୍ତି ପ୍ରାୟ ୩ରୁ ୫ ପର୍ଯ୍ୟନ୍ତ ଯୁବକ ୧୮ ରୁ ୨୦ ଘଣ୍ଟା ପର୍ଯ୍ୟନ୍ତ କାମ କରୁଛନ୍ତି।

ସେହି ପ୍ରକାରରେ ଦେଶରେ ଦୁଇଗୁଣ ଗତିରେ ରାଜପଥ ନିର୍ମାଣ ହେଉଛି, ନୂତନ ବିମାନବନ୍ଦର ନିର୍ମାଣ ହେଉଛି, ରେଳଷ୍ଟେସନଗୁଡିକର ଆଧୁନିକୀକରଣ ହେଉଛି। କୋଟି କୋଟି ନୂତନ ଗୃହ ନିର୍ମାଣ ହେଉଛି। କ'ଣ ଏହା ମଧ୍ୟ କାହାକୁ ନୂତନ ଅବସର ଦେଇନଥାଏ କି ? ଆମ ଦେଶର ଯୁବକ ଆଜି ନିଜ ବଳରେ ଠିଆ ହୋଇଛି। Skill

India, Stat up India, Stand up India, Mudra yojana- ଏ ସମସ୍ତ ମଜବୁତ କାର୍ଯ୍ୟକ୍ରମ ସ୍ୱରୋଜଗାରର ମାର୍ଗ ପ୍ରଶସ୍ତ କରିଛି।

ଅଧ୍ୟକ୍ଷ ମହୋଦୟା, ଆମ ଦେଶର ଯୁବକ ଆମ ଦେଶର ଭବିଷ୍ୟତ ସହିତ ଯୋଡି ହୋଇଯାଇଛି। କିନ୍ତୁ ଆମ ଦେଶର କୃଷକଙ୍କ ଚିନ୍ତା ବି ଆମେ କରିଛୁ। ଟିକିଏ ବଜେଟ୍‌କୁ ଦେଖି ନିଅନ୍ତୁ।

ଆପଣଙ୍କ ସମୟରେ କେତେ ବଜେଟ୍ ଖର୍ଚ୍ଚ ହେଉଥିଲା, ଆଉ ଆମ ସର୍ମରେ କେତେ ଖର୍ଚ୍ଚ ହେଉଛି। ଆପଣ MSP ରେ କେତେ ପଇସା ଲଗାଉଥିଲେ, ଆଉ MSPରେ କ'ଣ ଖର୍ଚ୍ଚ ହେଉଛି। ଗଝଚରେ ଆପଣ କେତେ ଖରିଦ କରୁଥିଲେ ଆଉ ଭାରତୀୟ ଜତା ପାର୍ଟି MSPରେ କେତେ ଖରିଦ କରୁଛି? ଦୟାକରି ପରିସଂଖ୍ୟାନ ପ୍ରତି ଦୃଷ୍ଟି ଦିଅନ୍ତୁ ଆଉ ଦେଖନ୍ତୁ କୃଷକ ନିମନ୍ତେ କେତେ କାମ ହେଉଛି। ୫୫ ବର୍ଷର ଶାସନକ୍ଷମତା ଭୋଗ ସମ୍ମୁଖରେ ୫୫ ମାସର ସେବା ମନୋଭାବ ଉଭୟ ମଧ୍ୟରେ ପାର୍ଥକ୍ୟ ସ୍ୱଷ୍ଟ ଅନୁଭବ କରିହେବ।

ଆପଣମାନେ ୧୦ ବର୍ଷରେ ନିର୍ବାଚନକୁ ଧ୍ୟାନରେ ରଖି ଗୋଟିଏ ଋଣ ଛାଡର ଚକ୍କର ତିଆରି କରିଦେଲେ। ଏଠାରେ ଆପଣ ନିଜର ଖେଳ ଆରମ୍ଭ କଲେ। ୧୦ ବର୍ଷ ଧରି ପବନରେ କଥା କହି ଆଖିରେ ଧୂଳି ପକାଇ ଚାଲ। ପୁଣି ନିଜର ଭୋଟ୍ ଗୋଟାଇବା ପାଇଁ ପ୍ରୟାସ କର। ଏହା ହେଉଛି ଆପଣଙ୍କର ଦଶବାର୍ଷିକୀ ଯୋଜନା।

୨୦୦୯ର ନିର୍ବାଚନ ଜିତିବା ପାଇଁ ଆପଣ ଋଣଛାଡର ଘୋଷଣା କଲେ। କୃଷକମାନଙ୍କର ଋଣ ଛଅ ଲକ୍ଷ କୋଟି ଟଙ୍କା ଥିଲା। ମାନନୀୟ ଅଧ୍ୟକ୍ଷ ମହୋଦୟା ଛଅ ଲକ୍ଷ କୋଟି ଟଙ୍କାର ଋଣ ସଂପର୍କରେ ସେମାନେ ଏତେ ଡିଣ୍ଡିମ ପିଟିଲେ। କିନ୍ତୁ ମାଫ୍ କଲେ କେତେ? ୫୨ ହଜାର କୋଟି। ତାହାହେଲେ କେଉଁମାନେ ଛାଡ ପାଇଲେ? ବଡ ବଡ ଲୋକ ଯେଉଁମାନେ ବ୍ୟାଙ୍କରୁ ଋଣ ନେଇଛନ୍ତି। ଗରିବ କୃଷକ ତ ବିଚରା ନିଜର ଆବଶ୍ୟକ ପଡିଲେ ଗାଁର ସାହୁକାରଠୁ ଧାର କରିଥାଏ। ସୁଧର ବୋଝ ତଳେ ଦବିଯାଏ। କିନ୍ତୁ

ଆପଣଙ୍କର ସେଥିପାଇଁ ଚିନ୍ତା କାହିଁ? ଆଉ ସେହି ସମୟର CAG Report ଆଜି ସଦନରେ ରଖାଯାଇଛି। ସେହି ସମୟରେ ଏତ ବଡ ବଡ ଭ୍ରଷ୍ଟାଚାର ହେଉଥିଲା ଯେ ଉଇଏ ରିପୋର୍ଟ ପ୍ରତି ଧ୍ୟାନ ହିଁ ଯାଉନଥିଲା। ୨. କୋଇଲା, ସ୍ପେକ୍ଟ୍ରମ୍ ଇତ୍ୟାଦି ଇତ୍ୟାଦି ଆହୁରି ଅନେକ କିଛି ଚାଲୁଥିଲା, କିଭଳି ଲୋକେ ଚଳାଉଥିଲେ ଆଉ କେଉଁ ସମୟରେ ଚଳାଉଥିଲେ। ତଥାପି ବି ମୁଁ କହିବାକୁ ଚାହେଁ CAG Report ରେ ଉଲ୍ଲେଖ ଅଛି ଯେ ଉପରୋକ୍ତ ୫୨ ହଜାର କୋଟି ମଧ୍ୟରୁ ୩୫ ଲକ୍ଷ ଲୋକ ଏପରି ମିଳିଥିଲେ, ଯେଉଁମାନେ ଏହାର ହକ୍‌ଦାର ନଥିଲେ, କିନ୍ତୁ ସେମାନେ ଅର୍ଥ ନେଇଥିଲେ। ଏଥିରେ ମଧ୍ୟ ଦଲାଲୀ?

ଚାହିଁଥିଲେ ଆମେ ମଧ୍ୟ ରଣଛାଡର ରାସ୍ତାରେ ଯାଇପାରିଥାନ୍ତୁ। କିନ୍ତୁ ତଦ୍ଵାରା କୃଷକଙ୍କର ସଶକ୍ତିକରଣ ଅଥବା ସମସ୍ୟାର ଉପଯୁକ୍ତ ସମାଧାନ ହୋଇପାରିନଥାନ୍ତା। ଆଜି ୯୯ଟି ଜଳସେଚନ ଯୋଜନା, ଯାହା ଦୀର୍ଘଦିନରୁ ପଡିରହିଥିଲା ଆମ ଦ୍ଵାରା ପ୍ରଧାନମନ୍ତ୍ରୀ ଜଳସେଚନ ଯୋଜନା ଭାବେ କ୍ରିୟାଶୀଳ କରାଯାଇଛି। ଆପଣଙ୍କୁ କଷ୍ଟ ହେଉଥିବ। ନେହେରୁ ମହାଶୟ ଶିଳାନ୍ୟାସ କରିଥିଲେ ମାତ୍ର ମୁଁ ଉଦ୍‌ଘାଟନ କଲି। ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ମୁଁ ସେହି ଅଟକି ପଡିଥିବା ।ଜେନାଗୁଡିକର ପୁନରୁଦ୍ଧାର କଲି।

ଆମେ ନୂତନ ମେଗା ଫୁଡ୍ ପାର୍କ, ଶୀତଳଭଣ୍ଡାର ଜରିଆରେ ଶକ୍ତି ଦେଇଛୁ। ଆମର ୨୨ ହଜାର ଗ୍ରାମୀଣ ହାଟ ନିର୍ମାଣ ଦିଗରେ କାମ ଦ୍ରୁତଗତିରେ ବଢିଚାଲିଛି। ଆମର ଇ-ନାମ ମାଧ୍ୟମରେ କୃଷକମାନଙ୍କୁ ଅନ୍‌ଲାଇନ୍‌ରେ ନିଜର ସାମଗ୍ରୀ ବିକ୍ରି କରାଇବାର ସୁଯୋଗ ସୃଷ୍ଟି କରିଛୁ। ଫଳରେ କୃଷକଙ୍କୁ ନିଜ ଫସଲର ସମ୍ପୂର୍ଣ୍ଣ ଦାମ ମିଳୁପାରୁଛି।

ମାନନୀୟ ଅଧ୍ୟକ୍ଷ ମହୋଦୟା, ଆମେ ଏହି ଯୋଜନାରେ କୃଷକଙ୍କ ପାଇଁ ଚଳିତ ବଜେଟ୍‌ରେ ବାର୍ଷିକ ୬ ହଜାର ଟଙ୍କା ସହାୟତା ଭାବେ ଦେଶ ପାଇଁ ସ୍ଥିର କରିଛୁ। ଏହି ନିଷ୍ପତ୍ତି ଆଗାମୀ ସମୟରେ ସୁଦୂରପ୍ରସାରୀ ପରିଣାମ ଦେବ। ୧୨ କୋଟି କୃଷକ ଏହାର ହିତାଧିକାରୀ ହେବେ। ଆପଣଙ୍କ ସମୟରେ ଏହି ଯୋଜନାଗୁଡିକ କେବଳ ଏକ କୋଟି, ଦେଢ କୋଟି ବା ଦୁଇ କୋଟି କୃଷକ ପର୍ଯ୍ୟନ୍ତ ସୀମିତ ଥିଲା। ତାହା ପୁଣି କେତେକ ଉପରିସ୍ଥ ଲୋକଙ୍କ ପାଇଁ। ଏକ ଏକର ଜମିବାଲା, ଦୁଇ ଏକର ବାଲା ପାଖରେ ଏହା

ପହଞ୍ଚିପାରୁନଥିଲା। ଆଉ ଆଜି ଏହା ୮୫ ପ୍ରତିଶତ କୃଷକଙ୍କ ପାଇଁ ଉଦ୍ଦିଷ୍ଟ। ପ୍ରାୟ ୧୨ କୋଟି କୃଷକଙ୍କୁ ସିଧାସଳଖ ଲାଭ ମିଳିବ, ଅର୍ଥାତ୍ ପଇସା ସିଧା ସେମାନଙ୍କ ବ୍ୟାଙ୍କ ଖାତାକୁ ଯିବ। କେହି ଦଲାଲ ରହିବେ ନାହିଁ। ମୁଁ ଆଶ୍ଚର୍ଯ୍ୟ ହେଉଛି କିଛି ରାଜ୍ୟ ମିଥ୍ୟା ଦମ୍ଭ ଦେଖାଇ କହୁଛନ୍ତି ଆମେ ମୋଦୀଙ୍କର ଏହି କୃଷକ ଯୋଜନାକୁ ଗ୍ରହଣ କରିବୁ ନାହିଁ। ଆରେ ଟିକେ ସେଠିକାର କୃଷକଙ୍କୁ ତ ପଚାର ଭାଇ- ୬ ହଜାର ଟଙ୍କା ନେବାର ଅଛି ନା ନାହିଁ?

ଆପଣଙ୍କୁ ତ ଏକ ଟଙ୍କା ଦବାର ନାହିଁ। ସିଧା ନିଷ୍ପତ୍ତିର କଥା। କିନ୍ତୁ ରାଜନୀତିର କିଛି ଲୋକଙ୍କୁ ପାଗଲାମୀ ଏମିତି ଗ୍ରାସ କରେ ଯେ ସେମାନେ ଘୋଷଣା କରିପକାନ୍ତି ଆମେ ଏ ଯୋଜନାକୁ ଗ୍ରହଣ କରିବୁ ନାହିଁ। ଆରେ ନିଜ କୃଷକଙ୍କ କଥା ଚିନ୍ତା କର। ଆୟୁଷ୍ମାନ ଭାରତ ଯୋଜନାକୁ ଆମେ ଗ୍ରହଣ କରିବୁନି, ଆରେ ଟିକେ ଚିନ୍ତା କର ଗରିବ ଲୋକଙ୍କ କଥା, ଏହି ପ୍ରକାର ରାଜନୀତି ଚାଲିଛି ଏବେ। ଏହି ଖେଳ ବନ୍ଦ କରନ୍ତୁ। ଆଉ ନିଜ ରାଜ୍ୟର ଗରିବ ତଥା କୃଷକଙ୍କ କଥା ଚିନ୍ତା କରନ୍ତୁ। କୃଷକ, ସାହୁକାରଙ୍କ ଠାରୁ ଋଣ ନେଉଥିବା କ୍ଷୁଦ୍ର ଚାଷୀଙ୍କର କେବେ ଋଣଛାଡ ହୋଇନଥାଏ। ମୁଁ ଯିକିଏ କର୍ଣ୍ଣାଟକର ଉଦାହରଣ ଦେବାକୁ ଚାହୁଁଛି। ଆଉ ଆପଣ ହେଉଛନ୍ତି କର୍ଣ୍ଣାଟକର। ଏବେ ଆପଣଙ୍କର ଆଉ କୃଷକଙ୍କର ନେତା ଶ୍ରୀ ଦେବେଗୌଡା ଯିଏ ଜଣେ ପୂର୍ବ ପ୍ରଧାନମନ୍ତ୍ରୀ ଏଠାରେ ବସିଛନ୍ତି। ଆପଣ ବଡ ଘୋଷଣା କରିଥିଲେ ଆଉ ଆମକୁ କହୁଛନ୍ତି କି ଘୋଷଣାଗୁଡିକ କରି ମୋଦି ଭୋଟ ନେଇଗଲେ। ଆପଣ କର୍ଣ୍ଣାଟକର କୃଷକମାନଙ୍କର ଋଣଛାଡର ଘୋଷଣା କରିଥିଲେ। ଏହାର ହିତାଧିକାରୀ ହେଉଛନ୍ତି ୪୩ ଲକ୍ଷ। ସରକାରୀ ରେକର୍ଡ ଅନୁସାରେ ୪୩ ଲକ୍ଷ ହିତାଧିକାରୀ ଅଛନ୍ତି ମାତ୍ର ଏ ପର୍ଯ୍ୟନ୍ତ କେବଳ ୬୦ ହଜାର ଲୋକଙ୍କୁ ଲାଭ ମିଳିଛି। ଦଶ ଦିନରେ ଋଣ ଛାଡ। ରାଜସ୍ଥାନ ଏବଂ ମଧ୍ୟପ୍ରଦେଶକୁ ଯାଇ ଆସନ୍ତୁ, ସେଠାରେ ଏପର୍ଯ୍ୟନ୍ତ ତ କାଗଜରେ ଚିଠିଟିଏ ବି ପ୍ରସ୍ତୁତ ହୋଇପାରୁନାହିଁ। ମୁଁ କହିବି ଏହା ଆପଣଙ୍କର ଦଶ ବର୍ଷର ଖେଳ.... ଦଶ ବର୍ଷର ଖେଳରେ ଆପଣ ଥରେ ମାତ୍ର ୫୦-୬୦ ହଜାର କୋଟି ଟଙ୍କାର ଋଣ ଛାଡ କରୁଛନ୍ତି। ଆମର ଯୋଜନା ହେଉଛି ପ୍ରତିବର୍ଷର। ୧୦ ବର୍ଷର ହିସାବ ମୁଁ ଲଗାଇବି ତ କୃଷକଙ୍କ ଖାତାରେ ସାଢେ ସାତ ଲକ୍ଷ କୋଟି ଟଙ୍କା ଜମାହେବ। କେଉଁଠି ୫୦-୫୨ ହଜାରର ଖେଳ ଆଉ କେଉଁଠି ସାଢେ ସାତ ଲକ୍ଷ କୋଟି

ଟଙ୍କା ଦେଶର କୃଷକଙ୍କ ହାତକୁ ଯିବ। ଏତିକି ନୁହେଁ, ଆମେ ଏଇ ବଜେଟରେ ରାଷ୍ଟ୍ରୀୟ କାମଧେନୁ ଆୟୋଗ, ମାଛଚାଷ କରୁଥିବା କୃଷକଙ୍କ ପାଇଁ ବିଶେଷ ବ୍ୟବସ୍ଥା ମଧ୍ୟ କରିଛୁ। ଯେଉଁ କିଷାନ କ୍ରେଡିଟ୍ କାର୍ଡର ସୁବିଧା କୃଷକମାନଙ୍କୁ ମିଳୁଥିଲା, ତାହା ଭବିଷ୍ୟତରେ ପଶୁପାଳନ ଏବଂ ମାଛ ଚାଷ କରୁଥିବା ଲୋକଙ୍କୁ ମଧ୍ୟ ମିଳିବ। ଆମେ ଏକ ସମ୍ବେଦନଶୀଳ ସରକାର ଏବଂ ସେହି ଲୋକମାନଙ୍କ ବିଷୟରେ ଚିନ୍ତା କଲୁ। ଆପଣ କହିବେ ଏସବୁ ଆପଣଙ୍କ ସମୟରେ ମଧ୍ୟ ଥିଲା। ଆପଣମାନେ ହାତ ମାରି ଛାଡିଦେଇଥିଲେ ଅସଂପୂର୍ଣ୍ଣ ଭାବରେ ଯାହାକୁ ଆମକୁ ପୂରା କରିବାକୁ ପଡୁଛି। ଏବେ କିନ୍ତୁ ମୁଁ ଖୁସିର ସହିତ ତାକୁ ସମ୍ପୂର୍ଣ୍ଣ କରିବି। ଆପଣ ମତେ କୁହନ୍ତୁ ଟିକାକରଣ ମୋଦି ଆସିବା ପରେ ଆସିଛି ନା ପୂର୍ବରୁ ଥିଲା ? କିନ୍ତୁ ଟିକାକରଣ ହେବା ଦରକାର, ପିଲମାନଙ୍କୁ, ମାଆମାନଙ୍କୁ ଏହାର ଲାଭ ମିଳିବା ଦରକାର। ସେହି କାମଟି ହେଉନଥିଲା। ଆମର ଗରିବ, ଆଦିବାସୀ, ଦଳିତ, ପୀଡିତ, ଶୋଷିତ, ବଞ୍ଚିତ ବଳକା ରହିଯାଉଥିଲେ। ଆମେ ସ୍ୱତନ୍ତ୍ର ଇନ୍ଦ୍ରଧନୁଷ କାର୍ଯ୍ୟକ୍ରମ ଚଳାଇଲୁ ଏବଂ ଟିକାକରଣ ପରିସର ବୃଦ୍ଧି କରିନେଲୁ। ସଫଳତାପୂର୍ବକ ଅଗ୍ରସର ହେଉଛୁ। ଟିକାକରଣ କାର୍ଯ୍ୟକ୍ରମ ଆପଣଙ୍କ ସମୟରେ ଗରିବର ଘର ପର୍ଯ୍ୟନ୍ତ ପହଞ୍ଚି ପାରୁନଥିଲା। ତାହା ଆମେ କରିଦେଖାଇଲୁ।

ଅଧାରୁ ପାଠ ଛାଡୁଥିବା ପିଲାଙ୍କ କୌଶଳ ବିକାଶର କାର୍ଯ୍ୟ, ସ୍ୱରୋଜଗାର କାର୍ଯ୍ୟ-ଆଦି ଏକ ବଡ ଅଭିଯାନ ଆମେ ଆରମ୍ଭ କରିଛୁ। ଆମେ ଦକ୍ଷତା ବିକାଶ ଅନ୍ତର୍ଗତ ଲକ୍ଷ ଲକ୍ଷ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେଇଛୁ। ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯାଜନା।

କମ୍ୟୁନିଷ୍ଟ ପାର୍ଟିର ଲୋକମାନଙ୍କର ଅନେକ ବର୍ଷର ଦାବି ରହିଥିଲା, ଅସଂଗଠିତ କ୍ଷେତ୍ରରେ ଶ୍ରମିକ ଅଛନ୍ତି। ପ୍ରଥମଥର ପାଇଁ ଆମେ ସେଥିରେ ହାତ ଲଗାଇଲୁ ଆଉ ଆମର ୩ ହଜାର ଟଙ୍କାର ପେନ୍‌ସନ୍ ବ୍ୟବସ୍ଥା କରିଛୁ। ମୁଁ ମାନୁଛି ହିନ୍ଦୁସ୍ଥାନରେ କମ୍ୟୁନିଷ୍ଟ ପାର୍ଟି ଯାହା ଚିନ୍ତା କରୁଥିଲା ତାହା କରିପାରି ନଥିଲା, ସେହି କାର୍ଯ୍ୟ ଆମେ କରିପାରିଛୁ। ଆମ ଦେଶର ମତ୍ସ୍ୟଜୀବୀଙ୍କର ଗୋଟିଏ ଦାବି ରହୁଥିଲା ଏକ ଭିନ୍ନ ମନ୍ତ୍ରଣାଳୟ ନିମନ୍ତେ। ଆମ ସରକାର ଚଳିତ ବଜେଟ୍‌ରେ ସେ ବ୍ୟବସ୍ଥା କରିଦେଇଛନ୍ତି। ସେହିପରି ବ୍ୟବସାୟୀମାନେ

ଦେଶର ଆର୍ଥିକ ବିକାଶରେ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ ସେମାନଙ୍କର ଚିନ୍ତା କରିବା ପାଇଁ କେହି ନଥିଲେ। ସରାକର ଆମର ଯେଉଁ ବିଭାଗ ଅଛି ସେଥିରେ ପରିବର୍ତ୍ତନ କରି DIPP କୁ ଶିଳ୍ପପ୍ରସାର ଓ ଆଭ୍ୟନ୍ତରୀ ବାଣିଜ୍ୟ ବିଭାଗ ସହ ଯୋଡି ଦେଇଛନ୍ତି। ଏହାଦ୍ୱାରା ବ୍ୟବସାୟୀମାନଙ୍କର କଥା ବୁଝିବା ପାଇଁ ଭାରତ ସରକାରଙ୍କର ଏକ ବିଭାଗ ମଧ୍ୟ ରହିଛି। ଯାଯାବର ସମୁଦାୟ ଏକ ଏପରି ସମୁଦାୟ ଯାହା ଶତାବ୍ଦୀ ଶତାବ୍ଦୀ ଧରି ରହିଆସିଛନ୍ତି। ଆପଣଙ୍କ ସରକାର ଗରିବଙ୍କ ପାଇଁ ସ୍ଲୋଗାନ ତ ଦେଉଥିଲା ମାତ୍ର କିଛି କରୁନଥିଲା। ଯେପରିକି ସାପୁଆକେଳା ସଂପ୍ରଦାୟ ଯେଉଁମାନଙ୍କ ଜରିଆରେ ବିଦେଶୀ ଅତିଥିର ମନୋରଞ୍ଜନ କରାଯାଉଥିଲା ମାତ୍ର ସେମାନଙ୍କ ବିଷୟରେ ଚିନ୍ତା କରିବାକୁ ଆପଣଙ୍କୁ ସମୟ ମିଳୁନଥିଲା। ଆମେ ପ୍ରଥମଥର ପାଇଁ ଯାଯାବର ସମୁଦାୟଙ୍କ କଲ୍ୟାଣ ପାଇଁ ଏକ ବୋର୍ଡ ଗଠନ କରିବାର ନିଷ୍ପତ୍ତି ନେଇଛୁ। ଫଳରେ ଯୋଜନାଗୁଡିକର ଲାଭ ମିଳିବ ସେମାନଙ୍କୁ। ଗୁଜୁରାଟରେ ଥିବା ସର୍ମରେ ମୋର ଅନୁଭୂତି ଅଛି। ମୁଁ ଯାଯାବର ସଂପ୍ରଦାୟ ଲୋକଙ୍କ ପାଇଁ ଗୃହ ନିର୍ମାଣ କାର୍ଯ୍ୟକ୍ରମ କରୁଥିଲି। ମୋର ଇଚ୍ଛା ଥିଲା ସେମାନଙ୍କର ପିଲା ପଢନ୍ତୁ। ସେମାନେ କହୁଥିଲେ ସାହେବ ଆମର ତ ଘର ନାହିଁ, ଆମେ ରହିବୁ କେଉଁଠି ? ଆଜି ଗର୍ବର ସହ କହୁଛି ମୁଁ ଯେତେବେଳେ ତାଙ୍କୁ ଘର ଦେଲି, ଆଜି ତାଙ୍କର ପିଲା ପାଠ ପଢୁଛନ୍ତି, କମ୍ପ୍ୟୁଟର ବି ଚଲଉଛନ୍ତି ଆଉ ବଡ ଆରାମରେ ଜୀବନ ନିର୍ବାହ କରୁଛନ୍ତି। ଯଦି ଆମର ଶକ୍ତି ଅଛି ଆମେ ତାକୁ କାର୍ଯ୍ୟରେ ପରିଣତ କରି ଦେଖେଇଦେବା ସମାଜର ମଙ୍ଗଳ ହେତୁ।

ଅଧ୍ୟକ୍ଷ ମହୋଦୟା, ବିଦେଶ ସଂପର୍କ ସମ୍ବନ୍ଧରେ ଆମେ ସୁଷମାଜୀ ଅନେକ ଥର, ଅନେକ କଥା କହିସାରିଛନ୍ତି, ଏଥିପାଇଁ ମୁଁ ତାହାକୁ ବିସ୍ତାର ଭାବେ କହିବାକୁ ଚାହୁଁନାହିଁ। କିନ୍ତୁ ଏ କଥା ନିଶ୍ଚିତ ଯେ ଆଜି ବିଶ୍ୱ ମଞ୍ଚରେ ଭାରତର କଥା ଶୁଣାଯାଉଛି। କୌଣସି ବିଷୟରେ ଭାରତ କ'ଣ ଭାବିବ ଏହା ଆଜି ଦୁନିଆକୁ ପ୍ରଥମେ ଭାବିବାକୁ ପଡୁଛି। ବିଶ୍ୱର କୌଣସି ନିଷ୍ପତ୍ତି ହେଉଛି ତ ନିଷ୍ପତ୍ତି ପୂର୍ବରୁ ଭାରତ ସହ ପରାମର୍ଶ କରାଯାଉଛି। ଆପଣ ପ୍ୟାରିସ ବୁଝାମଣା ଦେଖି ନିଅନ୍ତୁ। ଚୂଡାନ୍ତ ହେବା ପୂର୍ବରୁ କ୍ରମାଗତ ଭାବେ ଦୁନିଆର ବିଶିଷ୍ଟ

ବ୍ୟକ୍ତିଗଣ ଭାରତ ସହ କଥା ହୋଇଥିଲେ- ଅମୁକ କଥା ବା ଶେବ୍ଦ ଉପଯୋଗୀ ନା ନାହିଁ। ରଖାଯିବ ବା ନୁହେଁ? ଅର୍ଥାତ୍ ଭାରତ ଆଜି ନିଜ ସ୍ଥାନ ସୃଷ୍ଟି କରିନେଇଛି। ପାଲେଷ୍ଟାଇନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ବିବାଦ ଥାଇପାରେ, କିନ୍ତୁ ଉଭୟେ ଆମର ବନ୍ଧୁ। ସାଉଦୀ ଆରବ ଓ ଇରାନ୍ ମଧ୍ୟରେ ବିବାଦ ଥିବ, କିନ୍ତୁ ଉଭୟେ ଆମର ବନ୍ଧୁ ହୋଇପାରିବେ। ଆମେ ଏହି ସରକାର ମାଧ୍ୟମରେ ବିଦେଶରେ ଥିବା ଭାରତୀୟଙ୍କ ପ୍ରତି ଧ୍ୟାନ ଆକର୍ଷଣ କରିପାରିଛୁ। ଏହା ଖୁବ୍ ଭଲ କଥା କାରଣ ବିଦେଶରେ ରହୁଥିବା ଭାରତୀୟ ହେଉଛନ୍ତି ଆମର ଦେଶର ବହୁତ ବଡ ଶକ୍ତି। ଆମେ ତାକୁ ଚହ୍ନିଛୁ ଏବଂ ଅନୁଭବ ମଧ୍ୟ କରୁଛୁ। ଆମ କଥାକୁ ସେମାନେ ପ୍ରତ୍ୟେକ କ୍ଷେତ୍ରରେ ପହଞ୍ଚାଇ ଦେଉଛନ୍ତି। ଆଉ ମୁଁ ଖୁସି ଯେ ଏବେ ଯେଉଁ ପ୍ରବାସୀ ଭାରତୀୟ ବିବସ ହେଲା ତାହା ବନାରସରେ ହେଲା। ଏପର୍ଯ୍ୟନ୍ତ ହୋଇଥିବା ପ୍ରବାସୀ ଭାରତୀୟ ଦିବସ ଭିତରେ ସବୁଠାରୁ ଅଧିକ ପ୍ରତିନିଧିତ୍ୱ ଏଠାରେ ଥିଲା ତ ଏହା ଖୁସିର ବିଷୟ।

କୁମ୍ଭ ସମାଗମକୁ ବିଶ୍ୱର ଐତିହ୍ୟ ଭାବ ସ୍ୱୀକାର କରାଯାଇଛି। କିନ୍ତୁ ଆମେ ଏଭଳି ମାନସିକ ରୋଗରେ ଆକ୍ରାନ୍ତ ହୋଇଛେ, କି କୁମ୍ଭ କଥା ଆସିଲେ ସେଥିରୁ ନିଜକୁ ଦୂରେଇ ରଖୁ ଏହି ଡରରେ କି କାଳେ ସାଂପ୍ରଦାୟିକତାର ଦାଗ ଲାଗିଯିବ। କିନ୍ତୁ ଆଜି ଦୁନିଆର ସବୁ ପ୍ରତିନିଧି କୁମ୍ଭମେଳାକୁ ଆସୁଛନ୍ତି। ଦୁନିଆର ସବୁ ଦୂତାବାସର ସମସ୍ତ ଲୋକ କୁମ୍ଭକୁ ଗଲେ ଆଉ ନିଜ ଦେଶର ପତାକା ଉଡାଇ ଆସିଲେ। ଏହା ହେଉଛି ଭାରତର ଶକ୍ତି। ଭାରତର ସଫ୍ଟ ପାଓ୍ୱାର- ଅର୍ଥାତ୍ ନରମ ଶକ୍ତି ଯାହାକୁ ଆମେ ପୂର୍ବରୁ ଅଣଦେଖା କରୁଥିଲେ।

ମୋ ପାଇଁ ଏହା ହେଉଛି ଖୁସିର ବିଷୟ ଯେ ମୋର ବିଚାର ମୁଁ ଆଜି ରଖିଛି। ହୁଏତ କିଛି ତଥ୍ୟର ଅଭାବ ଥିବା ସତ୍ୟ ମୁଁ କହିଥିବି, ରେକର୍ଡରେ ବି ଚାଲିଯାଇଥିବ। କିନ୍ତୁ ଅଧ୍ୟକ୍ଷ ମହୋଦୟ ମୁଁ ଆଜି ଏହି ସଦନକୁ ଆପଣଙ୍କ ମାଧ୍ୟମରେ ବିଶ୍ୱାସ ଦେବାକୁ ଚାହୁଁଛି କି ୨୦୧୪ରେ ଯେଉଁ ଲକ୍ଷ୍ୟକୁ ନେଇ ଆମେ ବାହାରିଥିଲେ, ଦେଶର ସ୍ୱପ୍ନକୁ ପୂରଣ କରିବା ପାଇଁ ଯେଉଁ ଦୃଢ ନିଷ୍ପତ୍ତି ନେଇଛୁ, ଦେଶ ପାଇଁ ଦିନରାତି ପରିଶ୍ରମ କରୁଛୁ, ଦେଶ ଯେଉଁ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଛି, ସେଥିରୁ ବାହାରିବାର କାର୍ଯ୍ୟ, ଦେଶ ଯେଉଁ ସ୍ୱପ୍ନଗୁଡକୁ

ନେଇ ଚାଲୁଛି, ସେହି ସ୍ୱପ୍ନଗୁଡିକୁ ନେଇ ଯୋଜନାବଦ୍ଧ ଭାବେ ଆଗକୁ ବଢିବାର ପ୍ରୟାସ, ଦେଶର ସଂସାଧନଗୁଡିକର ସର୍ବୋତ୍କୃଷ୍ଟ ବିନିଯୋଗ, ପ୍ରତିଟି କ୍ଷଣ ଦେଶର ବିକାଶର କାର୍ଯ୍ୟରେ ଲାଗୁ, ପ୍ରତିଟି ଟଙ୍କା ଦେଶର ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ ହେଉ, ଏଥିପାଇଁ ଆମେ କ୍ରମାଗତ ଭାବେ ସଂଘର୍ଷ କରିଚାଲିଛୁ। ଆମେ କରିଚାଲିଛୁ ଓ ଚାଲିଥିବୁ- ଏ ବିଶବାସ ଦେଉଛି ଦେଶବାସୀଙ୍କୁ।

୨୦୧୮ ମସିହାରେ ଅବିଶ୍ୱାସ ପ୍ରସ୍ତାବ ଆସିଥିବା ବେଳେ ମୁଁ ମୋର ଉତ୍ତର ରଖିଥିଲି। ସେତେବେଳେ ମୋର କଣ୍ଠରୋଧ କରିବାର ପ୍ରୟାସ କରାଯାଇଥିଲା। ଦେଢ ଘଣ୍ଟା, ଏକ ଘଣ୍ଟା ପଇଁଚାଳିଶ ମିନିଟ୍ ପର୍ଯ୍ୟନ୍ତ ନାରାବାଜି ଭିତରେ ମଧ୍ୟ ଈଶ୍ୱରଙ୍କ କୃପା ଥିଲା କି ମୁଁ ମୋ ବକ୍ତବ୍ୟକୁ ଦେଶ ଓ ଦୁନିଆ ସମ୍ମୁଖରେ ରଖିପାରିଲି। ସେହି ସମୟରେ ଶୁଭ କାମନା ଦେଇଥିଲି, ଆଉ ଆଜି ବି ଦେଉଛି- କି ଆପଣମାନେ ଏତେ ଭଲ ଭାବେ ପ୍ରସ୍ତୁତ କରନ୍ତୁ ଯେ ୨୦୨୩ରେ ବି ଅବିଶ୍ୱାସ ପ୍ରସ୍ତାବ ଆଣିବାର ସୁଯୋଗ ମିଳୁ ଆପଣମାନଙ୍କୁ। ସମର୍ପଣ ଭାବ ଓ ଅହଙ୍କାର ଭାବ ମଧ୍ୟରେ ପାର୍ଥକ୍ୟ ଦେଖନ୍ତୁ। ଆପଣ ୪୦୦ରୁ ୪୦ ହୋଇଗଲେ ଓ ଆମେ ଦୁଇରୁ ଆସି ଏଠାରେ ସ୍ଥାନ ଗ୍ରହଣ କରିନେଲୁ। ତେଣୁ ବଡ ବଡ କଥା କହିଲେ ତାହା ଶୋଭ ଦିଏନାହିଁ।

ଖଡ୍‌ଗେ ମହାଶୟ ଜଣେ ବରିଷ୍ଠ ବ୍ୟକ୍ତି- ତାଙ୍କ କଥା ଅନୁସାରେ ୧୯୪୭ରେ ଦେଶ ସ୍ୱାଧୀନ ହେବା ପରଠାରୁ ୨୦୧୪ ପର୍ଯ୍ୟନ୍ତ ଦେଶର ପ୍ରଗତି ହୋଇଛି। ଟିକିଏ ହିସାବ ନିକାଶ କଲେ ସତ ପଦାକୁ ଆସିବ ଓ ପ୍ରତି ସ୍ତରରେ ଆପଣଙ୍କ ବିଫଳତା ଦୃଷ୍ଟିଗୋଚର ହେବ। ଦୁନିଆର ଅନ୍ୟାନ୍ୟ ଦେଶଗୁଡିକ ଏହି ସମୟ ମଧ୍ୟରେ ବହୁତ ଉନ୍ନତି କରିସାରିଛନ୍ତି। ଆମ ପାଖରେ ପ୍ରଚୁର ସମ୍ଭାବନା ଥିଲା- କିନ୍ତୁ ଆପଣଙ୍କ ପାଖେ ନୀତି ନଥିଲା, ଗତି ନଥିଲା, ଦୃଷ୍ଟିକୋଣ ନଥିଲା। ଆଉ ସେହି କାରଣରୁ ୫-୧୫ ସଂସ୍ଥାଗୁଡିକର ନାମ ନେଇ ଆପଣ ପାଇ ଚାଲିଛନ୍ତି। ଯଦି ତା ପରିବର୍ତ୍ତେ ଦେଶକୁ ସମସ୍ୟାରୁ ମୁକୁଳାଇଥାନ୍ତେ, କୃଷକ ପାଖରେ ପାଣି ପହଞ୍ଚାଇ ଦେଇଥାନ୍ତେ, ଲୋକଙ୍କ ଘରେ ବିଜୁଳି ପହଞ୍ଚାଇ ଦେଇଥାନ୍ତେ କେତେ ଭଲ ନହୋଇଥା'ନ୍ତା ? ହଁ ହଁ ଆମେ ତାହା ୫୫ ମାସରେ କରିଦେଇଛୁ।

ଆଉ ଏଥିପାଇଁ ଶେଷରେ ମୁଁ ଏହା କହିବାକୁ ଚାହିଁବି କି ଆଜି ସକାଳେ ବସବର୍ଣ୍ଣାଙ୍କର କିଛି କଥା ଖଡ଼୍‌ଗେ ସାହେବ ପଢୁଥିଲେ। ଆପଣ ତ କର୍ଣ୍ଣାଟକର ଲୋକ, ଏତେ ବର୍ଷ ପରେ କାହିଁକି ପଢିଲେ? ଯଦି ପଚିଶ ତିରିଶ ବର୍ଷ ତଳେ ପଢିଥାନ୍ତେ ତାହା ହେଲେ ଖରାପ ରାସ୍ତାରେ ଆପଣମାନେ ଯାଇନଥାନ୍ତେ। ଆଉ ମୁଁ ଚାହିଁବି ପ୍ରତ୍ୟେକ କଂଗ୍ରେସୀଙ୍କ ଘରେ ବସବର୍ଣ୍ଣାଙ୍କ ବଚନକୁ ସାଇତି ରଖନ୍ତୁ। ଏବେ ଯେଉଁଠି ସରକାର ଗଠନର ସୁଯୋଗ ମିଳିଛି, ସେଠାରେ ବଡ ବଡ ଅକ୍ଷରରେ ଲେଖିକି ରଖନ୍ତୁ। ତାହା ଦ୍ୱାରା ଯୋଉ ବ୍ୟାଧିରେ ଆପଣମାନେ ଗ୍ରସିତ ତାଦ୍ୱାରା କିଛି ସୁଫଳ ମିଳିବ। ସେଠାରେ 'ମୋଦି'ର ଫଟୋ ଆଦୌ ରଖନ୍ତ ନାହିଁ। ଭୟ ପାଇବେ।

ଏଥିପାଇଁ ମାନନୀୟ ଅଧ୍ୟକ୍ଷ ମହୋଦୟା, ମୁଁ କହିବି ଦେଶକୁ ଲୁଟୁଥିବା ଲୋକଙ୍କୁ ମୋଦି ଡରାଇବ ନିଶ୍ଚୟ, ଦେଶ ମତେ ଏ କାର୍ଯ୍ୟ ପାଇଁ ଶାସନ ଗାଦୀରେ ବସାଇଛି। ଯେଉଁମାନେ ଦେଶକୁ ଲୁଟୁଛନ୍ତି ନଷ୍ଟ କରୁଛନ୍ତି, ସେମାନଙ୍କୁ ଡରିବାକୁ ହିଁ ପଡିବ ଆଉ ଏଥିପାଇଁ ମୋ ଜୀବନ ସମର୍ପିତ।

ମାନନୀୟ ଅଧ୍ୟକ୍ଷ ମହୋଦୟା, ଶେଷରେ ଗୋଟେ କଥା କହିବି– ଏ ଦେଶର ଚୋର ଡକାୟତଙ୍କ ଭୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଥିଲା। ସେହି କାରଣରୁ ଦେଶ ନଷ୍ଟ ହେଉଛି ଆଉ ମତେ ଏଠି ବସାଇଛି। ଆମେ ଏହି କାର୍ଯ୍ୟକୁ ଆଗକୁ ବଢାଇବୁ ନିଶ୍ଚୟ–

ଶେଷରେ ଗୋଟିଏ ପଂକ୍ତି ଶୁଣାଇ ବକ୍ତବ୍ୟ ସମାପ୍ତ କରିବି।

"ସୂରଜ ଯାଏଗା ଭି ତୋ କାହାଁ

ଉସ୍‌ସେ ରହନା ହୋଗା

ୟହିଁ ହମାରି ସାଁସୋ ମେଁ

ହମାରୀ ରଗୋଁ ମେଁ

ହମାରୀ ସଂକଲ୍ ପୌଁ ମେଁ

ହମାରୀ ରତଦଗୌଁ ମେଁ

ତୁମ ଉଦାସ ମତ୍ ହୋଓ

ଅବ୍ ମେ କିସି ଭି ସୁରଜ କୋ ନହିଁ ଡୁବନେ ଦୁଙ୍ଗା ।”

# ସଂସଦ ଭବନରେ ଶ୍ରୀ ଅଟଳ ବିହାରି ବାଜପାୟୀ ଙ୍କ ଚିତ୍ର ଅନାବରଣ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

12th February 2019

# ୧୨.୦୨.୨୦୧୯ କେନ୍ଦ୍ରୀୟ କକ୍ଷ
# ଅଟଳବିହାରୀ ବାଜପେୟୀଙ୍କର ଛାୟାଚିତ୍ର ଉନ୍ମୋଚନ ଉତ୍ସବରେ
# ବକ୍ତବ୍ୟ

ମହାମହିମ ରାଷ୍ଟ୍ରପତିଜୀ, ଉପରାଷ୍ଟ୍ରପତିଜୀ, ବାଚସ୍ପତି ମହୋଦୟ, ଗୁଲାମ ନବୀଜୀ, ନରେନ୍ଦ୍ର ସିଂହ ଜୀ, ଅଟଳଜୀଙ୍କର ପରିବାରବର୍ଗ ଏବଂ ସମସ୍ତ ଅଟଳ ପ୍ରେମୀ ସଜ୍ଜନବୃନ୍ଦ।

ସଂସଦର କେନ୍ଦ୍ରୀୟ କକ୍ଷରେ ଅଟଳଜୀ ଏହି ନୂଆ ରୂପରେ ଆମକୁ ଆଶୀର୍ବାଦ ଦେବେ ଓ ପ୍ରେରଣା ମଧ୍ୟ ଦେବେ। ଅଟଳଜୀଙ୍କ ଜୀବନ ବାବଦରେ ବ୍ୟାପକ ରୂପରେ ଅନେକ କଥା କୁହାଯାଇପାରେ ଏବଂ ଗୋଟିଏ କଥା ଅନ୍ୟଠାରୁ କୌଣସି ଗୁଣରେ ନ୍ୟୁନ୍ ହେବ ନାହିଁ। ଘଣ୍ଟା ଘଣ୍ଟା ଧରି ତାଙ୍କ ବିଷୟରେ କୁହାଯାଇପାରେ ମାତ୍ର ଏହା ତଥାପି ସମାପ୍ତ ହେବ ନାହିଁ। କମ୍ ଶବ୍ଦରେ ତାଙ୍କର ବର୍ଣ୍ଣନା ପ୍ରାୟତଃ କରାଯାଇପାରେନା। ବହୁତ କମ୍ ଲୋକ ଏପରି ବ୍ୟକ୍ତିତ୍ୱର ଅଧିକାରୀ ହୋଇଥା'ନ୍ତି। ଅନେକ ବର୍ଷ ସଂସଦର ଅଳିନ୍ଦରେ ଜୀବନ ବିତାଇବା ପରେ, ଦଶକ ଦଶକ ଧରି କ୍ଷମତାରୁ ଦୂରରେ ରହି ଜନମାନସରେ ନିଜର ପବିତ୍ରତା ତଥା ନିଷ୍ଠା ଦ୍ୱାରା ସ୍ଥାନ ସୃଷ୍ଟି କରିବା, ସାଧାରଣ ଜନତାଙ୍କର ସ୍ୱରକୁ ସୁଦୃଢ଼ କରି ସେବା କରିବା ଏବଂ ବ୍ୟକ୍ତିଗତ ଜୀବନର ହିତ ପାଇଁ ପଥ ପରିବର୍ତ୍ତନ ନକରିବା ଇତ୍ୟାଦି ଅଟଳଜୀଙ୍କର ବିଶେଷତା। ସାର୍ବଜନୀନ ଜୀବନରେ ଥିବା ଆମ ପରି କର୍ମକର୍ତ୍ତାଙ୍କର ତାଙ୍କ ଜୀବନରୁ ଅନେକ କିଛି ଶିଖିବାର ଅଛି।

ରାଜନୀତିରେ ଉତ୍‌ଥାନ ଓ ପତନ ହୋଇଥାଏ, ଜୟ- ପରାଜୟ ଆସିଥାଏ, ମାତ୍ର ଆଦର୍ଶ ଓ ବିଚାରରେ କେବେ ବି ବୁଝାମଣା ନକରି ଲକ୍ଷ୍ୟ ଆଡକୁ ଚାଲିବା ଆମେ ଅଟଳଜୀଙ୍କ ଜୀବନରେ ଦେଖିଛୁ। ତାଙ୍କର ଭାଷଣରେ। ଅନେକ ଚର୍ଚ୍ଚା ହୋଇଥାଏ, ମାତ୍ର ଭବିଷ୍ୟତରେ କୌଣସି ମନୋବୈଜ୍ଞାନିକ ଦୃଷ୍ଟିରେ ଗବେଷଣା କରୁଥିବା ବ୍ୟକ୍ତି ଯଦି ଗଭୀରତାର ସହ ବିଶ୍ଳେଷଣ କରିବେ, ତେବେ ଜଣାପଡିବ ଯେ ଯେତେ ଶକ୍ତି ତାଙ୍କର

ଭାଷଣରେ ଥିଲା, ତାହାଠାରୁ ଅନେକ ଗୁଣ ଶକ୍ତି ତାଙ୍କ ମନରେ ଥିଲା। ସେ ଜନସଭାରେ ମଧ୍ୟ ଦୁଇ ଚାରି ପଦ କଥା କହି ଯେତେବେଳେ ମୌନ ରହିଯାଉଥିଲେ, ତାହା ବଡ଼ ଆଶ୍ଚର୍ଯ୍ୟଜନକ ଥିଲା। ଲକ୍ଷ ଲକ୍ଷ ଜନତାଙ୍କ ମଧ୍ୟରେ ସବୁଠାରୁ ଅନ୍ତିମ ବ୍ୟକ୍ତି ମଧ୍ୟ ତାଙ୍କର ମୌନତାର ଭାଷା ବୁଝିପାରୁଥିଲେ। ତାଙ୍କର ଜନତାଙ୍କ ସହ ଯୋଗାଯୋଗର ଭାଷା ଏତେ ସରଳ ଓ ସହଜ ଥିଲା ଯେ ମୌନତାର ବାର୍ତ୍ତା ମଧ୍ୟ ଲୋକେ ପାଇପାରୁଥିଲେ। କେବେ କଥା କହିବେ ଆଉ କେବେ ମୌନ ରହିବେ ଏହା ତାଙ୍କ ଭିତରର ଏକ ଅଦ୍ଭୁତ ଶକ୍ତିର ପରିଚାୟକ ଥିଲା। ସେ ନିଜ ମନ ଆନନ୍ଦରେ ରହୁଥିଲେ। କେତେବେଳେ କେମିତି ସାଥିରେ ଯାତ୍ରା କରିବାର ସୁଯୋଗ ମିଳୁଥିଲା, ସେତେବେଳେ ଦେଖିଥିଲି କି ସେ ଆଖି ବନ୍ଦ କରି ରହୁଥିଲେ। ଅଧିକ କଥାବାର୍ତ୍ତା କରୁନଥିଲେଏ ତାହା ତାଙ୍କର ସ୍ୱଭାବ ଥିଲା। ମାତ୍ର ତାଙ୍କର ଅନ୍ୟ ଏକ ଦିଗ ମଧ୍ୟ ଥିଲା ବ୍ୟଙ୍ଗ କବିତା। ପରିବେଶ ଯେତେ ଗମ୍ଭୀର ହେଲେ ମଧ୍ୟ ସେ ଏପରି କଥା କହି ଦେଉଥିଲେ ଯେ ତାହା ନିମିଷକ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଦେଉଥିଲା ଏବଂ ଗମ୍ଭୀର ପରିବେଶକୁ ସହଜ କରିଦେଉଥିଲା। ବାତାବରଣକୁ ହାଲ୍‌କା କରିଦେଉଥିଲା। ଅର୍ଥାତ୍ ଏକ ପ୍ରକାରର ପରିସ୍ଥିତିକୁ ମାପି, ନିଜ ଭିତରେ ସମାହିତ କରିନେଇଥିଲେ। ଏପରି ବ୍ୟକ୍ତିତ୍ୱ ଗଣତନ୍ତ୍ରର ସବୁଠାରୁ ବଡ ଶକ୍ତି ହୋଇଥାନ୍ତି। ଗଣତନ୍ତ୍ରରେ କେହି ଶତ୍ରୁ ନଥା'ନ୍ତି କେବଳ ପ୍ରତିଦ୍ୱନ୍ଦ୍ୱୀ ଥା'ନ୍ତି। ସୁତରାଂ ଆଦର ଓ ସମ୍ମାନ ବଜାୟ ରଖିବା ବିଧେୟ। ଆମ ସମସ୍ତଙ୍କର ଏହି କଥା ଶିଖିବା ଦରକାର ଯେ କଠୋରତମ ଆଲୋଚନା ଓ ସମାଲୋଚନା ସତ୍ତ୍ୱେ ଆଦର ଓ ସମ୍ମାନ ବଜାୟ ରହିବା ଦରକାର। ଏହି କଥା ଅଟଳଜୀଙ୍କ ଠାରୁ ଶିଖିବା ଉଚିତ।

ଆଜି ଅଟଳଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏହା ହେଉଛି ଅବସର। ମୁଁ ମୋ ତରଫରୁ, ସଦନର ସମସ୍ତ ସାଥୀଙ୍କ ତରଫରୁ ଆଦରଣୀୟ ଅଟଳଜୀଙ୍କୁ ଆଦର ସ୍ନେହାଞ୍ଜଳି ଅର୍ପଣ କରୁଛି।

ଷୋହଳ ଲୋକସଭାର ଅନ୍ତିମ
ଅଧିବେଶନରେ ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

13th February 2019

# ୧୩.୨.୨୦୧୯ ଲୋକସଭା
# ଷୋହଳ ଲୋକସଭାର ଅନ୍ତିମ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟ

ଅଧ୍ୟକ୍ଷ ମହୋଦୟ, ଷୋହଳତମ ଲୋକସଭାର ନେତା ଭାବରେ, ସମସ୍ତ ସଦସ୍ୟଙ୍କ ତରଫରୁ ମୁଁ ଆପଣଙ୍କୁ ଅଭିବାଦନ ଜଣାଉଛି ଯେ ଆପଣ ଅତ୍ୟନ୍ତ ଧୈର୍ଯ୍ୟ, ସନ୍ତୁଳନ ତଥା ସ୍ମିତ ହାସ୍ୟ ସହ ଏହି ଗୃହର ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣ କଲେ।

ଦେବୀ ଅହଲ୍ୟାଙ୍କର ଜୀବନ ଓ ଶିକ୍ଷା ଆପଣଙ୍କୁ ବହୁତ ପ୍ରଭାବିତ କରିଥିଲା ଏବଂ ତାହାକୁ ସର୍ବଦା ଆପଣ ନିଜ ଜୀବନରେ ପ୍ରୟୋଗ କରିଆସିଛନ୍ତି। ସେହି ନୀତିର ଅନୁସରଣ କରି ସମୟ ସମୟରେ ଆପଣ ଅନେକ କଠିନ ନିଷ୍ପତ୍ତି ନେଇଛନ୍ତି ତାହା ଉଭୟ କ୍ଷମତାସୀନ ଦଳ ଓ ବିରୋଧୀ ଦଳ ମଧ୍ୟରେ ଉପଯୁକ୍ତ ସନ୍ତୁଳନ ରକ୍ଷା କରିପାରିଛି। ମୁଁ ବିଶ୍ୱାସ କରେ ଯେ ସେହି ଆଦର୍ଶ ଓ ମୂଲ୍ୟବୋଧ ଲୋକସଭାରା ପରିଚାଳନାରେ ର ହିବ ସର୍ବଦା।

ମୁଁ ବିଶ୍ୱାସ କରେ ଯେ ନବନିର୍ବାଚିତ ମହିଳା ସଦସ୍ୟଙ୍କ ନିମନ୍ତେ ଏକ ସଂସ୍ଥା ଗଠନ କରି ଆପଣ ଏକ ମହତ କାର୍ଯ୍ୟ କରିଛନ୍ତି। ଆପଣ ବାଦବିବାଦର ଏକ ଉନ୍ନତ ସଂସ୍କୃତିର ସୃଷ୍ଟି କରିଛନ୍ତି ଯାହା ନିଜର ଅନ୍ତଃସାର ନିମନ୍ତେ ସ୍ପୃହଣୀୟ।

ଅଧ୍ୟକ୍ଷ ମହୋଦୟ, ୨୦୧୪ ମସିହାରେ ମୁଁ ନବୀନ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରେ ଥିଲି। ସଂସଦର ଭୂଗୋଳ ବିଷୟରେ ମୋର କୌଣସି ଜ୍ଞାନ ନଥିଲା। ସବୁକଥାକୁ ମୁଁ ବଡ଼ କୌତୁହଳପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲି। ଯେତେବେଳେ ଆସନରେ ବସିଲି, ସେତେବେଳେ ଭାବିଲି ଏଇ ବଟନଟି କେଉଁଥିପାଇଁ। ବୁଝିବାକୁ ଚେଷ୍ଟା କଲି। ସେଠାରେ ଏକ ପ୍ଲେଟ ଦେଖିଲି। ସେଥିରେ ମାତ୍ର ତିନିଜଣ ପ୍ରାକ୍ତନ ପ୍ରଧାନମନ୍ତ୍ରୀଙ୍କର ନାମ ଲିଖିତ ଥିଲା ଯଦିଓ ମୋ ପୂର୍ବରୁ ୧୩ ଜଣ ପ୍ରଧାନମନ୍ତ୍ରୀ ସେଠାରେ ବିରାଜମାନ କରିସାରିଛନ୍ତି। ଏହି ପ୍ରଶ୍ନର ଉତ୍ତର ହୁଏତ କେହି ବୁଦ୍ଧିମାନ ବିଦ୍ୟାର୍ଥୀ ଦେଇପାରେ ସବୁକିଛି ନୂଆ ଥିଲା। ୨୦୧୪ ମସିହାରେ କଂଗ୍ରେସର ନେତୃତ୍ୱ ବିନା ଏକ ସରକାର ଗଠନ ହୋଇଥିଲା ସମ୍ପୂର୍ଣ୍ଣ

ବହୁମତ ଦ୍ୱାରା। ଷୋହଳତମ ଲୋକସଭାରେ ସତରଟି ଅଧିବେଶନ ହୋଇଅଛି। ତନ୍ମଧ୍ୟରୁ ଆଠଟି ଅଧିବେଶନରେ ଶତକଡା ଶହେ ଭାଗ କାର୍ଯ୍ୟ ସଂପାଦନ ହୋଇଛି। ତେଣୁ ହାରାହାରି ୮୫ ପ୍ରତିଶତ ଫଳପ୍ରଦ ହୋଇଛି ଆମର ଅଧିବେଶନ।

ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କର ନିଜସ୍ୱ ଦାୟିତ୍ୱ ରହିଛି। ସୁତରାଂ ତୋମରଜୀ ବର୍ତ୍ତମାନ ଏ ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ଭେଙ୍କିୟାଜୀ ଏହି ଦାୟିତ୍ୱରେ ଥିଲେ। ସେ ପ୍ରଶଂସନୀୟ କାର୍ଯ୍ୟ କରିଯାଇଛନ୍ତି। ବର୍ତ୍ତମାନ ଉଚ୍ଚସଦନରେ ସେ ସଭାପତି ତଥା ଉପରାଷ୍ଟ୍ରପତି ଭାବେ ନିଜର ଗୁରୁଦାୟିତ୍ୱ ଗ୍ରହଣ କରିଛନ୍ତି। ଆମେ ଆମର ସହକର୍ମୀ ସଦା ଚଳଚଞ୍ଚଳ ଶ୍ରୀ ଅନନ୍ତ କୁମାରଙ୍କର ଅନୁପସ୍ଥିତି ମଧ୍ୟ ଅନୁଭବ କରୁଛୁ। ମାତ୍ର ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି।

ଷୋହଳତମ ଲୋକସଭା ପାଇଁ ଆମେ ଗର୍ବିତ ଅନୁଭବ କରିବା କଥା, କାରଣ ଏହିଥିରେ ସର୍ବାଧିକ ମହିଳା ସାଂସଦ ନିର୍ବାଚିତ ହୋଇ ଆସିଥିଲେ। ତନ୍ମଧ୍ୟରୁ ୪୪ଜଣ ଥିଲେ ପ୍ରଥମଥର ପାଇଁ ନିର୍ବାଚିତ ସାଂସଦ। ସେମାନଙ୍କର ଅଂଶଗ୍ରହଣର ହାର ବି ଥିଲା ଯଥେଷ୍ଟ ଅଧିକ। ମୁଁ ସେମାନଙ୍କୁ ଅଭିବାଦନ ଜଣାଉଛି। ପ୍ରଥମ ଥର ପାଇଁ ସର୍ବାଧିକ ସଂଖ୍ୟାରେ ମହିଳାମାନେ ମନ୍ତ୍ରୀପଦ ପ୍ରାପ୍ତ କରିଥିଲେ। ଏବଂ ଦୁଇଟି ପ୍ରମୁଖ ବିଭାଗ- ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ବିଭାଗ ମହିଳାମାନଙ୍କ ଅଧୀନରେ ଅଛି। ଏପରିକି ଅଧ୍ୟକ୍ଷ ତଥା ସେକ୍ରେଟାରୀ ଜେନେରାଲ ମଧ୍ୟ ମହିଳା। ସଂସଦ ଭବନ ପରିସରର ସୁପରିଚାଳନା ନିମନ୍ତେ ମୁଁ ସେକ୍ରେଟାରୀ ଜେନେରାଲ ଓ ତାଙ୍କର ପୁରା ଟିମ୍‌କୁ ଅଭିବାଦନ ଜଣାଉଛି।

ଏହି ସଭାଗୃହରେ ମୁଁ ଯେ ସରକାରଙ୍କର ଉପଲବ୍ଧି ବିଷୟରେ କହିବା ପାଇଁ ଛିଡା ହୋଇଛି, ଏପରି କେହି ଭାବିବା ଅନୁଚିତ। ବିଗତ ପାଞ୍ଚ ବର୍ଷରେ ସମସ୍ତେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି- ଉଭୟେ କ୍ଷମତାସୀନ ଦଳ ଓ ବିରୋଧୀ ଦଳ ଆମର କାର୍ଯ୍ୟକୁ ଦୃଢୀଭୂତ କରିଛନ୍ତି। ଏହା ଜାଣି ସମସ୍ତେ ଖୁସି ହେବେ ଯେ ଭାରତ ବର୍ତ୍ତମାନ ବିଶ୍ୱର ଷଷ୍ଠତମ ସର୍ବବୃହତ ଅର୍ଥନୀତି ଭାବରେ ଗଢି ଉଠିଛି। ଆମେ ସମସ୍ତେ ଏହି କୃତିତ୍ୱର ଭାଗୀଦାର।

ଆମର ନୀତିସବୁ ଭାରତକୁ ଟ୍ରିଲିଅନ ଡଲାର ଇକୋନୋମି କରି ପରେ ସମର୍ଥ କରିଛି। ଦେଶର ଦ୍ରୁତଗତିରେ ବିକାଶ ଘଟିଛି।

ଆଜି ଭାରତ ଆତ୍ମବିଶ୍ୱାସରେ ଭରିରହିଛି। ଆତ୍ମବିଶ୍ୱାସ ହିଁ ଆଗକୁ ବଢିବାରେ ପ୍ରେରଣା ଦିଏ ଏବଂ ସମସ୍ତ ଆହ୍ୱାନକୁ ସାମ୍ନା କରିବାକୁ ଶକ୍ତି ଦିଏ। ଦେଶର ଆତ୍ମବିଶ୍ୱାସର ପୃଷ୍ଠଭୂମିରେ ଏହି ସଦନର ବେଶ୍ ଭୂମିକା ରହିଛି।

ଆଜି ବିଶ୍ୱର ସମସ୍ତ ଉଚ୍ଚମାନର ସଂସ୍ଥା ଭାରତର ଉଜ୍ୱଳ ଭବିଷ୍ୟତ ବିଷୟରେ ନିଃସନ୍ଦେହ ପ୍ରକାଶ କରୁଛନ୍ତି। ଡିଜିଟାଲ ବିଶ୍ୱରେ ମଧ୍ୟ ଭାରତ ନିଜ ପାଇଁ ସ୍ଥାନ ସୃଷ୍ଟି କରିଛି। ସମଗ୍ର ବିଶ୍ୱ ଆଜି 'ବିଶ୍ୱ ଉଷ୍ଣତା' (ଏକ୍ଷକ୍ଟଭବକ୍ଷ ଡବକ୍ସଙ୍କସଭଶ) ବିଷୟରେ ଚିନ୍ତା ପ୍ରକଟ କରୁଛି। ଭାରତ ଶକ୍ତି ସଞ୍ଚୟ ଦିଗରେ ପଦକ୍ଷେପ ନେଇ 'ଅନ୍ତର୍ଜାତୀୟ ସୋଲାର ଆଲାଏନ୍‌ସ'ର ଅଂଶୀଦାର ବନିଛି। 'ପେଟ୍ରୋଲିଅମ୍ ପଦାଥ ସମ୍ବନ୍ଧିତ' ଦେଶମାନଙ୍କର ସମୂହ ପରି ଭବିଷ୍ୟତରେ ମଧ୍ୟ ଝକ୍ଟକ୍ଷବକ୍ସ ଇକ୍ଷକ୍ଷସବଭମର ବଡ଼ ଭୂମିକା ଗ୍ରହଣ କରିବ ଶକ୍ତି ସଞ୍ଚୟ ଦିଗରେ। ବିଶ୍ୱକୁ ଏକ ବିକଳ୍ପ ଜୀବନଧାରଣର ପ୍ରଣାଳୀ ଦେଇପାରିବ।

ମହାକାଶରେ ସାଟେଲାଇଟ୍ ଉତ୍‌କ୍ଷେପଣ କ୍ଷେତ୍ରରେ ମଧ୍ୟ ଭାରତ ସୁନାମ ଅର୍ଜନ କରିପାରିଛି। ଅଧିକ ସଂଖ୍ୟାରେ ସାଟେଲାଇଟ୍ ପଠାଇ ବର୍ତ୍ତମାନ ଏକ ଲଞ୍ଚିଙ୍ଗ ପ୍ୟାଡ୍ ବନିବାର ଗୌରବ ହାସଲ କରିଛି। ଭାରତ ଅନେକ ବଳିଷ୍ଠ ଓ ସାହସୀ ପଦକ୍ଷେପ ନେଇ ଅର୍ଥନୈତିକ ଗତିବିଧିର ପ୍ରାଣକେନ୍ଦ୍ର ହେବାକୁ ଯାଉଛି। ସେଥିରେ ଚମକ-ଇନ୍-ଇଣ୍ଡିଆ ଓ ନିର୍ମାଣ ଉଦ୍ୟୋଗର ବହୁତ ବଡ ଭୂମିକା ରହିଛି।

ବିଶ୍ୱ ଦବାର ଆଜି ଭାରତକୁ ଗମ୍ଭୀରତାର ସହ ଗ୍ରହଣ କରୁଛି। ଜନସାଧାରଣଙ୍କ ମନରେ ହୁଏତ ଥିବ ଯେ ମୋଦି ଓ ସୁଷମାଜୀଙ୍କ ଯୋଗୁଁ ଏହା ହୋଇଛି। କିନ୍ତୁ ତାହା ସତ୍ୟ ନୁହେଁ, ଆମର ଏହି ଗୁରୁତ୍ୱର କାରଣ ହେଲା ସରକାରଙ୍କର ନିର୍ଦ୍ୱନ୍ଦ୍ୱ ସଂଖ୍ୟାଗରିଷ୍ଠତା। ବିଶ୍ୱ ନିରଙ୍କୁଶ ସଂଖ୍ୟାଗରିଷ୍ଠ ସରକାରର ସମ୍ମାନ କରେ। ଏହାର ଏକ ମହତ୍ତ୍ୱ ରହିଛି। ଏବଂ

ତାହାର ଶ୍ରେୟ ଯିବ ୨୦୧୪ ମସିହାରେ ୧୨୫ କୋଟି ଭାରତୀୟଙ୍କୁ ତାଙ୍କର ନିଷ୍ପତ୍ତି ନିମନ୍ତେ।

ସେହିପରି ଷୋହଳତମ ଲୋକସଭାର ଅବଧି ଭିତରେ ବିଶ୍ୱର ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାରେ ଭାରତ ବି ସ୍ଥାନ ପାଇଲା। ବାଂଲାଦେଶ ସହ ଜମିଜମା ବିବାଦର ସମାଧାନ ହେଲା। ଭାରତର ବିଭାଜନ ପରେ ବାଂଲାଦେଶର ସୃଷ୍ଟି ହେଲା ଏବଂ ବିବାଦର ଉତ୍ପତ୍ତି ହେଲା। ମାତ୍ର ଏହି ସଦନ ତାହାର ସମାଧାନ କରିଲା। ଆମମାନଙ୍କର ଏକ ବିଶେଷ ଚାରିତ୍ରିକଗୁଣ ଥିଲା, ଯଦ୍ଦ୍ୱାରା ଆମେ ଏକୀକୃତ ଭାବେ କାର୍ଯ୍ୟ କରିପାରିଲୁ ଏବଂ ବିଶ୍ୱକୁ ଏକ ନୂଆ ସନ୍ଦେଶ ଦେଲୁ। ମୁଁ ସମଗ୍ର ଗୃହକୁ ଓ ଦଳମାନଙ୍କୁ ମୋର କୃତଜ୍ଞତା ଜଣାଉଛି।

ଏହିପରି ଭାବେ ଆମ ବିଦେଶ ନୀତିର ଏକ ନୂଆ ଦିଗ ସାମ୍ନାକୁ ଆସିଛି। ମାନବିକ ଅଧିକାର ଓ ମାନବିକ ମୂଲ୍ୟବୋଧ ସତେଯେମିତି ବିଶ୍ୱର ଏକ ପାର୍ଶ୍ୱରେ ବିଦ୍ୟମାନ? ଆମକୁ ମାନବାଧିକାରର ହନନ ନିମନ୍ତେ ଦାୟୀ କରାଯାଉଛି ଯଦିଓ ଆମର ଦର୍ଶନ ହେଲା- "ବୈସୁ ଧୈବ କୁଟୁମ୍ବକଂ"। ବିଗତ ପାଞ୍ଚ ବର୍ଷରେ- ଆମେ ନେପାଳର ଭୂକମ୍ପ, ମାଲଡାଲଭ୍‌ରେ ଜଳ ସମସ୍ୟା, ଫିଜି ଓ ଶ୍ରୀଲଙ୍କାରେ ବାତ୍ୟା ଏବଂ ବାଂଲାଦେଶର ଶରଣାର୍ଥୀ ସମସ୍ୟା ସବୁଥିରେ ସହାୟତା କରିଛୁ। ୟେମେନ୍‌ରେ ଫସି ରହିଥିବା ତଥା ନେପାଳରେ ରହିଯାଇଥିବା ୮୦ ଲୋକଙ୍କୁ ଉଦ୍ଧାର କରି ଆମେ ନିରାପଦରେ ପହଞ୍ଚାଇ ଦେଇଛୁ।

ମାନବତା ପ୍ରତି ଭାରତର ଅବଦାନ କିଛି କମ୍ ନୁହେଁ। 'ଯୋଗ' ପୁରା ବିଶ୍ୱରେ ଆମର ଗୌରବ। ମିଳିତ ଜାତିସଂଘରେ ପାରିତ ହୋଇଥିଲା। ସମସ୍ତ ସଂକଳ୍ପ ମଧ୍ୟରେ 'ଯୋଗ' ସଂପର୍କିତ ସଂକଳ୍ପ ସର୍ବାଧିକ ସଭ୍ୟଙ୍କ ଦ୍ୱାରା ସବୁଠାରୁ କମ୍ ସମୟରେ ପାରିତ ହୋଇଥିଲା। ଜାତସଂଘ ଦାଦା ସାହେବଙ୍କର ୧୨୫ତମ ଜୟନ୍ତୀ ଓ ମହାତ୍ମାଗାନ୍ଧୀଙ୍କର ୧୫୦ ତମ ବାର୍ଷିକୀ ପାଳନ କରିଥିଲା। ଆମେ ମଧ୍ୟ ସମ୍ବିଧାନ ଦିବସ ପାଳନ କରିଥିଲୁ। ଆମେ ମଧ୍ୟ ମିଳିତ ଜାତିସଂଘର 'ଝଙ୍କଗ୍ଧଗ୍ଧବସଭବଭକ୍ଷର ଉରଙ୍ଖରକ୍ଷକ୍ଟକ୍ଷଙ୍କରଭଗ୍ଧ ଏକ୍ଟବକ୍ଷ' ବା ଦୀର୍ଘମିଆଦୀ ବିକାଶ ଲକ୍ଷକୁ ଆଲୋଚନାର ବିଷୟ ଭାବେ ଚୟନ କରିଥିଲୁ।

ଏହି ଲୋକସଭାର ଅବଧି ଭିତରେ ପ୍ରାୟ ୨୧୯ ବିଲ୍ ଆଗତ କରାଯାଇଥିଲା ଏବଂ ୨୦୩ଟି ପାରିତ ହେଲା। ଏହି ସଭାର ସମସ୍ତ ସାଂସଦ ନିଜ ଜୀବନକାଳ ଭିତରେ ଯେବେ ବି ଏହି ସଦନ ବିଷୟରେ କହିବେ ଜରୁର କୁହନ୍ତୁ ଯେ ଆପଣମାନେ କଳାଟଙ୍କା ଓ ଦୁର୍ନୀତି ବିରୁଦ୍ଧରେ ଆଇନ ପ୍ରଣୟନ କରିଥିବା ସଂସଦର ଅଂଶ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଇନ ବିଦେଶରେ ଗଚ୍ଛିତ ଟଙ୍କା ବିରୁଦ୍ଧରେ ଥିଲା ଏବଂ ଏହି ଲୋକସଭା ତାହା ପ୍ରଣୟନ କରିଥିଲା। ଦେବାଳିଆ କମ୍ପାନୀ ତଥା ଅର୍ଥନୈତିକ ଅପରାଧୀକ ବିରୁଦ୍ଧରେ ମଧ୍ୟ ଆଇ ବି ସି ଆଇନ ପାରିତ ହୋଇଥିଲା।

ମୁଁ ବିଶ୍ୱାସ କରେ ଯେ ନିଜର ୫ ବର୍ଷର ଅବଧି ଭିତରେ ଏହି ସଦନ କଳାଟଙ୍କା ଓ ଦୁର୍ନୀତି ବିରୁଦ୍ଧରେ ସର୍ବୋତ୍ତମ ଆଇନ ପ୍ରଣୟନ କରିଥିଲା। ମୁଁ ଗୃହକୁ ଓ ଆପଣଙ୍କର ବଳିଷ୍ଠ ନେତୃତ୍ୱକୁ ସମ୍ବର୍ଦ୍ଧନା ଜଣାଇବି। ଏହି ଗୃହ ଜିଏସ୍‌ଟି ବିଲ୍ ମଧ୍ୟ ପାରିତ କରିଥିଲା। ରାତି ବାରଟାରେ ମିଳିତ ଅଧିବେଶରେ ଦୁଇ ସଦନ ଏହାକୁ ସମ୍ମତ ନେଇଥିଲେ। ଯାହାଦ୍ୱାରା ଆମେ 'ସବ୍‌କା ସାଥ୍ ସବ୍‌କା ବିକାଶ' ରାସ୍ତାରେ ଅଗ୍ରସର ହୋଇପାରିବା। ସେହିପରି 'ଆଧାର ବିଲ୍'କୁ ଏହି ସଦନ ଏକ ଆଇନଗତ ଶକ୍ତି ପ୍ରଦାନ କରିଥିଲା। 'ଆଧାର' ବିଶ୍ୱର ଏକ ବିସ୍ମୟ ସଦୃଶ୍ୟ।

ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଶତ୍ରୁ ଦେଶର ସମ୍ପତ୍ତି ଉପରେ ନିଷ୍ପତ୍ତି ନିଆଯାଇନଥିଲା। ଆମେ ତାହା କରି ଦେଖେଇଲୁ। ଏହି ଗୃହ ସାମାଜିକ ନ୍ୟାୟ ନିମନ୍ତେ ସମାଜ ଉପରେ ପ୍ରଭାବ ପକାଇବ। ସମାଜର ସାଧାରଣ ବର୍ଗର ଗରିବ ଶ୍ରେଣୀର ଜନତାଙ୍କ ପାଇଁ ୧୦ ପ୍ରତିଶତ ଆରକ୍ଷଣଣ ବ୍ୟବସ୍ଥା ଆମ କରିଛୁ। ଉଭୟ ଗୃହର ସମସ୍ତ ସାଂସଦ ଏଥିରେ ସହଯୋଗ କରିଛନ୍ତି। ଓବିସି କମିଶନର ସୃଷ୍ଟି ଏସ୍‌ସି, ଏସ୍‌ଟି, ଆକ୍ଟର ସରଳୀକରଣ ଇତ୍ୟାଦି ଏହି ଗୃହରେ ସମ୍ଭବ ହୋଇଛି। ମାତୃତ୍ୱ ଅବକାଶର ଅବଧି ୧୨ ସପ୍ତାହରୁ ୨୬ ସପ୍ତାହକୁ ବୃଦ୍ଧି କରାଯାଇଛି।

ଏହି ଗୃହ ଆଇନ କେବଳ ସୃଷ୍ଟି କରେ ନାହିଁ, ତା' ସହିତ ଅପ୍ରଚଳିତ ଆଇନ୍‌ର ସମାପ୍ତି ମଧ୍ୟ କରେ। ଏହିପରି ୧୪୦୦ ଆଇନକୁ ଉଚ୍ଛେଦ କରାଯାଇଛି, ଆହୁରି ଅନେକ ବାକି ଅଛି। ମୁଲାୟମ ସିଂଜୀ ଆମକୁ ସେଥିପାଇଁ ଆଶୀର୍ବାଦ ଦେଇସାରିଛନ୍ତି।

ସାଂସଦମାନଙ୍କ ନାମରେ ଅନେକ ସମୂହରେ ଲାଞ୍ଛନା ଲଗାଯାଇଥାଏ। ଆମେ ନିଜର ଦରମା ବଢାଇଲୁ ନିଜ ଇଚ୍ଛାନୁସାରେ। ଦେଶ ପାଇଁ ଚିନ୍ତା  କଲୁ ନାହିଁ। ସେହିଦିନ ଆମକୁ ସମାଲୋଚନାର ଶରବ୍ୟ ହେବାକୁ ପଡିଥିଲା। ପ୍ରଥମଥର ପାଇଁ ସାଂସଦମାନେ ଏପରି ଏକ ସାମ୍ବିଧାନିକ ବ୍ୟବସ୍ଥା ସୃଷ୍ଟି କରିଛନ୍ତି ଯାହାଦ୍ୱାରା ସମସ୍ତଙ୍କର ସମାନ ଦରମା ହେବ। ବିଗତ ୫୦ବର୍ଷ ଧରି ଆମେ ଯେଉଁ ସମାଲୋଚନା ଶୁଣି ଆସୁଥିଲୁ, ତା'ର ସମାପ୍ତି ହୋଇଛି। ଜିତନ୍ଦ୍ରଜୀ ଆମକୁ ସୁଲଭ ମୂଲ୍ୟରେ ସୁଖାଦ୍ୟ ଯୋଗାଇ ଆସୁଥିଲେ କିନ୍ତୁ ସମାଲୋଚନା ହେଉଥିଲା ଯେ ଏଠାରେ ଖାଦ୍ୟ ଶସ୍ତାରେ ମିଳୁଛି। ତେଣୁ ମୋର ଅନୁରୋଧରେ ଏବଂ ଅଧ୍ୟକ୍ଷ ମହୋଦୟଙ୍କ ସମ୍ମତି କ୍ରମେ ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧି କରାଗଲା। ସୁତରାଂ କ୍ୟାଣ୍ଟିନ୍ ଖାଦ୍ୟ ଆଉ ଶସ୍ତା ନୁହେଁ।

ଆମେ ଶୁଣିବାକୁ ପାଇଥିଲୁ ଯେ ଗୃହରେ ଏକ ଭୂମିକମ୍ପ ହେବ। ମାତ୍ର ପାଞ୍ଚବର୍ଷ ପରେ ସେପରି କିଛି ହୋଇନାହିଁ। ଗଣତନ୍ତ୍ରର ଶକ୍ତି ଓ ଲୋକସଭାର ମର୍ଯ୍ୟାଦା ହିଁ ସବୁର ମୂଳରେ ଅଛି। କେବେକେବେ ବାଦବିବାଦରେ କଟୁତା ପ୍ରକାଶିତ ହୋଇଯାଏ ଉଭୟ ପକ୍ଷରୁ। ମାତ୍ର ଗୃହର ନେତା ହିସାବରେ ମୁଁ ସେଥିପାଇଁ କ୍ଷମା ପ୍ରାର୍ଥନା କରୁଛି।

ସେହିପରି ଆମ ଭିତରେ ଓ ଖଡ୍‌ଗେଜୀଙ୍କ ଭିତରେ ବାଦବିବାଦ ହୁଏ। ମୁଁ ଆଶା କରୁଛି ତାଙ୍କର ଗଳା ଠିକ୍ ହୋଇଯାଉ। ତାଙ୍କଠାରୁ ଅନେକ ଶିଖିବାକୁ ମିଳେ। ଯେତେବେଳେ ମୁଁ ତାଙ୍କୁ ଶୁଣିପାରି ନଥାଏ, ପରେ ସର୍ମ ହେଲେ ଶୁଣେ। ତାଙ୍କର ବକ୍ତବ୍ୟ ମୋର ଭାଷଣ ପ୍ରସ୍ତୁତିରେ ସହାୟତା କରେ। ଖଡ୍‌ଗେଜୀ ଓ ଆଡ୍‌ଭାନୀଜୀ ଏହି ଗୃହରେ ଦୀର୍ଘ ସମୟ ଧରି ଉପସ୍ଥିତ ରହୁଥିଲେ। ଆମେ ସମସ୍ତେ ତାଙ୍କ ଠାରୁ ଏହି ଗୁଣ ଶିଖିବା କଥା।

ଏହି ଗୃହକୁ ଯେତେବେଳେ ମୁଁ ପ୍ରଥମଥର ପାଇଁ ଆସିଲି, କେତେକ ନୂଆ କଥା ଜାଣିଲି। 'ଗଲେ ଲଗାନା' ଆଉ 'ଗଲେ ପଡ୍‌ନା'– ଯା ଭିତରର ଫରକ ଜାଣିଲି। ଲୋକଙ୍କ ଆଖିର କ୍ରୋଧ ଦେଖିପାରିଲି। ଖେଳ ଦେଖିପାରିଲି। ଏପରିକି ବିଦେଶୀ ଗଣମାଧ୍ୟମ ମଧ୍ୟ ଏହାକୁ ଉପଭୋଗ କଲା। ସାଂସଦ ଭାବରେ ସଂସଦର ମର୍ଯ୍ୟାଦାରକ୍ଷା କରିବା ମୋର କର୍ତ୍ତବ୍ୟ ଏବଂ ମୁଁ ତାହା କରିଛି ପାରୁପର୍ଯ୍ୟନ୍ତ।

ଏକଦା ମୋର ଭାଷଣ ସମୟରେ ଜଣେ ସାଂସଦ ରାଷ୍ଟ୍ରପତିଙ୍କ ବକ୍ତବ୍ୟ ପ୍ରତି ଅଟ୍ଟହାସ୍ୟ କରୁଥିଲେ। ମନୋରଞ୍ଜନ ଉଦ୍ୟୋଗର ଲୋକେ ଏପରି କରନ୍ତି। ସେହିପରି ଆମର ଞଡଚ ଦଳର ସାଥୀ ନରାମଲି ଶିବପ୍ରସାଦ ଅଦ୍ଭୁତ ରକମର ବେଶ ପରିଧାନ କରୁଥିଲେ। ଟେନ୍‌ସନକୁ ଆଟେନ୍‌ସନ୍‌ରେ ପରିବର୍ତ୍ତିତ କରିଦେଉଥିଲେ।

ମୋ ପରି ଜଣେ ନୂତନ ସାଂସଦ ଆପଣଙ୍କ ଠାରୁ ଅନେକ କିଛି ଶିଖିଛି। ମତେ ସଭିଏଁ ସାହାଯ୍ୟ କରିଛନ୍ତି। ପ୍ରଥମ ଇନିଙ୍ଗସରେ ଆପଣ ଦେଇଥିବା ସହାୟତା, ମାର୍ଗଦର୍ଶନ ଓ ନେତୃତ୍ୱ ପାଇଁ ମୁଁ କୃତଜ୍ଞ। ସମସ୍ତ ବରିଷ୍ଠ ସଭ୍ୟ ବିଶେଷତଃ ମୁଲାୟମ ସିଂ ଯାଦବଙ୍କର ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୁଁ ମୋ ହୃଦୟରୁ ଧନ୍ୟବାଦ କରୁଛି। ଏହି ଗୃହ ସହ ସଂଶ୍ଲିଷ୍ଟ ସମସ୍ତ କର୍ମଚାରୀ ଯେଉଁମାନେ ଏମ୍‌ପିମାନଙ୍କର ଯତ୍ନ ନେଇଛନ୍ତି ଏବଂ ବ୍ୟବସ୍ଥା କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଏକ ସୁସ୍ଥ ସବଳ ଗଣତନ୍ତ୍ରକୁ ଅଗ୍ରଗାମୀ କରିବାକୁ ସମସ୍ତଙ୍କୁ ମୋର ଶୁଭକାମନା। ଏହି ଶୁଭେଚ୍ଛା ସହ ମୋ ବକ୍ତବ୍ୟର ସମାପନ କରୁଛି।

ଧନ୍ୟବାଦ।

ଲୋକସଭାର ନବନିର୍ବାଚିତ ବାଚସ୍ପତି ଶ୍ରୀ ଓମ୍ ବିରଳା ଙ୍କ ସ୍ୱାଗତ ଉପଲକ୍ଷେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

19th June 2019

# ୧୯.୬.୨୦୧୯ ଲୋକସଭା

# ଲୋକସଭାର ବାଚସ୍ପତି, ଓମ୍ ବିରଳାଙ୍କର ସମ୍ବର୍ଦ୍ଧନା ବକ୍ତବ୍ୟ

ଆଦରଣୀୟ ଅଧ୍ୟକ୍ଷ ମହୋଦୟ,

ସଦନର ସମସ୍ତ ସଦସ୍ୟଙ୍କ ନିମନ୍ତେ ଅତ୍ୟନ୍ତ ଖୁସି ଓ ଗୌରବର ବିଷୟ ଯେ ଆପଣ ଆଜି ଏ ପଦରେ ଆସୀନ ହୋଇଛନ୍ତି। ସମସ୍ତ ପୁରାତନ ସଦସ୍ୟ ସମସ୍ତେ ଆପଣଙ୍କ ସହ ଭଲ ଭାବରେ ପରିଚିତ। ବିଧାୟକ ଭାବରେ ରାଜସ୍ଥାନରେ ଆପଣ ଯେଉଁସବୁ କାର୍ଯ୍ୟ କରିଛନ୍ତି, ତାହା ବିଷୟରେ ରାଜନୀତିରେ ସଂପୃକ୍ତ ବ୍ୟକ୍ତିମାନେ ଜାଣନ୍ତୁ। ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ଯେ, ଆମେ ଏହିପରି ଜନୈକ ବ୍ୟକ୍ତିତ୍ୱଙ୍କୁ ଏହି ଆସନ ପାଇଁ ଅନୁମୋଦନ କରିଛୁ, ଯିଏ ଛାତ୍ର ଜୀବନରୁ ଉଭୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଛାତ୍ର ସଙ୍ଗଠନର କାର୍ଯ୍ୟକ୍ରମରେ ଜଡିତ ଥିଲେ ଏବଂ ବିଧାୟକ ଭାବେ ମଧ୍ୟ ସାର୍ବଜନୀକ ଜୀବନରେ ରହିଛନ୍ତି। ବିନା କୌଣସି ବିରତି ନେଇ ସେ ଅବିରତ ଭାବେ ଜୀବନର ସବୁଠାରୁ ଉତ୍ତମ ସମୟ ସାମାଜିକ ଜୀବନରେ କାର୍ଯ୍ୟ କରିଆସିଛନ୍ତି। ପ୍ରଥମେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ରୂପରେ, ତା'ପରେ ଯୁବମୋର୍ଚ୍ଚାର ସଦସ୍ୟ ଭାବେ ପ୍ରାୟ ୧୫ ବର୍ଷ ସେ ଜିଲ୍ଲା ସ୍ତରରେ, ରାଜ୍ୟସ୍ତରରେ ଏବଂ ରାଷ୍ଟ୍ରୀୟସ୍ତରରେ ନାମ କରିଅଛନ୍ତି।

ମୁଁ ବର୍ଷ ବର୍ଷ ଧରି ସଂଗଠନ ପାଇଁ କାମ କରିଛି। ଜଣେ ସାଥୀ ଭାବରେ ସେ ମଧ୍ୟ ମୋ ସହ କାମ କରିଛନ୍ତି। 'କୋଟା' ସେହି ଜାଗା ଅଟେ, ଯାହା ଆଜିକାଲି ଶିକ୍ଷାଗଡର 'କାଶୀ' ଭାବେ ପରିଚିତ। ଯେଉଁ ଛାତ୍ରମାନଙ୍କ ମନରେ 'କ୍ୟାରିୟର'କୁ ନେଇ ଚିନ୍ତା ଅଛି, ସେମାନଙ୍କର ପ୍ରଥମ ପସନ୍ଦ 'କୋଟା' ସହର ଅଟେ। ସେହିଠାରେ ରହି ପାଠ ପଢୁଛନ୍ତି, ପରୀକ୍ଷାରେ ସଫଳ ହୋଇ ଜୀବନ ପ୍ରାରମ୍ଭ କରୁଛନ୍ତି। ରାଜସ୍ଥାନର ସେହି ଛୋଟ ସହରର ଆଜି ଲଘୁ ଭାରତ ବନିଯାଇଛି। 'କୋଟା'ର ଏହି ପରିବର୍ତ୍ତନ ଯାହାର ସାମ୍ନାରେ ହୋଇଛି, ଯାହାର ପ୍ରଚେଷ୍ଟା ଓ ପ୍ରୋତ୍ସାହନରେ ହୋଇଛି ସେହି ନାମଟି ହେଲା ଶ୍ରୀ ଓମ୍ ବିର୍ଲା।

ସାଧାରଣତଃ ରାଜନୈତିକ ଜୀବନରେ ଆମର ଏକ ଛବି ବନିଯାଏ ଯେ ଆମେ ସର୍ବଦା ବିବାଦରେ ଘେରି ହୋଇ ରହିଥାଉ। ପରସ୍ପର ସହ ଦ୍ୱନ୍ଦ୍ୱ ତଥା ମନୋମାଳିନ୍ୟରେ ଡୁବି ରହୁ। ମାତ୍ର ଏକ ବାସ୍ତବିକ ଚିତ୍ର ମଧ୍ୟ ରହିଥାଏ। ଯାହା ହୁଏତ ଅଗୋଚରରେ ରହିଯାଏ। ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ ସାର୍ବଜନୀକ ଜୀବନରେ ଅଧିକ ସମୟ ଅତିବାହିତ କରିବା ବ୍ୟକ୍ତିଙ୍କର ଭାବମୂର୍ତ୍ତି ଯଥେଷ୍ଟ ଭଲ। ଶ୍ରୀ ଓମ୍ ବିର୍‌ଲା ଏପରି ଜଣେ ବ୍ୟକ୍ତି ଯିଏ ସାମଜସେବା ସହ ଅନେକକାଳରୁ ସଂପୃକ୍ତ। ସୁତରାଂ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ସେ ରାଜନୈତିକ ଯେ ସେ ରାଜନୈତିକ ପ୍ରତିନିଧି ଭାବେ ଚୟନ କରାଯିବେ। କୌଣସି ସ୍ଥାନରେ କିଛି ବିପତ୍ତି ବା ଦୁର୍ଘଟଣା ଘଟିଲେ ସର୍ବ ପ୍ରଥମେ ପହଞ୍ଚିବା ଲୋକଙ୍କ ଭିତରେ ଶ୍ରୀ ବିର୍‌ଲା ଅନ୍ୟତମ।

ମୋର ମନେଅଛି, ଗୁଜୁରାଟର ଭୂମିକମ୍ପ ସମୟରେ ସେ ଅନେକ ଦିନ 'କଚ୍ଛ'ରେ ଅତିବାହିତ କରିଥିଲେ। ନିଜ ଅଞ୍ଚଳର ଯୁବାବର୍ଗଙ୍କୁ ଆଣି ନିଜ ଉଦ୍ୟମରେ ଲୋକଙ୍କର ସେବା ଓ ଥଇଥାନ କରିଥିଲେ। ସେ ସେଠିକାର ପ୍ରଶାସନ ଉପରେ ବ୍ୟବସ୍ଥା ବା ପ୍ରବନ୍ଧନ କରିବାକୁ ଅପେକ୍ଷା ନକରି ସ୍ୱସଂସାଧନରେ ସବୁ କରିଥିଲେ। ଯେତେବେଳେ କେଦାରନାଥରେ ଦୁର୍ଘଟଣା ହେଲା, ସେତେବେଳେ ସେଠାରେ ମଧ୍ୟ ଦଳଦଳ ନେଇ ପହଞ୍ଚି ଯାଇଥିଲେ ଓ ସେବା କାର୍ଯ୍ୟରେ ଲାଗି ଯାଇଥିଲେ। ଏପରିକି 'କୋଟା'ରେ ମଧ୍ୟ ଶୀତଋତୁରେ ସେ ଗରିବ ଲୋକଙ୍କ ମଧ୍ୟରେ ବୁଲି ବୁଲି କମ୍ବଳ ବାଣ୍ଟିଛନ୍ତି। ସତେଯେମିତି ସେ ପଣ କରିନେଇଛନ୍ତି ସମସ୍ତଙ୍କର କଷ୍ଟ ଦୂର କରିବା ନିମନ୍ତେ। କୋଟାର କୌଣସି ବ୍ୟକ୍ତି 'ଭୋକ'ରେ ଶୋଇବ ନାହିଁ। ଏହା ତାଙ୍କର ଅନ୍ୟ ଏକ ବ୍ରତ। ସେଥିପାଇଁ ସେ 'ପ୍ରସାଦମ୍' ନାମକ ଏକ ଯୋଜନା ଚଲାଇଥିଲେ, ଯାହା ଆଜି ମଧ୍ୟ ଚାଲୁଛି।

ଜନଭାଗଧାରୀ ଅନ୍ତର୍ଗତ ଭୋକିଲା ଲୋକଙ୍କୁ ଖୋଜି ଖୋଜି ଖାଇବାକୁ ଦେବା ତାଙ୍କର ଦୈନନ୍ଦିନ କାର୍ଯ୍ୟ ବନିଯାଇଥିଲା। ସେହିପରି ଖାଦ୍ୟ ଦେବା ପରେ ଯଦି କାହାର ପିନ୍ଧିବା ପାଇଁ କପଡା ନାହିଁ ତାକୁ ସେ କପଡା ମଧ୍ୟ ଯୋଗାଉଥିଲେ। ସେଥିପାଇଁ ସେ ଅନ୍ୟ ଏକ ଯୋଜନା ଆରମ୍ଭ କରିଥିଲେ ଯାହାର ନାମ ଥିଲା 'ପରିଧାନ ଯୋଜନା'।

ଜନଭାଗୀଦାରୀ ଅନ୍ତର୍ଗତ ସେ କପଡା ଓ ଜୋତା ମଧ୍ୟ ଏକାଠି କରୁଥିଲେ ଓ ଗରିବ ଲୋକଙ୍କ ଭିତରେ ବାଣ୍ଟୁଥିଲେ। ସାମାଜିକ ସମ୍ବେଦନା ଯୋଗୁଁ ସେ ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରୁଥିଲେ। ଜନ ଆନ୍ଦୋଳନ ଠାରୁ ଅଧିକ ସେ ଜନସେବାରେ ନିୟୋଜିତ ଥିଲେ। ଏପରି ଏକ ସମ୍ବେଦନଶୀଳ ବ୍ୟକ୍ତିତ୍ୱ ଯେତେବେଳେ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଛନ୍ତି ସେ ଆମକୁ ପ୍ରେରିତ ଓ ଅନୁପ୍ରାଣୀତ କରିବେ। ତାଙ୍କ ଦ୍ୱାରା ଏ ଦେଶ ଉତ୍ତମରୁ ଉତ୍ତମ ସେବା ପାଇପାରିବ। ଏକ ପଦାସୀନ ବ୍ୟକ୍ତି ଭାବେ ସେ ଏକ 'କାଟାଲିଷ୍ଟ'ର ଭୂମିକାରେ ଅବତୀର୍ଣ୍ଣ ହେବେ। ଦୀର୍ଘ ଦିନରୁ ସାମାଜିକ ଜୀବନ ସହ ସଂପୃକ୍ତ ଥିବାରୁ ତାଙ୍କ ଦ୍ୱାରା ଏହି କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହେବ।

ସଦନରେ ମୁଁ ଦେଖିଛି। ସେ ଜଣେ ମୃଦୁଭାଷୀ। ତାଙ୍କର ମୁଖମଣ୍ଡଳରେ ସଦାସର୍ବଦା ଏକ ସ୍ମିତହାସ୍ୟ। ମୋର ଆଶଙ୍କା ତାଙ୍କର ନମ୍ରତାର କୌଣସି ଅସଦୁପଯୋଗ ତ ହେବ ନାହିଁ ଏ ସଦନରେ। ସଦସ୍ୟମାନେ ତାହାର ସୁବିଧା ଓ ଉଠେଇବେ ନାହିଁ? ପୂର୍ବରୁ ଲୋକସଭାର ବାଚସ୍ପତିଙ୍କୁ କଠିନ ପରିସ୍ଥିତି ଦେଇ ଯିବାକୁ ହେଉଥିଲା ଏବଂ ରାଜ୍ୟସଭାରେ ସ୍ଥିତି ଅପେକ୍ଷାକୃତ ଶାନ୍ତ ଥିଲା। ମାତ୍ର ବର୍ତ୍ତମାନ ସ୍ଥିତି ବଦଳିଯାଇଛି।

ଆମେ ଯଦି ପୂର୍ବ ଲୋକସଭାର ଶାସ୍ତ୍ରକୁ ମନେ ପକାଇବା, ପୂର୍ବତନ ଅଧ୍ୟକ୍ଷାଙ୍କର ପ୍ରତିଛବି ମନକୁ ଆସିବ। ସେ ମଧ୍ୟ ଥିଲେ ଜଣେ ମଧୁର ବ୍ୟକ୍ତିତ୍ୱର ଅଧିକାରିଣୀ– ସର୍ବଦା ସ୍ମିତହାସ୍ୟ ଦୃଶ୍ୟ ହେଉଥିଲା ତାଙ୍କର ମୁଖମଣ୍ଡଳରେ। ଯଦି କେବେ କ୍ରୋଧାନ୍ୱିତ ହୋଇ ଭତ୍ସନା ବି କରୁଥିଲେ ତୁରନ୍ତ ହସି ଦେଉଥିଲେ। ସେ ସଦନର ପରିଚାଳନା ବେଶ୍ ଉତ୍ତମ ଢଙ୍ଗରେ କରିପାରିଥିଲେ। ଏହି ସଦନ ତରଫରୁ, ଟ୍ରେଜେରୀ ବେଞ୍ଚ ତରଫରୁ, ମନ୍ତ୍ରୀ ପରିଷଦର ତରଫରୁ ମୁଁ ଆପଣଙ୍କୁ ବିଶ୍ୱାସ ଜଣାଉଛି ଅଧ୍ୟାୟ ମହୋଦୟ ଯେ ଆପଣଙ୍କ କାମକୁ ସରଳ କରିବା ପାଇଁ ଆମର ଯେଉଁ ଭୂମିକା ଆପଣ ଆବଶ୍ୟକ କରିବେ ତାହା ଆପଣଙ୍କ ସେବାରେ ପ୍ରସ୍ତୁତ ହେବ। ଆପଣଙ୍କର ଅଧିକାର ରହିବ ଆମଠାରୁ ଶତପ୍ରତିଶତ ସହୋଯୋଗର ଅପେକ୍ଷା ରଖିବା। ଯଦି କେବେ ବି ସଦନର ଶୃଙ୍ଖଳାଭଙ୍ଗ ବା କାର୍ଯ୍ୟରେ ଅନ୍ତରାୟ ସୃଷ୍ଟି କରାଯାଏ, ଆପଣ ଉପଯୁକ୍ତ ପଦକ୍ଷେପ ଶୃଙ୍ଖଳାଗତ କାରଣରୁ ନେଇପାରିବେ। ତାହା ଟ୍ରେଜେରୀ ବେଞ୍ଚ ପାଇଁ ମଧ୍ୟ ପ୍ରଯୁଜ୍ୟ। କାରଣ ସଦନର ଗରିମା

ସର୍ବୋପରି ଏବଂ ଆମ ସମସ୍ତଙ୍କର ଯୋଗଦାନ ଏଥିପାଇଁ ଜରୁରୀ। ସଦନରେ ଉତ୍ତମ ଗୁଣବତ୍ତାର ଆଲୋଚନା ହେଉ, କିନ୍ତୁ ସବୁ ବିଷୟ ଉପରେ ଚର୍ଚ୍ଚା ହେଉ, ସମସ୍ତଙ୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ ଚର୍ଚ୍ଚା ହେଉ। ପୁନର୍ବାର ଆପଣଙ୍କୁ ଅଭିନନ୍ଦନ ମୋ ତରଫରୁ, ଟ୍ରେଜେରୀ ବେଞ୍ଚ ତରଫରୁ ଏବଂ ସଦନ ତରଫରୁ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଉତ୍ତର

25th June 2019

# ୨୫.୦୬.୨୦୧୯ ଲୋକସଭା
# ଧନ୍ୟବାଦ ପ୍ରସ୍ତାବ

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି – ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ସତରତମ ଲୋକସଭାର ଗଠନ ପରେ, ମୁଁ ମହାମହିମ ରାଷ୍ଟ୍ରପତିଙ୍କର ଅଭିଭାଷଣ ନିମନ୍ତେ ଆଗତ ହୋଇଥିବା ଧନ୍ୟବାଦ ପ୍ରସ୍ତାବର ସମର୍ଥନ ପୂର୍ବକ ତାଙ୍କୁ ଧନ୍ୟବାଦ ଜଣାଉଛି ।

ମହୋଦୟ, ସମ୍ମାନନୀୟ ରାଷ୍ଟ୍ରପତି ନିଜର ଅଭିଭାଷଣରେ ସାଧାରଣ ଜନତାଙ୍କର ଆଶା ଓ ଆକାଂକ୍ଷା ପୂରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଉପରେ ପ୍ରାଥମିକତା ଦେବା ବିଷୟରେ ଏକ ନକ୍ସା ପ୍ରସ୍ତୁତ କରିଛନ୍ତି । ତାଙ୍କର ବକ୍ତବ୍ୟରେ ସମଗ୍ର ଦେଶର ଆଶା ଓ ଆକାଂକ୍ଷା ପ୍ରତିଫଳିତ ହେଉଛି ଯେଉଁ ଦେଶର ଜନସାଧାରଣ ଆମ୍ଭମାନଙ୍କୁ ଏହି ପବିତ୍ର ଗୃହକୁ ତାଙ୍କର ପ୍ରତିନିଧିତ୍ୱ କରିବା ପାଇଁ ପଠାଇଛନ୍ତି । ସୁତରାଂ ତାଙ୍କର ବକ୍ତବ୍ୟ ଏହି ଦେଶର କୋଟି କୋଟି ଜନତାଙ୍କୁ ଧନ୍ୟବାଦ ଦେବା ପାଇଁ ଅଭିପ୍ରେତ । ଆମ ଦେଶର ଅନେକ ମହାନ୍‌ବ୍ୟକ୍ତି ଏକ ଶକ୍ତିଶାଳୀ, ସୁରକ୍ଷିତ ଦେଶର ସ୍ୱପ୍ନ ଦେଖିଛନ୍ତି । ସେହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ଆମେ ସମସ୍ତେ ଏକତ୍ରିତ ଭାବରେ, ଦୃଢ଼ ନିଶ୍ଚିତତାର ସହ କ୍ଷିପ୍ରଗତିରେ ଅଗ୍ରସର ହେବା ଦରକାର। ଏହା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା ଓ ଭାରତ ଏହି ସୁଯୋଗକୁ ହାତଛଡ଼ା କରିବା ଅନୁଚିତ୍ । ଏକତ୍ରିତ ଭାବରେ ଅଦମ୍ୟ ସ୍ପୃହାର ସହ ଆମେ ସମସ୍ତ ପ୍ରତିବନ୍ଧର ସମ୍ମୁଖୀନ ହୋଇପାରିବା ଏବଂ ଏକ ଅନୁକୂଳ ବିଶ୍ୱ ପରିବେଶରେ ଦେଶକୁ ଅଗ୍ରଗାମୀ କରିବା ।

ପ୍ରାୟ ଷାଠିଏଜଣ ସମ୍ମାନନୀୟ ସଦସ୍ୟ ଏହି ଆଲୋଚନାରେ ଭାଗ ନେଇ ନିଜର ବକ୍ତବ୍ୟ ରଖିଛନ୍ତି । ପ୍ରଥମଥର ପାଇଁ ନିର୍ବାଚିତ ହୋଇଆସିଥିବା ସଦସ୍ୟ ମଧ୍ୟ ନିଜର ମତାମତକୁ ବେଶ୍ ପ୍ରଭାବଶାଳୀ ଢ଼ଙ୍ଗରେ ଉପସ୍ଥାପିତ କରିପାରିଛନ୍ତି ଏବଂ ଆଲୋଚନାକୁ ଋଦ୍ଧିମନ୍ତ କରିଛନ୍ତି।

ଯେଉଁମାନେ ଅଭିଜ୍ଞ, ସେମାନେ ମଧ୍ୟ ଆଲୋଚନାକୁ ନିଜ ନିଜର ନିଆରା ଢ଼ଙ୍ଗରେ ଆଗକୁ ବଢ଼ାଇଛନ୍ତି । ମୁଁ ସମସ୍ତଙ୍କ ପ୍ରତି କୃତଜ୍ଞ । ଯେଉଁମାନେ ଏହି ଆଲୋଚନାର ଗୁରୁତ୍ୱ ବୃଦ୍ଧି କରିଛନ୍ତି ସେମାନେ ହେଲେ ଶ୍ରୀ ଅଧୀର ରଞ୍ଜନ ଚୌଧୁରୀ, ଶ୍ରୀ ବାଲୁ, ଶ୍ରୀ ଦୟାନିଧି ମାରାନ୍, ପ୍ରଫେସର ସୌଗତ ରାୟ, ଶ୍ରୀ ଜୟଦେବ ଜୀ, ସୁଶ୍ରୀ ମହୁଆ ମଇତ୍ର, ଶ୍ରୀ ପି.ଭି.ମିଥୁନ୍ ରେଡ୍ଡୀ, ଶ୍ରୀ ବିନାୟକ ଭାଉରାଓ ରାଉତ, ଶ୍ରୀ ରାଜୀବ ରଂଜନ ସିଂ, ଶ୍ରୀ ପିନାକୀ ମିଶ୍ର, କୁଅଁର ଡାନିଶ ଅଲ୍ଲୀ, ଶ୍ରୀ ନମୋ ନାଗେଶ୍ୱର ରାଓ, ଡଃ ଅମର ରାମସିଂହ କୋଲହେ, ଶ୍ରୀ ଆଜମ୍ ଖାନ୍, ଶ୍ରୀ ଅସାଦୁଦ୍ଦିନ ଓୱେଶୀ, ଶ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ଡଃ ହୀନା ଗାଭିତ ଇତ୍ୟାଦି ଇତ୍ୟାଦି ।

ଏକଥା ସତ୍ୟ ଯେ ଆମେ ସମସ୍ତେ ମଣିଷ ଏବଂ ବିଗତ ତିନିଶଦିନର ପ୍ରଭାବ ବର୍ତ୍ତମାନ ମଧ୍ୟ ରହିଛି ଆମ ଉପରେ । ତାହା ଭିତରୁ ବାହାରିବା କଷ୍ଟସାଧ୍ୟ । ସୁତରାଂ ନିର୍ବାଚନୀ ଭାଷଣର କିଛିଟା ପ୍ରଭାବ ମଧ୍ୟ ଏଠାରେ ଦେଖିବାକୁ ମିଳିଥିଲା । ସମାନ ରକମର କାହାଣୀ ବି ଶୁଣିବାକୁ ମିଳିଥିଲା । ବୋଧହୁଏ ଏହା ହିଁ ପ୍ରକୃତିର ନିୟମ । ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ଏହି ଗାରିମାମୟ ପଦ ହାସଲ ପରେ ଆପଣ ସମସ୍ତଙ୍କୁ ବିଶ୍ୱାସକୁ ନେଇ ଏହି ଗୃହର ପରିଚାଳନା ସୁରୁଖୁରୁରେ କରିଆସୁଛନ୍ତି । ଆପଣ ଏହି ପଦବୀରେ ନୂତନ ଭାବରେ ଆସୀନ ହୋଇଛନ୍ତି ଏବଂ କେତେକ ବ୍ୟକ୍ତି ଆପଣଙ୍କୁ କଠିନ ପରିସ୍ଥିତି ଭିତରକୁ ନେବାକୁ ଚେଷ୍ଟା ମଧ୍ୟ କରିଛନ୍ତି । ସେସବୁ ସତ୍ତ୍ୱେ ଆପଣ ବେଶ୍ ଦକ୍ଷତାର ସହ ଏହି ସଦନର ପରିଚାଳନା କରିଛନ୍ତି ଏବଂ ମୁଁ ସେଥିପାଇଁ ଆପଣଙ୍କୁ ଅଭିବାଦନ ଜଣାଉଛି । ଏହି ସଦନ ପ୍ରତି ମଧ୍ୟ ମୁଁ କୃତଜ୍ଞ କାରଣ ଆପଣମାନେ ସମସ୍ତେ ଅଧ୍ୟକ୍ଷ ମହୋଦୟଙ୍କର ସହଯୋଗ କରିଛନ୍ତି ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ଅନେକ ଦଶନ୍ଧି ପରେ, ରାଷ୍ଟ୍ର ଏକ ବହୁମତ ଦ୍ୱାରା ସରକାରକୁ ନିର୍ବାଚିତ କରିଛି । କ୍ଷମତାସୀନ ସରକାରକୁ ଅଧିକ ଶକ୍ତିଶାଳୀ କରି ପୁର୍ନଃସ୍ଥାପିତ କରିଛି । ଭାରତ ପରି ଏକ ଜୀବନ୍ତ ଗଣତନ୍ତ୍ରରେ ପ୍ରତିଟି ଭାରତୀୟ ଗର୍ବିତ ହେବା ଉଚିତ୍

ଯେ ଆମର ଭୋଟର କେତେକ ସଜାଗ ! ଆମ ଦେଶରେ ମତଦାତା ନିଜ ଠାରୁ ନିଜ ଦେଶକୁ ଅଧିକ ଭଲପାଏ। ଏହି ନିର୍ବାଚନ ଦ୍ୱାରା ଏହା ସାବ୍ୟସ୍ତ ହୋଇଛି। ସୁତରାଂ ଦେଶର ମତଦାତାମାନଙ୍କୁ ବହୁତ ବହୁତ ବହୁତ ଧନ୍ୟବାଦ। ମୋର ସମଗ୍ର ଗୋଷ୍ଠୀ ସହ ମୁଁ ଏହି ଦେଶକୁ କୃତଜ୍ଞତା ଜଣାଉଛି ଯେ ଆମ୍ଭେମାନେ ୨୦୧୪ ମସିହାରେ ପୂରାପୂରି ଅନଭିଜ୍ଞ ଥିଲେ ମଧ୍ୟ ଦେଶ ଆମକୁ ଏକ ସୁଯୋଗ ଦେଇଥିଲା ପରୀକ୍ଷାମୂଳକ ଭାବରେ। ମାତ୍ର ୨୦୧୯ ମସିହାର ବହୁମତ ଆମକୁ ମିଳିଛି ଦେଶର 'ଲିଟିମସ୍' ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ଯୋଗୁଁ। ଆମକୁ ପୁନର୍ବାର କ୍ଷମତାସୀନ କରିବା ପଛରେ ଅଛି ଜନତାଙ୍କର ବିଶ୍ୱାସ। ଏହା ହିଁ ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି। ବିଜେତା ଗୋଷ୍ଠୀ ବା ପରାଜିତ ଗୋଷ୍ଠୀ, କ୍ଷମତାସୀନ ବା କ୍ଷମତାର ବାହାରେ ଥିବା ଲୋକେ ସମସ୍ତେ ବୁଝିବା ଦରକାର ଯେ ଆମ ସରକାରର ମୂଳମନ୍ତ୍ର ହେଲା- "ସର୍ବଜନ ହିତାୟ, ସର୍ବଜନ ସୁଖାୟ।" ସଂପୂର୍ଣ୍ଣ ଉତ୍ସର୍ଗୀକୃତ ଭାବେ କଠିନ ପରିଶ୍ରମ କରି ବିଭାଗ ପାଞ୍ଚବର୍ଷ ଧରି ଆମେ ଜନମଙ୍ଗଳକାରୀ କାର୍ଯ୍ୟରେ ନିୟୋଜିତ ଥିଲୁ। ଜନସାଧାରଣ ପୁନଶ୍ଚ ତାଙ୍କର ସ୍ୱୀକୃତି ତଥା ସହଯୋଗ ଦେଇ ଆମକୁ କ୍ଷମତାଶାଳୀ କରିଛନ୍ତି ଯଦ୍ୱାରା ଆମେ ଦେଶର ସେବା କରିବା ପାଇଁ ପୁନଶ୍ଚ ସୁଯୋଗ ପାଇଛୁ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ଜନସମୂହଙ୍କର ସ୍ୱର ହିଁ ଈଶ୍ୱରର ସ୍ୱର ଅନୁରଣିତ ହୁଏ। ଯେତେବେଳେ ଜନସାଧାରଣ କୌଣସି ସରକାରର କାର୍ଯ୍ୟକଳାପକୁ ଦେଖି ତାହାକୁ ପୁନଃନିର୍ବାଚିତ କରନ୍ତି, ତାହାଠାରୁ ଅଧିକ ସନ୍ତୋଷଜନକ ଆଉ କିଛି ହୋଇପାରେନା। ଏହା କେବଳ ଏକ ହାର୍‌ଜିତ୍‌ର ଖେଳ ନୁହେଁ ବରଂ ଜୀବନ ପ୍ରତି ଏକ ପ୍ରତ୍ୟୟ- ଯେଉଁଥିରେ ରହିଛି ଶ୍ରଦ୍ଧା, ପ୍ରତିବଦ୍ଧତା, ଉତ୍ସର୍ଗ,ସଂଘର୍ଷ, ବଂଚିବା ଏବଂ ଜୀବନ ପାଇଁ ସଂଗ୍ରାମ କରିବା। ପାଞ୍ଚବର୍ଷର ଶ୍ରଦ୍ଧା ଏବଂ ବିଶ୍ୱାସ ମିଳିବା ଦ୍ୱାରା ଆତ୍ମିକ ସ୍ତରର ଏକ ସନ୍ତୋଷ ମିଳିଥାଏ। ସୁତରାଂ ମୋର ବିଚାରାଧାରା ଅନୁସାରେ ନିର୍ବାଚନରେ ଜୟ ବା ପରାଜୟ ଦ୍ୱାରା ଏହି ସନ୍ତୋଷକୁ ସୀମିତ କରାଯାଇପାରେନା। ଶହେ ତିରିଶକୋଟି ଲୋକଙ୍କର ସ୍ୱପ୍ନ, ଆଶା ଓ ଆକାଂକ୍ଷା ମୋ ପାଇଁ ଯଥେଷ୍ଟ ମୂଲ୍ୟବାନ୍ ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ୨୦୧୪ ମସିହାରେ ଯେତେବେଳେ ମୋର ଦେଶବାସୀ ମୋତେ ପ୍ରଥମଥର ପାଇଁ ସୁଯୋଗ ଦେଇଥିଲେ, ମୁଁ ନିଜର ଦୃଷ୍ଟିକୋଣକୁ ସଂସଦର କେନ୍ଦ୍ରୀୟ କକ୍ଷରେ ଉପସ୍ଥାପିତ କରିଥିଲି । ଅତି ସରଳ ଭାବରେ ପ୍ରକାଶ କରିଥିଲି ଯେ ମୋର ସରକାର ଦରିଦ୍ରଙ୍କ ପାଇଁ ଉତ୍ସର୍ଗୀକୃତ । ପାଞ୍ଚବର୍ଷ ପରେ, ମୁଁ ସନ୍ତୋଷଜନକ ଭାବରେ କହିପାରିବି ଯେ ଜନତା ନିଜର ସମର୍ଥନ ଇଭିଏମ୍ ମେସିନ୍ ଜରିଆରେ ପୁନଶ୍ଚ ପ୍ରକାଶ କରିଛନ୍ତି ।

ଆଲୋଚନାର ପ୍ରାରମ୍ଭରେ ପ୍ରଥମଥର ଲୋକସଭାକୁ ନିର୍ବାଚିତ ସଦସ୍ୟ ଶ୍ରୀ ପ୍ରତାପ ଷଡ଼ଙ୍ଗୀ ମହୋଦୟ ଏବଂ ମୋର ଅନୁସୂଚୀତ ବର୍ଗରୁ ଆସିଥିବା ଭଗିନୀ ଡଃ ହୀନା ଗାଭିତ ଯେପରି ଶାଣିତ ଢ଼ଙ୍ଗରେ ବକ୍ତବ୍ୟ ପ୍ରଦାନ କଲେ, ମତେ ଲାଗୁଛି ମୋର ଆଉ କିଛି କହିବା ଅନାବଶ୍ୟକ ।

ଅଧ୍ୟକ୍ଷ ମହୋଦୟ, ଆମ ଦେଶର ସମସ୍ତ ମହନୀୟ ବ୍ୟକ୍ତିତ୍ୱ ଯେଉଁମାନେ ସାର୍ବଜନିକ ଜୀବନରେ ଆମର ମାର୍ଗଦ୍ରଷ୍ଟା ହୋଇରହି ଆସିଛନ୍ତି ସେମାନେ ସର୍ବଦା ଗୋଟିଏ ବିଷୟରେ କହିଆସିଛନ୍ତି ଏବଂ ତାହା ହେଲା 'ଅନ୍ତୋଦୟ' । ସମାଜର ସର୍ବନିମ୍ନରେ ଥିବା ଦରିଦ୍ର ବ୍ୟକ୍ତିର ଅଭ୍ୟୁଦୟ ଏବଂ ସେହି ଶ୍ରେଣୀର ମଙ୍ଗଳ । ବାବା ଆମ୍ବେଦକର, ଲୋହିଆଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଇତ୍ୟାଦି ସମସ୍ତେ ସେହି କଥା ହିଁ କହିଯାଇଛନ୍ତି । ବିଗତ ପାଞ୍ଚବର୍ଷ ଧରି ଆମେ ମଧ୍ୟ କହିଆସିଛୁ ଯେ ଯାହା ପାଖରେ କେହି ନାହିଁ, ତାହା ପାଖରେ ସରକାର ଅଛି । ସ୍ୱାଧୀନତାପ୍ରାପ୍ତି ପରେ ଆମେ ଏପରି ଏକ ସଂସ୍କୃତିକୁ ଆପଣେଇ ନେଇଛୁ ଯେଉଁଥିରେ ସାଧାରଣ ମଣିଷଟିକୁ ବହୁତ ସଂଘର୍ଷ କରିବା ପଡ଼େ, ବ୍ୟବସ୍ଥା ସହ ଲଢ଼ିବାକୁ ପଡ଼େ । ଏହି ପ୍ରକାରର ସ୍ୱାଧୀନତା ପାଇଁ କ'ଣ ସେ ସଂଘର୍ଷ କରିଥିଲା ? ଯାହା ତାହାର ନ୍ୟାଯ୍ୟ ପ୍ରାପ୍ତି ହେବା କଥା ସେଥିପାଇଁ ସେ ଲଢ଼ିବ କାହିଁକି ? ସେ ଅଭିଯୋଗ କରୁ ବା ନକରୁ ଆମେ ବ୍ୟବସ୍ଥାକୁ ସେହିପରି ଭାବେ ହିଁ ଦେଖିଆସିଛୁ । ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସମୟସାପେକ୍ଷ ମୁଁ ଜାଣେ । ରାଜ୍ୟମାନଙ୍କୁ ମନାଇବା ବି ଦରକାର । ସତୁରୀବର୍ଷର

ପୁରୁଣା ରୋଗକୁ ପାଞ୍ଚବର୍ଷରେ ଠିକ୍ କରିବା କଷ୍ଟସାଧ୍ୟ। ମାତ୍ର ଏସବୁ ସତ୍ତ୍ୱେ ମୁଁ ସନ୍ତୋଷର ସହିତ କହିପାରିବା ଯେ ଆମେ ଆମର ନିର୍ଦ୍ଧାରିତ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହୁଁ । ଲକ୍ଷ୍ୟପଥରେ ଅଗ୍ରସର ହୋଇଚାଲିଛୁ। ଦେଶ ବର୍ତ୍ତମାନ ଆବଶ୍ୟକ କରୁଛି ଏକ ଟଏଲେଟ୍, କେବଳ ଏକ ସିମେଣ୍ଟ ଘର ନୁହେଁ ଅଥବା ଗ୍ୟାସ୍ କେବଳ ରନ୍ଧନର ଏକ ଜରିଆ ନୁହେଁ । ଏହି ଦୁଇଟି ପଦକ୍ଷେପ ଲକ୍ଷ ଲକ୍ଷ ସାଧାରଣ ଜନତାଙ୍କର ଜୀବନକୁ ସୁଗମ କରିବାର ପ୍ରୟାସ। 'ଉଜ୍ଜ୍ୱଳା ଯୋଜନା' ପରି ଯୋଜନାକୁ ଆରମ୍ଭ କରିବାର ଉଦ୍ଦେଶ୍ୟ କ'ଣ ଏହା ବୁଝିବାକୁ ପଡ଼ିବ । ଲୋକଙ୍କ ମନରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ ସେମାନେ ତ ସାରା ଜୀବନ ଗ୍ୟାସ୍‌ଚୁଲା ବିନା ରୋଷେଇ କଲେ, କେବେ ବି ସରକାରଙ୍କୁ ମାଗିନାହାନ୍ତି, ତାହେଲେ ସରକାର କାହିଁକି ଏହି ଯୋଜନା ଆଣିଛନ୍ତି ? ମାତ୍ର ବର୍ତ୍ତମାନ ସେମାନେ ପଚାରୁଛନ୍ତି ସରକାର କାହିଁକି ତାହା ଆଣୁନାହାନ୍ତି ? ସରକାରଙ୍କ ଠାରୁ ତାଙ୍କର ଆଶା ଆକାଂକ୍ଷା ବଢ଼ିବାରେ ଲାଗିଛି।

ଆମର ଦେଶ ଏକ ଜନମଙ୍ଗଳକାରୀ ରାଷ୍ଟ୍ର। ସରକାରଙ୍କର ଅନେକ ଜନମଙ୍ଗଳକାରୀ ଯୋଜନା ରହିଛି ଯାହା ସମାଜର ଦରିଦ୍ରବର୍ଗଙ୍କର ଉଦ୍ଦେଶ୍ୟରେ ଜାରି କରାଯାଇଛି। ଦରିଦ୍ର ଲୋକଙ୍କର ଉନ୍ନତି ହେଲେ, ସେମାନେ ମୁଖ୍ୟସ୍ରୋତରେ ସାମିଲହେଲେ ହିଁ ଆଧୁନିକ ଉନ୍ନତ ଭାରତ ଏକ ବାସ୍ତବ ରୂପ ନେଇପାରିବ। ଉନ୍ନତିର ଧାରା ଏହିପରି ଭାବେ ପ୍ରବାହିତ ହେଉ ଯାହାର ଗୋଟିଏ ପାର୍ଶ୍ୱରେ ରହିବ ସାଧାରଣ ମାନବର ମୌଳିକ ଆବଶ୍ୟକତା ପରିପୂର୍ଣ୍ଣ ହେବା ପରି ଜନମଙ୍ଗଳକାରୀ ଯୋଜନା ଏବଂ ଅନ୍ୟ ପାର୍ଶ୍ୱରେ ରହିବ ଆଧୁନିକ ଭାରତର ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ। ସେହି ଆଧୁନିକ ଭାରତରେ ରହିବ ଉନ୍ନତମାନର ରାଷ୍ଟ୍ରୀୟ ରାଜପଥ, ଜଳପଥ, ରେଳପଥ, ରାସ୍ତା, ଇଣ୍ଟରନେଟ୍ ମାର୍ଗ, ଆକାଶମାର୍ଗ (ଉଡ଼ାନ ଯୋଜନା ଅନ୍ତର୍ଭୁକ୍ତ), ଷ୍ଟାର୍ଟଅପ୍, ଟିଙ୍କରିଂ ଲ୍ୟାବ୍, ଚନ୍ଦ୍ରଯାନ ଇତ୍ୟାଦି ଇତ୍ୟାଦି। ଆମକୁ ବହୁତ ଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହୋଇ ଅଗ୍ରସର ହେବାକୁ ପଡ଼ିବ।

ଅନେକ ଭଲକଥା ଏହି ଗୃହରେ କୁହାଯାଇଛି। ସମାଲୋଚନା ମଧ୍ୟ କରାଯାଇଛି। ଅନେକ ଉକ୍ତି ନିର୍ବାଚନ ମନୋବୃତ୍ତିର ପ୍ରତିଫଳନ। ସମସ୍ତଙ୍କର ନିଜ ନିଜର ଏଜେଣ୍ଡା ରହିଛି। ମୁଁ ତାହା ଉପରେ ମନ୍ତବ୍ୟ ଦେବି ନାହିଁ। ଗୋଟିଏ କଥା କୁହାଯାଇଆସୁଥିଲା ଯେ କିଛି ଲୋକ ଏତେ ଉପରସ୍ତରରେ ବିଚରଣ କରନ୍ତି ଯେ ତାଙ୍କର ଭୁଲ୍ ବାହାର କରିବା କାଠିକର ବ୍ୟାପାର। ଆମେ କାହାରିକୁ 'ନୀଚା' ଦେଖାଇ ସମୟ ନଷ୍ଟ କରୁନା। ବରଂ ନିଜର ସମୟକୁ ଭଲ କାମ କରିବାରେ ଲଗାଉ। ଯେଉଁମାନେ ଭୂମିପୃଷ୍ଠରୁ ବିଚ୍ଛିନ୍ନ ହୋଇ ଉପରେ ଭାସିବୁଲନ୍ତି ସେମାନେ 'ବାସ୍ତବତା'କୁ ଦେଖି ପାରନ୍ତିନି। ତେଣୁ ମୋର ସେମାନଙ୍କ ସହ ଉପରକୁ ଉଠିବାରେ କୌଣସି ଆଗ୍ରହ ନାହିଁ। ବରଂ ମୁଁ ନିଜର ଭୂପୃଷ୍ଠ ସହ ସଂଯୁକ୍ତ ହୋଇ ରହିବାକୁ ଆଗ୍ରହୀ ହେବି।  ନିଜର ମୂଳଦୁଆ ସୁଦୃଢ଼ ହେଲେ ହିଁ ଦେଶ ସୁଦୃଢ଼ ହୋଇପାରିବ। ମୁଁ ଆପଣମାନଙ୍କୁ ଶୁଭେଚ୍ଛା ଜଣାଉଛି ।

ଗୋଟିଏ କଥା ବାରମ୍ବାର କୁହାଯାଇଛି- ଏହି ପର୍ଯ୍ୟନ୍ତ ଏବଂ ତା'ଠାରୁ ଆଗକୁ ନୁହେଁ। ଏକଥା ସତ ଯେ କିଛି ଲୋକ କେତେକ ଲୋକଙ୍କ ଦ୍ୱାରା ପ୍ରଭାବିତ ହୁଅନ୍ତି, ଏବଂ ସେମାନଙ୍କ ପ୍ରତି ସଦ୍‌ଭାବନା ରଖନ୍ତି। ୨୦୦୪ ପୂର୍ବରୁ ଅଟଳଜୀଙ୍କର ସରକାର ଶାସନରେ ଥିଲା। ମୁଁ ଦୃଢ଼ତାର ସହିତ କହିପାରିବି ଯେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଯେଉଁମାନେ ଶାସନରେ ଥିଲେ, ସେମାନେ ଥରେ ହେଲେ ମଧ୍ୟ ଅଟଳଜୀଙ୍କର ସରକାରର ପ୍ରଶଂସା କରିନାହାନ୍ତି। କେବଳ ଅଟଳଜୀ ନୁହନ୍ତି, ନରସିଂହ ରାଓଜୀଙ୍କର ସରକାରର ମଧ୍ୟ ପ୍ରଶଂସା କରିନାହାନ୍ତି। ନିଜ ବକ୍ତବ୍ୟରେ ଡକ୍ଟର ମନମୋହନ ସିଂଜୀ ସେମାନଙ୍କର ନାମ ବି ଥରେ ନେଇନାହାନ୍ତି। ଏହି ମହାନ୍ ବ୍ୟକ୍ତିମାନଙ୍କ ସହ ତୁଳନାରେ ମୁଁ କିଛି ବି ନୁହେଁ। ମୁଁ ଜଣେ ସାଧାରଣ ବ୍ୟକ୍ତି, କିନ୍ତୁ ଆପଣ ରେକର୍ଡରୁ ତନଖି ପାରନ୍ତି ବୋଧହୁଏ ମୁଁ ପ୍ରଥମ ପ୍ରଧାନମନ୍ତ୍ରୀ ଯିଏ ଦୁଇଥର ଲାଲକିଲ୍ଲାରୁ କହିଛି ଯେ ସ୍ୱାଧୀନତାପରଠାରୁ ଶାସନ କ୍ଷମତାରେ ଥିବା ସମସ୍ତ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ଅବଦାନ ରହିଛି ଦେଶର ଉନ୍ନତିରେ। ଆଜି ମଧ୍ୟ ସେହି କଥାକୁ ଦୋହରାଉଛି।

ଆମେ ସେମାନଙ୍କ ପରି ନୋହୁ । ମୁଁ ଆଉଥରେ କହୁଛି, ଆପଣଙ୍କୁ ବୁଝିବାକୁ ସୁବିଧା ହେବ ମୁଁ ଗୋଟିଏ ଉଦାହରଣ ଦେଉଛି। ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବାର ସୁଯୋଗ ମୋତେ ଦୀର୍ଘ ସମୟ ପାଇଁ ମିଳିଥିଲା। ଗୁଜୁରାଟର ପଚାଶବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱର୍ଣ୍ଣଜୟନ୍ତୀ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଚାଲୁଥିଲା । ଅନେକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ମୁଁ କିନ୍ତୁ ଏକ ବିଶେଷ କଥା ଉପରେ ଗୁରୁତ୍ୱ ଦେଇଥିଲି। ମୁଁ ପରାମର୍ଶ ଦେଇଥିଲି ଯେ ପଚାଶବର୍ଷ ଭିତରେ ରାଜ୍ୟପାଳ ପଦ ଅଂଳକୃତ କରିଥିବା ବ୍ୟକ୍ତିମାନଙ୍କର 'ବକ୍ତବ୍ୟ'କୁ ଏକାଠି କରି ଏକ ଗ୍ରନ୍ଥରେ ଛପାଯାଉ। ଇତିହାସରେ ତାହା ଲିପିବଦ୍ଧ ହୋଇରହିଯାଉ। ଆପଣମାନେ କୁହନ୍ତୁ ବିଗତ ପଚାଶବର୍ଷରେ ରାଜ୍ୟପାଳ ମାନେ କେଉଁ ଦଳର ଥିଲେ ? ଆମ ଦଳର ତ ନଥିଲେ। ଆମର ମନୋଭାବ ସକରାତ୍ମକ, ତେଣୁ ଯେଉଁମାନେ ବି ଦେଶର ବିକାଶରେ ଭାଗୀଦାର ହୋଇରହିଆସିଛନ୍ତି, ସେମାନେ ସ୍ୱୀକୃତି ପାଇଛନ୍ତି। ରାଜ୍ୟପାଳମାନଙ୍କର ବକ୍ତବ୍ୟଗୁଡ଼ିକର ଏକତ୍ରୀକରଣ ହେବା ପରେ ଯେଉଁ ପୁସ୍ତକ ପ୍ରକାଶିତ ହୋଇଛି, ତାହା ବର୍ତ୍ତମାନ ମଧ୍ୟ ଗଠନ ପାଇଁ ଉପଲବ୍‌ଧ। ଯେଉଁମାନେ କେବେ ବି ଅନ୍ୟର ପ୍ରଶଂସନୀୟ କାର୍ଯ୍ୟର ଉଲ୍ଲେଖ ମଧ୍ୟ କରିନାହାନ୍ତି, ସେମାନଙ୍କର କୌଣସି ଅଧିକାର ନାହିଁ ଆଉ ସମାଲୋଚନା କରିବା ପାଇଁ । ଶ୍ରୀ ନରସିଂହ ରାଓଜୀଙ୍କୁ ତାଙ୍କରି ସମୟକାଳ ଭିତରେ ଭାରତରତ୍ନ ଦିଆଯିବା ଉଚିତ୍ ହୋଇଥାନ୍ତା। ସେହିପରି ଡଃ ମନମୋହନ ସିଂହ ମଧ୍ୟ ନିଜର ଦ୍ୱିତୀୟ ଅବଧି ଭିତରେ ଭାରତରତ୍ନ ପାଇବା କଥା। କିନ୍ତୁ 'ପରିବାର'ର ବାହାରେ ଥିବା ଲୋକେ କେବେ ବି କିଛି ପାଇନଥାନ୍ତି। କିନ୍ତୁ ଆମ ଦୃଷ୍ଟିଭଙ୍ଗୀ ସଂପୂର୍ଣ୍ଣ ଭିନ୍ନ। ପ୍ରଣବଦା'ଙ୍କୁ 'ଭାରତରତ୍ନ' ତାଙ୍କର ଦଳ ପାଇଁ ନୁହେଁ, ବରଂ ରାଷ୍ଟ୍ର ପ୍ରତି ଅବଦାନ ଦେଖି ଦିଆଯାଇଥିଲା।

ମୁଁ କୌଣସି କଥା ମନୋରଂଜନ ପାଇଁ କହେନାହିଁ। ଶେଷଥର କି ରେକର୍ଡ ପାଇଁ କରିରଖୁଛି ଆମେ କୌଣସି ବ୍ୟକ୍ତିର ଅବଦାନକୁ ହେୟ ମନେକରୁନାହିଁ। ମୁଁ ଯେତେବେଳେ ୧୨୫ କୋଟି ଭାରତୀୟ ଦେଶକୁ ଉନ୍ନତିପଥରେ ନେଇଛନ୍ତି ବୋଲି କହେ, ତାହା ଭିତରେ ସମସ୍ତେ ଅନ୍ତର୍ଭୁକ୍ତ। ଦୟାକରି ଆଲୋଚନାର ଗାମ୍ଭୀର୍ଯ୍ୟକୁ କମ୍ କରନ୍ତୁ ନାହିଁ ।

ଅଧ୍ୟକ୍ଷ ମହୋଦୟ, ସେମାନେ ବାରମ୍ବାର ଏହି ପ୍ରଶ୍ନ ଉଠାଇଛନ୍ତି ଯେ 'କିଏ କରିଛି' ? ଆଜି ହେଉଛି ୨୫ ଜୁନ୍ । ଅନେକ ଜୁନ୍ ୨୫ର ବିଶେଷତ୍ୱ ଜାଣନ୍ତି ନାହିଁ। ସେମାନେ ପଡ଼ୋଶୀଙ୍କୁ ପଚାରୁଛନ୍ତି। ଜୁନ୍ ୨୫ର ରାତିରେ ଏ ଦେଶର ଆତ୍ମାକୁ ଦଳି ଦିଆଯାଇଥିଲା। ଭାରତରେ ଗଣତନ୍ତ୍ର ସମ୍ବିଧାନର ପୃଷ୍ଠାରେ ଜନ୍ମ ନେଇନଥିଲା। - ଏହା ଭାରତର ଆତ୍ମା ଭିତରେ ଯୁଗ ଯୁଗ ଧରି ରହିଆସିଛି। ସେହି ଆତ୍ମାକୁ ନିଷ୍ପେସିତ କରାଯିବାର ଉଦ୍ୟମ ହୋଇଥିଲା। ଗଣମାଧ୍ୟମକୁ ନୀରବ କରିଦିଆଯାଇଥିଲା। ଦେଶର ମହାନ୍ ବ୍ୟକ୍ତିମାନଙ୍କୁ କାରଗାରକୁ ଠେଲି ଦିଆଯାଇଥିଲା। ସମଗ୍ର ଭାରତ ଏକ ବନ୍ଦୀଶାଳାରେ ପରିବର୍ତ୍ତିତ ହୋଇଯାଇଥିଲା। ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିର ଆସନକୁ ବଂଚାଇବାର ଅଭିସନ୍ଧିକୁ ନେଇ।

ଏହା ଏକ ଜ୍ୱଳନ୍ତ ଉଦାହରଣ ଯେ କିପରି ଭାବେ ନ୍ୟାୟିକ ବ୍ୟବସ୍ଥାର ଅପବ୍ୟବହାର କରାଯାଇପାରେ। ଆଜିର ଜୁନ୍ ପଚିଶ ତାରିଖରେ ଆମକୁ ପୁନର୍ବାର ନିଜର ପ୍ରତିବଦ୍ଧତାକୁ ଗଣତନ୍ତ୍ରର ଶକ୍ତିବୃଦ୍ଧି ପାଇଁ ଦୃଢ଼ଭାବରେ ଦୋହରାଇବାକୁ ପଡ଼ିବ । ଗୋଟିଏ ପଟେ ସମ୍ବିଧାନର ଦ୍ୱାହିଦେଇ ଅନ୍ୟପଟରେ ସମ୍ବିଧାନକୁ ଭୂଲୁଣ୍ଠିତ କରି ନିଜର ଅଧୀନ କରିବାର କଥା କେହି ଭୁଲିପାରିବେନି। ସେହି ପାପରେ ଭାଗୀଦାର ହୋଇଥିବା ଲୋକମାନଙ୍କର ପାପ କେବେ ବି ଭୁଲାଯାଇପାରେନା। ଆମକୁ ବାରମ୍ବାର ସ୍ମରଣ କରାଇଦେବାକୁ ହେବ ଯଦ୍ୱାରା ଏହାର ଯେମିତି କେବେ ବି ପୁନରାବୃତ୍ତି ନହୁଏ। ଗଣତନ୍ତ୍ର ପ୍ରତି ସମର୍ପଣରେ ଏହା ଏକ ନିଦର୍ଶନ। କଳ୍ପନା କରନ୍ତୁ, ଯେତେବେଳେ ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା, ସମଗ୍ର ଦେଶବାସୀ କିଏ କେତେବେଳେ ବନ୍ଧା ହୋଇଯାଇପାରନ୍ତି ବୋଲି ଭୟାତୁର ହୋଇ ଜୀବନ ଅତିବାହିତ କରୁଥିଲେ, ସେତେବେଳେ ବି ନିର୍ବାଚନରେ ସେମାନେ ନିଜର ସ୍ୱଷ୍ଟ ମତ ରଖିଥିଲେ । ସେହି ମତ ଥିଲା ଗଣତନ୍ତ୍ରର ସପକ୍ଷରେ ଏବଂ ଗଣତନ୍ତ୍ରକୁ ପୁର୍ନସ୍ଥାପିତ କରିବା ଉଦ୍ଦେଶ୍ୟରେ, ଏହା ହିଁ ହେଉଛି ମୋ ଦେଶର ଭୋଟରମାନଙ୍କର ଶକ୍ତି। ସେମାନେ ସର୍ବଦା ଜାତି,ବର୍ଣ୍ଣ, ସଂପ୍ରଦାୟ, ଭାଷା ଇତ୍ୟାଦିରୁ ଉପରକୁ ଉଠି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଭୋଟ ଦେଇଛନ୍ତି।

ଅଧ୍ୟକ୍ଷ ମହୋଦୟ, ସମ୍ମାନନୀୟ ରାଷ୍ଟ୍ରପତି ମହୋଦୟ ଦୁଇଟି ବିଶେଷ ଘଟଣା ବିଷୟରେ ଉଲ୍ଲେଖ କରିଛନ୍ତି ନିଜର ବକ୍ତବ୍ୟରେ। ଗୋଟିଏ ହେଲା 'ଗାନ୍ଧୀ ୧୫୦' ଓ ଅନ୍ୟଟି ହେଲା 'ସ୍ୱାଧୀନତା ୭୫'। କେତେକ ଦିନ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ପରିବାର, ଗୋଷ୍ଠୀ ପାଇଁ ଏକ ବିଶେଷ ମହତ୍ତ୍ୱ ରଖିଥାଏ। ଏକ ନୂତନ ଉତ୍ସାହର ସଂଚାର କରିଥାଏ। ଆମକୁ ନିଜର ଜୀବନର ଲକ୍ଷ୍ୟ ତଥା ପ୍ରଗତି ଦିଗରେ ସଚେତନ କରି ନୂତନ ଉତ୍ସାହରେ ଭରିଦେଇଥାଏ। ନିଜର ସଂକଳ୍ପ ବିଷୟରେ ମନେପକାଇ ଦେଇଥାଏ।

ବାପୁଜୀଙ୍କ ଠାରୁ ଅଧିକ ପ୍ରେରଣାଦାୟୀ ଆମ ଦେଶରେ ଅନ୍ୟ କେହି ହୋଇନପାରନ୍ତି । ଆଜି ମଧ୍ୟ ଦେଶ ପାଇଁ ଜୀବନ ସମର୍ପଣ କରିଥିବା ବୀରଯୋଦ୍ଧାମାନଙ୍କୁ ଆମେ ଶ୍ରଦ୍ଧାର ସହ ସ୍ମରଣ କରୁଛୁ । ସୁତରାଂ ଦେଶପାଇଁ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ, ଯେପରିକି ବାପୁ ବା ଅନ୍ୟାନ୍ୟ ବୀରପୁରୁଷମାନଙ୍କର ସ୍ମୃତିକୁ ଉଜ୍ଜୀବିତ କରିବା ନିମନ୍ତେ ଆମେ ଉତ୍ସବ ଆୟୋଜନ କରିବା ଦରକାର । ଏହାଦ୍ୱାରା ଦେଶରେ ଏକ ନୂତନ ପ୍ରେରଣାଶକ୍ତିର ସଂଚାର ହେବ । ଏହା କୌଣସି ଦଳ ବା ସରକାରଙ୍କର ଏଜେଣ୍ଡା ହୋଇନପାରେ । ଏହା ଆମ ଦେଶର ଏଜେଣ୍ଡା । ଏଥିରେ କୌଣସି 'ଦଳ' ନାହାନ୍ତି । ଏହା ହିଁ ମହାମହିମ ରାଷ୍ଟ୍ରପତିଙ୍କର ବିଚାର ।

ଆପଣମାନେ ନିର୍ବାଚନ ରଣଭୂମିରେ ପରସ୍ପର ସହ ଲଢ଼ିପାରନ୍ତି ମାତ୍ର ଏଠାରେ ଏକାଠି ହୁଅନ୍ତୁ । ସ୍ୱାଧୀନତା ପୂର୍ବରୁ ଲୋକେ ଦେଶ ପାଇଁ ଜୀବନ ଉତ୍ସର୍ଗ କରିଦେଉଥିଲେ । ଆସନ୍ତୁ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତିରେ ଆମେ ଦେଶ ପାଇଁ ଜୀଇଁବା । ସମସ୍ତ ଜନପ୍ରତିନିଧିମାନଙ୍କୁ ମୋର ଅନୁରୋଧ ଚାଲନ୍ତୁ ଆମେ ସଭିଏଁ ରାଷ୍ଟ୍ରପତି ମହୋଦୟାଙ୍କର ଆଶା, ଆକାଂକ୍ଷା ଓ ନିର୍ଦ୍ଦେଶର ଅନୁପାଳନ କରିବା । ନୂତନ ଭାରତର ସର୍ଜନା କରିବା ।

ଉପନିବେଶବାଦର ସମୟ ଭାରତ ପାଇଁ ବେଶ୍ ଅଧିକ ଥିଲା ସତ, ମାତ୍ର ସେତେବେଳେ ମଧ୍ୟ ଲୋକେ ତା'ର ବିରୁଦ୍ଧରେ ଅହରହ ସଂଗ୍ରାମ କରୁଥିଲେ, ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲେ । ୧୮୫୭ ମସିହାରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସ୍ୱାଧୀନତା

ପାଇଁ ସଂଘବଦ୍ଧ ଭାବେ ଉଦ୍ୟମ କରିଥିଲେ । ସେ ଏକ ସାଧାରଣ ମାନବକୁ ସ୍ୱାଧୀନତା ସଂଗ୍ରାମରେ ପରିବର୍ତ୍ତିତ କରିଦେଇଥିଲେ । ମହାତ୍ମା ଗାନ୍ଧି ଝାଡୁ ଲଗାନ୍ତୁ, ପାଠ ପଢ଼ାନ୍ତୁ ବା ଖଦି ବୁଣନ୍ତୁ ସବୁ କାର୍ଯ୍ୟରେ ସେ ସ୍ୱାଧୀନତାର ବାର୍ତ୍ତା ଲୋକଙ୍କ ପାଖରେ ପହଂଚାଇଥିଲେ । ସେ ଏପରି ପରିବେଶ ସୃଷ୍ଟି କରିଥିଲେ ଯେ ସମଗ୍ର ଦେଶ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲା । ୧୯୪୨ ମସିହାରୁ ୧୯୪୭ ମସିହା ଥିଲା ଏକ ଯୁଗାନ୍ତକାରୀ ସମୟ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ । ଆମେ କ'ଣ ସେହି ସମୟର ମନୋସ୍ଥିତିର ପୁନରାବୃତ୍ତି ଆଜି କରିପାରିବା ନାହିଁ ? ଦେଶକୁ ସମସ୍ୟାରୁ ମୁକ୍ତ କରିବା ପାଇଁ ନିଜର ଅଧିକାର ନୁହେଁ, ବରଂ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେଇପାରିବା ନାହିଁ । ୧୯୪୨ ମସିହା ପରି ନିଜର ଦାୟିତ୍ୱକୁ ଗମ୍ଭୀରତାର ସହ ବହନ କରିପାରିବା ନାହିଁ ? ମୋ ମତରେ ରାଷ୍ଟ୍ରପତିଙ୍କ ବକ୍ତବ୍ୟ ବହୁତ ମହତ୍ତ୍ୱପୂର୍ଣ୍ଣ । ଅତୀତରେ ଆମେ ସ୍ୱାଧୀନତା ହାସଲ ପାଇଁ ଚେଷ୍ଟାକଲା ବେଳେ ଆମର ଶାସକମାନେ ଭାବୁଥିଲେ ଆମେ ଅପାରଗ ଓ ଆମର ଦାବି ହାସ୍ୟାସ୍ପଦ । ମାତ୍ର ଆମେ ଦୃଢ଼ ଇଚ୍ଛାଶକ୍ତି ବଳରେ ସ୍ୱାଧୀନତା ହାସଲ କରିପାରିଥିଲୁ ।

ଯେଉଁମାନେ ଦେଶ ପାଇଁ ଜୀବନ ତ୍ୟାଗ କରିଥିଲେ ସେମାନେ ଥିଲେ ନିଆରା ଢ଼ଙ୍ଗର ମଣିଷ । ତାଙ୍କ ଭିତରେ ଅନ୍ୟକୁ ଦେଶପ୍ରେମରେ ଉଦ୍‌ବୁଦ୍ଧ କରିବାର କ୍ଷମତାଥିଲା । ଏହା କେବଳ ମୋ ପାଇଁ ବା ମୋର ଦଳ ପାଇଁ ପ୍ରଯୋଜ୍ୟ ନୁହେଁ । ଆମେ ସମସ୍ତେ ଏହାକୁ ହାସଲ କରିପାରିବା । ଏହା ମୋର ବ୍ୟକ୍ତିଗତ ଲାଭ ପାଇଁ ନୁହେଁ । ମୁଁ ଶହେ ପଚିଶକୋଟି ଭାରତୀୟଙ୍କର ଆକାଂକ୍ଷା କଥା ଭାବୁଛି ତେଣୁ ମୋର ଆଶା କ୍ଷୁଦ୍ର ନୁହେଁ, ବିଶାଳ ।

'ତବ ହଉସଲା ବନା ଲିୟା ଉନ୍‌ଚି ଉଡାନ୍ କା

ଫିର ଦେଖନା ଫିଜୁଲ ହେ ଖୁଦ୍ ଆସ୍‌ମାନକା ।'

ଆମେ ନୂତନ ସ୍ପୃହା ଓ ସଂକଳ୍ପ ସହିତ ଆଗକୁ ବଢ଼ିବା ଉଚିତ । ନୂଆ ସରକାର ଗଠନର କେବଳ ତିନି ସପ୍ତାହ ହୋଇଛି । ମାତ୍ର ବର୍ତ୍ତମାନଠାରୁ ଭବିଷ୍ୟତର ସରକାରର

ରୂପରେଖ ଦେଖାଯାଉଛି । ଆମେ ବି ବିଜୟ ଉତ୍ସବ ପାଳନ କରିପାରିଥାଆନ୍ତୁ । କିନ୍ତୁ ଆମେ ସେ ରାସ୍ତାରେ ଗଲୁନାହିଁ । ନିର୍ବାଚନ ପାଇଁ କିଛି ସମୟ ବିଶ୍ରାମ ବି କରିପାରିଥାନ୍ତୁ । କିନ୍ତୁ ଆମକୁ ତାହା ପସନ୍ଦ ନାହିଁ । ଆମେ ଦେଶସେବା ପାଇଁ କ୍ଷମତାକୁ ଆସିଛୁ । ଆମ ସରକାର ତିନି ସପ୍ତାହ ଭିତରେ ଅନେକ ନିଷ୍ପତ୍ତି ନେଇଛି । ପ୍ରତିଟି ସେକେଣ୍ଡକୁ ଆମେ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ଉପଯୋଗ କରିଛୁ । କ୍ଷୁଦ୍ର ଚାଷୀ, ବ୍ୟାପାରୀ ତଥା କୃଷି ଶ୍ରମିକ- ଯେଉଁମାନେ ଷାଠିଏ ବର୍ଷ ଅତିକ୍ରମ କରିସାରିଛନ୍ତି, ସେମାନଙ୍କ ପାଇଁ ପେନ୍‌ସନ୍‌ର ବ୍ୟବସ୍ଥା କରିଛୁ । ପିଏମ୍ କିଷାନ ସମୃଦ୍ଧି ଯୋଜନା କରିଛୁ- ଯାହା ମଧ୍ୟରେ ଆମେ ଛୋଟ ଚାଷୀଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଇଛୁ । ପ୍ରତିରକ୍ଷା ବିଭାଗର କର୍ମଚାରୀଙ୍କର ସନ୍ତାନମାନଙ୍କର ଛାତ୍ରବୃତ୍ତିକୁ ବୃଦ୍ଧି କରାଇଛୁ, ପୋଲିସ ବିଭାଗର କର୍ମଚାରୀଙ୍କର ସନ୍ତାନମାନଙ୍କୁ ମଧ୍ୟ ବୃତ୍ତି ସୁବିଧା ଯୋଗାଇ ଦେଇଛୁ ।

'ମାନବିକ ଅଧିକାର' ସମ୍ବନ୍ଧୀୟ ଆଇନ୍‌କୁ ସଂସଦରେ ଆଗତ କରିବା ନିମନ୍ତେ ଆମେ ସମସ୍ତେ ପ୍ରଚେଷ୍ଟା କରିଛୁ । କେବଳ ମାତ୍ର ତିନି ସପ୍ତାହ ଭିତରେ ଆମେ ମୁଖ୍ୟମନ୍ତ୍ରୀମାନଙ୍କର ସମ୍ମିଳନୀ ଆୟୋଜିତ କରିଛୁ, ସର୍ବଦଳୀୟ ସମ୍ମିଳନୀ କରିଛୁ, ସବୁଦଳର ସଭାପତିମାନଙ୍କର ମିଳନ ସଭା କରିଛୁ –ଏହିପରି ଭାବେ ୨୦୨୨ ପର୍ଯ୍ୟନ୍ତ ଆମ ସମସ୍ତଙ୍କର ସ୍ୱପ୍ନ ବିଷୟରେ ଆଲୋଚନା କରିଛୁ, ଯଦି ମୁଁ ଗଣନା ଆରମ୍ଭ କରେ ଏହା ପ୍ରାୟ ଦୈନିକ ତିନୋଟି କାମ ହେବ ।

ଅଧ୍ୟକ୍ଷ ମହୋଦୟ, ମହାମହିମ ରାଷ୍ଟ୍ରପତିଙ୍କର ଅଭିଭାଷଣରେ ଗୋଟିଏ କଥାର ଉଲ୍ଲେଖ ରହିଛି । ଏକଥା ନୁହେଁ ଯେ ପୂର୍ବରୁ ଥିବା ସରକାରମାନେ କୌଣସି କାମ କରି ନାହାନ୍ତି । ଏହି ଗୃହରେ ଦିନେ ଆଲୋଚନା ହେଉଥିଲା କେଉଁଠି କେଉଁଠି ବନ୍ଧ ତିଆରି କାର୍ଯ୍ୟ ହୋଇଛି । ଉତ୍ତମ ହୋଇଥା'ନ୍ତା ଯଦି ସେଥିରେ ବାବା ସାହେବ ଆମ୍ବେଦକରଙ୍କର ନାମ ମଧ୍ୟ ଉଲ୍ଲେଖ ହୋଇଥାନ୍ତା । ଦଳ ସମ୍ବନ୍ଧିତ ସମସ୍ତ ପ୍ରକଳ୍ପ ତାଙ୍କରି ପ୍ରଚେଷ୍ଟାରୁ ହିଁ ଭାରତରେ ଆରମ୍ଭ ହୋଇଛି । ସେ କହିଥିଲେ ମଣିଷ ଜଳ ଅଭାବରୁ ହିଁ ବେଶୀ କଷ୍ଟ ପାଏ

ଏବଂ ଜଳର ବାହୁଲ୍ୟରୁ ମଧ୍ୟ । କେନ୍ଦ୍ରୀୟ ଜଳମାର୍ଗ ବିଷୟରେ, ଜଳସେଚନର ପଥପ୍ରଦର୍ଶନ ବିଷୟରେ ବାବା ସାହେବ ଆମ୍ବେଦକରଙ୍କର ମତାମତ ଓ ଦୃଷ୍ଟିଭଙ୍ଗୀ ଏବେ ମଧ୍ଯ ପ୍ରାସଙ୍ଗିକ ।

ସର୍ଦ୍ଦାର ସରୋବର ଡ୍ୟାମ୍ ବିଷୟରେ କେହି ଜଣେ ଆଲୋଚନା ବେଳେ ଉଲ୍ଲେଖ କରିଥିଲେ । ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ମୁଁ ଆଉ ଟିକିଏ ଅଧିକା ସମୟ ନେବି । ବେଳେବେଳେ ଭ୍ରମାତ୍ମକ ବକ୍ତବ୍ୟ ସବୁ ଦିଆଯାଏ । କିଛି ଲୋକଙ୍କର ମନୋବୃତ୍ତି ହିଁ ସେହିପରି । ଭ୍ରମ ପ୍ରଚାରରେ ସେମାନେ ସତ୍ୟକୁ ଆସିବାକୁ ଦିଅନ୍ତି ନାହିଁ । ମୁଁ ସ୍ପଷ୍ଟୀକରଣ ଦେବା ପରେ ଯେ ସତ୍ୟର ଅବତାରଣା ହେବ, ତାହା ମଧ୍ଯ ସନ୍ଦେହାତ୍ମକ । କେବଳ ମତେ ଯାହା ସନ୍ତୋଷ ମିଳିବ ଯେ ମୁଁ ମୋର କର୍ତ୍ତବ୍ୟ କରିଛି ।

୧୯୬୧ ମସିହାରେ ପଣ୍ଡିତ ନେହେରୁ 'ସର୍ଦ୍ଦାର ସରୋବର ବନ୍ଧ'ର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କର ସ୍ୱପ୍ନ ଥିଲା । ୧୯୬୧ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପିତ ତ ହୋଇଥିଲା ମାତ୍ର ଅନେକ ଦଶନ୍ଧି ଧରି ମଂଜୁରୀ ପ୍ରାପ୍ତ ହୋଇନଥିଲା । ଏହି ପ୍ରକଳ୍ପ ସେ ସମୟରେ ଥିଲା ୬୦୦୦ କୋଟି ଟଙ୍କା ମୂଲ୍ୟର । ମାତ୍ର ବିଳମ୍ବ ହେବା ଯୋଗୁଁ ମୂଲ୍ୟବୃଦ୍ଧି ଘଟି ତାହା ପହଂଚିଲା ଷାଠିଏରୁ ସତୁରୀ ହଜାର କୋଟି ଟଙ୍କାରେ ବନ୍ଧକାର୍ଯ୍ୟ ସଂପୂର୍ଣ୍ଣ ହେଲାବେଳକୁ । ଏହା ଦ୍ୱାରା ଦେଶର କି ଲାଭ ହେଲା ? ୟୁପିଏ ସରକାରଙ୍କ ସମୟରେ ବନ୍ଧ ତିଆରି କାର୍ଯ୍ୟକୁ ରୋକିବାର ପ୍ରୟାସ ମଧ୍ଯ କରାଯାଇଥିଲା । ୧୯୮୬-୮୭ ମସିହାରେ ଆମର ସରକାର ଆସି କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ । ମୁଖ୍ୟମନ୍ତ୍ରୀ ଭାବେ ମତେ ଉପବାସ ରହି ଧାରଣା ଦେବାକୁ ପଡ଼ିଥିଲା ୟୁପିଏ ସରକାରର ନିଷ୍ପତ୍ତି ବିରୁଦ୍ଧରେ । କାରଣ ସେମାନେ ମଂଜୁରୀ ଦେଉନଥିଲେ । ପ୍ରଧାନମନ୍ତ୍ରୀ ପଦରେ ଆସୀନ ହେବାର ପନ୍ଦରଦିନ ଭିତରେ ମୁଁ ସବୁ ପ୍ରକାର ବାଧା ଦୂର କଲି । ଆଜି ପ୍ରାୟ ଚାରି କୋଟି ଲୋକେ ଏହି ବନ୍ଧ ଯୋଗୁଁ ପାଣି ପାଉଛନ୍ତି । ସାତଟି ମେଟ୍ରୋ ସହରକୁ

ଜଳଯୋଗାଣ ହେଉଛି, ପ୍ରାୟ ୧୨୭ଟି ମ୍ୟୁନିସିପାଲଟି ଓ ନଅ ହଜାରଟି ଗ୍ରାମ ସୁବିଧାରେ ଜଳ ପାଇ ପାରୁଛନ୍ତି ।

ଜଳାଭାବର ସମସ୍ୟା କଥା ଗୁଜୁରାଟ ଓ ରାଜସ୍ଥାନର ଲୋକେ ଭଲ ଭାବରେ ବୁଝିପାରିବେ । ସେଥିପାଇଁ ଆମେ ଏଇଥର ଏକ ପୃଥକ୍ 'ଜଳଶକ୍ତି' ବିଭାଗ ଗଠନ କଲୁ । ଜଳସମସ୍ୟାକୁ ଆମେ ଗମ୍ଭୀରତାର ସହ ଦେଖିବା କଥା । ଜଳ ସଂଚୟ ଦିଗରେ ଅଧିକ ଧ୍ୟାନ ଦେବା ଦରକାର । ମୁଁ ସମସ୍ତ ସମ୍ମାନନୀୟ ସଦସ୍ୟ ତଥା NGO ମାନଙ୍କୁ ଅନୁରୋଧ କରୁଛି ସେମାନେ ଜଳସଂଚୟରେ ଯୋଗଦାନ କରନ୍ତୁ । ବେସରକାରୀ ସ୍ତରରେ ଜଳ ସଂଚୟ କଲେ ଆମେ ମଣିଷର ଜୀବନ ରକ୍ଷା କରିପାରିବା । ଜଳାଭାବ ଦୁଇଟି ପ୍ରକାରର ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ-ଗରୀବ ଲୋକ ତଥା ମହିଳାମାନଙ୍କୁ । ମୋର ସମାଜବାଦୀ ବନ୍ଧୁମାନେ ଜାଣନ୍ତି ନା ନାହିଁ, କିନ୍ତୁ ଲୋହିଆଜୀ କହୁଥିଲେ ମହିଳାମାନଙ୍କର ସବୁଠାରୁ ବଡ଼ ଦୁଇଟି ସମସ୍ୟା ଆମ ଦେଶରେ ହେଲା ଜଳ ଓ ଶୌଚାଳୟର ଅଭାବ । ସେ ଏହି ଦୁଇଟି ସମସ୍ୟାରୁ ମୁକ୍ତି ଉପରେ ଗୁରୁତ୍ୱ ଦେଉଥିଲେ । ସୁତରାଂ ମହିଳାମାନଙ୍କର ସମ୍ମାନଜନକ ସ୍ଥିତି ନିମନ୍ତେ ଆମେ ଶୌଚାଳୟ ନିର୍ମାଣ କଲୁ ଏବଂ ବର୍ତ୍ତମାନ ଆମର ଲକ୍ଷ୍ୟ ହେବ 'ପ୍ରତି ଘରକୁ ଜଳ' ଯୋଗାଣ । ମୁଁ ଜାଣିଛି ଏହା ଏକ ବିଶାଳ କଷ୍ଟସାଧ୍ୟ କାର୍ଯ୍ୟ । ମତେ ହୁଏତ ଏହି କାର୍ଯ୍ୟ ନିମନ୍ତେ ୧୦୦ରୁ ୫୦ ନମ୍ବର ମିଳିପାରେ । ମାତ୍ର କାହାକୁ ତ ଆରମ୍ଭ କରିବାକୁ ପଡ଼ିବ । ସେଥିପାଇଁ 'ଜଳଶକ୍ତି ମନ୍ତ୍ରାଳୟ'ର ଗଠନ କରାଯାଇଛି ।

ଜଳସଂଚୟନ ପରେ ଜଳସେଚନ ଅନ୍ୟ ଏକ ବଡ଼ ଦାୟିତ୍ୱ । ପୃଥିବୀସାରା ଏହା ସର୍ବବିଦିତ ଯେ ମାଇକ୍ରୋଇରିଗେସନ୍ ଆଖୁଚାଷ ପାଇଁ ସର୍ବୋତ୍ତମ । କିନ୍ତୁ ଆମେ ଏବେ ବି ବନ୍ୟାଜଳ ଦ୍ୱାରା ପାଣି ସିଂଚନ ଉପରେ ନିର୍ଭରଶୀଳ । ଚାଷୀମାନଙ୍କୁ କିଏ ବୁଝେଇବ ଯେ କ୍ଷୁଦ୍ର ଜଳସେଚନ ଯାହା କି ସରକାରୀ ଯୋଜନା ତାଙ୍କ ପାଇଁ ଅଧିକ ଲାଭଜନକ । ଏଥିରେ ଜଳ ସଂଚୟ ମଧ୍ୟ ହୋଇଥାଏ । ଏହିପରି ଅନେକ ଛୋଟ ଛୋଟ ପଦକ୍ଷେପ ନେଲେ ଆମେ ଜଳସଂଚୟ କରିପାରିବା ତଥା ଦେଶକୁ ଉନ୍ନତି ପଥରେ ନେଇପାରିବା ।

କୃଷି ହିଁ ଆମ ଅର୍ଥନୀତିର ମେରୁଦଣ୍ଡ । ଆମ ଗ୍ରାମ୍ୟ ଅର୍ଥନୀତିର ଭିତ୍ତିପ୍ରସ୍ତର କିନ୍ତୁ ଆମକୁ ପୁରାତନ ପଦ୍ଧତିକୁ ପରିତ୍ୟାଗ କରିବାକୁ ହେବ । ଇନ୍‌ପୁଟ ଖର୍ଚ୍ଚ କମ୍ କରିବାକୁ ପଡ଼ିବ । ଜିରୋ ବଜେଟିଂ ଫାର୍ମି ଆଜିକାଲି ସଫଳତା ପାଉଛି । ଉତ୍ପାଦନରେ କୌଣସି ହ୍ରାସ ପରିଲକ୍ଷିତ ହେଉନାହିଁ, ସାମଗ୍ରୀକ ସ୍ୱାସ୍ଥ୍ୟସେବାରେ ମଧ୍ୟ ଗୁଣବତ୍ତା ବୃଦ୍ଧି ପାଇଛି । ଆମ ସମସ୍ତଙ୍କୁ ଏକତ୍ରୀତ ଭାବେ ଦଳଗତ ବୈଷମ୍ୟର ଉର୍ଦ୍ଧ୍ୱକୁ ଉଠି ଜନମଙ୍ଗଳକାରୀ କାର୍ଯ୍ୟ ଗୁଡ଼ିକୁ କରିବାକୁ ହେବ । କର୍ପୋରେଟ୍ ଜଗତକୁ ଉଦ୍‌ବୁଦ୍ଧ କରିବାକୁ ହେବ ତାହାହେଲେ ସେମାନେ କୃଷି କ୍ଷେତ୍ରରେ ପୁଞ୍ଜି ଲଗାଇବେ । ନୂଆ ପ୍ରକାରର ନୀତି ନିର୍ଦ୍ଧାରଣ କରିବାକୁ ହେବ । କର୍‌ପୋରେଟ୍ ହାଉସ ମାନେ ଶୀତଳ ଭଣ୍ଡାର, ଗୋଦାମ୍ ଆଦିରେ ନିବେଶ କରିବେ । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜି ଲଗାଇବେ, ଉତ୍ତମ ମାନର ମଞ୍ଜି ବା ବିହନର ମାର୍କେଟିଂ କରିବେ । ଏସବୁ ହେଲେ କୃଷିକ୍ଷେତ୍ରରେ ରପ୍ତାନୀର ସମ୍ଭାବନା ବୃଦ୍ଧି ପାଇବ ନିଶ୍ଚୟ ।

ପୂର୍ବରୁ ୨୦୧୪ ମସିହାରେ, ଡାଲିର ଦାମ ଏକ ବଡ଼ ପ୍ରସଙ୍ଗ ହୋଇଥିଲା, କିନ୍ତୁ ଦେଖନ୍ତୁ ଆମ ଚାଷୀ ଭାଇମାନଙ୍କର ସ୍ପୃହାକୁ । ମୁଁ ଗୋଟିଏ ଛୋଟିଆ ଅନୁରୋଧ କରିଥିଲି ସେମାନଙ୍କୁ ଯେ ସେମାନେ ଡାଲି ଜାତୀୟ ଶସ୍ୟ ଚାଷ କରନ୍ତୁ ଏବଂ ମୋ ଦେଶର ଚାଷୀମାନେ କଠିନ ପରିଶ୍ରମ କରି ଦେଶରେ ଥିବା ଡାଲିର ଅଭାବକୁ ମେଂଟାଇଲେ । ଡାଲି ପରେ ଆମେ କୃଷକମାନଙ୍କୁ ତୈଳବୀଜର ଚାଷ କରିବା ପାଇଁ ଉତ୍ସାହିତ କରିବା ଦରକାର । ଆମର ଦେଶକୁ ଖାଇବା ତେଲ ବା ସେହିପରି କିଛି ଆମଦାନୀ କରିବାକୁ ନ ପଡୁ । ଦେଶର କୃଷକମାନଙ୍କୁ ଦେଶର ଆବଶ୍ୟକତା ତଥା ଗ୍ରାମାଂଚଳର ଅର୍ଥନୀତିକୁ ଦୃଷ୍ଟିରେ ରଖି ପ୍ରୋତ୍ସାହିତ କରିବା ଦରକାର । ଆମେ ସେହି ଦିଗରେ ଅଗ୍ରସର ହେବା ଉଚିତ ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ଏହା ସତ୍ୟ ଯେ ସମାଲୋଚନା ପାଇଁ ପରିସଂଖ୍ୟାନକୁ ବ୍ୟବହାର କରାଯାଇପାରିବ । ଦେଶର ଆକାଂକ୍ଷାର ପରିପୂର୍ତ୍ତିକୁ ଏକ ସମୟରେ ଅତି ସାଧାରଣ ଭାବେ ବିବେଚନା କରାଯାଏ । ମାତ୍ର ଅନ୍ୟ ଏକ ସମୟ ଏପରି ଥିଲା,

ଯେତେବେଳେ ଅର୍ଥନୀତିର ମାପଦଣ୍ଡରେ ଭାରତର ସ୍ଥାନ ତେରରୁ ଏଗାରକୁ ଖସି ଆସିଥିଲା ଏବଂ ତାହାକୁ ବେଶ୍ ଉଦ୍ଦୀପନାର ସହ ଗ୍ରହଣ କରାଯାଇଥିଲା । ବର୍ତ୍ତମାନ ଭାରତ ଷଷ୍ଠତମ ସ୍ଥାନରେ ପହଂଚିଛି ଅଥଚ ତାହାକୁ ବଡ଼ ବିଷାଦଗ୍ରସ୍ତ ମୁଖମଣ୍ଡଳରେ ଗ୍ରହଣ କରାଯାଉଛି । ପାଂଚ ଟ୍ରିଲିଅନ୍ ଡଲାର ଅର୍ଥନୀତି କାହିଁକି ଆମ ସମସ୍ତଙ୍କର ସ୍ୱପ୍ନ ହୋଇ ପାରିବନି ? ଏପରି ହେଲେ କ୍ଷତି କାହାର ? ବରଂ ଆମେ ସମସ୍ତେ ଲାଭାନ୍ୱିତ ହେବା । ମୋର ବିଶ୍ୱାସ ଯେ ଆମେ ସମସ୍ତେ ଏଥିପାଇଁ ଉଦ୍ୟମ କରିବା ଉଚିତ । ଏହି ସ୍ୱପ୍ନକୁ ନେଇ ଆମେ ଆଗକୁ ବଢ଼ିବା ।

'ମେକ୍ ଇନ୍ ଇଣ୍ଡିଆ' ଯୋଜନାର କଳ୍ପନାକୁ ପରିହାସ କରାଗଲା । ମାତ୍ର ଏହାର ଭୂମିକାକୁ କେହି ଅସ୍ୱୀକାର କରିପାରିବେ କି ? ମହୋଦୟ, ମୁଁ ଏଠାରେ କାହାକୁ ସମାଲୋଚନା କରିବାକୁ ଆସିନାହିଁ ଏବଂ ମୁଁ ନିଜର ସମୟ ନଷ୍ଟ କରିବାକୁ ଚାହୁଁନାହିଁ । ମୋର ବହୁତ କିଛି କରିବାର ଅଛି । କିନ୍ତୁ ଦେଶକୁ ବି ଏକଥା ଜଣାଇବା ଜରୁରୀ ଅଟେ । ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଆମ ଦେଶ ପାଖରେ ପ୍ରାୟ ୨୦୦ ରୁ ୨୨୫ ବର୍ଷର ଅଭିଜ୍ଞତା ଅଛି । ସ୍ୱାଧୀନତା ପରେ ଅଠରଟି ଅର୍ଡନାନ୍ସ୍ କାରଖାନା ପ୍ରତିଷ୍ଠିତ ହୋଇଛି ଯାହା ଅସ୍ତ୍ରଶସ୍ତ୍ର ନିର୍ମାଣ କରେ ଓ କରୁଛି । ସେ ସମୟରେ ଚୀନ୍‌ର କୌଣସି କାରଖାନା ନଥିଲା ନା ଥିଲା କୌଣସି ଅଭିଜ୍ଞତା । କିନ୍ତୁ ଆଜି ଚୀନ୍ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରୁଛି ଏବଂ ଆମେ ଆମଦାନୀ କରିବାରେ ବ୍ୟସ୍ତ ରହିଛୁ । ଆମକୁ ଏଥିରୁ ବାହାରିବାକୁ ପଡ଼ିବ । 'ମେକ୍ ଇନ୍ ଇଣ୍ଡିଆ'କୁ ପରିହାସ କଲେ କ'ଣ ବା ହାସଲ ହେବ ? ଦେଶର ତ କିଛି ଭଲ ହେବ ନାହିଁ ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ମୁଁ ଆପଣଙ୍କ ନିକଟରେ ତଥା ଏ ସଦନ ସମ୍ମୁଖରେ କୃତଜ୍ଞ ଯେ ମୋତେ ମୋର ବକ୍ତବ୍ୟ ରଖିବାର ସୁଯୋଗ ଦେଲେ । ଆମକୁ ବିଶ୍ୱର ସର୍ବୋଚ୍ଚ ପାଂଚଟି ଅର୍ଥନୀତିର ଭିତରେ ନିଜର ସ୍ଥାନ ହାସଲ କରିବାକୁ ହେବ । ଷ୍ଟାର୍ଟଅପ୍‌ର ସଂଖ୍ୟାବୃଦ୍ଧି, ରପ୍ତାନୀର ବୃଦ୍ଧି – ଏସବୁ ହେବା ଦରକାର । ଆମକୁ "ଜୟ ଜବାନ, ଜୟ

କିଷାନ, ଜୟ ବିଜ୍ଞାନ ଏବଂ ଜୟ ଅନୁସଂଧାନ” ଏହାକୁ ମନ୍ତ୍ର ବୋଲି ଧରିନେବାକୁ ହେବ । ଯୁବକମାନଙ୍କର ନିଯୁକ୍ତି ସୁଯୋଗ ଖୋଜିବାକୁ ହେବ ।

ଟୁରିଜିମ୍ କ୍ଷେତ୍ରରେ ଆମ ଦେଶର ଅଜସ୍ର ସମ୍ଭାବନା ରହିଛି । କିନ୍ତୁ ଆମର ଏପରି ଏକ ନକରାତ୍ମକ ଭାବମୂର୍ତ୍ତି ହୋଇ ଯାଇଛି ଯେ, ଆମେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଅଧିକ ସଂଖ୍ୟାରେ ଆକର୍ଷିତ କରିପାରୁନାହୁଁ । ‘ସ୍ୱଚ୍ଛତା ଅଭିଯାନ’ ଆମକୁ ଏକ ନୂତନ ପରିଚୟ ଦେଇଛି । ଆମେ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବା ଏବଂ ପୃଥିବୀରେ ଏକ ଅଗ୍ରଣୀ ଦେଶ ଭାବେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇ ପାରିବା ।

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆମ ଦେଶକୁ ଆଗକୁ ବଢ଼ିବାକୁ ହେବ । ଦେଶର ଆବଶ୍ୟକତା ମେଣ୍ଟାଇବାକୁ ହେଲେ ଏକ ଶହ ଲକ୍ଷ କୋଟି ଟଙ୍କା ବି କମ୍ ହେବ । କିନ୍ତୁ ଆମକୁ ଆମର ସ୍ୱପ୍ନକୁ ନେଇ ଅଗ୍ରସର ହେବାକୁ ହେବ ଏବଂ ବିଶ୍ୱର ଅନ୍ୟ ଦେଶମାନଙ୍କର ସହାୟତା ମଧ୍ୟ ନେବାକୁ ହେବ । ‘ନୂତନ ଭାରତ’, ‘ଆଧୁନିକ ଭାରତ’ ତଥା ‘ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଜୀବନ’– ଏସବୁ ଆମେ ହାସଲ କରିବା । ଆମକୁ ଦେଖିବାକୁ ହେବ ଯେ ସାଧାରଣ ମଣିଷର ଜୀବନ ସ୍ୱଚ୍ଛଳ ହେଉ ଏବଂ ସେ ତା’ର ସ୍ୱପ୍ନ ପୂରଣ କରିବାକୁ ସମର୍ଥ ହେଉ । ସମସ୍ତଙ୍କୁ ସମାନ ସୁଯୋଗ ପ୍ରାପ୍ତ ହେଉ ।

ଆମେ ଆଜି ଡେମୋଗ୍ରାଫିକ୍ ଡିଭିଡେଣ୍ଡର କଥା କହୁଛୁ । ଆମ ପାଖରେ ପ୍ରଚୁର ଯୁବଶକ୍ତି ଅଛି । ମାତ୍ର ଆମେ ତାହାକୁ ବିଶ୍ୱର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ କରିଛୁ କି ? ଆମର ‘ଦକ୍ଷତା ବିକାଶ’ କୁ ଆହୁରି ଉପରକୁ ନେବାକୁ ହେବ । ରାଷ୍ଟ୍ରପତି ମହୋଦୟ ଆମର ମାର୍ଗଦର୍ଶନ କରିଛନ୍ତି । ଭାରତ ସରକାର GEM portal ଆଣିଛନ୍ତି । ମୁଁ ସମସ୍ତ ରାଜ୍ୟସରକାରମାନଙ୍କୁ ଅନୁରୋଧ କରିବି ଯେ ଏହି ପୋର୍ଟାଲର ବ୍ୟବହାର କରନ୍ତୁ । ଏହାଦ୍ୱାରା ବହୁ ପରିମାଣରେ ଅର୍ଥ ସଂଚୟ ହେବ । ଯେକୌଣସି ବ୍ୟକ୍ତି ନିଜର ଉତ୍ପାଦକୁ ସରକାରଙ୍କୁ ବିକ୍ରି କରିପାରିବ ।

ଦୁର୍ନୀତି ବିରୁଦ୍ଧରେ ଆମେ ସଂଗ୍ରାମ କରିଚାଲିବା, କିଛି ଲୋକଙ୍କୁ ଜେଲ ନ ପଠେଇବାରୁ ଆମର ସମାଲୋଚନା କରାଯାଉଛି । ଏହା କୌଣସି ଜରୁରୀକାଳୀନ ପରିସ୍ଥିତି ନୁହେଁ ଯେ ଆମେ ମନଇଛା ଜେଲ ଭରି ଦବୁ । ନ୍ୟାୟିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଆଇନ୍ ସଂଗତ ଭାବରେ କାର୍ଯ୍ୟ କରିବାକୁ ପଡ଼ିବ । ପ୍ରତିଶୋଧ ମନୋବୃତ୍ତି ନେଇ କୌଣସି କାର୍ଯ୍ୟକରିବା ଅନୁଚିତ । ଈଶ୍ୱର ଆମକୁ ଯେଉଁ ଜ୍ଞାନ ଓ କ୍ଷମତା ଦେଇଛନ୍ତି ତାହାର ଉପଯୋଗ ଆମେ ସଚ୍ଚୋଟ ଭାବରେ କରିବୁ । ଏହି ଦେଶ ଆମକୁ ବହୁତ କିଛି ଦେଇଛି । ତେଣୁ ଆମେ ଅସତ୍ ପଥରେ ଯିବୁ ନାହୁଁ । ଅଧ୍ୟକ୍ଷ ମହୋଦୟ, ଆତଙ୍କବାଦକୁ ନେଇ ଆମ ସମସ୍ତଙ୍କର ମତାମତରେ କୌଣସି ଫରକ ରହିବା କଥା ନୁହେଁ । ମାନବତା ପ୍ରତି ଏହା ଏକ ବଡ଼ ବିପଦ । ମାନବତାବାଦରେ ବିଶ୍ୱାସ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ଆଗକୁ ଆସି ଅନ୍ୟମାନଙ୍କ ସହିତ ଏକାଠି ହୋଇ ସନ୍ତ୍ରାସବାଦ ବିରୁଦ୍ଧରେ ଲଢ଼ାଇ କରିବା ଦରକାର ।

ମହିଳା ସଶକ୍ତୀକରଣ ବିଷୟରେ କହିବି । କଂଗ୍ରେସ ଦଳ ପାଖରେ ମହିଳା ସଶକ୍ତୀକରଣ ଦିଗରେ ପଦକ୍ଷେପ ନେବା ପାଇଁ ଅନେକ ସୁଯୋଗ ଥିଲା । କିନ୍ତୁ ସେମାନେ ଏମିତି ଉପରେ ଭାସି ବୁଲୁଥିଲେ ଯେ ବାସ୍ତବତାରୁ ବହୁତ ଦୂରେଇ ଗଲେ । ପଚାଶ ଦଶକରେ "Uniform Civil Code" ବିଷୟରେ ଆଲୋଚନା ଚାଲିଥିଲା । କଂଗ୍ରେସ ପାଖରେ ଥିବା ସୁଯୋଗକୁ ସେମାନେ ହାତଛଡ଼ା କରିଦେଲେ । 'ହିନ୍ଦୁ କୋଡ୍ ବିଲ୍'କୁ ପାସ୍ କରିଦେଲେ ଏବଂ ମହିଳା ସଶକ୍ତୀକରଣ ପ୍ରସଙ୍ଗକୁ ଏଡ଼ାଇ ଦେଲେ । ୩୫ ବର୍ଷ ପରେ ସାହାବାନୋ କେଶ୍ ସମୟରେ କଂଗ୍ରେସକୁ ଦ୍ୱିତୀୟ ଥର ସୁଯୋଗ ମିଳିଥିଲା । ସୁପ୍ରିମକୋର୍ଟର ସହାୟତା ମିଳିଥିଲା ଓ ଦେଶରେ ମଧ୍ୟ ଲିଙ୍ଗ-ଭିତ୍ତିକ ସମାନତା ପାଇଁ ପରିବେଶ ଅନୁକୂଳ ଥିଲା । ମାତ୍ର କଂଗ୍ରେସ ସେଥିରେ ମଧ୍ୟ ବାସ୍ତବତାରୁ ଦୂରେଇ ଯାଇ ସୁଯୋଗ ହରାଇଲା । ପୁର୍ନବାର ୩୫ ବର୍ଷ ପରେ କଂଗ୍ରେସକୁ ସେ ସୁଯୋଗ ମିଳିଛି । ଆମେ ବିଲ୍‌ଟିକୁ ଉପସ୍ଥାପନ କରିଛୁ । ମହିଳାମାନଙ୍କର ଆତ୍ମସମ୍ମାନ ଓ ଗୌରବ ରକ୍ଷା ନିମନ୍ତେ ଏଥିରେ କୌଣସି ଧର୍ମ ବା ସମ୍ପ୍ରଦାୟର କଥା ନାହିଁ । ମହିଳାମାନଙ୍କର ଗରିମାମୟ ଜୀବନର କଥା ଅଛି ।

ମୋର ମନେପଡୁଛି ସାହାବାନୋ କେଶ୍ ଚାଲିଥିବା ବେଳେ କଂଗ୍ରେସର ଜନୈକ ମନ୍ତ୍ରୀ କହିଥିଲେ ମୁସଲମାନଙ୍କର ଉତ୍‌ଥାନ କରିବା କଂଗ୍ରେସର ଦାୟିତ୍ୱ ନୁହେଁ । ଏହା ଗଭୀର ବିଷୟ । ସେମାନେ ଆମ ଦେଶର ନାଗରିକ । ସେମାନଙ୍କର ଉତ୍‌ଥାନ ବି ଗୁରୁତ୍ୱପୂର୍ଣ୍ଣ ।

ଅଧ୍ୟକ୍ଷ ମହୋଦୟ, ମୁଁ ଅଧିକ ସମୟ ନେବାକୁ ଚାହୁଁନାହିଁ । ଆମେ ଦେଖିଆସିଛୁ ଆମ ଦେଶରେ ଅଧିକାରକୁ ସର୍ବଦା ଗୁରୁତ୍ୱ ଦିଆଯାଇଛି । ସେଥିରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଅଧିକାରରୁ କର୍ତ୍ତବ୍ୟ ଆଡ଼କୁ ଦୃଷ୍ଟି ଦେବା । ଜନପ୍ରତିନିଧିମାନଙ୍କର ଏହା ଦାୟିତ୍ୱ ଯେ, ସେ ଲୋକମାନଙ୍କୁ ନିଜର କର୍ତ୍ତବ୍ୟ ବିଷୟରେ ସଚେତନ କରାଇବେ । ମହାତ୍ମାଗାନ୍ଧୀ କହୁଥିଲେ, ପ୍ରତିଟି ଅଧିକାର ଭିତରେ ଏକ କର୍ତ୍ତବ୍ୟ ଅନ୍ତର୍ନିହିତ ଅଛି । ଲୋହିଆଜୀ କହୁଥିଲେ- କର୍ତ୍ତବ୍ୟ କରିବା ସମୟରେ ଲାଭ ବା କ୍ଷତିର ପ୍ରଶ୍ନ ବି ଉଠେନାହିଁ । ଏହି ଉକ୍ତିଟିକୁ ଦିନେ ମୁଁ ବିଶଦ ଭାବେ ବର୍ଣ୍ଣନା କରିବି ।

ଏକ ପୁରାତନ ଉକ୍ତିକୁ ଉଦ୍ଧାର କରିବି –ଭାରତ ବିଶ୍ୱକୁ ଏକ ବଡ଼ ଶିକ୍ଷା ଦେଇପାରିବ କର୍ତ୍ତବ୍ୟ ଅଧିକାର ବିଷୟରେ । ଆଜିର ବସ୍ତୁବାଦୀ ଦୁନିଆରେ, ସବୁ ମୁହୂର୍ତ୍ତରେ ଜୀବନ ସଂଘର୍ଷମୟ । ସମସ୍ତେ ନିଜ ନିଜର ଅଧିକାର ଓ ବିଶେଷାଧିକାର ବିଷୟରେ କହି ବୁଲନ୍ତି । କ୍ୱଚିତ କେହି କର୍ତ୍ତବ୍ୟ ବିଷୟରେ କହେ । ଯଦି ଆମେ ନିଜର କର୍ତ୍ତବ୍ୟ କରିବାକୁ ଭୁଲିଯାଉ, ତାହେଲେ ଅଧିକାର ଆମ ପାଖରେ ଆସିବ କେଉଁଠୁ ? ଏହି ଚିନ୍ତାଧାରା ଥିଲା ପଣ୍ଡିତ ନେହେରୁଙ୍କର ଯାହା ସେ ୧୪ ଜୁଲାଇ ୧୯୫୧ ମସିହାରେ କହିଥିଲେ । ଆମ ଦେଶର ଯୁବଗୋଷ୍ଠୀ ସର୍ବଦା କର୍ତ୍ତବ୍ୟର ଆହ୍ୱାନକୁ ସମ୍ମାନ ଦେଇ ଆସିଛି । ଏକଦା ମହାତ୍ମାଗାନ୍ଧୀଙ୍କ ଡାକରାରେ ପାଠପଢ଼ା ଛାଡ଼ି ସେମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ବିଦେଶୀ ବସ୍ତୁର ବର୍ଜନ କରି ସ୍ୱଦେଶୀ ବସ୍ତୁକୁ ଆପଣେଇ ଥିଲେ । ଲାଲବାହାଦୁର ଶାସ୍ତ୍ରୀଜୀ ଗୋଟିଏ ବେଳାର ଭୋଜନ ତ୍ୟାଗ କରି, ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଆହ୍ୱାନ ଦେଇଥିଲେ ଏବଂ ଯୁବଗୋଷ୍ଠୀ ତାହା ମାନିଥିଲା । ମୋ ପରି ଏକ ଅତି ସାଧାରଣ ବ୍ୟକ୍ତି ଗ୍ୟାସ ସବ୍‌ସିଡି ଛାଡ଼ିବାକୁ ଅନୁରୋଧ କରିଥିଲା ଏବଂ ଲୋକେ ତାହା ମାନିନେଲେ ।

ଆସନ୍ତୁ ଆମେ ସମସ୍ତେ ଏକାଠି ହୋଇ ଏକ ନୂତନ ଭାରତର ସର୍ଜନା କରିବା କାରଣ ଦେଶ ରାଜନୀତିର ଉର୍ଦ୍ଧ୍ୱରେ- ସବୁ ଦଳଙ୍କଠାରୁ ବିଶାଳ । ଏ ଦେଶର କୋଟି କୋଟି ଲୋକଙ୍କର ଆଶା ଓ ଆକାଂକ୍ଷା ରହିଛି ଏବଂ ତାହାକୁ ପୂରଣ କରିବାକୁ ଆମେ ଲାଗିପଡ଼ିବା । ମହାମହିମ ରାଷ୍ଟ୍ରପତିଙ୍କର ମାର୍ଗ ଦର୍ଶନରେ ଆମେ କାର୍ଯ୍ୟ କରିଚାଲିବା । ମୁଁ ତାଙ୍କର ଅଭିଭାଷଣ ପାଇଁ ଏବଂ ଦେଶ ପାଇଁ ଉତ୍ତମ କାର୍ଯ୍ୟ କରିଯିବାର କାମନା ପାଇଁ ଧନ୍ୟବାଦ ଜଣାଉଛି । ଅଧ୍ୟକ୍ଷ ମହୋଦୟଙ୍କୁ ଧନ୍ୟବାଦ ଜଣାଇ ମୁଁ ମୋର ବକ୍ତବ୍ୟ ସାଙ୍ଗ କରୁଛି ।

# ରାଜ୍ୟସଭାର ୨୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ
# ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର
# ଭାଷଣ

18th November 2019

## ୧୮.୧୧.୨୦୧୯ ରାଜ୍ୟସଭା

# ରାଜ୍ୟସଭାର ୨୫୦ତମ ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କ ବିବୃତି

ସମ୍ମାନିତ ସଭାପତି ତଥା ସମ୍ମାନୀୟ ସଦନ ଆଜି ରାଜ୍ୟସଭାର ୨୫୦ତମ ଅଧିବେଶନ ନିମନ୍ତେ ଏଠାରେ ଏକତ୍ରିତ ସମସ୍ତ ମାନନୀୟ ସଦସ୍ୟଙ୍କୁ ମୋର ଅଭିବାଦନ। କିନ୍ତୁ ପ୍ରାରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁମାନେ ଏହି ଯାତ୍ରାରେ ସାମିଲ ଥିଲେ ସେମାନେ ସଭିଏଁ ଏହି ଅଭିନନ୍ଦନର ଅଧିକାରୀ। ମୁଁ ସେମାନଙ୍କୁ ଆଦରପୂର୍ବକ ସ୍ମରଣ କରୁଛି।

ସଭାପତି ମହୋଦୟ, ଆପଣ ଯେତେବେଳେ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ଘଟଣାବଳୀକୁ ଅତ୍ୟନ୍ତ ପ୍ରଭାବଶାଳୀ ଢଙ୍ଗରେ ସଂଯୁକ୍ତ କରି ଉପସ୍ଥାପିତ କରୁଥିଲେ, ମୁଁ ଭାବୁଥିଲି, ଲେଖାଲେଖିରେ ରୁଚି ରଖୁଥିବା ବ୍ୟକ୍ତିସମୂହ ନିଶ୍ଚୟ ଏହାକୁ ଦେଖୁଥିବେ ଏବଂ ପରେ ହୁଏତ ସେମାନେ ଲେଖିବେ ଯେ ୨୫୦ତମ ଅଧିବେଶନ କେବଳ ଏକ ଅଧିବେଶନ ନଥିଲା, ବରଂ ଏହା ଥିଲା ଏକ ବୈଚାରିକ ଯାତ୍ରା। ଆପଣ ଯାହା କହିଛନ୍ତି ସମୟ ବିଶେଷରେ ଗୋଟିଏ ବିଲ୍ ସଦନରେ ଉପସ୍ଥାପିତ ହୁଏ ଏକ ନିର୍ଦ୍ଦିଷ୍ଟ ରୂପରେ, କିନ୍ତୁ ଅନ୍ତିମ ସ୍ତରରେ ସେହି ବିଲ୍ ରୂପରେଖ ସମ୍ପୂର୍ଣ୍ଣ ବଦଳିଯାଏ। ସମୟ ବଦଳିଯାଇଛି। ପରିସ୍ଥିତି ମଧ୍ୟ ବଦଳିଯାଇଛି। ପରିବର୍ତ୍ତିତ ପରିସ୍ଥିତି ସହିତ ଏହି ସଦନ ନିଜକୁ ଖାପ ଖୁଆଇ ପାରିଛି। ନିଜକୁ ପରିବର୍ତ୍ତନ କରିବାର ପ୍ରୟାସ କରିଛି। ମୁଁ ଭାବୁଛି ଏହା ନିଶ୍ଚିତ ଭାବେ ଏକ ବଡ କଥା ଏବଂ ଏହି ଗୃହର ସମସ୍ତ ସଦସ୍ୟ ଯେଉଁମାନେ ଏ ଦିଗରେ କାର୍ଯ୍ୟ କରିଛନ୍ତି, ସେମାନେ ଅଭିନନ୍ଦନର ପାତ୍ର। ଅନ୍ୟଥା ସେମାନଙ୍କୁ ଲାଗିବ ଯେ ୨୦ ବର୍ଷ ପୂର୍ବେ ସେମାନେ ଯେଉଁ ପକ୍ଷ ରଖିଥିଲେ ଆଜି ସେଥିରୁ ବିଚ୍ୟୁତ ହେବେ କିପରି ? କିନ୍ତୁ ଆପଣ ଯେଉଁଭଳି ଢଙ୍ଗରେ ଅତି ଯୁକ୍ତିନିଷ୍ଠ ଭାବେ କଥାଟିର ଉପସ୍ଥାପନା କରିଛନ୍ତି, ତାହା ଆମ୍ଭମାନଙ୍କ ବିଚାରକୁ ପ୍ରତିବିମ୍ବିତ କରୁଛି। ଏଥିପାଇଁ ଏହି ଗୃହ ଗର୍ବିତ।

ଏହି ମହାନ୍ ଘଟଣାରେ ଭାଗ ନେଇ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଭାଗ୍ୟଶାଳୀ ମନେକରୁଛି। ସମ୍ବିଧାନର ପ୍ରଣେତାମାନଙ୍କ ମଧ୍ୟରେ ନିଶ୍ଚିତ ଭାବେ ଆଲୋଚନା, ପର୍ଯ୍ୟାଲୋଚନା ହୋଇଥିବ କି ସଦନରେ ଦୁଇଟି କକ୍ଷ ରହିବ ନା ନାହିଁ। କିନ୍ତୁ ଆମର ବର୍ତ୍ତମାନ ପର୍ଯ୍ୟନ୍ତ ଅଭିଜ୍ଞତା ଏହା ହିଁ ଦର୍ଶାଉଛି ଯେ ସେମାନେ କେତେ ବିଚାରବନ୍ତ ଓ ପରିପକ୍ୱ ଥିଲେ। ଦୁଇଟି ସଦନର ବ୍ୟବସ୍ଥା କେତେ ଉପଯୁକ୍ତ ଆମ ଦେଶ ନିମନ୍ତେ। ନିମ୍ନସଦନ ବା ଲୋକସଭା ତୃଣମୂଳ ସ୍ତରରେ ସଂଯୁକ୍ତ ତଥା ଉଚ୍ଚ ସଦନ ଦୂର ଦୃଷ୍ଟିତା ନିମନ୍ତେ ପ୍ରସିଦ୍ଧ। ନିମ୍ନ ସଦନ ଭାରତର ବିକାଶ ଯାତ୍ରାର ପ୍ରତିଫଳକ ଓ ଉଚ୍ଚସଦନ ଭବିଷ୍ୟତର ଦୃଷ୍ଟିଭଙ୍ଗୀ ସହିତ ଜଡିତ। ସୁତରାଂ ଏହି ଦୁଇଟି ସଦନର ସମ୍ମେଳନ ଆମକୁ ଏକ ଅତି ସୁନ୍ଦର ଅଭିଜ୍ଞତାର ଅଧିକାରୀ କରୁଅଛି।

ଏହି ସଦନ ଅନେକ ଐତିହାସିକ ଘଟଣାର ସାକ୍ଷୀ। ଏହିଠାରେ ଏକଦା ଐତିହାସିକ ଘଟଣାମାନ ରୂପ ନେଇଥିଲା ଏବଂ ଏହି ସଦନ ସମୟାନୁକ୍ରମେ ସେହି ଘଟଣାମାନଙ୍କର ସ୍ମୃତିଚାରଣ କରିଥିଲା ଓ ଆବଶ୍ୟକସ୍ଥଳେ ସେମାନଙ୍କର ଦୃଷ୍ଟାନ୍ତ ମଧ୍ୟ ଦେଇଚାଲିଛି। ଠିକ୍ ସେହିପରି ଭାବେ ବହୁ ମହାନ୍ ଓ ବିଶିଷ୍ଟ ବ୍ୟକ୍ତି ଏହି ସଦନର କାର୍ଯ୍ୟଧାରାରେ ଅଂଶଗ୍ରହଣ ପୂର୍ବକ ଦେଶର ବିକାଶଧାରାକୁ ଗତିଶୀଳ କରିଥିଲେ। ସ୍ୱାଧୀନତା ପରର ବିକାଶଯାତ୍ରାକୁ ଅବ୍ୟାହତ ରଖି ଅନେକ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଷାଠିଏ, ସତୁରୀ ବର୍ଷ ପରେ ଅନେକ କିଛି ନୂତନ ସର୍ଜନା ହୋଇଛି ଏବଂ ଆମେ ଏକ ସନ୍ତୋଷଜନକ ମୋଡରେ ପହଞ୍ଚିସାରିଛେ। ମାତ୍ର ପ୍ରାରମ୍ଭିକ ସମୟରେ ଆମେ ଏକ ଅଜଣା ଆଶଙ୍କାର ମନୋଦଶା ଦେଇ ଗତି କରୁଥିଲୁ। ବର୍ତ୍ତମାନର ଆମର ପରିପକ୍ୱତା ନିଶ୍ଚୟ ଏକ ବଡ ଉପଲବ୍ଧି।

ସଭାପତି ମହୋଦୟ,

ଏହି ସଦନ ଅତି ବିଶିଷ୍ଟ ସ୍ଥାନ ଅଟେ। ଏହାର ଦୁଇଟି ଦିଗ ରହିଛି- ଗୋଟିଏ ହେଉଛି ଏହାର ସ୍ଥାୟୀତ୍ୱ ଓ ଅନ୍ୟଟି ହେଉଛି ଏହାର ବିବିଧତା। ରାଜ୍ୟସଭା ଚିରସ୍ଥାୟୀ କାରଣ ଲୋକସଭା ପରି ଏହା ପ୍ରତି ପାଞ୍ଚ ବର୍ଷରେ ଭଙ୍ଗ ହୁଏ ନାହିଁ। ଏହା ପ୍ରାରମ୍ଭରୁ ଅସ୍ତିତ୍ୱରେ

ଅଛି ଏବଂ ରହିବ। ଲୋକେ ଆସିବେ ଜନପ୍ରତିନିଧି ରୂପରେ ଆଉ ଚାଲିଯିବେ କିନ୍ତୁ ବ୍ୟବସ୍ଥା ସବୁଦିନ ପାଇଁ ରହିବ। ଏହା ହିଁ ଏହାର ବିଶେଷତ୍ୱ। ଦ୍ୱିତୀୟ ବିଶେଷତା ହେଲା ଏହାର ବିବିଧତା। ଏହା ରାଜ୍ୟମାନଙ୍କୁ ପ୍ରତିନିଧିତ୍ୱ ଦେଇଥାଏ ଯେଉଁମାନେ ହେଉଛନ୍ତି ବିବିଧତାର ପ୍ରତୀକ। ଆମର ସଂଘୀୟ ବ୍ୟବସ୍ଥାର ଆତ୍ମା ଏହିଠାରେ ଅନୁରଣିତ ହେଉଛି। ଅନେକତାରେ ଏକତା ଏହିଠାରେ ହିଁ ପରିଦୃଷ୍ଟ ହୁଏ। ଏହି ସଦନର ଅନ୍ୟ ଏକ ବିଶେଷତା ରହିଛି- ତାହା ହେଲା ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏହି ଅଦନର ଅଂଶବିଶେଷ କରିବା। ରାଜନୈତିକ ନିର୍ବାଚନ ଜରିଆରେ ସଦନର ସଭ୍ୟ ନିର୍ବାଚିତ ହେବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ମାତ୍ର କେତେକ ବିଶିଷ୍ଟ କ୍ଷେତ୍ରରେ ପାରଙ୍ଗମତା ହାସଲ କରିଥିବା ବ୍ୟକ୍ତିମାନେ- ଯେପରିକି କ୍ରୀଡାବିତ୍, କଳାକାର, ଲେଖକ, ବୈଜ୍ଞାନିକ ଇତ୍ୟାଦିଙ୍କ ଜ୍ଞାନ ଓ ବୁଦ୍ଧିମତାର ଲାଭ ଦେଶକୁ ମିଳିବା ଦରକାର। ସୁତରାଂ ରାଜ୍ୟସଭା ସେମାନଙ୍କୁ ପ୍ରତିନିଧିତ୍ୱ ଦେଇ ଦେଶର ବୌଦ୍ଧିକ ସମ୍ପତ୍ତିର ଉତ୍ତୋରତ୍ତର ଉନ୍ନତି କରୁଛି।

ମୁଁ ବିଶ୍ୱାସ କରେ ଯେ ଏହାର ସବୁଠାରୁ ବଡ ଉଦାହରଣ ହେଲେ ସ୍ୱୟଂ ବାବା ସାହେବ ଆମ୍ବେଦକର। କୌଣସି କାରଣବଶତଃ ସେ ଲୋକସଭାର ସଦସ୍ୟ ହୋଇପାରିନଥିଲେ। ମାତ୍ର ସେ ରାଜ୍ୟସଭାର ସଦସ୍ୟ ହୋଇପାରିଥିଲେ। ତାଙ୍କରି ଉପସ୍ଥିତି ଯୋଗୁଁ ଦେଶ ଲାଭାନ୍ୱିତ ହୋଇଥିଲା। ଦୀର୍ଘ ସମୟ ଧରି ଆମ ଦେଶରେ ବିରୋଧୀ ଦଳଙ୍କର ଭୂମିକା ନଗଣ୍ୟ ଥିଲା। ସୁତରାଂ ଶାସକଦଳ ନିମନ୍ତେ ଏହା ଥିଲା ଏକ ବହୁତ ବଡ ଅବସର।

ସମ୍ମାନନୀୟ ସଭାପତି ବକ୍ତବ୍ୟ ଅନୁସାରେ ଆମେ ଯଦି ବିଗତ ୨୫୦ ଅଧିବେଶନର କାର୍ଯ୍ୟାବଳୀକୁ ବିଚାରକୁ ନେବା, ଦେଖିବା ଯେ ଅନେକ ଐତିହାସିକ ବିଧାୟକ ଏଠାରେ ପାରିତ ହୋଇ ଦେଶର ଆଇନ୍‌ରେ ପରିଣତ ହୋଇଛି। ଦେଶର ପରିଚାଳନାରେ ମହତ୍ତ୍ୱପୂର୍ଣ୍ଣ ହୋଇଛି ଏବଂ ଯଦି ଅାମେ ବିଗତ ୫ ବର୍ଷର ଶାସନକୁ ଲକ୍ଷ କରୁ, ମୋ ପାଇଁ ଏହା ଏକ ବହୁତ ବଡ ଅବସର ଯେ ମୁଁ ସ୍ୱଚକ୍ଷୁରେ ତାହା ପରିଦର୍ଶନ କରିଛି। ଏହି ସଭାଗୃହରୁ ମୁଁ ଅନେକ ବିଶାରଦଙ୍କ ଜ୍ଞାନର ପରାକାଷ୍ଠା ତଥା ନୂତନ ଦୃଷ୍ଟିଭଙ୍ଗୀର ପରିଚୟ ପାଇଛି। ମୁଁ

ବହୁତ ଲାଭାନ୍ୱିତ ହୋଇଛି ଯେଉଁଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିବି। ଯେତେବେଳେ ଆମେ କୌଣସି ବିଷୟକୁ ଶିଖିବାକୁ ଓ ବୁଝିବାକୁ ଚେଷ୍ଟା କରୁ ତାହା ଆମକୁ ଲାଭବାନ୍ ହୋଇଥିଲେ ଓ ମୁଁ ମଧ୍ୟ ସେଥିରୁ ବାଦ୍ ପଡିବି ନାହିଁ। ସୁତରାଂ ମୁଁ ଆପଣମାନଙ୍କ ଗହଣରେ ସମୟାତିତାହତ କରି ବହୁତ କିଛି ଶିଖିବାର ଅବସର ପାଇଥାଏ।

ବିଗତ ୫ ବର୍ଷକୁ ଦେଖିଲେ, ଲୋକଙ୍କ ମନରେ ସନ୍ଦେହ ଥିଲା ଯେ ତିନି ତଲାକ୍ ବିଧେୟକଟି ପାରିତ ହୋଇପାରିବ ନା ନାହିଁ। ଏହି ସଭାରେ ହୁଏତ ବିଧେୟକଟିର ଗତିରୋଧ ହୋଇପାରେ। ମାତ୍ର ଏହି ସଭାଗୃହ ଅତ୍ୟନ୍ତ ପରିପକ୍ୱତାର ସହ ମହିଳା ସଶକ୍ତିକରଣ ନିମନ୍ତେ ଉଦ୍ଦିଷ୍ଟ ଏହି ବିଧେୟକଟିକୁ ପାରିତ କରିଥିଲା, ସେହିପରି ଆରକ୍ଷଣ ସମ୍ବନ୍ଧୀୟ ବିଧେୟକ ସର୍ବଦା ଅନେକ ଦ୍ୱନ୍ଦ୍ୱର ସୂତ୍ରପାତ କରିଥାଏ, ମାତ୍ର ଅତ୍ୟନ୍ତ ଗର୍ବର ବିଷୟ ଯେ ଏହି ଗୃହରେ ସାଧାରଣ ବର୍ଗର ଅର୍ଥିକ ଅନଗ୍ରସର ପରିବାର ନିମନ୍ତେ ଶତକଡା ଦା ଭାଗ ସ୍ଥାନ ଆରକ୍ଷଣ ସମ୍ବନ୍ଧୀୟ ବିଲ୍‌ଟିକୁ ପାରିତ କରିଥିଲା। ଏହି ବିଲ୍ ସମ୍ବନ୍ଧରେ ସହମତି ସୃଷ୍ଟି ହେଲା ଓ ଦେଶର କୌଣସି ପ୍ରକାରର ମାନସିକ ଅଶାନ୍ତି କ୍ଷୋଭ ବା ପ୍ରତିରୋଧ ଦେଖାଯାଇ ନାହିଁ। ଏହାର ଶ୍ରେୟ କେବଳ ରାଜ୍ୟସଭାକୁ ଯିବ। ଠିକ୍ ସେହିପରି ଆମେ ଯଦି GST ବିଷୟରେ କହିବା- ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି। ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ଏଥିନିମନ୍ତେ ଅଗାଧ ପରିଶ୍ରମ କରିଛନ୍ତି। GST ର ସୁଗୁଣ ଓ ଦୁର୍ଗୁଣ ସଂପର୍କରେ ଅନେକ ବାଦବିବାଦ ହୋଇସାରିଛି। ଶେଷରେ ଏହି ଗୃହ ଏହି ନିଷ୍କର୍ଷରେ ପହଞ୍ଚିଥିଲା ଯେ ଆମ ଦେଶର One Nation One Tax ବା ଏକ ଦେଶ ଏକ ଟିକସ ପ୍ରଣାଳୀ ଲାଗୁ ହେବା ଦରକାର। ଆଜି ସେଇଥିପାଇଁ ଆମେ ବିଶ୍ୱ ସମ୍ମୁଖରେ ଏକ ନୂତନ ପ୍ରତ୍ୟୟର ସହ ଦଣ୍ଡାୟମାନ।

ବର୍ତ୍ତମାନ ଦେଶର ଏକତା ଓ ଅଖଣ୍ଡତାର କଥା କହିବି। ୧୯୬୪ ମସିହାରେ ଏହି ଗୃହରେ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ଏକ ବର୍ଷ ମଧ୍ୟରେ ଦେଶରେ ଏକତା ସ୍ଥାପିତ ହେବ। ମାତ୍ର ତାହା ହୋଇପାରିଲା ନାହିଁ। ଅନୁଚ୍ଛେଦ ୩୭୦ ଓ ଧାରା ୩୫ (A)କୁ ଉଚ୍ଛେଦ କରି ଏହି ଗୃହ ହିଁ ପ୍ରଥମେ ଦେଶକୁ ନୂତନ ଦିଗ୍‌ଦର୍ଶନ ଦେଲା। ପରେ ଏହା ଲୋକସଭାରେ

ପାରିତ ହେଲା, ସୁତରାଂ ଦେଶର ଏକତା ଓ ଅଖଣ୍ଡତା ନିମନ୍ତେ ଏହି ଗୃହର ମହାନ୍ ଭୂମିକା ରହିଛି। ଶ୍ରୀ ଏନ୍ ଗୋପାଲସ୍ୱାମୀ ଯିଏ ଅନୁଚ୍ଛେଦ ୩୭୦କୁ ସମ୍ବିଧାନରେ ଯୋଡିଥିଲେ, ସିଏ ଥିଲେ ଏହି ଗୃହର ପ୍ରଥମ ସଦସ୍ୟ। ସୁତରାଂ ଏହି ଅନୁଚ୍ଛେଦ ଏହି ଗୃହରେ ସ୍ଥାପିତ ହୋଇଥିଲା ଓ ଏହିଠାରେ ହିଁ ଏହାର ପରିସମାପ୍ତି ଘଟିଲା। ଏ ସମସ୍ତ ଘଟଣା ବର୍ତ୍ତମାନ ଇତିହାସର ପାଲଟି ଯାଇଛନ୍ତି ମାତ୍ର ଏହି ଗୃହରେ ହିଁ ଘଟିଥିଲା।

ଆମର ସମ୍ବିଧାନିକ ପ୍ରଣେତାମାନେ ଭାରତକୁ ଏକ ଜନମଙ୍ଗଳକାରୀ ରାଷ୍ଟ୍ର ଭାବେ ପ୍ରାଥମିକତା ଦେଇଥିଲେ ମାତ୍ର ତା ସହିତ ଆମେ  ରାଜ୍ୟ ମଙ୍ଗଳକାରୀ ରାଷ୍ଟ୍ର ମଧ୍ୟ ହେବା ପାଇଁ ଚେଷ୍ଟିତ। ରାଜ୍ୟ ଓ କେନ୍ଦ୍ର ଉଭୟଙ୍କର ସହଯୋଗରେ ହିଁ ଆମେ ବାସ୍ତବିକ ଜନମଙ୍ଗଳକାରୀ ରାଷ୍ଟ୍ର ହୋଇପାରିବା। ଏହି ସଦନର ଭୂମିକା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କରେ, ଆମର ସମ୍ବିଧାନରେ ଯୁଗ୍ମଶାସନ ବା ଯୌଥଶାସନ ପାଇଁ ଯଥେଷ୍ଟ ସୁଦୃଢ ବ୍ୟବସ୍ଥା ରହିଛି। ଯେତେବେଳେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ମିଳିତ ଭାବେ କାର୍ଯ୍ୟ କରନ୍ତି, ଦେଶର ବାସ୍ତବିକ ଉନ୍ନତି ଓ ବିକାଶ ହୋଇଥାଏ।

ରାଜ୍ୟସଭାର ସୁନିଶ୍ଚିତ କରିଥାଏ ଯେ କେନ୍ଦ୍ର ଓ ରାଜ୍ୟ ସରାକର ମଧ୍ୟରେ ବିରୋଧାଭାସ ନରହୁ। ଉଭୟ ଶାସନ ସହଭାଗୀ ହୋଇ ଦେଶକୁ ଉନ୍ନତ ପଥରେ ନେଇଯାଆନ୍ତୁ। ଏହି ଗୃହରେ ଯେଉଁ ମତ ବିନିମୟ ଓ ବାଦାନୁବାଦ ହୁଏ ତାହାକୁ ରାଜ୍ୟର ପ୍ରତିନିଧିମାନେ ନିଜ ନିଜ ରାଜ୍ୟକୁ ବହନ ପୂର୍ବକ ରାଜ୍ୟ ସରକାରଙ୍କୁ ଜଣାନ୍ତି। ଆମର ମଧ୍ୟ ଦାୟିତ୍ୱ ହେଲା ରାଜ୍ୟ ସରକାରମାନଙ୍କୁ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେବା। ଦେଶର ବିକାଶ ଓ ରାଜ୍ୟର ବିକାଶ ପରସ୍ପର ବିରୋଧୀ ନୁହେଁ। ଦେଶର ବିକାଶ କଦାପି ସମ୍ଭବ ହେବ ନାହିଁ। ଯଦି  ରାଜ୍ୟର ବିକାଶ ଯାତ୍ରା ଭିନ୍ନମୁଖୀ ହୋଇଥାଏ। ଏହି ଗୃହରେ କେନ୍ଦ୍ର ସରକାରରେ ନୀତିଗୁଡିକ ଆଲୋଚନା କରାଯାଇଥାଏ। ରାଜ୍ୟର ପ୍ରତିନିଧିମାନେ କୌଣସି ନିର୍ଦ୍ଦିଷ୍ଟ ନୀତି ବିଷୟରେ ନିଜର ମତ ମତ ବା ମତପାର୍ଥକ୍ୟ, ରାଜ୍ୟର ଆଶା ଆକାଂକ୍ଷା ତତା ରାଜ୍ୟର ସମସ୍ୟା ସବୁ ସଭା ସମ୍ମୁଖରେ ବ୍ୟକ୍ତ କରନ୍ତି। ଏତଦ୍ୱାରା କେନ୍ଦ୍ର ସରକାରର ଦୃଷ୍ଟି ଆକର୍ଷଣ କରନ୍ତି ଏବଂ କେନ୍ଦ୍ର ସରକାର ନିଜର ଲକ୍ଷ୍ୟ ନିର୍ଦ୍ଧାରିତ କରେ। କେଉଁଠାରେ

କାର୍ଯ୍ୟ ପୂରଣର ଲକ୍ଷ୍ୟ ପାଞ୍ଚ ବର୍ଷ ତ କେଉଁଠାରେ ଦଶବର୍ଷ ରଖାଯାଏ। ମାତ୍ର ଏହାଦ୍ୱାରା ସରକାରଙ୍କ କାର୍ଯ୍ୟପ୍ରଣାଳୀର ଦିଗ ନିର୍ଦ୍ଧାରଣ ହୋଇଯାଏ।

ସଭାପତି ମହୋଦୟ, ୨୦୦୩ ମସିହାରେ ଏହି ସଦନ ଯେତେବେଳେ ଦୁଇଶହତମ ଅଧିବେଶନ ପୂରଣ କରିଥିଲା, ଏକ ଉତ୍ସବର ଆୟୋଜନ କରାଯାଇଥିଲା। ସେତେବେଳେ NDA ସରକାର ଥିଲା ଓ ଶ୍ରୀ ଅଟଳବିହାରୀ ବାଜପାୟୀ ପ୍ରଧାନମନ୍ତ୍ରୀ। ସେ ସମୟରେ ଅଟଳ ବିହାରୀ ବାଜପାୟୀଙ୍କର ବୃକ୍ତତା ଥିଲା ଅତି ରୋଚକ। ତାଙ୍କର କଥନଶୈଳୀ ବି ଥିଲା ନିଆରା। ସେ କହିଥିଲେ ଆମର ଦ୍ୱିତୀୟ ସଦନ ସାଂସଦୀୟ ଗଣତନ୍ତ୍ରର ଶକ୍ତିବର୍ଦ୍ଧନ କରୁଛି। ସୁତରାଂ ଆମେ କେବେହେଲେ ଦ୍ୱିତୀୟ ସଦନକୁ ଦ୍ୱିତୀୟତମ ସଦନ ବୋଲି ବିବେଚନା କରିବା ଅନୁଚିତ। ମୁଁ ଯେତେବେଳେ ଅଟଳଜୀଙ୍କର ବକ୍ତୃତାକୁ ପଠନ କରୁଥିଲି, ମନରେ ଆସିଲା ଯେ ବର୍ତ୍ତମାନର ସମୟରେ ମଧ୍ୟ ରାଜ୍ୟସଭାକୁ ଆମେ କଦାପି କମ୍ ଗୁରୁତ୍ୱ ଦେବା ନାହିଁ ବରଂ ଏହାର ସହାୟତା ସାଦରେ ଗ୍ରହଣ କରିବା। ଅଟଳଜୀ ପ୍ରାୟ ପଚାଶ ବର୍ଷ ପୂର୍ବେ ଆମର ସଂସଦୀୟ ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ ମାତ୍ର ଏକ କବିର ମାର୍ମିକତା ସେଥିରେ ପ୍ରତିଫଳିତ ହୋଇଥିଲା। ସେ କହିଥିଲେ ଏକ ନଦୀର ସୁରୁଖୁରୁ ପ୍ରବାହ ଉଭୟପାର୍ଶ୍ୱରେ ଥିବା ବନ୍ଧମାନଙ୍କର ଶକ୍ତି ଉପରେ ନିର୍ଭରଶୀଳ। ଗଣତାନ୍ତ୍ରିକ ପ୍ରକ୍ରିୟା ସେହିପରି ଦୁଇଟି କୂଳ ରାଜ୍ୟସଭା ଓ ଲୋକସଭାର ଶକ୍ତି ଉପରେ ପର୍ଯ୍ୟବେଶିତ। ଯେପର୍ଯ୍ୟନ୍ତ କୂଳ ଦୁଇଟି ଶକ୍ତ ରହିଛି ଆମର ଗଣତନ୍ତ୍ର ଅନାୟାସରେ କାର୍ଯ୍ୟ କରିଚାଲିବ।

ଏହା ସତ୍ୟ ଯେ ଭାରତର ଶାସନ ବ୍ୟବସ୍ଥା ଏକ ସଂଘୀୟ ସଂରଚନା ବିବିଧତାରେ ପରିପୂର୍ଣ୍ଣ। ତଥାପି ଆମେ ନିଜର ରାଷ୍ଟ୍ରୀୟ ଲକ୍ଷ୍ୟରୁ ବିଚ୍ୟୁତ୍ ହେବା ଉଚିତ ନୁହେଁ। କେନ୍ଦ୍ରରେ ଆମେ ରାଷ୍ଟ୍ରୀୟ ଦୃଷ୍ଟିଭଙ୍ଗୀ ରଖିବା ଦରକାର। ମାତ୍ର ରାଜ୍ୟମାନଙ୍କର ଆଞ୍ଚଳିକ ଦାବି ପ୍ରତି ମଧ୍ୟ ବିମୁଖ ହେବା ଅନୁଚିତ। ରାଜ୍ୟର ସ୍ୱାର୍ଥ ତଥା ଦେଶହିତ ଏହି ଦୁଇଟି ବିଷୟ ମଧ୍ୟରେ ସମନ୍ୱୟ ଆଣି ଆମକୁ ଭାରସାମ୍ୟ ରକ୍ଷା କରିବାକୁ ହେବ। ମୋର ମତରେ ସମ୍ମାନନୀୟ ସଦସ୍ୟମାନେ ଏହା କରିବାକୁ ସମ୍ପୂର୍ଣ୍ଣ ଭାବେ ସମର୍ଥ ଓ ଆମେ ସେହି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି।

ରାଜ୍ୟସଭାର ନୀତି ମଧ୍ୟରେ ଚେକ୍ ଏବଂ ବାଲାନ୍‌ସର ବହୁତ ବଡ ଭୂମିକା ରହିଛି । ମାତ୍ର ଯାଞ୍ଚର ଅର୍ଥ ନୁହେଁ କାର୍ଯ୍ୟଧାରାକୁ ରୋକିବା ବା ବାଧାସୃଷ୍ଟି କରିବା । ରାଜ୍ୟ ସଭାରେ ଭାବର ଆଦାନପ୍ରଦାନ, ବାଦବିବାଦ ତଥା ବିଚାର ଆଲୋଚନା ହେବା ଉଚିତ । ଉଚ୍ଚସ୍ୱରରେ ଯୁକ୍ତିତର୍କ ମଧ୍ୟ ହୋଇପାରେ, ମାତ୍ର ତାହାର ଅର୍ଥ ନୁହେଁ ଯେ ଆମେ ସେହିଠାରେ ଅଟକି ଯିବା । ପରସ୍ପର ସହ ବାର୍ତ୍ତାଳାପ କରି ନିଷ୍କର୍ଷ ବାହାର କରିବାକୁ ହେବ । ମୁଁ ଆଜି ଦୁଇ ଦଳର କଥା ଉଲ୍ଲେଖ କରିବାକୁ ଚାହୁଁଛି । ଏହି ଦଳ ମଧ୍ୟରୁ ପ୍ରଥମଟି NCP ଓ ଦ୍ୱିତୀୟ BJD ଏହି ଦୁଇ ଦଳ ସର୍ବଦା ଏହି ନିୟମ ପାଳନ କରିଛନ୍ତି ଯେ ସେମାନେ ସଦନର ମଧ୍ୟଭାଗକୁ କେବେ ମଧ୍ୟ ଯାଇନାହାନ୍ତି । ମୁଁ ସେମାନଙ୍କୁ ଧନ୍ୟବାଦ ପ୍ରଦାନ କରୁଛି । ଏହି ମହାନ୍ ଅବସରରେ ମୁଁ ଆଶା କରୁଛି ଆମେ ସମସ୍ତେ ଶୃଙ୍ଖଳା ସହ ପାଳନ କରିବା ପରସ୍ପର ସହଯୋଗରେ ଏକ ନୂତନ ଭବିଷ୍ୟତର ସର୍ଜନା କରିବା ।

# ସପ୍ତଦଶ ସମ୍ବିଧାନ ଦିବସ ଉପଲକ୍ଷେ ଯୁଗ୍ମ ଅଧିବେଶନରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର ଅଭିଭାଷଣ

26th November 2019

# ୨୬.୧୧.୨୦୧୯ କେନ୍ଦ୍ରୀୟ କକ୍ଷ

# ସପ୍ତଦଶ ସମ୍ବିଧାନ ଦିବସ ଉପଲକ୍ଷେ ମିଳିତ ଅଧିବେଶନରେ ବିବୃତି

ମହାମହିମ ରାଷ୍ଟ୍ରପତି ମହୋଦୟ, ଆଦରଣୀୟ ଉପରାଷ୍ଟ୍ରପତି ମହାଶୟ, ଆଦରଣୀୟ ବାଚସ୍ପତି ମହୋଦୟ, ଶ୍ରୀମାନ ପ୍ରହଲ୍ଲାଦ ଯୋଶୀ ମହୋଦୟ ତଥା ଆଦରଣୀୟ ଜନପ୍ରତିନିଧିଗଣ।

ଏପରି କେତେକ ଦିନ ଓ କିଛି ଅବସର ଆସିଥାଏ, ଯାହା ଅତୀତ ସହିତ ଆମର ସମ୍ବନ୍ଧକୁ ସୁଦୃଢ କରି ଉନ୍ନତ ଭବିଷ୍ୟତ ଆଡକୁ ଅଗ୍ରସର ହେବା ନିମନ୍ତେ ପ୍ରେରଣା ଯୋଗାଇଥାଏ। ଆଜିର ଦିନ ଛବିଶ ନଭେମ୍ବର ସେହିପରି ଏକ ଐତିହାସିକ ଦିବସ। ସତୁରୀ ବର୍ଷ ପୂର୍ବେ ଆମେ ବିଧିବଦ୍ଧ ଭାବରେ ଏକ ନୂତନ ରଙ୍ଗରୂପରେ ସମ୍ବିଧାନକୁ ସ୍ୱୀକାର କରିଥିଲୁ। ପରନ୍ତୁ ୨୬ ନଭେମ୍ବର ଆମ ପାଇଁ ଏକ ପୀଡାଦାୟକ ଦିବସ ବି ଅଟେ। କାରଣ ଏହିଦିନ ମୁମ୍ବାଇ ଠାରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିଥିଲେ ଏବଂ ଭାରତର ହଜାର ହଜାର ବର୍ଷର ସାଂସ୍କୃତିକ ପରମ୍ପରା, ବସୁଧୈବ କୁଟୁମ୍ବଙ୍କର ମହାନ ଦର୍ଶନକୁ କ୍ଷତବିକ୍ଷତ କରିବାର ଅପଚେଷ୍ଟା କରିଥିଲେ। ମୁଁ ଆଜି ସେହି ଦିବଂଗତ ଆତ୍ମାମାନଙ୍କୁ ପ୍ରଣାମ କରୁଛି। ସାତ ଦଶକ ପୂର୍ବେ ଏହି କେନ୍ଦ୍ରୀୟ କକ୍ଷରେ, ଅନେକ ପବିତ୍ର ସ୍ୱର ଅନୁରଣିତ ହୋଇଥିଲା ଏବଂ ସମ୍ବିଧାନର ପ୍ରତିଟି ଅନୁଚ୍ଛେଦ ଉପରେ ଅତି ସୂକ୍ଷ୍ମତାର ଗଭୀର ଚର୍ଚ୍ଚା ହୋଇଥିଲା। ତର୍କବିତର୍କ ହୋଇଥିଲା। ତଥ୍ୟ ଆସିଥିଲା, ବିଚାର ଆସିଥିଲା, ଏହି ସ୍ଥାନ ଥିଲା ଜ୍ଞାନର ମହାକୁମ୍ଭ ଯେଉଁଠାରେ ଭାରତର ପ୍ରତ୍ୟେକ କୋଣ ଅନୁକୋଣର ସ୍ୱପ୍ନକୁ ଶବ୍ଦରେ ପରିଣତ କରିବାର ଏକ ଭରପୂର ପ୍ରୟାସ କରାଯାଇଥିଲା।

ଡକ୍ଟର ରାଜେନ୍ଦ୍ର ପ୍ରସାଦ, ଡକ୍ଟର ଭୀମାରାଓ ଆମ୍ବେଦକର, ସର୍ଦ୍ଦାର ପଟେଲ, ପଣ୍ଡିତ ନେହେରୁ, ଆଚାର୍ଯ୍ୟ କୃପାଲାନୀ, ମୌଲାନା ଆଜାଦ୍, ପୁରୁଷୋତ୍ତମ ଦାସ ଟଣ୍ଡନ, ସୁଚେତା କୃପାଲାନୀ, ହଂସା ମେହେଟ୍ଟା, ଏଲଡି କୃଷ୍ଣସ୍ୱାମୀ ଆୟାର, ଏନ୍ ଗୋପାଲସ୍ୱାମୀ ଆୟାଙ୍ଗାର୍,

ଜନ୍ ମଥାଇଙ୍କ ଭଳି ଅଗଣିତ ମହାପୁରୁଷ ଯେଉଁମାନେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଯୋଗଦାନ ଦେଇ ଆମକୁ ଏହି ମହାନ୍ ପରମ୍ପରା ହସ୍ତାନ୍ତର କରିଛନ୍ତି। ଆଜିର ଏହି ଅବସରରେ ମୁଁ ସେହି ସମସ୍ତ ମହାନ୍ ବ୍ୟକ୍ତିମାନଙ୍କୁ ସ୍ମରଣ କରୁଛି ଆଉ ସେମାନଙ୍କୁ ସାଦର ପ୍ରଣାମ କରୁଛି।

୨୫ ନଭେମ୍ବର ୧୯୪୯ ମସିହାରେ ସମ୍ବିଧାନକୁ ଗ୍ରହଣ କରିବାର ଏକ ଦିନ ପୂର୍ବରୁ ବାବା ସାହେବ ଆମ୍ବେଦକର ନିଜର ଶେଷ ଭାଷଣରେ ଯେଉଁ କଥା କହିଥିଲେ, ଆଜି ମୋର ବକ୍ତବ୍ୟରେ ମୁଁ ତାହାକୁ ଉଦ୍ଧାର କରିବି। ବାବା ସାହେବ ଦେଶକୁ ପ୍ରତିଶ୍ରୁତି ଦେଇଥିଲେ କି ଭାରତ ପ୍ରଥମ ଥର ୧୯୪୭ ମସିହାରେ ସ୍ୱାଧୀନ ହେଲା ଅଥବା ୨୬ ଜାନୁଆରୀ ୧୯୫୦ରେ ଗଣତାନ୍ତ୍ରିକ ରାଷ୍ଟ୍ର ହେଲା ଏହା ସତ୍ୟ ନୁହେଁ। ଭାରତ ପୂର୍ବରୁ ମଧ୍ୟ ସ୍ୱାଧୀନ ଥିଲା ଆଉ ଆମର ଏଠାରେ ଗଣତନ୍ତ୍ର ମଧ୍ୟ ଥିଲା। ମାତ୍ର ଅବସୋସର ବିଷୟ ଯେ ନିଜର ଭୁଲ୍ ପାଇଁ ଆମେ ନିଜର ସ୍ୱାଧୀନତା ତଥା ଗଣତନ୍ତ୍ରକୁ ହରାଇ ବସିଥିଲୁ। ଏଭଳି ସ୍ଥିତିରେ ବାବା ସାହେବ ଦେଶକୁ ଚେତାବନୀ ଦେଇ ପଚାରିଥିଲେ କି ଆମକୁ ସ୍ୱାଧୀନତା ମଧ୍ୟ ମିଳିଗଲା, ଗଣତନ୍ତ୍ର ମଧ୍ୟ ହାସଲ ହୋଇଗଲା, କିନ୍ତୁ ଆମେ କ'ଣ ଏହାକୁ ଅତୁଟ ରଖିପାରିବା ? ଆମେ ଅତୀତରୁ ଶିକ୍ଷା ନେଇପାରିବା ? ଆଜି ଯଦି ବାବା ସାହେବ ଜୀବିତ ଥାଆନ୍ତେ, ତାଙ୍କଠାରୁ ଅଧିକ ପ୍ରସନ୍ନତା ବୋଧହୁଏ ଆଉ କାହାକୁ ମିଳିନଥାନ୍ତା। କାରଣ ଭାରତ ଏତେ ବର୍ଷରେ ତାଙ୍କର ପ୍ରଶ୍ନର ଉତ୍ତର କେବଳ ଦେଇନାହିଁ, ବରଂ ନିଜର ସ୍ୱାଧୀନତା ତଥା ଗଣତନ୍ତ୍ରକୁ ଆହୁରି ସମୃଦ୍ଧ ଓ ସଶକ୍ତ କରିଛି। ଏଥିପାଇଁ ଆଜିର ଏହି ମହାନ ଅବସରରେ ମୁଁ ଆପଣ ସମସ୍ତଙ୍କୁ ବିଗତ ସାତ ଦଶକରେ ସମ୍ବିଧାନର ଭାବନାକୁ ଅକ୍ଷୁର୍ଣ୍ଣ ରଖିଥିବା ବିଧାୟିକା, ନ୍ୟାୟପାଳିକା ଓ କାର୍ଯ୍ୟପାଳିକାର ସମସ୍ତ ସାଥୀମାନଙ୍କୁ ଗୌରବପୂର୍ବକ ସ୍ମରଣ କରି ପ୍ରଣାମ କରୁଛି। ମୁଁ ବିଶେଷ କରି ୧୩୦ କୋଟି ଭାରତବାସୀଙ୍କ ସମ୍ମୁଖରେ ନତମସ୍ତକ ହେଉଛି ଯେଉଁମାନେ ଭାରତର ଗଣତନ୍ତ୍ର ପ୍ରତି ଆସ୍ଥାକୁ କେବେ କମ୍ ହେବାକୁ ଦେଇ ନାହାନ୍ତି। ଆମର ସମ୍ବିଧାନକୁ ସର୍ବଦା ଏକ ପବିତ୍ର ଗ୍ରନ୍ଥ ଭାବେ ଗ୍ରହଣ କରିଛନ୍ତି ତଥା ଏକ ମାର୍ଗଦଶୀ ଆଲୋକବର୍ତ୍ତିକା ଭାବେ ଅନୁସରଣ କରିଛନ୍ତି।

ଆଜି ସମ୍ବିଧାନର ସତୁରି ବର୍ଷ ପୂର୍ତ୍ତି ଆମ ପାଇଁ ହର୍ଷ, ଉତ୍କର୍ଷ ତଥା ଆଶ୍ୱସ୍ତିର ମିଶ୍ରିତ ଭାବନା ନେଇ ଆସିଛି। ହର୍ଷ ଏଇଥିପାଇଁ ଯେ ସମ୍ବିଧାନର ପ୍ରାଣବିନ୍ଦୁ ଅତୁଟ ଓ ଅଟଳ ରହିଛି। ଏଥିରେ ଆଘାତ ଆଣିବାର କୌଣସି ପ୍ରଚେଷ୍ଟାକୁ ଦେଶବାସୀ ସମ୍ମିଳିତ ଭାବେ ଅସଫଳ କରିଦେଇଛନ୍ତି। ଉତ୍କର୍ଷର କାରଣ ହେଲା କି ଆମେ ଦୃଢ ନିଶ୍ଚିତ ଯେ ସମ୍ବିଧାନର ଅପାର ଶକ୍ତି ଭାରତକୁ ଶ୍ରେଷ୍ଠ ଭାରତରେ ପରିଣତ କରିବ। ସମ୍ବିଧାନର ପରିସୀମା ଭିତରେ ଆମେ ଅନେକ ସଂସ୍କାର ଆଣିଛୁ ଏବଂ ଏହି ନିଷ୍କର୍ଷରେ ପହଞ୍ଚିଛୁ ଯେ ଭବିଷ୍ୟତର ନୂତନ ଭାରତର ପରିସର୍ଜନା କେବଳ ସାମ୍ବିଧାନିକ ମାଧ୍ୟମରେ ହିଁ ସମ୍ଭବ। କାରଣ ଭାରତ ଏକ ବିଶାଳ ଦେଶ ଏବଂ ବିବିଧତାରେ ପରିପୂର୍ଣ୍ଣ। ସମ୍ବିଧାନ ହେଉଛି ସବୁଠାରୁ ବିଶାଳ ଓ ପବିତ୍ର ଗ୍ରନ୍ଥ। ଏହି ଗ୍ରନ୍ଥ ଆମର ଜୀବନର, ସମାଜର, ପରମ୍ପରାର, ବ୍ୟବହାରର ତଥା ଆଚାର ବିଚାରର ସମାବେଶ। ସମ୍ବିଧାନରେ ଅନେକ ଆହ୍ୱାନର ସମାଧାନ ମଧ୍ୟ ଉପଲବ୍ଧ। ଆମର ସମ୍ବିଧାନ ଏତେ ବିଶାଳକାୟ ହେବାର ଏହି କାରଣ ଯେ ଆମେ ବାହ୍ୟ ଆଲୋକ ପ୍ରବେଶ ନିମନ୍ତେ ବାତାୟନ ଉନ୍ମୁକ୍ତ ରଖିଛୁ ଏବଂ ଅର୍ନ୍ତହିତ ଆଲୋକକୁ ଆହୁରି ଉଜ୍ଜ୍ୱଳ କରିବା ନିମନ୍ତେ ପ୍ରୟାସରତ ରହିଛୁ।

୨୦୧୪ ମସିହାରେ ଲାଲକିଲ୍ଲାର ପ୍ରାଚୀରରୁ ମୁଁ ଯାହା କହିଥିଲି, ଆଜିର ଅବସରରେ ତାହାକୁ ଦୋହରାଇବି। ସମ୍ବିଧାନକୁ ଯଦି ଦୁଇଟି ସରଳ ଶବ୍ଦରେ ପ୍ରକାଶ କରାଯାଏ, ତାହା ହେବ ଭାରତୀୟଙ୍କ ପାଇଁ ସମ୍ମାନ ଓ ଏକତା। ଏହି ଦୁଇଟି ମନ୍ତ୍ରକୁ ଆମର ସମ୍ବିଧାନ ସାକାର କରିଛି, ନାଗରିକଙ୍କ ସମ୍ମାନକୁ ସର୍ବୋଚ୍ଚ ସ୍ତରରେ ରଖିଛି ଏବଂ ସମ୍ପୂର୍ଣ୍ଣ ଭାରତର ଏକତା ଏବଂ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିଛି। ଆମ ସମ୍ବିଧାନ ହେଉଛି ବିଶ୍ୱ ଗଣତନ୍ତ୍ରର ସର୍ବୋତ୍କୃଷ୍ଟ ଉପଲବ୍ଧି। ଏହା ନା କେବଳ ଅଧିକାର ପ୍ରତି ଜାଗ୍ରତ ଅଛି ବରଂ ଆମର କର୍ତ୍ତବ୍ୟ ପ୍ରତି ସଚେତନତା ମଧ୍ୟ ସୃଷ୍ଟି କରିଛି। ଗୋଟିଏ ଦୃଷ୍ଟିରୁ ଆମର ସମ୍ବିଧାନ ହେଉଛି ବିଶ୍ୱରେ ସବୁଠାରୁ ଧର୍ମନିରପେକ୍ଷ। ଆମକୁ କ'ଣ କରିବାକୁ ଅଛି, କେତେବଡ ସ୍ୱପ୍ନ ଦେଖିବାକୁ ଅଛି ଏବଂ କେଉଁ ପର୍ଯ୍ୟନ୍ତ ପହଞ୍ଚିବାକୁ ଅଛି ଏଥିପାଇଁ କୌଣସି ପ୍ରକାରର ବନ୍ଧନ ନାହିଁ। ସମ୍ବିଧାନରେ ହିଁ ଉଭୟ ଅଧିକାର ଓ କର୍ତ୍ତବ୍ୟର କଥା ଉଲ୍ଲେଖ ଅଛି। ଏକ ବ୍ୟକ୍ତି, ଏକ ପରିବାର, ଏକ ସମାଜ ଭାବରେ ଆମେ ଆମର କର୍ତ୍ତବ୍ୟ ପ୍ରତି ଯେତେ ସଚେତନ ତଥା ଗମ୍ଭୀର, ସେତିକି ଗାମ୍ଭୀର୍ଯ୍ୟ ମଧ୍ୟ ଆମଠାରୁ ଆଶା କରାଯାଏ ସମ୍ବିଧାନର ପାଳନ ନିମନ୍ତେ। ଆମର ଦେଶ ଓ ଦେଶବାସୀଙ୍କର ଆମଠାରୁ

କିଛି ଆଶା ଆକାଂକ୍ଷା ରହିଛି । ଯେଉଁଭଳି ଡକ୍ଟର ରାଜେନ୍ଦ୍ର ପ୍ରସାଦ କହିଥିଲେ ଯାହା ସମ୍ବିଧାନରେ ଲେଖାଯାଇ ନାହିଁ ତାହାକୁ ପ୍ରଚଳିତ ପ୍ରଥା ବା କନ୍‌ଭେନ୍‌ସନ୍ ଦ୍ୱାରା ସ୍ଥାପିତ କରାଯିବା ହେଉଛି ଭାରତର ସ୍ୱତନ୍ତ୍ରତା । ବିଗତ ଦଶକମାନଙ୍କରେ ଆମ୍ଭେମାନେ ଆମର ଅଧିକାର ଉପରେ ଗୁରୁତ୍ୱ ଦେଉଛୁ । ତାହାର ଆବଶ୍ୟକତା ମଧ୍ୟ ଥିଲା, କାରଣ ସ ସମାଜରେ ଏପରି ବ୍ୟବସ୍ଥା ପ୍ରଚଳିତ ଥିଲା ଯଦ୍ୱାରା ଏକ ବୃହତ୍ ବର୍ଗ ଅଧିକାରରୁ ବଞ୍ଚିତ ରଖାଯାଇଥିଲା । ସେମାନଙ୍କୁ ସମାନତା, ନ୍ୟାୟ ତଥା ସମତାର ଅଧିକାର ଦେବା ଥିଲା ଗୁରୁତ୍ୱପୂର୍ଣ୍ଣ । ସୁତରାଂ ଆମକୁ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଉପରେ ମନ୍ଥନ କରିବାକୁ ହେବ ନଚେତ୍ ଆମର ଅଧିକାର ସୁରକ୍ଷିତ ରହିବ ନାହିଁ ।

ଅଧିକାର ଏବଂ କର୍ତ୍ତବ୍ୟ ମଧ୍ୟରେ ଏକ ବହୁତ ଅତୁଟ ସମ୍ବନ୍ଧ ରହିଛି ଆଉ ଏହି ସଂପର୍କକୁ ମହାତ୍ମା ଗାନ୍ଧି ବହୁତ ବିଶେଷ ଭାବେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଆଜି ଯେତେବେଳେ ଦେଶ ପୂଜ୍ୟ ବାପୁଙ୍କର ୧୫୦ତମ ଜୟନ୍ତୀର ପର୍ବ ପାଳନ କରୁଛି, ତାଙ୍କର କଥା ପ୍ରାସଙ୍ଗିକ ହୋଇଯାଇଛି । ସେ କହୁଥିଲେ ଅଦ୍ଵକାର ହେଉଛି କର୍ତ୍ତବ୍ୟର ସୁଚାରୁରୂପରେ ପାଳନ କରିବା । ସେ ଲେଖିଥିଲେ ମୁଁ ମୋର ନିରକ୍ଷର କିନ୍ତୁ ବୁଦ୍ଧିମତୀ ମା'ଙ୍କ ଠାରୁ ଏହା ଶିଖିଛି ଯେ ନିଜର କର୍ତ୍ତବ୍ୟକୁ ନିଷ୍ଠାର ସହ ପାଳନ କଲେ ହିଁ ଅଧିକାର ମିଳିଥାଏ । ବିଗତ ଶତାବ୍ଦୀର ପ୍ରାରମ୍ଭିକ ଦଶକରେ ଯେତେବେଳେ ସମଗ୍ର ବିଶ୍ୱ ଅଧିକାର ବିଷୟରେ କଥା ହେଉଥିଲେ, ସେତେବେଳେ ଗାନ୍ଧୀଜୀ ଗୋଟିଏ ପାଦ ଆଗକୁ ବଢି କହିଥିଲେ, ଆସନ୍ତୁ ଆମେ ନାଗରିକମାନଙ୍କର କର୍ତ୍ତବ୍ୟ ବିଷୟରେ କଥା ହେବା । ୧୯୪୭ ମସିହାରେ ୟୁନେସ୍କୋର ମହାନିର୍ଦ୍ଦେଶକ ଡକ୍ଟର ଜୁଲିଆନ୍ ହକ୍‌ସ୍‌ଲେ, ବିଶ୍ୱର ଷାଠିଏ ଜଣ ମହାନୁଭବ ବିଶେଷ ବ୍ୟକ୍ତିମାନଙ୍କୁ ପତ୍ର ଲେଖି ମାର୍ଗଦର୍ଶନ କରାଇବାକୁ ଅନୁରୋଧ କରିଥିଲେ । ବିଶ୍ୱ ମାନବ ଅଧିକାର ସନନ୍ଦର ରୂପରେଖ କିପରି ହେବା ଉଚିତ୍ ବୋଲି ପଚାରିଥିଲେ । ସେମାନଙ୍କ ଭିତରେ ମହାତ୍ମା ଗାନ୍ଧୀ ମଧ୍ୟ ଥିଲେ । ଗାନ୍ଧିଜୀ କହିଥିଲେ ଯେତେବେଳେ ଆମେ ନାଗରିକର କର୍ତ୍ତବ୍ୟ ସର୍ବାନ୍ତକରଣରେ ସଂପାଦନ କରିପାରିବା ସେତେବେଳେ ହିଁ ଆମେ ଜୀବନର ଅଧିକାର ପାଇପାରିବା । ସୁତରାଂ ନିଷ୍ଠାର ସହ କର୍ତ୍ତବ୍ୟ ପାଳନ ହିଁ ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ । ଆମେ ଯେତେବେଳେ ଦାୟିତ୍ୱ ଓ କର୍ତ୍ତବ୍ୟର କଥା କହୁଁ, ସେତେବେଳେ କେତେକ

ସାଧାରଣ କର୍ତ୍ତବ୍ୟ ପାଳନ ଦ୍ୱାରା ହିଁ ଆମେ ଦେଶଣ ସ୍ୱପ୍ନକୁ ସାକାର କରିପାରିବା। କେବେ କେବେ ଆମେ ସେବାକୁ ହିଁ କର୍ତ୍ତବ୍ୟ ଭାବରେ ବିବେଚନା କରିନେଉ। ସେବା, ମୂଲ୍ୟବୋଧ ଓ ପରମ୍ପରା ସବୁ ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ କର୍ତ୍ତବ୍ୟର ପରିସର ସେବାଠାରୁ ବ୍ୟାପକ।

ରାସ୍ତାରେ କାହାକୁ ଅସୁବିଧା ହେଲା, ଆପଣ ସାହାଯ୍ୟ କଲେ ଏହା ହେଉଛି ଭଲ କଥା। କିନ୍ତୁ ଯଦି ମୁଁ ଟ୍ରାଫିକ୍ ନିୟମକୁ ପାଳନ କରିଛି ଆଉ କେବେ କାହାକୁ ଅସୁବିଧା ନହେଉ ଏଭଳି ବ୍ୟବସ୍ଥାର ଅଂଶ ପାଲଟିଛି ଏହା ହେଉଛି ମୋର କର୍ତ୍ତବ୍ୟ। ଆପଣ ଯାହା କିଛି ମଧ କରୁଛନ୍ତି, ତା' ସହିତ ଏକ ପ୍ରଶ୍ନ ଯୋଡି ଆମେ ଦେଖିବା କି ମୁଁ ଯାହା କିଛି ମଧ କରୁଛି ତାହା ଦ୍ୱାରା ମୋର ଦେଶ ସୁଦୃଢ ହେଉଛି ନା ନାହିଁ ପରିବାରର ସଦସ୍ୟ ଭାବେ ଆମେ ପ୍ରତ୍ୟେକ ସେହି କଥା କରୁଛେ ଯାହା ଦ୍ୱାରା ଆମ ପରିବାରର ଶକ୍ତି ବଢୁଛି। ଠିକ୍ ସେହିପରି ନାଗରିକ ଭାବେ ଆମେ ତାହା କରିବା ଯାହା ଦ୍ୱାରା ଆମ ଦେଶର ଶକ୍ତି ବର୍ଦ୍ଧନ ହେବ।

ଜଣେ ନାଗରିକ ଯେତେବେଳେ ନିଜ ପିଲାଙ୍କୁ ସ୍କୁଲ ପଠାଇଥା'ନ୍ତି ମାଆ ବାପାଙ୍କର କର୍ତ୍ତବ୍ୟ ତୁଲାଉଥା'ନ୍ତି। କିନ୍ତୁ ସେହି ମାଆବାପା ଯଦି ସଚେତନତାର ସହ ନିଜ ପିଲାଙ୍କୁ ମାତୃଭାଷା ଶିଖାଇଲେ, ତାହା ଏକ ନାଗରିକର କର୍ତ୍ତବ୍ୟ ବୋଲି କୁହାଯାଇପାରିବ। ପ୍ରତିଟି ଛୋଟ ଛୋଟ କାର୍ଯ୍ୟରେ ନାଗରିକର କର୍ତ୍ତବ୍ୟ କରାଯାଇପାରିବ। ଯେପରି ବୁନ୍ଦା ବୁନ୍ଦା ଜଳକୁ ସ ୟ କରିବା, ଟୀକାକରଣ ପ୍ରକ୍ରିୟାରେ ଭାଗନେବା, ନିର୍ବାଚନରେ ଭୋଟଦାନ କରିବା ତଥା ସମୟାନୁସାରେ ଟିକସ ଦାଖଲ କରିବା ଇତ୍ୟାଦି ଇତ୍ୟାଦି। ଏହିପରି ଅନେକ କାମ ରହିଛି ଯାହାକୁ ସଂପାଦନ କଲେ ଆମେ ନାଗରିକର କର୍ତ୍ତବ୍ୟ ସୁଚାରୁରୂପେ କରିପାରବା ଏବଂ ତାହା ଆମ ଦୈନନ୍ଦିନ ଜୀବନଚର୍ଯ୍ୟାରେ ସାମିଲ ହୋଇଯିବ। ଯଦି ଦେଶର ପ୍ରତିଟି ନାଗରିକ କର୍ତ୍ତବ୍ୟ ବିଷୟରେ ସଚେତନ ହେବେ ତଥା ଅନ୍ୟ କାହାରି ଅଧିକାରର ହନନ କରିବେ ନାହିଁ ତାହା ହେବ ବାସ୍ତବିକ ଦାୟିତ୍ୱବୋଧ ନିଜ ରାଷ୍ଟ୍ରପତି। ଆମର ସମ୍ବିଧାନ

ପ୍ରାରମ୍ଭରେ ଅଛି "ଉଇ ଦ ପିପୁଲ ଅଫ୍ ଇଣ୍ଡିଆ"- ଅର୍ଥାତ୍ ଆମେ ଭାରତର ଜନସାଧାରଣ- ଅର୍ଥାତ୍ ଆମେ ହିଁ ଭାରତର ପ୍ରେରଣା ଓ ଶକ୍ତିର ଉତ୍ସ।

ମୁଁ ଆଜି ଯାହା କିଛି ହୋଇଛି- ତାହା ସମାଜ ପାଇଁ ହୋଇଛି ଦେଶ ପାଇଁ ହୋଇଛି, ଏହି କର୍ତ୍ତବ୍ୟ ଭାବ ହେଉଛି ଆମ ପ୍ରେରଣାର ସ୍ରୋତ। ମୁଁ ଆପଣ ସମସ୍ତଙ୍କୁ ଆହ୍ୱାନ କରୁଛି କି ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ ଦେଶ ନିମନ୍ତେ ସମର୍ପିତ ହେବା। ସମସ୍ତେ ଏକତ୍ରିତ ହୋଇ ଦେଶକୁ ଏକ ନୂଆ ସଂସ୍କୃତିର ଦିଗରେ ପ୍ରେରିତ କରିବା। ଉତ୍ତମ ନାଗରିକ ହେବା। ମୁଁ କାମନା କରୁଛି କି ଏହି ସମ୍ବିଧାନ ଦିବସ ଆମର ସମ୍ବିଧାନର ଆଦର୍ଶକୁ ଉଜ୍ଜୀବିତ କରି ରଖୁ ଆଉ ରାଷ୍ଟ୍ର ନିର୍ମାଣରେ ଯୋଗଦାନ ଦେବାର ଆମର ପ୍ରତିବଦ୍ଧତାକୁ ଶକ୍ତି ଦେଉ। ଆମର ସମ୍ବିଧାନ ନିର୍ମାତାମାନେ ଯେଉଁ ସ୍ୱପ୍ନ ଦେଖିଥିଲେ, ତାକୁ ପୂରଣ କରିବାକୁ ଆମକୁ ଶକ୍ତି ଦେଉ। ଆଉ ଏହି ମାଟି ହେଉଛି ସେହି ବୌଦ୍ଧିକ ମନ୍ଥନର ସ୍ଥଳୀ- ଏବେ ମଧ୍ୟ ସ୍ୱର ଗୁଞ୍ଜରିତ ହେଉଛି। ସେହି ଗୁଞ୍ଜରଣର ପ୍ରତିଧ୍ୱନି ଆମକୁ ଆଶୀର୍ବାଦ କରୁଛି, ପ୍ରେରଣା ଦେଉଛି, ଏହା ଆମକୁ ଶକ୍ତି ଦେବ ଏବଂ ଆମର ମାର୍ଗଦର୍ଶକ ମଧ୍ୟ ହେବ। ଏହି ଭାବନା ସହ ମୁଁ ପୁଣି ଥରେ ଆଜି ସମ୍ବିଧାନ ଦିବସର ପବିତ୍ର ଅବସରରେ ପୂଜ୍ୟ ବାବା ସାହେବ ଆମ୍ବେଦକରଙ୍କୁ ପ୍ରଣାମ କରୁଛି, ସମ୍ବିଧାନ ନିର୍ମାତାମାନଙ୍କୁ ପ୍ରଣାମ କରୁଛି ଆଉ ଦେଶବାସୀଙ୍କୁ ବହୁତ ଶୁଭକାମନା ଜଣାଉଛି।

2020




ଶ୍ରୀ ନରେନ୍ଦ୍ର ମୋଦି କିଶାନ କାର୍ଡ ଯୋଜନାର ଲାଭାର୍ଥିମାନଙ୍କ ସହ

"କୃଷକମାନଙ୍କର ଆତ୍ମବିଶ୍ୱାସ
ରେ ହିଁ ଦେଶର
ସାମର୍ଥ୍ୟ ସନ୍ନିହିତ"

# ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ର ସ୍ଥାପନା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକସଭାରେ ବିବୃତି

5th February 2020

## ୦୫.୦୨.୨୦୨୦ ଲୋକସଭା

# ପ୍ରଧାନମନ୍ତ୍ରୀଙ୍କର 'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର' ଟ୍ରଷ୍ଟ ଗଠନ ବିଷୟରେ ବିବୃତି

ପ୍ରଧାନମନ୍ତ୍ରୀ (ଶ୍ରୀ ନରେନ୍ଦ୍ର ମୋଦୀ): ମାନନୀୟ ଅଧ୍ୟକ୍ଷ ମହୋଦୟ,

ଆଜି ମୁଁ ଆପଣମାନଙ୍କ ପାଇଁ ବିଶେଷ ରୂପେ, ଦେଶପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ତଥା ଐତିହାସିକ ବିଷୟରେ ସୂଚନା ପ୍ରଦାନ କରିବା ଲାଗି ଉପସ୍ଥିତ ହୋଇଛି । ଏହି ବିଷୟ କୋଟି କୋଟି ଦେଶବାସୀଙ୍କ ଭଳି ମୋର ନିଜ ହୃଦୟର ନିକଟତମ ଏବଂ ଏହି ବିଷୟ ଉପରେ ଆଲୋକପାତ କରିବା ମୋ ପାଇଁ ଏକ ସୌଭାଗ୍ୟର ବିଷୟ । ଏହି ବିଷୟ ଶ୍ରୀରାମ ଜନ୍ମଭୂମି ସହିତ ଜଡ଼ିତ । ଏହି ବିଷୟ ଅଯୋଧ୍ୟାର ଶ୍ରୀରାମଙ୍କର ଜନ୍ମସ୍ଥଳ ଉପରେ ଶ୍ରୀରାମ ଭବ୍ୟମନ୍ଦିର ନିର୍ମାଣ ସହିତ ମଧ୍ୟ ଜଡ଼ିତ ।

ମାନନୀୟ ଅଧ୍ୟକ୍ଷ ମହୋଦୟ, ୩ ନଭେମ୍ବର (୨୦୧୯) ମସିହାରେ ମୁଁ 'କରତାରପୁର ସାହେବ କରିଡ଼ର' ଲୋକାର୍ପଣ ନିମନ୍ତେ ପଞ୍ଜାବରେ ଥିଲି । ତାହା ଗୁରୁ ନାନକ ଦେବଙ୍କର ପାଂଚଶହ ପଚାଶତମ ପର୍ବ ଥିଲା । ବାତାବରଣ ଖୁବ୍ ପବିତ୍ର ଥିଲା । ସେହି ଦିବ୍ୟ ବାତାବରଣ ମଧ୍ୟରେ ମୁଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଶ୍ରୀରାମ ଜନ୍ମଭୂମି ମାମଲାରେ ଦେଇଥିବା ଐତିହାସିକ ଫଇସଲା ବିଷୟରେ ଜାଣି ପାରିଥିଲି । ସେହି ଫଇସଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ଶ୍ରୀରାମ ଜନ୍ମଭୂମିର ବିବାଦ ମୂଳକ ସ୍ଥଳରେ ଭିତରେ ଏବଂ ବାହାରେ ରାମଲାଲା ବିଗ୍ରହ ବିରାଜମାନ କରିଥିବାର ପ୍ରମାଣ ରହିଛି । ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ ନିଜର ରାୟରେ ଏହା ମଧ୍ୟ ଆଦେଶ ଦେଇଥିଲେ ଯେ କେନ୍ଦ୍ର ତଥା ରାଜ୍ୟ ସରକାର ପରସ୍ପର ମଧ୍ୟରେ ପରାମର୍ଶ କରି, କେନ୍ଦ୍ରୀୟ ସୁନ୍ନିଓ୍ୱାକ୍‌ଫ ବୋର୍ଡକୁ ପାଂଚ ଏକର ଜମି ଦେବେ ।

ମାନନୀୟ ଅଧ୍ୟକ୍ଷ ମହୋଦୟ, ଆଜି ସଭାଗୃହକୁ ଏବଂ ସଂପୂର୍ଣ୍ଣ ଦେଶକୁ ଏହା ଜଣାଇବାରେ ମୁଁ ବହୁତ ଖୁସି ଅନୁଭବ କରୁଛି ଯେ ଆଜି ସକାଳେ, କେନ୍ଦ୍ର ମନ୍ତ୍ରୀମଣ୍ଡଳର ହୋଇଥିବା ବୈଠକରେ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଅନୁସାରେ, ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ମୋ ନେତୃତ୍ୱରେ ପରିଚାଳିତ ସରକାର, ସୁପ୍ରିମକୋର୍ଟଙ୍କର ଆଦେଶ କ୍ରମେ ଶ୍ରୀରାମ ଜନ୍ମସ୍ଥାନଠାରେ ଭଗବାନ ଶ୍ରୀରାମଙ୍କର ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଏବଂ ଏହା ସହ ଜଡ଼ିତ ଅନ୍ୟ ବିଷୟଗୁଡ଼ିକ ଉପରେ ଏକ ବୃହତ ଯୋଜନା ତିଆରି କରିଛନ୍ତି । ସୁପ୍ରିମକୋର୍ଟଙ୍କର ଆଦେଶ କ୍ରମେ 'ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର' ନାମକ ଏକ ସ୍ୱାୟତ୍ତ ଟ୍ରଷ୍ଟର ନାମକରଣ କରାଯାଇଛି । ଏହି ଟ୍ରଷ୍ଟ ଭଗବାନ ଶ୍ରୀରାମଙ୍କ ଜନ୍ମସ୍ଥଳୀରେ ଶ୍ରୀରାମଙ୍କର ଏକ ଭବ୍ୟ ତଥା ଦିବ୍ୟ ମନ୍ଦିର ନିର୍ମାଣ ତଥା ତାହା ସହ ଜଡ଼ିତ ସମସ୍ତ ବିଷୟ ଉପରେ ନିର୍ଣ୍ଣୟ କରିବା ଲାଗି ପୂର୍ଣ୍ଣତଃ ସ୍ୱୟଂଶାସିତ ହେବ ।

ମାନନୀୟ ଅଧ୍ୟକ୍ଷ ମହୋଦୟ, ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଆଦେଶ ଅନୁଯାୟୀ ଗଭୀର ବିଚାର ବିମର୍ଶ ତଥା ପରାମର୍ଶ ପରେ ଉତ୍ତରପ୍ରଦେଶ ସରକାରଙ୍କୁ ପାଂଚ ଏକର ଜମି 'ସୁନ୍ନି ୱାକ୍‌ଫ ବୋର୍ଡ'କୁ ପ୍ରଦାନ କରିବା ଲାଗି ଅନୁରୋଧ କରାଯାଇଛି । ଏହା ନେଇ ଉକ୍ତ ରାଜ୍ୟ ସରକାର ନିଜର ସହମତି ମଧ୍ୟ ପ୍ରଦାନ କରିଛନ୍ତି ।

ମାନନୀୟ ଅଧ୍ୟକ୍ଷ ମହୋଦୟ, ଭାରତର ପ୍ରାଣବାୟୁରେ, ଭାରତର ଅନେକ ଆଦର୍ଶରେ, ଭାରତର ମର୍ଯ୍ୟାଦାରେ ଭଗବାନ ଶ୍ରୀରାମଙ୍କର ମହତ୍ତ୍ୱ ତଥା ଅଯୋଧ୍ୟାର ଐତିହାସିକତାରୁ, ଅଯୋଧ୍ୟା ଧାମର ପବିତ୍ରତା ବିଷୟରେ ଆମେ ସମସ୍ତେ ଅବଗତ ।

ଅଯୋଧ୍ୟାରେ ଭଗବାନ ଶ୍ରୀରାମଙ୍କର ଭବ୍ୟ ମନ୍ଦିରର ନିର୍ମାଣ, ବର୍ତ୍ତମାନ ଏବଂ ଭବିଷ୍ୟତରେ ରାମଲାଲାଙ୍କ ଦର୍ଶନାଭିଳାଷୀ ଶ୍ରଦ୍ଧାଳୁ ମାନଙ୍କର ସଂଖ୍ୟା ତଥା ସେମାନଙ୍କର ଭାବନାକୁ ପାଥେୟ କରି ସରକାର ଆଉ ଏକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ମୋ ନେତୃତ୍ୱରେ ପରିଚାଳିତ ସରକାର ନିର୍ଣ୍ଣୟ କରିଛନ୍ତି ଯେ ଅଯୋଧ୍ୟା ଅଧିନିୟମ ଅନୁଯାୟୀ ପ୍ରାୟ

୬୭.୭୦୩ ଏକର ଜମି ଅଧିଗ୍ରହଣ କରିବାକୁ ହେବ, ଯେଉଁଥିରେ ଉଭୟ ଭିତର ତଥା ବାହାର ଅଗଣା ମଧ୍ୟ ସାମିଲ ଅଛି ଓ ଏହି ଜମିକୁ ନବଗଠିତ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ରକୁ ହସ୍ତାନ୍ତର କରାଯିବ।

ମାନନୀୟ ଅଧ୍ୟକ୍ଷ ମହୋଦୟ, ଆମ ସଂସ୍କୃତି, ଆମ ପରମ୍ପରା, ଆମକୁ 'ବସୁଧୈବ କୁଟୁମ୍ବକମ୍' ଏବଂ 'ସର୍ବେଭବନ୍ତୁ ସୁଖିନଃ'ର ଦର୍ଶନ ଶିଖାଏ ଏବଂ ଏହି ଭାବନା ଗୁଡ଼ିକ ସହ ଆଗକୁ ଚାଲିବାର ପ୍ରେରଣା ମଧ୍ୟ ଯୋଗାଏ ।

ହିନ୍ଦୁସ୍ତାନ୍‌ରେ ସମସ୍ତ ଧର୍ମର ଲୋକେ ରୁହନ୍ତି, ସେମାନେ ହିନ୍ଦୁ ହୁଅନ୍ତୁ, ମୁସଲମାନ ହୁଅନ୍ତୁ, ଶିଖ୍ ହୁଅନ୍ତୁ, ଖ୍ରୀଷ୍ଟ ଧର୍ମାବଲମ୍ବୀ ହୁଅନ୍ତୁ, ବୌଦ୍ଧ କିମ୍ବା ଜୈନ ସଂପ୍ରଦାୟର ହୁଅନ୍ତୁ ନା କାହିଁକି ଆମେ ସମସ୍ତେ ଏକ ବୃହତ ପରିବାରର ସଦସ୍ୟ ଅଟୁ । ଏହି ପରିବାରର ପ୍ରତ୍ୟେକ ସଦସ୍ୟର ବିକାଶ ହେଉ, ସେମାନେ ସୁଖୀ ହୁଅନ୍ତୁ, ସେମାନଙ୍କର ସ୍ୱାସ୍ଥ୍ୟ ଭଲ ରହୁ, ସମୃଦ୍ଧି ଘଟୁ, ଦେଶର ବିକାଶ ହେଉ ଏହା 'ସମସ୍ତଙ୍କ ସହ, ସମସ୍ତଙ୍କର ବିକାଶ ଏବଂ ସମସ୍ତଙ୍କର ବିଶ୍ୱାସର ମନ୍ତ୍ରରେ ଆମର ବିଶ୍ୱାସ ରହିଛି ।

ଆସନ୍ତୁ, ଏହି ଐତିହାସିକ ମୁହୂର୍ତ୍ତରେ, ଆମେ ସବୁ ସଦସ୍ୟ ଏକ ସ୍ୱରରେ ଅଯୋଧ୍ୟାରେ ଶ୍ରୀରାମ ଧାମର ସମସ୍ତ ଦ୍ୱାର ପାଇଁ, ଭବ୍ୟ ରାମମନ୍ଦିର ନିର୍ମାଣ ନିମନ୍ତେ ନିଜ ନିଜର ସମର୍ଥନ ଦେବା ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

6th February 2020

# ୦୬.୦୨.୨୦୨୦ ରାଜ୍ୟସଭା
# ପ୍ରଧାନମନ୍ତ୍ରୀଙ୍କ ଧନ୍ୟବାଦ ପ୍ରସ୍ତାବ

ମାନନୀୟ ସଭାପତି ମହୋଦୟ, ଶହେ ତିରିଶ କୋଟି ଭାରତୀୟଙ୍କର ଆଶା ଓ ଆକାଂକ୍ଷାକୁ ପ୍ରତିଫଳିତ କରୁଥିବା ରାଷ୍ଟ୍ରପତିଙ୍କର ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଦେବା ନିମନ୍ତେ ମୁଁ ଆଜି ଆପଣମାନଙ୍କ ଗହଣରେ ଉପସ୍ଥିତ ଅଛି ଓ ମୋର ସମର୍ଥନ ଜଣାଉଛି । ପ୍ରାୟ ପଇଁଚାଳିଶରୁ ଅଧିକ ମାନନୀୟ ସଭ୍ୟ ସେମାନଙ୍କର ବହୁମୂଲ୍ୟ ବକ୍ତବ୍ୟ ରଖିସାରିଛନ୍ତି । ଏହି ସଦନ ଏକ ବରିଷ୍ଠ ସଦନ ଅଟେ ଯାହାର ସଦସ୍ୟମାନେ ଜ୍ଞାନୀ ମହାପୁରୁଷ, ଅନୁଭବୀ ତଥା ବରିଷ୍ଠ । ଚର୍ଚ୍ଚାର ଗୁଣବ । ସମୃଦ୍ଧ କରିବାରେ ସମସ୍ତେ ପ୍ରୟାସ କରିଛନ୍ତି। ଯେଉଁମାନେ ବକ୍ତବ୍ୟ ରଖିଛନ୍ତି ସେମାନଙ୍କ ମଧ୍ୟରେ ଶ୍ରୀ ଗୁଲାମ ନବୀ ଆଜାଦଜୀ, ଆନନ୍ଦ ଶର୍ମାଜୀ, ଶ୍ରୀ ଭୂପେନ୍ଦ୍ର ଯାଦବ, ଶ୍ରୀ ସଂଜୟ ରାଉତ, ଶ୍ରୀ ସତିଶ ମିଶ୍ର, ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ନଭନୀତଜୀ ଅନ୍ୟତମ । ସେମାନେ ଧନ୍ୟବାଦର ପାତ୍ର ।

ଯେତେବେଳେ ମୁଁ ଆପଣମାନଙ୍କର ଭାଷଣର ସଂଜ୍ଞାନ ଦେଉଥିଲି କେତେଗୁଡ଼ିଏ କଥା ଉଜାଗର ହେଲା । ବିଗତ ଅଧିବେଶନ ବେଶ୍ ଫଳପ୍ରଦ ଥିଲା । ସମସ୍ତଙ୍କ ସହଯୋଗ ଯୋଗୁଁ ଏହା ସମ୍ଭବ ହେଲା । ତେଣୁ ମୁଁ ସମସ୍ତଙ୍କୁ ଅଭିବାଦନ ଜଣାଉଛି । ଯେହେତୁ ଏହା ଏକ ବରିଷ୍ଠ ସଦନ, ଦେଶର ଅନେକ ଆଶା ଓ ଆକାଂକ୍ଷା ରହିଥିଲା । ମୋର ତଥା ଟ୍ରେଜେରୀ ବେଞ୍ଚର ଲୋକଙ୍କର ମଧ୍ୟ ଅନେକ ଆଶା ଥିଲା । କିନ୍ତୁ ମତେ ନିରାଶାର ସାମ୍ନା କରିବାକୁ ହେଲା । ଲାଗିଲା ଯେମିତି ଆପଣମାନେ ଏକପ୍ରକାର ସ୍ଥାଣୁତ୍ୱର ଶିକାର ହୋଇଯାଇଛନ୍ତି- ଆଗକୁ ବଢୁନାହାନ୍ତି । ବେଳେବେଳେ ପଛକୁ ମଧ୍ୟ ଚାଲିଯିବା ପରି ଲାଗୁଛନ୍ତି । ଭଲ ହୋଇଥାଆନ୍ତା ଯଦି ଆପଣମାନେ ହତାଶା ଓ ନିରାଶାର ଭାବ ପରିତ୍ୟାଗ କରି ଦେଶକୁ ନୂଆ ସ୍ଫୂର୍ତ୍ତି ଓ ନୂଆ ମାର୍ଗଦର୍ଶନର ଅନୁଭବ କରାଇଥାନ୍ତେ । ବୋଧୁହୁଏ ସ୍ଥିରତାକୁ ହିଁ ଆପଣ ନିଜର ଏକ 'ସଦ୍‌ଗୁଣ' ବା Virtue ବୋଲି ଧରିନେଇଛନ୍ତି ।

କାକା ହାଥରସ୍‌ଙ୍କର ଏକ ବ୍ୟଙ୍ଗ କବିତାକୁ ଉର୍ଦ୍ଧୃତ କରିବି–

ପ୍ରକୃତି ବଦଲତୀ କ୍ଷଣ କ୍ଷଣ ଦେଖୋ

ବଦଲ ରହେ ଅଣୁ କଣ୍ କଣ୍ ଦେଖୋ

ତୁମ୍ ନିଷ୍କ୍ରିୟ ସେ ପଡ଼େ ହୁଏ ହୋ

ଭାଗ୍ୟଦାଦ ପର୍ ଅଡେ ହୁଏ ହୋ

ଛୋଡୋ ମିତ୍ର ପୁରାନୀ ଓଫ୍‌ଲୀ

ଜୀବନ୍ ମେ ପରିବର୍ତ୍ତନ ଲାଓ

ପରମ୍ପରା ସେ ଊଁଚେ ଉଠ୍‌କର୍

କୁଛ ତୋ ଷ୍ଟାଣ୍ଡାର୍ଡ ବନାଂ ।

ସମ୍ମାନନୀୟ ସଭାପତି ମହୋଦାୟ, ଆଲୋଚନା ପ୍ରାରମ୍ଭ କଲାବେଳେ ଗୁଲାମ ନବୀ ଆଜାଦ୍ ଭାରି ରାଗିଥିଲେ, ସରକାରକୁ ସମାଲୋଚନା କରିବାକୁ ଚେଷ୍ଟା ମଧ୍ୟ ହୋଇଥିଲା । ମାତ୍ର ତାହା ଏକଦମ୍ ସ୍ୱାଭାବିକ । କିନ୍ତୁ ସିଏ ଏପରି କିଛି କହିଲେ ଯାହା ସମ୍ପୂର୍ଣ୍ଣ ନିରାଧାର ଥିଲା । ସେ କହିଥିଲେ ଜାମ୍ମୁ କାଶ୍ମୀର ଉପରେ ନିଷ୍ପତ୍ତି ସଦନରେ କୌଣସି ଚର୍ଚ୍ଚା ବିନା ନିଆଯାଇଥିଲା । ପୁରା ଦିନ ଦେଶ ଏହି ଆଲୋଚନାକୁ ଟେଲିଭିଜନରେ ଦେଖିଛି ଓ ଶୁଣିଛି । ବେଶ୍ ସାରଗର୍ଭକ ଓ ଦୀର୍ଘମିଆଦୀ ଆଲୋଚନା ଥିଲା । ସମ୍ମାନିତ ସଦସ୍ୟମାନେ ଭୋଦ ପ୍ରଦାନ ଦେଇ ନିଷ୍ପତ୍ତି ନେଇଥିଲେ । ଆଜାଦ୍ ସାହେବ ଆପଣଙ୍କୁ ଟିକିଏ ମନେପକାଇ ଦେବାକୁ ଚାହେଁ । ମନେପକାନ୍ତୁ ତେଲେଙ୍ଗାନା ବିଷୟରେ ନିଷ୍ପତ୍ତି ନେବା ସମୟ । ସଦନକୁ ବନ୍ଦ କରିଦିଆଗଲା, ଟେଲିଭିଜନକୁ ବନ୍ଦ କରିଦିଆଗଲା। ଆଲୋଚନା ପାଇଁ କୌଣସି ଜାଗା ବା ପରିବେଶ ନଥିଲା । ଆପଣ ଜଣେ ବରିଷ୍ଠ ସଦସ୍ୟ, ଆମକୁ ଉପଦେଶ ଦେଉଛନ୍ତି । କିନ୍ତୁ ସତ୍ୟକୁ ଗ୍ରହଣ କରିବାକୁ ହେବ । ଅନେକ ଦଶନ୍ଧି ପରେ ଏକ ନୂଆ ରାଜ୍ୟ ସୃଷ୍ଟି କରିବାର ସୁଯୋଗ ଥିଲା ଆପଣଙ୍କ ପାଖରେ । ଆପଣ ସମସ୍ତଙ୍କର

ଆଶା ଆକାଂକ୍ଷା ଓ ଉଦ୍ଦୀପନାକୁ ନେଇ ତାହା କରିପାରିଥାନ୍ତେ । ଅଳ୍ପ ସମୟ ତଳେ ଆନନ୍ଦ ଶର୍ମାଜୀ କହୁଥିଲେ– ରାଜ୍ୟମାନଙ୍କୁ ପଚାରିଥିଲୁ ନା ନାହିଁ, ଆଉ କାହାକୁ ପଚାରିଥିଲୁ ନା ନାହିଁ ଇତ୍ୟାଦି ଇତ୍ୟାଦି । ଆପଣମାନେ ତ ଅନ୍ତତଃ ଆନ୍ଧ୍ର–ତେଲେଙ୍ଗାନାର ଜନତାଙ୍କୁ ପଚାରିପାରିଥାନ୍ତେ ସେମାନେ କ'ଣ ଚାହାନ୍ତି ଜାଣିବାକୁ ।

କିନ୍ତୁ ଆପଣମାନେ ଯାହା କରିଛନ୍ତି ତାହା ବର୍ତ୍ତମାନ ଇତିହାସ । ତେବେ ସେ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ମନମୋହନ ସିଂହ ଯାହା କହିଥିଲେ, ଆମେ ସ୍ମରଣ କରିବା ଦରକାର । ସେ କହିଥିଲେ ତେଲେଙ୍ଗାନାଜନିତ ବିକ୍ଷୋଭ ଯୋଗୁଁ ଭାରତର ଗଣତନ୍ତ୍ରକୁ ଆଘାତ ପହଞ୍ଚିଛି । ଅଟଳଜୀଙ୍କ ସରକାର ଉତ୍ତରାଖଣ୍ଡ, ଝାଡ଼ଖଣ୍ଡ, ଛତିଶଗଡ଼ ଏଇସବୁ ରାଜ୍ୟକୁ ସୃଷ୍ଟି କରିଥିଲା, ମାତ୍ର ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟର ବାତାବରଣରେ । ଆଉ ଆଜି ସେଇ ତିନି ରାଜ୍ୟ ନିଜସ୍ୱରେ ଦେଶର ବିକାଶରେ ଭାଗୀଦାର ହେଉଛନ୍ତି । ଜାମ୍ମୁ, କାଶ୍ମୀର ଓ ଲଦାଖ ସମ୍ପର୍କରେ ନିଷ୍ପତ୍ତି ବେଶ୍ ଦୀର୍ଘ ଆଲୋଚନା ପରେ ହିଁ ନିଆଯାଇଛି । କେତେକ ଡାଟା ସଭାଗୃହରେ ଉପସ୍ଥାପିତ କରାଯାଇଛି । ମୁଁ ମଧ୍ୟ ମୋ ପାଖରେ ଥିବା ତଥ୍ୟ ଉପସ୍ଥାପିତ କରିବି ଏହି ସଭା ସମକ୍ଷରେ ।

୨୦ ଜୁନ୍ ୨୦୧୮– ସରକାର ଭାଙ୍ଗିବା ପରେ ଜମ୍ମୁ କାଶ୍ମୀରରେ ଏକ ନୂତନ ବ୍ୟବସ୍ଥା କରାଗଲା । ରାଜ୍ୟପାଳଙ୍କ ଶାସନ ତା'ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ଶାସନ ଲାଗୁ ହେଲା । ନିଷ୍ପତ୍ତି ନିଆଗଲା ଯେ ୩୭୦କୁ ଉଚ୍ଛେଦ କରାଯିବ । ଏବଂ ତା'ପରେ ପ୍ରଥମଥର ପାଇଁ ସେଠିକାର ଗରିବ ଲୋକ ଆରକ୍ଷଣର ସୁବିଧା ପାଇଲା । ପ୍ରଥମଥର ପାଇଁ ପାହାଡ଼ି ଭାଷା କହୁଥିବା ଲୋକେ ଆରକ୍ଷଣ ସୁବିଧା ପାଇଲେ । ପ୍ରଥମଥର ପାଇଁ ଜମ୍ମୁ କାଶ୍ମୀରର ମହିଳାମାନଙ୍କୁ ଅଧିକାର ମିଳିଲା ଯେ ସେ ରାଜ୍ୟ ବାହାରେ ବିବାହ କଲେ ନିଜ ସମ୍ପତ୍ତିରୁ ବଞ୍ଚିତ ହେବେନାହିଁ । ସ୍ୱାଧୀନତା ପରେ ପ୍ରଥମଥର ପାଇଁ ବ୍ଲକ୍ ଡେଭେଲପମେ କାଉନ୍ସିଲର ନିର୍ବାଚନ ହେଲା ।

ପ୍ରଥମଥର ପାଇଁ ଫେରା ଆଇନ୍ ସେଠାରେ ଲାଗୁ ହେଲା ।

ପ୍ରଥମଥର ପାଇଁ ଷ୍ଟାର୍ଟଅପ୍ ପଲିସି, ଟ୍ରେଡ୍ ଆଣ୍ଡ ଏକ୍ସପୋର୍ଟ ପଲିସି, ଲିଜିଷ୍ଟିକ୍ ପଲିସି ଗଠନ କରାଯାଇ ସେଠାରେ ଲାଗୁ ହେଲା ।

ପ୍ରଥମଥର ପାଇଁ ସମସ୍ତେ ଆଶ୍ଚର୍ଯ୍ୟ ହେବେ ସେଠାରେ Anti-corruption Bureau ସ୍ଥାପିତ ହେଲା ।

ପ୍ରଥମ ଥର ପାଇଁ ସୀମାପାରରୁ ଆସୁଥିବା ଅର୍ଥ ଯାହା ବିଚ୍ଛିନ୍ନତାବାଦୀମାନଙ୍କର ସମ୍ବର୍ଦ୍ଧନା ଉତ୍ସବ ବନ୍ଦ ହେଲା ।

ପ୍ରଥମଥର ପାଇଁ ଜାମ୍ମୁ କାଶ୍ମୀରର ପୋଲିସ ଓ ନିରାପତ୍ତା ବାହିନୀ ଆତଙ୍କବାଦୀମାନଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ନେଉଛନ୍ତି।

ଅନ୍ୟାନ୍ୟ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ପରି ଜାମ୍ମୁ କାଶ୍ମୀର ପୋଲିସ ବାହନୀ ମଧ୍ୟ ଭତ୍ତାର ସୁବିଧା ପାଇବେ ।

ପ୍ରଥମଥର ପାଇଁ ଜାମ୍ମୁ କାଶ୍ମୀରର ପୋଲିସ ବାହିନୀ ଏଲ୍‌ଟିସି ନେଇ କନ୍ୟାକୁମାରୀ, ଉତ୍ତରପୂର୍ବ ବା ଆଣ୍ଡାମାନକୁ ଭ୍ରମଣରେ ଯାଇପାରିବେ ।

ସମ୍ମାନନୀୟ ସଭାପତି ମହୋଦାୟ, ରାଜ୍ୟପାଳ ଶାସନର ୧୮ ମାସ ପରେ, ୪୪୦୦ ସରପଂଚ ଏବଂ ୩୫ ପଞ୍ଚଙ୍କ ନିମନ୍ତେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ହୋଇସାରିଛି ।

୧୮ ମାସରେ ୨.୫ ଲକ୍ଷ ଶୌଚାଳୟ ତିଆରି ସରିଛି ।

୧୮ ମାସରେ ୩.୫ ଲକ୍ଷ ଘରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି ।

୧୮ ମାସରେ ୩.୫ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଇ ଗୋଲ୍ଡ କାର୍ଡ ଦିଆଯାଇଛି ।

କେବଳ ୧୮ ମାସରେ ୧.୫ ଲକ୍ଷ ବୃଦ୍ଧ, ମହିଳା ଏବଂ ଦିବ୍ୟାଙ୍ଗ ଜନଙ୍କୁ ପେନ୍‌ସନ୍ ଯୋଜନା ସହ ଯୋଡ଼ା ଯାଇଛି ।

ଆଜାଦ୍ ସାହେବ କହୁଥିଲେ ପୂର୍ବରୁ ବହୁତ ଉନ୍ନତିମୂଳକ କାର୍ଯ୍ୟ ହେଉଥିଲା । ମୁଁ ତାହାର ଏକ ଉଦାହରଣ ଦେବି- ମାର୍ଚ୍ଚ ୨୦୧୮ ସୁଦ୍ଧା ପ୍ରଧାନମନ୍ତ୍ରୀ ଆୱାସ ଯୋଜନାରେ ୩.୫ ହଜାର ଗୃହ ନିର୍ମାଣ ହୋଇଥିଲା । ବର୍ତ୍ତମାନ ମାତ୍ର ଦୁଇବର୍ଷ ଭିତରେ ୨୪ ହଜାର ଗୃହ ନିର୍ମାଣ ହୋଇସାରିଛି । ଏହା ବ୍ୟତୀତ ଅନେକ ଯୋଜନା ମଧ୍ୟ ହାତକୁ ନିଆଯାଇଛି । ଏହି ଗୁଡ଼ିକର ଉଦ୍ଦେଶ୍ୟ ହେଲା- ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି, ସ୍କୁଲ୍‌ର ଅବସ୍ଥାରେ ଉନ୍ନତି, ଡାକ୍ତରଖାନାର ପରିସର ବୃଦ୍ଧି, ଜଳସେଚନର ବ୍ୟବସ୍ଥା ଏବଂ ଟୁରିଜିମ୍ ସେକ୍ଟରର ବୃଦ୍ଧି ଓ ବିକାଶ ।

ସମ୍ମାନୀତ ଭାଇକୋଜୀ ଜଣେ ଭାବୁକବ୍ୟକ୍ତି ଏବଂ କଥା ବଡ଼ ନିଆରା ଢଙ୍ଗରେ କହନ୍ତି । ସେ କହିଲେ ୫ ଅଗଷ୍ଟ ଗୋଟିଏ କଳା ଦିବସ ଜାମ୍ମୁ ଓ କାଶ୍ମୀର ପାଇଁ । ମାତ୍ର ତାହା ସତ୍ୟ ନୁହେଁ । ଏହା କଳା ଦିବସ ସେହିମାନଙ୍କ ପାଇଁ ଯିଏ ଆତଙ୍କବାଦ ବିଚ୍ଛିନ୍ନତାବାଦକୁ ପ୍ରଶ୍ରୟ ଦିଅନ୍ତୁ । ଲକ୍ଷ ଲକ୍ଷ ପରିବାର ପାଇଁ ଏ ଦିନଟି ଆଶାର ଆଲୋକ ନେଇ ଆସିଛି ।

ସମ୍ମାନନୀୟ ସଭାପତି ମହୋଦୟ ଉତ୍ତର-ପୂର୍ବ ବିଷୟରେ ଏଠାରେ ଆଲୋଚନା କରାଯାଇଛି । ଆଜାଦଜୀଙ୍କ ଅନୁସାରେ ଉତ୍ତର-ପୂର୍ବ ଆଜି ଜଳୁଛି । ଯଦି ଏହା ସତ ହୋଇଥା'ନ୍ତା, ଆପଣ ସାଂସଦମାନଙ୍କର ଏକ ପ୍ରତିନିଧି ମଣ୍ଡଳ ସେଠାକୁ ପଠାଇ ସାରିଥାନ୍ତେ । ସେମାନେ ପ୍ରେସ୍ କନ୍‌ଫରେନ୍ସ ବି କରିଥାନ୍ତେ ଏବଂ ଫଟୋ ବି ଛପାସରନ୍ତାଣି । ମୁଁ ଭାବୁଛି ଆଜାଦ୍ ସାହାବଙ୍କର ସୂଚନାଟି ୨୦୧୪ ପୂର୍ବର । ସେଥିପାଇଁ ମୁଁ କହିବି ଯେ ଉତ୍ତରପୂର୍ବ ରାଜ୍ୟଗଣ ଭାରତର ବିକାଶଯାତ୍ରାରେ ଅଭୂତପୂର୍ବ ଭାବେ ଯୋଗଦାନ କରୁଛନ୍ତି ଏବଂ ଶାନ୍ତି ବିରାଜମାନ କରୁଛି ସେଠାରେ । ପଚାଶ ବା ଚାଳିଶ ବର୍ଷ ପୂର୍ବେ ସେଠାରେ ଯେଉଁ ହିଂସାତ୍ମକ ବିକ୍ଷୋଭ ହେଉଥିଲା, ବ୍ଲକେଡ୍ ବା ରାସ୍ତାରୋକ

ହେଉଥିଲା, ତାହା ଆଜି ଆଉ ନାହିଁ । ଉତ୍ତରପୂର୍ବ ରାଜ୍ୟମାନେ ଶାନ୍ତିପୂର୍ଣ୍ଣ ଭାବେ ଉନ୍ନତି ପଥରେ ଅଗ୍ରସର ହେଉଛନ୍ତି ।

ମୁଁ ଏଠାରେ ବ୍ରୁ ଜନଜାତି ସମ୍ପର୍କରେ ଉଲ୍ଲେଖ କରିବି । ଏହି ସଂପ୍ରଦାୟର ସମସ୍ୟା ହେଲା ଦୀର୍ଘ ୨୫-୩୦ ବର୍ଷର । ପ୍ରାୟ ୩୦ ହଜାର ଲୋକ ବଡ଼ କଷ୍ଟରେ, ଅନିଶ୍ଚିତତା ଭିତରେ ରହୁଥିଲେ । ଗୋଟିଏ ବଖରାରେ ଯାହାକି ଅସ୍ଥାୟୀ, ସେଥିରେ ୧୦୦ରୁ ଅଧିକ ଲୋକ ରହୁଥିଲେ । ସେମାନେ କିଛି ବଡ଼ ଅପରାଧ ବି କରିନଥିଲେ ହେଲେ ବଡ଼ ଯନ୍ତ୍ରଣାରେ ଜୀବନ କାଟୁଥିଲେ । ସେତେବେଳେ ତ୍ରିପୁରା ଓ ମିଜୋରାମରେ କଂଗ୍ରେସର ସାଥୀଦଳମାନେ ସରକାରରେ ଥିଲେ । ଚାହିଁଥିଲେ ସେମାନେ ସାହାଯ୍ୟ କରିପାରିଥା'ନ୍ତେ ସମସ୍ୟାର ସମାଧାନ ପାଇଁ । ମାତ୍ର ବ୍ରୁ ଜନଜାତିର ଭୋଟର ସଂଖ୍ୟା କମ୍ ହେଇଥିବାରୁ କଂଗ୍ରେସ ସେମାନଙ୍କୁ ଗୁରୁତ୍ୱ ଦେଲାନାହିଁ । କିନ୍ତୁ ଆଜି ଅନେକ ବର୍ଷ ପରେ ଆମେ ସେହି ସମସ୍ୟାର ସ୍ଥାୟୀ ସମାଧାନ କରିପାରିଛୁ ।

ଆମର ଭାବନା ଓ ଚିନ୍ତାଧାରା ଭିନ୍ନପ୍ରକାରର । ଆମର ଲକ୍ଷ୍ୟ ହେଲା ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ । ସୁତରାଂ ସମସ୍ତ ସମସ୍ୟାର ସମାଧାନ ଆମେ ତତ୍ପରତା, ଦାୟିତ୍ୱ ଓ ସହାନୁଭୂତି ସହ ସମ୍ପନ୍ନ କରିବାକୁ ଚେଷ୍ଟା କରୁ । ଆଜି ଆମେ ଗର୍ବିତ ଯେ ବ୍ରୁ ଟାଇବ୍‌ର ୨୯ ହଜାର ଲୋକ ନିଜର ପରିଚୟ ପାଇବେ, ବାସସ୍ଥାନ ପାଇବେ । ସ୍ୱପ୍ନ ଦେଖିବେ ନିଜର ପିଲାମାନଙ୍କର ଭବିଷ୍ୟତକୁ ନେଇ ।

ମୁଁ 'ବୋଡୋ'ମାନଙ୍କ ବିଷୟରେ ଦୀର୍ଘ ଭାଷଣ ଦେବାକୁ ଚାହୁଁନାହିଁ । କିନ୍ତୁ ଏହା ମଧ୍ୟ କିଛି କମ୍ ଉପଲବ୍ଧି ନୁହେଁ । ଏହାର ବିଶେଷଣ ହେଲା ଏଥିରେ ସମସ୍ତ ବୋଡୋ ଆନ୍ଦୋଳନ ସହ ସମ୍ପୃକ୍ତ ସମସ୍ତ ଗୋଷ୍ଠୀ ହିଂସା ଓ ହତିଆର ଛାଡ଼ି ଚୁକ୍ତି ସ୍ୱାକ୍ଷର କରିଛନ୍ତି । ସେହି ଚୁକ୍ତିରେ ଉଲ୍ଲେଖ ଅଛି ଯେ ସମସ୍ତ ଦାବି ପୂରଣ ହୋଇଥିବାରୁ ଭବିଷ୍ୟତରେ ଆଉ କୌଣସି ଦାବି କରାଯିବ ନାହିଁ ।

ଶୁଭେନ୍ଦୁ ଶେଖର ଜୀ ଆର୍ଥିକ ବିଷୟରେ ତାଙ୍କର ଭାବନା ବ୍ୟକ୍ତ କରିଛନ୍ତି । ଯେତେବେଳେ ଅଧିବେସନ ପ୍ରାରମ୍ଭ ହେଲା ସେତେବେଳେ ମୁଁ କହିଥିଲି ଯେ ଏ ଅଧିବେଶନ ସମ୍ପୂର୍ଣ୍ଣ ଭାବେ ଆର୍ଥିକ ବିଷୟ ଉପରେ ଆଲୋଚନା ପାଇଁ ସମର୍ପିତ । ବର୍ତ୍ତମାନର ପରିସ୍ଥିତି ଅନେକ ଆହ୍ୱାନ ଆଣିଦେଇଛି । ଆମେ ସମସ୍ତେ ଏ ପକ୍ଷରେ ଥାଉ ବା ଅନ୍ୟପକ୍ଷରେ ଥାଉ ଏହି ଆହ୍ୱାନ ଦ୍ୱାରା ପ୍ରଭାବିତ । ତେଣୁ ସମ୍ମିଳିତ ଭାବେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଅର୍ଥନୈତିକ ବ୍ୟାପାରକୁ କେଉଁ ଦିଗରେ ଯିବା ଶ୍ରେୟସ୍କର ହେବ ତାହାର ନିଷ୍ପତ୍ତି ନେବା ଦରକାର । ବିଶ୍ୱ ଅର୍ଥନୀତିର ପରିବର୍ତ୍ତିତ ପରିସ୍ଥିତିରେ ଭାରତର ଅର୍ଥନୀତି କେମିତି ମଜବୁତ ହେବ, ଆମର ଦେଶର କେମିତି ଉନ୍ନତି ହେବ ତା'ଉପରେ ଆଲୋଚନା ହେଉ ବୋଲି ମୁଁ ସର୍ବଦଳୀୟ ସଭାରେ କେବଳ କହିନଥିଲି, ବିଶେଷ ଅନୁରୋଧ ମଧ୍ୟ କରିଥିଲି । ଆମ ସମସ୍ତଙ୍କର ଏକ କୈନ୍ଦ୍ରିକ ଆଲୋଚନାର ସାର ତଥା ଏଇ ମାନସିକ ମନ୍ଥନରୁ ଅମୃତ ହିଁ ବାହାରିବ । ଆମ ଭିତରେ ଡଃ ମନମୋହନ ସିଂହଙ୍କ ପରି ଅର୍ଥନୈତିକ ବିଷାରଦ ଅଛନ୍ତି । ମୁଁ ଖୋଲାମନରେ ସମସ୍ତଙ୍କୁ ସ୍ୱାଗତ କରୁଛି ଏକ ବିଷଦ ଅର୍ଥନୀତି-କୈନ୍ଦ୍ରିକ ଆଲୋଚନା ପାଇଁ ।

ମୋ ମତରେ ଆମକୁ ନିରାଶ ହେବାର କୌଣସି କାରଣ ନାହିଁ । ଅର୍ଥନୀତିର ସମସ୍ତ ମାନଦଣ୍ଡ ହିସାବରେ ଆମର ସ୍ଥିତି ବେଶ୍ ସୁଦୃଢ଼ ଏବଂ ଆଗକୁ ବଢ଼ିବାର ସମସ୍ତ ସମ୍ଭାବନା ରହିଛି । କୌଣସି ଦେଶ 'ଛୋଟ ଭାବନା' ଦ୍ୱାରା ଆଗେ ବଢ଼ିପାରେ ନାହିଁ । ଆମର ଯୁବାପିଢ଼ି ଆମଠୁ ବହୁତ କିଛି ଆଶା କରୁଛି । ଆପର କଳ୍ପନା ଓ ସ୍ୱପ୍ନ ବଡ଼ ହେବା ଦରକାର- ଦୂରଦୃଷ୍ଟିତାରେ ଭରା ହେଇଥିବା, ଭବିଷ୍ୟତର ଛବିକୁ ଉଜ୍ଜ୍ୱଳ କରିବ ଯେମିତି ।

ଏହାକୁ ମୂଳମନ୍ତ୍ର ବୋଲି ଧରି ଆମେ ପାଞ୍ଚ ଟ୍ରିଲିଅନ ଇକୋନୋମିକୁ ଆଗକୁ ନେବାକୁ ଉଦ୍ୟମ କରୁଛୁ। ନିରାଶାର କୌଣସି କାରଣ ନାହିଁ । ଅସମ୍ଭବ ଲାଗୁଥିବା ଜିନିଷକୁ ଆମେ ନିଜର ଚେଷ୍ଟା ଦ୍ୱାରା ସମ୍ଭବ କରିପାରିବା । ଆମର ପାଂଚ ଟ୍ରିଲିଅନ୍ ଅର୍ଥ ବ୍ୟବସ୍ଥା ବିଷୟରେ ବାରମ୍ବାର କହିବା ଦ୍ୱାରା ଗୋଟିଏ ଫାଇଦା ହୋଇଛି । ଆମର ବିରୋଧୀ ମଧ୍ୟ

ଏହି ବର୍ଣ୍ଣନାକୁ ବିଚାରକୁ ନେଇ ନିଜର ବକ୍ତବ୍ୟ ରଖୁଛନ୍ତି । ଦେଶର ଛବି ତ ଉଜ୍ଜ୍ୱଳ ହେଲା ଏହାଦ୍ୱାରା । ମାନସିକତା ତ ବଦଳିଲା ।

ଅର୍ଥନୀତିକୁ ଆଗକୁ ନେବାକୁ ହେଲେ ଆମକୁ ଇନ୍‌ଫ୍ରାଷ୍ଟ୍ରକ୍‌ଚର ବା ଭିତ୍ତିଭୂମିର ବିକାଶ ନିଜର ଗ୍ରାମ ଓ ସହରା ଳରେ କରିବାକୁ ହେବ । ଛୋଟ ଛୋଟ ଉଦ୍ୟୋଗ, ଷ୍ଟାର୍ଟ ଅପ୍ ଟେକ୍ସଟାଇଲ ଓ ଅନ୍ୟାନ୍ୟ ରୋଜଗାରର ପନ୍ଥାକୁ ଖୋଜିବାକୁ ହେବ । ଉଦାହାରଣ ସ୍ୱରୂପ 'ଟୁରିଜିମ୍' ଏକ ବଡ଼ କ୍ଷେତ୍ର ଯାହାର ପ୍ରଚୁର ସମ୍ଭାବନା ରହିଛି । କିନ୍ତୁ ତାହାର ବିକାଶ ଆଶାନୁରୂପେ ହୋଇପାରିନାହିଁ । ଭାରତକୁ ଏକ 'ବ୍ରାଣ୍ଡ' ଭାବରେ ଗଢ଼ିତୋଳିବାକୁ ହେବ । ଭାରତକୁ ଭାରତର ନଜରରେ ହିଁ ଟୁରିଜିମ୍‌ର ପ୍ରୋତ୍ସାହନ କରିବାକୁ ହେବ, ପଶ୍ଚିମ ଦେଶଙ୍କ ନଜରରେ ନୁହେଁ । ବିଦେଶୀ ପର୍ଯ୍ୟଟକ ଭାରତକୁ ଦେଖିବାକୁ ଆସିବେ, ତା'ର ପରମ୍ପରାକୁ ଓ ସଂସ୍କୃତିକୁ । ଉନ୍ମୁକ୍ତ ବାତାବରଣ ତ ସେମାନେ ବିଶ୍ୱର ଅନ୍ୟକୌଣସି ଦେଶରେ ବି ପାଇପାରିବେ ।

ଆମ ମେକ୍ ଇନ୍ ଇଣ୍ଡିଆ ଉପରେ ଜୋର୍ ଦେଇଥିଲୁ । ଏବେ ତା'ର ସୁଫଳ ଦେଖିବାକୁ ମିଳୁଛି। ବିଦେଶୀ ପୁଞ୍ଜି ନିବେଶ ହେବାରେ ଲାଗିଲାଣି । ଟାକ୍ସ ଷ୍ଟ୍ରକ୍‌ଚରକୁ ବି ଆପଣ ଦେଖନ୍ତୁ । ସାହାର ସରଳୀକରଣ କରାଯାଇଛି । 'ଇଜ୍ ଅଫ୍ ଡୁଇଙ୍ଗ ବିଜ୍‌ନେସ' ଓ 'ଇଜ୍ ଅଫ୍ ଲିଭିଙ୍ଗ୍' ଉଭୟକୁ ଆମେ କାର୍ଯ୍ୟରେ ପରିଣତ କରି ଦେଖେଇଦେଇଛୁ । ମୁଁ ଗୁଜୁରାଟରେ ଥିବା ସମୟରେ କେତେକ ବିଦ୍ୱାନଙ୍କ ଦ୍ୱାରା ଲିଖିତ 'ଅନୁଚିନ୍ତା' ସବୁ ପଢୁଥିଲି । ସେଥିରେ ସମସ୍ତ ବ୍ୟାଙ୍କଗୁଡ଼ିକୁ ଏକୀକରଣ କଲେ ତା'ର ଅନେକ ଲାଭ ହେବ ବୋଲି ମତପୋଷଣ କରାଯାଇଥିଲା । ମୋ ସରକାର ସେହି ପ୍ରକ୍ରିୟାକୁ ପ୍ରାରମ୍ଭ କରିଛି । ଅତି ଶୀଘ୍ର ଏକ ମଜଭୁତ ଅର୍ଥନୈତିକ ଗ୍ରୀଡ୍ ପ୍ରସ୍ତୁତ ହୋଇଯିବ ।

ଆମକୁ ମାନ୍ୟୁଫାକ୍‌ଚରିଙ୍ଗ ସେକ୍ଟରକୁ ବଢ଼ାଇବାକୁ ପଡ଼ିବ । ଆମର ବହୁ ପରିମାଣର ଅର୍ଥ ବ୍ୟାଙ୍କମାନଙ୍କରେ ଅଟକି ରହିଛି । ମୁଁ କାହାରିକୁ 'ନୀଚ' ଦେଖାଇବାକୁ ଚାହୁଁନାହିଁ । ଦେଶ ସାମ୍ନାରେ ମୁଁ ସତ୍ୟ ରଖିବାରେ ବିଶ୍ୱାସ ରଖେ ଏବଂ ଆଗକୁ ବଢ଼ିବାର ନୀତିରେ

ଚାଲିଥାଏ । ମୁଁ ଅଯଥାରେ ସମୟ ନଷ୍ଟ କରିବାକୁ ପସନ୍ଦ କରେନାହିଁ । ନଚେତ୍ ବହୁତ କିଛି କରିବାକୁ ଅଛି।

ଗୋଟିଏ କଥା ଶୁଣିବାକୁ ପଡ଼ିଥିଲା ଯେ ଜିଏସ୍‌ଟିରେ ବାରମ୍ବାର ପରିବର୍ତ୍ତନ କରାଯାଇଛି । ଏହା ଖରାପ କଥା ନା ଭଲ କଥା । ମୁଁ ତ ଆଶ୍ଚର୍ଯ୍ୟ । ମୋ'ମତରେ ସଂଘୀୟ ବ୍ୟବସ୍ଥା ମଧ୍ୟରେ ରହି ଏହା ହାସଲ କରିବା ଏକ ବହୁତ ବଡ଼ ସଫଳତା । ବର୍ତ୍ତମାନ ରାଜ୍ୟଗୁଡ଼ିକଙ୍କର ଆକାଂକ୍ଷା ପରିପ୍ରକାଶିତ ହୋଇଛି । ପୁଣି କଂଗ୍ରେସ ଶାସିତ ପ୍ରଦେଶ ବି ଅଛନ୍ତି। ଆମର ଦେଶ ଏତେ ବିଶାଳ । ସୁଆଡ଼େ ପରିସ୍ଥିତି ଏକ ସମାନ ନୁହେଁ । ତେଣୁ ଆମେ ପରିବର୍ତ୍ତନକୁ ଆବଶ୍ୟକତା ଅନୁସାରେ ଆଣିବାରେ କୌଣସି ବାଧା ନାହିଁ । ଏପରିକି ରାଜ୍ୟମାନଙ୍କର ବଜେଟ୍ ପାସ୍ ହେଲା ପରେ ମଧ୍ୟ ସେଥିରେ କେତେପ୍ରକାର କାଣ୍ଟଛାଣ୍ଟ କରାଯାଏ । ଏକଥା କୁହାଯାଉଛି ଜିଏସ୍‌ଟି ସରଳ ହେବା ଉଚିତ୍ ଥିଲା ଏମିତି ହବାର ଥିଲା, ସେମିତି ହବାର ଥିଲା । ଯଦି ଆପଣଙ୍କର ଏତେ ଜ୍ଞାନ ଥିଲା ତାହାକୁ କାର୍ଯ୍ୟକାରୀ କଲେନି କାହିଁକି ? କାହିଁ ଝୁଲାଇ ରଖିଥିଲେ । ତେଣୁ ଭ୍ରାନ୍ତି ଫଳାନ୍ତୁ ନାହିଁ ।

ବର୍ତ୍ତମାନ ମୋର କଥା ଶୁଣନ୍ତୁ । ଯେତେବେଳେ ପ୍ରଣବଦା ଗୁଜରାଟ ଆସିଥିଲେ ଅର୍ଥମନ୍ତ୍ରୀ ଥିବା ସମୟରେ ତାଙ୍କ ସହ ମୋର ବିଷଦ ଆଲୋଚନା ହୋଇଥିଲା । ମୁଁ ତାଙ୍କୁ ପଚାରିଥିଲି ଜିଏସ୍‌ଟି ବିଷୟରେ ଏହା ଏକ ଟେକ୍ନୋଲୋଜି ଦ୍ୱାରା ଚଳମାନ ବ୍ୟବସ୍ଥା ତେଣୁ ସେ ବ୍ୟବସ୍ଥା ଅଛି ନା ନାହିଁ ? ଦାଦା ତାଙ୍କର ସଚିବଙ୍କଠାରୁ ପଚାରି ବୁଝିଥିଲେ ଓ କହିଥିଲେ କୌଣସି ପ୍ରାଇଭେଟ୍ କମ୍ପାନୀକୁ ଜିଏସ୍‌ଟି କାରବାର କରିବାକୁ ଦାୟିତ୍ୱ ଦିଆଯିବ । ଅର୍ଥାତ୍ ସେ ସମୟରେ ମଧ୍ୟ ଟେକ୍ନୋଲୋଜି ନଥିଲା ଜିଏସ୍‌ଟି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ।

ଦ୍ୱିତୀୟରେ ମୁଁ ମାନୁଫାକ୍‌ଚରିଂ ରାଜ୍ୟ ବା ନିର୍ମାଣକାରୀ ରାଜ୍ୟମାନଙ୍କର ବିଷୟରେ କହିବି । ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଓ ମହାରାଷ୍ଟ୍ର ଇତ୍ୟାଦି ନିର୍ମାଣ ତଥା କ୍ରେତା

ତଥା ଖାଉଟି ରାଜ୍ୟ । ସେମାନଙ୍କ ପାଇଁ ଜିଏସ୍‌ଟି ଅସୁବିଧାଜନକ ନୁହେଁ । ମୁଁ ଗର୍ବର ସହ କହିବି ଶ୍ରୀ ଅରୁଣ ଜେଟ୍‌ଲୀ ଅର୍ଥମନ୍ତ୍ରୀ ଥିବା ସମୟରେ ଜିଏସ୍‌ଟି ଜନିତ ସମସ୍ୟା ସମୂହର ସମାଧାନ କରିଥିଲେ । ସେଥିପାଇଁ ପୂରା ଦେଶ ଆଜି ଜିଏସ୍‌ଟି ପ୍ରଣୟନ କରିପାରିଛି । ମୁଁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ହୋଇଥିବା ଅସୁବିଧା ଯୋଗୁଁ ଆଜି ପ୍ରଧାନମନ୍ତ୍ରୀ ଭାବେ ସେସବୁର ସମାଧାନ ପନ୍ଥା ବାହାର କରିଛି। ପରିବର୍ତ୍ତନ କାହିଁକି କରାଗଲା ? ମୁଁ କହିବି ଯେ ଆମ ସମ୍ବିଧାନ ପ୍ରଣେତାମାନେ ଚାହୁଁଥିଲେ ସମାୟାନୁବର୍ତ୍ତୀ ସୁଧାର ଯଦ୍ୱାରା ଦେଶର ପ୍ରଗତିପଥରେ କୌଣସି ବାଧା ରହିବନାହିଁ ।

ଆଦରଣୀୟ ସଭାପତି ମହୋଦୟ ଭାରତର ଅର୍ଥନୀତିରେ ବଡ଼ ଯୋଗଦାନ କରୁଥିବା ଏକ ବିଷୟରେ କହିବି । ସେମାନେ ହେଲେ ଟିଅର ୨ ଓ ଟିଅର ୩ର ସହରମାନେ । ସବୁକ୍ଷେତ୍ରରେ ସେମାନେ ଉନ୍ନତି କରି ଭାରତର ବିକାଶ ଯାତ୍ରାରେ ସାମିଲ ହେଉଛନ୍ତି । ଶିକ୍ଷା ହେଉ, ଷ୍ଟାର୍ଟଅପ୍ ହେଉ ସବୁ ସ୍ତରରେ ଏହି ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରମାନେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି । ଆମ ଦେଶର ଆକାଂକ୍ଷୀ ଯୁବାବର୍ଗ ଏହିସବୁ ସ୍ଥାନରୁ ଆସି ଦେଶର ଉନ୍ନତିପଥରେ ଭାଗୀଦାର ହୋଇଛନ୍ତି ।

ବର୍ତ୍ତମାନ ଆମର ଦେଶ ଡିଜିଟାଲ ପରିବର୍ତ୍ତନର ଯୁଗ ନେଇ ଗତି କରୁଛି। ଏହି ସଦନର ବକ୍ତୃତା ମଧ୍ୟ ଡିଜିଟାଲ ମାଧ୍ୟମରେ ସହଜଲଭ୍ୟ । କୌଣସି ସଦସ୍ୟ ନିଜର ବକ୍ତବ୍ୟ ପଢ଼ିପାରିବେ । ଏକଦା ଲୋକେ ମୋବାଇଲକୁ ତାଚ୍ଛଲ୍ୟ କରୁଥିଲେ । ସେହିପରି ବର୍ତ୍ତମାନ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା, ବିଲିଙ୍ଗ୍ ବ୍ୟବସ୍ଥାର ଆରମ୍ଭ ହୋଇଗଲାଣି । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରମାନେ ମଧ୍ୟ ଏଥିରେ ତାଳଦେଇ ଚାଲିଲେଣି । ସବୁ ସ୍ଥାନରେ ପ୍ରଗତିର ପଦଚିହ୍ନ- ଆମର ଭିତ୍ତିଭୂମି ବିକାଶ ହେଉ, ରେଳସେବା, ଉଡ଼ାଜାହାଜ ସେବା ହେଉ ସବୁ ଦିଗରେ ଆମେ ଅଗ୍ରସର ହେଉଛୁ । ଆମର ବିମାନ ବନ୍ଦର ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି ।

ଗତକାଲି ସୁଦ୍ଧା ୨୫୦ଟି ଘରୋଇ ରୁଟ୍‌ରେ ଉଡ଼ାଜାହାଜ ଚଳାଚଳ କରିବ। ବିଗତ ପାଞ୍ଚ ବର୍ଷରେ ଆମର ୬୫ଟି କାର୍ଯ୍ୟଶୀଳ ବିମାନବନ୍ଦର ଥିଲା, ବର୍ତ୍ତମାନ ତାହା ୧୦୦ ମଧ୍ୟ ଅତିକ୍ରମ କରିଯାଇଛି । ସେହିପରି ବିଗତ ୫ ବର୍ଷରେ ଆମେ କେବଳ ସରକାର ବଦଳାଇନାହୁଁ, ଚିନ୍ତାଧାରା ଓ କାର୍ଯ୍ୟ କରିବାର ପ୍ରଣାଳୀ ମଧ୍ୟ ବଦଳାଇଛୁ । ଡିଜିଟାଲ ଇଣ୍ଡିଆ କ୍ଷେତ୍ରରେ ବ୍ରଡବ୍ୟାଣ୍ଡ ସେବା ଯୋଗାଇ ଦିଆଯାଇଛି। ଆମର ଯୋଜନା ଏତେ ଉପଯୁକ୍ତ ଥିଲା ଯେ ପୂର୍ବରୁ ଯେଉଁ ବ୍ୟବସ୍ଥାରେ କେବଳ ୫୯ଟି ଗ୍ରାମପଞ୍ଚାୟତ ଏହି ସୁବିଧା ପାଇପାରୁଥିଲେ, ବର୍ତ୍ତମାନ ତାହାର ସଂଖ୍ୟା ହେଲା ୧୨୫ଟି ଗ୍ରାମ । କେବଳ ବ୍ରଡ୍‌ବ୍ୟାଣ୍ଡ ସେବା ନୁହେଁ ଡିଜିଟାଲ ସେବା ଦ୍ୱାରା ସ୍କୁଲ୍, କଲେଜ, ଗ୍ରାମ ତଥା ଅନ୍ୟାନ୍ୟ ଜନମଙ୍ଗଳ କେନ୍ଦ୍ର ବି ଲାଭବାନ ହୋଇଛି ।

୨୦୧୪ ମସିହାରେ ଜନସେବା କେନ୍ଦ୍ରର ସଂଖ୍ୟା ଥିଲା ଅଶୀ ହଜାର । ମାତ୍ର ବର୍ତ୍ତମାନ ତାହା ୩ଲକ୍ଷ ୬୫ ହଜାରକୁ ବୃଦ୍ଧି ପାଇଛି ଏବଂ ଗ୍ରାମର ଯୁବାଗୋଷ୍ଠୀ ତାହାର ପରିଚାଳନା କରୁଛନ୍ତି । ବାର ଲକ୍ଷରୁ ଅଧିକ ଗ୍ରାମୀଣ ଯୁବକ ନିଜ ଗ୍ରାମରେ ବସବାସ କରି କୃଷିକାର୍ଯ୍ୟ ସହିତ ବୃଦ୍ଧ ପିତାମାତାଙ୍କର ସେବା କରୁଛନ୍ତି । ଦେଶ ଗର୍ବୀତ ହେବା ଦରକାର ଯେ ସରକାରଙ୍କ ଦ୍ୱାରା ପ୍ରଚଳିତ 'ଭୀମ୍' ଆପ୍‌ର ଗ୍ରହଣୀୟତା ବୃଦ୍ଧି ପାଇବାରେ ଲାଗିଛି ଓ ଡିଜିଟାଲ ପେମେଣ୍ଟରେ ଏହା ଏକ ବଡ଼ ମାଧ୍ୟମ ହୋଇସାରିଛି । ଆମ ଦେଶର ପ୍ରତିଭା ଯୋଗୁଁ ଏହା ସମ୍ଭବ ହୋଇଛି । ଜାନୁଆରୀ ମାସରେ 'ଭୀମ' ଆପ୍ ଦ୍ୱାରା ହୋଇଥିବା ଡିଜିଟାଲ ଆର୍ଥିକ କାରବାରର ପରିମାଣ ହେଲା ୨ଲକ୍ଷ ୧୬ହଜାର କୋଟି ଟଙ୍କା ।

ମାତ୍ର କିଛି ହଜାର ସଂଖ୍ୟାରେ Rupay Cardକୁ ଅଣାଯାଇଥିଲା । କୁହାଯାଇଥିଲା ଏହାର ଅବଦାନ ମାତ୍ର .୬% । ମାତ୍ର ବର୍ତ୍ତମାନ ଏହା ୫୦ ପ୍ରତିଶତରେ ପହଞ୍ଚିସାରିଲାଣି । ଅନେକ ଦେଶ ଏହାକୁ ଗ୍ରହଣ କଲେଣି ଯାହା ଆମ ପାଇଁ ଗୌରବର ବିଷୟ।

ମାନନୀୟ ସଭାପତି ମହୋଦୟ ଆମର ଲକ୍ଷ୍ୟ ସର୍ବଦା ଶତକଡ଼ା ୧୦୦ ଭାଗରେ ପହଂଚିବା । ଜଳଜୀବନ ମିଶନ୍ ଏପରି ଏକ ଲକ୍ଷ୍ୟ । ବର୍ତ୍ତମାନ ଆମେ ଯେଉଁ ଲକ୍ଷ୍ୟ ହାସଲ କରିସାରିଛୁ ତାହା ହେଲା–

ଟଏଲେଟ୍–୧୦୦%,

ଗୃହ– ୧୦୦%,

ବିଦ୍ୟୁତ୍– ୧୦୦%,

ଗ୍ରାମାଞ୍ଚଳରେ ବିଦ୍ୟୁତ୍– ୧୦୦%

ଆଦିବାସୀ ଜନତାଙ୍କ ପାଇଁ ୩୦ହଜାର ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ସୃଷ୍ଟି କରାଯାଇଛି । ଜଙ୍ଗଲ–ଜାତ–ଦ୍ରବ୍ୟ ନିମନ୍ତେ ଏମ୍‌ଏସ୍‌ପି ମଧ୍ୟ ସ୍ଥିରକରାଯାଇ ଏହି ସମାଜର ଲୋକଙ୍କୁ ଉନ୍ନତିର ମାର୍ଗ ଦେଖାଉଛି । ରାଷ୍ଟ୍ରପତିଙ୍କ ଅଭିଭାଷଣରେ ହୁଏତ ବିସ୍ତାର ଭାବେ ଉଲ୍ଲେଖ କରାଯାଇନାହିଁ । ମାତ୍ର ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆମେ କେତେକ ବଳିଷ୍ଠ ପଦକ୍ଷେପ ନେଇଛୁ । ବାଳିକାମାନଙ୍କୁ ସୈନିକ ସ୍କୁଲ୍‌ରେ ଆଡ୍‌ମିସନ ଏବଂ ମହିଳାମାନଙ୍କୁ ମିଲିଟାରୀ ପୋଲିସ ବିଭାଗରେ ନିଯୁକ୍ତି ଏଥିରୁ ଅନ୍ୟତମ। ମହିଳାମାନଙ୍କୁ ପାଇଁ ୬୦୦ଟି ... ଖୋଲାଯାଇଛି ।

ଜାତୀୟ ସ୍ତରରେ ଏକ ଡାଟାବେଶ୍ ତିଆରି କରାଯାଇଛି ଯୌନ ଅପରାଧୀମାନଙ୍କ ବିଷୟରେ । ସେମାନଙ୍କର ଉପରେ ନଜର ରଖାଯିବ । ମହିଳାମାନଙ୍କୁ ଆତ୍ମରକ୍ଷାର ତାଲିମ ମଧ୍ୟ ଦିଆଯାଇଛି । ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସବୁ ଛାତ୍ରୀଙ୍କୁ ସବୁ ସ୍କୁଲରେ ଏହି ଶିକ୍ଷା ଦିଆଯାଉଛି।

ମାନବ ତସ୍କରୀ ରୋକିବା ପାଇଁ ମଧ୍ୟ ଏକ ସଂସ୍ଥା ସ୍ଥାପନା କରାଯିବ । ପୋକ୍‌ସୋ ଆକ୍ଟକୁ ପରିବର୍ତ୍ତନ କରାଯାଇ ଗମ୍ଭୀର ଯୌନହିଂସାର ଶିଶୁଙ୍କୁ ନ୍ୟାୟ ମିଳିବାର ମାର୍ଗକୁ

ପ୍ରଶସ୍ତ କରାଯାଇଛି । ଅତିଶୀଘ୍ର ନ୍ୟାୟ ପ୍ରଦାନ ହେବ, ଏଥି ନିମନ୍ତେ ଦେଶବ୍ୟାପୀ ଏକ ହଜାର ଫାଷ୍ଟଟ୍ରାକ୍ କୋର୍ଟର ସ୍ଥାପନା କରାଯିବ ।

ସମ୍ମାନୀୟ ସଭାପତି ମହୋଦୟ, ସଭାଗୃହରେ ସିଏଏ ବିଷୟରେ ଆଲୋଚନା ହେଇଛି । ବାରମ୍ବାର ଚେଷ୍ଟା କରାଯାଇଛି ବିକ୍ଷୋଭ ନାମରେ ଶାନ୍ତିଭଙ୍ଗ କରିବାକୁ । ଗଣତନ୍ତ୍ର ବିରୋଧୀ କାର୍ଯ୍ୟକଳାପକୁ ଘୋଡ଼ାଇବା ପାଇଁ ସମ୍ବିଧାନର ଦ୍ୱାହୀ ଦିଆଯାଇଛି । ମୁଁ କଂଗ୍ରେସର ଅବସ୍ଥା ବୁଝିପାରୁଛି । କିନ୍ତୁ କେରଳର ବାମପନ୍ଥୀ ବନ୍ଧୁମାନେ ବୁଝିବା ଦରକାର ଯେ କେରଳର ମୁଖ୍ୟମନ୍ତ୍ରୀ ସ୍ୱୟଂ ମାନିଛନ୍ତି ଯେ ଏହିସବୁ ପ୍ରତିରୋଧ ସଭାର ନିୟନ୍ତ୍ରଣ...ହାତରେ ଅଛି । ସେ ମଧ୍ୟ ଚେତାବନୀ ଦେଇଛନ୍ତି। ତଥାପି ଆପଣମାନେ ଏପରି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ବିକ୍ଷୋଭ ଦିଲ୍ଲୀରେ ହେଉ ବା କେରଳରେ ହେଉ ଏହା ଅଗଣତାନ୍ତ୍ରିକ ।

ସ୍ୱଚ୍ଛ ପାନୀୟ ଜଳ ପ୍ରତିଗୃହରେ ପହଞ୍ଚାଇବା ହେଲା ଆମର ଅଗ୍ରୀମ ଲକ୍ଷ୍ୟ । ଏହା ଏକ ବହୁତ ବଡ଼ ଅଭିଯାନ । ସମର୍ଥ ଆର୍ଥିକ ଦାୟିତ୍ୱ ଏବଂ ଖର୍ଚ୍ଚର ଭାର କେନ୍ଦ୍ର ସରକାରଙ୍କର ହେବ । ମାତ୍ର ବାସ୍ତବିକ ଭାବେ କାର୍ଯ୍ୟକାରୀ ହେବ ଏକଦମ୍ ତୃଣମୂଳ ସ୍ତରରେ, ଆମ ସଂଘୀୟ ବ୍ୟବସ୍ଥାର ସବୁଠାରୁ କ୍ଷୁଦ୍ର ଅଂଶ ଗ୍ରାମୀଣ ସ୍ତରରେ । ଗ୍ରାମବାସୀମାନେ ହିଁ ଯୋଜନା ତିଆରି କରି ଜଳପ୍ରବନ୍ଧନର ବ୍ୟବସ୍ଥା କରିବେ ।

ଆମ ଦେଶର ପ୍ରାୟ ୧୦୦ଟି ଆକାଂକ୍ଷୀ ଜିଲ୍ଲାକୁ ଚିହ୍ନଟ କରାଯାଇଛି । ଯେଉଁମାନେ ବିଭିନ୍ନ କାରଣରୁ ପଛୁଆ ତାଲିକାରେ ପଡ଼ିରହିଥବଲେ। ଏଗୁଡ଼ିକ ଭିନ୍ନ ଭିନ୍ନ ରାଜ୍ୟରେ ଅବସ୍ଥିତ । ରାଜ୍ୟଗୁଡ଼ିକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ନିଜ ଜିଲ୍ଲାମାନଙ୍କରେ ୫୦ ଲେଖାଏଁ ... ଆକାଂକ୍ଷୀ ବ୍ଲକ୍ ଚିହ୍ନଟ କରିବେ । ଆକାଂକ୍ଷୀ ଜିଲ୍ଲା ଓ ଏହାର କାର୍ଯ୍ୟକ୍ଷମତା ଏକ ସୁଖଦ ଅନୁଭବ ସମସ୍ତଙ୍କ ପାଇଁ । ସେମାନେ ହିଁ ଯୋଜନା ପ୍ରଣୟନର ପ୍ରାଣକେନ୍ଦ୍ର । ଧରନ୍ତୁ ଅନ୍‌ଲାଇନ୍‌ରେ ଟିକାଦାନ ପାଇଁ ଏକ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ହେଲା । ତଦ୍ୱାରା ଲୋକଙ୍କର ହିଁ ସୁବିଧା ହେଉଛି ।

ସେହିପରି ଅନ୍ୟଏକ ଯୋଜନା ହେଲା ଆୟୁଷ୍ମାନ ଭାରତ । ଏହାଦ୍ୱାରା ସବୁ ଜିଲ୍ଲାରେ ସ୍ୱାସ୍ଥ୍ୟ ସମ୍ପର୍କରେ ଭିନ୍ନ ଭିନ୍ନ ପଦକ୍ଷେପମାନ ନିଆଯାଇପାରିବ । ସେହି ଜିଲ୍ଲାର ଅଧିବାସୀ ଆଦିବାସୀ ଭାଇଭଉଣୀମାନେ ହୁଅନ୍ତୁ ବା ଦିବ୍ୟାଙ୍ଗ ହୁଅନ୍ତୁ । ସରକାର ସେମାନଙ୍କୁ ପାଇଁ ସଚେତନତା ସହ କାର୍ଯ୍ୟ କରିବାକୁ ବଦ୍ଧପରିକର ।

ବିଗତ ପାଞ୍ଚ ବର୍ଷ ହେଲା ସରକାର ଆଦିବାସୀ ଯୋଦ୍ଧାମାନଙ୍କୁ, ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ, ସେମାନଙ୍କୁ ସମ୍ମାନିତ କରିବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କର ଅବଦାନକୁ ନେଇ ସଂଗ୍ରହାଳୟ ବା ଗବେଷଣା ଅନୁଷ୍ଠାନ କରିବାର ଯୋଜନା ମଧ୍ୟ ରହିଛି । ଏହାଦ୍ୱାରା ଜାତୀୟ ସଂହତି ବୃଦ୍ଧି ପାଇବ । ଆଦିବାସୀ ପିଲାମାନେ ବହୁ ପ୍ରତିଭାର ଅଧିକାରୀ । ସୁଯୋଗ ମିଳିଲେ ସେମାନେ ମଧ୍ୟ ଶିକ୍ଷା, କ୍ରୀଡ଼ା କ୍ଷେତ୍ରରେ ନାଁ କରିପାରିବେ । ଆମେ 'ଏକଲବ୍ୟ' ସ୍କୁଲମାନଙ୍କ ଜରିଆରେ ସେମାନଙ୍କ ପ୍ରତିଭା ବିକାଶ ନିମନ୍ତେ ସୁଯୋଗ ସୃଷ୍ଟି କରିଛୁ ।

ମାନନୀୟ ସଭାପତି, ମୁଁ ଅନ୍ୟଏକ ବକ୍ତବ୍ୟ ଉଦ୍ଧୃତ କରିବାକୁ ଚାହିଁବି- "ହିନ୍ଦୁମାନେ ପାକିସ୍ତାନର ନାଗରିକ ତେଣୁ ଆମେ ସେମାନଙ୍କର ବିଷୟରେ ଚିନ୍ତା କରିବା ଅନାବଶ୍ୟକ- ଏହାକୁ ମୁଁ ସମ୍ପୂର୍ଣ୍ଣ ପ୍ରତ୍ୟାଖାନ କରୁଛି । ସେମାନେ ପାକିସ୍ତାନର ନାଗରିକ ହେଲେ ମଧ୍ୟ ଆମର କର୍ତ୍ତବ୍ୟ ତାଙ୍କୁ ସୁରକ୍ଷା ବୋ ଯେଉଁ ସୁରକ୍ଷା ଆମେ ଭାରତରେ ମୁସଲିମମାନଙ୍କୁ ଦେଉଛୁ ।"

କାହାର ବକ୍ତବ୍ୟ ଏହା ? ସିଏ ମଧ୍ୟ କୌଣସି ବିଦେଶୀ ବା ଜନସଂଘର ସଦସ୍ୟ ନଥିଲେ । ସେ ଥିଲେ ମହାନ୍ ସମାଜବାଦୀ ଡଃ ରାମ ମନୋହର ଲୋହିଆ ।

ସଭାପତି ମହୋଦୟ ଶାସ୍ତ୍ରୀଜୀଙ୍କୁ ପୁନର୍ବାର ଉଦ୍ଧୃତ କରିବି- ଆମର ସମସ୍ତ ରାଜ୍ୟ ସରକାରମାନେ ଶରଣାର୍ଥୀ ସମସ୍ୟାକୁ ଏକ ଜାତୀୟ ପ୍ରଶ୍ନ ଭାବରେ ନେଇଛନ୍ତି ଏବଂ ସେମାନଙ୍କର ଥଇଥାନରେ ସହାୟତା ପାଇଁ ରାଜି ହୋଇଛନ୍ତି। ମୁଁ ସେମାନଙ୍କୁ ଅଭିବାଦନ ଜଣାଉଛି । ବିହାର, ଓଡ଼ିଶା, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ- ଏ ସମସ୍ତ ରାଜ୍ୟ ସରକାରଗଣ ଭାରତ ସରକାରଙ୍କୁ ଏହି ମର୍ମରେ ଚିଠି ଲେଖିଛନ୍ତି । କେତେକ ଦଶହଜାର,

କେତେକ ପନ୍ଦର ହଜାର ତ ଆଉ କେତେକ ପଚାଶ ହଜାର ଶରଣାର୍ଥୀଙ୍କୁ ଥଇଥାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ସେତେବେଳେ ୧୯୬୪ ମସିହାରେ ମୁଖ୍ୟତ କଂଗ୍ରେସ ଶାସିତ ରାଜ୍ୟ ହିଁ ଥିଲେ । ପୁନଶ୍ଚ ସ୍ୱାଧୀନତାର କିଛି ମାସ ପରେ ୧୯୪୭ ମସିହା ନଭେମ୍ବର ୨୫ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ ସମିତି ଏକ ପ୍ରସ୍ତାବ ସ୍ୱୀକୃତ କରିଥିଲା । ତାହା ଥିଲା ଅଣ-ମୁସଲିମ ଲୋକ ଯେଉଁମାନେ ପାକିସ୍ତାନର ସୀମା ପାର ହୋଇ ଭାରତକୁ ଆସିଛନ୍ତି, ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇଦେବା ।

ସଭାପତି ମହୋଦୟ ମୋ' ମତରେ ୨୫ ନଭେମ୍ବର ୧୯୪୭ରେ କଂଗ୍ରେସ ସାଂପ୍ରଦାୟିକ ଥିଲା ଏବଂ ବର୍ତ୍ତମାନ ହଠାତ୍ ଧର୍ମନିରପେକ୍ଷ ହୋଇଗଲା । 'ଅଣମୁସଲିମ' ନ ଲେଖି ଏହା ଲେଖାଯାଇପାରିଥାନ୍ତା ଯେ 'ସମସ୍ତ ବ୍ୟକ୍ତି ଯେଉଁମାନେ ପାକିସ୍ତାନର ଆସୁଛନ୍ତି' ।

ଯେଉଁମାନେ ପାକିସ୍ତାନରେ ରହିଯାଇଥିଲେ ତନ୍ମଧ୍ୟରୁ ଅଧିକାଂଶ ଥିଲେ ଆମର ଦଳିତ ଭାଇ ଓ ଭଉଣୀମାନେ।

ବାବା ସାହେବ ଆମ୍ବେଦକର ମଧ୍ୟ ସେହି ମର୍ମରେ ବିଚାର ବ୍ୟକ୍ତ କରିଥିଲେ । କ'ଣ ସିଏ ମଧ୍ୟ ସାଂପ୍ରଦାୟିକ ଥିଲେ । ବାସ୍ତବରେ ସେମାନେ ସମସ୍ତେ ଥିଲେ ଆମର ରାଷ୍ଟ୍ର ନିର୍ମାଣ ।

ନାଗରିକତା ସଂଶୋଧନ ବିଧେୟକ ବିଷୟରେ ଯାହାସବୁ କୁହାଯାଉଛି, ତାହା ବିଷୟରେ ମୁଁ ମୋର ସାଥୀମାନଙ୍କୁ ପଚାରିବି । ଦେଶରେ ଯେଉଁ ମିଥ୍ୟା ଅପପ୍ରଚାର ଚାଲିଛି ତାହା ବନ୍ଦ ହେବା ଉଚିତ୍ ନା ନୁହେଁ? ଏହା ଆମର କର୍ତ୍ତବ୍ୟ ନୁହେଁ କି?

ନାଗରିକତା ସଂଶୋଧନ ବିଧେୟକ ବିଷୟରେ ଯାହାସବୁ କୁହାଯାଉଛି, ତାହା ବିଷୟରେ ମୁଁ ମୋର ସାଥୀମାନଙ୍କୁ ପଚାରିବି। ଦେଶରେ ଯେଉଁ ମିଥ୍ୟା ଅପପ୍ରଚାର ଚାଲିଛି ତାହା ବନ୍ଦ ହେବା ଉଚିତ୍ ନା ନୁହେଁ? ଏହା ଆମର କର୍ତ୍ତବ୍ୟ ନୁହେଁ କି? ଆପଣମାନେ ମାଇନରିଟିଙ୍କ ନାମରେ ଚବିଶ ଘଣ୍ଟା ଚିନ୍ତା ଜାହିର କରୁଛନ୍ତି ଅଥଚ ଆମ ଦେଶବାସୀ

ଅତୀତର କିଛି ଭୁଲ୍ ନିଷ୍ପତ୍ତି ପାଇଁ ପଡ଼ୋଶୀ ଦେଶରେ ମାଇନରିଟି ଦେଇଗଲେ, ସେଥିପାଇଁ ଆପଣଙ୍କର କୌଣସି ଚିନ୍ତା ନାହିଁ? ଏ କି ପ୍ରକାରର ଦୋମୁହାଁ ନୀତି ? ବିରୋଧୀ ଦଳଙ୍କର ମିତ୍ରଦଳମାନେ ବି ଆଜିକାଲି ଭାରି ଉତ୍ତେଜିତ ହୋଇଛନ୍ତି । (ସାଇଲେଣ୍ଟ) Silent ଥିବା ଲୋକ ଆଜÒ Violent (ଭାଓଲା ) ହୋଇଯାଇଛନ୍ତି । କିନ୍ତୁ ଏ ସଦନ ବରିଷ୍ଠ ଲୋକମାନଙ୍କର ସଦନ । ସୁତରାଂ ମୁଁ କିଛି ବରିଷ୍ଠ ବ୍ୟକ୍ତିମାନଙ୍କର ବାକ୍ୟ ପଢ଼ିବି ।

ପ୍ରଥମ ଉକ୍ତି– ପୂର୍ବ ପାକିସ୍ତାନରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟର ଲୋକମାନଙ୍କର ଧନ, ଜୀବନ ଓ ସମ୍ମାନ ଅସୁରକ୍ଷିତ ହେବାରୁ ତଥା ସେମାନଙ୍କୁ ମାନବ ଅଧିକାରରୁ ବଞ୍ଚିତ କରାଯିବାରୁ ଭାରତ ସରକାର ସେମାନଙ୍କର ଭାରତରେ ପ୍ରବେଶ କରିବା ନିମନ୍ତେ କୋହଳ ନୀତି ପ୍ରସ୍ତୁତ କରୁ । ଏହା ସଭାଗୃହରେ କୁହାଯାଇଥିଲା। ସେ ସମୟରେ ତ ବିଜେପି ନଥିଲା । ଥିଲା ଜନସଂଘ । କିନ୍ତୁ ଏ ବିଚାର କୌଣସି ଜନସଂଘବାଦୀର ନଥିଲା ।

ସେହି ମହାନ୍ ବ୍ୟକ୍ତିଙ୍କର ଅନ୍ୟ ଏକ ବକ୍ତବ୍ୟ କହିବି– ପୂର୍ବ ପାକିସ୍ତାନର ସନ୍ଦର୍ଭରେ ଏହା ସତ୍ୟ ଯେ ଅଣମୁସଲମାନମାନଙ୍କୁ ସେଠାରୁ ବିତାଡ଼ିତ କରାଯିବ । କେବଳ ଇସ୍‌ଲାମ ବିଶ୍ୱାସୀମାନଙ୍କୁ ସେଠାରେ ରହିବାକୁ ଅନୁମତି ଦିଆଯିବ । ସେଠାରୁ ହିନ୍ଦୁ, ଖ୍ରୀଷ୍ଟିଆନ୍, ବୁଦ୍ଧିଷ୍ଟ ସମସ୍ତଙ୍କୁ ବିତାଡ଼ିତ କରାଯାଉଛି । ଏହା ମଧ୍ୟ ସେହି ମହାନ ନେତାଙ୍କର ବିଚାର ଥିଲା । ସିଏ ଏକଦା ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ଥିଲେ– ପୂଜନୀୟ ଲାଲ ବାହାଦୂର ଶାସ୍ତ୍ରୀଜୀ । ୧୯୬୪ ମସିହା ଏପ୍ରିଲ ୩ ତାରିଖରେ ସେ ସଂଦରେ ବକ୍ତବ୍ୟଟି ଦେଇଥିଲେ । ସେ ସମୟରେ ଧାର୍ମିକ କାରଣରୁ ଶରଣାର୍ଥୀମାନଙ୍କୁ ଭାରତରେ ପ୍ରବେଶ କରାଇବା ବିଷୟରେ ହେଉଥିବା ଚର୍ଚ୍ଚାରେ ଭାଗ ନେଇ ସେ ଏହା କହିଥିଲେ ।

ନାଗରିକତା ସଂଶୋଧନ ବିଧେୟକ ଲୋକସଭାରେ ୨୦୦୩ ମସିହାରେ ଆଗତ କରାଗଲା । ତା'ପରେ ଷ୍ଟାଣ୍ଡିଙ୍ଗ୍ କମିଟି ଦ୍ୱାରା ତାହା ଉପରେ ବିଚାର ଆଲୋଚନା ହେଲା । କମିଟି ରିପୋର୍ଟ ଅନୁସାରେ ଧର୍ମଗତ କାରଣରୁ ଶରଣାର୍ଥୀ ଓ ଅବୈଧ ରୂପରେ ଭାରତରେ

ଅନୁପ୍ରବେଶ କରୁଥିବା ଶରଣାର୍ଥୀ ଭିନ୍ନ ଅଟନ୍ତି ।” ତାହା ହେଲେ ୧୭ ବର୍ଷ ପରେ କାହିଁକି ଏତେ ଅବରୋଧ ?

ସଭାପତି ମହୋଦୟ ୨୦୦୪ ମସିହା ଫେବୃଆରୀ ୨୮ ତାରିଖରେ, ରାଜସ୍ଥାନ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ରାଜସ୍ଥାନର ଦୁଇଟି ଜିଲ୍ଲା ଓ ଗୁଜୁରାଟର ୪ଟି ଜିଲ୍ଲାର କଲେକ୍ଟରଙ୍କୁ ଅନୁମତି ପ୍ରଦାନ କରିଥିଲା ପାକିସ୍ତାନରୁ ଆସିଥିବା କିଛି ଲୋକଙ୍କୁ ନାଗରିକତା ପ୍ରଦାନ ନିମନ୍ତେ । ଏହି ନିୟମ ୨୦୦୫ ଓ ୨୦୦୬ରେ ବି ବଳବତ୍ତର ରହିଥିଲା । ସେ ସମୟରେ ଆପଣଙ୍କ ସରକାର ଥିଲା । ବିଗତ ଦଶବର୍ଷ ପର୍ଯ୍ୟନ୍ତ ସବୁ ଠିକ୍ ଥିଲା । ମାତ୍ର ହଠାତ୍ ଆପଣଙ୍କ ଦୃଷ୍ଟିଭଙ୍ଗୀ ବଦଳିଗଲା । ପରାଜୟ ଏପରି କରିବ ବୋଲି ମୁଁ ଭାବିନଥିଲି ।

ସଭାପତି ମହୋଦୟ ଏନ୍‌ପିଆର୍ ବିଷୟରେ ବହୁତ ଆଲୋଚନା ହେଉଛି । ଜନଗଣନା ଓ ଏନ୍‌ପିଆର୍ ସାଧାରଣ ପ୍ରଶାସନିକ ପ୍ରକ୍ରିୟା ଯାହା ପୂର୍ବରୁ ମଧ୍ୟ ଏ ଦେଶରେ ହୋଇଛି । କିନ୍ତୁ ଭୋଟ୍ ବ୍ୟାଙ୍କ ରାଜନୀତି ହିଁ ଏହାକୁ ବିରୋଧ କରିବାକୁ ବାଧ୍ୟ କରୁଛି ସେହି ଲୋକମାନଙ୍କୁ ଯିଏ ଏକଦା ଏହାକୁ ଆଣିଥିଲେ ।

ସଭାପତି ମହୋଦୟ, ଆପଣ ଦେଖିବେ ସ୍ୱାଧୀନତା ପରଠାରୁ ଯେତେଥର ଜନଗଣନା ହୋଇଛି ପ୍ରତି ଦଶକରେ କିଛି ପ୍ରଶ୍ନ ବିଯୁକ୍ତ ବା ସଂଯୁକ୍ତ କରାଯାଇଛି । ଏସବୁ ପ୍ରଶାସନିକ ବ୍ୟାପାର । ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ହୁଏ । ଦୟାକରି ଗୁଜବକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ । ଆମ ଦେଶର ମାତୃଭାଷାକୁ ନେଇ କେବେବି ଏତେ ବିବାଦ ହୋଇନଥିଲା । ଗୁଜରାଟର ସୁରତଠାରେ ଓଡ଼ିଶାରୁ ଅନେକ ଲୋକ ଆସି ଜୀବିକା ନିର୍ବାହ କରୁଛନ୍ତି । ସେମାନଙ୍କ ପାଇଁ ଓଡ଼ିଆ ସ୍କୁଲ୍ ଖୋଲାଯାଇଛି । ଯଦି ଗୁଜରାଟ ସରକାର ସ୍କୁଲ୍ ଖୋଲିବାକୁ ମନାକରିଦିଏ ? ତେଣୁ ସରକାରଙ୍କ ପାଖରେ ସବୁ ସୂଚନା ରହିବା ଦରକାର । କାହାର ମାତୃଭାଷା କ’ଣ ଏବଂ ସେ କେଉଁଠାରୁ ଆସିଛନ୍ତି । ପୂର୍ବରୁ ମାଇଗ୍ରେସନ ବା ଦେଶାନ୍ତର ହେଉନଥିଲା ।

ଧୀରେ ଧୀରେ ସହରାଞ୍ଚଳର ବିକାଶ ହେଲା ଏବଂ ଲୋକଙ୍କର ଆଶା ଆକାଂକ୍ଷା ପୂରଣ ପାଇଁ ସେମାନେ ଦେଶାନ୍ତର କରିବାରେ ଲାଗିଲେ । କେଉଁ କେଉଁ ଜିଲ୍ଲାରୁ ଲୋକେ ଅଧିକ ସଂଖ୍ୟାରେ ସ୍ଥାନାନ୍ତରିତ ହୋଇଛନ୍ତି ତାହାର ବିବରଣୀ ସରକାରଙ୍କ ପାଖରେ ନରହିଲେ ଜିଲ୍ଲାର ବିକାଶ କେମିତି ହେବ ?

ଆପଣମାନେ ୨୦୧୦ ମସିହାରେ ଏନ୍‌ପିଆର୍ ଆଣିଥିଲେ । ୨୦୧୪ରୁ ଆମେ ଏଠାରେ ଅଛୁ । କେବେ କୌଣସି ପ୍ରଶନ କରିଛୁ ଆପଣଙ୍କୁ ? ଆମ ପାଖରେ ସବୁ ରେକର୍ଡ ଅଛି । ଆପଣଙ୍କର ଏନ୍‌ପିଆର୍ ରେକର୍ଡ ମଧ୍ୟ । ଦେଶର କୌଣସି ନାଗରିକ ଏନ୍‌ପିଆର୍ ନିମନ୍ତେ ଅତ୍ୟାଚାରିତ ହୋଇନଥିଲା । ୟୁପିଏର ତତ୍କାଳୀନ ଗୃହମନ୍ତ୍ରୀ ଏନ୍‌ପିଆର୍‌ର ପ୍ରାରମ୍ଭ ବେଳେ ସମସ୍ତ ନାଗରିକଙ୍କୁ ଏହାର ସଦସ୍ୟତା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ସେ ଗଣମାଧ୍ୟମକୁ ମଧ୍ୟ ସାର୍ବଜନୀନ ଅନୁରୋଧ କରିଥିଲେ ଯେ ଏନ୍‌ପିଆର୍ ବିଷୟରେ ଲୋକଙ୍କୁ ସଚେତନ କରାନ୍ତୁ ।

ୟୁପିଏ ୨୦୧୦ରେ ଏନ୍‌ପିଆର୍ ପ୍ରାରମ୍ଭ କଲା ଏବଂ ଲୋକମାନଙ୍କ ଠାରୁ ବାଓମେଟ୍ରିକ୍ ଡାଟା ସଂଗ୍ରହ କଲା ୨୦୧୧ ଠାରୁ । ଯେତେବେଳେ ଆପଣଙ୍କର ସରକାର ୨୦୧୪ରେ ବିଦାୟ ନେଲା, ସେତେବେଳଠାରୁ ରେକଡିଂ ଓ ସ୍କାନିଙ୍ଗ୍ କାର୍ଯ୍ୟ ଆରମ୍ଭ ହେଲା, ବାଓମେଟ୍ରିକ୍ ଡାଟା ସଂଗ୍ରହ କାର୍ଯ୍ୟ ଆରମ୍ଭ ହେଲା । ମୁଁ ଆପଣଙ୍କର ସମୟ କଥା କହୁଛି । ଆମେ ସେଇ ସମୟର ରେକର୍ଡକୁ କେବଳ ଅପ୍‌ଡେଟ୍ କରିଛୁ ୨୦୧୫ ମସିହାରେ । ସେହି ତଥ୍ୟରୁ ଆମେ ସକାରାତ୍ମକ ଭାବେ ବ୍ୟବହାର କରି ନାଗରିକଙ୍କୁ ବିଭିନ୍ନ ହିତକାରକ ଯୋଜନାରେ ସାମିଲ କରିବାକୁ ଚେଷ୍ଟା କରିଛୁ । ଯେପରିକି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଡାଇରେକ୍ଟ ବେନିଫିଟ୍ ଫଣ୍ଡ ଟ୍ରାନ୍ସଫର ଇତ୍ୟାଦି ଇତ୍ୟାଦି ।

କିନ୍ତୁ ଆଜି ରାଜନୀତି ଯୋଗୁଁ ଏହାକୁ ଆପଣ ବିରୋଧ କରୁଛନ୍ତି ଏବଂ କୋଟି କୋଟି ଗରିବ ଲୋକଙ୍କୁ ହିତାଧିକାରୀ ହେବାରୁ ବଞ୍ଚିତ କରୁଛନ୍ତି । ତୁଚ୍ଛ ରାଜନୈତିକ ଲାଭ ନିମନ୍ତେ ଆପଣଙ୍କର ଦରିଦ୍ର ବିରୋଧୀ ମନୋବୃତ୍ତି ସ୍ପଷ୍ଟ ଦେଖାଯାଉଛି । ୨୦୨୦ ମସିହାର

ଜନଗଣନା ପରେ, ଆମେ ଏନ୍‌ପିଆର୍ ରେକର୍ଡକୁ ଅପ୍‌ଡେଟ୍ କରିବୁ ଯଦ୍ୱାରା ଜନମଙ୍ଗଳକାରୀ ଯୋଜନାସବୁ ଗରିବ ଲୋକଙ୍କ ପାଖରେ ପହଞ୍ଚିପାରିବ ।

ସଭାପତି ମହୋଦୟ ସମସ୍ତ ରାଜ୍ୟ ଏନ୍‌ପିଆର୍‌ର ସମର୍ଥନ ପୂର୍ବକ ଗେଜେଟ୍ ନୋଟିଫିକେସନ ମଧ୍ୟ ବାହାର କରିସାରିଛନ୍ତି । ମାତ୍ର ସମ୍ୟକ୍ ରାଜ୍ୟ ହଠାତ୍ କରି ଆଭିମୁଖ୍ୟ ବଦଳାଇଛନ୍ତି ଏବଂ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ସତୁରିବର୍ଷ ଧରି ଯାହା କରିନଥିଲେ ଏବେ କରିଛନ୍ତି । ଯେଉଁ ଯୋଜନାର ଅୟମାରମ୍ଭ କରି ତାହାକୁ ଗଣମାଧ୍ୟମରେ ପ୍ରଚାର କରି, ପ୍ରୋତ୍ସାହିତ କରୁଥିଲେ ଆଜି ତାହାର ବିରୋଧ କରୁଛନ୍ତି । ଏହାର କାରଣ ହେଲା କେବଳ ଭୋଟ୍ ବ୍ୟାଙ୍କ ପଲିଟିକ୍ସ। ତୁଷ୍ଟୀକରଣର ରାଜନୀତି କରି ଆପଣ ଜନସାଧାରଣଙ୍କୁ ବିଭାଜିତ କରୁଛନ୍ତି ଓ ବିକାଶର ରାସ୍ତାରେ ଅନ୍ତରାୟ ସୃଷ୍ଟି କରୁଛନ୍ତି । ଏହାଦ୍ୱାରା କେବଳ ଦେଶର ହିଁ କ୍ଷତି ହେଉଛି । ବିଶ୍ୱ ଭାରତଠାରୁ ବହୁତ କିଛି ଆଶା କରେ ଏହି ଦଶନ୍ଧିରେ । ୧୩୦ କୋଟି ଭାରତୀୟଙ୍କର ମଧ୍ୟ ଅନେକ ଆକାଂକ୍ଷା ରହିଛି । ଏହା ସେତେବେଳେ ସମ୍ଭବ ହେବ ଯେତେବେଳେ ଜାତୀୟ ସ୍ୱାର୍ଥ ନିମନ୍ତେ ଆମେ ସମସ୍ତେ ଏକାସାଥିରେ ଏକା ଦିଗରେ ଅଗ୍ରସର ହେବା । ସୁତରାଂ ଏହି ସଦନରେ ର୍ଚ୍ଚା ହେଉ, ଆଲୋଚନା ହେଉ ଏବଂ ହେଉ ନିଷ୍ପତ୍ତି ।

ଦିଗ୍‌ବିଜୟ ସିଂହ ଏକ କବିତା ଶୁଣାଇଥିଲେ । ମୁଁ ମଧ୍ୟ ଏକ କବିତା ଶୁଣାଇବାକୁ ଚାହୁଁଛି ।

ମୋର କୌଣସି ଘର ନାହିଁ, ଖାଲି ଖୋଲା ଜାଗା ଅଛି

ସେଥିରେ ଭରି ରହିଛି ସତ୍ୟ, କରୁଣା, ଆଶା ଓ ସ୍ୱପ୍ନ

ଦେଶକୁ ମହାନ ଓ ଉନ୍ନତ ଦେଖିବାର ଆଶା

ଆନନ୍ଦ ଓ ଶାନ୍ତିଭରା ଦେଖିବାର ସ୍ୱପ୍ନ।

ଶ୍ରୀ ଏପିଜେ କଲାମ, ଭାରତର ପୂର୍ବତନ ରାଷ୍ଟ୍ରପତି ଓ ମହାନ୍ ସୁପୁତ୍ରଙ୍କର ଏଇ ରଚନା ମତେ ବହୁତ ଭଲ ଲାଗିଲା ।

ଆପଣମାନେ ଶୁଣିଥିବେ ଯାହାର ଯେମିତି ଭାବନା, ପ୍ରଭୁ ତାକୁ ସେମିତି ରୂପରେ ଦେଖାଦିଅନ୍ତି। ଆପଣମାନେ ଏକବିଂଶ ଶତାବ୍ଦୀ ସହ ତାଳଦେଇ ଚାଲିବେ ବା ପୂର୍ବ ସ୍ମୃତିରେ ବୁଡ଼ି ରହିବେ, ଆପଣଙ୍କର ଇଚ୍ଛା । ଆଜିର ଭାରତ ନୂତନ ଭାରତ ବହୁତ ଆଗକୁ ବଢ଼ିସାରିଛି । ଗାନ୍ଧୀଜୀଙ୍କ ଭାଷାରେ ଆମେ ଆମର କର୍ତ୍ତବ୍ୟପଥରେ ବଢ଼ିଚାଲିବା । ଆସନ୍ତୁ ଏକ ସମୃଦ୍ଧ, ସଂକଳ୍ପିତ, ସମର୍ଥ ନୂଆ ଭାରତର ନିର୍ମାଣରେ ଲାଗିଯିବା ।

ପୁଣିଥରେ ମୁଁ ରାଷ୍ଟ୍ରପତିଙ୍କ ଭାଷଣ ନିମନ୍ତେ କୃତଜ୍ଞତା ଜ୍ଞାପନ କରୁଛି । ଦେଶର ଏକତା ଓ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖି ଭାରତର ସମ୍ବିଧାନକୁ ସମ୍ମାନ କରି ଚାଲନ୍ତୁ ଏକାଠି ଅଗ୍ରସର ହେବା । ଚର୍ଚ୍ଚାକୁ ସମୃଦ୍ଧ କରିଥିବାରୁ ଆପଣମାନଙ୍କୁ ଧନ୍ୟବାଦ ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପଲକ୍ଷେ ଆଗତ ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରଧାନ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କର ଲୋକସଭାରେ ଉତ୍ତର

6th February 2020

## ୦୬.୦୨.୨୦୨୦ ଲୋକସଭା
## ପ୍ରଧାନମନ୍ତ୍ରୀଙ୍କର ଧନ୍ୟବାଦ ପ୍ରସ୍ତାବ

ଶ୍ରୀ ନରେନ୍ଦ୍ର ମୋଦି– ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ମହାମହିମ ରାଷ୍ଟ୍ରପତିଙ୍କ ଅଭିଭାଷଣ ନିମନ୍ତେ କୃତଜ୍ଞତା ପ୍ରକାଶ କରିବାକୁ ମୁଁ ଆଜି ଏହି ସଭାଗୃହରେ ଉପସ୍ଥିତ ହୋଇଛି ।

ସମ୍ମାନାସ୍ପଦ ରାଷ୍ଟ୍ରପତି ତାଙ୍କର ଅଭିଭାଷଣରେ ନୂତନ ଭାରତ ପ୍ରତି ଆଭିମୁଖ୍ୟ ସମ୍ପର୍କରେ ବ୍ୟକ୍ତ କରିଛନ୍ତି । ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ତାଙ୍କର ଏହି ଅଭିଭାଷଣ ଆମକୁ ଦିଗ୍‌ଦର୍ଶନ ଦେବା ସହ ପ୍ରେରଣା ଓ ଆତ୍ମବିଶ୍ୱାସରେ ଭରିଦିଏ। ଏହି ଆଲୋଚନାରେ ସମସ୍ତ ଅଭିଜ୍ଞ ସଦସ୍ୟ ନିଜ ନିଜର ବିଚାର ଅତି ଉତ୍ତମ ଭାବରେ ଉପସ୍ଥାପନ କରିଛନ୍ତି। ସମସ୍ତେ ଆଲୋଚନାର ସ୍ତରକୁ ବଢ଼ାଇ ସମୃଦ୍ଧ କରିଅଛନ୍ତି ।

ଶ୍ରୀ ଅଧିର ରଞ୍ଜନ ଚୌଧୁରୀ, ପ୍ରଫେସର ସୌଗତ ରାୟଜୀ, ଡକ୍ଟର ଶଶୀ ଥରୁରଜୀ, ଶ୍ରୀ ଓୱେସୀଜୀ, ଡାନିଶ ଅଲୀଜୀ, ରାମକ୍ରିପାଲ ଯାଦବଜୀ, ପି.ପି. ଚୌଧୁରୀଜୀ, ଶ୍ରୀ ପିକାନୀ ମିଶ୍ରଜୀ, ଅଖିଳେଶ ଯାଦବଜୀ ଏବଂ ଶ୍ରୀ ବିନାୟକ ରାଉତଜୀ ସମେତ ଏପରି ଅନେକ ନିଜର ବକ୍ତବ୍ୟ ରଖିଛନ୍ତି । ସମସ୍ତଙ୍କର ନାମ ସମୟସାପେକ୍ଷ। କିନ୍ତୁ ସମସ୍ତେ ନିଜର ସ୍ୱତନ୍ତ୍ର ଢଙ୍ଗରେ ବକ୍ତବ୍ୟ ରଖିଛନ୍ତି । ଗୋଟିଏ ପ୍ରଶ୍ନ ଉଠେ ସରକାର କାହିଁକି ଏତେ ଶୀଘ୍ର ଶୀଘ୍ର ସବୁ କାର୍ଯ୍ୟ କରୁଛନ୍ତି ? ଏହାର ଉତ୍ତରରେ ମୁଁ ଏକ କବିତା ଉଦ୍ଧୃତ କରିବି ଯାହାର ରଚୟିତା ହେଲେ ଶ୍ରୀ ସର୍ବେଶ୍ୱର ଦୟାଲ ସାକ୍‌ସେନାଜୀ । ସେ ଲେଖିଛନ୍ତି–

ଲିଖ ପର୍ ଓୋ ଚଲେ, ଯିନ୍‌କି ଚରଣ
ଦୁର୍ବଳ ଔର ହାରେ ହେଁ
ହିମେ ତୋ ଯୋ ହମାରି ଯାତ୍ରା ସେ ବନେ
ୟେସେ ଅନିର୍ମିତ ପଥ ହିଁ ପ୍ୟାରେ ହେଁ ।

(ଅର୍ଥାତ୍ ଦୁର୍ବଳ ଓ ପରାଜିତ ବ୍ୟକ୍ତି ହିଁ ପୂର୍ବ ନିର୍ଦ୍ଧାରିତ ପଥରେ ଯାତ୍ରା କରନ୍ତି । ଆମେ ତ ନିଜ ଦ୍ୱାରା କରାଯାଇଥିବା ଯାତ୍ରାର ଅନିର୍ମିତ ପଥକୁ ହିଁ ଅଧିକ ପସନ୍ଦ କରୁ ।)

ଅଧ୍ୟକ୍ଷ ମହୋଦୟ, ଏକଥା ଠିକ୍ ନୁହେଁ ଯେ ଜନସାଧାରଣ କେବଳ ମାତ୍ର ସରକାରକୁ ବଦଳାଇଛନ୍ତି । ସେମାନଙ୍କର ଆଶା ଓ ଆକାଂକ୍ଷା ମଧ୍ୟ ବଦଳିଛି। ଏକ ନୂଆ ବିଚାରଧାରା ଓ ଉଦ୍ଦୀପନା ହେତୁ ଆମକୁ ଆଜି ଏଠାକୁ ଆସି ସେବାର ସୁଯୋଗ ମିଳିଲା । କିନ୍ତୁ ଆସେ ଯଦି ସେହି ଗତାନୁଗତିକ ପଥର ଅନୁସରଣ କରିଥା'ନ୍ତେ, ତାହାହେଲେ ହୁଏତ ଅନୁଚ୍ଛେଦ ୩୭୦ ଆଜି ଏ ଦେଶରୁ ଯାଇନଥାନ୍ତା । ଯଦି ଆମେ ସେହି ପୁରୁଣା ରାସ୍ତାରେ ଯାଇଥାନ୍ତେ ମୁସଲିମ ଭଉଣୀମାନେ 'ତିନି ତଲାକ'ର ଭୟରେ ଜୀବନ କାଟୁଥାନ୍ତେ । ଆପଣ ରାସ୍ତାରେ ଯାଇଥିଲେ ନାବାଳକାର ଧର୍ଷଣ କରୁଥିବା ଅପରାଧୀ ପାଇଁ ଫାଶୀର ଆଇନ୍ ପ୍ରଣୟନ ହୋଇନଥାନ୍ତା । ରାମଜନ୍ମ ଭୂମି ଏବେ ମଧ୍ୟ ବିବାଦାସ୍ପଦ ରହିଥାନ୍ତା ଏବଂ କର୍ତ୍ତାରପୁର ସାହେବ କରିଡର ନିର୍ମାଣ ହୋଇପାରିନଥାନ୍ତା । ଆପଣମାନଙ୍କର କାର୍ଯ୍ୟଶୈଳୀକୁ ଅନୁସରଣ କରିଥିଲେ ଭାରତ-ବାଂଲାଦେଶ ସୀମା ବିବାଦ ସମାଧାନ ହୋଇନଥାନ୍ତା ।

- ଯେତେବେଳେ ମୁଁ ଶ୍ରୀ ଅଧିର ରଞ୍ଜନଜୀଙ୍କୁ ଦେଖେ, ମୁଁ ପ୍ରଥମେ ଶ୍ରୀ କିରେନ୍ ରିଜିଜୁଜୀଙ୍କୁ ଅଭିବାଦନ ଦିଏ । କାରଣ ସିଏ ଯେଉଁ ଫିଟ୍ ଇଣ୍ଡିଆ ମୁଭ୍‌ମେଣ୍ଟ ଚଲାଇଥିଲେ, ଅଧୀରଜୀ ତାହାର ବଡ଼ ପ୍ରଚାର କରୁଛନ୍ତି । ବକ୍ତୃତା ସଙ୍ଗେ ସଙ୍ଗେ କସରତ ବି କରୁଛନ୍ତି ।

ନରେନ୍ଦ୍ର ମୋଦି- ମୁଁ ସମ୍ମାନିତ ସଦସ୍ୟଙ୍କୁ 'ଫିଟ୍ ଇଣ୍ଡିଆ ଅଭିଯାନ'କୁ ଜନପ୍ରିୟ କରିଥିବାରୁ ଧନ୍ୟବାଦ ଜଣଉଛି ।

ମାନନୀୟ ଅଧ୍ୟକ୍ଷ ମହୋଦୟ ଏକତାକୁ କେହି ଅସ୍ୱୀକାର କରିବେ ନାହିଁ ଯେ ଆମର ଦେଶ ପ୍ରତି ମୁହୂର୍ତ୍ତରେ ଆହ୍ୱାନମାନଙ୍କୁ ସ୍ୱୀକାର କରୁଛି । ଏପରି ଲୋକ ମଧ୍ୟ ଅଛନ୍ତି, ଯିଏ ଆହ୍ୱାନ ସ୍ୱୀକାର କରନ୍ତି ନାହିଁ । ବିଶ୍ୱ ସମୁଦାୟ ଭାରତଠାରୁ ଅନେକ କିଛି ଆଶା କରୁଛି । ଆମେ ଯଦି ନୂତନ ଆହ୍ୱାନ ସବୁକୁ ସ୍ୱୀକାର ନକରିବା, ସାହସିକତାର ପରିଚୟ ନ ଦେବା

ଏବଂ ସମସ୍ତଙ୍କୁ ସାଥିରେ ନେଇ ଅଗ୍ରସର ନହେବା ତାହାହେଲେ ଆମର ସମସ୍ୟା ସେମିତି ରହିଯିବ ।

ଅଧ୍ୟକ୍ଷ ମହୋଦୟ, ଆମେ ଯଦି କଂଗ୍ରେସର ଗତି ଦେଇ ଯିବା, ପଚାଶ ବର୍ଷ ପରେ ମଧ୍ୟ ଶତ୍ରୁ ଧନ ଆଇନ୍ ପାଇଁ ଅପେକ୍ଷା କରିବାକୁ ପଡ଼ିଥାନ୍ତା । ପଇଁତିରିଶ ବର୍ଷ ପରେ ମଧ୍ୟ ଦେଶକୁ ଆଗାମୀ ପିଢ଼ିର ଅତ୍ୟାଧୁନିକ ଯୁଦ୍ଧ ଜାହାଜ ନିମନ୍ତେ ପ୍ରତୀକ୍ଷା କରିବାକୁ ପଡ଼ିଥାନ୍ତା । ଅଠେଇଶ ବର୍ଷ ପରେ ମଧ୍ୟ ବେନାମୀ ସମ୍ପତ୍ତି ଆଇନ୍ ବଳବତ୍ତର ରହିଥାନ୍ତା ଏବଂ କୋଡିଏ ବର୍ଷ ପରେ ମଧ୍ୟ ତିନୋଟି ପ୍ରତିରକ୍ଷା ବିଭାଗର ସର୍ବୋଚ୍ଚ ବ୍ୟକ୍ତି ନିଯୁକ୍ତ ହୋଇନଥାନ୍ତେ ।

ମହୋଦୟ, ଆମର ସରକାର ତ୍ୱରିତ ଗତିରେ କାମ କରୁଛି ଏବଂ ଆମର ମତ ହେଲା ରାସ୍ତା ନଥିବା ଜାଗାରେ ନୂଆ କରି ରାସ୍ତା କରି ଆଗକୁ ବଢ଼ିବା। ସ୍ୱାଧୀନତାରୁ ସତୁରି ବର୍ଷ ପରେ, ଦେଶ ଆଉ ଅପେକ୍ଷା କରିବାକୁ ପ୍ରସ୍ତୁତ ନୁହେଁ । ସେଥିପାଇଁ ଆମେ ଆମର ଗତି ଓ ପରିମାଣ ଉଭୟ ବୃଦ୍ଧି କରିଛୁ। ତାହା ସହିତ ଦୃଢ଼ ସଂକଳ୍ପ ଓ ନିଷ୍ପତ୍ତି ନେବାର କ୍ଷମତା ମଧ୍ୟ ଆବଶ୍ୟକ । ସହୃଦୟତା ଓ ସମାଧାନ ମଧ୍ୟ ରହିବା ଦରକାର । ଯେଉଁ ବେଗରେ ଆମେ ବିଗତ ୫ ବର୍ଷରେ କାମ କରିଥିଲୁ ତାହା ଦେଖି ଏ ଦେଶର ଜନତା ଆମକୁ ଆଉଥରେ ସେବା ନିମନ୍ତେ ଜନମତ ଦେଇଛନ୍ତି, ଅଧିକ ଶକ୍ତି ସହ ।

ତାହା ନହୋଇଥିଲେ ୩୭ କୋଟି ଜନତାଙ୍କର ଏତେ ସ୍ୱଳ୍ପ ସମୟ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇପାରିନଥାନ୍ତା । ଏଗାର କୋଟି ଲୋକଙ୍କ ଘରେ ଶୌଚାଳୟର ନିର୍ମାଣ ହୋଇପାରିନଥାନ୍ତା । ତ୍ୱରିତ ଗତି ନଥିଲେ ତେର କୋଟି ପରିବାରଙ୍କ ପାଖରେ ଗ୍ୟାସ୍‌ଚୁଲା ପହଞ୍ଚି ନଥାନ୍ତା । ଗରିବ ଲୋକଙ୍କ ପାଇଁ ଦୁଇ କୋଟି ଗୃହ ନିର୍ମାଣ ହୋଇପାରିନଥାନ୍ତା । ଦିଲ୍ଲୀର ୧୭୦୦ ଅବୈଧ କଲୋନୀ ଓ ସେଥିରେ ବାସ କରୁଥିବା ଚାରି କୋଟି ଲୋକଙ୍କ ଭବିଷ୍ୟତ ଅନିଶ୍ଚିତତା ଭିତରେ ଝୁଲୁଥାନ୍ତା । ଆଜି ସେମାନେ ସମସ୍ତେ ନିଜ ଗୃହର ଅଧିକାରୀ ।

ଅଧ୍ୟକ୍ଷ ମହୋଦାୟ, ଉତ୍ତର-ପୂର୍ବ ରାଜ୍ୟ ବିଷୟରେ ଆଲୋଚନା ହୋଇସାରିଛି । ଆଉ କେତେ ଦଶନ୍ଧି ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ ? ସେଠାରେ ଯଥେଷ୍ଟ 'ସିଟ୍' ନାହିଁ ଯେ ରାଜନୈତିକ ସମୀକରଣ ବଦଳାଯାଇପାରିବ । ସୁତରାଂ ସେ ଅଞ୍ଚଳକୁ ସର୍ବଦା ଉପେକ୍ଷା କରାଯାଇଛି। ଆମ ଉତ୍ତର-ପୂର୍ବ ବା ନର୍ଥଇଷ୍ଟ କେବଳ ଭୋଟ ଦ୍ୱାରା ମାପିବା ଜାଗା ନୁହେଁ । ଭାରତର ଏକତା ଓ ଅଖଣ୍ଡତା ନିମନ୍ତେ ସେହି ଦୂରଦୂରାନ୍ତରେ ବାସ କରୁଥିବା ନାଗରିକମାନଙ୍କର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କର କ୍ଷମତାର ବିକାଶ ଦେଶର ସର୍ବାଙ୍ଗୀନ ବିକାଶର ଏକ ଅଙ୍ଗ । ଆମେ ସେମାନଙ୍କ ପାଇଁ କାମ କଲେ ଆମ ଦେଶର ଉନ୍ନତି ପଥରେ ସେମାନଙ୍କର ଯୋଗଦାନ ବି ରହିବ । ଆମେ ସର୍ବଦା ସମସ୍ତ ନାଗରିକଙ୍କର ଉନ୍ନତି ନିମନ୍ତେ ଚେଷ୍ଟିତ । ସେଇଥିପାଇଁ ଏକଦା ଦିଲ୍ଲୀଠାରୁ ବହୁତ ଦୂର ବୋଲି ବିବେଚିତ ହେଉଥିବା ଉତ୍ତରପୂର୍ବ ଆଜି ବହୁତ ନିକଟରେ । କହିବାକୁ ଗଲେ ଦିଲ୍ଲୀ ସେମାନଙ୍କ ପାଖକୁ ଯାଇଛି । ବିଭାଗୀୟ ମନ୍ତ୍ରୀ କ୍ରମାଗତ ଭାବରେ ସେ ଅଞ୍ଚଳର ଦୌରା କରୁଛନ୍ତି । ଲୋକମାନଙ୍କ ସହ ବାର୍ତ୍ତାଳାପ କରୁଛନ୍ତି, ଯାତ୍ରୀଯାପନ କରୁଛନ୍ତି- ବିଶ୍ୱାସର ଏକ ବାତାବରଣ ସୃଷ୍ଟି ହୋଇଛି ବିଗତ ପାଞ୍ଚବର୍ଷ ମଧ୍ୟରେ ।

ସେହି ଅଞ୍ଚଳର ବିକାଶ ନିମନ୍ତେ ଆମର ଉଦ୍ୟମ ଅବ୍ୟାହତ ରହିଛି । ଏକବିଂଶ ଶତାବ୍ଦୀର ଯେଉଁ ସବୁ ମୌଳିକ ଆବଶ୍ୟକତା ଯେପରି ବିଦ୍ୟୁତ୍, ଗମନାଗମନର ସାଧନ ରେଳ, ବିମାନ ବନ୍ଦର ନିର୍ମାଣ, ମୋବାଇଲ୍‌ର ନେଟ୍‌ୱର୍କ ଇତ୍ୟାଦି କ୍ଷେତ୍ରରେ ପ୍ରୟାସ ଜାରି ଅଛି । ଏହି ସରକାରଙ୍କ ସମୟରେ ଆମ ଉଦ୍ୟମର ଫଳ ହୁଏତ ଦେଖିବାକୁ ମିଳିବ ।

ବୋଡୋ ସମସ୍ୟା ବିଷୟରେ ଆଲୋଚନା ହୋଇଛି । ଆମେ କେବେ କହିନାହୁଁ ଏହା ପ୍ରଥମଥର ପାଇଁ ହେଲା । ବିଭିନ୍ନ ପ୍ରକାରର ପରୀକ୍ଷଣ ଚାଲିଥିଲା ଏବଂ ଚାଲିଛି ମଧ୍ୟ । ଯାହା ଅତୀତରେ ହୋଇଥିଲା ହୁଏତ ପକ୍କା କାମ ହୋଇନଥିଲା । କାଗଜପତ୍ରରେ ଚୁକ୍ତି ହୋଇଥିଲା, ଖବରକାଗଜରେ ଫଟୋ ଛପା ହୋଇଥିଲା, ପ୍ରଶସ୍ତି ଶୁଣିବାକୁ ମିଳିଥିଲା । ମାତ୍ର କାଗଜ ଉପରେ ହୋଇଥିବା ବୁଝାମଣା ବୋଡୋ ସମସ୍ୟାର ବାସ୍ତବିକ ସମାଧାନ କରିନଥିଲା । ଚାରି ହଜାରରୁ ଅଧିକ ନିରୀହ ଜନତା ପ୍ରାଣ ହରାଇଥିଲେ । ସେମାନଙ୍କୁ

ହିଂସା, ଇତ୍ୟାଦିର ସାମ୍ନା କରିବାକୁ ହେଉଥିଲା । ମାତ୍ର ବର୍ତ୍ତମାନ ଯେଉଁ ବୁଝାମଣା ସ୍ୱାକ୍ଷରିତ ହେଲା ତାହା ହିଂସା ଓ ହତିଆରଧାରୀ ଲୋକଙ୍କ ପାଇଁ ଏକ ବାର୍ତ୍ତା ଦେଇଛି । ଆମର ହୁଏତ ସେ ପ୍ରକାରର ଇକୋ-ସିଷ୍ଟମ ନାହିଁ ଯେଉଁଥିରେ 'ବାର୍ତ୍ତାଳାପ'ର ବୁଝାମଣାର ପ୍ରଭାବ ରହେନାହିଁ । ଏଥରକର ବୁଝାମଣାର ବିଶେଷତା ହେଲା ସବୁ ହତିଆରବନ୍ଦ ଗୋଷ୍ଠୀମାନଙ୍କର ଏକଜୁଟ ହୋଇ ଏଥିରେ ଅଂଶଗ୍ରହଣ କରିବା । ସମସ୍ତ ହିଂସାତ୍ମକ ଓ ଲୁଚି ରହିଥିବା ବିଦ୍ରୋହୀ ଗୋଷ୍ଠୀଙ୍କର ଆତ୍ମସମର୍ପଣ । ଦ୍ୱିତୀୟ କଥା ହେଲା ଚୁକ୍ତିପତ୍ରରେ ହୋଇଥିବା ଲୋଖା- ଯାହା ଅନୁସାରେ ବୋଡୋମାନଙ୍କର ଅନ୍ୟ କୌଣସି ଦାବି ବାକି ରହିନାହିଁ ଓ ଭବିଷ୍ୟତରେ ଏ ପ୍ରସଙ୍ଗ ଉଠିବନାହିଁ । ସୂର୍ଯ୍ୟ ଉତ୍ତର-ପୂର୍ବରୁ ଉଦୟ ହୁଅନ୍ତି କିନ୍ତୁ ସେମାନଙ୍କ ପାଇଁ ପ୍ରଭାତ ହୋଇନଥିଲା । ସୂର୍ଯ୍ୟ ଆସୁଥିଲେ ବି ଅନ୍ଧକାର ହଟୁନଥିଲା । ଆଜି ମୁଁ କହିପାରିବି ନୂଆ ସକାଳ ହେଇଛି ସେଠି, ନୂଆ ପ୍ରତ୍ୟୁଷ ଆସିଛି, ନୂଆ ଆଲୋକକୁ ସାଥିରେ ନେଇ । ସେଇ ଆଲୋକ ଆପଣଙ୍କୁ ଦେଖାଯିବ ଯେତେବେଳେ ଆପଣ ନିଜ ଚଷମାର  କାଚ ବଦଳାଇବେ ।

ମୁଁ ଆପଣଙ୍କ ପାଖରେ ବଡ଼ କୃତଜ୍ଞ, କାରଣ ମଝିରେ ମଝିରେ ମତେ ବ୍ରେକ୍/ବିରତି ଦେଉଛନ୍ତି ଆପଣ । ଗତକାଲି ଏଠାରେ ସ୍ୱାମୀ ବିବେକାନନ୍ଦଙ୍କ କାନ୍ଧ ଉପରୁ ବନ୍ଧୁକ ଫୁଟା ଯାଇଥିଲା । ତାହା ରେକର୍ଡରୁ ହଟାଇ ଦିଆଯାଇଛି ତେଣୁ ମୁଁ ତାହା ବିଷୟରେ ଉଲ୍ଲେଖ କରିବି ନାହିଁ । କିନ୍ତୁ ମୋର ଗୋଟିଏ ପୁରୁଣା ଘଟଣା ମନେପଡ଼ିଗଲା । ତାହା ବିଷୟରେ ଟିକେ କହିବି ।

ଏକଦା କିଛି ଲୋକ ଟ୍ରେନ୍ ଯାତ୍ରା କରୁଥିଲେ । ସେମାନେ ଯାଉଥିବା ସମୟରେ ଟ୍ରେନ୍‌ର ବେଗ ଧୀରେ ଧୀରେ ବଢୁଥିଲା ଓ ଚିରାଚରିତ ଭାବେ ଟ୍ରାକ୍‌ରୁ ଶବ୍ଦ ସୃଷ୍ଟି ହେଉଥିଲା । ଆପଣ ସମସ୍ତଙ୍କର ସେ ଅଭିଜ୍ଞତା ଥିବ ନିଶ୍ଚୟ । ସେତେବେଳେ ସେଥିରେ ଜଣେ ସାଧୁ ମହାତ୍ମା ମଧ୍ୟ ଉପସ୍ଥିତ ଥିଲେ । ସେ କହିଲେ ଟ୍ରେନ୍‌ରୁ କେମିତି ଶବ୍ଦ ଆସୁଛି ଶୁଣ ସଭିଏଁ । ଏ ନିର୍ଜୀବ ଟ୍ରାକ୍ ସତେ ଯେମିତି କହୁଛି 'ପ୍ରଭୁ କର୍ ଦେ ବେଡ଼ା ପାର୍' । ସେଠାରେ ଅନ୍ୟଜଣେ ସାଧୁ କହିଲେ, ମତେ ତ ଶୁଣାଯାଉଛି 'ପ୍ରଭୁ ତେରି ଲୀଳା

ଅପରମ୍ପାର' । ସେଠାରେ ଏକ ମୌଲବି ବସିଥିଲେ, ସିଏ କହିଲେ ମତେ ତ ଶୁଣାଯାଉଛି "ୟା ଆଲ୍ଲା ତେରୀ ରହମତ୍' । ସେଠାରେ ବସିଥିଲେ ଜଣେ ମଲ୍ଲଯୋଦ୍ଧା ସିଏ କହିଲେ, "ମୁଁ ତ ଶୁଣିପାରୁଛି- ଖା' ରାବ୍‌ଡି କର୍ କସରତ୍' ।

ଗତକାଲି ସ୍ୱାମୀ ବିବେକାନନ୍ଦଙ୍କ ନାମରେ ଯାହାସବୁ କୁହାଯାଇଥିଲା ଏ ପରିପ୍ରେକ୍ଷୀରେ ଉପଯୁକ୍ତ ମନ ଭିତରେ ଯାହା ଥିବ ତାହା ହିଁ ଶୁଣାଯିବ ବା ଦେଖାଯିବ ।

- ମାନନୀୟ ଅଧକ୍ଷ ମହୋଦୟ, ସଭାଗୃହରେ କୃଷକମାନଙ୍କର ବିଷୟରେ ମଧ୍ୟ ଆଲୋଚନା ହୋଇଛି । ବହୁତ ମହତ୍ତ୍ୱପୂର୍ଣ୍ଣ ବିଚାର ପରେ କାର୍ଯ୍ୟ ମଧ୍ୟ ହୋଇଛି ଏବଂ ମହାମହିମ ରାଷ୍ଟ୍ରପତି ସେ ବିଷୟରେ ଉଲ୍ଲେଖ ମଧ୍ୟ କରିଛନ୍ତି । ମାତ୍ର ଯେଉଁପରି ଭାବରେ ଏଠାରେ ଆଲୋଚନା ହୋଇଛି, ମୁଁ ଜାଣିପାରୁନାହିଁ ବକ୍ତା ଅଜ୍ଞାନତା ହେତୁ ଅଥବା ଉଦ୍ଦେଶ୍ୟମୂଳକ ଭାବେ ଏପରି କହିଛନ୍ତି । ହୁଏତ ତାଙ୍କ ପାଖରେ ଠିକ୍ ସୂଚନା ନାହିଁ । ଆମେ ଜାଣିଛୁ ଏମ୍‌ଏସ୍‌ପିକୁ ଦେଢ଼ଗୁଣା କରିବାର ବିଷୟ ଆନେକ ଦିନରୁ ଲମ୍ବିତ ପଡ଼ିଛି । ଇଏ ଆମ ସମୟର କଥା ନୁହେଁ, ପୂର୍ବ ସମୟର କଥା । କିନ୍ତୁ ଏହା ଆମ କୃଷକମାନଙ୍କର କଥା । ତେଣୁ ଆମର ଦାୟିତ୍ୱ ଓ ଆମେ ପୂରଣ କଲୁ । ମୁଁ ଆଶ୍ଚର୍ଯ୍ୟ ହେଉଛି, ଜଳସେଚନା ଯୋଜନା ସବୁ ଦୀର୍ଘ କୋଡ଼ିଏ ବର୍ଷ ଧରି ଅସମାପ୍ତ ପଡ଼ି ରହିଛି । ଅଶୀ, ନବେ ଭାଗ ଟଙ୍କା ଖର୍ଚ୍ଚ ସରିଛି। କେହି ପଚାରିବାକୁ ନାହିଁ । ଆମେ ଏହିପରି ୯୯ଟି ଯୋଜନାକୁ ହାତକୁ ନେଇଛୁ । ଏକ ଲକ୍ଷ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଏହାର ସୁଫଳ ମିଳିଛି । ବର୍ତ୍ତମାନ ଚାଷୀମାନେ ତାହାର ଲାଭ ଉଠାଉଛନ୍ତି ।

ଏହି ପ୍ରଧାନମନ୍ତ୍ରୀଙ୍କର ତତ୍ତ୍ୱାବଧାନରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଜରିଆରେ କୃଷକମାନଙ୍କ ଭିତରେ ଏକ ଆତ୍ମବିଶ୍ୱାସ ସୃଷ୍ଟିର ପ୍ରୟାସ କରାଯାଇଛି । କୃଷକମାନଙ୍କ ଦ୍ୱାରା ତେର ହଜାର କୋଟି ଟଙ୍କାର ପ୍ରିମିୟମ ଟଙ୍କା ବୀମା ବାବଦରେ ପଇଠ କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ଯୋଗୁଁ ସେମାନଙ୍କୁ ଛପନ ହଜାର କୋଟି ଟଙ୍କା ବୀମା କମ୍ପାନୀରୁ ମିଳିଲା । ଆମର ସର୍ବଦା ପ୍ରାଥମିକତା ରହିବ ଯେ କିପରି

କୃଷକମାନଙ୍କର ଆୟ ବୃଦ୍ଧି ହେବ ଏବଂ ଇନ୍‌ପୁଟ ଖର୍ଚ୍ଚ କମିବ । ପୂର୍ବରୁ ଏମ୍‌ଏସ୍‌ପି ନାଁରେ କ'ଣ ଥିଲା ? ପୂର୍ବରୁ ସାତ ଲକ୍ଷ ଟନ୍‌ର ଡାଲି ଓ ତୈଳବୀଜ ଆମ ଦେଶରେ କିଣା ଯାଉଥିଲା କିନ୍ତୁ ବର୍ତ୍ତମାନ ୧୦୦ ଲକ୍ଷ ଟନ୍ କିଣାଯାଉଛି ଆମ ସମୟରେ । ସାତ ଆଉ ଶହେ ଭିତରର ଫରକ ଆପଣ ବୁଝୁଥିବେ ।

ବର୍ତ୍ତମାନ ଇ-ନାମ ନାମକ ଯୋଜନା ଅଛି । ବିଶ୍ୱ ଏବେ ଡିଜିଟାଲ ହୋଇସାରିଛି । ଆମର ଚାଷୀଭାଇମାନେ ମଧ୍ୟ ନିଜ ନିଜ ଫୋନ୍ ଜରିଆରେ ବିଶ୍ୱ ବଜାରର ମୂଲ୍ୟସୂଚୀ ଦେଖିପାରୁଛନ୍ତି ଏବଂ ବୁଝୁଛନ୍ତି । ଇ-ନାମ ଯୋଜନା ହେତୁ ଚାଷୀମାନେ ତାଙ୍କର ଉତ୍ପାଦକୁ ବଜାରରେ ବିକ୍ରି କରିପାରିଛନ୍ତି । ଆମେ ଏହି ଯୋଜନାର ପ୍ରାରମ୍ଭ କରିଥିଲୁ ଏବଂ ମୁଁ ଆନନ୍ଦିତ ଯେ ଗ୍ରାମରେ ରହୁଥିବା ପ୍ରାୟ ପଚିଶ କୋଟି ଚାଷୀ ଏହି ଯୋଜନାର ଅନ୍ତର୍ଭୁକ୍ତ ହୋଇସାରିଛନ୍ତି ।

ସେମାନେ ଟେକ୍ନୋଲୋଜି ଉପଯୋଗ କରି ଇ-ନାମ ଯୋଜନାରେ ବିକ୍ରି କରି ପ୍ରାୟ ଏକ କୋଟି ଟଙ୍କାର ବ୍ୟବସାୟ କରିପାରିଛନ୍ତି । ସେହିପରି କିଷାନ୍ କ୍ରେଡିଟ୍ କାର୍ଡର ପରିସୀମାକୁ ବୃଦ୍ଧି କରି ଆମେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଯେପରିକି, ପଶୁପାଳନ, ମତ୍ସ୍ୟଉତ୍ପାଦନ, କୁକୁଡ଼ାପାଳନ, ସୋଲାର ପମ୍ପ ଉତ୍ପାଦନ ଇତ୍ୟାଦିକୁ ଅନ୍ତର୍ଭୁକ୍ତ କରିଛୁ । ସୁତରାଂ ସେମାନଙ୍କର ଅର୍ଥନୈତିକ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଛି।

୨୦୧୪ ମସିହା ପୂର୍ବରୁ କୃଷି ମନ୍ତ୍ରଣାଳୟର ବଜେଟ୍ ଥିଲା ୨୭ ହଜାର କୋଟି ଟଙ୍କା । ବର୍ତ୍ତମାନ ଏହା ପାଞ୍ଚଗୁଣ ବୃଦ୍ଧି ପାଇଛି । ୨୭ ହଜାରରୁ ଦେଢ଼ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀଙ୍କର "କିଷାନ ସମ୍ମାନ ନିଧି ଯୋଜନା"ରେ ଆର୍ଥିକ ଅନୁଦାନ ସିଧାସଳଖ କୃଷିଜୀବୀଙ୍କର ଆକାଉ କୁ ଚାଲିଯାଏ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୫ହଜାର କୋଟି ଟଙ୍କା ଚାଷୀମାନଙ୍କର ଆକାଉଣ୍ଟକୁ ପଠାଯାଇ ସାରିଛି । କୌଣସି ମଧ୍ୟସ୍ଥ ନାହାନ୍ତି, ଫାଇଲ ଅଡୁଆ ନାହିଁ, କେବଳ ଗୋଟିଏ କ୍ଲିକ୍‌ରେ ପଇସା ପହଞ୍ଚିଯାଉଛି ହିତାଧିକାରୀ ପାଖରେ । ଏଠାରେ ମୁଁ ମୋର ସମ୍ମାନିତ ସଦସ୍ୟମାନଙ୍କୁ କହିବି- ଆପଣମାନେ ରାଜନୀତି କରୁଛନ୍ତି, କରନ୍ତୁ । ଆପଣଙ୍କର କଷ୍ଟ ମୁଁ ବୁଝୁଛି । କିନ୍ତୁ ରାଜନୀତି ପାଇଁ କୃଷକମାନଙ୍କ

ସ୍ୱାର୍ଥ ସହିତ ଖେଳିବେ ? ମୁଁ ଅନୁରୋଧ କରିବି ଆପଣମାନେ ନିଜ ନିଜର ରାଜ୍ୟକୁ ନିରୀକ୍ଷଣ କରନ୍ତୁ । ବିଶେଷ କରି ଯେଉଁମାନେ କୃଷକମାନଙ୍କ ବିଷୟରେ ଟିକିଏ ଅଧିକ ଚିନ୍ତା ଜାହିର କରିଛନ୍ତି ସେମାନେ । ଆପଣମାନେ ନିଜ ନିଜ ରାଜ୍ୟର "କିଷାନ ସମ୍ମାନ ନିଧି" ପାଇବା ପାଇଁ କୃଷକମାନଙ୍କର ତାଲିକା କାହିଁକି କେନ୍ଦ୍ର ସରକାରଙ୍କ ପାଖକୁ ପଠାଉନାହାନ୍ତି ? ଏହି ଯୋଜନା ସହିତ କାହିଁ ଯୋଡ଼ି ହେଉନାହାନ୍ତି ? କ୍ଷତି କାହାର ହେଉଛି ? ସେହି ରାଜ୍ୟର କୃଷକଙ୍କର । ମୁଁ ଆଶା କରୁଛି ଏଠାରେ ଏପରି କୌଣସି ସମ୍ମାନିତ ସଦସ୍ୟ ନାହାନ୍ତି ଯିଏ କ୍ଷୀଣ ସ୍ୱରରେ ଏ କଥାକୁ ସ୍ୱୀକାର କରୁଛନ୍ତି । କ୍ଷୀଣ ସ୍ୱର କାହିଁକି ଆପଣ ଜାଣିପାରୁଥିବେ । ସେହିପରି ଅନେକ ଏପରି ବି ଅଛନ୍ତି ଯେଉଁମାନେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ଚାଷୀଭାଇମାନଙ୍କର ଭୋଟ ତ ନେଇଗଲେ କିନ୍ତୁ ନିଜ କଥା ରଖିଲେ ନାହିଁ । ଅନ୍ତତଃ ଆପଣମାନେ ନିଜ ନିଜ ରାଜ୍ୟର ପ୍ରତିନିଧି ଭାବେ ଏସବୁ ତଥ୍ୟ ନିଜ ସ୍ଥାନରେ ପହଞ୍ଚାଇବେ ଏବଂ ଚାଷୀଙ୍କ ତାଙ୍କର ନ୍ୟାଯ୍ୟ ଦାବି ଦେବାରେ ପଛଘୁଞ୍ଚା ଦେବେ ନାହିଁ ।

ଅଧ୍ୟକ୍ଷ ମହୋଦୟ, ଯେତେବେଳେ ସର୍ବଦଳୀୟ ବୈଠକ ହୋଇଥିଲା । ମୁଁ ସମସ୍ତଙ୍କ ସମ୍ମୁଖରେ ପ୍ରାର୍ଥନାପୂର୍ବକ ନିଜର ବିଚାରକୁ ବିସ୍ତାର ଭାବେ ରଖିଥିଲି । ସଦନର ପ୍ରାରମ୍ଭ ଦିନରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମ୍ମୁଖରେ ମଧ୍ୟ ମୁଁ କହିଥିଲି ଯେ, ଏଇ ସଂସଦ ଅଧିବେଶନ ପୁରାପୁରୀ ଭାବେ ଆର୍ଥିକ ବିଷୟ ସମ୍ବନ୍ଧିତ ହେବ । ଦେଶର ଅର୍ଥନୀତି, ଆର୍ଥିକ ବ୍ୟବସ୍ଥା ଇତ୍ୟାଦି ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ହେବ । ଆମ ମଧ୍ୟରେ ଅନ୍ତର୍ନିହିତ ସମସ୍ତ ଜ୍ଞାନ, ବିଚାରଶକ୍ତି, ପ୍ରତିଭାର ସାର ହିଁ ହେବ ଏ ଅଧିବେଶନ । ବିଶ୍ୱ ଅର୍ଥନୀତି ଯେଉଁ ପରିସ୍ଥିତି ଦେଇ ଗତି କରୁଛି ତାହା ଦେଖିବା ପରେ ଆମ ଦେଶର ଅର୍ଥନୀତିର ଭବିଷ୍ୟତ ସମ୍ପର୍କରେ ଆଲୋଚନା ହେବା ବାଞ୍ଛନୀୟ । ଭାରତର ପଦକ୍ଷେ କ'ଣ ହେବ ଓ କେଉଁ ଦିଗରେ ଆମେ ଅଗ୍ରସର ହେବା ଯଦ୍ୱାରା ଭାରତ ଲାଭବାନ୍ ହେଇପାରିବ, ଏ ବିଷୟ ଚିନ୍ତାନ ଓ ମନନ କରିବା । ବର୍ତ୍ତମାନ ବି ସମୟ ଅଛି । ବିରତି ପରେ ଆମେ ଯେତେବେଳେ ପୁଣି ଭେଟିବା, ସେତେବେଳେ ସବୁ ସଭାସଦମାନେ ଗାମ୍ଭୀର୍ଯ୍ୟର ସହ,

ଗଭୀରତାର ସହ ଅର୍ଥନୈତିକ ବିଷୟ ଉପରେ ପର୍ଯ୍ୟାଲୋଚନା କରିବା । ବିଶ୍ୱ ଅର୍ଥନୀତିର ଏ ପରିସ୍ଥିତିରେ ଭାରତ କିପରି ଲାଭବାନ୍ ହୋଇପାରିବ ସେ ବିଷୟରେ ପରାମର୍ଶ କରିବା । ମୋ' ମତରେ ଏହା ଆମର ସାମୂହିକ ଦାୟିତ୍ୱ । ଏହି ଦାୟିତ୍ୱବୋଧରେ ପୁରୁଣା କଥା ଆମେ ଭୁଲି ଯାଇପାରିବା ନାହିଁ । ଆଜି ଆମେ ଯୋଉଠି ଅଛୁ, ସେଥିରୁ ଜଣାପଡ଼ିଯାଏ ଆମେ କାଲି କେଉଁଠି ଥିଲୁ । ଏ ନିରାଟ ସତ କଥା । ଯେତେବେଳେ ଆମର ମାନନୀୟ ସଦସ୍ୟମାନେ ପଚାରନ୍ତି କାହିଁକି କାମଟି ହେଲାନାହିଁ, କେବେ ହେବ, କେମିତି ହେବ, କେତେଦିନ ପରେ ହେବ- ମୁଁ ତାହାକୁ ଖରାପ ଭାବେ ନାହିଁ । ମୁଁ ବିଶ୍ୱାସ କରୁନାହିଁ ଯେ ସେମାନେ ମୋର ସମାଲୋଚନା କରୁଛି । ମୁଁ ଖୁସି ଯେ ଆପଣମାନେ ମତେ ଭଲ କରି ବୁଝିପାରିଛନ୍ତି ।

କାରଣ ଆପଣମାନେ ଜାଣିଛନ୍ତି, ଯଦି କେହି କରିପାରିବ ତା'ହେଲେ ସେ ଲୋକଟି ହେଲି ମୁଁ । ସୁତରାଂ ମୁଁ ସମାଲୋଚନାରୁ ପ୍ରେରଣା ନିଏ ଏବଂ ତାହାକୁ ସ୍ୱାଗତ କରେ । ତେଣୁ ପ୍ରଶ୍ନକର୍ତ୍ତାମାନଙ୍କୁ ଧନ୍ୟବାଦ ।

ପୁରୁଣା ସମୟ ବିଷୟରେ ଆମେ ସମସ୍ତେ ଜାଣିଛୁ । ପ୍ରତିଦିନ ଭ୍ରଷ୍ଟାଚାର ବିଷୟରେ ଆଲୋଚନା ହେଉଥିଲା, ସବୁ ଖବରକାଗଜରେ ଛପା ହେଉଥିଲା, ଏହି ସଭାଗୃହରେ ଭ୍ରଷ୍ଟାଚାରକୁ ନେଇ ଲଢ଼େଇ ମଧ ହେଇଛି । ବ୍ୟାଙ୍କିଙ୍ଗ୍ ସେବାର ଅବ୍ୟବାହାରିକତା, ଦୁର୍ବଳ ଭିତ୍ତିଭୂମି ତଥା ସଂସାଧନମାନଙ୍କର ଅସାଧୁ ବଣ୍ଟନ କିଏ ବା ଭୁଲିପାରିବ ? ହେ ଈଶ୍ୱର କ'ଣ ସବୁ କରିନାହାନ୍ତି ଆପଣମାନେ ? ଏପରି ପ୍ରତିକୂଳ ପରିସ୍ଥିତିରୁ ବାହାରିବା ପାଇଁ, ଏକ ନୂତନ ଦିଗରେ ଅଗ୍ରସର ହେବା ପାଇଁ, ଏକ ଦୀର୍ଘସ୍ଥାୟୀ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆମେ ସମାଧାନ ଖୋଜିବାର ପ୍ରୟାସ କରିଛୁ । ଯାହାଦ୍ୱାରା ବିତ୍ତୀୟ ନିଅଣ୍ଟ ସମାନ ରହିବ, ମୁଦ୍ରାସ୍ଫୀତି ନିୟତିତାରେ ରହିବ ତଥା ମାକ୍ରୋ ଅର୍ଥନୀତିକ ସ୍ଥିରତା କାଏମ ରହିବ ।

- ମୁଁ କୃତଜ୍ଞ, କାରଣ ଆପଣମାନେ ମୋ' ଉପରେ ବିଶ୍ୱାସ ରଖିଛନ୍ତି। ମୁଁ ସମସ୍ତ କଠିନ କାର୍ଯ୍ୟ କରିବା ନିମିତ୍ତ ପ୍ରସ୍ତୁତ ଅଛି। ମାତ୍ର ଗୋଟିଏ କାମ ମୁଁ କରିବି ନାହିଁ ନା

ହେବାକୁ ଦେବି । ଆଉ ତାହା ହେଲା ଆପଣମାନଙ୍କର ବେରୋଜଗାରୀ। ଯାହାକୁ ମୁଁ ହେବାକୁ ଦେବିନାହିଁ । ଜିଏସ୍‌ଟି ଏକ ବହୁତ ବଡ଼ ନିର୍ଣ୍ଣୟ, ଏହା କର୍ପୋରେଟ୍ ଟାକ୍ସକୁ କମ୍ କରିବା ପାଇଁ ହେଉ, ଆଇବିଏମ୍‌କୁ ଆଣିବାକୁ ହେଉ ବା ଏଫ୍‌ଡିଆଇର ଉଦାରୀକରଣ ହେଉ । ବ୍ୟାଙ୍କଗୁଡ଼ିକର ରିକ୍ୟାପିଟାଲାଇଜେସନ ସମ୍ବନ୍ଧରେ ସମୟ ସମୟରେ ଯେଉଁ ଆବଶ୍ୟକତା ଅନୁଭୂତ ହେବ ତାହା ପୂରଣ କରାଯିବ । ଦୀର୍ଘସ୍ଥାୟୀ ଆର୍ଥିକ ମଜଭୁତ ନିମନ୍ତେ ସମସ୍ତ ପଦକ୍ଷେପ ଆମ ସରକାର ନେବ ଓ ନେଇଛି । ତାହାର ଉପଯୋଗିତା ମଧ୍ୟ ଅନୁଭୂତ ହେଲାଣି ।

ସଭାଗୃହରେ ବହୁତ ବିଦ୍ୱାନବ୍ୟକ୍ତି ଅଛନ୍ତି ଯେଉଁମାନେ ରିଫର୍ମ ବା ପୁନର୍ବିନ୍ୟାସର କଥା ତ କହୁଥିଲେ କିନ୍ତୁ କିଛି କରିପାରିନଥିଲେ । ଅର୍ଥନୈତିକମାନେ ଯେଉଁ ବିଷୟରେ ବକ୍ତବ୍ୟ ଦେଉଥିଲେ, ଆମ ସରକାର ତାହାକୁ କରିପାରେ ଲାଗିଛି ।

ବିନିଯୋଗକାରୀମାନଙ୍କର ବିଶ୍ୱାସ ବଢାଇବା ନିମନ୍ତେ ତଥା ଅର୍ଥନୀତିକୁ ସୁଦୃଢ଼ କରିବା ନିମନ୍ତେ ଆମେ ଅନେକ ନିଷ୍ପତ୍ତି ନେଇଛୁ। ଜାନୁଆରୀ ୨୦୧୯ରୁ ୨୦୨୦ ଭିତରେ ଛଅଥର ଜିଏସ୍‌ଟିର ଆଦାୟ ରାଜସ୍ୱର ପରିମାଣ ଏକଲକ୍ଷ କୋଟିରୁ ଉର୍ଦ୍ଧ୍ୱରେ ଥିଲା । ଯଦି ମୁଁ ଏଫ୍‌ଡିଆଇ ବିଷୟରେ କହେ ତେବେ ଏପ୍ରିଲ୍ ୨୦୧୮ରୁ ସେପ୍ଟେମ୍ବର ଭିତରେ ଏହା ଥିଲା ୨୨ ବିଲିଅନ୍ । ଆଜି ଏହା ୨୬ ବିଲିଅନ୍ ମଧ୍ୟ ଅତିକ୍ରମ କରିଯାଇଛି । ଏହା ପ୍ରମାଣ କରୁଛି ଯେ ବିଦେଶୀ ବିନିଯୋଗକାରୀ ମାନଙ୍କର ଭାରତ ଉପରେ ଭରସା ବୃଦ୍ଧି ପାଇଛି । ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ବିଶ୍ୱାସ ବିଢିଛି । ଭାରତୀୟ ଅର୍ଥନୀତି ମଧ୍ୟରେ ଏକ ବଡ଼ ସମ୍ଭାବନା ଅଛି ଏହା ପ୍ରମାଣିତ ହୋଇଛି । ମିଥ୍ୟା ଅପପ୍ରଚାର ସତ୍ତ୍ୱେ ବିନିଯୋଗକାରୀମାନେ ଭାରତକୁ ଆସୁଛନ୍ତି । ଏହା ଆମର ଏକ ବଡ଼ ଉପଲବ୍ଧି ।

– ଅଧ୍ୟକ୍ଷ ମହୋଦୟ, ଆମର ଦୃଷ୍ଟିଭଙ୍ଗୀ ଏବଂ ଗୁରୁତ୍ୱ ରହିବ ଅଧିକରୁ ଅଧିକ ପୁଞ୍ଜି ବିନିଯୋଗ, ଅଧିକ ଭଲ ଭିତ୍ତିଭୂମି, ମୂଲ୍ୟବୋଧଭିତ୍ତିକ ଯୋଗଦାନ ତଥା ଅଧିକରୁ ଅଧିକ କର୍ମଯୋଗାଣ ଉପରେ।

ମହୋଦୟ, ଆମର କୃଷକଭାଇମାନଙ୍କଠାରୁ ମୁଁ ଅନେକ କିଛି ଶିଖିଛି । ସେମାନେ ନିଜର ଜମି ହଳ କରି ରଖିଥାଆନ୍ତି ମାତ୍ର ବୀଜରୋପଣ କରିନଥା'ନ୍ତି । କେବଳ ଉପଯୁକ୍ତ ସମୟରେ ହିଁ ତାହା କରନ୍ତି। ପ୍ରାୟ ଦଶ ମିନିଟ୍ ଧରି ମୋର ମନରେ କ୍ଷେତରେ ହଳ ଚାଲୁଥିଲା । ବର୍ତ୍ତମାନ ମୁଁ ଆପଣମାନଙ୍କ ମଧ୍ୟରେ ବୀଜବପନ କରିବି ।

ଅଧ୍ୟକ୍ଷ ମହୋଦୟ, ଆତ୍ମନିଯୁକ୍ତି କ୍ଷେତ୍ରରେ ଭିନ୍ନ ଭିନ୍ନ ଯୋଜନାର ପ୍ରାରମ୍ଭ ଯେପରିକି ମୁଦ୍ରା ଯୋଜନା, ଷ୍ଟାର୍ଟଅପ୍ ଇଣ୍ଡିଆ, ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଇତ୍ୟାଦି ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି । କେବଳ ଏତିକି ନୁହେଁ, ଏ ଦେଶର କୋଟି କୋଟି ଲୋକ ନିଜର ଜୀବିକା ଅର୍ଜନ କରିଛନ୍ତି ସ୍ୱ-ନିୟୋଜନ ଦ୍ୱାରା । ମୁଦ୍ରା ଯୋଜନାର ଲାଭ ଉଠାଇବା ପରେ ସେମାନେ ଅନ୍ୟମାନଙ୍କୁ ରୋଜଗାର ମଧ୍ୟ ଦେଇପାରୁଛନ୍ତି । ମୁଦ୍ରା ଯୋଜନାରୁ ଲାଭାନ୍ୱିତ ହୋଇଥିବା ଲୋକଙ୍କ ଭିତରୁ ୭୦ ପ୍ରତିଶତ ହେଲେ ଆମର ମା' ଓ ଭଉଣୀ । ଯେଉଁମାନେ ଦେଶର ଅର୍ଥନୀତିକୁ କୌଣସି ଯୋଗଦାନ ଦେଉନଥିଲେ, ଆଜି ସେମାନେ କୌଣସି ନା କୌଣସି ପ୍ରକାରେ ଅର୍ଥନୀତିକୁ ସୁଦୃଢ଼ କରୁଛନ୍ତି। ଅଠେଇଶ ହଜାରରୁ ଊର୍ଦ୍ଧ୍ୱ ଷ୍ଟାଟ୍ଅପ୍‌କୁ ସ୍ୱୀକୃତି ମିଳିସାରିଛି ଏବଂ ମୁଁ ଆନନ୍ଦିତ ଯେ ଆମ ଦେଶର ଟିଅର-୨ ଓ ଟିଅର-୩ ସହରର ଯୁବକମାନେ ନୂଆ ସଂଜ୍ଞ ନେଇ ଆଗଭର ହେଉଛନ୍ତି ।

ମୁଦ୍ରା ଯୋଜନା ଅନ୍ତର୍ଗତ ୨୨ କୋଟିରୁ ଅଧିକ ଋଣ ପ୍ରଦାନ କରାଯାଇଛି ଏବଂ ବହୁ ମାତ୍ରାରେ ଯୁବକମାନେ ଆତ୍ମନିଯୁକ୍ତ ହୋଇଛନ୍ତି ।

ଏ ଦେଶରେ କଂଗ୍ରେସର ୭୦ ବର୍ଷର ଶାସନ ଏମିତି ହେଇଛି ଯେ ଜଣେ ବି କଂଗ୍ରେସୀ ଆତ୍ମନିର୍ଭର ହୋଇପାରିନାହିଁ । ବିଶ୍ୱବ୍ୟାଙ୍କର ଡାଟା ଅନୁସାରେ ଉଦ୍ୟୋଗୀଦେଶମାନଙ୍କ ମଧ୍ୟରେ ଭାରତର ସ୍ଥାନ ତୃତୀୟ । ସେପ୍ଟେମ୍ବର ୨୦୧୭ରୁ

ନଭେମ୍ବର ୨୦୧୯ ମଧ୍ୟରେ ଇପିଏଫ୍‌ଓ୍ୱରେ ଅନ୍ତର୍ଭୁକ୍ତ ହୋଇଥିବା ନୂତନ କର୍ମଚାରୀଙ୍କ ସଂଖ୍ୟା ହେଲା ୧ କୋଟି ୩୯ ଲକ୍ଷ। ବିନା ନିଯୁକ୍ତିରେ କୌଣସି ବ୍ୟକ୍ତି ଟଙ୍କା ସଂଚୟ କରେ ନାହିଁ ।

ଗତକାଲି ମୁଁ ଜଣେ କଂଗ୍ରେସ ନେତାଙ୍କର ଘୋଷଣାପତ୍ର ବିଷୟରେ ଶୁଣିଲି । ସେ ଘୋଷଣା କଲେ ଯେ ଆଗାମୀ ଛଅ ମାସ ମଧ୍ୟରେ ସେ ମୋଦିଙ୍କୁ ପରାସ୍ତ କରିବେ । ଯେହେତୁ ଏହି କାର୍ଯ୍ୟ ଟିକିଏ କଷ୍ଟସାଧ୍ୟ, ତାଙ୍କୁ ପ୍ରସ୍ତୁତ ହେବା ପାଇଁ ଛଅମାସ ଲାଗିବ । ଛଅ ମାସର ଅବଧି ଉତ୍ତମ । ମୁଁ ମଧ୍ୟ ସ୍ଥିର କରିଛି ମୋର 'ସୂର୍ଯ୍ୟ ନମସ୍କାର'ର ସଂଖ୍ୟାକୁ ମୁଁ ବୃଦ୍ଧି କରିବି । ଗତ ଛଅମାସ ଧରି ଯେତେପ୍ରକାର ତିରସ୍କାର ଓ ଭତ୍ସନା ମୁଁ ଶୁଣିଛି, ସୂର୍ଯ୍ୟ ନମସ୍କାର କରି ମୁଁ ନିଜକୁ ଭର୍ତ୍ସନା ରହିତ କରିବି ଏବଂ ଆଘାତରୁ ରକ୍ଷା ପାଇବି । ମୁଁ ଖୁସି ଯେ ଏହାର ଉଦ୍‌ଘୋଷଣା ହୋଇଛି ଏବଂ ମତେ କସରତ କରିବାର ସୁଯୋଗ ମିଳିଗଲା ।

ଅଧ୍ୟକ୍ଷ ମହୋଦୟ ମୁଁ ପ୍ରାୟ ୩୦-୪୦ ମିନିଟ୍ ଧରି ବକ୍ତବ୍ୟ ରଖିଲିଣି କିନ୍ତୁ ସଦସ୍ୟ ଜଣକ ଏତେ ବିଳମ୍ବରେ ପ୍ରତିକ୍ରିୟା ଦେଲେ! ଟ୍ୟୁବଲାଇଟ୍ କ୍ଷେତ୍ରରେ ତାହା ହିଁ ହୋଇଥାଏ ।

ଅଧ୍ୟକ୍ଷ ମହୋଦୟ, ଉଦ୍ୟୋଗ ୪.୦ ଏବଂ ଡିଜିଟାଲ ଇକୋନୋମି ପ୍ରଚୁର କର୍ମଯୋଗାଣର ସମ୍ଭାବନା ଆଣିଥାଏ । ନୂଆ କୁଶଳୀ କର୍ମବୀରମାନଙ୍କୁ ତିଆରି କରିଥାଏ । ଏହି ସଂସଦ ସମ୍ମୁଖରେ ଅନେକ ପଦକ୍ଷେପ ସମ୍ପର୍କରେ ଅଦ୍ୟାବଧି କୁହାଯାଇସାରିଛି ତାହା ଶ୍ରମିକ ସୁଧାର ତଥା ଅନ୍ୟାନ୍ୟ ବିଷୟ ସମ୍ବଳିତ ଯଦ୍ୱାରା କର୍ମଯୋଗାଣ କ୍ଷେତ୍ରରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ । ବିଗତ ଶତାବ୍ଦୀର ମାନସିକତା ନେଇ ଆମେ ଅଗ୍ରସର ହୋଇପାରିବା ନାହିଁ । ପରିବର୍ତ୍ତିତ ବିଶ୍ୱର ନୂଆ ପରିବେଶରେ ଆମକୁ ଏକ ନୂତନ ମାନସିକତା ସହ ଆଗେଇବାକୁ ହେବ । ମୁଁ ସମ୍ମାନିତ ସଦସ୍ୟଙ୍କୁ ଅନୁରୋଧ କରିବି ଯେ ସେମାନେ ତୁରନ୍ତ ଶ୍ରମିକ ସୁଧାର ସମ୍ବନ୍ଧିତ ଆଇନ୍‌କୁ କାର୍ଯ୍ୟକାରୀ କରନ୍ତୁ । ଏହା ସମସ୍ତ ଲେବର ୟୁନିଅନ୍ ଦ୍ୱାରା ସ୍ଥିରିକୃତ ହୋଇସାରିଛି ଏବଂ ମୋର ବିଶ୍ୱାସ ଏହାଦ୍ୱାରା ନୂତନ

କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ । ପାଞ୍ଚ ଟ୍ରିଲିଅନ ଡଲାର ଇକୋନୋମି, ଇନ୍ ଅଫ୍ ଡୁଇଙ୍ଗ ବିଜନେସ୍ ଏସବୁ ବି ତ ହାସଲ କରିବା ଆମର ଲକ୍ଷ୍ୟ !

ଅଧକ୍ଷ ମହୋଦୟ, ଏହା ସତ୍ୟ ଯେ ଆଗାମୀ ସମୟରେ ଆମେ ଷୋହଳ କୋଟି ଟଙ୍କାର ଭିତ୍ତିଭୂମି ବିକାଶର ଏକ ପ୍ରକଳ୍ପକୁ ଗଢ଼ିତୋଳିବାକୁ ଦୃଷ୍ଟିରେ ରଖିଛୁ । ଆପଣମାନେ ପୂର୍ବରୁ ମଧ୍ୟ ଦେଖିଥିବେ ଭିତ୍ତିଭୂମି ବା infrastructure କେତେ ଗୁରୁତ୍ୱପୂର୍ଣ୍ଣ । ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାକୁ, ଅର୍ଥନୀତିକ ବିକାଶକୁ କ୍ଷିପ୍ରଗତି ଦେବାକୁ, କର୍ମଯୋଗାଣ ସୃଷ୍ଟି କରିବାକୁ ଏବଂ ନୂଆ ଉଦ୍ୟୋଗ ସୃଷ୍ଟି ନିମନ୍ତେ ଭିତ୍ତିଭୂମିର ବିକାଶ ନିତ୍ୟାନ୍ତ ଜରୁରୀ । ସୁତରାଂ ଆମେ ଭିତ୍ତିଭୂମି ବିକାଶର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛୁ । ନଚେତ୍, ପୂର୍ବରୁ ଇନ୍‌ଫ୍ରାଷ୍ଟ୍ରକ୍‌ଚର କହିଲେ କେବଳ ବୁଝାଉଥିଲା, ସିମେଣ୍ଟ ଓ କଂକ୍ରିଟ୍ ଜଙ୍ଗଲ, ଟେଣ୍ଡର ଆଉ ଦଲାଲ । ଅଧିକାଂଶ ଲୋକ ଭିତ୍ତିଭୂମି କହିଲେ ଏଇଆ ହିଁ ବୁଝନ୍ତି । କିନ୍ତୁ ଆଜି ଆମେ ଯେଉଁ ଭିତ୍ତିଭୂମିର କଳ୍ପନା କରୁଛୁ ତାହା ଆଧୁନିକ ଭାରତକୁ ଏକବିଂଶ ଶତାବ୍ଦୀ ସହ ତାଳ ଦେଇ ଚାଲିବା ପାଇଁ । ଆମ ଜମି ହିଁ ଆମର ଇନ୍‌ଫ୍ରାଷ୍ଟ୍ରକ୍‌ଚର । ଏହା କେବଳ ସିମେଣ୍ଟ ଓ କଂକ୍ରିଟ୍ ନୁହେଁ । ଏହା ଭବିଷ୍ୟତର ସମ୍ଭାବନାକୁ ସାକାର କରିବାର ସୁଯୋଗ ନେଇ ଆସେ । ଭିତ୍ତିଭୂମିର ବିକାଶ ହିଁ କାରଗିଲକୁ କନ୍ୟାକୁମାରୀ ସହ ଓ କକ୍‌କୁ କୋହିମା ସହ ସଂଯୁକ୍ତ କରିପାରିବ । ଆକାଂକ୍ଷାମାନଙ୍କୁ ଫଳବତୀ କରିପାରିବ । ଜନସାଧାରଣଙ୍କୁ ପ୍ରେରିତ କରି ସେମାନଙ୍କର ସ୍ୱପ୍ନକୁ ଡେଣା ଦେଇପାରିବ । ରଚନାତ୍ମକ ସୃଷ୍ଟିକୁ ନିଜର ପ୍ରତୀକ୍ଷିତ ବ୍ୟକ୍ତି ଗ୍ରାହକ ପାଖରେ ପହ ।ଇ ପାରିବ ।

ଗୋଟିଏ ଛୋଟ ଶିଶୁ ଯେତେବେଳେ ସ୍କୁଲ୍ ସହ ଯୋଡ଼ିହୁଏ ତାହା ଛୋଟିଆ କାର୍ଯ୍ୟଟିଏ ହେଲେ ମଧ୍ୟ ଭିତ୍ତିଭୂମି ବିକାଶ ଯୋଗୁଁ ହିଁ ସମ୍ଭବ ହୁଏ । କୃଷିଜୀବୀକୁ ବଜାର ସହ ଯୋଡ଼ଇଥାଏ । ବ୍ୟବସାୟୀକୁ ନିଜର ଗ୍ରାହକ ପାଖରେ ପହଞ୍ଚାଇଥାଏ । ପ୍ରଦୂଷଣକୁ ନିୟନ୍ତ୍ରଣ କରି ଲୋକମାନଙ୍କୁ ସୁସ୍ଥ ଜୀବନ ସହ ଯୋଡ଼ିଥାଏ ଭିତ୍ତିଭୂମି ବିକାଶ ପ୍ରକ୍ରିୟା । ଲୋକଙ୍କୁ ଲୋକଙ୍କ ସହ ଯୋଡ଼ିଥାଏ । ଏକ ଗରିବ ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ସହ ଯୋଡ଼ିଥାଏ ।

ଏହି କାରଣରୁ ଆମେ ଅନେକ ପଦକ୍ଷେପ ନେଇଛୁ ଯାହାଦ୍ୱାରା ଜଳସେଚନରୁ ଉଦ୍ୟୋଗ ପର୍ଯ୍ୟନ୍ତ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ, ବନ୍ଦର ଓ ବିମାନ ବନ୍ଦରକୁ ରାସ୍ତା ଦ୍ୱାରା ଯୋଡ଼ିଛୁ । ବିଗତ ପାଞ୍ଚବର୍ଷରେ ଆମର ଦେଶବାସୀ ଅନୁଭବ କରିଛନ୍ତି ଆମର ସେହି ପ୍ରୟାସ ଓ ସେଥିପାଇଁ ସେମାନେ ପୁନର୍ବାର ଆମକୁ ଏ ଗୁରୁଦାୟିତ୍ୱ ଦେଇଛନ୍ତି । ସୁତରାଂ ଭିତ୍ତିଭୂମି ହିଁ ଆମକୁ ଆଣିଛି ଏଠାକୁ ।

ମାନନୀୟ ଅଧ୍ୟକ୍ଷଜୀ ମୁଁ ଏକ ଉଦାହରଣ ଦେବାକୁ ଚାହୁଁଛି କିପରି ଭାବେ ଭିତ୍ତିଭୂମି ବିକାଶ ଦିଗରେ କାମ ହେଉଛି । ପୂର୍ବରୁ କ'ଣ ଅବସ୍ଥା ଥିଲା । ଦିଲ୍ଲୀର ଉଦାହରଣକୁ ନିଆଯାଉ । ଦିଲ୍ଲୀରେ ଟ୍ରାଫିକ୍ ସମସ୍ୟା, ପ୍ରଦୂଷଣ ସମସ୍ୟା ଏବଂ ପରିବେଶର ସମସ୍ୟା । ହଜାର ହଜାର ଟ୍ରକ୍ ଦିଲ୍ଲୀ ରାସ୍ତା ଦେଇ ଯାତାୟାତ କରୁଥିଲେ । ୟୁପିଏ ସରକାର ସ୍ଥିର କଲେ ଯେ ୨୦୦୯ ସୁଦ୍ଧା ଦିଲ୍ଲୀର ବାହାରି ପାର୍ଶ୍ୱରେ ଏକ ଏକ୍ସପ୍ରେସ୍ ସଡ଼କ ନିର୍ମାଣ କରିବେ ।

ଆମେ ଯେତେବେଳେ ୨୦୧୪ ମସିହାରେ କ୍ଷମତାକୁ ଆସିଲୁ, ଏହା କେବଳ କାଗଜପତ୍ରରେ କିଛି ଧାଡ଼ିମାତ୍ର ଥିଲା । ୨୦୧୪ ମସିହାରେ ଆମେ ଏହି କାର୍ଯ୍ୟକୁ ଏକ ମିଶନ ବୋଲି ଗ୍ରହଣ କଲୁ ଏବଂ ଆଜି ସେହି ଏକ୍ସପ୍ରେସ୍ ସଡ଼କ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି । ପ୍ରାୟ ୪୦ ହଜାର ଟ୍ରକ୍ ଦିଲ୍ଲୀ ଭିତରେ ପ୍ରବେଶ ନ କରି ବାହାରକୁ ଯାଇପାରୁଛନ୍ତି । ଏହା ଦିଲ୍ଲୀକୁ ପ୍ରଦୂଷଣରୁ ବଞ୍ଚାଇବାକୁ ଏକ ବଡ଼ ପଦକ୍ଷେପ ।

ଅଧ୍ୟକ୍ଷ ମହୋଦୟ ମୁଁ କିଛି ଅନ୍ୟ ବିଷୟ ସମ୍ବନ୍ଧରେ କିଛି କହିବାକୁ ଚାହୁଁଛି । କଂଗ୍ରେସ ପାର୍ଟି ସବୁବେଳେ ସମ୍ବିଧାନକୁ ବଞ୍ଚାଇବାର କଥା କହୁଛି । ବାସ୍ତବରେ 'ସମ୍ବିଧାନ ବଞ୍ଚାଅ' କଂଗ୍ରେସର ମନ୍ତ୍ର ହେବା ଉଚିତ୍ । ଏହା ଏଥିପାଇଁ ଆବଶ୍ୟକ ଯେ ସେମାନେ ହିଁ ଜାଣିଛନ୍ତି ସମ୍ବିଧାନକୁ  କେତେଥର ସେମାନେ ଆଘାତ କରିଛନ୍ତି । ବାରମ୍ବାର ସମ୍ବିଧାନ ବଞ୍ଚାଇ କହିଲେ ହୁଏତ ସେମାନେ ବୁଝିପାରିବେ କିପରି କ୍ଷତି କରିଛନ୍ତି ସମ୍ବିଧାନର ।

ସେମାନେ ହୁଏତ ନିଜର ଭୁଲ୍ ବୁଝିପାରିବେ ଏବଂ ଜାଣିପାରିବେ ଏ ଦେଶରେ ସମ୍ବିଧାନ ହିଁ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛି ।

ଅଧ୍ୟକ୍ଷ ମହୋଦୟ, ଏମାନେ ସେହିସବୁ ଲୋକ । ଜରୁରିକାଳୀନ ପରିସ୍ଥିତି ସମୟରେ ସେମାନେ କାହିଁ ସମ୍ବିଧାନ ବଞ୍ଚାଇବା କଥା ଚିନ୍ତା କଲେନାହିଁ ? ସେମାନଙ୍କୁ ବାରମ୍ବାର ସ୍ମରଣ କରାଇଦେବାକୁ ପଡ଼ିବ ଯେ ବି ନ୍ୟାୟପାଳିକାକୁ ଜୁଡ଼ିସିଆଲ ରିଭିଉ ବା ନ୍ୟାୟିକ ସମୀକ୍ଷାରୁ ବଞ୍ଚିତ କରିବା ଥିଲା ଏକ ମସ୍ତବଡ଼ ପାପ । ସାଧାରଣ ଲୋକଙ୍କୁ ଯେଉଁମାନେ ଜୀବନର ଅଧିକାରରୁ ବଞ୍ଚିତ କରିଛନ୍ତି ସେମାନେ ବାରମ୍ବାର ସମ୍ବିଧାନ ବିଷୟରେ କହିଲେ, ପଢ଼ିଲେ ହିଁ ବାସ୍ତବ ଶିକ୍ଷା ପାଇବେ । ଯେଉଁମାନେ ବାରମ୍ବାର ସମ୍ବିଧାନରେ ପରିବର୍ତ୍ତନ ଆଣିଛନ୍ତି, ସେମାନଙ୍କ ପାଖରେ ଆଉ କୌଣସି ଚାରା ନାହିଁ । ଅନେକବାର ସେମାନେ ନିର୍ବାଚିତ ରାଜ୍ୟ ସରକାରମାନଙ୍କୁ ବରଖାସ୍ତ କରିଛନ୍ତି । ସମ୍ବିଧାନ ପଢ଼ିବା ସେହିମାନଙ୍କ ପାଇଁ ଅନିର୍ବାର୍ଯ୍ୟ ଯେଉଁମାନେ କ୍ୟାବିନେଟ୍ ଦ୍ୱାରା ଅନୁମୋଦିତ ଏକ ପ୍ରସ୍ତାବକୁ ପ୍ରେସ୍ କନ୍‌ଫରେନ୍ସରେ ଫାଡ଼ି ଦେଇଛନ୍ତି । 'ସମ୍ବିଧାନ ବଞ୍ଚାଅ'କୁ ଏକ ମନ୍ତ୍ର ପରି ସେମାନେ ବାରମ୍ବାର ଉଚ୍ଚାରଣ କରିବା ଦରକାର । ନ୍ୟାସନାଲ ଆଡ୍‌ଭିଜୋରି କାଉନ୍‌ସିଲ (ଏନ୍‌ଏସି)କୁ ପି.ଏମ୍. ଏବଂ ପିଏମ୍‌ଓରୁ ଊର୍ଦ୍ଧ୍ୱରେ ରଖି ରିମୋଟ କଣ୍ଟ୍ରୋଲରେ ଯେଉଁ ସରକାର ଚାଲୁଥିଲା, ତାହାକୁ ସମ୍ବିଧାନ ସ୍ମରଣ କରିବା ନିହାତି ଆବଶ୍ୟକ ।

ଅଧ୍ୟକ୍ଷ ମହୋଦୟ, ଦିଲ୍ଲୀରେ ଯାହାସବୁ ଚାଲିଛି ଏବଂ ସମ୍ବିଧାନର ଦ୍ୱାହି ଦିଆ ହେଉଛି, ଲୋକେ ତାକୁ ଦେଖୁଛନ୍ତି । ଜନତାଙ୍କର ନୀରବ ଦୃଷ୍ଟି ଦିନେ ନା ଦିନେ ତା'ର ପ୍ରଭାବ ଦେଖାଇବ । ସମ୍ବିଧାନର ତତ୍ତ୍ୱାବଧାନରେ ଥିବା ଏକ ଅନୁଷ୍ଠାନ ହେଲା ସର୍ବୋଚ୍ଚ ନ୍ୟାୟାଳୟ ।

ସର୍ବୋଚ୍ଚ ନ୍ୟାୟାଳୟ ବାରମ୍ବାର କହିଛି ଯେ ଏପ୍ରକାରର ଧାରଣା ବା ଆନ୍ଦୋଳନ ହେବା ଅନୁଚିତ କାରଣ ସେମାନେ ସାଧାରଣ ଜନତାଙ୍କ ପାଇଁ ସମସ୍ୟା ସୃଷ୍ଟି କରନ୍ତି । କୌଣସି ଆନ୍ଦୋଳନ ହିଂସାତ୍ମକ ହେବା ଉଚିତ୍ ନୁହେଁ।

ଅଧୀରଜୀ, ଆପଣ ବହୁତ ପରିଶ୍ରମ କରିଛନ୍ତି । ବର୍ତ୍ତମାନ ଆପଣର CR ବହୁତ ଭଲ ହେଇସାରିଲାଣି । ଆପଣ ସମ୍ବିଧାନକୁ ବଞ୍ଚାଇବା କଥା କହୁଛନ୍ତି କିନ୍ତୁ ଏହି ବାମପନ୍ଥୀମାନେ, କଂଗ୍ରେସୀମାନେ ଏବଂ ଭୋଟବ୍ୟାଙ୍କ୍ ନାମରେ ରାଜନୀତି କରୁଥିବା ଲୋକେ, ସାଧାରଣ ଜନତାକୁ ଉତ୍ତେଜିତ କରନ୍ତି । ସେମାନେ ଭାବନା-ଉତ୍ତେଜକ ଭାଷଣ ଦିଅନ୍ତି ।

ଅଧ୍ୟକ୍ଷ ମହୋଦୟ ଜନୈକ କବିଙ୍କର କବିତା ଉଦ୍ଧୃତ କରୁଛି ଯାହା ବର୍ତ୍ତମାନ ପରିସ୍ଥିତିରେ ପ୍ରଯୁଜ୍ୟ-

'ଖୁବ୍ ପର୍‌ଦା ହେ କି ଚିଲମନ୍‌ରେ ଲଗେ ବୈଠେ ହେଁ

ସାଫ୍ ଛୁପ୍‌ତେ ଭି ନେହିଁ, ସାମ୍‌ନେ ଆତେ ଭି ନେହଁ ।'

ଜନସାଧାରଣ ସବୁ ଜାଣିଛନ୍ତି ଓ ସବୁ ବୁଝୁଛନ୍ତି । ବିଗତ ଦିନରେ ଏ ଗୃହରେ ଯେପରି ସବୁ ବକ୍ତବ୍ୟ ଦିଆଗଲା, ତାହା ଆଦୌ ସ୍ପୃହଣୀୟ ନୁହେଁ । ଯେଉଁ ପ୍ରକାରର ଭାଷା ଓ ବାଣୀର ପ୍ରୟୋଗ କରାଗଲା ଏବଂ କେତେକ ବରିଷ୍ଠ ନେତା ବି ସେଥିରେ ସାମିଲ ହେଲେ ଏହା ବଡ଼ ଦୁଃଭାଗ୍ୟଜନକ ।

ଦାଦା, ଆପଣ ଦୁଃଖୀ ହେବେ ଜାଣିଲେ ଯାହାସବୁ ବାସ୍ତବରେ ଘଟୁଛି ପଶ୍ଚିବଙ୍ଗରେ । ସେଠିକାର ଲୋକ ଯିଏ ତାଡ଼ନାର ଶିକାର ହେଇଛନ୍ତି ସେମାନେ ହିଁ ଏକଥା ଜଣାଇଛନ୍ତି । ଆପଣ ନିଶ୍ଚୟ ଜାଣିଥିବେ କେମିତି ନିରୀହ ଲୋକମାନଙ୍କୁ ସେଠାରେ ହତ୍ୟା କରାଯାଉଛି । ଏହା ତ ଏକ ସର୍ବବିଦିତ ରହସ୍ୟ (Open Secret) ।

ଅଧ୍ୟକ୍ଷ ମହୋଦୟ ମୁଁ ସେମାନଙ୍କୁ ପଚାରିବାକୁ ଚାହିଁବି ସମ୍ବିଧାନର ଅବସ୍ଥା କ'ଣ ଥିଲା ଏବଂ କଂଗ୍ରେସ ରାଜୁତି ସମୟରେ ଜନତାଙ୍କର ଅଧିକାର କ'ଣ ଥିଲା ? ସମ୍ବିଧାନ ବହୁତ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ଜାମ୍ମୁ ଓ କାଶ୍ମୀରରେ ତାହାକୁ ପ୍ରଣୟନ କରିବାକୁ ତାଙ୍କୁ କିଏ ରୋକିଥିଲା ? ଜାମ୍ମୁ-କାଶ୍ମୀରର ଭାଇ ଓ ଭଉଣୀମାନଙ୍କୁ ସମ୍ବିଧାନ ପ୍ରଦତ୍ତ ଅଧିକାରରୁ କିଏ ବଞ୍ଚିତ କରିଥିଲା ? ଶଶୀ ଥାରୁରଜୀ ଆପଣ ତ ଜାମ୍ମୁ-କାଶ୍ମୀରର ଜୋଇଁ, ଅନ୍ତତଃ ଆପଣ ତ ଚିନ୍ତାବ୍ୟକ୍ତ କରିଥାନ୍ତେ ସେଠିକାର ଝିଅମାନଙ୍କ ବିଷୟରେ ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ, ଜନୈକ ସମ୍ମାନନୀୟ ସଦସ୍ୟ କହିଲେ ଯେ ଜାମ୍ମୁ ଓ କାଶ୍ମୀର ନିଜର ପରିଚୟ ହରେଇ ବସିଛି । ଅନ୍ୟ କେତେଜଣଙ୍କ ଦୃଷ୍ଟିରେ ଜାମ୍ମୁ-କାଶ୍ମୀର କେବଳ କିଛି ଭୂଖଣ୍ଡ । ମହୋଦୟ, ଯେଉଁମାନେ ଜାମ୍ମୁ-କାଶ୍ମୀରକୁ କେବଳ ମାତ୍ର ଭୂଖଣ୍ଡ ବୋଲି ବିବେଚନା କରୁଛନ୍ତି ଏହା ସେମାନଙ୍କର ବୌଦ୍ଧିକ ସଂକଟକୁ ସିଦ୍ଧ କରୁଛି । ଭାରତରୂପୀ ସିଂହାସନରେ କାଶ୍ମୀର ଏକ ରତ୍ନ ସଦୃଶ। ପୂର୍ବରୁ କାଶ୍ମୀରର ପରିଚୟ ଥିଲା କେବଳ ବିଚ୍ଛିନ୍ନତାବାଦ, ବନ୍ଧକ ଓ ବୋମା ନିମନ୍ତେ । କିଛି ଲୋକ ପରିଚୟ ବିଷୟରେ କହନ୍ତି... ମାତ୍ର ୧୯୯୦ ମସିହା ଜାନୁଆରୀ ୧୯ର ସେହି ଭୟଙ୍କର ରାତ୍ରିରେ କେତେକ ଲୋକ କାଶ୍ମୀରର ପରିଚୟକୁ ନିଶ୍ଚିହ୍ନ କରିଦେଇଥିଲେ।

କାଶ୍ମୀରର ପରିଚୟ ହେଉଛି ସୁଫି ପରମ୍ପରାକୁ ନେଇ । କାଶ୍ମୀର ପରିଚୟ ହେଉଛି 'ସର୍ବ ପଥ ସମ୍ଭବ' । କାଶ୍ମୀରର ପରମ୍ପରାର ପ୍ରତିନିଧିତ୍ୱ କରନ୍ତି ମା' ଲାଲ୍ ଜେଡ୍, ନନ୍ଦ ଋଷି, ସୟେଦ ବୁଲେହ ସାହ ଏବଂ ସୟଦ୍ ଅଲ୍ଲି ହାମ୍‌ଜାନି। କେତେକଙ୍କ ମତରେ ଧାରା ୩୭୦ର ଉଚ୍ଛେଦ ପରେ କାଶ୍ମୀରରେ କେବଳ ଅଶାନ୍ତି ବ୍ୟାପିବ । ଏମାନେ କି ପ୍ରକାର ଭବିଷ୍ୟଦ୍ ବକ୍ତା ?

କେତେକ ବ୍ୟକ୍ତି କହୁଛନ୍ତି ଅମୁକ ଓ ସମୁକ ବ୍ୟକ୍ତି ଜେଲ୍‌ରେ ଅଛନ୍ତି। ଏହି ସଦନ ସମ୍ବିଧାନର ପ୍ରତିରକ୍ଷକ ଓ ତାହା ପ୍ରତି ପ୍ରତିବଦ୍ଧ। ଏହି ଗୃହର ଗଠନ ଏହି ଉଦ୍ଦେଶ୍ୟରେ ହୋଇଛି ଯେ ଆମେ ସମ୍ବିଦାନ ନିମନ୍ତେ ଗର୍ବିତ ହୋଇପାରିବା । ଆମେ ସମସ୍ତେ ଏହା ପ୍ରତି ସମର୍ପିତ ହୋଇ କର୍ତ୍ତବ୍ୟ କରିବା କାରଣ ଏହା ଆମର ଆତ୍ମାକୁ ସ୍ପର୍ଶ କରୁଛି ।

ସମ୍ମାନୀୟ ଅଧ୍ୟକ୍ଷ ମହୋଦୟ, ଅଗଷ୍ଟ ପାଞ୍ଚତାରିଖରେ ମେହେବୁବା ମୁଫ୍‌ତି କ'ଣ କହିଥିଲେ ? ଯେଉଁମାନେ ସମ୍ବିଧାନକୁ ସମ୍ମାନ କରନ୍ତି, ସେମାନେ ନିଶ୍ଚୟ ତାଙ୍କର ବକ୍ତବ୍ୟ ଶୁଣିବା କଥା । ତାହା ବହୁତ ଆପତ୍ତିଜନକ । ସେ କହିଥିଲେ- "ଭାରତ କାଶ୍ମୀର ସହ ବିଶ୍ୱାସଘାତକତା କରିଛି । ଯେଉଁ ଦେଶରେ ଆମେ ଜୀବନ ବ୍ୟତୀତ କରିବାକୁ ଭାବିଥିଲୁ, ତାହା ଆମ ସହ ପ୍ରବ ନା କରିଛି । ଆମେ ୧୯୪୭ ମସିହାରେ ହୁଏତ ଭୁଲ୍ ନିଷ୍ପତ୍ତି

ନେଇଯାଇଥିଲୁ ।" ଯେଉଁମାନେ ସମ୍ବିଧାନକୁ ସର୍ବୋଚ୍ଚ ସ୍ଥାନ ଦିଅନ୍ତି, କ'ଣ ଏପରି ଭାଷା ବ୍ୟବହାର କରନ୍ତି ? ଏହିପ୍ରକାରର ମତପୋଷଣ କରନ୍ତି ? ସେହିପରି ଶ୍ରୀ ଓମର ଅବଦୁଲ୍ଲା କହିଥିଲେ ଧାରା ୩୭୦କୁ ଉଚ୍ଛେଦ କଲେ କାଶ୍ମୀର ଭାରତରୁ ଅଲଗା ହୋଇଯିବ । ଶ୍ରୀ ଫାରୁକ୍ ଅବଦୁଲ୍ଲା କହିଥିଲେ ଏହା କାଶ୍ମୀରୀ ଲୋକଙ୍କର ସ୍ୱାଧୀନତା ପାଇଁ ରାସ୍ତା ଦେଖାଇବ । ଯଦି ୩୭୦କୁ ହଟାଇଯାଏ, କାଶ୍ମୀରରେ ଭାରତର ପତାକା ଉତ୍ତୋଳନ ନିମନ୍ତେ କେହି ରହିବେ ନାହିଁ ।" ଏ ପ୍ରକାରର ଭାଷା ଓ ମାନସିକତା ଭାରତୀୟ ସମ୍ବିଧାନ ପ୍ରତି ନିଷ୍ଠା ରଖୁଥିବା ବ୍ୟକ୍ତି ପକ୍ଷରେ ଅସମ୍ଭବ। କିଏ ଏହା ସହିତ ଏକମତ ହେବ ? ମୁଁ ସେହିମାନଙ୍କ ବିଷୟରେ କହୁଛି ଯେଉଁମାନଙ୍କର ବିବେକ ଅଛି ।

ଅଧ୍ୟକ୍ଷ ମହୋଦୟ, ଏହି ଭାଷା ବ୍ୟବହାର କରୁଥିବା ଲୋକଙ୍କର କାଶ୍ମୀରର ଜନତା ଉପରେ ଭରସା ନାହିଁ । କିନ୍ତୁ ଆମର ପୁରା ଭରସା ଅଛି । ଆମେ ଭରସା କଲୁ ଓ ୩୭୦କୁ ଉଚ୍ଛେଦ କଲୁ ।

କାଶ୍ମୀର ଆଜି କ୍ଷିପ୍ରଗତିରେ ଆଗକୁ ବଢୁଛି । ଦେଶର କୌଣସି ସ୍ଥାନରେ ବ୍ୟାଘାତ ସୃଷ୍ଟି କରିବାକୁ କାହାରିକୁ ଅନୁମତି ଦିଆଯାଇନାହିଁ । ତାହା କାଶ୍ମୀର ହେଉ, କେରଳ ହେଉ ବା ହେଉ ପୂର୍ବୋତ୍ତର ରାଜ୍ୟ । ଆମର ମନ୍ତ୍ରୀଗଣ ଜାମ୍ମୁ-କାଶ୍ମୀରରେ ନିୟମିତ ଭାବେ ଭ୍ରମଣ କରି ଲୋକସମ୍ପର୍କ ସ୍ଥାପନ କରୁଛନ୍ତି । ସେମାନେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ସମାଧାନର ଉପାୟ ଖୋଜୁଛନ୍ତି । ଅଧ୍ୟକ୍ଷ ମହୋଦୟ, ଆଜି ଏହି ସଦନରେ, ମୁଁ କହିବାକୁ ଚାହେଁ ଯେ ଆମେ କାଶ୍ମୀର ଉଜ୍ଜ୍ୱଳ ଭବିଷ୍ୟତ ପ୍ରତି ପ୍ରତିବଦ୍ଧ । ଉନ୍ନତି ପାଇଁ ତଥା ଜନତାଙ୍କର ଆଶା, ଆକାଂକ୍ଷା ପୂରଣ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଆମେ ସମ୍ବିଧାନ ପ୍ରତି ସମର୍ପିତ । ଏଠାରେ ମୁଁ ଲଦାଖ ବିଷୟରେ ମଧ୍ୟ କହିବାକୁ ଚାହିଁବି...

ଅଧ୍ୟକ୍ଷ ମହୋଦୟ ସିକ୍କିମ ଆମ ଦେଶର ଏକ ରାଜ୍ୟ ଯାହା ଏକ ଅର୍‌ଗାନିକ ରାଜ୍ୟ ଭାବେ ପ୍ରତିଷ୍ଠିତ ହୋଇଥିଲା । ଏହି ଛୋଟିଆ ରାଜ୍ୟମାନଙ୍କ ପାଇଁ ଏକ ପ୍ରେରଣାର ସ୍ରୋତ ହୋଇସାରିଛି । ସିକ୍କିମ୍‌ର କୃଷକ ଓ ଜନତା ଏଥିପାଇଁ ଅଭିବାଦନର ପାତ୍ର । ମୋର

ମନରେ 'ଲଦାଖ' ସମ୍ବନ୍ଧରେ ବେଶ୍ ସ୍ପଷ୍ଟ ଛବି ଅଛି । ମୁଁ ଚାହୁଁଛି ଆମେ ଲଦାଖକୁ ଆମ ପଡ଼ୋଶୀ ଦେଶ ଭୁଟାନ ପରି ବଢ଼ାଇବା । ଭାରତର ନାଗରିକମାନେ ଲଦାଖକୁ ଏକ କାର୍ବନ ନିଉଟ୍ରାଲ ଅଞ୍ଚଳ ଭାବେ ପରିବର୍ତ୍ତିତ କରିବାକୁ ସଂକଳ୍ପ କରନ୍ତୁ । ମୁଁ ନିଃସନ୍ଦେହ ଯେ ଏହା ଆମ ଦେଶକୁ ପ୍ରସିଦ୍ଧି ଆଣିବ ଏବଂ ଆଗାମୀ ପିଢ଼ିଙ୍କ ଆଗରେ ଏକ ଆଦର୍ଶ (...) ଭାବେ ସହାୟତା କରିବ । ଯେତେବେଳେ ମୁଁ ଲଦାଖ ଯାତ୍ରା କରିବି, ଲୋକମାନଙ୍କ ସହଯୋଗରେ ଏକ ଡିଜାଇନ୍ ପ୍ରସ୍ତୁତ କରିବି । ମହୋଦୟ, ଆଇନ୍, ଏହି ସଦନରେ ପାରିତ ହୋଇଛି, ସଂଶୋଧନ ମଧ୍ୟ ଉଭୟ ଗୃହରେ ପାରିତ ହୋଇସାରିଛି ମାତ୍ର ବର୍ତ୍ତମାନ ଚେଷ୍ଟା କରାଯାଉଛି ତା' ବିରୁଦ୍ଧରେ...

ପ୍ରଧାନମନ୍ତ୍ରୀ- କେତେକଙ୍କ, ମତରେ ସିଏଏ ଆଣିବାରେ ସରକାର ଏତେ ଦଲ୍‌ଦି କାହିଁକି କଲେ ? ଅନ୍ୟ କେତେକ ସମ୍ମାନିତ ସଦସ୍ୟ କହିଛନ୍ତି- ଏହି ସରକାର ହିନ୍ଦୁ, ମୁସଲମାନଙ୍କ ଭିତରେ ପ୍ରଭେଦ କରୁଛି- ଦେଶର ବିଭାଜନ କରିବାକୁ ଚାହୁଁଛି । ବହୁତ କିଛି ଭିତରେ ଓ ବାହାରେ କୁହାସରିଛି । ଗୋଟିଏ କାଳ୍ପନିକ ଭୟର ବାତାବରଣ ସୃଷ୍ଟି କରାଯାଇଛି ସମସ୍ତ ଶକ୍ତି ଉପଯୋଗ ପୂର୍ବ... ଯେଉଁମାନେ ଦେଶକୁ ଖଣ୍ଡ ବିଖଣ୍ଡିତ କରିବାକୁ ଚାହୁଁଛନ୍ତି ତାଙ୍କ ପାଖରେ ଛିଡ଼ା ହୋଇ ଲୋକେ ଫଟୋ ଉଠାଉଛନ୍ତି, ସେହିମାନେ ହିଁ ଏପ୍ରକାରର ବକ୍ତବ୍ୟ ଦେଉଛନ୍ତି । ପାକିସ୍ତାନ ବର୍ଷ ବର୍ଷ ଧରି ଏଇ ଭାଷାରେ ପାକିସ୍ତାନ କଥା କହିଆସିଛି । ପାକିସ୍ତାନ ଭାରତର ମୁସଲମାନମାନଙ୍କୁ ପଥଭ୍ରଷ୍ଟ କରିବା ନିମନ୍ତେ କୌଣସି ପ୍ରୟାସ ଛାଡ଼ିନାହିଁ । ବର୍ତ୍ତମାନ ଆଉ ପାକିସ୍ତାନର ଚାଲବାଜି ଆମ ଦେଶରେ ଚଳୁନାହିଁ । ମୁଁ ଆଶ୍ଚର୍ଯ୍ୟ ଯେ ଯେଉଁମାନେ କ୍ଷମତାରୁ ବିଚ୍ୟୁତ ହୋଇଛନ୍ତି ସେହିମାନେ ହିଁ ଏହି ଅଭାବନୀୟକାଣ୍ଡ କରୁଛନ୍ତି । ଆମକୁ କୁହାଯାଉଛି ଯେ ଯେଉଁମାନେ Quit India । Jai Hind ଆଦି ସ୍ଲୋଗାନ ଦେଉଥିଲେ ସେମାନେ ସମସ୍ତେ ମୁସଲିମ୍ ଥିଲେ । ସମସ୍ୟା ହେଉଛି କଂଗ୍ରେସ ସବୁବେଳେ ସେମାନଙ୍କୁ ମୁସଲିମ୍ ବୋଲି ବିବେଚନା କରିଛି କିନ୍ତୁ ଆମ ପାଇଁ ସେମାନେ ଥିଲେ ହିନ୍ଦୁସ୍ଥାନୀ ।

- ଅଧ୍ୟକ୍ଷ ମହୋଦୟ, ମୁଁ ପିଲାଦିନେ ଶ୍ରୀ ଅବଦୁଲ ଗଫାର୍ ଖାନ୍‌ଜୀଙ୍କର ଚରଣ ସ୍ପର୍ଶ କରିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି । ମୋ' ପାଇଁ ଏ ଗର୍ବର ବିଷୟ । ଖାନ୍ ଅବଦୁଲ ଗଫାର୍ ଖାନ୍, ଆସଫକ୍-ଉଲ୍ଲା- ଖାନ୍, ବେଗମ୍ ହଜରତ୍ ମହଲ, ବୀର ସହିଦ ଅବ୍‌ଦୁମଲ କରିମ୍, ପୂର୍ବତନ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମ୍- ସେମାନେ ସମସ୍ତେ ଆମ ଆଖିରେ ଭାରତୀୟ ।

ସଭାଗୃହର ସମୟ ବଞ୍ଚାଇବାକୁ ମୁଁ ମୋର ତାଲିକାକୁ ଛୋଟ ରଖିଛି । ଆପଣମାନେ ଚାହିଁଲେ ଅଧିକ ନାମ ବି ଯୋଡ଼ାଯାଇପାରିବ ।

ଅଧ୍ୟକ୍ଷ ମହୋଦୟ ଯେଉଁଦିନ କଂଗ୍ରେସ ଏବଂ ଅନ୍ୟାନ୍ୟ ଦଳମାନେ ଭାରତକୁ ଭାରତର ଦୃଷ୍ଟିରେ ଦେଖିବେ ସେମାନେ ନିଜର ଭୁଲ୍ ନିଶ୍ଚୟ ବୁଝିପାରିବେ । ଛାଡନ୍ତୁ ସେସବୁ କଥା । ମୁଁ କଂଗ୍ରେସ ଏବଂ ତା'ର ଇକୋସିଷ୍ଟମ ପ୍ରତି କୃତଜ୍ଞ ଯେ ସେମାନେ ନାଗରିକତା ସଂଶୋଧନ ନିୟମ ଉପରେ ଏତେ ବଡ଼ ଗଣ୍ଡଗୋଳ କଲେ । ସେମାନେ ଏହି କାନୁନ୍‌ର ବିରୋଧ କରି ଯୋଉ ହଲ୍ଲା ସୃଷ୍ଟି କଲେ ତଦ୍ୱାରା ଦେଶ ସେମାନଙ୍କର ପ୍ରକୃତ ରୂପ ଦେଖିପାରିଲା । କିଏ ଦେଶ ପାଇଁ ଚିନ୍ତା କଲେ ଆଉ କିଏ ଦଳ ପାଇଁ ଚିନ୍ତାକରେ ଦେଶ ଜାଣିପାରିଲା । ମୁଁ ଚାହୁଁଛି ଯଦି ଚର୍ଚ୍ଚା ଆରମ୍ଭ ହେଇସାରିଲାଣି, ତା'ହେଲେ ତାହାର ଶେଷ ପର୍ଯ୍ୟନ୍ତ ଆମେ ଯିବା ନିଶ୍ଚୟ ।

ସମସ୍ତେ ପ୍ରଧାନମନ୍ତ୍ରୀ ହେବାକୁ ଚାହାନ୍ତି, ସେଥିରେ କିଛି ଭୁଲ୍ ନାହିଁ । କିନ୍ତୁ କେବଳ ଜଣଙ୍କର ପ୍ରଧାନମନ୍ତ୍ରୀ ହେବାର ଇଚ୍ଛା ପାଇଁ ଦେଶକୁ ବିଭାଜିତ କରି ଏକ ଗାର ଟାଣିଦେବା କେତେଦୂର ସମୀଚୀନ ? ଦେଶର ବିଭାଜନ ପରେ, ହିନ୍ଦୁ, ଶିଖ ଏବଂ ଅନ୍ୟାନ୍ୟ ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କ ପ୍ରତି ଯେଉଁ ପ୍ରକାରର ଅତ୍ୟାଚାର କରାଗଲା ପାକିସ୍ତାନରେ ତାହା ଚିନ୍ତା ମଧ୍ୟ କରାଯାଇପାରେନାହିଁ ।

ମୁଁ କଂଗ୍ରେସୀମାନଙ୍କୁ ପଚାରିବି 'ସେମାନେ କେବେ ଭୂପେନ୍ଦ୍ର କୁମାର ଦତ୍ତଙ୍କର ନାମ ଶୁଣିଛନ୍ତି କି? ଦାଦା ଆପଣ କ'ଣ କଂଗ୍ରେସରେ ଯୋଗ ଦେଇଛନ୍ତି କି? ମମତା ଦିଦି

ଭାଷଣ ଶୁଣୁଛନ୍ତି । କଂଗ୍ରେସ ଦଳର ଲୋକେ ଭୂପେନ୍ଦ୍ର ବାବୁଙ୍କ ବିଷୟରେ ଜାଣିବା ନିହାତି ଦରକାର । ଏକଦା ସେ ଅଲ ଇଣ୍ଡିଆ କଂଗ୍ରେସ କମିଟିର ସଦସ୍ୟ ଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ୨୩ ବର୍ଷ ଜେଲ୍‌ରେ କାଟିଥିଲେ । ନ୍ୟାୟ ନିମନ୍ତେ ସେ ଜେଲ୍‌ରେ ମଧ୍ୟ ୭୮ ଦିନ ପର୍ଯ୍ୟନ୍ତ ଉପବାସ ରହିଥିଲେ ଏବଂ ସେଥିପାଇଁ ତାଙ୍କର ନାମରେ ରେକର୍ଡ ମଧ୍ୟ ଅଛି । ଦେଶ ବିଭାଜନ ପରେ ସେ ପାକିସ୍ତାନରେ ରହିଗଲେ । ସେ ପାକିସ୍ତାନର constituent Assembly ର ସଦସ୍ୟ ମଧ୍ୟ ଥିଲେ । ସମ୍ବିଧାନ ପ୍ରଣୟନର କାର୍ଯ୍ୟ ଚାଲୁଥିବା ସମୟରେ ଭୂପେନ୍ଦ୍ର କୁମାର ଦତ୍ତ ଯାହା କହିଥିଲେ ମୁଁ ତାକୁ ଉର୍ଦ୍ଧୃତ କରୁଛି- ସେ କହିଥିଲେ ପାକିସ୍ତାନ ପଟରେ ସଂଖ୍ୟାଲଘୁ ସଂପ୍ରଦାୟମାନେ ପ୍ରାୟତଃ ଅସ୍ତିତ୍ୱବିହୀନ । ପୂର୍ବଜଙ୍ଗର ଏକ କୋଟି ଜନତାଙ୍କର ସେମାନେ ପ୍ରତିନିଧି କିନ୍ତୁ ସର୍ବଦା ହତାଶା ଭିତରେ ଜୀବନ କାଟୁଛନ୍ତି। ଏହା ଥିଲା ଭୂପେନ୍ଦ୍ର କୁମାର ଦ ଙ୍କର ଅଭିବ୍ୟକ୍ତି । ଅର୍ଥାତ୍ ସ୍ୱାଧୀନତା ପ୍ରାପ୍ତିର ଆରମ୍ଭରୁ ହିଁ ସେଠାରେ ସଂଖ୍ୟାଲଘୁମାନଙ୍କର ଅବସ୍ଥା ଏତେ ଶୋଚନୀୟ ଥିଲା। ପାକିସ୍ତାନରେ ପରିସ୍ଥିତି ଏତେ ଖରାପ ହେଲା ଯେ ସେ ଭାରତକୁ ପଳାୟନ କରିଥିଲେ ଏବଂ ମା' ଭାରତୀର କୋଳରେ ଶେଷନିଃଶ୍ୱାସ ନେଇଥିଲେ ।

- ଆପଣମାନଙ୍କୁ ହୁଏତ ଏହି ଘଟଣା ପ୍ରଭାବିତ କରୁନାହିଁ । ଆସିଲେ, ଜୀବିତ ରହିଲେ କି ନାହିଁ ଆପଣଙ୍କର ଜାଣିବାରେ ଆଗ୍ରହ ନାହିଁ । ଏହା ଦେଖଉଛି ଆପଣଙ୍କର ଭାବନାର ସ୍ତର ।

ଅଧ୍ୟକ୍ଷ ମହୋଦୟ ସେ ସମୟରେ ଯୋଗେନ୍ଦ୍ରନାଥ ମଣ୍ଡଳ ନାମକ ଅନ୍ୟଜଣେ ସ୍ୱାଧୀନତା ସଂଗ୍ରାମୀ ମଧ୍ୟ ପାକିସ୍ତାନରେ ରହିଯାଇଥିଲେ । ସେ ଏକ ଦୁର୍ବଳ ପୀଡ଼ିତ ନିଷ୍ପେଷିତ ବର୍ଗର ପ୍ରତିନିଧିତ୍ୱ କରୁଥିଲେ । ତାଙ୍କୁ ପାକିସ୍ତାନର ପ୍ରଥମ ଆଇନ୍ ମନ୍ତ୍ରୀ ମଧ୍ୟ କରାଯାଇଥିଲା । ମାତ୍ର ଦୁଇ ବା ତିନି ବର୍ଷ ପରେ ୧୯୫୦ ଅକ୍ଟୋବର ୯ ତାରିଖରେ ସେ ତ୍ୟାଗପତ୍ର ଦେଇଦେଇଥିଲେ । ତାଙ୍କ ଇସ୍ତଫାପତ୍ରରେ ସେ ଲେଖିଥିଲେ- ପାକିସ୍ତାନରୁ ହିନ୍ଦୁମାନଙ୍କୁ ବିତାଡ଼ିତ କରିବାର ପ୍ରକ୍ରିୟା ସମାପ୍ତ ହୋଇସାରିଛି ଏବଂ ପୂର୍ବ ପାକିସ୍ତାନରେ ମଧ୍ୟ ଏ କାର୍ଯ୍ୟ ସମାପ୍ତ ଆଡକୁ ଯାଉଛି। ମୁସଲିମ୍ ଲିଗ୍ ଏଥିପାଇଁ ସନ୍ତୁଷ୍ଟ ନୁହେଁ। ବର୍ତ୍ତମାନ

ମୁସଲିମ୍ ଲିଗ୍ ଚାହୁଁଛି ଯେ ପାକିସ୍ତାନରୁ ହିନ୍ଦୁ ବୁଦ୍ଧିଜୀବୀମାନଙ୍କର ମୂଳୋତ୍ପାଟନ କରାଯାଉ ଏବଂ ପାକିସ୍ତାନର ରାଜନୈତିକ, ଅର୍ଥନୈତିକ ତଥା ସାମାଜିକ ଜୀବନ ଯେପରି କୌଣସି ରୂପେ ପ୍ରଭାବିତ ନହେଉ ତାଙ୍କ ଦ୍ୱାରା ।

ଏହି ମଣ୍ଡଳଜୀଙ୍କ ଦ୍ୱାରା ତାଙ୍କ ଇସ୍ତଫାପତ୍ରରେ ଲେଖା ହୋଇଥିଲା । ପରିଶେଷରେ ତାଙ୍କୁ ଭାରତ ଆସି ଏଇଠାରେ ଶେଷନିଃଶ୍ୱାସ ତ୍ୟାଗ କରିବାକୁ  ହୋଇଥିଲା । ଅନେକ ଦଶନ୍ଧି ବିତିଯିବା ପରେ ମଧ୍ୟ ପାକିସ୍ତାନର ଚିନ୍ତାଧାରା ବଦଳିନାହିଁ । ସଂଖ୍ୟାଲଘୁ ସଂପ୍ରଦାୟ ଏବେବି ଅତ୍ୟାଚାରିତ ହେଉଛି। ନିକଟ ଅତୀତରେ ନାନକନା ସାହେବଠାରେ କ'ଣ ଘଟିଥିଲା ସମ୍ପୂର୍ଣ୍ଣ ବିଶ୍ୱ ଏବଂ ଭାରତ ଦେଖିସାରିଛି। କେବଳ ହିନ୍ଦୁ ଓ ଶିଖ ସଂପ୍ରଦାୟ ନୁହେଁ ଅନ୍ୟ ସମସ୍ତ ମାଇନରିଟି ବର୍ଗ ସେ ପ୍ରକାର ଉତ୍ପୀଡନର ଶିକାର ହେଉଛି । ଖ୍ରୀଷ୍ଟିଆନ୍‌ମାନେ ମଧ୍ୟ ସେ ପ୍ରକାରର ପୀଡ଼ାର ସମ୍ମୁଖୀନ ହେଉଛନ୍ତି ।

ମହାତ୍ମା ଗାନ୍ଧୀଙ୍କୁ ଉଲ୍ଲେଖ କରି ଏ ସଭାଗୃହରେ ଏକ ବକ୍ତବ୍ୟ ଦିଆଯାଇଥିଲା । ସେଥିରେ କୁହାଯାଉଥିଲା ସିଏଏକୁ ନେଇ ସରକାରଙ୍କର ଆଭିମୁଖ୍ୟ ମହାତ୍ମା ଗାନ୍ଧୀଙ୍କ ବିଚାରଧାରା ସହ ମେଳ ଖାଉନାହିଁ । ଯଦିଓ କଂଗ୍ରେସ ପରି ରାଜନୈତିକ ଦଳମାନେ ଅନେକ ଦଶନ୍ଧି ଧରି ମହାତ୍ମା ଗାନ୍ଧୀଙ୍କର ଆଦର୍ଶ ଓ ଶିକ୍ଷାକୁ ପରିତ୍ୟାଗ କରିସାରିଛନ୍ତି। ଆମେ ଏଇକଥାକୁ ଅନେକଥର ପ୍ରମାଣ କରିସାରିଛୁ । ସେଥିପାଇଁ ମୁଁ ବା ଏ ଦେଶ ଆପଣମାନଙ୍କଠାରୁ କିଛି ବି ଆଶା ରଖେନାହିଁ । କିନ୍ତୁ ମୁଁ ଆଜି କଂଗ୍ରେସକୁ ବ୍ରେଡ୍ ଓ ବଟର ଯୋଗାଉଥିବା କଥା ବିଷୟରେ କହିବି ।

ନେହେରୁ-ଲିୟାକତ୍ ଚୁକ୍ତି ୧୯୫୦ ମସିହାରେ ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଭାରତ ଓ ପାକିସ୍ତାନରେ ବସବାସ କରୁଥିବା ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର ସୁରକ୍ଷା ନିମନ୍ତେ ହୋଇଥିଲା । ସେଥିରେ କେବଳ 'ଧାର୍ମିକ ସଂଖ୍ୟାଲଘୁ'ମାନଙ୍କ ବିଷୟରେ କୁହାଯାଇଥିଲା ଯାହାକି 'ସମସ୍ତ ନାଗରିକ' ହେବା ଉଚିତ୍ ଥିଲା । ନେହେରୁଜୀ ହିଁ ସେଇ ଶବ୍ଦ ସଂଯୋଜନା କରିଥିଲେ । ସୁତରାଂ ତାଙ୍କ ପରି ଜଣେ ବିଶିଷ୍ଟ ଦୂରଦୃଷ୍ଟି ସମ୍ପନ୍ନ,

ଧର୍ମନିରପେକ୍ଷ ବ୍ୟକ୍ତି ଏପରି କାହିଁକି କଲେ ? କଂଗ୍ରେସ ଏହାର ଜବାବ ଦେବା ଦରକାର । କିଛି ତ କାରଣ ଥିବ ତାଙ୍କର ଏପରି କରିବାର ପଛରେ । ଅଧ୍ୟକ୍ଷ ମହୋଦୟ ମୁଁ ସେଇକଥା ଜାଣିବାକୁ ଚାହୁଁଛି ।

ଅଧ୍ୟକ୍ଷ ମହୋଦୟ ନେହେରୁଜୀ 'ମାଇନରିଟି' ଶବ୍ଦଟିକୁ କାହିଁକି ବ୍ୟବହାର କଲେ ? ମୁଁ ଜାଣିଛି ଏହାର ଉତ୍ତର ଦେବାକୁ ଆପଣ ପସନ୍ଦ କରିବେନାହିଁ । ସ୍ୱୟଂ ନେହେରୁ ହିଁ ଏହାର ଉତ୍ତର ଦେଇଛନ୍ତି ଏକ ଚିଠିରେ ଯାହା ସିଏ ଆସାମର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ଗୋପୀନାଥଜୀଙ୍କୁ ଲେଖିଥିଲେ ଏଇ ଚୁକ୍ତିର ପୂର୍ବରୁ । ସେ ଲେଖିଥିଲେ "ଆପଣଙ୍କୁ ହିନ୍ଦୁ ଶରଣାର୍ଥୀ ଓ ମୁସଲିମ୍ ଅନୁପ୍ରବେଶକାରୀ ମଧ୍ୟରେ ପ୍ରଭେଦ କରିବାକୁ ହେବ । ଦେଶକୁ ଶରଣାର୍ଥୀଙ୍କର ଦାୟିତ୍ୱ ନେବାକୁ ହେବ ।" ଏହି କଥା ଏକଦା ପ୍ରଧାନମନ୍ତ୍ରୀ ନେହେରୁଙ୍କ ଦ୍ୱାରା ଏକଦା ମୁଖ୍ୟମନ୍ତ୍ରୀ ଶ୍ରୀ ଗୋପୀନାଥଙ୍କୁ ଲେଖାଯାଇଥିଲା । ୧୯୫୦ ମସିହା ନଭେମ୍ବର ୫ ତାରିଖରେ ଏଇ ସଂସଦରେ ନେହେରୁଜୀ କହିଥିଲେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ବିଭାଜନ ପ୍ରଭାବିତ ଲୋକ ଭାରତକୁ ଆସିଛନ୍ତି ଏଠାରେ ବସବାସ କରିବା ନିମନ୍ତେ। ତେଣୁ ତାଙ୍କୁ ନାଗରିକତା ପ୍ରଦାନ କରାଯିବା ଦରକାର । ଯଦି ଆଇନ୍ ତାହାର ଅନୁମତି ଦେଉନାହିଁ, ତାହା ହେଲେ ସେଥିରେ ପରିବର୍ତ୍ତନ କରାଯାଉ ।

୧୯୬୩ ମସିହାରେ ଯେତେବେଳେ ନେହେରୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଦାୟିତ୍ୱ ମଧ୍ୟ ସମ୍ଭାଳୁଥିଲେ ଏକ କଲିଙ୍ଗ୍ ଆଟେନ୍‌ସନ୍ ମୋସନ୍ ଅଣାଯାଇଥିଲା । ଏହି ଲୋକସଭାରେ ଯେତେବେଳେ ବୈଦେଶିକ ବ୍ୟାପାର ରାଜ୍ୟମନ୍ତ୍ରୀ ଶ୍ରୀ ଦିନେଶ ସିଂହ ଜବାବ ଦେଉଥିଲେ, ସେତେବେଳେ ନେହେରୁଜୀ ସେଥିରେ ପ୍ରବଳ ଚାପ ପଡୁଛି । ପାକିସ୍ତାନର ଅନ୍ତର୍ନିହିତ ପରିବେଶ ଦେଖି କେବଳ ଗାନ୍ଧିଜୀ ନୁହେଁ, ନେହେରୁ ମଧ୍ୟ ଏହା ଅନୁଭବ କରିଥିଲେ । ବହୁତଗୁଡ଼ିଏ ଦସ୍ତାବେଜ, ଚିଠି ଓ ଷ୍ଟାଣ୍ଡିଙ୍ଗ କମିଟିର ରିପୋର୍ଟ ସବୁ ଅଛି ଯାଏ ଏପରି ଆଇନ୍ ବନାଇବାକୁ ନିର୍ଦ୍ଦେଶ କରୁଛି ।

ବର୍ତ୍ତମାନ ମୁଁ ନିର୍ଦ୍ଦିଷ୍ଟ ଭାବେ କଂଗ୍ରେସ ଓ ତାହାର ଇକୋସିଷ୍ଟମକୁ ପଚାରିବାକୁ ଚାହିଁବି "କ'ଣ ନେହେରୁ ମଧ୍ୟ 'ସାଂପ୍ରଦାୟିକ' ଥିଲେ ? ସେ କ'ଣ ହିନ୍ଦୁ ମୁସଲିମ୍ ଭିତରେ ପ୍ରଭେଦ କରୁଥିଲେ ? ସେ କ'ଣ ହିନ୍ଦୁରାଷ୍ଟ୍ର ବନାଇବାକୁ ଚାହୁଁଥିଲେ ?

ଅଧ୍ୟକ୍ଷ ମହୋଦୟ କଂଗ୍ରେସର ସମସ୍ୟା ହେଉଛି ସେମାନେ ଖାଲି କଥା କହନ୍ତି । ମିଥ୍ୟା ପ୍ରତିଶ୍ରୁତି ଦିଅନ୍ତି ଏବଂ ତାହା ବର୍ଷ ବର୍ଷ ଧରି ପୁରା କରନ୍ତି ନାହିଁ । ଆଜି ଆମ ସରକାର ରାଷ୍ଟ୍ର ନିର୍ମାତାମାନଙ୍କର ଭାବନାର ଅନୁରୂପ ନିଷ୍ପତ୍ତିମାନ ନେଉଛି । ସେଇଥିପାଇଁ କଂଗ୍ରେସ ବଡ଼ ଅସହଜ ମନେକରୁଛି । ମୁଁ ପୁନର୍ବାର ସ୍ପଷ୍ଟ କରିଦେଇଛି ଏହି ସଭାଗୃହରୁ ଯେ ଦେଶର ୧୩୦ କୋଟି ନାଗରିକ ଜାଣିପାରିବେ ଏକଥା କି ସେମାନେ କୌଣସି ଭାବରେ ସିଏଏ ବିଲ୍ ଦ୍ୱାରା ପ୍ରଭାବିତ ହେବେନାହିଁ । ମୁଁ ସମ୍ବିଧାନର ସୀମା ଭିତରେ ରହି ସମ୍ପୂର୍ଣ୍ଣ ଦାୟିତ୍ୱବୋଧ ସହ ଏହି ଆଶ୍ୱାସନା ଦେଉଛି । ହିନ୍ଦୁ, ମୁସଲିମ, ଶିଖ୍ ବା ଖ୍ରୀଷ୍ଟିଆନ୍ କେହି ଏହାଦ୍ୱାରା ପ୍ରଭାବିତ ହେବେନାହିଁ । ଏହା ଭାରତର ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କର କୌଣସି କ୍ଷତି କରିବନାହିଁ । ଏ ଦେଶର ଜନତା ଯାହାଁକୁ ପ୍ରତ୍ୟାଖ୍ୟାନ କରିଦେଇଛି ସେମାନେ ହିଁ ଭୋଟ୍‌ବ୍ୟାଙ୍କର ଖେଳ ଖେଳୁଛନ୍ତି । ମୁଁ ସେମାନଙ୍କୁ ପଚାରିବାକୁ ଚାହେଁ... କଂଗ୍ରେସ ଦଳକୁ ପଚାରିବାକୁ ଚାହିଁବି- ସେମାନେ ୧୯୮୪ର ଦିଲ୍ଲୀଦଙ୍ଗା କଥା ମନେରଖିଛନ୍ତି ନା ନାହିଁ? ସେମାନେ କ'ର ମାଇନରିଟି ନଥିଲେ? ଆମର ଶିଖ୍ ଭାଇମାନଙ୍କୁ ଟାୟାର ସହିତ ଜଳାଇ ଦିଆଯାଇଥିଲା ଏବଂ ଆରୋପୀମାନଙ୍କୁ ନା ଜେଲ୍ ପଠାଯାଇଥିଲା ନା ଦଣ୍ଡ ଦିଆଯାଇଥିଲା । କେତେକଙ୍କୁ ତ ମୁଖ୍ୟମନ୍ତ୍ରୀ ପଦ ଦିଆଯାଇଥିଲା । ନ୍ୟାୟ ଆଶାରେ ତିରିଶ ବର୍ଷ ଧରି ବିଧବା ମାଆମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲା । ସେମାନେ କ'ଣ ମାଇନରିଟି ନଥବଲେ ?

ଅଧ୍ୟକ୍ଷ ମହୋଦୟ, କଂଗ୍ରେସ ଦଳ ଦୀର୍ଘଦିନ ଧରି ଶାସନ କ୍ଷମତାରେ ଥିଲା । ଦେଶର ଏହା ଦୁର୍ଭାଗ୍ୟ ଯେ ଏହି ଦଳ ଏକ ଦାୟିତ୍ୱବାନ ବିରୋଧୀ ହେବା ବଦଳରେ ଭୁଲ୍ ରାସ୍ତାରେ ଯାଉଛି । ଏହି ରାସ୍ତା ଦେଶ ପାଇଁ ବିପଦକୁ ଡାକିଆଣିବ । ଆମେ ସମସ୍ତେ ଦେଶର ଭବିଷ୍ୟତ ନେଇ ଚିନ୍ତିତ । କଳ୍ପନା କରନ୍ତୁ ଯଦି ରାଜସ୍ଥାନ ବିଧାନସଭା ଅଥବା ମଧ୍ୟପ୍ରଦେଶ

ବିଧାନସଭା କୌଣସି ନିଷ୍ପତ୍ତି ନିଏ ବଂ ତାହାକୁ ଗ୍ରହଣ ନକରି ପ୍ରତିରୋଧ ଓ ହିଂସାର ରାସ୍ତା ଖୋଜାଯାଏ ତାହା ଦେଶ ପାଇଁ କେତେ ବଡ଼ ବିପଦ ?

ଆପଣମାନେ କ'ଣ 'ଅରାଜକତାବାଦୀ' ଦୃଷ୍ଟିଭଙ୍ଗୀରେ ଦେଶର ପରିଚାଳନା କରିବାକୁ ଚାହାନ୍ତି ? ଅନେକଗୁଡ଼ିଏ ଭୁଲକାମ କରିଥିବାରୁ ଜନାଦେଶ ଆପଣଙ୍କ ବିପକ୍ଷରେ ଆସିଛି । ଗଣତାନ୍ତ୍ରିକ ଉପାୟରେ ନିଜର ମତାମତ ରଖିବାର ଅଧିକାର ସମସ୍ତଙ୍କର ଅଛି । ମିଥ୍ୟା ଓ ଅପବାଦ ଆମ ରାସ୍ତାର ଅନ୍ତରାୟ ହେବ ମାତ୍ର । ଆସନ୍ତୁ ସମସ୍ତଙ୍କର ଅଛି । ମିଥ୍ୟା ଓ ଅପବାଦ ଆମ ରାସ୍ତାର ଅନ୍ତରାୟ ହେବମାତ୍ର । ଆସନ୍ତୁ ସମସ୍ତଙ୍କର ସହଯୋଗରେ ସମ୍ବିଧାନକୁ ସମ୍ମାନପୂର୍ବକ ଦେଶର ଉନ୍ନତ କରିବା । ପ୍ରତିଜ୍ଞା କରିବା ଯେ ଦେଶକୁ ଏକ ପାଞ୍ଚ ଟ୍ରିଲିଅନ୍ ଇକୋନୋମିରେ ପରିଣତ କରିବା, ପନ୍ଦର କୋଟି ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବା, ସମସ୍ତ ଗରିବଙ୍କୁ ପକ୍କା ଘର ଯୋଗାଇବା । କୃଷକମାନଙ୍କର ରୋଜଗାର ବଢ଼ାଇବାର ପ୍ରୟାସ କରିବା। ମତ୍ସ୍ୟଜୀବୀ ଓ ପଶୁପାଳକମାନଙ୍କର ମଧ୍ୟ ଆମଦାନୀ ବଢ଼ାଇବା । ସବୁ ପଞ୍ଚାୟତକୁ ବ୍ରଡ୍‌ବ୍ୟାଣ୍ଡ ଯୋଗାଇବା- ଏକ ଭାରତ ଶ୍ରେଷ୍ଠ ଭାରତ ମିସନ୍‌କୁ ବାସ୍ତବ ରୂପ ଦେବା । ଅଧ୍ୟକ୍ଷ ମହୋଦୟ ସମସ୍ତେ ହାତ ମିଳାଇ କାମ କରି ଦେଶକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ନେଇଯିବା ।

ଏହି ଭାବନା ସହ ମୁଁ ମହାମହିମ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଓ ମସ୍ତଙ୍କୁ ମୋର କୃତଜ୍ଞତା ଜଣାଉଛି ।

"

# ରାଜ୍ୟସଭାର ଉପସଭାପତି ଭାବେ ଶ୍ରୀ ହରିବଂଶ ନାରାୟଣ ସିଂହଙ୍କ ଚୟନ ହେତୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟ

14th September 2020

"

# ୧୪.୦୯.୨୦୨୦ ରାଜ୍ୟସଭା

## ଉପସଭାପତିଙ୍କର ନିର୍ବାଚନରେ ବିବୃତି

ପ୍ରଧାନମନ୍ତ୍ରୀ (ଶ୍ରୀ ନରେନ୍ଦ୍ର ମୋଦୀ): ଆଦରଣୀୟ ସଭାପତି ମହୋଦୟ, ମୁଁ ସର୍ବପ୍ରଥମେ ଏହି ଉତ୍ତମ ବ୍ୟବସ୍ଥା ଲାଗି ଯେଉଁ ସବୁ ପ୍ରୟାସ ହୋଇଛି, ସେଥିନିମନ୍ତେ ଆପଣ ଏବଂ ଆପଣଙ୍କର ଟିମ୍‌କୁ ବହୁତ ବଧାଇ ଦେଉଛି । ମୁଁ ଶ୍ରୀଯୁକ୍ତ ହରିବଂଶ ମହୋଦୟଙ୍କୁ ଦ୍ୱିତୀୟ ଥର ଲାଗି ଏହି ସଭାଗୃହର ଉପସଭାପତି ନିର୍ବାଚିତ ହୋଇଥିବାରୁ, ସଭାଗୃହ ତଥା ସମଗ୍ର ଦେଶବାସୀଙ୍କ ତରଫରୁ ବହୁତ ବହୁତ ବଧାଇ ଦେଉଛି । ସମାଜିକ କାର୍ଯ୍ୟ ତଥା ପତ୍ରକାରିତା ଦୁନିଆରେ ଶ୍ରୀ ହରିବଂଶ ଯେଉଳି ନିଜର ନିଷ୍ପାପର ମାନ୍ୟତା ତିଆରି କରିଛନ୍ତି, ସେହି କାରଣରୁ ମୋ ମନରେ ସର୍ବଦା ତାଙ୍କ ଲାଗି ବହୁତ ସମ୍ମାନ ରହିଛି । ପ୍ରତ୍ୟେକ୍ଷ ରୂପେ ମତେ ଏହା ଲାଗେ, ଶ୍ରୀ ହରିବଂଶଙ୍କ ପାଇଁ ମୋ ମନରେ ରହିଥିବା ସମ୍ମାନ ତଥା ଆତ୍ମିୟତା, ତାହା ତାଙ୍କୁ ଖୁବ୍ ପାଖରୁ ଦେଖିଥିବା ସମସ୍ତ ଲୋକଙ୍କ ମନରେ ମଧ୍ୟଥାଏ, ଏବଂ ସେହି ସମ୍ମାନ ତଥା ଆତ୍ମିୟତା ଆଜି ଏହି ସଭାଗୃହର ପ୍ରତ୍ୟେକ ସଦସ୍ୟଙ୍କ ମନରେ ରହିଛି । ଏହି ଭାବ ଏବଂ ଏହି ଆତ୍ମୀୟତା ଶ୍ରୀ ହରିବଂଶଙ୍କର ନିଜ ଅର୍ଜିତ ପୁଞ୍ଜି । ତାଙ୍କର କାର୍ଯ୍ୟ କରିବାର ଶୈଳୀ, ଯେଉଳି ଭାବରେ ସେ ସଦନକୁ ସୁଚାରୁରୂପେ ଚଳାନ୍ତି, ତାହା ଦେଖିବାପରେ ଏଭଳି ବିଚାର ସ୍ୱାଭାବିକ ମଧ୍ୟ ମନେହୁଏ । ଏହି ସଭାଗୃହକୁ ଆପଣ କୌଣସି ପକ୍ଷପାତିତା ନକରି ଚଳାନ୍ତି, ତାହା ଫଳରେ ଆପଣଙ୍କର ଭୂମିକା ଗଣତନ୍ତ୍ରକୁ ମଜବୁତ୍ କରିଛି ।

ସଭାପତି ମହୋଦୟ, ଏହି ସଭାଗୃହ ଏ ଯାବତ୍ ହୋଇଥିବା ଅଧିବେଶନ ଗୁଡ଼ିକ ମଧ୍ୟରେ ସବୁଠାରୁ ଅଲଗା ତଥା ଏହା ବିଷମ ପରିସ୍ଥିତିରେ କାର୍ଯ୍ୟ କରୁଛି । କରୋନା ମହାମାରୀ ରୋଗ କାରଣରୁ ଯେଉଁଭଳି ପରିସ୍ଥିତି ଉପୁଜିଛି ସେତେବେଳେ ଆମ ସମସ୍ତଙ୍କର କର୍ତ୍ତବ୍ୟ ହେଉଛି ଏଭଳି ସମୟରେ ଏହି ସଭାଗୃହ ସୁଚାରୁରୂପେ କାର୍ଯ୍ୟ କରିବାକୁ ଦେବା ତଥା ଦେଶଲାଗି ଜରୁରି କର୍ତ୍ତବ୍ୟ ସମ୍ପାଦନ କରିବା । ମୋର ସଂପୂର୍ଣ୍ଣ ବିଶ୍ୱାସ ଯେ, ସମସ୍ତ

ସତର୍କତାକୁ ମାନି ସମସ୍ତ ଆଦେଶର ପାଳନ କରି ଆମେ ଆମ୍ଭମାନଙ୍କର କର୍ତ୍ତବ୍ୟ ସଂପାଦନ କରିଯିବା ।

ସଭାପତି ମହୋଦୟ, ରାଜ୍ୟସଭାର ସଦସ୍ୟମାନେ ସଭାଗୃହକୁ ସୁରୁରୂପେ ଚଳାଇବାଲାଗି ଉପସଭାପତିଙ୍କର ଯେତେ ଯାଏଁ ସହଯୋଗ ପ୍ରଦାନ କରିବୁ ସେତେବେଳେ ଯାଏଁ ସମୟର ସଦୁପଯୋଗ ହେବ ଏବଂ ଆମେ ସମସ୍ତେ ସୁରକ୍ଷିତ ରହିବା ।

ସଭାପତି ମହୋଦୟ, ସଂସଦର ଏହି ସଭାଗୃହ ଯେଉଁ କାରଣରୁ ଶ୍ରୀ ହରିବଂଶଙ୍କ ଉପରେ ଭରସା ରଖିଥିଲା ? କାରଣ ସେ ସବୁବେଳେ ତାହା ନିୟମ ମୁତାବକ୍ କାର୍ଯ୍ୟ ସୁରୁରୂପେ କରିଛନ୍ତି । ମୁଁ, ମୋର ଗତଥରର ଭାଷଣରେ କହିଥିଲି, ଯେଭଳି ହରି ସମସ୍ତଙ୍କ ପାଇଁ ଥାନ୍ତି, ସେଭଳି ଏହି ସଭାଗୃହରେ ମଧ୍ୟ ହରି ଉଭୟ ଶାସନ ତଥା ବିରୋଧି ପକ୍ଷ ପାଇଁ ବାଛବିଚାର ନକରି କାର୍ଯ୍ୟ ତୁଲାଇବେ । ଏହି ସଭାଗୃହରେ ଥିବା ହରି, ଶ୍ରୀ ହରିବଂଶ ଏପାଖ ଏବଂ ସେପାଖ  ଉଭୟ ପଟ ପାଇଁ ସମାନ ରୂପରେ କାମ କରିବେ, ଏବଂ କୌଣସି ଭେଦଭାବ ବିନା ଶାସକ ଏବଂ ବିରୋଧୀ ଉଭୟଙ୍କ ହିତ ପାଇଁ କାର୍ଯ୍ୟ ତୁଲାଇବେ । ମୁଁ ଏକଥା ମଧ୍ୟ ସୁଚାଇଥିଲି, ସଭାଗୃହ ରୂପକ ଖେଳପଡ଼ିଆରେ ଖେଳାଳିଙ୍କ ତୁଳନାରେ ଅମ୍ପାୟାର ଅଧିକ କ୍ଷୁବ୍ଧ ରୁହନ୍ତି, ନିୟମ ପାଳନ କରି ନିୟମ ଅନୁସାରେ ସାଂସଦମାନଙ୍କୁ ଚଲାଇବା ବଡ଼ କାଠିକର ପାଠ । ମୁଁ ଜାଣିଥିଲି ଯେ ସେ ଖୁବ୍ ଭଲ ଅମ୍ପାୟାର ହେବେ, କିନ୍ତୁ ଯେଉଁମାନେ ତାଙ୍କୁ ଜାଣି ନଥିଲେ ସେମାନଙ୍କ ଲାଗି ଶ୍ରୀହରିବଂଶ ନିଜର ନିର୍ଣ୍ଣୟ ଶକ୍ତି, ନିଜର ଫଇସଲା ନିମନ୍ତେ ସେମାନଙ୍କର ମଧ୍ୟ ଆସ୍ଥାଭାଜନ ହୋଇପାରିଲେ ।

ସଭାପତି ମହୋଦୟ, ଗତ ଦୁଇବର୍ଷ ମଧ୍ୟରେ ଶ୍ରୀ ହରିବଂଶ ନିଜର ଦାୟିତ୍ୱ, ସଫଳତାପୂର୍ବକ ନିର୍ବାହ କରିଛନ୍ତି । କଷ୍ଟସାଧ୍ୟ ଚିଠା ପ୍ରସ୍ତାବଗୁଡ଼ିକୁ ତର୍ଜମା କରି ନିଜ ଆସନକୁ ସେଗୁଡ଼ିକ ଉପରେ ସେ ଯେପରି ଭାବେ ବିଚାର ବିମର୍ଶ କରି ବାଦ-ବିବାଦର ସମାଧାନ କରାଇଲେ, ଏପରିକି ସ୍ୱଳ୍ପ ସମୟ ମଧ୍ୟରେ ଚିଠା ପ୍ରସ୍ତାବ ଗୃହୀତ କରିବା ଲାଗି ସେ ଅନେକ ଘଣ୍ଟା ଧରି ବସି ସଭାଗୃହକୁ ସୁରୁରୂପେ ଚଳାଇଲେ ତାହା ଅତ୍ୟନ୍ତ ବିରଳ । ଏହି ସମୟ ମଧ୍ୟରେ ଦେଶର ଭବିଷ୍ୟତକୁ, ଦେଶର ଚଲାପଥକୁ ବଦଳାଇବା ଲାଗି ଉଦ୍ଦିଷ୍ଟ

ଅନେକ ଐତିହାସିକ ଚିଠାପ୍ରସ୍ତାବ ଏହି ସଭାଗୃହରେ ଗୃହୀତ ହୋଇଛି । କୁଶଳତାପୂର୍ବକ ସେ ସଭାଗୃହକୁ ଚଳାଇଛନ୍ତି ।

ଏଇ ଗତବର୍ଷ, ଏହି ସଭାଗୃହର ଉତ୍ପାଦନଶୀଳତା ବା Productivity ଗତ ଦଶବର୍ଷ ମଧ୍ୟରେ ସର୍ବାଧିକ ହୋଇଛି ଏବଂ ତାହା ସେବେ ସମ୍ଭବ ହୋଇଛି ଯେଉଁ ସମୟରେ (ଗତବର୍ଷ) ଲୋକସଭା ପାଇଁ ନିର୍ବାଚନର ବର୍ଷ ଥିଲା । ଏଠାରେ ଉପସ୍ଥିତ ପ୍ରତ୍ୟେକ ସଦସ୍ୟଙ୍କ ନିମନ୍ତେ ଏହା ଗୌରବର ବିଷୟ ଯେ ସଦନରେ Productivity ସହିତ Portality ର ବୃଦ୍ଧି ଘଟିଛି । ମନରେ ସଂକୋଚ ନରଖି ଏଠାରେ ସମସ୍ତେ ନିଜର ଭାବ ବ୍ୟକ୍ତ, ବିନା ବାଧାରେ ସଭାଗୃହର କାର୍ଯ୍ୟ ଚାଲିବାରେ, ମୁଲତବୀ ନହେବାରେ ଏଠାରେ କ୍ରମାଗତ ଚେଷ୍ଟା ଦେଖିବାକୁ ମିଳିଛି । ଏଥିପାଇଁ ଏହି ସଭାଗୃହର ଗୌରବ ବୃଦ୍ଧି ହୋଇଛି । ଏହି ସଭାଗୃହରୁ ବୋଧହୁଏ ସମ୍ବିଧାନର ପ୍ରଣେତା ଏହି ଆଶା ରଖିଥିଲେ । ଲୋକତନ୍ତ୍ରର ଆରମ୍ଭ ସ୍ଥାନ ବିହାରରୁ ଜୟପ୍ରକାଶ ନାରାୟଣ ଏବଂ କର୍ପୁରୀ ଠାକୁରଙ୍କ ଯାଗାରୁ, ବାପୁଙ୍କର ଚମ୍ପାରନ୍‌ରୁ ଯେବେ କେଉଁ ଲୋକତନ୍ତ୍ରର ସାଧକ ଆଗଭର ହୋଇ ଦାୟିତ୍ୱକୁ ସମ୍ଭାଳନ୍ତି ତେବେ ଏପରି ହିଁ ହୋଇଥାଏ ଯେଉଁ କାର୍ଯ୍ୟ ଶ୍ରୀ ହରିବଂଶ କରିଦେଖାଇଛନ୍ତି ।

ଯେବେ ଆପଣ ଶ୍ରୀ ହରିବଂଶଙ୍କ ନିକଟତର ହୋଇ ଦେଖନ୍ତି, ଏୟା ଜଣାପଡ଼େ ଯେ ସେ କାହିଁକି ତୃଣମୂଳସ୍ତରରୁ ଜଡ଼ିତ ଥିବାର ଜଣାପଡ଼ନ୍ତି । ତାଙ୍କ ପୈତୃକ ଗାଁରେ ମୁକ୍ତ ଆକାଶ ତଳେ ଗୋଟିଏ ଲିମ୍ବ ଗଛ ମୂଳେ ବିଦ୍ୟାଳୟ ଚାଲୁଥିଲା ଯେଉଁଠାରେ ସେ ପାଠ ପଢ଼ା ଆରମ୍ଭ କରିଥିଲେ । ମାଟିରେ ବସି, ମାଟିକୁ ବୁଝିବା, ମାଟି ସହିତ ଓତପ୍ରୋତ ସଂପର୍କିତ ହେବାର ଶିକ୍ଷା ତାଙ୍କୁ ସେଠାରୁ ମିଳିଥିଲା । ଜୟପ୍ରକାଶଙ୍କର ଗ୍ରାମ 'ସୀତାବଦିୟାରା'ର ସେ ବାସିନ୍ଦା ବୋଲି ଆମ ସମସ୍ତଙ୍କୁ ଜଣାଅଛି । ଦୁଇଟି ରାଜ୍ୟ ଉତ୍ତରପ୍ରଦେଶ ଓ ବିହାରର ତିନୋଟି ଜିଲ୍ଲା ଆର୍‌ରା, ବଲ୍ଲିୟା ଓ ଛପ୍ରା ଅଂଚଳରେ ବହି ଯାଉଥିବା ଦୁଇଟି ନଦୀ ଗଙ୍ଗା ଓ ଘାଗରା ମଧ୍ୟସ୍ଥିତ ଟାପୁ ପରି ଏହି ଇଲାକା ପ୍ରତିବର୍ଷ ବନ୍ୟା ପ୍ଲାବିତ ହୁଏ, ବହୁତ କଷ୍ଟରେ ଗୋଟିଏ ଫସଲ ଅମଳ ହୋଇପାରେ, ଗମନାଗମନ ପାଇଁ ନଦୀକୁ ଡଙ୍ଗାରେ ପାର ହେବାକୁ ପଡ଼େ । 'ସନ୍ତୋଷ ହେଲେ ହିଁ ସୁଖ ମିଳେ' ଭଳି ବ୍ୟବହାରିକ ଜ୍ଞାନର ଶିକ୍ଷା ଶ୍ରୀ ହରିବଂଶଙ୍କୁ ନିଜ ପୈତୃକ ଗାଁ ତଥା ଘରର ପରିସ୍ଥିତିରୁ

ମିଳିଥିଲା । ତାଙ୍କୁ କିପରି କଠୋର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା ସେ ବିଷୟରେ ମୋତେ କେହି ଜଣେ କହିଥିଲେ । ହାଇସ୍କୁଲରେ ଦାଖଲ ହେବା ପରେ ଶ୍ରୀ ହରିବଂଶଙ୍କୁ ପ୍ରଥମ ଥର ଲାଗି ଜୋତା ପିନ୍ଧିବାର ସୁଯୋଗ ମିଳିଥିଲା । ଏହା ପୂର୍ବରୁ ଜୋତା କିଣିବାର ବା ପିନ୍ଧିବାର ସୁଯୋଗ ତାଙ୍କର ନଥିଲା ।

ଏପରି ଅବସ୍ଥାରେ, ଗାଁରେ ଜୋତା ତିଆରି କରୁଥିବା ଏକ ମାତ୍ର ବ୍ୟକ୍ତିଙ୍କୁ ଶ୍ରୀ ହରିବଂଶଙ୍କ ପାଇଁ ଜୋତା ତିଆରି କରିବାକୁ କୁହାଗଲା । ଆଉ ତା'ପରେ ଯେପରି କେହି ଧନୀ ବ୍ୟକ୍ତି ନିଜେ ତିଆରି କରୁଥିବା ଘରକୁ ପ୍ରତିଦିନ ଯାଇ ପଚାରନ୍ତି ସେପରି ସେ ପ୍ରତିଦିନ ଯାଇ, ଜୋତା ତିଆରି କରୁଥିବା ବ୍ୟକ୍ତିଙ୍କୁ ପଚାରୁଥିଲେ କେତେବେଳେ ଜୋତା ତିଆରି କାମ ସରିବ ? ଏଥିରୁ ଆପଣମାନେ ଅନୁମାନ କରିପାରୁଥିବେ ଯେ ଶ୍ରୀ ହରିବଂଶ କାହିଁକି ସବୁ ବିଷୟର ପୁଂଖାନୁପୁଂଖ ବିଷୟ ପଚାରି ବୁଝନ୍ତି ।

ଜୟପ୍ରକାଶ ନାରାୟଣଙ୍କର ପ୍ରଭାବ ତାଙ୍କ ଉପରେ ଖୁବ୍ ଥିଲା । ସେତେବେଳେ ବହି ପଢ଼ିବାକୁ ତାଙ୍କର ଆଗ୍ରହ ବଢ଼ିଲା । ଏହା ସହ ଜଡ଼ିତ ଅନ୍ୟ ଏକ ଘଟଣା ବିଷୟରେ ମଧ୍ୟ ମୁଁ ଅବଗତ ଅଛି । ଶ୍ରୀ ହରିବଂଶଙ୍କୁ ଯେବେ ପ୍ରଥମ ଥର ପାଇଁ ସରକାରୀ ଛାତ୍ରବୃତ୍ତି ମିଳିଲା, ତାଙ୍କ ଘରର କିଛି ଲୋକ ଭାବୁଥିଲେ ଯେ ସେ ସବୁତକ ବୃତ୍ତି ଟଙ୍କା ଘରକୁ ନେଇ କରି ଆସିବେ । ମାତ୍ର ସେ ବୃତ୍ତି ଟଙ୍କା ଘରକୁ ନ ନେଇ, ସେହି ଟଙ୍କାରେ ବହି କିଣିଦେଲେ । ତା'ପରେ ସେ ବିଭିନ୍ନ ରକମର ସଂକ୍ଷିପ୍ତ ଜୀବନୀ, ସାହିତ୍ୟ ବହି ଘରକୁ ନେଇଗଲେ । ଏହିପରି ତାଙ୍କ ଜୀବନରେ ପୁସ୍ତକର ପ୍ରବେଶ ଏବେ ମଧ୍ୟ ସେହିଭଳି ଜାରି ରହିଛି ।

ସଭାପତି ମହୋଦୟ, ବିଗତ ପ୍ରାୟ ଚାରି ଦଶକ ଧରି ତତ୍କାଳୀନ ସମାଜ ବିଷୟରେ ସାମ୍ବାଦିକତା କରିବାପରେ, ୨୦୧୪ ମସିହାରେ ଶ୍ରୀ ହରିବଂଶ ପ୍ରଥମ ଥର ପାଇଁ ସଂସଦର ସଦସ୍ୟ ହେଲେ । ତାହାପରେ ଉପସଭାପତି ନିର୍ବାଚନ ପରେ ସେ ଯେପରି ଭାବେ ଉପସଭାପତି ପଦର ମର୍ଯ୍ୟାଦା ଓ ସମ୍ମାନ ଅକ୍ଷୁର୍ଣ୍ଣ ରଖିଲେ, ସଂସଦ ସଦସ୍ୟ ଭାବେ ମଧ୍ୟ ଅନୁରୂପ ଭାବେ ତାଙ୍କ କାର୍ଯ୍ୟକାଳ ଏଯାବତ୍ ଗରିମାପୂର୍ଣ୍ଣ ରହିଛି । ଏହା ସହିତ ଅନେକ ବିଷୟ ଯେପରି ଅର୍ଥନୈତିକ ବିଷୟ, ସାମାଜିକ ସୁରକ୍ଷା ବିଷୟରେ ସେ ନିଜର ରାୟ

ପ୍ରଭାବ ପୂର୍ଣ୍ଣ ଭାବରେ ଉପସ୍ଥାପିତ କରିଛନ୍ତି । ମାର୍ଜିତ ଏବଂ ସାରଗର୍ବିତ ଭାବରେ ସେ ନିଜର ଦୃଷ୍ଟିକୋଣ ରଖନ୍ତି । ନିଜର ଅସୀମ ଜ୍ଞାନ ଏବଂ ଅନୁଭବ ମାଧ୍ୟମରେ ସେ ଦେଶ ସେବା କରିବାର ସଂପୂର୍ଣ୍ଣ ପ୍ରୟାସ ଜାରି ରଖିଛନ୍ତି । Inter Parliamentary Union ତଥା ସମସ୍ତ ଅନ୍ୟାନ୍ୟ ଆନ୍ତର୍ଜାତୀୟ ସ୍ତରର ବୈଠକଗୁଡ଼ିକରେ ଯୋଗ ଦେଇ ସେ ଦେଶର ଗୌରବ ବୃଦ୍ଧି କରିଛନ୍ତି । ବିଦେଶ ଭ୍ରମଣରେ ଯାଉଥିବା ଆନ୍ତର୍ଜାତୀୟ ସଂସଦୀୟ ମଣ୍ଡଳର ସଦସ୍ୟ ରୂପେ ମଧ୍ୟ ସେ ନିଜର ଭୂମିକା ପ୍ରତ୍ୟେକ ଦେଶରେ ଭାରତ ଓ ଭାରତୀୟ ହେବାର ଗୌରବ ବୃଦ୍ଧି କରିଛନ୍ତି ।

ସଭାପତି ମହୋଦୟ, ସଦନର ଉପସଭାପତି ଦାୟିତ୍ୱ ବ୍ୟତୀତ ଶ୍ରୀ ହରିବଂଶ ରାଜ୍ୟସଭାର ଅନେକ ସମିତିର ଚେୟାରମ୍ୟାନ ରୂପେ କାର୍ଯ୍ୟ କରିଛନ୍ତି । ସେହି ସବୁ ସମିତିର ଅଧ୍ୟକ୍ଷ ହିସାବରେ ସବୁଗୁଡ଼ିକର କାର୍ଯ୍ୟପ୍ରଣାଳୀରେ ସେ ଉନ୍ନତି ଆଣିଛନ୍ତି ଓ ନିଜର ଭୂମିକାକୁ ପ୍ରଭାବୀ ରୂପରେ ରେଖାଙ୍କିତ କରିଛନ୍ତି । । ମୁଁ ଗତଥର ମଧ୍ୟ କହିଥିଲି, ଶ୍ରୀ ହରିବଂଶ ପୂର୍ବରୁ ଜଣେ ପତ୍ରକାର ହିସାବରେ ସେ 'ଆମ ସଂସଦ କିପରି ହେବା ଉଚିତ' (ହମାରା ସଂସଦ କୈସା ହୋ) ଏ ବିଷୟରେ ଏକ ମିଶନ ଚଳାଉଥିଲେ । ଜଣେ ସାଂସଦ ହେବା ପରେ ସେ ପ୍ରତ୍ୟେକ ସାଂସଦ କିପରି ଆଚରଣ ଏବଂ ବ୍ୟବହାରରେ କର୍ତ୍ତବ୍ୟନିଷ୍ଠ ହେବେ ସେଥିପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରଖିଛନ୍ତି ।

ସଭାପତି ମହୋଦୟ, ଶ୍ରୀ ହରିବଂଶ ସଂସଦର କାର୍ଯ୍ୟପ୍ରଣାଳୀ ଏବଂ ଦାୟିତ୍ୱ ସହିତ ଏକ ବୁଦ୍ଧିଜୀବୀ ତଥା ବିଚାରକ ରୂପେ ନିଜର କାର୍ଯ୍ୟ ଜାରି ରଖିଛନ୍ତି । ଏବେ ମଧ୍ୟ ସେ ଯେବେ ନିଜର ଘରକୁ ଯାଆନ୍ତି ସେଠାରେ ଭାରତର ଆର୍ଥିକ, ସାମାଜିକ, ସାମରିକ ଏବଂ ରାଜନୈତିକ ଡାକରାକୁ ସେ ଜାଗ୍ରତ କରନ୍ତି । ୟାଙ୍କ ଭିତରେ ଥିବା ଜଣେ ପତ୍ରକାର ଏବଂ ଲେଖକର ଆଦର୍ଶ ଏବେ ମଧ୍ୟ ଅନୁପ୍ରେରଣୀୟ । ସେ ଲେଖିଥିବା ଆମ ପୂର୍ବ ପ୍ରଧାନମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ଉପରେ ପର୍ଯ୍ୟବେସିତ ପୁସ୍ତକ ତାଙ୍କ ଉଚ୍ଚକୋଟୀର ଲେଖନୀ ଶୈଳୀର ପରିଚାୟକ । ଏହି ସଦନ ତଥା ଏହାର ସମସ୍ତ ସଦସ୍ୟଙ୍କର ସୌଭାଗ୍ୟ ଯେ ଉପସଭାପତି ରୂପରେ ଶ୍ରୀ ହରିବଂଶଙ୍କର ଦର୍ଶିତ ମାର୍ଗଦର୍ଶନ ମିଳିବାର ସୌଭାଗ୍ୟ ପ୍ରାପ୍ତି ହେବେ ।

ମାନନୀୟ ସଭାପତି ମହୋଦୟ, ଏହି ସଭାଗୃହ ନିଜର ୨୫୦ ତମ ଅଧିବେଶନର ଆଗକୁ ଗତି ଜାରି ରଖିଛି । ଏହି ଯାତ୍ରା ଗଣତନ୍ତ୍ର ରାସ୍ତାରେ ଆମର ପରିପକ୍ୱତାର ପ୍ରମାଣ ବହନ କରେ । ପୁଣି ଥରେ ଶ୍ରୀ ହରିବଂଶଙ୍କୁ ଏହି ମହତ୍ତ୍ୱପୂର୍ଣ୍ଣ ତଥା ବିଶାଳ ଦାୟିତ୍ୱର ନିର୍ବାହନ ନିମନ୍ତେ ଶୁଭକାମନା ଜଣାଉଛି । ଆପଣ ସୁସ୍ଥ ରୁହନ୍ତୁ, ଏହି ସଭା ଗୃହକୁ ସୁସ୍ଥ ବାତାବରଣରେ ଚଲାନ୍ତୁ, ଏହି ସଦନଠାରୁ ଆଶା କରାଯାଉଥିବା ସମସ୍ତ ବିଷୟ ପୁରଣ କରାନ୍ତୁ ଏହି ଆଶା ମୁଁ ବ୍ୟକ୍ତ କରୁଛି । ଶ୍ରୀ ହରିବଂଶଙ୍କ ମୁକାବିଲା କରିବା ଲାଗି ପ୍ରତିଦ୍ୱନ୍ଦୀ କରୁଥିବା ଶ୍ରୀ ମନୋଜ ଝାଙ୍କୁ ମଧ୍ୟ ମୁଁ ଶୁଭକାମନା ଜଣାଉଛି । ଗଣତନ୍ତ୍ରର ଗରିମା ନିମନ୍ତେ ନିର୍ବାଚନର ଏହି ପ୍ରକ୍ରିୟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ବିହାର ରାଜ୍ୟରୁ ଭାରତର ଗଣତନ୍ତ୍ରର ପରାକାଷ୍ଠା ମିଳିଥିଲା । ବୈଶାଳୀର ସେହି ପରମ୍ପରା, ବିହାରର ସେହି ଗୌରବ ସେହି ଆଦର୍ଶକୁ ଶ୍ରୀ ହରିବଂଶ ଏହି ସଭା ଗୃହ ମାଧ୍ୟମରେ ଆହୁରି ପରିଷ୍କୃତ କରିବେ, ଏଥିରେ ମୁଁ ନିଃସନ୍ଦେହ ।

ଏହି ସଭାଗୃହର ସବୁ ସମ୍ମାନନୀୟ ସଦସ୍ୟ, ନିର୍ବାଚନର ଏହି ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ମୁଁ ସେମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ପୁଣି ଥରେ ମୁଁ ଶ୍ରୀ ହରିବଂଶ ତଥା ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ବଧାଇ ଜଣାଉଛି । ଧନ୍ୟବାଦ ।

2021



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ମିଶନ 2.0 ଏବଂ ଅମୃତ 2.0 ଉନ୍ମୋଚିତ

"ସ୍ୱଚ୍ଛ ଭାରତ ଅଭିଯାନ ତଥା ଅମୃତମିଶନ
ସହ ସଂଲଗ୍ନ ଅଛି ଦେଶ ମାତୃକା ପାଇଁ
ଅଶେଷ ପ୍ରେମ,ଶ୍ରଦ୍ଧା ଓ ସମ୍ମାନ"

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ସମ୍ବନ୍ଧରେ  ରାଜ୍ୟସଭାରେ ପ୍ରଧାନମନ୍ତ୍ରୀ ଙ୍କ ବକ୍ତବ୍ୟ

8th February 2021

# ୦୮.୦୨.୨୦୨୧ ରାଜ୍ୟସ
# ଭା ପ୍ରଧାନମନ୍ତ୍ରୀଙ୍କ ବିବୃତି

ଆଦରଣୀୟ ସଭାପତି ମହାଶୟ,

ସମଗ୍ର ବିଶ୍ୱ ଅନେକ ଆହ୍ୱାନ ସହିତ ମୁକାବିଲା କରୁଛି । ବୋଧହୁଏ ଏହା କେହି ଚିନ୍ତା କରିନଥିବେ ଯେ ମାନବ ଜାତିକୁ ଏଭଳି କଠିନ ସମୟ ମଧ୍ୟରେ ଗତି କରିବାକୁ ପଡ଼ିବ । ଏଭଳି ଆହ୍ୱାନ ମଧ୍ୟରେ ଏହି ଦଶକର ପ୍ରାରମ୍ଭରେ ହିଁ ଆମର ଆଦରଣୀୟ ରାଷ୍ଟ୍ରପତି ମହୋଦାୟ ସଂସଦର ମିଳିତ ଅଧିବେସନରେ ନିଜର ଉଦ୍‌ବୋଧନ ଦେଲେ, ନୂତନ ଉତ୍ସାହ ସୃଷ୍ଟି କରିବା ଭଳି ଏବଂ ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରିବା ଭଳି ରାଷ୍ଟ୍ରପତି ମହୋଦୟଙ୍କର ଉଦ୍‌ବୋଧନ ଥିଲା, ଆତ୍ମନିର୍ଭର ଭାରତର ପଥ ଦେଖାଇବା ଭଳି ଆଉ ଏହି ଦଶକ ପାଇଁ ଏକ ପଥ ପ୍ରଶସ୍ତ କରିବା ଭଳି ରାଷ୍ଟ୍ରପତି ମହୋଦୟଙ୍କର ଉଦ୍‌ବୋଧନ ଥିଲା ।

ଆଦରଣୀୟ ସଭାପତି ମହାଶୟ,

ମୁଁ ରାଷ୍ଟ୍ରପତି ମହୋଦୟଙ୍କୁ ହୃଦୟର ସହିତ କୃତଜ୍ଞତା ଜଣାଇବା ପାଇଁ ଆଜି ଆପଣ ସମସ୍ତଙ୍କ ଗହଣରେ ଦଣ୍ଡାୟମାନ ହୋଇଛି । ରାଜ୍ୟସଭାରେ ପ୍ରାୟ ୧୩-୧୪ ଘଣ୍ଟା ପର୍ଯ୍ୟନ୍ତ ୫୦ରୁ ଅଧିକ ମାନନୀୟ ସଦସ୍ୟଗଣ ନିଜର ବିଚାର ରଖିଛନ୍ତି, ବହୁତ ମୂଲ୍ୟବାନ ବିଚାର ରଖିଛନ୍ତି, ଅନେକ ଦିଗ ବିଷୟରେ ନିଜର ବିଚାର ରଖିଛନ୍ତି । ଆଉ ଏଥିପାଇଁ ମୁଁ ସମସ୍ତ ଆଦରଣୀୟ ସଦସ୍ୟଙ୍କୁ ଏହି ଆଲୋଚନାକୁ ସମୃଦ୍ଧ କରିଥିବାରୁ ହୃଦୟର ସହିତ କୃତଜ୍ଞତା ଜଣାଉଛି । ଭଲ ହୋଇଥାନ୍ତା ଯଦି ରାଷ୍ଟ୍ରପତି ମହୋଦୟଙ୍କ ଭାଷଣ ଶୁଣିବା ପାଇଁ ମଧ୍ୟ ସମସ୍ତେ ଉପସ୍ଥିତ ଥାଆନ୍ତେ ତେବେ ଗଣତନ୍ତ୍ରର ଗାରିମା ଆହୁରି ବୃଦ୍ଧି ପାଇଥାଆନ୍ତା ଏବଂ ଆମ ସମସ୍ତଙ୍କ ମଧ୍ୟରେ କେବେହେଲେ ମଧ୍ୟ କୌଣସି ଆପତ୍ତି ଅଭିଯୋଗ ରହିନଥାନ୍ତା ଯେ ଆମେ ରାଷ୍ଟ୍ରପତି ମହୋଦୟଙ୍କ ଭାଷଣ ଶୁଣିନଥିଲୁ । କିନ୍ତୁ ରାଷ୍ଟ୍ରପତି ମହୋଦୟଙ୍କ ଭାଷଣର ଶକ୍ତି ଏତେ ଥିଲା ଯେ ନ ଶୁଣିବା ପରେ ମଧ୍ୟ ବହୁତ କିଛି କରି ପାରିଲେ । ଏହା ନିଜକୁ

ନିଜ ମଧ୍ୟରେ ସେହି ଭାଷଣର ଶକ୍ତି ଥିଲା ? ସେହି ବିଚାରର ଶକ୍ତି ଥିଲା, ସେହି ଆଦର୍ଶର ଶକ୍ତି ଥିଲା ଯେଉଁ କାରଣରୁ ନଶୁଣିଲା ପରେ ମଧ୍ୟ କଥା ପହଞ୍ଚିଗଲା ? ଆଉ ଏଥିପାଇଁ ମୁଁ ବୁଝିପାରୁଛି ଏହି ଭାଷଣର ମୂଲ୍ୟ ଅନେକ ଗୁଣ ହୋଇଯାଇଥାଏ ।

ଆଦରଣୀୟ ସଭାପତି ମହାଶୟ,

ଯେପରି ମୁଁ କହିଲି, ଅନେକ ଆହ୍ୱାନ ମଧ୍ୟରେ ରାଷ୍ଟ୍ରପତି ମହୋଦୟଙ୍କର ଏହା ହିଁ ଦଶକର ପ୍ରଥମ ଭାଷଣ ଥିଲା । କିନ୍ତୁ ଏହାମଧ୍ୟ ଠିକ୍ ଯେ ଯେତେବେଳେ ଆମେ ସମ୍ପୂର୍ଣ୍ଣ ବିଶ୍ୱ ସମ୍ପର୍କରେ ଦେଖୁଛେ, ଭାରତର ଯୁବମାନଙ୍କୁ ଦେଖୁଛେ ତେବେ ଏଭଳି ଅନୁଭବ ହେଉଛି ଯେ ଆଜି ଭାରତ ପ୍ରକୃତ ଅର୍ଥରେ ଏକ ସୁଯୋଗର ଭୂମି ପାଲଟି ଯାଇଛି । ଅନେକ ସୁଯୋଗ ଆମର ପ୍ରତିକ୍ଷା କରି ରହିଛି। ଆଉ ଏଥିପାଇଁ ଦେଶର ଯେଉଁ ଯୁବକ ଅଛନ୍ତି, ଯେଉଁ ଦେଶ ଉତ୍ସାହରେ ଭରିହୋଇ ରହିଛି, ଯେଉଁ ଦେଶ ଅନେକ ସ୍ୱପ୍ନକୁ ନେଇକରି ସଂକଳ୍ପର ସହିତ ସିଦ୍ଧିକୁ ପ୍ରାପ୍ତ କରିବା ପାଇଁ ପ୍ରୟାସରତ ଅଛି, ସେହି ଦେଶ ଏହି ସୁଯୋଗକୁ କେବେ କଥା ଦେବନାହିଁ। ଆମ ସମସ୍ତଙ୍କ ପାଇଁ ମଧ୍ୟ ଏକ ସୁଯୋଗ ଅଛି ଯେ ଆମେ ସ୍ୱାଧୀନତାର ୭୫ ବର୍ଷରେ ପ୍ରବେଶ କରୁଛେ । ଏହା ହେଉଛି ଏକ ପ୍ରେରଣାଦାୟୀ ସୁଯୋଗ । ଆମେ ଯେଉଁଠାରେ ଅଛେ, ଯେଉଁ ରୂପରେ ଅଛେ, ଭାରତମାତାଙ୍କ ସନ୍ତାନ ଭାବେ ଏହି ସ୍ୱାଧୀନତାର ୭୫ ବର୍ଷ ପୂରଣ ପର୍ବକୁ ଆମେ ପ୍ରେରଣାର ପର୍ବ କରିବା ଉଚିତ୍ । ଦେଶକୁ ଆଗାମୀ ବର୍ଷଗୁଡ଼ିକ ପାଇଁ ପ୍ରସ୍ତୁତ କରିବା ନିମନ୍ତେ କିଛି ନା କିଛି କରିଯିବା ଉଚିତ୍ । ଆଉ ୨୦୪୭ରେ ଦେଶ ଯେତେବେଳେ ସ୍ୱାଧୀନତାର ଶତାବ୍ଦୀ ପାଳନ କରିବ, ସେତେବେଳେ ଆମ ଦେଶକୁ କେଉଁଠାକୁ ନେଇଯିବା, ସେଇ ସ୍ୱପ୍ନକୁ ଆମେ ବାରମ୍ବାର ଦେଖିବା ଉଚିତ୍ । ଆଜି ସମଗ୍ର ବିଶ୍ୱର ଦୃଷ୍ଟି ଭାରତ ଉପରେ ଅଛି, ଭାରତଠାରୁ ଆଶା ମଧ୍ୟ ଅଛି ଏବଂ ଲୋକମାନଙ୍କ ମଧ୍ୟରେ ଏକ ବିଶ୍ୱାସ ମଧ୍ୟ ଅଛି ଯେ ଯଦି ଭାରତ ଏହା କରିନେବ, ତେବେ ବିଶ୍ୱର ବହୁତଗୁଡ଼ିଏ ସମସ୍ୟାର ସମାଧାନ ମଧ୍ୟ ତା' ମାଧ୍ୟମରେ ହୋଇଯିବ, ଏହି ବିଶ୍ୱାସ ଆଜି ବିଶ୍ୱରେ ବୃଦ୍ଧି ପାଇବାରେ ଲାଗିଛି।

ଆଦରଣୀୟ ସଭାପତି ମହାଶୟ,

ଯେତେବେଳେ ମୁଁ ସୁଯୋଗ ବିଷୟରେ ଚର୍ଚ୍ଚା କରୁଛି, ସେତେବେଳେ ମହାକବି ମୈଥିଲିଶରଣ ଗୁପ୍ତା ମହାଶୟଙ୍କର କବିତାଙ୍କ ମୁଁ ଉଦ୍ଧାର କରିବାକୁ ଚାହିଁବି। ଗୁପ୍ତା ମହାଶୟ କହିଥିଲେ- ଏହା ମୈଥିଲିଶରଣ ଗୁପ୍ତ ମହାଶୟ ଲେଖିଥିଲେ । କିନ୍ତୁ ମୁଁ ଚିନ୍ତା କରିଥିଲି ଏହି ସମୟରେ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯଦି ତାଙ୍କୁ ଲେଖିବାକୁ ପଡ଼ିଥାନ୍ତା, ତେବେ କ'ଣ ଲେଖିଥା'ନ୍ତେ- ମୁଁ କଳ୍ପନା କରୁଥିଲି ଯେ ସେ ଲେଖିଥା'ନ୍ତେ-

ଅବସର ତେରେ ଲିୟେ ଘଡ଼ା ହୈ,

ତୁ ଆତ୍ମବିଶ୍ୱାସ ସେ ଭରା ପଡ଼ା ହୈ ।

ହର୍ ବାଧା ହର ବନ୍ଧଶକୋ ତୋଡ୍,

ଅରେ ଭାରତ, ଆତ୍ମନିର୍ଭରତା କେ ପଥ୍ ପର୍ ଦୌଡ୍ ।।

ଆଦରଣୀୟ ସଭାପତି ମହାଶୟ,

କରୋନା ସମୟରେ କିଭଳି ଭାବେ ବୈଶ୍ୱିକ ପରିସ୍ଥିତି ସୃଷ୍ଟି ହୋଇଥିଲା, କେହି କାହାକୁ ସହାୟତା କରି ପାରିବେ- ଏହା ଅସମ୍ଭବ ହୋଇଗଲା । ଗୋଟିଏ ଦେଶ ଅନ୍ୟ ଦେଶକୁ ସହାୟତା କରିପାରିଲେ ନାହିଁ । ଗୋଟିଏ ରାଜ୍ୟ ଅନ୍ୟ ରାଜ୍ୟକୁ ସହାୟତା କରିପାରିଲା ନାହିଁ । ଏପରିକି ଗୋଟିଏ ପରିବାରର ଜଣେ ସଦସ୍ୟ ଅନ୍ୟ ପରିବାରର ସଦସ୍ୟଙ୍କୁ ସହାୟତା କରିପାରିଲେ ନାହିଁ; ଏଭଳି ବାତାବରଣ କରୋନା ଯୋଗୁଁ ସୃଷ୍ଟି ହେଲା । ଭାରତ ପାଇଁ ବିଶ୍ୱ ବହୁତ ଆଶଙ୍କା ସୃଷ୍ଟି କରିଥିଲା । ବିଶ୍ୱ ବହୁତ ଚିନ୍ତିତ ଥିଲା ଯେ କରୋନାର ଏହି ମହାମାରୀରେ ଯଦି ଭାରତ ନିଜକୁ ନିଜେ ସମ୍ଭାଳି ପାରିଲା ନାହିଁ, ତେବେ ନା କେବଳ ଭାରତ, ବରଂ ସମଗ୍ର ମାନବ ଜାତି ପାଇଁ ଏତେ ବଡ଼ ସଂକଟ ଆସିଯିବ ଏଭଳି ଆଶଙ୍କା ସୃଷ୍ଟି ହୋଇଥିଲା । କୋଟି-କୋଟି ଲୋକ ଫସିଯିବେ, ଲକ୍ଷ ଲକ୍ଷ ଲୋକ ମରିଯିବେ । ଆମର ଏଠାରେ ମଧ୍ୟ ଡରାଇବା ପାଇଁ ବହୁତ ପ୍ରକାରର କଥା ଆଲୋଚନା ହେଲା । ଆରେ, ଇଏ କ'ଣ ହେଲା ? ଏହା ଆମର ପ୍ରଶ୍ନ ନୁହେଁ, କାରଣ ଏକ

ଅଦୃଶ୍ୟ ଶତ୍ରୁ କ'ଣ କରିପାରିବ, କାହାର ଅନୁମାନ ନଥିଲା, ପ୍ରତ୍ୟେକ ନିଜ ନିଜ ଶୈଳୀରେ ଆକଳନ କରିଥିଲେ । କିନ୍ତୁ ଭାରତ ନିଜ ଦେଶର ନାଗରିକଙ୍କ ରକ୍ଷା କରିବା ପାଇଁ ଏକ ଅଜଣା ଶତ୍ରୁ ସହିତ, ଯାହାର କୌଣସି ପୂର୍ବ ପରମ୍ପରା ନଥିଲା, ଏଭଳି କଥାକୁ ଏପରି ଭାବେ ମୁକାବିଲା କରାଯାଇପାରିବ, ଏଥିପାଇଁ ଏହି ପ୍ରୋଟୋକଲ ହୋଇପାରେ, କିଛି ଜଣାନଥିଲା ।

ଏକ ନୂତନ ଉପାୟରେ, ନୂତନ ଚିନ୍ତାଧାରା ସହିତ ପ୍ରତ୍ୟେକଙ୍କୁ ଚଳାଇବାର ଥିଲା । ହୋଇପାରେ କିଛି ବିଦ୍ୱାନ, ସାମର୍ଥ୍ୟବାନ ଲୋକଙ୍କ ଆଉ କିଛି ବିଚାର ହୋଇପାରିଥାଏ କିନ୍ତୁ ସେ ଅଦୃଶ୍ୟ ଶତ୍ରୁ ଥିଲା ଆଉ ଆମକୁ ରାସ୍ତା ମଧ୍ୟ ଖୋଜିବାର ଥିଲା । ରାସ୍ତା ମଧ୍ୟ ନିର୍ମାଣ କରିବାର ଥିଲା ଏବଂ ଲୋକମାନଙ୍କୁ ବଞ୍ଚାଇବାର ଥିଲା । ସେହି ସମୟରେ ଈଶ୍ୱର ଯାହା ବୁଦ୍ଧି, ଶକ୍ତି, ସାମର୍ଥ୍ୟ ଦେଲେ, ଏହି ଦେଶ ତାହାକୁ ଆପଣାଇ ଦେଶକୁ ବଞ୍ଚାଇବାରେ ଭରପୂର କାର୍ଯ୍ୟ କରିଛି । ଆଉ ଏବେ ବିଶ୍ୱ ଏହି କଥାକୁ ନେଇ ଗୌରବ ଅନୁଭବ କରୁଛି ଯେ ବାସ୍ତବରେ ଭାରତ ବିଶ୍ୱର ମାନବଜାତିକୁ ବଞ୍ଚାଇବାରେ ବହୁତ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଛି ? ବିଶ୍ୱ ସାମ୍ନାରେ ଆତ୍ମବିଶ୍ୱାସର ସହିତ କହିବାରେ କ'ଣ ଅଛି ? ଏହି ଦେଶ ହିଁ କରିଛି । ଗରିବରୁ ଅତି ଗରିବ ବ୍ୟକ୍ତି ଏହି କଥାକୁ କରିଛନ୍ତି । ସେହି ସମୟରେ ସାମାଜିକ ଗଣମାଧ୍ୟମରେ ଦେଖାଗଲା ଫୁଟ୍‌ପାଥରେ ଏକ ଛୋଟ କୁଡ଼ିଆ ଘର କରି ବସିଥିବାଏକ ବୁଢ଼ୀମା' ମଧ୍ୟ ଘର ବାହାରେ, କୁଡ଼ିଆ ବାହାରେ ଦୀପ ଜଳାଇ ଭାରତ ପାଇଁ ଶୁଭ କାମନା କରିଥିଲା, ଆମେ ତାହାକୁ ପରିହାସରେ ଉଡ଼ାଇ ଦେଉଛୁ । ତାହାର ଭାବନାକୁ ଥଟ୍ଟାରେ ଉଡ଼ାଇ ଦେଉଛୁ । ସମୟ ରହିଛି, ଯିଏ କେବେ ସ୍କୁଲର ଦରଜା ଦେଖିନଥିଲା, ତା ମନରେ ମଧ୍ୟ ଦେଶପାଇଁ ଯେଉଁ ଭାବନା ଥିଲା, ସେମାନେ ମଧ୍ୟ ଦେଶ ପାଇଁ ଦୀପ ଜଳାଇ ନିଜର ଦେଶ ସେବା, ଏହି ଭାବନାର ସହିତ କଲେ ଯେ ସେମାନେ ଦେଶପାଇଁ ଏକ ସାମୁହିକ ଶକ୍ତିକୁ ଜାଗ୍ରତ କରିଥିଲେ । ନିଜର ଶକ୍ତିର, ସାମର୍ଥ୍ୟର ପରିଚୟ ଦେଇଥିଲେ । କିନ୍ତୁ ତାହାକୁ ମଧ୍ୟ ପରିହାସ କରି ଉଡ଼ାଇ ଦେବାରେ ମଜା ଆସୁଥିଲା । ବିରୋଧ କରିବା ପାଇଁ ଅନେକ ପ୍ରସଙ୍ଗ ଅଛି ଆଜ୍ଞା, ଆଉ ବିରୋଧ କରିବା ମଧ୍ୟ ଦରକାର । କିନ୍ତୁ ଏଭଳି କଥାରେ

ଫସନ୍ତୁ ନାହିଁ, ଯାହା ଦେଶର ମନୋବଳକୁ ଭାଙ୍ଗି ଦେଇଥାଏ, ଯାହା ଦେଶର ସାମର୍ଥ୍ୟକୁ ନିଚ୍ଚା ଦେଖାଇଥାଏ, ସେଥିରେ କେବେ ଲାଭ ହୋଇ ନଥାଏ ।

ଆମର କରୋନା ଯୋଦ୍ଧା, ଆମର ଆଗଧାଡ଼ିର କର୍ମଚାରୀ ବହୁତ କାମ କରିଛନ୍ତି । ଆପଣ କଳ୍ପନା କରିପାରିବେ ଆଜ୍ଞା ଯେତେବେଳେ ଚାରିଆଡେ ଭୟ ଥିଲା ଯେ ଯେକୌଣସି ବ୍ୟକ୍ତିକୁ କରୋନା ହୋଇଯିବ, ସେଭଳି ସମୟରେ ଡ୍ୟୁଟି କରିବା, ନିଜ ଦାୟିତ୍ୱକୁ ତୁଲାଇବା, ଏକ ଛୋଟକଥା ନୁହେଁ । ଏହା ଉପରେ ଗର୍ବ କରିବା ଉଚିତ୍, ସେମାନଙ୍କୁ ଆଦର କରିବା ଦରକାର ଏବଂ ସେହି ସମସ୍ତଙ୍କର ପ୍ରୟାସର ପରିଣାମ ହେଉଛି ଦେଶ ଆଜି ଯାହା କରି ଦେଖାଇଲା । ଆମେ ଟିକେ ଅତୀତ ଆଡକୁ ଦେଖିବା, ଏହା ଆଲୋଚନା ପାଇଁ ନୁହେଁ, ସେହି ପରିସ୍ଥିତି ସହିତ ଆମେ ଜୀଇଁଯାଇଛେ । ଯେବେ ହାଡଫୁଟିର କଥା କୁହାଯାଉଥିଲା, କେତେ ପରିମାଣରେ ଭୟ ବଢ଼ି ଯାଉଥିଲା । ପୋଲିସ କେତେ ଭୟଙ୍କର ଲାଗୁଥିଲା, ତାହାର ଟିକା ପାଇବା ପାଇଁ କ'ଣ କ'ଣ ପରିଶ୍ରମ କରିବାକୁ ପଡ଼ିଥିଲା, କେତେ କଷ୍ଟ ଉଠାଇବାକୁ ପଡ଼ିଥିଲା । ମିଳିବ କେବେ ମିଳିବ, କେତେ ମିଳିବ, କିପରି ମିଳିବ, କିପରି ନେବାକୁ ହେବ, ଏହିପରି ଦିନ ଆମେ ବିତାଇଛେ । ଏଭଳି ସ୍ଥିତିରେ ଯଦି ଆମେ ସେହି ଦିନକୁ ମନେ ପକାଇବା ତେବେ ଜଣାପଡ଼ିବ, ଆଜି ଯାହାକୁ ତୃତୀୟ ବିଶ୍ୱର ଦେଶ ଭାବେ ଗଣାଯାଉଛି, ସେହି ଦେଶ ମାନବ ଜାତିର କଲ୍ୟାଣ ପାଇଁ ଟିକା ନେଇ ଆସିଗଲେ । ଏତେ କମ ସମୟରେ ମିଶନ ମୋଡ଼ରେ ଆମର ବୈଜ୍ଞାନିକମାନେ ଏକାଠି ହୋଇ ଲାଗିଛନ୍ତି, ଏହା ମାନବ ଜାତିର ଇତିହାସରେ ଭାରତର ଯୋଗଦାନର ହେଉଛି ଏକ ଗୌରବପୂର୍ଣ୍ଣ ଗାଥା । ଏହାକୁ ନେଇ ଆମେ ଗର୍ବ କରିବା ଏବଂ ସେଥିରେ ନୂତନ ଆତ୍ମବିଶ୍ୱାସର ପ୍ରେରଣା ମଧ୍ୟ ଜାଗ୍ରତ ହେବ । ଆମେ ସେହି ନୂତନ ଆତ୍ମବିଶ୍ୱାସର ପ୍ରେରଣାକୁ ଜାଗ୍ରତ କରିବା ପାଇଁ ଏଭଳି ପ୍ରୟାସକୁ ନେଇ ଆଜି ଦେଶ ଗର୍ବ କରୁଛି ଯେ ବିଶ୍ୱର ସବୁଠାରୁ ବଡ଼ ଟିକାକରଣ ଅଭିଯାନ ଏହି ଦେଶରେ ଚାଲୁରହିଛି । ବିଶ୍ୱରେ ଦ୍ରୁତଗତିରେ ଟିକାକରଣ ଆଜି ଯଦି କେଉଁଠାରେ ହେଉଛି ତେବେ ତାହା ଆମ ସମସ୍ତଙ୍କର

ମାଆ ଭାରତର କୋଳରେ ହେଉଛି । ଆଉ ଭାରତରଏହି ସାମର୍ଥ୍ୟ କେଉଁଠାରେ ନ ପହଞ୍ଚିଛି ?

ଆଜି କରୋନା ଭାରତକୁ ଦୁନିଆ ସହିତ ସମ୍ପର୍କର ଏକ ନୂତନ ଶକ୍ତି ପ୍ରଦାନ କରିଛି । ଯେତେବେଳେ ପ୍ରାରମ୍ଭିକ ଅବସ୍ଥାରେ ଯେଉଁ ଔଷଧ କାର୍ଯ୍ୟ କରିବ ତାହା ଜଣାନଥିଲା, ଟିକା ନଥିଲା, ସେତେବେଳେ ସମଗ୍ର ବିଶ୍ୱର ଧ୍ୟାନ ଭାରତର ଔଷଧ ଉପରକୁ ଯାଇଥିଲା । ବିଶ୍ୱରେ ଫାର୍ମାସିସର କେନ୍ଦ୍ର ଭାବରେ ଭାରତ ବିକଶିତ ହୋଇଆସିଛି। ୧୫୦ ଦେଶରେ ଔଷଧ ପହ ।ଇବାର କାର୍ଯ୍ୟ ସେଇ ସଙ୍କଟ ସମୟରେ ମଧ୍ୟ ଏହି ଦେଶ କରିଛି । ମାନବ ଜାତିର ରକ୍ଷା ପାଇଁ ଆମେ ପଛଘୁଞ୍ଚା ଦେଲୁନାହିଁ । ଏତିକି ନୁହେଁ, ଏହି ସମୟରେ ଟିକା ସମ୍ବନ୍ଧରେ ମଧ୍ୟ ବିଶ୍ୱ ବଡ଼ ଗର୍ବର ସହିତ କହୁଛି କି ଆମ ପାଖକୁ ଭାରତର ଟିକା ଆସିଯାଇଛି । ଆମ ସମସ୍ତଙ୍କୁ ଜଣାଅଛି ଯେ ବିଶ୍ୱର ବଡ଼ ବଡ଼ ହସ୍ପିଟାଲରେ ମଧ୍ୟ ବଡ଼ ବଡ଼ ଲୋକଙ୍କୁ ଯେତେବେଳେ ଅସ୍ତ୍ରୋପଚାର କରାଇବାକୁ ଯାଇଥାନ୍ତି, କୌଣସି ବଡ଼ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋପଚାର ଆଉ ଅପରେସନ ଥିଏଟରକୁ ଯିବା ପରେ ପ୍ରକ୍ରିୟା ଆରମ୍ଭ ହେବା ସେମାନଙ୍କର ଆଖି ଖୋଜିଥାଏ, ଯେକୌଣସି ହିନ୍ଦୁସ୍ତାନୀ ଡାକ୍ତର ଅଛନ୍ତି ନା ନାହିଁ । ଆଉ ଯେତେବେଳେ ଡାକ୍ତରୀ ଦଳ ମଧ୍ୟରେ ଜଣେ ଅଧେ ମଧ୍ୟ ହିନ୍ଦୁସ୍ତାନୀ ଡାକ୍ତରଙ୍କୁ ଦେଖିଥାଆନ୍ତି ତାଙ୍କର ବିଶ୍ୱାସ ହୋଇଯାଇଥାଏ, ଯେ ଏବେ ଅସ୍ତ୍ରୋପଚାର ଠିକ୍ ହେବ । ଏହି ଦେଶ ଏହି ଗୌରବ ଅର୍ଜନ କରିଛି । ଏହାକୁ ନେଇ ଆମକୁ ଗର୍ବ କରିବା ଉଚିତ୍ । ଆଉ ଏଥିପାଇଁ ଏହି ଗୌରବକୁ ନେଇ ଆମକୁ ଆଗକୁ ବଢ଼ିବାର ଅଛି ।

ଏହି କରୋନାରେ ଯେଭଳି ବୈଶ୍ୱିକ ସମ୍ବନ୍ଧରେ ଭାରତ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି, ନିଜର ସ୍ଥାନ ସୃଷ୍ଟି କରିଛି, ସେହିଭଳି ଭାରତ ଆମର ସଂଘୀୟ ବ୍ୟବସ୍ଥାରେ ଏହି କରୋନା ସମୟରେ ଆମର ଅନ୍ତର ଶକ୍ତି କ'ଣ ଅଛି, ସଂକଟ ସମୟରେ ଆମେ କିଭଳି ମିଳିମିଶି କାର୍ଯ୍ୟ କରିପାରୁ, ଗୋଟିଏ ଦିଗରେ ସମସ୍ତ ଶକ୍ତିକୁ ଲଗାଇ ଆମେ କିପରି ପ୍ରୟାସ କରିପାରୁ; ଏହା କେନ୍ଦ୍ର ଏବଂ ରାଜ୍ୟ ମିଳିମିଶି ଦେଖାଇଛନ୍ତି । ମୁଁ ରାଜ୍ୟଗୁଡ଼ିକୁ ମଧ୍ୟ, କାରଣ ସଦନରେ ରାଜ୍ୟଗୁଡ଼ିକର ନିଜସ୍ୱ ଶକ୍ତି ରହିଥାଏ ଆଉ ସେଥିପାଇଁ ଏହି

ସଦନରେ ମୁଁ ବିଶେଷ ଭାବେ ଅଭିନନ୍ଦନ ଜଣାଉଛି ଏବଂ ସହଯୋଗୀ ସଂଘୀୟ ବ୍ୟବସ୍ଥାକୁ ଶକ୍ତି ଦେବାର କାର୍ଯ୍ୟ, ଏହି କରୋନା ସଂକଟକୁ ସୁଯୋଗରେ ପରିବର୍ତ୍ତନ କରିବାର କାର୍ଯ୍ୟ ଆମର ରାଜ୍ୟଗୁଡ଼ିକ ମଧ୍ୟ କରିଛନ୍ତି । ଏଥିପାଇଁ ସମସ୍ତେ ହେଉଛନ୍ତି ଅଭିନନ୍ଦନର ଅଧିକାରୀ । ଏଠାରେ ଗଣତନ୍ତ୍ରକୁ ନେଇ ଅନେକ ଉପଦେଶ ଦିଆଯାଇଛି। ବହୁତ କିଛି କୁହାଯାଇଛି। କିନ୍ତୁ ମୁଁ ମାନିବାକୁ ପ୍ରସ୍ତୁତ ନୁହେଁ ଯେଉଁ କଥା କୁହାଯାଇଛି, ଦେଶର କୌଣସି ମଧ୍ୟ ନାଗରିକ ଏହା ଉପରେ ଭରସା କରିବେ । ଭାରତର ଗଣତନ୍ତ୍ର ଏଭଳି ନୁହେଁ ଯେ, ଯାହାର ଚମଡ଼ା ଆମେ ଏଭଳି ଭାବେ ଛାଲି ପାରିବା । ଏଭଳି ଭୁଲ ଆମେ କରିବା ନାହିଁ ଆଉ ମୁଁ ଶ୍ରୀମାନ ଡେରେକ ମହାଶୟଙ୍କ କଥା ଶୁଣୁଥିଲି, ବଢ଼ିଆ ବଢ଼ିଆ ଶବ୍ଦର ପ୍ରୟୋଗ ସେ କରୁଥିଲେ। ବାକ୍ ସ୍ୱାଧୀନତା, ଭୟ, ହାଉଣ୍ଡି ଭଳି ଶବ୍ଦ ଯେତେବେଳେ ମୁଁ ଶୁଣୁଥିଲି ସେତେବେଳେ ଲାଗୁଥିଲା ଯେ, ଇଏ ବଙ୍ଗଳାର କଥା କହୁଛନ୍ତି ନା ଦେଶର କଥା କହୁଛନ୍ତି ? ସ୍ୱାଭାବିକ କଥା ଚବିଶ ଘଣ୍ଟା ତାହା ଦେଖୁଛନ୍ତି, ତାହା ହିଁ ଶୁଣୁଛନ୍ତି ତେଣୁ ସେହି କଥା ବୋଧହୁଏ ଭୁଲରେ ଏଠାରେ କହି ଦେଇଥିବେ । କଂଗ୍ରେସର ଆମର ବାଜୱା ସାହେବ ମଧ୍ୟ ବହୁତ ଭଲ କଥା କହୁଥିଲେ ଏଥର, ଆଉ ଏତେ ଦୀର୍ଘ ଭାବେ ଟାଣି ଓଟରା କହୁଥିଲେ ଯେ ମୋତେ ଲାଗୁଥିଲା ବାସ୍ ଏବେ ଟିକେ ପରେ ଜରୁରୀ ପରିସ୍ଥିତି ପର୍ଯ୍ୟନ୍ତ ପହଞ୍ଚିଯିବେ । ମୋତେ ଲାଗୁଥିଲା ଟିକେ ପରେ, ଗୋଟିଏ ପାଦ ବାକି ଅଛି, ସେ ୮୪ ପର୍ଯ୍ୟନ୍ତ ପହଞ୍ଚିଯିବେ, କିନ୍ତୁ ସେ ସେପର୍ଯ୍ୟନ୍ତ ଗଲେ ନାହିଁ । ଛାଡନ୍ତୁ, କଂଗ୍ରେସ ଦେଶକୁ ବହୁତ ନିରାଶ କରିଥାଏ, ଆପଣମାନେ ମଧ୍ୟ ନିରାଶ କରିଦେଲେ ।

ମାନନୀୟ ସଭାପତି ମହାଶୟ,

ମୁଁ ଏକ ଆପ୍ତବାକ୍ୟ ସଦନ ସାମ୍ନାରେ ରଖିବାକୁ ଚାହୁଁଛି ଆଉ ବିଶେଷ କରି ଗଣତନ୍ତ୍ର ଉପରେ ଯେଉଁମାନେ ପ୍ରଶ୍ନ ଉଠାଉଛନ୍ତି, ଭାରତର ମୌଳିକ ଶକ୍ତି ଉପରେ ଯେଉଁମାନେ ପ୍ରଶ୍ନ ଉଠାଇଛନ୍ତି, ସେମାନଙ୍କୁ ମୁଁ ବିଶେଷ ଅନୁରୋଧ କରିବି ଯେ ଏହାକୁ ବୁଝିବାକୁ ପ୍ରୟାସ କରନ୍ତୁ। 'ଆମର ଗଣତନ୍ତ୍ର କୌଣସି ପ୍ରକାରରେ ମଧ୍ୟ ବିଦେଶୀ ସଂସ୍ଥାନ ନୁହେଁ । ଏହା ହେଉଛି ଏକ ମାନବୀୟ ସଂସ୍ଥାନ । ଭାରତର ଇତିହାସ ଗଣତାନ୍ତ୍ରିକ ସଂସ୍ଥାନଗୁଡ଼ିକର

ଉଦାହରଣରେ ଭରି ରହିଛି। ପ୍ରାଚୀନ ଭାରତରେ ୮୧ ଗଣତନ୍ତ୍ରର ବର୍ଣ୍ଣନା ଆମକୁ ମିଳିଥାଏ । ଆଜି ଦେଶବାସୀଙ୍କୁ ଭାରତର ରାଷ୍ଟ୍ରବାଦ ଉପରେ ଚତୁର୍ଦ୍ଦିଗରୁ ହେଉଥିବା ଆକ୍ରମଣ ସମ୍ପର୍କରେ ସଚେତନ କରିବା ଜରୁରୀ । ଭାରତର ରାଷ୍ଟ୍ରବାଦ ହେଉଛି ନା ସଂକୀର୍ଣ୍ଣ ନା ସ୍ୱାର୍ଥୀ ଆଉ ନା  ଆକ୍ରମଣାତ୍ମକ ଏହା ସତ୍ୟମ ଶିବମ ସୁନ୍ଦରମର ମୂଲ୍ୟବୋଧ ଦ୍ୱାରା ଅନୁପ୍ରେରିତ'।

ଆଦରଣୀୟ ସଭାପତି ମହାଶୟ,

ଏହି ଆପ୍ତବାକ୍ୟ ହେଉଛି ଆଜାଦ ହିନ୍ଦ ଫୌଜର ପ୍ରଥମ ସରକାରର ପ୍ରଥମ ପ୍ରଧାନମନ୍ତ୍ରୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର । ଆଉ ସଂଯୋଗବଶତଃ ଆମେ ନେତାଜୀଙ୍କର ୧୨୫ତମ ଜୟନ୍ତୀ ଏବେ ପାଳନ କରୁଛେ । କିନ୍ତୁ ଦୁର୍ଭାଗ୍ୟବଶତଃ ଜାଣତରେ ଅବା ଅଜାଣତରେ ଆମେ ନେତାଜୀଙ୍କର ଏହି ଭାବନାକୁ, ନେତାଙ୍କର ଏହି ବିଚାରକୁ, ନେତାଜୀଙ୍କର ଏହି ଆଦର୍ଶକୁ ଭୁଲିଯାଇଛୁ । ଆଉ ଏହାର ପରିଣାମ ହେଉଛି ଆଜି ଆମେ ହିଁ ଆମକୁ ଦୋଷ ଦେବାରେ ଲାଗିଛୁ । ମୁଁ କେବେ କେବେ ଆଶ୍ଚର୍ଯ୍ୟ ହୋଇଯାଉଛି ବିଶ୍ୱ ଆମକୁ ଯେଉଁ ଶବ୍ଦ ଧରାଇ ଦେଉଛି, ଆମେ ତାହାକୁ ଧରି ଆଗେଇ ଚାଲିଛୁ । ବିଶ୍ୱର ସବୁଠାରୁ ବୃହତ ଗଣତନ୍ତ୍ର, ଶୁଣିବାକୁ ଆମକୁ ଭଲ ଲାଗୁଛି, ହଁ ବନ୍ଧୁମାନେ, ଭାରତ ହେଉଛି ବିଶ୍ୱର ସବୁଠାରୁ ବଡ଼ ଗଣତନ୍ତ୍ର । କିନ୍ତୁ ଆମେ ନିଜର ଯୁବପିଢ଼ିକୁ ଏହା ଶିକ୍ଷା ଦେଲେ ନାହିଁ ଯେ ଭାରତ, ହେଉଛି ଗଣତନ୍ତ୍ରର ଜନନୀ । ଆମେ କେବଳ ବୃହତ ଗଣତନ୍ତ୍ର କେବଳ ନୁହେଁ, ଏହି ଦେଶ ହେଉଛି ଗଣତନ୍ତ୍ରର ଜନନୀ । ଏହି କଥାକୁ ଆମକୁ ଆମର ଆଗାମୀ ପିଢ଼ିକୁ ଦେଖାଇବାକୁ ହେବ ଏବଂ ଆମକୁ ଗର୍ବର ସହିତ ଏହି କଥା କହିବାକୁ ହେବ, କାରଣ ଆମର ପୂର୍ବପୁରୁଷମାନେ ପରମ୍ପରା ଆଧାରରେ ଏହା ଆମକୁ ଦେଇଛନ୍ତି । ଭାରତର ଶାସନ ବ୍ୟବସ୍ଥା ହେଉଛି ଗଣତନ୍ତ୍ରିକ କେବଳ ଏହି କାରଣରୁ ଆମେ ଗଣତାନ୍ତ୍ରିକ ଦେଶର ବୋଲି ନୁହେଁ । ଭାରତର ସଂସ୍କୃତି, ଭାରତର ସଂସ୍କାର, ଭାରତର ପରମ୍ପରା, ଭାରତର ମନ ହେଉଛି ଗଣତାନ୍ତ୍ରିକ, ଆଉ ଏଥିପାଇଁ ଆମର ବ୍ୟବସ୍ଥା

ହେଉଛି ଗଣତାନ୍ତ୍ରିକ। ଏହା ହେଉଛି, ଏଥିପାଇଁ ଏହା ହେଉଛି, ଏପରି ନୁହେଁ । ମୂଳତଃ ଆମେ ହେଉଛୁ ଗଣତାନ୍ତ୍ରିକ । ଆଉ ଏହା ଦେଶର କସୌଟି ମଧ୍ୟ ହୋଇଯାଇଛି ।

ଜରୁରିକାଳୀନ ପରିସ୍ଥିତିର ସେହି ଦିନକୁ ମନେପକାନ୍ତୁ, ନ୍ୟାୟପାଳିକାର ଅବସ୍ଥା କ'ଣ ଥିଲା, ମିଡିଆର ଅବସ୍ଥା କ'ଣ ଥିଲା, ଶାସନ ଅବସ୍ଥା କ'ଣ ଥିଲା । ସବୁକିଛି ଜେଲଖାନାରେ ପରିବର୍ତ୍ତିତ ହୋଇଯାଇଥିଲା । କିନ୍ତୁ ଏହି ଦେଶର ସାଧାରଣ ଲୋକ, ଦେଶର ଜନମନ, ଯେଉଁ ଗଣତନ୍ତ୍ରର ରଙ୍ଗରେ ରଙ୍ଗିନ ହୋଇଥିଲା, ତାହାକୁ କହି ଦୋହଲାଇ ପାରିନଥିଲେ । ସୁଯୋଗ ମିଳିବା ମାତ୍ରେ ହିଁ ସେମାନେ ଗଣତନ୍ତ୍ରକୁ ପ୍ରଭାବିତ କରିଦେଲେ । ଏହା ଲୋକଙ୍କର ଶକ୍ତି, ଏହା ହେଉଛି ଆମ ସଂସ୍କାରର ଶକ୍ତି, ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ଶକ୍ତି ପ୍ରସଙ୍ଗ ଏହା ନୁହେଁ ଯେ, କିଏ ସରକାର କେଉଁ ସରକାର ଗଠନ କଲେ, ତାହାର ଚର୍ଚ୍ଚା କରାଯାଉଛି, ଆଉ ନା ହିଁ ମୁଁ ଏଭଳି କଥାରେ ସମୟ ବ୍ୟୟ କରିବା ପାଇଁ ଏଠାରେ ଆପଣମାନେ ମୋତେ ବସାଇଛନ୍ତି। ଆମକୁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ରକ୍ଷାକରି ଆଗକୁ ବଢ଼ିବାର ଅଛି । ଆତ୍ମନିର୍ଭର ଭାରତ ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା ହୋଇଛି । ମୁଁ ଆମର ସାଥୀ ଧର୍ମେନ୍ଦ୍ର ପ୍ରଧାନ ମହାଶୟ ହିଁ ଆତ୍ମନିର୍ଭର ଭାରତର ଆମର ଦିଗ କ'ଣ ରହିଛି ତାହାର ବ୍ୟାଖ୍ୟାନ, ବିସ୍ତୃତ ଭାବେ କରିଛନ୍ତି । କିନ୍ତୁ ଏକଥା ସତ୍ୟ ଯେ ଆର୍ଥିକ କ୍ଷେତ୍ରରେ ମଧ୍ୟ ଭାରତ ଆଜି ଯେଉଁ ଏକ ସଫଳତା ପାଇ ପାରିଛି । କରୋନା କାଳରେ ବିଶ୍ୱର ଏଠାରେ ପୁଞ୍ଜିନିବେଶ ପାଇଁ ବ୍ୟାକୁଳ ହେଉଛନ୍ତି । ସମସ୍ତ କଥା ବାହାରକୁ ଆସି ଯାଇଛି । କିନ୍ତୁ ଏହା ହେଉଛି ଭାରତ ଯେଉଁଠାରେ ରେକର୍ଡ ପରିମାଣର ନିବେଶ ହେଉଛି । ସମସ୍ତ ତଥ୍ୟ ସୂଚାଇ ଦେଉଛି ଯେ ଅନେକ ଦେଶର ଆର୍ଥିକ ପରିସ୍ଥିତି ବିଗିଡ଼ି ଯାଇଛି, ଯେତେବେଳେ କି ବିଶ୍ୱ ଭାରତରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧିର ଆକଳନ କରିଛି । ଗୋଟିଏ ପଟରେ ନିରାଶାର ବାତାବରଣ ଅଛି, ଅନ୍ୟପକ୍ଷରେ ହିନ୍ଦୁସ୍ତାନରେ ଆଶାର କିରଣ ଦୃଷ୍ଟିଗୋଚର ହେଉଛି, ଏହା ବିଶ୍ୱ ତରଫରୁ କୁହାଯାଇଛି ।

ଆଜି ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ସ୍ତରରେ ଅଛି। ଆଜି ଭାରତରେ ଅନ୍ନ ଉତ୍ପାଦନ ରେକର୍ଡ ସ୍ତରରେ ମଧ୍ୟ ଅଛି । ଆଜି ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ବୃହତ

ଦେଶ ଯେଉଁଠାରେ ସବୁଠାରୁ ଅଧିକ ଇଣ୍ଟରନେଟ ବ୍ୟବହାରକାରୀ ଅଛନ୍ତି । ଭାରତରେ ଆଜି ପ୍ରତ୍ୟେକ ମାସରେ ୪ ଲକ୍ଷ କୋଟି ଟଙ୍କାର କାରବାର ଡିଜିଟାଲ ମାଧ୍ୟମରେ ହେଉଛି, ୟୁପିଆଇ ମାଧ୍ୟମରେ ହେଉଛି । ମନେପକାନ୍ତୁ, ଏହି ସଦନର ଭାଷଣ ମୁଁ ଶୁଣୁଥିଲି... ଦୁଇ ବର୍ଷ, ତିନି ବର୍ଷ ପୂର୍ବେ... ପ୍ରତ୍ୟେକ ମାସରେ ୪ ଲକ୍ଷ କୋଟି ଟଙ୍କା ଭାରତ ମୋବାଇଲ ଫୋନର ନିର୍ମାତା ଭାବେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଦେଶ ପାଲଟିଛି । ଭାରତରେ ରେକର୍ଡ ସଂଖ୍ୟାରେ ଷ୍ଟାର୍ଟ ଅପ୍ସ, ୟୁନିକର୍ଣ୍ଣ ରହିଛି । ଏହି ମାଟିରେ ଆମ ଯୁବପିଢ଼ି ଏହାକୁ କରୁଛନ୍ତି । ନବୀକରକ୍ଷମ ଶକ୍ତି କ୍ଷେତ୍ରରେ ବିଶ୍ୱର ପ୍ରଥମ ୫ଟି ଦେଶରେ ଆମେ ନିଜର ସ୍ଥାନ ସୃଷ୍ଟି କରି ପାରିଛୁ । ଆଉ ଆଗାମୀ ଦିନରେ ଆମେ ଉପରକୁ ହିଁ ଚଢ଼ି ଯାଇ ପାରିବୁ । ଜଳ ହେଉ, ସ୍ଥଳ ହେଉ, ଆକାଶ ହେଉ, ମହାକାଶ ହେଉ... ଭାରତ ପ୍ରତ୍ୟେକ କ୍ଷେତ୍ରରେ ନିଜର ରକ୍ଷା ପାଇଁ, ନିଜର ସାମର୍ଥ୍ୟ ସହିତ ଠିଆ ହୋଇଛି । ସର୍ଜିକାଲ ଷ୍ଟ୍ରାଇକ ହେଉ ଅବା ଏୟାର ଷ୍ଟ୍ରାଇକ ହେଉ ଭାରତର ଦକ୍ଷତାକୁ ବିଶ୍ୱ ଦେଖିଛି ।

ଆଦରଣୀୟ ସଭାପତି ମହାଶୟ,

୨୦୧୪ରେ ପ୍ରଥମ ଥରପାଇଁ ମୁଁ ଯେତେବେଳେ ସଦନକୁ ଆସିଥିଲି, ଏହି ପରିସରକୁ ଆସିଥିଲି ଆଉ ଯେତେବେଳେ ମୋତେ ନେତା ଭାବରେ ନିର୍ବାଚିତ କରାଯାଇଥିଲା ସେତେବେଳେ ମୁଁ ମୋର ପ୍ରଥମ ଭାଷଣରେ ଏହା କହିଥିଲି ଯେ ମୋର ସରକାର ହେଉଛନ୍ତି ଗରିବମାନଙ୍କ ପାଇଁ ସମର୍ପିତ। ମୁଁ ଆଜି ଦ୍ୱିତୀୟ ଥର ପାଇଁ ମଧ୍ୟ ଏହି କଥାକୁ ଦୋହରାଉଛି। ଆଉ ଆମେ ନା ଆମର ଦିଗ ପରିବର୍ତ୍ତନ କରିଛୁ ଆଉ ନା କିଛି ମିଶ୍ରଣ କରିଛୁ ନା ବାଟବଣା କରିଛୁ, ସେହି ମନୋବୃତି ନେଇ ଆମେ କାର୍ଯ୍ୟ କରି ଚାଲିଛୁ କାରଣ ଏହି ଦେଶରେ ଆଗକୁ ବଢ଼ିବା ପାଇଁ ଆମକୁ ଗରିବୀରୁ ମୁକ୍ତ ହେବାକୁ ହିଁ ହେବ । ଆମକୁ ପ୍ରୟାସ ଗୁଡ଼ିକୁ ଯୋଡିକରି ହିଁ ଚାଲିବାକୁ ହେବ । ଆଗରୁ କିଛି ପ୍ରୟାସ ହୋଇଥିବ, ତେବେ ସେଥିରେ ଆମକୁ ଆଉ କିଛି ଯୋଡ଼ିବାକୁ ହିଁ ପଡ଼ିବ, ଆମେ ଅଟକି ରହିଯାଇ ପାରିବା ନାହିଁ । ଯେତିକି କରିଦେଲୁ ତାହା ବହୁତ... ସେଠାରେ ଆମେ ଅଟକିଯିବା ନାହିଁ,

ଆମକୁ ଆହୁରି କରିବାକୁ ହିଁ ହେବ । ଆଜି ମୁଁ ଖୁସି ଯେ ଯେଉଁ ମୌଳିକ ଆବଶ୍ୟକତା ରହିଛି ସହଜରେ ସହାବସ୍ଥାନ ପାଇଁ ଯେଉଁଥିରୁ ଆତ୍ମବିଶ୍ୱାସ ସୃଷ୍ଟି ହୋଇଥାଏ ଆଉ ଥରେ ଗରିବ ମନରେ ଆତ୍ମବିଶ୍ୱାସ ଭରିଗଲା, ତେବେ ଗରିବ ନିଜେ ଗରିବୀର ଆହ୍ୱାନକୁ ମୁକାବିଲା କରିବା ପାଇଁ ଶକ୍ତି ପ୍ରଦାନ କରିବା ପାଇଁ ସାଥୀରେ ଠିଆ ହୋଇଯିବ, ଗରିବ କାହାରି ସାହାଯ୍ୟ ପାଇଁ ଆଉ ଅପେକ୍ଷାରତ ହୋଇ ରହିବ ନାହିଁ । ଏହା ହେଉଛି ମୋର ଅନୁଭବ । ମୁଁ ଖୁସି ଯେ ୧୦ କୋଟିରୁ ଅଧିକ ଶୌଚାଳୟ ନିର୍ମାଣ ହୋଇଛି, ୪୧ କୋଟିରୁ ଅଧିକ ଲୋକଙ୍କର ଜମା ଖାତା ଖୋଲା ଯାଇଛି ? ୨ କୋଟିରୁ ଅଧିକ ଗରିବଙ୍କର ଗୃହ ନିର୍ମାଣ କରାଯାଇଛି । ୮ କୋଟିରୁ ଅଧିକ ମାଗଣାରେ ଗ୍ୟାସ ସଂଯୋଗ ଦିଆଯାଇଛି । ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ଗରିବଙ୍କ ଜୀବନରେ ବହୁତ ବଡ଼ ଶକ୍ତି ହୋଇଛି । ଏଭଳି ଅନେକ ଯୋଜନା ହୋଇଛି ଯାହା ଗରିବଙ୍କ ଜୀବନରେ ପରିବର୍ତ୍ତନ ଆଣୁଛି । ନୂତନ ବିଶ୍ୱାସ ସୃଷ୍ଟି କରୁଛି ।

ଆଦରଣୀୟ ସଭାପତି ମହାଶୟ,

ଆହ୍ୱାନ ରହିଛି, ଯଦି ଆହ୍ୱାନ ନ ଥାଆନ୍ତା ଏଭଳି କେଉଁଠାରେ କିଛି ମଧ୍ୟ ଦୃଷ୍ଟିଗୋଚର ହେବନାହିଁ, ସମୃଦ୍ଧରୁ ଅତି ସମୃଦ୍ଧ ଦେଶରେ ମଧ୍ୟ ଆହ୍ୱାନ ରହିଥାଏ, ସେମାନଙ୍କର ଆହ୍ୱାନ ଭିନ୍ନ ପ୍ରକାରର ହୋଇଥାଏ, ଆମର ଭିନ୍ନ ପ୍ରକାରର । କିନ୍ତୁ ଆମକୁ ଏହା ସ୍ଥିର କରିବାକୁ ହେବ ଯେ ଆମେ ସମସ୍ୟାର ଅଂଶ ହେବାକୁ ଚାହୁଁଛେ କିମ୍ବା ଆମେ ସମାଧାନର ଅଂଶ ହେବାକୁ ଚାହୁଁଛେ । ବାସ୍ କେବଳ ମାତ୍ର ଗୋଟିଏ ପତଳା ରେଖା ରହିଛି ଯଦି ଆମେ ସମସ୍ୟାର ଅଂଶ ହେବା ତେବେ ରାଜନୀତି ଚାଲିପାରିବ କିନ୍ତୁ ଯଦି ଆମେ ସମାଧାନର ମାଧ୍ୟମ ହେଉଛେ ତେବେ ରାଷ୍ଟ୍ରନୀତିକୁ ଅତି ଊର୍ଦ୍ଧ୍ୱକୁ ନେଇ ଯାଇ ପାରିବା । ଆମର ଏହା ହେଉଛି ଦାୟିତ୍ୱ ଯେ ଆମେ ବର୍ତ୍ତମାନର ପିଢ଼ିଙ୍କ ପାଇଁ ମଧ୍ୟ ଚିନ୍ତା କରିବାକୁ ହେବ, ଆମକୁ ଭବିଷ୍ୟତର ପିଢ଼ିଙ୍କ ପାଇଁ ମଧ୍ୟ ଚିନ୍ତା କରିବାକୁ ପଡ଼ିବ । ସମସ୍ୟା ରହିଛି କିନ୍ତୁ ମୋର ବିଶ୍ୱାସ ରହିଛି ଯେ ଆମେ ସାଙ୍ଗ ହୋଇ କାର୍ଯ୍ୟ କରିବା, ଯଦି ଆତ୍ମବିଶ୍ୱାସର

ସହିତ କାର୍ଯ୍ୟ କରିବା ତେବେ ଆମେ ପରିସ୍ଥିତିକୁ ବଦଳାଇ ପାରିବା ଆଉ ଆମେ ଇଚ୍ଛିତ ପରିଣାମ ମଧ୍ୟ ପ୍ରାପ୍ତ କରିପାରିବା... ଏହା ହେଉଛି ମୋର ଦୃଢ଼ ବିଶ୍ୱାସ ।

ଆଦରଣୀୟ ସଭାପତି ମହାଶୟ,

ସଦନରେ କୃଷକ ଆନ୍ଦୋଳନର ଭରପୂର ଚର୍ଚ୍ଚା ହୋଇଛି, ଅଧିକରୁ ଅଧିକ ସମୟ ଯେଉଁ କଥା କୁହାଗଲା ତାହା ଆନ୍ଦୋଳନ ସମ୍ବନ୍ଧରେ କୁହାଗଲା । କେଉଁ କଥାକୁ ନେଇ ଆନ୍ଦୋଳନ ରହିଛି ସେହି କଥା ଉପରେ ସମସ୍ତେ ଚୁପ ରହିଲେ । ଆନ୍ଦୋଳନ ହେଉଛି କିପରି, ଆନ୍ଦୋଳନ ସହିତ କ'ଣ ହେଉଛି । ଏ ସମସ୍ତ କଥା ବହୁ ପରିମାଣରେ କୁହାଗଲା ତାହାର ମଧ୍ୟ ଗୁରୁତ୍ୱ ରହିଛି କିନ୍ତୁ ଯେଉଁ ମୂଳ କଥା ରହିଛି... ଭଲ ହୋଇଥାଆନ୍ତା ଯଦି ତାହାର ଚର୍ଚ୍ଚା ବିସ୍ତାର ଭାବେ ହୋଇଥାଆନ୍ତା । ଯେଭଳି ଆମର ମାନନୀୟ କୃଷି ମନ୍ତ୍ରୀ ମହାଶୟ ବହୁତ ଭଲ ଢ଼ଙ୍ଗରେ ଯେଉଁ ପ୍ରଶ୍ନ ପଚାରିଛନ୍ତି ସେହି ପ୍ରଶ୍ନଗୁଡ଼ିକର ଉତ୍ତର ମିଳିବ ନାହିଁ, ଏ କଥା ମୋତେ ଜଣାଅଛି କିନ୍ତୁ ସେ ଖୁବ ଭଲ ଢଙ୍ଗରେ ଏ ବିଷୟରେ ଚର୍ଚ୍ଚା କରିଛନ୍ତି । ମୁଁ ଆଦରଣୀୟ ଦେବଗୌଡା ମହାଶୟଙ୍କର ପାଖରେ ବହୁତ କୃତଜ୍ଞ ସେ ଏହି ସଂପୂର୍ଣ୍ଣ ଚର୍ଚ୍ଚାକୁ ଏକ ଗାମ୍ଭୀର୍ଯ୍ୟ ଦେଲେ ଆଉ ସେ ସରକାରଙ୍କର ଯେଉଁସବୁ ଭଲ ପ୍ରୟାସ ରହିଛି ସେଗୁଡ଼ିକର ପ୍ରଶଂସା ମଧ୍ୟ କରିଛନ୍ତି କାରଣ ସେ ତାଙ୍କ ସାରା ଜୀବନ କୃଷକମାନଙ୍କ ପାଇଁ ସମର୍ପିତ ରହିଛନ୍ତି ଆଉ ସେ ସରକାରଙ୍କର ଯେଉଁସବୁ ଭଲ ପ୍ରୟାସ ରହିଛି ସେଗୁଡ଼ିକର ପ୍ରଶଂସା ମଧ୍ୟ କଲେ ଏବଂ ସେ କିଛି ଭଲ ପରାମର୍ଶ ମଧ୍ୟ ଦେଲେ । ମୁଁ ଆଦରଣୀୟ ଦେବଗୌଡା ମହାଶୟଙ୍କୁ ହୃଦୟର ସହିତ କୃତଜ୍ଞତା ଜଣାଉଛି।

ଆଦରଣୀୟ ସଭାପତି ମହାଶୟ,

ଚାଷର ମୌଳିକ ସମସ୍ୟା ହେଉଛି କ'ଣ? ତାହାର ମୂଳ କେଉଁଠି? ମୁଁ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହ ମହାଶୟ, ବିସ୍ତୃତ ଭାବେ ଯାହା କିଛି ଜଣାଇଥିଲେ ତାହାର ଚର୍ଚ୍ଚା କରିବାକୁ ଚାହୁଁଛି... ବହୁତ ଲୋକ ଅଛନ୍ତି ଯେଉଁମାନେ

ଚୌଧୁରୀ ଚରଣ ସିଂହଙ୍କ ପରମ୍ପରାକୁ ସମ୍ଭାଳିବା ନିମନ୍ତେ ଗର୍ବ କରୁଛନ୍ତି ଆଉ ସେମାନେ ନିଶ୍ଚିତ ଭାବେ ଏହି କଥାକୁ ବୁଝିବା ପାଇଁ ହୁଏତ ପ୍ରୟାସ କରିବେ । ତାହା ବୋଧହୁଏ ୧୯୭୧ରେ ଯେଉଁ କୃଷି ଅଧିବେଶନ ହୋଇଥିଲା, ସେହି ଆଲୋଚନା ତାଙ୍କରି ଭାଷାରେ ନିଶ୍ଚିତ ଭାବେ ହୋଇଥିଲା । ଚୌଧୁରୀ ଚରଣ ସିଂହ ମହାଶୟ କହିଥିଲେ: କୃଷକମାନଙ୍କର ପରିସଂଖ୍ୟାନ ନିଆଗଲା ତେବେ ୩୩ ପ୍ରତିଶତ କୃଷକ ଏପରି ଅଛନ୍ତି ଯେଉଁମାନଙ୍କ ପାଖରେ ୨ବିଘା(ମାଣ)ରୁ କମ୍ ଜମି ଅଛି, ୨ ମାଣ ନାହିଁ, ୨ ବିଘା ପର୍ଯ୍ୟନ୍ତ ନାହିଁ, ୨ବିଘାରୁ କମ୍ ଜମି ଅଛି । ୧୮ ପ୍ରତିଶତ କୃଷକ ଅଛନ୍ତି ଯେଉଁମାନଙ୍କ ପାଖରେ୨ ବିଘାରୁ ୪ ବିଘା ଜମି ଅର୍ଥାତ ଅଧ ହେକ୍ଟରରୁ ଏକ ହେକ୍ଟର ଜମି ଅଛି। ...୫୧ ପ୍ରତିଶତ କୃଷକ ଅଛନ୍ତି ସେମାନେ ଯେତେ ପରିଶ୍ରମ କଲେ ମଧ୍ୟ... ନିଜର ସ୍ୱଳ୍ପ ଜମିରେ ସେମାନଙ୍କ ପରିବାରର ପ୍ରତିପୋଷଣ ସଚ୍ଚୋଟତାର ସହ ହୋଇପାରେ ନାହିଁ । କ୍ଷୁଦ୍ର ଚାଷୀଙ୍କ ଦୟନୀୟ ସ୍ଥିତି ଚୌଧୁରୀ ଚରଣ ସିଂହ ମହାଶୟଙ୍କୁ ସଦାସର୍ବଦା ବହୁତ କଷ୍ଟ ଦେଉଥିଲା । ସେ ସଦାସର୍ବଦା ସେମାନଙ୍କର ଚିନ୍ତା କରୁଥିଲେ । ଏବେ ଆମେ ଆଗକୁ ଦେଖିବା, ଏଭଳି କୃଷକ ଅଛନ୍ତି ଯେଉଁମାନଙ୍କ ପାଖରେ ଏକ ହେକ୍ଟରରୁ ମଧ୍ୟ କମ୍ ଜମି ଥାଏ । ୧୯୭୧ରେ ସେମାନେ ଥିଲେ ୫୧ ପ୍ରତିଶତ ଆଜି ୬୮ ପ୍ରତିଶତ ହୋଇଯାଇଛି। ଅର୍ଥାତ ଦେଶରେ ଏଭଳି କୃଷକଙ୍କ ସଂଖ୍ୟା ବୃଦ୍ଧି ପାଉଛି, ଯେଉଁମାନଙ୍କ ପାଖରେ ଅଳ୍ପ ଜମି ଅଛି । ଆମେ ଯଦି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ମିଶାଇବା ତେବେ ସେମାନଙ୍କ ସଂଖ୍ୟା ୮୬ ପ୍ରତିଶତରୁ ଅଧିକ ହେବ । ଏହି କୃଷକଙ୍କ ପାଖରେ ଦୁଇ ହେକ୍ଟରରୁ ମଧ୍ୟ କମ୍ ଜମି ଅଛି । ଆଉ ଏଭଳି କୃଷକଙ୍କ ସଂଖ୍ୟା ହେଉଛି ୧୨ କୋଟି । କ'ଣ ଏହି ୧୨କୋଟି କୃଷକଙ୍କ ପ୍ରତି ଆମର କୌଣସି ଦାୟିତ୍ୱ ନାହିଁ, କ'ଣ ଦେଶର କୌଣସି ଦାୟିତ୍ୱ ନାହିଁ? ଆମର ଯୋଜନାଗୁଡ଼ିକର କେନ୍ଦ୍ରରେ ଏହି ୧୨ କୋଟି କୃଷକମାନଙ୍କୁ ରଖିବାକୁ ପଡ଼ିବ, ନା ରଖିବାକୁ ପଡ଼ିବ ନାହିଁ? ଏହି ପ୍ରଶ୍ନର ଉତ୍ତର ଚୌଧୁରୀ ଚରଣ ସିଂହ ଆମ ପାଇଁ ଛାଡି ଯାଇଛନ୍ତି... ଆମକୁ ଉତ୍ତର ଖୋଜିବାକୁ ପଡ଼ିବ । ଆମକୁ ଚୌଧୁରୀ ଚରଣ ସିଂହଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଯାହାକିଛି ପ୍ରସ୍ତାବ ଅଛି... ତାହାକୁ କରିବାକୁ ପଡ଼ିବ ।

ଏବେ ପୂର୍ବ ସରକାରଙ୍କ ଚିନ୍ତାରେ କ୍ଷୁଦ୍ର ଚାଷୀର ଅର୍ଥ କ'ଣ ଥିଲା? ଯଦି ଥରେ ଆମେ ଚିନ୍ତା କରିବା, ତେବେ ଧ୍ୟାନକୁ ଆସିବ, ମୁଁ ସମାଲୋଚନା କରିବା ପାଇଁ କହୁନାହିଁ କିନ୍ତୁ ବାସ୍ତବରେ... ଆମ ସମସ୍ତଙ୍କର ଚିନ୍ତା କରିବାର ଆବଶ୍ୟକତା ଅଛି । ଯେତେବେଳେ ନିର୍ବାଚନ ଆସିଥାଏ ଆମେ ଏକ ନିର୍ବାଚନ କାର୍ଯ୍ୟକ୍ରମ କରିଥାଉ, ସେତେବେଳେ କୃଷକମାନଙ୍କର ଋଣ ଛାଡ ଏହି କାର୍ଯ୍ୟକ୍ରମରେ ସ୍ଥାନ ପାଇଥାଏ... ସେତେବେଳେ କ୍ଷୁଦ୍ର ଚାଷୀ ସେଥିରୁ ବଞ୍ଚିତ ହୋଇଥାଏ। ତା' ଭାଗ୍ୟରେ କିଛି ଆସି ନଥାଏ । କାରଣ ଋଣଛାଡ଼... ଯିଏ ବ୍ୟାଙ୍କରୁ ଋଣ ନେଇଥାଏ, ତା'ପାଇଁ ହୋଇଥାଏ... କିନ୍ତୁ ବିଚରା କ୍ଷୁଦ୍ରଚାଷୀର ବ୍ୟାଙ୍କରେ ଖାତା ନାହିଁ... ସେ କିପରି ବ୍ୟାଙ୍କକୁ ଋଣ ନେବାକୁ ଯାଇ ପାରିବ । ଆମେ କ୍ଷୁଦ୍ରଚାଷୀଙ୍କ ପାଇଁ କିଛି କରି ନାହେଁ... ଯଦିଓ ଆମେ ରାଜନୀତି କରୁଛେ । ଏକ ଏକର ଦୁଇ ଏକର ଜମି ଥିବା କୃଷକ ଯେଉଁମାନଙ୍କ ପାଖରେ ବ୍ୟାଙ୍କ ଖାତା ମଧ୍ୟ ନାହିଁ, ନା ସେମାନେ ବ୍ୟାଙ୍କରୁ ଋଣ ନେଇଥାଆନ୍ତି ନା ଋଣ ଛାଡର ଲାଭ ସେମାନଙ୍କୁ ମିଳିଥାଏ । ସେହିପରି ପୂର୍ବରୁ ଫସଲ ବୀମା ଯୋଜନା କ'ଣ ଥିଲା... ଏକ ପ୍ରକାରରେ ସେହି ବୀମା ବ୍ୟାଙ୍କ ଗ୍ୟାରେଣ୍ଟି ଭାବେ କାର୍ଯ୍ୟ କରୁଥିଲା । ଆଉ ତା' ମଧ୍ୟ କ୍ଷୁଦ୍ରଚାଷୀଙ୍କ ଭାଗ୍ୟରେ ନଥିଲା । ତାହା ମଧ୍ୟ ସେହି ଚାଷୀଙ୍କ ପାଇଁ ଥିଲା, ଯେଉଁମାନେ ବ୍ୟାଙ୍କରୁ ଋଣ ନେଉଥିଲେ ସେମାନଙ୍କର ବୀମା ହେଉଥିଲା, ବ୍ୟାଙ୍କବାଲାଙ୍କୁ ମଧ୍ୟ ବିଶ୍ୱାସ ହୋଇଯାଉଥିଲା, କାମ ଚାଲୁଥିଲା । ଆଜି ୨ ହେକ୍ଟରରୁ କମ୍ ଯେତେ ଚାଷୀ ଥିବେ, ସେମାନେ ବ୍ୟାଙ୍କରୁ ଋଣ ନେବେ...। ସେଚ ସୁବିଧା ମଧ୍ୟ କ୍ଷୁଦ୍ରଚାଷୀଙ୍କ ଭାଗ୍ୟରେ ନାହିଁ, ବଡ଼-ବଡ଼ ଚାଷୀ ବଡ଼-ବଡ଼ ପମ୍ପ ଲଗାଇ ଦେଉଥିଲେ, ଟ୍ୟୁବୱେଲ ଖୋଳି ଦେଉଥିଲେ, ବିଜୁଳି ମଧ୍ୟ ନେଉଥିଲେ ଆଉ ମାଗଣାରେ ବିଜୁଳି ମିଳିଯାଉଥିଲା, ସେମାନଙ୍କର କାର୍ଯ୍ୟ ଚଳି ଯାଉଥିଲା । କ୍ଷୁଦ୍ରଚାଷୀଙ୍କ ପାଇଁ ଜଳ ସେଚନ ପାଇଁ ଅସୁବିଧା ଥିଲା । ସେମାନେ ଟ୍ୟୁବୱେଲ ଖୋଳି ପାରୁନଥିଲେ, କେବେ-କେବେ ସେମାନଙ୍କୁ ବଡ଼ ଚାଷୀଙ୍କ ଠାରୁ ପାଣି କିଣିବାକୁ ପଡୁଥିଲା ଆଉ ଯେଉଁ ଦର ମାଗୁଥିଲେ ସେହି ଦର ଦେବାକୁ ପଡୁଥିଲା । ବଡ଼-ବଡ଼ କୃଷକମାନଙ୍କୁ ୟୁରିଆ ପାଇବା ପାଇଁ କୌଣସି ସମସ୍ୟା ନଥିଲା । କ୍ଷୁଦ୍ରଚାଷୀଙ୍କୁ ରାତି-ରାତି ଧାଡ଼ିରେ ଠିଆ ହେବାକୁ ପଡୁଥିଲା । ସେଥିରେ ପୁଣି ଲାଠି ମାଡ ହେଉଥିଲା । କେବେ-କେବେ ବିଚରା ୟୁରିଆ

ବିନା ଘରକୁ ଫେରି ଯାଉଥିଲା । ଆମେ କ୍ଷୁଦ୍ରଚାଷୀଙ୍କ ପରିସ୍ଥିତି ଜାଣିଛୁ... ୨୦୧୪ ପରେ ଆମେ କିଛି ପରିବର୍ତ୍ତନ ପାଇଁ, ଫସଲ ବୀମା ଯୋଜନାର ପରିସର ବଢ଼ାଇ ଦେଲୁ । ଫଳରେ କୃଷକ... ବିଶେଷତଃ କ୍ଷୁଦ୍ରଚାଷୀମାନେ ତାହାର ଲାଭ ନେଇ ପାରିବେ ଏବଂ ବହୁତ କମ ପ୍ରିମିୟମରେ କାର୍ଯ୍ୟ ଆରମ୍ଭ କଲୁ ଆଉ ବିଗତ ଚାରି-ପାଞ୍ଚବର୍ଷରେ ଫସଲ ବୀମା ଯୋଜନା ଅଧୀନରେ ୯୦ ହଜାର କୋଟି ଟଙ୍କା ଦାବି ଆକାରରେ କୃଷକଙ୍କୁ ମିଳିଛି । ଋଣଛାଡ ଠାରୁ ମଧ୍ୟ ଖର୍ଚ୍ଚ ହୋଇଥିବା ଟଙ୍କାର ପରିମାଣ ବହୁତ ହୋଇଯାଇଛି ଆଜ୍ଞା । ପୁଣି କିଷାନ କ୍ରେଡିଟ୍ କାର୍ଡକୁ ଦେଖନ୍ତୁ । କାର୍ଡ ଆମର ଏଠାରେ କିଷାନ କ୍ରେଡିଟ୍ କାର୍ଡ ହେଲା, ଆଉ ବଡ଼-ବଡ଼ କୃଷକମାନଙ୍କ ପର୍ଯ୍ୟନ୍ତ ଗଲା ସେମାନେଙ୍କୁ ବ୍ୟାଙ୍କରୁ ବହୁତ କମ୍ ସୁଧରେ କିଛି ରାଜ୍ୟରେ ଶୂନ ପ୍ରତିଶତ ସୁଧରେ ଋଣ ମିଳି ଯାଉଥିଲା, ତେଣୁ ସେମାନେ ତାହାକୁ କୌଣସି-କୌଣସି ବ୍ୟବସାୟ ବା ଜୀବିକାରେ ଖଟାଇଲେ । ଅର୍ଥ ସେଠାରେ ଲାଗି ଯାଉଥିଲା । କ୍ଷୁଦ୍ରଚାଷୀଙ୍କ ଭାଗ୍ୟରେ ଏହା ନଥିଲା । ଆମେ ସ୍ଥିରକଲୁ ଯେ ହିନ୍ଦୁସ୍ତାନର ପ୍ରତ୍ୟେକ କୃଷକଙ୍କୁ କିଷାନ କ୍ରେଡିଟ୍ କାର୍ଡ ଦେବୁ, ଏତିକି ହିଁ ନୁହେଁ ଆମେ ତା'ର ପରିସରକୁ ମତ୍ସ୍ୟଜୀବୀମାନଙ୍କ ପର୍ଯ୍ୟନ୍ତ ମଧ୍ୟ ବଢ଼ାଇ ଦେଲୁ, ଆମେ ଚାହିଁଲୁ ସେମାନେ ମଧ୍ୟ ଏହାର ଲାଭ ଉଠାଇ ପାରନ୍ତୁ । ଆଉ ୧ କୋଟି ୭୫ ଲକ୍ଷରୁ ଅଧିକ କୃଷକଙ୍କ ପାଖରେ କିଷାନ କ୍ରେଡିଟ୍ କାର୍ଡ ଲାଭ ପହଞ୍ଚି ସାରିଛି । ଆଉ ଅନ୍ୟ ରାଜ୍ୟମାନଙ୍କୁ ମଧ୍ୟ ଅନୁରୋଧ କରୁଛୁ ଯେ ସେମାନେ କ୍ରମାଗତ ଭାବେ ଏହାକୁ ଆଗକୁ ବଢ଼ାନ୍ତୁ ଫଳରେ ଅଧିକରୁ ଅଧିକ କୃଷକ ଏହାର ଲାଭ ଉଠାଇ ପାରିବେ। ଆଉ ରାଜ୍ୟର ସହାୟତା ଯେତେ ଅଧିକ ମିଳିବ, ସେତେ ଅଧିକ କାର୍ଯ୍ୟ ହୋଇଯିବ । ସେହି ପ୍ରକାରରେ ଆମେ ଏକ ଯୋଜନା ନେଇ ଆସିଲୁ... ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା । ଏହା ମାଧ୍ୟମରେ ଅର୍ଥ ସିଧାସଳଖ କୃଷକଙ୍କ ଖାତାକୁ ଯାଉଛି। ଏହି ଗରିବ କୃଷକଙ୍କ ପାଖରେ କେବେ ଏହି ପ୍ରକାରର ସହାୟତା ପହଞ୍ଚି ନାହିଁ। ୧୦ କୋଟି ଏଭଳି ପରିବାର ଅଛନ୍ତି ଯେଉଁମାନଙ୍କୁ ଏହାର ଲାଭ ମିଳିସାରିଛି ।

ଯଦି ବଙ୍ଗଳାରେ ରାଜନୀତିର ଆଳ ଆସି ନଥାଆନ୍ତା, ତେବେ ବଙ୍ଗଳାର କୃଷକମାନେ ଯଦି ଯୋଡି ହୋଇ ଯାଇଥାଆନ୍ତେ ତେବେ ଏହି ସଂଖ୍ୟା ଏହାଠାରୁ ମଧ୍ୟ ଅଧିକ ହୋଇ ଯାଇଥାଆନ୍ତା । ଆଉ ଏପର୍ଯ୍ୟନ୍ତ ୧ଲକ୍ଷ ୧୫ ହଜାର କୋଟି ଟଙ୍କା ଏହି କୃଷକମାନଙ୍କ ଖାତାକୁ ଯାଇ ଥାଆନ୍ତା । ଏହି ଗରିବ କ୍ଷୁଦ୍ରଚାଷୀଙ୍କ ପାଖକୁ ଯାଇ ଥାଆନ୍ତା । ଆମର ସମସ୍ତ ଯୋଜନାଗୁଡ଼ିକର କେନ୍ଦ୍ରବିନ୍ଦୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆମେ ଶତ ପ୍ରତିଶତ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡର କଥା କହୁଛୁ ଯାହାଦ୍ୱାରା ଆମର କ୍ଷୁଦ୍ର ଚାଷୀ ମାନଙ୍କର ଜମି କିପରି ଅଛି, କେଉଁ ଫସଲ ଚାଷ ପାଇଁ ପ୍ରସ୍ତୁତ ଅଛି ଜାଣିହେବ। ଆମେ ୧୦୦ ପ୍ରତିଶତ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପାଇଁ କାର୍ଯ୍ୟ କଲୁ । ସେହିପରି ଆମେ ୧୦୦ ପ୍ରତିଶତ ୟୁରିଆରେ ନିମ ଲେପନ ପାଇଁ ଅନୁମତି ଦେଲୁ । ୧୦୦ ପ୍ରତିଶତ ପଛରେ ଆମର ଏହି ଲକ୍ଷ୍ୟ ଥିଲା ଯେ ଗରିବ କୃଷକଙ୍କ ପର୍ଯ୍ୟନ୍ତ ମଧ୍ୟ ୟୁରିଆ ପହଞ୍ଚିବାରେ ପ୍ରତିବନ୍ଧକ ନ ଆସୁ। ୟୁରିଆର ଅନ୍ୟ କାର୍ଯ୍ୟ ପାଇଁ ବିନିଯୋଗ ବନ୍ଦ ହେଉ ଏବଂ ସେଥିରେ ଆମେ ଏହା ବୁଝିପାରି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ପ୍ରଥମଥର ପେନସନର ସୁବିଧା ନେଇକରି ଆସିଲୁ, ଆଉ ମୁଁ ଦେଖୁଛି ଧୀରେ-ଧୀରେ ଆମର କ୍ଷୁଦ୍ର ଚାଷୀ ମଧ୍ୟ ଏହା ପରିସରକୁ ଆସୁଛନ୍ତି । ସେହି ପ୍ରକାରରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେବଳ ମାତ୍ର ଏକ ରାସ୍ତା ନୁହେଁ ଏହା କୃଷକଙ୍କ ଗାଁର ଜୀବନକୁ ବଦଳାଇବାର ଏକ ବହୁତ ବଡ଼ ଭାଗ୍ୟରେଖା ହୋଇଥାଏ । ଆମେ ପ୍ରଥମ ଥର ପାଇଁ 'କିଷାନ ରେଳ'ର କଳ୍ପନା କଲୁ । କ୍ଷୁଦ୍ର ଚାଷୀଙ୍କ ମାଲ ବିକ୍ରି ହେଉ ନଥିଲା, ଆଜି କିଷାନ ରେଳ ଯୋଗୁଁ ଗାଁର କୃଷକ ଟ୍ରେନ ମାଧ୍ୟମରେ ମୁମ୍ବାଇ ବଜାରରେ ନିଜର ମାଲ ବିକ୍ରି କରିବାକୁ ଲାଗିଲା, ଫଳ ଏବଂ ପନିପରିବା ବିକିବାରେ ଲାଗିଛି । ତାକୁ ଲାଭ ମିଳୁଛି । ସେହିଭଳି କିଷାନ ଉଡାଣ ଯୋଜନା, ଆମର ଉତ୍ତର-ପୂର୍ବାଞ୍ଚଳରେ ଏତେ ଭଲ-ଭଲ ଜିନିଷ ମିଳୁଛି କିନ୍ତୁ ପରିବହନ ବ୍ୟବସ୍ଥାର ଅଭାବରୁ ସେଠାକାର କୃଷକ ଲାଭ ପାଇପାରୁ ନଥିଲା । ଆଜିକୁ କିଷାନ ଉଡାଣ ଯୋଜନାର ଲାଭ ମିଳିପାରୁଛି । କ୍ଷୁଦ୍ରଚାଷୀଙ୍କ ଅସୁବିଧା ସହିତ ପ୍ରତ୍ୟେକ ପରିଚିତ ଅଛନ୍ତି... ସମୟ-ସମୟରେ ସେମାନଙ୍କର ସଶକ୍ତୀକରଣର ଦାବି ମଧ୍ୟ ଉଠିଛି ।

ଆମର ଆଦରଣୀୟ ଶରଦ ପାୱାର ମହାଶୟ ଆଉ କଂଗ୍ରେସର ପ୍ରତ୍ୟେକ ସଭ୍ୟ, ପ୍ରତ୍ୟେକ ସରକାର କୃଷି ସଂସ୍କାର ପାଇଁ ଓକିଲାତି କରିଛନ୍ତି । କେହି ଏହାପଛରେ ନାହାଁନ୍ତି କାରଣ ପ୍ରତ୍ୟେକଙ୍କୁ ଲାଗୁଛି କରିପାରିବା ଅବା ନକରି ପାରିବା ହେଉଛି ଅଲଗା କଥା। କିନ୍ତୁ ଏହା ହେବା ଉଚିତ, ଏହି କଥା ସମସ୍ତଙ୍କ ମୁହଁରୁ ବାହାରୁଛି । ଆଉ ଏହା ଆଜି ନୁହେଁ, ଯେତେବେଳେ ଯିଏ ମଧ୍ୟ ଏଠାରେ ଥିଲେ ସମସ୍ତେ କରିଛନ୍ତି । ଆଉ ଶରଦ ପାୱାର ମହାଶୟ ଏକ ବୟାନ ମଧ୍ୟ ଦେଇଛନ୍ତି ସଂସ୍କାର ସପକ୍ଷରେ। ପଦ୍ଧତି ସମ୍ବନ୍ଧରେ ତାଙ୍କ ମନରେ ପ୍ରଶ୍ନ ଅଛି । କିନ୍ତୁ ସଂସ୍କାରକୁ ବିରୋଧ କରି ନାହାଁନ୍ତି । ଆଉ ଏଥିପାଇଁ ମୁଁ ବୁଝିପାରୁଛି ଯେ ଆମେ ଏହି ବିଷୟରେ ଆମର ସାଥୀ ଶ୍ରୀମାନ ସିନ୍ଧିଆ ମହାଶୟ ବହୁତ ଭଲ ଢଙ୍ଗରେ ଅନେକ ଦିଗରେ ଏହି ଆଇନକୁ ନେଇ ଏଠାରେ କହିଛନ୍ତି... । ଏହି ସମସ୍ତ କଥା ବିଗତ ଦୁଇ ଦଶକ ଧରି କ୍ରମାଗତ ଭାବେ ଚାଲୁ ରହିଛି । ଏପରି ନୁହେଁ ଯେ ଆମ ଆସିବା ପରେ ଚାଲିଛି । ଆମେ କହିଛୁ ଆଉ ପ୍ରତ୍ୟେକ କହିଛନ୍ତି ଯେ ଏବେ ସମୟ ଆସିଯାଇଛି ହୋଇଯିବ। ଏବେ ସମୟ ଆସିଯାଇଛି ଏହା ଠିକ୍ ଅଛି, କୌଣସି କମା ପୂର୍ଣ୍ଣଚ୍ଛେଦ ଅଲଗା ହୋଇପାରେ କିନ୍ତୁ କେହି ଏହା ଦାବି କରି ପାରିବେ ନାହିଁ ଯେ ଭାଇ ଆମ ସମୟରେ ଏହା ବହୁତ ବଢ଼ିଆ ଥିଲା, ମୁଁ ମଧ୍ୟ ଦାବି କରୁନାହିଁ ଯେ ଆମ ସମୟର ଚିନ୍ତାଧାରା ହିଁ ହେଉଛି ବହୁତ ବଢ଼ିଆ । ଦଶ ବର୍ଷ ପରେ କୌଣସି ନୂତନ ଚିନ୍ତା ଆସିବ ନାହିଁ, ଏପରି ହୁଏ ନାହିଁ । ସାମାଜିକ ଜୀବନ ପରିବର୍ତ୍ତନଶୀଳ ହୋଇଥାଏ ।

ଆଜିକାର ସମୟରେ ଯାହା ଆମକୁ ଠିକ ଲାଗିଲା ଚାଲନ୍ତୁ ସେଠାରେ ମଧ୍ୟ ସଂସ୍କାର କରିବା । ନୂତନ କଥାକୁ ସାମିଲ କଲେ ତାହା ପ୍ରଗତିର ରାସ୍ତା ହୋଇଥାଏ... ପ୍ରତିବନ୍ଧକ ସୃଷ୍ଟି କରିବା ଦ୍ୱାରା ପ୍ରଗତି କେଉଁଠାରେ ହୋଇଥାଏ, ଆଉ ଏଥିପାଇଁ, ମୁଁ ଆଶ୍ଚର୍ଯ୍ୟ ସେମାନେ କହୁଛନ୍ତି ସରକାର ଅଚାନକ ୟୁଟର୍ଣ୍ଣ ନେଇଗଲେ ଏପରି କ'ଣ ହୋଇଗଲା ? ଠିକ୍ ଅଛି, ଏବେ ଆନ୍ଦୋଳନ ପ୍ରସଙ୍ଗକୁ ନେଇ ସେମାନେ ସରକାରକୁ ଘେରି ଯାଉଛନ୍ତି କିନ୍ତୁ ଏହା ସହିତ ସେମାନେ କୃଷକମାନଙ୍କୁ କହିବା ଉଚିତ୍ ଯେ ଭାଇ, ପରିବର୍ତ୍ତନ ହେଉଛି ବହୁତ ଜରୁରୀ । ବହୁତ ବର୍ଷ ଗଲା, ଏବେ ନୂଆ କଥାକୁ ନେବାକୁ ପଡ଼ିବ । ଦେଶ ଆଗକୁ

ବଢୁଛି କିନ୍ତୁ ଏବେ ମୋତେ ଲାଗୁଛି ଯେ ରାଜନୀତି ଏତେ ପ୍ରଭାବଶାଳୀ ହୋଇଯାଉଛି ଯେ ନିଜର ବିଚାର ହିଁ ପଛରେ ରହିଯାଉଛି । କିନ୍ତୁ ଏମାନେ ଯାହା ସବୁ କରୁଛନ୍ତି, ତାଙ୍କ କଥା, ଆଦରଣୀୟ ଡକ୍ଟର ମନମୋହନ ସିଂହ ମହାଶୟଙ୍କର ଏକ କଥା ଆଜି ପଢିବାକୁ ଚାହୁଁଛି। ହୋଇପାରେ ଯେଉଁ ୟୁଟର୍ଣ୍ଣ ହେଇଛି ମୋ' କଥା ସେମାନେ ମାନନ୍ତୁ ଅବା ନ ମାନନ୍ତୁ ମନମୋହନ ସିଂହ ମହାଶୟଙ୍କ କଥା ନିଶ୍ଚୟ ମାନିବେ। ୧୯୩୦ ଦଶକରେ ବଜାର ବ୍ୟବସ୍ଥାର ବ୍ୟବସ୍ଥାରେ ଜଟିଳତା ଓ ସେଟଅପ୍ ଯୋଗୁଁ ଆମ କୃଷକମାନଙ୍କୁ ସେମାନଙ୍କ ଉତ୍ପାଦ ବିକ୍ରି କରିବାକୁ ବାରଣ କରାଯାଇଛି। ଫଳରେ ସେମାନେ ସର୍ବାଧିକ ରିଟର୍ଣ୍ଣ ବା ଲାଭ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାକୁ ହଟାଇବା ଆମର ଉଦ୍ଦେଶ୍ୟ... ସେହି ସମସ୍ତ ପ୍ରତିବନ୍ଧକକୁ ଦୂର କରିବା ଆମର ଉଦ୍ଦେଶ୍ୟ, ଯାହା ଏକ ବୃହତ ବଜାର ଭାବେ ଭାରତର ସମ୍ଭାବନାକୁ ହୃଦୟଙ୍ଗମ କରି ଏକ ବୃହତ ସାଧାରଣ ବଜାର ସୃଷ୍ଟି କରିବ । ଏହା ଆଦରଣୀୟ ମନମୋହନ ସିଂହ ମହାଶୟଙ୍କର କଥା । ଆଦରଣୀୟ ମନମୋହନ ସିଂହ ମହାଶୟ କୃଷକଙ୍କ ଉତ୍ପାଦ ବିକ୍ରିକୁ ସ୍ୱାଧୀନତା ଦେବା ପାଇଁ, ଭାରତକୁ ଏକ କୃଷି ବଜାର ଦେବା ସମ୍ବନ୍ଧରେ ନିଜର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଆଉ ସେହି କାର୍ଯ୍ୟ ଆମେ କରୁଛୁ । ଆଉ ଆପଣମାନଙ୍କୁ ସେଥିପାଇଁ ଅନୁଭବ କରିବା ଉଚିତ... ଦେଖନ୍ତୁ ଆଦରଣୀୟ ମନମୋହନ ସିଂହ ମହାଶୟ ଯାହା କହିଥିଲେ..., ତାହା ମୋଦୀଙ୍କୁ କରିବାକୁ ପଡୁଛି । ଆଜ୍ଞା, ଗର୍ବ କରନ୍ତୁ... ଆଉ ମଜାର କଥା ଏହା ହେଉଛି ଯେଉଁ ଲୋକମାନେ ରାଜନୈତିକ ବୟାନବାଜି କରୁଛନ୍ତି, ନାଚିକୁଦି ସେମାନଙ୍କ ରାଜ୍ୟରେ ମଧ୍ୟ ଯେତେବେଳେ ସେମାନଙ୍କୁ ସୁଯୋଗ ମିଳିଛି ଏଥିରୁ ଅଧା-ଅଧୁରା କିଛି ନା କିଛି କରିଛନ୍ତି । ଯେ କେହି ଏଠାରେ ଯେଉଁ ବିରୋଧୀ ଦଳ ଅଛନ୍ତି ସେମାନଙ୍କର ମଧ୍ୟ ଯେଉଁଠାରେ ସରକାର ଅଛି ସେମାନେ ସେଠାରେ ଅଧା-ଅଧୁରା କିଛି ମଧ୍ୟ କରିଛନ୍ତି। ସେମାନଙ୍କୁ ମଧ୍ୟ ଜଣାଅଛି ଯେ ରାସ୍ତା ହେଉଛି ଗୋଟିଏ । ଆଉ ମୁଁ ଦେଖିଲି ଏହି ଆଲୋଚନାରେ ଆଇନର ଯେଉଁ ଉତ୍ସ ବା ବ୍ୟବସ୍ଥା ଅଛି, ତାହା ଉପରେ ଆଲୋଚନା ହୋଇନାହିଁ, ଅଭିଯୋଗ ଏହା ହେଉଛି ପଦ୍ଧତି ଠିକ୍ ନ ଥିଲା, ତାହାକୁ ତୁରନ୍ତ କରି ଦିଆଗଲା, ତାହା ହେଉଛି ଏହି କଥା ଯେତେବେଳେ ପରିବାରରେ ବିବାହ କାର୍ଯ୍ୟ ହୋଇଥାଏ, ତେବେ ମଧ୍ୟ ପିଉସୀ ଅଭିମାନ

କରି କୁହନ୍ତି ଯେ ମୋତେ କେଉଁଠିକୁ ଡାକିଥିଲ, ତାହା ତ ରହିଥାଏ । ହେଉଛି ଏତେ ବଡ଼ ପରିବାର, ତାହା ତ ରହିବ।

ଆମେ କିଛି କଥା ଆଡକୁ ମଧ୍ୟ ଧ୍ୟାନ ଦେବା ଏବେ ଦେଖନ୍ତୁ... ଦୁଗ୍ଧ ଉତ୍ପାଦନ... କୌଣସି ବନ୍ଧନରେ ବାନ୍ଧି ହୋଇ ନାହିଁ । ନା ପଶୁପାଳକ ବନ୍ଧନରେ ବାନ୍ଧି ହୋଇଛନ୍ତି ନା ଦୁଗ୍ଧ ବନ୍ଧନରେ ବାନ୍ଧି ହୋଇଛି କିନ୍ତୁ ମଜା ଦେଖନ୍ତୁ... ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ହୁଏତ ଘରୋଇ କମ୍ପାନୀ ଅବା ସମବାୟ ସମିତି ଦୁଇଟି ଯାକ ଏପରି ଏକ ସୁଦୃଢ଼ ଶୃଙ୍ଖଳ ସୃଷ୍ଟି କରିଛନ୍ତି, ଦୁହେଁ ମିଶି ଏହି କାର୍ଯ୍ୟ କରୁଛନ୍ତି । ଆଉ ଏକ ଉନ୍ନତ ଯୋଗାଣ ଶୃଙ୍ଖଳ ଆମ ଦେଶରେ ସୃଷ୍ଟି ହୋଇଛି । ଏହାକୁ ଆମେ ଏବଂ ଆଉ ଯାହା କିଛି ଭଲ ରହିଛି ତାହାକୁ ଆମେ କରିଛୁ ବୋଲି ଦାବି ହେଉଛି... ଆଉ ଏହା ମୋ' ସମୟରେ ହୋଇ ନାହିଁ। ଆପଣ ଏହାକୁ ନେଇ ଗର୍ବ କରିପାରିବେ ଯେ ଏହା ମୋ କାର୍ଯ୍ୟ ପୂର୍ବରୁ ସୃଷ୍ଟି ହୋଇଛି । ଆମେ ଗର୍ବ କରିବା ଆବଶ୍ୟକ । ଫଳ ପନିପରିବା ସହିତ ଜଡିତ ବ୍ୟବସାୟରେ ଅଧିକାଂଶ ସମୟରେ ବଜାର ସହିତ ସିଧାସଳଖ ସମ୍ପର୍କ ରହିଥାଏ, ବଜାରଗୁଡିକରୁ ହସ୍ତକ୍ଷେପ ହଟିଯାଇଛି, ତାହାର ଲାଭ ମିଳୁଛି। କ'ଣ ଡାଏରୀ ବାଲା ସଫଳ ପନିପରିବା କିଣୁଥିବା ଉଦ୍ୟମୀ, ପଶୁପାଳକ ଅବା କୃଷକମାନଙ୍କର ଜମିକୁ ନିଜ ଅଧୀନକୁ ନେଇଯିବେ, ସେହି ପଶୁମାନଙ୍କ ଉପରେ କବଜା କରିନେବେ, ନେବେ ନାହିଁ ଆଜ୍ଞା, ଏପରି ହୋଇ ନଥାଏ । ଦୁଗ୍ଧ ବିକ୍ରି ହୋଇଥାଏ, ପଶୁ ବିକ୍ରି ହୋଇ ନଥାଏ ଆଜ୍ଞା, ଆମ ଦେଶରେ ଦୁଗ୍ଧ ଉଦ୍ୟୋଗର ଯୋଗଦାନ ଅଛି, କୃଷି ଅର୍ଥ ବ୍ୟବସ୍ଥାର ମୋଟ ମୂଲ୍ୟରେ ୨୮ ପ୍ରତିଶତରୁ ମଧ୍ୟ ଅଧିକ ରହିଛି । ଅର୍ଥାତ ଏତେ ଆମ କୃଷି ବିଷୟରେ ଚର୍ଚ୍ଚା କରୁଛେ, ଏହି ଦିଗକୁ ଆମେ ଭୁଲି ଯାଉଯେ କୃଷିର ୨୮ ପ୍ରତିଶତର ଯୋଗଦାନ ଅଛି । ଏଥିରେ ଆଠ ଲକ୍ଷ କୋଟି ଟଙ୍କାର କାରବାର ହେଉଛି । ଯେତିକି ଅର୍ଥ ଦୁଗ୍ଧରୁ ମିଳିଥାଏ ତାହାର ମୂଲ୍ୟକୁ ଖାଦ୍ୟଶସ୍ୟ ଏବଂ ଡାଲି ମୂଲ୍ୟ ସହିତ ମିଶାଇ ଦିଆଯାଏ ତେବେ ତାହାଠାରୁ ମଧ୍ୟ ଅଧିକ ହୋଇଥାଏ। ଆମେ କେବେ ଏହି ବିଷୟକୁ ଦେଖି ନ ଥାଉ । ପଶୁପାଳକମାନଙ୍କୁ ସଂମ୍ପୂର୍ଣ୍ଣ ସ୍ୱାଧୀନତା, ଖାଦ୍ୟଶସ୍ୟ ଏବଂ ଡାଲି ଉତ୍ପାଦନ କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ... ଯେପରି

ପଶୁପାଳକମାନଙ୍କୁ ସ୍ୱାଧୀନତା ମିଳିଛି, ସେମାନଙ୍କୁ କାହିଁକି ସ୍ୱାଧୀନତା ମିଳିବା ଉଚିତ ନୁହେଁ? ଏବେ ଯଦି ଆମେ ଏହି ପ୍ରଶ୍ନର ଉତ୍ତର ଖୋଜିବା ତେବେ ଆମେ ସଠିକ ପଥରେ ଚାଲିବା ।

ଆଦରଣୀୟ ସଭାପତି ମହାଶୟ,

ଏକଥା ଠିକ୍ ଯେ ଯେପରି ଆମ ମାନଙ୍କର ଏପରି ସ୍ୱଭାବ ରହିଛି ଯେ, ଘରେ ମଧ୍ୟ ଟିକେ କିଛି ପରିବର୍ତ୍ତନ କଲେ ଘରେ ଏକ ଉତ୍ତେଜନା ସୃଷ୍ଟି ହୋଇଯାଇଥାଏ । ଚେୟାର ଏଠାରେ କାହିଁକି ରଖିଲ ବୋଲି ପଚାରାଯାଇଥାଏ। ଭାରତ ହେଉଛି ଏତେବଡ଼ ଦେଶ ଆଉ ଯେଉଁ ପ୍ରକାରର ପରମ୍ପରା ସହିତ ଆମେ ଚାଲୁଛୁ ସମାଲୋଚନା ହେବ ଏକ ସ୍ୱାଭାବିକ କଥା, ଯେତେବେଳେ କୌଣସି ନୂଆ କଥା ଆସିଥାଏ ସେତେବେଳେ ଟିକେ ଅଳ୍ପ ବହୁତ ଅସାମଞ୍ଜସ୍ୟ ସ୍ଥିତି ମଧ୍ୟ ଆମର ଏଠାରେ ଦେଖିବାକୁ ମିଳିଥାଏ । କିନ୍ତୁ ଟିକେ ସେହି ଦିନକୁ ମନେ ପକାନ୍ତୁ ଯେତେବେଳେ ସବୁଜ ବିପ୍ଲବର କଥା ହେଉଥିଲା। ସବୁଜ ବିପ୍ଲବ ସମୟରେ ଯେଉଁ କୃଷି ସଂସ୍କାର ହେଲା, ସେତେବେଳେ ମଧ୍ୟ ଆଶଙ୍କାମାନ ସୃଷ୍ଟି ହୋଇଥିଲା, ଯେଉଁ ଆନ୍ଦୋଳନ ହୋଇଥିଲା, ତାହା ଭଲ ଭାବେ ଲିପିବଦ୍ଧ ହୋଇ ରହିଛି, ଆଉ ଏହା ହେଉଛି ଦେଖିବା ଭଳି। କୃଷି ସଂସ୍କାର ପାଇଁ କଠୋର ନିଷ୍ପତ୍ତି ନେବାର ସେହି ସମୟରେ ଶାସ୍ତ୍ରୀଜୀଙ୍କ ଅବସ୍ଥା ଏହାଥିଲା ଯେ ନିଜ ସାଥୀମାନଙ୍କ ମଧ୍ୟରୁ କେହି କୃଷିମନ୍ତ୍ରୀ ହେବାକୁ ପ୍ରସ୍ତୁତ ନଥିଲେ । କାରଣ ଏଭଳି ଲାଗୁଥିଲା ଯେ ହିଁ ହାତ ଜଳିଯିବ ଆଉ କୃଷକମାନେ ଅସନ୍ତୁଷ୍ଟ ହୋଇଯିବେ । ତେବେ ରାଜନୀତି ସଂପୂର୍ଣ୍ଣ ଶେଷ ହୋଇଯିବ । ଏହା ହେଉଛି ଶାସ୍ତ୍ରୀଜୀଙ୍କ ସମୟର ଘଟଣା, ଆଉ ଶେଷରେ ଶାସ୍ତ୍ରୀଜୀଙ୍କୁ ବଦଳରେ ସୁବ୍ରମଣ୍ୟମ ମହାଶୟଙ୍କୁ କୃଷିମନ୍ତ୍ରୀ କରିବାକୁ ପଡ଼ିଥିଲା ଆଉ ସେ ସଂସ୍କାରର କଥା କହିଥିଲେ । ଯୋଜନା ଆୟୋଗ ଏହାର ବିରୋଧ କରିଥିଲେ, ମଜା ଦେଖନ୍ତୁ... ଅର୍ଥ ମନ୍ତ୍ରଣାଳୟ ସହିତ ସମଗ୍ର କ୍ୟାବିନେଟ ଭିତରେ ମଧ୍ୟ ବିରୋଧର ସ୍ୱର ଉଠିଥିଲା । କିନ୍ତୁ ଦେଶର ମଙ୍ଗଳ ପାଇଁ ଶାସ୍ତ୍ରୀଜୀ ଆଗକୁ ବଢ଼ିଲେ ଆଉ ବାମ ଦଳ ଏବେ ଯେଉଁ ଭାଷା କହୁଛନ୍ତି, ତାହା ସେହି ସମୟରେ ମଧ୍ୟ କହୁଥିଲେ । ସେମାନେ ଏହା କହୁଥିଲେ ଯେ ଆମେରିକାର ନିର୍ଦ୍ଦେଶରେ ଶାସ୍ତ୍ରୀଜୀ ଏହା କରୁଛନ୍ତି।

ଆମେରିକାର ନିର୍ଦ୍ଦେଶରେ କଂଗ୍ରେସ ଏହା କରୁଛି । ଆଜି ମୋ' ଖାତାରେ ଟଙ୍କା ଜମା ରହିଛି, ତାହା ପୂର୍ବରୁ ଆପଣଙ୍କ ବ୍ୟାଙ୍କ ଖାତାରେ ଥିଲା। ସମସ୍ତଙ୍କୁ ଆମେରିକାର ଏଜେ ବୋଲି କହି ଦିଆଯାଉଥିଲା, ଆମର କଂଗ୍ରେସର ନେତାମାନଙ୍କୁ ମଧ୍ୟ ଏ ସମସ୍ତେ ବାମଦଳ ଉପରେ ଆଜି ଯେଉଁ କଥା କହୁଛନ୍ତି ସେହି ସମୟରେ ମଧ୍ୟ ସେମାନେ ଏହି କଥା କହିଥିଲେ । ସାରା ଦେଶରେ ହଜାର-ହଜାର ପ୍ରଦର୍ଶନ ଆୟୋଜନ କରାଯାଇଥିଲା । ବଡ଼ ଆନ୍ଦୋଳନ ଚାଲିଥିଲା। ଏହି ପରିସ୍ଥିତିରେ ମଧ୍ୟ ଲାଲବାହାଦୂର ଶାସ୍ତ୍ରୀଜୀ ଆଉ ତାଙ୍କ ପରବର୍ତ୍ତୀ ସରକାର ଯାହା କିଛି କରିଲେ ତାହାର ହିଁ ହେଉଛି ପରିଣାମ, ଆମେ କେବେ ପିଏଲ-୪୮୦ ଦ୍ଵାରା ମାଗିକରି ଆଣି ଖାଉଥିଲେ ଆଜି ଦେଶ ନିଜର କୃଷକ ନିଜ ମାଟିରୁ ଉତ୍ପାଦନ କରିଥିବା ଜିନିଷ ଖାଉଛେ । ରେକର୍ଡ ସ୍ତରର ଉତ୍ପାଦନ ପରେ ମଧ୍ୟ ଆମର କୃଷି କ୍ଷେତ୍ରମାନଙ୍କରେ ସମସ୍ୟା ରହିଛି କେହି ଏକଥାକୁ ମନା କରିପାରିବେ ନାହିଁ ଯେ ସମସ୍ୟା ନାହିଁ କିନ୍ତୁ ସମସ୍ୟାର ସମାଧାନ ଆମ ସମସ୍ତଙ୍କୁ ମିଳିମିଶି କରିବାକୁ ହେବ। ଆଉ ଅଧିକ ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

ଆମର ରାମ ଗୋପାଳ ମହାଶୟ ଏକ ବହୁତ ହିଁ ଭଲ କଥା କହିଛନ୍ତି... ସେ କହିଛନ୍ତି ଯେ କରୋନା ଲକ୍‌ଡାଉନରେ ମଧ୍ୟ ଆମ କୃଷକମାନେ ରେକର୍ଡ ଉତ୍ପାଦନ କରିଛନ୍ତି। ସରକାର ମଧ୍ୟ ବିହନ, ସାର, ସମସ୍ତ ଜିନିଷ କରୋନା ସମୟରେ ମଧ୍ୟ ପହଞ୍ଚାଇବାରେ କୌଣସି ଉଣା ହେବାକୁ ଦେଇ ନାହାଁନ୍ତି, କୌଣସି ଅସୁବିଧା ଆସିବାକୁ ଦେଇ ନାହାଁନ୍ତି ଆଉ ତାହାର ସାମୂହିକ ଭାବେ ଏହା ପରିଣାମ ମିଳିଛି ଯେ ଦେଶ ପାଖରେ ଏକ କୃଷି ଭଣ୍ଡାର ଭରି ରହିପାରିଲା । ଉତ୍ପାଦନର ରେକର୍ଡ କ୍ରୟ ମଧ୍ୟ କରୋନା ସମୟରେ ହିଁ ହୋଇଛି । ତେବେ ମୁଁ ଭାବୁଛି ଯେ ଆମକୁ ନୂଆ-ନୂଆ ଉପାୟ ଖୋଜି ଆଗକୁ ବଢ଼ିବାକୁ ହେବ, କହିଛି ଏମିତି ବହୁ ଆଇନ ରହିଛି ଯାହାକୁ ଦୁଇ ବର୍ଷ ପରେ, ପାଞ୍ଚ ବର୍ଷ ପରେ, ଦୁଇ ମାସ, ତିନି ମାସ ପରେ ପରିବର୍ତ୍ତନ କରିବା ଆବଶ୍ୟକ। ଆମେ କେତେକ ସ୍ଥିରାବସ୍ଥାରେ ଜୀଉଁଥିବା ଲୋକ ନୁହେଁ ମହୋଦୟ...। ଯେତେବେଳେ ଭଲ ପରାମର୍ଶ ଆସିଥାଏ, ସେତେବେଳେ ମଧ୍ୟ ଭଲ ସଂସ୍କାର ହୋଇଥାଏ । ଆଉ ସରକାର ମଧ୍ୟ ଉତ୍ତମ ପରାମର୍ଶକୁ, କେବଳ ଆମ

ସରକାର ନୁହଁନ୍ତି ପ୍ରତ୍ୟେକ ସରକାର ଉତ୍ତମ ପରାମର୍ଶକୁ ସ୍ୱୀକାର କରନ୍ତି, ଏହା ହିଁ ହେଉଛି ଗଣତାନ୍ତ୍ରିକ ପରମ୍ପରା । ଆଉ ଏଥିପାଇଁ, ଭଲ କରିବା ପାଇଁ, ଭଲ ପରାମର୍ଶ ସହିତ ଭଲ ପରାମର୍ଶର ନେଇ ଆମ ସମସ୍ତଙ୍କୁ ଆଗକୁ ବଢ଼ିବା ଆବଶ୍ୟକ । ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ନିମନ୍ତ୍ରଣ କରୁଛି । ଆସନ୍ତୁ ଆମେ ଦେଶକୁ ଆଗକୁ ନେଇଯିବା ପାଇଁ, କୃଷି କ୍ଷେତ୍ରର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ, ଆନ୍ଦୋଳନକାରୀଙ୍କୁ ବୁଝି ଆମକୁ ଦେଶକୁ ଆଗକୁ ନେଇ ଯିବା । ହୋଇପାରେ ଯେ, ବୋଧହୁଏ ଆଜି ନ ହେଲେ କାଲି ଏହିଠାରେ ଯାହା କିଛି ମଧ୍ୟ ହେବ କାହାକୁ ନା କାହାକୁ ଏହି କାର୍ଯ୍ୟଟିକୁ କରିବାକୁ ପଡ଼ିବ । ଆଜି ମୁଁ କରିଛି ଗାଳିଗୁଡ଼ିକୁ ମୋ ଖାତାକୁ ଯିବାକୁ ଦିଅନ୍ତୁ... କିନ୍ତୁ ଆଜି ହିଁ ଏହି ଭଲ କାର୍ଯ୍ୟଟିକୁ କରିବାରେ ଲାଗିପଡ଼ନ୍ତୁ । ଖରାପ ହେଲେ ମୋ' ଖାତାକୁ, ଭଲ ହେଲେ ଆପଣଙ୍କ ଖାତାକୁ ଯାଉ... । ଆସନ୍ତୁ ମିଳିମିଶି ଚାଲିବା । ଆଉ ମୁଁ ଏବଂ ଆମର କୃଷିମନ୍ତ୍ରୀ କ୍ରମାଗତ ଭାବେ ଆମର କୃଷକମାନଙ୍କ ସହିତ କଥାବାର୍ତ୍ତା କରୁଛନ୍ତି । କ୍ରମାଗତ ଭାବେ ମିଟିଂ ବସୁଛି । ଆଉ ଏପର୍ଯ୍ୟନ୍ତ କୌଣସି ଅପ୍ରିତିକର ପରିସ୍ଥିତି ଉପୁଜି ନାହିଁ । ଜଣେ ଅନ୍ୟଜଣଙ୍କର କଥାକୁ ବୁଝିବା ଏବଂ ବୁଝାଇବାର ପ୍ରୟାସ ଜାରି ରହିଛି । ଆଉ ଆମେ ଲଗାତାର ଭାବେ ଆନ୍ଦୋଳନ ସହିତ ଜଡ଼ିତ ଲୋକମାନଙ୍କୁ ପ୍ରାର୍ଥନା କରୁଛୁ କି ଆନ୍ଦୋଳନ କରିବା ହେଉଛି ଆପଣଙ୍କର ଅଧିକାର। କିନ୍ତୁ ଏହିଭଳି ଭାବେ ବୟସ୍କ ବୃଦ୍ଧମାନେ ସେଠାରେ ବସି ରହିବା ଠିକ୍ କଥା ନୁହେଁ । ଆପଣ ସେମାନଙ୍କୁ ନେଇ ଯାଆନ୍ତୁ । ଆପଣ ଆନ୍ଦୋଳନକୁ ଶେଷ କରନ୍ତୁ ଆଗକୁ ବଢ଼ିବା ପାଇଁ ମିଳିମିଶି ବସି ଚର୍ଚ୍ଚା କରିବା ରାସ୍ତା ଖୋଲା ରହିଛି । ଏ ସବୁକିଛି ଆମେ କହିଛୁ ଆଉ ଆଜି ମଧ୍ୟ ଏହି ସଦନ ମାଧ୍ୟମରେ ମୁଁ ନିମନ୍ତ୍ରଣ ଦେଉଛି ।

ଆଦରଣୀୟ ସଭାପତି ମହାଶୟ,

ଏହି କଥା ହେଉଛି ନିଶ୍ଚିତ ଯେ ଆମର କୃଷି ଖେତକୁ ପ୍ରଫୁଲ୍ଲିତ କରିବାର ଏହା ହେଉଛି ଉପଯୁକ୍ତ ସମୟ ଆଉ ଆମକୁ ଏହି ସମୟକୁ ନଷ୍ଟ କରିବାକୁ ଦେବା ଉଚିତ ନୁହେଁ । ଆମେ ଆଗକୁ ବଢ଼ିବା ଆବଶ୍ୟକ। ଦେଶକୁ ପଛକୁ ନେଇଯିବା କଥା ନୁହେଁ। ପକ୍ଷ ହେଉ ବିପକ୍ଷ ହେଉ, ଆନ୍ଦୋଳନରତ ସାଥୀ ହୁଅନ୍ତୁ, ଏହିସବୁ ସଂସ୍କାରଗୁଡ଼ିକୁ ଆଣିବା ପାଇଁ

ଆମକୁ ସୁଯୋଗ ଦେବା ଆବଶ୍ୟକ । ଆଉ ଗୋଟିଏ ଥର ଆମକୁ ଦେଖିବା ଦରକାର ଯେ ଏହି ପରିବର୍ତ୍ତନ ଦ୍ୱାରା ଆମକୁ ଲାଭ ହେଉଛି କି ଲାଭ ହେଉନାହିଁ । ଯଦି କୌଣସି ଊଣା ରହିଯାଇଥାଏ, ତେବେ ଆମେ ତାହାକୁ ଠିକ କରିବା, ଆଉ କୌଣସି ସ୍ଥାନରେ କୋହଳ ରହିଥିଲେ ତାହାକୁ କସିକରି ବାନ୍ଧିବା। ଏଭଳି କଥା ନୁହେଁ ଯେ ସବୁ କବାଟ ବନ୍ଦ କରିଦେଲେ ବାସ୍... ତେଣୁ ମୁଁ କହୁଛି... ମୁଁ ବିଶ୍ୱାସ ଦେଉଛି ଯେ ମଣ୍ଡିଗୁଡ଼ିକ ଅଧିକ ଆଧୁନିକ ହେଉ, ଅଧିକ ପ୍ରତିସ୍ପର୍ଦ୍ଧି ହେଉ, ଏଥରର ବଜେଟରେ ମଧ୍ୟ ଆମେ ତାହା ପାଇଁ ବ୍ୟବସ୍ଥା କରିଛି । କେବଳ ଏତିକି ହିଁ ନୁହେଁ, ଏମ୍‌ଏସ୍‌ପି ରହିଛି, ଏମ୍‌ଏସ୍‌ପି ଥିଲା, ଏମ୍‌ଏସ୍‌ପି ରହିବ । ଏହି ସଦନର ପବିତ୍ରତାକୁ ଆମେ ବୁଝିବା... ଯେଉଁ ୮୦ କୋଟି ଲୋକଙ୍କୁ ଶସ୍ତାରେ ରାଶନ ଦିଆଯାଉଛି, ତାହା ମଧ୍ୟ ଜାରି ରହିବ । ତେଣୁ ଦୟାକରି ଭ୍ରମ ସୃଷ୍ଟି କରିବା କାର୍ଯ୍ୟରେ ଆମେ ଯୋଡି ହେବାନାହିଁ। କାରଣ ଆମକୁ ଦେଶ ଏକ ବିଶିଷ୍ଟ ଦାୟିତ୍ୱ ଦେଇଛି । କୃଷକଙ୍କ ଆୟ ବୃଦ୍ଧି କରିବାର ଯେଉଁ ସବୁ ଅନ୍ୟାନ୍ୟ ଉପାୟ ରହିଛି ତାହା ଉପରେ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ପରିବାର ଭିତରେ ଜନସଂଖ୍ୟା ବୃଦ୍ଧି ହେଉଛି, ସଦସ୍ୟଙ୍କର ସଂଖ୍ୟା ବଢୁଛି। ଜମି ଭାଗ ଭାଗ ହେବାରେ ଲାଗିଛି । ଏଭଳି ସ୍ଥିତିରେ କିଛି ନା କିଛି ଏଭଳି କାର୍ଯ୍ୟ କରିବାକୁ ହେବ ଯାହା ଫଳରେ କୃଷକଙ୍କ ଉପରେ ବୋଝ କମ୍ ହେବ । ଆଉ ଆମର କୃଷକ ପରିବାରର ଲୋକମାନଙ୍କ ପାଇଁ ପେଟପାଟଣା ପାଇଁ, ରୋଜଗାର କରିବା ପାଇଁ, ସେମାନଙ୍କ ପାଇଁ ଆମେ ଆହୁରି ଅଧିକ ସୁଯୋଗ ଉପଲବ୍ଧ କରାଇ ପାରିବା। ସେମାନଙ୍କର ଅସୁବିଧା ଦୂର କରିବା ପାଇଁ ଆମକୁ କାର୍ଯ୍ୟ କରିବାକୁ ହେବ ଆଉ ମୁଁ ମାନୁଛି ଯେ ଆମେ ଯଦି ଡେରି କରିଦେବା, ଆମେ ଯଦି ନିଜର ରାଜନୈତିକ ସମୀକରଣ ଗୁଡ଼ିକରେ ଫସି ରହିବା ତେବେ ଆମେ କୃଷକଙ୍କୁ ଅନ୍ଧକାର ଆଡକୁ ଠେଲି ଦେବା । ଦୟାକରି ଆମକୁ କୃଷକମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏଥିରୁ ନିଜକୁ ବଞ୍ଚାଇ ରଖିବା । ମୁଁ ସମସ୍ତଙ୍କୁ ପ୍ରାର୍ଥନା କରୁଛି, ଆମକୁ ଏହି କଥା ନିମନ୍ତେ ଚିନ୍ତା କରିବାକୁ ପଡ଼ିବ।

ଆଦରଣୀୟ ସଭାପତି ମହାଶୟ,

ଆମର କୃଷି କ୍ଷେତ୍ର ସହିତ ଡାଏରୀ ଏବଂ ପଶୁପାଳନକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ ଫଳରେ ଆମର କୃଷକ ପରିପକ୍ୱ ହେବେ, ଏହିଭଳି ଭାବେ ଆମେ ପାଦ ଏବଂ ମୁଖର ରୋଗ ପାଇଁ ଏକ ବହୁତ ବଡ଼ ଅଭିଯାନ ଚଳାଇଥିଲୁ ଯାହା ପଶୁପାଳକ, କୃଷକଙ୍କୁ ଯେଉଁମାନେ କୃଷି କାର୍ଯ୍ୟ ସହିତ ଜଡ଼ିତ ସେମାନଙ୍କୁ ମଧ୍ୟ ଲାଭ ହେବ । ଆମେ ମତ୍ସ୍ୟଚାଷକୁ ମଧ୍ୟ ଏକ ଭିନ୍ନ ବଳ ପ୍ରଦାନ କଲୁ, ଅଲଗା ମନ୍ତ୍ରଣାଳୟ ଗଠନ କଲୁ ଆଉ ୨୦ ହଜାର କୋଟି ଟଙ୍କା ମତ୍ସ୍ୟ ସମ୍ପଦ ଯୋଜନା ନିମନ୍ତେ ବିନିଯୋଗ କରିଛୁ । ଯାହାଦ୍ୱାରା ସମଗ୍ର କ୍ଷେତ୍ରକୁ ଏକ ନୂତନ ବଳ ମିଳୁଛି । ମଧୁ ବିପ୍ଳବରେ ବହୁତ ସବୁ ସମ୍ଭାବନା ରହିଛି ଆଉ ଏଥିପାଇଁ ଭାରତରେ ତା'ପାଇଁ ଅଧିକ ଜମିର ଆବଶ୍ୟକତା ନାହିଁ, ନିଜର ହିଁ ଚାଷଜମିର କୋଣରେ କରିଦେବେ, ତେବେ ବର୍ଷକ ମଧ୍ୟରେ ୪୦-୫୦ ହଜାର, ଲକ୍ଷେ ଟଙ୍କା, ଦୁଇ ଲକ୍ଷ ଟଙ୍କା ସେ ରୋଜଗାର କରିଦେବେ। ଆଉ ଏଥିପାଇଁ ଆମେ ମଧୁ ବା ମହୁ ପାଇଁ, ହନି ପାଇଁ, ସେହିଭଳି ଭାବେ ମହୁମାଛି ମହମ.. ଦୁନିଆରେ ମହୁମାଛି ମହମର ଖୁବ ଚାହିଦା ରହିଛି। ଭାରତ ମହୁମାଛି ମହମ ରପ୍ତାନି କରିପାରିବ । ଆମେ ତା'ପାଇଁ ଏକ ପରିବେଶ ସୃଷ୍ଟି କଲୁ କୃଷକମାନେ କ୍ଷୁଦ୍ର ଚାଷୀମାନେ ନୂତନ ରୋଜଗାର କରିପାରିବେ, ଆଉ ମହୁମାଛି ପାଳନ ପାଇଁ ହଜାର-ହଜାର ଏକର ଜମିର ଆବଶ୍ୟକତା ନାହିଁ । ସେମାନେ ଆରାମରେ ନିଜ ଜମିରେ ଏହା କରିପାରିବେ । ସୌର ପମ୍ପ ଯୋଗାଇ ଦେଇ... ଆମେ କହୁ ଅନ୍ନଦାତା ଉର୍ଜ୍ଜାଦାତା ହୋଇ ପାରିବେ, ତାଙ୍କ କୃଷି କ୍ଷେତରେ ହିଁ ସୌର ବ୍ୟବସ୍ଥାରୁ ସେମାନେ ଉର୍ଜ୍ଜା ସୃଷ୍ଟି କରନ୍ତୁ, ସୌର ପମ୍ପ ଚଲାନ୍ତୁ ନିଜର ପାଣିର ଆବଶ୍ୟକତାକୁ ପୂରଣ କରନ୍ତୁ । ତାହାର ଖର୍ଚ୍ଚର, ବୋଝ କମ୍ ହେବ । ଆଉ ଯଦି ଗୋଟିଏ ଫସଲ କରୁଛନ୍ତି ତା'ହେଲେ ଗୋଟିଏ କରନ୍ତୁ । ଦୁଇଟି କରୁଥିଲେ ତିନୋଟି କରନ୍ତୁ । ପଦ୍ଧତିରେ ଟିକେ ପରିବର୍ତ୍ତନ କରିବାର ଅଛି ତେବେ ସେମାନେ ତାହା ପାରିବେ । ଏହି ଦିଗରେ ଆମେ ଯାଇ ପାରିବା । ଆଉ ଗୋଟିଏ କଥା, ଭାରତର ଶକ୍ତି ଏଭଳି ସମସ୍ୟାଗୁଡ଼ିକର ସମାଧାନ କରିବାରେ ଏବଂ ନୂତନ ରାସ୍ତା ଖୋଜିବା ପାଇଁ ରହିଛି, ଆଗକୁ ମଧ୍ୟ ଖୋଲିବ । କିନ୍ତୁ କିଛି ଲୋକ ଅଛନ୍ତି ଯେଉଁମାନେ ଭାରତ ଅସ୍ଥିର ରହୁ, ଅଶାନ୍ତ ରହୁ, ଏଥି ନିମନ୍ତେ କ୍ରମାଗତ ଭାବେ ଚେଷ୍ଟା କରୁଛନ୍ତି । ଆମକୁ ଏଭଳି ଲୋକଙ୍କୁ ଜାଣିବାକୁ ଚିହ୍ନିବାକୁ ପଡ଼ିବ।

ଆମେ ଏହା ଭୁଲିବା ନାହିଁ ଯେ ପଞ୍ଜାବ ସହିତ କ'ଣ ହେଲା। ଯେତେବେଳେ ଭାଗବ । ହେଲା, ସବୁଠାରୁ ଅଧିକ କ୍ଷତି ସହିବାକୁ ପଡ଼ିଲା ପଞ୍ଜାବକୁ । ଯେତେବେଳେ ୮୪ର ଦଙ୍ଗା ହେଲା, ସବୁଠାରୁ ଅଧିକ ଅଶ୍ରୁ ଝରିଲା ପଞ୍ଜାବର, ସବୁଠାରୁ ଅଧିକ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା ପଞ୍ଜାବକୁ । ଯାହା ଜାମ୍ମୁ-କଶ୍ମୀରରେ ହେଲା, ନିର୍ଦ୍ଦୋଷଙ୍କୁ ମୃତ୍ୟୁ ଘାଟରେ ବଳି ପକାଇ ଦିଆଗଲା, ଯାହା ଉତ୍ତର-ପୂର୍ବାଞ୍ଚଳରେ ଚାଲୁଥିଲା । (ତାହା ଆଉ ରହିବ ନାହିଁ ପ୍ରତ୍ୟେକ ଦିନ ବୋମା-ବନ୍ଧୁକ ଏବଂ ଗୁଳିର ବ୍ୟବସାୟ ଚାଲୁ ରହିଥିଲା ।) ଏ ସମସ୍ତ ଜିନିଷ ଦେଶକୁ କୌଣସି ନା କୌଣସି ରୂପରେ ବହୁତ କ୍ଷତି ପହଞ୍ଚାଇଛି । ଏହା ପଛରେ କେଉଁ ଶକ୍ତି ରହିଛି, ପ୍ରତ୍ୟେକ ସମୟରେ, ପ୍ରତି ସରକାର ଏହାକୁ ଦେଖିଛନ୍ତି, ଜାଣିଛନ୍ତି, ପରଖିଛନ୍ତି । ଆଉ ଏଥିପାଇଁ ସେ ଏହି ଆନ୍ତରିକତା ସହିତ ଏ ସମସ୍ତ ସମସ୍ୟାଗୁଡ଼ିକର ସମାଧାନ ଲାଗି ଆମେ ଦ୍ରୁତ ଗତିରେ ଆଗକୁ ବଢୁଛୁ, ଆଉ ଆମେ ଏହି କଥାକୁ ଭୁଲିଯିବା ନାହିଁ ଯେ କିଛି ଲୋକ, ଆମର ବିଶେଷ ଭାବେ ପଞ୍ଜାବର, ବିଶେଷ ଭାବେ ଶିଖ୍ ଭାଇମାନଙ୍କ ମୁଣ୍ଡରେ କିଛି ଭ୍ରମାତ୍ମକ କଥା ଭରିବାରେ ଲାଗିଛନ୍ତି । ଏହି ଦେଶ ପ୍ରତ୍ୟେକ ଶିଖଙ୍କ ପାଇଁ ଗର୍ବ କରିଥାଏ । ଏମାନେ ଦେଶ ପାଇଁ କେତେ କ'ଣ କରି ନାହାଁନ୍ତି ? ସେମାନଙ୍କର ଯେତିକି ଆମେ ଆଦର କରିବା, ସେତିକ କମ ହେବ । ମୋର ସୌଭାଗ୍ୟ ରହିଛି ଯେ ମୋତେ ପଞ୍ଜାବର ରୁଟି ଖାଇବାକୁ ମିଳିଛି । ଜୀବନର କିଛି ଗୁରୁତ୍ୱପୂର୍ଣ୍ଣ ବର୍ଷ ମୁଁ ପଞ୍ଜାବରେ ବିତାଇଛି, ଏଥିପାଇଁ ମୋତେ ଜଣାଅଛି । ଆଉ ଯେଉଁ ଭାଷା ସେମାନଙ୍କ ପାଇଁ କିଛି ଲୋକ କହୁଛନ୍ତି, ସେମାନଙ୍କୁ ପଥଭ୍ରଷ୍ଟ କରିବାର ପ୍ରୟାସ କରୁଛନ୍ତି, ଏହାଦ୍ୱାରା ଦେଶର କେବେ ହେଲେ ମଧ ମଙ୍ଗଳ ହେବ ନାହିଁ । ଏଥିପାଇଁ ଆମକୁ ଏହି ଦିଗରେ ଚିନ୍ତା କରିବାର ଆବଶ୍ୟକତା ରହିଛି ।

ଆଦରଣୀୟ ସଭାପତି ମହାଶୟ,

ଆମେ ସମସ୍ତେ କିଛି ଶବ୍ଦ ସହିତ ବହୁତ ଭଲ ଭାବେ ପରିଚିତ- ଶ୍ରମଜୀବୀ, ବୁଦ୍ଧିଜୀବୀ, ଏହି ସମସ୍ତ ଶବ୍ଦ ସହିତ ପରିଚିତ । କିନ୍ତୁ ମୁଁ ଦେଖୁଛି ଯେ ବିଗତ କିଛି ସମୟ ଧରି ଦେଶରେ ଏକ ନୂତନ ପରମ୍ପରା ସୃଷ୍ଟି ହୋଇଛି, ଏକ ନୂତନ ଗୋଷ୍ଠୀ ସାମ୍ନାକୁ

ଆସିଛନ୍ତି ଆଉ ସେମାନେ ହେଉଛନ୍ତି ଆନ୍ଦୋଳନଜୀବୀ । ଏହି ଆନ୍ଦୋଳନଜୀବୀ ଆପଣମାନେ ଦେଖିବେ- ଓକିଲମାନଙ୍କର ଆନ୍ଦୋଳନ ହେଉ, ସେମାନେ ସେଠାରେ ଦୃଷ୍ଟିଗୋଚର ହେବେ, ଛାତ୍ରମାନଙ୍କର ଆନ୍ଦୋଳନ ହେଉ, ସେମାନେ ସେଠାରେ ଦୃଷ୍ଟିଗୋଚର ହେବେ, ଶ୍ରମିକମାନଙ୍କର ଆନ୍ଦୋଳନ ହେଉ, ସେମାନେ ସେଠାରେ ଦୃଷ୍ଟିଗୋଚର ହେବେ, କେବେ ପରଦା ପଛରେ ଆଉ କେବେ ପରଦା ଆଗରେ । ଗୋଟିଏ ପୂରା ଦଳ ହେଉଛନ୍ତି ଏହି ଆନ୍ଦୋଳନଜୀବୀ । ସେମାନେ ଆନ୍ଦୋଳନ ବିନା ବଞ୍ଚିପାରିବେ ନାହିଁ ଆଉ ଆନ୍ଦୋଳନ ସହିତ ବଞ୍ଚିବା ପାଇଁ ସେମାନେ ରାସ୍ତା ଖୋଜି ଚାଲନ୍ତି । ଆମକୁ ଏଭଳି ଲୋକମାନଙ୍କୁ ଚିହ୍ନିବାକୁ ପଡ଼ିବ, ଯେଉଁମାନେ ସବୁ ଜାଗାରେ ପହଞ୍ଚିକରି ଆଉ ବଡ଼ ଆଇଡିଓଲୋଜିକାଲ ଷ୍ଟାଣ୍ଡ ଦେଇ ଦିଅନ୍ତି, ପଥଭ୍ରଷ୍ଟ କରି ଦିଅନ୍ତି, ନୂଆ-ନୂଆ ଉପାୟ ଜଣାଇ ଦିଅନ୍ତି । ଦେଶ ଆନ୍ଦୋଳନଜୀବୀ ଲୋକଙ୍କ କବଳରୁ ରକ୍ଷା ପାଉ, ଏଥିପାଇଁ ଆମ ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ । ଆନ୍ଦୋଳନ ହେଉଛି ସେମାନଙ୍କର ଶକ୍ତି । ସେମାନଙ୍କର କ'ଣ ଅଛି ? ନିଜେ କିଛି ଜିନିଷ ଗଢ଼ି ପାରିବେ ନାହିଁ, ଯଦି କାହାର କିଛି କାମ ଚାଲୁଛି ତେବେ ଯାଇ ସେଠାରେ ବସି ପଡ଼ିବେ । ଏଭଳି ଲୋକମାନଙ୍କୁ ଚିହ୍ନିବାର ଯଥେଷ୍ଟ ଆବଶ୍ୟକତା ଅଛି । ଏ ସମସ୍ତ ଆନ୍ଦୋଳନଜୀବୀ ହେଉଛନ୍ତି ପରଜୀବୀ । ଆଉ ଏଠାରେ ସମସ୍ତ ଲୋକମାନଙ୍କୁ ମୋ' କଥାରୁ ଏଥିପାଇଁ ଆନନ୍ଦ ମିଳିବ କାରଣ ଆପଣମାନେ ଯେଉଁ-ଯେଉଁଠାରେ ସରକାର ଚଳାଉଥିବେ, ଆପଣମାନଙ୍କୁ ମଧ୍ୟ ଏଭଳି ପରଜୀବୀ ଆନ୍ଦୋଳନଜୀବୀମାନଙ୍କର ଅନୁଭବ ହେଉଥିବ ଆଉ ଏଥିପାଇଁ, ସେହି ପ୍ରକାରର ଏକ ନୂତନ ଜିନିଷକୁ ମୁଁ ଦେଖୁଛି । ଦେଶ ପ୍ରଗତି କରୁଛି, ଆମେ ଏଫ୍‌ଡିଆଇର କଥା କହୁଛୁ, ଏଫ୍‌ଡିଆଇ ହେଉଛି ସିଧାସଳଖ ବିଦେଶୀ ପୁଞ୍ଜିଲଗାଣ । କିନ୍ତୁ ମୁଁ ଦେଖୁଛି ଏହି ଦିନମାନଙ୍କରେ ଏକ ନୂତନ ଏଫ୍‌ଡିଆଇ ମୈଦାନକୁ ଆସିଛି । ଏହି ନୂତନ ଏଫ୍‌ଡିଆଇ କବଳରୁ ଦେଶକୁ ରକ୍ଷା କରିବାକୁ ହେବ । ଏଫ୍‌ଡିଆଇ ଆବଶ୍ୟକ, ସିଧାସଳଖ ବିଦେଶୀ ପୁଞ୍ଜିଲଗାଣ ଆବଶ୍ୟକ । କିନ୍ତୁ ଏହି ଯେଉଁ ନୂତନ ଏଫ୍‌ଡିଆଇ ଦୃଷ୍ଟିଗୋଚର ହେଉଛି, ଏହି ନୂତନ ଏଫ୍‌ଡିଆଇ କବଳରୁ ନିଶ୍ଚିତ ଭାବେ ଆମକୁ ରକ୍ଷା ପାଇବାକୁ ପଡ଼ିବ ଆଉ ଏହି

ନୂତନ ଏଫ୍‌ଡିଆଇ ହେଉଛି ବିଦେଶୀ ବିଧ୍ୱଂସକାରୀ ଚିନ୍ତାଧାରା, ଆଉ ଏଥିପାଇଁ ଏହି ଏଫ୍‌ଡିଆଇ କବଳରୁ ଦେଶକୁ ରକ୍ଷା କରିବା ପାଇଁ ଆମକୁ ଆହୁରି ସତର୍କ ଏବଂ ଜାଗ୍ରତ ରହିବାର ଆବଶ୍ୟକତା ରହିଛି ।

ଆଦରଣୀୟ ସଭାପତି ମହାଶୟ,

ଆମ ଦେଶର ବିକାଶ ପାଇଁ ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଏକ ନିଜସ୍ୱ ମୂଲ୍ୟ ରହିଛି । ଗ୍ରାମୀଣ ଅର୍ଥ ବ୍ୟବସ୍ଥା ଆମର ଆତ୍ମନିର୍ଭର ଭାରତର ହେଉଛି ଏକ ପ୍ରମୁଖ ସ୍ତମ୍ଭ । ଆତ୍ମନିର୍ଭର ଭାରତ, ଏହା କୌଣସି ସରକାରଙ୍କର କାର୍ଯ୍ୟକ୍ରମ ହୋଇ ନପାରେ ଆଉ ତାହା ହେବାର ଆବଶ୍ୟକତା ମଧ୍ୟ ନାହିଁ । ଏହା ୧୩୦ କୋଟି ଦେଶବାସୀଙ୍କର ସଂକଳ୍ପ ହେବା ଆବଶ୍ୟକ । ଆମେ ଗର୍ବ ଅନୁଭବ କରିବା ଉଚିତ ଆଉ ଏଥିରେ କୌଣସି ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ । ଆଉ ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷ ଆମକୁ ଏହି ରାସ୍ତା ଦେଖାଇଥିଲେ । ଯଦି ଆମେ ସେଠାରୁ ଟିକିଏ ହଟି ଯାଇଛେ ତେବେ ପୁଣିଥରେ ସେହି ଧାରାକୁ ଫେରି ଆସିବାର ଆବଶ୍ୟକତା ରହିଛି, ଆତ୍ମନିର୍ଭର ଭାରତର ରାସ୍ତାରେ ଆମକୁ ବଢ଼ିବାକୁ ହିଁ ହେବ । ଆଉ ମୋର ବିଶ୍ୱାସ ରହିଛି କି ଆମେ ସେହି କଥାଗୁଡ଼ିକୁ ନେଇ ଯେତେବେଳେ ଆଗକୁ ବଢୁଛୁ ସେତେବେଳେ ଆମ ଦେଶର ସାଧାରଣ ନାଗରିକଙ୍କର ବିଶ୍ୱାସ ବଢୁ । ଯେଉଳି ଏବେ ପ୍ରଶ୍ନୋତ୍ତର ସମୟ କାଳରେ ଜଳ-ଜୀବନ ମିଶନର ଚର୍ଚ୍ଚା ହେଉଥିଲା- ଏତେ କମ୍ ସମୟରେ ତିନି କୋଟି ପରିବାରଙ୍କ ପର୍ଯ୍ୟନ୍ତ ଘରେ ପାଣି ପହଞ୍ଚାଇବାର, ନଳ ସଂଯୋଗ ଦେବାର କାର୍ଯ୍ୟ ହୋଇସାରିଛି । ଆତ୍ମନିର୍ଭରତା ସେତେବେଳେ ଯାଇ ସମ୍ଭବ ଯେତେବେଳେ ଅର୍ଥବ୍ୟବସ୍ଥାରେ ସମସ୍ତଙ୍କର ଭାଗୀଦାରୀ ରହିବ। ଆମର ଭଉଣୀ ସୋନାଲ ନିଜର ଭାଷଣରେ ଭଉଣୀ-ଝିଅଙ୍କର ଭାଗୀଦାରୀ ଉପରେ ଫୋକସ୍ କରିବାର ଚର୍ଚ୍ଚା ବିସ୍ତାରିତ ଭାବେ କରିଛନ୍ତି ।

କରୋନା ସମୟରେ ତାହା ରାଶନ ହେଉ, ଆର୍ଥିକ ସହାୟତା ହେଉ କିମ୍ବା ମାଗଣା ଗ୍ୟାସ୍ ସିଲିଣ୍ଡର ଯୋଗାଇ ହେଉ- ସରକାର ପ୍ରତ୍ୟେକ ପ୍ରକାରରେ ଆମର ମାଆ-ଭଉଣୀମାନଙ୍କୁ ଅସୁବିଧା ନ ହେବା ପାଇଁ ସଂପୂର୍ଣ୍ଣ ଭାବେ ଚିନ୍ତା କରିଛନ୍ତି ଏବଂ ପ୍ରୟାସ

କରିଛନ୍ତି ଆଉ ଏକ ଶକ୍ତି ହୋଇ ଏହିସବୁ ଜିନିଷଗୁଡ଼ିକୁ ସମ୍ଭାଳିବାରେ ସାହାଯ୍ୟ ମଧ୍ୟ କରିଛନ୍ତି । ଯେଉଁଭଳି ଭାବେ ଏହି କଠିନ ସମୟରେ ଆମ ଦେଶର ନାରୀ ଶକ୍ତି ବଡ଼ ଧୈର୍ଯ୍ୟର ସହିତ ପରିବାରକୁ ସମ୍ଭାଳିଲେ, ପରିସ୍ଥିତିକୁ ସମ୍ଭାଳିଲେ; କରୋନାର ଏହି ଲଢ଼େଇରେ ପ୍ରତ୍ୟେକ ପରିବାରର ମାତୃଶକ୍ତିଙ୍କର ବହୁତ ବଡ଼ ଭୂମିକା ରହିଛି । ସେମାନଙ୍କୁ ମୁଁ ଯେତିକି ଧନ୍ୟବାଦ ଦେବି, ସେତିକି ହିଁ କମ ହେବ । ଭଉଣୀ-ଝିଅଙ୍କର ସାହସ ମୁଁ ବୁଝିପାରୁଛି, ଆତ୍ମନିର୍ଭର ଭାରତରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆମ ମାଆ-ଭଉଣୀମାନେ ତୁଲାଇବେ, ଏହା ହେଉଛି ମୋର ଦୃଢ଼ ବିଶ୍ୱାସ । ଆଜି ଯୁଦ୍ଧ କ୍ଷେତ୍ରରେ ମଧ୍ୟ ଆମ ଝିଅମାନଙ୍କର ଭାଗୀଦାରୀ ବୃଦ୍ଧି ପାଉଛି । ନୂଆ-ନୂଆ ଯେଉଁ ଶ୍ରମ ଅଦାଲତ ଗଠନ କରାଯାଇଛି, ସେଥିରେ ମଧ୍ୟ ଝିଅମାନଙ୍କ ପାଇଁ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସମାନ ବେତନର ଅଧିକାର ଦିଆଯାଇଛି । ମୁଦ୍ରା ଯୋଜନା ଦ୍ୱାରା ୭୦ ପ୍ରତିଶତ ଯେଉଁ ଋଣ ନିଆଯାଇଛି, ତାହା ଆମର ଭଉଣୀମାନେ ନେଇଛନ୍ତି ଅର୍ଥାତ ଗୋଟିଏ ପ୍ରକାରରେ ଏହା ହେଉଛି ସେମାନଙ୍କର ଯୋଗଦାନ । ପ୍ରାୟ ୭କୋଟି ମହିଳାଙ୍କ ସହଭାଗିତା ଦ୍ୱାରା ୬୦ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ଆଜି ଆତ୍ମନିର୍ଭର ଭାରତର ପ୍ରୟାସକୁ ଏକ ନୂତନ ଶକ୍ତି ପ୍ରଦାନ କରୁଛନ୍ତି ।

ଭାରତର ଯୁବ ଶକ୍ତି ଉପରେ ଆମେ ଯେତିକି ଯୋର ଦେବା, ଆମେ ସେମାନଙ୍କୁ ଯେତିକି ସୁଯୋଗ ଦେବା, ମୁଁ ଭାବୁଛି ସେମାନେ ଆମ ଦେଶ ପାଇଁ, ଭବିଷ୍ୟତ ପାଇଁ, ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ମୂଳଦୁଆ ହେବେ । ଯେଉଁ ରାଷ୍ଟ୍ରୀୟ ଶିକ୍ଷା ନୀତି ଆସିଛି, ସେହି ରାଷ୍ଟ୍ରୀୟ ଶିକ୍ଷା ନୀତିରେ ଆମର ଯୁବା ପିଢ଼ିଙ୍କ ପାଇଁ ନୂତନ ସୁଯୋଗ ପ୍ରଦାନ କରିବାର ପ୍ରୟାସ ହୋଇଛି। ଆଉ ମୁଁ ଖୁସି ଯେ ଏକ ଦୀର୍ଘ ସମୟ ଲାଗିଲା ଶିକ୍ଷା ନୀତି ଉପରେ ଚର୍ଚ୍ଚା ହେବାରେ, କିନ୍ତୁ ତାହାର ସ୍ୱୀକୃତି ଯେଉଁଭଳି ଭାବେ ଦେଶରେ ହୋଇଛି, ତାହା ଏକ ନୂତନ ବିଶ୍ୱାସ ସୃଷ୍ଟି କରିଛି । ଆଉ ମୋର ବିଶ୍ୱାସ ରହିଛି କି ଏହି ନୂତନ ଶିକ୍ଷା ନୀତି, ନୂତନ ରାଷ୍ଟ୍ରୀୟ ଶିକ୍ଷା ନୀତି ଆମ ଦେଶର ଏକ ନୂତନ ଉପାୟରେ ପଢ଼ିବାର ଏକ ନୂତନ ଉପାୟରେ ବିଚାର କରିବାର, ସୁଯୋଗ ସୃଷ୍ଟି କରିଛି ।

ଆମର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର- ରୋଜଗାରର ସବୁଠାରୁ ଅଧିକ ସୁଯୋଗ ଏମ୍‌ଏସ୍‌ଏମ୍‌ଇକୁ ମିଳୁଛି । ଆଉ ଯେତେବେଳେ କରୋନା ସମୟରେ ଯେଉଁ ଷ୍ଟିମୁଲସର କାମ ହୋଇଥିଲା, ସେଥିରେ ମଧ୍ୟ ଏମ୍‌ଏସ୍‌ଏମ୍‌ଇ ଉପରେ ସଂପୂର୍ଣ୍ଣ ଧ୍ୟାନ ଦିଆଗଲା ଆଉ ତାହାର ହେଉଛି ପରିଣାମ କି ଆର୍ଥିକ ରିକଭରିରେ ଆଜି ଆମର ଏମ୍‌ଏସ୍‌ଏମ୍‌ଇ ବହୁତ ବଡ଼ ଭୂମିକା ତୁଲାଉଛି । ଆଉ ଆମେ ତାହାକୁ ଆଗକୁ ବଢ଼ାଉଛୁ ।

ଆମେ ସମସ୍ତେ ପ୍ରାରମ୍ଭରୁ "ସମସ୍ତଙ୍କ ସହିତ-ସମସ୍ତଙ୍କର ବିକାଶ-ସମସ୍ତଙ୍କର ବିଶ୍ୱାସ"ର ମନ୍ତ୍ରକୁ ନେଇ ଚାଲୁଛୁ। ଆଉ ତାହାର ଏହା ପରିଣାମ ହେଉଛି କି ଉତ୍ତର-ପୂର୍ବା ଳରେ ହେଉ ଅବା ନକ୍ସଲ ପ୍ରଭାବିତ ଅଞ୍ଚଳ ହେଉ, ଧୀରେ-ଧୀରେ ସେଠାରେ ଆମର ସମସ୍ୟା ସବୁ କମ୍ ହେବାରେ ଲାଗିଛି ଆଉ ସମସ୍ୟା ସବୁ କମ୍ ହେବା କାରଣରୁ ସୁଖ ଏବଂ ଶାନ୍ତିର ସୁଯୋଗ ସୃଷ୍ଟି ହେଉଛି । ତେଣୁ ବିକାଶର ମୁଖ୍ୟ ଧାରାରେ ଏ ଆମର ସମସ୍ତ ସାଥୀମାନଙ୍କୁ ଆସିବାର ସୁଯୋଗ ମିଳୁଛି ଆଉ ଭାରତର ଉଜ୍ଜ୍ୱଳ ଭବିଷ୍ୟତରେ ପୂର୍ବୋତ୍ତର ଭାରତ ବହୁତ ବଡ଼ ଭୂମିକା ତୁଲାଇବ, ଏହା ମୁଁ ସ୍ପଷ୍ଟ ଦେଖିପାରୁଛି । ଆଉ ଆମେ ତାହାକୁ ସଂପୂର୍ଣ୍ଣ ଦୃଢ଼ତାର ସହିତ କରିପାରିବା ।

ମୁଁ ଆଦରଣୀୟ ଗୁଲାମ ନବୀ ମହାଶୟଙ୍କ କଥା ଶୁଣୁଥିଲି । ଏମିତିରେ ମଧ୍ୟ ମୃଦୁଳତା, ସୌମ୍ୟତା ଆଉ କେବେ ହେଲେ ମଧ୍ୟ କଟୁ ଶବ୍ଦର ଉପଯୋଗ ନ କରିବା, ଏହା ଗୁଲାମ ନବୀ ମହାଶୟଙ୍କ ବିଶେଷତ୍ୱ ରହି ଆସିଛି । ଆଉ ମୁଁ ମାନୁଛି କି ଆମେ ସମସ୍ତେ ଯେଉଁ ସାଂସଦଗଣ ଅଛୁ, ସେ ସମସ୍ତେ ଏହାକୁ ଶିଖିବା ଭଳି କଥା ଆଉ ମୁଁ ତାଙ୍କର ସମ୍ମାନ ମଧ୍ୟ କରୁଛି । ସେ ଜାମ୍ମୁ-କଶ୍ମୀରରେ ଯେଉଁ ନିର୍ବାଚନ ହେଲା, ତାହାର ପ୍ରଶଂସା ମଧ୍ୟ କଲେ । ସେ କହିଲେ କି ଦୀର୍ଘ ସମୟ ଧରି ମୋ ହୃଦୟରେ ଜାମ୍ମୁ-କଶ୍ମୀରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଆଉ ଏହା ମଧ୍ୟ ହେଉଛି ସ୍ୱାଭାବିକ, ତାଙ୍କ ହୃଦୟର ଏହି କଥା ରହିଛି । ସମଗ୍ର ହିନ୍ଦୁସ୍ତାନର ହୃଦୟରେ ଜାମ୍ମୁ-କଶ୍ମୀର ସମ୍ପର୍କରେ ସେହି ଭାବନା ଭରି ରହିଛି।

ଜାମ୍ମୁ-କଶ୍ମୀର ଆତ୍ମନିର୍ଭର ହେବ, ସେଥିପାଇଁ ଆମର- ସେଠାରେ ପଞ୍ଚାୟତର ନିର୍ବାଚନ ହେଲା, ବିଡିସିର ନିର୍ବାଚନ ହେଲା, ଡିଡିସିର ନିର୍ବାଚନ ହେଲା, ଆଉ ସେସବୁର

ପ୍ରଶଂସା ଗୁଲାମ ନବୀ ମହାଶୟ କରିଛନ୍ତି । ଏହି ପ୍ରଶଂସା ପାଇଁ ମୁଁ ଆପଣଙ୍କ ନିକଟରେ ବହୁତ ଋଣୀ । କିନ୍ତୁ ମୋତେ ଡର ଲାଗୁଛି, ଆପଣ ପ୍ରଶଂସା କଲେ । ମୋର ବିଶ୍ୱାସ ରହିଛି କି ଆପଣଙ୍କ ଦଳର ଲୋକମାନଙ୍କୁ ଉଚିତ ଉତ୍ସାହ ମିଳିବ, ଭୁଲରେ ଜି-୨୩ର ରାୟ ମାନି ତାହାକୁ ଓଲଟା କରି ଦେବେ ନାହିଁ।

ଆଦରଣୀୟ ସଭାପତି ମହାଶୟ,

କରୋନାର ଆହ୍ୱାନପୂର୍ଣ୍ଣ ସମୟରେ ସୀମାରେ ମଧ୍ୟ ଆହ୍ୱାନ ଦେବାର ପ୍ରଚେଷ୍ଟା କରାଯାଇଥିଲା । ଆମର ବୀର ଯବାନମାନଙ୍କର ସାହସ ଏବଂ କୁଶଳତା ସଠିକ ଜବାବ ଦେଇଛନ୍ତି । ପ୍ରତ୍ୟେକ ହିନ୍ଦୁସ୍ତାନୀ ଏହି କଥାରେ ଗର୍ବ ଅନୁଭବ କରୁଛି । ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଆମର ଯବାନମାନେ ଦୃଢ଼ ଭାବରେ ଠିଆ ହୋଇ ରହିଛନ୍ତି । ସମସ୍ତ ସାଥୀମାନେ ମଧ୍ୟ ଆମ ଯବାନମାନଙ୍କର ଶୌର୍ଯ୍ୟର ପ୍ରଶଂସା କରିଛନ୍ତି, ମୁଁ ସେମାନଙ୍କ ନିକଟରେ କୃତଜ୍ଞ । ଏଲ୍‌ଏସିରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାକୁ ନେଇ ଭାରତର ମତ ବହୁତ ହିଁ ସ୍ପଷ୍ଟ ଆଉ ଦେଶ ଏହାକୁ ଭଲ ଭାବେ ଦେଖୁଛି ମଧ୍ୟ ଆଉ ଗର୍ବ ମଧ୍ୟ କରୁଛି । ସୀମା ଭିତ୍ତିଭୂମି ଏବଂ ସୀମା ସୁରକ୍ଷାକୁ ନେଇ ଆମର ପ୍ରତିବଦ୍ଧତାରେ କୌଣସି ପ୍ରକାରର କୋହଳ ମନୋଭାବ ଆସିବାର ପ୍ରଶ୍ନ ହିଁ ଉଠୁନାହିଁ, ଏଭଳି କୌଣସି ତିଳେମାତ୍ର ସନ୍ଦେହ ନାହିଁ, ଆଉ ଯେଉଁ ଲୋକମାନେ ଆମର ବିଚାରସବୁକୁ, ଆମର ଉଦ୍ଦେଶ୍ୟକୁ ଦେଖନ୍ତି ସେମାନେ ଏ ବିଷୟରେ କେବେ ହେଲେ ପ୍ରଶ୍ନ ହିଁ କରିବେ ନାହିଁ, ସେମାନଙ୍କୁ ଜଣାଅଛି ଯେ ଆମେ ଏଥିପାଇଁ ଦୃଢ଼ ଭାବେ ଠିଆ ହୋଇ ରହିବା ଭଳି ଲୋକ । ଆଉ ତେଣୁ ଆମେ ଏସବୁ ବିଷୟରେ କେଉଁଠାରେ ମଧ୍ୟ ପଛରେ ନାହୁଁ ।

ଆଦରଣୀୟ ସଭାପତି ମହାଶୟ,

ଏହି ସଦନର ଉତ୍ତମ ଚର୍ଚ୍ଚା ପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଶେଷରେ ଗୋଟିଏ ମନ୍ତ୍ରର ଉଲ୍ଲେଖ କରି ନିଜର ବାଣୀକୁ ବିରାମ ପ୍ରଦାନ କରିବି। ଆମର ଏଠାରେ ବେଦମାନଙ୍କରୁ ଏକ ମହାନ ବିଚାର ପ୍ରାପ୍ତ ହୋଇଥାଏ । ତାହା ଆମ ସମସ୍ତଙ୍କ ପାଇଁ, ୩୬

କୋଟି ଦେଶବାସୀଙ୍କ ପାଇଁ ଏହି ମନ୍ତ୍ର ହେଉଛି ନିଜକୁ ନିଜ ମଧ୍ୟରେ ଏକ ବହୁତ ବଡ଼ ପ୍ରେରଣା। ବେଦର ଏହି ମନ୍ତ୍ର କହେ-

ଅୟୁତୋ ଅହଂ ଅୟୁତୋ ମେ ଆତ୍ମା ଅୟୁତଂ ମେ, ଅୟୁତଂ ଚକ୍ଷୁ, ଅୟୁତଂ ଶ୍ରୋତମ୍ ।

ଅର୍ଥାତ ମୁଁ ଏକ ନୁହେଁ, ମୁଁ ଏକୁଟିଆ ନୁହେଁ, ମୁଁ ନିଜ ସହିତ କୋଟି-କୋଟି ମାନବଙ୍କୁ ଦେଖୁଛି, ଅନୁଭବ କରୁଛି। ଏଥିପାଇଁ ମୋର ଆତ୍ମିକ ଶକ୍ତିର ମୂଲ୍ୟ ହେଉଛି କୋଟି-କୋଟି। ମୋ' ସହିତ କୋଟି-କୋଟି ଦୃଷ୍ଟି ରହିଛି, ମୋ' ସହିତ କୋଟି-କୋଟି ଶ୍ରବଣଶକ୍ତି ରହିଛି, କର୍ମ ଶକ୍ତି ମଧ୍ୟ ରହିଛି ।

ଆଦରଣୀୟ ସଭାପତି ମହାଶୟ,

ବେଦର ଏହି ଭାବନା ଦ୍ୱାରା, ଏହି ଚେତନା ଦ୍ୱାରା ୧୩୦ କୋଟିରୁ ଅଧିକ ଦେଶବାସୀ ଥିବା ଭାରତ ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢୁଛି । ଆଜି ୧୩୦ କୋଟି ଦେଶବାସୀଙ୍କ ସ୍ୱପ୍ନ ହେଉଛି ହିନ୍ଦୁସ୍ତାନର ସ୍ୱପ୍ନ । ଆଜି ୧୩୦ କୋଟି ଦେଶବାସୀଙ୍କ ଆକାଂକ୍ଷା ଅଛି ଏହି ଦେଶର ଆକାଂକ୍ଷା । ଆଜି ୧୩୦ କୋଟି ଦେଶବାସୀଙ୍କ ଭବିଷ୍ୟତ ହେଉଛି ଉଜ୍ଜ୍ୱଳ, ଭାରତର ଗ୍ୟାରେଣ୍ଟି । ଆଉ ଏଥିପାଇଁ ଆଜି ଯେତେବେଳେ ଦେଶ ନୀତିମାନ ପ୍ରସ୍ତୁତ କରୁଛି, ପ୍ରୟାସ କରୁଛି, ତାହା କେବଳ ତତ୍କାଳୀନ ହାନି-ଲାଭ ପାଇଁ ନୁହେଁ କିନ୍ତୁ ଏକ ଦୀର୍ଘ ଦୂରଗାମୀ ଏବଂ ୨୦୪୭ରେ ଦେଶ ଯେତେବେଳେ ସ୍ୱାଧୀନତାର ଶତକ ପାଳନ କରିବ, ସେତେବେଳେ ଦେଶକୁ ନୂତନ ଶିଖରକୁ ନେଇ ଯିବାର ସ୍ୱପ୍ନକୁ ନେଇ ଏହି ମୂଳଦୁଆ ରଖାଯାଉଛି । ଆଉ ମୋର ବିଶ୍ୱାସ ରହିଛି କି ଏହି କାର୍ଯ୍ୟଟିକୁ ପୂରଣ କରିବାରେ ଆମେ ନିଶ୍ଚିତ ରୂପେ ସଫଳ ହେବା ।

ମୁଁ ଆଉ ଥରେ ପୁଣି ଆଦରଣୀୟ ରାଷ୍ଟ୍ରପତି ମହୋଦୟଙ୍କର ଉଦ୍‌ବୋଧନ ପାଇଁ ସମ୍ମାନର ସହ ଧନ୍ୟବାଦ ଜଣାଇଛି, ତାଙ୍କର ଅଭିନନ୍ଦନ କରିସାରିଲା ପରେ କହୁଛି ଯେ ସଦନରେ ଯେଉଁଭଳି ଭାବେ ଚର୍ଚ୍ଚା ହେଲା ତାହା ଉତ୍ତମମାନର ଥିଲା, ମୋ ଉପରେ ମଧ୍ୟ କେତେ ଆକ୍ରମଣ ହେଲା, କିଛି ମଧ୍ୟ କୁହାଯାଇ ପାରେ କୁହାଗଲା, କିନ୍ତୁ ମୋତେ ବହୁତ

ଆନନ୍ଦ ମିଳିଲା ଯେ ମୁଁ ଅତି କମ୍‌ରେ ଆପଣଙ୍କର କାର୍ଯ୍ୟରେ ଆସିଲି । ଦେଖନ୍ତୁ କରୋନା କାରଣରୁ ଅଧିକ ଯିବା-ଆସିବା ହେଉ ନାହିଁ, କୌଣସିଠାରେ ଫସି ରହିଥିବେ, ଆଉ ଘରେ ମଧ୍ୟ ଝିକ୍-ଝିକ୍ ଲାଗି ରହୁଥିବ। ଏବେ ଏଠାରେ ଏତେ ପରିମାଣରେ ଆପଣ ରାଗ ସୁଝାଇଦେଲେ ଆପଣଙ୍କ ମନ କେତେ ହାଲୁକା ହୋଇଗଲା । ଆପଣ ଘରେ ଯାଇ କେତେ ଖୁସିରେ ନିଜର ସମୟ ଅତିବାହିତ କରିବେ । ତେବେ ଆପଣଙ୍କୁ ଏ ଯେଉଁ ଆନନ୍ଦ ମିଳିଛି, ଏଥିପାଇଁ ମୁଁ ଆପଣଙ୍କ କାର୍ଯ୍ୟରେ ଲାଗିଲି, ଏହାକୁ ମୁଁ ମଧ୍ୟ ମୋ ନିଜର ସୌଭାଗ୍ୟ ମାନୁଛି, ଆଉ ମୁଁ ଚାହିଁବି ଏହି ଆନନ୍ଦ କ୍ରମାଗତ ଭାବେ ନେଇ ଚାଲନ୍ତୁ । ଚର୍ଚ୍ଚା କରି ଚାଲନ୍ତୁ, କ୍ରମାଗତ ଭାବେ ଚର୍ଚ୍ଚା କରି ଚାଲନ୍ତୁ । ସଦନକୁ ଜୀବନ୍ତ କରି ରଖନ୍ତୁ, ମୋଦୀ ଅଛି, ସୁଯୋଗ ଉଠାନ୍ତୁ ।

ବହୁତ-ବହୁତ ଧନ୍ୟବାଦ !

# ରାଜ୍ୟସଭାରେ ଚାରିଜଣ ବିଦାୟୀ ସଦସ୍ୟଙ୍କ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କର ଅଭିଭାଷଣ

9th February 2021

# ୦୯.୦୨.୨୦୨୧ ରାଜ୍ୟସଭା

## ଚାରିଜଣ ସଦସ୍ୟଙ୍କ ବିଦାୟରେ ବକ୍ତବ୍ୟ

ଆମର ଚାରିଜଣ ସାଥୀ, ଯେଉଁମାନେ ଏହି ଗୃହକୁ ଗୌରବ ଆଣିଛନ୍ତି, ଗୃହରେ ସ୍ପନ୍ଦନ ସୃଷ୍ଟି ଭରିଛନ୍ତି ଏବଂ ଗୃହ ମାଧ୍ୟମରେ ଜନସେବାରେ ନିୟୋଜିତ ହୋଇଛନ୍ତି, ସେମାନଙ୍କ କାର୍ଯ୍ୟକାଳ ସମାପ୍ତ ହେତୁ ନୂତନ କାର୍ଯ୍ୟ ଆଡକୁ ପାଦ ବଢ଼ାଇଛନ୍ତି ।

ଶ୍ରୀ ଗୁଲାମ ନବୀ ଆଜାଦ ଜୀ, ଶ୍ରୀ ସମଶେର ସିଂହ ଜୀ, ମୀର ମହମ୍ମଦ ଫିଆଜ ଜୀ, ନାଦିର ଅହମ୍ମଦ ଜୀ, ଆପଣଙ୍କର ଅଭିଜ୍ଞତା, ଜ୍ଞାନ ଏବଂ ଦେଶର ଉପକାର ଏବଂ ନିଜ ନିଜ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ସର୍ବପ୍ରଥମେ ମୁଁ ଆପଣ ଚାରିଜଣଙ୍କୁ ଧନ୍ୟବାଦ ଦେଉଛି ।

ମୀର ମହମ୍ମଦ ଜୀ ଏବଂ ନାଜିର ଅହମ୍ମଦ ଜୀ ଏଭଳି ଦୁଇଜଣ ସଦସ୍ୟ- ସେମାନଙ୍କ ସମ୍ପର୍କରେ ଗୃହରେ ବହୁତ କମ୍ ଲୋକ ଧ୍ୟାନ ଦେଇଥିବେ, କିନ୍ତୁ ଏଭଳି କୌଣସି ଅଧିବେଶନ ନାହିଁ ଯେଉଁଥିରେ ସେମାନଙ୍କ ସହିତ ମୁଁ ମୋ ପ୍ରକୋଷ୍ଠରେ ବସି ବିଭିନ୍ନ ବିଷୟରେ ଶୁଣିବା ଓ ବୁଝିବାର ସୁଯୋଗ ମୁଁ ପାଇନାହିଁ । ଏପରିକି କାଶ୍ମୀର ପ୍ରସଙ୍ଗରେ, ଯେତେବେଳେ ସେମାନଙ୍କ ସହ ବସିଥାଏ, ବେଳେବେଳେ ସେମାନେ ଯେତେବେଳେ ପରିବାର ସହିତ ଆସୁଥିଲେ, ସେ ମୋ' ସାମ୍ନାରେ ଅନେକ ବିଷୟ ରଖୁଥିଲେ, ଯାହା ମୋ' ପାଇଁ ବହୁତ ଉତ୍ସାହପୂର୍ଣ୍ଣ ଥିଲା, ଆମର ଦୁଇଜଣ ସାଥୀ ଯେଉଁମାନଙ୍କର କି ମୋ ସହିତ ବ୍ୟକ୍ତିଗତ ଭାବରେ ସମ୍ପର୍କ ଥିଲା ଏବଂ ଯେଉଁସବୁ ସୂଚନା ମୁଁ ପାଉଥିଲି ସେଥିପାଇଁ ମୁଁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି ଏବଂ ମୁଁ ନିଶ୍ଚିତ ଯେ ସେମାନଙ୍କର ପ୍ରତିବଦ୍ଧତା ଏବଂ ଦକ୍ଷତା ଉଭୟ ଦେଶ ତଥା ବିଶେଷ କରି ଜାମ୍ମୁ କାଶ୍ମୀର ପାଇଁ କାମରେ ଆସିବ । ମୋର ପୂରା ବିଶ୍ୱାସ ଯେ ଦେଶର ଏକତା, ସୁଖ, ଶାନ୍ତି ଏବଂ ସମୃଦ୍ଧି ବୃଦ୍ଧି କରିବାରେ ଉପଯୋଗୀ ହେବ ।

ଆମର ଜଣେ ସାଥୀ ସମଶେର ସିଂହ ଜୀ ଯାହାଙ୍କ ସହିତ କେତେବର୍ଷ ମୁଁ କାମ କରିଛି ମନେନାହିଁ, କାରଣ ମୁଁ ସଂଗଠନ ଜଗତରେ ଜଣେ ମଣିଷ ଥିଲି। ମୁଁ ଏହି କ୍ଷେତ୍ରରେ କାମ କରୁଥିଲି । ବହୁବର୍ଷ ଧରି ମୁଁ ଜାମ୍ମୁ-କାଶ୍ମୀରରେ କାମ କରିବାର ସୁଯୋଗ ପାଇଥିଲି, ତେଣୁ ମୋର ସହକର୍ମୀ ଭାବରେ ଏକ ସ୍କୁଟରରେ ଯାତ୍ରା କରିବାର ସୁଯୋଗ ରହିଥିଲା । ଖୁବ୍ କମ୍ ବୟସରେ ଜରୁରିକାଳୀନ ପରିସ୍ଥିତିରେ ଜେଲ୍ ଯାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ସମଶେର ସିଂହ ମଧ୍ୟ ଥିଲେ ଏବଂ ଏହି ଗୃହରେ ସମଶେର ଜୀଙ୍କର ଉପସ୍ଥିତ ୯୬% ଏହା ନିଜସ୍ୱ; ଅର୍ଥାତ୍ ଲୋକେ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଥିଲେ ତାହାକୁ ଶତ ପ୍ରତିଶତ ନିଭାଇବାର ପ୍ରୟାସ । ତାଙ୍କର ମଧୁର କଥାବାର୍ତ୍ତା, ସରଳତା ଏବଂ ମୁଁ ବିଶ୍ୱାସ କରେ ଯେ ଜାମ୍ମୁ କାଶ୍ମୀରରୁ ଅବସର ନେଉଥିବା ଚାରିଜଣ ସମ୍ମାନର ସଦସ୍ୟଙ୍କ ପାଇଁ ତାଙ୍କ କାର୍ଯ୍ୟକାଳ ତାଙ୍କ ଜୀବନରେ ସର୍ବୋତ୍ତମ ଅଟେ କାରଣ ଇତିହାସ ଏକ ନୂତନ ମୋଡ଼ ବଦଳାଇଛି ଯାହାର ଏମାନେ ସାକ୍ଷୀ ହୋଇପାରିଛନ୍ତି । ଏହା ତାଙ୍କ ଜୀବନରେ ଏକ ବଡ଼ ଘଟଣା ଅଟେ ।

ଶ୍ରୀ ଗୁଲାମ ନବୀଜୀ, ମୁଁ ଏଥିପାଇଁ ଚିନ୍ତିତ ଯେ ଗୁଲାମ ନବୀଙ୍କ ପରେ ଯିଏ ଏହି ପଦ ସମ୍ଭାଳିବେ ତାଙ୍କର ଗୁଲାମ ନବୀ ଜୀଙ୍କ ସହିତ ତାଳ ମେଳ ହେବା ପାଇଁ ଅନେକ ଅସୁବିଧା ହେବ। କାରଣ ଗୁଲାମ ନବୀଜୀ ତାଙ୍କ ଦଳ ବିଷୟରେ ଯେତିକି ଚିନ୍ତା କରୁଥିଲେ ଦେଶ ଏବଂ ଗୃହ ପାଇଁ ସମାନ ଭାବରେ ଚିନ୍ତିତ ଥିଲେ । ଏହା ଏକ ଛୋଟ କଥା ନୁହେଁ, ଏହା ଏକ ବହୁତ ବଡ଼ କଥା, ନଚେତ୍ ବିରୋଧୀ ଦଳ ନେତା ଭାବରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା, ଏହି ସମସ୍ତ ଲୋଭ କାହାର ବି ହୋଇପାରିବ । କିନ୍ତୁ ସେ ଗୃହରେ ମଧ୍ୟ ମୁଁ ଶରଦ ପାୱାରଙ୍କୁ ତାଙ୍କ ବର୍ଗରେ ରଖିଥିଲି, ସେ ସେହି ନେତାମାନଙ୍କ ମଧ୍ୟରୁ ଜଣେ ଯିଏ ଗୃହ ଏବଂ ଦେଶର ଚିନ୍ତାଧାରାକୁ ପ୍ରାଧାନ୍ୟ ଦେଇଥିଲେ, ଗୁଲାମ ନବୀଜୀ ଏହି କାମକୁ ଭଲ ଭାବେ ତୁଲାଇଛନ୍ତି ।

ମୋର ମନେଅଛି ମୁଁ ଏହି କରୋନା ସମୟରେ ଗୃହର ନେତାମାନଙ୍କର ଏକ ବୈଠକ କରୁଥିବାବେଳେ ସେହିଦିନ ଗୁଲାମ ନବୀଜୀଙ୍କଠାରୁ ଏକ ଫୋନ୍ କଲ ଆସିଲା- ମୋଦୀଜୀ ଆପଣ ବୈଠକ କରୁଛନ୍ତି ଠିକ୍ ଅଛି, କିନ୍ତୁ ଗୋଟିଏ କାମ କରନ୍ତୁ, ସମସ୍ତ ଦଳର ମୁଖ୍ୟଙ୍କ

ବୈଠକ ଡାକନ୍ତୁ । ମୋତେ ଭଲ ଲାଗିଲା ଯେ ସେ ମୋତେ ଦଳର ନେତାଙ୍କ ସହ, ଦଳର ସମସ୍ତ ସଭାପତିଙ୍କ ସହ ବସିବାକୁ ପରାମର୍ଶ ଦେଇଥିଲେ ଏବଂ ମୁଁ ମଧ୍ୟ ସେହି ବୈଠକ କରିଥିଲି । ଗୁଲାମ ନବୀଜୀଙ୍କ ପରାମର୍ଶରେ ଏହା କରିଥିଲି ଏବଂ ମୋତେ ଏହା କହିବାକୁ ଦିଅନ୍ତୁ । ଏହାର ମୂଳ କାରଣ ହେଉଛି ଶାସକ ଦଳ ତଥା ବିରୋଧୀ ଦଳ ଉଭୟ ପକ୍ଷର ଅଭିଜ୍ଞତା ତାଙ୍କର ରହିଛି । ୨୮ ବର୍ଷ କାର୍ଯ୍ୟକାଳ, ଏହା ଏକ ବଡ଼ କଥା ।

ବହୁତ ଦିନ ତଳର କଥା, ବୋଧହୁଏ ଅଟଳଜୀଙ୍କ ସରକାର ସମୟର, ମୋର ଠିକ୍ ମନେନାହିଁ, ମୁଁ କିଛି କାମ ପାଇଁ ଗୃହକୁ ଆସିଥିଲି । ମୁଁ ସେତେବେଳେ ରାଜନୀତିରେ ନଥିଲି, ଅର୍ଥାତ୍ ଏହି ନିର୍ବାଚନ ରାଜନୀତିରେ ନଥିଲି, ମୁଁ ସଂଗଠନ ପାଇଁ କାମ କରୁଥିଲି । ତେଣୁ ମୁଁ ଏବଂ ଗୁଲାମ ନବୀଜୀ ଏମିତି ଲବିରେ ବସି ଗପସପ କରୁଥିଲୁ ଏବଂ ସାମ୍ବାଦିକମାନଙ୍କ ସ୍ୱଭାବ ଯେଭଳି ସେମାନେ ଲଗାତାର ଭାବେ ନଜର ରଖିଥାନ୍ତି କି ଏହି ଦୁଇଜଣଙ୍କ ମିଳନ କିପରି ହୋଇପାରିବ । ଆମେ ହସ ଖୁସିର ସହିତ କଥାବାର୍ତ୍ତା ହେଉଥିଲୁ ଏବଂ ଯେମିତି ପଦାକୁ ବାହାରିଲୁ ସାମ୍ବାଦିକମାନେ ଆମକୁ ଘେରି ଗଲେ । ଗୁଲାମ ନବୀଜୀ ବହୁତ ଭଲ ଉତ୍ତର ଦେଇଥିଲେ । ସେହି ଉତ୍ତର ଆମ ପାଇଁ ବହୁତ ଉପଯୋଗୀ ହେବାକୁ ଯାଉଛି । ସେ କହିଥିଲେ ଭାଇ ତୁମେ ଆମକୁ ଖବରକାଗଜରେ କିମ୍ବା ଟିଭି ମିଡିଆରେ ଅଥବା ସାଧାରଣ ସଭାରେ ଲଢ଼େଇ କରୁଥିବାର ଦେଖୁଛ, କିନ୍ତୁ ବାସ୍ତବରେ ଏହି ଛାତ ତଳେ ଆମେ ଯେଭଳି ଗୋଟିଏ ପରିବାରର ପରିବେଶ ତାହା ଅନ୍ୟ କୌଣସିଠାରେ ନାହିଁ । ଆମର ଏତେ ସ୍ନେହ, ଏତେ ସୁଖ ଦୁଃଖ ଅଛି, ଏତେ ଉତ୍ସାହ ରହିଛି ତାହା ବହୁତ ବଡ଼ କଥା ଅଟେ ।

ଗୁଲାମ ନବୀଜୀଙ୍କ ରୁଚି ବିଷୟରେ ବୋଧହୁଏ ଖୁବ୍ କମ୍ ଲୋକ ଜାଣିଥିବେ ଏବଂ ଯଦି କେବେ ତାଙ୍କ ସହିତ ବସିବେ ତ ଜାଣିପାରିବେ । ଆମେ ସରକାରୀ ବଙ୍ଗଳାରେ ରହିଲେ, ବଙ୍ଗଳାର କାନ୍ଥ, ଆମର ସୋଫାସେଟ୍, ଏହାର ଆଖପାଖରେ ଆମର ମନ ରହିଥାଏ, କିନ୍ତୁ ଗୁଲାମ ନବୀଜୀ ସେହି ବଙ୍ଗଳାରେ ଯେଉଁ ଉଦ୍ୟାନ ତିଆରି କରିଛନ୍ତି, ଏହା ଏକପ୍ରକାର କାଶ୍ମୀର ଉପତ୍ୟକାକୁ ମନେପକାଇ ଦେଇଥାଏ ଏବଂ ଏହା ପାଇଁ ସେ ମଧ୍ୟ

ଗର୍ବିତ, ସେ ସମୟ ଦିଅନ୍ତି, ନୂତନ ଜିନିଷ ଯୋଗ କରନ୍ତି ଏବଂ ପ୍ରତିଥର ପ୍ରତିଯୋଗିତାରେ ତାଙ୍କର ବଙ୍ଗଳା ପ୍ରଥମ ସ୍ଥାନ ଅଧିକାର କରିଥାଏ । ଅର୍ଥାତ୍ ନିଜର ସରକାରୀ ସ୍ଥାନକୁ କେତେ ଭଲପାଇବାର ସହ ସମ୍ଭାଳନ୍ତି, ଯେଭଳି ନିଜେ ନିଜର ଘରକୁ ସମ୍ଭାଳିଛନ୍ତି ।

ଯେତେବେଳେ ଆପଣ ମୁଖ୍ୟମନ୍ତ୍ରୀ ଥିଲେ, ମୁଁ ମଧ୍ୟ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିଲି । ସେହି ସମୟରୁ ଆମର ଅତି ନିବିଡ଼ତା ରହିଛି। ବୋଧହୁଏ ଏଭଳି କୌଣସି ଘଟଣା ମିଳିବନାହିଁ ଯେଉଁଥିରେ ଦୁଇଜଣଙ୍କ ମଧ୍ୟରେ ସମ୍ପର୍କର ସେତୁ ନଥିବ । ଥରେ ଗୁଜରାଟରୁ ଯାତ୍ରୀ, କାରଣ ଜାମ୍ମୁ କାଶ୍ମୀରର ବହୁ ସଂଖ୍ୟକ ପର୍ଯ୍ୟଟକ ଗୁଜରାଟରୁ ଆସିଥାନ୍ତି- ସେମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ କରିଥିଲେ । ପାଖାପାଖି ଆଠ ଜଣଙ୍କର ମୃତ୍ୟୁ ଘଟିଥିଲା । ସର୍ବପ୍ରଥମେ ଗୁଲାମ ନବୀ ଜୀଙ୍କଠାରୁ ମୋତେ ଫୋନ୍ ଆସିଲା ଏବଂ ସେହି ଫୋନ୍ କେବଳ ସୂଚନା ଦେବା ପାଇଁ ନଥିଲା । ଫୋନ୍‌ରେ କଥାବାର୍ତ୍ତା ସମୟରେ ତାଙ୍କ ଲୁହ ବନ୍ଦ ହେଉନଥିଲା । ସେହି ସମୟରେ ପ୍ରଣବ ମୁଖାର୍ଜୀ ପ୍ରତିରକ୍ଷା ମନ୍ତ୍ରୀ ଥିଲେ । ମୁଁ ତାଙ୍କୁ ଫୋନ୍ କଲି, ମୁଁ କହିଲି- ସାର୍, ମୃତ ଦେହଗୁଡ଼ିକୁ ଆଣିବା ପାଇଁ ଯଦି ସେନାର ବିମାନ ମିଳେ ବହୁତ ଭଲ ହେବ । ତେବେ ବିଳମ୍ବିତ ରାତି ହୋଇଯାଇଥିଲା । ଶ୍ରୀ ମୁଖାର୍ଜୀ କହିଥିଲେ, ଚିନ୍ତା କରନାହିଁ, ମୁଁ ବ୍ୟବସ୍ଥା କରୁଛି । କିନ୍ତୁ ରାତିରେ ପୁଣିଥରେ ଗୁଲାମ ନବୀଜୀଙ୍କ ଫୋନ୍ ଆସିଲା- ସେ ବିମାନବନ୍ଦରରେ ଥିଲେ । ସେଦିନ ରାତିରେ ସେ ମୋତେ ବିମାନବନ୍ଦରରୁ ଫୋନ୍ କରିଥିଲେ ଯେମିତି ନିଜର ପରିବାର ସଦସ୍ୟଙ୍କ ଚିନ୍ତା କରନ୍ତି, ଠିକ୍ ସେହିଭଳି ଚିନ୍ତା ।

ପଦ, କ୍ଷମତା ଜୀବନରେ ଆସିଥାଏ, କିନ୍ତୁ ଏହାକୁ କିପରି ହଜମ କରାଯାଏ ? ଏହା ମୋ ପାଇଁ ଏକ ଅତ୍ୟନ୍ତ ଭାବପ୍ରବଣ ମୁହୂର୍ତ୍ତ ଥିଲା। ପରଦିନ ସକାଳେ ଫୋନ୍ ଆସିଲା, ସେ ପଚାରିଲେ, ସମସ୍ତ ଲୋକ ପହଞ୍ଚିଗଲେ ? ତେଣୁ, ଜଣେ ବନ୍ଧୁ ଭାବରେ ମୁଁ ଘଟଣା ଏବଂ ଅନୁଭୂତି ଆଧାରରେ ଗୁଲାମ ନବୀଜୀଙ୍କୁ ସମ୍ମାନ କରେ ଏବଂ ମୁଁ ନିଶ୍ଚିତ ଯେ ତାଙ୍କର ଭଦ୍ରତା, ନମ୍ରତା, ଏହି ଦେଶ ପାଇଁ କିଛି କରିବାର ଇଚ୍ଛା, ତାହା କଦାପି ତାଙ୍କୁ ଶାନ୍ତିରେ ବିଶ୍ରାମ ନେବାକୁ ଦେବ ନାହିଁ । ଏବଂ ମୋର ଦୃଢ଼ ବିଶ୍ୱାସ ଯେ ଯେକୌଣସି ଦାୟିତ୍ୱ ସେ

ଯେଉଁଠାରେ ବି ସମ୍ଭାଳିବେ, ସେ ନିଶ୍ଚିତ ଭାବରେ ମୂଲ୍ୟ ଯୋଗ କରିବେ, ଯୋଗଦାନ କରିବେ ଏବଂ ଦେଶ ତାଙ୍କ ଦ୍ୱାରା ଉପକୃତ ହେବ । ତାଙ୍କ ସେବା ପାଇଁ ମୁଁ ପୁଣିଥରେ ତାଙ୍କୁ ଧନ୍ୟବାଦ ଦେଉଛି ଏବଂ ବ୍ୟକ୍ତିଗତ ଭାବରେ ମୁଁ ତାଙ୍କୁ ଅନୁରୋଧ କରିବି ଯେ ଆପଣମାନେ ଆଉ ଏହି ଗୃହରେ ନାହାନ୍ତି ବୋଲି କେବେ ହେଲେ ମନରେ ଭାବନ୍ତୁ ନାହିଁ । ଆପଣଙ୍କ ପାଇଁ  ଦ୍ୱାର ସବୁବେଳେ ଖୋଲା ଅଛି । ସମସ୍ତ ଚାରିଜଣ ସଦସ୍ୟଙ୍କ ପାଇଁ ଖୋଲା । ଆପଣଙ୍କର ଚିନ୍ତାଧାରା, ଆପଣଙ୍କ ପରାମର୍ଶ, ଦେଶ ପାଇଁ ସବୁକିଛି ଗୁରୁତ୍ୱପୂର୍ଣ୍ଣ । ଏହି ଅଭିଜ୍ଞତା ବହୁତ ଉପଯୋଗୀ। ମୁଁ ଏହା ଆଶା ଜାରି ରଖିବି । ମୁଁ ଆପଣଙ୍କୁ ଅବସର ନେବାକୁ ଦେବି ନାହିଁ। ପୁଣିଥରେ ଅନେକ ଅନେକ ଶୁଭେଚ୍ଛା ।

ଧନ୍ୟବାଦ ।

# ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ୍ ପ୍ରସ୍ତାବ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କର ଲୋକସଭାରେ ଉତ୍ତର

10th February 2021

# ୧୦.୦୨.୨୦୨୧ ଲୋକସଭା
# ରାଷ୍ଟ୍ରପତିଙ୍କର ଅଭିଭାଷଣର ପ୍ରଧାନମନ୍ତ୍ରୀଙ୍କର ବିବୃତି

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ,

ରାଷ୍ଟ୍ରପତିଙ୍କ ପ୍ରେରଣାଦାୟୀ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଆଲୋଚନାରେ ସାମିଲ ହେବାପାଇଁ ଏବଂ ରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଦ୍ଦେଶ୍ୟରେ ମୁଁ କିଛି କଥା କହିବାକୁ ଯାଉଛି । ରାଷ୍ଟ୍ରପତିଙ୍କ ଅଭିଭାଷଣ ହେଉଛି ଭାରତର ୧୩୦ କୋଟି ନାଗରିକଙ୍କ ସଙ୍କଳର ପ୍ରତିଫଳନ । ସଙ୍କଟ ଓ ବିପଦ ସମୟରେ ଦେଶ କିଭଳି ନିଜର ମାର୍ଗ ଚିହ୍ନଟ କରୁଛି, ପଥ ପ୍ରସ୍ତୁତ କରୁଛି ଏବଂ ସେହି ରାସ୍ତାରେ ସଫଳତାର ସହ ଆଗକୁ ବଢୁଛି, ଏହିସବୁ କଥା ରାଷ୍ଟ୍ରପତି ମହୋଦୟ ତାଙ୍କ ଅଭିଭାଷଣରେ ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି । ତାଙ୍କର ପ୍ରତ୍ୟେକ ଶବ୍ଦ ଦେଶବାସୀଙ୍କ ମନରେ ଏକ ନୂଆ ବିଶ୍ୱାସ ସୃଷ୍ଟି କରିବ ଏବଂ ଦେଶ ପାଇଁ କିଛି କରିବାକୁ ସମସ୍ତଙ୍କୁ ଅନୁପ୍ରେରିତ କରିବ । ଏବଂ ଏଥିପାଇଁ ଆମେ ତାଙ୍କୁ ଯେତେ କୃତଜ୍ଞତା ଜଣାଇବୁ ତାହା କମ୍ ହେବ । ଏହି ଗୃହରେ ମଧ୍ୟ ୧୫ ଘଣ୍ଟାରୁ ଅଧିକ ସମୟ ଆଲୋଚନା ହୋଇଛି । ରାତି ୧୨ଟା ପର୍ଯ୍ୟନ୍ତ ମଧ୍ୟ ଆମ ସାଂସଦମାନେ ଏହି ଚେତନାକୁ ଜାଗ୍ରତ ରଖିଛନ୍ତି । ଚର୍ଚ୍ଚାକୁ ଜୀବନ୍ତ ଏବଂ ଏହାକୁ ବୁଦ୍ଧିମନ୍ତ କରିଛନ୍ତି । ଏହି ଚର୍ଚ୍ଚାରେ ଭାଗ ନେଇଥିବା ସମସ୍ତ ସମ୍ମାନନୀୟ ସଦସ୍ୟମାନଙ୍କୁ ମୁଁ ହୃଦୟରୁ କୃତଜ୍ଞତା ଜଣାଉଛି। ବିଶେଷକରି ମହିଳା ସାଂସଦମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି । କାରଣ ଏହି ଚର୍ଚ୍ଚାରେ ସେମାନଙ୍କ ଅଂଶଗ୍ରହଣ ମଧ୍ୟ ଅଧିକ ଥିଲା, ବିଚାର ମଧ୍ୟ ଶାଣିତ ଥିଲା, ଗବେଷଣା କରି କଥାବାର୍ତ୍ତା କରିବାର ପ୍ରୟାସ ମଧ୍ୟ ଥିଲା ଏବଂ ନିଜକୁ ଏଭଳି ପ୍ରସ୍ତୁତ କରି ସେମାନେ ଏହି ଗୃହକୁ ସମୃଦ୍ଧ କରିଛନ୍ତି, ଚର୍ଚ୍ଚାକୁ ସମୃଦ୍ଧ କରିଛନ୍ତି ଏବଂ ଏଥିପାଇଁ ସେମାନଙ୍କ ପ୍ରସ୍ତୁତି, ସେମାନଙ୍କ ତର୍କ ଏବଂ ସେମାନଙ୍କ ଜ୍ଞାନ ପାଇଁ ବିଶେଷଭାବେ ମୁଁ ମହିଳା ସାଂସଦମାନଙ୍କୁ ଅଭିନନ୍ଦନ ଜଣାଉଛି, ସେମାନଙ୍କୁ କୃତଜ୍ଞତା ଜଣାଉଛି ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଭାରତ ସ୍ୱାଧୀନତାର ୭୫ବର୍ଷରେ ପାଦ ଦେବାର ଦ୍ୱାରଦେଶରେ ଉପନୀତ । ୭୫ବର୍ଷର ସମୟ ସବୁ ଭାରତବାସୀଙ୍କ ପାଇଁ ଗର୍ବର ସମୟ ଏବଂ ଆଗକୁ ବଢିବାର ସମୟ ମଧ୍ୟ । ଏଥିପାଇଁ ସାମାଜିକ ବ୍ୟବସ୍ଥାର ଯେକୌଣସି ସ୍ଥାନରେ ଆମେ ଥାଉ ନା କାହିଁକି ଦେଶର ଯେକୌଣସି ସ୍ଥାନରେ ଥାଉ ନା କାହିଁକି, ସାମାଜିକ, ଆର୍ଥିକ ବ୍ୟବସ୍ଥାରେ ଆମର ସ୍ଥାନ ଯେଉଁଠି ଥାଉ ନା କାହିଁକି,  ଆମେ ସମସ୍ତେ ମିଶି ଦେଶର ସ୍ୱାଧୀନତାର ଏହି ପର୍ବରୁ ପ୍ରେରଣା ନେଇ, ନୂଆ ସଙ୍କଳ୍ପ ନେଇ ୨୦୪୭ ମସିହାରେ ଦେଶ ଯେତେବେଳେ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବ ଆମେ ସେଥିରେ ସାମିଲ ହେବା । ସ୍ୱାଧୀନତାର ସେହି ୧୦୦ ବର୍ଷ ପାଳନ କରିବା ପାଇଁ ଆମ ଆଗରେ ଆଉ ମାତ୍ର ୨୫ବର୍ଷ ରହିଛି । ସେହି ୨୫ ବର୍ଷରେ ଦେଶକୁ କେଉଁଠାରେ ପହଞ୍ଚାଇବାକୁ ପଡିବ, ବିଶ୍ୱରେ ଏହି ଦେଶର ଉପସ୍ଥିତି କେଉଁଠାରେ ରଖିବାକୁ ପଡ଼ିବ ଏହା ସମ୍ପର୍କରେ ସଙ୍କଳ୍ପ ପ୍ରତ୍ୟେକ ଦେଶବାସୀଙ୍କ ହୃଦୟରେ ରହିବା ଉଚିତ୍ ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ,

ଯେତେବେଳେ ଦେଶ ସ୍ୱାଧୀନ ହେଲା ଏବଂ ଶେଷ ବ୍ରିଟିଶ କମାଣ୍ଡର ଏଠାରୁ ଯିବା ସମୟରେ କହୁଥିଲେ ଯେ ଭାରତ ଅନେକ ଦେଶର ମହାଦୀପ ଏବଂ କେହି କେବେ ମଧ୍ୟ ଏହାକୁ ଏକ ରାଷ୍ଟ୍ରରେ ପରିଣତ କରିପାରିବ ନାହିଁ । ଏସବୁ ଘୋଷଣା କରାଯାଇଥିଲା ମାତ୍ର ଭାରତୀୟମାନେ ଏହି ଆଶଙ୍କାକୁ ଭାଙ୍ଗି ଦେଇଥିଲେ । ଯେଉଁମାନଙ୍କ ମନରେ ଏଭଳି ସନ୍ଦେହ ଥିଲା, ସେଗୁଡିକ ଦୂର କରି ଦିଆଗଲା ଏବଂ ଆମେ ନିଜ ନିଜର ଉତ୍ସାହ, ଆମର ସାଂସ୍କୃତିକ ଏକତା ଆମର ପରମ୍ପରାକୁ ନେଇ ବିଶ୍ୱ ସମ୍ମୁଖରେ ଏକ ରାଷ୍ଟ୍ରଭାବେ ଛିଡା ହୋଇଛି ଏବଂ ବିଶ୍ୱ ପାଇଁ ଆଶାର କିରଣ ଭାବେ ଉପନୀତ ହୋଇଛୁ । ୭୫ ବର୍ଷର ଆମର ଏହି ଯାତ୍ରାରେ ଏହା ହୋଇଛି । ଭାରତ ଏକ ଅଲୌକିକ ଗଣତନ୍ତ୍ର ବୋଲି କିଛି ଲୋକ କହୁଥିଲା ବେଳେ ଏହି ସଂଶୟକୁ ଆମେ ଦୂର କରିବାରେ ସଫଳ ହୋଇଛୁ । ଗଣତନ୍ତ୍ରର ଧାରା ଆମ ଧମନୀରେ ପ୍ରବାହିତ ହେଉଛି, ଆମ ନିଃଶ୍ୱାସ ପ୍ରଶ୍ୱାସରେ ଏଭଳି ଭାବେ ମିଶିଯାଇଛି, ଆମର ପ୍ରତିଟି ଚିନ୍ତାଧାରା, ପ୍ରତିଟି ପଦକ୍ଷେପ, ପ୍ରତିଟି ପ୍ରୟାସ

ଗଣତନ୍ତ୍ରର ଭାବନାରେ ଭରପୂର ହୋଇ ରହିଛି । ଅନେକ ନିର୍ବାଚନ ଆସିଛି, ଅନେକ ଗାଦି ପରିବର୍ତ୍ତନ ହୋଇଛି, ଖୁବ୍ ସହଜରେ କ୍ଷମତା ବଦଳିଛି ଏବଂ ଏହି ପରିବର୍ତ୍ତିତ ଶାସନ ପଦ୍ଧତିକୁ ସମସ୍ତେ ସହୃଦୟତାର ସହ ସ୍ୱୀକାର କରି ଆଗକୁ ବଢ଼ିଛନ୍ତି ।

ଏହି କ୍ରମ ୭୫ ବର୍ଷ ଧରି ଆଗକୁ ବଢ଼ିଚାଲିଛି ଏବଂ ଏହା ଆମର ଗଣତାନ୍ତ୍ରିକ ମୂଲ୍ୟବୋଧ ପାଇଁ ସମ୍ଭବ ହୋଇପାରିଛି । ଆମେ ବିବିଧତାରେ ପରିପୂର୍ଣ୍ଣ ଦେଶ । ଶହ ଶହ ଭାଷା, ହଜାର ହଜାର ଉପଭାଷା, ଭିନ୍ନ ଭିନ୍ନ ବେଶଭୂଷା, ଏ ଦେଶରେ ପ୍ରତିଟି ଜିନିଷ ବିବିଧତାରେ ଭରା । ଏସବୁରେ ଆମେ ସମସ୍ତେ ଗୋଟିଏ ଲକ୍ଷ୍ୟ, ଗୋଟିଏ ମାର୍ଗରେ ଆଗକୁ ବଢ଼ି ସଫଳ ହୋଇପାରିଛୁ । ଆଜି ଆମେ ଯେତେବେଳେ ଭାରତ ବିଷୟରେ କଥା ହେଉଛୁ ତେବେ ସ୍ୱାଭାବିକ ଭାବେ ସ୍ୱାମୀ ବିବେକାନନ୍ଦ ଯାହା କହିଥିଲେ ମୁଁ ସେକଥା ନିଶ୍ଚୟ ସ୍ମରଣ କରିବି । ସ୍ୱାମୀ ବିବେକାନନ୍ଦ କହିଥିଲେ Every nation has a message to deliver a mission to fulfill, a destiny to reach, ଅର୍ଥାତ୍ ପ୍ରତ୍ୟେକ ରାଷ୍ଟ୍ର ନିକଟରେ ଏକ ବାର୍ତ୍ତା ରହିଛି, ଯାହା ତାକୁ ପହଞ୍ଚାଇବାକୁ ପଡିଥାଏ । ପ୍ରତ୍ୟେକ ରାଷ୍ଟ୍ରର ଏକ ଲକ୍ଷ୍ୟ ଥାଏ, ଯାହା ତାକୁ ହାସଲ କରିବାକୁ ଥାଏ । ପ୍ରତ୍ୟେକ ରାଷ୍ଟ୍ରର ଏକ ନିୟତି ଥାଏ, ଯାହା ତାକୁ ପ୍ରାପ୍ତ ହୋଇଥାଏ । କରୋନା କାଳରେ ଭାରତ ଯେଭଳି ଭାବରେ ନିଜକୁ ସମ୍ଭାଳିବା ସହିତ ବିଶ୍ୱକୁ ସମ୍ଭାଳିବାରେ ସାହାଯ୍ୟ କଲା, ତାହା ଏକ ପ୍ରଭାବଶାଳୀ ପରିବର୍ତ୍ତନ ସଦୃଶ । ବେଦରୁ ବିବେକାନନ୍ଦଙ୍କ ପର୍ଯ୍ୟନ୍ତ ଯେଉଁ ବିଚାରଧାରା, ଯେଉଁ ସଂସ୍କାରକୁ ନେଇ ଆମେ ପ୍ରତିପାଳିତ ହୋଇଛୁ ତାହା ହେଉଛି– 'ସର୍ବେ ଭବନ୍ତୁ ସୁଖୀନଃ। ସର୍ବେ ଭବନ୍ତୁ ସୁଖୀନଃ । ସର୍ବେ ସନ୍ତୁ ନିରାମୟା।'

ଏହି କରୋନା କାଳଖଣ୍ଡରେ ଭାରତ ଏହା କରି ଦେଖାଇଛି । ଏବଂ ଭାରତ ଏକ ଆତ୍ମନିର୍ଭର ରାଷ୍ଟ୍ର ଭାବରେ ଯେଉଁଭଳି ଗୋଟିଏ ପରେ ଗୋଟିଏ ଦୃଢ ପଦକ୍ଷେପ ଗ୍ରହଣ କଲା ଏବଂ ଏଥିରେ ଜନସାଧାରଣଙ୍କଠାରୁ ଯେଉଁ ସମର୍ଥନ ମିଳିଲା ତାହା ବାସ୍ତବିକ ପ୍ରଶଂସନୀୟ । କିନ୍ତୁ ଆମେ ସେହିଦିନକୁ ମନେପକାଇବା ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମାପ୍ତ ହୋଇଥିଲା ଏବଂ ସେହି ବିଶ୍ୱଯୁଦ୍ଧ ସମଗ୍ର ବିଶ୍ୱକୁ ଥରାଇ ଦେଇଥିଲା। ମାନବ ଜାତି, ମାନବିକ ମୂଲ୍ୟବୋଧ ସଙ୍କଟ ଘେରରେ ଥିଲା । ଚତୁର୍ଦିଗରେ ଥିଲା ନିରାଶାର ଅନ୍ଧକାର

ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଜନ୍ମ ନେଇଥିଲା । ଶାନ୍ତିର ମାର୍ଗରେ ଚାଲିବାର ଶପଥ ନେଇ, ସୈନ୍ୟ ନୁହେଁ ସହଯୋଗର ମନ୍ତ୍ରକୁ ନେଇ ସାରା ଦୁନିଆରେ ଦୃଢ ବିଚାରଧାରାର ଉଦୟ ହେଲା। ବିଶ୍ୱଯୁଦ୍ଧ ପରବର୍ତ୍ତି ସମୟରେ ବିଶ୍ୱକୁ ସୂଚାରୁରୂପେ ଶାନ୍ତିର ମାର୍ଗରେ ଆଗେଇ ନିଆଯାଇପାରିବ ସେଥିପାଇଁ ଜାତିସଂଘର ପ୍ରତିଷ୍ଠା ହେଲା, ବିଭିନ୍ନ ପ୍ରତିଷ୍ଠାନ ସ୍ଥାପନା କରାଗଲା, ଭିନ୍ନ ଭିନ୍ନ ବ୍ୟବସ୍ଥା ପ୍ରସ୍ତୁତ ହେଲା । କିନ୍ତୁ ଅନୁଭବ କିଛି ଅଲଗା ରହିଲା । ଅନୁଭବ ଏହା ହେଲା ଯେ, ସାରା ଦୁନିଆ ଶାନ୍ତିର କଥା କହିବା ଆରମ୍ଭ କଲା, ବିଶ୍ୱଯୁଦ୍ଧ ପରବର୍ତ୍ତୀ କାଳରେ ଶାନ୍ତିର ବାର୍ତ୍ତା ଚାଲିଥିବା ଭିତରେ ମଧ୍ୟ କିଛି ଶକ୍ତିଶାଳୀ ରାଷ୍ଟ୍ର ପ୍ରତିରକ୍ଷା ପ୍ରତି ସଚେତନ ହୋଇଉଠିଥିଲେ । ବିଶ୍ୱଯୁଦ୍ଧ ପୂର୍ବରୁ ଦୁନିଆ ପାଖରେ ଯେଉଁ ସୈନ୍ୟଶକ୍ତି ଥିଲା, ଜାତିସଂଘ ପ୍ରତିଷ୍ଠା ପରେ ତାହା ଅନେକ ଗୁଣ ବଢ଼ିଗଲା। ଛୋଟଛୋଟ ଦେଶମାନେ ମଧ୍ୟ ନିଜର ସୈନ୍ୟ ସାମର୍ଥ୍ୟ ବଢାଇବାରେ ଲାଗିଗଲେ । ଶାନ୍ତିର ଚର୍ଚ୍ଚା ତ ବହୁତ ହେଲା କିନ୍ତୁ ବାସ୍ତବତା ଏହା ଥିଲା ଯେ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନେ ନିଜର ସୈନ୍ୟ କ୍ଷମତାକୁ ଆହୁରି ଦ୍ରୁତଗତିରେ ବଢାଇବାରେ ଲାଗିପଡିଲେ । ଯେତେବି ଗବେଷଣା ଓ ନବସୃଜନର ସୃଷ୍ଟି ହେଲା, ତାହା କେବଳ ସୈନ୍ୟ ଶକ୍ତି ବୃଦ୍ଧି ପାଇଥିଲା । କରୋନା ପରବର୍ତ୍ତୀ ସମୟରେ ମଧ୍ୟ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଦୃଶ୍ୟମାନ ହେବାରେ ଲାଗିଛି । କରୋନା ପରବର୍ତ୍ତୀ ସମୟ ପରେ ବିଶ୍ୱରେ ସମ୍ପର୍କର ଏକ ନୂଆ ବାତାବରଣ ଆକାର ନେବ। ଆମକୁ ସ୍ଥିର କରିବାକୁ ପଡିବ ଯେ ବିଶ୍ୱଯୁଦ୍ଧ ପରେ ପରିବର୍ତ୍ତନଶୀଳ ବିଶ୍ୱ ସମ୍ମୁଖରେ ଆମେ ମୂକ ଦର୍ଶକ ସାଜି ପରିସ୍ଥିତି ଅନୁଯାୟୀ କେଉଁ ଏକ କୋଣରେ ଯେକୌଣସି ପ୍ରକାରେ ନିଜକୁ ଖାପଖୁଆଇ ନେବା ପାଇଁ ପ୍ରୟାସ କରିଥିଲୁ । ଆମ ଏହିପରି ଭାବରେ ସେହି କାଳଖଣ୍ଡକୁ ବିତାଇଥିଲୁ । କିନ୍ତୁ ଆଜି କରୋନା ପରବର୍ତ୍ତୀ କାଳରେ ଯେଉଁ ନୂତନ ବିଶ୍ୱ ବ୍ୟବସ୍ଥା ସୃଷ୍ଟି ହେବ ଏବଂ ଯାହା ହେବା ଅବଶ୍ୟମ୍ଭାବୀ, ତାହା କିଭଳି ହେବ, କେଉଁ ଆକାରର ହେବ, କିଏ ଏହାର ନେତୃତ୍ୱ ନେବ, ତାହା ତ ସମୟ କହିବ । କିନ୍ତୁ ବିଶ୍ୱ ଯେଉଁଭଳି ଭାବେ ଏହି ସଙ୍କଟର ସାମ୍ନା କରିଛି, ଦୁନିଆ ସେ ବିଷୟରେ ଚିନ୍ତା କରିବା ପାଇଁ ବାଧ୍ୟ ହୋଇଛି ଏବଂ ତାହା ହେବା ଅନିବାର୍ଯ୍ୟ ଥିଲା । ଏଭଳି ସ୍ଥିତିରେ ଭାରତ ବିଶ୍ୱଠାରୁ ନିଜକୁ ଅଲଗା ରଖିପାରିବ ନାହିଁ । ଭାରତ ଗୋଟିଏ

କୋଣରେ ବସି ରହିପାରିବ ନାହିଁ । ଆମକୁ ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡିବ । କିନ୍ତୁ କେବଳ ଜନସଂଖ୍ୟା ଆଧାରରେ ଦୁନିଆ ଆଗରେ ଆମର ଶକ୍ତି ପ୍ରଦର୍ଶିତ କରିପାରିବା ନାହିଁ । ଏହା ନିଶ୍ଚିତ ଭାବରେ ଏକ ଶକ୍ତି କିନ୍ତୁ କେବଳ ସେହି ଗୋଟିଏ ଶକ୍ତିରେ ଆମେ ଆଗକୁ ବଢିପାରିବା ନାହିଁ । ନୂତନ ବିଶ୍ୱ ବ୍ୟବସ୍ଥାରେ ଭାରତକୁ ନିଜର ସ୍ଥାନ ତିଆରି କରିବା ପାଇଁ ଦେଶକୁ ସଶକ୍ତ ହେବାକୁ ପଡିବ, ସମର୍ଥ ହେବାକୁ ପଡିବ ଏବଂ ଏହାର ମାର୍ଗ ହେଉଛି ଆତ୍ମନିର୍ଭର ଭାରତ। ଆଜି ଔଷଧପତ୍ର କ୍ଷେତ୍ରରେ ଆମେ ଆତ୍ମନିର୍ଭର। ବିଶ୍ୱକଲ୍ୟାଣରେ ଆମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଭାରତ ଯେତିକି ଆତ୍ମନିର୍ଭର ହେବ ଏବଂ ଯାହାର ଶୋଣିତରେ ‘ସର୍ବେ ଭବନ୍ତୁ ସୁଖୀନଃ’ ମନ୍ତ୍ର ଭରିରହିଛି, ଯିଏ ଯେତେ ସାମର୍ଥ୍ୟବାନ ହେବ, ମାନବଜାତିର କଲ୍ୟାଣ ତଥା ବିଶ୍ୱର କଲ୍ୟାଣରେ ସେତିକି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ । ଏଥି ପାଇଁ ଆମକୁ ଆତ୍ମନିର୍ଭର ଭାରତ ଚିନ୍ତାଧାରାକୁ ସଶକ୍ତି କରିବାକୁ ପଡ଼ିବ । ଏହା କୌଣସି ଶାସନ ବ୍ୟବସ୍ଥାର ବିଚାର ନୁହେଁ, କୌଣସି ରାଜନେତାଙ୍କର ବିଚାର ନୁହେଁ ଏହା ସ୍ୱୀକାର କରି ଆଗକୁ ବଢ଼ିବାକୁ ହେବ। ଆଜି ଭାରତର କୋଣ ଅନୁକୋଣରେ ଭୋକାଲ ଫର୍ ଲୋକାଲ ଶୁଭୁଛି ଏବଂ ଲୋକମାନେ ସବୁ ଉତ୍ପାଦରେ ସ୍ଥାନୀୟ ବ୍ରାଣ୍ଡ ଖୋଜୁଛନ୍ତି । ଏହି ଆତ୍ମଗୌରବର ଭାବନା ଆତ୍ମନିର୍ଭର ଭାରତ ପାଇଁ ବହୁତ ଦରକାରୀ ଏବଂ ମୁଁ ବିଶ୍ୱାସ କରେ ଯେ, ଭାରତକୁ ଆତ୍ମନିର୍ଭର କରିବା ପାଇଁ ଯାହା ବି ପରବର୍ତ୍ତନ ଆବଶ୍ୟକ ରହିଛି ସେହି ଅନୁଯାୟୀ ଆମ ସମସ୍ତଙ୍କର ଭାବନା, ଆମର ନୀତି, ଆମର ନିଷ୍ପତ୍ତି ହେବା ଆବଶ୍ୟକ ବୋଲି ମୋର ମତ ।

ଏହି ଆଲୋଚନା କାଳରେ ପ୍ରାୟତଃ ସମସ୍ତ ସଦସ୍ୟ କରୋନା ଉପରେ ଚର୍ଚ୍ଚା କରିଛନ୍ତି । ଆମ ପାଇଁ ସନ୍ତୋଷଜନକ ବିଷୟ, ଗର୍ବର ବିଷୟ ଯେ, କରୋନା ଦ୍ୱାରା ବଡ଼ ଅସୁବିଧା ଆସିବ ବୋଲି ବିଶ୍ୱ ଅନୁମାନ କରିଥିଲା, ଖୁବ୍ ବଡ ବଡ ବିଶେଷଜ୍ଞମାନେ ଅନୁମାନ କରିଥିଲେ । ଭାରତରେ ମଧ୍ୟ ଭୟର ବାତାବରଣ ସୃଷ୍ଟି କରିବାକୁ ସମସ୍ତ ପ୍ରକାର ପ୍ରୟାସ କରାଯାଇଥିଲା ଏବଂ ଯେହେତୁ ଏହା ଏକ ଅଜ୍ଞାତ ଶତ୍ରୁ ଥିଲା, ବିଶ୍ୱାସର ସହ କେହି କିଛି କହି ପାରୁନଥିଲେ । ବିଶ୍ୱାସର ସହ କେହି କିଛି କରି ମଧ୍ୟ ପାରୁନଥିଲେ । ଏଭଳି ଏକ ଅଜ୍ଞାତ ଶତ୍ରୁ ବିରୁଦ୍ଧରେ ଲଢିବାର ଥିଲା ଏବଂ ଭାରତ ଭଳି ଏତେ ବଡ଼ ଦେଶ, ଏତେ

ବିଶାଳ ଜନସଂଖ୍ୟାର ଦେଶ, ଏତେ କମ୍ ବ୍ୟବସ୍ଥା ଥିବା ଦେଶକୁ ଦୁନିଆ ସନ୍ଦେହ କରିବା ସ୍ୱାଭାବିକ ଥିଲା । କାରଣ ଯେତେବେଳେ ବିଶ୍ୱର ବଡ ବଡ ଦେଶ କରୋନା ସମ୍ମୁଖରେ ଭୂଲୁଣ୍ଠିତ ହୋଇସାରିଥିଲେ । ସେତେବେଳେ ଭାରତ କିପରି ନିଜକୁ ବଞ୍ଚାଇ ପାରିଥାଆନ୍ତା । ଥରେ ଭାରତର ଅବସ୍ଥା ଖରାପ ହୋଇଗଲେ ବିଶ୍ୱକୁ କେହି ବଂଚାଇ ପାରିବ ନାହିଁ । ଲୋକମାନେ ଏଭଳି ସମୀକରଣ ମଧ୍ୟ କରୁଥିଲେ। ଏଭଳି ପରିସ୍ଥିତିରେ ୧୩୦ କୋଟି ଦେଶବାସୀଙ୍କ ଅନୁଶାସନ, ସେମାନଙ୍କ ସମର୍ପଣ ଆଜି ଆମକୁ ବଂଚାଇ ରଖିପାରିଛି । ଏହାର ଶ୍ରେୟ ୧୩୦ କୋଟି ଭାରତୀୟଙ୍କର ଏବଂ ଆମକୁ ଭାରତର ଗୌରବଗାନ କରିବାକୁ ପଡ଼ିବ । ଭାରତର ପରିଚୟ ସୃଷ୍ଟି କରିବା ପାଇଁ ଏହା ମଧ୍ୟ ଏକ ସୁଯୋଗ । ଆମେ ଆମ ନିଜକୁ ଭର୍ତ୍ସନା କରିବୁ କିନ୍ତୁ କହିବୁ ଦୁନିଆ ଆମକୁ ସ୍ୱୀକାର କରୁ ଏହା କେବେ ମଧ୍ୟ ସମ୍ଭବ ନୁହେଁ । ଆମେ ଘରେ ବସି ଆମ ଅଭାବ ସହ ମୁକାବିଲା କରିବୁ, ଆମ ତ୍ରୁଟି ସୁଧାରିବାକୁ ପ୍ରୟାସ କରିବୁ, କିନ୍ତୁ ଯେତେବେଳେ ବିଶ୍ୱାସର ସହ ବିଶ୍ୱ ସମ୍ମୁଖକୁ ଯିବାର ଅଭିଜ୍ଞତା ମଧ୍ୟ ରଖିବୁ ସେତେବେଳେ ଯାଇ ବିଶ୍ୱ ଆମକୁ ସ୍ୱୀକାର କରିବ । ଯଦି ଆପଣ ନିଜ ପିଲାମାନଙ୍କୁ ନିଜ ଘରେ ସ୍ୱୀକାର କରୁନାହାନ୍ତି ଏବଂ ଚାହୁଁଛନ୍ତି ବାହାର ଲୋକ ତାଙ୍କୁ ସ୍ୱୀକାର କରନ୍ତୁ, ତାହେଲେ କେହି ମଧ୍ୟ ସ୍ୱୀକାର କରିବେ ନାହିଁ । ଏହାହିଁ ଦୁନିଆର ନିୟମ ଏବଂ ଏଥିପାଇଁ ଆମକୁ ଏହା କରିବାକୁ ପଡିବ ।

ଶ୍ରୀ ମନୀଷ ତିୱାରୀ ମହାଶୟ ଗୋଟିଏ କଥା କହିଥିଲେ, ସେ କହିଥିଲେ ଭଗବାନଙ୍କ କୃପାରୁ ଆମେ କରୋନାରୁ ବଞ୍ଚିଗଲେ । ମୁଁ ଏହି ମତ ଉପରେ ନିଶ୍ଚୟ କିଛି କହିବାକୁ ଚାହିଁବି । ଏହା ନିଶ୍ଚୟ ଭଗବାନଙ୍କର ହିଁ କରୁଣା। ଯେଉଁଥିପାଇଁ ଦୁନିଆ ଦୋହଲିଗଲା କିନ୍ତୁ ଆମେ ବଞ୍ଚିଗଲେ। ଭଗବାନଙ୍କର କରୁଣା କାରଣ ଭଗବାନଙ୍କ ରୂପରେ ଡକ୍ଟର ଓ ନର୍ସମାନେ ଆସିଥିଲେ । ସେ ଡକ୍ଟର ଓ ନର୍ସମାନେ ସେମାନଙ୍କ ଛୋଟ ଛୋଟ ପିଲାମାନଙ୍କୁ ସଂଧ୍ୟାରେ ଘରକୁ ଫେରିବି କହି ଯାଉଥିଲେ । ଆଉ ପନ୍ଦର- ପନ୍ଦର ଦିନ ପର୍ଯ୍ୟନ୍ତ ଫେରିପାରୁନଥିଲେ । ସେମାନେ ଭଗବାନଙ୍କ ରୂପରେ ଏହା କହୁଥିଲେ ଏବଂ କରୁଥିଲେ । ଆମେ କରୋନାକୁ ଜିତିପାରିଲୁ କାରଣ ଆମର ସଫେଇ କର୍ମଚାରୀମାନେ ଜୀବନ ଆଉ ମୃତ୍ୟୁସହ ସଂଘର୍ଷ କରୁଥିଲେ । କିନ୍ତୁ ଯେଉଁ ରୋଗ ନିକଟକୁ କେହି ଯାଉନଥିଲେ, ଆମ

ସଫେଇ କର୍ମଚାରୀମାନେ ସେମାନଙ୍କ ନିକଟକୁ ଯାଇ ସେମାନଙ୍କ ପରିବେଶକୁ ସଫାସୁତୁରା ରଖିବାର ଚେଷ୍ଟା କରୁଥିଲେ, ଭଗବାନ ସଫେଇ କର୍ମଚାରୀ ରୂପରେ ଆସିଥିଲେ । ଆମ୍ବୁଲାନ୍ସ ଚଳାଉଥିବା କୌଣସି ଡ୍ରାଇଭର ଶିକ୍ଷିତ ନଥିଲେ । ତାଙ୍କୁ ଜଣାଥିଲା, ସେ ଯାହାକୁ ଗାଡ଼ିରେ ନେଇ ଯାଇଛନ୍ତି, ସେ କରୋନା ପଜିଟିଭ । ସେହି ଆମ୍ବୁଲାନ୍ସର ଡ୍ରାଇଭର ଭଗବାନଙ୍କ ରୂପରେ ଆସିଥିଲେ ଏବଂ ତେଣୁ ସେ ମଧ୍ୟ ଭଗବାନଙ୍କ ରୂପ ଥିଲେ, ଯିଏ ଆମକୁ ବଂଚାଇଛି । କିନ୍ତୁ ଭଗବାନ ଅଲଗା ଅଲଗା ରୂପରେ ଆସିଥିଲେ। ଏବଂ ଆମେ ତାଙ୍କର ଯେତେ ପ୍ରଶଂସା କରିବା, ଯେତେ ଗୌରବଗାନ କରିବା, ଦେଶର ସଫଳତାର ଯେତେ ଗୌରବଗାନ କରିବା, ଆମ ଭିତରେ ସେତେ ନୂତନ ଶକ୍ତି ଜନ୍ମ ହେବ । ଅନେକ କାରଣରୁ ଯେଉଁ ଲୋକମାନଙ୍କ ଭିତରେ ନିରାଶା ବ୍ୟାପିଯାଇଛି, ସେମାନଙ୍କୁ ମଧ୍ୟ ମୁଁ କହୁଛି, କିଛି ସମୟ ପାଇଁ ୧୩୦ କୋଟି ଦେଶବାସୀଙ୍କ ଏହି ପରାକ୍ରମକୁ ମନେପକାନ୍ତୁ । ଆପଣଙ୍କ ଭିତରେ ମଧ୍ୟ ଶକ୍ତି ଆସିଯିବ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଏହି କରୋନା କାଳ ଏପରି ପରୀକ୍ଷାର ସମୟ ଥିଲା ଯେଉଁଥିରେ ପ୍ରକୃତ ପରୀକ୍ଷା ସେତେବେଳେ ହେଉଥିଲା ଯେତେବେଳେ ସଙ୍କଟର ସମୟ ଆସୁଥିଲା । ସାଧାରଣ ସମୟରେ ଖୁବ ଶୀଘ୍ର ଧ୍ୟାନ ଦେଇ ହୁଏ ନାହିଁ । ବିଶ୍ୱର ବଡ ବଡ ଦେଶରେ କରୋନା ସମୟରେ ଯାହା ହେଲା ତ ହେଲା । କିନ୍ତୁ ସେମାନେ ପ୍ରତ୍ୟେକ ଏହି ନିଷ୍ପତ୍ତି ନେଲେ ଯେ ସେମାନଙ୍କ ନାଗରିକମାନଙ୍କ ନିକଟରେ ସିଧାସଳଖ ଅର୍ଥ ପହଞ୍ଚାଇବେ ଯାହାଦ୍ୱାରା ଏହି ବିପଦ ସମୟରେ ସେମାନଙ୍କ ନାଗରିକମାନଙ୍କୁ ସାହାଯ୍ୟ ମିଳିପାରିବ । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ବିଶ୍ୱର ବହୁ ଦେଶ ସେହି କରୋନା, ଲକ୍‌ଡାଉନ୍ କର୍ଫ୍ୟୁ ଏବଂ ଆଶଙ୍କାର ବାତାବରଣ ଯୋଗୁଁ ଚାହିଁଲେ ମଧ୍ୟ ନିଜ ପାଖରେ ପର୍ଯ୍ୟାପ୍ତ ପରିମାଣର ଡଲାର ଓ ପାଉଣ୍ଡ ରଖିଥିଲେ ମଧ୍ୟ ନିଜ ଆତ୍ମୀୟଙ୍କ ପାଖରେ ପହଂଚାଇ ପାରିଲେ ନାହିଁ । ବ୍ୟାଙ୍କ ବନ୍ଦ, ପୋଷ୍ଟ ଅଫିସ ବନ୍ଦ, ସମସ୍ତ ବ୍ୟବସ୍ଥା ବନ୍ଦ, ତେଣୁ କିଛି କରିପାରିଲେ ନାହିଁ । ଉଦ୍ଦେଶ୍ୟ ଥିଲା, ଘୋଷଣା ମଧ୍ୟ ହେଲା କିନ୍ତୁ କିଛି ହୋଇପାରିଲା ନାହିଁ । ଏହି କରୋନା କାଳଖଣ୍ଡରେ

ଭାରତ ହିଁ ଏକମାତ୍ର ଦେଶ ଯାହା ପାଖାପାଖି ୭୫ କୋଟିରୁ ଅଧିକ ଭାରତୀୟଙ୍କୁ ରାସନ୍ ଯୋଗାଇଛି । ଆଠ ମାସ ପର୍ଯ୍ୟନ୍ତ ରାସନ୍ ପହଂଚିଇଛି । ଏହା ହେଉଛି ସେହି ଭାରତ ଯାହା ଏହି କାଳଖଣ୍ଡରେ ଜନଧନ, ଆଧାର ଏବଂ ମୋବାଇଲ୍ ଦ୍ୱାରା ୨ ଲକ୍ଷ କୋଟି ଟଙ୍କା ଲୋକଙ୍କ ନିକଟରେ ପହଂଚାଇ ପାରିଛି ଏବଂ ଦୁର୍ଭାଗ୍ୟର ବିଷୟ ଯେଉଁ ଆଧାର, ଯେଉଁ ମୋବାଇଲ, ଯେଉଁ ଜନଧନ ଆକାଉଟ ଏତେ ଗରିବ ଲୋକଙ୍କ ପାଇଁ କାମରେ ଆସିଲା, ମୁଁ ଚିନ୍ତା କରେ, ଆଧାର ବନ୍ଦ କରିବା ପାଇଁ କେଉଁ ଲୋକମାନେ କୋର୍ଟକୁ ଯାଇଥିଲେ ? କେଉଁମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେଥିପାଇଁ ମୁଁ  ବେଳେବେଳେ ଆଶ୍ଚର୍ଯ୍ୟ ହୁଏ ଏବଂ ଆଜି ମୁଁ ଏହା ବାରମ୍ବାର କହିବ, ଅଧକ୍ଷ ମହୋଦୟ ମତେ କ୍ଷମା କରନ୍ତୁ । ମତେ ଏକ ମିନିଟ୍ ବିରତି ଦେଇଥିବାରୁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ । ଏହି ଗୃହରେ ବେଳେବେଳେ ଅଜ୍ଞତା ମଧ୍ୟ ବଡ ସମସ୍ୟା ସୃଷ୍ଟି କରୁଛି ।

ମାନନୀୟ ଅଧକ୍ଷା ମହୋଦୟ,

ଠେଲାଗାଡିବାଲା, ରାସ୍ତାକଡ଼ ବିକାଳୀ ଏହି କରୋନା କାଳଖଣ୍ଡରେ ସେମାନଙ୍କୁ ଧନ ମିଳିଲା, ଅର୍ଥ ମିଳିଲା ଏହା ସେମାନଙ୍କ ପାଇଁ କରାଗଲା ଏବଂ ଆମେ ଏହା ସେମାନଙ୍କ ପାଇଁ କଲୁ । ମାନନୀୟ ଅଧକ୍ଷ ମହୋଦୟ, ଏହି କାଳଖଣ୍ଡରେ ମଧ୍ୟ ଆମେ ଆମ ଅର୍ଥବ୍ୟବସ୍ଥାରେ ସଂସ୍କାର ପ୍ରକ୍ରିୟା ଜାରି ରଖିଛୁ । ଏବଂ ଆମେ ଏହି ଉଦ୍ଦେଶ୍ୟ ସହ ଅଗ୍ରସର ହେଲୁ ଯେ ଭାରତ ଭଳି ଅର୍ଥବ୍ୟବସ୍ଥାକୁ ସଜାଡ଼ିବା ପାଇଁ, ଉଦ୍ଧାର କରିବା ପାଇଁ ଆମକୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ଏବଂ ଆପଣ ଦେଖିଥିବେ ପ୍ରଥମ ଦିନରୁ ହିଁ ଆମେ ଅନେକ ପ୍ରକ୍ରିୟାରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କଲୁ ଏବଂ ଯାହାର ପରିଣାମ ସ୍ୱରୂପ ଆଜି ଟ୍ରାକ୍ଟର ହେଉ, ଗାଡି ହେଉ ଏସବୁର ରେକର୍ଡ ପରିମାଣର ବିକ୍ରୀ ହେଉଛି । ଏବେ ସର୍ବାଧିକ ଜିଏସଟି ଆଦାୟ ହୋଇଛି । ଏସବୁ ହିସାବ ଆମ ଅର୍ଥ ବ୍ୟବସ୍ଥାକୁ ଶକ୍ତିମନ୍ତ କରୁଛି । ଏହା ଦର୍ଶାଉଛି ଯେ ନୂତନ ସ୍ଫୂର୍ତ୍ତି ସହ ଅର୍ଥବ୍ୟବସ୍ଥା ବିକଶିତ ହେଉଛି ଏବଂ ବିଶ୍ୱରେ ଅର୍ଥନୀତି କ୍ଷେତ୍ରରେ ଯେଉଁ ଲୋକମାନେ ଅଛନ୍ତି ସେମାନେ ଆକଳନ କରିଛନ୍ତି ଯେ ଏହି ଅଭିବୃଦ୍ଧି ପାଖାପାଖି ଦୁଇ ଅଙ୍କ ବିଶିଷ୍ଟ ନିଶ୍ଚୟ ହେବ। ଦୁଇ ଅଙ୍କ ବିଶିଷ୍ଟ

ଅଭିବୃଦ୍ଧିର ସମ୍ଭାବନା ନେଇ ସବୁ ବୁଦ୍ଧିଜୀବୀ ମତ ରଖିଛନ୍ତି ଏବଂ ମୁଁ ନିଶ୍ଚିତ ଯେ ଏହି କାରଣରୁ ସଙ୍କଟର ଏହି ସମୟରେ ମଧ୍ୟ ବିପଦ ମଧ୍ୟରେ ବି ଦେଶବାସୀଙ୍କ ଆଶା ଅନୁଯାୟୀ ଦେଶ ପ୍ରଗତି କରିବ ।

ସମ୍ମାନନୀୟ ଅଧ୍ୟକ୍ଷ ମହୋଦୟ,

କରୋନାର ଏହି କାଳଖଣ୍ଡରେ ତିନିଟି କୃଷି ଆଇନ୍ ମଧ୍ୟ ପ୍ରଣୟନ କରାଯାଇଛି । କୃଷି ସଂସ୍କାରର ଏହି ବ୍ୟବସ୍ଥା ଅତ୍ୟନ୍ତ ଆବଶ୍ୟକ, ଖୁବ୍ ଗୁରୁତ୍ୱପୂର୍ଣ୍ଣ ଏବଂ ବର୍ଷ ବର୍ଷ ଧରି ଆମ କୃଷିକ୍ଷେତ୍ର ଯେଉଁ ଆହ୍ୱାନର ସମ୍ମୁଖୀନ ହୋଇଆସୁଛି ସେସବୁରୁ ଏହି କ୍ଷେତ୍ରକୁ ବାହାରକୁ ଆଣିବା ପାଇଁ ଆମକୁ ନିରନ୍ତର ପ୍ରୟାସ କରିବାକୁ ପଡ଼ିବ ଏବଂ ଏହା କରିବା ଦିଗରେ ଆମେ ଆନ୍ତରିକ ଉଦ୍ୟମ କରିଛୁ । ଭବିଷ୍ୟତର ଯେଉଁସବୁ ଆହ୍ୱାନ ଯାହା ବିଷୟରେ ମୁଁ କହିନାହିଁ କିନ୍ତୁ ବଡ଼ ବଡ଼ ବିଦ୍ୱାନମାନେ କହିଛନ୍ତି, କୃଷି କ୍ଷେତ୍ରର ଏହିଭଳି ଭବିଷ୍ୟତର ଆହ୍ୱାନର ଆମକୁ ଏବେଠାରୁ ମୁକାବିଲା କରିବାକୁ ପଡିବ ଏବଂ ସେ ଦିଗରେ ଆମେ ପ୍ରୟାସ କରିଛୁ । ମୁଁ ଦେଖୁଥିଲି ସଦନରେ ଯେଉଁ ଆଲୋଚନା ହେଲା ଏବଂ କଂଗ୍ରେସ ସଦସ୍ୟମାନେ ଯାହାସବୁ କହିଲେ ମୁଁ ଏକଥା ବି ଦେଖୁଥିଲି ଏହି ଆଇନକୁ ନେଇ ସେମାନେ ବହୁତ ବିତର୍କ କରୁଥିଲେ । କଳା ହେଉ କି ଧଳା, କଳା ହେଉ କି ଧଳା, ଭଲ ହୋଇଥାନ୍ତା ଯଦି ସେମାନେ ବିଷୟବସ୍ତୁ ଉପରେ ଆଲୋଚନା କରିଥାନ୍ତେ, ଭଲ ହୋଇଥାନ୍ତା ଯଦି ସେମାନେ ଅଭିପ୍ରାୟ ବିଷୟରେ ଆଲୋଚନା କରିଥାନ୍ତେ, ଯାହାଦ୍ୱାରା ଦେଶର କୃଷକଙ୍କ ନିକଟରେ ସଠିକ୍ ତଥ୍ୟ ପହଞ୍ଚି ପାରିଥାଆନ୍ତା । ତେଣୁ ମୋର ବିଶ୍ୱାସ ଥିଲା ଯେ ଦାଦା ଭାଷଣ ଦେବା ପାଇଁ ବହୁତ ଅଧ୍ୟୟନ କରି ଆସିଥିବେ, ବହୁତ ଭଲ ଭଲ କଥା କହିବେ କିନ୍ତୁ ପ୍ରଧାନମନ୍ତ୍ରୀ ଓ ସେମାନଙ୍କ ସାଥୀ କାହିଁକି ପଶ୍ଚିମବଙ୍ଗ ଗସ୍ତ କରୁଛନ୍ତି, କେମିତି କରୁଛନ୍ତି, କୁଆଡ଼େ ଯାଉଛନ୍ତି ଏହିସବୁ ଉପରେ ତାଙ୍କ ଭାଷଣର ଅଧିକାଂଶ ଭାଗ ପର୍ଯ୍ୟବସିତ ଥିଲା । ତେଣୁ ଦାଦାଙ୍କ ଜ୍ଞାନରୁ ଆମେ ଏଥର ବଞ୍ଚିତ ରହିଗଲୁ । ଛାଡ଼ନ୍ତୁ ନିର୍ବାଚନ ପରେ ଯଦି ପୁଣିଥରେ ସୁଯୋଗ ମିଳିବ ତାହେଲେ ଶୁଣିବା ଏହି ରାଜ୍ୟ ବହୁତ ମହତ୍ୱପୂର୍ଣ୍ଣ ସେଥିପାଇଁ ତ ଆମେ କଷ୍ଟ କରୁଛୁ । ଆପଣମାନେ ଏ ରାଜ୍ୟକୁ ପଛରେ ପକାଇ

ଦେଇଛନ୍ତି ଯେ ସେଥିପାଇଁ ଆମକୁ ତା' ଉପରେ ଅଗ୍ରାଧିକାର ଦେବାକୁ ପଡୁଛି । ଆନ୍ଦୋଳନ ବିଷୟରେ ପ୍ରଶ୍ନ ଉଠିଲେ ମୁଁ କେବଳ ଗୋଟିଏ କଥା କହିବି। ଦିଲ୍ଲୀ ବାହାରେ ଆମର ଯେଉଁ କୃଷକ ଭାଇଭଉଣୀମାନେ ବସିରହିଛନ୍ତି, ଯେଉଁ ଭ୍ରାନ୍ତ ଧାରଣା ସେମାନଙ୍କ ମନରେ ଭରିଦିଆଗଲା, ଯେଉଁ ଗୁଜବ ସୃଷ୍ଟି କରାଗଲା ସେମାନେ ତା'ର ଶିକାର ହୋଇଛନ୍ତି। ମୋ' ଭାଷଣ ସମାପ୍ତ ହେବା ପରେ ଆପଣ ଯାହା କରିବା କଥା କରନ୍ତୁ, ଆପଣମାନଙ୍କୁ ତ ସୁଯୋଗ ଦିଆଯାଇଥିଲା । ଆପଣ ମାନେ ଏଭଳି ଶବ୍ଦ ପ୍ରୟୋଗ କରିପାରିବେ, ମୁଁ ପାରିବିନି । ଆମର ସଦସ୍ୟ ଶ୍ରୀମାନ କୈଳାଶ ଚୌଧୁରୀ ମହୋଦୟ ଦେଖନ୍ତୁ ମୁଁ ଆପଣଙ୍କର କେତେ ଉପକାର କରୁଛି, ଆପଣଙ୍କ କଥା ଯେଉଁଠି ପହ ଞ୍ଚବା କଥା ପହଞ୍ଚିଗଲା ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଆନ୍ଦୋଳନରତ କୃଷକ ବନ୍ଧୁମାନଙ୍କ ଭାବନାକୁ ଏହି ସଦନ ଓ ସରକାର ସମ୍ମାନ କରୁଛି ଏବଂ କରିଚାଲିବ। ଏଥିପାଇଁ ଆନ୍ଦୋଳନ ଯେତେବେଳେ ପଞ୍ଜାବରେ ହେଉଥିଲା ସେତେବେଳେ ମଧ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରୁଥିଲେ ଏବଂ ପରେ ମଧ୍ୟ ସେମାନଙ୍କ ସହ ଲଗାତାର କଥାବାର୍ତ୍ତା କରୁଛନ୍ତି । କୃଷକମାନଙ୍କ ସହ ସମ୍ମାନର ଭାବନା ନେଇ ଆଲୋଚନା କରୁଛନ୍ତି ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

କ୍ରମାଗତ ଭାବେ କଥାବାର୍ତ୍ତା ଚାଲିଛି ଏବଂ କେବଳ ଦିଲ୍ଲୀ ଆସିଲା ପରେ ଯେ ଏହି ଆଲୋଚନା ଆରମ୍ଭ ହୋଇଛି ତାହା ନୁହେଁ, ଯେତେବେଳେ ପଞ୍ଜାବରେ ଆନ୍ଦୋଳନ ଚାଲିଥିଲା ସେତେବେଳେ ମଧ୍ୟ କଥାବାର୍ତ୍ତା ହୋଇଥିଲା । କଥାବାର୍ତ୍ତା ସମୟରେ କୃଷକମାନଙ୍କର କି କି ଆଶଙ୍କା ରହିଛି ସେସବୁ ଖୋଜିବା ପାଇଁ ପୂର୍ଣ୍ଣ ପ୍ରୟାସ କରାଯାଇଥିଲା । ସେମାନଙ୍କୁ ବାରମ୍ବାର କୁହାଯାଇଥିଲା ଯେ ଆମେ ଗୋଟିଏ ଗୋଟିଏ ପ୍ରସଙ୍ଗ ଉପରେ ଆଲୋଚନା କରିବା । ନରେନ୍ଦ୍ର ସିଂହ ତୋମାର ମଧ୍ୟ ଏ ବିଷୟରେ

ରାଜ୍ୟସଭାକୁ ବିସ୍ତୃତ ଭାବେ ଜଣାଇଛନ୍ତି । ଅନୁଚ୍ଛେଦ ସାରୀ ଆଲୋଚନା କରିବାକୁ ମଧ୍ୟ କୁହାଯାଇଛି, ଏବଂ ଆମେ ଏକଥା ସ୍ୱୀକାର କରୁଛୁ ଯେ ଯଦି ଏହି ଆଇନରେ କିଛି ତ୍ରୁଟିବିଚ୍ୟୁତି ଥାଏ ତାହେଲେ ଆମେ ସେସବୁ ବଦଳାଇ ଦେଲେ କ'ଣ ଅସୁବିଧା ହୋଇଯିବ ମହାଶୟ ।

ଏହି ଦେଶ ଦେଶବାସୀଙ୍କ ପାଇଁ ଯଦି କୌଣସି ନିଷ୍ପତ୍ତି ନେଉଛୁ ତେବେ ତାହା କୃଷକମାନଙ୍କ ପାଇଁ । କିନ୍ତୁ ଆମେ ଅପେକ୍ଷା କରୁଛୁ, ଏବେବି ଅପେକ୍ଷା କରୁଛୁ, ସେମାନେ ଯଦି କୌଣସି ଜିନିଷ ସ୍ୱତନ୍ତ୍ର ଭାବେ କୁହନ୍ତି, ତେବେ ଆମର କୌଣସି ଦ୍ୱିଧା ନାହିଁ । ତେଣୁ ସେମାନେ ପ୍ରଥମରୁ ଯେତେବେଳେ ପଞ୍ଜାବରେ ଥିଲେ ସେତେବେଳେ ଅଧ୍ୟାଦେଶ ଦ୍ୱାରା ହିଁ ଏହି ୩ଟି ଆଇନ୍ ଲାଗୁ କରାଯାଇଥିଲା । ପରେ ଏହା ସଂସଦର ଅନୁମୋଦନ ଲାଭ କଲା। ଆଇନ୍ ଲାଗୁ ହେବା ପରେ ନା ଦେଶରେ କୌଣସି ମଣ୍ଡି ବନ୍ଦ ହୋଇଛି, ନା କୌଣସି ଏମଏସପି ବନ୍ଦ ହୋଇଛି । ଏହା ହେଉଛି ସତ୍ୟ ଯାହାକୁ ଆମେ ଲୁଚାଇ ରଖି କଥାବାର୍ତ୍ତା କରୁଛୁ, ଯାହାର କୌଣସି ଅର୍ଥ ନାହିଁ । କେବଳ ଏତିକି ନୁହେଁ, ଏମ୍ଏସପି କ୍ରୟ ମଧ୍ୟ ବୃଦ୍ଧି ପାଇଛି ଏବଂ ଏହା ନୂତନ ଆଇନ୍ ପରେ ହିଁ ବଢ଼ିଛି ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଏହି ହୋ-ହଲ୍ଲା, ଏ ପାଟିତୁଣ୍ଡ, ଏ ବାଧା ଉପୁଜାଇବାର ପ୍ରୟାସ ଏକ ସୁଚିନ୍ତିତ ରଣନୀତି ଆଧାରରେ କରାଯାଉଛି ଏବଂ ଏହି ସୁଚିନ୍ତିତ ରଣନୀତି ହେଉଛି ଯେଉଁ ମିଥ୍ୟା ଓ ଗୁଜବ ପ୍ରଚାର କରାଯାଇଛି, ସେସବୁର ପର୍ଦ୍ଦାଫାଶ ହୋଇଯିବ, ଯଦି ସେଠାରେ ସତ୍ୟତା ପହଞ୍ଚିଯିବ ତେବେ ସେମାନଙ୍କ ତିଷ୍ଠି ରହିବା କଷ୍ଟକର ହୋଇଯିବ ଏବଂ ଏଥିପାଇଁ ହୋ-ହଲ୍ଲା କରିବା ଜାରିରଖ, ଯେଭଳି ବାହାରେ କରୁଥିଲ ଭିତରେ ମଧ୍ୟ ସେଭଳି କରୁଥାଅ, ଏହି ଖେଳ ଚାଲିଛି । କିନ୍ତୁ ଏହାଦ୍ୱାରା ଆପଣମାନେ କେବେବି ଲୋକମାନଙ୍କର ବିଶ୍ୱାସ ଜିତିପାରିବେ ନାହିଁ, ଏକଥା ଆପଣମାନେ ମନେରଖନ୍ତୁ । ମାନନୀୟ ଅଧ୍ୟକ୍ଷ ମହୋଦୟ, ଅଧ୍ୟାଦେଶ ପରେ ଏବଂ ସଂସଦରେ ଆଇନ୍ ପାରିତ ହେବା ପରେ, ଯେକୌଣସି କୃଷକଙ୍କୁ

ମୁଁ ପଚାରିବାକୁ ଚାହୁଁଛି, ପୂର୍ବରୁ ତାଙ୍କ ପାଖରେ ଯେଉଁ ଅଧିକାର ଥିଲା, ଯେଉଁ ବ୍ୟବସ୍ଥା ଥିଲା ଏହି ଆଇନ୍ ସେଗୁଡିକ ମଧ୍ୟରୁ କେଉଁଟି ବି ଛଡାଇ ନେଇଛି କି ? ତା'ର ଜବାବ କେହି ଦେଉନାହାନ୍ତି । ସବୁକିଛି ସେହି ପୂର୍ବଭଳି ପୁରୁଣା । କ'ଣ ହୋଇଛି ଯେ ? ଏକ ଅତିରିକ୍ତ ବିକଳ୍ପ ବ୍ୟବସ୍ଥା ମିଳିଛି । ତାହା ବି କ'ଣ ବାଧ୍ୟତାମୂଳକ କି ? କୌଣସି ଆଇନର ବିରୋଧ ସେତେବେଳେ ଯଥାର୍ଥ ହୋଇଥାଏ, ଯେତେବେଳେ ତାହା ବାଧ୍ୟତାମୂଳକ ହୋଇଥାଏ । ଏହା ତ ଇଚ୍ଛାମୂଳକ, ଆପଣଙ୍କ ଇଚ୍ଛାରେ, ଯେଉଁଠାକୁ ଯିବାକୁ ଚାହାନ୍ତି ଯାଆନ୍ତୁ, ଆପଣଙ୍କ ଇଚ୍ଛା ହେଲା ତ ସେଠାକୁ ଯାଆନ୍ତୁ, ନହେଲେ ନାହିଁ ଏବଂ ଏଥିପାଇଁ ଅଧିରଞ୍ଜନଜୀ ଏବେ ବେଶି ହୋଇଯାଉଛି, ଅଧିରଞ୍ଜନଜୀ ଦୟାକରି ଏବେ ମାତ୍ରାଧିକ ହୋଇଯାଉଛି । ମୁଁ ଆପଣମାନଙ୍କୁ ସମ୍ମାନ କରୁଥିବା ମଣିଷଟିଏ । ଏବଂ ମୁଁ ପ୍ରଥମରୁ କହିଦେଇଛି, ଆପଣ ଯାହା କଲେ ସେସବୁ ଠିକଣା ଜାଗାରେ ପହଞ୍ଚିଗଲା । ପଶ୍ଚିମବଙ୍ଗରେ ବି ଟିଏମସିକୁ ଅଧିକ ପ୍ରଚାରର ଅବକାଶ ମିଳିଯିବ... କାହିଁକି ଏମିତି ହେଉଛନ୍ତି ? ହଁ ଦାଦା, ଦେଖନ୍ତୁ ମୁଁ କହିଦେଇଛି, କହିଦେଇଛି ଚିନ୍ତା କରନ୍ତୁ ନାହିଁ । ଅଧିରଞ୍ଜନ ଜୀ, ଦୟାକରି ଅଧିରଞ୍ଜନ ଜୀ । ଠିକ୍ ଲାଗୁନାହିଁ । ମୁଁ ଏତେ ସମ୍ମାନ କରୁଛି । ଆପଣ ଆଜି ଏଭଳି କାହିଁକି କରୁଛନ୍ତି ? ଆପଣ ଏମିତି କରନ୍ତୁ ନାହିଁ । ଆରେ ଭାଇ... ନିଜ ସୀମା କାହିଁକି ଉଲ୍ଲଂଘନ କରୁଛ ?

ଅଧ୍ୟକ୍ଷ ମହୋଦୟ, ଏହା ଏପରି ଏକ ଆଇନ୍ ଯାହା କାହା ପାଇଁ ବି ବାଧ୍ୟତାମୂଳକ ନୁହେଁ । ସେମାନଙ୍କ ପାଇଁ ବିକଳ୍ପ ରହିଛି, ଏବଂ ଯେଉଁଠି ବିକଳ୍ପ ଅଛି ସେଠାରେ ବିରୋଧର କୌଣସି କାରଣ ନାହିଁ । ହଁ ଏମିତି କୌଣସି ଆଇନ୍ ଯାହା ଜବରଦସ୍ତି ଲଦି ଦିଆଯାଇଛି, ତାକୁ ବିରୋଧ କରାଯାଇପାରେ ଏବଂ ଏଥିପାଇଁ ମୁଁ କହୁଛି, ଲୋକମାନଙ୍କୁ... ମୁଁ ଦେଖୁଛି, ଆନ୍ଦୋଳନର ଏହା ଏକ ନୂଆ ସ୍ୱରୂପ । କିଭଳି ସ୍ୱରୂପ- ଯେଉଁମାନେ ଆନ୍ଦୋଳନକାରୀ ସେମାନେ ଏଭଳି ଉପାୟ ଅବଲମ୍ବନ କରନ୍ତି ନାହିଁ, ଯେଉଁମାନେ ଆନ୍ଦୋଳନଜୀବୀ ସେମାନେ ଏଭଳି ଉପାୟ ଅବଲମ୍ବନ କରନ୍ତି ଏବଂ ସେମାନେ କୁହନ୍ତି ଯଦି ଏପରି ହୁଏ ତେବେ ସେପରି ହେବ, ଏମିତି ହେଲେ ସେମିତି ହେବ । ଆରେ ଭାଇ ! ଯାହା

ହୋଇନାହିଁ, ତାହା ହେବାର ବି ନାହିଁ । ତାହାର ଭୟ ସୃଷ୍ଟି କରି କରି ଏବଂ ଗତ କିଛି ବର୍ଷ ଧରି କ୍ରମାଗତ ଭାବେ ଏହା ଜାରି ରହିଛି । ସୁପ୍ରିମକୋର୍ଟଙ୍କ ଏକ ରାୟ ଆସିଯାଉ ? କୌଣସି ନିଷ୍ପତ୍ତି ହୋଇ ନଥିବ ଏବଂ ଏକଦମ ଝଡ଼ ସୃଷ୍ଟି କରିଦିଆଯାଏ, ଦେଶରେ ନିଆଁ ଲଗାଇ ଦିଆଯାଏ । ଯେଉଁ ଉପାୟ ସବୁ ଅବଲମ୍ବନ କରାଯାଉଛି ଯେ କେହିବି ଗଣତନ୍ତ୍ରରେ ବିଶ୍ୱାସ କରୁଥିବେ, ଯିଏ ବି ଅହିଂସାରେ ବିଶ୍ୱାସ କରୁଥିବେ ସେ ସମସ୍ତଙ୍କ ପାଇଁ ଏହା ଚିନ୍ତାର ବିଷୟ ହେବା ଉଚିତ୍ ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ପୁରୁଣା ମଣ୍ଡିଗୁଡିକ ଉପରେ ମଧ୍ୟ କୌଣସି କଟକଣା ନାହିଁ । କେବଳ ଏତିକି ନୁହେଁ, ଏହି ବଜେଟରେ ଏଭଳି ମଣ୍ଡିଗୁଡିକର ଆଧୁନିକୀକରଣ ପାଇଁ, ସେଗୁଡିକର ବିକାଶ ପାଇଁ ଆହୁରି ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି ଏବଂ ସେହି ବଜେଟ ମାଧ୍ୟମରେ ମାନନୀୟ ଅଧ୍ୟକ୍ଷ ମହୋଦୟ, ଆମେ ଏଇ ଯେଉଁ ନିଷ୍ପତ୍ତି ନେଉଛୁ ତାହା 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଭାବନା ଆଧାରରେ ନିଆଯାଇଛି । ପ୍ରିୟ ଅଧ୍ୟକ୍ଷ ମହୋଦୟ, ଏହି ସଦନର ସାଥୀମାନେ ଏକଥାକୁ ଭଲ ଭାବେ ବୁଝିଛନ୍ତି ଯେ, କଂଗ୍ରେସ ଏବଂ ଆଉ କିଛି ଦଳ ବହୁତ ଦୃଢ଼ ଭାବରେ ସେମାନଙ୍କର ବକ୍ତବ୍ୟ ଉପସ୍ଥାପନ କରିଛନ୍ତି । କିନ୍ତୁ ଯେଉଁ ପ୍ରସଙ୍ଗକୁ ନେଇ ସେମାନଙ୍କୁ କହିବା ଦରକାର, ଭାଇ ଏହା ନୁହେଁ, ସେମାନେ କେତେ ଅଧ୍ୟୟନ କରି ଏହି ଗୃହକୁ ଆସିଛନ୍ତି ସଦସ୍ୟମାନଙ୍କଠାରୁ ସମସ୍ତେ ତାହାହିଁ ଆଶା କରିଥାଆନ୍ତି । କେବଳ ଏତିକି ନୁହେଁ, ଯେଉଁ ଲୋକମାନେ ଏକଥା କୁହନ୍ତି, ମୁଁ ଆଶ୍ଚର୍ଯ୍ୟ ହେଉଛି, ପ୍ରଥମଥର ପାଇଁ ଏକ ନୂଆ ବିତର୍କ ଉପସ୍ଥିତ ହୋଇଛି ଏହି ଗୃହରେ । ତାହା ହେଉଛି ଭାଇ ଆମେ ତ ମାଗି ନଥିଲୁ ଦେଉଛନ୍ତି କାହିଁକି ? ପ୍ରଥମ କଥା ହେଉଛି, ନେବା ନନେବା ଆପଣଙ୍କ ଇଚ୍ଛା ଉପରେ ନିର୍ଭର କରେ । କେହି କାହା ଉପରେ ଜୋର ଜବରଦସ୍ତ ଲଦି ଦେଉନାହାନ୍ତି । ଏହି ବ୍ୟବସ୍ଥା ଇଚ୍ଛାଧୀନ ଅଟେ, ଖୁବ ବିଶାଳ ଏ ଦେଶ । ଭାରତର କିଛି ଭାଗରେ ଏଥିରୁ ଫାଇଦା ମିଳିବ, ଏହା ବି ହୋଇପାରେ କାହାକୁ ଲାଭ ନ ମିଳିବିପାରେ, କିନ୍ତୁ ଏହା ବାଧ୍ୟତାମୂଳକ ନୁହେଁ । ଏବଂ ଏଥିପାଇଁ ମାଗିହେବା ଓ ଦେବାର କୌଣସି ଅର୍ଥ

ହେଉନାହିଁ । କିନ୍ତୁ ମୁଁ ପୁଣିଥରେ କହିବାକୁ ଚାହୁଁଛି ଯେ, ଏହି ଦେଶରେ ମାନନୀୟ ଅଧ୍ୟକ୍ଷ ଜୀ, ଯୌତୁକ ବିରୁଦ୍ଧରେ ଆଇନ୍ ପ୍ରଣିତ ହେଲା । ଏହି ଦେଶରେ କେହି କେବେବି ଏହା ଦାବି କରିନଥିଲେ । ତଥାପି ଆଇନ୍ ତିଆରି ହୋଇଥିଲା ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ତିନି ତଲାକ୍- ଏହା ବିରୁଦ୍ଧରେ ଆଇନ୍ ପ୍ରଣିତ ହେଲା। କୌଣସି ଲୋକ ଏଥିପାଇଁ ଦାବି କରିନଥିଲେ । କିନ୍ତୁ ପ୍ରଗତିଶୀଳ ସମାଜ ପାଇଁ ଏହା ଆବଶ୍ୟକ । ଏଥିପାଇଁ ଆମେ ଆଇନ୍ ପ୍ରସ୍ତୁତ କଲୁ । ଆମର ଏଠି ବାଲ୍ୟ ବିବାହ ଉପରେ ନିଷେଧାଦେଶ ପାଇଁ କେହି କେବେ ବି ଦାବି କରିନଥିଲେ ଯେ ଆଇନ୍ ତିଆରି କର । ତଥାପି ଆଇନ୍ ପ୍ରଣିତ ହେଲା କାରଣ ପ୍ରଗତିଶୀଳ ସମାଜ ପାଇଁ ଏହା ଆବଶ୍ୟକ । ବିବାହ ବୟସ ବୃଦ୍ଧି ନିଷ୍ପତ୍ତି କେହି ଜାରି କରିନଥିଲେ କିନ୍ତୁ ପ୍ରଗତିଶୀଳ ବିଚାରଧାରା ସହିତ ସେହି ନିଷ୍ପତ୍ତିରେ ପରିବର୍ତ୍ତନ କରିବାକୁ ପଡିଥାଏ । କନ୍ୟା ସନ୍ତାନମାନଙ୍କୁ ସମ୍ପତ୍ତିର ଅଧିକାର- କେହି ଦାବି କରିନଥିଲେ, କିନ୍ତୁ ଏକ ପ୍ରଗତିଶୀଳ ସମାଜ ପାଇଁ ଆବଶ୍ୟକ ପଡ଼ିଥାଏ, ସେଥିପାଇଁ ଆଇନ୍ ପ୍ରସ୍ତୁତ କରାଯାଇଥାଏ । ଶିକ୍ଷାର ଅଧିକାର ପ୍ରଦାନ କଥା କେହି ଦାବି କରିନଥିଲେ, କିନ୍ତୁ ସମାଜ ପାଇଁ ଏହା ଆବଶ୍ୟକ, ପରିବର୍ତ୍ତନ ପାଇଁ ଆବଶ୍ୟକ ପଡିଥାଏ, ତେଣୁ ଆଇନ ପ୍ରଣିତ ହୁଏ । କ'ଣ କେବେବି ଏତେଗୁଡିଏ ସଂସ୍କାର ହୋଇପାରିଛି ? ପରିବର୍ତ୍ତନଶୀନ ସମାଜ ଏସବୁକୁ ସ୍ୱୀକାର କରିଛି ନା କରିନାହିଁ, ଏ ଦୁନିଆ ଏକଥାକୁ ଭଲ ଭାବରେ ଜାଣିଛି।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଭାରତର ବହୁ ପୁରୁଣା ଦଳ- କଂଗ୍ରେସ ଦଳ ପ୍ରାୟ ୬୦ବର୍ଷ ଧରି ଏହି ଦେଶରେ ଏକତରଫା ଭାବେ ଶାସନ କରିଆସୁଥିଲା, ଏହି ଦଳର ଏଭଳି ଅବସ୍ଥା ଏପରି ହୋଇଯାଇଛି ଯେ ଦଳର ରାଜ୍ୟସଭାର ଗୋଷ୍ଠୀ ଗୋଟିଏ ପଟେ ଚାଲୁଥିବାବେଳେ ଲୋକସଭା ଗୋଷ୍ଠୀ ବିପରୀତ ପକ୍ଷରେ ଚାଲୁଛନ୍ତି । ଏଭଳି ବିଭାଜିତ ଦଳ, ଏଭଳି ଦ୍ୱନ୍ଦ୍ୱରେ ରହୁଥିବା ଦଳ, ନା ନିଜର ମଙ୍ଗଳ କରିପାରିବ, ନା ଦେଶର ସମସ୍ୟାର ସମାଧାନ କରିବା ପାଇଁ କିଛି ଚିନ୍ତା କରିପାରିବ। ଏହାଠାରୁ ବଡ଼ ଦୁର୍ଭାଗ୍ୟ ଆଉ କ'ଣ ହୋଇପାରେ ? କଂଗ୍ରେସ ଦଳର ବରିଷ୍ଠ

ନେତାମାନେ ରାଜ୍ୟସଭାରେ ଅଛନ୍ତି, ସେମାନେ ଖୁବ୍ ଆନନ୍ଦ ଓ ଉତ୍ସାହର ସହ ତର୍କ ବିତର୍କ କରୁଛନ୍ତି, ବିସ୍ତୃତ ଭାବେ ଆଲୋଚନା କରୁଛନ୍ତି, ନିଜର ମତ ରଖୁଛନ୍ତି ଏବଂ ଏଠି କଂଗ୍ରେସର ଅନ୍ୟ ଗୋଷ୍ଠୀ.. ଏଣିକି ସମୟ ସ୍ଥିର କରିବ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଇପିଏଫ୍ ପେନସନ୍ ଯୋଜନାରେ ଥିବା ସମସ୍ୟା ବିଷୟରେ ଆମେ ୨୦୧୪ ମସିହା ପରେ ହିଁ ଜାଣିଲୁ । ତା' ପୂର୍ବରୁ ଏଠି ବସିଥିବା କେହିବି ସଭ୍ୟ ସେ ପ୍ରସଙ୍ଗ ଉଠାଇନଥିଲେ । ଆମେ ଜାଣିଛୁ ଯେ କାହାକୁ ୭ ଟଙ୍କା ପେନସନ୍ ମିଳୁଥିଲା ବେଳେ କାହାକୁ ୨୫ ଟଙ୍କା, କାହାକୁ ୫୦ ଟଙ୍କା, କାହାକୁ ୨୫୦ ଟଙ୍କା, ପେନ୍‌ସନ ମିଳୁଥିଲା। ଏହା ଦେଶରେ ଚାଲିଥିଲା । ମୁଁ କହିଲି ଏହିଭଳି ଲୋକମାନଙ୍କୁ ଅଟୋରିକ୍ସା ଭଡ଼ା କରି ପେନସନ୍ ପାଇଁ ଯାଉଥିବା ବାବଦ ଖର୍ଚ୍ଚ ପେନସନ୍ ଠାରୁ ଅଧିକ ହେଉଥିବ । କେହି ଦାବି କରିନଥିଲେ, କୌଣସି ଶ୍ରମିକ ସଂଗଠନ ମତେ ଆବେଦନପତ୍ର ଦେଇନଥିଲେ। ସେଥିରେ ସଂସ୍କାର ଆଣି ମାସିକ ଅନ୍ୟୁନ୍ୟ ୧୦୦୦ ଟଙ୍କାର ପେନସନ୍ ଦେବାକୁ ଆମେ ନିଷ୍ପତ୍ତିକୁ ନେଲୁ । କେହି ଦାବି କରିନଥିଲେ। ମତେ କୌଣସି ବି କୃଷକ ସଂଗଠନ ଏହି ଦେଶର କ୍ଷୁଦ୍ର ଚାଷୀକୁ କିଛି ସମ୍ମାନଜନକ ଅର୍ଥ ମିଳୁ । ସେହି ବ୍ୟବସ୍ଥା ପାଇଁ କେହି ଦାବି କରିନଥିଲେ, କିନ୍ତୁ ଆମେ ପ୍ରଧାନମନ୍ତ୍ରୀ ସମ୍ମାନନିଧି ଯୋଜନା ମାଧ୍ୟମରେ ସେମାନଙ୍କୁ ଅର୍ଥ ପହଞ୍ଚାଇବା ଆରମ୍ଭ କରିଥିଲୁ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

କୌଣସି ବି ଆଧୁନିକ ସମାଜ ପାଇଁ ପରିବର୍ତ୍ତନ ଅପରିହାର୍ଯ୍ୟ ଅଟେ । ଆମେ ଦେଖୁଛୁ, ସେହି କାଳଖଣ୍ଡରେ କିଭଳି ବିରୋଧ ହେଉଥିଲା, କିନ୍ତୁ ରାଜା ରାମମୋହନ ରାୟଙ୍କ ଭଳି ମହାପୁରୁଷ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ମହାପୁରୁଷ, ଜ୍ୟୋତିବାଇ ଫୁଲେଙ୍କ ଭଳି ମହାନ ବ୍ୟକ୍ତି, ବାବା ସାହେବ ଆମ୍ବେଦକର.. ଏହିଭଳି ଅଗଣିତ ନାଁ ରହିଛି.. ଯେଉଁମାନେ ସମାଜ ସମ୍ମୁଖରେ ପ୍ରତିକୂଳ ପ୍ରଭାବର ସାମ୍ନା କରି ସମାଜ

ସଂସ୍କାରର ବୋଝ ଉଠାଇଥିଲେ । ବ୍ୟବସ୍ଥା ପରିବର୍ତ୍ତନର ବୋଝ ଉଠାଇଥିଲେ । ଏବେ ଯେତେବେଳେ ବି କୌଣସି ବ୍ୟକ୍ତିକୁ ଦାୟିତ୍ୱ ନେବାକୁ ପଡିଥାଏ.. ସେହିଭଳି ଜିନିଷର ଆରମ୍ଭରେ ବିରୋଧ ହୋଇଥାଏ, ଯେତେବେଳେ କଥା ସତ୍ୟ ପର୍ଯ୍ୟନ୍ତ ପହଞ୍ଚେ ସେତେବେଳେ ଯାଇ ଲୋକମାନେ ତାହାକୁ ସ୍ୱୀକାର କରିନିଅନ୍ତି। ଆଉ ହିନ୍ଦୁସ୍ତାନ ଏତେ ବଡ ଦେଶ.. କୌଣସି ବି ନିଷ୍ପତ୍ତି ଶତ ପ୍ରତିଶତ ସମସ୍ତଙ୍କୁ ସ୍ୱୀକାର୍ଯ୍ୟ ହେବ, ଏହା କେବେବି ସମ୍ଭବ ନୁହେଁ । ଏହି ଦେଶ ବିବିଧତାରେ ପରିପୂର୍ଣ୍ଣ । କୌଣସି ଗୋଟିଏ ଜାଗାରେ ତାହା ବହୁତ ଲାଭଦାୟୀ ହେବ, କେଉଁ ଜାଗାରେ ସ୍ୱଳ୍ପ ଲାଭଦାୟୀ ହେବ, ଏବଂ ଅନ୍ୟ କୌଣସି ଜାଗାରେ ପୂର୍ବରୁ ମିଳୁଥିବା ଲାଭରୁ ଏହା ବଞ୍ଚିତ କରିପାରେ । କିନ୍ତୁ, ଏତେବଡ଼ ଦେଶରେ ଏଭଳି ବ୍ୟବସ୍ଥା ହୋଇପାରିବ ନାହିଁ ଯେଉଁଥିରେ ସମସ୍ତଙ୍କୁ ସମାନ ଭାବେ ଲାଭ ପହଞ୍ଚିପାରିବ.. କିନ୍ତୁ ଏକ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଦେଶରେ ନିଷ୍ପତ୍ତି ନିଆଯାଇଥାଏ। ବୃହତର.. ସର୍ବଜନ ହିତାୟ, ସର୍ବଜନ ସୁଖାୟର ନିଷ୍ପତ୍ତି ହୋଇଥାଏ ଏବଂ ସେହି ବିଚାରଧାରା ନେଇ ଆମେ ଆଗକୁ ବଢ଼ିଥାଉ।

ଏହି ବିଚାରଧାରାକୁ ମୁଁ ବିରୋଧ କରେ, ଯେତେବେଳେ ଏହା କୁହାଯାଏ ଆମେ ମାଗିଥିଲୁ କି? ଆମେ କ'ଣ ସାମନ୍ତବାଦୀ ହୋଇଛୁ ଯେ ଦେଶର ଜନତା ଆଗକୁ ମାଗନ୍ତାଙ୍କ ଭଳି ମାଗି ଚାଲିବେ? ସେମାନଙ୍କୁ ମାଗିବା ପାଇଁ ବାଧ୍ୟ କରିବା? ଏହି ମାଗିବା ପାଇଁ ବାଧ୍ୟ କରିବାର ବିଚାରଧାରା କେବେବି ଗଣତନ୍ତ୍ରର ବିଚାରଧାରା ହୋଇପାରେନା, ମାନନୀୟ ଅଧ୍ୟକ୍ଷ ମହୋଦୟ, ସରକାରଙ୍କୁ ସମ୍ବେଦନଶୀଳ ହେବାକୁ ପଡିବ । ଗଣତାନ୍ତ୍ରିକ ପଦ୍ଧତିରେ ଜନତାର ମଙ୍ଗଳ ପାଇଁ ସରକାରଙ୍କୁ ଦାୟିତ୍ୱର ସହ ଆଗେଇ ଆସିବାକୁ ପଡିବ । ଏ ଦେଶର ଜନତା ଆୟୁଷ୍ମାନ ଯୋଜନା ଦାବି କରିନଥିଲେ, କିନ୍ତୁ ଆମେ ଅନୁଭବ କଲୁ ଯେ ଦେଶର ଗରିବମାନଙ୍କୁ ରୋଗବ୍ୟାଧିରୁ ମୁକ୍ତି ପହଞ୍ଚାଇବା ଦରକାର । ତେଣୁ ଆୟୁଷ୍ମାନ ଯୋଜନା ସହିତ ଆମକୁ ଆଗକୁ ବଢିବାକୁ ପଡିବ। ଏହି ଦେଶର ଗରିବ ବ୍ୟକ୍ତି ବ୍ୟାଙ୍କ ଖାତା ଖୋଲିବା ପାଇଁ କୌଣସି ଶୋଭାଯାତ୍ରା ବାହାର କରିନଥିଲା, କୌଣସି ସ୍ମାରକପତ୍ର

ପଠାଇନଥିଲା । ଆମେ ଜନଧନ ଯୋଜନା ପ୍ରସ୍ତୁତ କରି ଏହି ଯୋଜନା ମାଧ୍ୟମରେ ସେମାନଙ୍କର ଖାତା ଖୋଲିଥିଲୁ ।

କେହି ବି ସ୍ୱଚ୍ଛ ଭାରତ ପାଇଁ ଦାବି କରିନଥିଲେ। କିନ୍ତୁ ଦେଶ ସମ୍ମୁଖରେ ଯେତେବେଳେ ଆମେ ସ୍ୱଚ୍ଛ ଭାରତ ମିଶନକୁ ନେଇ ପହଞ୍ଚିଲୁ ଏ ଅଭିଯାନ ସଫଳ ହେବାରେ ଲାଗିଲା । କେତେବେଳେ ଲୋକମାନେ କହିଥିଲେ ଯେ ମୋ ଘରେ ଶୌଚାଳୟ ତିଆରି କର ? ଏ ବିଷୟରେ କେହିବି ଦାବି କରିନଥିଲେ। କିନ୍ତୁ ଆମେ ୧୦ କୋଟି ପରିବାର ପାଇଁ ଶୌଚାଳୟ ନିର୍ମାଣ କଲୁ । ମଗାଯିବ, ତା'ପରେ ସରକାର କାମ କରିବେ, ସେ ସମୟ ଚାଲିଯାଇଛି । ଇଏ ଗଣତନ୍ତ୍ର, ସାମନ୍ତବାଦ ନୁହେଁ । ଆମେମାନେ ଜନସାଧାରଣଙ୍କ ଭାବନାକୁ ହୃଦୟଙ୍ଗମ କରି ଆମକୁ ନିଜକୁ ଦେବାକୁ ପଡିବ। ନାଗରିକଙ୍କୁ ଭିକ୍ଷୁକ କରି ଆମେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରାଇ ପାରିବା ନାହିଁ । ଆମେ ନାଗରିକମାନଙ୍କୁ ଅଧିକାର ଦେବାର ମାର୍ଗରେ ଆଗକୁ ବଢିବାକୁ ପଡ଼ିବ । ନାଗରିକଙ୍କୁ ଭିକ୍ଷୁକ ସଜାଇଲେ ନାଗରିକର ଆତ୍ମବିଶ୍ୱାସ କ୍ଷୁଣ୍ଣ ହୋଇଯାଇଥାଏ । ନାଗରିକ ମଧ୍ୟରେ ସାମର୍ଥ୍ୟ ସୃଷ୍ଟି କରାଇବା ପାଇଁ, ସେମାନଙ୍କ ଭିତରେ ଆତ୍ମବିଶ୍ୱାସ ଭରିବା ଦିଗରେ ଆମର ପଦକ୍ଷେପ ରହିବା ଉଚିତ୍ । ଏବଂ ଆମେ ଏହି ଦିଗରେ ପଦକ୍ଷେପ ନେଇଛୁ । ସରକାର, ଦାଦା, ଦାଦା, ଗୋଟିଏ ମିନିଟ୍ ଶୁଣନ୍ତୁ ଦାଦା, ଆରେ ସେକଥା ବି ମୁଁ କରୁଛି । ଦାଦା ମୁଁ ବି ସେକଥା କରୁଛି । ଯିଏ ଚାହୁଁନାହାନ୍ତି ସେମାନେ ତାହାର ଉପଯୋଗ ନକରନ୍ତୁ, ସେମାନଙ୍କ ନିକଟରେ ପୁରୁଣା ବ୍ୟବସ୍ଥା ମଧ୍ୟ ରହିଛି । ଆପଣମାନଙ୍କ ଭଳି ବୁଦ୍ଧିମାନ ବ୍ୟକ୍ତିମାନଙ୍କୁ ଏଇ ଛୋଟ କଥାଟିଏ ମତେ ବୁଝାଇବାର ଅଛି ଯେ, ସେମାନଙ୍କର ଆବଶ୍ୟକ ନାହିଁ ତ ପୁରୁଣା ବ୍ୟବସ୍ଥା ରହିଛି । ପୁରୁଣା ବ୍ୟବସ୍ଥା ଚାଲି ଯାଇ ନାହିଁ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ମୁଁ ଗୋଟିଏ କଥା ଜାଣିଛି, ଆମେ ସମସ୍ତେ ଏହି କଥା ଜାଣିଛୁ ଯେ ସ୍ଥିର ଜଳ ରୋଗ ସୃଷ୍ଟି କରିଥାଏ । ପ୍ରବହମାନ ଜଳ ଜୀବନକୁ ପରିପୂର୍ଣ୍ଣ କରିଥାଏ, ଉତ୍ସାହରେ ଭରିଦେଇଥାଏ । ଯାହା ଚାଲୁଛି.. ଚାଲିଥାଉ, ଚାଲିବାକୁ ଦିଅ । ଆରେ ଭାଇ, କିଏ ଆସିବ ତ କରିବ, ଏମିତି କ'ଣ ଚାଲେ ଆଜ୍ଞା । ଦାୟିତ୍ୱ ନେବାକୁ ପଡିବ । ଦେଶର ଆବଶ୍ୟକତା ଅନୁଯାୟୀ ନିଷ୍ପତ୍ତି ନେବାକୁ ପଡିବ । ରାଷ୍ଟ୍ରକୁ, ଦେଶକୁ ଧ୍ୱଂସ କରିବାରେ ଏଭଳି ଏକ ମାନସିକତାର ବହୁତ ବଡ ଭୂମିକା ରହିଛି । ଦୁନିଆ ବଦଳୁଛି, କେତେବେଳେ ଯାଏଁ ଆମେ ସ୍ଥିତାବସ୍ଥା.. ସ୍ଥିତାବସ୍ଥା.. ସ୍ଥିତାବସ୍ଥା.. ଏହାହିଁ କହି ଚାଲିଥିବା ? ତେଣୁ ମୁଁ ଏହା ବୁଝୁଛି ଯେ ସ୍ଥିତିରେ ପରିବର୍ତ୍ତନ ହେବାର ନାହିଁ । ଏବଂ ଏଥିପାଇଁ ଦେଶର ଯୁବପିଢ଼ି ଅଧିକ ସମୟ ଅପେକ୍ଷା କରିପାରିବେ ନାହିଁ ।

କିନ୍ତୁ ଆଜି ମୁଁ ଗୋଟିଏ ଘଟଣା ବିଷୟରେ କହିବାକୁ ଚାହୁଁଛି ଏବଂ ସେଥିରେ ନିଶ୍ଚିନ୍ତ ଗୋଟିଏ କଥା ଧ୍ୟାନକୁ ଆସିବ ଯେ ସ୍ଥିତାବସ୍ଥା ଯୋଗୁଁ କ'ଣ ହୋଇଥାଏ । ଏହା ପ୍ରାୟ ୪୦-୫୦ ବର୍ଷ ପୁରୁଣା ଘଟଣା ଉପରେ ଆଧାରିତ କାହାଣୀ ଅଟେ । ମୁଁ କେତେବେଳେ କାହାଠାରୁ ଶୁଣିଥିଲି ସେଥିପାଇଁ ଏହାର ତାରିଖ ଏପଟ ସେପଟ ହୋଇପାରେ । କିନ୍ତୁ ମୁଁ ଯାହା ଶୁଣିଥିଲି, ଯାହା ମୋ ସ୍ମୃତିରେ ଅଛି ମୁଁ ତାହା କହିବାକୁ ଯାଉଛି । ଷାଠିଏ ଦଶକରେ ତାମିଲନାଡୁରେ ରାଜ୍ୟ କର୍ମଚାରୀମାନଙ୍କ ବେତନ ବଢାଇବା ପାଇଁ କମିଶନ ପ୍ରତିଷ୍ଠା କରାଯାଇଥିଲା ଏବଂ ରାଜ୍ୟର କର୍ମଚାରୀମାନଙ୍କ ବେତନ କିପରି ବୃଦ୍ଧି କରାଯାଇପାରିବ ସେଥିପାଇଁ କମିଶନକୁ ସୁପାରିସ କରିବାର ଥିଲା । ସେହି କମିଟିର ଅଧ୍ୟକ୍ଷଙ୍କ ପାଖରେ ଏକ ଲଫାପା ପହଞ୍ଚିଲା, ଅତି ଗୋପନୀୟ ଲଫାପା ଥିଲା । ସେ ଲଫାପାକୁ ଖୋଲି ଦେଖିଲେ ତ ତା' ମଧ୍ୟରେ ଏକ ଆବେଦନ ଥିଲା। ସେଥିରେ ଲେଖାଥିଲା, ଆଜ୍ଞା ମୁଁ ବହୁତ ବର୍ଷ ଧରି ଏହି ବ୍ୟବସ୍ଥାରେ କାମ କରୁଛି । ସଚ୍ଚୋଟ ଭାବେ କାମ କରୁଛି କିନ୍ତୁ ମୋ ବେତନ ବଢୁନାହିଁ । ମୋ' ବେତନ ବଢାଯାଉ । ସେ ଚିଠିରେ ଏହି କଥା ଲେଖାଥିଲା। ଚିଠି ଲେଖିଥିବା ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ତାଙ୍କ ପାଲଟା ଚିଠିରେ ଲେଖିଥିଲେ ତୁମେ କିଏ ? କେଉଁ

ପଦବୀରେ କାର୍ଯ୍ୟ କରୁଛ ? ଏହାପରେ ସେ ପୁଣି ଦ୍ୱିତୀୟ ଚିଠିରେ ତା'ର ଜବାବ ଲେଖିଥିଲେ । ସରକାରଙ୍କର ଯେଉଁ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ଅଛି ମୁଁ ସେଠାରେ ସିସିଏ ପଦବୀରେ ଅଧିଷ୍ଠିତ । ତାଙ୍କୁ ଲାଗିଲା ଯେ ଏଇ ସିସିଏ କ'ଣ ? ମତେ ତ ଜଣାନାହିଁ ଏଇ ସିସିଏ କିଏ ? ତ ସିଏ ପୁଣିଥରେ ଚିଠି ଲେଖିଲେ, ଭାଇ ଏଇ ସିସିଏ ଶବ୍ଦ କ'ଣ ମୁଁ ତ କେବେ ପଢିନାହିଁ, ଦେଖନାହିଁ, ଏହା କ'ଣ ମତେ ଜଣାଅ ତ ? ଏହାର ଜବାବରେ ସେ କହିଲା, ସାର୍ ଏ ବିଷୟରେ କହିପାରିବି ନାହିଁ କାରଣ ମୁଁ ନିୟମର ଡୋରିରେ ବନ୍ଧା । ୧୯୭୫ ମସିହା ପରେ ହିଁ ମୁଁ ଏ ବିଷୟରେ କହିପାରିବି । ବର୍ତ୍ତମାନ କହିପାରିବି ନାହିଁ । ଏହାପରେ ଅଧ୍ୟକ୍ଷ ତାଙ୍କୁ ଚିଠି ଲେଖିଲେ, ଭାଇ ୧୯୭୫ ମସିହା ପରେ ଯେଉଁ କମିଟି ବସିବ ତୁମେ ସେଠାକୁ ଯିବ.. ମୋତେ କାହିଁକି ହଇରାଣ କରୁଛ ? ତାପରେ ତାକୁ ଲାଗିଲା ମାମଲା ତ ବିଗିଡିଗଲା.. ତା ପରେ ତାକୁ ଲାଗିଲା କହିଦେବା ହିଁ ଠିକ୍ ରହିବ; କହିଲା ମୁଁ କହିଦେଉଛି ମୁଁ କିଏ । ତେବେ ସେ ତାଙ୍କୁ ଚିଠି ଲେଖି ଜଣାଇଲା ଯେ, ମୁଁ ଯିଏ ବି ହୁଏ ନା କାହିଁକି ସିସିଏ ପଦରେ ବହୁ ବର୍ଷ ହେଲା କାମ କରୁଛି ଏବଂ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟରେ କାମ କରୁଛି । ତା'ପରେ ସେ କହିଲା ସିସିଏର ଅର୍ଥ ହେଉଛି- ଚର୍ଚ୍ଚିଲ ସିଗାର ଆସିଷ୍ଟାଣ୍ଟ । ଏହା ହେଉଛି ସିସିଏ ପଦବୀ ଯେଉଁଥିରେ ମୁଁ କାମ କରୁଛି । ତାହାହେଲେ ଏଇଟା କ'ଣ, ୧୯୪୦ ମସିହାରେ ଯେତେବେଳେ ଚର୍ଚ୍ଚିଲ ବ୍ରିଟେନର ପ୍ରଧାନମନ୍ତ୍ରୀ ଥିଲେ ସେତେବେଳେ ତ୍ରିଚରୁ.. ଆମର ଏହି ତ୍ରିଚ ସାଗରରୁ ତାଙ୍କ ପାଇଁ ସିଗାର ଯାଉଥିଲା । ଏବଂ ଏଇ ଯେଉଁ ସିସିଏ ତା'ର କାମ ଥିଲା ତାଙ୍କ ନିକଟରେ ସିଗାର ପହଞ୍ଚିଲା କି ନପହଞ୍ଚିଲା ସେ ସମ୍ପର୍କରେ ଚିନ୍ତା କରିବା ଏବଂ ଏଥିପାଇଁ ଏହି ପଦ ସୃଷ୍ଟି କରାଯାଇଥିଲା.. ସେହି ସିଗାରର ଯୋଗାଣ ହେଉଥିଲା । ୧୯୪୫ରେ ସେ ନିର୍ବାଚନ ହାରିଗଲେ କିନ୍ତୁ ସେହି ପଦ ସେମିତି ରହିଲା ଓ ଯୋଗାଣ ମଧ୍ୟ ଜାରି ରହିଲା । ଦେଶ ସ୍ୱାଧୀନ ହୋଇଗଲା । ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ମାନନୀୟ ଅଧ୍ୟକ୍ଷ ମହୋଦୟ ଏହି ପଦ ପୂର୍ବ ଭଳି ରହିଲା । ଚର୍ଚ୍ଚିଲଙ୍କୁ ସିଗାର ପହଞ୍ଚାଇବାର ଦାୟିତ୍ୱର ଏହି ପଦ ମୁଖ୍ୟ

ସଚିବଙ୍କ କାର୍ଯ୍ୟାଳୟରେ ଚାଲୁଥିଲା । ଏବଂ ସେ ତା' ନିଜ ପାଇଁ କିଛି ବେତନ ମିଳୁ, କିଛି ପଦୋନ୍ନତି ମିଳୁ ଏସବୁ ପାଇଁ ଚିଠି ଲେଖୁଥିଲା ।

ଏବେ ଦେଖନ୍ତୁ, ଏଭଳି ସ୍ଥିତାବସ୍ଥା.. ଯଦି ଆମେ ପରିବର୍ତ୍ତନ ନକରିବା, ବ୍ୟବସ୍ଥାକୁ ଦେଖିବା ନାହିଁ ସେହି ପ୍ରସଙ୍ଗକୁ ନେଇ ଏହାଠାରୁ ବଡ ଉଦାହରଣ କ'ଣ ହୋଇପାରେ । ମୁଁ ଯେତେବେଳେ ମୁଖ୍ୟମନ୍ତ୍ରୀ ହୋଇଥିଲି ସେତେବେଳେ ଗୋଟିଏ ରିପୋର୍ଟ ଆସିଥିଲା ଯେ ଆଜି କିଛିବି ବେଲୁନ୍ ଆସିନାହିଁ କି ଚିରକୁଟି ବାର୍ତ୍ତା ଫୋପଡା ଯାଇନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବୋଧେ ଏହା ଆରମ୍ଭ ହୋଇଥିବ, ଏପର୍ଯ୍ୟନ୍ତ ବି ତାହା ଚାଲୁଥିଲା । ଅର୍ଥାତ୍, ଏହିଭଳି ଜିନିଷ ଆମ ବ୍ୟବସ୍ଥା ମଧ୍ୟରେ ଧସେଇ ପଶିଛି । ଆମେ ଭାବୁଛେ ଯେ ଆମେ ରିବନ୍ କାଟିବୁ, ଦୀପ ଜଳାଇବୁ ଫଟୋ ଉଠିବ, ବାସ୍ ଆମ କାମ ସରିଗଲା । ଦେଶ ଏମିତି ଚାଲେ ନାହିଁ ଆଜ୍ଞା । ଦାୟିତ୍ୱର ସହ ଦେଶରେ ପରିବର୍ତ୍ତନ ପାଇଁ ଆମକୁ ଯଥାସମ୍ଭବ ପ୍ରୟାସ କରିବାକୁ ପଡିବ । ଦୋଷତ୍ରୁଟି ହୋଇପାରେ, କିନ୍ତୁ ଅଭିପ୍ରାୟ ଯଦି ମହତ୍ ହୁଏ ତାହେଲେ ଏହାର ଫଳାଫଳ ମଧ୍ୟ ଉତ୍ତମ ହୋଇଥାଏ, ହୁଏତ କାଁ ଭାଁ କେମିତି ଆମକୁ କିଛି ସୁଫଳ ମିଳେନାହିଁ । ଆପଣ ଦେଖନ୍ତୁ ଆମ ଦେଶରେ ଗୋଟିଏ ସମୟ ଥିଲା ଯେତେବେଳେ କାହାକୁ ନିଜର ସାର୍ଟିଫିକେଟକୁ ପ୍ରମାଣିତ କରିବା ଦରକାର ତ କର୍ପୋରେଟର, କାଉନସିଲର, ସେମାନଙ୍କ ଘର ବାହାରେ ସକାଳୁ ଲାଇନ୍ ଲଗାଇବାକୁ ପଡୁଥିଲା । ଏବଂ ଯେତେବେଳେ ଯାଏ ସେ ମୋହର ମାରୁନଥିଲେ.. ଏବଂ ମଜାକଥା ହେଉଛି ସେ ତ ନିଜେ ମୋହର ମାରୁନଥିଲେ.. ଗୋଟେ ପିଲା ବାହାରେ ବସି ରହୁଥିଲା, ସେ ମୋହର ମାରି ଦେଉଥିଲା । ଆଉ ଏମିତି ଚାଲୁଥିଲା। ମୁଁ କହିଲି ଭାଇ ଯାର କ'ଣ ମାନେ ରହିଛି.. ଆମେ ଦେଶର ନାଗରିକଙ୍କ ଉପରେ ଭରସା କରିବା ଦରକାର.. ମୁଁ ଆସିବା ପରେ ପ୍ରମାଣନ କରିବାର ସବୁ ପ୍ରଥା ବନ୍ଦ କରିଦେଲି, ଦେଶବାସୀଙ୍କୁ ଲାଭ ମିଳିଲା ।  ଆମକୁ ପରିବର୍ତ୍ତନ ପାଇଁ କାମ କରିବା ଆବଶ୍ୟକ, ସଂସ୍କାର ଆଣିବା ପାଇଁ କାମ କରିବାକୁ ପଡିବ।

ଆମର ଏଠି ସାକ୍ଷାତକାର ଚାଲିଥିଲା, ମୁଁ ଏବେ ବି ଆଶ୍ଚର୍ଯ୍ୟଚକିତ। ଜଣେ ବ୍ୟକ୍ତି କବାଟ ଖୋଲି ଭିତରକୁ ଆସେ, ସାମ୍ନାରେ ବସିଥାଏ ତିନିଜଣିଆ ପ୍ୟାନେଲ୍... ତାଙ୍କର ମନୋଭାବ ଦେଖନ୍ତି, ପୂରା ନା ବି ପଚାରନ୍ତି ନାହିଁ, ଲୋକଟି ଏହିଭଳି ସେହି ଘରୁ ବାହାରି ଯାଇଥାଏ । ଏହିଭଳି ଥାଏ ଇଣ୍ଟରଭ୍ୟୁ ପାଇଁ ଡାକରା ଏବଂ ସେଥିପାଇଁ ଆଦେଶ ଦିଆଇଥାଏ । ମୁଁ କହିଲି ଭାଇ ଏହାର ମାନେ କ'ଣ ? ତା'ର ଯେଉଁ ଶିକ୍ଷାଗତ ଯୋଗ୍ୟତା ରହିଛି ସେସବୁକୁ ଏକାଠି କରି ମେରିଟ୍ ଆଧାରରେ କମ୍ପ୍ୟୁଟରକୁ ପଚାରିଲେ ସେ ଉତ୍ତର ଦେଇଦେବ। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ କାହିଁକି ଏଭଳି ସାକ୍ଷାତକାର ପ୍ରହସନ କରାଯାଇଛି । ଏବଂ ଲୋକମାନେ କହୁଥିଲେ ସୁପାରିସ ବିନା ଚାକିରି ମିଳିବ ନାହିଁ... ମୁଁ ତାକୁ ସମାପ୍ତ କରିଦେଲି । ମୁଁ ବୁଝୁଛି ଦେଶରେ ଆମେ ବିଭିନ୍ନ ଜିନିଷ ପରିବର୍ତ୍ତନ କରିବା ଆବଶ୍ୟକ । ପରିବର୍ତ୍ତନ ଯୋଗୁଁ କାଳେ ଅସଫଳ ହେବା ସେ ଭୟରେ ଅଟକି ଯିବା.. ଏହା କେବେ ମଧ୍ୟ କାହାର ମଙ୍ଗଳ କରିନଥାଏ। ଆମେ ପରିବର୍ତ୍ତନ କରିବା ଆବଶ୍ୟକ ଏବଂ ଆମେ ପରିବର୍ତ୍ତନ ଆଣିବାର ପ୍ରୟାସ କରୁଛୁ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଆମର ଏଠାରେ କୃଷି, ଏକପ୍ରକାର ଆମ ସଂସ୍କୃତିର ମୁଖ୍ୟସ୍ରୋତର ଏକ ଅଂଶ ଭାବେ ରହିଆସିଛି । ଆମ ସଂସ୍କୃତିର ପ୍ରବାହ ସହ କୃଷି ଏକପ୍ରକାର ଯୋଡି ହୋଇ ରହିଛି। ଆମ ମୁନିଋଷିମାନେ ଏହା ଉପରେ ଅନେକ କିଛି ରଚନା କରିଛନ୍ତି କୃଷି ବିଷୟରେ, ସେସବୁ ଗ୍ରନ୍ଥ ଆମ ପାଖରେ ଉପଲବ୍ଧ ଅଛି। ଅନେକ ଉତ୍ତମ ଅନୁଭବ ମଧ୍ୟ ରହିଛି । ଏବଂ ଆମର ଏଠି ରାଜା ମଧ୍ୟ ଜମିରେ ହଳ ଚଳାଉଥିଲେ । ଜନକ ରାଜାଙ୍କ କଥା ମଧ୍ୟ ଆମେ ସମସ୍ତେ ଜାଣିଛୁ । ପ୍ରଭୁ ଶ୍ରୀକୃଷ୍ଣଙ୍କ ଭାଇ ବଳରାମଙ୍କ କଥା ମଧ୍ୟ ଆମେ ଜାଣିଛୁ । ଯେକୌଣସି ବଡ଼ ପରିବାର ହୋଇଥାଉ, ଆମର ଏଠି କୃଷି.. ଆମ ଦେଶରେ କୃଷି କେବଳ ଫସଲ ଅମଳରେ ସୀମିତ ନୁହେଁ । ଆମର ଏଠି କୃଷି ଏକ ପ୍ରକାର ସାମାଜିକ ଜୀବନର, ସଂସ୍କୃତିର ଅଂଶ ହୋଇ ରହିଆସିଛି। ଏବଂ ସେହି ଅଂଶକୁ ଆମେ ଆଗକୁ ବଢାଇଛୁ ଏବଂ ଏହା ଆମର ସଂସ୍କୃତି। ଆମର ପର୍ବପର୍ବାଣି ହେଉ, ଯାନିଯାତ୍ରା ହେଉ, ଆମର ବିଜୟ ହେଉ, ପ୍ରତିଟି

ଜିନିଷ ଫସଲ ବୁଣାର ସମୟ ସହିତ ଅଥବା ଫସଲ ଅମଳ ସହିତ ଯୋଡି ହୋଇରହିଛି । ଏହା ଆମର ପରମ୍ପରା, ଆମର ଯେତେ ଲୋକଗୀତ ଅଛି ସେସବୁ କୃଷି ସହିତ ସଂଯୁକ୍ତ.. ଫସଲ ସହ ସଂଯୁକ୍ତ । ଆମର ପର୍ବପର୍ବାଣି ମଧ୍ୟ ସେଥିସହିତ ଯୋଡି ହୋଇ ରହିଛି ଏବଂ ଏଥିପାଇଁ.. ଆମ ଦେଶର ବିଶେଷତ୍ୱ ଦେଖନ୍ତୁ.. ଆମ ଦେଶରେ ଯେତେବେଳେ କାହାକୁ ଆଶୀର୍ବାଦ ଦିଆଯାଏ, କାହାକୁ ଶୁଭକାମନା ଦିଆଯାଏ, ସେତେବେଳେ ଧନ-ଧାନ୍ୟ ଶବ୍ଦ ପ୍ରୟୋଗ କରାଯାଏ । ଧନ-ଧାନ୍ୟ.. ଧନ ଏବଂ ଧାନ୍ୟକୁ ଆମର ଏଠି ପୃଥକ୍ କରାଯାଏ ନାହିଁ । କେବଳ ଧନ ବା ଧାନ୍ୟକୁ ନେଇ ଆମର ଏଠି କିଛିବି ଶବ୍ଦ ନାହିଁ.. ଧନ-ଧାନ୍ୟ ହିଁ କୁହାଯାଇଥାଏ.. ଆମର ଏଠି ଧାନ୍ୟର ଏହାହିଁ ମୂଲ୍ୟ ଓ ମହତ୍ୱ ଏବଂ ସାମାଜିକ ଜୀବନର ଏକ ଅଂଶ। ଏବଂ ସେଥିରେ ଯେଉଁ ପରିବର୍ତ୍ତନ ଘଟିଛି ତାକୁ ଆମେ ପୁଣି ଥରେ ସ୍ୱାଭାବିକ ପଥକୁ ଆଣିବା ପାଇଁ ଆମକୁ ପ୍ରୟାସ କରିବାକୁ ପଡିବ ।

ରାଜ୍ୟସଭାରେ ମୁଁ ବିସ୍ତୃତ ଭାବେ କ୍ଷୁଦ୍ର ଚାଷୀଙ୍କ ବିଷୟରେ ଉଲ୍ଲେଖ କରିସାରିଛି। ଏବେ ଦେଶର ୮୦-୮୫% ଏହି ବର୍ଗର, ସେମାନଙ୍କୁ ଆମେ ଉପେକ୍ଷିତ ରଖି ଦେଶର ମଙ୍ଗଳ କରିପାରିବା ନାହିଁ । ଆମକୁ ତାହା ଉପରେ କିଛି ଚିନ୍ତା କରିବାକୁ ପଡିବ ଏବଂ ଖୁବ୍ ନମ୍ରତାର ସହିତ ଆମକୁ ବିଚାର କରିବାକୁ ପଡିବ । ଏବଂ ମୁଁ ଗୋଟି ଗୋଟି କରି କହିଛି ଯେ କ୍ଷୁଦ୍ର ଚାଷୀମାନଙ୍କୁ କିଭଳି ଅବହେଳିତ କରାଯାଇଛି, ଏଥିରେ ଏକ ବଡ଼ ପରିବ ର୍ନର ଆବଶ୍ୟକତା ରହିଛି ଏବଂ ଆପଣଙ୍କୁ ମଧ୍ୟ.. ଏହି କ୍ଷୁଦ୍ର ଚାଷୀ ସେତେବେଳେ କାଗି ଉଠିବ ସେତେବେଳେ ଆପଣଙ୍କୁ ମଧ୍ୟ ଜବାବ ଦେବାକୁ ପଡିବ.. ଏକଥା ମୁଁ ଭଲ ଭାବେ ବୁଝିପାରୁଛି । ଆମର ଏଠି ଲୋକସଂଖ୍ୟା ଯେତେଯେତେ ବଢିଚାଲିଛି ଜମିର ସେତିକି ସେତିକି ଛୋଟ ଛୋଟ ଭାଗ ହୋଇଚାଲିଛି । ଯେଉଁ ଜମି ଅଛି ତାହା ପରିବାର ଭିତରେ ବାଂଟି ହୋଇଯାଇଛି । ଚୌଧୁରୀ ଚରଣ ସିଂ ଗୋଟିଏ ସ୍ଥାନରେ ଏକଥା କହିଥିଲେ ଯେ, ଆମର ଏଠି ଏତେ କୃଷକ ଯେ.. ସେହି ଅନୁପାତରେ ଜମିର ମାଲିକାନା ହ୍ରାସ ପାଇବାରେ ଲାଗିଛି । ଦିନେ ଏଭଳି ପରିସ୍ଥିତି ଆସିବ ସେ ନିଜ ଜମିରେ, କ୍ଷେତରେ ଯେତେବେଳେ ଟ୍ରାକ୍ଟର ବୁଲାଇବାକୁ ଚାହିଁବ ଜମିର ଆକାର ଏତେ ଛୋଟ ହୋଇଯାଇଥିବ ଯେ ସେ ତାହା କରିବାକୁ ଅସମର୍ଥ ହେବ । ଏହା ହେଉଛି ଚୌଧୁରୀ ଚରଣ ସିଂହଙ୍କ ଶବ୍ଦ ସମୂହ ।

ଯେତେବେଳେ ଆମ ମହାପୁରୁଷମାନେ ଆମ ସମସ୍ତଙ୍କ ସାମ୍ନାରେ ଏଭଳି ସମସ୍ୟା ଉତ୍‌ଥାପନ କରିଯାଇଛନ୍ତି, ସେତେବେଳେ ଆମକୁ କିଛି ନା କିଛି ବ୍ୟବସ୍ଥା ତ କରିବାକୁ ପଡ଼ିବ ।

ସ୍ୱାଧୀନତା ପରେ ଆମ ଦେଶରେ ୨୮ ପ୍ରତିଶତ କୃଷି ଶ୍ରମିକ ଥିଲେ । ୧୦ ବର୍ଷ ପୂର୍ବେ ଯେଉଁ ଜନଗଣନା ହୋଇଥିଲା ସେଥିରେ କୃଷି ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଇ ୨୮ରୁ ୫୫ ପ୍ରତିଶତ ହୋଇଯାଇଛି । ଏବେ ଏହା ପ୍ରତ୍ୟେକ ଦେଶ ପାଇଁ ଚିନ୍ତାର ବିଷୟ ଯେ ଆମ କୃଷି ଶ୍ରମିକମାନଙ୍କ ସଂଖ୍ୟା ୨୮ରୁ ୫୫ ପ୍ରତିଶତରେ ପହଞ୍ଚିଯାଇଛି ଏବଂ ଜମି କମ୍ ହେବା ଯୋଗୁଁ କୃଷିରୁ ଯେତିକି ଆୟ ହେବା କଥା ତାହା ନମିଳିବାରୁ ଏହି କୃଷି ଶ୍ରମିକଙ୍କ ଜୀବନରେ ଅନେକ ସମସ୍ୟା ଦେଖାଦେଇଛି । ଏବଂ ସେ ମୂଲ ଲାଗିବା ପାଇଁ.. ଆଉ କାହାର ଜମିରେ ଯାଇ କାମ କରିବା ପାଇଁ ବାଧ୍ୟ ହୋଇଛି । ଦୁର୍ଭାଗ୍ୟର କଥା ଯେ ଆମ ଦେଶରେ ଏବେ କୃଷି ପାଇଁ ଯେତିକି ପୁଞ୍ଜିନିବେଶ ହେବା ଦରକାର ତାହା ହେଉନାହିଁ । ସରକାର ସେତିକି କରିପାରୁ ନାହାନ୍ତି.. ରାଜ୍ୟ ସରକାରଗୁଡିକ ମଧ୍ୟ କରିପାରୁନାହାନ୍ତି.. ଏବଂ ଚାଷୀ ନିଜେ ମଧ୍ୟ କରିପାରୁନାହିଁ । ଯାହା କିଛି ବି ତାକୁ ମିଳୁଛି.. ପିଲାମାନଙ୍କ ଲାଳନପାଳନରେ ଏବଂ ପେଟକୁ ଆହାର ଦେବାରେ ଶେଷ ହୋଇଯାଉଛି ଏବଂ ଏଥିପାଇଁ ପୁଞ୍ଜିନିବେଶର ବହୁତ ବଡ଼ ଆବଶ୍ୟକତା ରହୁଛି ।

ଯେପର୍ଯ୍ୟନ୍ତ ଆମେ ନିବେଶ ଆଣିବୁ ନାହିଁ... ଯେପର୍ଯ୍ୟନ୍ତ ଆମେ ଆମର କୃଷିକୁ ଆଧୁନିକ ନ କରିବା... ଆମେ ଯେପର୍ଯ୍ୟନ୍ତ କ୍ଷୁଦ୍ରରୁ କ୍ଷୁଦ୍ର ଚାଷୀର ମଙ୍ଗଳ ପାଇଁ ବ୍ୟବସ୍ଥା ବିକଶିତ ନ କରିବା... ଆମେ ଦେଶର କୃଷି କ୍ଷେତ୍ରକୁ ମଜଭୁତ କରିପାରିବା ନାହିଁ। ଏଥିପାଇଁ ଆମ କୃଷକ ଆତ୍ମନିର୍ଭର ହେଉ... ତାକୁ ତାହାର ଉତ୍ପାଦିତ ସାମଗ୍ରୀ ବିକିବାର ସ୍ୱାଧୀନତା ମିଳୁ... ସେହି ଦିଗରେ ଆମକୁ କାର୍ଯ୍ୟ କରିବାର ଆବଶ୍ୟକତା ଅଛି । ଏବଂ ଆମର କୃଷକ କେବଳ ଗହମ ଓ ଚାଉଳ... ସେଇଥିରେ ସୀମିତ ରହୁ... ସେତିକିରେ କାମ ଚଳିବ ନାହିଁ । ଦୁନିଆରେ ବଜାରର ସ୍ଥିତି ଆଜି କ'ଣ ରହିଛି ସେ ସମ୍ପର୍କରେ ଗବେଷଣା ହୋଇଚାଲିଛି । ସେମାନେ ସେହି ଅନୁଯାୟୀ ଫସଲ ଉତ୍ପାଦନ କରନ୍ତୁ ଏବଂ ବିଶ୍ୱ

ବଜାରରେ ତା’ର ବିକ୍ରି କରନ୍ତୁ। ଭାରତର ନିଜର ଆବଶ୍ୟକତା ରହିଛି । ଆମକୁ ବାହାରୁ ଜିନିଷ ଆଣିବାର ଦରକାର ନାହିଁ । ମୋର ମନେଅଛି, ବହୁ ବର୍ଷ ତଳେ ଯେତେବେଳେ ମୁଁ ସଂଗଠନ ପାଇଁ କାର୍ଯ୍ୟ କରୁଥିଲି... ଦେଶର ଉ ର ଭାଗରେ ଫାରୁଖ ସାହେବଙ୍କ ସହିତ ମୋତେ କାମ କରିବାକୁ ସୁଯୋଗ ମିଳିଥିଲା । ଏତିକି ବେଳେ ହରିଆଣାର ଜଣେ କୃଷକ ମତେ ତାଙ୍କ ଜମିକୁ ନେଇଯାଇଥିଲେ। ସେ ମୋତେ ବହୁତ ଅନୁରୋଧ କଲାପରେ ମୁଁ ଯାଇଥିଲି । ଛୋଟ ଜାଗାଟିଏ ଥିଲା ତାଙ୍କର... ଗୁଣ୍ଠେ ଦୁଇ ଗୁଣ୍ଠ ଜମି ହେବ ବୋଧେ । କିନ୍ତୁ ପ୍ରଗତି ବହୁତ ବଡ଼ ଥିଲା । ଆସନ୍ତୁ ଆସନ୍ତୁ ବୋଲି ସେ ମୋ’ ପଛରେ ପଡ଼ିଯାଇଥିଲେ । ମୁଁ କହିଲି ଭାଇ କଥା କ’ଣ... ସେ କହିଲେ... ଥରେ ଆସି ଦେଖନ୍ତୁ ତ । ତା’ପରେ ମୁଁ ସେଠିକି ଯାଇଥିଲି ।

ପ୍ରାୟ ୩୦/୪୦ବର୍ଷର କଥା... ୩୦ ବର୍ଷ ହୋଇଯାଇଥିବ । ସେ କ’ଣ କରିଥିଲେ କି... ଦିଲ୍ଲୀର ପ ତାରକା ହୋଟେଲରେ ଯେଉଁସବୁ ପନିପରିବା ବିଦେଶରୁ ଆମଦାନୀ ହେଉଥିଲା ସେ ସବୁର ଅଧ୍ୟୟନ କଲେ। ଯଦି ତାଙ୍କୁ ଛୋଟ ମକା ଦରକାର, ତାଙ୍କୁ ଛୋଟ ଟମାଟୋ ଦରକାର, ତାଙ୍କର ସେହି ଛୋଟ ଜାଗାରେ ସୀମିତ ପରିବେଶ ମଧ୍ୟରେ ସେ ଲୋକମାନଙ୍କ ସାହାଯ୍ୟରେ ଦିଲ୍ଲୀର ପଞ୍ଚ ତାରକା ହୋଟେଲରେ ତାଙ୍କର ଉତ୍ପାଦନ ବିକ୍ରି ହେବା ଆରମ୍ଭ ହୋଇଯାଇଥିଲା । ଯଦି ଆମ ଦେଶରେ ଆମେ ସାମାନ୍ୟ ପରିବର୍ତ୍ତନ କରିବା ତାହା ହେଲେ ଆମେ ବହୁତ କିଛି ହାସଲ କରିପାରିବା । ଷ୍ଟ୍ରବେରୀ ମୁଖ୍ୟତଃ ଥଣ୍ଡା ଅ ଳରେ ଚାଷ ହୋଇଥାଏ ବୋଲି ଆମେ ଜାଣିଛୁ, କିନ୍ତୁ ମୁଁ ଏବେ ଦେଖୁଛି କଛର ମରୁଭୂମିରେ ବି ଏବେ ଷ୍ଟ୍ରବେରୀ ଚାଷ ହେଉଛି... ମୁଁ ଦେଖୁଛି ଯେ ମଧ୍ୟଦେଶରେ, ଉତ୍ତରପ୍ରଦେଶରେ ବି ଷ୍ଟ୍ରବେରୀ ଚାଷ ହେଉଛି । ବୁନ୍ଦେଲଖଣ୍ଡରେ... ଯେଁଠି ପାଣିର ସମସ୍ୟା ରହିଛି ସେଥିରେ ମଧ୍ୟ ଏହାର ଚାଷ କରାଯାଉଛି... ଏହାର ଅର୍ଥ ହେଉଛି ଯେ ଆମର ଏଠି ପ୍ରଚୁର ସମ୍ଭାବନା ରହିଛି । ଆମ କୃଷକଙ୍କୁ ମାର୍ଗଦର୍ଶନ କରାଇ ଆମେ ସେମାନଙ୍କୁ ନୂଆ ନୂଆ ଜିନିଷ ଆଡକୁ ନେଇଯିବା। ମୁଁ ଏକଥା ନିଶ୍ଚିତ ସ୍ୱୀକାର କରୁଛି ଯେ ଆମ ଦେଶର ଚାଷୀ ଆଗକୁ ବଢିବ କିନ୍ତୁ ଏ କଥା ଠିକ୍, ତାହାର ଏଭଳି ଅନୁଭୂତି ରହିଛି ଯେ, ସବୁ

ସମୟରେ ତାକୁ ସାହସ ଦେବାକୁ ପଡ଼ିଥାଏ ଏବଂ ତା'ର ହାତ ଧରିବାକୁ ପଡିଥାଏ... ପୁଣି ତାକୁ ସାଥୀରେ ଧରି ଚାଲିବାକୁ ପଡିଥାଏ। ଯଦି ସେ ଥରେ ଆଗକୁ ବଢିବା ଆରମ୍ଭ କରିଦିଏ, ତାହାହେଲେ ସିଏ ଚମତ୍କାରିତା ଦେଖାଇଥାଏ । ସେହିପରି କୃଷି ଉପରେ ନିବେଶ ଯେତେ ବଢିବ, ନିଯୁକ୍ତିର ସୁଯୋଗ ସେତିକି ବଢିବ ବୋଲି ମୁଁ ବିଶ୍ୱାସ କରେ। ଯାହାଫଳରେ ଆମ ପାଇଁ ବିଶ୍ୱରେ ଏକ ନୂଆ ବଜାର ଉପଲବ୍ଧ ହୋଇପାରିବ ।

ଆମର ଏଠି ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ କୃଷି ସମ୍ବନ୍ଧିତ ଶିଳ୍ପର ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ ଏବଂ ଏଥିପାଇଁ ଏହି ସମ୍ପୂର୍ଣ୍ଣ କ୍ଷେତ୍ରକୁ ଆତ୍ମନିର୍ଭର କରିବା ମାର୍ଗରେ ଆମକୁ ନିହାତି କାର୍ଯ୍ୟ କରିବାକୁ ପଡ଼ିବ । ଅନେକ ପ୍ରତିକୂଳ ପରିସ୍ଥିତିରେ ବି ଆମ କୃଷକମାନେ ରେକର୍ଡ ପରିମାଣର ଉତ୍ପାଦନ କରିଛନ୍ତି। କରୋନା କାଳରେ ମଧ୍ୟ ରେକର୍ଡ ପରିମାଣର ଉତ୍ପାଦନ ହୋଇଥିଲା । କୃଷକର ସମସ୍ୟାଗୁଡିକର କିପରି ସମାଧାନ କରାଯାଇପାରିବ ତାହା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ । ସେମାନଙ୍କ ସମ୍ମୁଖରେ ଯେଉଁ ସବୁ ଆହ୍ୱାନ ରହିଛି ସେସବୁର ମୁକାବିଲା କରିବା ନିମନ୍ତେ ଆମେ କିଛିଟା ପଦକ୍ଷେପ ଗ୍ରହଣ କରିବା ଉଚିତ । ଏବଂ ଏହି କୃଷି ସଂସ୍କାର ଆଇନ ଦ୍ୱାରା ସେହି ଦିଗରେ କିଛି ନା କିଛି କରିବା ପାଇଁ ଉଦ୍ୟମ କରାଯାଉଛି । କୃଷକମାନଙ୍କୁ କିପରି ସମାନ ମଂଚ ଦେଇପାରିବା, ଆଧୁନିକ ଜ୍ଞାନକୌଶଳ ଦେଇପାରିବା, ସେମାନଙ୍କ ଭିତରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିପାରିବା, ସେଦିଗରେ ସକାରାତ୍ମକ ଭାବନାର ବହୁତ ଆବଶ୍ୟକତା ରହିଛି । ଋଣ ଛାଡ଼, ପୁରାତନ ମାପଦଣ୍ଡ ଯଦି କୃଷକର ମଙ୍ଗଳ କରିପାରୁଥାଆନ୍ତା, ତାହାହେଲେ ବହୁତ ଆଗରୁ କରିପାରିଥାନ୍ତା । ଦ୍ୱିତୀୟ ସବୁଜ ବିପ୍ଳବ ବିଷୟରେ ଆମେ ଆଲୋଚନା କରିସାରିଛୁ । ଆମକୁ ଆଗକୁ ବଢିବା ପାଇଁ ନୂଆ ନୂଆ ଉପାୟର ଆବଶ୍ୟକତା ରହିଛି ଏବଂ ସମସ୍ତେ ଏ ବିଷୟରେ ଚିନ୍ତା କରନ୍ତୁ । ଏହା ରାଜନୀତିର ବିଷୟ ହେବା ଉଚିତ ନୁହେଁ । ଦେଶର ମଙ୍ଗଳ ପାଇଁ ଏହା ବହୁତ ଜରୁରୀ ଅଟେ । ଆମ ସମସ୍ତଙ୍କୁ ଏକାଠି ବସି ସେ ବିଷୟରେ ଭାବିବାକୁ ପଡିବ। କ୍ଷମତାରେ ଥାଆନ୍ତୁ ବା ବିପକ୍ଷରେ, ଏହା ଆମ ସମସ୍ତଙ୍କ ଦାୟିତ୍ୱ । ଆମକୁ ଏହା ଭାବିବାର ଅଛି ଯେ, ଏକବିଂଶ ଶତାବ୍ଦୀ ଏବଂ

ଅଷ୍ଟଦଶ ଶତାବ୍ଦୀର ବିଚାରଧାରା କୃଷି କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିପାରିବ ନାହିଁ । ସେ ବିଚାରକୁ ଆମକୁ ବଦଳାଇବାକୁ ପଡିବ ।

କେହି ଚାହାନ୍ତି ନାହିଁ ଯେ, ଆମର କୃଷକ ଦାରିଦ୍ର୍ୟର ଚକ୍ରରେ ଫସି ରହୁ, ତାକୁ ଜୀବନ ଜିଇଁବାର ଅଧିକାର ନ ମିଳୁ । ମୁଁ ଚାହୁଁଛି ଯେ ତାକୁ କାହାର ଆଶ୍ରିତ ହୋଇ ରହିବାକୁ ନ ପଡୁ... ତାକୁ ପରାଧୀନ ହୋଇ ରହିବାକୁ ନ ହେଉ । ସରକାରୀ ଦାନରେ ବଞ୍ଚିବା ପାଇଁ ବାଧ୍ୟ ହେବାକୁ ନ ପଡୁ । ଏହି ଦାୟିତ୍ୱ ମଧ୍ୟ ଆମ ସମସ୍ତଙ୍କର ଏବଂ ଏହାର ନିର୍ବାହନ ଆମେ କରିବା। ଆମର ଅନ୍ନଦାତା ସମୃଦ୍ଧ ହେଉ, ପୁଣି ଆମର ଅନ୍ନଦାତା ଦେଶ ପାଇଁ ଆଉ କିଛି ନା କିଛି ଅଧିକ କରୁ । ଯଦି ସେଥିପାଇଁ ଆମେ ସୁଯୋଗ ଦେବା ତାହାହେଲେ ବହୁତ କିଛି ସମ୍ଭବ ହୋଇପାରିବ ।

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଗୋଟିଏ କଥା କହୁଥିଲେ- ସେ କହୁଥିଲେ ଯେ, ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ଯଦି ପରାଧୀନତାର ଦୁର୍ଗନ୍ଧ ଦୂର ନ ହୁଏ ତାହାହେଲେ ସ୍ୱାଧୀନତାର ସୁଗନ୍ଧ ବ୍ୟାପିପାରିବ ନାହିଁ। ଯେପର୍ଯ୍ୟନ୍ତ କ୍ଷୁଦ୍ର ଚାଷୀକୁ ନୂଆ ଅଧିକାର ମିଳିବ ନାହିଁ ସେ ପର୍ଯ୍ୟନ୍ତ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତି ହେବ ନାହିଁ । ସେମାନଙ୍କର କଥା ଅଧାରେ ରହିଯିବ ଏବଂ ଏଥିପାଇଁ ବଡ ବଡ ପରିବର୍ତ୍ତନ ଆଣି ଆମର ଏହି କୃଷକମାନଙ୍କୁ ଏକ ଦୀର୍ଘ ଯାତ୍ରା ପାଇଁ ପ୍ରସ୍ତୁତ କରିବାକୁ ପଡିବ ଏବଂ ଆମ ସମସ୍ତଙ୍କୁ ଏକାଠି ହୋଇ କରିବାକୁ ପଡିବ। ମନ୍ଦ ଉଦ୍ଦେଶ୍ୟ ରଖି କିଛି କରିବା ଉଚିତ ନୁହେଁ । କିଛି ଭଲ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଏହା କରାଯିବା ଉଚିତ । ତାହାର ମଙ୍ଗଳ ପାଇଁ ଏହା ହେବା ଉଚିତ ।

ଆମ ସରକାର କ୍ଷୁଦ୍ର ଚାଷୀମାନଙ୍କ ପାଇଁ ପ୍ରତ୍ୟେକ ପାଦରେ ସହାୟତା ଯୋଗାଇ ଦେଇଛନ୍ତି । ଗତ ବର୍ଷ ମଧ୍ୟରେ ବିହନଠାରୁ ନେଇ ବଜାର ପର୍ଯ୍ୟନ୍ତ ଅନେକ ପଦକ୍ଷେପ ଦ୍ୱାରା ଯେତେଦୂର ସମ୍ଭବ ସହାୟତା ଯୋଗାଇ ହେବ, କ୍ଷୁଦ୍ର କୃଷକମାନଙ୍କ ପାଇଁ ଆମେ ସେସବୁ କରିଚାଲିଛୁ । ଏବେ ଯେମିତି ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଏବଂ ସମବାୟ କ୍ଷେତ୍ର ଅଛି ସେସବୁ ସଶକ୍ତ ବି ହୋଇଛନ୍ତି ଏବଂ ସେଗୁଡିକର ଏକ ଦୃଢ ମୂଲ୍ୟ ଶୃଙ୍ଖଳାର ମଧ୍ୟ ବୃଦ୍ଧି

ଘଟିଛି । ଏବେ ସରକାରଙ୍କ ହସ୍ତକ୍ଷେପ ଅତି କମ୍ ରହିଥିଲେ ମଧ୍ୟ ସେମାନେ ନିଜର ଦୃଢତା ବଜାୟ ରଖୁଛନ୍ତି । ଆମେମାନେ ଧୀରେ ଧୀରେ ଫଳ-ଫୁଲ-ପନିପରିବା ଆଡକୁ ଧ୍ୟାନ କେନ୍ଦ୍ରୀତ କରିପାରିବା । ତା'ପରେ ଯାଇ ଧାନ୍ୟ ଆଡକୁ ଧ୍ୟାନ ଦେଇପାରିବା । ଆମେ ତାକୁ ବହୁତ ଶକ୍ତିଶାଳୀ କରିପାରିବା । ଆମ ପାଖରେ ସଫଳ ମଡେଲ ରହିଛି, ସେହି ସଫଳ ମଡେଲକୁ ଆମକୁ ପ୍ରୟୋଗ କରିବାକୁ ପଡିବ । ସେମାନଙ୍କୁ ବିକଳ୍ପ ବଜାର ଉପଲବ୍ଧ କରାଇବାକୁ ପଡିବ । ଆମେ ଯେଉଁ ଦ୍ୱିତୀୟ ମହତ୍ୱପୂର୍ଣ୍ଣ କାମ କରିଛୁ ତାହା ହେଉଛି ୧୦ ହଜାର କୃଷିକ ଉତ୍ପାଦକ ସଂଗଠନ। ଏହା କୃଷକମାନଙ୍କ ପାଇଁ, କ୍ଷୁଦ୍ର ଚାଷୀଙ୍କ ପାଇଁ ବହୁତ ବଡ ଶକ୍ତିଭାବରେ ଉଭା ହେବାକୁ ଯାଉଛି।

ମହାରାଷ୍ଟ୍ରରେ ଏଫ୍‌ପିଓ ସ୍ଥାପନ ଦ୍ୱାରା ଏହାର ବିଶେଷ ପ୍ରୟୋଗ କରାଯାଇଛି । ଅନ୍ୟ କେତେକ ରାଜ୍ୟରେ ମଧ୍ୟ, କେରଳରେ ମଧ୍ୟ କମ୍ୟୁନିଷ୍ଟ ପାର୍ଟି ବହୁ ସଂଖ୍ୟାରେ ଏଫ୍‌ପିଓ ପ୍ରତିଷ୍ଠା କାର୍ଯ୍ୟ ଜାରି ରଖିଛନ୍ତି । ଏହା ଯୋଗୁଁ କୃଷକ ନିଜର ବଜାର ଖୋଜିବା ପାଇଁ ଏକ ସାମୂହିକ ଶକ୍ତି ରୂପରେ ଉଭା ହେବ। ଏହି ୧୦ ହଜାର ଏଫ୍‌ପିଓ ପ୍ରତିଷ୍ଠା ହେବା ପରେ ଆପଣମାନେ ଦେଖିବେ ଯେ ଗାଁ ଭିତରେ ଚାଷୀ କ୍ଷୁଦ୍ର ହେଉ ପଛେ ତା'ର ବଜାର ଶକ୍ତିକୁ ସ୍ୱୟଂ ଦିଶା ନିର୍ଦ୍ଦେଶ ଦେବ ଏବଂ କୃଷକ ଶକ୍ତିଶାଳୀ ହେବ ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ରହିଛି । ଏହି ଏଫ୍‌ପିଓ ଗୁଡ଼ିକ ମଧ୍ୟରେ ବ୍ୟାଙ୍କରୁ ପଇସାଗୁଡ଼ିକ ମଧ୍ୟ ମିଳିପାରିବ । ଛୋଟ ଛୋଟ ଭଣ୍ଡାରଣ ବ୍ୟବସ୍ଥା ମଧ୍ୟ ହୋଇପାରିବ । ଯଦି ସେ ଆଉ ଟିକିଏ ଅଧିକ ଜୋର ଲଗାଇବ ତାହେଲେ ଛୋଟ ଛୋଟ ଶୀତଳଭଣ୍ଡାର ସ୍ଥାପନ ପାଇଁ ମଧ୍ୟ ପ୍ରଚେଷ୍ଟା କରିପାରିବ । ଆମେ କୃଷିକ୍ଷେତ୍ରର ଭିତ୍ତିଭୂମି ପାଇଁ ଆଉ ଏକଲକ୍ଷ କୋଟି ଟଙ୍କାର ମଧ୍ୟ ବ୍ୟବସ୍ଥା କରିଛୁ ଏବଂ ଏହି ଅର୍ଥକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଖର୍ଚ୍ଚ କରିବୁ । ଯେଉଁଥିରେ ଆମର ୭ କୋଟି ଭଉଣୀ ସାମିଲ ହୋଇଛନ୍ତି। ଗାଁର ଭଉଣୀମାନେ ପରିଶେଷରେ କୃଷକର ହିଁ କନ୍ୟା ଅଟନ୍ତି । କୌଣସି ନା କୌଣସି ଜମି ସହ ଯୋଡି ହୋଇଥିବା ପରିବାରର ଝିଅ ଏମାନେ ଏବଂ ଏହି ସଂସ୍ଥାର ନେଟୱାର୍କ କୃଷକମାନଙ୍କର ମଙ୍ଗଳ ଦିଗରେ କାର୍ଯ୍ୟ କରୁଛି ଏବଂ ଆର୍ଥିକ ଗତିବିଧିର କେନ୍ଦ୍ରରେ ପରିଣତ ହେବାକୁ

ଯାଉଛି । ମୋର ମନେଅଛି ଗୁଜରାଟର ଭଲସାଡ ଜିଲ୍ଲାରେ ଆଦିବାସୀମାନଙ୍କର କେତେକ ଜମି ବହୁତ ଖାଲଢିପ ହୋଇଥାଏ ତା' ଅସମତଳ ଜମି ଏବଂ ଖୁବ୍ ଛୋଟ ଆକାରର, ତଥାପି ଗୋଟିଏ ପ୍ରକଳ୍ପ କରିଥିଲୁ ଏବଂ ଅବଦୁଲ କଲାମଜୀ ନିଜର ଜନ୍ମଦିନ ପାଳନ ପାଇଁ ଦିନେ ସେଠାକୁ ଆସିଥିଲେ । ସେ କହିଲେ, କୌଣସି ପ୍ରୋଟୋକଲ ଆବଶ୍ୟକତା ନାହିଁ, ମୁଁ ଏହି କୃଷକଙ୍କ ଗହଣରେ ରହିବାକୁ ଚାହୁଁଛି । ଏହା ଏକ ସଫଳ ପ୍ରୟୋଗ ଥିଲା । ସେହି ଆଦିବାସୀ କ୍ଷେତ୍ରରେ ବହୁତ ମହିଳା କାମ କରୁଥିଲେ। ସେମାନେ ଛତୁ, କାଜୁ ପ୍ରଭୃତି ଚାଷ କରୁଥିଲେ । ସେମାନେ ଗୋଆ ଭଳି କାଜୁ ଉତ୍ପାଦନ କରିବା ଆରମ୍ଭ କରି ଦେଇଥିଲେ ଏବଂ ସେମାନେ ଏଥିପାଇଁ ବଜାର ମଧ୍ୟ ପାଇଯାଇଥିଲେ । କ୍ଷୁଦ୍ର ଚାଷୀ ଥିଲେ, ଜାଗା ବି ଛୋଟ ଥିଲା କିନ୍ତୁ ପ୍ରଚେଷ୍ଟା ଦ୍ୱାରା ପରିଣାମ ମିଳିଲା ଏବଂ ଅବଦୁଲ କାଲାମଜୀ ସେଠାକୁ ଆସି ଯାହା ଯାହା ଦେଖିଥିଲେ ସେସବୁ ବିଷୟରେ ଲେଖୁଛନ୍ତି ମଧ୍ୟ। ତେଣୁ ମୁଁ କହୁଛି ଯେ ଆମକୁ ନୂଆ ପ୍ରୟାସ ଆଡକୁ ଆଗେଇବାକୁ ପଡ଼ିବ ।

ଏବେ ଆପଣମାନେ ଦେଖନ୍ତୁ ଡାଲି ଚାଷ ପାଇଁ ଆମର ଏଠି ବହୁତ ଅସୁବିଧା ଥିଲା । ମୁଁ ୨୦୧୪ରେ ଆସି କୃଷକମାନଙ୍କୁ ଅନୁରୋଧ କଲି, ସେମାନେ ଦେଶକୁ ଡାଲିର ଅସୁବିଧାରୁ ମୁକ୍ତ କରିଦେଲେ ଏବଂ ସେମାନଙ୍କୁ ବଜାର ମଧ୍ୟ ମିଳିଗଲା । ଆଉ ମୁଁ ଦେଖିବାକୁ ପାଉଛି ଆଜିକାଲି ଅନଲାଇନ-ଅଫ୍‌ଲାଇନ ଇ-ନାମ ଦ୍ୱାରା ମଧ୍ୟ ଗାଁର କୃଷକ ବିକ୍ରି କରିପାରୁଛି । ଆମେ କିଶାନ ରେଳର ମଧ୍ୟ ପ୍ରୟୋଗ କରିଛୁ, ଏହି କରୋନା କାଳଖଣ୍ଡର ଉପଯୋଗ କରିବା ସହିତ କିଶାନ ରେଳ ଓ କିଶାନ ଉଡ଼ାଣ ଏସବୁ ମଧ୍ୟ କୃଷକମାନଙ୍କୁ ବୃହତ ବଜାର ପର୍ଯ୍ୟନ୍ତ ପହ ।ଇବାରେ ବହୁତ ସହାୟତା ଯୋଗାଇ ଦେଇଛି । ଏବେ ଯେଉଁ ଟ୍ରେନ୍ ଚଳାଚଳ କରୁଛି ଏହା ଏକ ପ୍ରକାର ଚଳନ୍ତି ଶୀତଳଭଣ୍ଡାର ଏବଂ ମୁଁ ଗୃହର ସଦସ୍ୟଙ୍କୁ ନିଶ୍ଚୟ ଏକଥା କରିବାକୁ ଚାହିଁବି ଯେ ଏହି ଟ୍ରେନ୍ ଏକ ମାଲ ପରିବହନ ବ୍ୟବସ୍ଥା ଅଟେ, କିନ୍ତୁ ତାହା ଦୂରଦୂରାନ୍ତ ଗାଁର କ୍ଷୁଦ୍ର ଚାଷୀଟିକୁ ଅନ୍ୟ ଏକ ରାଜ୍ୟର ବଜାର ସହିତ ଯୋଡି ଦେଇଛି । ଏବେ ଦେଖନ୍ତୁ, ନାସିକର ଜଣେ କୃଷକ ମୁଜାଫରନଗରର ବ୍ୟବସାୟୀ ସହିତ ଯୋଡି ହୋଇଯାଇ ଯାହା ପଠାଇଲା ତାହା ବହୁତ

ପରିମାଣର ନ ଥିଲା ମାତ୍ର ୩୦କିଲୋ ଅଙ୍ଗୁର, ଏହାକୁ ସେ ସେଠାରୁ କିଶାନ ରେଳ ମାଧ୍ୟମରେ ପଠାଇଲା ଏବଂ ତା'ର ଖର୍ଚ୍ଚ ଆସିଲା ୧୨୪ଟଙ୍କା । ତାକୁ ଏକ ବୃହତ ବଜାର ମିଳିଗଲା । ତା' ଅଙ୍ଗୁର ଏତେ କମ୍ ଓଜନର ଯେ, ବୋଧହୁଏ କେଉଁ କୋରିୟରବାଲା ବି ନେଇ ନ ଥା'ନ୍ତା । କିନ୍ତୁ ଏହି ବ୍ୟବସ୍ଥା ଥିବାରୁ ଏଠିକାର କୃଷକ ସେଠାକୁ ଯାଇ ନିଜର ଉତ୍ପାଦ ବିକ୍ରି କରିପାରିଲା । ମୁଁ ଦେଖୁଛି ଯେ, କିଏ ଜଣେ ଅଣ୍ଡା ପଠାଇଛି ସେଥିପାଇଁ ତାକୁ ୬୦ଟଙ୍କା ଖର୍ଚ୍ଚ କରିବାକୁ ପଡିଛି, ଏବଂ ତା'ର ଅଣ୍ଡା ଠିକ୍ ସମୟରେ ପହଞ୍ଚିପାରିଛି ଏବଂ ତାକୁ ବିକ୍ରି କରିପାରିଛି । ଦେବଲାଲିରେ ଜଣେ କୃଷକ ତା'ର ୭କିଲୋ କ୍ୟୁବି ଫଳ ଦାନାପୁର ପଠାଇଥିଲା । ପରିବହନ ବାବଦରେ ଖର୍ଚ୍ଚ ହେଲା ୬୨ଟଙ୍କା । କିନ୍ତୁ ତାକୁ ୬୦କିଲୋ କ୍ୟୁବି ପାଇଁ ବଜାର ସୁବିଧା ମିଳିଗଲା ଏବଂ ତାହା ଅନ୍ୟ ରାଜ୍ୟରେ ହିଁ ମିଳିଥିଲା । କିଶାନ ରେଳ କେତେ ସାମାନ୍ୟ କଥାଟିଏ କିନ୍ତୁ, ଏହା କେତେବଡ଼ ପରିବର୍ତ୍ତନ ଆଣିପାରେ ଏହାର ଉଦାହରଣ ଆମେ ଦେଖିବାକୁ ପାଇଛୁ ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଚୌଧୁରୀ ଚରଣ ସିଂ ଏକ ପୁସ୍ତକ ରଚନା କରିଛନ୍ତି– ଭାରତର ଅର୍ଥନୀତି । ଭାରତର ଅର୍ଥନୀତି ପୁସ୍ତକରେ ଚୌଧୁରୀ ସାହେବ ଲେଖିଛନ୍ତି, ପରାମର୍ଶ ଦେଇଛନ୍ତି– ସାରା ଦେଶକୁ ଖାଦ୍ୟାନ୍ନ ଯୋଗାଇବା ନିମନ୍ତେ ଗୋଟିଏ ଇଲକାଭାବେ ଧରି ନେବାକୁ ପଡିବ । ଅନ୍ୟ ଅର୍ଥରେ କହିବାକୁ ଗଲେ ଦେଶର ଗୋଟିଏ ଭାଗରୁ ଅନ୍ୟ ଭାଗକୁ ଯାତାୟାତ ଉପରେ କୌଣସି ପ୍ରତିବନ୍ଧକ ନ ରହୁ, ଏହା ଚୌଧୁରୀ ଚରଣ ସିଂଙ୍କ ପୁସ୍ତକରୁ ଉଦ୍ଧୃତ ହୋଇଛି। କୃଷି ସଂସ୍କାର, କିଶାନ ରେଳ ମଣ୍ଡିଗୁଡିକର ଇଲେକୋଟ୍ରୋନିକ ପ୍ଲେଟ, ଇ-ନାମ ଏସବୁ ଜିନିଷ ଆମ ଦେଶର କୃଷକ ଓ କ୍ଷୁଦ୍ର ଚାଷୀଙ୍କୁ ଏକ ବହୁତ ବଡ ସୁଯୋଗ ଦେବାର ପ୍ରୟାସର ଏକ ଅଂଶ ଭାବରେ କାର୍ଯ୍ୟକାରୀ ହୋଇଛି ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଯେଉଁ ଲୋକମାନେ ଏତେ କଥା କହୁଛନ୍ତି, ଏତେଦିନ ପର୍ଯ୍ୟନ୍ତ ଶାସନରେ ରହିଛନ୍ତି, ମୁଁ ଏକଥା କେବେ ବି ଭାବିନାହିଁ ଯେ ସେମାନଙ୍କୁ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଖବର ନ ଥିଲା କି ଧାରଣା ନ ଥିଲା । ଖବର ବି ଥିଲା ଧାରଣା ବି ଥିଲା ମୁଁ ଏବେ ସେମାନଙ୍କ କଥା ଆଜି ମନେପକାଇ ଦେବାକୁ ଚାହୁଁଛି । ସେ ଉପସ୍ଥିତ ନାହାନ୍ତି ମୁଁ ଜାଣିଛି, କିନ୍ତୁ, ଦେଶ ଏକଥା ଜାଣିବା ଜରୁରୀ। ସେ କହିଥିଲେ– ଇଚଗଉ ଇମଷ୍ଠ ସଭ ଷ୍ଠଷର ଛରବକ୍ସ ୨୦୦୫ ସଷ୍ଠଷ୍ଠରଷଲ କ୍ଷ୍ଟକ୍ସକ୍ଟଙ୍ଗସୟସଭଶ ଲକ୍ଟକ୍ସ ୟସକ୍ସରମଷ୍ଠ ଙ୍କବକ୍ସଲରଷ୍ଠସଭଶ ମକ୍ଟଭଷ୍ଠକ୍ସବମଷ୍ଠ ଲବକ୍ସଙ୍କସଭଶ ଷ୍ଠରଷ୍ଠଷ୍ଠସଭଶ ଙ୍କକ୍ଷ୍ଟ କ୍ଟଲ ବ କ୍ଷ୍ଟକ୍ସସଙ୍ଗବଷ୍ଠର ଙ୍କବକ୍ସଲରଷ୍ଠ, ମକ୍ଟଭଷ୍ଠଙ୍କଙ୍କରକ୍ସ, ଲବକ୍ସଙ୍କରକ୍ସ ଙ୍କବକ୍ସଲରଷ୍ଠଷ୍ଠ, ର–ଷ୍ଠକ୍ସବୟସଭଶ ବଭୟ ଭକ୍ଟଷ୍ଠସଲସରୟ ଷ୍ଠଷର କ୍ସଙ୍କଷରଷ୍ଠ ସଭ ୨୦୦୭ ଷ୍ଠକ୍ଟ ସଙ୍କକ୍ଷ୍ଟଷରଙ୍କରଭଷ୍ଠ ଷ୍ଠଷର ବଙ୍କରଭୟରୟ କ୍ଷ୍ଟକ୍ସକ୍ଟଙ୍ଗସଷ୍ଠସକ୍ଟଭ,ସଭଲବମଷ୍ଠ ୨୪ କ୍ଷ୍ଟକ୍ସସଙ୍ଗବଷ୍ଠର ଙ୍କବକ୍ସଲରଷ୍ଠଷ୍ଠ ଷବଙ୍ଗର ବଷକ୍ସରବୟଛ ମକ୍ଟଙ୍କର ଙ୍କକ୍ଷ୍ଟ ସଭ ଷ୍ଠଷର ଷ୍ଠଷ୍ଠବଷ୍ଠର. ଏକଥା କିଏ କହିଥିଲେ ? ଏହି ଇଚଗଉ ଆଇନକୁ ବଦଳେଇ ଦେଇଛି । ଏହି କଥାଟି ଗର୍ବରେ ସହିତ କିଏ କହୁଥିଲେ ? ଏହିଭଳି ୨୪ଟି ବଜାର ପ୍ରସ୍ତୁତ ହୋଇସାରିଛି। ଏହି କଥାର କିଏ ଗୌରବଗାନ କରୁଥିଲେ ? ଡାକ୍ତର ମନମୋହନ ସିଂଙ୍କ ସରକାରରେ କୃଷିମନ୍ତ୍ରୀ ଥିବା ଶ୍ରୀମାନ ଶରଦ ପାୱାର ଏହି ଗର୍ବର କଥା କହୁଥିଲେ । ଆଜି ଏକଦମ୍ ବିପରୀତ କଥା କହୁଛନ୍ତି ଏବଂ ଏଥିପାଇଁ ସନ୍ଦେହ ଉପୁଜୁଛି ଯେ ଆପଣମାନେ କୃଷକମାନଙ୍କୁ ଭ୍ରମିତ କରିବା ପାଇଁ ପରିଶେଷରେ ଏହି ରାସ୍ତା କାହିଁକି ବାଛିଲେ ? ଦେଶରେ ମଣ୍ଡି ବ୍ୟବସ୍ଥା ଜାରି ଅଛି । ସିଣ୍ଡିକେଟର ଦରକୁ ପ୍ରଭାବିତ କରୁଥିବା ଅସାଧୁ ମେଣ୍ଟ ବିଷୟରେ ଯେତେବେଳେ ତାଙ୍କୁ ପଚରାଗଲା, ତାଙ୍କୁ ଗୋଟିଏ ପ୍ରଶ୍ନ ପଚାରିଥିଲି ଯେ, ଏହି ଯେଉଁ ମଣ୍ଡି ବାଲା ଅସାଧୁ ମେ ବିଷୟରେ କ'ଣ କହିବେ ? ଶରଦ ପାୱାରଙ୍କ ଅନ୍ୟ ଏକ ଜବାବ ଥିଲା ତାହା ମଧ୍ୟ ଖୁବ୍ ରୁଚିକର । ସେ କହିଥିଲେ ଯେ, କୃଷକମାନଙ୍କ ସୁରକ୍ଷା ପାଇଁ ହିଁ ଇଚଗଉ ସଂସ୍କାରକ ପ୍ରୋତ୍ସାହିତ କରାଯାଉଛି, ଯାହାଫଳରେ କୃଷକମାନଙ୍କୁ ଇଚଗଉ ମଣ୍ଡିର ବିକଳ୍ପ ମିଳିପାରିବ । ଯେତେବେଳେ ଅଧିକ ବ୍ୟବସାୟୀ ପଞ୍ଜୀକୃତ ହେବେ ସେତେବେଳେ

ପ୍ରତିଯୋଗିତା ବଢ଼ିବ ଏବଂ ଏହା ଦ୍ୱାରା ମଣ୍ଡିରେ ଚାଲିଥିବା ଏହି ମେଣ୍ଟ ସମାପ୍ତ ହେବ, ଏକଥା ସେ କହିଥିଲେ। ଏବେ ଏଥିପାଇଁ ମୁଁ ବୁଝିପାରୁଛି ଯେ, ଏହି କଥାଗୁଡ଼ିକୁ ଆମକୁ ବୁଝିବାକୁ ପଡିବ । ଯେଉଁ ରାଜ୍ୟରେ ସେମାନଙ୍କର ସରକାର କ୍ଷମତାରେ ଅଛନ୍ତି, ଯେଉଁମାନେ ଅଲଗା ଅଲଗା ହୋଇ ବସନ୍ତି ସେହି ବନ୍ଧୁମାନେ ବି ଊଣା ଅଧିକେ ଏହି କୃଷି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପ୍ରୟାସ ମଧ୍ୟ କରିଛନ୍ତି ଏବଂ ଆମେ ସେମାନଙ୍କ ମଧ୍ୟରେ ରହିଛୁ ଯେଉଁମାନେ ୧୫୦୦ ଆଇନକୁ ସମାପ୍ତ କରିଦେଇଛନ୍ତି । ଆମେ ପ୍ରଗତିଶୀଳ ରାଜନୀତିରେ ବିଶ୍ୱାସ କରୁ, ଆମେ ପଶ୍ଚାତଗାମୀ ରାଜନୀତିରେ ଯିବାକୁ ଚାହୁଁନାହୁଁ, ତେଣୁ ଏଥିପାଇଁ ଭୋଜପୁରୀରେ ଗୋଟିଏ କଥା ଅଛି, କିଛି ଲୋକ ଏହିଭଳି ଅଛନ୍ତି ଯାହା ଭୋଜପୁରୀରେ କୁହାଯାଇଛି ।

ନା ଖେଲେବ ନା ଖେଲନ୍ ଦେବ, ଖେଲ ବି ବିଗାଡତ ।

ନା ଖେଳିବୁ, ନା ଖେଳିବାକୁ ଦେବୁ ଖେଳକୁ ବି ବିଗାଡ଼ିକି ରଖିଦେବୁ ।

ମାନନୀୟ ଅଧ୍ୟକ୍ଷଜୀ,

ଦେଶର ସାମର୍ଥ୍ୟ ବଢାଇବାରେ ସମସ୍ତଙ୍କର ଅବଦାନ ରହିଛି । କାଶ୍ମୀରକୁ କନ୍ୟାକୁମାରୀ ପର୍ଯ୍ୟନ୍ତ, କଚ୍ଛରୁ କାମାକ୍ଷା ପର୍ଯ୍ୟନ୍ତ ଯେତେବେଳେ ପ୍ରତ୍ୟେକ ଭାରତୀୟ ଝାଳ ବୁହାଏ ସେତେବେଳେ ଯାଇଁ ଏ ଦେଶ ଆଗକୁ ବଢେ । ମୁଁ କଂଗ୍ରେସର ବନ୍ଧୁମାନଙ୍କୁ ମନେପକାଇ ଦେବାକୁ ଚାହୁଁଛି ଯେ ଦେଶ ପାଇଁ ସରକାରୀ କ୍ଷେତ୍ର ଜରୁରୀ ଅଟେ ତ ଘରୋଇ କ୍ଷେତ୍ରରେ ମଧ୍ୟ ଭାଗିଦାରୀ ସେତିକି ଆବଶ୍ୟକ ଅଟେ । ସରକାର ମୋବାଇଲ ନିର୍ମାଣକୁ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି । ଘରୋଇ ସଂସ୍ଥା ଆସିଲେ, ନିର୍ମାତା ଆସିଲେ । ଆଜି ଦରିଦ୍ରରୁ ଦରିଦ୍ରତମ ପରିବାର ପର୍ଯ୍ୟନ୍ତ ସ୍ମାର୍ଟ ଫୋନ ପହଞ୍ଚିବାରେ ଲାଗିଛି । ଟେଲିକମ୍ କ୍ଷେତ୍ରରେ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରାଯିବା ଫଳରେ ମୋବାଇଲରେ କଥା ହେବା ପ୍ରାୟତଃ ବିନା ମୂଲ୍ୟରେ ହେବାରେ ଲାଗିଲାଣି । ତେଣୁ ସାରା ବିଶ୍ୱରେ ସବୁଠାରୁ ଶସ୍ତା ଦରର ଡାଟା ଭାରତରେ ଉପଲବ୍ଧ । ଏପରିକି ଆମର ଔଷଧପତ୍ର

ଶିଳ୍ପ, ଆମର ପ୍ରତିଷେଧକ ନିର୍ମାତା, କ'ଣ ଏମାନେ ସବୁ ସରକାରୀ କି? ଆଜି ଭାରତ ଯଦି ମାନବତାର ସେବାରେ ଲାଗିପାରୁଛି ସେଥିରେ ଘରୋଇ ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ଏବଂ ଆମକୁ ଆମ ଦେଶର ଯୁବପିଢି ଉପରେ ଭରସା ରଖିବା ଦରକାର, ଏମିତି ଭର୍ତ୍ସନା କରିଚାଲିବା ତାଙ୍କୁ ତଳତଳିଆ ଦେଖାଇବା ଏବଂ ଯେକୌଣସି ବ୍ୟକ୍ତିଗତ କାର୍ଯ୍ୟକଳାପ କରିବାକୁ ନ ଦେବା ଉଚିତ ନୁହେଁ । କେବେ ସେ ଯୁଗ ଆସିବ, ତା' ପରେ ଯାଇ କେଉଁ ସରକାର କ'ଣ କରିବ । ସେହି ଯୁଗରେ ଜରୁରୀ ଥିବ, ସରକାର କରିଥିବେ ।

ଆଜି ଦୁନିଆ ବଦଳି ଯାଇଛି । ସମାଜକୁ ନିଜର ଶକ୍ତି ମିଳିଯାଇଛି । ଦେଶ ଭିତରେ ମଧ୍ୟ ସାମର୍ଥ୍ୟ ବୃଦ୍ଧି ପାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁଯୋଗ ମିଳିବା ଆବଶ୍ୟକ, ତେଣୁ ସେମାନଙ୍କୁ ଏହିଭଳି ଭାବରେ ବେଆଇନ ଘୋଷିତ କରିବା, ସେମାନଙ୍କ ପାଇଁ ପାପ ଶବ୍ଦର ପ୍ରୟୋଗ କରିବା ଅନୁଚିତ । କେଉଁ ଯୁଗରେ ସମାଜକୁ ବାଣ୍ଟିବା ପାଇଁ ଏହା ଏକ ସଂସ୍କୃତି ଥିଲା। ଏବଂ ମୁଁ ଲାଲକିଲ୍ଲାରୁ କହିଥିଲି ସମ୍ପଦ ସୃଷ୍ଟିକାରୀ ଦେଶ ପାଇଁ ଜରୁରୀ । ତାହାହେଲେ ଯାଇ ସମ୍ପତ୍ତିକୁ ବିତରଣ କରାଯାଇପାରିବ । ନହେଲେ ସମ୍ପତ୍ତି କେଉଁଠାରୁ ଆଣି ଗରିବଙ୍କ ନିକଟରେ ପହଞ୍ଚାଇବା? ରୋଜଗାର କିପରି ଦେବା? ଏସବୁ କିଛି ବାବୁମାନେ ହିଁ କରିବେ । ଆଇଏଏସ୍ ହୋଇଗଲେ ଅର୍ଥାତ ସେ ସାର କାରଖାନା ବି ଚଳାଇବେ ଆଇଏଏସ୍ ହୋଇଗଲେ ସେ ପୁଣି ରସାୟନିକ କାରଖାନା ବି ଚଳାଇବେ, ଆଇଏଏସ୍ ହୋଇଗଲେ ବି ଉଡାଜାହାଜ ଚଳାଇବେ। ଇଏ କିଭଳି ଏତେବଡ ଶକ୍ତି ପ୍ରସ୍ତୁତ କରି ରଖିଦେଇଛୁ ଆମେ ? ବାବୁମାନଙ୍କ ହାତରେ ଏ ଦେଶକୁ ଭେଟି ଦେଇ ଆମେ କ'ଣ କରିବାକୁ ଯାଉଛୁ? ଆମର ଦେଶର ଯୁବପିଢ଼ିକୁ ଯେତେ ଅଧିକ ସୁଯୋଗ ପ୍ରଦାନ କରିବା, ମୁଁ ଭାବୁଛି ଆମକୁ ଯେତିକି ସେହି ଅନୁପାତରେ ଲାଭ ମିଳିବ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଏବେ ତଥ୍ୟ ଆଧାରିତ କଥା କାମ ଦେଉନି । ଏଭଳି ହେଉଛି ଯେ, ଯାହା ଏବେ ନିକଟରେ ଦେଖିବାକୁ ମିଳିଛି। ଆଶଂକାକୁ ବଢାଇ ଦିଆଯାଉଛି, ଏମିତି ହୋଇଯିବ, ସେମିତି ହୋଇଯିବ ଆଉ ଏଭଳି ପରିବେଶ ଆନ୍ଦୋଳନଜୀବୀ ସୃଷ୍ଟି କରେ । ମାନନୀୟ ଅଧ୍ୟକ୍ଷ ମହୋଦୟ, କୃଷକ ଆନ୍ଦୋଳନର ପବିତ୍ରତା ରହିଛି ଏବଂ ବହୁତ ଦାୟିତ୍ୱବାନ ହୋଇ ମୁଁ ଏହି ଶବ୍ଦ ପ୍ରୟୋଗ କରିଛି । ମୁଁ କୃଷକ ଆନ୍ଦୋଳନକୁ ପବିତ୍ର ଭାବୁଛି । ଏଣୁ ଭାରତର ଗଣତନ୍ତ୍ରରେ ଆନ୍ଦୋଳନର ମହତ୍ୱ ରହିଛି ଓ ଆଗକୁ ରହିବ, ଏହା ମଧ୍ୟ ଜରୁରୀ ଅଟେ । କିନ୍ତୁ ଯେତେବେଳେ ଆନ୍ଦୋଳନଜୀବୀମାନେ ପବିତ୍ର ଆନ୍ଦୋଳନକୁ ନିଜ ସ୍ୱାର୍ଥ ପାଇଁ ନଷ୍ଟ କରିବାକୁ ବାହାରି ପଡନ୍ତି, ସେତେବେଳେ କ'ଣ ହୁଏ ? କିଏ ବି ମୋତେ ବୁଝାଇ ଦିଅନ୍ତୁ, ଏହି ତିନି କୃଷକ ଆଇନର କଥା ହେଉ ଏବଂ ଦଙ୍ଗାକାରୀ ଯେଉଁମାନେ ଜେଲ୍‌ରେ ଅଛନ୍ତି, ଯେଉଁ ସମ୍ପ୍ରଦାୟବାଦୀ ଜେଲରେ ଅଛନ୍ତି, ଯେଉଁ ଆତଙ୍କବାଦୀ ଜେଲରେ ଅଛନ୍ତି, ଯେଉଁ ନକ୍ସଲବାଦୀ ଜେଲରେ ଅଛନ୍ତି, ସେମାନଙ୍କ ଫଟୋକୁ ସାଙ୍ଗରେ ଧରି ସେମାନଙ୍କୁ ମୁକୁଳାଇବା ପାଇଁ ଦାବି କରିବା କୃଷକମାନଙ୍କ ଆନ୍ଦୋଳନକୁ ଅପବିତ୍ର କରିବାର ପ୍ରୟାସ କି ନାହିଁ ?

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଏହି ଦେଶରେ ଟୋଲ ପ୍ଲାଜା ସବୁ ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଏକ ବ୍ୟବସ୍ଥା । ଟୋଲ ପ୍ଲାଜା ଏହି ଦେଶରେ ପ୍ରତ୍ୟେକ ସରକାରଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥା ଅଟେ ଏବଂ ଟୋଲ ପ୍ଲାଜାକୁ ଭାଙ୍ଗିବା, ସେହି ଟୋଲ ପ୍ଲାଜାକୁ ଦଖଲ କରିବା, ସେହି ଟୋଲ ପ୍ଲାଜାକୁ ଅଚଳ କରିବା ଏହି ଯେଉଁ ଉପାୟ ସବୁ ଅବଲମ୍ବନ କରାଯାଉଛି, ସେହିସବୁ ଉପାୟ କ'ଣ ପବିତ୍ର ଆନ୍ଦୋଳନକୁ କଳଙ୍କିତ କରିବାର ପ୍ରୟାସ ନୁହେଁ କି ? ଯେତେବେଳେ ପଞ୍ଜାବ ମାଟିରେ ଶହ ଶହ ସଂଖ୍ୟାରେ ଟେଲିକମ୍ ଟାୱାର ଭାଙ୍ଗି ଦିଆଯାଏ, ତାହା କ'ଣ କୃଷକର ଦାବି ସହିତ ତାଳମେଳ ରଖୁଛି ? କୃଷକର ପବିତ୍ର ଆନ୍ଦୋଳନକୁ ନଷ୍ଟ କରିବାର କାମ ଆନ୍ଦୋଳନକାରୀମାନେ ନୁହଁନ୍ତି ଆନ୍ଦୋଳନଜୀବୀଙ୍କ ଦ୍ୱାରା କରାଯାଉଛି ଏବଂ

ଏଥିପାଇଁ ଦେଶକୁ ଆନ୍ଦୋଳନକାରୀ ଓ ଆନ୍ଦୋଳନଜୀବୀଙ୍କ ମଧ୍ୟରେ ପାର୍ଥକ୍ୟ ଜାଣିବା ବହୁତ ଜରୁରୀ ଅଟେ ଏବଂ ଦେଶକୁ ଏହି ଆନ୍ଦୋଳନଜୀବୀ କବଳରୁ ବଞ୍ଚାଇବା ମଧ୍ୟ ସେତିକି ଜରୁରୀ ଅଟେ। ଗୁଜବ ଉଠାଇବା, ମିଥ୍ୟାର ପ୍ରସାର କରିବା, ଭ୍ରମିତ କରିବା ଏବଂ ଦେଶକୁ ଦୁର୍ବଳ କରି ରଖିଦେବା, ସେମାନଙ୍କର ଉଦ୍ଦେଶ୍ୟ ଏ ଦେଶ ବହୁତ ବଡ, ଦେଶର ସାଧାରଣ ନାଗରିକର ଅନେକ ଆଶା ଆକାଂକ୍ଷା ରହିଛି ଏବଂ ସେସବୁକୁ ସାଥିରେ ଧରି ଆମକୁ ଆଗକୁ ବଢିବାକୁ ପଡିବ ଏବଂ ସେହି ଦିଗରେ ଆମେ ପ୍ରୟାସ କରୁଛୁ । ଦେଶରେ ଏକ ବହୁତ ବଡ ବର୍ଗ ରହିଛି, ଏହି ବର୍ଗ ଯାହାଙ୍କର ଗୋଟିଏ ପରିଚୟ ହୋଇଛି ଗ୍ସବକ୍ଷଳସଭଶ ଗ୍ସଷର କ୍ସସଶଷଗ୍ସ ଗ୍ସଷସଭଶଗ୍ସ ଅର୍ଥାତ୍ ସବୁବେଳେ ଠିକ୍ କଥା କହିବା, ଠିକ୍ କଥା କହିବା ଖରା ବି ନୁହେଁ, କିନ୍ତୁ ଏହି ବର୍ଗର ଏହିଭଳି ଲୋକଙ୍କ ପ୍ରତି ଘୃଣା ଚିଡିଚିଡ଼ା ଭାବ ରହିଛି ଯେଉଁମାନେ ଯକ୍ଟସଭଶ ଗ୍ସଷର କ୍ସସଶଷଗ୍ସ ଗ୍ସଷସଭଶଗ୍ସ ମାର୍ଗରେ ଋଲିଥାଆନ୍ତି ।

ଏହି ପାର୍ଥକ୍ୟକୁ ଭଲଭାବେ ବୁଝନ୍ତୁ, ଠିକ୍ କଥା କହିବା ସପକ୍ଷରେ ସବୁବେଳେ ଯୁକ୍ତି ବାଢୁଥିବା ଲୋକମାନେ ଯେତେବେଳେ ଠିକ୍ କଥା କରିବାର କଥା ଉଠେ ସେତେବେଳେ ତା'ର ପ୍ରତିବନ୍ଧକ ସାଜନ୍ତି । ଏମାନେ କେବଳ ପ୍ରତ୍ୟେକ ଜିନିଷ ବିଷୟରେ କହିବାରେ ବିଶ୍ୱାସ କରନ୍ତି, କିଛି ଭଲ କାମ କରିବା ଉପରେ ସେମାନଙ୍କର ଭରସା ହିଁ ନଥାଏ । ସେମାନେ ନିର୍ବାଚନୀ ସଂସ୍କାରର କଥା କହିଥାନ୍ତି, କିନ୍ତୁ ଯେତେବେଳେ ଏକ ରାଷ୍ଟ୍ର ଏକ ନିର୍ବାଚନ କଥା ଆସେ ସେତେବେଳେ ସେମାନେ ବିରୋଧ କରିବା ଆରମ୍ଭ କରିଦିଅନ୍ତି । ଯେତେବେଳେ ଲିଙ୍ଗଗତ ନ୍ୟାୟ କଥା ଉଠେ ସେତେବେଳେ ଏମାନେ ଜୋରସୋରରେ ସେହି ପ୍ରସଙ୍ଗ ଉଠାଇଥାଆନ୍ତି କିନ୍ତୁ ଯେତେବେଳେ ତିନି ତଲାକ୍ କଥା ଉଠେ ସେତେବେଳେ ସେମାନେ ବିରୋଧର ସ୍ୱର ଉତ୍ତୋଳନ କରନ୍ତି ଏମାନେ । ପରିବେଶର କଥା ଉଠାନ୍ତି କିନ୍ତୁ ଯେତେବେଳେ ଜଳ ବିଦ୍ୟୁତ୍ ପ୍ରକଳ୍ପ ବା ଆଣବିକ ପ୍ରକଳ୍ପ କଥା ଉଠେ ସେମାନେ ପତାକା ଧରି ବିକ୍ଷୋଭ କରିବା ଆରମ୍ଭ କରିଦିଅନ୍ତି, ଏହା ହେବା ଉଚିତ୍ ନୁହେଁ, ଏହି ଦେଶ ପାଇଁ ସେମାନେ ଆନ୍ଦୋଳନ ଚଳାନ୍ତି, ତାମିଲନାଡୁ ତ ଏହାର ଭୁକ୍ତଭୋଗୀ । ସେହିପରି ଯେଉଁମାନେ ଦିଲ୍ଲୀରେ ପ୍ରଦୂଷଣକୁ ନେଇ କୋର୍ଟରେ ଆବେଦନ କରନ୍ତି, ଜନସ୍ୱାର୍ଥ ମାମଲା

କରନ୍ତି ଦିଲ୍ଲୀର ସେହି ଲୋକମାନେ ଫସଲ ଅବଶେଷ ଜଳାଉଥିବା ଲୋକଙ୍କ ସମର୍ଥନରେ ଯାଇ ଛିଡ଼ା ହୋଇଯାଆନ୍ତି। ସେତେବେଳେ ବୁଝାପଡିନଥାଏ ଏହି ଲୋକମାନେ କେଉଁଭଳି ଭାବେ ଦେଶକୁ ଭୂଆଁ ବୁଲାଇବାର ପ୍ରୟାସ କରୁଛନ୍ତି ଏବଂ ଏସବୁ ଦେଖିବାର ବୁଝିବାର ଆବଶ୍ୟକତା ରହିଛି । ମୁଁ ଦେଖୁଛି ଏହି ବର୍ଷରେ ବିରୋଧୀଙ୍କ ପ୍ରସଙ୍ଗ କେତେ ବଦଳି ଯାଇଛି ଆମେ ବି କେବେ ବିପକ୍ଷରେ ଥିଲୁ କିନ୍ତୁ ଆମେ ଯେତେବେଳେ ବିରୋଧୀ ଆସନରେ ଥିଲୁ ସେତେବେଳେ ଆପଣମାନେ ଦେଖିଥିବେ ଦେଶର ବିକାଶର ପ୍ରସଙ୍ଗକୁ ନେଇ, ଦୁର୍ନୀତିର ପ୍ରସଙ୍ଗକୁ ନେଇ ଆମେ ଶାସନ କଳକୁ ଘେରୁଥିଲୁ । ଆମେ ସେହି ସ୍ତର ଉଠାଉଥିଲୁ, ଆମେ ପ୍ରୟାସ କରୁଥିଲୁ ମଧ୍ୟ। ମୁଁ ଆଶ୍ଚର୍ଯ୍ୟ, ଆଜିକାଲି ବିକାଶର ପ୍ରସଙ୍ଗକୁ ନେଇ ଚର୍ଚ୍ଚା ହିଁ ହେଉନାହିଁ । ମୁଁ ଅପେକ୍ଷା କରେ ଏଭଳି ପ୍ରସଙ୍ଗ ଉଠାନ୍ତୁ ଯାହାଦ୍ୱାରା ଆମକୁ କିଛି କହିବାକୁ ସୁଯୋଗ ମିଳିବ, ଆମେ କ'ଣ କରୁଛୁ, କିନ୍ତୁ ସେମାନେ ଆମକୁ ସୁଯୋଗ ଦେଉନାହାନ୍ତି କାରଣ ଏମାନଙ୍କ ନିକଟରେ ଏହିସବୁ ପ୍ରସଙ୍ଗ ଉପରେ କହିବାକୁ କିଛି ନାହିଁ। ଏବଂ ଏଥିପାଇଁ ନା ସେମାନେ କେତେ ରାସ୍ତା ତିଆରି ହେଲା ସେ ବିଷୟରେ ପଚାରୁଛନ୍ତି ନା କେତେ ପୋଲ ତିଆରି ହେଲା ବୁଝୁଛନ୍ତି, ନା ସୀମା ପରିଚାଳନା କ୍ଷେତ୍ରରେ କ'ଣ ସବୁ ହୋଇଛି, କେତେ ଟ୍ରାକ୍ ବିଛାଯାଇଛି, ଏହିସବୁ ବିଷୟ ଉପରେ ଚର୍ଚ୍ଚା ପାଇଁ ସେମାନଙ୍କ ରୁଚି ନାହିଁ।

ମାନ୍ୟବର ଅଧ୍ୟକ୍ଷ ମହୋଦୟ,

ଏକବିଂଶ ଶତାବ୍ଦୀରେ ଭିତ୍ତିଭୂମିର ବହୁତ ବଡ ଗୁରୁତ୍ୱ ରହିଛି ଏବଂ ଭାରତକୁ ଆଗକୁ ଯିବାକୁ ହେଲେ ଭିତ୍ତିଭୂମି ବିକାଶ ଉପରେ ଜୋର ଦେବାର ଆବଶ୍ୟକତା ଅଛି ଏବଂ ଆତ୍ମନିର୍ଭର ଭାରତର କାର୍ଯ୍ୟଖସଡା ପାଇଁ ଭିତ୍ତିଭୂମି ଉପରେ ଜୋର ଦେବା ଏବେ ସମୟର ଆହ୍ୱାନ । ଏବଂ ଆମ ସମସ୍ତଙ୍କୁ ଏକଥା ସ୍ୱୀକାର କରିବାକୁ ପଡିବ । ଭିତ୍ତିଭୂମି ମଜଭୁତ ହେଲେ ଯାଇଁ ଦେଶର ପ୍ରଗତି ପ୍ରଖର ହେବ, ତାହାର ଦିଗ ମଧ୍ୟ ବ୍ୟାପକ ହେବ ଏବଂ ଏଥିପାଇଁ ଆମକୁ ପ୍ରୟାସ କରିବାକୁ ପଡିବ। ଭିତ୍ତିଭୂମିର ଅର୍ଥ ହେଉଛି ଗରିବଙ୍କ ପାଇଁ, ମଧ୍ୟବର୍ଗଙ୍କ ପାଇଁ ସେମାନଙ୍କର ନୂଆ ସମ୍ଭାବନାକୁ ଜନ୍ମଭୂମି ଜନ୍ମ ଦେଇଥାଏ, ନୂଆ ସୁଯୋଗ

ସବୁକୁ ସୃଷ୍ଟି କରିଥାଏ, ରୋଜଗାରର ନୂଆ ସୁଯୋଗ ନେଇ ଆସିଥାଏ, ଏହା ନିକଟରେ ଅର୍ଥନୀତିକୁ ବହୁଗୁଣା କରିବାର ଶକ୍ତି ଥାଏ । ଏବଂ ଏଥିପାଇଁ ଆମକୁ ଭିତ୍ତିଭୂମି ଉପରେ ଜୋର ଦେବାକୁ ପଡିବ । ଭିତ୍ତିଭୂମିର ଅର୍ଥ ଭୋଟ ବ୍ୟାଙ୍କ ପାଇଁ ସୁଯୋଗ ନୁହେଁ କାଗଜ ଉପରେ ଉଲ୍ଲେଖ କରିଦିଅ ଯେ ଏହି ସଡ଼କ ନିର୍ମାଣ କରାଯିବ, ଗୋଟାଏ ନିର୍ବାଚନ ଜିତିନିଅ । ଦ୍ୱିତୀୟ ଥର ଯାଇ ସେଠାରେ ଧଳା ପଟି ଲଗାଇଦିଅ, ଦ୍ୱିତୀୟ ନିର୍ବାଚନ ଜିତିନିଅ । ତୃତୀୟ ଥର ଯାଇ ସେଠାରେ ନିଜେ ମାଟି ପକାଇ ଦିଅ ଏହା ଏହିଭଳି କାମ ପାଇଁ ନୁହେଁ । ଏହା ବାସ୍ତବରେ ଜୀବନରେ ପରିବର୍ତ୍ତନ ଆଣିବା ପାଇଁ, ଅର୍ଥ ବ୍ୟବସ୍ଥାକୁ ବଦଳାଇବା ପାଇଁ ଭିତ୍ତିଭୂମି ଉପରେ ଆମକୁ ଜୋର୍ ଦେବାର ଆବଶ୍ୟକତା ରହିଛି । ଆମ ବଜେଟରେ ପ୍ରାୟ ୧୧୦ ଲକ୍ଷ କୋଟି ଟଙ୍କାର ଯୋଜନା ସହିତ ଆମେ ଏକ ଅଭୂତପୂର୍ବ ଖର୍ଚ୍ଚକୁ ଆଗରେ ଧରି ଆଗକୁ ବଢିବାର ମାର୍ଗରେ ଚାଲିବା ଆରମ୍ଭ କରିଦେଇଛୁ । ଦେଶର ୨୭ଟି ସହରରେ ମେଟ୍ରୋ ଟ୍ରେନ୍, ଲକ୍ଷେରୁ ଅଧିକ ଗାଁରେ ଦ୍ରୁତ ଇଣ୍ଟରନେଟ୍, ବିଜୁଳି ଶକ୍ତି କ୍ଷେତ୍ରରେ ଆମେ ଏକ ରାଷ୍ଟ୍ର, ଏକ ଗ୍ରୀଡ, ଏହି ପରିକଳ୍ପନାକୁ ସାକାର କରିବାରେ ସଫଳ ହୋଇଛୁ । ସୌର ଶକ୍ତି ସହିତ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆଜି ବିଶ୍ୱର ଶ୍ରେଷ୍ଠ ୫ଟି ଦେଶ ମଧ୍ୟରେ ଭାରତ ନିଜପାଇଁ ସ୍ଥାନ ସୃଷ୍ଟି କରିପାରୁଛି ।

ବିଶ୍ୱର ସର୍ବବୃହତ୍ ସୌର ଏବଂ ବାୟୁର ହାଇବ୍ରିଡ୍ ପାୱାର ଆଜି ଭାରତରେ ପ୍ରସ୍ତୁତ ହେବାକୁ ଯାଉଛି । ବିକାଶ କ୍ଷେତ୍ରରେ ଆମେ ଏକ ନୂଆ ବେଗ ଦେଖିବାକୁ ପାଉଛୁ। ନୂଆ ମାନଦଣ୍ଡ ଆଡକୁ ଯାତ୍ରା କରୁଛୁ ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଅନେକ ବର୍ଷରୁ ଆମେ ଶୁଣିଆସିଛୁ ଉତ୍ସର୍ଗୀକୃତ ମାଲ ପରିବହନ କରିଡର, କିନ୍ତୁ ଏହି ଉତ୍ସର୍ଗୀକୃତ ମାଲ ପରିବହନ ବ୍ୟବସ୍ଥା କିପରି ଥିଲା, ଏହାର ଅବସ୍ଥା କ'ଣ ଥିଲା। ଯେତେବେଳେ ସେମାନଙ୍କୁ ସେବା କରିବାର ସୁଯୋଗ ମିଳିଥିଲା। କେବଳ ଗୋଟିଏ କିଲୋମିଟର କାମ ହୋଇଥିଲା । ଆଜି ୫ ବର୍ଷ ମଧ୍ୟରେ ପାଖାପାଖି ୬୦୦ କିଲୋମିଟର

କାମ ହୋଇଛି ଏବଂ ବାସ୍ତବରେ ଉର୍ସ୍ଗୀକୃତ ମାଲ ପରିବହନ କରିଡରରେ କାମ ଆରମ୍ଭ ହୋଇଯାଇଛି, ମାଲ ବୋଝେଇ କାମ ଆରମ୍ଭ ହୋଇଯାଇଛି ଏବଂ ଏହି ବିଭାଗ କାମ କରୁଛି । ୟୁପିଏ ସମୟରେ ସୀମା ଭିତ୍ତିଭୂମିକୁ ଅବହେଳା କରାଯାଉଥିଲା । ଯେକୌଣସି ଦେଶର ସୁରକ୍ଷା ନିମନ୍ତେ ସୀମା ଭିତ୍ତିଭୂମିର ବହୁତ ମହତ୍ୱ ରହିଛି । କିନ୍ତୁ ତା' ପ୍ରତି ବହୁତ ଅବହେଳା ଓ ଉଦାସୀନତା ପ୍ରଦର୍ଶନ କରାଯାଇଛି, ଦେଶ ଭିତରେ ଆମେ ସେହି ବିଷୟଗୁଡ଼ିକ ଉପରେ ସର୍ବସାଧାରଣରେ ଚର୍ଚ୍ଚା କରିପାରିବା ନାହିଁ କାରଣ ସୁରକ୍ଷା ଦୃଷ୍ଟିରୁ ତାହା ଠିକ୍ ହେବନାହିଁ । କିନ୍ତୁ ଏହା ଚିନ୍ତାର ବିଷୟ ଯେ ସେଠାରେ କେହି ଲୋକ ନାହାନ୍ତି, ଭୋଟ ନାହିଁ, ତେଣୁ ଦରକାରୀ ମନେ ହେଲା ନାହିଁ, ଯବାନ୍ ଯେତେବେଳେ ଯିବ, ଯିବ, ଦେଖାଯିବ, କ'ଣ ବା ହୋଇଯିବ ? ଏହି ଚିନ୍ତାଧାରାର ପରିଣାମ ଏଇଆ ହିଁ ଥିଲା, ଥରେ ଜଣେ ପ୍ରତିରକ୍ଷା ମନ୍ତ୍ରୀ ସଂସଦରେ କହିଦେଇଥିଲେ ଯେ, ଆମେ ଏଥିପାଇଁ ସୀମାରେ ଭିତ୍ତିଭୂମିର ବିକାଶ କରୁନାହୁଁ କାଳେ ଶତ୍ରୁ ଦେଶ ସେହି ଭିତ୍ତିଭୂମିର ଉପଯୋଗ କରିଦେବ, କି ଆଶ୍ଚର୍ଯ୍ୟ କଥା ଭାଇ । ବିଚାରଧାରା ଏହିଭଳି, ଏହାକୁ ପରିବର୍ତ୍ତନ କରି ଆମ ଉପରେ ଯେଉଁ ଆଶା ଆକାଂକ୍ଷା ଥିଲା ସୀମାରେ ଭିତ୍ତିଭୂମି ବିକାଶ ଦିଗରେ ଆମେ ତା'ର ବହୁତ ବଡ ଭାଗ ପୂରଣ କରିଛି । ବାସ୍ତବ ନିୟନ୍ତ୍ରଣ ରେଖାରେ ପୋଲ କରିଛୁ ମୁଁ ଅନୁମାନ କରୁଛି ଏବେ ସେଠାରେ ପାଖାପାଖି ୭୫ଟି ପୋଲ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି ଏଥିପାଇଁ ଶହ ଶହ କିଲୋମିଟରର ସଡକ ଆମେ ନିର୍ମାଣ କରିସାରିଛୁ ଏବଂ ମୁଁ ଚାହୁଁଛି ଯେ ଆମ ସମ୍ମୁଖରେ ଯେଉଁ ଲକ୍ଷ୍ୟ ଥିଲା ତାହାର ୭୫ ଭାଗ ଆମେ ପୂରଣ କରିସାରିଛୁ ଏବଂ ଆଗକୁ ମଧ୍ୟ ଏହି କାର୍ଯ୍ୟ ଜାରି ରହିବ । ସେହିଭଳି ଭିତ୍ତିଭୂମିର ଭିନ୍ନ ଭିନ୍ନ କ୍ଷେତ୍ରର, ଯେପରିକି ହିମାଚଳ ପ୍ରଦେଶରେ ଅଟଳ ଟନେଲ୍, ଅବସ୍ଥା କ'ଣ ଥିଲା ? ଅଟଳଜୀଙ୍କ ସମୟରେ ଯାହାର ପରିକଳ୍ପନା କରାଯାଇଥିଲା, ଅଟଳଜୀଙ୍କ ପରଲୋକ ପରେ କୌଣସି ନା କୌଣସି ଫାଇଲରେ ଏହା ଲଟକି ରହିଲା, ଅଟଳି ରହିଲା ।

ଗୋଟିଏ ଥର ଅଳ୍ପ କାମ, ପୁଣି ଅଟକି ଗଲା, ଏମିତି ହୋଇ ହୋଇ ଶେଷରେ ବନ୍ଦ ହୋଇଗଲା । ଗତ ୬ ବର୍ଷ ମଧ୍ୟରେ ଆମେ ଲାଗିପଡ଼ିଲୁ । ଏବଂ ଆଜି ଅଟଳ ଟନେଲ୍

କାର୍ଯ୍ୟ କରୁଛି । ଦେଶର ସେନା ମଧ୍ୟ ସେହି ବାଟ ଦେଇ ଆରାମରେ ଯାତାୟାତ କରୁଛି, ଦେଶର ନାଗରିକ ମଧ୍ୟ ଚଳପ୍ରଚଳ ହେଉଛନ୍ତି । ଯେଉଁ ରାସ୍ତା ୬-୬ ମାସ ପର୍ଯ୍ୟନ୍ତ ବନ୍ଦ ରହୁଥିଲା, ସେସବୁ ଆଜି କାମ କରିବା ଆରମ୍ଭ କରିଛି ଏବଂ ଅଟଳ ଟନେଲ୍ ମଧ୍ୟ କାର୍ଯ୍ୟ କରୁଛି । ସେହିଭଳି ମୁଁ ଏକଥା ସ୍ପଷ୍ଟ ଭାବେ କହିବାକୁ ଚାହୁଁଛି ଯେ, ଯେତେବେଳେ ବି ଦେଶ ସମ୍ମୁଖରେ କୌଣସି ଆହ୍ୱାନ ଉପନୀତ ହୁଏ, ଆମ ଦେଶର ସାମର୍ଥ୍ୟ, ଆମ ସୁରକ୍ଷାକର୍ମୀମାନଙ୍କ ସାମର୍ଥ୍ୟ, ଦେଶକୁ କେବେ କାହା ଆଗରେ ମୁଣ୍ଡ ନୁଆଁଇବାକୁ ଦିଏ ନାହିଁ । ଏକଥା ଆମ ଯବାନମାନେ କେବେ ମଧ୍ୟ ହେବାକୁ ଦେବେ ନାହିଁ, ଏହା ମୋର ପୂର୍ଣ୍ଣ ବିଶ୍ୱାସ । ଆଜି ସେମାନଙ୍କ ଉପରେ ଯାହାବି ଦାୟିତ୍ୱ ରହିଛି, ଯେତେବେଳେ ବି ଯେଉଁ ଦାୟିତ୍ୱ ମିଳିଛି ସେସବୁକୁ ସେମାନେ ନିଖୁଣ ଭାବେ ନିର୍ବାହନ କରିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମଧ୍ୟ ଖୁବ୍ ସାହାସର ସହ ଦାୟିତ୍ୱ ନିର୍ବାହ କରିଛନ୍ତି । ଆମେ ଆମ ଦେଶର ସେନାକୁ ନେଇ ଗର୍ବିତ, ଆମ ବୀରଙ୍କୁ ନେଇ ଗର୍ବିତ, ସେମାନଙ୍କ ସାମର୍ଥ୍ୟକୁ ନେଇ ଗର୍ବିତ ଏବଂ ଦେଶ ସାହସର ସହ ନିଜ ନିଷ୍ପତ୍ତି ବି ନେଇପାରୁଛି । ଆମେ ସେସବୁକୁ ଆଗକୁ ବଢେଇ ଚାଲିଛୁ । ମୁଁ କେବେ ଗୋଟେ ଗଜଲ ଶୁଣିଥିଲି, ମୋର ତ ସେଥିପ୍ରତି ବିଶେଷ ରୁଚି ନାହିଁ, ମତେ ବେଶି ଜଣା ବି ନାହିଁ ।

କିନ୍ତୁ ଏଥିରେ ଲେଖାଥିଲା- ମେଁ ଜିସେ ଓଢ଼ତା-ବିଛାତା ହୁଁ, ୱୋ ଗଜଲ ଆପ୍‌କୋ ଶୁନାତା ହୁଁ । ମୁଁ ଯାହା ଘୋଡାଏ- ମୁଁ ଯାହା ବିଛାଏ, ସେହି ଗଜଲ ମୁଁ ଆପଣମାନଙ୍କୁ ଶୁଣାଉଛି ।

ମତେ ଲାଗୁଛି ଯେ, ସାଥୀମାନେ ଚାଲିଗଲେ, ସେମାନେ ଯେଉଁ ଜିନିଷକୁ ନେଇ ବଞ୍ଚିଥାଆନ୍ତି, ବଢିଥାଆନ୍ତି, ସେମାନେ କେବଳ ସେୟା ହିଁ ଶୁଣାଇ ଚାଲିଥାଆନ୍ତି । ସେମାନଙ୍କ କାଳଖଣ୍ଡରେ ଯାହା ସେମାନେ ଦେଖିଛନ୍ତି, ସେମାନଙ୍କ କାଳଖଣ୍ଡରେ ଯାହା ସେମାନେ କରିଛନ୍ତି, ସେହି କଥାକୁ ସେମାନେ ବାରମ୍ବାର କହି ଚାଲନ୍ତି । ଏବଂ ଏଥିପାଇଁ ମୁଁ ଭାବୁଛି

ଯେ ଆମକୁ ଏବେ ଚାଲିବାକୁ ହେବ । ଖୁବ୍ ସାହସର ସହ ଆମକୁ ଏବେ ଆଗକୁ ବଢିବାକୁ ହେବ। ମୁଁ କହିଥିଲି କରୋନା ପରବର୍ତ୍ତୀ ସମୟରେ ଯେତେବେଳେ ଏକ ନୂଆ ବିଶ୍ୱବ୍ୟବସ୍ଥା ଆମ ସମ୍ମୁଖରେ ପହଞ୍ଚିବାକୁ ଯାଉଛି, ସେତେବେଳେ ଭାରତରେ କିଛି ପରିବର୍ତ୍ତନ ହେବନାହିଁର ମାନସିକତାକୁ ତ୍ୟାଗ କରିବାକୁ ପଡିବ, ଏହି ଯେଉଁ ଚାଲୁଛି, ଚାଲୁଥିବାର ମାନସିକତାକୁ ମଧ୍ୟ ଛାଡିବାକୁ ପଡିବ । ୧୩୦ କୋଟି ଦେଶବାସୀଙ୍କ ସାମର୍ଥ୍ୟକୁ ନେଇ ଆମେ ବାଟ ଚାଲୁଛୁ । ସମସ୍ୟା ରହିବ, ଯଦି ଲକ୍ଷ ଲକ୍ଷ ସମସ୍ୟା ଅଛି ତ କୋଟି କୋଟି ସମାଧାନର ରାସ୍ତା ମଧ୍ୟ ଅଛି । ଏ ଦେଶ ଖୁବ୍ ଶକ୍ତିଶାଳୀ ଏବଂ ଏଥିପାଇଁ ଆମକୁ ଆମର ସାମ୍ବିଧାନିକ ବ୍ୟବସ୍ଥାଗୁଡିକ ଉପରେ ବିଶ୍ୱାସ ରଖି ଆଗକୁ ବଢିବାକୁ ପଡିବ। ଏବଂ ମୋର ବିଶ୍ୱାସ ଅଛି ଯେ ଆମେ ଏହି କଥାକୁ ନେଇ ଆଗକୁ ବଢିବା ଏକଥା ସତ ଯେ ଦଲାଲ୍ ସଂସ୍କୃତିର ସମାପ୍ତ ଘଟିଛି କିନ୍ତୁ ଦେଶର ଯେଉଁ ମଧ୍ୟବି ଶ୍ରେଣୀ ଅଛନ୍ତି ସେମାନଙ୍କ ମଙ୍ଗଳ ପାଇଁ ବହୁତ ଦ୍ରୁତ ଗତିରେ କାର୍ଯ୍ୟ ହେଉଛି ଯାହାଫଳରେ ଦେଶକୁ ଆଗକୁ ବଢାଇବାରେ ଯେଉଁ ମଧ୍ୟବିତ୍ତବର୍ଗ ଅଛନ୍ତି, ସେମାନେ ବହୁତ ବଡ ଭୂମିକା ନିର୍ବାହ କରୁଛନ୍ତି ଏବଂ ସେଥିପାଇଁ ଯାହା ଯାହା ଆଇନ୍ ବ୍ୟବସ୍ଥାର ଆବଶ୍ୟକତା ଥିଲା ସେସବୁକୁ ଆମେ କରିଛୁ ।

ମାନନୀୟ ଅଧ୍ୟକ୍ଷ ମହୋଦୟ,

ଗୋଟେ ପ୍ରକାର ବିଶ୍ୱାସର ସହିତ ଏକ ପ୍ରଗତିର ବାତାବରଣ ମଧ୍ୟରେ ଦେଶକୁ ଆଗକୁ ନେଇଯିବା ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି । ମୁଁ ରାଷ୍ଟ୍ରପତି ମହୋଦୟଙ୍କୁ ହୃଦୟର ସହ କୃତଜ୍ଞତା ଜଣାଉଛି ଯେ ଅନେକ ବିଷୟ ଉପରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି । ଯେଉଁମାନଙ୍କର ରାଜନୈତିକ ଏଜେଣ୍ଡା ରହିଛି ସେମାନେ ନିଜର ସେହି ଏଜେଣ୍ଡା ସହ ରୁହନ୍ତୁ । ଆମେ ଦେଶର ଏଜେଣ୍ଡାକୁ ନେଇ ବାଟ ଚାଲୁଛୁ ଏବଂ ଆଗକୁ ଚାଲିବୁ ମଧ୍ୟ । ମୁଁ ପୁଣିଥରେ ଦେଶର କୃଷକମାନଙ୍କୁ ଅନୁରୋଧ କରିବି ଯେ ଆସନ୍ତୁ ସାମ୍ନା ସାମ୍ନି ବସି ଏକଜୁଟ ଭାବରେ ସମସ୍ୟାଗୁଡିକର ସମାଧାନ କରିବା । ଏହି ଆଶା ସହିତ ରାଷ୍ଟ୍ରପତି

ମହୋଦୟଙ୍କର ଅଭିଭାଷଣ ପାଇଁ ତାଙ୍କୁ ଧନ୍ୟବାଦ ଅର୍ପଣ ପୂର୍ବକ ମୁଁ ନିଜର ବକ୍ତବ୍ୟକୁ ସମାପ୍ତ କରୁଛି ।

ବହୁତ ବହୁତ ଧନ୍ୟବାଦ !

Azadi Ka Amrit Mahotsav

